ମୁକ୍ତିପଥେ ସୈନିକ

Digitized by PPRACHIN, SOA

ମୃତ୍ୟୁପଥେ ସୈନିକ

(ଦ୍ୱିତୀୟ ଭାଗ)

ଶ୍ରୀ ପବିତ୍ରମୋହନ ପ୍ରଧାନ

Digitized by PPRACHIN, SOA

ପ୍ରକାଶକ

ଶ୍ରୀ ପବିତ୍ରମୋହନ ପ୍ରଧାନ

ନୂଆ ରାଜଧାନୀ, ଭୁବନେଶ୍ୱର

ଏବଂ

ପୋଇପାଲ, ପୋ: ନାଲମ

ଜି: ଢେଙ୍କାନାଳ

ପ୍ରଥମ ପ୍ରକାଶ

୧୯୭୩

ମୁଦ୍ରଣ

ନବଜୀବନ ପ୍ରେସ,

ଗୁନ୍ଧମାଚୌକ, କଟକ-୨

ମୂଲ୍ୟ ୮୦.୦୦

Digitized by PPRACHIN, SOA

ଉତ୍ସର୍ଗ

ସ୍ନେହ, ଶ୍ରଦ୍ଧା, ଆଶା ଏବଂ ଆଶୀର୍ବାଦ ସହିତ
ଯୁବଶକ୍ତିଙ୍କ ଉଦ୍ଦେଶ୍ୟରେ,

ହେ ମୋର ଦେଶର କିଶୋର କିଶୋରୀ ! ତୁମେ ଭବିଷ୍ୟତ ବଂଶ,
ହେ ମୋର ଦେଶର ଯୁବକ ଯୁବତୀ ! ଆଜି ଏ ତୁମରି ଦେଶ ।
ମୁକତି ଲଭିଲା ଯୁଗ ଯୁଗ ହେଲା, କେ ଭୋଗୁଛି ତାର ଫଳ ?
ଚାଲକ, ଚତୁର, ନେତା, ଠାଉଟର ଯାର ଅଛି ଖଳ-ବଳ ।
ନର-ନାରୀରୂପେ ଜନ-ଜନାର୍ଦ୍ଦନେ ଘୋଟିଛି ଦୁର୍ଦ୍ଦଶା ରାହୁ,
ଅଥଚ ହେଉଛ ଉଦ୍ଧାରିବାକୁ ତ ଦେଇ ତୁମ ଲୁହ ଲହୁ ।
ସକଳ ଦିଗରେ ଧାଇଁ ଧାଇଁ ଆସି ଉପନୀତ ଚଉରାହେ,*
ଭାବି ପାରୁଛକି କେଉଁ ପଥେ ଗଲେ ସାଧିବ ଉଦ୍ଦେଶ୍ୟ ଦେହେ ?
ତିନି ଦିଗୁଁ ତିନି ମାୟାବୀ ଡାକନ୍ତି, 'ମୋର ପଥ ଅନୁସର,
ମୋ ପଥେ ଆସିଲେ ଅବଶ୍ୟ ତୁମର ଦୁଃଖ ହୋଇଯିବ ଦୂର ।'
ଯୁବକ ହୃଦୟ, କିଶୋର ପରାଣ, ଉନ୍ମାଦନାରେ ଭରା,
ଜାତିର ମଙ୍ଗଳ, ଜନତା-କଲ୍ୟାଣ ପାଇଁ ବରିବାକୁ କାରା ।
ଡାକଇ ଚାଇନା, ଡାକଇ ରୁଷିଆ, ଡାକେ ଆମେରିକା ଉଚେ,
'ମୋ କଥା ମାନିଲେ ସକଳ ସମ୍ପଦ ନିଶ୍ଚୟ ମିଳିବ ମଞ୍ଚେ ।'
ସେଥିପାଇଁ ସିନା ଏ ପନ୍ଥା ସେ ପନ୍ଥା ଅନୁସରି ହୁଅ କ୍ଲାନ୍ତ,
ଭାରତ ଡାକରେ, ପିତାର † ଡାକରେ ବାଟେ ଗଲେ ନୁହ ଭ୍ରାନ୍ତ ।
ମୁକତି ଲଭିଛ, ସ୍ୱରାଜ୍ୟ ପାଇଛ, ମାତ୍ର ସ୍ୱାଧୀନତା କାହିଁ ?
ସ୍ୱେଚ୍ଛାଚାରର ତାଣ୍ଡବଲୀଳା ନାଚୁଅଛି ଥେଇ ଥେଇ ।
ଯହିଁ ଯାଅ ତହିଁ ଭୋଗିବ ବାବୁ ହେ ଶୋଷଣ, ଅତ୍ୟାଚାର,
ଆଳସ୍ୟ, କପଟ, ଚକ୍ରାନ୍ତ-ଚକ୍ରେ ପେଷି ହେବ ବାରମ୍ବାର ।

---

* ଚଉରାହା—ଛକ
† ମହାତ୍ମା ଗାନ୍ଧୀଙ୍କର

Digitized by PPRACHIN, SOA

ସ୍ୱାଧୀନତା ଅର୍ଥ ଦାୟିତ୍ୱ-କର୍ତ୍ତବ୍ୟ-ପୂରଣ କାମଟି ଆଗେ,
ପରେ ଅଧିକାର-ରକ୍ଷା ସିନା ଦାବୀ-ହାସଲ ହୁଅଇ ସଙ୍ଗେ ।
ସାବଧାନ ହୁଅ ନ ଲଭୁ ଏ ଦେଶ ଭିଏତନାମର ଦଶା,
କିମ୍ବା କାମ୍ବୋଡ଼ିଆ, ଇଣ୍ଡୋ-ଚାଇନା, କିଉବା, ବଙ୍ଗଳା-ରସା । †
ଆଣିଛୁ ମୁକତି ରକ୍ଷା କର ହେ, ଉପଭୋଗ ଆନନ୍ଦରେ,
ମୁକ୍ତି-ପଥର ସୈନିକମାନେ ଆଶିଷିବେ ଅନ୍ତରରେ ।
ମୁକ୍ତି-ପଥର ସୈନିକ ମୁହିଁ ଅରପୁଛି ଉପହାର,
ସାଦରେ ଗ୍ରହଣ କରିବ କି ବନ୍ଧୁ, ସମାଜର କର୍ଣ୍ଣଧାର !

ଲେଖକ ।

---

† ଭିଏତନାମ, କାମ୍ବୋଡ଼ିଆ, ଇଣ୍ଡୋ-ଚାଇନା, କିଉବା ଓ ବଙ୍ଗଳା-ଦେଶ ପ୍ରଭୃତି ରାଜ୍ୟମାନେ ମତବାଦ ଗ୍ରହଣ କରିବା ନିମନ୍ତେ ଗୃହଯୁଦ୍ଧରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଗଲେ ।

Digitized by PPRACHIN, SOA

ମୁଖବନ୍ଧ

'ମୁକ୍ତିପଥେ ସୈନିକ' ପୁସ୍ତକର ପ୍ରଥମ ଭାଗରେ ଦେଶର ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ମୁଁ ୧୯୪୨ ଅଗଷ୍ଟ ମାସ ୩୧ତାରିଖ ଦିନ ଜେଲରୁ ପାଚେରୀ ଡେଇଁ ପଳାଇଯାଇ ବିରାଟ ଜନ-ଆନ୍ଦୋଳନ ଏବଂ ଲୋକ-ସଙ୍ଗଠନପୂର୍ବକ ଯେଉଁ ସମାନ୍ତରାଳ ଶାସନ ପ୍ରତିଷ୍ଠା କରିଥିଲି, କଲିକତାରେ ଛଦ୍ମବେଶରେ ବଙ୍ଗାଳୀ ଘରେ ମାସିକ ୭ଟଙ୍କା ଦରମାରେ ପୂଜାରୀ ଭୃତ୍ୟର ଭାବେ କାର୍ଯ୍ୟ କରି ନେତାଜୀ ସୁଭାଷଚନ୍ଦ୍ର ବୋଷଙ୍କ ଯୁଗାନ୍ତର ଦଳ ସହିତ ସମ୍ପର୍କ ରଖି ଉକ୍ତ ଦଳ ତରଫରୁ ମୃତ୍ୟୁ-ବରଣକାରୀ ଦୂତ ରୂପେ (as a suicide squad) ମିଲିଟାରୀ ଲାଇନ୍ ଅତିକ୍ରମ କରି ଘୋର ରାତିର ଘନ ଅନ୍ଧକାର ମଧ୍ୟରେ ବ୍ରହ୍ମପୁତ୍ର ନଦୀ (ବାରାକ୍ ନଦୀ) ପହଁରିକରି ପାରି ହୋଇ ତାଙ୍କ (ସୁଭାଷ ବାବୁଙ୍କ) କ୍ୟାମ୍ପରେ ଯେପରି ଖବର ଦେଉଥିଲି ; ଏଥିପାଇଁ ବ୍ରିଟିଶ୍ ଓ ତାଙ୍କରେର ପ୍ରଭୃତି ରାଜ-ସରକାରମାନେ ମୋତେ ଫେରାର ବା ପଳାତକ ଘୋଷଣା କରି ମୋର ମୁଣ୍ଡକାଟ ନିମନ୍ତେ ଯେପରି ଦଶହଜାର ଟଙ୍କାର ପୁରସ୍କାର ଘୋଷଣା କରି ମୋତେ ଧରାଇ ପାରିଲେ ନାହିଁ, କିମ୍ବା ମୋ ମୁଣ୍ଡ କଟାଇ ପାରିଲେ ନାହିଁ ଏବଂ ୧୯୪୭ରେ ସ୍ୱାଧୀନତା ପ୍ରାପ୍ତି ସଙ୍ଗେ ସଙ୍ଗେ ଓଡ଼ିଶା ଗଡ଼ଜାତ ସମୂହର ପୂର୍ଣ୍ଣ ମୁକ୍ତି-ଆନ୍ଦୋଳନ ନିମନ୍ତେ ଲକ୍ଷାଧିକ ସୁ-ସଙ୍ଗଠିତ ସ୍ୱେଚ୍ଛାସେବକଙ୍କୁ ନେଇ ଏକ ମୁକ୍ତି-ବାହିନୀ ଗଠନ କରି ଓଡ଼ିଶା ଗଡ଼ଜାତମାନଙ୍କର ଓଡ଼ିଶା ସଙ୍ଗେ ମିଶ୍ରଣକୁ ଯେପରି ସୁଗମ କରାଇପାରିଥିଲି ସେସବୁ ବିଷୟମାନ ବର୍ଣ୍ଣନା କରାଯାଇଛି । ଏ ମୁକ୍ତି ରାଜନୈତିକ ମୁକ୍ତି ମାତ୍ର ।

ଏହା ପରେ ମୁକ୍ତି-ପଥର ସୈନିକ ହିସାବରେ ମୋର କର୍ତ୍ତବ୍ୟ ହେଉଛି ଦେଶ ଓ ଜାତି ଗଠନରେ ବ୍ୟକ୍ତିଗତଭାବେ କିମ୍ବା ସାଂଗଠନିକ ସୂତ୍ରରେ ସରକାରୀ କିମ୍ବା ବେ-ସରକାରୀ ବ୍ୟକ୍ତି ରୂପେ ଜାତି ଜନତାର ସେବା କରି ଲୋକେ କିପରି ସୁଖ-ଶାନ୍ତିରେ ଜୀବନଯାପନ କରିବେ ସେଥି- ନିମନ୍ତେ ତାଙ୍କୁ (ଲୋକଙ୍କୁ) ସାହାଯ୍ୟ କରିବା । ସରକାର କିମ୍ବା ସରକାର ଦ୍ୱାରାରେ ରହି ଏ କର୍ତ୍ତବ୍ୟପାଳନ କରାଯାଇପାରେ । କିନ୍ତୁ ସ୍ୱାଧୀନତା

Digitized by PPRACHIN, SOA

ପ୍ରାପ୍ତି ଓ ଗଡ଼ଜାତ ମିଶ୍ରଣ ସଙ୍ଗେ ସଙ୍ଗେ ଓଡ଼ିଶା ଗଡ଼ଜାତମାନଙ୍କର ଶାସନ ପରିଚାଳନା ନିମନ୍ତେ ମୋତେ ମନ୍ତ୍ରୀ ବା ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର୍ କରାଗଲା । ଏହି ପଦରୁ ଇସ୍ତଫା ଦେବା ପରେ ମୁଁ ଓଡ଼ିଶାରେ ଆହୁରି ୪ଥର ମନ୍ତ୍ରୀ ହୋଇଥିଲି । କଂଗ୍ରେସର ଦୁର୍ନୀତି ହେତୁ ମୁଁ କଂଗ୍ରେସ ଛାଡ଼ି ମୋର କେତେକ ବନ୍ଧୁମାନଙ୍କ ସହଯୋଗରେ ଜନ-କଂଗ୍ରେସ ନାମକ ଗାନ୍ଧୀ-ନୀତିରେ ଏକ ରାଜନୈତିକ ଅନୁଷ୍ଠାନ ଗଠନରେ ମୁଖ୍ୟ ଅଂଶ ଗ୍ରହଣ କରି ତାର ସଭାପତି ହୋଇଥିଲି । କଂଗ୍ରେସକୁ ହରାଇ ସ୍ୱତନ୍ତ୍ର ଦଳ ସଙ୍ଗେ ରାଜିନାମାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନରେ ସକ୍ରିୟ ଭାଗ ନେଇ ସେଥିରେ ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲି । ଓଡ଼ିଶାରେ ୧୯୪୮ଠାରୁ ୧୯୭୧ ପର୍ଯ୍ୟନ୍ତ ୨୪ବର୍ଷ ମଧ୍ୟରେ ପ୍ରାୟ ୧୩।୧୫ ବର୍ଷ ପର୍ଯ୍ୟନ୍ତ ମନ୍ତ୍ରୀ ଏବଂ ୧୦ବର୍ଷ ପର୍ଯ୍ୟନ୍ତ କେବଳ ଏମ୍. ଏଲ୍. ଏ. ଥାଇ ଗାନ୍ଧୀ-ନୀତିରେ ମୋର କର୍ତ୍ତବ୍ୟ ପାଳନ, ତହିଁରେ ସୁବିଧା-ଅସୁବିଧା, ବାଧା-ବିଘ୍ନ, ସହଯୋଗ ଅସହଯୋଗ ପ୍ରାପ୍ତି ଏବଂ ଶାସନରେ ରହି ପ୍ରତ୍ୟକ୍ଷ ଅନୁଭୂତ ବିଷୟ ବର୍ଣ୍ଣନା କରିବା ଆବଶ୍ୟକ ମନେକଲି । ଅନ୍ୟ ଭାଷାରେ କହିବାକୁ ଗଲେ ମୁକ୍ତି-ପଥ ପୁସ୍ତକର ପ୍ରଥମ ଭାଗରେ ବର୍ଣ୍ଣିତ ରାଜନୈତିକ ମୁକ୍ତି ନିମନ୍ତେ ମୋର କର୍ତ୍ତବ୍ୟ ପାଳନ ପରେ ଉକ୍ତ ମୁକ୍ତିର ସୁରକ୍ଷା, ସୁଦୃଢ଼ୀକରଣ ଏବଂ ଜନ-ଉପଭୋଗ ପାଇଁ ମୁଁ ଶାସନରେ ରହି ଦେଶର ନାନା ସମସ୍ୟାମାନଙ୍କ ସମ୍ପର୍କରେ ଯେଉଁସବୁ କର୍ତ୍ତବ୍ୟ ପାଳନ କରିଥିଲି ସେ ବିଷୟରେ ମୋର ଆଭିମୁଖ୍ୟ ଏବଂ ଅନୁଭୂତି ଏହି ୨ୟ ଭାଗରେ ବର୍ଣ୍ଣନା କଲି ।

ସେଥିନିମନ୍ତେ ଏହି ପୁସ୍ତକର ବିଷୟବସ୍ତୁ ପ୍ରଥମଭାଗର ବିଷୟବସ୍ତୁ ଅପେକ୍ଷା ସାଧାରଣଙ୍କ ପାଇଁ ଟିକିଏ ନୀରସ ହୋଇପାରେ । କିନ୍ତୁ ରାଜନୀତି, ଶାସନନୀତି, ସମାଜନୀତି, ଅର୍ଥନୀତି, ଧର୍ମ ଓ ସଂସ୍କୃତିରେ ପ୍ରବେଶ ଥିବା ପାଠକ ପାଠିକାଙ୍କ ନିମନ୍ତେ ଏହା ଉପଭୋଗ୍ୟ ହେବ ।

ଯେହେତୁ ମୁଁ ଏବଂ ଦେଶର ଅନ୍ୟାନ୍ୟ ମୁଖ୍ୟ ବ୍ୟକ୍ତିମାନେ ଇଚ୍ଛା କରୁଥିଲୁ ଯେ ସ୍ୱାଧୀନତା ପରେ ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠିତ ହେଉ, ତେଣୁ ପୁସ୍ତକର ପ୍ରଥମ ବିଷୟବସ୍ତୁ ହେଉଛି 'ବିଶାଳ ଉତ୍କଳ ଏବଂ ବିଶାଳ ଭାରତ ଗଠନରେ ମୋର ଭୂମିକା ।' ଏ ବିଷୟଟି ବହୁ ଘଟଣାମୂଳକ ଅଟେ ।

Digitized by PPRACHIN, SOA

ଏଥିରେ ୨ୟ ବିଷୟ ହେଉଛି ରାଜନୈତିକ ଦର୍ଶନ (Political ideology) ବା ରାଜନୈତିକ ମତବାଦ । ବର୍ତ୍ତମାନ ପୃଥିବୀରେ ସ୍ଥୂଳତଃ ଏବଂ ମୁଖ୍ୟତଃ ୩ଟି ରାଜନୈତିକ ଦର୍ଶନ ବିଦ୍ୟମାନ ଅଛି । ସେଗୁଡ଼ିକ ହେଉଛନ୍ତି : ୧—ପୁଞ୍ଜିବାଦ, ୨—ସାମ୍ୟବାଦ ଏବଂ ୩—ଗାନ୍ଧୀବାଦ । ଯେ କୌଣସି ବ୍ୟକ୍ତି ରାଜନୀତି କଲେ ଉକ୍ତ ୩ଟି ଦର୍ଶନକୁ ଉତ୍ତମରୂପେ ହୃଦୟଙ୍ଗମ କରି ତନ୍ମଧ୍ୟରୁ ତାର ରୁଚି ଅନୁସାରେ ସେ କୌଣସି ଗୋଟିଏ ମତବାଦ ବା ଦର୍ଶନକୁ ଗ୍ରହଣ କରି ଉକ୍ତ ମତବାଦ ଗ୍ରହଣ କରିଥିବା ଦଳ-ଭୁକ୍ତ ହେବ, କିମ୍ବା ନିଜ ରୁଚିସମ୍ପନ୍ନ ମତବାଦରେ ଏକ ନୂତନ ଦଳ ଗଠନ କରିବ । ତେଣୁ ମୁଁ ଏହି ୩ଟି ଦର୍ଶନକୁ ଅତି ସଂକ୍ଷେପରେ ବ୍ୟାଖ୍ୟା କରି ତନ୍ମଧ୍ୟରୁ ଗାନ୍ଧୀ-ଦର୍ଶନ ଉତ୍କୃଷ୍ଟ ଭାବି ତାହା ଗ୍ରହଣ କରିଛି । ଗାନ୍ଧୀ-ବାଦର ଦର୍ଶନ ଅନୁସାରେ ସମାଜ ଗଢ଼ିଲେ ସେଥିପାଇଁ କି ପ୍ରକାର ସଂବିଧାନ, ଶାସନ, ଅର୍ଥନୀତି, ଧର୍ମ, ସମାଜନୀତି, ଶିକ୍ଷା-ନୀତି ଓ ବିଚାରନୀତି ଆବଶ୍ୟକ ଏବଂ ସେଥିରେ ମୋର କାର୍ଯ୍ୟ ଓ ଆଭିମୁଖ୍ୟ କ'ଣ ତାହା ବର୍ଣ୍ଣନା କରିଛି ।

ଭୂ-ସଂସ୍କାର, ଭୂ-ଦାନ, ଗ୍ରାମ-ଦାନ, ରାଜ୍ୟ-ଦାନ, କୁଟୀରଶିଳ୍ପ, ବେକାରି ଦୂରୀକରଣ, ଆଦିବାସୀ ଏବଂ ହରିଜନ ସମସ୍ୟା ସମାଧାନ, ଅସ୍ପୃଶ୍ୟତା ନିବାରଣ, ସାମ୍ପ୍ରଦାୟିକ ଭେଦଭାବ ଦୂରୀକରଣ, ଟିକସ ନିର୍ଦ୍ଧାରଣ, ନିଶାନିବାରଣ, ଚୀନ-ଭାରତ ଯୁଦ୍ଧ, ଜାତୀୟ ଏବଂ ଭାବଗତ ଐକ୍ୟ, କଂଗ୍ରେସ ବିଭାଜନ, ରାଷ୍ଟ୍ରପତି ନିର୍ବାଚନ, ମୁଖ୍ୟମନ୍ତ୍ରୀତ୍ୱ ପାଇଁ ପ୍ରଲୋଭନ, ଶ୍ରୀମତୀ ଇନ୍ଦିରାଙ୍କ କଂଗ୍ରେସରେ ଯୋଗଦାନ ନିମନ୍ତେ ମୋ ଉପରେ ପ୍ରଭାବ ଏବଂ ଚାପ (Pressure), ସ୍ୱତନ୍ତ୍ର ଜନ-କଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ଏବଂ ଭଙ୍ଗ ଓ ଉକ୍ତ ମନ୍ତ୍ରୀମଣ୍ଡଳର କାର୍ଯ୍ୟକଳାପ, ବଙ୍ଗଳାଦେଶ ଗଠନ ସମ୍ପର୍କରେ ପାକିସ୍ଥାନ ସଙ୍ଗେ ଯୁଦ୍ଧ ଇତ୍ୟାଦିରେ ମୋର ମତ ଏବଂ ଆଭିମୁଖ୍ୟ ବର୍ଣ୍ଣନ ଏହି ପୁସ୍ତିକାର ଅନ୍ତର୍ଗତ ।

ବିଗତ ୨୫ ବର୍ଷର କଂଗ୍ରେସର ଦଳବନ୍ଦୀ, ଗୋଷ୍ଠୀବନ୍ଦୀ, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ଆତ୍ମଘାତୀ କାର୍ଯ୍ୟକଳାପ ସଙ୍ଗେ ତାର (କଂଗ୍ରେସର) ନୈତିକ ଏବଂ ସାଂଗଠନିକ ଅଧଃପତନର କାରଣ ମଧ୍ୟ ବିଭିନ୍ନ ଭୂମିକା ଓ ବିଷୟରେ ଉଲ୍ଲେଖ କରାଯାଇଛି । ବହିର ଆମୂଳଚୂଳ ପଠନରୁ ଏହା ଜଣାପଡ଼ିବ ।

ଏ ପୁସ୍ତିକାର ବିଶେଷ ଉପାଦେୟ, ଉପଭୋଗ୍ୟ ଏବଂ ଉଲ୍ଲେଖ-ଯୋଗ୍ୟ ବିଷୟବସ୍ତୁ ହୋଇପାରେ :—୧—ରାଜନୈତିକ ଓ ଶାସନତାନ୍ତ୍ରିକ

Digitized by PPRACHIN, SOA

ଦୁର୍ନୀତି ବର୍ଣ୍ଣନ ସଙ୍ଗେ ସେ ସବୁର ନିରାକରଣ (ଯଥା : ସମାଜ ଏବଂ ଶାସନର ଅନ୍ୟାୟ, ଅତ୍ୟାଚାର, ଦୁରାଚାର, ଭ୍ରଷ୍ଟାଚାର, ବ୍ୟଭିଚାର, ଚୋରାବଜାରି, କଳାବଜାରି, ହାକିମଗିରି ଏବଂ ଏକଛତ୍ରଗିରି ବର୍ଣ୍ଣନ ଏବଂ ଏଥିର ପ୍ରତିକାର ନିମନ୍ତେ ମୁଁ ଯେଉଁ ୪୦୭ଟି ବିଶେଷ ଆୟୋଜିତ ସଭାରେ ଉକ୍ତ ସଂଖ୍ୟକ ବକ୍ତୃତା ପ୍ରଦାନ କରିଥିଲି ତାର ସାରାଂଶ ବ୍ୟାଖ୍ୟାନ); ୨—ଦେଶର ଶାସନପନ୍ଥି, ସମାଜପନ୍ଥି, କୁଳପତି ଓ ରାଜନୈତିକ ଦଳପତିମାନେ ସମାଜର ନାନା ପ୍ରକାର ଦୁର୍ନୀତି ଓ ଅପରାଧର କିପରି ମୂଳାଧାର ଅଟନ୍ତି ସେ ବିଷୟର ଚିତ୍ରଣ; ୩—ଏହି ମୁଖ୍ୟ ଶ୍ରେଣୀଙ୍କ ପ୍ରତି ସର୍ବଦା ସଜାଗ ଏବଂ ସାବଧାନ ରହିବା ନିମନ୍ତେ ଜନତାଙ୍କୁ ନିବେଦନ ଏବଂ ୪—ଦେଶରେ ନିର୍ମଳ, ନିରପେକ୍ଷ, ନ୍ୟାୟପୂର୍ଣ୍ଣ ଏବଂ ଦୁର୍ନୀତିମୁକ୍ତ ସମାଜ ତଥା ଶାସନ ପ୍ରତିଷ୍ଠା ନିମନ୍ତେ ନର-ନାରୀଗଣଙ୍କୁ ଆହ୍ୱାନମୂଳକ ପ୍ରାର୍ଥନା ଇତ୍ୟାଦି ।

ଦୀର୍ଘ ୨୫ ବର୍ଷ କାଳ ଶାସନ ଏବଂ ଦଳରେ ଜଣେ ମୁଖ୍ୟ କର୍ମୀ ଭାବରେ ଥାଇ ବହୁ ବିଷୟ ଏବଂ ସମସ୍ୟାରେ ମୋର ନିର୍ଦ୍ଦିଷ୍ଟ ମତ, ଅଭିମୁଖ୍ୟ ଏବଂ କାର୍ଯ୍ୟକଳାପ ବର୍ଣ୍ଣନା କରିବାକୁ ଯାଇଛି । କେତେକ କ୍ଷେତ୍ରରେ ମୁଁ ପୃଥକ ମତ ପୋଷଣ କରି ଅତ୍ୟନ୍ତ ଦୃଢ଼ ରହିଛି । ଅନ୍ୟ କେତେକ କ୍ଷେତ୍ରରେ କେନ୍ଦ୍ର ତଥା ରାଜ୍ୟ କର୍ତ୍ତୃପକ୍ଷ ଓ ନେତୃବୃନ୍ଦଙ୍କୁ ସମାଲୋଚନା କରିଛି । ସେଥିରୁ କେହି କେହି ମୋର ଆତ୍ମ-ଶ୍ଳାଘା ଏବଂ ପର-ନିନ୍ଦା ଦୋଷ ଧରିପାରନ୍ତି । କିନ୍ତୁ ମୁଁ ବାସ୍ତବ ଘଟଣା ବର୍ଣ୍ଣନା କରିବାକୁ ବାଧ୍ୟ ହୋଇଛି ।

କଂଗ୍ରେସର ଦଳବନ୍ଦୀ, ଗୋଷ୍ଠୀ ଚକ୍ରାନ୍ତ, ଅନ୍ତର୍ଦ୍ୱନ୍ଦ୍ୱ ଏବଂ ଆତ୍ମଘାତି କାର୍ଯ୍ୟକଳାପ ବର୍ଣ୍ଣନରେ ସ୍ଥାନେ ସ୍ଥାନେ ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ଭାବେ କୌଣସି ବନ୍ଧୁ, କର୍ମୀ ଏବଂ ନେତାଙ୍କ ନାମ ଓ କରଣୀ ଅକରଣୀ (omission and commission) ବାଧ୍ୟତଃ ବର୍ଣ୍ଣନା କରିଛି । ଦୁର୍ନୀତି ସମ୍ପର୍କରେ ତ ଶାସକ ଏବଂ ବିରୋଧୀଦଳ, ସରକାରୀ କର୍ମଚାରୀ, ଶିଳ୍ପପତି, ବ୍ୟବସାୟୀ ଓଗେରଙ୍କୁ ଦାୟୀ କରାଯାଇଛି । କେତେକ କ୍ଷେତ୍ରରେ ମୁଁ ନିଜକୁ ଏବଂ ନିଜ ଦଳକୁ ଦାୟୀ ବୋଲି ସ୍ୱୀକାର କରିଛି । ସମାଜର ବର୍ତ୍ତମାନ ଏବଂ ଭବିଷ୍ୟତ ବଂଶଧରମାନଙ୍କର ହିତାର୍ଥେ ଏବଂ ଜ୍ଞାନାର୍ଥେ ଅତ୍ୟନ୍ତ ଆନ୍ତରିକତା ଏବଂ ସାଧୁତାର ସହିତ ମୁଁ ଉକ୍ତ ବିଷୟମାନ ଚିତ୍ରିତ କରିଛି । କୌଣସି ବ୍ୟକ୍ତି, ବ୍ୟଷ୍ଟି, ଗୋଷ୍ଠୀ କିମ୍ବା ସମଷ୍ଟି ଏଥିରେ ଦୁଃଖିତ ଏବଂ ଅପମାନିତ ହେବା ଉଚିତ ନୁହେଁ । ଯଦି କାହାର ମନ ଏବଂ ପ୍ରାଣରେ ଏହାଦ୍ୱାରା

Digitized by PPRACHIN, SOA

ଆଘାତ ଲଗେ ସେଥିପାଇଁ ମୁଁ ଦୁଃଖିତ ଏବଂ କ୍ଷମାପ୍ରାର୍ଥୀ । ଆଶା କରେ କ୍ଷମାର ପାତ୍ର ହେବ ।

ପୁସ୍ତକ ଅଧ୍ୟୟନରୁ ପାଠକ ପାଠିକାମାନେ ଯଦି କଞ୍ଚିତ୍ ଜ୍ଞାନଲାଭ-ପୂର୍ବକ ଉପକୃତ ହୋଇ ଏକ ଆଦର୍ଶ ଏବଂ ସୁନ୍ଦର ସମାଜ ତଥା ଶାସନ ପ୍ରତିଷ୍ଠା ଦିଗରେ ଯତ୍ନବାନ ହୁଅନ୍ତି ତେବେ ମୋର ପରିଶ୍ରମ ସାର୍ଥକ ହେଲା ବୋଲି ଭାବି ତାଙ୍କଠାରେ ଋଣୀ ଏବଂ କୃତଜ୍ଞ ହେବ ।

ଲେଖକ

Digitized by PPRACHIN, SOA

ସୂଚିପତ୍ର

ବିଷୟ	ପୃଷ୍ଠା
୧ । ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠନରେ ଅଂଶ ଗ୍ରହଣ	୨–୨୩
୨ । ମତବାଦ ବା ଦର୍ଶନ ଗ୍ରହଣ; (କ) ବ୍ୟକ୍ତିବାଦ ପୁଞ୍ଜିବାଦ, (ଖ) ସାମ୍ୟବାଦ ବା ସମାଜବାଦ, (ଗ) ଗାନ୍ଧିବାଦ, (ଘ) ତିନି ଦର୍ଶନର ତୁଳନା	୨୪–୩୯
୩ । ସମାଜ ଗଠନ ଓ ଶାସନ ପରିଚାଳନା କଳ୍ପନା	୪୦–୪୮
୪ । ପ୍ରଥମ ଥର ଶାସନ ପରିଚାଳନା (କ) ଇଉନିୟନ ଆନ୍ଦୋଳନ ଓ ଏହାର ଦମନ, (ଖ) ସରାଇକେଲା ଖରସୁଆଁ ବିଦ୍ରୋହ, (ଗ) ଗଡ଼ଜାତମାନଙ୍କୁ ଉପକୂଳ ଜିଲ୍ଲାଙ୍କ ସଙ୍ଗେ ସମୀକରଣ, (ଘ) ଓଡ଼ିଶା ଗଡ଼ଜାତ ଆସେମ୍ବ୍ଲି ବା କାଉନ୍‌ସିଲ୍, (ଙ) ପ୍ରଜାମଣ୍ଡଳ କର୍ମୀ ଓ ନେତାଙ୍କ ବିରୋଧରେ ଚକ୍ରାନ୍ତ ଏବଂ ରାଜା ରାଣୀଙ୍କୁ ପ୍ରୟୋଗ ।	୪୯–୬୦
୫ । ସମ୍ବିଧାନ ପ୍ରଚଳନ ଏବଂ ୧୯୫୦ରେ ୨ୟ ଥର ମନ୍ତ୍ରିତ୍ୱ ଗ୍ରହଣ	୬୦–୬୩
୬ । ଡ: ମହତାବଙ୍କ ଦିଲ୍ଲୀରେ ମନ୍ତ୍ରୀତ୍ୱ, ନବ ବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ	୬୪–୬୬
୭ । ମୁଖ୍ୟମନ୍ତ୍ରୀଙ୍କ ସଙ୍ଗେ ଯୁଗ୍ମ ରାସ୍ତ ଓ ଗାନ୍ଧିବାଦ ପ୍ରଚାର (କ) କ୍ଷମତା ହସ୍ତାନ୍ତରୀକରଣ (ପଞ୍ଚାୟତ ରାଜ) (ଖ) ଶିକ୍ଷା ମତ (ମୌଳିକ-ଶିକ୍ଷା)	୬୭–୮୯

Digitized by PPRACHIN, SOA

ବିଷୟ **ପୃଷ୍ଠା**

୧୯୫୨-୧୯୫୭

୮ । ପ୍ରଥମ ସାଧାରଣ ନିର୍ବାଚନ ଏବଂ ମନ୍ତ୍ରୀତ୍ୱର ବାହାରେ
(କ) ବନ୍ୟାନିୟନ୍ତ୍ରଣ ଓ ଜଳସେଚନ, (ଖ) ବୃକ୍ଷରୋପଣ ଓ ଜଙ୍ଗଲ ସଂରକ୍ଷଣ, (ଗ) ଶିକ୍ଷା ପ୍ରସାର, (ଘ) ସମୂହ ବେକାରି ଦୂରୀକରଣ ବା ଗାନ୍ଧୀ ମତରେ ଗ୍ରାମ୍ୟ ଅର୍ଥନୀତି ବା ଶୋଷଣରହିତ ମନୁଷ୍ୟ ସମାଜ ନିର୍ମାଣ । ୮୧-୯୭

୯ । ଭୂ-ସଂସ୍କାର
(କ) ଭାଗଚାଷ, (ଖ) ଜମି ଅଧିକାରର ସର୍ବୋଚ୍ଚ ସୀମା, (ଗ) ଜମି ସିଲିଂରେ ମୋର ପୃଥକ ମତ, (ଘ) ଭୂଦାନ, ଗ୍ରାମଦାନ, ଜିଲ୍ଲା ଓ ରାଜ୍ୟଦାନ, ସମ୍ପତ୍ତିଦାନ ୯୮-୧୧୭

୧୯୫୭-୧୯୫୯

୧୦ । ୨ୟ ସାଧାରଣ ନିର୍ବାଚନ ଓ କୃତ୍ରିମ ମନ୍ତ୍ରୀମଣ୍ଡଳ ଗଠନ ୧୧୭-୧୩୮

(କ) ୧୯୫୭ର ଦୋଦୁଲ୍ୟମାନ ମନ୍ତ୍ରୀମଣ୍ଡଳ ଓ ତାର ଦୟନୀୟ ଅବସ୍ଥା ୧୧୮-୧୨୧

(ଖ) ୧୯୫୯ର କଂଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ୧୨୨-୧୨୩

(ଗ) ମୋ ଇସ୍ତଫା ଉପରେ ନଜର ୧୨୩-୧୨୫

(ଘ) କେନ୍ଦ୍ରରେ ରାଜା ମହାରାଜାଙ୍କ ସ୍ତୁତି ଗାନ ୧୨୫-୧୨୭

(ଙ) ସ୍ୱାର୍ଥ ଅସିଦ୍ଧିରୁ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାର ଚେଷ୍ଟା ୧୨୭-୧୨୮

(ଚ) ନିଜ ଅସ୍ତ୍ର ନିଜକୁ ବିନ୍ଧି କଲା ୧୨୮-୧୩୦

(ଛ) କଣା-ବକା ମନ୍ତ୍ରୀମଣ୍ଡଳ ଗଠନର ଚେଷ୍ଟା ୧୩୦-୧୩୧

(ଜ) କଣା-ବକା ମନ୍ତ୍ରୀମଣ୍ଡଳ ଗଠନ ବିରୋଧରେ ମୋର ନେତୃତ୍ୱ ୧୩୨-୧୩୫

Digitized by PPRACHIN, SOA

ବିଷୟ **ପୃଷ୍ଠା**

(ଝ) ମୁଖ୍ୟମନ୍ତ୍ରୀ ହେବାକୁ ମୋତେ ପ୍ରଲୋଭନ ୧୩୫-୧୩୬
(ଞ) କଂଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଠନର ଅସଲ ଉଦ୍ଦେଶ୍ୟ ୧୩୬-୧୩୮
୧୧ । ୧୯୬୧ର ତୃତୀୟ ସାଧାରଣ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଓ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରାଧାନ୍ୟ ୧୩୮-୧୪୦
୧୨ । ଶ୍ରୀ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ମୋର ଯୋଗଦାନ
(କ) ମୋର ଶିକ୍ଷାମନ୍ତ୍ରୀତ୍ୱ—ପାଠ୍ୟପୁସ୍ତକ ଜାତୀୟ-କରଣ, ଶିକ୍ଷାର ମାଧ୍ୟମ ଏବଂ ରାଷ୍ଟ୍ରଭାଷା ୧୪୦-୧୫୧
(ଖ) ଗ୍ରାମମଙ୍ଗଳ, ଆଦିବାସୀ ଏବଂ ହରିଜନ ଉନ୍ନତି, ଅସ୍ପୃଶ୍ୟତା ଦୂରୀକରଣ ୧୫୨-୧୬୮
(ଗ) କୃଷି ମନ୍ତ୍ରୀତ୍ୱ—କୃଷି ୧୬୯-୧୭୫
୧୩ । ଚୀନ ଯୁଦ୍ଧ ୧୭୬-୧୭୭
୧୪ । ଜାତୀୟ ଏବଂ ଭାବଗତ ଐକ୍ୟ (National & Emotional Integration) ୧୭୮-୧୮୪

୧୯୭୧ ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ

୧୫ । ପୁରାତନ ନେତୃତ୍ୱର ଅପସରଣ ଓ ନୂତନ ନେତୃତ୍ୱ ଆଗମନର କୁପରିଣତି—ଦୁର୍ନୀତି । ୧୮୫-୧୮୬
(କ) ବିଜୁବାବୁ କଣ୍ଟକହୀନ ପଥର ଯାତ୍ରୀ ୧୮୬-୧୮୮
(ଖ) ନଗ୍ନ ଦୁର୍ନୀତି-ଦାନବ ୧୮୮-୧୯୩
(ଗ) ବୀରେନ୍ ବାବୁଙ୍କ ଦରବାର ଓ ବିଜୁବାବୁଙ୍କ ବାହାଦୂରୀମୂଳକ ଔଦ୍ଧତ୍ୟ ୧୯୪-୧୯୯
(ଘ) ଦଳଭିତରେ ଦୁର୍ନୀତି ଆଲୋଚନାରେ ବାଧା-ବିଘ୍ନ ୧୯୯-୨୦୦
(ଙ) ଦୁର୍ନୀତି ସମ୍ପର୍କରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଜଣାଣ ୨୦୦-୨୦୧

Digitized by PPRACHIN, SOA

ବିଷୟ	ପୃଷ୍ଠା
୧୬ । ଚରମ ଔଦ୍ଧତ୍ୟ ଓ ଚକ୍ର ପରିବର୍ତ୍ତନ (ମୋ କାମିକି ଶିରା) ୧୯୬୪ ଅଗଷ୍ଟମାସ ୨୩ତାରିଖ	୨୦୨-୨୦୫
୧୭ । ଦିଲ୍ଲୀରେ ନି. ଭା. କ. କ. ମଣ୍ଡପରେ ମୋ କାମିକି ଶିରା ପ୍ରସଙ୍ଗ	୨୦୬-୨୦୮
୧୮ । ପାର୍ଲିଆମେଣ୍ଟରେ ଓଡ଼ିଶା ଦୁର୍ନୀତି ଆଲୋଚନା	୨୦୮-୨୦୯
୧୯ । ଓଡ଼ିଶା ଦୁର୍ନୀତିର ପାର୍ଲିଆମେଣ୍ଟାରୀ ତଦନ୍ତ	୨୧୦-୨୧୨
୨୦ । ଦିଲ୍ଲୀ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ନିଷ୍କ୍ରିୟତା	୨୧୨-୨୧୪
୨୧ । କାମରାଜ ପ୍ଲାନ୍ (ଯୋଜନା) ଏବଂ ଓଡ଼ିଶା	୨୧୫-୨୧୭
୨୨ । ଦଳପତି (ମୁଖ୍ୟମନ୍ତ୍ରୀ) ନିର୍ବାଚନରେ ମୋର ପ୍ରତିଯୋଗିତା	୨୧୮-୨୨୧
୨୩ । ବିଧାନ ସଭା ସଭ୍ୟଙ୍କ (ଏମ୍. ଏଲ୍. ଏ.ଙ୍କ) ଦୟନୀୟ ଅବସ୍ଥା	୨୨୧-୨୨୪
୨୪ । ସପ୍ତ ରଥୀ	୨୨୫-୨୨୮
୨୫ । ମନ ବିବେକ ଦ୍ୱନ୍ଦ୍ୱ	୨୨୯-୨୩୨
୨୬ । ରାଜନୈତିକ ବିଡ଼ମ୍ବନା—ମିତ୍ର ଶତ୍ରୁ ହେଲେ	୨୩୨-୨୩୩

କଂଗ୍ରେସ ପରିତ୍ୟାଗ

୨୭ । କଂଗ୍ରେସ ପରିତ୍ୟାଗ	୨୩୪-୨୩୫
୨୮ । ବନ୍ଧୁମିଳନ, ଭିନ୍ନ ମତ ଗୋଷ୍ଠୀ, ଜନ-କଂଗ୍ରେସ ଗଠନ	୨୩୫-୨୩୯
୨୯ । ଜନ କଂଗ୍ରେସର ସର୍ବପ୍ରିୟତା, କଠିନତା, ପ୍ରଚାର, ସଭାସମିତି	୨୪୦-୨୪୩
୩୦ । ମୋ ଭାଷଣର ସଂକ୍ଷିପ୍ତ ସାର	୨୪୪-୨୪୬
୩୧ । ପରଦା ପ୍ରସ୍ତୁତ, ନିର୍ବାଚନ ମେଣ୍ଟ, ଲିଖିତ ଚୁକ୍ତିରେ ଆବଦ୍ଧ	୨୪୬-୨୫୩
୩୨ । ନିର୍ବାଚନ ରାଜନାମା ଏବଂ ୧୯୬୭ ନିର୍ବାଚନ	୨୫୩-୨୫୫
୩୩ । ଜନକଂଗ୍ରେସ୍-ସ୍ୱତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଠନ ଓ ତାର ସଫଳତା	୨୫୫-୨୬୧

Digitized by PPRACHIN, SOA

ବିଷୟ	ପୃଷ୍ଠା
୩୪ । ମିଳିତ ମନ୍ତ୍ରୀମଣ୍ଡଳ ଶାସନର ଆଭିମୁଖ୍ୟ ଓ ମୋର ଭୂମିକା—ଦୁର୍ନୀତି ନିବାରଣ	୨୬୨-୨୬୪
(କ) ଦୁର୍ନୀତିର ପରିମାଣ	
(ଖ) ଦୁର୍ନୀତି ଦୂରୀକରଣରେ ମୋ ଉପରେ ଗୁପ	
(ଗ) ଦୁର୍ନୀତି ନିରୀକରଣରେ ମୋର ଦୃଢ଼ତା	
(ଘ) ଦୁର୍ନୀତିଗ୍ରସ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ	
(ଙ) କାର୍ଯ୍ୟାନୁଷ୍ଠାନରେ ପ୍ରତିବନ୍ଧକ ଏବଂ ପ୍ରତିକ୍ରିୟା	
(ଚ) ଶାସ୍ତିବିଧାନରେ ଦୃଢ଼ତା	୨୬୪-୨୭୨
୩୫ । କେବଳ ଫାଇଲ୍ ଧରିଲେ ଦୁର୍ନୀତି ବନ୍ଦ ହେବ ନାହିଁ	୨୭୨-୨୭୪
୩୬ । ଦୁର୍ନୀତି ନିବାରଣ ସଭା ସମିତି ସମ୍ପର୍କୀୟ ଯୋଜନା	୨୭୫
୩୭ । ସଭାର ପରିସର ଏବଂ ଶ୍ରୋତାମଣ୍ଡଳୀ	୨୭୫-୨୭୮
୩୮ । ଦୁର୍ନୀତି ନିବାରଣ ସଭାରେ ମୋ ବକ୍ତୃତାର ସାରାଂଶ (ସବୁ ଶ୍ରେଣୀର ଦୁର୍ନୀତି ବ୍ୟାଖ୍ୟାନ ଓ ନିରୀକରଣର ପଥ ପ୍ରଦର୍ଶନ)	୨୭୯-୨୯୮
୩୯ । ସଭାର ଭାଷଣର ପ୍ରତିକ୍ରିୟା	୨୯୮-୩୦୩
୪୦ । ମନ୍ତ୍ରୀଙ୍କ ଦୁର୍ନୀତି ବିରୋଧରେ ତଦନ୍ତ କମିସନ ନିଯୁକ୍ତି	୩୦୪-୩୦୯
୪୧ । କେନ୍ଦୁପତ୍ର ବ୍ୟବସାୟରେ ଦୁର୍ନୀତି ଏବଂ ତାର ନିରାକରଣ	୩୧୦-୩୨୧
୪୨ । ମିଳିତ ମନ୍ତ୍ରୀମଣ୍ଡଳରେ ମୋର ଅନ୍ୟ ବିଭାଗରେ କାର୍ଯ୍ୟ	୩୨୨-୩୨୭
୪୩ । କର୍ମଶ୍ରୁଷ୍ଠୀ ନିଯୁକ୍ତି	୩୨୮-୩୩୦
୪୪ । ଚିକସ ମାନ୍ତ	୩୩୧-୩୩୬
୪୫ । ନିଶା ନିବାରଣ	୩୩୬-୩୪୭

Digitized by PPRACHIN, SOA

ବିଷୟ **ପୃଷ୍ଠା**

୪୬ । ନ୍ୟାୟ୍ୟ ନିର୍ମଳ ଶାସନର ପ୍ରତିକ୍ରିୟା ଏବଂ ପରିଣତି (ସୁପ୍ରତିକ୍ରିୟା ଓ ସୁପରିଣତି, ବିପରୀତ ଫଳ ଏବଂ ପରିଣତି) ୩୪୬–୩୫୩

୪୭ । ଦଳୀୟ ଶୃଙ୍ଖଳା-ଅଶୃଙ୍ଖଳା, ଅଶୃଙ୍ଖଳାର ସଙ୍କେତ, ଖୋଲା ଅଶୃଙ୍ଖଳା, ଶାସନଭଙ୍ଗ ପାଇଁ ଉଦ୍ୟମ, ମୁଖ୍ୟମନ୍ତ୍ରୀ ହେବାକୁ ମୋତେ ପ୍ରଲୋଭନ, ଶାସନ ଭଙ୍ଗ ଚେଷ୍ଟାର ଉଦ୍ଦେଶ୍ୟ ୩୫୪–୩୬୪

୪୮ । ରାଷ୍ଟ୍ରପତି ନିର୍ବାଚନରେ ମୋର ଆଭିମୁଖ୍ୟ ଏବଂ ଭୂମିକା ୩୬୫–୩୬୮

୪୯ । ଦଳ ଭଙ୍ଗ ପାଇଁ ଚକ୍ରାନ୍ତ ଏବଂ ଚେଷ୍ଟା; (କ) ଗିରିଙ୍କ ବିଜୟରେ, (ଖ) କଂଗ୍ରେସ ବିଭାଜନରେ ଏବଂ (ଗ) ପାର୍ଲିଆମେଣ୍ଟ ଭଙ୍ଗରେ ଦଳରେ ପ୍ରତିକ୍ରିୟା, (ଘ) ସ୍ୱତନ୍ତ୍ର ଦଳର ଦୁର୍ଗତି, (ଙ) ମନ୍ତ୍ରୀମଣ୍ଡଳ ଭଙ୍ଗ, ଡଃ ମହତାବଙ୍କ ସଗୋଷ୍ଠୀ ଦଳତ୍ୟାଗ ୩୬୯–୩୭୬

୫୦ । ୧୯୭୧ ନିର୍ବାଚନରେ ବିପର୍ଯ୍ୟୟର କାରଣ, ପ୍ରତିକ୍ରିୟା ୩୭୭–୩୮୨

୫୧ । ରାଜନୈତିକ ଦଳର ଉଦ୍ଦେଶ୍ୟ କେବଳ ଶାସନ ପରିଚାଳନା ନୁହେଁ ୩୮୩–୩୮୪

୫୨ । ବଙ୍ଗଳା ଦେଶ ସମସ୍ୟା ୩୮୪–୩୯୩

୫୩ । ମୋର ଅନ୍ୟ ଦଳରେ ବିଶେଷତଃ କଂଗ୍ରେସରେ ନ ମିଶିବାର ଏବଂ ଶ୍ରୀମତୀ ଗାନ୍ଧୀଙ୍କର ନେତୃତ୍ୱ ଗ୍ରହଣ ନ କରିବାର କାରଣ ୩୯୪–୩୯୭

୫୪ । ଉପସଂହାର ୩୯୮–୪୦୪

Digitized by PPRACHIN, SOA

ଶୁଦ୍ଧିପତ୍ର

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୧୬	୧୭	Poliee	Police
୧୮	୨୮	ହଜାରର	ହଜାରରୁ
୨୧	୫	କରିବାର	କରିବାରୁ
୨୭	୧୮	ମଳ	ମୂଳ
୪୭	୮	ସାଧତା	ସାଧୁତା
୫୧	୨୨	ଆର୍ଥକ	ଆର୍ଥିକ
୫୬	୧୦	ସମ୍ନଧାନ	ସନ୍ନିଧାନ
୬୮	୬	ଅନମାନ	ଅନୁମାନ
୮୫	୨୧	ମୁମୂଷୁ	ମୁମୂର୍ଷୁ
୮୭	୨୧	ସୂନ୍ନତ	ସୁନତ
୮୮	୨୯	ଅନ୍ୟନ	ଅନ୍ୟୂନ
୧୦୬	୭	ଉତ୍ପନ	ଉତ୍ପନ୍ନ
୧୨୮	୧୭	ଚେଷ୍ଟା	ଚେସ୍
୧୩୮	୨୩	ଜନ୍ମାସ	ଜୁନ୍ମାସ
୧୪୮	୧୦	ଗ୍ରାମ୍ୟ-ଅର୍ଥ	ଗ୍ରାମ୍ୟ-ଅର୍ଥନୀତି
୧୫୩	୧୦	ସାଂସ୍କତିକ	ସାଂସ୍କୃତିକ
୧୫୬	୬	ଦୁଗଧ	ଦୁଗ୍ଧ
୧୬୧	୧୩	ଅନ୍ୟନ	ଅନ୍ୟୂନ
୧୭୭	୧୨	ଉଦ୍ବଗ୍ନ	ଉଦ୍ବିଗ୍ନ
୧୮୩	୩	ଜୁନ୍ମାସ	ଜୁନ୍ମାସ
୨୦୦	୨୨	ନଥିଲ	ନଥିଲୁ
୨୦୪	୧୦	ଗୁଲକ	ଗୁଳକ
୨୨୩	୨୩	ଖାନା	ଖନ୍ନା

Digitized by PPRACHIN, SOA

ପୃଷ୍ଠା	ଧାଡ଼ି	ଅଶୁଦ୍ଧ	ଶୁଦ୍ଧ
୨୩୫	୨	ମର୍ମାନ୍ତକ	ମର୍ମାନ୍ତକ
୨୬୮	୧୪	କାର୍ଯ୍ୟାନଷ୍ଠାନ	କାର୍ଯ୍ୟାନୁଷ୍ଠାନ
୨୬୯	୧୪	ଆଦଶ	ଆଦର୍ଶ
୧୮୪	୧୮	ଅଶ୍ର	ଅଶ୍ରଦ୍ଧା
୩୦୦	୧୪	ଆତଙ୍କ	ଆଇନ୍
୩୦୬	୨୬	ରହ୍ୱ	ଏହ୍ୱ
୩୧୧	୧୧	ପରଣ	ପୂରଣ
୩୧୨	୨୬	ବା	×
୩୨୨	୮	ଶଙ୍ଖଳା	ଶୃଙ୍ଖଳା
୩୪୩	୩	ପ୍ରଚର	ପ୍ରଚୁର
୩୫୦	୫	ଦୁର୍ଭିକ୍ଷ	ଦୁର୍ଭିକ୍ଷଗ୍ରସ୍ତ
୩୫୨	୧୩	ଶାସନ	ଶାସନର
୩୮୧	୧୯	ଅନୁପ୍ରାଣୀତ	ଅନୁପ୍ରାଣିତ
୩୯୯	୨୩	ଦଳର	ଦଳ

Digitized by PPRACHIN, SOA

ମୁକ୍ତିପଥେ ସୈନିକ

ଦ୍ୱିତୀୟ ଭାଗ

ସ୍ୱାଧୀନତା ପ୍ରାପ୍ତି ଅପେକ୍ଷା ତାହାର ରକ୍ଷା ଏବଂ ଉପଭୋଗ ଅଧିକତର ଜଟିଳ ଏବଂ କଷ୍ଟକର । କୌଣସି ବିଦେଶୀ, ଏକଛତ୍ର କିମ୍ବା ଶୋଷକ ଶାସନର କବଳରୁ ଦେଶକୁ ମୁକ୍ତ କରିବା ସମସ୍ୟା ଉପରେ ଜନତାର ପ୍ରବୃତ୍ତି ଏବଂ ମନୋଭାବକୁ ଜାଗ୍ରତ ଓ ପ୍ରୟୋଗ କରି ସ୍ୱାଧୀନତା ଆଣିବାରେ ଦେଶ ଯେଉଁ ପରିମାଣରେ ଦୁଃଖ, କଷ୍ଟ, ବାଧା ଏବଂ ବିଘ୍ନର ସମ୍ମୁଖୀନ ହୁଏ, ତାହା (ସ୍ୱାଧୀନତା) ରକ୍ଷା ଏବଂ ଉପଭୋଗ କରିବାରେ ଅଧିକତର ବାଧା-ବିଘ୍ନ ମଧ୍ୟରେ ଚତୁର୍ଗୁଣ ତ୍ୟାଗ, ଧୈର୍ଯ୍ୟ ଏବଂ ସଂଯମ ଦରକାର ପଡ଼େ । ୧୯୪୭ରେ ଆମ ଦେଶକୁ ସ୍ୱାଧୀନତା ମିଳିଲା ସତ୍ୟ; କିନ୍ତୁ ତାକୁ ରକ୍ଷା କରି ଉପଭୋଗ କରିବା କଷ୍ଟକର । ସ୍ୱାଧୀନତା ପ୍ରାପ୍ତି ପରେ ଦେଶ ତଥା ଜାତି ଯଦି ବାଞ୍ଛିତ ସୁଖ-ଶାନ୍ତି ସହିତ ତାହା ଉପଭୋଗ ନ କଲା, ତେବେ ପୁଣି ସେହି ନବଲବ୍ଧ ସ୍ୱାଧୀନତା ଅନ୍ୟ ବାଟରେ ଅନ୍ୟ ଦେଶର ପରାଧୀନ ହୋଇଯିବ । ଏଥିପାଇଁ ସ୍ୱାଧୀନତା ପ୍ରାପ୍ତି ସଙ୍ଗେ ସଙ୍ଗେ ଦେଶର ବିଭିନ୍ନ ଅଂଶ ଏବଂ ଅଞ୍ଚଳକୁ ସୁଦୃଢ଼ ଭାବେ ଏକତ୍ରୀଭୂତ କରି ଏକ ସୁସଂଗଠିତ ଏବଂ ଶୃଙ୍ଖଳିତ ଶାସନଦ୍ୱାରା ସର୍ବବିଧ ଉତ୍ପାଦନ ବୃଦ୍ଧି ଏବଂ ସର୍ବାଙ୍ଗୀନ ଉନ୍ନତି କରାଇ ଜାତିକୁ ଶାନ୍ତ, ସଂଯତ ଏବଂ ସନ୍ତୁଷ୍ଟ ରଖିବା ଉଚିତ । ଏହି ଉଦ୍ଦେଶ୍ୟରେ 'ମୁକ୍ତିପଥର ସୈନିକ' ଭାବେ ରାଜନୈତିକ ସ୍ୱାଧୀନତା ପ୍ରାପ୍ତି ପରେ ଜଣେ ନାଗରିକ, ଏମ୍.ଏଲ୍.ଏ. ଏବଂ ମନ୍ତ୍ରୀ ଭାବେ ମୁଁ ମୋର କଠୋର କର୍ତ୍ତବ୍ୟ ପାଳନରେ ବ୍ରତୀ ହେଲି ।

Digitized by PPRACHIN, SOA

ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠନରେ ଅଂଶ ଗ୍ରହଣ

୧୯୪୨ରେ ଭାରତ ଛାଡ଼ (Quit India) ଆନ୍ଦୋଳନ ସଫଳ ହେଲା । ଇଂରେଜ ଜାତି ଭାରତ ଶାସନ ଛାଡ଼ିଲେ । କିନ୍ତୁ କ୍ଷମତା ଅର୍ପଣ ବା ହସ୍ତାନ୍ତର ନିମନ୍ତେ ଯେଉଁ "ଭାରତୀୟ ସ୍ୱାଧୀନତା ଆଇନ" (The Indian Independence Act) ପାସ୍ ହେଲା ସେଥିରେ ବ୍ୟବସ୍ଥା ହୋଇଥିଲା ଯେ, ଅଗଷ୍ଟ ୧୫ ତାରିଖ ଦିନ ଭାରତ ବର୍ଷ ଉପରୁ ବ୍ରିଟିଶ୍ ସରକାରଙ୍କର ସାର୍ବଭୌମତ୍ୱ (Paramountcy) ଲୋପ ପାଇବ । ଫଳତଃ ଉକ୍ତ ବ୍ରିଟିଶ୍ ସରକାର ତାଙ୍କର ସାର୍ବଭୌମ କ୍ଷମତା ବଳରେ ଭାରତର ଦେଶୀୟ ରାଜାମାନଙ୍କ ସହିତ ଯେଉଁ ଚୁକ୍ତି ଓ ରାଜିନାମା କରିଥିଲେ, ସେ ସବୁ ଲୋପ ନ ପାଇବା କାରଣରୁ ଭାରତବର୍ଷ ଭିତରେ ପ୍ରାୟ ୬୫୦ଟି କ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ଗଡ଼ଜାତ ରାଜ୍ୟ ସ୍ୱାଧୀନ ଭାବରେ ରହିବେ । ଏହାର ଅର୍ଥ ହେଉଛି ୧୯୪୭ ଅଗଷ୍ଟ ମାସ ୧୫ ତାରିଖ ସକାଳେ ଭାରତବର୍ଷ ହିନ୍ଦୁସ୍ଥାନ ଏବଂ ପାକିସ୍ଥାନ ନାମକ ସାର୍ବଭୌମ କ୍ଷମତାବିଶିଷ୍ଟ ଦୁଇଟି ବୃହତ୍ ରାଜ୍ୟରୂପେ ପୃଥିବୀରେ ଆବିର୍ଭୂତ ହେବା ସଙ୍ଗେ ସଙ୍ଗେ ଆହୁରି ଅଧିକା ୬୫୦ ସଂଖ୍ୟକ ସ୍ୱାଧୀନ ରାଜ୍ୟରେ ବିଭକ୍ତ ହୋଇ ରହିବ । କିନ୍ତୁ କଂଗ୍ରେସ ଗଡ଼ଜାତ ବା ଦେଶୀୟ ରାଜ୍ୟମାନଙ୍କର ଏହି ସାର୍ବଭୌମତ୍ୱକୁ ସ୍ୱୀକାର କରୁନଥିଲେ । ତେଣୁ ବ୍ୟବସ୍ଥା ଥିଲା ଯେ, ଗଡ଼ଜାତ ରାଜାମାନେ ଇଚ୍ଛାକଲେ ହୁଏତ ହିନ୍ଦୁସ୍ଥାନ କିମ୍ବା ପାକିସ୍ଥାନ ସହିତ କେବଳ ୩ଟି ବିଷୟରେ ମିଶିଯାଇ ପାରନ୍ତି । ସେ ୩ଟି ବିଷୟ ହେଉଛି : ୧—ବୈଦେଶିକ ବ୍ୟାପାର, ୨—ଦେଶରକ୍ଷା ବିଷୟ, ୩—ଯାତାୟାତ ସମସ୍ୟା (Foreign, Defence and Communication) । ଏହି ବ୍ୟବସ୍ଥାକୁ ଇଂରେଜୀରେ "ଇନ୍‌ଷ୍ଟ୍ରୁମେଣ୍ଟ୍ ଅଫ୍ ଆକ୍‌ସେସନ୍" (Instrument of Accession) କୁହାଯାଇଛି । କିନ୍ତୁ ରାଜା ମହାରାଜାମାନେ ଏ ବ୍ୟବସ୍ଥାରେ ମଧ୍ୟ ସମ୍ମତ ହେଉ ନ ଥିଲେ । ଭାରତବର୍ଷର ତତ୍କାଳୀନ ବଡ଼ଲାଟ୍ (The Viceroy & Governor General) ଲର୍ଡ଼ ମାଉଣ୍ଟବେଟେନ୍‌ଙ୍କ ପ୍ରଭାବ, ବ୍ୟକ୍ତିତ୍ୱ ଏବଂ କୃପା ଫଳରେ ଅନିଚ୍ଛୁକ ରାଜା ମହାରାଜାମାନେ ଉକ୍ତ ୩ଟି ସର୍ତ୍ତରେ ଭାରତବର୍ଷ ସହିତ ଯୋଗଦାନ କରିବାକୁ ୧୯୪୭ ଜୁନ୍ ମାସ ୨୫ ତାରିଖଠାରୁ ସ୍ୱୀକୃତି ଦେବାକୁ ରାଜି ହେଲେ ।

Digitized by PPRACHIN, SOA

ଉପର୍ଯ୍ୟୁକ୍ତ ବ୍ୟବସ୍ଥା ଅନୁସାରେ ୧୯୪୭ ଅଗଷ୍ଟ ୧୫ ତାରିଖ ସକାଳେ ଭାରତବର୍ଷ ହିନ୍ଦୁସ୍ଥାନ ଏବଂ ପାକିସ୍ଥାନ ନାମକ ଦୁଇଟି ସାର୍ବଭୌମ କ୍ଷମତାସମ୍ପନ୍ନ ରାଜ୍ୟରେ ବିଭକ୍ତ ହେବା ସଙ୍ଗେ ସଙ୍ଗେ ୬୫୦ଟି ଗଡ଼ଜାତକୁ ନେଇ ଆହୁରି ୬୫୦ଟି * କ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ଅର୍ଦ୍ଧସ୍ୱାଧୀନ ରାଜ୍ୟରେ ମଧ୍ୟ ବିଭକ୍ତ ହେଲା । ଅର୍ଥାତ୍, ଯଦିଓ ଭାରତବର୍ଷ ହିନ୍ଦୁସ୍ଥାନ ଓ ପାକିସ୍ଥାନ ନାମକ ୨ଟି ପୂର୍ଣ୍ଣ ସ୍ୱାଧୀନ ରାଜ୍ୟରେ ପରିଣତ ହେଲା, ତଥାପି ଭାରତବର୍ଷ ଭିତରେ ଆଭ୍ୟନ୍ତରୀଣ ଶାସନକ୍ଷମତାବିଶିଷ୍ଟ ୬୫୦ଟି ଦେଶୀୟ ରାଜ୍ୟ ସ୍ୱାଧୀନଭାବେ ରହିଲେ । ଏହି ୬୫୦ଟି ଦେଶୀୟ ରାଜ୍ୟର ରାଜାମାନେ ବଂଶପରମ୍ପରାନୁକ୍ରମେ ରାଜ କ୍ଷମତା ପରିଚାଳନା କରି ବ୍ରିଟିଶ୍ ଶାସନ ଅମଳରେ ଯେପରି ଏକଛତ୍ର ହୋଇ ଆଭ୍ୟନ୍ତରୀଣ ଶାନ୍ତି-ଶୃଙ୍ଖଳା

---

* ଭାରତବର୍ଷରେ ବ୍ରିଟିଶ୍ ଶାସନ ପୂର୍ବରୁ, ପ୍ରାୟ ହଜାର ହଜାର କ୍ଷୁଦ୍ରବୃହତ୍ ସ୍ୱାଧୀନ ରାଜ୍ୟ ଥିଲେ । ବ୍ରିଟିଶ ସରକାର ଅନେକ ରାଜ୍ୟକୁ ଜିଣି ବ୍ରିଟିଶ-ଭାରତ ସୃଷ୍ଟି କରିଥିଲେ । ଶେଷକୁ ଯେଉଁ ରାଜାମାନେ ବ୍ରିଟିଶ ସରକାରଙ୍କର ଅଧୀନତା ସ୍ୱୀକାର କରି ତାଙ୍କୁ କର ଏବଂ ଖଜଣା ଓଗେର ଦେବାକୁ ରାଜି ହେଲେ, ସେମାନଙ୍କୁ ରାଜା, ମହାରାଜା, ନବାବ, ନିଜାମ, ସାହ, ବାଦସାହ, ମାଲଗୁଜାର, ଜାଗିରଦାର ଏବଂ ଜମିଦାର ନାମରେ ଅଭିହିତ କରାଇ ଭିନ୍ନ ଭିନ୍ନ ପାହ୍ୟାରେ ଆସନ ଦେଇ ଭିନ୍ନ ଭିନ୍ନ ପରିମାଣରେ ଶାସନ କ୍ଷମତା ଦେଇ ରାଜନ୍ୟ ଗୋଷ୍ଠୀ ସୃଷ୍ଟି କରିଥିଲେ । ଏମାନଙ୍କ ମଧ୍ୟରେ ହାଇଦ୍ରାବାଦ୍, କାଶ୍ମୀର, ତ୍ରିବାଙ୍କୁଡ଼, କୋଚିନ, ଇନ୍ଦୋର, ଗ୍ୱାଲିୟର, ଜୟପୁର, ଯୋଧପୁର, ପାତିଆଲା, ନାଭା, ଭୋପାଳ, କୁଚବିହାର, ମଣିପୁର ଏବଂ ତ୍ରିପୁରା ପ୍ରଭୃତି ବୃହତ୍ ଏବଂ ମଧ୍ୟମ ଦେଶୀୟ ରାଜ୍ୟ ସଙ୍ଗେ ସଙ୍ଗେ ରାଜସ୍ଥାନ, ବୁନ୍ଦେଲଖଣ୍ଡ, ବାଘେଲଖଣ୍ଡ, ମଧ୍ୟ-ଭାରତ, ମଧ୍ୟପ୍ରଦେଶ, ଦାକ୍ଷିଣାତ୍ୟ, ମହାରାଷ୍ଟ୍ର, ପଞ୍ଜାବ, ଓଡ଼ିଶା ଏବଂ ଗୁଜୁରାଟର ସୌରାଷ୍ଟ୍ରରେ ଶତ ଶତ ମଧ୍ୟମ ଏବଂ କ୍ଷୁଦ୍ର ଦେଶୀୟ ରାଜ୍ୟ ମଧ୍ୟ ଥିଲେ । ଭୀଷଣ ଆନ୍ଦୋଳନ କରି ଏ ସବୁ ରାଜ୍ୟକୁ ସମ୍ପୂର୍ଣ୍ଣ ରୂପେ ଭାରତ ସଙ୍ଗେ ମିଶାଇବାରେ ଓଡ଼ିଶାରେ ଆମେ ନେତୃତ୍ୱ ନେଇଥିଲୁ । ଆମରି ନେତୃତ୍ୱରେ ହିଁ ସମଗ୍ର ଭାରତବର୍ଷରେ ପ୍ରଥମେ ଓଡ଼ିଶା ଗଡ଼ଜାତଗୁଡ଼ିକ ସ୍ୱାଧୀନ ଭାରତବର୍ଷରେ ପୂରାପୂରି ମିଶିଗଲା । ତା'ପରେ ଅନ୍ୟ ଗଡ଼ଜାତମାନେ ବାଧ୍ୟ ହୋଇ ମିଶିଗଲେ କିମ୍ବା ସରକାର କ୍ଷମତା ପ୍ରୟୋଗ କରି ମିଶାଇ ଦେଲେ ।

Digitized by PPRACHIN, SOA

ରକ୍ଷା, ବନ୍ଦର ବ୍ୟବସ୍ଥା, ଜମିଜମା ବା ରାଜସ୍ୱ, ଜଙ୍ଗଲ ଏବଂ ଅବକାରୀ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଗ୍ରାମ ଓ ନଗର ଉନ୍ନୟନ ଇତ୍ୟାଦି ଅତ୍ୟନ୍ତ ମନମୁଖୀ ଭାବେ ଚଳାଇ ବାଧ୍ୟତାମୂଳକ ବେଠି, ବେଗାରି, ମାଗଣ, ରସଦ ଅସୁଲ କରୁଥିଲେ, ସେହିପରି କ୍ଷମତାର ମଧ୍ୟ ଅଧିକାରୀ ହେଲେ । ଏତାବତ କ୍ଷମତାର ଅଧିକାରୀ ହୋଇ ଶାନ୍ତି-ଶୃଙ୍ଖଳା ରକ୍ଷା ନାମରେ ଲୋକଙ୍କର ରାଜନୈତିକ, ଅର୍ଥନୈତିକ, ଶାସନତାନ୍ତ୍ରିକ, ସାମାଜିକ ଏବଂ ସାଂସ୍କୃତିକ ସଂଗଠନ ଓ ଆନ୍ଦୋଳନକୁ ଦୃଢ଼ ହସ୍ତରେ ଦବାଇ ଦେବାର କ୍ଷମତା ମଧ୍ୟ ପାଇଲେ । ଅର୍ଥାତ୍ ଇଂରେଜୀ ଶାସନ ଅମଳରେ ବ୍ରିଟିଶ୍ ସରକାରଙ୍କର ଅଧୀନରେ ରାଜା ମହାରାଜାମାନଙ୍କର ଯେଉଁ କ୍ଷମତା ଥିଲା ସ୍ୱାଧୀନ ଭାରତରେ ମଧ୍ୟ ସେହି କ୍ଷମତା ରହିଲା । ନାମକୁ ମାତ୍ର ଏମାନେ ଭାରତବର୍ଷ ସହିତ ମିଶିଗଲେ । ଅବଶ୍ୟ ବୈଦେଶିକ, ଦେଶରକ୍ଷା ଏବଂ ଗମନାଗମନ ଓ ଯାତାୟାତ ବ୍ୟାପାର ଭାରତ ସରକାରଙ୍କୁ ହସ୍ତାନ୍ତର କଲେ ।

ଏତେବେଳକୁ ଭାରତ ବିଭାଜନ ବିଷୟରେ ଭିନ୍ନ ଭିନ୍ନ ସର୍ବଭାରତୀୟ ନେତାଙ୍କର ଭିନ୍ନ ଭିନ୍ନ ମତ ଥିଲା । ଭାରତ ବିଭାଜନର ଘୋର ବିରୋଧୀ ଥିଲେ ମହାତ୍ମା ଗାନ୍ଧୀ । ସେ ଭାବୁଥିଲେ ଯେ, ଭାରତ ବିଭାଜନ ଅର୍ଥ ତାଙ୍କ ନିଜର ଏବଂ ଦେଶବାସୀଙ୍କର ଆତ୍ମା ଏବଂ ହୃଦୟ ବିଭାଜନ । କିନ୍ତୁ କଂଗ୍ରେସର ସଂଖ୍ୟାଧିକ ନେତା ତାଙ୍କ ସଙ୍ଗେ ଏକମତ ନ ଥିଲେ । ତେଣୁ ସେ ଅତ୍ୟନ୍ତ ମର୍ମାହତ ଅବସ୍ଥାରେ ଥିଲେ । ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କର ମତ ଥିଲା ଯେ, ଯଦି ଭାରତବାସୀ ହିନ୍ଦୁ ଏବଂ ମୁସଲମାନ୍‌ମାନେ ଏକତ୍ର ବସବାସ କରି ଚଳି ପାରିବେ ନାହିଁ, ତେବେ ହିନ୍ଦୁବହୁଳ ଅଞ୍ଚଳରୁ ମୁସଲମାନମାନଙ୍କୁ ଏବଂ ମୁସଲମାନ-ବହୁଳ ଅଞ୍ଚଳରୁ ହିନ୍ଦୁଙ୍କୁ ଅପସାରିତ କରି ହିନ୍ଦୁଙ୍କୁ ହିନ୍ଦୁପ୍ରାଧାନ୍ୟ ଏବଂ ମୁସଲମାନଙ୍କୁ ମୁସଲମାନପ୍ରାଧାନ୍ୟ ଅଞ୍ଚଳରେ ରଖାଇ ହିନ୍ଦୁସ୍ଥାନ ଓ ପାକିସ୍ଥାନ ନାମରେ ଭାରତକୁ ୨ଟି ସାର୍ବଭୌମ କ୍ଷମତାସମ୍ପନ୍ନ ରାଜ୍ୟରେ ବିଭକ୍ତ କରାଯାଉ । ପଣ୍ଡିତ ଜହରଲାଲ୍, ସର୍ଦ୍ଦାର ପଟେଲ୍, ରାଜେନ୍ଦ୍ର ପ୍ରସାଦ ପ୍ରଭୃତି ନେତୃବୃନ୍ଦ ଚାହୁଁଥାନ୍ତି ଭାରତବର୍ଷକୁ, ହିନ୍ଦୁପ୍ରାଧାନ୍ୟ ଓ ମୁସଲମାନପ୍ରାଧାନ୍ୟ ଅଞ୍ଚଳକୁ ନେଇ ଦୁଇ ଭାଗରେ ବିଭକ୍ତ କରାଯାଉ । ହିନ୍ଦୁସ୍ଥାନ ସଙ୍ଗେ ଗଡ଼ଜାତମାନଙ୍କର ସମ୍ପୂର୍ଣ୍ଣ ମିଶ୍ରଣ କଥା କେହି ଚିନ୍ତା କରୁ ନ ଥିବାର ଜଣାଯାଉଥାଏ । ସର୍ବଭାରତୀୟ ନେତାମାନଙ୍କ ମଧ୍ୟରୁ କେବଳ ଡ଼: ମହତାବ ୮ଟି ବିଷୟରେ ଭାରତ ସହିତ

Digitized by PPRACHIN, SOA

ଓଡ଼ିଶା ଗଡ଼ଜାତମାନଙ୍କର ମିଶ୍ରଣର ଚିନ୍ତା ଓ ଚେଷ୍ଟା କରୁଥାନ୍ତି । ସେ ୮ଟି ବିଷୟ ହେଉଛି : ୧—ଗମନାଗମନ, ୨—ଶିକ୍ଷା, ୩—ସର୍ବସାଧାରଣ ସ୍ୱାସ୍ଥ୍ୟ, ୪—ପ୍ରାଦେଶିକ ପୋଲିସ, ୫—ବିଚାର, ୬—ଅବକାଶ, ୭—ଜଙ୍ଗଲ ଏବଂ ୮—ଯୋଜନା (କୃଷି ଓ ଶିଳ୍ପ ସମ୍ପର୍କୀୟ) । ଜମିଜମା ବା ରାଜସ୍ୱ, ଖଣି, ପ୍ରାକୃତିକ ସମ୍ପଦ ଉପରେ ବହୁ ବିଷୟ ରାଜାମାନଙ୍କ ହାତରେ ରହିବ । ଏତଦ୍‌ବ୍ୟତୀତ ଉକ୍ତ ୮ଟି ବିଷୟଗୁଡ଼ିକରେ କି ପ୍ରକାର ଏବଂ କେଉଁ ପରିମାଣରେ ମିଶ୍ରଣ ବା ସୁସମ୍ବନ୍ଧ ରହିବ, ତାହା ସ୍ପଷ୍ଟ ନ ଥିଲା । ରାଜାମହାରାଜାମାନେ ମହତାବ ବାବୁଙ୍କ ପ୍ରସ୍ତାବକୁ ଗ୍ରହଣ କରୁ ନ ଥାନ୍ତି । କିନ୍ତୁ ମହତାବ ବାବୁଙ୍କ ମତ ଅନୁସାରେ ମିଶ୍ରଣ ହେଲେ ରାଜାମହାରାଜା-ମାନେ ଜମିଦାରଙ୍କ ଅବସ୍ଥାକୁ ଖସି ଆସିଥାନ୍ତେ ଏବଂ ଆମେ ଗଡ଼ଜାତବାସୀ ଜମିଦାରୀ ପ୍ରଜା ହୋଇ ରହିଥାନ୍ତୁ । ମହତାବବାବୁ ତାଙ୍କ ଚେଷ୍ଟା ଏବଂ ଉଦ୍ୟମରେ ତତ୍ପର ଥାନ୍ତି । କିନ୍ତୁ ମୁଁ ଏବଂ ଆଉ କେତେକ ବନ୍ଧୁ ତାଙ୍କ ମତକୁ ପସନ୍ଦ କରୁ ନ ଥାଉ, ବରଂ ବିରୋଧ କରୁଥାଉ ।

ଏଣେ ରାଜା ମହାରାଜାମାନେ ଇନ୍‌ଷ୍ଟ୍ରୁମେଣ୍ଟ ଅଫ୍ ଆକ୍‌ସେସନ୍ (Instrument of accession) ମାନିକୁ ଗ୍ରହଣ କରି ଆଭ୍ୟନ୍ତରୀଣ ଶାସନରେ ସର୍ବେସର୍ବା ହୋଇ ମନମୁଖୀ ଶାସନ ଚଳାଇବା ଉଦ୍ଦେଶ୍ୟରେ ଗଡ଼ଜାତ ରାଜ୍ୟଗୋଷ୍ଠୀ ସୃଷ୍ଟି କରିବା ନିମନ୍ତେ ଚେଷ୍ଟା ଏବଂ ଚକ୍ରାନ୍ତ କରୁଥାନ୍ତି ।

ପୂର୍ଣ୍ଣାଙ୍ଗ ବା ବିଶାଳ ଭାରତ ପାଇଁ ସର୍ବଭାରତୀୟ ନେତୃବୃନ୍ଦଙ୍କର ଚିନ୍ତା ଏବଂ ମନୋଭାବନା ଏପରି ଥିଲା । ଗଡ଼ଜାତ ସମୂହର ପୂର୍ଣ୍ଣ ମୁକ୍ତି ପାଇଁ ସମସ୍ତେ ଉଦାସୀନ ଏବଂ ନୀରବ । ଏପରିକି, ନି: ଭା: ଗ: ପ୍ରଜା-ସମ୍ମିଳନୀ (All India States Peoples' Standing Committee) ଉଦାସୀନ ଥିବାର ପ୍ରତୀୟମାନ ହେଉଥାଏ । ଦେଶୀୟ ରାଜ୍ୟ ବା ଗଡ଼ଜାତଗୁଡ଼ିକ ଭାରତ ଡୋମିନିୟନ୍ ସଙ୍ଗେ ପୂର୍ବବର୍ଣ୍ଣିତ ୩ଟି ସର୍ତ୍ତରେ ସାମିଲ ହେବାକୁ ସ୍ୱୀକୃତି ଦେବାରୁ ସମସ୍ତେ ଆପାତତଃ ସନ୍ତୁଷ୍ଟ ଥାନ୍ତି । ସମ୍ପୂର୍ଣ୍ଣ ମିଶ୍ରଣପୂର୍ବକ ଗଡ଼ଜାତ ପ୍ରଜାବୃନ୍ଦଙ୍କୁ ରାଜା-ମହାରାଜା ଏବଂ ସାହି-ବାଦସାହଙ୍କ ଏକଛତ୍ର ଶାସନରୁ ମୁକ୍ତ କରି ଗଣତନ୍ତ୍ର ଶାସନାଧୀନ କରାଇବାକୁ କେହି ବ୍ୟାକୁଳ ଥିଲାପରି ଆଦୌ ଜଣା ପଡ଼ୁ ନ ଥାଏ ।

Digitized by PPRACHIN, SOA

ନେତୃବୃନ୍ଦଙ୍କର ଏ ପ୍ରକାର ମନୋଭାବନା ଏବଂ ଉଦାସୀନତା ଓ ଆତ୍ମତୃପ୍ତିରେ ମୁଁ ଅତ୍ୟନ୍ତ ବ୍ୟଥିତ ଓ ମର୍ମାହତ ହୋଇଗଲି । ପୂର୍ବତନ ବ୍ରିଟିଶ ଭାରତର ଲୋକେ ନବଲବ୍ଧ ସ୍ୱାଧୀନତାର ସୁସ୍ୱାଦୁ ଫଳ ଉପଭୋଗ କରିବେ, କିନ୍ତୁ ଦେଶୀୟ ରାଜ୍ୟ ବା ଗଡ଼ଜାତମାନଙ୍କର ଦଶ କୋଟି ଲୋକ ସେହି ରାଜାମାନଙ୍କର ଏକଛତ୍ର ଶାସନର ଶିକାର ହୋଇ ରହିବେ, ଏ ଅବସ୍ଥା ଏବଂ ଭାବନା ମୋ ପ୍ରାଣକୁ ଯେପରି ଆଘାତ ଦେଲା, ମନକୁ ସେହିପରି ବ୍ୟାକୁଳ, ଅଥୟ ଏବଂ ଉଦ୍‌ବିଗ୍ନ କରାଇଲା । ଏ ଅବସ୍ଥାର ଅଳ୍ପ କେତେଦିନ ପୂର୍ବରୁ ମୁଁ ମୋର ଫେରାର (absconding) ଜୀବନରୁ ମୁକ୍ତି ଲାଭ କରିଥିଲି । କେବଳ ତାଳଚେର ରାଜାଙ୍କ ବିରୋଧରେ ଲଢ଼ିବା ପାଇଁ ଏକ ମୁକ୍ତି ସୈନ୍ୟବାହିନୀ ସଂଗଠିତ କରିଥିଲି । ଭାବିଲି, ଏହି କ୍ଷୁଦ୍ର ମୁକ୍ତି ସୈନ୍ୟବାହିନୀକୁ ସଂପ୍ରସାରିତ, ସୁ-ସଂଗଠିତ ଓ ସୁ-ଶୃଙ୍ଖଳିତ କରି ଏହା ସାହାଯ୍ୟରେ ସମସ୍ତ ଗଡ଼ଜାତ ବା ଦେଶୀୟ ରାଜ୍ୟକୁ ମୁକ୍ତ କରିବାରେ ଅଗ୍ରଣୀ ହେବି । ମୋର ବନ୍ଧୁମାନଙ୍କ ସଙ୍ଗେ ଆଲୋଚନା କଲି । ସେମାନଙ୍କ ମଧ୍ୟରୁ କେହି କେହି ଉଦାସୀନ, କେହି ବା ନିଜ କର୍ମରତ, କିନ୍ତୁ କେତେକ ମୋ ସଦୃଶ ବା ମୋଠାରୁ ବଳି ଅଧିକତର ବ୍ୟଗ୍ର ଓ ବ୍ୟାକୁଳ । ଶେଷ ଶ୍ରେଣୀ ବ୍ୟକ୍ତିମାନଙ୍କ ଉତ୍ସାହ ଓ ପ୍ରେରଣା ଏବଂ ଗଡ଼ଜାତବାସୀ ଜନସାଧାରଣଙ୍କ ପ୍ରବଳ ଆକାଙ୍‌କ୍ଷାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଓଡ଼ିଶାର ସମସ୍ତ ଗଡ଼ଜାତମାନଙ୍କରେ ଶେଷ ମୁକ୍ତି ବା ପୂର୍ଣ୍ଣାଙ୍ଗ ରାଜନୈତିକ ସ୍ୱାଧୀନତା ପାଇଁ ଏକ ସଶସ୍ତ୍ର ଲଢ଼ୁଆ ସୈନ୍ୟବାହିନୀ ଗଠନ ନିମନ୍ତେ ମୁଁ ସ୍ୱତଃ ଏବଂ ସ୍ୱ-ମନୋନୀତ ନେତୃତ୍ୱ ନେଇ ମଇଦାନକୁ ବାହାରି ପଡ଼ିଲି ।

ନି: ଭା: ଗଡ଼ଜାତ ପ୍ରଜାସମ୍ମିଳନୀ (All India States Peoples' Standing Committee) ନାମରେ କଙ୍ଗ୍ରେସ ଆନୁକୂଲ୍ୟ ଏବଂ ସମର୍ଥନରେ ଏକ ରାଜନୈତିକ ସଂଗଠନ ଥିଲା । ସ୍ୱର୍ଗତ ପଣ୍ଡିତ ଜହର-ଲାଲ ନେହେରୁ ଓ କାଶ୍ମୀରର ସେଖ୍ ଅବଦୁଲ୍ଲା ଯଥାକ୍ରମେ ଏ ଅନୁଷ୍ଠାନର ସଭାପତି ଏବଂ ଉପ-ସଭାପତି ଥିଲେ । ଗୁଜୁରାଟର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ବଳବନ୍ତ ରାୟ ମେହେଟା ଓ ରାଜସ୍ଥାନର ପୂର୍ବତନ ମୁଖ୍ୟମନ୍ତ୍ରୀ ଶ୍ରୀ ଜୟ ନାରାୟଣ ବ୍ୟାସ ଏହି ଅନୁଷ୍ଠାନର ସମ୍ପାଦକ ଏବଂ ଆମ ଓଡ଼ିଶାର ସ୍ୱର୍ଗତ ଶ୍ରୀ ସାରଙ୍ଗଧର ଦାସ ପୂର୍ବାଞ୍ଚଳ ଗଡ଼ଜାତମାନଙ୍କର ଶାଖା ସମ୍ପାଦକ

Digitized by PPRACHIN, SOA

ଥିଲେ । ଏହି ସମ୍ମିଳନୀର ପୂର୍ବାଞ୍ଚଳ ଶାଖାର ନାମ ଥିଲା "ଓଡ଼ିଶା ଏବଂ ଛତିଶ ଗଡ଼ଜାତ ଦେଶୀୟ ରାଜ୍ୟ ପ୍ରଜା ସମ୍ମିଳନୀ" (Orissa and C.P. States Regional Council) । ଏଥିରେ ଓଡ଼ିଶାର ୨୬ଟି, ସି: ପି:ର ୧୪ଟି ଏବଂ ମଣିପୁର, କୁଚବିହାର ଓ ତ୍ରିପୁରା ଷ୍ଟେଟଗୁଡ଼ିକ ଅନ୍ତର୍ଭୁକ୍ତ ଥିଲେ । ପୂର୍ବୋକ୍ତମତେ ଶ୍ରୀ ସାରଙ୍ଗଧର ଦାସ ଏହି ଶାଖାର ସମ୍ପାଦକ ଥିଲେ । ନି: ଭା: କଂଗ୍ରେସ ସଂଗଠନର ଗୁପ୍ତ ରୂପେ କାର୍ଯ୍ୟ କରୁଥିବାରୁ ଏ ସଂଗଠନ ମଧ୍ୟ ଉଦାସୀନତା ଓ ଅବହେଳା ପ୍ରକାଶ କରୁଥିବାର ମୋର ଧାରଣା ହେଉଥାଏ । ସ୍ୱାଧୀନତା ହାସଲ ନିମନ୍ତେ ଜେଲରୁ ପାଚେରି ଡେଇଁ ପଳାୟନ, ସମାନ୍ତରାଳ ଶାସନ ପରିଚାଳନାପୂର୍ବକ ନାନା ଦୁଃଖ, କଷ୍ଟ ଏବଂ ବହୁ ନିର୍ଯାତନା ଭୋଗ, କଳ୍ପନାତୀତ ବାଧା ବିଘ୍ନ ଅତିକ୍ରମ କରି ପଦେ ପଦେ ମୃତ୍ୟୁ-ବିପଦର ସମ୍ମୁଖୀନ ହୋଇ ୫ ବର୍ଷ ପର୍ଯ୍ୟନ୍ତ ଫେରାରି ଜୀବନ-ଯାପନ ଏବଂ ମୁଣ୍ଡକାଟ ଆଦେଶ ସଙ୍ଗେ ମୋ ବିରୋଧରେ ଓ୍ୱାରେଣ୍ଟ ରଦ୍ଦ ନ ହେବା ଇତ୍ୟାଦି ଭୟ, କଷ୍ଟ, ଉଦ୍‌ବେଗ ମୋତେ ଯେତେ ମାନସିକ ଓ ଶାରୀରିକ ବ୍ୟଥା ଏବଂ ଆଘାତ ଦେଇ ପାରି ନ ଥିଲା ଭାରତର ୬୫୦ଟି ଦେଶୀୟ ରାଜ୍ୟର ଦଶ କୋଟି ଲୋକ ଯେ ବ୍ରିଟିଶ ସରକାର ଭାରତରୁ ଅପସାରିତ ହେଲେ ସୁଦ୍ଧା ପୁଣି ସେହି ଏକଚ୍ଛତ୍ରବର୍ତ୍ତୀ ରାଜା-ମହାରାଜା ଏବଂ ନବାବ-ବାଦସାହଙ୍କ ମନମୁଖୀ ଶାସନର ପାତ୍ର ହୋଇ ରହିବେ, ଏହି ଭାବନା ଏବଂ ଚିନ୍ତା ମୋ ମନକୁ ଅଧିକତର ଦୁଃଖ ଯନ୍ତ୍ରଣା ଦେଲା । ମୁଁ ମନେ ମନେ ପ୍ରତିଜ୍ଞା କରୁଥାଏ ଯେ ଭାରତର, ବିଶେଷତଃ ଓଡ଼ିଶା ଗଡ଼ଜାତର ପ୍ରଜାମାନଙ୍କୁ ରାଜାମହାରାଜାମାନଙ୍କର ଏକଛତ୍ର ଶାସନର ଶିକାର କରାଇ ଦେବିନାହିଁ । ରାଜଶକ୍ତିକୁ ଅଚିରେ ଲୋପ କରିବାକୁ ଦୃଢ଼-ପରିକର ହେଲି ।

ମୁଁ ମୋର ଏହି ଭାବନା ଏବଂ ପ୍ରତିଜ୍ଞା ସାଙ୍ଗ ସାଥୀ ଏବଂ ଅନୁଗାମୀ-ମାନଙ୍କୁ କହୁଥାଏ । ଉପର୍ଯ୍ୟୁକ୍ତ "ଓଡ଼ିଶା ଏବଂ ଛତିଶଗଡ଼ ପ୍ରଜା ସମ୍ମିଳନୀ"ର ସଭ୍ୟମାନଙ୍କୁ ମଧ୍ୟ ଏ ସମ୍ପର୍କରେ ମୋର ମନୋଭାବନା ବ୍ୟକ୍ତ କରୁଥାଏ । ସେତେବେଳକୁ ଉକ୍ତ ସମ୍ମିଳନୀ ବା କାଉନ୍‌ସିଲ୍‌ର ସଭ୍ୟମାନେ ଏ ବିଷୟରେ ୩ଟି ମତରେ ବିଭକ୍ତ ହୋଇଥାନ୍ତି । କେତେକଙ୍କର ମତ ଥିଲା ଯେ ଓଡ଼ିଶାର ଗଡ଼ଜାତମାନେ ଓଡ଼ିଶା ସରକାରଙ୍କ ସଙ୍ଗେ କେତେକ ନିର୍ଦ୍ଦିଷ୍ଟ ବିଷୟରେ ସମ୍ବନ୍ଧ ଏବଂ ସହଯୋଗ ରଖି ଶାସନ ଚଳାଇବା ଉଚିତ ।

Digitized by PPRACHIN, SOA

ବଲାଙ୍ଗୀରର ଶ୍ରୀ କପିଳ ପ୍ରସାଦ ନନ୍ଦ ଏବଂ ରାୟଗଡ଼ର ଶ୍ରୀ ସିଦ୍ଧେଶ୍ୱର ଗୁରୁ ପ୍ରଭୃତି ଏହି ମତ ପୋଷଣ କରୁଥିଲେ । ଏହି ମତବାଦୀଙ୍କୁ ସହଯୋଗୀ ବା Collaborationist କୁହାଯାଉଥାଏ । ଆଉ ଏକ ମତବାଦ କହୁଥିଲେ ଯେ ରାଜାମହାରାଜାମାନଙ୍କୁ ଜମିଦାର ଅବସ୍ଥାରେ ରଖାଯାଉ । ଓଡ଼ିଶାର ରାଜାମାନଙ୍କ ସହିତ କେତେକ ବିଷୟରେ ରାଜିନାମା ହୋଇ ଓଡ଼ିଶା ପ୍ରଦେଶ ସଙ୍ଗେ ଗଡ଼ଜାତମାନଙ୍କର ଏକ ମିଳିତ ସରକାର ଏବଂ ଶାସନ ପ୍ରତିଷ୍ଠିତ ହେଉ । ଓଡ଼ିଶା ସଙ୍ଗେ ଗଡ଼ଜାତମାନଙ୍କର ପୂର୍ଣ୍ଣ ମିଶ୍ରଣରେ ହତାଶ ଏବଂ ନିରାଶ ହୋଇ ଶ୍ରୀ ହରେକୃଷ୍ଣ ମହତାବ ଏବଂ ନୀଳଗିରିର ଶ୍ରୀ କୈଳାସ ଚନ୍ଦ୍ର ମହାନ୍ତି ପରେ ଏହି ମତ ପୋଷଣ କରୁଥିଲେ । ଏଥିପାଇଁ ଡ: ମହତାବ ରାଜନ୍ୟ ମଣ୍ଡଳୀର ତତ୍କାଳୀନ ଚାନ୍‌ସେଲର୍ ଭୋପାଳର ନବାବଙ୍କ ସଙ୍ଗେ ପୂର୍ବୋକ୍ତ ୮ଟି ବିଷୟରେ ଚିଠି ପତ୍ରର ଆଦାନ ପ୍ରଦାନ କରି ଉକ୍ତ ଚିଠି ସବୁ କାଉନ୍‌ସିଲ୍ ହାଉସରେ ଆଗତ କରାଉଥିଲେ । ତୃତୀୟ ମତଟି ହେଉଛି, ରାଜାମାନେ ଗାଦି ଛାଡ଼ିଦିଅନ୍ତୁ, କିମ୍ବା ସେମାନଙ୍କଠାରୁ କ୍ଷମତା ଛଡ଼ାଇ ଅଣାଯାଉ । ଗଡ଼ଜାତଗୁଡ଼ିକ ଓଡ଼ିଶା ସଙ୍ଗେ ପୂରାପୂରି ମିଶାଇ ଦିଆଯାଉ । ଏହି ମତର ପ୍ରବର୍ତ୍ତକ ମୁଁ ଏବଂ ଆହୁରି ଅନେକ କର୍ମୀ ଥିଲୁ । ସମୟେ ସମୟେ ଶ୍ରୀ ସାରଙ୍ଗଧର ଦାସ ଆମର ଏହି ମତକୁ ସମର୍ଥନ କରୁଥିଲେ । କିନ୍ତୁ ଆମ ମତ କାର୍ଯ୍ୟକାରୀ ହୋଇପାରିବ ନାହିଁ ବୋଲି ଆଶଙ୍କା କରି ଶ୍ରୀ ଦାସ ମହତାବ ବାବୁଙ୍କ ଅଷ୍ଟ-ଦଫା ମତକୁ ମଧ୍ୟ ସମୟେ ସମୟେ ଗ୍ରହଣ କରୁଥିଲେ । ଓଡ଼ିଶା ସଙ୍ଗେ ଗଡ଼ଜାତମାନଙ୍କର ସମ୍ପୂର୍ଣ୍ଣ ମିଶ୍ରଣ ସଙ୍ଗେ ମୁଁ ଅତିରିକ୍ତ ପ୍ରସ୍ତାବ ରଖୁଥିଲି ଯେ, ଯେହେତୁ ଗଡ଼ଜାତଗୁଡ଼ିକ ମୋଗଲବନ୍ଦୀ (ଉପକୂଳ ଜିଲ୍ଲା) ଅପେକ୍ଷା ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଇତ୍ୟାଦି କେତେକ ବିଷୟରେ ଅନଗ୍ରସର ଏବଂ ରାଜ-ଶାସନରେ ଥିବାରୁ ମୋଗଲବନ୍ଦୀ ପ୍ରଜାଙ୍କ ଅପେକ୍ଷା କେତେକ ବିଷୟରେ ବିଶେଷ ସୁବିଧା ଭୋଗ କରୁଥିଲେ, ତେଣୁ ମିଶ୍ରଣ ପରେ ଉପରୋକ୍ତ ଅନଗ୍ରସର ବିଷୟମାନଙ୍କରେ ନୂତନ ସୁବିଧା ସୃଷ୍ଟି ସଙ୍ଗେ ଭୋଗ କରୁଥିବା ସୁବିଧା ସୁଯୋଗର ରକ୍ଷା କରିବା ଉଚିତ ।

ଶ୍ରୀ ରାଧାନାଥ ରଥ ଏ ତିନି ମତ ସମ୍ପର୍କରେ ଭଲ-ମନ୍ଦ, କାର୍ଯ୍ୟ-କାରିତା, ବାସ୍ତବତା ଏବଂ ଅବାସ୍ତବତା ବିଷୟ ଉପରେ ବ୍ୟାଖ୍ୟା କରି ସମସ୍ତଙ୍କୁ ଏକମତବାଦୀ ହେବାକୁ ବୁଝାଉଥାନ୍ତି ।

Digitized by PPRACHIN, SOA

ମୁଁ ୫ ବର୍ଷ ପର୍ଯ୍ୟନ୍ତ ଜେଲରେ ଥିବାରୁ ଉକ୍ତ କାଉନସିଲ୍ ବା ସମ୍ମିଳନୀର ସଭ୍ୟ ନ ଥିଲି । ତେଣୁ ମୋ ବିରୋଧରେ ଥିବା ଓ୍ୟାରେଣ୍ଟ ରଦ୍ଦ ହେବା ପରେ ସମ୍ମିଳନୀର ସ୍ଥାୟୀ ନିମନ୍ତ୍ରିତ ସଭ୍ୟ ହିସାବରେ କାଉନ୍‌ସିଲ୍‌ର ସଭା-ବୈଠକମାନଙ୍କରେ ଯୋଗ ଦେଉଥିଲି । ସେହି ସଭାସମିତିମାନଙ୍କରେ ପ୍ରଥମ ଦୁଇଟି ମତ ଖଣ୍ଡନ କରି ମୋର ମତକୁ ଜୋରଦାର ଯୁକ୍ତି ସହିତ ଉପସ୍ଥାପିତ କରୁଥିଲି । ଯୁକ୍ତି ଦେଖାଇ କହୁଥିଲି ଯେ ରାଜାମାନେ କ୍ଷମତା ନ ଛାଡ଼ିଲେ ସେମାନଙ୍କୁ ସବଂଶରେ ନିପାତ କରି ସେମାନଙ୍କର ରାଜ୍ୟଗୁଡ଼ିକୁ ଓଡ଼ିଶା ସଙ୍ଗେ ମିଶାଇ ବିଶାଳ ଉତ୍କଳ ଗଠନପୂର୍ବକ ବିଶାଳ ଭାରତ ନିର୍ମାଣରେ ଓଡ଼ିଶା ପଥପ୍ରଦର୍ଶକ ହେଉ । ଏହି ମତ ନିମନ୍ତେ ମୁଁ ଜନସାଧାରଣ ଏବଂ ସମ୍ମିଳନୀର ଅନେକ ବନ୍ଧୁଙ୍କର ଆନ୍ତରିକ ସମର୍ଥନ ପାଉଥିଲି ।

ମୋ କଥା କେହି ଶୁଣନ୍ତୁ ବା ନ ଶୁଣନ୍ତୁ, ସମ୍ମିଳନୀରେ ମୋ ମତ ଗୃହୀତ ହେଉ ବା ନ ହେଉ, ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠନ ଉଦ୍ଦେଶ୍ୟରେ ସଶସ୍ତ୍ର ସ୍ୱେଚ୍ଛା-ସେବକବାହିନୀ ପ୍ରଥମେ ତାଳଚେରରୁ ଖୋଲାଖୋଲି ଭାବେ ସଂଗଠିତ କରିଦେଲି । ତାଳଚେରର ସ୍ୱେଚ୍ଛା-ସେବକବାହିନୀ ସଂଖ୍ୟା ଥିଲା ଅନ୍ୟୂନ ୨୦ ହଜାର । ତାଳଚେର ଆଦର୍ଶ ଏବଂ ପ୍ରଭାବରେ ଢେଙ୍କାନାଳରେ ପ୍ରାୟ ୩୦।୩୫ ହଜାର ଏବଂ ଅନ୍ୟାନ୍ୟ ଗଡ଼ଜାତମାନଙ୍କରେ ଯଥା—ପାଲ୍‌ଲହଡ଼ା, ଆଠମଲ୍ଲିକ, ହିନ୍ଦୋଳ, ଆଠଗଡ଼, ତିଗିରିଆ, ନରସିଂହପୁର, ନୀଳଗିରି, ନୟାଗଡ଼, ଖଣ୍ଡପଡ଼ା, ରଣପୁର, ସୋନପୁର ଏବଂ ବୌଦ ଓଗେରରେ ସଂଗଠିତ ସ୍ୱେଚ୍ଛା-ସେବକଙ୍କ ସଂଖ୍ୟା ମିଶାଇ ମୋଟରେ ପ୍ରାୟ ୨।୨୫ ଲକ୍ଷ ପ୍ରସ୍ତୁତ ହୋଇଗଲେ । ପ୍ରତ୍ୟେକ ସ୍ୱେଚ୍ଛା-ସେବକଙ୍କ ମୁଣ୍ଡରେ ଗୋଟିଏ ଗାନ୍ଧୀ-ଟୋପି, କାନ୍ଧରେ ଦଉଡ଼ି ଏବଂ ହାତରେ ମଜବୁତ୍ ଲାଠି ଥିଲା । ଢେଙ୍କାନାଳ ଜିଲ୍ଲାର ନାନା ସ୍ଥାନରେ ଏହିପରି ଲକ୍ଷାଧିକ ସ୍ୱେଚ୍ଛା-ସେବକଙ୍କୁ ପରିଚାଳନା କରାଇ ମୁଁ ଏବଂ ମୋର କେତେକ ସହକର୍ମୀ ନେତୃତ୍ୱ ନେଉଥିଲୁ । ଢେଙ୍କାନାଳ ବ୍ୟତୀତ ଅନ୍ୟାନ୍ୟ ଗଡ଼ଜାତରେ ଏହି ସ୍ୱେଚ୍ଛାସେବକମାନଙ୍କୁ ପରିଚାଳନା କରାଇବାରେ ମୁଁ ଉପଦେଷ୍ଟା ଥିଲି । ଜନତାର ଲହରି ଏବଂ ସ୍ୱେଚ୍ଛା-ସେବକମାନଙ୍କର ପରିଚାଳନା ସ୍ରୋତ ମଧ୍ୟରେ 'ରାଜଗାଦି ଛାଡ', 'ଲୋକ ପ୍ରତିନିଧି ଶାସନ ସ୍ଥାପନ କର', 'ଆମେ ଓଡ଼ିଶା ସଙ୍ଗେ ମିଶିବୁ', 'ବିଶାଳ ଉତ୍କଳ ସୃଷ୍ଟି କରିବୁ', 'ବିଶାଳ ଭାର-

Digitized by PPRACHIN, SOA

ତର ପଥ-ପ୍ରଦର୍ଶକ ହେବୁ' ଇତ୍ୟାଦି ଧ୍ୱନିଦ୍ୱାରା ଗଗନ ପବନ ପ୍ରକମ୍ପିତ ହେଉଥିଲା । ମୋର ପ୍ରତ୍ୟେକ ବକ୍ତୃତାର ସାର ମର୍ମ ଉପର୍ଯ୍ୟୁକ୍ତ ଧ୍ୱନି ଅନୁରୂପ ଥିଲା । କିନ୍ତୁ ମୁଁ ଆଉ ଟିକିଏ ଅଧିକ ଉଗ୍ର ହୋଇ କହୁଥିଲି ଯେ, ଯେଉଁ ରାଜା ମହାରାଜାମାନେ ଗାନ୍ଧୀ ନ ଗ୍ରହ ଜନତାକୁ ଏବଂ ପ୍ରଜାମଣ୍ଡଳ ସ୍ୱେଚ୍ଛା-ସେବକ, କର୍ମୀ ଓ ନେତାଙ୍କୁ ଗିରଫ୍ତାର କରିବେ କିମ୍ବା ଦମନ କରିବେ ଆମେ ଉକ୍ତ ରାଜାଙ୍କୁ ସବଂଶେ ବିନାଶ କରିବୁ । ପୂର୍ବ ଗଡ଼ଜାତ-ମାନଙ୍କର ଯୁଗ୍ମ ବା ମିଳିତ ପୋଲିସ ବାହିନୀ (The Eastern States Joint Police Force), ସାଧାରଣ ପୋଲିସ ଏବଂ କର୍ମଚାରୀଙ୍କୁ ମଧ୍ୟ ଆହ୍ୱାନ ଦିଆଗଲା ଯେ ସେମାନେ ରାଜଶାସନକୁ ସମର୍ଥନ ନ କରି ପ୍ରଜାମଣ୍ଡଳ ଶକ୍ତି ଓ ଶାସନକୁ ସମର୍ଥନ କରନ୍ତୁ । ଏପରି ହେଲା ଯେ, କେତେକ ଷ୍ଟେଟରେ କର୍ମଚାରୀ କଚେରୀକୁ ଗଲେନାହିଁ । ଅନ୍ୟ କେତେକ ଷ୍ଟେଟରେ କର୍ମଚାରୀ-ମାନେ କଚେରୀରେ କେବଳ ହାଜରୀ ପକାଇ ହାତ ବାନ୍ଧି ବସିଥାନ୍ତି । ଏହାର ଫଳରେ ପ୍ରଥମେ ରାଜା ଓ ତାପରେ ରାଜନୈତିକ ବିଭାଗ ସମ୍ପୂର୍ଣ୍ଣ ରୂପେ ଭୟଭୀତ (demoralised) ହୋଇଗଲେ । ପ୍ରଲୋଭନ ସ୍ୱରୂପ ରାଜାମାନେ ଲୋକମତଭିତ୍ତିକ ମନ୍ତ୍ରୀମଣ୍ଡଳ ସୃଷ୍ଟି କଲେ । ଆମେ ତାହା ଗ୍ରହଣ କଲୁନାହିଁ ।

ସେହି ସମୟକୁ ସ୍ୱାଧୀନତା ଆସିଗଲାଣି । କେନ୍ଦ୍ରରେ କଂଗ୍ରେସ ମନ୍ତ୍ରୀ-ମଣ୍ଡଳ ଉପରେ ଭାରତବର୍ଷର ଶାସନଭାର ନ୍ୟସ୍ତ ହୋଇଥାଏ । ପଣ୍ଡିତ ନେହେରୁ ପ୍ରଧାନ ମନ୍ତ୍ରୀ ଓ 'ସର୍ଦ୍ଦାର ବଲ୍ଲଭଭାଇ ପଟେଲ ସ୍ୱରାଷ୍ଟ୍ର ବିଭାଗ ସହିତ ଉପ-ପ୍ରଧାନମନ୍ତ୍ରୀ ହୋଇଥାନ୍ତି । ଗାନ୍ଧୀଜୀ ତ କୌଣସି କ୍ଷମତାରେ ନ ଥାନ୍ତି ; ସେ ଜାତିର ପିତା ହିସାବରେ ସର୍ବୋଚ୍ଚ ଉପଦେଷ୍ଟା ଓ ନିୟାମକ ଭାବରେ ରହିବାର କଥା । ତେଣୁ ସେ ସେହିପରି ଭାବରେ ଥାନ୍ତି । କଂଗ୍ରେସ ତଥା କଂଗ୍ରେସ ନେତୃବୃନ୍ଦ ଓ ଅନ୍ୟାନ୍ୟ ଦଳର ନେତୃବୃନ୍ଦ ଦେଶକୁ ସଜାଡ଼ିବାରେ, ସମ୍ବିଧାନ ତିଆରି କରିବାରେ ମଗ୍ନ ଥାନ୍ତି । ସ୍ୱାଧୀନତା ପ୍ରାପ୍ତି ଯୋଗୁଁ ତ ସମସ୍ତେ ଆନନ୍ଦରେ ବିଭୋର । କ୍ଷମତା ଲାଳସାକୁ ମେଣ୍ଟାଇବା ପାଇଁ କିଏ କେଉଁ ସ୍ଥାନ ଏବଂ ଆସନରେ ରହିବ ସେଥିପାଇଁ ଧରାଧରି ଏବଂ ଚକ୍ରାନ୍ତରେ ଲିପ୍ତ । ତେଣେ ଜୁନାଗଡ଼ ଭାରତରେ ରହିବ କି ନାହିଁ, ହାଇଦ୍ରାବାଦ୍ ପ୍ରଭୃତି ବଡ଼ ବଡ଼ ରାଜ୍ୟଗୁଡ଼ିକ କ'ଣ କରିବେ, ସେଥିରେ ନେତାମାନେ ସନ୍ଦିଗ୍ଧ ଥାନ୍ତି । କିନ୍ତୁ ସମସ୍ତ ପ୍ରକାର ପ୍ରାକୃତିକ ସୌନ୍ଦର୍ଯ୍ୟ

Digitized by PPRACHIN, SOA

ଓ ସମ୍ପଦରେ ପରିପୂର୍ଣ୍ଣ ଭାରତବର୍ଷର ଏକତୃତୀୟାଂଶ ଅଞ୍ଚଳର ୧୦ କୋଟି ଗଡ଼ଜାତବାସୀଙ୍କର ଗଣତନ୍ତ୍ର ଶାସନ ଉପଭୋଗ କିମ୍ବା ବିଶାଳ ଭାରତ ସୃଷ୍ଟି ପାଇଁ ଚିନ୍ତା ଏବଂ କାର୍ଯ୍ୟ ସତେ ଯେପରି ପଛକୁ ପଡ଼ିଯାଉଛି— ଏହିପରି ଅବସ୍ଥା ହୋଇଗଲା । ଅବଶ୍ୟ ନି. ଭା. ଗ. ପ୍ର. ସମ୍ମିଳନୀ ମାମୁଲି ଭାବେ ସମୟେ ସମୟେ କେବଳ ପ୍ରସ୍ତାବ ପାସ କରି ସନ୍ତୁଷ୍ଟ ହୋଇ ଥାନ୍ତି ।

ଓଡ଼ିଶା ତଥା ଭାରତବର୍ଷର ଏପରି ରାଜନୈତିକ ଅବସ୍ଥାରେ ଆମେ ଢେଙ୍କାନାଳ ଜିଲ୍ଲାରେ ପ୍ରଥମେ ବିରାଟ ସ୍ୱେଚ୍ଛା-ସେବକ ବାହିନୀକୁ ନେଇ ହଠାତ୍ ଗୋଟିଏ ବାତାବରଣ ସୃଷ୍ଟି କଲୁ । ଅନ୍ୟ ଭାଷାରେ ଏହି ବାତାବରଣକୁ ହିଂସା ବୋଲି କୁହାଯାଇପାରେ । ତାଳଚେର-ଢେଙ୍କାନାଳର ହାଓ୍ୱା ପୂର୍ବୋକ୍ତ ସମସ୍ତ ଗଡ଼ଜାତରେ ଖେଳିଗଲା । ଫଳରେ ଓଡ଼ିଶାର ରାଜା ମହାରାଜାମାନେ ଶାସନ ପରିଚାଳନା ତ ଦୂରର କଥା ନିଜ ନିଜ ଜୀବନ ରକ୍ଷାର ପ୍ରମାଦ ଗଣିଲେ । ସେମାନେ ଉଦ୍‌ବ୍ୟସ୍ତ ଏବଂ ଆତଙ୍କିତ ହୋଇ ଗାନ୍ଧୀଜୀଙ୍କର ଉପଦେଶପ୍ରାପ୍ତି ବାହାନାରେ (ଉଦ୍ଦେଶ୍ୟରେ) ତାଙ୍କ-ଠାରେ ଶରଣ ପଶିଲେ । ସେମାନେ (ରାଜାମାନେ) ଆପତ୍ତି କଲେ ଯେ, ଓଡ଼ିଶାର କଂଗ୍ରେସ ଉପଦିଷ୍ଟ ଏବଂ ପରିଚାଳିତ ଗଡ଼ଜାତ ପ୍ରଜାମଣ୍ଡଳ-ଗୁଡ଼ିକ ହିଂସାନୀତି ଅବଲମ୍ବନ କରି ସେମାନଙ୍କୁ (ରାଜା-ମହାରାଜାଙ୍କୁ) ସବଂଶେ ନିପାତ କରିବାକୁ ଉଦ୍ୟତ । ସେମାନେ ପୁଣି ଦର୍ଶାଇଲେ ଯେ, ଗାନ୍ଧୀଜୀଙ୍କ ନେତୃତ୍ୱରେ ଯେଉଁ କଂଗ୍ରେସ ଅହିଂସ ନୀତି ଅବଲମ୍ବନ କରି ଆଜି ଭାରତକୁ ସ୍ୱାଧୀନତା ଆଣିଦେଲା, ସେହି କଂଗ୍ରେସଦ୍ୱାରା ଉପଦିଷ୍ଟ ଏବଂ ନିର୍ଦ୍ଦେଶିତ ଓଡ଼ିଶା ଗଡ଼ଜାତର ପ୍ରଜାମଣ୍ଡଳଗୁଡ଼ିକ ଶ୍ରୀ ପବିତ୍ରମୋହନ ପ୍ରଧାନଙ୍କ ନେତୃତ୍ୱରେ ରକ୍ତପିପାସୁ ହୋଇ ରାଜା ଏବଂ ତାଙ୍କ ପକ୍ଷର ଲୋକମାନଙ୍କୁ ସବଂଶେ ବିନାଶ କରିବାକୁ ଲକ୍ଷ ଲକ୍ଷ ଲଠିଧାରୀ ସ୍ୱେଚ୍ଛା-ସେବକଙ୍କୁ ନେଇ ଯୁଦ୍ଧ ପାଇଁ ଡାକରା ଦେଇ ଦେଶୀୟ ରାଜ୍ୟଗୁଡ଼ିକର ଶାସନକଳକୁ କାବୁ କରି ଦେଇଛନ୍ତି ! ଏହିପରି କହି ସେମାନେ, କଂଗ୍ରେସ, ହିଂସାବାଦୀ ଏବଂ ସନ୍ତ୍ରାସବାଦୀ ହୋଇଗଲା ବୋଲି ଆରୋପ କରି ଆମ୍ଭ ଗଡ଼ଜାତ କର୍ମୀବୃନ୍ଦଙ୍କୁ କମ୍ୟୁନିଷ୍ଟ ଆଖ୍ୟା ଦେଲେ । ଗାନ୍ଧୀଜୀ ଅବଶ୍ୟ ଏଥିରେ ବିଚଳିତ ହେବାର କଥା । ଓଡ଼ିଶାର ରାଜା-ମହାରାଜାମାନଙ୍କଠାରୁ ଏପରି ଆପତ୍ତି ଅଭିଯୋଗ ଶୁଣି ଏବଂ ଭାରତବର୍ଷରେ ଅନ୍ୟ ଅଞ୍ଚଳ-ମାନଙ୍କରେ ବହୁତ ସଂଖ୍ୟାରେ ଏତେ ଶ୍ରେଷ୍ଠ ବଡ଼ ଗଡ଼ଜାତ ଥିବା ସତ୍ତ୍ୱେ,

Digitized by PPRACHIN, SOA

ଏବଂ ଉକ୍ତ ଗଡ଼ଜାତମାନଙ୍କର ପ୍ରଜାମଣ୍ଡଳ ଓ କଂଗ୍ରେସ ଅନୁଷ୍ଠାନମାନ ସର୍ବଭାରତୀୟ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କଦ୍ୱାରା ଉପଦିଷ୍ଟ ଓ ପରିଗୃହୀତ ହେଉଥିଲେ ମଧ୍ୟ, ସେହି ଦେଶୀୟ ରାଜ୍ୟମାନଙ୍କରେ ଏପରି ଗଣ-ଆନ୍ଦୋଳନ ନ ହୋଇ ଓଡ଼ିଶାରେ ହୋଇଛି ଭାବି ଗାନ୍ଧୀଜୀ ମନେ ମନେ ଅତ୍ୟନ୍ତ ତୁଷ୍ଟ ଏବଂ ଆଶାନ୍ୱିତ ହେଲେ, ଯଦିଓ ଆମ୍ଭମାନଙ୍କ ହିଂସାତ୍ମକ ଆଭିମୁଖ୍ୟ ଯୋଗୁଁ ସେ ବିରକ୍ତ ହୋଇ ଆପତ୍ତିକାରୀ ଶରଣପ୍ରାର୍ଥୀ ରାଜାମାନଙ୍କୁ ଆଶ୍ୱାସନା ଦେଲେ ଯେ, ସେ ଏକଥା ସର୍ଦ୍ଦାର ପଟେଲ ତଥା କଂଗ୍ରେସ ସଙ୍ଗେ ଆଲୋଚନା କରି ତାଙ୍କର ମତ କିମ୍ବା ଉପଦେଶ ଦେବେ । ଏହି ବିଚାର ପାଇଁ ଗାନ୍ଧୀଜୀ ଦିନେ ଦୁଇଦିନ ସମୟ ନେଲେ ।

ଇତି ମଧ୍ୟରେ ଗାନ୍ଧୀଜୀ ସର୍ଦ୍ଦାର ପଟେଲ ଏବଂ କଂଗ୍ରେସ ସଭାପତିଙ୍କ ସଙ୍ଗେ ଓଡ଼ିଶା ରାଜାମାନଙ୍କର ଆପତ୍ତି ସମ୍ପର୍କରେ ଆଲୋଚନା କଲେ । ଓଡ଼ିଶାର ୨୬ଟି ଗଡ଼ଜାତର ରାଜାମାନେ ଆତଙ୍କିତ, ଭଗ୍ନୋତ୍ସାହ (demoralised) ଏବଂ ହତାଶ ହୋଇ ଗାନ୍ଧୀଜୀ ତଥା କଂଗ୍ରେସର ଶରଣାଗତ ହୋଇଛନ୍ତି—ଏହା କଂଗ୍ରେସର ନେତୃବୃନ୍ଦ, ଅର୍ଥାତ୍ ଗାନ୍ଧୀଜୀ ଏବଂ ଭାରତ ଶାସନରେ ଥିବା ସର୍ଦ୍ଦାର ପଟେଲ ଓ ପଣ୍ଡିତ ନେହେରୁ ପ୍ରଭୃତି ବୁଝି-ପାରିଛନ୍ତି । ସେମାନେ ହୃଦୟଙ୍ଗମ କରି ପାରିଲେ ଯେ, ବିଶାଳ ଭାରତ ଗଢ଼ିବା ପାଇଁ ଓଡ଼ିଶା ଗଡ଼ଜାତର ନେତା ଓ କର୍ମୀମାନେ ହିଁ ନେତୃତ୍ୱ ଦେଇ ପଥପ୍ରଦର୍ଶକ ହୋଇଛନ୍ତି । ଏ ଅବସ୍ଥାର ସୁଯୋଗ ନେଇ ଗାନ୍ଧୀଜୀ ରାଜା-ମହାରାଜାଙ୍କୁ ତାଙ୍କ ପରାମର୍ଶ ଦେଇ କହିଲେ ଯେ, ଓଡ଼ିଶାରେ ଓଡ଼ିଶା କଂଗ୍ରେସର ଲୋକେ ହିଂସା-ଆଚରଣ କରିବାର କୌଣସି ପ୍ରମାଣ ନାହିଁ । ପ୍ରଜାମଣ୍ଡଳମାନେ କଂଗ୍ରେସ ନୁହନ୍ତି, କିମ୍ବା ଶ୍ରୀ ପବିତ୍ରମୋହନ ପ୍ରଧାନ କଂଗ୍ରେସର ଜିଲ୍ଲା, ପ୍ରଦେଶ କିମ୍ବା ନି: ଭା: ରାଷ୍ଟ୍ରୀୟ କମିଟିର ସଭ୍ୟ ନୁହନ୍ତି । ତେଣୁ ରାଜା-ମହାରାଜାମାନଙ୍କର କଂଗ୍ରେସ ବିରୋଧରେ ହିଂସା ଆଚରଣ ବା ପ୍ରୋତ୍ସାହନ ଅଭିଯୋଗ ସତ୍ୟ ନୁହେ । କିନ୍ତୁ ଗାନ୍ଧୀଜୀ ଏତିକି କହିଲେ ଯେ, ଯେହେତୁ ସର୍ଦ୍ଦାର ପଟେଲ ସ୍ୱରାଷ୍ଟ୍ର ବିଭାଗର ମନ୍ତ୍ରୀ ହିସାବରେ ଅଛନ୍ତି, ତେଣୁ ପଡ଼ୋଶୀ ରାଜ୍ୟର ଶାସକ ହିସାବରେ ଏ ବିପଦ ସମୟରେ ତାଙ୍କର ରାଜା-ମହାରାଜାମାନଙ୍କୁ ଯେଉଁ ପରିମାଣ ଏବଂ ପ୍ରକାରରେ ସାହାଯ୍ୟ କରିବାର କଥା, ସେ (ଶ୍ରୀ ପଟେଲ) ତାହା କରିବେ । ସେଥିପାଇଁ ସର୍ଦ୍ଦାର ପଟେଲଙ୍କ ସଙ୍ଗେ ରାଜାମାନେ ଆଲୋଚନା କରନ୍ତୁ ବୋଲି ଉପଦେଶ ଦେଲେ । ଧରି

Digitized by PPRACHIN, SOA

ନେବାକୁ ହେବ ଯେ, ଗାନ୍ଧୀଜୀ ସର୍ଦ୍ଦାର ପଟେଲଙ୍କୁ ରାଜାମାନଙ୍କର ଦୟନୀୟ ଅବସ୍ଥା ବର୍ଣ୍ଣନା ସଙ୍ଗେ ସଙ୍ଗେ ଏ ସୁଯୋଗରେ ଜାତୀୟ-ରାଜନୈତିକ ସୁବିଧା ନେବାକୁ ଅବଶ୍ୟ ପରାମର୍ଶ ଦେଇଥିବେ। ରାଜା ମହାରାଜାମାନଙ୍କର ସର୍ଦ୍ଦାର ପଟେଲଙ୍କ ସଙ୍ଗେ ଆଲୋଚନାରୁ କୌଣସି ନିର୍ଦ୍ଦିଷ୍ଟ ରକ୍ଷା-କବଚ ମିଳିଲା ନାହିଁ। ରାଜା ମହାରାଜାମାନେ ସର୍ଦ୍ଦାର ପଟେଲ ଏବଂ ଗାନ୍ଧୀଜୀଙ୍କ ସହିତ ପୁଣି ମିଳିତ ଆଲୋଚନା କଲେ। ଆଲୋଚନା ବେଳେ ଗାନ୍ଧୀଜୀ ଏବଂ ସର୍ଦ୍ଦାର ପଟେଲଙ୍କର ହୃଦ୍‌ବୋଧ ହେଲା ଯେ, ପ୍ରଜାମଣ୍ଡଳ କର୍ମୀ ଏବଂ ନେତା-ମାନେ ପୂରା ଗଣତନ୍ତ୍ର ଶାସନ ନିମନ୍ତେ ଇଚ୍ଛା ଏବଂ ଦାବୀ କରି ଆନ୍ଦୋଳନ କରୁଛନ୍ତି। ରାଜାମାନେ ତାହା ନ ଦେବାରୁ ପ୍ରଜାମାନେ ପ୍ରଜାମଣ୍ଡଳମାନଙ୍କ ନେତୃତ୍ୱରେ ବଳ ପ୍ରୟୋଗ କରି ସର୍ବାଙ୍ଗୀନ ଲୋକମତ ଶାସନ ପ୍ରତିଷ୍ଠା ପାଇଁ ସଂଗଠିତ ଏବଂ ଦୃଢ଼ପରିକର ଭାବେ ଉଦ୍ୟତ ହୋଇଛନ୍ତି। ଏଥିରେ ତ ପ୍ରଜାମଣ୍ଡଳ ଏବଂ ନେତା ଓ କର୍ମୀମାନଙ୍କର ଦୋଷ ନାହିଁ ବୋଲି ସେ ଦୁହେଁ କହିଲେ। ସର୍ଦ୍ଦାର ପଟେଲ ରାଜାମାନଙ୍କୁ କହିଲେ ଯେ, ଯଦି ଗଣତନ୍ତ୍ର ପ୍ରାପ୍ତି ଉଦ୍ଦେଶ୍ୟରେ ଗଡ଼ଜାତର ପ୍ରଜାମଣ୍ଡଳ ଓ ତାର କର୍ମୀମାନେ ହିଂସା ଆଚରଣ କରୁଛନ୍ତି ବୋଲି ରାଜାମାନଙ୍କର ଆପତ୍ତି ହେଉଛି, ତେବେ ଗଣତନ୍ତ୍ର-ଶାସନ ଦେଇଦେଲେ ତ କାମ ଛିଣ୍ଡିବ, ହିଂସା ବନ୍ଦ ହୋଇଯିବ ଏବଂ ରାଜାମାନେ ନିର୍ବିଘ୍ନ ଓ ନିରାପଦରେ ରହିବେ! ତେଣୁ ରାଜାମାନେ ପ୍ରଜାମାନଙ୍କୁ ଗଣତନ୍ତ୍ର ଶାସନ ଦେଇଦିଅନ୍ତୁ ବୋଲି ସେ ଉପଦେଶ ଦେଲେ। ସର୍ଦ୍ଦାର ପଟେଲ ପୁଣି କହିଲେ ଯେ, କଂଗ୍ରେସର ଲକ୍ଷ୍ୟ ଥିଲା ଇଂରେଜଙ୍କଠାରୁ ଗଣତନ୍ତ୍ରମୂଳକ ସ୍ୱାଧୀନତା ପ୍ରାପ୍ତି। ଏଥିପାଇଁ କଂଗ୍ରେସ ଆନ୍ଦୋଳନ କରି ସ୍ୱାଧୀ-ନତା ପାଇଲା। ଗଡ଼ଜାତର ପ୍ରଜାମାନେ ଯଦି ଲୋକତନ୍ତ୍ରଭିତ୍ତିକ ସ୍ୱାଧୀନତା ଦାବୀ କରି ତାହା ପାଇବାରେ ହତାଶ ହୋଇ ଆନ୍ଦୋଳନ ଚଳାନ୍ତି, ତେବେ ଉକ୍ତ ଆନ୍ଦୋଳନକୁ ଦବାଇବା କଂଗ୍ରେସ କିମ୍ବା କଂଗ୍ରେସ ସରକାର ପକ୍ଷେ ନୀତି ଏବଂ ଧର୍ମବିରୋଧୀ ହେବ। ରାଜାମାନେ ପ୍ରଜାଙ୍କୁ ସ୍ୱାଧୀନତା ଦେଇ ଦିଅନ୍ତୁ। ସ୍ୱାଧୀନତା ପାଇବାରେ ହତାଶ ହୋଇ ଯଦି ପ୍ରଜାମାନେ କୌଣସି ପ୍ରକାର ଆନ୍ଦୋଳନ କରନ୍ତି ତେବେ ପ୍ରଜାଙ୍କର ଦୋଷ କିପରି ହେବ? ଯାହାଙ୍କଠାରେ ସ୍ୱାଧୀନତା ଏବଂ ଗଣତନ୍ତ୍ର ପ୍ରଦାନ କରିବାର ବର୍ତ୍ତମାନ କ୍ଷମତା ଅଛି ସେ ଯଦି ଉକ୍ତ କ୍ଷମତା ହସ୍ତାନ୍ତର ନ କରନ୍ତି, ଦୋଷ ତାଙ୍କର ହେବ; ପ୍ରଜା କିମ୍ବା ପ୍ରଜାମଣ୍ଡଳର ହେବ ନାହିଁ। ସର୍ଦ୍ଦାର ପଟେଲ ପୁଣି

Digitized by PPRACHIN, SOA

କହିଲେ ଯେ ପଡ଼ୋଶୀ ରାଜ୍ୟର ଶାସକ ହିସାବରେ ନୀତି ଅନୁସାରେ ସେ ରାଜାମାନଙ୍କୁ ସିନା ରକ୍ଷା କରିବେ, କିନ୍ତୁ ରାଜାମାନଙ୍କର ରାଜ୍ୟ ଭିତରେ ଯଦି ହିଂସାନୀତି ଅବଲମ୍ବନ କରି ପ୍ରଜାମଣ୍ଡଳମାନେ ଗଣତନ୍ତ୍ର ପ୍ରତିଷ୍ଠା କରନ୍ତି, ତେବେ କଂଗ୍ରେସ କିମ୍ବା ଭାରତ ସରକାର କିଛି କରିପାରିବେ ନାହିଁ, ରାଜାମାନଙ୍କୁ ବିପତ୍ତିରୁ ରକ୍ଷା କରି ପାରିବେ ନାହିଁ । ଏହା ଶୁଣି ରାଜାମାନେ ହତାଶ ଏବଂ ନିରାଶ ହେଲେ ।

ରାଜା ମହାରାଜାମାନଙ୍କର ଏ ଦୟନୀୟ ଅବସ୍ଥା ହୃଦ୍‌ବୋଧ କରି ଏବଂ ଗଡ଼ଜାତମାନଙ୍କୁ ମିଶାଇ ଏକ ବିଶାଳ ଭାରତ ନିର୍ମାଣ କରିବା ଦିଗରେ ଓଡ଼ିଶାର ପ୍ରଜାମଣ୍ଡଳମାନେ ଜାତୀୟତାର ମହତ୍‌ ଉପକାର କରିଛନ୍ତି ବୋଲି ଉପଲବ୍ଧି କରି ସର୍ଦ୍ଦାର ପଟେଲ ଗାନ୍ଧୀଜୀଙ୍କ ସଙ୍ଗେ ପରାମର୍ଶ କରି ରାଜା ମହାରାଜାମାନଙ୍କୁ ନିମ୍ନମତେ ପରାମର୍ଶ ଦେଲେ :

"ଆପଣମାନେ ଯଦି ଚାହୁଁଛନ୍ତି ଯେ ଭାରତ ସରକାର ଆପଣମାନଙ୍କର ରାଜ୍ୟ ଭିତରେ ହିଂସାବାଦୀ ପ୍ରଜାମଣ୍ଡଳ ତଥା ତାଙ୍କ ନେତୃବୃନ୍ଦଙ୍କର ଧ୍ୱଂସାତ୍ମକ କାର୍ଯ୍ୟରୁ ଆପଣମାନଙ୍କୁ ରକ୍ଷା କରିବେ, ତେବେ ଭାରତ ସରକାରଙ୍କୁ ଆପଣଙ୍କ ରାଜ୍ୟ ଭିତରକୁ ଶାସକ ହିସାବରେ ଯିବାର ସ୍ୱୀକୃତି ଦିଅନ୍ତୁ । ଅନ୍ୟ ଭାଷାରେ କହିବାକୁ ଗଲେ ଆପଣମାନେ (ରାଜାମାନେ) ଯଦି ନିଜ ନିଜ ରାଜ୍ୟ-ଶାସନର ଭାର ଭାରତ ସରକାରଙ୍କ ହାତରେ ଅସ୍ଥାୟୀ ଭାବେ ଅର୍ପଣ କରିଦେବେ, ତେବେ ଭାରତ ସରକାର ତାଙ୍କର ବିପୁଳ ଶକ୍ତି ପ୍ରୟୋଗ କରି ରାଜ୍ୟ ଭିତରେ ଘଟୁଥିବା କିମ୍ବା ଘଟିବାକୁ ଯାଉଥିବା ହିଂସାତ୍ମକ କାର୍ଯ୍ୟରୁ ଆପଣମାନଙ୍କୁ ତଥା ଶାସନକୁ ରକ୍ଷା କରିବେ । ସ୍ଥାୟୀ ଭାବେ କ୍ଷମତା ଅର୍ପଣ ବ୍ୟବସ୍ଥା କଲେ ଆପଣମାନେ ରାଜା ହିସାବରେ ରହି ସମସ୍ତ ପଦମର୍ଯ୍ୟାଦା, ଆସନ, ଭତ୍ତା, ସମ୍ପତ୍ତି-ବାଡ଼ି ଓ ସୁଖ-ସୁବିଧା ପାଇବେ ; କିନ୍ତୁ ଶାସନ ଚଳାଇବେ ନାହିଁ । ତାହା (ଶାସନ) ଭାରତ ସରକାର ଚଳାଇବେ । ଏ କଥା ମନକୁ ପାଇଲେ ଆପଣମାନେ ସ୍ୱୀକୃତି ଦିଅନ୍ତୁ । ଭାରତ ସରକାର ତଥା କଂଗ୍ରେସ ଆପଣମାନଙ୍କୁ ଧ୍ୱଂସମୁଖରୁ ରକ୍ଷା କରି ପାରିବ ।"

ଉପର୍ଯ୍ୟୁକ୍ତ ମର୍ମରେ ଉଭୟ ଗାନ୍ଧୀଜୀ ଏବଂ ସର୍ଦ୍ଦାର ପଟେଲ ଯେଉଁ ପ୍ରସ୍ତାବ ଓଡ଼ିଶାର ରାଜା ମହାରାଜାମାନଙ୍କ ଆଗରେ ଥୋଇଲେ, ସେଥିରେ ସେମାନେ (ରାଜାମାନେ) ବଡ଼ ମାନସିକ ଦ୍ୱନ୍ଦ୍ୱରେ ବା ଉଭୟ ବିପତ୍ତିରେ

Digitized by PPRACHIN, SOA

ପଡ଼ିଲେ। ଉକ୍ତ ପ୍ରସ୍ତାବକୁ ଗ୍ରହଣ କଲେ ରାଜ-କ୍ଷମତା ଯିବ, ଗ୍ରହଣ ନ କଲେ ଜୀବନ ଯିବ।

ବହୁ ଆଲୋଚନା, ବିତର୍କ ଏବଂ ପରାମର୍ଶରେ ରାଜାମାନେ ହୃଦ୍‌ବୋଧ କଲେ ଯେ, ଯଦି ଉକ୍ତ ପ୍ରସ୍ତାବକୁ ଗ୍ରହଣ କରା ନ ଯିବ ତେବେ ଯେତେ-ବେଳେ ପ୍ରଜା-ଶାସନ ହେବ ସେତେବେଳେ ପ୍ରଜାମାନେ ତାଙ୍କୁ ସବଂଶେ ମାରି ପକାଇବେ, କିମ୍ବା ସେମାନେ(ରାଜାମାନେ) ପ୍ରଜା-ଶାସନର କୃପା-ପାତ୍ର ହୋଇ ଜୀବନଯାପନ କରିବେ। କିନ୍ତୁ ଯଦି ପ୍ରସ୍ତାବ ଗ୍ରହଣ କରାଯିବ, ତେବେ ନିଜର ଏବଂ ନିଜ ପରିବାରବର୍ଗଙ୍କର ସ୍ୱାର୍ଥ ଓ ସମ୍ମାନ ରକ୍ଷାପୂର୍ବକ ନିଜ ସାଙ୍ଗ-ସାଥୀ, ସମର୍ଥକ ଓ ପୃଷ୍ଠପୋଷକମାନଙ୍କର ଧନ-ଜୀବନ ମଧ୍ୟ ରହିଯିବ। ଏହି ଭାବନାରୁ ସେମାନେ ଭାରତ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରି ନିଜର ଆସନ, ମର୍ଯ୍ୟାଦା, ଭତ୍ତା, ସୁଖ-ସୁବିଧା ରକ୍ଷା କରିବା ପ୍ରସ୍ତାବକୁ ଗ୍ରହଣ କରିବା ନିମନ୍ତେ ସ୍ୱୀକୃତ ହେଲେ। ତଦନୁସାରେ ସର୍ଦ୍ଦାର ପଟେଲ ୧୯୪୭ ମସିହା ଡିସେମ୍ବର ମାସ ୧୩ ତାରିଖ ଦିନ ଓଡ଼ିଶା ଗସ୍ତରେ ଆସି ୧୪।୧୫ ତାରିଖମାନଙ୍କରେ କଟକରେ ଓଡ଼ିଶାର ରାଜା-ମହାରାଜାମାନଙ୍କ ସଙ୍ଗେ ଆଲୋଚନା କରି ସେମାନଙ୍କ ମଧ୍ୟରୁ କେତେକଙ୍କଠାରୁ ଶାସନ-କ୍ଷମତା ହସ୍ତାନ୍ତର କରାଇ ନେବା ଚୁକ୍ତି-ପତ୍ରରେ ଦସ୍ତଖତ କରାଇନେଲେ। ୧୯୪୮ ଜାନୁଆରୀ ୧ ତାରିଖରେ ଓଡ଼ିଶାର ୨୫ଟି ଗଡ଼ଜାତରେ ରାଜାମାନେ ତାଙ୍କ ନିଜ ରାଜ୍ୟମାନଙ୍କର ଶାସନ-କ୍ଷମତା ଭାରତ ସରକାରଙ୍କୁ ଅସ୍ଥାୟୀ ଭାବେ ଅର୍ପଣ କଲେ। ଭାରତ ସରକାରଙ୍କ ପ୍ରତିନିଧି ହିସାବରେ ଓଡ଼ିଶା ସରକାର ଏହି ଶାସନ ଚଳାଇଲେ। ସାରା ଭାରତରେ ଏହିପରି ପ୍ରଥମ କରି ବିଶାଳ ଉତ୍କଳ (ଏକ ବିଶାଳ ପ୍ରଦେଶ ବା ରାଜ୍ୟ) ଏବଂ ବିଶାଳ ଭାରତର ସୂତ୍ରପାତ ହେଲା। କିଛି ଦିନ ପୂର୍ବରୁ ପ୍ରଜାମଣ୍ଡଳମାନଙ୍କର ପୂର୍ବୋକ୍ତ ତୀବ୍ର ଆନ୍ଦୋଳନ ଦାଉରୁ ନିଜକୁ ଏବଂ ନିଜ ପରିବାରବର୍ଗ ସମେତ ସାଙ୍ଗ-ସାଥୀମାନଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ନୀଳଗିରିର ରାଜା ନିଜ ରାଜ୍ୟର ଆଦିବାସୀମାନଙ୍କୁ ଶିଖାଇ ମତାଇ ଅଣ-ଆଦିବାସୀମାନଙ୍କ ବିରୋଧରେ ହିଂସାତ୍ମକ ନୀତି ଆଚରଣ କରିବା ଯୋଗୁଁ ନିଜ ରାଜ୍ୟ ବା ପ୍ରଦେଶର ଲୋକଙ୍କୁ ଉକ୍ତ ଆଦିବାସୀଙ୍କ ଦାଉରୁ ଏବଂ ରାଜାଙ୍କ ଚକ୍ରାନ୍ତରୁ ରକ୍ଷା କରିବା ନିମନ୍ତେ ଓଡ଼ିଶା ସରକାର ପୋଲିସ-କାର୍ଯ୍ୟ ଦ୍ୱାରା (by police-action)

Digitized by PPRACHIN, SOA

ସେଠାର (ନୀଳଗିରିର) ଶାସନ ଚଳାଉଥିଲେ । ୧୯୪୯ ଜାନୁୟାରୀରେ ମୟୂରଭଞ୍ଜ ରାଜ୍ୟ ଓଡ଼ିଶାରେ ମିଶିଲା ।

ଶ୍ରୀ ହରେକୃଷ୍ଣ ମହତାବ ଏହି ଦୁଇ ରାଜ୍ୟ ମିଶ୍ରଣରେ ଅତ୍ୟନ୍ତ ତତ୍ପରତା ଦେଖାଇଥିଲେ ।

୧୯୪୭ ଡିସେମ୍ବର ମାସ ୧୫ତାରିଖ ଓପରଓଳ ସର୍ଦ୍ଦାର ପଟେଲ ଦିଲ୍ଲୀ ଫେରିଲେ । ଓଡ଼ିଶାରେ ଆମ କାର୍ଯ୍ୟକଳାପର ପ୍ରଭାବ ଏବଂ ପ୍ରତିକ୍ରିୟା ସାରା ଭାରତରେ ଗଡ଼ଜାତମାନଙ୍କ ପାଇଁ "ସାନ ମାରି ବଡ଼ ଚମକାଇବା ବା ଧମକାଇବା" ନୀତି ପରି କାର୍ଯ୍ୟ କଲା । ଅର୍ଥାତ୍, ଫେରିଲାବେଳେ ବାଟରେ ଛତିଶଗଡ଼ ଏବଂ ମଧ୍ୟ ପ୍ରଦେଶର କେତେକ ରାଜ୍ୟ ଉପରି କରି ନିଜର ଶାସନକ୍ଷମତା କେନ୍ଦ୍ର ସରକାରଙ୍କଠାରେ ଅର୍ପଣ କଲେ । ଏହାପରେ କ୍ରମେ କ୍ରମେ ପ୍ରାୟ ସବୁ ଷ୍ଟେଟ୍ କ୍ଷମତା ହସ୍ତାନ୍ତର କଲେ । ଶେଷକୁ କାଶ୍ମୀର ମଧ୍ୟ ଏହି ନୀତି ଧରିଲା । କିନ୍ତୁ ସେଠାରେ ଭାରତ ସରକାର, ବିଶେଷତଃ ପଣ୍ଡିତ ନେହେରୁଙ୍କ ତ୍ରୁଟିପୂର୍ଣ୍ଣ ନୀତି ଯୋଗୁଁ ଯୁଦ୍ଧ ହୋଇ ତାହାର କିଛି ଅଂଶ ପାକିସ୍ଥାନ ଅଧୀନରେ ଆଜି ସୁଦ୍ଧା ଅଛି । ହାଇଦ୍ରାବାଦରେ ତ ପ୍ରଜା-ଆନ୍ଦୋଳନ ସେପରି ତୀବ୍ର ଭାବରେ ଦେଖାଯାଇ ନ ଥିଲା । ତେଣୁ ଓଳଟି ନିଜାମଙ୍କ ସମର୍ଥନରେ ରାଜକର ଆନ୍ଦୋଳନ ଯୋଗୁଁ ସେଠାରେ ପୋଲିସ କାର୍ଯ୍ୟାନୁଷ୍ଠାନ (poliee action) କରାଯାଇ ତାକୁ (ହାଇଦ୍ରାବାଦକୁ) ଭାରତ ସଙ୍ଗେ ମିଶାଇ ଦିଆଗଲା । ବ୍ରିଟିଶ୍ ପରିତ୍ୟାଗ ପରେ ଶତଧା ବିଭକ୍ତ ଏବଂ ବିଖଣ୍ଡିତ ଭାରତ ଏକୀଭୂତ ବିଶାଳ ଭାରତରେ ପରିଣତ ହେଲା । ଏହି କାର୍ଯ୍ୟର ସୂତ୍ରପାତ ଓ ନିର୍ମାଣ କଲୁ ଆମ୍ଭେମାନେ । ଅନ୍ୟ ଭାଷାରେ ଦାବୀର ସହିତ କୁହାଯାଇପାରେ ଯେ ବିଶାଳ-ଉତ୍କଳ ତଥା ବିଶାଳ-ଭାରତ-ସୌଧର ଭିତ୍ତି ସ୍ଥାପନଠାରୁ ଆରମ୍ଭ କରି ନିର୍ମାଣ କଲୁ ଆମ୍ଭେ, ଓଡ଼ିଶାର ଗଡ଼ଜାତ ପ୍ରଜା ଓ ପ୍ରଜାମଣ୍ଡଳ ନେତା ଏବଂ କର୍ମୀ-ମାନେ । ଏହି ସୌଧର ମୂର୍ତ୍ତି ମାରି ସର୍ବାଙ୍ଗସୁନ୍ଦର କଲେ ଲୌହ-ମାନବ ସର୍ଦ୍ଦାର ପଟେଲ । ୧୯୪୮ ଜାନୁୟାରୀ ମାସ ୧ ତାରିଖ ଦିନ ଓଡ଼ିଶାର ୨୨ଟି ଷ୍ଟେଟ୍‌ର ରାଜାମାନେ ଭାରତ ସରକାରଙ୍କ ପ୍ରତିନିଧି ଓଡ଼ିଶା ସର-କାରଙ୍କୁ କ୍ଷମତା ହସ୍ତାନ୍ତର କଲେ । ଭାରତର ପ୍ରାୟ ୬୫୦ଟି ଦେଶୀୟ ରାଜ୍ୟ ପାଇଁ ସାମ୍ବିଧାନିକ ମିଶ୍ରଣ ୧୯୫୦ ଜାନୁୟାରୀ ୨୬ ତାରିଖରେ ହେଲା ।

Digitized by PPRACHIN, SOA

ଏହି ବିଶାଳ ଉତ୍କଳ ତଥା ବିଶାଳ ଭାରତ ସୃଷ୍ଟିରେ ନାନା ବ୍ୟକ୍ତି ଏବଂ ନାନା ଗୋଷ୍ଠୀଙ୍କର ଅବଦାନ ଅଛି ବୋଲି ଇତିହାସ ଲେଖାଗଲଣି । ଅବଶ୍ୟ ସରଦାର ପଟେଲ୍ ଏବଂ ମହାତ୍ମା ଗାନ୍ଧୀଙ୍କର ବିଶେଷ ଅବଦାନ ଅଛି । ଡଃ ମହତାବଙ୍କ ଚେଷ୍ଟାପାଇଁ ସେ ମଧ୍ୟ ଧନ୍ୟବାଦର ପାତ୍ର ହେବେ । କିନ୍ତୁ ଏହାକୁ ଯେ ସୃଷ୍ଟି କଲା ତାହାର ନାମଗନ୍ଧ ନାହିଁ । ମୁଁ ତ କାରଣ ଏବଂ ଘଟଣାବଳୀର ପ୍ରମାଣ ଦେଇ ଦାବୀ କରୁଛି ଯେ ବିଶାଳ ଉତ୍କଳ ଏବଂ ବିଶାଳ ଭାରତର ସୃଷ୍ଟିକର୍ତ୍ତା ଆମ୍ଭେ ଗଡ଼ଜାତ ପ୍ରଜା ଓ ପ୍ରଜାମଣ୍ଡଳମାନେ, ଅର୍ଥାତ୍ ଓଡ଼ିଶା ଗଡ଼ଜାତର କେତେକ ନେତୃବୃନ୍ଦ, କେତେକ ପ୍ରଜାମଣ୍ଡଳ କର୍ମୀ ଓ କେତେକ ସ୍ୱେଚ୍ଛାସେବକ । ଆମ୍ଭେମାନେ ଯଦି ସେତେବେଳର କଂଗ୍ରେସର ଗୃହୀତ ଏବଂ ପ୍ରଚଳିତ ଅହିଂସ-ନୀତିକୁ ମାନି କେବଳ ଶାସନକ୍ଷମତା ଦାବୀ କରିଥାନ୍ତୁ, ରାଜାମାନେ ଦାୟିତ୍ୱମୂଳକ ଶାସନ କ୍ରମେ ଦେଇଥାନ୍ତେ । ଏହିପରି କିଛିଦିନ ଗଲା ପରେ କ୍ଷମତା-ଲୋଭରେ ପ୍ରତ୍ୟେକ ଗଡ଼ଜାତର କେତେକ ମୁଖ୍ୟ ରାଜନୈତିକ ବ୍ୟକ୍ତି ଜନସାଧାରଣଙ୍କ ଆନୁକୂଲ୍ୟ ନେଇ ଏବଂ କରାଇ ପୃଥକ୍ ଭାବେ ରହିଯାଇଥାନ୍ତେ । ରାଜନୈତିକ ଆଶା-ଆକାଙ୍କ୍ଷା ଏବଂ ମନୋବୃତ୍ତି ବିଗୃହରୁ ଏହି କ୍ଷୁଦ୍ର ଏବଂ ଅର୍ଦ୍ଧ-ସ୍ୱାଧୀନ ଦେଶୀୟ ରାଜ୍ୟମାନେ ପୃଥିବୀ ପଞ୍ଜୀସୂତ୍ରର ସଭ୍ୟ ହେବାପାଇଁ ସଶସ୍ତ୍ର ବିଦ୍ରୋହ କରି ପୂର୍ଣ୍ଣ ସ୍ୱାଧୀନ ହୋଇଥାନ୍ତେ । ଆଫ୍ରିକାରେ ଏହି ଅବସ୍ଥା ଘଟିଲା ; ଏଠାରେ ମଧ୍ୟ ଘଟିଥାନ୍ତା । ଆଉ ଏକ ଆଶଙ୍କା ଥିଲା ଯେ, ଆମ୍ଭେମାନେ ଯଦି ଅହିଂସ ଆନ୍ଦୋଳନ ଚଳାଇଥାନ୍ତୁ ତାହା ମଧ୍ୟ ସଫଳ ହୋଇପାରିନଥାନ୍ତା । ସେତେବେଳେ ଆମର ଉପକୂଳ ଅଞ୍ଚଳର ରାଜନୈତିକ ବନ୍ଧୁବର୍ଗ ଉପଦେଶ ଦେଇଥାନ୍ତେ ଯେ, ରାଜାଙ୍କ ଅଧୀନରେ ଦାୟିତ୍ୱମୂଳକ ଶାସନ ଭୋଗ କରି ଲୋକେ ଶାନ୍ତିରେ ରହନ୍ତୁ । ରାଜାମାନେ ତ ତାଙ୍କ ନିଜ ରାଜ୍ୟର ବୈଦେଶିକ, ଦେଶରକ୍ଷା ଏବଂ ଗମନାଗମନ ବ୍ୟାପାରମାନ ଭାରତ ସରକାରଙ୍କୁ ହସ୍ତାନ୍ତର କରି ଭାରତର ଏକ ରାଜ-ନୈତିକ ଅଙ୍ଗ ହୋଇଯାଇଛନ୍ତି । ତେଣୁ ଅଧିକ ଅଶାନ୍ତିର କାରଣ ନାହିଁ ବୋଲି ଆମକୁ ଉପଦେଶ ଦେଇଥାନ୍ତେ । କେହି କେହି କହିଥାନ୍ତେ ଡଃ ମହତାବଙ୍କ ପ୍ରସ୍ତାବମତେ ତ ଆଠଟି ବିଷୟରେ ଗଡ଼ଜାତ ଏବଂ ଓଡ଼ିଶାର ମିଳିତ ସରକାର ଅଛି । ତେଣୁ ଅଧିକ ଆନ୍ଦୋଳନର ପ୍ରୟୋ-ଜନ ନାହିଁ । ବରଂ ଯେଉଁମାନେ ସମ୍ପୂର୍ଣ୍ଣ ମିଶ୍ରଣ ପାଇଁ ବିଦ୍ରୋହ

Digitized by PPRACHIN, SOA

କରୁଥାନ୍ତେ ସେମାନଙ୍କୁ ଗୋଳା-ବନ୍ଧୁକର ଶିକାର କରିବାର ଆଶଙ୍କା ଯଥେଷ୍ଟ ଥିଲା । ଆମ୍ଭେମାନେ କଂଗ୍ରେସର ଚିରାଚରିତ ଅହିଂସ-ପଥରୁ ଟିକିଏ ବିପଥଗାମୀ ହୋଇ ଯେଉଁ ମୁକ୍ତି-ସ୍ୱେଚ୍ଛା-ବାହିନୀ ସୃଷ୍ଟି ଏବଂ ସଂଗଠିତ କରି ତାର ପରିଚାଳନାପୂର୍ବକ ରାଜାମହାରାଜାମାନଙ୍କୁ ପୂର୍ବୋକ୍ତମତେ ଧମକ ଏବଂ ଚେତାବନୀ ଦେଲୁ ତଦ୍ଦ୍ୱାରା ସେମାନେ ଭୀତ, ତ୍ରସ୍ତ ଏବଂ ଆତଙ୍କିତ ହୋଇ ନିଜର ଧନ, ଜୀବନ, ସ୍ୱାର୍ଥ ଏବଂ ସମ୍ମାନ ରକ୍ଷାର୍ଥେ ମହାତ୍ମା ଗାନ୍ଧୀ, କଂଗ୍ରେସ ଏବଂ କଂଗ୍ରେସ ସରକାରଙ୍କର ଶରଣାପନ୍ନ ହେଲେ । 'ନଇଁ ପଡ଼ୁଥିବ ଯେତିକିବେଳେ, ବିଧାଏ ମାରିବ ସେତିକିବେଳେ' ନୀତି ପ୍ରୟୋଗ କରି ଲୌହ-ମାନବ ସର୍ଦ୍ଦାର ପଟେଲ ରାଜାମାନଙ୍କୁ ଚିହ୍ନରେ ପକାଇ କ୍ଷମତା ହସ୍ତାନ୍ତରୀକରଣ କରାଇ ନେଲେ । ଏହା ଓଡ଼ିଶାରେ କେବଳ ଆମ୍ଭମାନଙ୍କ ପୂର୍ବୋକ୍ତ ସଂଗଠନ ଓ ଆନ୍ଦୋଳନ ଯୋଗୁଁ ସମ୍ଭବ ହେଲା । ଭାରତରେ ଅନ୍ୟତ୍ର ବହୁ ସଂଖ୍ୟାରେ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ଦେଶୀୟ ରାଜ୍ୟ ବା ଗଡ଼ଜାତ ଥିଲେ ସୁଦ୍ଧା ଓଡ଼ିଶା ପରି କେଉଁଠାରେ ସୁ-ଶୃଙ୍ଖଳିତ ସଂଗଠନ ଏବଂ ତୀବ୍ର ଆନ୍ଦୋଳନ ନ ଥିଲା । ଏପରିକି ସର୍ଦ୍ଦାର ପଟେଲଙ୍କ ନିଜ ଷ୍ଟେଟ ଗୁଜୁରାଟରେ ପ୍ରାୟ ୧୦୦ ପର୍ଯ୍ୟନ୍ତ କ୍ଷୁଦ୍ର ଏବଂ ମଧ୍ୟମ ସ୍ତରର ଗଡ଼ଜାତ ଥାଇ ମଧ୍ୟ ସେଠାରେ ପ୍ରଜାମଣ୍ଡଳମାନେ ଓଡ଼ିଶା ପରି ଆନ୍ଦୋଳନ ଏବଂ ସଂଗଠନ କରି ନ ଥିଲେ । ଦିଲ୍ଲୀଠାରୁ ଅଳ୍ପ ଦୂରରେ ଅବସ୍ଥିତ ରାଜସ୍ଥାନ ଷ୍ଟେଟଗୁଡ଼ିକରେ, କିମ୍ବା ଉକ୍ତ ଦିଲ୍ଲୀଠାରୁ ୨।୩।୪ ଶହ ମାଇଲ ଦୂରରେ ଅବସ୍ଥିତ ମଧ୍ୟଭାରତ, ବୁନ୍ଦେଲଖଣ୍ଡ, ବାଘେଲଖଣ୍ଡ, ପଞ୍ଜାବ ଏବଂ ହିମାଞ୍ଚଳ ଗଡ଼ଜାତମାନଙ୍କରେ ଏପରି ଆନ୍ଦୋଳନ ହୋଇ ବିଶାଳ ଭାରତର ସୂତ୍ରପାତ ହୋଇ ନ ଥିଲା । ତାତ୍କାଳିକ ଭାରତ କଂଗ୍ରେସ ଏବଂ ନି: ଭା: ଗଡ଼ଜାତମାନଙ୍କର ଷ୍ଟାଣ୍ଡିଙ୍ଗ୍ କାଉନ୍‌ସିଲ୍‌ର କାର୍ଯ୍ୟକାରୀ କମିଟିରେ ସଭ୍ୟ ଥିବା ସର୍ବଶ୍ରୀ ବଳବନ୍ତରାୟ ମେହେଟା, ଜୟନାରାୟଣ ବ୍ୟାସ, ହୀରାଲାଲ ଶାସ୍ତ୍ରୀ, ହାଇଦ୍ରାବାଦର ସ୍ୱାମୀ ରାମାନନ୍ଦ ତୀର୍ଥ, ମହୀଶୂରର ନିଜଲିଙ୍ଗପ୍ପା, କାଶ୍ମୀରର ଶେଖ୍ ଅବଦୁଲ୍ଲା ପ୍ରଭୃତି ନିଜ ନିଜର ଗଡ଼ଜାତ ଅଞ୍ଚଳରେ ରାଜାମାନଙ୍କୁ ଅନ୍ତର କରି କିମ୍ବା ଏପରି କୌଣସି ଆନ୍ଦୋଳନ କରି ବିଶାଳ ଭାରତର ସୂତ୍ରପାତ କରିପାରି ନ ଥିଲେ । ତେବେ ଦିଲ୍ଲୀ-ଠାରୁ ପ୍ରାୟ ଏକ ହଜାରରୁ ବେଶୀ ମାଇଲ ଦୂରରେ ଥିବା ଓଡ଼ିଶା ଗଡ଼ଜାତର ମିଶ୍ରଣ କାହିଁକି ପ୍ରଥମେ ହୋଇ ବିଶାଳ ଉତ୍କଳ ତଥା ବିଶାଳ

Digitized by PPRACHIN, SOA

ଭାରତର ଭିତ୍ତି ସ୍ଥାପିତ ହେଲା ? ଏହା କେବଳ ଆମ୍ଭମାନଙ୍କର ତ୍ୟାଗ ଓ ସଂଗଠନ ହେତୁରୁ ହିଁ ହେଲା ।

ଭାରତରେ ଏହି ଅବସ୍ଥା ସୃଷ୍ଟି କଲେ ପ୍ରଥମେ ଓଡ଼ିଶା ଗଡ଼ଜାତର ପ୍ରଜାମଣ୍ଡଳମାନେ ଏବଂ ତାର ନେତୃବୃନ୍ଦ ଓ କର୍ମୀଗଣ । ମୁଁ ଏବଂ ମୋର ସହଯୋଗୀ ବନ୍ଧୁଗଣ ଏ ଆନ୍ଦୋଳନରେ ନେତୃତ୍ୱ ନେଇଥିଲୁ । ରାଜା-ମହାରାଜାମାନେ ବିଶେଷ କରି ମୋ ନାମ ଗାନ୍ଧୀଜୀ ଏବଂ ସର୍ଦ୍ଦାର ପଟେଲଙ୍କ ଆଗରେ ବ୍ୟକ୍ତ କରି ଆମ୍ଭମାନଙ୍କୁ ସନ୍ତ୍ରାସବାଦୀ ଏବଂ କମ୍ୟୁନିଷ୍ଟ ଆଖ୍ୟା ଦେଇଥିଲେ । ସେଥିପାଇଁ ସର୍ଦ୍ଦାର ପଟେଲ ମୋ ସମ୍ପର୍କରେ ଗୋଇନ୍ଦା ବିଭାଗ-ଦ୍ୱାରା ତଦନ୍ତ କରାଇଥିଲେ । ସର୍ଦ୍ଦାର ପଟେଲ ମଧ୍ୟ ୧୯୪୭ ଡିସେମ୍ବର ମାସ ୧୫ ତାରିଖ ସକାଳ ୧୦ଟା ବେଳେ କଟକସ୍ଥ ନାରୀସଂଘ ହଲରେ ଅନୁଷ୍ଠିତ ସଭାରେ ରାଜାମାନଙ୍କର ଆପତ୍ତିକୁ ଭିତ୍ତି କରି ଅମ୍ଭମାନଙ୍କୁ ହିଂସାବାଦୀ ବର୍ଣ୍ଣନା କରିଥିଲେ ଯେ, ଭାରତ ସରକାର ରାଜାମାନଙ୍କୁ ହିଂସାତ୍ମକ ଆକ୍ରମଣରୁ ରକ୍ଷା କରି ଓଡ଼ିଶା ଗଡ଼ଜାତରେ ଓଡ଼ିଶା ସରକାରଙ୍କଦ୍ୱାରା ତାଙ୍କ ନିଜ ଶାସନ ଚଳାଇବେ ।

ସେହିଠାରେ ସେ କହିଲେ ଯେ, କେତେକ ପ୍ରଜାମଣ୍ଡଳ ନେତା ଓ କର୍ମୀ ହିଂସାତ୍ମକ କାର୍ଯ୍ୟରେ ଲିପ୍ତ । କିନ୍ତୁ ଉକ୍ତ ନେତା ଓ କର୍ମୀମାନେ ଦାୟିତ୍ୱମୂଳକ ଶାସନ ସଙ୍ଗେ ସ୍ୱାଧୀନତା ଚାହୁଁଛନ୍ତି । ତେଣୁ ରାଜାଙ୍କଠାରୁ କ୍ଷମତା ନେଇ ସେ ଏତାବତ୍ ଗଡ଼ଜାତ କର୍ମୀମାନଙ୍କୁ କ୍ଷମତା ଅର୍ପଣ କରିପାରିବେ ନାହିଁ । ସେ ବ୍ୟଙ୍ଗ ଭାବରେ କହିଲେ ଯେ, ଭାରତରେ ଗଡ଼ଜାତ ପ୍ରଜାମଣ୍ଡଳ ହାତରେ କ୍ଷମତା ଅର୍ପଣ କରିବା ଅର୍ଥ, "ଚୋର୍‌ସେ ଲେକର୍ ଡାକୁଓଁକୋ ଦେନା ହୋଗା" । ଏହାର ଅର୍ଥ ହେଉଛି ଗଡ଼ଜାତ-ମାନଙ୍କରେ ଯଦି ପ୍ରଜାମଣ୍ଡଳ କର୍ମୀଙ୍କୁ କ୍ଷମତା ଅର୍ପଣ କରାଯିବ ତେବେ ଚୋର ହାତରୁ ଶାସନକ୍ଷମତା ଛଡ଼ାଇ ନେଇ ଡାକୁମାନଙ୍କ ହାତରେ କ୍ଷମତା ଅର୍ପଣ କଲାପରି ହେବ । ସେ ଏଠାରେ ରାଜାମାନଙ୍କୁ ଚୋର ଏବଂ ପ୍ରଜାମଣ୍ଡଳମାନଙ୍କୁ ଡାକୁ ବୋଲି କହିଲେ । ତାଙ୍କର ଏ ମନ୍ତବ୍ୟ ଯେପରି ନିଷ୍ଠୁର, ଅନାଦୃତ, ଅସମୀଚୀନ ଓ କୁରୁଚିସମ୍ପନ୍ନ ସେହିପରି ଭିତ୍ତିହୀନ ଓ ଅସତ୍ୟ । ଯେଉଁମାନଙ୍କ ଯୋଗୁଁ ବିଶାଳ ଉତ୍କଳ ଓ ବାସ୍ତବ ବିଶାଳ ଭାରତର ଅଭ୍ୟୁଦୟ ହେଉଛି, ତାଙ୍କୁ ପ୍ରଶଂସା କରିବା ପରିବର୍ତ୍ତେ ବ୍ୟଙ୍ଗ-ବିଦ୍ରୂପ କରିବା ଯେପରି ଅସୌଜନ୍ୟପୂର୍ଣ୍ଣ ସେପରି ମାନହାନିସୂଚକ ଅଟେ ।

Digitized by PPRACHIN, SOA

ତାଙ୍କର ଏ ଉକ୍ତି ନିମନ୍ତେ ସଭାରେ ଗୋଳମାଳ ହେବାରୁ ଆମ୍ଭେମାନେ ଆପତ୍ତି କରିଥିଲୁ । ସେ ମଧ୍ୟ ସଙ୍ଗେ ସଙ୍ଗେ କ୍ଷମା-ପ୍ରାର୍ଥନା ସ୍ୱରରେ କହିଲେ ଯେ, ସେ ଏ କଥା ଓଡ଼ିଶା ଗଡ଼ଜାତ ପ୍ରଜାମଣ୍ଡଳ ନେତା ଓ କର୍ମୀଙ୍କୁ ଲକ୍ଷ୍ୟ କରି କହିନାହାନ୍ତି । ଭାରତର ଅନ୍ୟ ଅଞ୍ଚଳର କେତେକ ଗଡ଼ଜାତରେ କେତେକ ବେ-ସାମାଜିକ ବ୍ୟକ୍ତି ନିଜକୁ ପ୍ରଜାମଣ୍ଡଳ କର୍ମୀ ଆଖ୍ୟା ଦେଇ ଗୁଣ୍ଡାମିପୂର୍ବକ ଲୁଣ୍ଠତରାଜ କରାଉଥିବାରୁ ସେମାନଙ୍କୁ ଲକ୍ଷ୍ୟ କରି କହିଛନ୍ତି । ତାପରେ ସେ ଆମ୍ଭମାନଙ୍କୁ ପ୍ରଶଂସା କରି କହିଲେ ଯେ, ଆମ୍ଭମାନଙ୍କ ସଂଗଠନ ଓ କାର୍ଯ୍ୟକଳାପ ଯୋଗୁଁ ହିଁ ବିଶାଳ ଭାରତ ନିର୍ମାଣ ସମ୍ଭବ ହୋଇ-ପାରିବ ।

ଏହି ଶାସନକ୍ଷମତା ହସ୍ତାନ୍ତରୀକରଣର ଅବ୍ୟବହିତ ପୂର୍ବରୁ ଏ ସମ୍ପର୍କରେ ଶ୍ରୀ ହରେକୃଷ୍ଣ ମହତାବ ଏବଂ ମୋ ମଧ୍ୟରେ ଏକ ଗୁରୁତର ଭୁଲ ବୁଝାମଣା ଯୋଗୁଁ ଉନ୍ମୂଳ କାଣ୍ଡ ଘଟିଥିଲା । ଯେତେବେଳେ ରାଜା-ମାନେ ଭୀତତ୍ରସ୍ତ ହୋଇ ଗାନ୍ଧୀଜୀଙ୍କ ଶରଣ ପଶିଲେ ସେତେବେଳେ ସର୍ଦ୍ଦାର ପଟେଲ ଠିକ୍ କଲେ ଯେ ସେ ନିଜେ ଓଡ଼ିଶା ଆସି ଏଠାରେ ସବୁ ସ୍ଥିର କରିବେ । ଅର୍ଥାତ୍ ପୂର୍ବବର୍ଣ୍ଣିତ ଏଗ୍ରିମେଣ୍ଟ କରାଇ ନେବେ । ସର୍ଦ୍ଦାର ପଟେଲ ୧୯୪୭ ଡିସେମ୍ବର ୧୩ ତାରିଖ ଦିନ ଓଡ଼ିଶାକୁ ଗସ୍ତରେ ଆସିବେ ବୋଲି ଗୁପ୍ତ ପ୍ରୋଗ୍ରାମ ଆସିଲା । ରିଜିଓନାଲ୍ କାଉନସିଲ୍ର ସମ୍ପାଦକ (Secretary of the Regional Council) ଶ୍ରୀ ସାରଙ୍ଗଧର ଦାସ ମୋତେ ଗୋପନରେ କହିଲେ ଯେ, ରାଜାମାନଙ୍କ ଆପତ୍ତିକ୍ରମେ ସେମାନଙ୍କର ସମସ୍ୟା ସମାଧାନ କରିବା ପାଇଁ ସର୍ଦ୍ଦାର ପଟେଲ ଡିସେମ୍ବର ମାସରେ କଟକ ଆସୁଛନ୍ତି । ତାଙ୍କଠାରେ କଣ କହିବାକୁ ହେବ ତାହା ଆମେ ସ୍ଥିର କରିବା । ସେ ପୁଣି ମୋତେ କହିଲେ ଯେ, ମୁଁ ଯେଉଁ ସ୍ୱେଚ୍ଛାସେବକ ବାହିନୀ ଗଠନ କରି ହିଂସାତ୍ମକ ଆଭିମୁଖ୍ୟ ଅବଲମ୍ବନ କରିଛି ସେ ବିଷୟ ମଧ୍ୟ ତଦନ୍ତ ହୋଇପାରେ । ତେଣୁ ମୁଁ ସାବଧାନ ରହିବା ନିମନ୍ତେ ସେ ସୂଚାଇ ଦେଇଥିଲେ । ମୁଁ ତାଙ୍କୁ କହିଲି ଯେ, ସେ ସମ୍ପାଦକ ଭାବେ ଆଞ୍ଚଳିକ କାଉନ୍‌ସିଲ୍ ଡକାନ୍ତୁ ଏବଂ ଏହି ଅନୁଷ୍ଠାନ ତରଫରୁ ସର୍ଦ୍ଦାର ପଟେଲଙ୍କ-ଠାରେ ଆମର ଦାବୀ ଉପସ୍ଥାପିତ କରିବା । ସେ ନୀରବ ରହିଲେ । ତା ପର ଦିନ ସେ ଏବଂ ନୀଳଗିରିର ଶ୍ରୀ କୈଳାସଚନ୍ଦ୍ର ମହାନ୍ତି ଉଭୟେ କହିଲେ ଯେ, କାଉନ୍‌ସିଲ୍ ଡକାଇବା ଉଚିତ ହେବ ନାହିଁ ; କାରଣ ସହଯୋଗ

Digitized by PPRACHIN, SOA

(Collaboration) ପ୍ରସ୍ତାବ କମ୍ବା ମହତାବ ବାବୁଙ୍କ ୮ ଦଫାବିଶିଷ୍ଟ ପ୍ରସ୍ତାବ ଗୃହୀତ ହୋଇପାରେ ଏବଂ ମୋର (ପବିତ୍ର ମୋହନ ପ୍ରଧାନଙ୍କର) ସମ୍ପୂର୍ଣ୍ଣ ମିଶ୍ରଣ ପ୍ରସ୍ତାବ ନାକଚ ହୋଇଯିବାର ଆଶଙ୍କା । ତାଙ୍କ ଦୁଇଜଣଙ୍କର ଏ ମତକୁ ମୁଁ ଗ୍ରହଣ କଲିନାହିଁ । କାଉନ୍‌ସିଲ୍ ବୈଠକ ଡାକିବାକୁ ତାଙ୍କୁ ବାଧ କରିବାରୁ ସେ ନୀରବ ରହିଲେ । କିନ୍ତୁ ମୋତେ ଉଭୟ ଶ୍ରୀ ସାରଙ୍ଗଧର ଦାସ ଓ ଶ୍ରୀ କୈଳାଶଚନ୍ଦ୍ର ମହାନ୍ତି କହିଲେ ଯେ, କାଉନ୍‌ସିଲ୍ ଡାକିବା କଥା ମୁଁ ଜୋର କରିବି ନାହିଁ, କମ୍ବା ସର୍ଦ୍ଦାର ପଟେଲ ଆସୁଛନ୍ତି ବୋଲି ଏତେ ଆଗରୁ କାହାକୁ ପ୍ରକାଶ କରିବି ନାହିଁ । ମୋ ମନ ଏଥିରେ ମାନିଲା ନାହିଁ । ମନରେ ଭୟ ଓ ସନ୍ଦେହ ଉପୁଜିଲା ।

ସେତେବେଳକୁ ମହତାବ ବାବୁ ଓଡ଼ିଶାର ପ୍ରଧାନ ମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ଥାନ୍ତି । ତାଙ୍କ ସଙ୍ଗେ ଉକ୍ତ ନେତାଦ୍ୱୟ ପରାମର୍ଶ କରି ଏକଥା ମୋତେ କହୁଥାନ୍ତି ବୋଲି ମୋର ଖବର । ଏମାନଙ୍କର ଏ ପ୍ରକାର ଛକା-ପଞ୍ଝା ନୀତି ଏବଂ କାର୍ଯ୍ୟରେ ଭାରି ସନ୍ଦେହ ଓ ଅବିଶ୍ୱାସ ହେଲା । ମୋ ମନରେ ଆଶଙ୍କା ହେଲା ଯେ, ଏ ନେତାଦ୍ୱୟ ମହତାବ ବାବୁଙ୍କ ସଙ୍ଗେ ମିଶି ମହତାବ ବାବୁଙ୍କ ପୂର୍ବୋକ୍ତ ୮ ଦଫା ସମ୍ବଳିତ ଓଡ଼ିଶା ଗଡ଼ଜାତ-ସମସ୍ୟା ସମାଧାନ-ପ୍ରସ୍ତାବ ସର୍ଦ୍ଦାର ପଟେଲ୍ ଏବଂ ରାଜାମାନଙ୍କଦ୍ୱାରା ଗୃହୀତ କରାଇନେଇ ଆମ ଗଡ଼ଜାତ ପ୍ରଜାଙ୍କୁ ପୁଣି ରାଜଜମିଦାରୀ ଶାସନରେ ରଖାଇ ଶୋଷଣମୂଳକ ଏକଛତ୍ର ଶାସନର ଶୀକାର କରାଇବେ । ମୋର ଆଶଙ୍କାପୂର୍ଣ୍ଣ ସନ୍ଦେହ ଏବଂ କାଉନ୍‌ସିଲ୍ ବୈଠକ ନ ଡକାଇବା ପାଇଁ ସର୍ବଶ୍ରୀ ସାରଙ୍ଗଧର ଦାସ ଓ କୈଳାଶଚନ୍ଦ୍ର ମହାନ୍ତିଙ୍କ ମନୋଭାବନା ମୁଁ ସର୍ବଶ୍ରୀ ରାଧାନାଥ ରଥ, କପିଳେଶ୍ୱର ପ୍ରସାଦ ନନ୍ଦ, ବ୍ରଜକିଶୋର ଧଳ, ମଧ୍ୟପ୍ରଦେଶ ରାୟଗଡ଼ ଷ୍ଟେଟ୍‌ର ସିଦ୍ଧେଶ୍ୱର ଗୁରୁ ଓ ଅନ୍ୟାନ୍ୟ ନେତୃବୃନ୍ଦ ଏବଂ କର୍ମୀମାନଙ୍କୁ ଜଣାଇଲି । ସେମାନେ ମଧ୍ୟ ଏଥିରେ ସନ୍ଦେହ ଏବଂ ଅବିଶ୍ୱାସ କଲେ । ସେହେତୁରୁ ଶ୍ରୀ ସାରଙ୍ଗଧର ଦାସ କାଉନ୍‌ସିଲ୍ ବୈଠକ ନ ଡକାଇବାରୁ ମୁଁ ନିଜେ ବ୍ୟକ୍ତିଗତ ଭାବେ ଖବରକାଗଜ ଜରିଆରେ ଗଡ଼ଜାତର ପ୍ରଜାମଣ୍ଡଳ କର୍ମୀ ଓ ନେତାମାନଙ୍କୁ ଜଣାଇଦେଲି ଯେ, ସର୍ଦ୍ଦାର ପଟେଲ ଆମ ଗଡ଼ଜାତ ସମସ୍ୟା ସମାଧାନ କରିବାକୁ ଆସୁଛନ୍ତି । ସେ ରାଜା ମହାରାଜା ଏବଂ ଓଡ଼ିଶା ସରକାରଙ୍କ ସଙ୍ଗେ ଏକତରଫା ଆଲୋଚନା କରି କ'ଣ ନା କ'ଣ କରିଦେବେ । ତେଣୁ କର୍ମୀ ଓ ନେତାମାନେ କଟକ ଆସି ଏ ବିଷୟରେ ଆଲୋଚନା କରନ୍ତୁ ଓ

Digitized by PPRACHIN, SOA

ଗଡ଼ଜାତର ପୂର୍ଣ୍ଣ ମୁକ୍ତି ଏବଂ ବିଶାଳ ଉତ୍କଳ ତଥା ବିଶାଳ ଭାରତ ନିର୍ମାଣ ପାଇଁ ତାଙ୍କ(ସର୍ଦ୍ଦାର ପଟେଲଙ୍କ)ଠାରେ ଦାବୀ ଉପସ୍ଥାପିତ କରନ୍ତୁ । ମୋର ଏ କାର୍ଯ୍ୟରେ ଅତ୍ୟନ୍ତ କ୍ଷୁବ୍‌ଧ ଏବଂ ରାଗାନ୍ୱିତ ହୋଇ ମହତାବ ବାବୁ ମୋତେ ଡକାଇ କହିଲେ ଯେ, ମୁଁ ଏତାବତ୍ କାର୍ଯ୍ୟରୁ କ୍ଷାନ୍ତ ହୁଏ । ମୁଁ ତାଙ୍କ କଥା ଗ୍ରହଣ କରି ପାରୁ ନାହିଁ ବୋଲି କହିଲି । ମୋର ଏପ୍ରକାର ଉତ୍ତରରେ ଅଧିକତର କ୍ଷୁବ୍‌ଧ ହୋଇ ଗୁରୁତର ଧମକ ଦେଲେ ; କାରଣ ସେ ଭାବିଲେ ଯେ ଆମ୍ଭେମାନେ "ସହଯୋଗ" ପ୍ରସ୍ତାବ (Collaboration-Resolution)କୁ ସମର୍ଥନ କରି ପଟେଲଙ୍କଠାରେ ଦାବୀ ଉପସ୍ଥାପିତ କରିବୁ ! କିନ୍ତୁ ଏଣେ ଆମେ ଭାବିଲୁ ଯେ, ମହତାବ ବାବୁ ସର୍ବଶ୍ରୀ ସାରଙ୍ଗଧର ଦାସ ଓ କୈଳାଶଚନ୍ଦ୍ର ମହାନ୍ତିଙ୍କୁ ସଙ୍ଗେ କରିଲେ ତାଙ୍କ ପ୍ରସ୍ତାବିତ ୮ ଦଫା ସମ୍ବଳିତ ଅର୍ଦ୍ଧ-ମିଶ୍ରଣ ଶାସନ-ଯୋଜନାକୁ ସର୍ଦ୍ଦାର ପଟେଲ ଓ ରାଜାମାନଙ୍କଦ୍ୱାରା ଗୃହୀତ କରାଇ ନେଇ ଆମ ଗଡ଼ଜାତ ପ୍ରଜାଙ୍କୁ ରାଜା-ଜମିଦାର ଶାସନର ଶିକାର କରାଇଦେବେ । ଅନ୍ୟମାନଙ୍କ ଉପରୁ ରାଗ ତୁଲିଯାଇ ସମସ୍ତ ବିରକ୍ତି ମୋ ବିରୋଧରେ ପ୍ରୟୋଗ କରାଗଲା ୧୯୪୭ ନଭେମ୍ବର ୩୦ ତାରିଖ ଦିନ ତାତ୍କାଳିକ ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ମହତାବ ବାବୁ ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀଙ୍କ ଜରିଆରେ ରାତି ୧୧ଟା ବେଳେ ମୋତେ କଟକସ୍ଥ ଜାଉଁଳିଆ ପଟିରେ ଥିବା ଭିଙ୍ଗାରପୁର ଜମିଦାରଙ୍କ କୋଠାଘରୁ ତାତ୍କାଳିକ ରାଜସ୍ୱ ବିଭାଗ ମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ କାଣ୍ଟନମେଣ୍ଟ ରୋଡ଼ରେ ଥିବା ୯ ନମ୍ବର ସରକାରୀ ବାସଭବନକୁ ଡକାଇନେଇ ଜୀବନ ନାଶର ଯେଉଁ ଧମକ ଦେଲେ ସେ ଖବର ତା ପରଦିନ ସକାଳୁ ଚତୁର୍ଦ୍ଦିଗରେ ବ୍ୟାପିଗଲା । ମହତାବ ବାବୁଙ୍କ ଏହି ଆଚରଣକୁ କେହି ପସନ୍ଦ କଲେନାହିଁ । ତାଙ୍କୁ ଅନେକେ ନିନ୍ଦା କଲେ । ଏ ନିନ୍ଦାର ପ୍ରତିକାର ସ୍ୱରୂପ ସେ ଡିସେମ୍ବରମାସ ୪ ତାରିଖରେ ଗୌରୀଶଙ୍କର ପାର୍କରେ ସଭା କରି ସଫେଇ ଦେଇ ଓଲଟି ମୋ ବିରୁଦ୍ଧରେ ବିଷ ଉଦ୍‌ଗାରଣ କଲେ ଏବଂ କରାଇଲେ । ସେକ୍ରେଟାରିଏଟ୍‌ରେ ଚାକିରୀ କରୁଥିବା କେତେକ ବ୍ୟକ୍ତିଙ୍କୁ, ବିଶେଷତଃ ଗଡ଼ଜାତ ବ୍ୟକ୍ତିଙ୍କୁ ମଟର ଦେଇ ମୋ ବିରୁଦ୍ଧରେ ଗଡ଼ଜାତମାନଙ୍କରେ ନିଷ୍ଫଳ ପ୍ରଚାର କରାଇଲେ । ତଥାପି ମୋ ଡାକରାରେ କାଉନ୍‌ସିଲ୍‌ର ସମସ୍ତ ସଭ୍ୟ କଟକ ଆସିଲେ । ଏହା ବ୍ୟତୀତ ହଜାର ହଜାର ଗଡ଼ଜାତ ଲୋକ କଟକ ଆସି ମୋତେ ସମର୍ଥନ କଲେ ଯେ, ଗଡ଼ଜାତ ପ୍ରଜାଙ୍କ ତରଫରୁ ଆମେ ସର୍ଦ୍ଦାର

Digitized by PPRACHIN, SOA

ପଟେଲଙ୍କୁ ସାକ୍ଷାତ କରି ଆମର ଦାବୀ ଉପସ୍ଥାପିତ କରିବୁ । କିନ୍ତୁ ଗଡ଼ଜାତ କାଉନ୍‌ସିଲ୍‌ର ମେମ୍ବରମାନଙ୍କୁ ସାକ୍ଷାତ କରିବାର ସୁବିଧା ଦିଆଗଲା ନାହିଁ । କେବଳ ସର୍ଦ୍ଦାର ପଟେଲ ନାଗସିଦ୍ଧ-ସଦନରେ ଏକ କର୍ମୀ ସମ୍ମିଳନୀରେ ଗଡ଼ଜାତ ପ୍ରଜା ତଥା କାଉନ୍‌ସିଲ୍ ମେମ୍ବରମାନଙ୍କୁ ସାକ୍ଷାତ ଦେବା ଛଳରେ ଯେତେବେଳେ ଉପସ୍ଥିତ ହେଲେ ସେତେବେଳେ ସେ ପ୍ରଜାମଣ୍ଡଳ ନେତା, କର୍ମୀ ଏବଂ ପ୍ରେମୀ ଓ ପ୍ରଜାଙ୍କର ମନୋଭାବନା ଜାଣିପାରିଲେ । ସେଠାରେ ଆମ୍ଭେମାନେ କହିଲୁ ଯେ, ରାଜାମାନଙ୍କୁ ଗାଦିଚ୍ୟୁତ କରି ପ୍ରଜାଙ୍କୁ କ୍ଷମତା ଦିଆଯାଉ । ପ୍ରଜାମାନେ ଇଚ୍ଛା କରୁଛନ୍ତି ଯେ, ଗଡ଼ଜାତ ସବୁ ସଙ୍ଗେ ସଙ୍ଗେ ଓଡ଼ିଶାରେ ମିଶି ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠିତ ହେଉ ।

ସର୍ଦ୍ଦାର ପଟେଲଙ୍କୁ ରାଜା ମହାରାଜାମାନେ ଓ ଅନ୍ୟ କେତେକ ନେତା ଆମ୍ଭମାନଙ୍କ ସମ୍ପର୍କରେ କେତେକ ଭୁଲ୍ ଧାରଣା ଦେଇଥିଲେ । ଆମ୍ଭମାନଙ୍କ ମନ କଥା ବୁଝି ସର୍ଦ୍ଦାର ପଟେଲ କହିଲେ ଯେ, ସେ ଯାହା କରିବାକୁ ଯାଉଛନ୍ତି ବସ୍ତୁତଃ ତାହା ଆମ୍ଭ ଦାବୀ ସଙ୍ଗେ ଖାପ୍ ଖାଇଯାଉଛି । ଏହି ସଭାରେ ସର୍ଦ୍ଦାର ପଟେଲଙ୍କ ବକ୍ତୃତାର ପ୍ରତିକ୍ରିୟା ଓ ତାର ସଂଶୋଧନ ମୁଁ ପୂର୍ବରୁ ଉଲ୍ଲେଖ କରି ସାରିଛି । ଯାହା ହେଉ ସର୍ଦ୍ଦାର ପଟେଲ ଓଡ଼ିଶା ଆସି ଆମ କର୍ମୀ-ସମ୍ମିଳନୀରୁ ଉପଲବ୍ଧି କଲେ ଯେ, ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠନ ପାଇଁ ଓଡ଼ିଶା ଗଡ଼ଜାତର ପ୍ରଜାମଣ୍ଡଳ ଓ ତାର କର୍ମୀ ଏବଂ ନେତୃବର୍ଗ ମୂଳ କାରଣ ଅଟନ୍ତି ।

Digitized by PPRACHIN, SOA

ମତବାଦ ବା ଦର୍ଶନ ଗ୍ରହଣ

ଫେରାର ଜୀବନରୁ ମୁକ୍ତି ଲାଭ କରିବା ପରେ ମୁଁ ତ ପୁଣି ଗଡ଼ଜାତ ମୁକ୍ତି ଆନ୍ଦୋଳନରେ ବ୍ୟସ୍ତ ରହିଲି । ଏଠାରେ ଗଡ଼ଜାତର ମୁକ୍ତି ଆନ୍ଦୋଳନ ଅର୍ଥ ହେଉଛି ବ୍ରିଟିଶ୍ ଜାତିର ଭାରତ ତ୍ୟାଗ ପରେ ପ୍ରତ୍ୟେକ ଗଡ଼ଜାତ ବା ଦେଶୀୟ ରାଜ୍ୟ ଭାରତ ଭୂଖଣ୍ଡ ମଧ୍ୟରେ ଦେଶ-ରକ୍ଷା, ବୈଦେଶିକ ଏବଂ ଗମନାଗମନ ବ୍ୟାପାର ବ୍ୟତୀତ ଅନ୍ୟାନ୍ୟ ବିଷୟରେ ସାର୍ବଭୌମ କ୍ଷମତା-ବିଶିଷ୍ଟ ଏକ ଏକ ସ୍ୱାଧୀନ ରାଜ୍ୟ ରୂପେ ରହି ଯେଉଁ ଅଖଣ୍ଡ ଏବଂ ଏକଚ୍ଛତ୍ରବାଧୀ ଶାସକ ହେଲେ ପ୍ରଜାମାନଙ୍କୁ ଉକ୍ତ ଶାସନରୁ ମୁକ୍ତ କରିବା ; ଅର୍ଥାତ୍ ବ୍ରିଟିଶ ଜାତି ଯେପରି ଭାରତ ଶାସନ ଭାରତୀୟ ଲୋକଙ୍କ ହାତରେ ଅର୍ପଣ କଲା ରାଜାମାନେ ସେହିପରି ତାଙ୍କ ନିଜ ନିଜ ରାଜ୍ୟର ଶାସନଦାୟିତ୍ୱ ସେହି ରାଜ୍ୟର ଲୋକଙ୍କୁ ଅର୍ପଣ କରି ନିଜେ ଗାଦିରୁ ଅନ୍ତର ହେବା । ଏତାବତ୍ ମୁକ୍ତି ଏବଂ କ୍ଷମତା ପ୍ରାପ୍ତି ପରେ ଦେଶୀୟ ରାଜ୍ୟଗୁଡ଼ିକୁ ଓଡ଼ିଶା ତଥା ଭାରତ ସଙ୍ଗେ ମିଶାଇଦେଇ ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠନ କରିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ଥିଲା । ମୁଁ ଏହି କାର୍ଯ୍ୟରେ ଲିପ୍ତ ଥିବାରୁ ଅନ୍ୟାନ୍ୟ ରାଜନୈତିକ ମତବାଦର ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କ ସହିତ ବିଶେଷ ଘନିଷ୍ଠ ସମ୍ପର୍କ ରଖିପାରି ନ ଥିଲି, କିମ୍ବା ରାଜନୈତିକ ମତବାଦ ବିଷୟରେ ସେମାନେ ମୋ ସଙ୍ଗେ ଆଲୋଚନା କରି ମୋତେ ତାଙ୍କ ଦର୍ଶନରେ ଦୀକ୍ଷିତ କରାଇବାର ସୁଯୋଗ ପାଇ ନ ଥିଲେ । ରାଜାମାନଙ୍କର କ୍ଷମତା ହସ୍ତାନ୍ତରୀକରଣ ପରେ ମୁଁ ଯଦିଓ ଶାସନ କାର୍ଯ୍ୟରେ ବ୍ୟସ୍ତ ରହିଲି, ତଥାପି ମୋତେ ସମୟ ମିଳିଲା । ଏହି ସମୟରେ ବିଭିନ୍ନ ରାଜନୈତିକ ଦଳର ନେତାମାନେ ମୋତେ ତାଙ୍କ ଦଳର ମତବାଦରେ ଦୀକ୍ଷିତ କରାଇ ଦଳଭୁକ୍ତ କରାଇବାକୁ ପ୍ରଗାଢ଼ ଉଦ୍ୟମ ଚଳାଇଲେ ।

ସେତେବେଳକୁ ଓଡ଼ିଶାରେ ସ୍ପଷ୍ଟ ଭାବରେ କଂଗ୍ରେସ ଏବଂ କମ୍ୟୁନିଷ୍ଟ ଭାବେ ୨ଟି ରାଜନୈତିକ ଦଳ ଥିଲେ । ସୋସାଲିଷ୍ଟ ଏବଂ ଫରୱାର୍ଡ୍ ବ୍ଲକ୍

Digitized by PPRACHIN, SOA

ଦଳ ଦୁଇଟି କଂଗ୍ରେସ ଭିତରେ ଥିଲେ । ୧୯୫୨ ନିର୍ବାଚନ ବେଳକୁ ସୋସାଲିଷ୍ଟମାନେ କଂଗ୍ରେସରୁ ପୃଥକ ହୋଇଗଲେ ! ଫରୱାର୍ଡ଼ ବ୍ଲକ୍ ଦଳ ପୃଥକ ହୋଇ ନ ଥିଲେ ମଧ୍ୟ ହେବାକୁ ଚେଷ୍ଟା କରୁଥାନ୍ତି, କିନ୍ତୁ ହୋଇ ପାରିଲେ ନାହିଁ । ଏ ଦଳମାନେ ସମସ୍ତେ ମୋତେ ତାଙ୍କ ଦଳ ବା ଗୋଷ୍ଠୀଭୁକ୍ତ ହେବାକୁ ପ୍ରଭାବିତ କରାଉଥିଲେ । କିନ୍ତୁ ମୁଁ କଂଗ୍ରେସର ନୀତି ଓ ଦର୍ଶନକୁ ପରିତ୍ୟାଗ କରିବି ନାହିଁ ବୋଲି ସ୍ଥିର କଲି । ତଦନୁସାରେ ଦେଶ ଏବଂ ଜାତି ଗଢ଼ିବାରେ ବ୍ରତୀ ହେବି ବୋଲି ସ୍ଥିର କଲି । କିଛି ବର୍ଷ ପରେ ସୋସାଲିଷ୍ଟମାନେ ପୁଣି ୨ଟି ଦଳରେ ବିଭକ୍ତ ହେଲେ, ଯଥା:—ପି: ଏସ୍: ପି: ଓ ଏସ୍: ଏସ୍: ପି: । କମ୍ୟୁନିଷ୍ଟମାନେ ପୁଣି ଦକ୍ଷିଣପନ୍ଥୀ ଓ ବାମପନ୍ଥୀ କମ୍ୟୁନିଷ୍ଟ ରୂପେ ବିଭକ୍ତ ହୋଇ ତାଙ୍କ ମତବାଦ ପ୍ରଚାର କଲେ । ଓଡ଼ିଶାରେ ରାଜା ମହାରାଜାମାନଙ୍କ ଚେଷ୍ଟା ଏବଂ ଆନୁକୂଲ୍ୟରେ ଗଣତନ୍ତ୍ର ନାମରେ ଏକ ପ୍ରାଦେଶିକ ଦଳ ୧୯୫୨ ନିର୍ବାଚନ ବେଳକୁ ସଂଗଠିତ ହେଲା । ଏହି ଦଳଟି ୧୯୬୬-୬୭ ବେଳକୁ ରାଜାଜୀଙ୍କର ନବ-ସଂଗଠିତ ସ୍ୱତନ୍ତ୍ର ଦଳରେ ଯୋଗ ଦେଇ ଓଡ଼ିଶାରେ ସ୍ୱତନ୍ତ୍ର ଦଳର ନୀତି ଏବଂ ଦର୍ଶନ ପ୍ରଚାର କଲା । କ୍ରମେ କ୍ରମେ ଓଡ଼ିଶାରେ ଜନସଂଘ ଦଳ ଓ ତାର ରାଷ୍ଟ୍ରୀୟ ସ୍ୱୟଂ-ସେବକ ଗୋଷ୍ଠୀ ଗଠିତ ହୋଇ କେବଳ କେତେକ ଟାଉନରେ କାର୍ଯ୍ୟ ଆରମ୍ଭ କଲେ ।

କଂଗ୍ରେସର ଦୁର୍ନୀତିମୂଳକ କାର୍ଯ୍ୟକଳାପ, ବିଶେଷତଃ ଓଡ଼ିଶା ତଥା ଭାରତ ବର୍ଷର କଂଗ୍ରେସ ନେତୃବର୍ଗଙ୍କ ଆଚରଣ ଏବଂ କାର୍ଯ୍ୟକଳାପରେ ହତାଶ ଓ ନିରାଶ ହୋଇ ମୋ ସମେତ କେତେକ ବିଶିଷ୍ଟ କଂଗ୍ରେସ ନେତା ଓ କର୍ମୀ ମୂଳ କଂଗ୍ରେସରୁ ଅନ୍ତର ହୋଇ ୧୯୬୬ରେ ଜନ-କଂଗ୍ରେସ ସଂଗଠନ କଲେ । ପରେ ପୁଣି ନି: ଭା: କ: କ: ୧୯୬୮-୬୯ରେ ଶାସକ-କଂଗ୍ରେସ (ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ) ଓ ସଂଗଠନ-କଂଗ୍ରେସ (ଶ୍ରୀ ନିଜଲିଙ୍ଗା-ପ୍ପାଙ୍କ ନେତୃତ୍ୱରେ) ନାମରେ ଦୁଇଟି ରାଜନୈତିକ ଦଳରେ ପରିଣତ ହେଲା । ତା'ପରେ ଶାସକ-କଂଗ୍ରେସ 'କଂଗ୍ରେସ' ନାମରେ ଅଭିହିତ ହେଲା । ଓଡ଼ିଶାରେ ୧୯୭୦ରେ କଂଗ୍ରେସ ୩ ଭାଗରେ; ଯଥା—ଶାସକ, ସଂଗଠନ ଓ ଉତ୍କଳକଂଗ୍ରେସରେ ବିଭକ୍ତ ହୋଇଗଲା । ଆମ୍ଭେମାନେ ଆଗରୁ କଂଗ୍ରେସ ପରିତ୍ୟାଗ କରି ଜନକଂଗ୍ରେସ ସଂଗଠନ କରିଥିଲୁ । ୧୯୬୯-୭୦ ବେଳକୁ ଓଡ଼ିଶାରେ ରାଉରକେଲା ଅଞ୍ଚଳରେ ଏସ୍-ଇଉ-ସି (S.U.C) ଦଳ ନାମରେ ଗୋଟିଏ ଦଳ ମୁଣ୍ଡ ଟେକିଲା । ତା ପୂର୍ବରୁ ଆଦିବାସୀ କଂଗ୍ରେସ

Digitized by PPRACHIN, SOA

ଏବଂ ଝାଡ଼ଖଣ୍ଡ ଦଳ ନାମରେ ୨ଟି ଦଳ ଓଡ଼ିଶାର ମୟୂରଭଞ୍ଜ, କେଉଁଝର ଓ ସୁନ୍ଦରଗଡ଼ ଜିଲ୍ଲା ଅଞ୍ଚଳରେ ସଂଗଠିତ ହୋଇ କାର୍ଯ୍ୟ କରୁଥିଲା ।

ଉପର୍ଯ୍ୟୁକ୍ତ ଦଳମାନଙ୍କ ମଧ୍ୟରୁ ଆଦିବାସୀ କଙ୍ଗ୍ରେସ, ଝାଡ଼ଖଣ୍ଡ ଦଳ ଏବଂ ଗଣତନ୍ତ୍ର ଦଳ ବ୍ୟତୀତ ଅନ୍ୟ ଦଳମାନେ,ମୋତେ ବହୁ ସମୟରେ ସାନୁନୟ ଅନୁରୋଧ କରି ପ୍ରଭାବ ପକାଇବାରେ ଚେଷ୍ଟା କରୁଥାନ୍ତି ଯେ, ମୁଁ ଉକ୍ତ ଦଳମାନଙ୍କରେ ଯୋଗଦାନପୂର୍ବକ ପଥପ୍ରଦର୍ଶନ ଦେବି କିମ୍ବା ନେତୃତ୍ୱ ନେବି। ପ୍ରଗତିଶୀଳ ଦଳମାନେ ଭାବନ୍ତି ଯେ, ମୁଁ ପ୍ରଗତିବାଦୀ ବା ସାମ୍ୟବାଦୀ । ତେଣୁ ସେମାନଙ୍କ ଦଳରେ ମୁଁ ଯୋଗଦାନ କଲେ ତାଙ୍କ ଦଳ ପୁଷ୍ଟ ହେବ । ମୁଁ ଭଗବତ୍ ବିଶ୍ୱାସୀ ଏବଂ ହିନ୍ଦୁଧର୍ମ ଓ ସଂସ୍କୃତିର ପୃଷ୍ଠପୋଷକ ଭାବି ଜନସଂଘ ତଥା ରାଷ୍ଟ୍ରୀୟ ସ୍ୱୟଂ-ସେବକ ଗୋଷ୍ଠୀ ମୋତେ ଆଶା କରନ୍ତି ଯେ, ମୁଁ ସେମାନଙ୍କର ଦଳଭୁକ୍ତ ହୋଇ ନେତୃତ୍ୱ ନିଏ । କଙ୍ଗ୍ରେସର ଦୁଇ ଗୋଷ୍ଠୀ— ଶାସକ ଓ ସଂଗଠନ ଏବଂ ଓଡ଼ିଶାର ଆଞ୍ଚଳିକ ଗୋଷ୍ଠୀ ଉତ୍କଳ କଙ୍ଗ୍ରେସ ମୋତେ ଅନୁରୋଧ କରନ୍ତି ଯେ, ମୁଁ ଉକ୍ତ ଦଳମାନଙ୍କରେ ଯୋଗ ଦେଇ ନେତୃତ୍ୱ ନେବି । ସମୟେ ସମୟେ କେତେକ ବିଷୟରେ ମୋର ମତ ରାଜାଜୀଙ୍କ ମତ ସଙ୍ଗେ ପ୍ରାୟ ମିଳିଯାଉଥିବାରୁ ବ୍ୟକ୍ତିବାଦୀମାନେ ଭାବନ୍ତି ଯେ, ମୁଁ ବ୍ୟକ୍ତିବାଦ ଓ ପୁଞ୍ଜିବାଦକୁ ବିଶ୍ୱାସ କରେ । ତେଣୁ ସ୍ୱତନ୍ତ୍ର ଲୋକେ ଆଶା କରନ୍ତି ଯେ, ମୁଁ ତାଙ୍କ ଦଳରେ ଯୋଗ ଦେଲେ ଉତ୍ତମ ହୁଅନ୍ତା । ମୋ ପ୍ରତି ଏତେ ଦଳ ଆକୃଷ୍ଟ ହେବାର କାରଣ ସ୍ୱରୂପ କେହି କେହି ଭାବନ୍ତି ଯେ, ମୋର ନିର୍ଦ୍ଦିଷ୍ଟ ରାଜନୈତିକ ଦର୍ଶନ ନ ଥିବାରୁ ସମସ୍ତେ ଚେଷ୍ଟା କରୁଥିଲେ ମୋତେ ତାଙ୍କ ଦଳଭୁକ୍ତ କରିବାକୁ । ପ୍ରଥମତଃ ମୋର କିଛି ଲୋକପ୍ରିୟତା ଏବଂ ଦ୍ୱିତୀୟତଃ ନ୍ୟାୟପରାୟଣତା ଏହି ଆକର୍ଷଣର କାରଣ ଅଟେ । କୌଣସି ସମସ୍ୟାରେ ଦଳମତନିର୍ବିଶେଷରେ ଅତି ସ୍ୱଚ୍ଛ ଏବଂ ସରଳ ଭାବରେ ମୁଁ ଉଚିତ ଏବଂ ନିର୍ଭୀକ ମତ ଦିଏ ବୋଲି ପ୍ରାୟ ସମସ୍ତେ ଭାବନ୍ତି । ଏହିପରି ମତ ପ୍ରକାଶ କରିବାରେ ମୁଁ ଦଳୀୟ ଉକ୍ତି ବା ଧ୍ୱନିର (Slogan) ଶୃଙ୍ଖଳା ମଧ୍ୟରେ ନ ଥାଏ ବୋଲି ଅନେକଙ୍କର ଧାରଣା । ତେଣୁ ସମସ୍ତଙ୍କର ମୋ ପ୍ରତି ଆଶା ଏବଂ ଆକର୍ଷଣ । ମୋପ୍ରତି ସମସ୍ତଙ୍କର ସଦିଚ୍ଛା ଓ ବିଶ୍ୱାସ ପାଇଁ ମୁଁ ଧନ୍ୟବାଦପୂର୍ବକ କୃତଜ୍ଞତା ଜଣାଇ କହେ ଯେ, ମୁଁ ପ୍ରଥମରୁ ଗାନ୍ଧୀ-ଦର୍ଶନ ଓ ଗାନ୍ଧୀବାଦରେ ବିଶ୍ୱାସ କରେ । ତେଣୁ ଅନ୍ୟ ଦର୍ଶନକୁ ଗ୍ରହଣ କରିପାରୁ ନାହିଁ । ସେହି କାରଣରୁ ମୁଁ ମୋ ଗାନ୍ଧୀ-ଧର୍ମରେ ରହିବି, ଅନ୍ୟ

Digitized by PPRACHIN, SOA

ରାଜନୈତିକ ଧର୍ମ ଗ୍ରହଣ କରିପାରିବ ନାହିଁ ବୋଲି ଧନ୍ୟବାଦର ସହିତ ଠୋକ୍ ଠୋକ୍ କହିବିଏ ।

ଆଜି ଭାରତ ତଥା ପୃଥିବୀରେ ମତ କମ୍ବା ଦର୍ଶନକୁ ଭିତ୍ତି କରି ଯେତେ ଦଳ ଅଛନ୍ତି ସେ ସବୁକୁ ରାଜମତ, ଅର୍ଥମତ ଏବଂ ଶାସନ-ମତ ଦୃଷ୍ଟିରୁ ସ୍ଥୂଳତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ । ଗୋଟିଏ ହେଉଛି 'ବ୍ୟକ୍ତିବାଦ-ପୁଞ୍ଜିବାଦ' ମତ ଏବଂ ଅନ୍ୟଟି ହେଉଛି 'ସାମ୍ୟବାଦ' ମତ । ଏ ଦୁଇଟି ମତ ବା ଦର୍ଶନକୁ ବାଦ୍ ଦେଲେ ଧର୍ମ, ଜାତି, ଭାଷା ଏବଂ ଆଞ୍ଚଳିକତାକୁ ଭିତ୍ତି କରି ଆଉ କେତୋଟି ଦଳ ତିଷ୍ଠିପାରେ ; କିନ୍ତୁ ତାହା କ୍ଷଣସ୍ଥାୟୀ ଅଟେ । ଉପର୍ଯୁକ୍ତ ୨ଟି ମତ, ବା ଦର୍ଶନ, ବା ମତବାଦକୁ ବାଦ ଦେଲେ ପୃଥିବୀର ଜନତାକୁ ମହାତ୍ମା ଗାନ୍ଧୀ ଆଉ ଗୋଟିଏ ଦର୍ଶନ(ideology) ବା ମତବାଦ ଉଦ୍ଭାବିତ କରିଦେଇଛନ୍ତି । ତାହା ହେଉଛି "ଗାନ୍ଧୀ-ଦର୍ଶନ"(Gandhian ideology) ବା ଗାର୍ନ୍ଧୀବାଦ(Gandhism) । ଏହି ୩ଟି ଦର୍ଶନ ବା ମତବାଦ.(୧—ବ୍ୟକ୍ତିବାଦ ପୁଞ୍ଜିବାଦ, ୨—ସମାଜବାଦ, ୩—ଗାର୍ନ୍ଧୀବାଦ) ମଧ୍ୟରୁ ମାନବସମାଜକୁ ଶୋଷଣ, ପେଷଣ, ଉତ୍ପୀଡ଼ନ, ଅତ୍ୟାଚାର, ଆଶଙ୍କା, ଅମାନୁଷିକତା, ବାଧ୍ୟତା, ଭୟଭୀତି ଏବଂ ଏକଛତ୍ରବାଦରୁ ରକ୍ଷା କରିବାକୁ ହେଲେ ଗାନ୍ଧୀବାଦ ହିଁ ଏକମାତ୍ର ଦର୍ଶନ, ଯାହାର ସମ୍ପୂର୍ଣ୍ଣ କାର୍ଯ୍ୟକାରିତା କୌଣସି ଜାତି ଏବଂ ଜନତାକୁ ନିର୍ଦ୍ଦୋଷ ସାମ୍ୟବାଦର ବାଞ୍ଛିତ ସର୍ବାଙ୍ଗୀନ ସୁଖ-ସମୃଦ୍ଧି ପ୍ରଦାନ କରିପାରିବ । ଏଥିରେ ମୋର ପୂର୍ଣ୍ଣ ବିଶ୍ୱାସ ଅଛି । ମୋର ବିଶ୍ୱାସ କରିବାର କାରଣ, ମୁଁ ଗାନ୍ଧୀବାଦକୁ ଅନ୍ୟାନ୍ୟ ଦର୍ଶନ ସଙ୍ଗେ ତୁଳନାତ୍ମକ ଭାବେ ବିଚାର କରି ଏହା ସର୍ବୋତ୍କୃଷ୍ଟ ବୋଲି ହୃଦ୍‌ବୋଧ କରୁଛି । ଏ ବିଚାରଧାରା ନିମ୍ନରେ ପ୍ରଦତ୍ତ କରୁଛି ।

ବ୍ୟକ୍ତିବାଦ ପୁଞ୍ଜିବାଦ

ପ୍ରଥମତଃ ବ୍ୟକ୍ତିବାଦ-ପୁଞ୍ଜିବାଦ କଥା ବର୍ଣ୍ଣନ କରାଯାଉ । ପୁଞ୍ଜିବାଦର ଅର୍ଥ ହେଉଛି ଗଣତାନ୍ତ୍ରିକ-ସମ୍ବିଧାନ ଅନୁମୋଦିତ ଏବଂ ଆଇନ-ସମ୍ମତ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଓ ଅସୀମ ପୁଞ୍ଜି ଆହରଣ ଏବଂ ସଂରକ୍ଷଣ ସଙ୍ଗେ ତାହାର କାରବାରରେ ଅଧିକାର, ଏକଚ୍ଛତ୍ରବାଦ ଭିତରେ ଏହା ମଧ୍ୟ କରାଯାଇପାରେ । ସରଳ ଭାଷାରେ କହିବାକୁ ଗଲେ ପୁଞ୍ଜିବାଦର ଅର୍ଥ ହେଉଛି ଗଣତାନ୍ତ୍ରିକ ସମାଜ ଓ ଶାସନ ପ୍ରଥା ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ରହିବ । ସେ ତାର ବ୍ୟକ୍ତିଗତ ସମ୍ପତ୍ତି ଓ କୁଟୁମ୍ବର ମାଲିକ ହେବ । ତାର ସମ୍ପତ୍ତିରେ ସରକାର କିମ୍ବା ଅନ୍ୟ କାହାର ଅଧିକାର ରହିବ ନାହିଁ । ତାର ସମ୍ପତ୍ତିର ପରିମାଣ ଅସୀମ ରହିବ । ଧର୍ମ ଏବଂ ଜାତି ଭାବନାରେ ସେ ସ୍ୱତନ୍ତ୍ର ଏବଂ ସ୍ୱାଧୀନ । ଏଥିରେ ହସ୍ତକ୍ଷେପ କରିବାର କାହାର ଅଧିକାର ନ ଥିବ ।

ଯେଉଁମାନେ ଏ ମତ ବା ଦର୍ଶନର ବିରୋଧ କରନ୍ତି ସେମାନେ ଏ ପ୍ରଥାର ସାମାଜିକ ଓ ଅର୍ଥନୈତିକ ଦୁର୍ଗୁଣ ଦେଖାନ୍ତି । ସେମାନେ କହନ୍ତି ଯେ ଏହି ମତବାଦ ଯେଉଁ ଦେଶ ଏବଂ ସମାଜରେ ପ୍ରଚଳିତ ଥାଏ ସେଠାରେ ସମ୍ପତ୍ତିର ସୁଷମ ବଣ୍ଟନ ହୁଏନାହିଁ । ଅଳ୍ପ କେତେକ ଚତୁର, ଚାଲାକ, ବୁଦ୍ଧିମାନ, ଅଧ୍ୟବସାୟୀ ବ୍ୟକ୍ତି କିମ୍ବା ଗୋଷ୍ଠୀଙ୍କ ହାତରେ ସମ୍ପତ୍ତି ଠୁଳ ହୋଇ ରହେ । ସୁଖ-ସୁବିଧା ଏବଂ ସମ୍ପତ୍ତି ଉପଭୋଗ ବିଚାରରୁ ଧନୀ ଦରିଦ୍ର ମଧ୍ୟରେ ଆକାଶ-ପାତାଳ ଫରକ ରହେ । ଧନୀ ଅଧିକତର ବିଭବଶାଳୀ ହେବା ସଙ୍ଗେ ସଙ୍ଗେ ଗରିବ ଅଧିକତର ଦରିଦ୍ର ହୁଏ । ବହୁ ଲୋକଙ୍କର ପରିଶ୍ରମରେ ଅଳ୍ପ କେତେକ ବ୍ୟବସାୟୀ ଏବଂ ଶିଳ୍ପ-ପତିଙ୍କର ଲାଭ ହୁଏ । ଶୋଷଣର ତାଣ୍ଡବ ଲୀଳା ହୁଏ । ବହୁ ଲୋକ ଅକର୍ମା ହୋଇ ଉତ୍ପାଦନ କରନ୍ତି ନାହିଁ । ଫଳତଃ ଜାତୀୟ ଉତ୍ପାଦନ ବୃଦ୍ଧି ହୁଏ ନାହିଁ । ପୁଞ୍ଜିପତି-ମାନେ ଦେଶର ଶ୍ରମିକ ଏବଂ ଖାଉଟିମାନଙ୍କୁ ସର୍ବବିଧ ଉପାୟରେ ଶୋଷଣ କରନ୍ତି । ପରିଣାମରେ ଦେଶର ଜନତା ସର୍ବାଙ୍ଗୀନ ଅବନତିର ଶିକାର

Digitized by PPRACHIN, SOA

ହୋଇ ବିଦ୍ରୋହ କରି ଗୃହ-ବିବାଦପୂର୍ବକ ସାମ୍ୟବାଦ ସମାଜ ଓ ଶାସନ ପ୍ରତିଷ୍ଠା ପାଇଁ ଉଦ୍ୟତ ହୁଅନ୍ତି । ତେଣୁ ଏହି ମତବାଦରେ ସମାଜ ଓ ଶାସନ ଚଳିବା ଅନୁଚିତ ।

ଯେଉଁମାନେ ବ୍ୟକ୍ତିବାଦ-ପୁଞ୍ଜିବାଦର ସମର୍ଥକ ସେମାନେ ଏ ଦର୍ଶନର ଗୁଣ, ଉପକାରିତା ଏବଂ ଉପାଦେୟତା ପ୍ରମାଣ କରନ୍ତି । ସେମାନେ ଯୁକ୍ତି ବାଢ଼ନ୍ତି ଯେ, ଏହା ବ୍ୟକ୍ତିର ବ୍ୟକ୍ତିତ୍ୱକୁ ବିକାଶ ପାଇଁ ସର୍ବବିଧ ସ୍ୱାଧୀନତା ଏବଂ ଅବକାଶର ସୁଯୋଗ ପ୍ରଦାନ କରେ । ତେଣୁ ଉତ୍ପାଦନ ବୃଦ୍ଧିରେ ଆତ୍ମ-ପ୍ରେରଣା ଓ ଆତ୍ମ-ପ୍ରୋତ୍ସାହନ ଦେଇ ବ୍ୟକ୍ତିଗତ ଉନ୍ନତି ସଙ୍ଗେ ସମାଜର ସମୂହ କଲ୍ୟାଣ କରେ । ଫଳତଃ ଉତ୍ପାଦନ ବଢ଼େ ; ଉତ୍ପାଦନ ବୃଦ୍ଧି ହେବା କାରଣରୁ ଜିନିଷ ପତ୍ର ସୁଲଭ ଏବଂ ସୁଗମରେ ମିଳେ । ଏ ପ୍ରକାରେ ବେକାରି ଦୂର ହୁଏ । ନିଯୁକ୍ତି ଦେବା ନିମନ୍ତେ ଏବଂ ମୂଳଧନ ଖଟାଇବା ପାଇଁ ସରକାରଙ୍କର ଦାୟିତ୍ୱ ଲଘବ ହୁଏ । ଶୋଷଣ ପରିବର୍ତ୍ତେ ବରଂ ତୋଷଣ ହୁଏ । ଶୋଷଣକୁ ରୋକିବା ପାଇଁ ସରକାରୀ ଆଇନ କାନୁନ ପ୍ରତ୍ୟାଶିତ ଶୋଷିତ ବ୍ୟକ୍ତିଙ୍କ ନିମନ୍ତେ ରକ୍ଷା-କବଚ ରୂପେ କାର୍ଯ୍ୟ କରେ ଇତ୍ୟାଦି ଇତ୍ୟାଦି । ଉପର୍ଯ୍ୟୁକ୍ତ ଯୁକ୍ତି ଦେଖାଇ ସେମାନେ ସାମ୍ୟବାଦକୁ ନିନ୍ଦା କରିବା ସଙ୍ଗେ ସଙ୍ଗେ ମତ ପ୍ରକାଶ କରନ୍ତି ଯେ, ବ୍ୟକ୍ତିବାଦ-ପୁଞ୍ଜିବାଦ ହିଁ ଏକ-ମାତ୍ର ଦର୍ଶନ ଯାହାର କାର୍ଯ୍ୟକାରିତା ସମାଜକୁ ସର୍ବାଙ୍ଗୀନ ସୁଖ-ଶାନ୍ତି ପ୍ରଦାନ କରି ପାରିଛି ଓ ପାରିବ । ଏଥିପାଇଁ ସେମାନେ ଆମେରିକା (U.S.A.) ଓ ରୁଷିଆ (U.S.S.R) ଦେଶମାନଙ୍କର ବ୍ୟକ୍ତି, ଗୋଷ୍ଠୀ ଏବଂ ସମଷ୍ଟିଙ୍କର ଜୀବନ ଧାରଣର ମାନଦଣ୍ଡ ତୁଳନାତ୍ମକ ଭାବେ ଉପସ୍ଥାପିତ କରି ପ୍ରମାଣ କରନ୍ତି ଯେ, ବ୍ୟକ୍ତିବାଦୀ-ପୁଞ୍ଜିବାଦୀ ଆମେରିକା ଓ ଜାପାନ ଦେଶର ଲୋକେ ସାମ୍ୟବାଦୀ ରୁଷିଆ ଓ ଚୀନ ଦେଶର ଲୋକଙ୍କ ଅପେକ୍ଷା ଅଧିକତର ସୁଖୀ ଏବଂ ସମୃଦ୍ଧିଶାଳୀ ।

Digitized by PPRACHIN, SOA

ସାମ୍ୟବାଦ ବା ସମାଜବାଦ

ବିଶେଷତଃ ସାମ୍ୟବାଦ ବା ସମାଜବାଦ କଥା ବିଚାରକୁ ନିଆଯାଉ । ସାଧାରଣ ଭାବେ ଅର୍ଥ କଲେ ସାମ୍ୟବାଦ ମାନେ ସମସ୍ତେ ସମାନ ; ବଡ଼-ସାନ କିମ୍ବା ଧନୀ-ନିର୍ଦ୍ଧନର ସମସ୍ୟା ନାହିଁ ; ସମାଜରୁ ସମସ୍ତେ ସମାନ ଭାବରେ ସୁଖ-ସୁବିଧା ଉପଭୋଗ କରିପାରିବେ । ଏ କଳ୍ପନା ଅନୁସାରେ ସାରା ଦେଶ ଗୋଟିଏ କୁଟୁମ୍ବ ହିସାବରେ ଚଳିବା ଉଚିତ । ଆଦର୍ଶ ଏବଂ ସମ୍ପୂର୍ଣ୍ଣ (ideal and full) ସାମ୍ୟବାଦ ସମାଜ ଓ ଶାସନରେ ବ୍ୟକ୍ତିଗତ କୁଟୁମ୍ବ, ବ୍ୟକ୍ତିଗତ ସମ୍ପତ୍ତି, ଧର୍ମ, ଜାତି କିମ୍ବା ସମ୍ପ୍ରଦାୟର ସ୍ଥାନ ନାହିଁ । ପ୍ରତ୍ୟେକ ବ୍ୟକ୍ତି ତାର ନିଜ ଶକ୍ତି ଅନୁସାରେ କାମ କରିବାକୁ ବାଧ୍ୟ । ସେ କାମ ମୁଖ୍ୟତଃ ଠିକା-କାମ (Piece-work) ହେବ ଏବଂ ବିଶେଷତଃ ମାପ କିମ୍ବା ଓଜନଦ୍ୱାରା ହାସଲ ବା ସ୍ୱୀକୃତ ହେବ । ଏହାର ଅର୍ଥ ହେଉଛି ଯେ, ପ୍ରତ୍ୟେକ ଦିନ ପ୍ରତ୍ୟେକ ବ୍ୟକ୍ତି ନିର୍ଦ୍ଦିଷ୍ଟ ପରିମାଣରେ କାମ ଏବଂ ଉତ୍ପାଦନ ନିଶ୍ଚୟ କରିବ । ତାହା ନ କଲେ ସମାଜର ଗୋଦାମରୁ କିମ୍ବା ଭୋଷେଇଘରୁ ଯଥାକ୍ରମେ ଭୋଷେଇ ସାମଗ୍ରୀ (ration) କିମ୍ବା ଖାଦ୍ୟ (food) ମିଳିବ ନାହିଁ । କଲମ ଚଳାଇବା କାମନିତାନ୍ତ କମ ହେବ । ଆମ ଦେଶରେ ଯେପରି ପାଣି ଦେବା, ଘର ଝାଡ଼ୁ କରିବା ଏବଂ ପଙ୍ଖା ଟାଣିବା ପାଇଁ ଲୋକ ଥାନ୍ତି କିମ୍ବା ବହୁ ସଂଖ୍ୟାରେ ଅଯଥା ଅର୍ଦ୍ଦଲୀ, ପିଅନ, ଚପରାଶୀ, ଚୌକିଦାର ପ୍ରଭୃତି ନିଯୁକ୍ତି ପାଇ ଦରମା ପାଆନ୍ତି ସାମ୍ୟବାଦୀ ଦେଶରେ ତାହା କଳ୍ପନାର ବାହାରେ । ଅବଶ୍ୟ ଏହି ପ୍ରକାର ସମୟ-ନିର୍ଦ୍ଦିଷ୍ଟ କାମ (Time-work) ଖୁବ୍ କମ୍ ଅଛି । କିନ୍ତୁ ଯେଉଁମାନେ ଅପେକ୍ଷାକୃତ ଦୁର୍ବଳ ସେହିମାନେ ହିଁ ସେହି କାମ କରନ୍ତି । ପ୍ରତ୍ୟେକ ବ୍ୟକ୍ତି ମାପ କିମ୍ବା ଓଜନ କାମ (Piece-work) କରିବାକୁ ବାଧ୍ୟ । ଯେ ଯେତେ ଶିକ୍ଷିତ ହେଉ ପଛକେ ସେ ବ୍ୟକ୍ତି ନିଜ ରୁଚି ଅନୁସାରେ କାର୍ଯ୍ୟ କରିପାରିବ ନାହିଁ । ଶିକ୍ଷିତ ବ୍ୟକ୍ତି ମଧ୍ୟ ନିଶ୍ଚୟ ଆବଶ୍ୟକ ସ୍ଥଳେ କାୟିକ ପରିଶ୍ରମମୂଳକ କାର୍ଯ୍ୟ କରିବ ହିଁ କରିବ । ପ୍ରତ୍ୟେକ

Digitized by PPRACHIN, SOA

ଶକ୍ତି ଅନୁସାରେ କାର୍ଯ୍ୟ କରିବ । ଉକ୍ତ ଶକ୍ତି କଣ ତାହା ସେ ନିଜେ କିମ୍ବା ତାର ଭାଇ ବନ୍ଧୁ ସ୍ଥିର କରିବେ ନାହିଁ । ଷ୍ଟେଟ୍ ତରଫରୁ ଜଣେ କ୍ଷମତାପ୍ରାପ୍ତ ବିଶେଷଜ୍ଞ କେଉଁ ବ୍ୟକ୍ତିର କେଉଁ ପରିମାଣରେ କି ପ୍ରକାର ଶକ୍ତି ଅଛି ଏବଂ ଉକ୍ତ ବ୍ୟକ୍ତି କି କି କାର୍ଯ୍ୟ କରିବାକୁ ଯୋଗ୍ୟ ସ୍ଥିର କରିବ । ଯଦି କେହି ଶିକ୍ଷିତ କିମ୍ବା ଅଶିକ୍ଷିତ ବ୍ୟକ୍ତି କଠିନ କାୟିକ ପରିଶ୍ରମ କରିବାକୁ ଅକ୍ଷମ ବା ଅନଭ୍ୟସ୍ତ ବୋଲି ଆପତ୍ତି କରନ୍ତି ତେବେ ସେହି ବ୍ୟକ୍ତିକୁ କଠିନ କାୟିକ ପରିଶ୍ରମ ପାଇଁ ଅଭ୍ୟସ୍ତ ହେବା ନିମନ୍ତେ ଅବଶ୍ୟ ମାସେ ଦେଢ଼ ମାସ ସମୟ ଦିଆଯିବ । ଯଦି ଉକ୍ତ ସମୟ ମଧ୍ୟରେ ସେହି ବ୍ୟକ୍ତି ଅଭ୍ୟସ୍ତ ହୋଇ କଠିନ ପରିଶ୍ରମ କରିବାକୁ ରାଜି ନ ହୁଅନ୍ତି, ତେବେ ସେହି ବ୍ୟକ୍ତିକୁ କଳ୍ପିତ ସାମ୍ୟବାଦ ସମାଜର ବିରୋଧୀ ଲୋକ କିମ୍ବା ଅନୁପଯୁକ୍ତ ବ୍ୟକ୍ତି ଭାବେ ପରିଗଣିତ କରି ଖତମ କରିଦେବାକୁ ହେବ ।

ଯେତେଦୂର ସମ୍ଭବ ସମସ୍ତ ଉତ୍ପାଦନ, ଯନ୍ତ୍ର ସାହାଯ୍ୟରେ ହେବା ଦରକାର । ଉତ୍ପାଦନର ସମସ୍ତ ସାଧନ ବା ଜରିଆ (means) ସରକାରଙ୍କ ଆୟତ୍ତରେ ରହିବ । ଭୂମି, ଜମି, ମାଟି, କଳ କାରଖାନା, ଖଣି, ଖାଦାନ ସବୁ ସମାଜ ବା ସରକାରଙ୍କ ଅଧୀନରେ ପ୍ରତ୍ୟକ୍ଷ ଭାବେ ରହିବ । ବ୍ୟକ୍ତିଗତ ସମ୍ପତ୍ତି ରହିବ ନାହିଁ ; ରହିଲେ ଖୁବ୍ କମ୍ ରହିବ । ସନ୍ଥ ବିନୋବାଜୀଙ୍କ ମତ ଅନୁସାରେ "ସାରୀ ସମ୍ପତ୍ତିୟାଁ ଗୋପାଲକୀ ।" ଅର୍ଥାତ୍ ଯେତେ ସମ୍ପତ୍ତି—ପ୍ରାକୃତିକ, ନୈସର୍ଗିକ ଏବଂ କୃତ୍ରିମ—ଅଛି ସେ ସବୁ ସରକାରଙ୍କର, ନର-ନାରାୟଣଙ୍କର, ଭଗବାନଙ୍କର ।

ପ୍ରତ୍ୟେକ ବ୍ୟକ୍ତି ନିଜର ଶକ୍ତି ଅନୁସାରେ କାମ କଲେ ସୁଦ୍ଧା, ନିଜର ଚାହିଦା, ଆବଶ୍ୟକତା ଏବଂ ରୁଚି ଅନୁସାରେ ଉପଭୋଗ କରି-ପାରିବ ନାହିଁ । ସମାଜର ସମୂହ ଉତ୍ପନ୍ନ ଏବଂ ଏକ ବ୍ୟକ୍ତିର ବ୍ୟକ୍ତିଗତ ଉତ୍ପନ୍ନର ଅନୁପାତରେ ସେ (ବ୍ୟକ୍ତି) ଉପଭୋଗ କରିବ । ସପ୍ତାହରେ ଛୁଟି ଦିନ ବ୍ୟତୀତ ଅନ୍ୟ ସବୁ ଦିନେ ସେ ବରାଦ ମୁତାବକ କାର୍ଯ୍ୟ କରିବ ।

ଏ ପ୍ରକାର ସମାଜ ପ୍ରତିଷ୍ଠା ଅତି ଉପାଦେୟ ଏବଂ ବାଞ୍ଛନୀୟ । ମନୁଷ୍ୟମାନେ ସ୍ୱଭାବତଃ ସ୍ୱାଧୀନ, ସ୍ୱାର୍ଥପର, ସ୍ୱେଚ୍ଛାଚାରୀ ଏବଂ ଶୋଷଣ-ଭାବାପନ୍ନ ଥିବାରୁ ଏ ପ୍ରକାର ସାମ୍ୟବାଦ ସମାଜର କଠୋର ଶୃଙ୍ଖଳା ଏବଂ ନିର୍ଦ୍ଦୟ କର୍ତ୍ତବ୍ୟପରାୟଣତାର ବିରୋଧ କରିବ ହିଁ କରିବ । ତେଣୁ ଗଣତନ୍ତ୍ର ଦ୍ୱାରା ସାମ୍ୟବାଦ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ଗଣତାନ୍ତ୍ରିକ

Digitized by PPRACHIN, SOA

ସାମ୍ୟବାଦ ପୁଞ୍ଜିବାଦଠାରୁ ସମାଜ ପକ୍ଷରେ ଅଧିକତର କ୍ଷତିକାରକ ହୋଇଯିବ । ସେହି କାରଣରୁ ଆଦର୍ଶ ଏବଂ ବାସ୍ତବ ସାମ୍ୟବାଦ ପ୍ରତିଷ୍ଠା ପାଇଁ ଏକଚ୍ଛତ୍ର (dictatorial) ସମ୍ବିଧାନ, ଆଇନକାନୁନ ଓ ଦଣ୍ଡ-ନିୟମ ଦରକାର । ରୁଷିଆ ଏବଂ ଚୀନ ପ୍ରଭୃତି ସାମ୍ୟବାଦୀ ଦେଶମାନେ ସମସ୍ତେ ଜନତାର ଏକଚ୍ଛତ୍ର ଶାସନ ଚଳାଉଛନ୍ତି । ସାମ୍ୟବାଦ ଏବଂ ଏକଚ୍ଛତ୍ରବାଦ ଯୁଗପତ୍ କାର୍ଯ୍ୟ ନ କଲେ ସାମ୍ୟବାଦ ପ୍ରତିଷ୍ଠିତ ହେବା ଦୁରୂହ କଥା । ସାମ୍ୟବାଦପ୍ରାପ୍ତି ଏବଂ ପ୍ରତିଷ୍ଠା ନିମନ୍ତେ ପ୍ରଥମେ ଏକଚ୍ଛତ୍ରବାଦ ସମ୍ବିଧାନ ଓ ଆଇନ-କାନୁନ ହେବା ଉଚିତ ।

ଯେଉଁମାନେ ସାମ୍ୟବାଦର ବିରୋଧୀ ବା ପରିପନ୍ଥୀ ସେମାନେ ଯୁକ୍ତି କରନ୍ତି ଯେ ବିନା ଏକଚ୍ଛତ୍ରବାଦରେ ସାମ୍ୟବାଦ ପ୍ରତିଷ୍ଠା ଅସମ୍ଭବ । ଜନତା ତ ଏକଚ୍ଛତ୍ରବାଦ ଗ୍ରହଣ କରନ୍ତି ନାହିଁ । ତେଣୁ ଗଣତନ୍ତ୍ରଦ୍ୱାରା ସାମ୍ୟ-ବାଦ ପ୍ରାପ୍ତି ଅସମ୍ଭବ । ସାମ୍ୟବାଦରେ ସମସ୍ତ ସମ୍ପତ୍ତି ସରକାରଙ୍କର ଆୟତ୍ତାଧୀନ ଏବଂ ଅଧିକାର ହେବା କାରଣରୁ ଓ ବ୍ୟକ୍ତିଗତ ସମ୍ପତ୍ତି ଅର୍ଜନ ବାରଣ ଥିବାରୁ ଉତ୍ପାଦନ ବୃଦ୍ଧି ହୁଏନାହିଁ । "ସଜା ଗାଈ ପୋକେଇ ମରେ" (Every man's property, no man's property) ଉକ୍ତିରେ ଯେପରି ସମ୍ପତ୍ତି ସୁରକ୍ଷିତ ଏବଂ ବୃଦ୍ଧି ହୁଏନାହିଁ, ସାମ୍ୟବାଦ ସମାଜରେ ସେହିପରି ଜାତୀୟ ସମ୍ପତ୍ତିର ସୁରକ୍ଷା ଏବଂ ଶ୍ରୀବୃଦ୍ଧି ମଧ୍ୟ ସମ୍ଭବ ହୁଏନାହିଁ । ସାମ୍ୟବାଦର ପ୍ରଧାନ ଦୁର୍ଗୁଣ ହେଉଛି ଯେ, ପୁଞ୍ଜିବାଦ ସମାଜରେ ବ୍ୟକ୍ତିର ଆତ୍ମ-ବିକାଶ ସଙ୍ଗେ ଯେଉଁ ଆତ୍ମ-ପ୍ରେରଣା (initiative) ଏବଂ ଆତ୍ମ-ପ୍ରଚେଷ୍ଟା କାର୍ଯ୍ୟ କରେ ସାମ୍ୟବାଦ ଶାସନ ଓ ସମାଜରେ ତାହା ସମ୍ପୂର୍ଣ୍ଣ ଲୁପ୍ତ ହୋଇଯାଏ ; ଯେହେତୁ ବ୍ୟକ୍ତିର ଆତ୍ମ-ନିର୍ଭରଶୀଳତା ଓ ଆତ୍ମ-ଉପାର୍ଜନର ପ୍ରଶ୍ନ ଉଠେନାହିଁ । ପ୍ରତ୍ୟେକ ବ୍ୟକ୍ତି ତ ମନେକରେ ଯେ କାମ ହେଉ ବା ନ ହେଉ ସେ ତ ସମାଜରେ ରହି ସମାଜର ସଜା-ପାଣ୍ଠିରୁ (Common fund) ତାର ଉତ୍ପାଦନ ଅନୁପାତରେ ଭୋଗ କରିବ । ବ୍ୟକ୍ତିଗତ ସମ୍ପତ୍ତି ଅଧିକାର ଏବଂ ଉପାର୍ଜନର ଅବକାଶ ନ ଥିବାରୁ ସେ (ବ୍ୟକ୍ତି) ତାର ଚଳିବା ମୁତାବକ ଦୈନିକ କାର୍ଯ୍ୟ କରି ଆନୁପାତିକ ସୁଖ-ସୁବିଧା ଭୋଗ କରିବ । ସଂକ୍ଷେ-ପରେ ସାମ୍ୟବାଦର ଦୁର୍ଗୁଣ ହେଉଛି, (୧) ଏକଚ୍ଛତ୍ରବାଦ, (୨) ଆତ୍ମ-ପ୍ରେରଣା ଏବଂ ଆତ୍ମ-ପ୍ରଚେଷ୍ଟାର ବିଲୋପ, (୩) ଆତ୍ମ-ପ୍ରକାଶ ଓ

Digitized by PPRACHIN, SOA

ଆତ୍ମ-ବିକାଶର ସୁଯୋଗରୁ ବଞ୍ଚିତ, (୪) ଫଳତଃ ଜାତୀୟ ଉତ୍ପାଦନ ଓ ଜାତୀୟ ସମ୍ପତ୍ତି ବୃଦ୍ଧିରେ ଅନ୍ତରାୟ, (୫) ସର୍ବୋପରି ମନୁଷ୍ୟ ମେସିନ୍ ସ୍ୱରୂପ ଏବଂ ଘରବାହୀ-ପଶୁ ତୁଲ୍ୟ ମାଲିକ କମ୍ପା ସମାଜପ୍ରଦତ୍ତ ଖାଦ୍ୟ ଖାଇ ନିର୍ଦ୍ଦିଷ୍ଟ ସମୟରେ ନିର୍ଦ୍ଦିଷ୍ଟ ଉତ୍ପାଦନ କରିବ ଏବଂ (୬) ସମାଜ, କୁଟୁମ୍ବ ଓ ପରିବାର ଭିତରର ଦୃଷ୍ଟିରୁ ସ୍ନେହ, ପ୍ରୀତି, ଭକ୍ତି, ମାୟା, ମମତା ଏବଂ ମଧୁର ସମ୍ପର୍କର ହ୍ରାସ ଏବଂ ଛିନ୍ନତା ଇତ୍ୟାଦି ।

ଯେଉଁମାନେ ସାମ୍ୟବାଦର ପକ୍ଷପାତୀ ସେମାନେ ଯୁକ୍ତି କରନ୍ତି ଯେ ବ୍ୟକ୍ତିଗତ କୁଟୁମ୍ବ, ବ୍ୟକ୍ତିଗତ ସମ୍ପତ୍ତି, ଜାତି, ଧର୍ମ ଏବଂ ସମ୍ପ୍ରଦାୟ ଇତ୍ୟାଦି ସମାଜରେ ସମସ୍ତ ପ୍ରକାର ଅନିଷ୍ଟ, ଝଗଡ଼ା ଏବଂ ସମସ୍ୟାର କାରଣ ଅଟନ୍ତି । ଗଣତନ୍ତ୍ର ମାନବର ଷଡ଼ ରିପୁର ତାଣ୍ଡବ ଲୀଳାକୁ ପ୍ରୋତ୍ସାହିତ କରି ସମାଜରେ ଶୋଷଣ, ନିଷ୍ପୀଡ଼ନ, ଉତ୍ପୀଡ଼ନ, ଅନ୍ୟାୟ ଏବଂ ଅତ୍ୟାଚାରକୁ ପ୍ରଶ୍ରୟ ଦିଏ । ତେଣୁ ବ୍ୟକ୍ତିଗତ ସମ୍ପତ୍ତି, କୁଟୁମ୍ବ, ଜାତି, ଧର୍ମ, ସମ୍ପ୍ରଦାୟ ଏବଂ ଗଣତନ୍ତ୍ରର ବିଲୋପସାଧନ-ପୂର୍ବକ ଜନତାର ଏକଛତ୍ରବାଦରେ ସାମ୍ୟବାଦ ପ୍ରତିଷ୍ଠାଦ୍ୱାରା ସମାଜର ପ୍ରତ୍ୟେକ ବ୍ୟକ୍ତିକୁ ଅନ୍ନ୍ୟନ ଅନ୍ନ, ବସ୍ତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ କୁଟୁମ୍ବ-ପୋଷଣ-ଜଞ୍ଜାଳରୁ ରକ୍ଷା କରାଯାଏ । ସେମାନଙ୍କର ଭାବନାରେ ସାମ୍ୟବାଦ ମାନବ ସମାଜକୁ ଏକ ସମ୍ପୂର୍ଣ୍ଣ ଓ ସମ୍ପନ୍ନ କୁଟୁମ୍ବରେ ପରିଣତ କରାଇ ଅପୂର୍ବ ସୁଖ ପ୍ରଦାନ କରାଏ । ଯେହେତୁ ପ୍ରତ୍ୟେକ ବ୍ୟକ୍ତି ମାପ କମ୍ପା ଓଜନରେ କାମ କରନ୍ତି ତେଣୁ ଜାତୀୟ ଉତ୍ପାଦନ ବୃଦ୍ଧି ହୁଏ । ବ୍ୟକ୍ତିବାଦ-ପୁଞ୍ଜିବାଦ ସମାଜର ସମ୍ପତ୍ତି ଆହରଣ, ଅଧିକାର ଏବଂ ସୁରକ୍ଷା ନିମନ୍ତେ ଯେଉଁ ମାଲି-ମକଦ୍ଦମା, କଳି-ତକରାଳ, ହାଣ-କାଟ ଏବଂ ଶୋଷଣ-ପ୍ରତାରଣା ବ୍ୟାପେ, ସାମ୍ୟବାଦ ସମାଜରେ ତାହା ବିଲୋପ ହୁଏ । ମନୁଷ୍ୟ ତା ନିଜର ଏବଂ କୁଟୁମ୍ବର ଚିନ୍ତାରୁ ମୁକ୍ତ ହୋଇ ବୁଦ୍ଧି ଏବଂ ମେଧା ପ୍ରୟୋଗ କରି ଆତ୍ମୋନ୍ନତି ସଙ୍ଗେ ସଙ୍ଗେ ସମାଜର ଉନ୍ନତି କରେ । ଫଳତଃ ସମାଜର ସର୍ବାଙ୍ଗୀନ ଉନ୍ନତି ହୁଏ । ସାମ୍ୟବାଦର ସମର୍ଥକମାନେ ଏହିପରି ଯୁକ୍ତି ଦେଖାନ୍ତି ।

Digitized by PPRACHIN, SOA

ଗାନ୍ଧୀବାଦ ବା ଗାନ୍ଧୀ-ଦର୍ଶନ

ତୃତୀୟତଃ ବର୍ତ୍ତମାନ ଗାନ୍ଧୀବାଦ କଥା ଆଲୋଚନା କରାଯାଉ । ମଧ୍ୟ-ଯୁଗୀୟ ଶୋଷଣ, ପେଷଣ, ଉତ୍ପୀଡ଼ନ ଏବଂ ଅତ୍ୟାଚାରରୁ ଜନତାକୁ ରକ୍ଷା କରିବା ଉଦ୍ଦେଶ୍ୟରେ ରୁଷୋ, ଭଲ୍‌ଟାୟର୍, ଏଞ୍ଜେଲ୍‌ସ ଏବଂ କାର୍ଲମାର୍କ୍‌ସ ପ୍ରଭୃତି ମନୀଷୀମାନେ ଯେପରି ସାମ୍ୟବାଦ ଦର୍ଶନ ଉଦ୍ଭାବନ କରିଥିଲେ, ମହାତ୍ମା ଗାନ୍ଧୀ ସେହିପରି ପୁଞ୍ଜିବାଦ ଓ ସାମ୍ୟବାଦର ଦୁର୍ଗୁଣ ଏବଂ କୁପରିଣତିରୁ ବ୍ୟକ୍ତି ତଥା ସମଷ୍ଟି ଓ ଶାସନ ତଥା ସମାଜକୁ ଧ୍ୱଂସ ମୁଖରୁ ବଞ୍ଚାଇବା ଉଦ୍ଦେଶ୍ୟରେ ଏକ ନୂତନ ଦର୍ଶନ (ideology) ଏବଂ ନୂତନ ରାଜନୈତିକ ଓ ସାମାଜିକ ମତବାଦ ଉଦ୍ଭାବନ କରିଥିଲେ । ଏହାକୁ ଆଜିର ଦୁନିଆ ଗାନ୍ଧୀ-ଦର୍ଶନ ବା ଗାନ୍ଧୀବାଦ ବୋଲି କହୁଛି । ଏହି ଗାନ୍ଧୀ-ଦର୍ଶନ ବହୁମୁଖୀ ଅଟେ । ବ୍ୟକ୍ତିଗତ, ପାରିବାରିକ, ସାମାଜିକ, ଶାସନତାନ୍ତ୍ରିକ, ଅର୍ଥନୈତିକ ଏବଂ ସାଂସ୍କୃତିକ ପ୍ରଭୃତି ସମସ୍ତ କ୍ଷେତ୍ର ପାଇଁ ଏକ ନୂତନ ଦିଗ୍‌ଦର୍ଶନ ମହାତ୍ମା ଗାନ୍ଧୀ ତାଙ୍କ ଦର୍ଶନରେ ବ୍ୟାଖ୍ୟାନ କରିବା ସଙ୍ଗେ ସଙ୍ଗେ ନିଜେ ନିଜ ଜୀବନରେ କାର୍ଯ୍ୟ କରି ଦୁନିଆକୁ ଆଦର୍ଶ ଦେଖାଇ-ଛନ୍ତି । ଏହି ଦର୍ଶନ (ideology) ବା ବାଦ (ism) ପ୍ରାପ୍ତି ପାଇଁ ପନ୍ଥା ନିର୍ଦ୍ଧାରଣ କରି ଯାଇଛନ୍ତି ଗଣତନ୍ତ୍ର ଏବଂ ସତ୍ୟ-ଅହିଂସା । ଚିର-ଶାନ୍ତିପୂର୍ଣ୍ଣ ଓ ସ୍ଥାୟୀ-ସୁଖମୟ ବ୍ୟକ୍ତିଗତ ଏବଂ ସାମାଜିକ ଜୀବନଯାପନ ଓ ଆଦର୍ଶ ସମାଜ ଏବଂ ନିର୍ମଳ ଶାସନ ସ୍ଥାପନ ଏହି ଦର୍ଶନର ମୂଳମନ୍ତ୍ର ଅଟେ । 'ବସୁଧୈବ କୁଟୁମ୍ବକଂ' ନୀତିର ବାସ୍ତବ କାର୍ଯ୍ୟକାରିତା ହିଁ ଗାନ୍ଧୀ-ଦର୍ଶନର ଲକ୍ଷ୍ୟ । ସଂକ୍ଷେପରେ ବ୍ୟକ୍ତି ଏବଂ ସମାଜ ପକ୍ଷରେ ଧର୍ମ, ଅର୍ଥ, କାମ ଏବଂ ମୋକ୍ଷ ପ୍ରାପ୍ତି ଗାନ୍ଧୀ ଦର୍ଶନର ଉଦ୍ଦେଶ୍ୟ । ଗଣତାନ୍ତ୍ରିକ ପ୍ରଥାରେ, ସମବାୟ ନୀତିରେ, ସାମ୍ୟବାଦ ଭିତ୍ତିରେ ଶୋଷଣରହିତ ଆଦର୍ଶ ମନୁଷ୍ୟ ସମାଜ ପ୍ରତିଷ୍ଠା କରିବା ଗାନ୍ଧୀବାଦର ପରିସରର ଅନ୍ତର୍ଭୁକ୍ତ । ସାମ୍ୟବାଦର ମହତ୍ ଉଦ୍ଦେଶ୍ୟ ଯେପରି ଶୋଷଣରହିତ

Digitized by PPRACHIN, SOA

ମନୁଷ୍ୟ ସମାଜ ପ୍ରତିଷ୍ଠା କରିବା, ଗାନ୍ଧୀବାଦର ଉଦ୍ଦେଶ୍ୟ ମଧ୍ୟ ଠିକ୍ ଅନୁରୂପ ସମାଜ ପ୍ରତିଷ୍ଠା କରିବା । ହିଂସା-ଦ୍ୱେଷ-ଈର୍ଷା-କପଟ-ଛଳନା-ରହିତ ଏବଂ ପ୍ରେମ-ମୈତ୍ରୀ-ସ୍ନେହ-ସୌହାର୍ଦ୍ଦ୍ୟ-ଦୟା-କ୍ଷମାଭିତ୍ତିକ ବ୍ୟକ୍ତିଗତ ଏବଂ ସାମୂହିକ ଜୀବନ ଯାପନ ଗାନ୍ଧୀ-ଦର୍ଶନର ବାସ୍ତବତା । ପରିଶ୍ରମର ମର୍ଯ୍ୟାଦାବୋଧ ସଙ୍ଗେ ସଙ୍ଗେ ସ୍ୱୟଂ ବା ଆତ୍ମ-ପରିଶ୍ରମ, ସ୍ୱାବଲମ୍ବନଶୀଳତା, ସ୍ୱାଭିମାନ, ସ୍ୱଦେଶ-ପ୍ରେମ ଏବଂ ସ୍ୱାଧିକାର ହାସଲ, ରକ୍ଷଣ ଏବଂ ଉପଭୋଗ ଗାନ୍ଧୀବାଦର ଅନ୍ତର୍ନିହିତ ଲକ୍ଷ୍ୟ । ଗଣତନ୍ତ୍ର ଏବଂ ବ୍ୟକ୍ତିସ୍ୱାତନ୍ତ୍ର୍ୟ ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ସମ୍ପତ୍ତି ଅଧିକାର ଗାନ୍ଧୀବାଦର ପରିସରଭୁକ୍ତ । ଗାନ୍ଧୀବାଦରେ ସୀମିତ ପୁଞ୍ଜିର ଅଧିକାର ନିମନ୍ତେ ଅନୁମତି ଅଛି; କିନ୍ତୁ ପୁଞ୍ଜିର ମାଲିକ ନିଜକୁ ଉକ୍ତ ପୁଞ୍ଜିର ମାଲିକ ନ ଭାବି ସମାଜ ଉକ୍ତ ପୁଞ୍ଜିର ମାଲିକ ବୋଲି ଧାରଣା କରି କାର୍ଯ୍ୟ କରିବ । ଗାନ୍ଧୀବାଦରେ ଶ୍ରେଣୀ-ସଂଘର୍ଷର ସ୍ଥାନ ନାହିଁ, ବରଂ ଆତ୍ମ-ପରିଶ୍ରମ, ଆତ୍ମ-ମର୍ଯ୍ୟାଦା, ସ୍ୱାଭିମାନ, ସ୍ୱାଧିକାର ଓ ସ୍ୱାବଲମ୍ବନଶୀଳତା ପାଇଁ ପ୍ରଚୁର ପ୍ରେରଣା, ପ୍ରଚେଦନା, ପ୍ରଚେଷ୍ଟା ଏବଂ ଉଦ୍ଦୀପନାର ଅବକାଶ ସଙ୍ଗେ ସଙ୍ଗେ ବ୍ୟାପକ କୁଟୀର ଶିଳ୍ପରେ ଆତ୍ମ-ନିଯୁକ୍ତି ପାଇଁ ପର୍ଯ୍ୟାପ୍ତ କ୍ଷେତ୍ରର ବ୍ୟବସ୍ଥା ଥିବାରୁ ଏକ ବ୍ୟକ୍ତି ଅନ୍ୟକୁ ଶୋଷଣ କରିବାର କିମ୍ବା କେହି କାହାଦ୍ୱାରା ଶୋଷିତ ହେବାର ସୁଯୋଗ ବା ଦୁର୍ଯୋଗ ନାହିଁ ।

ତିନି ଦର୍ଶନର ତୁଳନା

ଉପର୍ଯ୍ୟୁକ୍ତ ୩ଟି ଦର୍ଶନ ବା ମତବାଦକୁ, ଯଥା:—ପୁଞ୍ଜିବାଦ, ସାମ୍ୟବାଦ ଏବଂ ଗାନ୍ଧୀବାଦ—ତୁଳନାତ୍ମକ ଭାବେ ବିଚାର କଲେ ଜଣା ଯାଉଛି ଯେ ପୁଞ୍ଜିବାଦ ଏବଂ ସାମ୍ୟବାଦରେ ସାମାଜିକ, ଅର୍ଥନୈତିକ ଓ ଶାସନତାନ୍ତ୍ରିକ ଦୁର୍ଗୁଣମାନ ପୂରି ରହିଛି । ଗାନ୍ଧୀବାଦରେ ଉକ୍ତ ଦୁର୍ଗୁଣମାନଙ୍କର ସ୍ଥାନ ନାହିଁ । ପୁଞ୍ଜିବାଦରେ ଶୋଷଣ ସଙ୍ଗେ ସଙ୍ଗେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ସମ୍ପତ୍ତି ଅଧିକାରର ଆକାଶ-ପାତାଳ ତାରତମ୍ୟ ପରିସ୍ଫୁଟ ଦୋଷ ଅଟେ । ବ୍ୟକ୍ତିବାଦ-ପୁଞ୍ଜିବାଦ ସମାଜରେ ବହୁ ଲୋକ ଦାରିଦ୍ର୍ୟ, ଅଭାବ, ଅଶିକ୍ଷା, ଅଚିକିତ୍ସାଦ୍ୱାରା ପ୍ରପୀଡ଼ିତ ହୋଇ ଅଯତ୍ନରେ ଦୁଃଖ ଯନ୍ତ୍ରଣା ଭୋଗ କରନ୍ତି । ସମ୍ପତ୍ତି ରକ୍ଷଣ ଏବଂ ଆହରଣ ପାଇଁ ହିଂସା, ଦ୍ୱେଷ, ମାର-ପେଞ୍ଚ ଏବଂ ଦୁର୍ନୀତିର ତାଣ୍ଡବ-ଲୀଳା ଚାଲିବାର ଯଥେଷ୍ଟ ଅବକାଶ ରହେ । ପୁଞ୍ଜିପତିବର୍ଗ ନିଜ ନିଜର ସ୍ୱାର୍ଥ ସାଧନ ପାଇଁ ଶାସନ ଏବଂ ସମାଜକୁ ଆୟତ୍ତ କରି ରାଜ୍ୟରେ ଆଭ୍ୟନ୍ତରୀଣ ଦଙ୍ଗା-ହାଙ୍ଗାମା ଏବଂ ବିଦ୍ରୋହ ଓ ଗୃହ-ବିବାଦର କାରଣ ହୋଇ ଦେଶ ଓ ଜାତିକୁ ଯୁଦ୍ଧକୁ ଟାଣି ନେଇ ପାରନ୍ତି । ଏହିପରି ବହୁ ଦୁର୍ଗୁଣମାନ ପୁଞ୍ଜିପତି ସମାଜମାନଙ୍କରେ ଘଟେ ଏବଂ ଘଟିବାର ଆଶଙ୍କା ଓ ଅବକାଶ ମଧ୍ୟ ରହେ । ମୁଁ ଏଠାରେ ଏହି ପ୍ରଥାର ସଦ୍‌ଗୁଣ କିମ୍ବା ଉପକାରିତା କଥା ବର୍ଣ୍ଣନା କରୁନାହିଁ । ତାହା ପୂର୍ବରୁ ବ୍ୟାଖ୍ୟାନ କରାଯାଇଛି ।

ସାମ୍ୟବାଦ ସମାଜର ମୂଳ ଦୁର୍ଗୁଣ ହେଉଛି ଯେ, ଏଥିରେ ଗଣତନ୍ତ୍ରର ଅବକାଶ ନାହିଁ । ଗଣତାନ୍ତ୍ରିକ ସାମ୍ୟବାଦୀ ସମାଜ ପ୍ରତିଷ୍ଠା କଲେ ପୁଞ୍ଜିବାଦୀ ସମାଜରେ ଯେଉଁସବୁ ଅମଙ୍ଗଳ ଏବଂ ଅସୁବିଧାମାନ ପରିଲକ୍ଷିତ ହୁଏ, ସେଥିରେ (ଗଣତାନ୍ତ୍ରିକ ସାମ୍ୟବାଦୀ ସମାଜରେ) ମଧ୍ୟ ସେ ସବୁ ଦ୍ୱିଗୁଣା ଅଧିକେ ବିଦ୍ୟମାନ ରହେ । ଏହି ସମାଜର ପରିସର ଭିତରେ ବ୍ୟକ୍ତିଗତ କୁଟୁମ୍ବ ଏବଂ ବ୍ୟକ୍ତିଗତ ସମ୍ପତ୍ତିର ସ୍ଥାନ ନଥାଇ ଏକଛତ୍ରବାଦ ଶାସନ ଥିବାରୁ

Digitized by PPRACHIN, SOA

ବ୍ୟକ୍ତି-ସ୍ୱାତନ୍ତ୍ର୍ୟର ଅଭାବ ସଙ୍ଗେ ସଙ୍ଗେ ଆତ୍ମ-ପ୍ରୋତ୍ସାହନର ଅଭାବ ଦେଖାଯାଏ । ଫଳତଃ ସମାଜର ଉତ୍ପାଦନ ବୃଦ୍ଧିରେ ବାଧା ଆସେ । ଏକଛତ୍ରବାଦ କାରଣରୁ ଏହା ମନୁଷ୍ୟକୁ ଭାରବାହୀ ପଶୁ ଏବଂ ଉତ୍ପାଦନକାରୀ ଯନ୍ତ୍ରରେ ପରିଣତ କରାଇ ଦିଏ । ସବୁଠାରୁ ବଡ଼ ଦୁର୍ଗୁଣ ହେଉଛି ଯେ, ଗଣତନ୍ତ୍ରଭିତ୍ତିକ ବ୍ୟକ୍ତିବାଦୀ ସମାଜକୁ, କିମ୍ବା ଏପରିକି ଗଣତନ୍ତ୍ରଭିତ୍ତିକ ତଥାକଥିତ ସାମ୍ୟବାଦୀ ସମାଜକୁ ଏକଛତ୍ରବାଦୀ (ବାସ୍ତବ ସାମ୍ୟବାଦୀ) ସମାଜବାଦୀ ସମାଜରେ ପରିଣତ କଲାବେଳକୁ ଏକ ଦୀର୍ଘକାଳ ସ୍ଥାୟୀ ଗୃହ-ବିବାଦ (civil war) ଘଟେ । ସମୟେ ସମୟେ ବିଶେଷତଃ ବର୍ତ୍ତମାନ ଯୁଗରେ ଏହା ଆନ୍ତର୍ଜାତିକ କିମ୍ବା ପୃଥିବୀବ୍ୟାପୀ ଯୁଦ୍ଧରେ ପରିଣତ ହୋଇଯାଇପାରେ । ପରିଣତି ଏହା ହୁଏ ଯେ ଦୀର୍ଘ-ଦିନ-ସ୍ଥାୟୀ ଗୃହ-ଯୁଦ୍ଧ ପରେ ଯଦି ସାମ୍ୟବାଦର ପୃଷ୍ଠ-ପୋଷକମାନେ ଜୟ ଲାଭ କରନ୍ତି ତେବେ ସେମାନେ ଗୋଟିଏ ପୋଡ଼ା-ଭୂଇଁ ଦେଶ (Scorched earth country) ପାଆନ୍ତି । ନୂତନ କରି ନୂତନ ସାମ୍ୟବାଦୀ ଦେଶ ଓ ସମାଜ ଗଢ଼ିବାକୁ ବହୁତ ସମୟ ଲାଗେ । ଇତିମଧ୍ୟରେ ଦୁଃଖ, ଦାରିଦ୍ର୍ୟ, ଅଭାବ, ଅସୁବିଧା ଏବଂ ଅନାଟନ ଭିତରେ ବଞ୍ଚି ରହିଥିବା ଲୋକଙ୍କୁ ନେଇ ସଙ୍ଗୀନ ମୁନରେ ନିଜ କଳ୍ପିତ ସାମ୍ୟବାଦୀ ସମାଜ ନେତାମାନେ ଗଠନ କରିବାରେ ବ୍ରତୀ ହୁଅନ୍ତି । ଏହିପରି ବହୁ ଅସୁବିଧା ଘଟେ । ସାମ୍ୟବାଦୀ ସମାଜର ସଦ୍‌ଗୁଣଚୟ ପୂର୍ବରୁ ବର୍ଣ୍ଣିତ ହୋଇଛି ।

ପୂର୍ବବର୍ଣ୍ଣିତ ଗାନ୍ଧିବାଦ ଓ ଗାନ୍ଧି-ଦର୍ଶନରୁ ପ୍ରମାଣିତ ହେଉଛି ଯେ ଉଭୟ ପୁଞ୍ଜିବାଦୀ ଏବଂ ସାମ୍ୟବାଦୀ ସମାଜରେ ଯେତେ ଦୁର୍ଗୁଣ ପରିଲକ୍ଷିତ ହୁଏ ଗାନ୍ଧିବାଦୀ ସମାଜରେ ସେ ସବୁ ରହେନାହିଁ । ବାସ୍ତବ ସାମ୍ୟବାଦୀ କିମ୍ବା ସମାଜବାଦୀ ସମାଜରେ ଏକଛତ୍ରବାଦ ଅବଶ୍ୟମ୍ଭାବୀ । କିନ୍ତୁ ଗାନ୍ଧିବାଦ ମୂଳରୁ ଗଣତନ୍ତ୍ରକୁ ଦୃଢ଼ ଭିତ୍ତି ରୂପେ ଗ୍ରହଣ କରୁଛି । ସାମ୍ୟବାଦ କିମ୍ବା ସମାଜବାଦରେ ବ୍ୟକ୍ତିଗତ କୁଟୁମ୍ବ, ସମ୍ପତ୍ତି, ଧର୍ମ ଏବଂ ସମ୍ପ୍ରଦାୟର ସ୍ଥାନ ନାହିଁ । ଗାନ୍ଧିବାଦ, ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ପୂରାପୂରି ପ୍ରୋତ୍ସାହିତ କରିବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ କୁଟୁମ୍ବ ଏବଂ ସୀମିତ ବ୍ୟକ୍ତିଗତ ସମ୍ପତ୍ତି ଓ ଧର୍ମ ବିଶ୍ୱାସକୁ ଉତ୍ତମ ସ୍ଥାନ ଦେଉଛି । ସଙ୍ଗେ ସଙ୍ଗେ ମଧ୍ୟ ସମବାୟ ମାଧ୍ୟମରେ ଏବଂ ସାମ୍ୟବାଦ ଭିତ୍ତିରେ ମାନବସମାଜ ପ୍ରତିଷ୍ଠା କରିବାକୁ କଳ୍ପନା କରୁଛି । ପୁଞ୍ଜିବାଦୀ ଏବଂ ସାମ୍ୟବାଦୀ ସମାଜମାନେ ପ୍ରତିଜ୍ଞା କରନ୍ତି ଯେ ଖାଦ୍ୟ, ପାନୀୟ ଏବଂ ପରିଧାନ ବିଷୟରେ ମଣିଷ ସୁଖୀ ହୋଇ

Digitized by PPRACHIN, SOA

ରହୁ । ଗାନ୍ଧିବାଦ ତା ଠାରୁ ଆଗେଇ ଯାଇ ଧାରଣା ଦେଉଛି ଯେ ଉକ୍ତ ବିଷୟମାନଙ୍କରେ ପ୍ରତ୍ୟେକ ବ୍ୟକ୍ତି ନିଜର ପରିଶ୍ରମରେ ଆତ୍ମନିର୍ଭରଶୀଳ ହୋଇ ସୀମିତ ପରିମାଣରେ ସମ୍ପତ୍ତି ସଂରକ୍ଷଣ କରୁ । ସାମ୍ୟବାଦୀ ସମାଜର ମୂଳ କଥା ହେଉଛି ଯେ ସମାଜରୁ ଶୋଷଣ ଦୂର ହେବା ସଙ୍ଗେ ସଙ୍ଗେ ଧନୀ ଓ ଦରିଦ୍ରର ଆୟରେ ତାରତମ୍ୟ ନ ରହୁ । ଗାନ୍ଧିବାଦ ଆଉ ଟିକିଏ ଆଗୁଆ ହୋଇ ବ୍ୟବସ୍ଥା କରୁଛି ଯେ ସମାଜରେ ପ୍ରତ୍ୟେକ ବ୍ୟକ୍ତିର ମନ ଏବଂ ଶରୀରକୁ ମୌଳିକ ବା ବୁନିଆଦି ଶିକ୍ଷାଦ୍ୱାରା କିଶୋର ଓ ଯୌବନ ଅବସ୍ଥାରୁ ଏପରି ଶୃଙ୍ଖଳିତ ତାଲିମ ଏବଂ କଠୋର ଅଭ୍ୟସ୍ତ କରାଯାଉ ଯାହାର ଫଳରେ ଏକ ବ୍ୟକ୍ତି ଅନ୍ୟକୁ ଶୋଷଣ କରିବାର ପ୍ରବୃତ୍ତି ନ ଥିବ; କିମ୍ବା ଧନୀ ନିର୍ଦ୍ଧନକୁ, ଜ୍ଞାନୀ ଅଜ୍ଞାନକୁ, ଶିକ୍ଷିତ ଅଶିକ୍ଷିତକୁ, ପଣ୍ଡିତ ମୂର୍ଖକୁ, ବୁଦ୍ଧିମାନ ନିର୍ବୁଦ୍ଧିଆକୁ ଏବଂ ସବଳ ଦୁର୍ବଳକୁ ଶୋଷଣ କରିବାର ସାମାଜିକ ଅବସ୍ଥା ନ ଥିବ କିମ୍ବା ବ୍ୟକ୍ତିଗତ ମନୋବୃତ୍ତି ନ ଥିବ । ପୁଞ୍ଜିବାଦ ଏବଂ ସମାଜବାଦ କିମ୍ବା ସାମ୍ୟବାଦରେ ହିଂସା, ଅସତ୍ୟ ଏବଂ ଯୁଦ୍ଧ-ବିଗ୍ରହର ଅବକାଶ ଥିବା ସ୍ଥଳେ ଗାନ୍ଧିବାଦ ତାହା ଆଦୌ କଳ୍ପନାକୁ ଆଣୁନାହିଁ । ବ୍ୟକ୍ତିବାଦ ପୁଞ୍ଜିବାଦ ବ୍ୟକ୍ତିଗତ ପୁଞ୍ଜିକୁ ସ୍ଥାନ ଦେଉଛି । ଗାନ୍ଧିବାଦରେ ମଧ୍ୟ ସର୍ବାଙ୍ଗୀନ ବ୍ୟକ୍ତି-ସ୍ୱାତନ୍ତ୍ର୍ୟ ଓ ବ୍ୟକ୍ତିଗତ ସୀମିତ ପୁଞ୍ଜିର ସ୍ଥାନ ଅଛି । ପୁଣି ଉକ୍ତ ସୀମିତ ପୁଞ୍ଜିର ମାଲିକ ନିଜେ ସେହି ପୁଞ୍ଜିର ମାଲିକ ବୋଲି ନ ଭାବି ସମାଜ ତାର (ପୁଞ୍ଜିର) ମାଲିକ ବୋଲି ବିଚାର କରିବ ଏବଂ ସେ (ପୁଞ୍ଜି-ମାଲିକ) ଉକ୍ତ ପୁଞ୍ଜିର ରକ୍ଷକ ବା ପରିଚାଳକ ଭାବି ସମାଜର ଉପକାର ପାଇଁ ତାହା ବ୍ୟବହାର କରିବ । ଏହିପରି ମନୋବୃତ୍ତି ଅବଲମ୍ବନ କରି ତଦନୁସାରେ କାର୍ଯ୍ୟ କରିବା ନିମନ୍ତେ ସାମାଜିକ ବାଧ୍ୟତା ଥିବା ସଙ୍ଗେ ଦେଶରେ ଆଇନ କାନୁନ ମଧ୍ୟ ପ୍ରସ୍ତୁତ ହୋଇଥିବ । ସାମ୍ୟବାଦର ଧର୍ମ, ସଂସ୍କୃତି, ବିବେକ ଏବଂ ବିଚାରରେ ସ୍ୱାତନ୍ତ୍ର୍ୟ ନ ଥିବା ସ୍ଥଳେ ଗାନ୍ଧିବାଦରେ ଏ ସବୁ ବିଷୟରେ ଅବାଧ ଏବଂ ଅସୀମ ସ୍ୱାଧୀନତା ଅଛି ।

ଏହିପରି ବିଚାର କରିବାକୁ ଗଲେ ଗାନ୍ଧିବାଦରେ ପୁଞ୍ଜିବାଦ ଓ ସାମ୍ୟବାଦର ସମସ୍ତ ସୁବିଧା ଏବଂ ସଦ୍‌ଗୁଣ ଅଧିକତର ଭାବେ ନିହିତ ଅଛି ଓ ଉକ୍ତ ଦୁଇ ଦର୍ଶନ ବା ମତବାଦରେ (ପୁଞ୍ଜିବାଦ ଓ ସାମ୍ୟବାଦରେ) ଯେତେ ଦୁର୍ଗୁଣ ଏବଂ ଅସୁବିଧା ଅଛି ସେ ସବୁର ଅସ୍ତିତ୍ୱ ରହୁନାହିଁ । ପୂର୍ଣ୍ଣ ବ୍ୟକ୍ତି ଏବଂ ସମ୍ପୂର୍ଣ୍ଣ ସମାଜ ସୃଷ୍ଟି କରି ଆଦର୍ଶ, ଶାନ୍ତିମୟ ଓ

Digitized by PPRACHIN, SOA

ସୁଖମୟ ବ୍ୟକ୍ତିଗତ ଏବଂ ସାମୂହିକ ବା ସାମାଜିକ ଜୀବନ ଧାରଣ ଓ ଉପଭୋଗ ପାଇଁ ଗାନ୍ଧିବାଦ ଦିଗ୍‌ଦର୍ଶନ ଦେଉଛି । ଗାନ୍ଧିବାଦ ମାନବକୁ ଦେବ-ଦୁର୍ଲଭ ଗୁଣରେ ବିଭୂଷିତ କରାଇ ସ୍ୱର୍ଗ-ସମାଜ ଗଠନ ଦିଗରେ ପ୍ରେରଣା ଦେବାବେଳେ ସାମ୍ୟବାଦ ମନୁଷ୍ୟର ସ୍ୱାଧୀନ ବୃତ୍ତିଚୟକୁ ଏକ-ଛତ୍ର ଖଣ୍ଡାରେ ଦବାଇଦେଇ ଏକ ସାମ୍ୟ ସମାଜ ନିର୍ମାଣରେ ଚେଷ୍ଟିତ ମାତ୍ର ହେଉଛି । ଏହା ବ୍ୟତୀତ ଗାନ୍ଧିବାଦ ବିଶ୍ୱ-କୁଟୁମ୍ବର ପରିକଳ୍ପନା କରି 'ଜୟ-ଜଗତ' କୁ ଉକ୍ତି (Slogan) ଓ ଜପାମାଳା କରୁଛି ।

ଏହି ସବୁ ବିଚାରରୁ ମୁଁ ସ୍ଥିର କଲି ଯେ ମୁଁ ଗାନ୍ଧି-ଦର୍ଶନକୁ ଗ୍ରହଣ କରି ଗାନ୍ଧିବାଦ ଖଣ୍ଡାରେ ସମାଜ ତଥା ସରକାର ଗଢ଼ିବାରେ ଓ ଚଳାଇ-ବାରେ ନିଜେ ଆଦର୍ଶ ଜୀବନ ଯାପନ କରି ମୋର ଜୀବନ ଉତ୍ସର୍ଗ କରିବି ।

ଶାସନରେ ଯୋଗଦାନ

ସ୍ୱାଧୀନତା ପ୍ରାପ୍ତିର ଅଳ୍ପ ଦିନ ପୂର୍ବରୁ ମୋ ବିରୁଦ୍ଧରୁ ଓ୍ୟାରେଣ୍ଟ ଉଠିବା କଥା ପୂର୍ବରୁ ଉଲ୍ଲେଖ କରିଛି । ସ୍ୱାଧୀନତା ପ୍ରାପ୍ତି ସଙ୍ଗେ ଦେଶୀୟ ରାଜ୍ୟ ବା ଗଡ଼ଜାତ ରାଜ୍ୟମାନଙ୍କରୁ ରାଜ-ପ୍ରଥା ବିଲୋପ କରି ଲୋକମତ ଶାସନ ପ୍ରତିଷ୍ଠାପୂର୍ବକ ଉକ୍ତ ଦେଶୀୟ ରାଜ୍ୟମାନଙ୍କୁ ଓଡ଼ିଶା ସଙ୍ଗେ ମିଶ୍ରଣ କରି ବିଶାଳ ଉତ୍କଳ ତଥା ବିଶାଳ ଭାରତ ଗଠନର ପରିକଳ୍ପନା ଏବଂ ଉକ୍ତ କଳ୍ପନାକୁ କାର୍ଯ୍ୟାନ୍ୱିତ କରିବାର କାର୍ଯ୍ୟ-କଳାପ ପୂର୍ବରୁ ବର୍ଣ୍ଣନା କରିଛି । ଗାନ୍ଧୀ-ଦର୍ଶନ ଓ ମତବାଦ ଅନୁସାରେ ସମାଜ ଗଠନ ଏବଂ ସରକାର ପରିଚାଳନା କରିବା କଥା ପୂର୍ବବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ବ୍ୟକ୍ତ କରିଛି । ଏତିକିବେଳେ ୧୯୪୮ ଜାନୁୟାରୀ ମାସରେ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ହରେକୃଷ୍ଣ ମହତାବ ମୋତେ ନିମନ୍ତ୍ରଣ ଦେଲେ ଯେ, ମୁଁ ଓଡ଼ିଶା ସରକାରରେ ଯୋଗଦାନପୂର୍ବକ ଓଡ଼ିଶା ଗଡ଼ଜାତର ଶାସନ ଚଳାଇବା ଭାର ଗ୍ରହଣ କରିବି । ପାଠକଙ୍କର ସ୍ମରଣ ଥିବ ଯେ, ୧୯୪୭ ଡିସେମ୍ବର ମାସ ମଧ୍ୟଭାଗରେ ଓଡ଼ିଶା ଗଡ଼ଜାତଗୁଡ଼ିକର ଓଡ଼ିଶା ସଙ୍ଗେ ମିଶ୍ରଣ ସମ୍ପର୍କରେ ଶ୍ରୀ ହରେକୃଷ୍ଣ ମହତାବଙ୍କ ସଙ୍ଗେ ମୋର ଗୁରୁତର ମତ-ଭେଦ ହୋଇଥିଲା । ସେଥିପାଇଁ ସେ ମହୋଦୟ ମୋତେ ଅର୍ଦ୍ଧ ରାତିରେ ଗୁରୁତର ଧମକ ଦେଇଥିଲେ । ବର୍ତ୍ତମାନ ପ୍ରଶ୍ନ ହୋଇପାରେ ଯେ, ତେବେ ଏତେ ଶୀଘ୍ର ଶ୍ରୀ ମହତାବ କାହିଁକି ଏବଂ କିପରି ମୋତେ ମନ୍ତ୍ରୀ (executive councilor) ରୂପେ ନିଯୁକ୍ତ କରିବାକୁ ନିମନ୍ତ୍ରଣ ଦେବେ ? ସେତେବେଳକୁ ଓଡ଼ିଶା ଗଡ଼ଜାତସମୂହରେ ମୋ ପ୍ରତି ଜନତାର ଆସ୍ଥା ଓ ବିଶ୍ୱାସ ଯଥେଷ୍ଟ ଥିଲା । ତେଣୁ ମୋର ନେତୃତ୍ୱ ଓ ସୁନାମ ଅଧିକ ଥିଲା । ଶ୍ରୀ ମହତାବଙ୍କର ମୋ ପ୍ରତି ଉକ୍ତ ବ୍ୟବହାରରେ ସେହି ଆସ୍ଥା, ବିଶ୍ୱାସ, ସୁନାମ ଓ ନେତୃତ୍ୱ ବହୁଗୁଣରେ ବର୍ଦ୍ଧିତ ହୋଇଯିବାରୁ ଏବଂ ଶ୍ରୀ ମହତାବ ଜଣେ ବାସ୍ତବ ରାଜନୀତିଜ୍ଞ ଓ ଉଦାରଚେତା ଥିବାରୁ ସେ (ଶ୍ରୀ ମହତାବ)

Digitized by PPRACHIN, SOA

ଅଗତ୍ୟା ତାଙ୍କ ଶାସନରେ ମୋତେ ସଂପୃକ୍ତ କରାଇବାକୁ ଇଚ୍ଛା କଲେ । ମୋର ବନ୍ଧୁମାନଙ୍କ ସହିତ ପରାମର୍ଶ କରିବାରୁ ସେମାନେ ଉପଦେଶ ଦେଲେ ଯେ ମୁଁ ନିମନ୍ତ୍ରଣ ରକ୍ଷା କରି ଶାସନ ସହିତ ସଂପୃକ୍ତ ହେବି ।

ମୁଁ ପୂର୍ବରୁ କହିଛି ଯେ ଗାନ୍ଧୀ-ନୀତିରେ ମୁଁ ବିଶ୍ୱାସ କରେ । ସେତେବେଳକୁ ନି: ଭା: କ: କ: ମଧ୍ୟ ଉକ୍ତ ନୀତିକୁ ବିଶ୍ୱାସ କରୁଥିଲା । ତେଣୁ କଂଗ୍ରେସ ନୀତିରେ ବ୍ୟକ୍ତିଗତ ଜୀବନ ଯାପନ ଓ ଶାସନ ପରିଚାଳନା ପ୍ରତ୍ୟେକ କର୍ମୀ, ମନ୍ତ୍ରୀ ଓ ନେତାଙ୍କର କର୍ତ୍ତବ୍ୟ ଥିଲା । ଗାନ୍ଧୀ-ଦର୍ଶନ ତ ଅତ୍ୟନ୍ତ ତାତ୍ତ୍ୱିକ ଅଟେ । ଭୌତିକତା ଏବଂ କାର୍ଯ୍ୟକାରିତା ଦୃଷ୍ଟିରୁ ଗାନ୍ଧୀ-ନୀତିରେ ଶାସନ ପରିଚାଳନା କରିବାକୁ ହେଲେ ସର୍ବନିମ୍ନ କାର୍ଯ୍ୟକାରୀ ନୀତିଗୁଡ଼ିକୁ ଶାସକ ନିଷ୍ଠିତ କରିବାକୁ ଚେଷ୍ଟା କରିବ । କେହି ଜଣେ ଗାନ୍ଧୀବାଦୀ ବ୍ୟକ୍ତି ମନ୍ତ୍ରୀ ହେଲେ ଯେ ସେ ଏକାକୀ ଗାନ୍ଧୀ-ନୀତିରେ ସମାଜ ଗଠନ ଉଦ୍ଦେଶ୍ୟରେ ଶାସନ କାର୍ଯ୍ୟ ଅଞ୍ଜାମ କରିବ, ତାହା ନୁହେ । ମନ୍ତ୍ରୀମଣ୍ଡଳର କାର୍ଯ୍ୟ ଯୌଥ-କାର୍ଯ୍ୟ ଅଟେ । ତେବେ ମନ୍ତ୍ରୀମଣ୍ଡଳର ଜଣେ ମନ୍ତ୍ରୀ ହିସାବରେ ନିଜର ପ୍ରଭାବ ପକାଇ ଯେତିକି କରାଯାଇ ପାରେ ତାହା କରିବା ଉଚିତ ।

Digitized by PPRACHIN, SOA

ସମାଜ ଗଠନ ଓ ଶାସନ ପରିଚାଳନା ପରିକଳ୍ପନା

ଗାନ୍ଧୀ-ନୀତିକୁ ଭିତ୍ତିକରି ଶାସନ ସମ୍ପର୍କରେ ମୋର କଳ୍ପନା ନିମ୍ନ ପ୍ରକାର ଅଟେ ।

ସୁ-ଶାସନ ଜରିଆରେ ସୁ-ସମାଜ ଗଠନ କରାଯାଇପାରିବ । ଉତ୍ତମ ସମାଜର ଅର୍ଥ ହେଉଛି, ବ୍ୟକ୍ତି ଏବଂ ସମଷ୍ଟିଙ୍କର ସର୍ବାଙ୍ଗୀନ ଏବଂ ସମ୍ପୂର୍ଣ୍ଣ ବିକାଶ, ଉନ୍ନତି ଏବଂ ସଂଯତ ଉପଭୋଗ । ଏପରି ଏକ ସମାଜ ହୁଅନ୍ତା, ଯହିଁରେ ଲୋକେ ସୁଖ, ଶାନ୍ତି ଓ ସନ୍ତୋଷରେ ଜୀବନ ଯାପନ କରନ୍ତି । ଲୋକଙ୍କର ଦୁଃଖ, ଦାରିଦ୍ର୍ୟ, ଅଭାବ, ଅସୁବିଧା, ଅଚିକିତ୍ସା, ଅଶିକ୍ଷା କିମ୍ବା ଅକର୍ମ୍ମ ସମସ୍ୟା ରହନ୍ତା ନାହିଁ । ପ୍ରତ୍ୟେକ ବ୍ୟକ୍ତିର ମନ ଏବଂ ଶରୀର ଆତ୍ମ-ନିର୍ଭରଶୀଳତା ଉଦ୍ଦେଶ୍ୟରେ ତାଲିମପ୍ରାପ୍ତ ହୋଇଥାନ୍ତା । ଉକ୍ତ ତାଲିମପ୍ରାପ୍ତ ମନ ଏବଂ ଶରୀରର ସଦୁପଯୋଗ ନିମନ୍ତେ ନିଜ ଘରେ, ଗ୍ରାମରେ କିମ୍ବା ଅଞ୍ଚଳରେ କୁଟୀରଶିଳ୍ପର ପ୍ରଚୁର ବ୍ୟବସ୍ଥା ଥାନ୍ତା । ଆଳସ୍ୟର ବିଲୋପସାଧନ ଏବଂ ପରିଶ୍ରମର ଅଭ୍ୟୁଦୟ ପ୍ରାଧାନ୍ୟ ଲାଭ କରନ୍ତା । ଲୋକଙ୍କ ମଧ୍ୟରେ ପ୍ରେମ, ମୈତ୍ରୀ, ସ୍ନେହ, ସୌହାର୍ଦ୍ଦ୍ୟ ଏବଂ ସହାନୁଭୂତି ଇତ୍ୟାଦି ମାନବ ସୁଲଭ ଗୁଣାବଳୀ ପ୍ରକଟିତ ହୋଇ କାର୍ଯ୍ୟ-କାରୀ ହୁଅନ୍ତା । ସମାଜରେ ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ହିଂସା, କପଟତା, ଘୃଣା, ଈର୍ଷା, ଛୁଆଁ-ଅଛୁଆଁ ଏବଂ ସାମ୍ପ୍ରଦାୟିକ ଭେଦଭାବ ଓ ଜାତି, ଧର୍ମ୍ମ, ଭାଷା ଏବଂ ଆଞ୍ଚଳିକତାର ମନୋଭାବ ଦୂର ହୁଅନ୍ତା । ପ୍ରତ୍ୟେକ ବ୍ୟକ୍ତି ଯେ କେବଳ ପରିଶ୍ରମର ମର୍ଯ୍ୟାଦା ବୁଝନ୍ତା ତାହା ନୁହେଁ, ଉକ୍ତ ମର୍ଯ୍ୟାଦାକୁ ବୁଝି ପ୍ରତ୍ୟହ କଷ୍ଟନା କରି ଶାରୀରିକ ପରିଶ୍ରମଦ୍ୱାରା ଉତ୍ପାଦନ କରନ୍ତା । ବାସ୍ତବ କର୍ମ୍ମ-ପ୍ରବଣତା, କଳ୍ପନା ଓ ବକ୍ତୃତା-ପ୍ରବଣତାକୁ ଅତିକ୍ରମ କରି ଉତ୍ପାଦନ ଓ ଦାୟିତ୍ୱ-ସମ୍ପନ୍ନତାକୁ ସଫଳ କରନ୍ତା । ସମାଜରୁ ଶୋଷଣ, ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାର କ୍ରମଶଃ ଦୂରୀଭୂତ ହୁଅନ୍ତା । ସମସ୍ତ ପ୍ରକାର ନିଶା ଓ ଜୁଆ ବନ୍ଦ ହୁଅନ୍ତା । ଭୀରୁତା, କାପୁରୁଷତା, ଆଳସ୍ୟ ଓ ଅସଂଯମର

Digitized by PPRACHIN, SOA

ବିନାଶ ଘଟି ନାରଇ, ମାନବିକତା ଏବଂ ପୌରୁଷର ପ୍ରାଧାନ୍ୟ ଲାଭ ହୁଅନ୍ତା; ବସୁନ୍ଧରା ବୀର-ଭୋଗ୍ୟା ହୁଅନ୍ତା ।

ଶାସନ ପରିଚାଳନା ଦୃଷ୍ଟିରୁ ଜନତା ସର୍ବଦା ଜାଗ୍ରତ ହୁଅନ୍ତା । ଗଣତାନ୍ତ୍ରିକ ଶାସନ ବିଚାର ଦୃଷ୍ଟିରୁ ଜନତା ଦେଶର ସମ୍ବିଧାନ, ଆଇନ-କାନୁନ, ନୀତି-ନିୟମ ଓ ଆୟ-ବ୍ୟୟ ସମ୍ପର୍କରେ ସମ୍ୟକ ଜ୍ଞାନ ଲାଭ କରି ତଦନୁସାରେ ପ୍ରତିନିଧି-ଶାସକମାନେ କାର୍ଯ୍ୟ କରୁଛନ୍ତି କି ନାହିଁ ବିଚାର କରିବାର କ୍ଷମତା ଅର୍ଜନ କରନ୍ତା । ଏପରି ଜ୍ଞାନ ଏବଂ କ୍ଷମତା ହାସଲ ହୋଇ ପାରିଲେ, ନିର୍ବାଚନ ବେଳେ ରାଜନୈତିକ ଦଳମାନଙ୍କର ନିଆଁ-ଗିଳା, ତାହା ମିଛ, ବେ-ଆଇନ, ଅବାସ୍ତବ ଏବଂ ଅକାର୍ଯ୍ୟକାରୀ ପ୍ରତିଶ୍ରୁତିରେ ଭୁଲି ନ ଯାଇ ବାସ୍ତବ କାର୍ଯ୍ୟ କରିଥିବା ଏବଂ କରିବାକୁ ପ୍ରତିଶ୍ରୁତି ଦେଉଥିବା ବ୍ୟକ୍ତି କିମ୍ବା ଦଳକୁ ଭୋଟ ଦେବାର ଠିକ୍ ବିଚାର କରନ୍ତା । ମିଥ୍ୟା ପ୍ରଚାର ଏବଂ ଅବାସ୍ତବ ପ୍ରତିଶ୍ରୁତି ସ୍ରୋତରେ ଭାସି ନ ଯାଇ କିମ୍ବା ଉତ୍କୋଚ ଗ୍ରହଣ ନ କରି ଉପଯୁକ୍ତ ଲୋକ-ପ୍ରତିନିଧି ବାଛନ୍ତା । ଜନତାର ନୈତିକତା ବୃଦ୍ଧି ହୁଅନ୍ତା । ଫଳରେ ଜନତା ଭିତରୁ ମନୋନୀତ, ନିର୍ବାଚିତ ଏବଂ ଗୃହୀତ ଶାସକବୃନ୍ଦ ଉତ୍ତମ ଶାସକ ହୋଇ ସୁ-ଶାସନ ପରିଚାଳନାପୂର୍ବକ ସୁ-ସମାଜ ଗଠନରେ ସହାୟକ ହୁଅନ୍ତେ ।

ଲୋକମାନେ ନିଜେ ଶାସନ ସମ୍ପର୍କରେ ଅଭିଜ୍ଞତା ଅର୍ଜନ ପାଇଁ ସ୍ଥାନୀୟ ଶାସନରେ ଅଂଶୀଦାର ହୁଅନ୍ତେ । ସେଥିପାଇଁ ଶାସନର ବିକେନ୍ଦ୍ରୀ-କରଣ କରାଯାନ୍ତା । ଭାରତରେ ଅବଶ୍ୟ ଶାସନର ବିକେନ୍ଦ୍ରୀକରଣ କିୟତ୍ ପରିମାଣରେ ହୋଇଛି । କିନ୍ତୁ ଯେପରି ଭାବରେ ହେବାର କଥା ହୋଇ-ନାହିଁ । ତଥାପି ଏହି ସୀମିତ ବିକେନ୍ଦ୍ରୀକୃତ ଶାସନରେ ଦକ୍ଷତାର ସହିତ ଶାସନ କାର୍ଯ୍ୟ ଚଳାଇବା ନିମନ୍ତେ ଆବଶ୍ୟକୀୟ ଜ୍ଞାନ ଏବଂ ଦକ୍ଷତା ଅର୍ଜନ ପାଇଁ ସୁବନ୍ଦୋବସ୍ତ ହୋଇଥାନ୍ତା । ବର୍ତ୍ତମାନ ଏ ସମ୍ପର୍କରେ ଜ୍ଞାନ ପ୍ରଦାନ ନିମନ୍ତେ ଯେଉଁ ସରକାରୀ ବ୍ୟବସ୍ଥା ଅଛି ତାହା ପ୍ରଚୁର ନୁହେ । ପଞ୍ଚାୟତ-ମାନେ ଯେ କେବଳ ସ୍ଥାନୀୟ ଶାସନ ସୀମିତ ଭାବେ ପରିଚାଳନା କରିବେ ତାହା ନୁହେ । ପଞ୍ଚାୟତ ସୀମା ଭିତରେ ସବୁବିଧ ଜନ-କଲ୍ୟାଣ କାର୍ଯ୍ୟ କରିବାର ଆଇନଗତ କ୍ଷମତା ପଞ୍ଚାୟତ ଉପରେ ଅର୍ପିତ ହୁଅନ୍ତା । ଏପରି କି ଭିକ୍ଷା-ବୃତ୍ତି ନିରୋଧ ସଙ୍ଗେ ବୃଦ୍ଧାବସ୍ଥା-ପେନ୍‌ସନ ବ୍ୟବସ୍ଥା ଓ ସଂକ୍ରାମକ ରୋଗ, ଯଥା:—କୁଷ୍ଠ, ଯକ୍ଷ୍ମା, ହଇଜା, ବସନ୍ତ ଇତ୍ୟାଦିର

Digitized by PPRACHIN, SOA

ନିବାରଣ କ୍ଷମତା ଏବଂ ଅଧିକାର ଅର୍ପିତ ହୁଅନ୍ତା । ପ୍ରତ୍ୟେକ ପଞ୍ଚାୟତ ଅଦାଲତର କ୍ଷମତାର ଅଧିକାରୀ ହୁଅନ୍ତା । ଭାରତୀୟ ପେନାଲ୍ କୋଡ୍‌ର ଖୁନ, ଡକାୟତି ଏବଂ ରାଜଦ୍ରୋହ ପ୍ରଭୃତି କେତେକ ଗୁରୁତର ଦଫା ଅଧୀନସ୍ଥ ଅଭିଯୋଗ ବ୍ୟତୀତ ଅନ୍ୟ ବହୁ ବିଷୟରେ ମକଦ୍ଦମାମାନ ପଞ୍ଚାୟତ ଅଦାଲତରେ ନିଷ୍ପତ୍ତି ହୁଅନ୍ତା । ଦେଓ୍ୱାନି ସମ୍ପର୍କରେ ସମ୍ପତ୍ତି ବଣ୍ଟୁଆରା (ଭାଗ-ଭାଗ), ଖୋରାକ-ପୋଷାକ, ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଛାଡ଼ପତ୍ର ଦିଆ ନିଆ ଇତ୍ୟାଦି ଦାବି ସମ୍ପର୍କୀୟ ନିଷ୍ପତ୍ତି ଅଦାଲତ ପଞ୍ଚାୟତମାନେ କରନ୍ତେ । ଅଦାଲତୀ ପଞ୍ଚାୟତମାନଙ୍କ ନିଷ୍ପତ୍ତି ବିରୁଦ୍ଧରେ ଅପିଲେଟ୍ ଅଦାଲତି ପଞ୍ଚାୟତ ମଧ୍ୟ ସ୍ଥାପିତ ହୁଅନ୍ତା । ଦାବୀ ପରିମାଣ ବୃହତ୍ ହେଉ ପଛକେ ଯଦି ଗୋଟିଏ ପକ୍ଷ ମଧ୍ୟସ୍ଥି କିମ୍ବା ପଞ୍ଚାୟତଦ୍ୱାରା ମକଦ୍ଦମା ନିଷ୍ପତ୍ତି କରାଇ ନେବାକୁ ଅଦାଲତରେ ଆବେଦନ କରନ୍ତା ଅନ୍ୟ ପକ୍ଷ ତାହା ଗ୍ରହଣ କରିବାକୁ ବାଧ୍ୟ ହୁଅନ୍ତା । ଅବଶ୍ୟ ମଧ୍ୟସ୍ଥ କିମ୍ବା ପଞ୍ଚାୟତର ସଭ୍ୟମାନେ ଉଭୟ ପକ୍ଷରୁ ମନୋନୀତ ହୁଅନ୍ତେ । ଆବାଦ୍ୟକ ସରକାର କିମ୍ବା ଅଦାଲତ-ଦ୍ୱାରା ନିଯୁକ୍ତ ହୁଅନ୍ତେ । ପଞ୍ଚାୟତରେ ସାରାସାରି ନିଷ୍ପତ୍ତି ହୁଅନ୍ତା । ଓକିଲ ମୁକ୍ତାର ଏବଂ ବାରିଷ୍ଟରଙ୍କର ସ୍ଥାନ ରହନ୍ତା ନାହିଁ । ସରକାରଙ୍କ ତରଫରୁ ପଞ୍ଚାୟତୀ ଅଦାଲତମାନଙ୍କ ନିମନ୍ତେ କେତେକ ଭ୍ରାମ୍ୟମାଣ ଦର୍ଶକ-ଜଜ୍ ନିଯୁକ୍ତ ଥାନ୍ତେ । ଏହି ଜଜ୍‌ମାନେ ଇଚ୍ଛା କଲେ କିମ୍ବା ନିମନ୍ତ୍ରଣ ପାଇଲେ ବିଚାରବେଳେ କେବଳ ଉପସ୍ଥିତ ରହନ୍ତେ । ଜଟିଳ ସମସ୍ୟାରେ କେବଳ ମତ ମାଗିଲେ ମୌଖିକ ମତ ଦିଅନ୍ତେ ।

ସମାଜରୁ ଦାରିଦ୍ର୍ୟ ଏବଂ ଶୋଷଣ ଦୂରୀକରଣାର୍ଥେ ପ୍ରଥମେ ବେକାରୀ ହଟାଇବା କାର୍ଯ୍ୟ ହାତକୁ ନିଆଯାଅନ୍ତା । ବେକାରୀ ଦୁଇ ଶ୍ରେଣୀର ଲୋକଙ୍କ ମଧ୍ୟରେ ଦେଖାଯାଏ—ଶିକ୍ଷିତ ଏବଂ ଅଶିକ୍ଷିତ । ଶିକ୍ଷିତ ବେକାରୀର କାରଣ ହେଉଛି ଯେ, ଶିକ୍ଷିତ ବ୍ୟକ୍ତି ଚାକିରୀ ଉଦ୍ଦେଶ୍ୟରେ ଶିକ୍ଷା ଲାଭ କରିଛି ବା କରୁଛି । ତେଣୁ ଚାକିରି ନ ମିଳିଲେ ସେ ବେକାର ହୋଇ ବସି ରହିବ । ଏ ପ୍ରକାର ବେକାରୀ ଦୂରୀକରଣର ବାଟ ହେଉଛି ଯେ, ପ୍ରଚଳିତ ଶିକ୍ଷା ପଦ୍ଧତି ଏବଂ ପ୍ରଣାଳୀକୁ ପରିବର୍ତ୍ତନ କରି ମୌଳିକ ଶିକ୍ଷା ପ୍ରକୃତ ଭାବେ କାର୍ଯ୍ୟକାରୀ କରାଇବା । ତାହା ନ କଲେ ଶିକ୍ଷିତ ବେକାରୀ ସଂଖ୍ୟା ଦିନକୁ ଦିନ ବଢ଼ିବ ସିନା ଆଦୌ କମିବ ନାହିଁ । ଶିକ୍ଷିତ ଏବଂ ଅଶିକ୍ଷିତ ବେକାରୀ ଦୂରୀକରଣର ବାଟ ସରକାରୀ ଚାକିରୀ-ପ୍ରାପ୍ତି ନୁହେ, ଯେ କୌଣସି

Digitized by PPRACHIN, SOA

କର୍ମ ବା ରୋଜଗାରର ପନ୍ଥା-ପ୍ରାପ୍ତି । କର୍ମ ବହୁବିଧ ଅଟେ, ଯଥା:—କୃଷି, ଶିଳ୍ପ, ବାଣିଜ୍ୟ ଏବଂ ସରକାରୀ କିମ୍ବା ବେ-ସରକାରୀ ଚାକିରୀ । ଶେଷୋକ୍ତ କର୍ମର ତ ସୀମା ଅଛି । ତେଣୁ ଚାକିରୀ ଉପରେ ନିର୍ଭର କଲେ ସମସ୍ୟା ସମାଧାନ ହେବ ନାହିଁ । ଆମ ଦେଶରେ ଅତି ବ୍ୟାପକ ଶିଳ୍ପ କୃଷି ଅଟେ । ଏହା ବୃହତ୍ ଶିଳ୍ପ ନୁହେ । କିନ୍ତୁ କ୍ଷୁଦ୍ର ଏବଂ ମଧ୍ୟମ ଶିଳ୍ପ, ଅଟେ । କୃଷିର ସର୍ବାଙ୍ଗୀନ ଉନ୍ନତିଦ୍ୱାରା ବହୁ ପରିମାଣରେ ବେକାରୀ ଦୂରୀକରଣ ସଙ୍ଗେ ସଙ୍ଗେ ପର୍ଯ୍ୟାପ୍ତ ପରିମାଣରେ ଅନ୍ନ-ବସ୍ତ୍ର ଉତ୍ପାଦନ ବୃଦ୍ଧି ହୁଏ । ସେଥିପାଇଁ ଆମ ଦେଶର ପ୍ରତ୍ୟେକ ଇଞ୍ଚ ଜମିକୁ ଜଳ ଯୋଗାଣର ଆଶୁ ବ୍ୟବସ୍ଥା ସର୍ବାଦୌ କର୍ତ୍ତବ୍ୟ । କୃଷି ସଙ୍ଗେ ସଙ୍ଗେ ସହଯୋଗୀ ଏବଂ ଆନୁସଙ୍ଗିକ ଶିଳ୍ପ ହେଉଛି ପଶୁ, ପକ୍ଷୀ ଏବଂ ମତ୍ସ୍ୟ ପାଳନ । ଗୋରୁ, ମହିଷ, ଘୁଷୁରି, ଛେଳି, ମେଣ୍ଢା, କୁକୁଡ଼ା, ହଂସ, ବତକ ଏବଂ ତିତିର ପ୍ରଭୃତି ପଶୁ-ପକ୍ଷୀ ପାଳନ-ଦ୍ୱାରା ଦେଶର ଅର୍ଦ୍ଧେକ ଲୋକ କର୍ମରେ ନିଯୁକ୍ତି ପାଇ ନିଜର ବେକାରୀ ଦୂର କରି ପାରନ୍ତେ ମହୁ ଏବଂ ମାଛ ଚାଷଦ୍ୱାରା ମଧ୍ୟ ଶତକଡ଼ା ୫।୭ ଲୋକଙ୍କୁ ରୋଜଗାର ମିଳନ୍ତା । କୃଷି, ପଶୁ-ପକ୍ଷୀ ପାଳନ ଏବଂମହୁ ଓ ମାଛ ଚାଷ ବ୍ୟତୀତ ଶିଳ୍ପ ପ୍ରସାରରେ ମଧ୍ୟ ବହୁଳ ପରିମାଣରେ ବେକାରୀ ଦୂରୀଭୂତ ହୋଇ-ପାରନ୍ତା । ମଧ୍ୟମ କିମ୍ବା ବୃହତ୍ ଶିଳ୍ପ ସ୍ଥାପନ ପାଇଁ ପୁଞ୍ଜି ଦରକାର । ତାହା ସମୟ, ଅର୍ଥ, ଯନ୍ତ୍ରପାତି ଏବଂ ମେସିନ-ସାପେକ୍ଷ ଅଟେ । ଏଥିରେ ମଧ୍ୟ ଚାହିଦା ଅନୁସାରେ କର୍ମ ସଂସ୍ଥାନ ହୋଇପାରିବ ନାହିଁ । କୃଷି ବ୍ୟତୀତ ଦ୍ୱିତୀୟ ବୃହତ୍ତର କର୍ମ ଯୋଗାଣ କ୍ଷେତ୍ର ହେଉଛି "କୁଟୀର ଶିଳ୍ପ" । ଗାନ୍ଧିଜୀଙ୍କ ଗ୍ରାମୋଦ୍ୟୋଗ ଏହି ଉଦ୍ଦେଶ୍ୟ-ସିଦ୍ଧି ନିମନ୍ତେ ପ୍ରତିଷ୍ଠିତ । ଏହାକୁ ଆଧୁନିକ ବିଜ୍ଞାନଭିତ୍ତିକ, ବିଜ୍ଞାନ-ପ୍ରସାରିତ ଏବଂ ବିଜ୍ଞାନ-ସଂଶୋଧିତ କରିବା ଦରକାର । ଏ ସବୁର ବ୍ୟବସ୍ଥା ହୋଇ ପାରିଲେ ଦେଶରେ ଆତ୍ମ-ନିଯୁକ୍ତିର ପ୍ରଚୁର କ୍ଷେତ୍ର ମିଳିବ ; ଶିକ୍ଷିତ ଏବଂ ଅଶିକ୍ଷିତ ବେକାରୀ ଦୂର ହୋଇ ପାରିବ ।

ମୁଁ ମଧ୍ୟମ ଏବଂ ବୃହତ୍ତର ଶିଳ୍ପ ସ୍ଥାପନର ବିରୋଧୀ ନୁହେ । ଆବଶ୍ୟକ ସ୍ଥଳେ ଏବଂ କ୍ଷେତ୍ରରେ ଏହା ସ୍ଥାପିତ ହେବା ଦରକାର । ଏତ-ଦ୍ୱାରା ମଧ୍ୟ ଉତ୍ପାଦନ ବୃଦ୍ଧି ସଙ୍ଗେ ସଙ୍ଗେ କିୟତ୍ ପରିମାଣରେ ବେକାର ସମସ୍ୟା ସମାହିତ ହୁଅନ୍ତା ।

ଉପଯୁକ୍ତ ବିବେଚନାରୁ ଆମ ଓଡ଼ିଶା କ୍ଷେତ୍ରରେ ଆତ୍ମନିଯୁକ୍ତି ତଥା ସରକାରୀ ଏବଂ ବେ-ସରକାରୀ ନିଯୁକ୍ତି ପାଇଁ ପ୍ରଚୁର ଉପାଦାନ ଅଛି ।

Digitized by PPRACHIN, SOA

ପ୍ରାକୃତିକ ଏବଂ ନୈସର୍ଗିକ ସମ୍ପତ୍ତିରେ ପରିପୂର୍ଣ୍ଣ ଓଡ଼ିଶାର ମାଟି, ପାଣି, ପବନ, ଚିରସ୍ରୋତା ଏବଂ ଅର୍ଦ୍ଧ-ଚିରସ୍ରୋତା ବହୁ କ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ନଦ ନଦୀ, ସୁଶ୍ୟାମଳ ବନରାଜି ପରିପୂର୍ଣ୍ଣ କ୍ଷୁଦ୍ର ମଧ୍ୟମ ପାହାଡ଼ ଓ ପର୍ବତଶ୍ରେଣୀ, ଗଭୀର ସମୁଦ୍ର ସଂଲଗ୍ନ ସୁଦୀର୍ଘ ଏବଂ ସ୍ୱାସ୍ଥ୍ୟକର ଉପକୂଳ, ଲକ୍ଷ ଲକ୍ଷ ଏକର ଅନାବାଦୀ ଜମି ଓ ପ୍ରଚୁର ବନଜ ଏବଂ ଖଣିଜ ସମ୍ପଦ ସଙ୍ଗେ ତୀକ୍ଷ୍ଣ ମେଧା ଓ ପ୍ରଖର ସ୍ମୃତି-ଶକ୍ତି-ବିଶିଷ୍ଟ କଳା ଏବଂ କାରିଗରୀ-କୁଶଳୀ ଲୋକ-ଶକ୍ତିର ସୁସମ୍ବନ୍ଧିତ ବିକାଶ ଓ ସଦ୍‌ବ୍ୟବହାରଦ୍ୱାରା ଆମ ଦେଶରେ ପ୍ରତ୍ୟେକ କ୍ଷେତ୍ରରେ ନିଯୁକ୍ତିର ବ୍ୟବସ୍ଥା ହୋଇପାରନ୍ତା । ଫଳତଃ ବେକାରୀ ଏବଂ ଅକର୍ମା ସମସ୍ୟା ଦୂରୀଭୂତ ହୁଅନ୍ତା । ଏଥିପାଇଁ ଅର୍ଥାଭାବ ଯେତେ ଅନ୍ତରାୟ ନୁହେଁ, ଅଜ୍ଞତା, ଆଳସ୍ୟ, ଉଦାସୀନତା, ମନର ଦୃଢ଼ତାର ଅଭାବ, ରାଜନୀତି ଏବଂ ଚାକିରୀପ୍ରାପ୍ତି ମନୋବୃତ୍ତି ବେଶୀ ଅନ୍ତରାୟ ହେଉଛି । ଏ ଅନ୍ତରାୟ ଦୂର କରିପାରିଲେ ଅନ୍ୟୂନ ଏକ ଶତାବ୍ଦୀ ପାଇଁ ଆମ ଦେଶର ଆର୍ଥିକ-ଦୁର୍ଗତି ଘୁଞ୍ଚିଯାଆନ୍ତା ।

ଶୋଷଣ ଦୂରୀକରଣ ଏବଂ ବେକାରୀ ସମସ୍ୟାର ସମାଧାନ ପାଇଁ ଉପର୍ଯ୍ୟୁକ୍ତ ମତେ ଯେତେ ରୋଜଗାର ଓ କର୍ମ-ଯୋଗାଣ ବ୍ୟବସ୍ଥା କଲେ ସୁଦ୍ଧା ଯଦୃଚ୍ଛା ଲୋକସଂଖ୍ୟା ବୃଦ୍ଧିକୁ ବନ୍ଦ କରିବା ଉଚିତ । ଏଥିପାଇଁ ଅବଶ୍ୟ ସରକାରୀ ପ୍ରଚାର ଓ ବ୍ୟବସ୍ଥା ହେଉଛି, କିନ୍ତୁ ଏ ବ୍ୟବସ୍ଥା ଆହୁରି ଅଧିକ ହେବା ଦରକାର । ଦୁଇରୁ ଅଧିକ ସନ୍ତାନ ଜନ୍ମକରିବା ସାମାଜିକ ଦୋଷ । ତେଣୁ ଭ୍ରୂଣ-ହତ୍ୟା ବରଂ ଶ୍ରେୟସ୍କର । କିନ୍ତୁ ବହୁ ଶିଶୁ ଜନ୍ମକରି ଖାଦ୍ୟ ଅଭାବରୁ ଶିଶୁ ଓ ମନୁଷ୍ୟ ହତ୍ୟା ଅତ୍ୟନ୍ତ ପାପ । ଅସ୍ତ୍ରୋପଚାରଦ୍ୱାରା ଜନ୍ମନିରୋଧ ଅପେକ୍ଷା ସଂଯତ ଜୀବନ ଯାପନ ଏବଂ ଆମ ଶାସ୍ତ୍ରୀୟ ରୀତିରେ ପ୍ରେମ-ସମ୍ଭୋଗ ଦ୍ୱାରା ଜନ୍ମ-ନିୟନ୍ତ୍ରଣ ଅଧିକତର ବାଞ୍ଛନୀୟ ।

ଲୋକସଂଖ୍ୟା ବୃଦ୍ଧିହେଉ ବା ନ ହେଉ ସରକାର ଏବଂ ଜନତା ମଧ୍ୟରେ ଆପେକ୍ଷିକ ସମ୍ପର୍କ ନ ରହିଲେ ସମାଜର ମଙ୍ଗଳ ହେବନାହିଁ । ଜନତାର ନୈତିକତା ରକ୍ଷା ଓ ଦେଶର ଉନ୍ନୟନ କାମ କେବେ ସଫଳ ଘଟିବ ଏକତରଫା କାର୍ଯ୍ୟକାରୀ ହୋଇପାରିବ ନାହିଁ । ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟ ସରକାରୀ ଅର୍ଥରେ ହେବା ଅସମ୍ଭବ । ଯଦି ସରକାରୀ ବ୍ୟୟରେ ତାହା କରାଯିବ ତେବେ ଉକ୍ତ କାର୍ଯ୍ୟ ସମ୍ପନ୍ନ ଏବଂ ସମ୍ପୂର୍ଣ୍ଣ ହେବାକୁ ବହୁ ବର୍ଷ ଲାଗିଯିବ । ତେଣୁ ଜନତାର ସ୍ୱତଃ-ପ୍ରବୃତ୍ତ କାର୍ଯ୍ୟିକ ପରିଶ୍ରମମୂଳକ

Digitized by PPRACHIN, SOA

ସହଯୋଗ ଓ ବ୍ୟକ୍ତିର ଆତ୍ମ-ପ୍ରଚେଷ୍ଟା ହିଁ ଦେଶର ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟର ସଫଳତାର କାରଣ ହେବ । ନୈତିକତା ରକ୍ଷା ପ୍ରତ୍ୟେକ ବ୍ୟକ୍ତିର ଧର୍ମତଃ କର୍ତ୍ତବ୍ୟ ବୋଲି ଭାବି ସଂଯମ, ସାଧନା, ପରିଶ୍ରମ ଓ ଅଧ୍ୟବସାୟ ସହିତ ଜୀବନଯାପନ କଲେ ବ୍ୟକ୍ତିଗତ ଏବଂ ସାମାଜିକ ଜୀବନ ପୂର୍ଣ୍ଣାଙ୍ଗ ହେବ । ଏହି ଭାବନାଦ୍ୱାରା ଅନୁପ୍ରାଣିତ ହୋଇ ଦେଶବାସୀ କାର୍ଯ୍ୟ କଲେ ଉତ୍ତମ ସମାଜ ଗଠନର ଅଗ୍ରଗତି ହୁଅନ୍ତା ।

ଆଦର୍ଶ ସମାଜ ଗଠନ ପାଇଁ ମୋର ବହୁ କଳ୍ପନା ମଧ୍ୟରୁ ଉପରେ ଯାହା ଅଳ୍ପ କିଛି ଲେଖିଲି ତାହାର ସଫଳତା ଶାସନର ସାଧୁତା, ନିର୍ମଳତା ଏବଂ ଦକ୍ଷତା ଉପରେ ଅନେକ ପରିମାଣରେ ନିର୍ଭର କରେ । କିନ୍ତୁ ଉତ୍ତମ ସମାଜ ଓ ଆଦର୍ଶ ଶାସନ କିଏ ଗଠନ କରିବ ? କେବଳ ଆଦର୍ଶ ନେତା (ରାଜନୈତିକ ଦଳର ନେତା), ଆଦର୍ଶ କର୍ତ୍ତା (ଶାସନକର୍ତ୍ତା—ମନ୍ତ୍ରୀବୃନ୍ଦ, ବିଶେଷତଃ ପ୍ରଧାନ ମନ୍ତ୍ରୀ ଓ ମୁଖ୍ୟ ମନ୍ତ୍ରୀ), ଆଦର୍ଶ ଆଇନଦାତା (ଏମ୍. ଏଲ୍. ଏ. ଓ ଏମ୍. ପି. ମାନେ) ଏବଂ ଆଦର୍ଶ ପରାମର୍ଶଦାତା (ସେକ୍ରେଟାରୀମାନେ) ଏହା କରି ପାରିବେ । ଏମାନଙ୍କ ସାଧୁତା, ଆନ୍ତରିକତା, ନିର୍ମଳତା, ନିରପେକ୍ଷତା, ଦକ୍ଷତା ଓ କର୍ତ୍ତବ୍ୟପରାୟଣତା ଉପରେ ସୁଶାସନ ପରିଚାଳନା ବହୁ ପରିମାଣରେ ନିର୍ଭର କରେ । ସବୁ ଯୁଗରେ ଶାସକ ହେଉଛି ଜନତାର ଆଦର୍ଶ । ଶାସକର ଆଚାର, ବ୍ୟବହାର, ରୀତି, ନୀତି, ଚାଲିଚଳନ, ଖାନପାନ, ରହନସହନ ଜନତା ଉପରେ ପ୍ରଚୁର ପ୍ରଭାବ ପକାଏ । ଲୋକେ ତାକୁ ଗ୍ରହଣକରି ନିଜ ଜୀବନ ବିତାନ୍ତି । ନୀତି-ବାକ୍ୟ ଅନୁସାରେ "ରାଜାନୁଗତ ଧର୍ମଃ", "ରାଜା କାଳସ୍ୟ କାରଣଃ" । ଏହାର ଅର୍ଥ, ଶାସନକର୍ତ୍ତା ବା ରାଜା ଯେପରି ଆଚରଣ ଦେଖାନ୍ତି, ତାହା ଆଦର୍ଶ ବୋଲି ଦେଶବାସୀ ନିଜ ଜୀବନରେ ପ୍ରୟୋଗ କରନ୍ତି । ସେହି ହେତୁରୁ ଯେଉଁ ପ୍ରକାର ସୁ-ସମାଜ ଗଠନର ପରିକଳ୍ପନା ମୁଁ ପୂର୍ବବର୍ତ୍ତୀ ପୃଷ୍ଠାମାନଙ୍କରେ ଉଲ୍ଲେଖ କରିଗଲି, ସେ ପ୍ରକାର ସମାଜ ଗଠନର ଆଦର୍ଶ କେବଳ ରାଜା ହିଁ ଦେବେ; ଅର୍ଥାତ୍ ରାଜ୍ୟମାନଙ୍କର ଏବଂ କେନ୍ଦ୍ର ଶାସନର ଯଥାକ୍ରମେ ମୁଖ୍ୟ-ମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀ ସମେତ ଅନ୍ୟାନ୍ୟ ମନ୍ତ୍ରୀବୃନ୍ଦ, ରାଜ୍ୟପାଳ, ରାଷ୍ଟ୍ରପତି ଓ ଉପ-ରାଷ୍ଟ୍ରପତି, ଆସେମ୍ବ୍ଲି ଏବଂ ପାର୍ଲିଆମେଣ୍ଟ୍ ସଦସ୍ୟମାନେ, ସେକ୍ରେଟାରୀମାନେ ଏବଂ ରାଜନୈତିକ ଦଳମାନଙ୍କର ନେତାମାନେ ହିଁ ଦେବେ ।

Digitized by PPRACHIN, SOA

ଉତ୍ତମ ସମାଜ ଗଠନ ସୁଶାସନର ଆଦର୍ଶରେ ହିଁ ହୋଇପାରିବ ବୋଲି ଦୃଢ଼ ଧାରଣା କରି ମୁଁ ଗୃହେଁ ଉପରୋକ୍ତ ସମସ୍ତ ବ୍ୟକ୍ତି ଆଦର୍ଶ ପୁରୁଷ ଏବଂ ଆଦର୍ଶ ଶାସକ ହେବା ଉଚିତ । ମୋର ବିଶ୍ୱାସ ଯେ ସେମାନେ ସମସ୍ତେ ଉତ୍ତମ ଆଦର୍ଶ ପ୍ରଦର୍ଶନ କଲେ ତାହାର ପ୍ରଭାବ ନିମ୍ନସ୍ଥ କର୍ମଚାରୀବୃନ୍ଦ ଏବଂ ଜନତା ଉପରେ ନିଶ୍ଚୟ ପ୍ରତିଫଳିତ ହେବ । ସେହି କାରଣରୁ ଶାସନକର୍ତ୍ତା-ବୃନ୍ଦ ସଚ୍ଚରିତ୍ର ହେବା ଦରକାର । ସେମାନଙ୍କର ସାଧୁତା, ଆନ୍ତରିକତା, ନିରପେକ୍ଷତା ଓ କର୍ତ୍ତବ୍ୟପରାୟଣତା ଉପରେ ସମାଜର ନିର୍ମଳତା ନିର୍ଭର କରେ । ଶାସକବୃନ୍ଦ ନିଜେ ନିର୍ମଳ, ନିରପେକ୍ଷ, ନ୍ୟାୟପରାୟଣ ଏବଂ ଦୁର୍ନୀତିମୁକ୍ତ ହୋଇ ଅନୁରୂପ ଶାସନ ପ୍ରତିଷ୍ଠିତ କରନ୍ତୁ । ଫଳରେ ସମାଜ ମଧ୍ୟ ନିର୍ମଳ, ନିରପେକ୍ଷ, ନ୍ୟାୟପୂର୍ଣ୍ଣ ଓ ଦୁର୍ନୀତିମୁକ୍ତ ହେବ ।

ଏହିପରି ଶାସନ ଓ ସମାଜର ଏକ ଚିତ୍ର ହୃଦୟରେ ଅଙ୍କନ କରି ମୁଁ ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବଙ୍କ ନିମନ୍ତ୍ରଣ-କ୍ରମେ ଓଡ଼ିଶାରେ ୨୫ଟି ଗଡ଼ଜାତ ଓ ଦ୍ୱିତୀୟ ବର୍ଷକୁ ୨୬ଟି ଦେଶୀୟ ରାଜ୍ୟର (ମୟୂରଭଞ୍ଜ ବର୍ଷକ ପରେ ମିଶିଲା) ଶାସନ ପରିଚାଳନାଭାର ଗ୍ରହଣ ନିମନ୍ତେ ଏକ୍‌ଜିକ୍ୟୁଟିଭ୍ (Executive) କାଉନ୍‌ସିଲର୍ ବା ମନ୍ତ୍ରୀ ରୂପେ ୧୯୪୮ ମସିହା ଜାନୁୟାରୀ ମାସରେ ଶପଥ ଗ୍ରହଣ କଲି ।

Digitized by PPRACHIN, SOA

ପ୍ରଥମ ଥର ଶାସନ-ପରିଚାଳନା

ବର୍ତ୍ତମାନ ମୁଁ ଏବଂ ମୋ ସଙ୍ଗେ ଆଉ ଦୁଇଜଣ ନେତୃସ୍ଥାନୀୟ ସହକର୍ମୀ ସର୍ବଶ୍ରୀ କୈଳାଶ ଚନ୍ଦ୍ର ମହାନ୍ତି (ମୟୂରଭଞ୍ଜ) ଏବଂ କପିଳେଶ୍ୱର ପ୍ରସାଦ ନନ୍ଦ (ବଲାଙ୍ଗିର) ମଧ୍ୟ ଶପଥ ଗ୍ରହଣ କଲୁ । ନୂତନ ମିଶ୍ରିତ ଅଞ୍ଚଳ ପାଇଁ ନୂତନ ଭାବେ ମନ୍ତ୍ରୀ ନିଯୁକ୍ତ ହୋଇଛୁ । ସେତେବେଳକୁ ଓଡ଼ିଶାର ରାଜଧାନୀ କଟକରେ ଥିଲା । ସେକ୍ରେଟାରିଏଟ୍ ଗୃହ ନିର୍ମାଣ ହୋଇ ନ ଥିଲା । ଅସ୍ଥାୟୀ ଘରେ କାମ ଚଳୁଥାଏ । ଫାଇଲ କାମ ଯାହା ହେଉନା କାହିଁକି ନୂତନକରି ସୃଷ୍ଟି ହୋଇଥିବା ସମସ୍ୟାମାନ ସମାଧାନ କରିବାକୁ ହେବ । ଆମ୍ଭେମାନେ ସେ ଦିଗରେ ବ୍ୟସ୍ତ ହେଲୁ । ଅନ୍ୟ ଦୁଇଜଣ ମନ୍ତ୍ରୀ କ'ଣ କଲେ ବା ନ କଲେ ମୁଁ ତାହା ବର୍ଣ୍ଣନା କରୁନାହିଁ । କିନ୍ତୁ ଲୋକଙ୍କର ସବୁ ଆପତ୍ତି ଓଜର ମୋଠାରେ ଉପସ୍ଥାପିତ କରାଯାଉଥିଲା; କାରଣ ଲୋକେ ମୋଠାରେ ଅବାଧରେ ଏବଂ ନିଃଶଙ୍କରେ ପ୍ରବେଶ କରି ସବୁ କହି ପାରୁଥିଲେ । ନୂତନ କରି ସ୍ୱାଧୀନତା ମିଳିଛି । ଶତ ଶତ ବର୍ଷର ବ୍ରିଟିଶ ସରକାରଙ୍କ ପରାଧୀନତାରେ ଏକଛତ୍ରବାଦୀ ରାଜା ମହାରାଜାଙ୍କ ଶୋଷଣ ଏବଂ ଅତ୍ୟାଚାରମୂଳକ ଶାସନରୁ ମୁକ୍ତିପାଇ ଗଡ଼ଜାତ ଲୋକେ ସ୍ୱାଧୀନ ଭାରତର ନାଗରିକ ହୋଇଛନ୍ତି । ସେଥିପାଇଁ ସେମାନଙ୍କର ଆଶା ଆକାଙ୍କ୍ଷା ଯଥେଷ୍ଟ ଥାଏ ଏବଂ ତାହା ପୂରଣ ହୋଇ ନ ପାରିଲେ ସମସ୍ତ ଦୋଷ ମୋ ମୁଣ୍ଡ ଉପରେ ଲଦା ହେବ । ଏ ଚିନ୍ତା ମୋ ମନରେ ଯେତିକି ପରିମାଣରେ ଉଦ୍‌ବେଗ ଜନ୍ମାଉଥିଲା ତଦପେକ୍ଷା ଅଧିକତର ଆଶଙ୍କା ଜାଗ୍ରତ କରାଉଥିଲା; କାରଣ ବହୁ ଲୋକଙ୍କ ଧାରଣାରେ ଏ ମିଶ୍ରଣ ମୁଖ୍ୟତଃ ମୋ ଯୋଗୁଁ ହିଁ ହୋଇଛି ।

Digitized by PPRACHIN, SOA

(ଙ) ଇଉନିୟନ ଆନ୍ଦୋଳନ ଏବଂ ଏହାର ଦମନ

ଇତି ମଧ୍ୟରେ ରାଜା ମହାରାଜାମାନେ ଏକ ନୂତନ ସମସ୍ୟା ଓ ବିପତ୍ତି ସୃଷ୍ଟି କଲେ । ସେ ସମସ୍ୟାଟି ହେଉଛି 'ଇଉନିୟନ-ଆନ୍ଦୋଳନ' । ଭାରତର ଅନ୍ୟାନ୍ୟ ଅଞ୍ଚଳରେ ଗଡ଼ଜାତମାନ ଭାରତ ସଙ୍ଗେ ମିଶିଲେ ସତ୍ୟ କିନ୍ତୁ ଗୋଟିଏ ଗୋଟିଏ ଅଞ୍ଚଳର ଗଡ଼ଜାତ ସବୁ ଏକତ୍ର ମିଶାଇ ଏକ ଏକ 'ଇଉନିୟନ' ସୃଷ୍ଟି କରି ରାଜା ମହାରାଜାମାନଙ୍କ ମଧ୍ୟରୁ ଜଣକୁ 'ରାଜପ୍ରମୁଖ' ବା ଗଭର୍ଣ୍ଣର କରାଇ ଶାସନ କାର୍ଯ୍ୟ ଚଳାଗଲା । କିନ୍ତୁ ଓଡ଼ିଶାରେ ଏହା ହୋଇ ନ ଥିଲା । ଯେଉଁସବୁ ଅସ୍ଥାୟୀ 'ଇଉନିୟନ'କରାଗଲା ତନ୍ମଧ୍ୟରେ ମଧ୍ୟ-ଭାରତ, ବୁନ୍ଦେଲ-ଖଣ୍ଡ, ରାଜସ୍ଥାନ ଏବଂ ଗୁଜୁରାଟ ବା ସୌରାଷ୍ଟ୍ର ଇଉନିୟନ ପ୍ରଧାନ ଅଟନ୍ତି । ଜୀବନ ଭୟରେ ସିନା ରାଜାମାନେ ଭାରତ ସରକାରଙ୍କୁ କ୍ଷମତା ହସ୍ତାନ୍ତର କରିଦେଲେ, କିନ୍ତୁ ମନରେ ରାଗ, ବିରକ୍ତି ଏବଂ ପ୍ରତିଶୋଧର ଭାବନା ରଖି ପୁଣି ଅନ୍ୟ ବାଟରେ ଶାସନକୁ ଅଧିକାର କରିବା ନିମନ୍ତେ ଚକ୍ରାନ୍ତ କଲେ । ସେମାନେ ଚିନ୍ତାକଲେ ଯେ ପ୍ରଜା-ମଣ୍ଡଳ-ମାନେ ଯେଉଁ ବିଶାଳ ଉତ୍କଳ କରିଛନ୍ତି ତାକୁ ଖଣ୍ଡିତ ଉତ୍କଳ କରିଦେବେ । ମୌକା ପଡ଼ିଲେ ଥୋକେ ପ୍ରଜାଙ୍କୁ ଶିଖାଇ ମତାଇ ଗଣ୍ଡଗୋଳ କରି ଓଡ଼ିଶାରୁ ପୃଥକ ହୋଇ ଭାରତ ସରକାରଙ୍କ ଅଧୀନରେ ଅନ୍ୟ ଏକ ଓଡ଼ିଆ ଗଡ଼-ଜାତ ପ୍ରଦେଶ ବା ରାଜ୍ୟ (State) କରି ନିଜ ଭିତରୁ ରାଜ-ପ୍ରମୁଖ ବା ଗଭର୍ଣ୍ଣର କରାଇ ଶାସନ ଚଳାଇବେ । ପ୍ରତ୍ୟକ୍ଷ ଭାବରେ ରାଜାମାନେ ଆମ୍ଭ ପ୍ରଜା-ପ୍ରତି-ନିଧିମାନଙ୍କ ମନ୍ତ୍ରିତ୍ୱ ଅଧୀନରେ ଶାସିତ ହେବାକୁ ଶଙ୍କିତ, ଲଜ୍ଜିତ, ନାରାଜ ଏବଂ ଅନିଚ୍ଛୁକ ଥିଲେ । ସେଥିପାଇଁ ବଲାଙ୍ଗିର, କଳାହାଣ୍ଡି, ବୌଦ, ସୋନପୁର, ଗାଙ୍ଗପୁର, ବାମଣ୍ଡା, ବଣେଇ, ଷଢ଼େଇକଳା ଓ ଖରସୁଆଁର ଆଦିବାସୀ ପ୍ରଜାଙ୍କୁ ଉତ୍ତେଜନାର ସହିତ ସଂଗଠିତ କରାଇ ଜୋରସୋରରେ ତୀବ୍ର ଆନ୍ଦୋଳନ ଚଳାଇଲେ । ଏଥିପାଇଁ ସଭାସମିତି କରିବା ସଙ୍ଗେ ସଙ୍ଗେ ହିଂସାତ୍ମକ ପ୍ରଚାର ଓ କାର୍ଯ୍ୟ କଳାପର ଆଶ୍ରୟ ମଧ୍ୟ ନିଆଯାଉଥିଲା । ଏହାର ନେତୃତ୍ୱ ନେଇଥିଲେ ଉକ୍ତ ଷ୍ଟେଟ୍‌ର ରାଜା ମହାରାଜାମାନେ ଏବଂ ସେମାନଙ୍କର ଅନୁଗାମୀ କେତେକ ମୁଖିଆ ବ୍ୟକ୍ତି । ଶାମ, ଦାନ, ଦଣ୍ଡ ଏବଂ ଭେଦ-ନୀତି

Digitized by PPRACHIN, SOA

ପ୍ରୟୋଗ କରି ଏ ଆନ୍ଦୋଳନକୁ ମଧ୍ୟ ଆୟତ୍ତାଧୀନ କରାଗଲା ଓ ଶେଷରେ ରାଜନୈତିକ ଅସ୍ତ୍ର ପ୍ରୟୋଗରେ ସମ୍ପୂର୍ଣ୍ଣ ରୂପେ ଦମନ କରାଗଲା । ଲୋକେ କ୍ରମଶଃ ରାଜାମାନଙ୍କର ଆତ୍ମ-ସ୍ୱାର୍ଥସିଦ୍ଧିମୂଳକ କୁ-ଉଦ୍ଦେଶ୍ୟ ବୁଝିପାରି ତାଙ୍କଠାରୁ ପୃଥକ ହେବାକୁ ଲାଗିବାରୁ ରାଜାମାନେ ଏ ଆନ୍ଦୋଳନରୁ କ୍ଷାନ୍ତ ହୋଇ ଓଡ଼ିଶା ଭିତରେ ରହି ଓଡ଼ିଶାର ରାଜନୀତିରେ ଅଂଶଗ୍ରହଣପୂର୍ବକ ଏହାକୁ ଅଧିକାର କରିବା ନିମନ୍ତେ "ଗଣତନ୍ତ୍ର ଦଳ" ନାମରେ ଏକ ରାଜନୈତିକ ଦଳ ସଂଗଠିତ କଲେ । ପରେ ଏହି ଗଣତନ୍ତ୍ର ଦଳଟି ରାଜାଙ୍କ ସ୍ଥାପିତ 'ସ୍ୱତନ୍ତ୍ର-ଦଳ'ରେ ମିଶିଗଲା ।

(ଖ) ଷଢ଼େଇକଳା-ଖରସୁଆଁ ବିଦ୍ରୋହ

ଠିକ୍ ଏହି ସମୟରେ (୧୯୪୮ ଶେଷ ଭାଗକୁ) ଷଢ଼େଇକଳା ଏବଂ ଖରସୁଆଁରେ ଏହି ଇଣ୍ଡିଆନ୍ ଆନ୍ଦୋଳନରୁ ଜାତ ଏକ ହିଂସାତ୍ମକ ବିଦ୍ରୋହ ହେଲା । ଉକ୍ତ ଦୁଇଟି ଷ୍ଟେଟ୍‌ର ରାଜାମାନଙ୍କ ବିଶେଷତଃ ଷଢ଼େଇକଳା ରାଜାଙ୍କ ଇଙ୍ଗିତ, ପ୍ରେରଣା, ଉତ୍ତେଜନା ଏବଂ ନେତୃତ୍ୱରେ ଏ ବିଦ୍ରୋହ ଅତ୍ୟନ୍ତ ହିଂସାତ୍ମକ ହେଲା । ଏଠାରେ ବାସକରୁଥିବା ପ୍ରାୟ ସବୁ ଓଡ଼ିଆ, ଅଧିକାଂଶ ଆଦିବାସୀ ଏବଂ ହିନ୍ଦୀ ଭାଷା କହୁଥିବା ସବୁ ଲୋକେ ଏହି ଆନ୍ଦୋଳନକୁ ସମର୍ଥନ କରୁଥିଲେ । କେବଳ ଯେଉଁ ୧୭ଟି ଓଡ଼ିଆ ପରିବାର ପ୍ରଜାମଣ୍ଡଳର ନେତୃତ୍ୱ ନେଇଥିଲେ ସେମାନେ ଏହାର ଘୋର ବିରୋଧ କରୁଥିଲେ । ବିଦ୍ରୋହୀମାନେ ପୋଡ଼ା-ଜଳା, ଭଙ୍ଗା-ରୁଜା କରିବା ସଙ୍ଗେ ସଙ୍ଗେ ଓଡ଼ିଶା-ପକ୍ଷପାତୀ ଲୋକଙ୍କୁ ଏବଂ କର୍ମଚାରୀଙ୍କୁ ଡର-ଧମକ ଓ ଭୟ-ଭୀତ କରାଇ ମାର-ପିଟ ଆରମ୍ଭ କରିଦେଲେ । ବିଦ୍ରୋହର ଉଦ୍ଦେଶ୍ୟ ଯେ, ଏ ଦୁଇଟି ଗଡ଼ଜାତ ଓଡ଼ିଶାରେ ନ ରହି ବିହାରରେ ମିଶିବ । ବିହାରର ତତ୍କାଳୀନ କଂଗ୍ରେସ ସରକାର ଏବଂ କଂଗ୍ରେସ ନେତୃବୃନ୍ଦ ଏ ବିଦ୍ରୋହକୁ ପ୍ରଶ୍ରୟ, ପ୍ରୋତ୍ସାହନ ଏବଂ ଆର୍ଥିକ ସାହାଯ୍ୟ ଦେଉଥିଲେ । ବିହାରୀମାନେ ଆଶଙ୍କା କଲେ ଯେ, ଏ ଦୁଇଟି ଷ୍ଟେଟ୍ ଓଡ଼ିଶାରେ ମିଶିଯିବା ଫଳରେ ଟାଟା ନଗରୀ ଓଡ଼ିଶା ରାଜ୍ୟ ଭିତରେ ଗୋଟିଏ ଉପଦ୍ୱୀପ ସଦୃଶ

Digitized by PPRACHIN, SOA

ହୋଇ ରହିଗଲା । ତେଣୁ ନିକଟରେ ଓଡ଼ିଆମାନେ ବିହାରରୁ ଟାଟାନଗରୀ ସମେତ ସିଂହଭୂମ ଜିଲ୍ଲାର କେତେକ ବିଚ୍ଛିନ୍ନାଞ୍ଚଳ ଦାବୀ କରି ଓଡ଼ିଶାରେ ମିଶାଇବେ—ଏହି ଆଶଙ୍କାରେ ବିହାରୀମାନେ ଆନ୍ଦୋଳନ କରିବା ନିମନ୍ତେ ସୁଯୋଗ ଏବଂ ମୌକା ଖୋଜୁଥିଲେ । ଓଡ଼ିଶାର ରାଜାମାନେ ବିଶେଷତଃ ଷଡ଼େଇକଳା ଏବଂ ଖରସୁଆଁର ରାଜାମାନେ ଓ ଓଡ଼ିଶାରେ ଥିବା ତାଙ୍କ ଜ୍ଞାତି ଏବଂ ବନ୍ଧୁ-ବାନ୍ଧବମାନେ ବିହାରୀମାନଙ୍କୁ ଏ ସୁଯୋଗ ଯୋଗାଇ ଦେଲେ ।

ଏ ଆନ୍ଦୋଳନ ପ୍ରଥମେ ପ୍ରତିବାଦ ସଭା ଏବଂ ଶୋଭାଯାତ୍ରାରେ ସୀମିତ ଥିଲା । ବିହାର ସରକାର ଏବଂ ବିହାରୀମାନଙ୍କଠାରୁ ସର୍ବାଙ୍ଗୀନ ସାହାଯ୍ୟ ସମର୍ଥନ ପାଇ ଆନ୍ଦୋଳନକାରୀମାନେ କ୍ରମଶଃ ଦଙ୍ଗାହାଙ୍ଗାମା, ମାରପିଟ୍ କରି ଧମକ-ଚମକ ଦେଲେ । ପରେ ସରକାରୀ ଘରଦ୍ୱାର ଏବଂ କୋଠାବାଡ଼ି ପୋଡ଼ା-ଜଳା ଆରମ୍ଭ କରି ଓଡ଼ିଶା ସରକାରଙ୍କ କର୍ମଚାରୀଙ୍କୁ ସାମାଜିକ ବାସନ୍ଦ, ଜିନିଷ ପତ୍ର ନ ବିକିବା, ତାଙ୍କ ଘରେ ମଜୁରୀ-ଚାକିରୀ ନ ଖଟିବା ଏବଂ ଧମକ ଦେଇ ମାର-ପିଟ୍ ଓ ହାଣ-କାଟ କରିବା ଆରମ୍ଭ କରିଦେଲେ । ସରେଇକଳା ରାଜବାଟୀ ଏବଂ ବିହାର ସୀମାରେ ଥିବା କେତେକ ଜଙ୍ଗଲ ଯାଗା ଏ ଆନ୍ଦୋଳନ ଏବଂ ବିଦ୍ରୋହର ତାଲିମ-କେନ୍ଦ୍ର ଥିଲା । ବିଶାଳ-ଉତ୍କଳ ଚିନ୍ତା ଏବଂ ଓଡ଼ିଶାର ନ୍ୟାୟ-ସଙ୍ଗତ ସ୍ୱାର୍ଥ ରକ୍ଷା ଦୃଷ୍ଟିରୁ ଏ ଆନ୍ଦୋଳନକୁ ଅତ୍ୟନ୍ତ ଦୃଢ଼-ହସ୍ତରେ ଦମନ କରିବାକୁ ପଡ଼ିଲା । ମୟୂରଭଞ୍ଜ ଷ୍ଟେଟ୍ ବର୍ଷକ ପରେ ମିଶିଲା । ସେଠାରେ ମଧ୍ୟ ଶ୍ରୀଯୁକ୍ତ ସୋନାରାମ ସୋରେନ୍‌ଙ୍କ ନେତୃତ୍ୱରେ ଆଦିବାସୀମାନଙ୍କର ଏକ ହିଂସାତ୍ମକ ଆନ୍ଦୋଳନ କରାଗଲା । ଏହି ଆନ୍ଦୋଳନକୁ ମଧ୍ୟ ଅତ୍ୟନ୍ତ ଦୃଢ଼ତା ଓ ଦକ୍ଷତା ସହିତ ଆୟତ୍ତ କରାଯାଇ ଉକ୍ତ ଷ୍ଟେଟ୍‌କୁ ଓଡ଼ିଶା ସହିତ ୧୯୪୯ ଜାନୁୟାରୀ ପହିଲାରେ ମିଶାଇ ଦିଆଗଲା ।

ଆମେ ଗଡ଼ଜାତବାସୀ ଅଭୂତପୂର୍ବ ତ୍ୟାଗ ସ୍ୱୀକାରପୂର୍ବକ ଅଭିନବ ସଂଗଠନ କରି ପ୍ରଥମେ ରାଜ-ପ୍ରଥା ଲୋପ କରାଇ ବିଶାଳ ଉତ୍କଳ ଗଠନ ସଙ୍ଗେ ସଙ୍ଗେ ବିଶାଳ ଭାରତର ସୂତ୍ରପାତ କଲୁ । କିନ୍ତୁ କେତେକ ରାଜା ମହାରାଜାଙ୍କ ଜାତୀୟତା-ହୀନତା, ନୀଚ ସ୍ୱାର୍ଥ-ସିଦ୍ଧି ଏବଂ ପ୍ରତିଶୋଧ ଭାବନା ହେତୁ ସେମାନେ ବିଶାଳ ଉତ୍କଳରୁ ଷଡ଼େଇକଳା ଖରସୁଆଁକୁ ନେଇ ବିହାରରେ ମିଶାଇବାର ସମସ୍ତ ବ୍ୟବସ୍ଥା କରିଦେଲେ । ଯେଉଁମାନେ

Digitized by PPRACHIN, SOA

ଉତ୍କଳ-ଦ୍ରୋହୀ ଏବଂ ଓଡ଼ିଆ ଜାତି-ଦ୍ରୋହୀ ସେମାନେ ଆଜି ଉକ୍ତ ଦୁଇ ରାଜ୍ୟର ଓଡ଼ିଶାରେ ପୁନଃ ମିଶ୍ରଣ ପାଇଁ ଦାବୀ କରୁଛନ୍ତି । ସେମାନଙ୍କର ଏ ଦାବୀ ରାଜନୈତିକ ମାତ୍ର ; କିନ୍ତୁ ଆନ୍ତରିକ ନୁହେଁ । ମୁଁ ଆଜି ସୁଦ୍ଧା ଗୃହେ ବିଶାଳ ଉତ୍କଳ ଅଧିକତର ସୁବିସ୍ତୃତ ହେଉ । ଉପାନ୍ତ ଅଞ୍ଚଳମାନ ଓଡ଼ିଶାରେ ମିଶୁ । ଓଡ଼ିଶା ବାହାରେ ଥିବା ସମସ୍ତ ଓଡ଼ିଆ-ଭାଷା-ଭାଷୀ ଅଞ୍ଚଳ ଏକତ୍ରିତ ହୋଇ ଓଡ଼ିଶାର ପୂର୍ବ ଗୌରବ ଏବଂ ଗରିମା ବଜାୟ ରଖିବା ସଙ୍ଗେ ସଙ୍ଗେ ଓଡ଼ିଶାକୁ ଭାରତର ମଉଡ଼ମଣି କରନ୍ତୁ । କିନ୍ତୁ ଚକ୍ରାନ୍ତ କରି ଯେଉଁମାନେ ଉତ୍କଳ ମାତାର ନାସିକା ଛେଦନ ଏବଂ କର୍ଣ୍ଣ କର୍ତ୍ତନପୂର୍ବକ ତାଙ୍କୁ ବିହାରୀଙ୍କଠାରେ ବିକ୍ରୟ କଲେ ସେମାନେ ଆଜି ପୁଣି ଦେଶର ନେତା ହୋଇ ଷଢ଼େଇକଳା ଏବଂ ଖରସୁଆଁର ଓଡ଼ିଶାରେ ପୁନଃ ମିଶ୍ରଣ ପାଇଁ ଆଶା କରି ଦାବୀ ଏବଂ ଆନ୍ଦୋଳନ କରିବା ଅତ୍ୟନ୍ତ ଦୁଃଖ ଓ ଲଜ୍ଜାର କଥା । ଏକ ଭାଷା-ଭାଷୀ ଅଞ୍ଚଳ ଏକ ପ୍ରଦେଶରେ ରହିବାର କଥା । ଆମେ ତାହାହିଁ କରିଥିଲୁ । ଏ ମତର ଖିଲାପ କଲେ ବିହାରର ତତ୍କାଳୀନ କଂଗ୍ରେସ ସରକାର, ଭାରତର କଂଗ୍ରେସ ସରକାର ଏବଂ ଉକ୍ତ ଦୁଇ ଷ୍ଟେଟ ଓ ବଲାଙ୍ଗୀର, କଳାହାଣ୍ଡି, ଗାଙ୍ଗପୁର, ବଣାଇ ଓ ବାମଣ୍ଡାର ରାଜା ମହାରାଜା-ମାନଙ୍କ ସମେତ ଷଢ଼େଇକଳା ଏବଂ ଖରସୁଆଁର ଓଡ଼ିଆମାନେ ।

(ଗ) ଗଡ଼ଜାତମାନଙ୍କୁ ଉପକୂଳ ଜିଲ୍ଲାମାନଙ୍କ ସଙ୍ଗେ ସମୀକରଣ

ମିଶ୍ରଣ ବେଳକୁ ଗଡ଼ଜାତ ଅଞ୍ଚଳମାନ ଶିକ୍ଷା, ସ୍ୱାସ୍ଥ୍ୟ, ଜଳସେଚନ ଏବଂ ଗମନାଗମନ ବିଷୟରେ ଉପକୂଳ ଅଞ୍ଚଳ ତୁଳନାରେ ବହୁତ ପଛରେ ପଡ଼ିଥିଲା । ଚିନ୍ତା କରାଗଲା ଯେ ଓଡ଼ିଶାର କୌଣସି ଅଞ୍ଚଳକୁ ଅତି ଅନୁନ୍ନତ ଅବସ୍ଥାରେ ରଖା ହେବ ନାହିଁ । ଯେତେଦୂର ସମ୍ଭବ ଅନୁନ୍ନତ ଅଞ୍ଚଳ ପ୍ରତି ଅତିରିକ୍ତ ବ୍ୟବସ୍ଥା କରି ଦଶବର୍ଷ ଭିତରେ ଉନ୍ନତ ଅଞ୍ଚଳ ସଙ୍ଗେ ସମାସ୍କନ୍ଧ କରିବାକୁ ହେବ । ସେଥିପାଇଁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ କରାଗଲା । ଶିକ୍ଷା ସମ୍ବନ୍ଧରେ ବ୍ୟବସ୍ଥା କରାଗଲା ଯେ, ଗଡ଼ଜାତ ଅଞ୍ଚଳ ପାଇଁ ଅତିରିକ୍ତ ଏବଂ

Digitized by PPRACHIN, SOA

ଦୋହରି ଆର୍ଥିକ ବ୍ୟବସ୍ଥା କରି ଦଶବର୍ଷ ମଧ୍ୟରେ ଉପକୂଳ ଅଞ୍ଚଳ ସଙ୍ଗେ ସମାନ ସ୍ତରକୁ ଅଣାଯିବ । ତାହାହିଁ କରାଗଲା । ପ୍ରାୟ ସମସ୍ତ ପ୍ରକାର ଉନ୍ନୟନ କାର୍ଯ୍ୟରେ ଏହି ନୀତି ସଫଳତାର ସହିତ କାର୍ଯ୍ୟକାରୀ କରାଗଲା ।

ମୋର ଏହି ମନ୍ତ୍ରୀତ୍ୱ ସମୟରେ ଆଉ ଏକ ବିଶେଷ ସମସ୍ୟା ସମାହିତ ହେଲା । ଷଡ଼େଇକଳା ଏବଂ ଖରସୁଆଁ ଗଡ଼ଜାତ ଦୁଇଟିକୁ ଛାଡ଼ି ବାକୀ ୨୪ଟି ଦେଶୀୟ ରାଜ୍ୟରେ ପ୍ରତ୍ୟେକ ବିଷୟରେ ୨୪ପ୍ରକାର ଆଇନ, ନୀତିନିୟମ ଏବଂ ପ୍ରଚଳିତ-ପ୍ରଥା ଥିଲା । ସେ ସବୁକୁ ଏକତ୍ରିଭୂତ ଏବଂ ସମୀକରଣ କରି ଓଡ଼ିଶା ଆଇନ ସଙ୍ଗେ ଖାପ୍ ଖୁଆଇ ଏକ ନୂତନ ଆଇନରେ ପରିଣତ କରାଗଲା । ପରେ ଓଡ଼ିଶା ଆଇନ ସଙ୍ଗେ ସବୁ ସମାନ କରି ଦିଆଗଲା । ଅତି ନିମ୍ନତମ ବେତନ ପାଉଥିବା ସମସ୍ତ କର୍ମଚାରୀଙ୍କୁ ଶିକ୍ଷା, ଯୋଗ୍ୟତା ଏବଂ ଦକ୍ଷତା ଭିତ୍ତିରେ ଓ ଚାକିରିର ଦୀର୍ଘତା ଏବଂ ପଦବୀ ବିଚାରରୁ ଓଡ଼ିଶା କ୍ୟାଡରରେ ଭର୍ତ୍ତି କରାଯାଇ ପେନ୍‌ସନ୍, ପ୍ରୋଭିଡେଣ୍ଟ-ଫଣ୍ଡ ଏବଂ ଗ୍ରାଚୁଇଟି ଇତ୍ୟାଦିର ବ୍ୟବସ୍ଥା କରି ନ୍ୟାୟ ଦିଆଗଲା ।

ମିଶିଥିବା ୨୪ଟି ଦେଶୀୟ ରାଜ୍ୟ ସମାନ ଆୟ ଏବଂ ସମାନ ଲୋକ-ସଂଖ୍ୟାର ଅଞ୍ଚଳ ନ ଥିଲେ । ୪୬ବର୍ଗ ମାଇଲ ବିଶିଷ୍ଟ ଏବଂ ପ୍ରାୟ ୨୬ହଜାର ଲୋକ-ବସତି ଥିବା କ୍ଷୁଦ୍ରତମ ଟିଗିରିଆଠାରୁ ଆରମ୍ଭ କରି ପ୍ରାୟ ୧୦ ଲକ୍ଷ ଲୋକସଂଖ୍ୟାବିଶିଷ୍ଟ ମୟୂରଭଞ୍ଜ ରାଜ୍ୟ ଏହି ୨୪ଟି ଗଡ଼ଜାତର ଅନ୍ତର୍ଭୁକ୍ତ । ତହସିଲ, ସବ୍‌ଡିଭିଜନ, ଜିଲ୍ଲା ଏବଂ ରେଭିନ୍ୟୁ ଡିଭିଜନ ଗଠନରେ ନାନା ଜଟିଳତାର ସମ୍ମୁଖୀନ ହେବାକୁ ପଡ଼ିଲା । କିନ୍ତୁ ଆମ ଉପରେ ଜନତାର ଆସ୍ଥା ଏବଂ ବିଶ୍ୱାସ ଥିବାରୁ ଆମର ନିଷ୍ପତ୍ତି ସୁରୁଖୁରୁରେ ଗୃହୀତ ହୋଇଗଲା ।

ବଡ଼ ସମସ୍ୟା ଉପୁଜିଥିଲା ଆମ ଦେଶୀୟ ରାଜ୍ୟର ଲୋକଙ୍କୁ ପ୍ରଚଳିତ ଓଡ଼ିଶା ଆଇନରେ ଅଭ୍ୟସ୍ତ କରାଇବାରେ । ଏକଛତ୍ରବର୍ତ୍ତୀ ରାଜ-ଶାସନ ଯେତେ ଖରାପ ହେଲେ ହେଁ ସାପ ମୁଣ୍ଡରେ ମଣି ଥିଲା ପରି ଉକ୍ତ ଶାସନ ଓ ଶାସକଠାରେ କିଛି ସଦ୍‌ଗୁଣ ଓ କ୍ଷମତା ଥିଲା, ଯାହା ପ୍ରୟୋଗ କରି ଉକ୍ତ ଶାସକମାନେ ପ୍ରଜାମାନଙ୍କର ଆପତ୍ତି ଓଜର ଶୁଣି ଆଶୁ ପ୍ରତିକାର କରିପାରୁଥିଲେ । ଗଡ଼ଜାତ ଲୋକମାନଙ୍କର ଆଇନ ଅଦାଲତରେ ଓକିଲ ମୋକ୍ତାର-ମାନଙ୍କ ପାଇଁ ଖର୍ଚ୍ଚ ବହନ କରି ମକଦ୍ଦମା ଲଢ଼ିବା ଅଭ୍ୟାସ ଏବଂ ଶକ୍ତି ନ ଥିଲା । ଓଡ଼ିଶା ଶାସନ ବ୍ୟବସ୍ଥାରେ ଓକିଲ ଯାହାର ଡିଗ୍ରି ତାହାର ହେବାର କଥା କିନ୍ତୁ ଗଡ଼ଜାତ ଶାସନମାନଙ୍କରେ ଶସ୍ତାରେ ଯେପରି ନ୍ୟାୟ ମିଳୁଥିଲା

Digitized by PPRACHIN, SOA

ଓଡ଼ିଶା-ଶାସନରେ ତାହା ମିଳିଲା ନାହିଁ । ଗଡ଼ଜାତ ଲୋକେ ଏ ଖର୍ଚ୍ଚ ଏବଂ ବ୍ୟବସ୍ଥାକୁ ଆଦୌ ପସନ୍ଦ କଲେ ନାହିଁ । ଶସ୍ତାରେ ସଦ୍ୟ-ନ୍ୟାୟ ମିଳିବା ଦୁର୍ଲଭ ହୋଇ ପଡ଼ିଲା । କୌଣସି ଦୋଷ ଗୁଣ କରି ରାଜା କ୍ଷମା ଦେଉଥିବା-ନଙ୍କୁ ମୌଖିକ କହି ନ୍ୟାୟ ଏବଂ ମୁକ୍ତି ପାଇଯାଉଥିଲେ । କେତେକ କ୍ଷେତ୍ରରେ ଜଟିଳ ଦାବୀ ଏବଂ ପ୍ରତିଦ୍ୱନ୍ଦୀର ମାଲି-ମକଦ୍ଦମା ପଞ୍ଚାୟତଦ୍ୱାରା ନିଷ୍ପତ୍ତି କରାଯାଉଥିଲା । ଏହାର ନିଷ୍ପତ୍ତି ପକ୍ଷମାନେ ଗ୍ରହଣ କରିବାକୁ ବାଧ୍ୟ ହେଉଥିଲେ । ବୃଦ୍ଧ ପିତାମାତାଙ୍କୁ ପୋଷିବା ଏବଂ ଯତ୍ନ ନେବା ପୁତ୍ରମାନଙ୍କର ପ୍ରଚଳିତ ପ୍ରଥାନୁଯାୟୀ କର୍ତ୍ତବ୍ୟ ଥିଲା । ଏହା ନ କଲେ ଦଣ୍ଡ ମିଳୁଥିଲା । କିନ୍ତୁ ମିଶ୍ରଣ ପରେ ଏସବୁ ହେବା ଅତ୍ୟନ୍ତ କଠିନ ହେଲା । ବିଶାଳ ରାଜ୍ୟରେ ମିଶିଯିବାରୁ ଲୋକେ ଏ ସୁବିଧାରୁ ବଞ୍ଚିତ ହେଲେ । କୋର୍ଟ, କଚେରି, ଅଫିସ, ଅଦାଲତ, ଅଫିସର, କର୍ମଚାରୀ, ହାକିମ-ହୁକୁମା ଠାରୁ କାର୍ଯ୍ୟ ହାସଲ କରିବା କଷ୍ଟକର ହେଲା । ଲୋକେ ପୁଣି ଆମ୍ଭମାନଙ୍କ ଉପରେ ବିରକ୍ତ ହେଲେ । ଗଣତନ୍ତ୍ର ଶାସନର ସୁବିଧା ସଙ୍ଗେ ଏକଛତ୍ର ଶାସନର ମଙ୍ଗଳ ଉପଭୋଗ ପାଇଁ ବରାବର ଦାବୀ କଲେ । ଏଥିପାଇଁ ଅତ୍ୟନ୍ତ ଧୈର୍ଯ୍ୟ, ସଂଯମ ଏବଂ ପରିଶ୍ରମର ସହିତ ଆମ୍ଭମାନଙ୍କୁ ଏକ ପକ୍ଷରେ ଲୋକଙ୍କର ସ୍ୱାର୍ଥ-ସୁବିଧା ଏବଂ ଅନ୍ୟ ପକ୍ଷରେ ଆଇନ କାନୁନକୁ ଜଗି କାମ କରିବାକୁ ହେଲା । ଲୋକେ କ୍ରମେ କ୍ରମେ ନୂତନ ପ୍ରଥାରେ ଅଭ୍ୟସ୍ତ ହେଲେ ।

ଏ ପ୍ରକାର ସାମାନ୍ୟ ସାମାନ୍ୟ ଅସୁବିଧାର ସୁଯୋଗ ନେଇ ରାଜା ଏବଂ ତାଙ୍କ ପକ୍ଷ ଲୋକେ ରାଜନୈତିକ ଲାଭ-ଫାଇଦା ଉଠାଇ ରାଜନୀତି କରିବାକୁ ଲାଗିଲେ । ଏହା ୧୯୫୨ ପ୍ରଥମ ସାଧାରଣ ନିର୍ବାଚନରେ ପ୍ରମାଣିତ ହେଲା । ତଥାପି ଏକଛତ୍ରବାଦ ରାଜ-ପ୍ରଭାବରୁ ଜନତାକୁ ରକ୍ଷା କରି ଗଣତନ୍ତ୍ର ଶାସନ ଏବଂ ସମାଜର ସମ୍ବିଧାନ ଓ ଆଇନ-କାନୁନର ସୁବିଧା ସୁଯୋଗ ଲୋକଙ୍କୁ ଉପଭୋଗ କରାଇବାରେ ସମ୍ୟକ୍ ସଫଳତା ମିଳିଲା ।

(ଘ) ଓଡ଼ିଶା ଗଡ଼ଜାତ ଆସେମ୍ବ୍ଲି ବା କାଉନ୍‌ସିଲ

ଗଡ଼ଜାତଗୁଡ଼ିକର ମିଶ୍ରଣ ପରେ ଏବଂ ମୁଁ ଓ ମୋର ପୂର୍ବୋକ୍ତ ସହକର୍ମୀମାନେ ମନ୍ତ୍ରୀ ହିସାବରେ ଶପଥ ଗ୍ରହଣ କରିବା ଅନ୍ତେ ସମସ୍ତ

Digitized by PPRACHIN, SOA

ଗଡ଼ଜାତମାନଙ୍କର ମନୋନୀତ ପ୍ରତିନିଧିମାନଙ୍କୁ ନେଇ ଓଡ଼ିଶା ଗଡ଼ଜାତ ଆସେମ୍ବ୍ଲି ବା କାଉନ୍‌ସିଲ୍ ନାମରେ ଆଇନ-ସଭା ଅନୁରୂପ ଏକ ଆସେମ୍ବ୍ଲି ସୃଷ୍ଟି ହେଲା । ଏହି ଆସେମ୍ବ୍ଲିକୁ ସାହାଯ୍ୟ କରିବା ନିମନ୍ତେ ପ୍ରତ୍ୟେକ ଗଡ଼ଜାତରେ ଗୋଟିଏ ଗୋଟିଏ ପରାମର୍ଶ-ଦାତା କମିଟି ଗଠନ କରାଗଲା । ଏହି ଅନୁଷ୍ଠାନମାନଙ୍କ ସ୍ଥାୟିତ୍ୱ ଗଡ଼ଜାତମାନଙ୍କର ଓଡ଼ିଶା ସଙ୍ଗେ ସାମ୍ବିଧାନିକ ମିଶ୍ରଣ ପର୍ଯ୍ୟନ୍ତ ରହିବାର କଳ୍ପନା କରାଯାଇଥିଲା । ଏ ଆସେମ୍ବ୍ଲି ଏବଂ ପରାମର୍ଶଦାତା କମିଟି ଗଠନ କରିବାର ଉଦ୍ଦେଶ୍ୟ ହେଉଛି ନିମ୍ନ ପ୍ରକାର :—

(୧) ଅସ୍ଥାୟୀ ଭାବେ କ୍ଷମତା ବିକେନ୍ଦ୍ରୀକରଣ ;

(୨) ମିଶିଯାଇଥିବା ରାଜ୍ୟମାନଙ୍କର ଲୋକ, କର୍ମଚାରୀ ଏବଂ ଅନ୍ୟମାନଙ୍କର ଯଥାର୍ଥ, ଯୁକ୍ତିଯୁକ୍ତ, ନ୍ୟାୟସଙ୍ଗତ, ଆଇନଗତ ଓ ସମ୍ବିଧାନ-ସମ୍ମତ ସ୍ୱାର୍ଥ-ସମ୍ମାନ ହାସଲ କରିବା ; ନିଶ୍ଚିତ ଭାବେ ଆଶଙ୍କା କରାଯାଉଥିଲା ଯେ ପୃଥକ ପୃଥକ ଆଇନ-କାନୁନ ପ୍ରଚଳିତ କ୍ଷୁଦ୍ର କ୍ଷୁଦ୍ର ଦେଶୀୟ ରାଜ୍ୟଗୁଡ଼ିକର ଓଡ଼ିଶା ପ୍ରଦେଶ ସଙ୍ଗେ ମିଶ୍ରଣ ପରେ ସେମାନଙ୍କର ସ୍ୱାର୍ଥ ଓ ସମ୍ମାନର ସତ୍ତା ରହି ନ ପାରେ । ତେଣୁ ଏଥିପ୍ରତି ଦୃଷ୍ଟି ଦେବାପାଇଁ ପ୍ରଥମ ଅବସ୍ଥାରେ କିଛି ଲୋକପ୍ରତିନିଧି ସଂସ୍ଥା ରହିବା ଉଚିତ ।

(୩) ଗଡ଼ଜାତର ନେତା ଓ କର୍ମୀମାନଙ୍କୁ ଶାସନ ସଙ୍ଗେ ସମ୍ପୃକ୍ତ କରାଇ ଶାସନରେ ଦକ୍ଷତା ଏବଂ ଅଭିଜ୍ଞତା ଅର୍ଜନ କରାଇବା ;

(୪) ମିଶିଯାଇଥିବା ଗଡ଼ଜାତମାନଙ୍କର ସଂଗଠିତ ଲୋକମତ ଓଡ଼ିଶା ତଥା ଭାରତ ସରକାରଙ୍କ ଗୋଚରକୁ ଆଣାଇବା ;

(୫) ଓଡ଼ିଶା ପ୍ରଦେଶର ଶାସନକଳରୁ ପ୍ରତ୍ୟେକ ଗଡ଼ଜାତ ପାଇଁ ନିଯୁକ୍ତ ହୋଇଥିବା କର୍ମଚାରୀମାନଙ୍କ କାର୍ଯ୍ୟ କଳାପ ଏବଂ ରାଜପକ୍ଷୀୟ କର୍ମଚାରୀଙ୍କ ହାବ ଭାବ ସାବଧାନତାର ସହିତ ଦେଖିବା ସଙ୍ଗେ ସଙ୍ଗେ ଶାସନ କାର୍ଯ୍ୟରେ ପରାମର୍ଶ ଦେବା ;

(୬) ଓଡ଼ିଶା ସହିତ ଗଡ଼ଜାତମାନଙ୍କର ସାମ୍ବିଧାନିକ ମିଶ୍ରଣ ନିମନ୍ତେ ଗଡ଼ଜାତମାନଙ୍କରେ ପ୍ରଚଳିତ ଆଇନ-କାନୁନ, ରୀତି-ନିୟମ ଏବଂ ପ୍ରଚଳିତ ପ୍ରଥାକୁ ଖାପ୍ ଖୁଆଇ ଓଡ଼ିଶା ଆଇନର ପରିବର୍ତ୍ତନ, ପରିବର୍ଦ୍ଧନ ଏବଂ ସଂଶୋଧନ ଇତ୍ୟାଦିରେ ସାହାଯ୍ୟ କରିବା ;

(୭) ରାଜାମାନଙ୍କ ପ୍ରତିକ୍ରିୟାକୁ ଲକ୍ଷ୍ୟ କରି ପ୍ରତିକାର କରିବା ; ଏବଂ

Digitized by PPRACHIN, SOA

(୮) ଅନୁନ୍ନତ ଗଡ଼ଜାତ ଅଞ୍ଚଳର ଆଶୁ ଉନ୍ନତି ନିମନ୍ତେ ଅତିରିକ୍ତ ଦୃଷ୍ଟି ଦେବା ଇତ୍ୟାଦି ।

ଏହି ଆସେମ୍ବ୍ଲିର ହେଡ୍‌କ୍ୱାର୍ଟର କଟକରେ ଓ ପ୍ରତ୍ୟେକ ଗଡ଼ଜାତ ପାଇଁ ଯେଉଁ ପରାମର୍ଶଦାତା କମିଟି ଗଠିତ ହେଲା, ତା'ର ହେଡ୍‌କ୍ୱାର୍ଟର୍ ଗଡ଼ଜାତ ରାଜଧାନୀରେ ଅବସ୍ଥାପିତ ହେଲା ।

ଆସେମ୍ବ୍ଲି ଏବଂ ପରାମର୍ଶଦାତା କମିଟିମାନ ଅତ୍ୟନ୍ତ ସାଧୁତା, ଆନ୍ତରିକତା, ତତ୍ପରତା ଏବଂ ଦକ୍ଷତାର ସହିତ କାର୍ଯ୍ୟ କଲେ । କେତେକ ଗଡ଼ଜାତରେ ପୂର୍ବୋକ୍ତ ଇଉନିୟନ୍ ଆନ୍ଦୋଳନ ଏବଂ ଷଡ଼େଇକଳା-ଖରସୁଆଁରେ ବିଦ୍ରୋହ ଯୋଗୁଁ ଏହି ଅନୁଷ୍ଠାନମାନଙ୍କ କାର୍ଯ୍ୟକଳାପରେ ନାନାବିଧ ବାଧା ବିଘ୍ନ ସୃଷ୍ଟି ହେଲା । ମିଶ୍ରଣର ଅବ୍ୟବହିତ ପୂର୍ବରୁ ମୋର ଶ୍ରୀ ମହତାବଙ୍କ ସଙ୍ଗେ ପୂର୍ବୋକ୍ତ ମନୋମାଳିନ୍ୟ ବଶତଃ, ଏବଂ ସର୍ଦ୍ଦାର ପଟେଲଙ୍କୁ ମହତାବ ବାବୁ ଓ ଶ୍ରୀ ସାରଙ୍ଗଧର ଦାସଙ୍କର ଆମ୍ଭମାନଙ୍କ ସମ୍ପର୍କରେ ପୂର୍ବୋକ୍ତମତେ ଭୁଲ ଧାରଣା ଦେବା କାରଣରୁ ଯେପରି ଜଟିଳ ଅବସ୍ଥା ସୃଷ୍ଟି କରିଯାଇଥିଲା ତାର ସୁଯୋଗ ନେଇ କେତେକ ଗଡ଼ଜାତରେ ଓଡ଼ିଶା ସରକାରଙ୍କ କର୍ମଚାରୀମାନେ ଟିକିଏ ବିଜେତା ମନୋଭାବ ପ୍ରଦର୍ଶନ କରିବାର ଆଶ୍ରୟ ମିଳିଲା । ଏଣେ ଗଡ଼ଜାତ ପ୍ରଜାମଣ୍ଡଳମାନଙ୍କର କର୍ମୀମାନେ ନିଜେ ଜିତିକରି ମିଶ୍ରଣ କରିଛନ୍ତି ବୋଲି ମନରେ ଗର୍ବ ଏବଂ ଅଭିମାନ ପ୍ରଦର୍ଶନ କରୁଥିଲେ । ଓଡ଼ିଶା କର୍ମଚାରୀମାନେ ଓଡ଼ିଶା ଆଇନ ଓ ନୀତିରେ ଶାସନ ଚଳାଇବାକୁ ଉଦ୍ୟତ ହେଲାବେଳେ ଉପଦେଷ୍ଟା କମିଟିର ସଭ୍ୟମାନେ କେତେକ କ୍ଷେତ୍ରରେ ତାର ବିରୋଧ କରିବାକୁ ଲାଗିଲେ । ଫଳତଃ କେତେକ ଷ୍ଟେଟରେ କ୍ରମେ କ୍ରମେ ବିରୋଧ ଏବଂ ବିରୋଧରୁ ରାଜନୈତିକ ଝଗଡ଼ା ମଧ୍ୟ ହେଉଥାଏ । ଏ ସମସ୍ୟାର ସମାଧାନ କରିବାର ଭାର ମୋ ଉପରେ ନ୍ୟସ୍ତ ଥାଏ । ନ୍ୟସ୍ତ ଥାଉ ବା ନ ଥାଉ ଏ ସମସ୍ୟାକୁ ବୁଦ୍ଧିମତାଦ୍ୱାରା ସମାଧାନ କରିବା ମୋର ଅବଶ୍ୟ କର୍ତ୍ତବ୍ୟ । ତେଣୁ ମୁଁ ଏପ୍ରକାର ସମସ୍ୟାରେ ହସ୍ତକ୍ଷେପ କରି ସମାଧାନ କରିବାରେ ସମ୍ୟକ୍ ପରିମାଣରେ ସଫଳ ହେଲି ।

Digitized by PPRACHIN, SOA

ପ୍ରଜାମଣ୍ଡଳ କର୍ମୀ ଓ ନେତାଙ୍କ ବିରୋଧରେ ଚକ୍ରାନ୍ତ

ଯେତେବେଳେ କେତେକ ଗଡ଼ଜାତରେ ଉପର୍ଯ୍ୟୁକ୍ତ ଗୋଳମାଳିଆ ଅବସ୍ଥା ଦେଖାଗଲା ଠିକ୍ ସେହି ସମୟରେ କି: ଉତ୍କଳ ସ୍ତରରେ ଶାସନ ଏବଂ ରାଜନୀତି କ୍ଷେତ୍ରରେ ମଧ୍ୟ ଆମ୍ଭମାନଙ୍କ ସମ୍ପର୍କରେ କିଛି ଚକ୍ରାନ୍ତ ହେଉଥିବାର ଅନୁଭବ କରାଗଲା । ଗଡ଼ଜାତର କର୍ମୀ ଏବଂ ନେତାମାନେ ସାଧାରଣତଃ ଖର ସ୍ୱାଧୀନଚେତା ଓ ବେ-ପରୱା ଅଟନ୍ତି । ଅଧି କମ୍ବା ଆସନ ନିମନ୍ତେ ସ୍ତୁତି ଏବଂ ଖୋସାମଦରେ ଅଭ୍ୟସ୍ତ ନୁହନ୍ତି । ଆମ୍ଭମାନଙ୍କର ନିରପେକ୍ଷ ଓ ନିଃସ୍ୱାର୍ଥପର ଶାସନ ପରିଚାଳନା ସଙ୍ଗେ ସଙ୍ଗେ ଗଡ଼ଜାତ ଲୋକମାନଙ୍କର ଆଇନଗତ ଏବଂ ନ୍ୟାୟସଙ୍ଗତ ସ୍ୱାର୍ଥ ଓ ସମ୍ମାନ ରକ୍ଷା ନିମନ୍ତେ ଦୃଢ଼ ପଦକ୍ଷେପ ଯୋଗୁଁ ଆମ୍ଭମାନଙ୍କ ପ୍ରତି ଜନତାର ଆସ୍ଥା ଓ ବିଶ୍ୱାସ କ୍ରମଶଃ ପ୍ରସାରିତ ଓ ଦୃଢ଼ୀଭୂତ ହେବାକୁ ଲାଗିଲା । କେବଳ ସେତିକି ନୁହେଁ, ଏହି ଲୋକପ୍ରିୟତା ଧୀରେ ଧୀରେ ଓଡ଼ିଶାର ପୁରୁଣା ଜିଲ୍ଲା ଆଡ଼କୁ ପ୍ରସାରିତ ହେଲା । ଉପକୂଳ ଅଞ୍ଚଳର କେତେକ ନେତାଙ୍କ ପକ୍ଷେ ଏହା ଅସହ୍ୟ ହେଲା । କର୍ମୀ ସମ୍ମିଳନୀରେ କର୍ମୀମାନେ ବେ-ପରୱା ଭାବରେ ସରକାରୀ କାର୍ଯ୍ୟଗୁଡ଼ିକ ଓ କଙ୍ଗ୍ରେସ ନେତାଙ୍କୁ ସମାଲୋଚନା କଲେ । ଓଡ଼ିଶା ସରକାରଙ୍କ ପକ୍ଷରେ ଗଡ଼ଜାତର କର୍ମୀ ଓ ନେତାମାନଙ୍କ ମନୋଭାବ ଅସହ୍ୟ ହୋଇ ନାନା ଆଶଙ୍କାର କାରଣ ହେଲା । ତେଣୁ ଓଡ଼ିଶା ଗଡ଼ଜାତ ଆସେମ୍ବ୍ଲି ବା କାଉନ୍‌ସିଲ ଓ ପରାମର୍ଶଦାତା କମିଟିମାନଙ୍କୁ ଭାଙ୍ଗି ଦିଆଗଲା । କିଛି ଦିନ ପରେ ଏକଜିକ୍ୟୁଟିଭ୍ କାଉନ୍‌ସିଲକୁ (Executive Council) ମଧ୍ୟ ଉଠାଇ ଦିଆଗଲା । ଆମ୍ଭମାନଙ୍କର ଏ ଅନମନୀୟ ଦାବ ଭାବରେ ହତାଶ ହୋଇ ପ୍ରଜାମଣ୍ଡଳ ଏବଂ ଆଞ୍ଚଳିକ କାଉନ୍‌ସିଲର କର୍ମୀମାନଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଗଲା । ସେଥିରେ ମଧ୍ୟ ସଫଳତା ମିଳିଲା ନାହିଁ । ଶେଷକୁ ପ୍ରଜାମଣ୍ଡଳ ବିରୋଧରେ ରାଜା ଓ ରାଜ-ପକ୍ଷ ଲୋକଙ୍କୁ ପ୍ରୟୋଗ କରାଗଲା ।

Digitized by PPRACHIN, SOA

କର୍ମୀ ଓ ନେତାଙ୍କ ବିରୋଧରେ ରାଜା-ରାଣୀଙ୍କ ପ୍ରୟୋଗ

ଏତେବେଳକୁ ଗଡ଼ଜାତମାନଙ୍କରେ ରାଜା ଏବଂ ପ୍ରଜାମଣ୍ଡଳ କର୍ମୀ ମଧ୍ୟରେ ଅନୁକୂଳ ସମ୍ବନ୍ଧ ଥିଲା । ରାଜା ମହାରାଜାମାନେ ପ୍ରଜାମଣ୍ଡଳର କର୍ମୀ ଓ ନେତାମାନଙ୍କ ବିରୋଧରେ ଦାଉ ସାଧିବା ପାଇଁ ସୁଯୋଗ ଖୋଜୁଥିଲେ । ତାହା ଏବେ ମିଳିଗଲା । ସେମାନଙ୍କୁ କ୍ରମଶଃ କଂଗ୍ରେସ ଭିତରକୁ ଅଣାଗଲା । ଯେଉଁଠାରେ ପ୍ରଜାମଣ୍ଡଳ କର୍ମୀ ଦୁର୍ବଳ ହୋଇଗଲେ ସେଠାରେ ରାଜାଙ୍କ ପ୍ରାଧାନ୍ୟ କଂଗ୍ରେସରେ ବିସ୍ତାରଲାଭ କଲା । ଦଶପଲ୍ଲା ଏବଂ ରଣପୁର ପ୍ରଭୃତି ଷ୍ଟେଟ୍‌ମାନଙ୍କରେ ରାଜାଙ୍କୁ ଉତ୍ସାହ ଦେବାରୁ ସେମାନେ ପ୍ରଜାମଣ୍ଡଳ କର୍ମୀମାନଙ୍କ ବିରୋଧରେ ମିଥ୍ୟା ମକଦ୍ଦମାଠାରୁ ଆରମ୍ଭ କରି ଗୁଣ୍ଡା ପ୍ରୟୋଗ ମଧ୍ୟ କଲେ । ଏଣେ ମୁଁ ସରକାରରେ ଥାଇ କର୍ମୀମାନଙ୍କୁ ଆଇନତଃ ଯେଉଁ ପରିମାଣରେ ସାହାଯ୍ୟ କରିବାର କଥା କରୁଥାଏ । ଶେଷକୁ ଅବସ୍ଥା ଏପରି ହେଲା ଯେ, ଯେଉଁ ରାଜାମାନଙ୍କ ବିରୋଧରେ ମୁଁ ଏବଂ ମୋର ସହକର୍ମୀମାନେ ସମସ୍ତ ପ୍ରକାର ଆପଦ, ବିପଦ, ନିର୍ଯାତନା ଓ ଯନ୍ତ୍ରଣାର ପାତ୍ର ଏବଂ ସମ୍ମୁଖୀନ ହୋଇ ସେମାନଙ୍କୁ ଗାଦିରୁ ଅନ୍ତର କରାଇ ବିଶାଳ ଉତ୍କଳ ଓ ବିଶାଳ ଭାରତ ସୃଷ୍ଟିରେ ଏତେ ବଡ଼ ସଫଳ ପଦକ୍ଷେପ ନେଇଥିଲୁ, ହୀନ ରାଜନୈତିକ ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ଆମର ଉପକୂଳ ଅଞ୍ଚଳର ୨।୪ ଜଣ ନେତାଙ୍କ ଏପ୍ରକାର ଚକ୍ରାନ୍ତ ଯୋଗୁଁ ମୁଁ ଏବଂ ସହକର୍ମୀମାନେ ମଧ୍ୟ କାଉନ୍‌ସିଲର୍ ପଦରୁ ଇସ୍ତଫା ଦେଲୁ । ଅବଶ୍ୟ ଇସ୍ତଫା ଦେବାର ଆଶୁ କାରଣ କାଉନ୍‌ସିଲ୍‌କୁ ଭାଙ୍ଗି ଦିଆଗଲା । ଭାଙ୍ଗିବାର ଅନ୍ତର୍ନିହିତ କାରଣ ଆମ୍ଭମାନଙ୍କର ଜନପ୍ରିୟତା ଓ ଶାସନ ପରିଚାଳନାରେ ସଫଳତା, ଯାହା ରାଜନୈତିକ ବିଚାରରୁ ଅନ୍ୟ ପକ୍ଷରେ ଈର୍ଷା, ଅସହ୍ୟ ଏବଂ ଆଶଙ୍କାର କାରଣ ହେଲା । ଏହାପରି ଦେଖିବାକୁ ଗଲେ ନାନା ବାଧା, ବିଘ୍ନ, ସନ୍ଦେହ, ମନୋମାଳିନ୍ୟ ଏବଂ ଝଗଡ଼ା ଓ ଧମକ ମଧ୍ୟରେ ଆମ୍ଭେମାନେ ବନଜ ଓ ଖଣିଜ ପଦାର୍ଥ ତଥା ଅନ୍ୟାନ୍ୟ ପ୍ରାକୃତିକ ସମ୍ପଦ ଓ ନୈସର୍ଗିକ ବିଭବରେ ପରିପୂର୍ଣ୍ଣ ବିଶାଳ ଭୂଖଣ୍ଡ ଓ ବିଶାଳ ଜନତାବିଶିଷ୍ଟ ୨୬ଟି ଗଡ଼ଜାତ ମିଶ୍ରଣ କରାଇ ବୃହତ୍ତର

Digitized by PPRACHIN, SOA

ଓଡ଼ିଶା ସୃଷ୍ଟିପୂର୍ବକ ବିଶାଳ ଭାରତର ନିର୍ମାଣରେ ଯେପରି ଆଦର୍ଶ ଦେଖା-ଇଲେ, ସେହିପରି ରାଜନୈତିକ ଆଶଙ୍କା ଓ ସନ୍ଦେହମୂଳକ ବଡ଼୍‌ଯନ୍ତ୍ରର ପ୍ରଭାବରେ କାଉନ୍‌ସିଲର୍ ପଦ, ଓଡ଼ିଶା ଷ୍ଟେଟ୍ କାଉନ୍‌ସିଲ ସଭ୍ୟ ପଦ ଓ ଓଡ଼ିଶା ଗଡ଼ଜାତ ପରାମର୍ଶଦାତା କମିଟିମାନଙ୍କର ସଭ୍ୟ ପଦରୁ ଇସ୍ତଫା ଦେଲେ ।

Digitized by PPRACHIN, SOA

ସମ୍ବିଧାନ ପ୍ରଚଳନ

୨ୟ ଥର ମନ୍ତ୍ରୀତ୍ୱ ଗ୍ରହଣ

୧୯୪୯ ମଧ୍ୟଭାଗଠାରୁ କାଉନ୍‌ସିଲର୍ ପଦରୁ ଇସ୍ତଫା ଦେଇ ପୁଣି ରାଜନୈତିକ, ସାମାଜିକ ଓ ରଚନାତ୍ମକ କାର୍ଯ୍ୟରେ ମୁଁ ପୂରା ଦମ୍‌ରେ ଲାଗି-ଗଲି । ମୋର ରାଜନୈତିକ କାର୍ଯ୍ୟ ହେଲା ମୁଁ ଶାସନରେ ଥାଇ ଯେତେ କାର୍ଯ୍ୟ କରିଥିଲି, ବିଶେଷତଃ ଯେତେ ସମସ୍ୟା ସମାଧାନ କରିଥିଲି ସେ ସବୁର ସୁଦୃଢ଼ୀକରଣ । ରାଜା ମହାରାଜାମାନେ ଏବଂ ତାଙ୍କର କେତେକ ଅନୁଗାମୀ ବରାବର ଚେଷ୍ଟା କରୁଥିଲେ ଉକ୍ତ ସମାଧାନକୁ ଭାଙ୍ଗିବା ଓ ନୂତନ ସମସ୍ୟା ସୃଷ୍ଟି କରି କଂଗ୍ରେସ ସରକାର ଓ ଦଳପ୍ରତି ଲୋକଙ୍କର ଅନାସ୍ଥା ଓ ଅବିଶ୍ୱାସ ଜାଗ୍ରତ କରାଇବା । ସେତେବେଳକୁ ଯୁଦ୍ଧୋତ୍ତର ସମୟ, ବ୍ୟବହାର୍ଯ୍ୟ ଜିନିସ ପତ୍ର ଦୁଷ୍ପ୍ରାପ୍ୟ, ଦୁର୍ଲଭ ଓ ଦୁର୍ମୂଲ୍ୟ ଥିଲା । ତେଣୁ ଚୋରା ବଜାରି ଏବଂ ଲାଞ୍ଚଖୋରି ବ୍ୟାପିବାର କଥା, ତାହା ହେଉଥିଲା । ଏଣେ ଲୋଭ ବଶତଃ ବିଭାଗୀୟ କେତେକ କର୍ମଚାରୀ ଦୁର୍ନୀତିକୁ ପ୍ରଶ୍ରୟ ଦେବାରେ ପଶ୍ଚାତ୍‌ପଦ ହେଉ ନ ଥିଲେ । ଗଣତନ୍ତ୍ର ଏବଂ ସମ୍ବିଧାନର ସୁବିଧା ନେଇ ହାକିମମାନଙ୍କର ହାକିମଗିରି ଦିନକୁ ଦିନ ବୃଦ୍ଧି ପାଇବାକୁ ଲାଗିଲା । ଏହାର ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷ ଦଳ ବା ଗୋଷ୍ଠୀକୁ—ରାଜ ପକ୍ଷ, କମ୍ୟୁନିଷ୍ଟ ଓ ସୋସାଲିଷ୍ଟ ଓଗେର—ରାଜନୈତିକ ଖାଦ୍ୟ ଯୋଗାଇଲା ଓଡ଼ିଶାର କଂଗ୍ରେସ ସରକାର ବିରୋଧରେ କୁତ୍ସାରଟନା ଓ କୁ-ପ୍ରଚାର ଚଳାଇବା ନିମନ୍ତେ । ସେଥିପାଇଁ ପ୍ରତ୍ୟେକ ଅଞ୍ଚଳରେ ସଭା ସମିତି କରି ଜନତାକୁ ବୁଝାଇବା ସଙ୍ଗେ ସଙ୍ଗେ ଅସତ୍ ଏବଂ ଲୋଭଗ୍ରସ୍ତ କର୍ମଚାରୀ ଓ ବ୍ୟବସାୟୀଙ୍କୁ ଆପୃତ୍ତ କରିବାରେ ପ୍ରଗାଢ଼ ଚେଷ୍ଟା କରାଗଲା ।

ସାମାଜିକ କାର୍ଯ୍ୟ ସମ୍ପର୍କରେ ହରିଜନ ଓ ଆଦିବାସୀମାନଙ୍କ ମଧ୍ୟରେ କାର୍ଯ୍ୟ କରି ସେମାନଙ୍କ ପାଇଁ ସମ୍ବିଧାନ ଓ ଆଇନ-ଅନୁମୋଦିତ ଯେତେ ସୁବିଧା ଓ ଅଧିକାରର ବ୍ୟବସ୍ଥା କରାଯାଇଥିଲା ସେମାନେ ସେ ସବୁ

Digitized by PPRACHIN, SOA

କପରି ଉପଭୋଗ କରି ପାରିବେ ସେଥିପ୍ରତି ବିଶେଷ ଦୃଷ୍ଟି ରଖି କାର୍ଯ୍ୟ କରାଗଲା । ଏହି ରଚନାତ୍ମକ କାର୍ଯ୍ୟ ଭିତରୁ ଶାସନକ୍ଷମତା ବିକେନ୍ଦ୍ରୀକରଣ କାର୍ଯ୍ୟକୁ ବେ-ସରକାରୀ ଭାବେ ହାତକୁ ନେଇ ସରକାରୀ ନିୟମ-କାନୁନ ପ୍ରଚଳିତ ହେବା ପୂର୍ବରୁ ବେ-ସରକାରୀ ସଂସ୍ଥା ସୃଷ୍ଟି କରିଦେଲୁ । ସରକାରୀ ଆଇନ କାନୁନ ପ୍ରୟୋଗ ହେଲା ପରେ ଲୋକେ ତାହା ଅକ୍ଳେଶରେ ଉପଭୋଗ କରି ପାରିଲେ ।

୧୯୫୦ ଜାନୁୟାରୀ ୨୬ ତାରିଖଠାରୁ ସାରା ଭାରତ ବର୍ଷରେ ବର୍ତ୍ତମାନର ସମ୍ବିଧାନ ପ୍ରଚଳିତ ହେଲା । ତେଣୁ ୧୯୪୮ ଜାନୁୟାରୀ ୧ ତାରିଖଠାରୁ କ୍ରମେ କ୍ରମେ ଭାରତ ସରକାରଙ୍କୁ ଶାସନ କ୍ଷମତା ପରିଚାଳନା ନିମନ୍ତେ ହସ୍ତାନ୍ତରିତ ହୋଇଥିବା ସମସ୍ତ ଗଡ଼ଜାତ ମଧ୍ୟ ଏହି ସାମ୍ବିଧାନିକ ପ୍ରଚଳନର ଅନ୍ତର୍ଭୁକ୍ତ ହେଲେ, ଅର୍ଥାତ୍ ୧୯୫୦ ଜାନୁୟାରୀ ୨୬ ତାରିଖ-ଠାରୁ ସମ୍ବିଧାନ ଅନୁସାରେ ସମସ୍ତ ଗଡ଼ଜାତ ଭାରତ ସରକାରଙ୍କ ସଙ୍ଗେ ମିଶିଗଲେ । ଏଣିକି ଭାରତବର୍ଷ ଉକ୍ତ ଦେଶୀୟ ରାଜ୍ୟ ସମୂହର ସବୁ ବିଷୟରେ ସାର୍ବଭୌମ ଶକ୍ତି ହୋଇ ରହିଲା । ରାଜାମାନେ କେବଳ ଭତ୍ତା, ଜମିବାଡ଼ି, ଘରଦ୍ୱାର ଏବଂ ଅନ୍ୟାନ୍ୟ ସୁଖ ସୁବିଧା ଓ ସୁଯୋଗ ପାଇ ରହିଲେ । ୧୯୫୦ ଜାନୁୟାରୀ ୨୬ ତାରିଖଠାରୁ ବ୍ରିଟିଶ୍ ଶାସନ ଅମଳର ଭାରତୀୟ ସୀମା ଭିତରେ ଥିବା ନବ ଗଠିତ ପାକିସ୍ଥାନ ସ୍ୱାଧୀନ ରାଜ୍ୟକୁ ବାଦ୍ ଦେଲେ ବାକି ସମଗ୍ର ଭାରତ ଭୂଖଣ୍ଡରେ ଭାରତ ସରକାର ପୂର୍ଣ୍ଣ ସାର୍ବଭୌମତ୍ୱ ପାଇଲେ ।

୧୯୫୦ ମାର୍ଚ୍ଚରେ ମନ୍ତ୍ରୀତ୍ୱ ଗ୍ରହଣ

ସମ୍ବିଧାନ ପ୍ରଚଳନ ପୂର୍ବରୁ ଆମ୍ଭ ଗଡ଼ଜାତ ପ୍ରଜା ପ୍ରତିନିଧି-ମାନଙ୍କର ଓଡ଼ିଶା କିମ୍ବା ଭାରତର ଆଇନ ସଭାରେ ସଭ୍ୟ ହେବା ପାଇଁ ସାମ୍ବିଧାନିକ ଅଧିକାର ନ ଥିଲା । ବର୍ତ୍ତମାନ ସମ୍ବିଧାନ ପ୍ରଚଳନ ପରେ ଆମ୍ଭେମାନେ ଓଡ଼ିଶା ଆସେମ୍ବ୍ଲିର ସଭ୍ୟ ହୋଇ ମନ୍ତ୍ରୀମଣ୍ଡଳରେ ଅଂଶ ଗ୍ରହଣ ନିମନ୍ତେ ଅଧିକାର ପାଇଲୁ । ତେଣୁ ସାଂବିଧାନିକ ନୀତି ଅନୁସାରେ

Digitized by PPRACHIN, SOA

ଓଡ଼ିଶା ଗଡ଼ଜାତକୁ ଲୋକସଂଖ୍ୟା ଅନୁପାତରେ ପ୍ରତିନିଧିତ୍ୱ ଦେବା କଥା ଓଡ଼ିଶା ସରକାର ଚିନ୍ତା କଲେ । ଏହା ହୁଏତ ନିର୍ବାଚନ କିମ୍ବା ମନୋନୟନ ଦ୍ୱାରା ହୋଇ ପାରନ୍ତା । ସରକାର କେବଳ ମନୋନୟନଦ୍ୱାରା ଓଡ଼ିଶା ଗଡଜାତ ସମୂହରୁ ଓଡ଼ିଶା ବିଧାନ ସଭାକୁ ସଭ୍ୟ ବାଛି ନେଲେ । ସେତେବେଳେ ମୁଁ ମଧ୍ୟ ମନୋନୀତ ହୋଇ ଓଡ଼ିଶା ବିଧାନ ସଭାର ଜଣେ ସଭ୍ୟ ହେଲି । ମନୋନୟନ ପରେ ଓଡ଼ିଶା କ୍ୟାବିନେଟ୍ ବା ମନ୍ତ୍ରୀମଣ୍ଡଳରେ ଆମ୍ଭମାନଙ୍କୁ ସ୍ଥାନ ଦେବାର ମତ ସ୍ଥିର ହେଲା । ଗଡ଼ଜାତମାନଙ୍କରୁ ୨।୩ଜଣ ବ୍ୟକ୍ତି ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ନିମନ୍ତେ ଓଡ଼ିଶା ସରକାରଙ୍କ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ହରେକୃଷ୍ଣ ମହତାବ ସ୍ଥିର କଲେ । ତନ୍ମଧ୍ୟରୁ ମୋର ଏବଂ ବଲାଙ୍ଗୀରର ଶ୍ରୀ କପିଳେଶ୍ୱର ପ୍ରସାଦ ନନ୍ଦଙ୍କ ନାମ ସ୍ଥିର କରାଗଲା । କିନ୍ତୁ କୌଣସି ରାଜନୈତିକ କାରଣ ବଶତଃ ଓଡ଼ିଶା କଂଗ୍ରେସ ସେତେବେଳେ ଶ୍ରୀ କପିଳେଶ୍ୱର ପ୍ରସାଦ ନନ୍ଦଙ୍କ ମନ୍ତ୍ରୀତ୍ୱ ଗ୍ରହଣରେ ଆପତ୍ତି ଉଠାଇଲେ । ତେଣୁ ପ୍ରଥମେ ଓଡ଼ିଶାର ସମସ୍ତ ଗଡଜାତମାନଙ୍କ ତରଫରୁ ଓଡ଼ିଶା ମନ୍ତ୍ରୀ ମଣ୍ଡଳରେ ପ୍ରତିନିଧିତ୍ୱ କରିବାର ମୁଁ ସୁଯୋଗ ପାଇଲି । ନାନା ଚେଷ୍ଟା-ଉଦ୍ୟମ ଭିତରେ ଶ୍ରୀ ନନ୍ଦ କେତେଦିନ ପରେ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଭାବେ ଶପଥ ଗ୍ରହଣ କରି ମନ୍ତ୍ରୀ ହେଲେ । ଶ୍ରୀ ନନ୍ଦ ଅତ୍ୟନ୍ତ ଦକ୍ଷତାର ସହିତ ତାଙ୍କ ଦାୟିତ୍ୱ ତୁଲାଇଲେ ।

Digitized by PPRACHIN, SOA

ଶ୍ରୀ ମହତାବଙ୍କ ଦିଲ୍ଲୀରେ ମନ୍ତ୍ରୀତ୍ୱ

ନବବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ଓ ମୋର ମନ୍ତ୍ରୀତ୍ୱ

ଦିଲ୍ଲୀ ମନ୍ତ୍ରୀମଣ୍ଡଳରେ ଓଡ଼ିଶାରୁ କେହି ମନ୍ତ୍ରୀ ନ ଥାନ୍ତି । ତେଣୁ ସେଥିପାଇଁ ନାନା ଦାବୀ ଏବଂ ସମାଲୋଚନା ହେଉଥାଏ । କଂଗ୍ରେସର ଉଚ୍ଚ କର୍ତ୍ତୃପକ୍ଷ ସ୍ଥିର କଲେ ଯେ ଓଡ଼ିଶାରୁ ଜଣେ ବ୍ୟକ୍ତି ଦିଲ୍ଲୀ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇବା ଉଚିତ । ସ୍ଥିର ହେଲା ଶ୍ରୀ ମହତାବ କେନ୍ଦ୍ର ମନ୍ତ୍ରୀମଣ୍ଡଳରେ ଜଣେ ମନ୍ତ୍ରୀ ହେବେ । ଶ୍ରୀ ମହତାବ ତ ଦିଲ୍ଲୀ ଯିବେ । ବର୍ତ୍ତମାନ ତାଙ୍କ ଯାଗାରେ କିଏ ମୁଖ୍ୟ ମନ୍ତ୍ରୀ ହେବେ ସେଥିପାଇଁ ଭିତର ଚେଷ୍ଟା ଓଟଣା ଲାଗିଲା । କେହି ଶ୍ରୀ ବିଶ୍ୱନାଥ ଦାସ, କେହି କେହି ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ଅନ୍ୟ କେହି କେହି ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ହୁଅନ୍ତୁ ବୋଲି ଇଚ୍ଛା ପ୍ରକାଶ କରୁଥାନ୍ତି । ଏଥିପାଇଁ କଂଗ୍ରେସ ଦଳର ଆସେମ୍ବ୍‌ଲି ସଭ୍ୟମାନେ ଏବଂ ସାଧାରଣ କଂଗ୍ରେସ ନେତା ଓ କର୍ମୀମାନେ ମଧ୍ୟ ୩/୪ ଦଳରେ ବିଭକ୍ତ ହୋଇଗଲେ । ଏ ଝଗଡ଼ା ମଧ୍ୟରେ ଗଡ଼ଜାତ ଅଞ୍ଚଳର ସମସ୍ତ ମନୋନୀତ ଏମ୍.ଏଲ୍.ଏ. ଏବଂ ଉପକୂଳ ଅଞ୍ଚଳର କେହି କେହି ସଭ୍ୟ ଶେଷକୁ ମୋ ନାମ ସୁପାରିଶ୍ କରିବାକୁ ଏକ ଗୋଷ୍ଠୀ କଲେ । ଶ୍ରୀ ମହତାବ ଜିଦ୍ ଧରିଥାନ୍ତି ଯେ ଶ୍ରୀ ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ଶ୍ରୀ ମହତାବ ବରାବର ସୂଚନା ଦେଉଥାନ୍ତି ଯେ ଯଦି ନବ ବାବୁଙ୍କ ବ୍ୟତୀତ ଅନ୍ୟ କେହି ମୁଖ୍ୟମନ୍ତ୍ରୀ ହେବେ ତେବେ ସେ ଦିଲ୍ଲୀ ନ ଯାଇ ବରଂ ଓଡ଼ିଶାରେ ରହିଯିବେ । ବିଶ୍ୱନାଥ ବାବୁଙ୍କ ସମର୍ଥକମାନେ ଖୁବ୍ ଜିଦ୍ ଧରିଥାନ୍ତି । ନିତ୍ୟାନନ୍ଦବାବୁଙ୍କ ପାଇଁ ମଧ୍ୟ ସଂଗଠନ ଚାଲିଥାଏ । ଇତିମଧ୍ୟରେ ମୋ ସପକ୍ଷରେ ଉପକୂଳ ଅଞ୍ଚଳରୁ କିଛି ଭୋଟ ମିଳିବାର ଆଶା ହୋଇଗଲା । ଜଣାପଡୁଥାଏ ତିନିକୋଣିଆ କିମ୍ବା ଚାରିକୋଣିଆ ଭୋଟ ହେଲେ ମୋର ବେଶି ଭୋଟ ହୋଇଯିବ । କିନ୍ତୁ ଆଶଙ୍କା ଥାଏ ଯେ ମହତାବ ବାବୁଙ୍କ ମନୋନୀତ ବ୍ୟକ୍ତି ନବବାବୁ ମୁଖ୍ୟମନ୍ତ୍ରୀ ନ ହେଲେ ତାଙ୍କ ବିରୋଧୀ ଅନ୍ୟ ଯେ କୌଣସି ବ୍ୟକ୍ତି ମୁଖ୍ୟମନ୍ତ୍ରୀ ହେବେ ତାଙ୍କୁ ନାନା

Digitized by PPRACHIN, SOA

ନିଗରେ ହଇରାଣ ହରକତ ଏବଂ ଅପଦସ୍ଥ କରିବେ । ଅଧିକନ୍ତୁ ସର୍ବ ଶ୍ରୀ ବିଶ୍ୱନାଥ ଦାସ, ନବକୃଷ୍ଣ ଚୌଧୁରୀ ଓ ନିତ୍ୟାନନ୍ଦ କାନୁନ୍‌ଗୋ ପ୍ରଭୃତି ମୁଖ୍ୟ, ବୟସ୍କ ଏବଂ ନେତୃସ୍ଥାନୀୟ ବ୍ୟକ୍ତି ଥାଉ ଥାଉ ମୁଁ ସେମାନଙ୍କ ସଙ୍ଗେ ପ୍ରତିଯୋଗିତା କରିବା ସୁନ୍ଦର ହେବ ନାହିଁ ବୋଲି ମୋର ସମର୍ଥକମାନଙ୍କୁ କହିଦେଲି । ତେଣୁ ମୋର ବନ୍ଧୁମାନଙ୍କୁ ଧନ୍ୟବାଦ ଦେଇ ଉପଦେଶ ଦେଲି ଯେ, ସର୍ବସମ୍ମତିକ୍ରମେ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ ଦଳପତି ଭାବେ ନିର୍ବାଚିତ କରାଗଲେ କଂଗ୍ରେସ ଏବଂ କଂଗ୍ରେସ ଆସେମ୍ବ୍ଲି ଦଳରେ ବେଶି କନ୍ଦଳ ଏବଂ କଳହ ରହିବ ନାହିଁ । ଶ୍ରୀ ଚୌଧୁରୀଙ୍କୁ ଦଳପତି ଭାବେ ନିର୍ବାଚିତ କରାଗଲା । ସେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ । ତାଙ୍କ ସଙ୍ଗେ ତାଙ୍କ ମନ୍ତ୍ରୀମଣ୍ଡଳରେ ଜଣେ ସଭ୍ୟ ଭାବରେ ମୁଁ ମଧ୍ୟ ଶପଥ ଗ୍ରହଣ କଲି । ଏହା ୧୯୫୦ ଫେବୃୟାରୀ ମାସରେ ହେଲା । ଶ୍ରୀ ହରେକୃଷ୍ଣ ମହତାବ ଦିଲ୍ଲୀରେ ମନ୍ତ୍ରୀ ହେଲେ ।

ପୂର୍ବରୁ ଓଡ଼ିଶା ଗଡ଼ଜାତ ଶାସନ ନିମନ୍ତେ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲର୍ (Executive Councillor) ଥିଲାବେଳେ ପାରୁ ପର୍ଯ୍ୟନ୍ତ ଏକ ଆଦର୍ଶ ଶାସନ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲି । ଏଥର ମଧ୍ୟ ଦ୍ୱିଗୁଣିତ ଉତ୍ସାହରେ ସୁଶାସନ ନିମନ୍ତେ ନିଜକୁ ମଗ୍ନ କରିବା ପାଇଁ ଦୃଢ଼ ପ୍ରତିଜ୍ଞ ହେଲି । ସ୍ଥିର କରିନେଲି ଯେ ସାଧାରଣତଃ ରାଜନୀତିଜ୍ଞମାନେ, ବିଶେଷତଃ ଗଣତନ୍ତ୍ର ଶାସନରେ ଶାସକ ଦଳର ମନ୍ତ୍ରୀମାନେ ଦଳ ଏବଂ ଗୋଷ୍ଠୀ-ତୋଷଣ, ପ୍ରିୟା-ପ୍ରୀତି ଏବଂ ବନ୍ଧୁ-ବାନ୍ଧବ-ପୋଷଣ, ଓ ସ୍ୱ-ପ୍ରତିଷ୍ଠା-ସ୍ଥାପନ ଏବଂ ପ୍ରସାରଣ ନିମନ୍ତେ ଯେଉଁସବୁ ନୀତି-ଗର୍ହିତ କାର୍ଯ୍ୟ କରନ୍ତି ମୁଁ ସେ କାର୍ଯ୍ୟ କରିବାରୁ କ୍ଷାନ୍ତ ହେବି । ମୋର ଏ ମନୋଭାବ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କୁ କହିଲି । ଏକଥା ଶୁଣି ସେ ଅତ୍ୟନ୍ତ ଆନନ୍ଦିତ ହେଲେ । କିନ୍ତୁ ଟିକିଏ ମୁରୁକି-ହସା ଦେଇ କହିଲେ, "ଦଳ ତଥା ସଙ୍ଗ-ସାଥୀ ଓ ସମର୍ଥକମାନଙ୍କର କୃପା ଏବଂ ପ୍ରଭାବରୁ ନିଜକୁ ରକ୍ଷା କରି ପାରିଲେ ତ ? ଯେତେଦୂର ସମ୍ଭବ ହୋଇପାରିବ ବୋଲି ମୁଁ ଉତ୍ତର ଦେଲି । ଶ୍ରୀ ଚୌଧୁରୀ (ନବବାବୁ) ମୋତେ କହିଲେ ଯେ, ଏଥର ସରକାର ଗାନ୍ଧୀଜୀଙ୍କ କେତେକ ଚିନ୍ତାକୁ ସରକାରୀ କାର୍ଯ୍ୟକ୍ରମ ଭାବେ ହାତକୁ ନେଇ କାର୍ଯ୍ୟାନ୍ୱିତ କରିବାକୁ ସ୍ଥିର କରିଛନ୍ତି । ଯେହେତୁ ମୁଁ ନିଜେ ଜଣେ ଗାନ୍ଧୀବାଦୀ ବୋଲି ଭାବୁଛି, ତେଣୁ ଉକ୍ତ

Digitized by PPRACHIN, SOA

କାର୍ଯ୍ୟ ସମ୍ପାଦନ କରିବାରେ ମୁଁ ଅଗ୍ରଣୀ ହୋଇ ତାଙ୍କୁ (ନବ ବାବୁଙ୍କୁ) ସାହାଯ୍ୟ କରିବା ନିମନ୍ତେ ସେ ଆନ୍ତରିକ ଇଚ୍ଛା ପ୍ରକାଶ କଲେ । ଏତେ-ବେଳକୁ ସାରା ଦେଶରେ କ୍ଷମତା ହସ୍ତାନ୍ତରୀକରଣ, ମୌଳିକ ଶିକ୍ଷା ଏବଂ ଗ୍ରାମୋଦ୍ୟୋଗ ପାଇଁ ସରକାରଙ୍କ ତରଫରୁ ଚେଷ୍ଟା ଚାଲିଥାଏ । ମନ୍ତ୍ରୀ ହିସା-ବରେ ମୋର ବିଭାଗ ଥିଲା ଶ୍ରମ, ବାଣିଜ୍ୟ, ନିଯୁକ୍ତି, ଲୋକସମ୍ପର୍କ ଏବଂ ପ୍ରଚାର । ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ମୋତେ କହିଲେ ଯେ, ପ୍ରଚାର ବିଭାଗର ମନ୍ତ୍ରୀ ହିସାବରେ ଗାନ୍ଧୀବାଦର ପ୍ରଚାର ନିଜ ବିଭାଗଦ୍ୱାରା କରା-ଇବା ସଙ୍ଗେ ସଙ୍ଗେ ମୁଁ ନିଜେ ଉକ୍ତ ଦର୍ଶନ ସମ୍ପର୍କରେ ସଭା ସମିତିରେ ଭାଷଣ ଦେବି । ମୁଁ ତ ତାଙ୍କ ମତରେ ଏକମତ ଥାଏ । ତେଣୁ ପୂରା ଦମ୍‌ରେ ମୁଁ ମୋ କର୍ତ୍ତବ୍ୟ ପାଳନରେ ବ୍ରତୀ ହେଲି ।

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀଙ୍କ ସଙ୍ଗେ ଯୁଗ୍ମ ଗସ୍ତ
ଓ
ଗାନ୍ଧୀବାଦ ପ୍ରଚାର

କଂଗ୍ରେସର ଦ୍ୱି-ମତର ଅନ୍ତର୍ନିହିତ ପ୍ରତିଦ୍ୱନ୍ଦ୍ୱତା ଭିତରେ ନବବାବୁ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତନ୍ମଧ୍ୟରେ ପୁଣି ଆଉ ଗୋଟିଏ ଗୋଷ୍ଠୀ ମୋତେ ମୁଖ୍ୟ ଭାବେ ଧରୁଥିଲେ । ତେଣୁ ବୋଧହୁଏ ନବବାବୁ ସମସ୍ତଙ୍କୁ ସଙ୍ଗରେ ନେଇ କାର୍ଯ୍ୟ ଚଳାଇବାକୁ ଇଚ୍ଛୁକ ଥିଲେ । ଯେ ବ୍ୟକ୍ତି କୌଣସି ସଂସ୍ଥା ବା ଅନୁଷ୍ଠାନର ମୁଖ୍ୟ ହୁଅନ୍ତି ତାଙ୍କର କର୍ତ୍ତବ୍ୟ ଯେ, ସେ ସପକ୍ଷ ବିପକ୍ଷ ସମସ୍ତଙ୍କୁ ସଙ୍ଗରେ ନେଇ ଚଳିବାର କଥା । ତାଙ୍କର ଏ ମନୋଭାବ ଏବଂ ଉଦ୍ୟମ ଅତ୍ୟନ୍ତ ଉତ୍ତମ ଅଟେ । ସେତେବେଳକୁ ଗଡ଼ଜାତମାନଙ୍କରେ ରାଜା ମହାରାଜାମାନଙ୍କ ଇଉନିୟନ ଆନ୍ଦୋଳନ ଅବସାନ ହୋଇ ଆସିଥିଲେ ସୁଦ୍ଧା ତାର ହାଓ୍ୱା କମିନଥିଲା । ଦେଶୀୟ ରାଜ୍ୟମାନଙ୍କରେ ତାଙ୍କର (ନବବାବୁଙ୍କର) ପ୍ରଭାବ ସମ୍ବନ୍ଧ ସେତେ ଗଭୀର ନ ଥିଲା । ସେ ଇଚ୍ଛା କରୁଥିଲେ ଯେ ତାଙ୍କ ଗସ୍ତ-ଗହଣରେ ଏପରି ଜଣେ ଦୁଇଜଣ କେହି ବିଶିଷ୍ଟ ବ୍ୟକ୍ତି ଥା'ନ୍ତେ ଯେ କି ଗଡ଼ଜାତରେ ଲୋକପ୍ରିୟ ଏବଂ ଆଦୃତ ହେବା ସଙ୍ଗେ ସଙ୍ଗେ ଗାନ୍ଧୀବାଦ ଓ ସରକାରୀ ପ୍ରଚାର କାର୍ଯ୍ୟ କରନ୍ତେ ।' ସେହି କାରଣରୁ ବୋଧହୁଏ ସେ ମୋତେ କହିଲେ ଯେ ସେ (ନବବାବୁ) ସମ୍ବଲପୁର ସମେତ କେତେକ ଗଡ଼-ଜାତ ଅଞ୍ଚଳକୁ ଗସ୍ତରେ ଯିବେ ଏବଂ ତାଙ୍କ ଗସ୍ତ ସଙ୍ଗେ ମଧ୍ୟ ମୋ ଗସ୍ତକ୍ରମ ମୁଁ ଠିକ୍ କରେ । ୧୯୫୦ ଅପ୍ରେଲ୍ ମାସରେ ଆମେ ଦୁହେଁ ଗସ୍ତରେ ବାହାରିଲୁ । ରାସ୍ତାରେ ଗଲାବେଳେ ଦିନକୁ ଅନ୍ୟୁନ ୧୦।୧୨ଟି ଯାଗାରେ ଲୋକମାନେ ଅଭ୍ୟର୍ଥନା ସଭାର ବନ୍ଦୋବସ୍ତ କରୁଥିଲେ । ପ୍ରୋକ୍ତ ସଭାମାନଙ୍କରେ ଶ୍ରୀ ଚୌଧୁରୀ ୩।୪ ମିନିଟ ଭିତରେ କିଛି ବ୍ୟକ୍ତ କରି ମୋତେ ଅନୁରୋଧ କରନ୍ତି ଯେ ମୁଁ ସରକାର ତଥା କଂଗ୍ରେସ ଦଳ ତରଫରୁ ଶାସନର ଆଭିମୁଖ୍ୟ ବୁଝାଇ ଅଭ୍ୟର୍ଥନାର ଉତ୍ତର ଦେବି । ତେଣୁ ମୁଁ ପ୍ରତ୍ୟେକ ସଭାରେ ଭାଷଣ

Digitized by PPRACHIN, SOA

ହିଏ । ଅନ୍ୟାନ୍ୟ କଥା ଭିତରେ ଭାଷଣର ମୁଖ୍ୟ ବିଷୟବସ୍ତୁ ଥାଏ, 'କ୍ଷମତା ବିକେନ୍ଦ୍ରୀକରଣ' (ଗ୍ରାମ-ରାଜ୍ୟ ବା ପଞ୍ଚାୟତି ରାଜ) ଏବଂ "ମୌଳିକ ବା ବୁନିୟାଦି ଶିକ୍ଷା" ।

ଆମ ଗସ୍ତ-ଗହଣରେ ନବ ବାବୁଙ୍କ ଧର୍ମପତ୍ନୀ ଶ୍ରୀମତୀ ମାଳତୀ ଚୌଧୁରୀ ଥାନ୍ତି । ପୂର୍ବରୁ ସେ ମହୋଦୟାଙ୍କର ମୋର ଗାନ୍ଧୀବାଦ ବିଶ୍ୱାସରେ ସନ୍ଦେହ ଥିବାର ମୁଁ ଅନୁମାନ କରିଥିଲି । ନବବାବୁ ମଧ୍ୟ ପୂରା ହୃଦ୍‌ବୋଧ କରି ନ ଥିଲେ ଯେ ମୋର ଗାନ୍ଧୀବାଦରେ ବିଶ୍ୱାସ ଅଛି ବୋଲି । ଏହାର କାରଣ ହେଉଛି ଯେ, ମୁଁ ଯଦିଓ କୌଣସି ଦର୍ଶନର ତତ୍ତ୍ୱକୁ ବିଶ୍ୱାସ କରେ ତଥାପି ଉକ୍ତ ଦର୍ଶନ ଅନୁସାରେ କାର୍ଯ୍ୟ ହାସଲ କରିବା ନିମନ୍ତେ ସମୟେ ସମୟେ ଯେଉଁ 'ଧ୍ୱନି' ବା 'ବୋଲି' (dogma) ସବୁ ନ୍ୟାରି ବା ଉହ୍ୟ ଲଗାଇ କୁହାଯାଏ, ମୁଁ ସେଥିରେ ବିଶ୍ୱାସ କରେ ନାହିଁ ; ସେ ସବୁକୁ ମୁଁ ତୀବ୍ର ସମାଲୋଚନା କରେ । ଉଦାହରଣ ସ୍ୱରୂପ ଉପର-ଠାଉରିଆ ଭାବରେ କୁହାଯାଏ ଯେ, ମୌଳିକ ଶିକ୍ଷା ଅର୍ଥ, 'ସଫାଇ', 'କତାଇ', 'ଖେଷାଇ' । ସେହିପରି ଗ୍ରାମୋଦ୍ୟୋଗ ବୋଇଲେ କେତେକ ଗାନ୍ଧୀବାଦୀ କହନ୍ତି, 'କେବଳ ମୁଖ୍ୟତଃ କପାଚାଷ, ତୁଳା ଆମଦାନୀ ଏବଂ ତୁଳା ଭଣାଠାରୁ ଆରମ୍ଭ କରି ଖଦି ବୁଣା ଓ ବିକ୍ରୀ ପର୍ଯ୍ୟନ୍ତ !' ମୁଁ ଏହାକୁ ସମାଲୋଚନା କରି କହେ ଯେ, କଳ ଯୁଗରେ ଗ୍ରାମୋଦ୍ୟୋଗ ନିମନ୍ତେ ଖଦିର ସ୍ଥାନ ଅଛି ସତ୍ୟ, କିନ୍ତୁ ଏହା ଏକମାତ୍ର ଉଦ୍ୟୋଗ-ଧନ୍ଦା ନୁହେଁ । ମୁଁ ବରାବର ଯୁକ୍ତି କରେ ଯେ ଯେଉଁ ଅଞ୍ଚଳରେ ଯେଉଁ ଯେଉଁ ଧନ୍ଦା ଅନାୟାସରେ, ସୁଲଭରେ ଏବଂ ସୁବିଧାରେ କରାଯାଇ ପାରିବ ସେହି ଅଞ୍ଚଳ ପାଇଁ ସେ ସବୁ ହେଉଛି ଗ୍ରାମୋଦ୍ୟୋଗ ଧନ୍ଦା । ଏଥିପାଇଁ କେହି କେହି ଗାନ୍ଧୀବାଦୀ କହନ୍ତି ଯେ, ମୁଁ ଉକ୍ତ ବାଦର ବଡ଼ ସମାଲୋଚକ । ଉଭୟ ନବ ବାବୁ ଏବଂ ମାଳତୀ ଦେବୀ ମୋ ପ୍ରତି ଖୋଲି ଖୋଲି ସନ୍ଦେହ ପ୍ରକାଶ କରୁ ନ ଥିଲେ ସୁଦ୍ଧା, ମୋର ଗାନ୍ଧୀ ଦର୍ଶନ ପ୍ରତି ଆନ୍ତରିକ ବିଶ୍ୱାସରେ ଅଭାବ ଥିବାର ସେମାନେ ଭାବୁଥାନ୍ତି ବୋଲି ମୁଁ ହୃଦୟଙ୍ଗମ କରି ପାରୁଥିଲି ।

ପୂର୍ବରୁ ତ କହିଛି ଯେ ଏ ଯୁଗ୍ମ ଗସ୍ତରେ ମୁଁ ସବୁ ଅଭ୍ୟର୍ଥନାର ଉତ୍ତର ଦେଉଥିଲି । ଶ୍ରୀଯୁକ୍ତ ଏବଂ ଶ୍ରୀମତୀ ଚୌଧୁରୀ ଦମ୍ପତିଙ୍କ ସନ୍ଦେହ ଦୂରୀ-କରଣାର୍ଥେ ଏବଂ ଶ୍ରୋତୃବର୍ଗଙ୍କ ବୋଧଗମ୍ୟ ନିମନ୍ତେ ମୁଁ 'କ୍ଷମତା ହସ୍ତାନ୍ତରୀ-

Digitized by PPRACHIN, SOA

କରଣ' ଏବଂ 'ମୌଳିକ ଶିକ୍ଷା' ବିଷୟରେ ସଂକ୍ଷେପରେ କିନ୍ତୁ ଅତି ପ୍ରାଞ୍ଜଳ ଭାବରେ ଜନତାଙ୍କୁ ବୁଝାଇ ଦେଉଥିଲି ।

କ୍ଷମତା ହସ୍ତାନ୍ତରୀକରଣ (ପଞ୍ଚାୟତ ରାଜ)

କ୍ଷମତା ହସ୍ତାନ୍ତରୀକରଣ ସମ୍ପର୍କରେ ବକ୍ତୃତାରେ ମୁଁ କହୁଥିଲି ଯେ ଦିଲ୍ଲୀ କିମ୍ବା ପ୍ରାଦେଶିକ ରାଜଧାନୀ, କିମ୍ବା ଜିଲ୍ଲା ରାଜଧାନୀ, କିମ୍ବା ସବଡିଭିଜନ୍ ମହକୁମା, କିମ୍ବା ଏପରିକି ବ୍ଲକ ସ୍ତରରୁ କେହି ଏତେ ବଡ଼ ଜନତାଙ୍କୁ ସେବା ଏବଂ ଶାସନ କରି ସୁଖ ଶାନ୍ତି ଦେଇ ପାରିବେ ନାହିଁ । ବ୍ୟକ୍ତି, କୁଟୁମ୍ବ, ଗ୍ରାମ ବା ସହରମାନେ ଯଦି ନିଜେ ନିଜକୁ ଆୟତ୍ତ, ସଂଯତ ଓ ଶୃଙ୍ଖଳିତ କରି ପରିଶ୍ରମର ମର୍ଯ୍ୟାଦା ବୁଝି ବ୍ୟକ୍ତିଗତ କିମ୍ବା ଯୌଥ ରୀତିରେ ପାରିବାରିକ, ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ଉନ୍ନତି ନ କରନ୍ତି ତେବେ ଯେତେ ବଡ଼ ମଙ୍ଗଳାକାଙ୍କ୍ଷୀ ଏବଂ ଉନ୍ନତିକାମୀ ବ୍ୟକ୍ତି ବା ଗୋଷ୍ଠୀ ହେଲେ ସୁଦ୍ଧା ବହୁ ଦୂରରୁ ଥାଇ ଶାସନ ଓ ସମାଜ ପରିଚାଳନା କରି ପାରିବେ ନାହିଁ । ସେଥିପାଇଁ କ୍ଷମତା ହସ୍ତାନ୍ତରୀକରଣ ସର୍ବଦା ଦରକାର । ଏ ପ୍ରକାର ବିକେନ୍ଦ୍ରୀକରଣଦ୍ୱାରା ସମଗ୍ର ଦେଶରେ ପଞ୍ଚାୟତ-ରାଜ ବା ଗ୍ରାମ ରାଜ୍ୟ ସ୍ଥାପନ କରି ଲୋକେ 'ଗ୍ରାମ-ରାଜ୍ୟ' ଭୋଗ କରନ୍ତୁ । ମୋ କଳ୍ପନା ଅନୁସାରେ ପଞ୍ଚାୟତମାନେ ଦୁଇ ପ୍ରକାର କ୍ଷମତା, ଯଥା—ଅଦାଲତି ଏବଂ ଶାସନ ପରିଚାଳନା କ୍ଷମତା ପାଇବା ଉଚିତ । ପଞ୍ଚାୟତମାନଙ୍କୁ ପ୍ରଚୁର ପରିମାଣରେ କ୍ଷମତା ଦେବା ଦରକାର । ଏହି ସମ୍ପର୍କରେ ବରାବର ଦୁଇ ମତ ପ୍ରକାଶ ପାଏ ଏବଂ ପାଇବ । କେତେକ ରାଜନୀତିଜ୍ଞ, କର୍ମଚାରୀ ଏବଂ ବିଶେଷ କରି ଓକିଲ ମୋକ୍ତାର, ଜଜ୍ ଏବଂ ମାଜିଷ୍ଟ୍ରେଟ୍ ଶ୍ରେଣୀର ଲୋକେ ଅଦାଲତି ପଞ୍ଚାୟତମାନଙ୍କୁ ପ୍ରଚୁର କ୍ଷମତା ଦେବାରେ ତୀବ୍ର ବିରୋଧ କରନ୍ତି । ସେହି ଶ୍ରେଣୀର ଲୋକଙ୍କର ଯୁକ୍ତି ଯେ ଆଇନ ଏବଂ ସମ୍ବିଧାନ ବିଷୟରେ ଅନଭିଜ୍ଞ ଗ୍ରାମବାସୀଙ୍କୁ ଅଦାଲତୀ କ୍ଷମତା ଅର୍ପଣ କଲେ ତାହା ସେମାନେ ଅପ-ପ୍ରୟୋଗ କରିବେ କିମ୍ବା ପ୍ରୟୋଗ କରିବାରେ ଅପାରଗ ହେବେ ; ଆପତ୍ତିକାରୀମାନେ ନ୍ୟାୟ ପାଇବେ ନାହିଁ । ତାର ପ୍ରତିବାଦ ଯୁକ୍ତିରେ ମୁଁ ବରାବର କହୁଥାଏ

Digitized by PPRACHIN, SOA

ଯେ ଏ ଦେଶରେ ଲୋକ-ଚରିତ୍ର ଏବଂ ଅର୍ଥନୈତିକ ଅବସ୍ଥାରେ ତାରତମ୍ୟ ଯେପରି, ବ୍ରିଟିଶ ସରକାରଦ୍ୱାରା ପ୍ରଚଳିତ ପ୍ରଥା ଏବଂ ପ୍ରତିଷ୍ଠିତ ନ୍ୟାୟାଳୟଦ୍ୱାରା ଜନ ସାଧାରଣ ନ୍ୟାୟ ପାଇ ପାରୁ ନାହାନ୍ତି । ଗରିବ ଶ୍ରେଣୀ ତ ନ୍ୟାୟ ପାଇବା ଦୂର ଏବଂ ଦୁରୂହ କଥା, ଏପରିକି ଧନିକ ଶ୍ରେଣୀ ମଧ୍ୟ ନ୍ୟାୟ ପାଇବାରେ ଯେପରି କଷ୍ଟସାଧ୍ୟ ସେହିପରି ଅତ୍ୟଧିକ ବ୍ୟୟସାପେକ୍ଷ ଅଟେ । ଓକିଲ ମୋକ୍ତାରଙ୍କ ଖର୍ଚ୍ଚ ତୁଲାଇବା ସଙ୍ଗେ ସଙ୍ଗେ କୋର୍ଟ୍-କଚେରୀର କର୍ମଚାରୀଙ୍କୁ ଫଳ-ପୁଷ୍ପ-ତଣ୍ଡୁଳରେ ପୂଜା ନ କଲେ ମକଦ୍ଦମାର ତାରିଖ ଜାଣିବା କଷ୍ଟକର ହେବ । ମକଦ୍ଦମା ରୁଜୁ ତାରିଖଠାରୁ ରାୟ ମିଳୁ ମିଳୁ ସମୟେ ସମୟେ ୫।୭ ବର୍ଷ ମଧ୍ୟ ବିତିଯାଏ । ମନୁଷ୍ୟର ଧୈର୍ଯ୍ୟ ରହେ ନାହିଁ । ତେଣୁ ନିଷ୍ପତ୍ତି ପାଇବା ପାଇଁ ପକ୍ଷମାନଙ୍କୁ ଓକିଲ, ମୋକ୍ତାର, ସିରସ୍ତାଦାର, ପେସ୍କାର, କିରାଣୀ ଏବଂ ଜଜ-ମାଜିଷ୍ଟ୍ରେଟଙ୍କର ସୌଖୀନ ମର୍ଜିର ପାତ୍ର ହେବାକୁ ହୁଏ । ଅନ୍ୟ ପକ୍ଷରେ ଗ୍ରାମ୍ୟ ବା ପଞ୍ଚାୟତ ଅଦାଲତରେ ବିଚାର ପଦ୍ଧତି ସ୍ଥାନୀୟ ହୋଇଥିବାରୁ ତାହା ସାକ୍ଷ୍ୟ ଗ୍ରହଣ କରି ସଙ୍ଗେ ସଙ୍ଗେ ନ୍ୟାୟ ଦେଇପାରେ । ବିଚାର ବିଭାଗଦ୍ୱାରା ପରିଚାଳିତ ନ୍ୟାୟାଳୟରୁ ଲୋକେ କିପରି ନ୍ୟାୟ ପାଆନ୍ତି ନାହିଁ ଏବଂ ଗ୍ରାମ୍ୟ ବା ପଞ୍ଚାୟତ ଅଦାଲତରୁ ଧନୀ-ନିର୍ଦ୍ଧନ, ଶିକ୍ଷିତ-ଅଶିକ୍ଷିତ, ଜ୍ଞାନୀ-ଅଜ୍ଞାନ, ପଣ୍ଡିତ-ମୂର୍ଖ ଓ ସବଳ-ଦୁର୍ବଳ ନିର୍ବିଶେଷରେ କିପରି ତାଜା ଏବଂ ତଟକା ନ୍ୟାୟ ପାଆନ୍ତି ତାହାର ଜ୍ୱଳନ୍ତ ଉଦାହରଣ ମୁଁ ଦିଏ ।

ଅଦାଲତୀ ପଞ୍ଚାୟତ ଗଠନ ସମ୍ପର୍କରେ ମୁଁ ନିର୍ବାଚନର ପକ୍ଷପାତୀ ନୁହେ । ନିର୍ବାଚନଦ୍ୱାରା ସବୁ ସମୟରେ ନିରପେକ୍ଷ ଏବଂ ନ୍ୟାୟପରାୟଣ ବ୍ୟକ୍ତି ନିର୍ବାଚିତ ହୋଇ ନ ପାରନ୍ତି । କେଉଁଠି କିପରି ଜଣେ ଅଧେ କାଁ ଭାଁ ନିର୍ବାଚିତ ହେଲେ ସୁଦ୍ଧା ସେମାନଙ୍କର ମତ ରହି ନ ପାରେ । ସେଥିପାଇଁ ମୁଁ କହୁଥିଲି ଯେ, ଏହି ଉଦ୍ଦେଶ୍ୟରେ ଅଞ୍ଚଳର ଉତ୍ତମ ଏବଂ ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କର ଏକ ମନୋନୀତ ତାଲିକା ସରକାର ରଖିବା ଦରକାର । ଏହି ତାଲିକାରେ ୨।୩ ଜଣ ନିର୍ବାଚିତ ସରପଞ୍ଚ ଥାଇପାରନ୍ତି । ଆପତ୍ତିକାରୀ ପକ୍ଷମାନେ ଏହି ତାଲିକା ମଧ୍ୟରୁ ପ୍ରତ୍ୟେକେ ୨ କମ୍ବା ୩ କମ୍ବା ୪ଜଣ ବ୍ୟକ୍ତିଙ୍କୁ ନିଜ ନିଜ ତରଫରୁ ବାଛି ନିଅନ୍ତେ । ସରକାର ଉକ୍ତ ତାଲିକା ମଧ୍ୟରୁ ଜଣଙ୍କୁ ଆବାହକ ବା ସଭାପତି ଭାବେ ମନୋନୀତ କରନ୍ତେ । ଆପତ୍ତି ମାନେ ଅତି ଶୀଘ୍ର ଏ ମନୋନୟନ କରାଯାଇ ଅଦାଲତୀ ପଞ୍ଚାୟତ

Digitized by PPRACHIN, SOA

ବସନ୍ତା । ବି.ଡି.ଓ.ଙ୍କ ହାତରେ ଏହି ମନୋନୟନ କ୍ଷମତା ଅର୍ପଣ କରାଯାନ୍ତା । କେତେଜଣ ଇଟିନେରାଣ୍ଟ୍ ବା ଭ୍ରାମ୍ୟମାଣ ପରିଦର୍ଶକ-ଜଜ୍ ନିଯୁକ୍ତ ପାଇ-ଥାନ୍ତେ । ଦରକାର ପଡ଼ିଲେ ଏମାନଙ୍କ ମଧ୍ୟରୁ କେହି ଜଣେ ବିଚାର ସମ-ୟରେ କେବଳ ଦର୍ଶକ ଭାବରେ କିମ୍ବା ଦରକାର ହେଲେ ଉପଦେଷ୍ଟା ରୂପେ ଉପସ୍ଥିତ ରହନ୍ତେ । ଏହି ପଞ୍ଚାୟତମାନଙ୍କର ନିଷ୍ପତ୍ତି ବିରୋଧରେ ସାଧାରଣତଃ ଅପିଲ ନଥାନ୍ତା । ଅପିଲ ପାଇଁ ବ୍ଲକ ସ୍ତରରେ ଏକ ଅପିଲେଟ୍ ପଞ୍ଚାୟତ ଉପର-ବର୍ଣ୍ଣିତ ଅନୁସାରେ କାର୍ଯ୍ୟ କରନ୍ତା । ଏହି ଅପିଲେଟ୍ ଅଦାଲତି ପଞ୍ଚାୟତଙ୍କ ରାୟ ବିରୋଧରେ ଆଉ ଅଧିକା ଅପିଲେଟ୍ କିମ୍ବା ରିଭିଜନ୍ ପଞ୍ଚାୟତ ଅନୁଷ୍ଠାନ ନ ଥାନ୍ତା । ସବୁ ବିଚାର ସାରସାର ବା ସଂକ୍ଷେପ (Summary Trial) ହୁଅନ୍ତା । ମୋର ଏହି ମତକୁ ସଭାସ୍ଥ ସମସ୍ତ ଲୋକେ ଆନନ୍ଦର ସହିତ ଗ୍ରହଣ କରି ଦାବୀ କରନ୍ତି ଯେ, ଏହି ରୀତିରେ ଅଦାଲତି ପଞ୍ଚାୟତ ଗଠିତ ହେଉ ଏବଂ ବର୍ତ୍ତମାନ ପ୍ରଚଳିତ ବିଚାର ପଦ୍ଧତିର ଦୁର୍ନୀତି, ଦୌରାତ୍ମ୍ୟ ଓ ହଇରାଣ ହରକତରୁ ଜନତାକୁ ରକ୍ଷା କରାଯାଉ । ଜଣେ ମନ୍ତ୍ରୀ ଏବଂ କଂଗ୍ରେସର ବିଶିଷ୍ଟ ବ୍ୟକ୍ତି ହିସାବରେ ମୁଁ ଏ ପ୍ରକାର ଲୋକ-ଈପ୍ସିତ ଏବଂ ସମର୍ଥିତ ବିଚାରପଦ୍ଧତିକୁ ପ୍ରଚଳନ କରାଇବାକୁ ଚେଷ୍ଟା କଲେ ସୁଦ୍ଧା ଉପର୍ଯୁକ୍ତ ଶ୍ରେଣୀଙ୍କର ଅନାଗ୍ରହ, ଉଦାସୀନତା ଏବଂ ବିରୋଧ ହେବାରୁ ତାହା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ପରିଶେଷରେ ନିର୍ବାଚନ ପ୍ରଥାରେ ସ୍ୱଳ୍ପ ଏବଂ ସୀମିତ କ୍ଷମତାବିଶିଷ୍ଟ ଅଳ୍ପ କେତେକ ଅଦାଲତି ପଞ୍ଚାୟତ ଗଠନ କରାଗଲା । ନିର୍ବାଚନ ପ୍ରଥା ଜନିତ ଦୋଷ ଏବଂ ପୂର୍ବୋକ୍ତ ଶ୍ରେଣୀଙ୍କର ବିରୋଧ ଯୋଗୁଁ ସେଗୁଡ଼ିକ ମଧ୍ୟ କ୍ରମଶଃ ନିଷ୍କ୍ରିୟ ହୋଇ ଉଠିଗଲା ।

ଶାସନ ପରିଚାଳନା ସମ୍ପର୍କୀୟ ପ୍ରଞ୍ଚାୟତ ବିଷୟରେ (General and Administrative Panchayat) ମୁଁ ମୋର ମତ ପ୍ରକାଶ କରୁଥିଲି ଯେ ଏଗୁଡ଼ିକ ଆକାରରେ ବଡ଼ ହେବା ଦରକାର । ଏକ ଏକ ବ୍ଲକ୍‌ର ସର୍ବୋଚ୍ଚ ପଞ୍ଚାୟତ ସଂଖ୍ୟା ୭ଟି ହେବା ଉଚିତ । କିନ୍ତୁ ପ୍ରତ୍ୟେକ ଗ୍ରାମ ପାଇଁ ପଲ୍ଲୀ ବା ଗ୍ରାମ ସଭା ଗଠିତ ହେବା ବିଧେୟ । ପଲ୍ଲୀ ବା ଗ୍ରାମ ସଭା ମଧ୍ୟ ଉଭୟ ଅଦାଲତି ଏବଂ ଶାସନ କ୍ଷମତା ପରିଚାଳନା ସୀମିତ ଭାବେ ପାଇବା ଉଚିତ । ଏ ସଭା ଆଇନସମ୍ମତ ହେଲେ ସୁଦ୍ଧା ଏହାର ନିଷ୍ପତ୍ତି କେବଳ ପରାମର୍ଶ ମାତ୍ର ହେବ । ଆପତ୍ତି ମାନେ ଏହାର ଅଦାଲତି

Digitized by PPRACHIN, SOA

ବୈଠକ ହେବ । ସଭ୍ୟ ନିଯୁକ୍ତି ପାଇଁ ଗ୍ରାମର ଏକ ତାଲିକା ରହିବ । ଏହି ତାଲିକା ସ୍ଥାୟୀ ସରକାର ସ୍ଥିର କରି ପାରନ୍ତି । ଶାସନ ସମ୍ପର୍କୀୟ ପଞ୍ଚାୟତ ଗଠନ ନିର୍ବାଚନଦ୍ୱାରା ହେବା ମୋର ମତ ଥିଲା ଏବଂ ଆଜି ମଧ୍ୟ ସେହି ମତ ପୋଷଣ କରିଛି । ପଞ୍ଚାୟତରୁ ଦୁର୍ନୀତି ଦୂର କରିବା ବିଷୟରେ ଉଚିତ ଦେଖ-ରେଖ ଏବଂ ଜାଞ୍ଚ-ନିରୀକ୍ଷଣ-ପରିଦର୍ଶନ ଦରକାର । ବସ୍ତୁତଃ ଏ ସମ୍ପର୍କୀୟ ସଂଶୋଧନ ସହିତ ବର୍ତ୍ତମାନ ପ୍ରଚଳିତ ଆଇନ କାନୁନ୍‌କୁ ପସନ୍ଦ କରି ମୁଁ ମୋର ମତ ବ୍ୟକ୍ତ କରୁଥିଲି । ସମସ୍ତ ଲୋକେ ମୋର ମତକୁ ଆଗ୍ରହର ସହିତ ଶୁଣି ତାହା ଗ୍ରହଣ କରୁଥିଲେ ।

Digitized by PPRACHIN, SOA

ଶିକ୍ଷା-ନୀତି

ମୌଳିକ ଶିକ୍ଷା

ଶିକ୍ଷା ନୀତି ସମ୍ପର୍କରେ ମୋର ନିର୍ଦ୍ଦିଷ୍ଟ ମତ ମୁଁ ବରାବର ଅନ୍ୟତ୍ର ତଥା ପୂର୍ବୋକ୍ତ ସଭା ସମିତିମାନଙ୍କରେ ବକ୍ତୃତା ଦେଲାବେଳେ ପ୍ରକାଶ କରୁଥିଲି । ବର୍ତ୍ତମାନ ପ୍ରଚଳିତ ଶିକ୍ଷା-ପଦ୍ଧତିର ମୁଁ ଘୋର ବିରୋଧୀ । ଏପରିକି ଶିକ୍ଷା-କମିସନ୍‌ମାନେ ଯେଉଁ ମତ ପ୍ରକାଶ କରି ସୁପାରିଶ୍‌ମାନ କରିଛନ୍ତି ତଦ୍ଦ୍ୱାରା ଶିକ୍ଷାର ଉଦ୍ଦେଶ୍ୟ ସିଦ୍ଧ ହୋଇ ପାରିବ ନାହିଁ ବୋଲି ମୋର ଦୃଢ଼ ଧାରଣା । ପ୍ରଚଳିତ ଶିକ୍ଷା-ପଦ୍ଧତି ବା ତାର ସ୍ୱଳ୍ପ ସଂଶୋଧିତ ଶିକ୍ଷା-କମିସନ୍‌ମାନଙ୍କ ସୁପାରିଶ୍ କେବଳ କେତେକ ଶିକ୍ଷିତ କାରିଗର ଏବଂ ବୈଷୟିକ ତାଲିମ-ଅଭିମୁଖୀ ଓ ଚାକିରି-ପ୍ରାର୍ଥୀ ଯୁବକ ଯୁବତୀ ଗୋଷ୍ଠୀ ସୃଷ୍ଟି କରିବା ବ୍ୟତୀତ ଅନ୍ୟ କିଛି ନୁହେ । ୧୯୬୧ଠାରୁ ୧୯୬୩ ପର୍ଯ୍ୟନ୍ତ ମୁଁ ଓଡ଼ିଶାର ଶିକ୍ଷା ମନ୍ତ୍ରୀ ଥିବା ବେଳେ ଏବଂ ୧୯୪୮ଠାରୁ ସରକାରଙ୍କ ସହିତ ସଂଯୁକ୍ତ ହେଲାଦିନଠାରୁ ଏ ଶିକ୍ଷା-ପଦ୍ଧତିର ଆମୂଳ ପରିବର୍ତ୍ତନର ଇଚ୍ଛା ଏବଂ ଦାବୀ କରୁଥିଲି । କିନ୍ତୁ ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ କର୍ମଚାରୀ, କେତେକ ରାଜନୈତିକ ନେତୃସ୍ଥାନୀୟ ବ୍ୟକ୍ତି ଓ ବିଶେଷତଃ ଇଂରେଜୀ-ଶିକ୍ଷିତ କର୍ମଚାରୀ ଏବଂ ବେ-ସରକାରୀ ବ୍ୟକ୍ତିଙ୍କ ଉଦାସୀନତା, ଅନିଚ୍ଛା ଏବଂ ଘୋର ବିରୋଧ ବଶତଃ ଏ ପରିବର୍ତ୍ତନ କାର୍ଯ୍ୟକାରୀ ହୋଇ ପାରୁ ନ ଥିଲା । ଅବଶ୍ୟ ଓଡ଼ିଶାର ଗାନ୍ଧୀବାଦୀମାନେ, ବିଶେଷତଃ ସର୍ବଶ୍ରୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ମନମୋହନ ଚୌଧୁରୀ, ଶରତଚନ୍ଦ୍ର ମହାରଣା, ଆଚାର୍ଯ୍ୟ ହରିହର ଦାସ ଏବଂ ଶ୍ରୀମତୀ ମାଳତୀ ଦେବୀ ଓ ରମା ଦେବୀ ପ୍ରଭୃତି ମୌଳିକ ଶିକ୍ଷା-ପଦ୍ଧତିର ପ୍ରଚାର ଏବଂ ପ୍ରସାର ନିମନ୍ତେ ଆନ୍ତରିକ ଚେଷ୍ଟା କରୁଥିଲେ ।

Digitized by PPRACHIN, SOA

ଯଦି ଗୃହକର୍ମ ଉଦ୍ଦେଶ୍ୟରେ ଶିକ୍ଷା-ବ୍ୟବସ୍ଥା ହେବ ତେବେ ଯୋଜନା ଅନୁସାରେ ଯେତିକି ସଂଖ୍ୟକ ଶିକ୍ଷିତ ଯୁବକ ଯୁବତୀ ଦରକାର ସେହି ସଂଖ୍ୟକ ଶିକ୍ଷିତ ବ୍ୟକ୍ତି ସୃଷ୍ଟି କରିବା ଉଚିତ । ଏକଛତ୍ରବାଦୀ ସାମ୍ୟବାଦୀ ଦେଶମାନଙ୍କରେ ଆବଶ୍ୟକତା ଅନୁସାରେ ଶିକ୍ଷିତ ବ୍ୟକ୍ତି ଉତ୍ପନ୍ନ କରାଯାଉଛି । ଆବଶ୍ୟକ ସଂଖ୍ୟା ବାହାରେ ସେ ଦେଶମାନେ ଉଚ୍ଚଶିକ୍ଷିତ ବ୍ୟକ୍ତି ପ୍ରସ୍ତୁତ କରନ୍ତି ନାହିଁ, କିମ୍ବା କରିବେ ନାହିଁ । ତାହା ଯଦି କରାଯାଏ, ତଦ୍ଦ୍ୱାରା ବ୍ୟକ୍ତିଗତ-କ୍ଷତି ସଙ୍ଗେ ସଙ୍ଗେ ଜାତୀୟ-କ୍ଷତି ନିଶ୍ଚୟ ହେବ । ତେଣୁ ଉକ୍ତ ଦେଶମାନଙ୍କରେ ସାଧାରଣ ଶିକ୍ଷା-ବ୍ୟବସ୍ଥା କରି ତା'ପରେ ଆବଶ୍ୟକତା ଅନୁସାରେ ଧନ୍ଦାମୂଳକ ଶିକ୍ଷା-ବ୍ୟବସ୍ଥା କରନ୍ତି ଏବଂ କରିଛନ୍ତି । କେହି ବ୍ୟକ୍ତି ତାର ଇଚ୍ଛା ବା ମର୍ଜି ଅନୁସାରେ କୌଣସି ପ୍ରକାର କଲେଜକୁ ପଢ଼ିବାକୁ ଯାଇପାରିବ ନାହିଁ । କିନ୍ତୁ ଗଣତନ୍ତ୍ର ଦେଶମାନଙ୍କରେ ତାହା ସମ୍ଭବ ନୁହେ । ତେଣୁ ଗଣତନ୍ତ୍ର ଦେଶରେ ବିନା କାୟିକ ପରିଶ୍ରମରେ କଲମ ଚଳାଇ ରୋଜଗାର କରିବା ନିମନ୍ତେ ଯାହାର ଯାହାଂ ଇଚ୍ଛା ହେଲା ନିଜର କିମ୍ବା ଆନୁଷ୍ଠାନିକ ଖର୍ଚ୍ଚରେ ବିଦ୍ୟାଧ୍ୟୟନ କରି ଡିଗ୍ରି ହାସଲ କରୁଛନ୍ତି । ଉପାଧି ପାଇ ସାରିଲା ପରେ ଶିକ୍ଷାର ଯୋଗ୍ୟତା ଅନୁସାରେ କାର୍ଯ୍ୟ ନ ପାଇବାରୁ ଅକର୍ମା ହୋଇ ଶାସନକୁ, ସମାଜକୁ, ନିଜକୁ ଓ ନିଜ ଭାଗ୍ୟକୁ ନିନ୍ଦା କରି ନିରାଶ ଏବଂ ହତାଶ ଜୀବନରେ କେହି କେହି ଡିଗ୍ରୀ, ଡିପ୍ଲୋମା ଏବଂ ସାର୍ଟିଫିକେଟକୁ ଚିରିବାଠାରୁ ଆରମ୍ଭ କରି କେତେବେଳେ ସରକାରୀ କର୍ତ୍ତୃପକ୍ଷଙ୍କୁ ଧମକ, ଘେରାଉ କିମ୍ବା ପ୍ରହାରଦ୍ୱାରା କର୍ମ ସଂସ୍ଥାନ ହାସଲ କରିବାକୁ ଯୌଥ ପଦକ୍ଷେପ ନେଉଛନ୍ତି । ତଥାପି ସରକାରମାନେ ଗୃହକର୍ମ ବ୍ୟବସ୍ଥା କରିପାରୁ ନାହାନ୍ତି । ଏତିକିରେ ହେଲେ ଶିକ୍ଷିତ ଅକର୍ମା-ମାନଙ୍କର ଅସନ୍ତୋଷଜନିତ କାର୍ଯ୍ୟ କଳାପ ଶେଷ ହୁଅନ୍ତା ! କିନ୍ତୁ ତାହା ନୁହେ । ସରକାର ତରଫରୁ ଗୃହକର୍ମ ବ୍ୟବସ୍ଥା କରି ନ ପାରିଲେ ଶାସନ ଏବଂ ସରକାରକୁ ଭାଙ୍ଗି ନୂତନ ସରକାର ଗଠନ ପାଇଁ ଉଦ୍ୟତ ହେଉଛନ୍ତି । ନୂତନ ସରକାର ହେଲେ ଯେ ଗୃହକର୍ମ ମିଳିବ ତାହା ନୁହେ । ଯଦି ଏକଛତ୍ରବାଦୀ ସାମ୍ୟବାଦୀ ସରକାର ପ୍ରତିଷ୍ଠିତ କରାଯାଏ ତେବେ କର୍ମ ମିଳିବ ସିନା, ଗୃହକର୍ମ ମିଳିବ ନାହିଁ । ଏଠାରେ କର୍ମର ଅର୍ଥ କାୟିକ—ପରିଶ୍ରମମୂଳକ—ଯେକୌଣସି କାମ, ଯଥା—ମାଟି ଖୋଳା, ପଥର ଭଙ୍ଗା, ପାଣି ଟେଣ୍ଡିବା, କାଠ କାଟିବା, ଗଛ ଲଗାଇବା, ଇଟା ଏବଂ ଘର ତିଆରି କରିବା ଓ କାରଖାନାରେ କାମ

Digitized by PPRACHIN, SOA

କରିବା ଓପରେ ; ଏବଂ ଚାକିରିର ସାଧାରଣ ଅର୍ଥରେ ବିନା ପରିଶ୍ରମରେ ହୁଏତ କଲମ ଚଳାଇ ହାକିମଗିରି ଖଟାଇ କମ୍ବା କିଛି ନ ହେଲେ ୪ର୍ଥ ଶ୍ରେଣୀ କର୍ମଚାରୀ ରୂପେ ଫାଇଲ ନେ ଆଣ କରି, କମ୍ବା ସୁଇଚ୍ ଟିପି, କମ୍ବା ଘର ଝାଡ଼ୁ ଇତ୍ୟାଦି କରି, କମ୍ବା ପହରୀ ଦେଇ କିଛି ରୋଜଗାର କରି ଜୀବନ ଯାତ୍ରା ନିର୍ବାହ କରିବା । ମୋର ମତ ଯେ ଅକର୍ମା ପାଠୁଆ ଲୋକମାନେ ଗଣତନ୍ତ୍ର ଶାସନରେ ଭୋଟ ପାଇ ଶାସନ ଚଳାଇ ଯେତେ ଲୋକ ପାଠ ପଢ଼ିଛନ୍ତି ଏବଂ ଭବିଷ୍ୟତରେ ପଢ଼ିବେ ସମସ୍ତ ପାଠୁଆଙ୍କୁ କଲମ ଚଳେଇବା ଚାକିରି ଦିଅନ୍ତୁ । ଦେଶ ଏବଂ ଜାତି ସୁଖ ଶାନ୍ତି ଉପଭୋଗ କରୁ । କିନ୍ତୁ ଏହି ପାଠୁଆମାନଙ୍କ ସାହାଯ୍ୟରେ ଯେଉଁ ଦଳ ଏହି ପ୍ରତିଶ୍ରୁତି ଦେଇ ଭୋଟ ପାଇ, ଶାସନ ଗାଦୀକୁ ଆସିଛନ୍ତି ବା ଆସିବେ ସେ ଦଳ ଉକ୍ତ ବ୍ୟବସ୍ଥା କରି ପାରି ନାହାନ୍ତି କମ୍ବା କରିବେ ନାହିଁ । ଏକଛତ୍ରବାଦୀ ସାମ୍ୟବାଦୀ ଶାସନରେ ଯଦି ପାଠୁଆଙ୍କୁ ମନ ମୁତାବକ ଚାକିରି ମିଳିବ ମୁଁ ମଧ୍ୟ ଉକ୍ତ ମତବାଦର ଶାସନକୁ ସ୍ୱାଗତ କରୁଛି ଏବଂ କରିବି । ଇତି ମଧ୍ୟରେ କେତେକ ଗାନ୍ଧୀବାଦୀ ମଧ୍ୟ ଜୀବନରେ ହତାଶ ହୋଇ ସାମ୍ୟବାଦୀ ଶାସନକୁ ପସନ୍ଦ କରୁଛନ୍ତି ଯେ, ସତେ ଯେପରି ଏହି ଶାସନରେ ପାଠୁଆଙ୍କୁ ରୁଚି ମୁତାବକ ବିନା ପରିଶ୍ରମ-ମୂଳକ କର୍ମ ବା ଚାକିରି ମିଳିଯିବ ।

କୌଣସି ଯୁଗ, କୌଣସି କାଳ କମ୍ବା କୌଣସି ଦେଶରେ ଶିକ୍ଷାର ଉଦ୍ଦେଶ୍ୟ ଚାକିରି ପ୍ରାପ୍ତି ନୁହେ । ଅବଶ୍ୟ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରୁ ଆବଶ୍ୟକ ଅନୁସାରେ କେତେକ ଲୋକ ଚାକିରି ପାଇବେ । କିନ୍ତୁ ସବୁ ଶିକ୍ଷିତ ବ୍ୟକ୍ତି ଚାକିରି ପାଇବେ ନାହିଁ । ଏହା ଏକ ସ୍ୱତଃସିଦ୍ଧ କଥା । ଶିକ୍ଷାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ହେଉଛି ଉତ୍ତମ ବ୍ୟକ୍ତି ଓ ଉତ୍ତମ ସମାଜ ଗଢ଼ିବା । ଏହି ଉଦ୍ଦେଶ୍ୟ ସିଦ୍ଧି ପାଇଁ ଯଦି ଶିକ୍ଷା-ପଦ୍ଧତି, ଶିକ୍ଷା-ପ୍ରଣାଳୀ ଓ ଶିକ୍ଷାର ଆଭିମୁଖ୍ୟ ସୃଷ୍ଟି କରାଯାଆନ୍ତା ତେବେ ଲକ୍ଷ୍ୟ ହାସଲ ହୋଇପାରନ୍ତା । ଚାକିରି ଅଭିମୁଖୀ ଶିକ୍ଷା ନ ବଦଳିବା ପର୍ଯ୍ୟନ୍ତ ବର୍ତ୍ତମାନ ପରି ଶିକ୍ଷିତ ବେକାରୀ ଓ ଶିକ୍ଷିତ ଲୋକଙ୍କର ଅସନ୍ତୋଷ ଅତ୍ୟଧିକ ବୃଦ୍ଧି ହୋଇ ପରିଶେଷରେ ଶିକ୍ଷିତ ବ୍ୟକ୍ତିଙ୍କଦ୍ୱାରା ପରିଚାଳିତ ବିଦ୍ରୋହ ରାଷ୍ଟ୍ରଭଙ୍ଗ ନିମନ୍ତେ ଅନିବାର୍ଯ୍ୟ ହେବ ।

ଉପର୍ଯ୍ୟୁକ୍ତ ଭାବନା ଓ ତତ୍କାଳୀନ ବ୍ରିଟିଶ୍ ସରକାରଦ୍ୱାରା ପରି-ଚାଳିତ ଶିକ୍ଷା-ପଦ୍ଧତିର ତ୍ରୁଟି, ବିପଦ, ମାରାତ୍ମକତା, ବେ-ସାମାଜିକତା ଓ ବେ-ଅର୍ଥନୈତିକତାକୁ ମହାତ୍ମା ଗାନ୍ଧୀ ଉତ୍ତମରୂପେ ଉପଲବ୍ଧି କରିଥିଲେ ।

Digitized by PPRACHIN, SOA

ସେ କଳ୍ପନା କରିଥିଲେ ଯେ, ପରାଧୀନ ଭାରତ ତ ଦିନେ କଆଁ ନୋହିଲି ସ୍ୱାଧୀନ ହେବ। ତେଣୁ ଅଦୂର ଭବିଷ୍ୟତରେ ଭାରତ ସ୍ୱାଧୀନ ହେବ। ସ୍ୱାଧୀନ ଭାରତର ଜାତୀୟ ସ୍ୱାର୍ଥ ରକ୍ଷାପୂର୍ବକ ଜାତି ଗଠନ ନିମନ୍ତେ ସେ ବହୁ ଜାତୀୟ ଯୋଜନା ଆଗରୁ କରିଥିଲେ । ରାଷ୍ଟ୍ରଭାଷା ପାଇଁ ସେ ଚଳନ୍ତି ହିନ୍ଦୀ ସ୍ଥିର କରିଥିଲେ । ଶାସନ ବିକେନ୍ଦ୍ରୀକରଣପୂର୍ବକ ଲୋକମାନଙ୍କୁ ଶାସନରେ ପ୍ରତ୍ୟକ୍ଷ ଅଂଶୀଦାର କରାଇବା ନିମନ୍ତେ ସେ ପଞ୍ଚାୟତି ରାଜ୍ୟ, ରାମରାଜ୍ୟ—ଗ୍ରାମରାଜ୍ୟ ପରିକଳ୍ପନା କରିଥିଲେ। ସେହିପରି ଉତ୍ତମ ଶିକ୍ଷା ପଦ୍ଧତି ଏବଂ ପ୍ରଣାଳୀ ପାଇଁ ସେ 'ନୟୀ ତାଲିମ' ବା 'ବୁନିୟାଦି ଶିକ୍ଷା' ବା 'ମୌଳିକ ଶିକ୍ଷା' (Basic Education) ଯୋଜନା ସ୍ଥିର କରିଥିଲେ । ଏତଦ୍‌ବ୍ୟତୀତ ସ୍ୱାଧୀନ ଭାରତରେ ପ୍ରଚଳନ ଓ କାର୍ଯ୍ୟକାରୀ କରିବା ନିମନ୍ତେ ସେ ବହୁ ଜାତୀୟ ଯୋଜନା ପ୍ରସ୍ତୁତ କରାଇ ଥିଲେ। ଏହି ସବୁ ଯୋଜନା ପ୍ରାକ୍-ସ୍ୱାଧୀନତା କଂଗ୍ରେସ-କମିଟିଦ୍ୱାରା ମଧ୍ୟ ଗୃହୀତ କରାଇ ନେଇଥିଲେ।

ଗାନ୍ଧୀଜୀଙ୍କ ଉଦ୍ଭାବିତ ମୌଳିକ ଶିକ୍ଷାଦ୍ୱାରା ହିଁ ଶିକ୍ଷା ସମ୍ପର୍କୀୟ ଜାତୀୟ ଉଦ୍ଦେଶ୍ୟ ସାଧିତ ହୋଇ ପାରିବ ବୋଲି ମୋର ଦୃଢ଼ ଧାରଣା। ଯଦି ଉତ୍ତମ ରୂପେ ପୂର୍ଣ୍ଣାଙ୍ଗ ବ୍ୟକ୍ତି ଏବଂ ତା ଫଳରେ ଉତ୍ତମ ଓ ଆଦର୍ଶ ସମାଜ ସୃଷ୍ଟି କରାଯିବାଦ୍ୱାରା ଶିକ୍ଷାର ଉଦ୍ଦେଶ୍ୟ ସାଧିତ ହେବ, ତେବେ ତାହା କେବଳ 'ନୟୀ-ତାଲିମ' ବା 'ମୌଳିକ-ଶିକ୍ଷା' ପଦ୍ଧତିଦ୍ୱାରା ହୋଇ ପାରିବ, ଅନ୍ୟ ପଦ୍ଧତି ଏବଂ ପ୍ରଣାଳୀରେ ନୁହେ। ସଂକ୍ଷେପରେ ଶିକ୍ଷାର ମହତ୍ ଜାତୀୟ ଉଦ୍ଦେଶ୍ୟ ହେଉଛି ଯେ ଶିଶୁ କିମ୍ବା କିଶୋର-କିଶୋରୀ ବିଦ୍ୟାଳୟରେ ଥିବା ସମୟରେ ତାହାର ମନ ଏବଂ ଶରୀରକୁ ଏପରିଭାବେ ଅଭ୍ୟସ୍ତ ଏବଂ ଗଠିତ କରିବା ଓ କରାଇବା ଦରକାର ଯଦ୍ଦ୍ୱାରା ଉକ୍ତ ଶିଶୁ ବା କିଶୋର କିଶୋରୀ ଶିକ୍ଷା କ୍ଷେତ୍ର ପରିତ୍ୟାଗ କରି ସଂସାର କ୍ଷେତ୍ରରେ ପ୍ରବେଶ କଲାମାତ୍ରେ ସେ (ଶିଶୁ ବା କିଶୋର କିଶୋରୀ) ସମାଜର ଯେ କୌଣସି ସ୍ଥାନରେ ଜଣେ ଉପଯୁକ୍ତ ନାଗରିକ ଭାବେ ମହା ଆନନ୍ଦରେ ଜୀବନ ଯାତ୍ରା ନିର୍ବାହ କରି ପାରିବ। ଅନ୍ୟ ଶବ୍ଦରେ ଏହାର ବ୍ୟାଖ୍ୟା ହେଉଛି ଯେ ଉକ୍ତ ଶିଶୁ କିମ୍ବା କିଶୋର କିଶୋରୀ କିମ୍ବା ଯୁବକ-ଯୁବତୀଙ୍କୁ ସମାଜର ଯେ କୌଣସି ସ୍ଥାନରେ ଅବସ୍ଥାପିତ କଲେ ସେ ସନ୍ତୁଷ୍ଟ ହୋଇ ତାହାର କର୍ତ୍ତବ୍ୟ ସୁଗ୍ଭରୁ ରୂପେ ପାଳନ କରି ପାରିବ। ଆହୁରି

Digitized by PPRACHIN, SOA

ପ୍ରାଞ୍ଜଳ ଭାଷାରେ କହିବାକୁ ଯାଇ ମୁଁ ବ୍ୟାଖ୍ୟା କରୁଛି ଯେ କିଶୋର-କିଶୋରୀ କିମ୍ବା ଯୁବକ-ଯୁବତୀ ବିଦ୍ୟାଳୟ ପରିତ୍ୟାଗ କରି ସଂସାରରେ ପ୍ରବେଶ କଲି ମାତ୍ରେ ସେଠାରେ ସେ ଯେଉଁ ସ୍ଥାନରେ ନିଜେ ରହିବ, କିମ୍ବା ତାକୁ ଯେଉଁ କାର୍ଯ୍ୟରେ ରଖାଯିବ, ସେ ସେହି ସ୍ଥାନ ବା କାର୍ଯ୍ୟକୁ ଆନନ୍ଦର ସହିତ ଆଦରି ତାର ଆଦର୍ଶ କର୍ତ୍ତବ୍ୟ ପାଳନ କରିବ । ବିଦ୍ୟାଳୟ ବା ଶିକ୍ଷା କ୍ଷେତ୍ରରେ ଥିବାବେଳେ ତାର ମନ ଏବଂ ଶରୀରକୁ ସମସ୍ତ ପ୍ରକାର କାର୍ଯ୍ୟ ପାଇଁ ଅଭ୍ୟସ୍ତ କରାଯାଇଥିବ । ପରିଶ୍ରମର ମର୍ଯ୍ୟାଦା ହୃଦୟଙ୍ଗମ କରି ତାହା ନିଜେ କରିବାକୁ ଆଗ୍ରହୀ ଏବଂ ଅଭ୍ୟସ୍ତ ହୋଇଥିବ । ସାମାଜିକ, ସାଂସ୍କୃତିକ ଏବଂ ବୌଦ୍ଧିକ ଜ୍ଞାନ ସମ୍ୟକ ରୂପେ ଲାଭ କରି ପାରିଥିବ । ତେଣୁ ଦରକାର ପଡ଼ିଲେ ଅକୁଣ୍ଠିତ ଚିତ୍ତରେ ମୂଲିଆ ହେବ, ଦରକାର ପଡ଼ିଲେ ମାଲିକ ବା ମନ୍ତ୍ରୀ ହେବ ; ଆବଶ୍ୟକ ପଡ଼ିଲେ କଲମ ଧରିବ ; ଆବଶ୍ୟକ ପଡ଼ିଲେ କଣ୍ଢି (ଲଙ୍ଗଳ କଣ୍ଢି) ଧରିବ; ପ୍ରୟୋଜନ ପଡ଼ିଲେ ଘାସ କାଟିବ ; ପ୍ରୟୋଜନ ପଡ଼ିଲେ ଘୋଡ଼ା ଚଢ଼ିବ । ମୋଟରେ କହିବାକୁ ଗଲେ ସେ ଉଭୟ ମାନସିକ ଏବଂ କାୟିକ ପରିଶ୍ରମକୁ ଆଦରରେ ଗ୍ରହଣ କରି ଜୀବନ ଯାପନ କରିବ । ଶିକ୍ଷାର ଆଭିମୁଖ୍ୟ ଏହି ପ୍ରକାର କରିବାକୁ ହେଲେ ଶିଶୁ ଏବଂ କିଶୋର କିଶୋରୀ ଯେତେବେଳେ ଶିକ୍ଷାୟତନ ଭିତରେ ଥାନ୍ତି ସେମାନଙ୍କର ମନ ଏବଂ ଶରୀରକୁ ଏପରି ଭାବରେ ତାଲିମ ଏବଂ ଅଭ୍ୟସ୍ତ କରିବାକୁ ହେବ ଯା ଫଳରେ ସେ କାୟିକ ପରିଶ୍ରମପୂର୍ବକ ଖରା, ବର୍ଷା, ଶୀତ, କାକର ଏବଂ କୁହୁଡ଼ି ଓ ଝଡ଼ରେ କାମ କରିବା ପାଇଁ ଅଭ୍ୟସ୍ତ ଥିବ ; ତାର ମାଂସପେଶୀ ଓ ଶରୀର ସମସ୍ତ ପ୍ରକାର କଠିନ ପରିଶ୍ରମ ପାଇଁ ପ୍ରସ୍ତୁତ ଏବଂ ଅଭ୍ୟସ୍ତ ଥିବ । ସଙ୍ଗେ ସଙ୍ଗେ ମଧ୍ୟ ତାର ଧୀ ଓ ମେଧା ଶକ୍ତିର ସଦ୍‌ବ୍ୟବହାର କରି ଆବଶ୍ୟକୀୟ ଜ୍ଞାନ ଅର୍ଜନ କରାଇ ଦିଆ ହୋଇଥିବ । ଏତଦ୍‌ବ୍ୟତୀତ ତାର ମନ ଏବଂ ପ୍ରବୃତ୍ତିକୁ ଏପରି ଗଢ଼ାଯିବ ଯେ ସେ ପରିଶ୍ରମର ମର୍ଯ୍ୟାଦା ଏବଂ ଆଳସ୍ୟର ଅମର୍ଯ୍ୟାଦା ଉତ୍ତମରୂପେ ଉପଲବ୍ଧି କରି ପାରିଥିବ । ଶୋଷଣକୁ ମହାପାପ ବୋଲି ହୃଦୟଙ୍ଗମ କରିବା ଫଳତଃ ଅନ୍ୟକୁ ଶୋଷଣ କରିବା ପ୍ରବୃତ୍ତି ତାର ନ ଥିବ ; କିମ୍ବା ଆତ୍ମନିର୍ଭରଶୀଳତା, ଆତ୍ମାଭିମାନ ଓ ସ୍ୱାଧିକାର ଭାବନାରେ ଏପରି ଅନୁପ୍ରାଣିତ ହୋଇଥିବ ଯେ ସେ ନିଜେ ଅନ୍ୟଦ୍ୱାରା ଶୋଷିତ ହେବାର ଆଶଙ୍କା ଓ ଅବସ୍ଥାରେ ନ ଥିବ । ଗାନ୍ଧୀଜୀଙ୍କର କଳ୍ପିତ 'ନୟୀ-ତାଲିମ'

Digitized by PPRACHIN, SOA

ବା 'ମୌଳିକ ଶିକ୍ଷା' ପଦ୍ଧତିରେ ଏହି ପ୍ରକାର ମନୋବୃତ୍ତି ଓ ଶରୀର ଶକ୍ତି ଗଢ଼ାଯାଇପାରିବ । ଏହି ପ୍ରକାର ତାଲିମପ୍ରାପ୍ତ ବ୍ୟକ୍ତି ଶୋଷଣ-ରହିତ ସାମ୍ୟବାଦୀ ମାନବ-ସମାଜ ପ୍ରତିଷ୍ଠିତ କରିବାରେ ବିଶେଷ ଅବଦାନ କରି ପାରିବ । ଏହା ହେଉଛି ମୌଳିକ ଶିକ୍ଷା ।

ଏହି ପ୍ରକାର ମୌଳିକ-ଶିକ୍ଷା-ପଦ୍ଧତି ଧାରଣାର ବଶୀଭୂତ ଏବଂ ଅଭିଭୂତ ହୋଇ ମୁଁ ଉକ୍ତ ସଭାମାନଙ୍କରେ ମୋର ଭାଷଣ ସବୁ ପ୍ରଦାନ କରିଥିଲି । ଲୋକମାନେ ଏ ପଦ୍ଧତିକୁ ଅତ୍ୟନ୍ତ ଆଗ୍ରହ ସହକାରେ ଗ୍ରହଣ କରୁଥିଲେ । ଏ ପ୍ରଣାଳୀ ଏବଂ ପଦ୍ଧତିକୁ ଗ୍ରହଣ କରୁ ନ ଥିଲେ ସେହି ଶ୍ରେଣୀର ଲୋକ, ଯେଉଁମାନେ ଇଂରେଜୀ ପଢ଼ି ଚାକିରିକୁ ପେଷା କରି ବିନା କାୟିକ ପରିଶ୍ରମରେ ସତ୍ ଏବଂ ଅସତ୍ ଉପାୟରେ ଅର୍ଥ ଅର୍ଜନ କରି ସମାଜରେ ଶିକ୍ଷିତ ବୋଲି ଭାବି ଅନ୍ୟକୁ ନିର୍ଦ୍ଦେଶ ଏବଂ ଉପଦେଶ ଦେବାରେ ରତ ଏବଂ ଅଭ୍ୟସ୍ତ ଅଟନ୍ତି । କେତେକ ଧନିକ ଶ୍ରେଣୀ, ବ୍ୟବସାୟୀ ଶ୍ରେଣୀ ଏବଂ ସମାଜର ପରାଙ୍ଗପୁଷ୍ଟ (Parasites) ଗୋଷ୍ଠୀମାନେ ଏହି ଶିକ୍ଷା-ପଦ୍ଧତିର ବିରୋଧୀ ଅଟନ୍ତି । ସ୍ୱାଧୀନତା ପ୍ରାପ୍ତି ପରେ ଯେତେବେଳେ ଏ 'ନୟୀ-ତାଲିମ' ବା 'ମୌଳିକ-ଶିକ୍ଷା' ପଦ୍ଧତି ପ୍ରଚଳନ କରାଗଲା ସେତେବେଳେ ଅଳ୍ପ କେତେକ ବ୍ୟକ୍ତିଙ୍କୁ ବାଦ୍ ଦେଲେ ଉପର୍ଯ୍ୟୁକ୍ତ ସମସ୍ତ ଶ୍ରେଣୀ ଏ ପଦ୍ଧତିର ଘୋର ସମାଲୋଚନା ଏବଂ ବିରୋଧ କଲେ । ତଥାକଥିତ ଶିକ୍ଷା-ବିତ୍‌ମାନେ ମଧ୍ୟ ଏହି ପଦ୍ଧତିର ବିରୋଧ କରିବାକୁ ଲାଗିଲେ । ଆଦିବାସୀ ଓ ହରିଜନ ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଆଶ୍ରମ ଏବଂ ସେବାଶ୍ରମ ଶିକ୍ଷା ପ୍ରଣାଳୀ ଏହି ମୌଳିକ ଶିକ୍ଷା ପ୍ରଣାଳୀ ଅନ୍ତର୍ଭୁକ୍ତ । ଯେତେବେଳେ ଏହି ଆଦିବାସୀ ବିଦ୍ୟାଳୟମାନଙ୍କରେ ପରିଶ୍ରମଭିତ୍ତିକ ଶିକ୍ଷା-ପ୍ରଣାଳୀ ପ୍ରଚଳନ କରାଗଲା ସେତେବେଳେ ଶିକ୍ଷିତ ଏବଂ ଧନିକ ଆଦିବାସୀ ଶ୍ରେଣୀ ମଧ୍ୟ ଆପତ୍ତି କଲେ ଯେ, ସେମାନଙ୍କର ପିଲାମାନେ କାମ କରିବେ ନାହିଁ, ଯେହେତୁ ଅଣ-ଆଦିବାସୀ ବିଦ୍ୟାଳୟରେ ପିଲାମାନେ କାମ ନ କରି କେବଳ ପୁସ୍ତକଗତ ବିଦ୍ୟା ଅଧ୍ୟୟନ କରୁଛନ୍ତି । କଂଗ୍ରେସ ଶାସନ ତଥା କଂଗ୍ରେସର ଏକ ଗୋଷ୍ଠୀ (ଏହି ଶିକ୍ଷା-ନୀତିରେ ବିଶ୍ୱାସ କରୁଥିବା) ଉଭୟ କେନ୍ଦ୍ର ଏବଂ ରାଜ୍ୟ ଶାସନର ପ୍ରଭାବରେ ଥିବା ପର୍ଯ୍ୟନ୍ତ ମୌଳିକ ଶିକ୍ଷା ନୀତି ପ୍ରତି କିଛି କିଛି ଆଦର ଏବଂ ଆଗ୍ରହ ଥିଲା । କ୍ରମେ କ୍ରମେ କେତେକ ରାଜ୍ୟରେ ଉକ୍ତ ଶିକ୍ଷିତ ନୂତନ ବ୍ୟକ୍ତିମାନେ ଶିକ୍ଷା ମନ୍ତ୍ରୀ ହେଲେ । କେତେକ ରାଜ୍ୟରେ ବେ-କଂଗ୍ରେସ

Digitized by PPRACHIN, SOA

ମନ୍ତ୍ରୀମଣ୍ଡଳ ସ୍ଥାପିତ ହେଲା । ଏମାନଙ୍କର ମୌଳିକ ଶିକ୍ଷା ବିଷୟରେ ଧାରଣା ତ ନାହିଁ ତେଣୁ ଆଗ୍ରହ କିମ୍ବା ଆଦର ମଧ୍ୟ ନାହିଁ । ଏହିପରି ମନ୍ତ୍ରୀ ଓ ମନ୍ତ୍ରୀମଣ୍ଡଳମାନେ ମୌଳିକ ଶିକ୍ଷାକୁ କେବଳ ଯେ ପରିହାର ଓ ପରିତ୍ୟାଗ କଲେ ତାହା ନୁହେ ; ବରଂ ଘୋର ବିରୋଧ ଏବଂ ପ୍ରତିବାଦ ମଧ୍ୟ କଲେ । ମୋର ସ୍ପଷ୍ଟ ମନେ ହେଉଛି ଯେ ୧୯୬୭-୬୮ରେ ଓଡ଼ିଶାରେ ଶିକ୍ଷାମନ୍ତ୍ରୀ ହିସାବରେ ମୁଁ ଯେତେବେଳେ ନି: ଭା: ଶିକ୍ଷା ମନ୍ତ୍ରୀ ସମ୍ମିଳନୀରେ ଦିଲ୍ଲୀଠାରେ ଯୋଗଦାନ କରିଥିଲି ସେତେବେଳେ ଉକ୍ତ ସମ୍ମିଳନୀରେ ମୋତେ ମିଶାଇ ୩ଜଣ ମନ୍ତ୍ରୀଙ୍କ ବ୍ୟତୀତ ଅନ୍ୟ ସବୁ ରାଜ୍ୟର ଶିକ୍ଷାମନ୍ତ୍ରୀ-ମାନେ ମୌଳିକ ଶିକ୍ଷା ନୀତିର ଘୋର ବିରୋଧ କଲେ । ଏପରିକି ସମ୍ମିଳନୀର ବିବରଣୀରୁ (Proceedings) ମୌଳିକ ଶିକ୍ଷା (Basic Education) ଶବ୍ଦ ଉଠାଇ ଦେବାକୁ ଜିଦ୍ ଧରିଲେ । କିନ୍ତୁ ମୁଁ ମୌଳିକ ଶିକ୍ଷା ନୀତିର ସପକ୍ଷରେ ଯୁକ୍ତି କରି ଉକ୍ତ ଶବ୍ଦକୁ ଅର୍ଥାତ୍ 'ବେସିକ୍ ଏଡୁକେଶନ' ଶବ୍ଦକୁ ବିବରଣୀରେ ରଖିବାକୁ ଅକାଟ୍ୟ ଯୁକ୍ତି କଲି । ଶେଷରେ ମୋର ମତ ଗ୍ରହଣ କରି ବିବରଣୀରେ 'ମୌଳିକ ଶିକ୍ଷା' ଶବ୍ଦ ରଖାଗଲା । ମୋର ବିଜୟ ହେଲା । (ଏହି ଶେଷ ଅଂଶ ମୁଁ ବକ୍ତୃତାରେ କହି ନ ଥିଲି)

ମୌଳିକ-ଶିକ୍ଷା-ପଦ୍ଧତି ହିଁ ଏକମାତ୍ର ନୀତି ଯାହାର ଅନୁସରଣ ଫଳରେ ବ୍ୟଷ୍ଟି ତଥା ସମଷ୍ଟିର ଏବଂ ବ୍ୟକ୍ତି ତଥା ଜାତିର ପ୍ରଭୂତ ମଙ୍ଗଳ ହେବ । କିନ୍ତୁ ଯେଉଁମାନେ ଏ ପଦ୍ଧତିର ଅତ୍ୟନ୍ତ ପକ୍ଷପାତୀ ଓ ପୃଷ୍ଠପୋଷକ ବୋଲି ଭାବନ୍ତି ସେମାନଙ୍କର ଅହଂକାର ଓ ତତ୍‌ଜନିତ କେତେକ ଜିଦ୍ ଯୋଗୁଁ ଏ ପ୍ରଣାଳୀ ଆଦୃତ ହେବା ପରିବର୍ତ୍ତେ କ୍ରମଶଃ ଅନାଦୃତ ହେଲା । ବିଦ୍ୟାଳୟମାନଙ୍କରେ ଅତି ଶ୍ରେଷ୍ଠ ଶ୍ରେଷ୍ଠ ପିଲାମାନଙ୍କୁ ତାକୁଡ଼ିରେ ସୂତା କଟାଇବାଠାରୁ ଆରମ୍ଭ କରି ଖଦୀ-ପ୍ରସ୍ତୁତି ଏବଂ ଖଦୀ-ଅର୍ଥନୀତିର ଜଟିଳ ସମସ୍ୟାମାନ ତାଙ୍କ ଆଗରେ ଉପସ୍ଥାପିତ କରି ବୁଝାଇବାଦ୍ୱାରା ତାହା ଶିଶୁମାନଙ୍କ ପକ୍ଷରେ ଯେପରି ଶୁଷ୍କ, ନୀରସ ଏବଂ କଠିନ ପାଠ୍ୟ ବିଷୟ ହେଲା, ମୌଳିକ ବିଦ୍ୟାଳୟ ଓ ମୌଳିକ ଶିକ୍ଷକମାନଙ୍କ ପ୍ରତି ଅନୁଗ୍ରହପୂର୍ଣ୍ଣ ଏବଂ ପକ୍ଷପାତ ବିଚାର ଯୋଗୁଁ ଅବୁଝା ଶିକ୍ଷିତ ବ୍ୟକ୍ତିଙ୍କ ପକ୍ଷରେ ସେହିପରି ଅସହ୍ୟ ହେଲା । ତେଣୁ ହେଲା ଘୋର ବିରୋଧ ! ଏଣେ ଗାନ୍ଧୀଜୀଙ୍କର ତିରୋଧାନ ପରେ ଉକ୍ତ ନୀତି ପ୍ରେରଣା-ବିହୀନ ହୋଇ ନିର୍ଜୀବ ହେଲା । ବିନୋବାଜୀ ଏ ବିଷୟରେ କେବଳ ବକ୍ତୃତାମାଳା ପ୍ରଦାନ କରୁଥାନ୍ତି । କିନ୍ତୁ

Digitized by PPRACHIN, SOA

ରାଜ୍ୟ ସରକାରମାନଙ୍କର ଏହି ପଦ୍ଧତି ଏବଂ ନୀତି ପ୍ରତି ବିରୋଧ ଭାବ ପୋଷଣ କରିବାରେ ତାଙ୍କର ସମୟ କିମ୍ବା ସାହସ ନ ଥିଲା ପରି ଜଣା ପଡ଼ୁଥାଏ ; ଯେହେତୁ ସେ ତାଙ୍କର ଭୂଦାନ ଓ ଗ୍ରାମ-ଦାନ କାର୍ଯ୍ୟରେ ନିଜକୁ ଅତ୍ୟନ୍ତ ବ୍ୟସ୍ତ ରଖି ସରକାରୀ ସାହାଯ୍ୟ ଗ୍ରହୁଥାନ୍ତି ।

ଉପର୍ଯ୍ୟୁକ୍ତ ସମସ୍ତ ଭାବନା, ଯୁକ୍ତି ଏବଂ ନୀତିକୁ ଭଲ ମନ୍ଦ ଉଭୟ ବିଚାର କରି ମୁଁ ନାନା ଶିକ୍ଷା-ନୀତିମାନଙ୍କ ମଧ୍ୟରୁ ମୌଳିକ ଶିକ୍ଷା-ନୀତି ଏବଂ ପଦ୍ଧତି ଆମ ଦେଶ ତଥା ବିଶ୍ୱର ପ୍ରଭୂତ କଲ୍ୟାଣ ଏବଂ ମଙ୍ଗଳ କରିବ ବୋଲି ଅନ୍ତରର ସହିତ ହୃଦୟଙ୍ଗମ କରି ସଭା ସମିତିରେ ଭାଷଣ ଦିଏ ଏବଂ ବିଶେଷତଃ ଏହି ଯୁଗ୍ମ-ଗସ୍ତ ସମୟରେ ଅତି ପ୍ରାଞ୍ଜଳ ଭାବରେ ଲୋକଙ୍କୁ ବୁଝାଉଥିଲି । ମୁଖ୍ୟ ମନ୍ତ୍ରୀ ଶ୍ରୀ ଚୌଧୁରୀ ଏବଂ ତାଙ୍କ ସହଧର୍ମିଣୀ ଶ୍ରୀମତୀ ମାଳତୀ ଚୌଧୁରୀ ଏହି ଗସ୍ତର ଶେଷରେ ମୋତେ କହିଲେ ଯେ, ମୋ ପ୍ରତି ସେମାନଙ୍କର ସନ୍ଦେହ ଦୂର ହେଲା । ସେମାନେ ଆହୁରି ପୁଣି କହିଲେ ଯେ, ମୁଁ ଏହି ମୌଳିକ-ଶିକ୍ଷା-ନୀତି ଏବଂ ପଦ୍ଧତିକୁ ଯେଉଁ ପରିମାଣରେ ହୃଦୟଙ୍ଗମ କରି ଏହାର ମାନବିକ ଏବଂ ସାମାଜିକ ତତ୍ତ୍ୱ ଲୋକଙ୍କୁ ଯେପରି ସରଳ ଭାବରେ ବୁଝାଇଲି ତାହା ସେମାନେ ଅନ୍ୟତ୍ର ଶୁଣି ନାହାନ୍ତି । କିନ୍ତୁ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓ ଶ୍ରୀମତୀ ମାଳତୀ ଦେବୀ ଏବଂ ତାଙ୍କ କୁଟୁମ୍ବର ସ୍ୱର୍ଗତ ପୁଣ୍ୟାତ୍ମା ଗୋପବନ୍ଧୁ ଚୌଧୁରୀ ଓ ଶ୍ରୀମତୀ ରମା ଦେବୀ ପ୍ରଭୃତି ପରିବାରର ସମସ୍ତ ବ୍ୟକ୍ତି ଗାନ୍ଧୀ-ଦର୍ଶନର ସ୍ତାବକ ଏବଂ ଅନୁଗାମୀ ହୋଇଥିଲେ ସୁଦ୍ଧା ଏବଂ ଶ୍ରୀ ନବକୃଷ୍ଣ ଚୌଧୁରୀ ଏକାଦିକ୍ରମେ ଓଡ଼ିଶାର ସାତବର୍ଷ ମୁଖ୍ୟମନ୍ତ୍ରୀ ହୋଇଥିଲେ ମଧ୍ୟ ଏ ମୌଳିକ ନୀତିରେ ଯେଉଁ ପରିମାଣରେ ଶିକ୍ଷା ପ୍ରଚଳନ କରାଇପାରିଥାନ୍ତେ ତାହା କରାଇ ପାରିଲେ ନାହିଁ । କରି ନ ପାରିବାର କାରଣ କଂଗ୍ରେସ ଓ କଂଗ୍ରେସ ବାହାରୁ ବିରୋଧ, ସମାଲୋଚନା, ଅର୍ଥାଭାବ ଏବଂ ଉପଯୁକ୍ତ ଶିକ୍ଷକର ଅଭାବ । କେବଳ ଓଡ଼ିଶାରେ ନୁହେଁ, ସମଗ୍ର ଭାରତ ବର୍ଷରେ ଏହି ଦଶା । ବ୍ରିଟିଶ୍ ଅମଳର ଶିକ୍ଷା ନୀତିକୁ ଗ୍ରହଣ କରି ଛତୁ ଫୁଟିଲା ଭଳି ବହୁ ସଂଖ୍ୟାରେ ସ୍କୁଲ କଲେଜ ଖୋଲି ଚାକିରୀ ଉଦ୍ଦେଶ୍ୟରେ ବହୁ ଶିକ୍ଷିତ ବ୍ୟକ୍ତି ଉତ୍ପାଦନ କରିବାରୁ ଆଜି ଦେଶରେ ଶିକ୍ଷିତ ବେକାରଙ୍କର ହାହାକାର ଓ ବିଦ୍ରୋହର ସୂଚନା । ମୌଳିକ ଶିକ୍ଷା ପ୍ରଚଳିତ ଏବଂ କାର୍ଯ୍ୟକାରୀ ହୋଇଥିଲେ ଆଜି ଭାରତର ଯୁବ-ଶକ୍ତିର

Digitized by PPRACHIN, SOA

ମନୋଭାବ ଆତ୍ମ-ନିର୍ଭରଶୀଳ ଏବଂ ଉତ୍ପାଦନଅଭିମୁଖୀ ହୋଇ ସମାଜକୁ ସୁଖୀ, ସନ୍ତୁଷ୍ଟ, ସମୃଦ୍ଧ ଏବଂ ଶୃଙ୍ଖଳିତ କରାଇ ପାରିଥାନ୍ତା ।

୧୯୪୬ଠାରୁ ୧୯୫୨ ପର୍ଯ୍ୟନ୍ତ ମନ୍ତ୍ରୀ ହିସାବରେ ୬ ବର୍ଷ ମଧ୍ୟରେ ଦୈନନ୍ଦିନ ଫାଇଲ କାମକୁ ଛାଡ଼ିଦେଲେ ମୋର ମୁଖ୍ୟ ସଂଗଠନ କାର୍ଯ୍ୟ ଥିଲା ଗ୍ରାମ୍ୟପଞ୍ଚାୟତ ସ୍ଥାପନ ଓ ମୌଳିକ ଶିକ୍ଷା ଉଦ୍ଦେଶ୍ୟରେ ଜନମତ ସୃଷ୍ଟି କରିବା । ଏ ସମ୍ପର୍କରେ ପୂର୍ବବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ମୁଁ ବର୍ଣ୍ଣନା କରିଛି ।

ପ୍ରଥମ ସାଧାରଣ ନିର୍ବାଚନ

୧୯୫୨ ଡିସେମ୍ବର-ଜାନୁଆରୀ ମାସରେ ଭାରତର ପ୍ରଥମ ସାଧାରଣ ନିର୍ବାଚନ ହେଲା । କଂଗ୍ରେସର ସେତେବେଳକୁ ଅଖଣ୍ଡ ପ୍ରଭାବ, ଖ୍ୟାତି ଏବଂ କ୍ଷମତା ଥିଲା । ଆଜିକାଲି ପରି ଦଳ ଭିତରେ ଏତେ ପରିମାଣରେ ଦୁର୍ନୀତି ପ୍ରବେଶ କରି ପାରି ନ ଥିଲା । ନିର୍ବାଚନ ହେଲା । କଂଗ୍ରେସ ୧୪୦ ଯାକ ସ୍ଥାନରେ ପ୍ରାର୍ଥୀ ଠିଆ କରାଇଥିଲା । ତନ୍ମଧ୍ୟରୁ କେବଳ ୬୬ଟି ସ୍ଥାନରେ କଂଗ୍ରେସ ଜୟଯୁକ୍ତ ହେଲା । କଂଗ୍ରେସ ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିବାର କାରଣ ହେଉଛି ଯେ କେତେ ଜଣେ ଦୁଇଜଣ ନେତା ଆଶଙ୍କା କଲେ ଯେ ଅମୁକ ଅମୁକ ପ୍ରାର୍ଥୀମାନେ ଜିତିଲେ ସେମାନେ ଉକ୍ତ ନେତା-ମାନଙ୍କର ବୋଲକରା ହେବେ ନାହିଁ । ତେଣୁ ସେହି ପ୍ରାର୍ଥୀଙ୍କ ବିରୋଧରେ ସମାନ୍ତରାଳ ଭାବେ ସ୍ୱାଧୀନ ପ୍ରାର୍ଥୀମାନଙ୍କୁ ଠିଆ କରାଇବାରୁ ଅନୁଷ୍ଠାନ ତରଫରୁ ଠିଆ ହୋଇଥିବା କେତେକ ପ୍ରାର୍ଥୀ କିମ୍ବା ନେତାଙ୍କର ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଜିତି ପାରିଲେ ନାହିଁ । ତେଣୁ ଆସେମ୍ବ୍ଲିରେ କଂଗ୍ରେସର ହେଲା ସଂଖ୍ୟା-ନ୍ୟୁନତା । ଆଦିବାସୀ କଂଗ୍ରେସ ତରଫରୁ ୫ ଜଣ ଜିତିଥିଲେ । ସେମାନଙ୍କର ଓ ଅନ୍ୟ କେତେକ ସ୍ୱାଧୀନ ସଭ୍ୟଙ୍କର ସମର୍ଥନରେ କଂଗ୍ରେସ ଶାସନ ଗଢ଼ିଲା ।

Digitized by PPRACHIN, SOA

ମନ୍ତ୍ରୀତ୍ୱର ବାହାରେ

ଏହି ନିର୍ବାଚନରେ ତତ୍‌କାଳିକ ଗଣତନ୍ତ୍ର-ଦଳର ପ୍ରାର୍ଥୀ (ବର୍ତ୍ତମାନ ଉକ୍ତ ଗଣତନ୍ତ୍ର ଦଳ ସ୍ୱତନ୍ତ୍ର ଦଳରେ ପରିଣତ ହୋଇଛି) ତାଳଚେର ପଞ୍ଚାୟତ (ତତ୍କାଳିକ ରାଜାଙ୍କ ସାନଭାଇ) ଏବଂ ସୋସାଲିଷ୍ଟ ପାର୍ଟିର ପ୍ରାର୍ଥୀ ଶ୍ରୀ ଧୂଳେଶ୍ୱର ବହିଆଙ୍କ ବିରୋଧରେ ତାଳଚେର ଆସେମ୍ବ୍ଲି-ନିର୍ବାଚନ-ମଣ୍ଡଳୀରେ ମୁଁ କଂଗ୍ରେସ ପ୍ରାର୍ଥୀଭାବେ ଠିଆ ହୋଇ ଜୟଯୁକ୍ତ ହୋଇଥିଲି । ଏଥର ମନ୍ତ୍ରୀମଣ୍ଡଳରେ ମୁଁ ସ୍ଥାନ ପାଇ ପାରିଲି ନାହିଁ । ଏହାର କାରଣ ସ୍ୱରୂପ ଦଳରେ କୁହା ଗଲା ଯେ, ଗଡ଼ଜାତ ଅଞ୍ଚଳରୁ ଖୁବ୍ କମ୍ ସଂଖ୍ୟାରେ ପ୍ରାର୍ଥୀ ଜିତିଲେ । ମୁଁ ମୋର ପ୍ରଭାବ ଖଟାଇ ଆଶାନୁରୂପ ସଭ୍ୟ ଜିତାଇ ପାରିଲି ନାହିଁ । କିନ୍ତୁ ମୋର ପକ୍ଷପାତି କଂଗ୍ରେସ ଲୋକେ ଏବଂ ଆସେମ୍ବ୍ଲି ସଭ୍ୟମାନେ ମୁଖ୍ୟମନ୍ତ୍ରୀ ଏବଂ ଦଳର ଅନ୍ୟାନ୍ୟ ମୁଖ୍ୟ ବ୍ୟକ୍ତିଙ୍କୁ ଦର୍ଶାଇ ଥିଲେ ଯେ କୋରାପୁଟ ଜିଲ୍ଲାର ୧୨ଟି ଆସେମ୍ବ୍ଲି ସ୍ଥାନ ମଧ୍ୟରୁ କଂଗ୍ରେସ କେବଳ ୪ଟି ସ୍ଥାନରେ ଜିତିଲା ଏବଂ ଗଞ୍ଜାମ ଜିଲ୍ଲାର ୧୬ଟି ସ୍ଥାନ ମଧ୍ୟରୁ କଂଗ୍ରେସ କେବଳ ୪ଟି ସ୍ଥାନରେ ସଫଳ ହେଲା । ତଥାପି ଉକ୍ତ ଦୁଇ ଜିଲ୍ଲାରୁ ଯେତେବେଳେ କେହି କେହି ଉକ୍ତ ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇଲେ ଢେଙ୍କାନାଳ ଜିଲ୍ଲା ବିଶେଷତଃ ଗଡ଼ଜାତ ଅଞ୍ଚଳରୁ ପବିତ୍ର ବାବୁ କାହିଁକି ସ୍ଥାନ ନ ପାଇବେ ବୋଲି ଦାବୀ ଏବଂ ପ୍ରଶ୍ନ ହେଉଥାଏ । ଦଳପତି ଏବଂ ନେତାମାନଙ୍କ ପାଇଁ ଏହି ପ୍ରଶ୍ନ ନିମନ୍ତେ କୌଣସି ଉତ୍ତର ନ ଥାଏ । ମୁଁ ମନ୍ତ୍ରୀମଣ୍ଡଳରେ ସ୍ଥାନ ନ ପାଇବାରୁ କଂଗ୍ରେସ ଦଳ ଭିତରେ ଘୋର କନ୍ଦଳ ଜାତ ହେଲା । ମୋ ପ୍ରତି ବିଶେଷତଃ ଗଡ଼ଜାତ ଅଞ୍ଚଳ ପ୍ରତି ଘୋର ଅନ୍ୟାୟ ହେଲା ବୋଲି ଲୋକଙ୍କର ଧାରଣା ହେଲା । ଭୂ-ସଂସ୍କାର, ଗ୍ରାମୋଦ୍ୟୋଗ ଏବଂ କୁଟୀର ଶିଳ୍ପ ସଂପର୍କରେ ଡ଼: ମହତାବ ଏବଂ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସଙ୍ଗେ ମୋର ମତଦ୍ୱୈଧ ଥିଲା । ଅଧିକନ୍ତୁ ମୁଁ ଉକ୍ତ ନେତାମାନଙ୍କର ସମସ୍ତ କାର୍ଯ୍ୟକୁ ପସନ୍ଦ କରିପାରୁ ନ ଥିଲି । ତେଣୁ ନେତା ହିସାବରେ ସେମାନେ ନାନା ବିଷୟ ଏବଂ ସମସ୍ୟାରେ ପୃଥକ ମତଧାରୀ ମୋ ସଦୃଶ ଜଣେ ବ୍ୟକ୍ତିକୁ ମନ୍ତ୍ରୀମଣ୍ଡଳରେ ସ୍ଥାନ ଦେଇ ବାଧାବିଘ୍ନ, ବାଦ-ପ୍ରତିବାଦ ଓ ସମାଲୋଚନାର ପାତ୍ର କାହିଁକି ବା ହୁଅନ୍ତେ ।

Digitized by PPRACHIN, SOA

ମନ୍ତ୍ରୀମଣ୍ଡଳରେ ସ୍ଥାନ ନ ପାଇଲେ ସୁଦ୍ଧା ମୁଁ ତିଳେମାତ୍ର ବିଚଳିତ କିମ୍ବା ବ୍ୟଥିତ ହେବାର ବ୍ୟକ୍ତି ନୁହେ । ସାଙ୍ଗ, ସାଥୀ, ଦଳର ବହୁ ବ୍ୟକ୍ତି ଏବଂ ଗଡ଼ଜାତ ଅଞ୍ଚଳର ଏମ୍. ଏଲ୍. ଏ. ଓ ନେତୃବୃନ୍ଦ ମୋ ପାଇଁ ଭାରି ବ୍ୟଥିତ ହୋଇ ଦଳ ଭିତରେ ବାଦ-ପ୍ରତିବାଦ ଓ ସମାଲୋଚନା କରିବାକୁ ଇଚ୍ଛା କଲେ । ମୁଁ ସେମାନଙ୍କୁ ଉକ୍ତ କାର୍ଯ୍ୟରୁ କ୍ଷାନ୍ତ କରାଇଲି । ମୁଁ ଭାବୁଥାଏ ଯେ ମୁଁ ମନ୍ତ୍ରୀ ହେଲେ ମୋର ସମାଜରେ ଯେଉଁ ପ୍ରଭାବ ହେବ ଏବଂ ହୁଏ, ମନ୍ତ୍ରୀ ନ ହେଲେ ତାହା ୨ ଗୁଣ ହେବ । ସେଥିପାଇଁ ଦେଶ ସେବା ଓ ଜାତି ଗଠନ ନିମନ୍ତେ ସାଧୁତା, ଆନ୍ତରିକତା, ମାନବିକତା ଓ ନିଷ୍ଠାପୂତା ଦରକାର । ଏହି ସବୁ ଗୁଣକୁ ମୁଁ ମୋ ହୃଦୟରେ ଉତ୍ତମ ରୂପେ ସ୍ଥାନ ଦେଇ ଭଗବାନଙ୍କୁ ସାକ୍ଷୀ ରଖି ମୋର କର୍ତ୍ତବ୍ୟ କରିବି । ଏଥିରେ ମୁଁ ସୁଖୀ ଏବଂ ସନ୍ତୁଷ୍ଟ ହେବି । ମୋର ପକ୍ଷପାତି ବନ୍ଧୁ ଓ ସାଙ୍ଗ-ସାଥୀମାନେ ଏହା ବୁଝିଲେ । ସେମାନେ ନୀରବ ଏବଂ ଶାନ୍ତ ରହିଲେ ।

ବର୍ତ୍ତମାନ ଜଣେ ନିଷ୍ଠାପର କର୍ମୀ ହିସାବରେ ଜନତା ମଧ୍ୟରେ ରଚନାତ୍ମକ କାର୍ଯ୍ୟ କରିବାରେ ନିଜକୁ ମଗ୍ନ ରଖିଲି । ମନ୍ତ୍ରୀ ପଦରୁ ମୁକ୍ତି ପାଇ ଦେଖିଲି ମୋର ଯଥେଷ୍ଟ ସମୟ ଅଛି । ଶାରୀରିକ ଏବଂ ମାନସିକ ଶକ୍ତିର ତ ଅଭାବ ନାହିଁ । ତେଣୁ ଉତ୍ତମ ଏବଂ ଆଦର୍ଶ କାର୍ଯ୍ୟ ନିଶ୍ଚୟ କରିବି ଏବଂ କରାଇବି ବୋଲି ଦୃଢ଼ପ୍ରତିଜ୍ଞ ହେଲି । ଆମ ଧର୍ମ ଏବଂ ସଂସ୍କୃତି ଅନୁସାରେ ୪ଟି କାର୍ଯ୍ୟ କଲେ କୀର୍ତ୍ତି ଏବଂ ଖ୍ୟାତି ସଙ୍ଗେ ସଙ୍ଗେ ଧର୍ମ ଓ ପୁଣ୍ୟ ମଧ୍ୟ ଅର୍ଜନ କରାଯାଏ । ସେଗୁଡ଼ିକ ହେଉଛି, (୧) କୂପ ଓ ଜଳାଶୟ ଖନନ, ଅର୍ଥାତ୍ ସ୍ନାନ, ପାନ ଓ ସେଚନ ନିମନ୍ତେ ଜଳର ବ୍ୟବସ୍ଥା ; (୨) ଛାୟା ଏବଂ ଫଳପ୍ରଦ ବୃକ୍ଷ ରୋପଣ ; (୩) ଧର୍ମଶାଳା, ପାନ୍ଥଶାଳା ଓ ଦେଉଳ-ମନ୍ଦିର ନିର୍ମାଣ ଏବଂ (୪) ବିଦ୍ୟାଦାନ ଓ ଅନ୍ନସଂସ୍ଥାନର ବ୍ୟବସ୍ଥା । ମୁଁ ଭାବିଲି ପୂର୍ବେ ଲୋକେ ସ୍ୱ-ଉପାର୍ଜିତ ସମ୍ପତ୍ତି ଖର୍ଚ୍ଚ କରି ଉକ୍ତ କାର୍ଯ୍ୟମାନ କରି କୀର୍ତ୍ତି ଏବଂ ଖ୍ୟାତି ଅର୍ଜନ କରୁଥିଲେ ଏବଂ ବର୍ତ୍ତମାନ ମଧ୍ୟ କେହି କେହି କରୁଛନ୍ତି ! ତେବେ ଉଭୟ ସରକାରୀ ଏବଂ ବେ-ସରକାରୀ ଅର୍ଥ ଓ ପରିଶ୍ରମରେ ଉପରୋକ୍ତ କାର୍ଯ୍ୟମାନ କାହିଁକି ନ ହେବ ? ଏ ସବୁ ମୁଁ ନିଶ୍ଚୟ କରିବି ଏବଂ କରାଇବି ।

Digitized by PPRACHIN, SOA

୧ । ବନ୍ୟା ନିୟନ୍ତ୍ରଣ ଓ ଜଳସେଚନ

ବନ୍ୟା ନିୟନ୍ତ୍ରଣ ଏବଂ ଜଳସେଚନ ପରସ୍ପର ଆପେକ୍ଷିକ ଓ ପରିପୂରକ ଅଟନ୍ତି । ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥାଦ୍ୱାରା ଜଳସେଚନ ଏବଂ ଜଳସେଚନ ବ୍ୟବସ୍ଥାଦ୍ୱାରା ବନ୍ୟା ନିୟନ୍ତ୍ରଣ କରାଯାଇପାରିବ । ଇଂଜିନିୟରମାନେ ଏ ବିଷୟଟି ଆଂଶିକ ଗ୍ରହଣ କଲେ ସୁଦ୍ଧା ପୂରାପୂରି ଗ୍ରହଣ କରନ୍ତି ନାହିଁ । ପ୍ରାକୃତିକ ଭୂଗୋଳ ଦୃଷ୍ଟିରୁ ଓଡ଼ିଶାକୁ ୩ ଭାଗରେ ବିଭକ୍ତ କରାଯାଇପାରେ । ୧—ପାର୍ବତ୍ୟ ଏବଂ ଅଧିତ୍ୟକା ଅଞ୍ଚଳ; ୨—ପର୍ବତ ଏବଂ ସମତଳ ମିଶ୍ରିତ ଉଚ୍ଚନୀଚ ଅଞ୍ଚଳ ଏବଂ ୩—ସମତଳ ବା ଉପକୂଳ ଅଞ୍ଚଳ । ଓଡ଼ିଶାରେ ହାରାହାରି ବର୍ଷା ପରିମାଣ ବର୍ଷକୁ ୫୦ ଠାରୁ ୬୦ ଇଞ୍ଚ ହେଉଥିଲେ ସୁଦ୍ଧା ପ୍ରଥମ ୨ଟି ଅଞ୍ଚଳର ସମସ୍ତ ପାଣି ୩ୟ ଅଞ୍ଚଳ ଦେଇ ହଠାତ୍ ସମୁଦ୍ରକୁ ଚାଲିଯାଏ । ଫଳତଃ ପ୍ରଥମ ଦୁଇଟି ଅଞ୍ଚଳରେ ଏବଂ ସମୟେ ସମୟେ ୩ୟ ଅଞ୍ଚଳରେ ଜଳ ଅଭାବରୁ ଧାନ ମରୁଡ଼ି ସଙ୍ଗେ ଉପକୂଳ ଅଞ୍ଚଳମାନଙ୍କରେ ବନ୍ୟା ହୋଇ ଲୋକଙ୍କର ସର୍ବନାଶ କରେ । ତେଣୁ ମୋର କଳ୍ପନା ଯେ ବର୍ଷା ଜଳକୁ ପାର୍ବତ୍ୟ ଏବଂ ଉଚ୍ଚ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ବିଭିନ୍ନ ଉପାୟରେ ଜଳଭଣ୍ଡାର ନିର୍ମାଣ ପୂର୍ବକ ସଞ୍ଚୟ କରି ରଖିଲେ ବନ୍ୟା କମ ହେବ । ଉକ୍ତ ପାର୍ବତ୍ୟ ଅଞ୍ଚଳମାନଙ୍କରେ ଉପଯୁକ୍ତ ସ୍ଥାନମାନଙ୍କରେ କଟା ଏବଂ ମୁଣ୍ଡା ବନ୍ଧାଇ ଓ ପୋଖରୀ ଖୋଳାଇ ବର୍ଷା ଜଳକୁ ଆବଦ୍ଧ କରି ରଖିବା ଉଚିତ । ନାଳ ପାଣି ନଦୀକୁ ଏବଂ ନଦୀ ପାଣି ସମୁଦ୍ରକୁ ବହି ଯାଇ ବାଟରେ ସମତଳ ଅଞ୍ଚଳରେ ବନ୍ୟା ସୃଷ୍ଟି କରିବା ପୂର୍ବରୁ ପାର୍ବତ୍ୟ ଏବଂ ଉଚ୍ଚ ଅଞ୍ଚଳରେ ଯେଉଁଠାରେ ଯେତେ ଶ୍ରେଷ୍ଠ ବଡ଼ ନାଳ, ଯୋଡ଼, ଝରଣା ଏବଂ କ୍ଷୁଦ୍ର ମଧ୍ୟମ ଧରଣର ନଦୀ ଅଛି ସେ ସବୁକୁ ବାନ୍ଧି ଜଳ ଭଣ୍ଡାର କରି ରଖିଦେଲେ ବର୍ଷା ସମୟରେ ଉପକୂଳ ଅଞ୍ଚଳରେ ବନ୍ୟା ବହୁ ପରିମାଣରେ ଆୟତ୍ତ ହେବ । ଏହା ଫଳରେ ପାର୍ବତ୍ୟ, ବିଶେଷତଃ ସମ୍ବଲପୁର, କୋରାପୁଟ, ଫୁଲବାଣୀ ଜିଲ୍ଲା ସମେତ ସମସ୍ତ ଗଡ଼ଜାତ ଜିଲ୍ଲାମାନଙ୍କରେ ଜଳସେଚନର ପ୍ରଚୁର ବ୍ୟବସ୍ଥା ସଙ୍ଗେ ସଙ୍ଗେ ଉପକୂଳ ଏବଂ ସମତଳ ଅଞ୍ଚଳକୁ ବନ୍ୟା ଦାଉରୁ ରକ୍ଷା କରାଯାଇ ପାରିବ । ତେଣୁ ପ୍ରତ୍ୟେକ ବଡ଼ ବଡ଼ ନଦୀରେ ବୃହତ୍ ଜଳ ଭଣ୍ଡାର ନିର୍ମାଣ

Digitized by PPRACHIN, SOA

କରି ଲକ୍ଷ ଲକ୍ଷ ଲୋକଙ୍କୁ ବୁଡ଼ାଇ ମାରିବା କାମ ଦରକାର ହେବ ନାହିଁ । ଉପକୂଳ ଅଞ୍ଚଳର ଜଳସେଚନ ବ୍ୟବସ୍ଥା ନିମନ୍ତେ ଉପଯୁକ୍ତ ସ୍ଥାନ (site) ରେ ବଡ଼ ବଡ଼ ନଦୀମାନଙ୍କରେ ଉଚ୍ଚ ଆନିକଟ ବା ବାରେଜ କରାଯାଆନ୍ତା । ଅତ୍ୟନ୍ତ ନିମ୍ନ ଅଞ୍ଚଳମାନଙ୍କ ଜଳସେଚନ ନିମନ୍ତେ ପ୍ରଚୁର ପରିମାଣରେ ଉଠା ଜଳସେଚନର ବ୍ୟବସ୍ଥା ହୁଅନ୍ତା । ଉଚ୍ଚ ଅଞ୍ଚଳ ପାଇଁ ମଧ୍ୟ ଏହି ବ୍ୟବସ୍ଥା ହେବା ଦରକାର । ଏହିପରି ନୀତି ଅବଲମ୍ବନ କଲେ ଓଡ଼ିଶାର ସବୁ ଅଞ୍ଚଳ ନିମନ୍ତେ ଜଳସେଚନର ବ୍ୟବସ୍ଥା ସଙ୍ଗେ ବନ୍ୟା ନିୟନ୍ତ୍ରଣ କରାଯାଇପାରନ୍ତା । ଓଡ଼ିଶାରେ ବିଜୁଳି ଶକ୍ତି ଉତ୍ପାଦନ ନିମନ୍ତେ ବଡ଼ ନଦୀମାନଙ୍କୁ ବନ୍ଧାଇବା ଦରକାର ନାହିଁ । ଏଥିପାଇଁ ଥର୍ମାଲ ଷ୍ଟେସନ କରି ତାହା ଉତ୍ପାଦନ କରାଯାଇପାରେ । ବିଶେଷତଃ ପାର୍ବତୀୟ ଅଞ୍ଚଳରେ କେତେକ ନଦୀ ବନ୍ଧାଇ ବିଜୁଳି ଶକ୍ତି ଉତ୍ପାଦନ ବହୁତ ପରିମାଣରେ କରା-ଗଲେ ଅଳ୍ପ ଲୋକ ଜଳମଗ୍ନ ହୋଇ ପାରନ୍ତି ଏବଂ ଉକ୍ତ ଅଳ୍ପ ଲୋକଙ୍କୁ ଜଳଭଣ୍ଡାରର ପାଦଦେଶରେ ଜମିବାଡ଼ି ଓ ଗୃହବାସ ଏବଂ ବାଣିଜ୍ୟ ବ୍ୟବସାୟର ବନ୍ଦୋବସ୍ତ କରି ଥଇଥାନ କରାଯାଇ ପାରେ । ତେଣୁ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କର ଟିକରପଡ଼ା ଯୋଜନାକୁ ମୁଁ ପସନ୍ଦ କରେ ନାହିଁ । ମୁଁ ଇନ୍ଦ୍ରାବତୀ ଯୋଜନାକୁ ପୂର୍ଣ୍ଣ ସମର୍ଥନ କରେ ; କାରଣ ଅଳ୍ପ ଖର୍ଚ୍ଚରେ ଏବଂ ଖୁବ୍ ଅଳ୍ପ ଲୋକ ଜଳମଗ୍ନ ହୋଇ ଅନ୍ୟୂନ ୬ ଲକ୍ଷ କିଲୋୱାଟ୍ ବିଜୁଳି ଶକ୍ତି ଉତ୍ପାଦନ କରାଯାଇପାରେ । ବନ୍ୟା ନିୟନ୍ତ୍ରଣ, ଜଳସେଚନ ଏବଂ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ମୋର ଏହି ଭାବନା ଏବଂ ପରିକଳ୍ପନା ।

ଓଡ଼ିଶା ଚିରଦିନ ବନ୍ୟା ଏବଂ ମରୁଡ଼ିର ଶୀକାର ହୋଇ ମୁମୂର୍ଷୁ ଅବସ୍ଥାକୁ ଆସି ଗଲଣି । ଏହି ସମସ୍ୟା ଦୂର କରିବାକୁ କେବଳ ସରକାର କ୍ଷମ ହେବେ । ବନ୍ୟା ନିୟନ୍ତ୍ରଣ ବ୍ୟକ୍ତି କିମ୍ବା ଯୌଥ ଚେଷ୍ଟାରେ ସମ୍ଭବପର ନୁହେଁ । ଏହା ପୁରାପୁରି ସରକାରଦ୍ୱାରା କାର୍ଯ୍ୟାନ୍ୱିତ ହେବ । କିନ୍ତୁ ମରୁଡ଼ିର ପ୍ରତିକାର ନିମନ୍ତେ ସରକାର ଏକାକୀ ସକ୍ଷମ ହୋଇ ପାରିବେ ନାହିଁ । ସେଚନ ଉଦ୍ଦେଶ୍ୟରେ ଦେଶର ପ୍ରତ୍ୟେକ ବ୍ୟକ୍ତିର ପ୍ରତ୍ୟେକ କ୍ଷେତକୁ ଜଳ ଯୋଗାଇବା ସରକାରଙ୍କ ପକ୍ଷରେ ଯେପରି ଅର୍ଥସାପେକ୍ଷ ତଦପେକ୍ଷା ଅଧିକତର ସମୟସାପେକ୍ଷ ଅଟେ । ଓଡ଼ିଶାର ପ୍ରତ୍ୟେକ ଗ୍ରାମର ପ୍ରତ୍ୟେକ ପତ୍ତନ (level)କୁ ଜଳ ଉଠାଇ ସେଚନ ବନ୍ଦୋବସ୍ତ କରିବାକୁ ହେଲେ

Digitized by PPRACHIN, SOA

ସରକାରଙ୍କୁ ଅନ୍ୟୂନ ୬୦।୭୦ ବର୍ଷ ଲଗିବ । କିନ୍ତୁ ପ୍ରତ୍ୟେକ ବ୍ୟକ୍ତି କିମ୍ବା ଗ୍ରାମ ଯଦି ନିଜ ନିଜର ବା ଗ୍ରାମର ଜମିକୁ ଜଳ ଯୋଗାଇବା ନିମନ୍ତେ ବ୍ୟକ୍ତି-ଗତ କିମ୍ବା ଗୋଷ୍ଠୀଗତ ଭାବେ ଚେଷ୍ଟା କରନ୍ତି ତାହା ହେଲେ ୧୫।୨୦ ବର୍ଷ ଭିତରେ ଏ କାର୍ଯ୍ୟ ସମାପ୍ତ ହେବ ଏବଂ ଓଡ଼ିଶାର ଆୟ ୪ ଗୁଣ ବଢ଼ିଯିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ବେକାରି ଓ ଅର୍ଦ୍ଧ-ବେକାରି ଦୂର ହୋଇଯିବ । ସେତେବେଳକୁ ୨ଟି ବିଭାଗଦ୍ୱାରା ଜଳସେଚନ କାର୍ଯ୍ୟାନ୍ୱିତ ହେଉଥିଲା । ୧ । ଜଳସେଚନ ବିଭାଗ ଦ୍ୱାରା ; ୨ । ରେଭିନ୍ୟୁ ବିଭାଗ ଦ୍ୱାରା । ଜଳସେଚନ ବିଭାଗ ବୃହତ୍ତର ଓ ମଧ୍ୟମ ଧରଣର ଯୋଜନାମାନ କାର୍ଯ୍ୟକାରୀ କରୁଥିଲେ । କ୍ଷୁଦ୍ର ଯୋଜନାସବୁ ରେଭିନ୍ୟୁ ବିଭାଗ ପରିଚାଳନା କରୁଥିଲେ । କ୍ଷୁଦ୍ର ଜଳସେଚନ ଯୋଜନାର ଖର୍ଚ୍ଚ ପାଇଁ ଗ୍ରାମବାସୀମାନଙ୍କୁ ଯୌଥ ଭାବରେ ଯୋଜନାର ଆଂଶିକ ଖର୍ଚ୍ଚ ପ୍ରଜା ଦେୟ ଭାବରେ ଦେବାକୁ ପଡ଼ୁଥିଲା । ଲୋକେ ଏହା ଦେବାକୁ ରାଜି ହେଉନଥିଲେ । ରାଜନୈତିକ ଦଳମାନେ, ବିଶେଷତଃ ତାତ୍କାଳିକ ଗଣତନ୍ତ୍ର ଦଳ ଓ ଅନ୍ୟାନ୍ୟ ବିରୋଧୀ ଦଳମାନେ ସଭା ସମିତି କରି ଗ୍ରାମବାସୀମାନଙ୍କୁ ବୁଝାଇ ମତାଉ ଥିଲେ ଯେ ସେମାନେ ଗ୍ରାମ-ଦେୟ ବା ପ୍ରଜା-ଦେୟ ଦେବେନାହିଁ କିମ୍ବା ଜଳକର ଦେବେନାହିଁ । ସରକାର ସମସ୍ତ ଜମିପାଇଁ ଆଶୁ ଜଳସେଚନର ବନ୍ଦୋବସ୍ତ କରି ଦିଅନ୍ତୁ ଏବଂ ବିନା ଜଳକରରେ ଜଳ ଯୋଗାଇ ଦିଅନ୍ତୁ ବୋଲି ବିରୋଧୀ ଦଳମାନେ ପ୍ରଚାର କରୁଥିଲେ । ତେଣୁ ଗ୍ରାମବାସୀମାନେ ପ୍ରଜାଦେୟ ମାଧ୍ୟମରେ ଜଳସେଚନର ଆଶୁ ସୁବିଧା ଉପଭୋଗ କରିବାକୁ ରାଜି ହେଉ ନ ଥିଲେ ।

ଏହିପରି ଅବସ୍ଥାରେ ମୁଁ ସମଗ୍ର ଓଡ଼ିଶାରେ ଗସ୍ତ କରି ସଭା ସମିତିମାନଙ୍କରେ ଜଳସେଚନର ଆଶୁ ବ୍ୟବସ୍ଥା ଏବଂ ତାର ସଦୁପଯୋଗ ବିଷୟରେ ବୁଝାଇ କିଛିଟା ପରିମାଣରେ ସଫଳତା ଲାଭ କଲି । ମୋର ସଘନ କର୍ମକ୍ଷେତ୍ର ଥିଲା ସମଗ୍ର ଢେଙ୍କାନାଳ ଜିଲ୍ଲା ଏବଂ ସମ୍ବଲପୁର ଓ କେନ୍ଦୁଝର ଜିଲ୍ଲାମାନଙ୍କର କିୟଦଂଶ ଅଞ୍ଚଳ । ବୁଝାଇଲା ପରେ ଲୋକେ ପ୍ରଜା-ଦେୟ ଦେଇ ନିଜେ କାମ କରିବାକୁ ଏବଂ କରାଇବାକୁ ରାଜି ହେଲେ । ଶହ ଶହ ଗ୍ରାମରେ ପୁରାତନ ପୋଖରୀମାନଙ୍କର ପଙ୍କ ଉଦ୍ଧାର ହୋଇଗଲା । ତାଳଚେର, ପାଲଲହଡ଼ା ଓ ହିନ୍ଦୋଳର କେତେକ ଅଞ୍ଚଳର ପ୍ରାୟ ସମସ୍ତ ପୋଖରୀର ପଙ୍କ ଉଦ୍ଧାର ହୋଇଗଲା । କେତେକ ଗ୍ରାମରେ ଛୋଟ ଛୋଟ

Digitized by PPRACHIN, SOA

ନାଳମାନଙ୍କୁ ବାନ୍ଧ ଜଳଭଣ୍ଡାର କରି କମ୍ବା ନାଳ ପାଣିକୁ କ୍ଷୁଦ୍ର କେନାଲ ବା ମାଡ଼ାବନ୍ଧରେ ଜମିକୁ ଆଣି ସେଚନର ବ୍ୟବସ୍ଥା ଲୋକମାନେ ନିଜେ କଲେ । ସରକାରୀ ସାହାଯ୍ୟ ମଧ୍ୟ ମିଳିଲା । ପୋଖରୀମାନଙ୍କରେ ଆଶାନୁରୂପ ପାଣି ରହିଲା । ଲୋକେ ଖୁବ କମରେ କେତେକ ଜମିରେ ଫସଲର ମରୁଡ଼ିରୁ ରକ୍ଷା ପାଇଲେ । ଯେଉଁ ବର୍ଷ ବର୍ଷା ପ୍ରଚୁର ହୁଏ ଉକ୍ତ ପୋଖରୀମାନଙ୍କର ପାଣି ବ୍ୟବହାର କରି ଶୀତ ଓ ଗ୍ରୀଷ୍ମକାଳୀନ ଫସଲ ଲୋକେ ଆମଦାନୀ କରୁଛନ୍ତି । ଏହି ସମୟ ମଧ୍ୟରେ ବିନା ସରକାରୀ ସାହାଯ୍ୟରେ ଅନ୍ୟୂନ ଏକ ହଜାର ପର୍ଯ୍ୟନ୍ତ କୂଅ ଖୋଳାଇବାରେ ମୁଁ ଲୋକଙ୍କୁ ପ୍ରବର୍ତ୍ତାଇ ସଫଳ ହୋଇଥିଲି ।

୨। ବୃକ୍ଷ ରୋପଣ ଓ ଜଙ୍ଗଲ ସଂରକ୍ଷଣ

ବୃକ୍ଷ ରୋପଣ ଏବଂ ବନ୍ୟସମ୍ପଦ ସଂରକ୍ଷଣ ମୋ ନିଜର ହବି (hobby) ବା ପ୍ରକୃତି । ବିନାକାରଣରେ ବୃକ୍ଷ ଛେଦନ ମହାପାପ ବୋଲି ମୋର ଧାରଣା । ଅବଶ୍ୟ ଜଙ୍ଗଲ ନିକଟରେ ଥିବା ଗ୍ରାମମାନଙ୍କର ଲୋକଙ୍କୁ ନିତ୍ୟ ବ୍ୟବହାର୍ଯ୍ୟ ଓ କୃଷି ଏବଂ ଗୃହୋପକରଣ ସାମଗ୍ରୀମାନ ଉଚିତ ରିହାତି ଦେଇ ଓ ମାସୁଲ ନେଇ ସରକାର ଯୋଗାଇଦେବାର କଥା । ସାଧାରଣ କୃଷକମାନେ ମଧ୍ୟ ଏହି ସୁବିଧା ପାଇବା ଦରକାର । ସମୟେ ସମୟେ ଲୋକେ ଜାଣି ଶୁଣି ଜଙ୍ଗଲ ଧ୍ୱଂସ କରିବାରେ ବେ-ଆଇନ କାମ କରନ୍ତି, କିନ୍ତୁ ଅନେକ ସମୟରେ ଏବଂ କ୍ଷେତ୍ରରେ ସରକାରୀ କର୍ମଚାରୀମାନେ ପ୍ରଜାଙ୍କୁ ନାନା ହଇରାଣ ହରକତ କରନ୍ତି । ଫଳିତ ଏବଂ ପୁଷ୍ପିତ ବୃକ୍ଷ-ଲତା କର୍ତ୍ତନ ଯେପରି ଏକ ସାମାଜିକ କ୍ଷତି ସେହିପରି ପାପ ଏବଂ ଅଧର୍ମ ମଧ୍ୟ । ବୃକ୍ଷ-ଲତା ପରିପୂର୍ଣ୍ଣ ସୁନୀଳ ପର୍ବତଶ୍ରେଣୀ ଏବଂ ତରୁ-ପୁଷ୍ପ-ଲତାଶୋଭିତ ସୁଘଞ୍ଚ ଓ ସୁଶ୍ୟାମଳ ବନରାଜିର ପାଦଦେଶରେ ସୁନ୍ନତ ପକ୍ୱଶାଳୀପୂର୍ଣ୍ଣ କେଦାର ସଙ୍ଗେ ସଙ୍ଗେ ସୁ-ବିସ୍ତୀର୍ଣ୍ଣ ହରିତାପୂମାନ ପ୍ରାନ୍ତରର ଦୃଶ୍ୟ କାହାର ମନ-ନୟନକୁ ଆକର୍ଷଣ ନ କରେ ! ପ୍ରାଣୀ ଜଗତର ଅସ୍ତିତ୍ୱ ନିମନ୍ତେ ସୃଷ୍ଟିକର୍ତ୍ତା ଉଦ୍ଭିଦଜଗତ ସୃଷ୍ଟି କରିଛନ୍ତି । କିନ୍ତୁ ଅତ୍ୟନ୍ତ ପରିତାପର ବିଷୟ

Digitized by PPRACHIN, SOA

ଯେ ସ୍ୱାଧୀନତା ପରେ ପରେ ଉଦ୍ଭିଦଜଗତର କ୍ରମ ଧ୍ୱଂସ ଓ ବିଲୟ ସଙ୍ଗେ ସଙ୍ଗେ ପ୍ରାଣୀଜଗତର, ବିଶେଷତଃ ମନୁଷ୍ୟଜାତିର ଦ୍ରୁତ ସଂଖ୍ୟା-ବୃଦ୍ଧି ଘଟୁଛି । ଏହା ମନୁଷ୍ୟ ସୃଷ୍ଟି ପକ୍ଷେ ନିତାନ୍ତ ଅମଙ୍ଗଳ । ସେଥିପାଇଁ ସ୍ୱାଧୀନତା ପରେ ବନ୍ୟ ସମ୍ପଦ, ବିଶେଷତଃ ଜଙ୍ଗଲର ଧ୍ୱଂସ ହେଉଥିଲେ ସୁଦ୍ଧା, ଭାରତର କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ନୂତନ ଜଙ୍ଗଲ ସୃଷ୍ଟି କରିବାରେ ବିଶେଷ ଧ୍ୟାନ ଦେଇ ବିପୁଳ ଅର୍ଥବ୍ୟୟ କରୁଛନ୍ତି । ସମଗ୍ର ଭାରତବର୍ଷରେ ଗାନ୍ଧୀ ଜନ୍ମ-ଦିବସକୁ ଜାତୀୟ ବୃକ୍ଷରୋପଣ ଦିବସ ରୂପେ ସ୍ୱୀକୃତ କରିଛନ୍ତି । ଏ ଉଦ୍ଦେଶ୍ୟରେ ସରକାର ଏହି ଦିବସରେ ଅଜସ୍ର ଟଙ୍କା ଖର୍ଚ୍ଚ କରୁଛନ୍ତି । ଏହି ଦିବସରେ ଗଛ ଲଗାଇଲେ କର୍ତ୍ତବ୍ୟ ଶେଷ ହେବନାହିଁ । ଲଗାଇବା ଗଛର ଯତ୍ନ ନେଇ ତାକୁ ବଞ୍ଚାଇବାକୁ ହେବ । ତାହା ହେଉନାହିଁ । ଫଳ-ପୁଷ୍ପ ପ୍ରଦାନକାରୀ ଓ ଅନ୍ୟାନ୍ୟ ଉପକାରୀ ବୃକ୍ଷ-କର୍ତ୍ତନ ବନ୍ଦ କରିବାକୁ ଲୋକଙ୍କୁ ବୁଝାଇବାକୁ ହେବ । ଆମ୍ବ, ପଣସ, ତାଳ, ନଡ଼ିଆ, ଖଜୁରୀ, ଗୁଆ, ଲିଚୁ, ସପେଟା ଇତ୍ୟାଦି ବଗିଚ଼ା ଗଛ ତ ଆଦୌ କାଟିବା ଉଚିତ ନୁହେଁ । ଶାଳ, ମହୁଲ, କେନ୍ଦୁ, ଚାର, ବେଲ, କୁସୁମ, ନିମ, ହରିଡ଼ା, ବାହାଡ଼ା, ଅଁଳା, ଶିଶୁ, ଚନ୍ଦନ, ପିଆଶାଳ, ସାଗୁଆନ, ଖଇର ଇତ୍ୟାଦି ଅତି ଉପକାରୀ, ଉପାଦେୟ ଏବଂ ମୂଲ୍ୟବାନ ଗଛ । ଏହି ଶ୍ରେଣୀର ୩୬ପ୍ରକାର ଗଛ କାଟିବା ଆଇନତଃ କଡ଼ାଭାବରେ ମନା ହେବା ଉଚିତ । ସ୍ୱାଧୀନତା ପୂର୍ବରୁ ବହୁ ଗଡ଼ଜାତରେ ଉପରୋକ୍ତ ଗଛ ସବୁ ମନା-ଗଛ ଥିଲା, ଅର୍ଥାତ୍ ଏସବୁ ଗଛ କେହି କାଟିବେ ନାହିଁ; କାଟିଲେ କଠୋର ଦଣ୍ଡ ମିଳିବ । ଅନେକପ୍ରକାର ବୃକ୍ଷ, ଲତା ଏବଂ ଗୁଳ୍ମର ଫଳ, ପୁଷ୍ପ, ପତ୍ର ଏବଂ ମୂଳ ମନୁଷ୍ୟ ଓ ଗୃହପାଳିତ ପଶୁ-ପକ୍ଷୀଙ୍କର ଅତି ଉତ୍ତମ, ସାରଯୁକ୍ତ ଓ ସୁସ୍ୱାଦୁ ଖାଦ୍ୟ ଏବଂ ପାନୀୟ ରୂପେ ବ୍ୟବହୃତ ହେଉଛି । କେନ୍ଦୁପତ୍ର, ସରଗି (ଶାଳମଞ୍ଜି) ଏବଂ ମହୁଲ ଫୁଲ ଓ ଫଳ ଏବଂ ଅନ୍ୟାନ୍ୟ କେତେକ ଗଛର ପତ୍ର, ଫୁଲ, ଫଳ, ଗୁଳି ଏବଂ ଚେର-ମୂଳର ବ୍ୟବସାୟରୁ ସରକାର ଟ୍ରେଜେରୀକୁ ବର୍ଷକୁ ଅନ୍ୟୂନ ୫୦ କୋଟି ଟଙ୍କା ଆସିବା ସଙ୍ଗେ ସଙ୍ଗେ ୧୦।୧୨ କୋଟି ଟଙ୍କାର ମୂଲ ମଜୁରୀ ଗରୀବ ପ୍ରଜାଙ୍କୁ ମିଳୁଛି । ଏସବୁ ବନ୍ୟସମ୍ପଦର ଉତ୍ତମ ସୁରକ୍ଷା ହେଲେ ପ୍ରତିବର୍ଷ ଲୋକଙ୍କୁ ୪।୫ ମାସର ଖାଦ୍ୟ-ପାନୀୟ ମିଳିବା ସଙ୍ଗେ ସଙ୍ଗେ ସରକାରଙ୍କ ଟ୍ରେଜେରୀକୁ ଅନ୍ୟୂନ ୧୫।୨୦ କୋଟି ଟଙ୍କା ଆସିବ । ତେଣୁ ବନ୍ୟ-ସମ୍ପଦର ସୁରକ୍ଷା

Digitized by PPRACHIN, SOA

ଓ ଶ୍ରୀବୃଦ୍ଧି କର ଭଗବାନଙ୍କୁ ତାଙ୍କ ଈପ୍‌ସିତ ସୁଖମୟ ସଂସାର ଗଢ଼ିବାରେ ସାହାଯ୍ୟ କଲେ ସେ ଆମକୁ ସର୍ବାଙ୍ଗୀନ ସୁଖ ପ୍ରଦାନ କରିବେ । ଏହା ମୋର ପୂର୍ଣ୍ଣ ବିଶ୍ୱାସ ।

ଉପର୍ଯ୍ୟୁକ୍ତ କାରଣମାନଙ୍କରୁ ମୁଁ ସଭା ସମିତିମାନଙ୍କରେ ବନ ଏବଂ ବନ୍ୟ-ସମ୍ପଦର ସର୍ବାଙ୍ଗୀନ ଉପକାରିତା ବିଷୟରେ ବୁଝାଏ ଏବଂ ବୃକ୍ଷ ରୋପଣ, ବୃକ୍ଷ ରକ୍ଷଣ, ବନ ବର୍ଦ୍ଧନ ଓ ଜଙ୍ଗଲ ସଂରକ୍ଷଣ ବିଷୟରେ ବହୁତ ପ୍ରଚାର ଦେଉଥାଏ । ଗ୍ରାମେ ଗ୍ରାମେ ବୁଲି ଗ୍ରାମ୍ୟ ଜଙ୍ଗଲ, ପଞ୍ଚାୟତ ଜଙ୍ଗଲ ଓ ପଞ୍ଚାୟତ-ସମିତି ଜଙ୍ଗଲ ସୃଷ୍ଟି କରିବାକୁ ସରକାର ଏବଂ ଉପରୋକ୍ତ ଅନୁଷ୍ଠାନମାନଙ୍କ ଉପରେ ପ୍ରଭାବ ଓ ଚାପ ପକାଉଥାଏ । ବ୍ୟକ୍ତିଗତ ଲୋକଙ୍କୁ ମଧ୍ୟ ନିଜର ଜଙ୍ଗଲ ତିଆରି କରିବାକୁ ପ୍ରଭାବିତ କରୁଥାଏ । ଫଳରେ ବହୁ ଗ୍ରାମର ଲୋକେ ସଂଗଠିତ ହୋଇ ସରକାରୀ ଖେସରା-ଜଙ୍ଗଲର କିଛି କିଛି ଅଂଶ ଗ୍ରାମର ସଂରକ୍ଷିତ ଜଙ୍ଗଲ ବୋଲି କହି ତାର ରକ୍ଷଣାବେକ୍ଷଣ କଲେ । କିନ୍ତୁ ଏହା ଜଙ୍ଗଲ ବିଭାଗୀୟ କର୍ମଚାରୀଙ୍କର ଚକ୍ଷୁଶୂଳ ହେଲା । ଏଥିପାଇଁ ନାନା ସମସ୍ୟା ମଧ୍ୟ ଉପୁଜିଲା; କାରଣ ଉଭୟ ରେଭିନ୍ୟୁ ଏବଂ ଜଙ୍ଗଲ ବିଭାଗମାନଙ୍କର ବିନା ଅନୁମତିରେ ଗ୍ରାମବାସୀମାନେ ଏ ରିଜର୍ଭ ଜଙ୍ଗଲର ସୁରକ୍ଷିତ ବ୍ୟବସ୍ଥା କରିଛନ୍ତି । ଏହି ଗ୍ରାମ୍ୟ ରିଜର୍ଭ ଜଙ୍ଗଲ ସରକାରୀ ରିଜର୍ଭ ଜଙ୍ଗଲଠାରୁ ସ୍ଥାନେ ସ୍ଥାନେ ଅଧିକତର ଚିତ୍ତାକର୍ଷକ ହେବାରୁ ଜଙ୍ଗଲ ବିଭାଗର ଗାତ୍ରଦାହ ହେଲା ।

ପ୍ରତିବର୍ଷ ଗାନ୍ଧୀ ଜନ୍ମ ଦିବସରେ ମୁଁ ଯେଉଁଠାରେ ରହୁଥାଏ, ସେଠାରେ ନାନାଦି ବୃକ୍ଷ ରୋପଣ କରୁଥାଏ । ମନ୍ତ୍ରୀ ହିସାବରେ କିମ୍ବା ବିଧାନ ସଭାର ସଦସ୍ୟ ଭାବରେ ଯେଉଁ ଯେଉଁ ସରକାରୀ ବାସଭବନରେ ରହିଛି ଗାନ୍ଧୀ ଜନ୍ମ ଦିବସରେ ଓ ଅନ୍ୟ ସମୟରେ ସେହି ସେହି ଭବନର ହତା ମଧ୍ୟରେ ଚିର-ଶ୍ୟାମଳ, ସୁସ୍ୱାଦୁ ଫଳଦାୟକ ଏବଂ ସୁବାସିତ ପୁଷ୍ପପ୍ରଦ ବୃକ୍ଷ ଲତା ଓ ଗୁଳ୍ମମାନ ରୋପଣ କରିଛି । ନୂଆ ରାଜଧାନୀ ଭୁବନେଶ୍ୱରରେ କର୍ମଚାରୀମାନେ କେବଳ ରାସ୍ତା-ସୁଶୋଭିତ ବିଳାତି ଗଛ ଏବଂ 'ନିର୍ଗନ୍ଧାଇବ କିଂଶୁକ' ସଦୃଶ 'ନିର୍ଗନ୍ଧାଇବ ବେଗୁନ୍ ବେଲିଆ ଓ ସିରିଷ ଗଛ (ରାଧାଚୂଡ଼ା-କୃଷ୍ଣଚୂଡ଼ା)' ଲଗାଉଥିଲେ । ମୁଁ ଯୁକ୍ତିମୂଳକ ଓ ଉପଦେଶାତ୍ମକ ପ୍ରସ୍ତାବ ଦେବାରୁ ସେମାନେ ଚିର ଶ୍ୟାମଳ ଏବଂ ସୁସ୍ୱାଦୁ-ଫଳପ୍ରଦ ଆମ୍ର-ପୁନାଗ-ପନସ ବୃକ୍ଷାଦି ରୋପଣ କରିବାକୁ ଆରମ୍ଭ କଲେ । କାଳିଦାସବର୍ଣ୍ଣିତ

Digitized by PPRACHIN, SOA

'ତମାଳତାଳୀ ବନରାଜୀ ମାଳା' ସଦୃଶ 'ଆମ୍ର-ପୁନାଗ-ପନସ-ଗୁବାକ-ନାରିକେଳ ମାଳା ଭୁବନେଶ୍ୱର' ଦର୍ଶନରେ ଭବିଷ୍ୟତରେ ଦର୍ଶକର ମନ ହର୍ଷୋତ୍‌ଫୁଲ୍ଲିତ ହେବ ବୋଲି ଆଶା କରେ। କିନ୍ତୁ ମାଟିର ଅନୁର୍ବରତା ବଶତଃ ଭୁବନେଶ୍ୱରରେ ଉତ୍ତମ ଗଛ ହୋଇପାରୁ ନାହିଁ। ତଥାପି ପ୍ରତିବର୍ଷ ସରକାରୀ ରୋପିତ ବୃକ୍ଷର ଡାଳ ବହୁପରିମାଣରେ ଲୋକେ କାଟି ନେଉଛନ୍ତି। ଏଥିପାଇଁ ଯେ କୌଣସି ବ୍ୟକ୍ତି ଦୁଃଖିତ ଏବଂ ହତାଶ ହେବାର କଥା। ବିନା କାରଣରେ ବୃକ୍ଷ ଲତା କର୍ତ୍ତନ ଓ ଧ୍ୱଂସ ନିମନ୍ତେ ଭଗବାନ ଧ୍ୱଂସକାରୀଙ୍କୁ ଦଣ୍ଡ ଦିଅନ୍ତୁ। କିନ୍ତୁ ବନସଂରକ୍ଷଣ ଓ ବନ ବର୍ଦ୍ଧନଦ୍ୱାରା ଯେଉଁ ପୁଣ୍ୟ ଅର୍ଜନ ହୁଏ ସେଥିପାଇଁ ଯେଉଁମାନେ ଏହା କରିଛନ୍ତି, କରୁଛନ୍ତି ଓ କରିବେ ଜନତା ଜନାର୍ଦ୍ଦନ ତାଙ୍କୁ ପୁରସ୍କାର ଦିଅନ୍ତୁ।

୩। ଶିକ୍ଷା ପ୍ରସାର

ଏହି ସମୟରେ ଓଡ଼ିଶାରେ ଉନ୍ନୟନ କାର୍ଯ୍ୟର ପ୍ରସାର ଆରମ୍ଭ ହୋଇଥିଲା। ସରକାରୀ ଏବଂ ବେ-ସରକାରୀ ଅନୁଷ୍ଠାନମାନ ଚଳାଇବା ପାଇଁ ଯେଉଁ ସଂଖ୍ୟକ ସାଧାରଣ ଏବଂ ବୈଷୟିକ-ଶିକ୍ଷିତ ବ୍ୟକ୍ତିଙ୍କର ଦରକାର ପଡ଼ୁଥିଲା ସେହି ସଂଖ୍ୟାରେ ଶିକ୍ଷିତ ବ୍ୟକ୍ତି ନ ଥିଲେ। ଫଳରେ ଓଡ଼ିଶାର ଉନ୍ନୟନ କାର୍ଯ୍ୟ ଦ୍ରୁତ ଗତିରେ ଚାଲିବାରେ ବାଧା ହେଉଥିଲା। ଏହି କାର୍ଯ୍ୟ ଚଳାଇବା ପାଇଁ ଓଡ଼ିଶା ବାହାରୁ ଲୋକ ନିଯୁକ୍ତ କରାଯାଉଥିଲେ। ତେଣୁ ସାଧାରଣ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ କରି ବୈଷୟିକ ଶିକ୍ଷାନୁଷ୍ଠାନମାନ ମଧ୍ୟ ସ୍ଥାପିତ ହେଲା—ହେବା ଅତ୍ୟନ୍ତ ପ୍ରୟୋଜନ ଥିଲା। ପୁଣ୍ୟ ଏବଂ କୀର୍ତ୍ତି ଅର୍ଜନ ପାଇଁ ପୂର୍ବେ ଲୋକେ ଦେବ ମନ୍ଦିର, ପାଠଶାଳା ଏବଂ ଧର୍ମଶାଳା ପ୍ରଭୃତି ସ୍ଥାପନ କରୁଥିଲେ। ଏବେ ତ ଦେଉଳ ତୋଳା କାର୍ଯ୍ୟ ପ୍ରାୟ ବନ୍ଦ। କିନ୍ତୁ ଦେଉଳ ତୋଳା ଓ ପରିଚାଳନା ପରିବର୍ତ୍ତେ ବର୍ତ୍ତମାନର ଯୁଗ-ଧର୍ମରେ ଉତ୍ତମ ଶିକ୍ଷାନୁଷ୍ଠାନ ନିର୍ମାଣ ଓ ପରିଚାଳନା ଅତ୍ୟନ୍ତ ଜରୁରୀ। ବର୍ତ୍ତମାନ ଓଡ଼ିଶାରେ ଆବଶ୍ୟକୀୟ ସଂଖ୍ୟକ ମଧ୍ୟ ଏବଂ ଉଚ୍ଚ ଇଂରାଜୀ ବିଦ୍ୟାଳୟ ସମେତ ବହୁତ ବୈଷୟିକ ତାଲିମ-କେନ୍ଦ୍ର ଓ କଲେଜ ଏବଂ ୪ଟି ବିଶ୍ୱବିଦ୍ୟାଳୟ ସ୍ଥାପିତ ହୋଇପାରିଛି। ସେତେବେଳେ ଏହି ସଂଖ୍ୟାରେ

Digitized by PPRACHIN, SOA

ଏହି ପ୍ରକାର ଅନୁଷ୍ଠାନମାନ ନ ଥିଲା । ଅଥଚ ଓଡ଼ିଶା ସାଧାରଣ ଓ ବୈଷୟିକ ଶିକ୍ଷାପ୍ରାପ୍ତ ବହୁ ଯୁବକ ଯୁବତୀ ଦରକାର କରୁଥିଲା । କିନ୍ତୁ ଏହି ପ୍ରକାର ଯୋଗ୍ୟତାବିଶିଷ୍ଟ ବ୍ୟକ୍ତିଙ୍କର ଏକାନ୍ତ ଅଭାବ ଥିଲା । ତେଣୁ ମୁଁ ବେ-ସରକାରୀ ଶିକ୍ଷାନୁଷ୍ଠାନ ସ୍ଥାପନ ଏବଂ ପରିଚାଳନାରେ ନିଜକୁ ନିୟୋଜିତ କଲି । ଏଥି ନିମନ୍ତେ ଅର୍ଥ ଥାଉ ବା ନ ଥାଉ, ଶିକ୍ଷକ ମିଳୁ ନ ଥିଲେ । ଏପରିକି ସହରମାନଙ୍କରେ ହାଇସ୍କୁଲରେ ପଢ଼ାଇବା ପାଇଁ ଗଣିତ, ବିଜ୍ଞାନ ଏବଂ ସଂସ୍କୃତ ଶିକ୍ଷକମାନଙ୍କର ଅଭାବ ପଡ଼ୁଥିଲା । ମଫସଲ ହାଇ-ସ୍କୁଲରେ ଏହି ଶ୍ରେଣୀର ଶିକ୍ଷକ ତ ଆଦୌ ମିଳୁ ନ ଥିଲେ । ଉପଯୁକ୍ତ ଏବଂ ଆବଶ୍ୟକୀୟ ଯୋଗ୍ୟତାବିଶିଷ୍ଟ ଓ ଆଇନ ଅନୁମୋଦିତ ସଂଖ୍ୟାରେ ଶିକ୍ଷକ ନ ଥିଲେ ଶିକ୍ଷା ଅନୁଷ୍ଠାନମାନଙ୍କୁ ସରକାରୀ ମଞ୍ଜୁରୀ ମିଳିବା ସମ୍ଭବ ନ ଥିଲା । ତଥାପି ୩୪ ବର୍ଷ ଭିତରେ ୪୦।୫୦ଟି ଉଚ୍ଚ ବିଦ୍ୟାଳୟ ଏବଂ ପ୍ରାୟ ଏକ ଶତରୁ ଊର୍ଦ୍ଧ୍ୱ ମଧ୍ୟ-ଇଂରାଜୀ ବିଦ୍ୟାଳୟ ସ୍ଥାପନ କରିବା ଓ କରାଇବାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲି । ଏସବୁ ଅନୁଷ୍ଠାନ ମଫସଲ ଅଞ୍ଚଳରେ ସ୍ଥାପିତ ହୋଇଥିଲା । ଚାନ୍ଦା ଅସୁଲଠାରୁ ଆରମ୍ଭ କରି ଘର ତୋଳା ଏବଂ ଛପର କାର୍ଯ୍ୟ ମଧ୍ୟ କେତେକ ବିଦ୍ୟାଳୟରେ ନିଜ ହାତରେ କରିବାକୁ ପଡ଼ୁଥିଲା । କୌଣସି ଅନୁଷ୍ଠାନ କରିବାକୁ ଗଲେ ଗ୍ରାମାଞ୍ଚଳର ଲୋକେ ପ୍ରଥମେ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରନ୍ତି । ଏହି ଆଗ୍ରହ କ୍ରମଶଃ ଊଣା ହୋଇଯାଏ । ସମୟେ ସମୟେ ଗ୍ରାମବାସୀଙ୍କ ମଧ୍ୟରେ ମନୋମାଳିନ୍ୟ ଏବଂ ଝଗଡ଼ା ହୋଇ ଅନୁଷ୍ଠାନ ମଧ୍ୟ ଭାଙ୍ଗିଯାଏ । ସେତେବେଳେ ଉଦ୍ୟୋକ୍ତା-ମାନଙ୍କର ଧୈର୍ଯ୍ୟ ଏବଂ ମନୋବଳ ମଧ୍ୟ ଊଣା ହୋଇପଡ଼େ । କେତେକ ସ୍ଥଳେ ମୁଁ ମଧ୍ୟ ଏପରି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଘରକୁ ଘର ଯାଇ ଧାନ-ଚାଉଳ-ଚାନ୍ଦା ଅସୁଲଠାରୁ ଆରମ୍ଭ କରି ଘର ଛପର ନିମନ୍ତେ ନଡ଼ା ସଂଗ୍ରହ କରିଥିଲି । ଯାହାହେଉ ସେ ସବୁ ବିଦ୍ୟାଳୟଗୁଡ଼ିକ ବର୍ତ୍ତମାନ ଗ୍ରାଣ୍ଟ ଆକାରରେ ସରକାରୀ ଅର୍ଥ ପାଉଛନ୍ତି । ସେଥିମଧ୍ୟରୁ ପ୍ରାୟ ୨୦ଟି ପର୍ଯ୍ୟନ୍ତ ସରକାରୀ ସ୍କୁଲ ହୋଇଯାଇଛି । ୨୫।୩୦ଟି ପୂର୍ଣ୍ଣ-ସରକାରୀ ସାହାଯ୍ୟପ୍ରାପ୍ତ ହୋଇଯାଇଛି । ଏହି ସମୟରେ ଏବଂ ପରେ ମୁଁ ଯେତେ ବିଦ୍ୟାଳୟ ସ୍ଥାପନ କରିଛି ବା କରାଇଛି ସେ ସବୁର ସଂଖ୍ୟା ହେବ ପ୍ରାୟ ୩୫୦ । ସେଥିମଧ୍ୟରୁ ମଧ୍ୟ ଇଂରାଜୀ ବିଦ୍ୟାଳୟ ସଂଖ୍ୟା ପ୍ରାୟ ୨୭୦ ଏବଂ ଉଚ୍ଚ ବିଦ୍ୟାଳୟ ସଂଖ୍ୟା ପ୍ରାୟ ୮୦ଟି ପର୍ଯ୍ୟନ୍ତ ।

Digitized by PPRACHIN, SOA

ମୌଳିକ ଶିକ୍ଷା-ନୀତି ଏବଂ ମୋର ଆଭିମୁଖ୍ୟ ମୁଁ ଇତିପୂର୍ବରୁ ଏହି ପୁସ୍ତିକାରେ ବର୍ଣ୍ଣନା କରିଛି । ଯେଉଁମାନେ ମୌଳିକ ବିଦ୍ୟାଳୟ ସ୍ଥାପନ କରୁଥିଲେ ମୁଁ ସେମାନଙ୍କ ସହିତ ପୂର୍ଣ୍ଣପ୍ରାଣରେ ସହଯୋଗ କରୁଥିଲି । ସାଧାରଣ ଶିକ୍ଷିତ ବ୍ୟକ୍ତିଙ୍କର ଜରୁରୀ ପ୍ରୟୋଜନୀୟତା ଥିବାରୁ ସାଧାରଣ ବିଦ୍ୟାଳୟମାନ ସ୍ଥାପନ କରିବା ପାଇଁ ସର୍ବାଧିକ ଆଗ୍ରହ ଓ ଉତ୍ସାହ ପ୍ରଦର୍ଶନ କରିବାର କାରଣ ।

୪ । ସମ୍ପୂର୍ଣ୍ଣ ବେକାରୀ ଦୂରୀକରଣ ବା ଗାନ୍ଧୀ ନୀତିରେ ଗ୍ରାମ୍ୟ ଅର୍ଥନୀତି ।

ମୌଳିକ ଶିକ୍ଷା(Basic Education)ର ପ୍ରସାର ଏବଂ କ୍ଷମତାର ହସ୍ତାନ୍ତରୀକରଣପୂର୍ବକ ପଞ୍ଚାୟତ ଶାସନ ଜରିଆରେ ଗାନ୍ଧୀଜୀଙ୍କ କଳ୍ପିତ ଗ୍ରାମ-ରାଜ୍ୟ ବା ରାମ-ରାଜ୍ୟ ପ୍ରତିଷ୍ଠା ନିମନ୍ତେ ବ୍ୟକ୍ତି ଓ ଗ୍ରାମର ଆତ୍ମ-ନିର୍ଭରଶୀଳତା ନିତାନ୍ତ ପ୍ରୟୋଜନ । ବ୍ୟକ୍ତି ଏବଂ ଗୋଷ୍ଠୀର ସୁଖ ସ୍ୱାଚ୍ଛନ୍ଦ୍ୟ ବ୍ୟତୀତ ଗ୍ରାମ-ଶାସନର ମୂଲ୍ୟ ନିରର୍ଥକ । ତେଣୁ ପ୍ରଥମ ପଞ୍ଚ-ବାର୍ଷିକ ଯୋଜନାର ଶେଷ ଏବଂ ୨ୟ ପଞ୍ଚ-ବାର୍ଷିକ ଯୋଜନାର ପ୍ରାରମ୍ଭରେ କେନ୍ଦ୍ର ସରକାର ସ୍ଥିର କରିଥିଲେ ଯେ ପ୍ରତ୍ୟେକ ପଞ୍ଚାୟତରେ ଅନ୍ୟୂନ ଆର୍ଦ୍ଧେକ ପରିବାର ଆତ୍ମନିର୍ଭରଶୀଳ ହୋଇ ଗ୍ରାମ୍ୟ ଅର୍ଥନୀତିକୁ ସମୁନ୍ନତ କରିବେ । ଏଥିପାଇଁ କେନ୍ଦ୍ର ସରକାର ଯୋଜନା ମାଧ୍ୟମରେ ବ୍ୟବସ୍ଥା କରି ପ୍ରତ୍ୟେକ ରାଜ୍ୟ ସରକାରଙ୍କୁ ଦାୟିତ୍ୱ ଦେଇଥିଲେ ଯେ ସେମାନେ ତାଙ୍କ ରାଜ୍ୟମାନଙ୍କରେ ଏହି ଯୋଜନାକୁ ସଫଳତାର ସହିତ କାର୍ଯ୍ୟକାରୀ କରନ୍ତୁ । ଯୋଜନାଟି ନିମ୍ନୋକ୍ତ ମତେ ଅଟେ :

ପ୍ରତ୍ୟେକ ପଞ୍ଚାୟତରେ ପ୍ରତ୍ୟେକ କୁଟୁମ୍ବ ଅନ୍ୟୂନ ଖାଦ୍ୟ-ପାନୀୟ-ପରିଧେୟ ବିଷୟରେ ଆତ୍ମନିର୍ଭରଶୀଳ ହେବ । ଏହି ମୌଳିକ ଆବଶ୍ୟକତା ପୂର୍ଣ୍ଣ ହେଲେ ସ୍ୱାଭିମାନ ଓ ସ୍ୱାଧିକାର ଭାବନା ଜାଗ୍ରତ ହୋଇ ସୁଖମୟ ଜୀବନ ଯାପନର ପଥ ଉନ୍ମୁକ୍ତ ହେବ । ଫଳତଃ ଶୋଷଣରହିତ ମନୁଷ୍ୟ ସମାଜ ସ୍ଥାପନର ଭିତ୍ତି ସ୍ଥାପିତ ହେବ । ଏହି ଚିନ୍ତା ଏବଂ ଯୋଜନାକୁ କାର୍ଯ୍ୟା-ନ୍ୱିତ କରିବା କଠିନ ନୁହେ । ଧରାଯାଉଥିଲା ଏବଂ ଆଜି ମଧ୍ୟ ବିଦ୍ୟମାନ

Digitized by PPRACHIN, SOA

ଅଛି ଯେ ପ୍ରତ୍ୟେକ ପଞ୍ଚାୟତରେ ଲୋକସଂଖ୍ୟା ପ୍ରାୟ ୫ ହଜାର ; ତେଣୁ କୁଟୁମ୍ବ ସଂଖ୍ୟା ପ୍ରାୟ ଏକ ହଜାର । ଏହି ଏକ ହଜାର କୁଟୁମ୍ବ ମଧ୍ୟରୁ ଆନୁମାନିକ ପାଞ୍ଚଶତ ପରିବାରର ଆର୍ଥିକ ଅବସ୍ଥା ମଧ୍ୟମ କିମ୍ବା ତଦୁର୍ଦ୍ଧ୍ୱ । ତେଣୁ ସ୍ଥିର କରାଯାଇଥିଲା ଯେ ବାକୀ ଯେଉଁ ପାଞ୍ଚଶତ ପରିବାର ରହିଲେ ସେମାନେ ହୁଏତ ଅତି କ୍ଷୁଦ୍ର କୃଷୀ, କିମ୍ବା ଜମିହୀନ ମୂଲିଆ, କିମ୍ବା ଗରିବ କାରୀଗର ଶ୍ରେଣୀର ଅଟନ୍ତି । ସେମାନଙ୍କ ପାଇଁ ପଞ୍ଚାୟତ ଜରିଆରେ ରୋଜଗାରର ପନ୍ଥା ବ୍ୟବସ୍ଥା କରାଯିବ । ଏହି ବ୍ୟବସ୍ଥାଦ୍ୱାରା ଏହିପରି ଗରିବ ପରିବାରର ଲୋକେ ନିଜ ଘରେ ରହି ଦୈନିକ ନିର୍ଦ୍ଦିଷ୍ଟ ପରିମାଣରେ ରୋଜଗାର କରିପାରିବେ ।

ଏଥିପାଇଁ ଯୋଜନାରେ ବ୍ୟବସ୍ଥା କରାଯାଇଥିଲା ଯେ, ଉପରୋକ୍ତ ୫ ଶହ ପରିବାର ମଧ୍ୟରୁ ପ୍ରତ୍ୟେକ ବର୍ଷ ଏକ ଶହ ପରିବାର ପାଇଁ ରୋଜଗାରର ପନ୍ଥା ଧରାଇ ଦିଆଯାଉ । ଏହିପରି କଲେ ୫ବର୍ଷ ମଧ୍ୟରେ ୫ଶହ ପରିବାର ପାଇଁ ସମ୍ପୂର୍ଣ୍ଣ ବ୍ୟବସ୍ଥା ହୋଇପାରିବ । ବାକୀ ୫ଶହ ପରିବାର ମଧ୍ୟରୁ କେହି ହୁଏତ ବଡ଼ ବା ମଧ୍ୟମ ଧରଣର କୃଷକ, କିମ୍ବା ବ୍ୟବସାୟୀ, କିମ୍ବା କାରୀଗର; କେହି ହୁଏତ ସରକାରୀ ବା ବେସରକାରୀ ଚାକିରୀ ବାକିରୀ କରି ଚଳିଯାଉଥିବ । ତେଣୁ ୫ବର୍ଷ ପୂର୍ଣ୍ଣ ହେଲାବେଳକୁ ପଞ୍ଚାୟତରେ ଅନ୍ନ, ପାନ ଓ ପରିଧାନ ବିଷୟରେ କୌଣସି କୁଟୁମ୍ବ ଅଭାବ ନ ଥିବ । ଗୋଟିଏ ପଞ୍ଚାୟତ ପାଇଁ ଯେଉଁ କଳ୍ପନା, ଯୋଜନା ଓ ବ୍ୟବସ୍ଥା ସମସ୍ତ ପଞ୍ଚାୟତ ପାଇଁ ମଧ୍ୟ ସେହି ବ୍ୟବସ୍ଥା । ଗୋଟିଏ ରାଜ୍ୟ ପାଇଁ ଯାହା ଚିନ୍ତା, ଯୋଜନା ଓ ବନ୍ଦୋବସ୍ତ ସବୁ ରାଜ୍ୟ ପାଇଁ ତାହା ଅଟେ । ତେଣୁ ୨ୟ ପଞ୍ଚବାର୍ଷିକ ଯୋଜନା-କାଳ ଶେଷକୁ ସମଗ୍ର ଭାରତ ବର୍ଷରେ ଏହା କାର୍ଯ୍ୟକାରୀ ହୋଇ ପାରିଥାନ୍ତା । ଏ ବ୍ୟବସ୍ଥାଟି କ'ଣ ତାହା ମୁଁ ଏଠାରେ ସଂକ୍ଷେପରେ କହିବାକୁ ଯାଉଛି ।

ପ୍ରତ୍ୟେକ କୁଟୁମ୍ବ ପାଇଁ ନାନାବିଧ ରୋଜଗାର ପନ୍ଥା ସ୍ଥିର କରାଯାଇଥିଲା । ସେଥିପାଇଁ ପଞ୍ଚାୟତ ଜରିଆରେ କେନ୍ଦ୍ର ଓ ରାଜ୍ୟ ସରକାରମାନେ ବ୍ୟକ୍ତିଗତ କୁଟୁମ୍ବକୁ ଦୀର୍ଘ-ମିଆଦି-ପରିଶୋଧ ଏବଂ ସ୍ୱଳ୍ପ-ସୁଧରେ କରଜ ଦେଇଥାନ୍ତେ । ପୂର୍ବବର୍ଣ୍ଣିତ ପ୍ରତ୍ୟେକ କୁଟୁମ୍ବ ପାଇଁ ନିମ୍ନମତେ ବ୍ୟବସ୍ଥାର କଳ୍ପନା କରାଯାଇଥିଲା—

Digitized by PPRACHIN, SOA

୧ । ଅମ୍ବର ଚରଖା । ଏହାର ସଂଖ୍ୟା ଏକ ବା ଦୁଇରୁ ଅଧିକ ହେବ ନାହିଁ ;

୨ । ପଶୁ-ପକ୍ଷୀ ପାଳନ । ଗୋଟିଏ ଦୁହାଁଳିଆ ଗାଈ ବା ମହିଷ, କିମ୍ବା ସେହି ଟଙ୍କାରେ ଯେଉଁ ସଂଖ୍ୟାର ଘୁଷୁରି, ଛେଳି, ମେଣ୍ଢା, କୁକୁଡ଼ା, ହଂସ, ବତକ ଇତ୍ୟାଦି କଣାଯାଇପାରେ ;

୩ । ମହୁ ଓ ଟେକି କୁଟା ଚାଉଳ ଉତ୍ପାଦନ । ସେଥିପାଇଁ ବାକ୍ସ ସହିତ ରାଣୀ ମହୁମାଛି ଏବଂ ଟେକିର ବନ୍ଦୋବସ୍ତ ସରକାରଙ୍କ ତରଫରୁ;

୪ । ଜମିହୀନଙ୍କୁ ଅନ୍ୟୂନ ଏକ ଏକର ଜମି (ସରକାରୀ ଜମି) ଯଦି ମିଳେ । ଏହି ସରକାରୀ ଜମି କିମ୍ବା ନିଜ ଜମିରେ ଲଗାଇବା ନିମନ୍ତେ ଫଳ, ପନି-ପରିବା, ଶାକ-ସବଜି ଉତ୍ପାଦନକାରୀ ବୃକ୍ଷ, ଲତା, ଗୁଳ୍ମ ପ୍ରଭୃତିର ଗୁହାଳ ଏବଂ ମଞ୍ଜି କିମ୍ବା ବିହନ ଯୋଗାଣ ଇତ୍ୟାଦି ।

ଏ ବ୍ୟବସ୍ଥାକୁ ମୋ ଭାଷାରେ ମୁଁ କହୁଥିଲି ଚତୁର୍ବିଧ ରୋଜଗାର ପନ୍ଥା ।

ଆଶା ଏବଂ ଅନୁମାନ କରାଯାଉଥିଲା ଯେ ଏ ବ୍ୟବସ୍ଥାକୁ ବାସ୍ତବରେ ଯଦି କାର୍ଯ୍ୟରେ ପରିଣତ କରାଯାଇଥାନ୍ତା ପ୍ରତ୍ୟେକ ପରିବାରର ଦୈନିକ ଆୟ ଅନ୍ୟୂନ ୭ଟଙ୍କାରୁ ୧୦ଟଙ୍କା ପର୍ଯ୍ୟନ୍ତ ହୋଇଥାନ୍ତା । ଯଦି ଗରିବ ଲୋକେ ଘରେ ରହି ଦୈନିକ ୭ରୁ ୧୦ ଟଙ୍କା ପର୍ଯ୍ୟନ୍ତ ରୋଜଗାର କରିବାର ସୁବିଧା ଥାନ୍ତା ତେବେ ସେମାନେ କାହିଁକି ବା ଟାଟା, ରାଉରକେଲା, କଲିକତା, ସୁନାବେଡ଼ା କିମ୍ବା ଅନ୍ୟତ୍ର ଚାକରୀ ପାଇଁ ଯାଆନ୍ତେ, କିମ୍ବା ଗ୍ରାମର ବଡ଼ ଲୋକଠାରେ କମ୍ ମଜୁରୀରେ ଖଟନ୍ତେ ଯେ ସେମାନଙ୍କୁ କେହି ଶୋଷଣ କରନ୍ତା ? ଯଦି କେହି ସେମାନଙ୍କୁ ମୂଲିଆ ରୂପେ ଖଟାନ୍ତା ସେମାନେ ଘରେ ରହି ନିଜ ଧନ୍ଦାରୁ ଦୈନିକ ଯେଉଁ ପରିମାଣରେ ରୋଜଗାର କରୁଥାନ୍ତେ ଗ୍ରାମରେ ସେହି ପରିମାଣରେ ମଜୁରି ପା'ନ୍ତେ । ଗ୍ରାମ ବାହାରକୁ ଗଲେ ତଦୂର୍ଦ୍ଧ୍ୱ ଦରମା କିମ୍ବା ମୂଲ ପାଆନ୍ତେ । ତେଣୁ ଶୋଷଣ ବନ୍ଦ ହୋଇ ଶୋଷଣରହିତ ମନୁଷ୍ୟ ସମାଜ ପ୍ରତିଷ୍ଠିତ ହୋଇପାରନ୍ତା । ଯେଉଁମାନେ ଗାନ୍ଧୀବାଦୀ କିମ୍ବା ଯେଉଁମାନେ ନିଜକୁ ସାମ୍ୟବାଦୀ ବୋଲି ଆଖ୍ୟା ଦେଇ ଶୋଷଣ ବନ୍ଦ କରିପାରୁନାହାନ୍ତି ସେମାନେ ଏହି ପନ୍ଥାରେ ଗାନ୍ଧୀବାଦ କିମ୍ବା ସାମ୍ୟବାଦ ହାସଲ କରାଇ ପାରିଥାନ୍ତେ । କିନ୍ତୁ ସେଥିପ୍ରତି କେହି ଆଗ୍ରହ ଦେଖାଇବାର ସୂଚନା ମିଳୁନଥାଏ ।

Digitized by PPRACHIN, SOA

ପୂର୍ବରୁ ତ ମୁଁ କହିଛି ଯେ ମୁଁ ସାମ୍ୟବାଦ ଗ୍ରହେ । କିନ୍ତୁ ଏହା ହାସଲ କରିବାର ଉପାୟ କାର୍ଲମାର୍କ୍ସ୍—ଲେନିନ୍—ଷ୍ଟାଲିନ୍ ପନ୍ଥାଦ୍ୱାରା ନୁହେଁ, ବରଂ ଗାନ୍ଧୀଜୀଙ୍କ ଉଦ୍ଭାବିତ ପନ୍ଥାଦ୍ୱାରା ଅନାୟାସରେ, ବିନା ଏକ-ଛତ୍ରବାଦରେ, ବିନା ରକ୍ତପାତ ଓ ବିନା ଗୃହଯୁଦ୍ଧରେ । ଶୋଷଣରହିତ ମନୁଷ୍ୟ ସମାଜ ପ୍ରତିଷ୍ଠା କରିବାରେ ଏହା ଏକ ଉତ୍କୃଷ୍ଟ ପନ୍ଥା ଓ ବ୍ୟବସ୍ଥା । ତେଣୁ ମୁଁ ମନ ପ୍ରାଣ ଦେଇ ଏହା କାର୍ଯ୍ୟକାରୀ କରିବାକୁ ଓ କରାଇବାକୁ ଆପ୍ରାଣ ଚେଷ୍ଟା କଲି । ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ସମେତ ମନ୍ତ୍ରୀମଣ୍ଡଳର ଅନ୍ୟାନ୍ୟ ସଭ୍ୟଙ୍କ ସଙ୍ଗେ ବିଚାର, ପରାମର୍ଶ ଏବଂ ଆଲୋଚନା କଲି । ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ମୋଠାରୁ ନ ଶୁଣିବା ପର୍ଯ୍ୟନ୍ତ ଏ ଯୋଜନାର କ୍ରାନ୍ତିକାରୀ ପ୍ରଭାବ ଓ ପରିଣତି ପୂର୍ଣ୍ଣ ଭାବେ ହୃଦୟଙ୍ଗମ କରି ନ ଥିଲେ ବୋଲି ମୋର ଧାରଣା ହେଲି । ଏ ଯୋଜନାଦ୍ୱାରା ଶୋଷଣ-ରହିତ ମନୁଷ୍ୟ ସମାଜ ପ୍ରତିଷ୍ଠିତ ହୋଇ ପାରିବ ବୋଲି ମୁଁ ତାଙ୍କୁ ବୁଝାଇ-ବାରୁ ସେ ମୋତେ କହିଲେ ଯେ, ମୁଁ ଏଥିପାଇଁ ସଭା ସମିତି କରି ଜନମତ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଦଳ ଭିତରେ ଆଗ୍ରହ ସୃଷ୍ଟି କରେ । କିନ୍ତୁ ଶ୍ରୀ ଚୌଧୁରୀଙ୍କର ସବୁ ବିଷୟରେ ପ୍ରଥମ ଉତ୍ସାହ ସୀମା ଟପିଯାଏ; ମାତ୍ର ପରେ ତାହା କ୍ରମଶଃ ବିଲୀନ ହୋଇଯାଏ । ତାଙ୍କର ସବୁ କାର୍ଯ୍ୟ ମୁଁ ଏହି-ପରି ଦେଖିଲି, ଅର୍ଥାତ୍ ତାଙ୍କ କାର୍ଯ୍ୟ ହୁଏ, 'ଆରମ୍ଭଗୁର୍ବୀ କ୍ଷୟିଣୀ କ୍ରମେଣ ।'' ଏହି ଖାତିରେ ମୁଁ ତାଙ୍କର ମୌଳିକ ଶିକ୍ଷା, ଭୂ-ସଂସ୍କାର ଏବଂ ପଞ୍ଚାୟତ-ରାଜ ଯୋଜନା ପ୍ରଭୃତିକୁ ଲକ୍ଷ୍ୟ କରିଛି । ଅନ୍ୟାନ୍ୟ ମନ୍ତ୍ରୀମାନେ ଏ ବିଷୟରେ ସେତେ ଧ୍ୟାନ ଦେଉଥିବାର ମୋତେ ଜଣାପଡ଼ିଲା ନାହିଁ ।

ଅନ୍ୟ କୌଣସି ବ୍ୟକ୍ତି ଏ ଯୋଜନାର ସୁଦୂରପ୍ରସାରୀ ଉପକାରିତା ବୁଝନ୍ତୁ ବା ନ ବୁଝନ୍ତୁ, କିମ୍ବା ବୁଝିଲେ ସୁଦ୍ଧା କାର୍ଯ୍ୟ କରି-ବାକୁ ଉତ୍ସାହିତ ଏବଂ ଅନୁପ୍ରାଣିତ ହୁଅନ୍ତୁ ବା ନ ହୁଅନ୍ତୁ, ମୁଁ କିନ୍ତୁ ଏହାର କାର୍ଯ୍ୟକାରିତା ନିମନ୍ତେ ନିଜକୁ ପୂରା ଦମରେ ଲଗାଇଦେଲି । ସରକାରୀ ମତ ଏବଂ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ଜିଲ୍ଲାର କଲେକ୍ଟରମାନେ ୨ୟ ପଞ୍ଚବାର୍ଷିକ ଯୋଜନାର ଏହି ଅଂଶକୁ ସଭା ସମିତି କରି ଲୋକଙ୍କୁ ବୁଝାଇ-ବାର କଥା । ତେଣୁ ମୁଁ ଢେଙ୍କାନାଳ ଜିଲ୍ଲା କଲେକ୍ଟର ଶ୍ରୀ ରାମ ମୂର୍ତ୍ତିଙ୍କୁ ଏ ସମ୍ପର୍କରେ ତାଙ୍କର ସରକାରୀ କର୍ତ୍ତବ୍ୟ ସୂଚାଇବାରୁ ସେ ପ୍ରତ୍ୟେକ ପଞ୍ଚାୟତରେ ସଭା କରିବାକୁ ଇଚ୍ଛା କରି ପ୍ରୋଗ୍ରାମ କଲେ । ମୁଁ ମଧ୍ୟ ତାଙ୍କ

Digitized by PPRACHIN, SOA

ପ୍ରୋଗ୍ରାମକୁ ଖାପ୍ ଖୁଆଇ ଜିଲ୍ଲାର ଜଣେ ପ୍ରଧାନ ସଭାର ସଭ୍ୟ ହିସାବରେ ପ୍ରୋଗ୍ରାମ କଲି । ମୋର ମନେ ହେଉଛି ତାଙ୍କ ସଙ୍ଗେ ମୁଁ ୮୦ଟି ପଞ୍ଚାୟତ ସଭାରେ ଏହି ଯୋଜନାର କାର୍ଯ୍ୟକାରିତା, ସଫଳତା ଓ ଉପକାରିତା ବିଷୟରେ ଲୋକଙ୍କୁ ବୁଝାଇଥିଲି । ଏହା ବ୍ୟତୀତ ଢେଙ୍କାନାଳ ଜିଲ୍ଲାର ବାକି ସମସ୍ତ ପଞ୍ଚାୟତରେ ମୁଁ ବେ-ସରକାରୀ ଭାବେ ସଭା ସମିତି ଡକାଇ ଏହାକୁ ସଫଳ କରାଇବାର ଯତ୍ନ ନେଇଥିଲି । ଢେଙ୍କାନାଳ ବ୍ୟତୀତ ଆଉ ୬।୭ଟି ଜିଲ୍ଲାରେ ପ୍ରତ୍ୟେକ ପଞ୍ଚାୟତରେ ନ ହେଲେ ସୁଦ୍ଧା ପ୍ରତ୍ୟେକ ସବ୍-ଡିଭିଜନରେ ୫।୬ଟି ସଭା ସମିତିରେ ଶ୍ରୋତାମାନଙ୍କୁ ବୁଝାଇ ଏହା କାର୍ଯ୍ୟ-କାରୀ କରିବା ନିମନ୍ତେ ପଞ୍ଚାୟତ ଓ ପଞ୍ଚାୟତ ସମିତିମାନଙ୍କୁ ଅନୁରୋଧ କରିଥିଲି । ଉତ୍ତର ମିଳୁଥାଏ ଯେ, ଏହି ଯୋଜନାକୁ ନିଶ୍ଚୟ କାର୍ଯ୍ୟକାରୀ କରାଯିବ । ସଭା ସମିତି ଆଲୋଚନାରେ ଏହି ପରି ପ୍ରାୟ ଏକ ବର୍ଷ ବିତିଗଲା । ଏହି ଯୋଜନାକୁ ଅସଲ କାର୍ଯ୍ୟକାରୀ କରିବାକୁ କରଜ ଦେବାପାଇଁ ଅର୍ଥର ବ୍ୟବସ୍ଥା ସଙ୍ଗେ ସଙ୍ଗେ ଜମି ଦେବାଠାରୁ ଆରମ୍ଭ କରି ଅମ୍ବର ଚରଖା, ବାକ୍ସ ସମେତ ରାଣୀ ମହୁମାଛି, ଢେଙ୍କି, ଗୋ-ମହିଷାଦି ଗୃହ ପାଳିତ ପଶୁ ପକ୍ଷୀର ସୁବନ୍ଦୋବସ୍ତ ହେବା ଦରକାର । ଦେଖୁ ଦେଖୁ ୨।୩ ବର୍ଷ ବିତିଗଲା । ଏ ସବୁର ବନ୍ଦୋବସ୍ତ ହେଉ ସରକାର ତ ଆଗ୍ରହ ଏବଂ ଆନ୍ତରିକତା ଦେଖାଇଲେ ନାହିଁ ; ଓଲଟି ଯେଉଁଠାରେ ପଞ୍ଚାୟତମାନେ ଆଗୁଆ ହୋଇ ଏ କାର୍ଯ୍ୟମାନ କରିବାକୁ ବାହାରିଲେ କରଜ ଦେବା ପାଇଁ ଆବଶ୍ୟକୀୟ ଅର୍ଥର ମଞ୍ଜୁରୀର ଅଭାବ ସଙ୍ଗେ ଉକ୍ତ ସାମଗ୍ରୀ ଓ ପଶୁ ପକ୍ଷୀର ବନ୍ଦୋବସ୍ତ କରାଯାଇ ପାରିଲା ନାହିଁ । ଫଳରେ ଏ ଯୋଜନା-ବ୍ୟବସ୍ଥା ଯୋଜନାର କଳ୍ପନାରେ ହିଁ ରହିଲା । ଗ୍ରାମ୍ୟ-ଅର୍ଥନୀତିର ସ୍ୱାଧୀନ ଓ ସୁ-ପ୍ରସାରିତ ଉନ୍ନତି ହୋଇ ପାରିଲା ନାହିଁ । କ୍ରମେ କ୍ରମେ ୫ ବର୍ଷିଆ ମନ୍ତ୍ରୀମଣ୍ଡଳ ଶାସନର ୪ର୍ଥ ବର୍ଷ ନିକଟେଇଲା । ଶାସକ ଦଳ ନିର୍ବାଚନ ପ୍ରସ୍ତୁତିରେ ମଗ୍ନ ହେଲେ । କଂଗ୍ରେସ ଦଳ ଭିତରେ ମନୋମାଳିନ୍ୟ ହୋଇ ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀଙ୍କୁ ମୁଖ୍ୟମନ୍ତ୍ରୀତ୍ୱରୁ ଅନ୍ତର କରି ବମ୍ବେରେ ଗଭର୍ଣ୍ଣର ବା ରାଜ୍ୟପାଳ ଥିବା ଡ: ମହତାବଙ୍କୁ ସେଠାରୁ ଆଣି ଏଠାରେ ତାଙ୍କ ଜାଗାରେ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦଳେ ନେତା ଓ କର୍ମୀ ଲାଗି-ଗଲେ । ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଦଳରେ ଗୋଷ୍ଠୀବନ୍ଦୀ ସହ ମାରପେଞ୍ଚ ଚାଲିଲା । ଏ ଅବସ୍ଥା ଦେଖି ଶ୍ରୀ ନବକୃଷ୍ଣ ଚୌଧୁରୀ ନିଜେ ଦଳପତି ବା

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ପଦରୁ ଓହରି ଯିବାକୁ ଇଚ୍ଛା କଲେ । ମହତାବ ବାବୁଙ୍କ ପକ୍ଷପାତି ନେତା ଓ କର୍ମୀମାନଙ୍କୁ ସୁବର୍ଣ୍ଣ ସୁଯୋଗ ମିଳିଲା ଯେ, ସେମାନେ ଡ଼: ମହତାବଙ୍କୁ ବମ୍ବେଇରୁ ଅଣାଇ ଏଠାରେ ମୁଖ୍ୟମନ୍ତ୍ରୀ କରାଇବେ । ୧୯୫୬ ଅକ୍ଟୋବର-ନଭେମ୍ବରରେ ଡ଼: ମହତାବ ବମ୍ବେଇରୁ ଆସି ଏଠାରେ ମୁଖ୍ୟମନ୍ତ୍ରୀତ୍ୱ ଗ୍ରହଣ କଲେ । ୨ୟ ଯୋଜନାର ଅବସାନ ହୋଇ ଆସୁଥିଲା । ତେଣୁ ଉକ୍ତ ଚତୁର୍ବିଧ ରୋଜଗାର ପନ୍ଥା-ଯୋଜନା ଯୋଜନାରେ ହିଁ ରହିଲା ।

ଡ଼: ମହତାବ ବମ୍ବେ ରାଜ୍ୟପାଳ ପଦ ଛାଡ଼ି ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ହୋଇ ଆସିବାରେ ମୁଁ ପକ୍ଷପାତି ନ ଥିଲି । ମୋ ମତରେ ଉପର୍ଯ୍ୟୁକ୍ତ ଯୋଜନା କାର୍ଯ୍ୟକାରୀ କରିବାକୁ ଶ୍ରୀ ନବକୃଷ୍ଣ ଚୌଧୁରୀ ଉପଯୁକ୍ତ ବ୍ୟକ୍ତି ଓ ମୁଖ୍ୟମନ୍ତ୍ରୀ । ଏପରି କ୍ଷୁଦ୍ର ଯୋଜନାରେ ମହତାବ ବାବୁଙ୍କର ବିଶ୍ୱାସ ଥିଲା ପରି ମୋର ମନେ ହୁଏ ନାହିଁ କିମ୍ବା ହୃଦ୍‌ବୋଧ ହେଉ ନ ଥାଏ ।

ବିନା ସରକାରୀ ସାହାଯ୍ୟରେ ମୁଁ ମୋର କେତେକ ବନ୍ଧୁଙ୍କ ସହିତ ଅଳ୍ପ କେତେକ ପଞ୍ଚାୟତରେ ଏହି ଯୋଜନା ଆଂଶିକ କାର୍ଯ୍ୟକାରୀ କରାଇଲି । ସରକାରୀ ଅବହେଳା ଏବଂ ଉଦାସୀନତାବଶତଃ ସେସବୁ ବିଲୟ ଭଜିଲା ।

ଏହି ଚତୁର୍ବିଧ-ରୋଜଗାର-ପନ୍ଥା-ଯୋଜନା କାର୍ଯ୍ୟକାରୀ ହୋଇଥିଲେ ଦେଶରୁ ବାସ୍ତବିକ ଶୋଷଣ ଏବଂ ଦାରିଦ୍ର୍ୟ ଦୂର ହୋଇଥାନ୍ତା । ବେକାରୀ ଏବଂ ଅକର୍ମା ସମସ୍ୟା ଅନେକ ପରିମାଣରେ ସମାହିତ ହୋଇଥାନ୍ତା । ରାଜମାତଙ୍କମାନେ ଏହା ଚାହାନ୍ତି ନାହିଁ । ସେମାନେ ଚାହାନ୍ତି ଅନ୍ୟ ପନ୍ଥାରେ ଶୋଷଣ-ରହିତ ମନୁଷ୍ୟ ସମାଜ ପ୍ରତିଷ୍ଠିତ କରାଯିବ । ମୋର ଦୃଢ଼ ଧାରଣା ଯେ, ଯେଉଁ ଗଡ଼ଡ଼ଳିକା ଏବଂ ଗତାନୁଗତିକ ପନ୍ଥା ଓ ମତରେ ଚୀନ-ଋଷିଆରେ ଏହା ଆଂଶିକ ପ୍ରତିଷ୍ଠିତ ହେଉଛି ସେହି ପନ୍ଥାରେ ଆମ ଦେଶର ରାଜନୈତିକ ଦଳମାନେ ସାମ୍ୟବାଦ ପ୍ରତିଷ୍ଠା ଚାହାନ୍ତି । ଏମାନେ ଚାହାନ୍ତି, ଦଙ୍ଗା ହାଙ୍ଗମା, ଗୃହ-ବିବାଦ, ଗୃହ-ଯୁଦ୍ଧ, ରକ୍ତପାତ ଏବଂ ଧନିକ ଧ୍ୱଂସପୂର୍ବକ ସାମ୍ୟବାଦ । ଗାନ୍ଧୀ ମତରେ ଅନାୟାସରେ ସାମ୍ୟବାଦ ପ୍ରତିଷ୍ଠା ଏମାନଙ୍କର କଳ୍ପନାତୀତ ।

ଏହି ମତ ଏବଂ ପନ୍ଥା ଅନୁସରଣ କରି ଗ୍ରାମ୍ୟ ଅର୍ଥନୀତିର ଶ୍ରୀବୃଦ୍ଧି-ସୂଚକ ବେକାରୀ ଏବଂ ଅକର୍ମା ସମସ୍ୟା ଦୂର କରିବାକୁ ମୁଁ ଏବଂ ମୋର କେତେକ ବନ୍ଧୁ ଦୃଢ଼ପରିକର ଅଛୁ । ଏହି ପନ୍ଥା ଅନୁସରଣ କରି ଆମ୍ଭେମାନେ ଶୋଷଣ-ରହିତ ମାନବ ସମାଜ ପ୍ରତିଷ୍ଠା ଦିଗରେ ଯଥାପରୋନାସ୍ତି ଉଦ୍ୟମ କରିବୁ ବୋଲି ପ୍ରତିଜ୍ଞାବଦ୍ଧ ଅଛୁ ।

Digitized by PPRACHIN, SOA

ଭୂ-ସଂସ୍କାର

ଭୂ-ସଂସ୍କାର ଏକ ସାମ୍ୟବାଦୀ ଚିନ୍ତାଧାରା । କୌଣସି ବ୍ୟକ୍ତି ବା ଗୋଷ୍ଠୀର ଆୟର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କମ୍ୟୁନିଷ୍ଟ ଅର୍ଥନୀତି ଏବଂ ସମାଜନୀତିର ପରିକଳ୍ପନା ମାତ୍ର । ମନୁଷ୍ୟ ଆବଶ୍ୟକତାଠାରୁ ଅଧିକ ସମ୍ପତ୍ତି ଉତ୍ପନ୍ନ କରେ ଏବଂ ରଖେ ତାର ନିଜର, କୁଟୁମ୍ବର ଏବଂ ଭବିଷ୍ୟତ ବଂଶଧରର ସର୍ବାଙ୍ଗୀନ ଏବଂ ସର୍ବୋଚ୍ଚ ସୁଖ-ସୁବିଧା ଉଦ୍ଦେଶ୍ୟରେ । ସମାଜ ବା ସରକାର ଯଦି ବ୍ୟକ୍ତିର ଆୟ-ସୀମା ନିର୍ଦ୍ଧାରଣ କରନ୍ତି, ତେବେ ସାମାଜିକ ନ୍ୟାୟ ଏବଂ କର୍ତ୍ତବ୍ୟ ଦୃଷ୍ଟିରୁ ଆୟ ତୁଳନାରେ କୁଟୁମ୍ବ ସଂଖ୍ୟା ବଢ଼ିଲାକ୍ଷଣି ବର୍ଦ୍ଧିତ କୁଟୁମ୍ବର ମେମ୍ବରମାନଙ୍କ ପାଇଁ ରୋଜଗାରର ପନ୍ଥା ବ୍ୟବସ୍ଥା କରିବା ଉଚିତ । ଏହା କମ୍ୟୁନିଷ୍ଟ ସମାଜର ମୂଳନୀତି ଏବଂ ଏହି ନୀତି ଅନୁସାରେ ସେମାନେ କାର୍ଯ୍ୟ କରି ସାମାଜିକ ନ୍ୟାୟ ଦିଅନ୍ତି । ଜାତି ନିମନ୍ତେ ଏହା ବାସ୍ତବିକ ସାମାଜିକ ନ୍ୟାୟ ଏବଂ କର୍ତ୍ତବ୍ୟ ଅଟେ । କିନ୍ତୁ ଆମ ଦେଶପରି ଏକ ଅଣ-କମ୍ୟୁନିଷ୍ଟ ଦେଶ ଏବଂ ସମାଜରେ ନିଜର ଭବିଷ୍ୟତ ଏବଂ ଭବିଷ୍ୟତ ବଂଶଧରମାନଙ୍କ ପାଇଁ ସମ୍ପତ୍ତି ଆହରଣ କରି ରଖିଥିବା କୌଣସି ବ୍ୟକ୍ତି ବା ଶ୍ରେଣୀଠାରୁ ସମ୍ପତ୍ତି ଛଡ଼ାଇ ନେଇ ତାର ବା ତାଙ୍କର ଭବିଷ୍ୟତ ବଂଶଧର, ଅର୍ଥାତ୍ ପୁତ୍ର କଳତ୍ର ପାଇଁ ରୋଜଗାରର ବ୍ୟବସ୍ଥା ନ କରିବା ସାମାଜିକ ବିଚାରରୁ ଅନ୍ୟାୟ ଏବଂ ଅନୁଚିତ ଅଟେ । ଅବଶ୍ୟ ଯାହାର ରୋଜଗାରର ପନ୍ଥା ନାହିଁ ତା ପାଇଁ ରୋଜଗାରର ବ୍ୟବସ୍ଥା କରିପାରିଲେ ଅତି ଉତ୍ତମ ହୁଅନ୍ତା । ଯେଉଁ କୁଟୁମ୍ବର କୌଣସି ଏକ ସୂତ୍ରରୁ ସାଧାରଣ ଭାବେ ଚଳିବାର ପନ୍ଥା, ଯଥା । ଚାକିରି, ବାଣିଜ୍ୟ, ବ୍ୟବସାୟ, ଶିଳ୍ପ ଏବଂ କୃଷିପ୍ରଭୃତି ଅଛି ସେ କୁଟୁମ୍ବର ମେମ୍ବରମାନଙ୍କ ପ୍ରତି ସରକାର ବ୍ୟବସ୍ଥା ନ କରନ୍ତୁ । ଯାହାର ଜମି ନାହିଁ ସରକାର ପ୍ରଥମେ ବିନା ହଇରାଣ-ହରକତ ଏବଂ ଖର୍ଚ୍ଚରେ ସରକାରୀ ଜମି ପଟ୍ଟା ଦେଲେ ଭଲ ହୁଅନ୍ତା । ଭୂମି-ସେନା ଗଠନ କରି ଚାଷ ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ସରକାରୀ

Digitized by PPRACHIN, SOA

ଜମି ମିଳୁଥିବା ସ୍ଥାନରେ ଯୌଥ କିମ୍ବା ସମବାୟ କୃଷର ବନ୍ଦୋବସ୍ତ କରି-ପାରିଲେ ଭୂ-ସଂସ୍କାରର ଉଦ୍ଦେଶ୍ୟ କେତେକ ପରିମାଣରେ ସିଦ୍ଧ ହୋଇ ପାରନ୍ତା । ଅଳ୍ପ କିମ୍ବା ଅଧିକ ଭୂମି ଥିବା ଲୋକମାନେ ଯଦି କୃଷିରୁ (ଭୂମିରୁ) ଆଶାନୁରୂପ ଆୟ ନ କରନ୍ତି, କିମ୍ବା ଯଦି ତାଙ୍କ କ୍ଷେତ-ମୂଲିଆଙ୍କୁ ସରକାରୀ ନିର୍ଦ୍ଧାରିତ ମଜୁରୀ ଠାରୁ କମ୍ ମଜୁରି ଦିଅନ୍ତି ତେବେ ସେପରି ଜମି-ମାଲିକ-ଠାରୁ ଜମି ଛଡ଼ାଇ ଆଣିବାର ସମାଜିକ ନ୍ୟାୟ ସଙ୍ଗେ ଭୂ-ସଂସ୍କାର ଉଦ୍ଦେଶ୍ୟ କିୟତ୍ ପରିମାଣରେ ସିଦ୍ଧ ହୁଅନ୍ତା । ଅନ୍ୟାନ୍ୟ ସୂତ୍ରରୁ ଆୟ କରୁଥିବା ଶ୍ରେଣୀଙ୍କର ସର୍ବୋଚ୍ଚ ଆୟ-ସୀମା ନିର୍ଦ୍ଧାରଣ ନ କରି କେବଳ ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରିବାଦ୍ୱାରା କୃଷକ ଶ୍ରେଣୀ ପ୍ରତି ସାମାଜିକ ଅନ୍ୟାୟ କରାଗଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଯାହା ହେଉ, ଭୂ-ସଂସ୍କାର ଯୁଗର ହାଓ୍ୱା ଏହା ହେବ । ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରିତ ହେଉ, ଆପତ୍ତି ନାହିଁ । କିନ୍ତୁ ଅତି ନିମ୍ନ-ସୀମା-ନିର୍ଦ୍ଧାରଣ କରିବାଦ୍ୱାରା କୃଷି କ୍ଷେତ୍ରରୁ ଆୟ କରୁଥିବା ଶ୍ରେଣୀ ପ୍ରତି ସାମାଜିକ ଅନ୍ୟାୟ କରାଗଲା ବୋଲି ଧରି ନେବାକୁ ହେବ ।

ଏହି ଭୂ-ସଂସ୍କାର ସରକାରୀ ଏବଂ ବେ-ସରକାରୀ ସ୍ତରରେ ହୋଇପାରେ । ସରକାରୀ ଭାବେ ଆମ ଓଡ଼ିଶାରେ ୪ଟି ଆଇନଦ୍ୱାରା ଭୂ-ସଂସ୍କାର କରିବାର ବ୍ୟବସ୍ଥା ହୋଇଛି । ସେ ଆଇନଗୁଡ଼ିକ ହେଉଛି—

୧ । ଜମିଦାରୀ ଉଚ୍ଛେଦ ଆଇନ ;

୨ । ଓଡ଼ିଶା ପ୍ରଜା ସ୍ୱାର୍ଥ ରକ୍ଷା ଆଇନ (Tenancy Protection Act) ;

୩ । ଓଡ଼ିଶା ଭାଗ-ଚାଷ ଆଇନ ;

୪ । ଓଡ଼ିଶା ଭୂ-ସଂସ୍କାର ଆଇନ ।

ବେ-ସରକାରୀ ଭାବେ ସନ୍ଥ ବିନୋବାଜୀ ଭୂଦାନ, ଗ୍ରାମଦାନ, ଜିଲ୍ଲାଦାନ ଏବଂ ରାଜ୍ୟଦାନ ପାଇଁ ବାତାବରଣ ସୃଷ୍ଟି କରାଇ ଏସବୁ ଦାନ ଦିଆଇବାର କାରଣ ହୋଇ ତାହା ଗ୍ରହଣ କଲେ । ଏତଦ୍ଦ୍ୱାରା ସେ ଆଗଭୁରା ବିନା କ୍ଷମତାରେ ଭୂ-ସଂସ୍କାର କରାଇଲେ ବୋଲି ଧରିନେବାକୁ ହେବ । ତାଙ୍କର ଏ କାର୍ଯ୍ୟଦ୍ୱାରା ସେ ସରକାରୀ ଭୂ-ସଂସ୍କାର ନିମନ୍ତେ ସୁଗମ ରାସ୍ତା ଖୋଲିଦେଲେ; ଅର୍ଥାତ୍ ତାଙ୍କର ଏ ନୀତି ଏବଂ କାର୍ଯ୍ୟଦ୍ୱାରା ସରକାରୀ ଭୂ-ସଂସ୍କାର ନିମନ୍ତେ ଅନୁକୂଳ ହାଓ୍ୱା ଏବଂ ବାତାବରଣ ସୃଷ୍ଟି ହେଲା ।

Digitized by PPRACHIN, SOA

ମୁଁ ଏ ସମ୍ପର୍କରେ ମୋର ଆଭିମୁଖ୍ୟ ଏବଂ ଭୂ-ସଂସ୍କାରର ଉପକାରିତା, ଉପାଦେୟତା ଏବଂ ସାମାଜିକ ନ୍ୟାୟ-ଅନ୍ୟାୟ ଉପରେ ବିଷୟରେ ଟୀକା ଟିପ୍ପଣୀ ଏବଂ ମନ୍ତବ୍ୟ ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ଉଲ୍ଲେଖ କରିଛି ।

ଭାଗ-ଚାଷ

ଭାଗଚାଷ ଆଇନ ସମ୍ପର୍କରେ ତାତ୍କାଳିକ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ, ରାଜସ୍ୱ ବିଭାଗ ମନ୍ତ୍ରୀ ଶ୍ରୀ ସଦାଶିବ ତ୍ରିପାଠୀ ଏବଂ ଏମ୍.ଏଲ୍.ଏ. ଶ୍ରୀ ଜୟକୃଷ୍ଣ ମହାନ୍ତି ଉପରେ ଜିଦ୍ ଧରିଥାନ୍ତି ଯେ ଭାଗଚାଷୀ ଜମିର ମାଲିକ ହୁଅନ୍ତୁ, କିମ୍ବା ଭାଗଚାଷୀ ଜମିରୁ ଯାହା ଉତ୍ପନ୍ନ କରିବ ତାହାର ଛ'ଭାଗରୁ ପାଞ୍ଚଭାଗ (ଭାଗଚାଷୀ) ନେବ ଓ ୬ଭାଗରୁ ୧ଭାଗ ମାତ୍ର ଜମିର ମାଲିକ ନେବ । ଏତେବେଳକୁ ପୂର୍ବ-ବଙ୍ଗରେ ଭାଗଚାଷ ଆଇନ କାର୍ଯ୍ୟକାରୀ ହୋଇଥିଲା । ଉକ୍ତ ଆଇନର ବଙ୍ଗଳା ନାମ ଥିଲା, 'ତେ-ଭାଗା ଆଇନ' । ଅର୍ଥାତ୍ ଭାଗଚାଷୀ ଆୟର ୨ଭାଗ ନେବ ଏବଂ ଜମିର ମାଲିକ ୧ଭାଗ ନେବ । କିନ୍ତୁ ଓଡ଼ିଶା ନଠା ଆଇନ ଅନୁସାରେ ଭାଗଚାଷୀ ଆୟର ୫ଭାଗ ଓ ଜମିର ମାଲିକ ୧ଭାଗ ମାତ୍ର ପାଇବ । ଏଥିରେ ଜମି-ମାଲିକ ଓ ଅନ୍ୟାନ୍ୟ ଲୋକେ ଯେପରି ଉତ୍‌କ୍ଷିପ୍ତ, ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ, ରାଜସ୍ୱ ମନ୍ତ୍ରୀ ଶ୍ରୀ ତ୍ରିପାଠୀ ଏବଂ ତାଙ୍କ ସମର୍ଥନକାରୀମାନେ ସେହିପରି ହର୍ଷୋତ୍‌ଫୁଲ୍ଲିତ ହେଉଥାନ୍ତି । ମୁଁ ଦେଖିଲି ଦଳର ସଭାରେ ମଧ୍ୟ କେହି ନିଜର ମନୋଭାବନା ସ୍ପଷ୍ଟଭାବରେ କହୁ ନ ଥାନ୍ତି । ଅନ୍ୟାନ୍ୟ ରାଜନୈତିକ ଦଳର ଲୋକେ ମଧ୍ୟ ମନରେ ଗୋଟିଏ ଭାବନା ଏବଂ କଥାରେ ମୁଖ୍ୟମନ୍ତ୍ରୀ ଓ ତାଙ୍କ ଗୋଷ୍ଠୀକୁ ସୁହାଇଲା ଭଳିଆ କଥା କହୁଥାନ୍ତି । ବହୁତ ଲୋକ ଭାବୁଥାନ୍ତି, ପୂର୍ବବଙ୍ଗରେ ଯାହା ହୋଇଛି ଓଡ଼ିଶାରେ ତାହା ହେଉ । କିନ୍ତୁ ସେ ଭାବନା ପ୍ରକାଶକଲେ ନବବାବୁ ଓଗେରଙ୍କ ତୁଳନାରେ ସେମାନେ ପ୍ରତିକ୍ରିୟାଶୀଳ ବୋଲି ଜଣାପଡ଼ିବେ । ତେଣୁ କେହି କିଛି କହୁନଥାନ୍ତି । ରାଜନୈତିକ ଦଳ, ଗୋଷ୍ଠୀ ତଥା ବ୍ୟକ୍ତିଙ୍କର ଏପ୍ରକାର ମନୋବୃତ୍ତିରେ ମୁଁ ଅତ୍ୟନ୍ତ ବ୍ୟଥିତ ହୋଇଗଲି । ମୋର ଆନ୍ତରିକ ଇଚ୍ଛା ମୁଁ ଆଗରୁ ଖୋଲାଖୋଲି କହିଥିଲି ଯେ, ପୂର୍ବବଙ୍ଗ

Digitized by PPRACHIN, SOA

ତାଙ୍କରେ ଆମ ଭାଗଚାଷ ଆଇନ (Tenancy Relief Bill) ହେଉ । ଏଥିପାଇଁ ନବବାବୁଙ୍କ ଗୋଷ୍ଠୀ ମୋ ଉପରେ ଖଡ୍ଗହସ୍ତ । ମୁଁ ଏଥିରେ ବିଚଳିତ ହେଉ ନ ଥିଲି । ଦଳ ମିଟିଙ୍ଗ୍‌ରେ ଭାରି ଯୁକ୍ତିତର୍କ, ସମାଲୋଚନା, ପ୍ରତି-ସମାଲୋଚନା ଏବଂ ଝଗଡ଼ାଝାଟି ହେଉଥାଏ । ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀଙ୍କ ସପକ୍ଷରେ ବେଶି ସଭ୍ୟ ନ ଥାନ୍ତି । ମୁଁ ବରାବର ଦାବୀ କରୁଥାଏ ଯେ ଏ ବିଷୟରେ ଗୁପ୍ତ ଭୋଟ ହେଉ । ଶେଷରେ ଶ୍ରୀ ସୁରେନ୍ଦ୍ର-ନାଥ ପଟ୍ଟନାୟକଙ୍କ ମଧ୍ୟସ୍ଥତାରେ ଭାଗଚାଷ ଆଇନର ଖସଡ଼ା ସ୍ଥିର କରାଗଲା । ଜମି ମାଲିକ ପାଇବ ୨ଭାଗ ଏବଂ ଭାଗଚାଷୀ ପାଇବ ୩ଭାଗ । ଏଥିରେ ଉଣା-ଅଧିକେ ଉଭୟ ଗୋଷ୍ଠୀ ସନ୍ତୁଷ୍ଟ ହେଲେ ।

ଏହି ସମୟରେ ଜମିଦାରୀ ଓ ଅନ୍ୟାନ୍ୟ ମଧ୍ୟସ୍ୱତ୍ତ୍ୱାଧିକାରୀ ପ୍ରଥା ଉଚ୍ଛେଦ ସମ୍ପର୍କରେ ନାନା ତର୍କ-ବିତର୍କ ହେଉଥାଏ ଯଦିଓ ଆଗରୁ ଜମିଦାରୀ ଉଚ୍ଛେଦ ଆଇନ୍ ପାସ୍ ମାତ୍ର ହୋଇଥିଲା । ଓଡ଼ିଶା ଆଇନ ଭାରତରେ ଏକ ପ୍ରଗତିଶୀଳ ଆଇନ ବୋଲି ସମସ୍ତଙ୍କର ମତ । ମୁଁ ମଧ୍ୟ ଏହି ମତର ମତବାଦୀ । କିନ୍ତୁ ମୁଁ ସବୁବେଳେ କହୁଥାଏ ଯେ, ଯେତେଦିନ ପର୍ଯ୍ୟନ୍ତ ଦେଶବାସୀ ସମ୍ବିଧାନକୁ ମାନୁଥିବେ ସେତେଦିନ ପର୍ଯ୍ୟନ୍ତ କାହାରି ନଆଁ ଗିଲା ପ୍ରସ୍ତାବ ଅନୁସାରେ ଆସେମ୍ବ୍ଲିରେ କୌଣସି ଆଇନ ସହଜରେ ପାସ୍ ହୋଇପାରିବ ନାହିଁ । ଆସେମ୍ବ୍ଲି ଯଦି ପାସ୍ କରି ଚାଲିଯାଏ ଅଦାଲତ ସେପରି ଆଇନକୁ ନାକଚ କରିଦେବ । ମୋର ଏ ସ୍ପଷ୍ଟ କଥା ଶୁଣି କେହି କେହି ମୋଉପରେ ବିରକ୍ତ ହୁଅନ୍ତି ତ ଅନ୍ୟ କେହି କେହି କହନ୍ତି, ଯାହା ହେଉ ମୁଁ ସମ୍ବିଧାନ ଏବଂ ଆଇନକୁ ବରାବର ଅନୁସରଣ କରୁଅଛୁ । ନାନା ଘନଘଟା ଭିତରେ ଏ ଜମିଦାରୀ ଉଚ୍ଛେଦ ଆଇନ କାର୍ଯ୍ୟକାରୀ ହେବାକୁ ଲାଗିଲା । ଜମିଦାରମାନେ କେତେ ଦଫାରେ ଅଦାଲତର ଆଶ୍ରୟ ନେଇ ରିହାତି ପାଇଲେ । ଜମିଦାରୀ ଏବଂ ଅନ୍ୟାନ୍ୟ ମଧ୍ୟସ୍ୱତ୍ତ୍ୱାଧିକାରୀ ପ୍ରଥା ଲୋପକରି ପ୍ରଜାଙ୍କୁ ପ୍ରତ୍ୟକ୍ଷଭାବେ ସମ୍ପର୍କ କରାଇ ବହୁଦିନରୁ ପ୍ରଚଳିତ ବେଠି-ବେଗାରି-ମାଗଣା-ରସଦ-ପ୍ରଥା ଉଠାଇ ଥିବାରୁ ଆମ୍ଭେମାନେ ମଧ୍ୟ ସନ୍ତୁଷ୍ଟ ହେଲୁ ।

Digitized by PPRACHIN, SOA

ଜମି-ଅଧିକାରର ସର୍ବୋଚ୍ଚ ସୀମା (Ceiling)

ଜମିଦାରୀ ପ୍ରଥା ଉଚ୍ଛେଦ ଏବଂ ଭାଗଚାଷୀ ଆଇନ ପ୍ରଣୟନପୂର୍ବକ ଭାଗଚାଷୀଙ୍କୁ ସୁବିଧା ପ୍ରଦାନ ଇତ୍ୟାଦି ଯେଉଁ ସମୟରେ କରାଯାଉଥିଲା ସେହି ସମୟରେ ମଧ୍ୟ ଭୂ-ସଂସ୍କାର ଆଇନ କରିବା ନିମନ୍ତେ ଘନ ଘନ ଆଲୋଚନା ଚାଲିଥାଏ । କଂଗ୍ରେସ ଦଳ ଶାସନରେ ଥାନ୍ତି । ସେମାନେ ଏହା କରିବାକୁ ଅବଶ୍ୟ ଦୃଢ଼ପ୍ରତିଜ୍ଞ । ଭୂ-ସଂସ୍କାର ଆଇନ ପ୍ରଣୟନ କରି ସାମାଜିକ ନ୍ୟାୟ ଦେବା ବହୁ ବ୍ୟକ୍ତିଙ୍କ ଇଚ୍ଛା ଥାଏ । କିନ୍ତୁ ଜମିର ସର୍ବୋଚ୍ଚ ସୀମା (Ceiling) ନିର୍ଦ୍ଧାରଣ ସମ୍ପର୍କରେ କଂଗ୍ରେସର ଭିନ୍ନ ଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ମତ ଥାଏ । କମ୍ୟୁନିଷ୍ଟ ଏବଂ ସୋସାଲିଷ୍ଟମାନଙ୍କର ତ ମତ ଜଣା ଶୁଣା । ସେମାନେ ଅତ୍ୟନ୍ତ ନିଆଁ ଗିଳା ମତ ପ୍ରକାଶ କରି କହୁଥାନ୍ତି ଯେ, ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ୧୫।୨୦ ଏକର ମଧ୍ୟରେ ରଖାଯାଉ । କିନ୍ତୁ ତାଙ୍କ ମଧ୍ୟରୁ କେତେକଙ୍କର ମତ ଥାଏ ଯେ, ପ୍ରଥମ ଶ୍ରେଣୀ ଜମିର ଉଚ୍ଚ ସୀମା ୪୦।୫୦ ଏକର ରଖାଯାଉ ; କାରଣ ଏମାନଙ୍କ ମଧ୍ୟରେ କେତେଜଣଙ୍କର ବେଶି ବେଶି ଜମି ଥିଲା । କିନ୍ତୁ ଏ ମତ ସେମାନେ ପ୍ରକାଶ କରୁ ନ ଥାନ୍ତି । କଂଗ୍ରେସରେ ମଧ୍ୟ ଭିନ ମତ ଥିଲା । ଗୋଟିଏ ଶ୍ରେଣୀର ମତ ଯେ, ଉତ୍କୃଷ୍ଟ ଏବଂ ଚିର-ଜଳସେଚିତ ଜମି ୫।୧୦ ଏକର କିମ୍ବା ଅତି ବେଶି ହେଲେ ୧୦।୧୫ ଏକର ସର୍ବୋଚ୍ଚ ସୀମା ହେଉ । ଅନ୍ୟ ଏକ ଗୋଷ୍ଠୀର ମତ ଥିଲା ଯେ, ଚିର-ଜଳସେଚିତ ଜମିର ସର୍ବୋଚ୍ଚ ସୀମା ୫୦।୬୦ ଏକର ହେଉ । ଆଉ ଗୋଷ୍ଠୀର ମତ ଥିଲା ଯେ ଚିର-ଜଳସେଚିତ ଜମିର ସର୍ବୋଚ୍ଚ ସୀମା ୨୫।୩୦ ଏକର ରହୁ । କିନ୍ତୁ ଏ ସମ୍ପର୍କରେ ମୋର ପୃଥକ ମତ ଥିଲା । ମୁଁ କହୁଥିଲି, ଜମିର ସର୍ବୋଚ୍ଚ ସୀମା ପରିମାଣ ପାଞ୍ଚ, କିମ୍ବା ପନ୍ଦର, କିମ୍ବା ୨୫, କିମ୍ବା ୫୦ ଏକର ହେଉ ସେଥିରେ ମୋର ଆପତ୍ତି ନାହିଁ । ଯଦି ସାମାଜିକ ନ୍ୟାୟ ଦେବା ନିମନ୍ତେ ଜମିରୁ ଆୟ କରୁଥିବା ବ୍ୟକ୍ତିମାନଙ୍କର ଆୟର ସର୍ବୋଚ୍ଚ ସୀମା ନିର୍ଦ୍ଧାରିତ ହେବ, ତେବେ ଅନ୍ୟାନ୍ୟ ସୂତ୍ରରୁ ଆୟ କରୁଥିବା ବ୍ୟକ୍ତିମାନଙ୍କର ସର୍ବୋଚ୍ଚ-ଆୟ-ସୀମା ମଧ୍ୟ ନିର୍ଦ୍ଧାରିତ ହେଉ । ଆଜି ମଧ୍ୟ ମୁଁ ଏହି ମତ ପୋଷଣ କରୁଛି । ଏଥିରେ ମୋତେ ବହୁ ଲୋକ ସମର୍ଥନ କରୁଥିଲେ ।

Digitized by PPRACHIN, SOA

ଉପରୋକ୍ତମତେ ଭୂ-ସଂସ୍କାର ସମ୍ପର୍କରେ ନାନା ମତ ପ୍ରକାଶ ପାଉଥାଏ । ଆମର ମୁଖ୍ୟମନ୍ତ୍ରୀ ଶ୍ରୀ ଚୌଧୁରୀ ଜଣେ ପ୍ରଗତିଶୀଳ ବ୍ୟକ୍ତି । ବୋଧହୁଏ ସେ ଚେଷ୍ଟା କରୁଥାନ୍ତି ଜମି ସମ୍ପର୍କୀୟ ଆଇନ ସବୁ ଏପରି ଭାବରେ ପରିବର୍ତ୍ତିତ ଓ ସଂଶୋଧିତ ସେ କରିବେ ଯାହା ଫଳରେ ସେ ସାରା ଭାରତ ବର୍ଷରେ ଆଦୃତ ହେବେ । ନି: ଭା: କ: କମିଟି, କେନ୍ଦ୍ର ସରକାର ଏବଂ କେନ୍ଦ୍ର ନେତୃବୃନ୍ଦ, ବିଶେଷତଃ ପଣ୍ଡିତ ଜହରଲାଲଙ୍କ ଗୋଷ୍ଠୀ ସମସ୍ତ ପ୍ରକାର ଆଶୁ ଏବଂ ପ୍ରଗତିଶୀଳ ଭୂ-ସଂସ୍କାର ବିଷୟରେ ବହୁତ କୃପା ଦେଉଥାନ୍ତି । ରାଜ୍ୟ ସରକାରମାନେ ଏ କୃପାକୁ ଏଡ଼ି ଟାଳ ମଟାଳ କରୁଥାନ୍ତି । କେତେକ ଷ୍ଟେଟରେ ଏପରି ଭୂ-ସଂସ୍କାର ଆଇନ ପ୍ରଣୟନ କଲେ ଯେ, ତାହା ଲୋକଙ୍କ ପାଇଁ ମଙ୍ଗଳକର ହେଲା ନାହିଁ । ଓଡ଼ିଶା ସ୍ମାରକପତ୍ର, ଖଠା ଆଇନ ଏବଂ ଆଇନସବୁ ଅତି ପ୍ରଗତିବାଦୀ ହୋଇଥିଲା । ସେଥିପାଇଁ ଜହରଲାଲ ପ୍ରଭୃତି କେନ୍ଦ୍ର ନେତାମାନେ ଶ୍ରୀ ଚୌଧୁରୀଙ୍କୁ ଆଦର, ଶ୍ରଦ୍ଧା ଓ ଖାତିର କରୁଥିଲେ ।

ଏହିପରି ଅବସ୍ଥାରେ ମୁଁ ହୃଦ୍‌ବୋଧ କରୁଥାଏ ଯେ, ପ୍ରଗତିଶୀଳ ଭୂ-ସଂସ୍କାର ଆଇନମାନ ପ୍ରଣୀତ ହେଉ । କିନ୍ତୁ ସେ ସବୁ ଭାରତୀୟ ସମ୍ବିଧାନ-ସମର୍ଥିତ ହେବା ଦରକାର । କାହାକୁ ସନ୍ତୁଷ୍ଟ କରିବା ପାଇଁ କିମ୍ବା ନିଜର ଇଚ୍ଛା ପୂରଣ ପାଇଁ ସମ୍ବିଧାନବିରୋଧୀ କୌଣସି ଆଇନ ପ୍ରଣୀତ ନ ହେଉ । ଯଦି ସମାଜିକ ନ୍ୟାୟ ଉଦ୍ଦେଶ୍ୟରେ ଏହା କରାଯାଉଛି, ତେବେ ଏ ନ୍ୟାୟ ଦେଶର ସବୁ ଶ୍ରେଣୀ ଏବଂ ବ୍ୟକ୍ତିଙ୍କ ପ୍ରତି ପ୍ରଯୁଜ୍ୟ ହେଉ । ମୁଁ ଉତ୍ତମରୂପେ ଜାଣିଥାଏ ଯେ, ଅତି ପ୍ରଗତିଶୀଳ ଆଇନ କୌଣସି ଦଳ—କଂଗ୍ରେସ, କମ୍ୟୁନିଷ୍ଟ ଏବଂ ସୋସାଲିଷ୍ଟ—ଅନ୍ତରରୁ ସହିତ ଇଚ୍ଛା କରୁ ନଥାନ୍ତି ; କାରଣ ଏହି ସବୁ ଦଳମାନଙ୍କରେ ଏପରି ମୁଖ୍ୟ ବ୍ୟକ୍ତି ଅଛନ୍ତି ଯେଉଁମାନଙ୍କର ନିଜର କୁଟୁମ୍ବର ଜମିର ପରିମାଣ ଶହ ଶହ ଏକର ହେବ । ଅବଶ୍ୟ ସେମାନଙ୍କ ମଧ୍ୟରୁ ଅନେକ ଅତ୍ୟନ୍ତ ଆନ୍ତରିକତା ସହ ପ୍ରଗତିଶୀଳ ଆଇନ ପାଇଁ ଦୃଢ଼-ପ୍ରତିଜ୍ଞ ଥାନ୍ତି । ମୁଁ ତ ଜାଣେ ଯେ କଂଗ୍ରେସରେ ଏପରି ବ୍ୟକ୍ତି ଥିଲେ ଯେଉଁ-ମାନେ ହୃଦୟରୁ ସହିତ ଜଳସେଚିତ ଭୂମିର ସର୍ବୋଚ୍ଚ ସୀମା ୫/୭ ଏକର ମାତ୍ର ରଖିବାକୁ ଜିଦ୍ ଧରୁଥିଲେ । ଉପରୁ ହାଓ୍ୱା ଯାହା ଥାଉନା କାହିଁକି କଂଗ୍ରେସ ଦଳରେ ଯଦି ଭୋଟ ନିଆଯାଇଥାନ୍ତା ତେବେ ଅତି ନିମ୍ନ ପରିମାଣ ଜମିର ସୀମା ବିପକ୍ଷରେ ଭୋଟ ହୋଇଥାନ୍ତା । ଅର୍ଥାତ୍ ଜଳସେଚିତ ଜମିର

Digitized by PPRACHIN, SOA

ସର୍ବୋଚ୍ଚ ସୀମା ଯଦି ୧୫।୨୦ ଏକର ତଳକୁ ରଖାଯିବାର ପ୍ରସ୍ତାବ ଅଣା-ଯାଇଥାନ୍ତା ତେବେ କଂଗ୍ରେସ ଦଳରେ ଏହି ପ୍ରସ୍ତାବ ଗୃହୀତ ହୋଇ ପାରି ନ ଥାନ୍ତା ! ଉଚ୍ଚ କିମ୍ବା ନୀଚ ସୀମାର ପକ୍ଷପାତୀମାନେ ତାଙ୍କ ମତ ବୁଲି ବୁଲି ପ୍ରଚାର କରୁଥିବା ବେଳେ ମୁଁ ମୋ ମତ ଆଦୌ ପ୍ରଚାର କରୁନଥିଲି । ଲୋକେ କିନ୍ତୁ ମୋ ମତ ସ୍ପଷ୍ଟ ବୁଝି ପାରିଥିଲେ ! ଯଦି ଭୋଟ ହୁଏ ତେବେ ମୋ ମତ ସଂଖ୍ୟାଧିକ ଭୋଟରେ ଗୃହୀତ ହେବ ବୋଲି ମୁଁ ଜାଣିପାରିଥିଲି । ମୋର ମତ ପ୍ରାଞ୍ଜଳ ଏବଂ ବିଶଦ ଭାବରେ ପରବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ବର୍ଣ୍ଣିତ ହୋଇଛି ।

ଏହାପରେ ସପକ୍ଷ ବିପକ୍ଷ ପ୍ରଚାର ମଧ୍ୟରେ ସ୍ଥିର କରାଗଲା ଯେ, ଭୂ-ସଂସ୍କାର ସମ୍ପର୍କରେ ଦଳର ନିର୍ଦ୍ଦିଷ୍ଟ ମତ କଂଗ୍ରେସ ଆସେମ୍ବ୍ଲି ଦଳ ତଥା ସରକାରଙ୍କୁ ଜଣାଇ ଦିଆଯାଉ । ଏହି ଉଦ୍ଦେଶ୍ୟରେ କଂଗ୍ରେସ ଦଳ ତରଫରୁ ଏକ ସବ୍‌କମିଟି ଗଠିତ ହେଲା । ଉକ୍ତ ସବ୍-କମିଟିରେ ମୁଁ ମଧ୍ୟ ଜଣେ ସଭ୍ୟ ରହିଲି । ୫।୬ ଦିନ ପର୍ଯ୍ୟନ୍ତ ଗଭୀର ଏବଂ ଗୁରୁତର ଆଲୋଚନା ପରେ କମିଟି ରିପୋର୍ଟ ପେସ୍ କଲେ । ଏହି ରିପୋର୍ଟ ସର୍ବ-ସମ୍ମତ ହୋଇ ପାରିଲା ନାହିଁ । ଜମିର ସର୍ବୋଚ୍ଚ ପରିମାଣର ସୀମା ନିମନ୍ତେ କମିଟି ମଧ୍ୟମ ମତକୁ ଗ୍ରହଣ କଲେ । ତଥାପି ଯେଉଁ କେତେଜଣ ପୃଥକ ମତ ଦେଇଥିଲେ ତନ୍ମଧ୍ୟରୁ ମୁଁ ଜଣେ । ଅନ୍ୟମାନଙ୍କଠାରୁ ମୋର ପୃଥକ ମତ ସମ୍ପୂର୍ଣ୍ଣ ଭିନ୍ନ ଥିଲା ଏବଂ ସେହି ମତଟି ମୁଁ ଏକାକୀ ଦେଇଥିଲି । ଅନ୍ୟ ଯେଉଁମାନେ ପୃଥକ ମତ ଦେଇଥିଲେ ତନ୍ମଧ୍ୟରୁ କେହି ବା ଅତି ଉଚ୍ଚ, କେହି ବା ଅତି ନିମ୍ନ ପରିମାଣରେ ଜମିର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ପାଇଁ ମତ ବ୍ୟକ୍ତ କରିଥିଲେ ।

ଜମି-ସିଲିଂରେ ମୋର ପୃଥକ ମତ

ମୋର ପୃଥକ ମତର ବିଚାରଧାରା ନିମ୍ନ ପ୍ରକାର ଅଟେ ।

ଆର୍ଥିକ ଦୃଷ୍ଟିରୁ ସମାଜରେ ଭିନ୍ନ ଭିନ୍ନ ଶ୍ରେଣୀର ଲୋକ ଅଛନ୍ତି । ଯଥା : ଶିଳ୍ପପତି ଶ୍ରେଣୀ, ବ୍ୟବସାୟୀ ଗୋଷ୍ଠୀ, ସରକାରୀ-ବେ-ସରକାରୀ କର୍ମଚାରୀବୃନ୍ଦ, କଳ-କାରଖାନା ଏବଂ ଖଣି-ଖାଦାନରେ ଓ ବ୍ୟବସାୟ

Digitized by PPRACHIN, SOA

ସଂସ୍ଥାମାନଙ୍କରେ କାର୍ଯ୍ୟ କରୁଥିବା ସଂଗଠିତ ଶ୍ରମିକ ଶ୍ରେଣୀ ଇତ୍ୟାଦି । ଯଦି ଆୟର ସୀମା ନିର୍ଦ୍ଦିଷ୍ଟ କରାଯିବ ତେବେ ଉପର୍ଯ୍ୟୁକ୍ତ ସମସ୍ତ ଶ୍ରେଣୀଙ୍କର ଆୟର୍ ସୀମା ମଧ୍ୟ ନିର୍ଦ୍ଦିଷ୍ଟ କରାଯିବା ଉଚିତ । ତାହା ନକରି କେବଳ କୃଷି କ୍ଷେତ୍ରରୁ ଆୟ କରୁଥିବା ଗୋଷ୍ଠୀଙ୍କର ଆୟସୀମା ନିର୍ଦ୍ଧାରଣ କରିବାଦ୍ୱାରା ଅନ୍ୟାନ୍ୟ ସୂତ୍ରରୁ ଶିଳ୍ପ, ବାଣିଜ୍ୟ, ଠିକାରି ଏବଂ ମଜୁଦ୍ଦାରୁ ଆୟ କରୁଥିବା ବ୍ୟକ୍ତିମାନଙ୍କୁ ଅବାଧ ସୁବିଧା ଦିଆଯାଉଛି ଯେ, ସେମାନେ ଯେତେ ଇଚ୍ଛା ସେତେ ଆୟ କରି ବର୍ତ୍ତମାନ ଜୀବନ ଅତ୍ୟନ୍ତ ବିଳାସ ବ୍ୟସନରେ ଅତି-ବାହିତ କରି ଭବିଷ୍ୟତ ଓ ଭବିଷ୍ୟତ ବଂଶଧର ପାଇଁ ମଧ୍ୟ ସମ୍ପତ୍ତି ଗଚ୍ଛିତ କରି ରଖିବାର ସୁବିଧା ପାଉଛନ୍ତି । କୃଷିକ୍ଷେତ୍ରରୁ ଆୟ କରୁଥିବା ଲୋକେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି । ତେଣୁ ଏହାଦ୍ୱାରା ସାମାଜିକ ନ୍ୟାୟ ତ କାହାକୁ ମିଳୁନାହିଁ, ବରଂ କୃଷି କ୍ଷେତ୍ରରୁ ଆୟ କରୁଥିବା ଲୋକଙ୍କ ପ୍ରତି ସାମାଜିକ ଅନ୍ୟାୟ କରିବା ସଙ୍ଗେ ସଙ୍ଗେ ଅନ୍ୟ ଶ୍ରେଣୀମାନଙ୍କ ପ୍ରତି ଅନୁଗ୍ରହମୂଳକ ପକ୍ଷପାତ ବିଚାର କରାଯାଉଛି । ଯଦି ସାମାଜିକ ନ୍ୟାୟ ଉଦ୍ଦେଶ୍ୟରେ ଜମିର ସର୍ବୋଚ୍ଚ ପରିମାଣ ନିର୍ଦ୍ଧାରଣପୂର୍ବକ କୃଷକର ଆୟ-ସୀମା ସୀମିତ କରାଯିବ, ତେବେ ଅନ୍ୟ ସୂତ୍ରରୁ ଆୟ କରୁଥିବା ଗୋଷ୍ଠୀ, ଯଥା—ଶିଳ୍ପ-ବାଣିଜ୍ୟପତି, ଠିକାଦାର ଓ ସଂଗଠିତ ଶ୍ରମିକ ଶ୍ରେଣୀଙ୍କର ମଧ୍ୟ ଆୟର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ କରାଯାଉ । ଏହା ହେଲେ ସାମାଜିକ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟ ସିଦ୍ଧ ହେବ । ଯଦି ଅନ୍ୟ ସୂତ୍ରରୁ ଆୟ କରୁଥିବା ଗୋଷ୍ଠୀମାନଙ୍କର ଆୟ ସୀମା ନିର୍ଦ୍ଦିଷ୍ଟ ନ ହୁଏ ତେବେ କୃଷିକ୍ଷେତ୍ରରୁ ଆୟ କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଅନ୍ୟାୟ ନିଶ୍ଚୟ କରାଯିବ । ତେଣୁ ମୋର ମତ ଏବଂ ଦାବୀ ଥିଲା ଯେ ଉପରୋକ୍ତ ସମସ୍ତ ଶ୍ରେଣୀଙ୍କର ଆୟର ସର୍ବୋଚ୍ଚ ସୀମା ନିର୍ଦ୍ଧାରଣ ପାଇଁ ଯୁଗପତ୍ ଚଠା ଆଇନମାନ ଆସେମ୍ବ୍ଲିରେ ପେସ୍ କରାଯାଇ ତାହା ଗୃହୀତ ହେଉ । କିନ୍ତୁ କୌଣସି ଦଳ ବା ବ୍ୟକ୍ତି ଏଥିପ୍ରତି ଆଗ୍ରହୀ ନଥିଲେ । ଆଉ ମଧ୍ୟ ଶିଳ୍ପ ଓ ବାଣିଜ୍ୟପତି ଏବଂ ଠିକାଦାର ଓ ଶ୍ରମିକମାନଙ୍କର ଆୟ-ସୀମା ନିର୍ଦ୍ଦିଷ୍ଟ କରିବାକୁ କୌଣସି ରାଜନୈତିକ ଦଳ, ବିଶେଷତଃ କଂଗ୍ରେସ ଦଳର କଳ୍ପନା, କିମ୍ବା ଇଚ୍ଛା, କିମ୍ବା ସାହସ ନ ଥିଲା ।

ମୋର ପୁଣି ଯୁକ୍ତି ଥିଲା ଯେ, ଯଦି ଜଣେ ଜଣେ ବ୍ୟକ୍ତି ବା ଗୋଟିଏ ଗୋଟିଏ କୁଟୁମ୍ବ ବେଶି ଜମି ରଖିବାରୁ ଉତ୍ତମ ଚାଷ ହୋଇ ବର୍ଦ୍ଧିତ ଉତ୍ପାଦନ ନ ହେଉଛି, ତେବେ ସେଥିପାଇଁ ଆଇନ କରିଦିଆଯାଉ ଯେ,

Digitized by PPRACHIN, SOA

ବଡ଼, ମଧ୍ୟମ ଏବଂ କ୍ଷୁଦ୍ର କୃଷକ ସମସ୍ତେ ନିର୍ଦ୍ଦିଷ୍ଟ ପରିମାଣରେ ଉତ୍ପାଦନ କରିବେ ଓ ବଢ଼ାଇବେ । ତାହା ନ କଲେ ତାଙ୍କଠାରୁ ଜମି ଅନ୍ତର କରାଇ ନିଆଯିବ । ଏହି ନୀତି ସମସ୍ତଙ୍କ ପ୍ରତି ପ୍ରଯୁଜ୍ୟ ହେଉ । କ୍ଷୁଦ୍ର ଚାଷୀ ତା ଜମିରୁ ଉତ୍ତମ ଉତ୍ପାଦନ ଦେଖାଇ ନ ପାରିଲେ ସେ ମଧ୍ୟ ଉକ୍ତ ଜମିର ଅଧିକାରୀ ହେବା ଅନୁଚିତ । ବଡ଼ ଚାଷୀ ବେଶୀ ଉତ୍ପାଦନ କଲେ ତାର ବଳକା ବା ଉଦ୍‌ବୃତ୍ତ ଉତ୍ପନ୍ନ ସରକାର ଉଚିତ ମୂଲ୍ୟ ଦେଇ ଖରିଦ କରି ନେବେ । ଏହି ପ୍ରକାର କଲେ ସାମାଜିକ ନ୍ୟାୟ ମଧ୍ୟ ହେବ ।

ମୋର ଆଉ ଏକ ଯୁକ୍ତି ଥିଲି ଯେ, ଅଣ-ସାମ୍ୟବାଦୀ କିମ୍ବା ବ୍ୟକ୍ତିବାଦୀ ସମାଜରେ ଲୋକେ ସମ୍ପତ୍ତି ଆହରଣ ଓ ସଂରକ୍ଷଣ କରନ୍ତି ତାଙ୍କ ଭବିଷ୍ୟତ ବଂଶଧର ପାଇଁ, ପୁଅ-ନାତି ପାଇଁ ; କାରଣ ଏହିପରି ସମାଜରେ କୌଣସି ବ୍ୟକ୍ତିର କର୍ମସଂସ୍ଥାନ କରାଇବା ବା ରୋଜଗାରର ପନ୍ଥା ବ୍ୟବସ୍ଥା କରାଇବା ସରକାର କିମ୍ବା ସମାଜର ନୈତିକ କିମ୍ବା ଆଇନତଃ କର୍ତ୍ତବ୍ୟ ନ ଥାଏ । ତେଣୁ ପ୍ରତ୍ୟେକ ବ୍ୟକ୍ତି ତା ନିଜର ଏବଂ କୁଟୁମ୍ବର ଭବିଷ୍ୟତ ପାଇଁ ଏହା କରିଥାନ୍ତି । ସମାଜ ଯଦି ଭାବନ୍ତି ଯେ, ନିର୍ଦ୍ଦିଷ୍ଟ ପରିମାଣରୁ ଅଧିକ ସମ୍ପତ୍ତି କେହି ରଖି ପାରିବେ ନାହିଁ ତେବେ ଯେତେବେଳେ କୁଟୁମ୍ବ ବୃଦ୍ଧି ହେତୁ ଉକ୍ତ ନିର୍ଦ୍ଦିଷ୍ଟ ପରିମାଣ ସମ୍ପତ୍ତି ଯଥେଷ୍ଟ ନ ହେବ ସେତେବେଳେ ଉକ୍ତ ଅଧିକା ଲୋକଙ୍କୁ କୌଣସି ରୋଜଗାରର ସୂତ୍ରର ବ୍ୟବସ୍ଥା ସରକାର କରିବା ନିତାନ୍ତ ଉଚିତ । ତାହା ନ କଲେ ସାମାଜିକ ଅନ୍ୟାୟ ନିଶ୍ଚୟ ହେବ ।

ଯଦି ମଫସଲରେ ଥିବା କୃଷକମାନଙ୍କର ଜମିର ପରିମାଣ ନିର୍ଦ୍ଦିଷ୍ଟ କରି ଆୟ ସୀମିତ କରାଯାଉଛି, ତେବେ ସହର ବଜାରମାନଙ୍କରେ ଥିବା ବ୍ୟକ୍ତିମାନଙ୍କର ଜମି ଓ ଘରବାଡ଼ିର ସର୍ବୋଚ୍ଚ ପରିମାଣ ନିର୍ଦ୍ଦିଷ୍ଟ କରିବା ନିମନ୍ତେ ଏହି ଭୂ-ସଂସ୍କାର ଆଇନରେ ବ୍ୟବସ୍ଥା କରାଗଲେ ନ୍ୟାୟ-ପୂର୍ଣ୍ଣ ଏବଂ ନିରପେକ୍ଷ ବିଚାର କରାଗଲା ବୋଲି ଧରାଯିବ । ତାହା କରାଯିବା ପାଇଁ ମୁଁ ମଧ୍ୟ ଦାବୀ କରୁଛି ।

ଅନ୍ୟ ଏକ ବିଚାରରୁ ମୁଁ ଯୁକ୍ତି ଦେଖାଇଥିଲି ଯେ, କୃଷି ସୂତ୍ରରୁ ଆୟ କରୁଥିବା ବ୍ୟକ୍ତିଙ୍କର ଆୟସୀମା ନିର୍ଦ୍ଧାରଣ କରିବାଦ୍ୱାରା କୃଷକ-ମାନଙ୍କ ମଧ୍ୟରେ କେହି ତାଙ୍କ ସନ୍ତାନ ସନ୍ତତିର ଉଚ୍ଚ ଶିକ୍ଷା, ଉତ୍ତମ ଚିକିତ୍ସା ବନ୍ଦୋବସ୍ତ କରିପାରିବେ ନାହିଁ, କିମ୍ବା ଉଚ୍ଚ ମାନଦଣ୍ଡରେ ଜୀବନ

Digitized by PPRACHIN, SOA

ଯାପନ କରିପାରିବେ ନାହିଁ । ଏହାର ଉଦାହରଣ ସ୍ୱରୂପ କୁହାଯାଇ-ପାରେ ଯେ କୌଣସି କୃଷକ ଖଣ୍ଡେ ହେଲେ ମଟର ଗାଡ଼ି ରଖି ପାରିବ ନାହିଁ, କିମ୍ବା ରେଳରେ ପ୍ରଥମ ଶ୍ରେଣୀରେ କିମ୍ବା ବ୍ୟୋମଯାନରେ ଯାତାୟାତ କରି ପାରିବ ନାହିଁ ।

ଏହି ସବୁ ବିଚାରଧାରା ଓ ଯୁକ୍ତିରୁ ମୁଁ ମୋର ପୃଥକ ମତରେ ଦାବୀ କରିଥିଲି ଯେ ସମାଜରେ ସବୁ ସୂତ୍ରରୁ ଆୟ କରୁଥିବା ସହର ଏବଂ ମଫସଲ ବ୍ୟକ୍ତିଙ୍କର ଆୟର ସର୍ବୋଚ୍ଚ ସୀମା ନିର୍ଦ୍ଧାରିତ ହେଉ । ଏ ଆୟ-ସୀମା ନିର୍ଦ୍ଧାରଣ ଶିଳ୍ପ-ପତି, ବ୍ୟବସାୟୀ, କୃଷକ, ସରକାରୀ ଏବଂ ବେ-ସରକାରୀ ଚାକିରିଆ ଓ କଳ-କାରଖାନାରେ କାର୍ଯ୍ୟ କରୁଥିବା ଶ୍ରମିକ-ମାନଙ୍କ ପ୍ରତି ଏକ ସମୟରେ ଲାଗୁ ହେଉ ।

ମୁଁ କିନ୍ତୁ ଜମିର ସର୍ବୋଚ୍ଚ ପରିମାଣ ସୀମା ଉପରେ ବିଶେଷ ଜୋର ଦେଇ ନଥିଲି; କାରଣ ଯାହା ହେବ ସବୁ ଶ୍ରେଣୀର ଲୋକଙ୍କ ପାଇଁ ହେବ ସାମାଜିକ ଓ ଅର୍ଥନୈତିକ ନ୍ୟାୟ ହେବା ଯୁକ୍ତିର ସହିତ ମୋର ଏ ପୃଥକ ମତ ଏକ ଚାଞ୍ଚଲ୍ୟ ସୃଷ୍ଟି କଲା । ଯେଉଁମାନେ କେବଳ ବଡ଼ କୃଷକମାନଙ୍କ ଉପରେ ଆକ୍ରମଣ କରୁଥିଲେ ସେମାନେ ପୁନର୍ବାର ଭାବିବାକୁ ଲାଗିଲେ । ଯେଉଁମାନେ ଅତି ଉଗ୍ର ଭାବରେ ପ୍ରଗତି କଥା କହୁଥିଲେ ସେମାନେ ମୋତେ ଅନୁରୋଧ କଲେ ଯେ, ମୁଁ ଆମ କଂଗ୍ରେସ ଦଳ ଉପରେ ଚାପ ପକାଇବି, ଯେପରି ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଏବଂ ଚାକିରୀ ସୂତ୍ରରୁ ଆୟ କରୁଥିବା ବ୍ୟକ୍ତିଙ୍କର ଆୟର ସର୍ବୋଚ୍ଚ ସୀମା ନିର୍ଦ୍ଦିଷ୍ଟ କରାଇବା ନିମନ୍ତେ ଶୀଘ୍ର ଗୋଟା ଆଇନ (Bill) କରି ଆସେମ୍ବ୍ଲିରେ ପେସ୍ କରନ୍ତୁ । କିନ୍ତୁ ମୁଁ ଉତ୍ତର ଦେଲି ଯେ, ଏହା କେନ୍ଦ୍ର ସରକାରଙ୍କ କାମ । ତେଣୁ ଯେଉଁ ସର୍ବଭାରତୀୟ ରାଜନୈତିକ ଦଳମାନେ, ବିଶେଷତଃ ନି: ଭା: କ: ଦଳ, ସମାଜବାଦୀ ଦଳ, ସାମ୍ୟବାଦୀ ଦଳ ପ୍ରଭୃତି ଏବଂ କେନ୍ଦ୍ର ସରକାର ଭୂ-ସଂସ୍କାର ପାଇଁ ରାଜ୍ୟ ସରକାରମାନଙ୍କ ଉପରେ ଏତେ ଚାପ ଦେଉଛନ୍ତି ସେମାନେ କେନ୍ଦ୍ର ପାର୍ଲିଆମେଣ୍ଟରେ ଏହା ଆଇନଦ୍ୱାରା କରାଇବାକୁ ଜୋର ଦିଅନ୍ତୁ । ନି: ଭା: କ: କମିଟି ମିଟିଙ୍ଗ୍‌ରେ ଏକ ସଂଶୋଧନ ପ୍ରସ୍ତାବ ଆକାରରେ ମୁଁ ଏହି ମର୍ମରେ ଏକ ପ୍ରସ୍ତାବ ଦେଇଥିଲି । ଅନ୍ୟ କେତେକ ସଭ୍ୟ ଏ ବିଷୟରେ ମୋତେ ସମର୍ଥନ କରିଥିଲେ । କିନ୍ତୁ ସେଠାରେ ମଧ୍ୟ କେତେକ ସଭ୍ୟ ମୋର ଏ ସଂଶୋଧନ ପ୍ରସ୍ତାବର ବିରୋଧ କରିଥିଲେ ।

Digitized by PPRACHIN, SOA

ଏଥିପାଇଁ ଓଡ଼ିଶାର ତାତ୍କାଳିକ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ଅବଶ୍ୟ ମୋ ଉପରେ ବିରକ୍ତ ହୋଇଥିଲେ । କିନ୍ତୁ ମୋତେ ଯୁକ୍ତିରେ ପରାସ୍ତ କରିପାରିନଥିଲେ । ମୋର ଯୁକ୍ତିସବୁ ବିଚାରକୁ ନ ନେଇ ଶେଷରେ ଓଡ଼ିଶା ପାଇଁ ଏକ ଭୂ-ସଂସ୍କାର ଆଇନ ପାସ ହେଲା । ତାହା ମଧ୍ୟ ସଂବିଧାନ-ବିରୋଧୀ ବୋଲି ଅଦାଲତରେ ଅସିଦ୍ଧ ଘୋଷିତ ହେବାରୁ ଉକ୍ତ ଆଇନର ଅସଲ କେତେକ ଦଫା କାର୍ଯ୍ୟାନ୍ୱିତ ହୋଇପାରିଲା ନାହିଁ ।

Digitized by PPRACHIN, SOA

ଭୂଦାନ

ସାମାଜିକ ଓ ଅର୍ଥନୈତିକ ସାମ୍ୟ ଏବଂ ନ୍ୟାୟ ପାଇଁ ଜମିଦାରି ଉଚ୍ଛେଦ, ଭାଗଚାଷ ଓ ଭୂ-ସଂସ୍କାର ଆଇନ ପ୍ରଣୟନ ପ୍ରଭୃତି ଯେପରି କେତେକ ସରକାରୀ ପଦକ୍ଷେପ, ଉକ୍ତ ଉଦ୍ଦେଶ୍ୟରେ ଭୂ-ଦାନ, ସମ୍ପତ୍ତି-ଦାନ, ଗ୍ରାମ-ଦାନ, ଜିଲ୍ଲା-ଦାନ ଓ ରାଜ୍ୟ-ଦାନ ପ୍ରଭୃତି ମଧ୍ୟ ସେହିପରି ବେ-ସରକାରୀ ପଦକ୍ଷେପ । ଭୂଦାନ ଚିନ୍ତା ପ୍ରଥମେ ଗାନ୍ଧୀବାଦୀ ନେତା ସନ୍ଥ ବିନୋବାଜୀ କରିଥିଲେ । ସ୍ୱାଧୀନତା ପରେ ପୂର୍ବତନ ଷ୍ଟେଟ ବା ଗଡ଼ଜାତ ରାଜ୍ୟ ହାଇଦ୍ରା-ବାଦର ତେଲେଙ୍ଗାନା ଅଞ୍ଚଳରେ ବଡ଼ ଚାଷୀ ଏବଂ ଜମିଦାରମାନଙ୍କଠାରୁ ହିଂସାତ୍ମକ ପନ୍ଥାରେ ଜମି ଛଡ଼ାଇ ଆଣି ନିଜେ ଅଧିକାର କରିବା କିମ୍ବା ଗରିବ ଲୋକଙ୍କ ମଧ୍ୟରେ ବଣ୍ଟନ କରିବା ନିମନ୍ତେ ଯେଉଁ ରକ୍ତାକ୍ତ ଆନ୍ଦୋଳନ ଚାଲିଲା ତାର ପ୍ରତିକାର ପାଇଁ ସନ୍ଥ ବିନୋବାଜୀ ନିଜେ ସେ ଅଞ୍ଚଳକୁ ଯାଇ ସଭା ସମିତିରେ ଉଭୟ ଜମି ମାଲିକ ଓ ଆନ୍ଦୋଳନକାରୀଙ୍କୁ ବୁଝାଇ ଶୁଝାଇ ସେଠାରେ ଶାନ୍ତି ସ୍ଥାପନ କରିଥିଲେ । ବିନୋବାଜୀ ଜମି ମାଲିକମାନଙ୍କୁ ଅନୁରୋଧ କଲେ ଯେ, ସେମାନେ ତାଙ୍କ ଜମିର କିଛି ଅଂଶ ବିନୋବାଙ୍କ ହସ୍ତରେ ଅର୍ପଣ କରନ୍ତୁ । ଏହି ଜମି ସେ ଜମିହୀନମାନଙ୍କୁ ବଣ୍ଟନ କରିବେ । ତାଙ୍କର ଏ ପ୍ରସ୍ତାବ ସେ ଆନ୍ଦୋଳନକାରୀଙ୍କୁ ମଧ୍ୟ ବୁଝାଇଥିଲେ । ଆନ୍ଦୋ-ଳନକାରୀମାନେ ମଧ୍ୟ କେତେକାଂଶରେ ଏ ପ୍ରସ୍ତାବରେ ରାଜି ହେଲେ । ଯେଉଁମାନେ ରାଜନୈତିକ ଉଦ୍ଦେଶ୍ୟରେ ଏହା କରୁଥିଲେ ସେମାନେ ରାଜି ହୋଇ ନଥିଲେ ମଧ୍ୟ ଜମିହୀନ ଲୋକେ ଯେତେବେଳେ ରାଜି ହୋଇଗଲେ ସେତେବେଳେ ରାଜନୈତିକ ବ୍ୟକ୍ତିଙ୍କ ନେତୃତ୍ୱ କାର୍ଯ୍ୟ କଲାନାହିଁ । ବିନୋ-ବାଜୀ ଜମିଦାରମାନଙ୍କୁ ଅପିଲ କଲେ ଯେ ଭାରତୀୟ, ବିଶେଷତଃ ହିନ୍ଦୁ ସଂସ୍କୃତି ଅନୁସାରେ ପ୍ରତ୍ୟେକ ବ୍ୟକ୍ତି ତାର ସମ୍ପତ୍ତିର ଏକ-ଷଷ୍ଠାଂଶ, ଅର୍ଥାତ୍ ୬ଭାଗରୁ ୧ ଭାଗ ଗରିବଙ୍କୁ ଦାନ କରିବା ଉଚିତ । ଜମି ମାଲିକ-ମାନେ ଆନ୍ଦୋଳନକାରୀଙ୍କର ହିଂସାତ୍ମକ ଆକ୍ରମଣରୁ ମୁକ୍ତି ପାଇବା

Digitized by PPRACHIN, SOA

ଉଦ୍ଦେଶ୍ୟରେ ଏଥିରେ ରାଜି ହେଲେ । ଜମିହୀନ ବ୍ୟକ୍ତିମାନେ ମଧ୍ୟ ଏଥିରେ ସନ୍ତୁଷ୍ଟ ହେଲେ । ତେଲେଙ୍ଗାନା ଅଞ୍ଚଳରେ ଶାନ୍ତି ବିରାଜିଲା ।

ବିନୋବାଜୀ ଯେତେବେଳେ ଦେଖିଲେ ଯେ, ତାଙ୍କର ଜମି-ଗ୍ରହଣ (ଭୂ-ଭିକ୍ଷା) ଏବଂ ଜମି-ବଣ୍ଟନ ଏତେବଡ଼ ହିଂସାତ୍ମକ ଆନ୍ଦୋଳନକୁ ଶାନ୍ତ କରିଦେଲା, ସେ ଅତ୍ୟନ୍ତ ଆଶାନ୍ୱିତ ହେଲେ । ସେତେବେଳକୁ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରେ ଅଧିକେ ଏହିପରି ଆନ୍ଦୋଳନର ସୂତ୍ରପାତ ହୋଇଥାଏ । କେଉଁ କେଉଁଠାରେ ଜମିହୀନ ବ୍ୟକ୍ତି ଓ ଭାଗ-ଚାଷୀ ପ୍ରଜାମାନେ ଜମିସବୁ ଜବର-ଦଖଲ କରୁଥିଲେ । ଏ ସମସ୍ୟାର ସମାଧାନ ପାଇଁ ପୂର୍ବୋକ୍ତମତେ ସରକାର ପଦକ୍ଷେପ ନେଉଥିଲେ । ତେଲେଙ୍ଗାନା ଅନୁଭୂତିରୁ ଉତ୍ସାହ ଓ ଅନୁପ୍ରେରଣା ପାଇ ବିନୋବାଜୀ ଜମି ସମ୍ପର୍କୀୟ ଏହି ଜଟିଳ ସମସ୍ୟା ସମାଧାନ ନିମନ୍ତେ ଶାନ୍ତିପୂର୍ଣ୍ଣ ଜମି-ଗ୍ରହଣ ଓ ବଣ୍ଟନର ଆନ୍ଦୋଳନରେ ନିଜକୁ ନିୟୋଜିତ କଲେ । ଏହାକୁ ଭୂଦାନ ଆନ୍ଦୋଳନ କୁହାଯାଏ । ଆଉ ଟିକିଏ ବ୍ୟାଖ୍ୟା କରିବାକୁ ଗଲେ ଭୂ-ଦାନ ହେଉଛି ଯାହାର ଯେତେ ଜମି ଅଛି, ସେ ଉକ୍ତ ଜମିର ଏକଷଷ୍ଠାଂଶ ବା ୬ଭାଗରୁ ୧ଭାଗ ବିନୋବାଜୀଙ୍କ ହାତରେ ଦାନ କରିବେ । ବିନୋବାଜୀ ଉକ୍ତ ଜମିକୁ ଜମିହୀନମାନଙ୍କ ମଧ୍ୟରେ ବଣ୍ଟନ କରିବେ । ଏହି ଭୂ-ଦାନରୁ କ୍ରମେ ସମ୍ପତ୍ତି-ଦାନ ଆନ୍ଦୋଳନର ସୂତ୍ରପାତ ହେଲା । ସମ୍ପତ୍ତି-ଦାନରେ ମଧ୍ୟ ସମ୍ପତ୍ତିର ମାଲିକ ତାର ସମ୍ପତ୍ତିର ଏକଷଷ୍ଠାଂଶ ବିନୋବାଜୀଙ୍କ ହସ୍ତରେ ଅର୍ପଣ କରିବ । ବିନୋବାଜୀ ଗରିବଙ୍କର ଉପକାରାର୍ଥେ ତାହା ବିନିଯୋଗ କରିବେ ।

ମୁଁ ପ୍ରତ୍ୟେକ ବିଷୟରେ ଭଲ ମନ୍ଦ ବିଚାର ନ କରି ହଠାତ୍ କିଛି ଗ୍ରହଣ କରେ ନାହିଁ । ବିନୋବାଜୀଙ୍କର ଏହି ଆନ୍ଦୋଳନରେ ଭାଗ ନେବା ପାଇଁ ମୋତେ ବହୁତ ବନ୍ଧୁ ଅନୁରୋଧ କଲେ । ମୁଁ ଦେଖିଲି, ସମାଜରୁ ଅର୍ଥ-ନୈତିକ ବୈଷମ୍ୟ ଦୂର କରିବା ନିମନ୍ତେ ବିନୋବାଜୀଙ୍କ କାର୍ଯ୍ୟ ଅତିବ ସୁନ୍ଦର ଏବଂ କାର୍ଯ୍ୟକାରୀ । ଲୋକେ ସ୍ୱତଃ ଜମି ଏବଂ ସମ୍ପତ୍ତି ଦାନ କରିବେ । ବିନୋବାଜୀ ଏକ ଗୃହୀତ ନୀତି ଅନୁସାରେ ତାହା ଗରିବ ଏବଂ ଜମିହୀନଙ୍କର ହିତାର୍ଥେ ସଦ୍‌ବ୍ୟବହାର କରିବେ । ଏହି ଜମିଦ୍ୱାରା ଗ୍ରାମମାନଙ୍କରେ ସମବାୟ କୃଷି ଇତ୍ୟାଦି ହେବା ସଙ୍ଗେ ସଙ୍ଗେ ବ୍ୟକ୍ତିଗତ ମାଲିକାନା ଦୂରୀଭୂତ ହୋଇ ସମାଜିକ-ସ୍ୱତ୍ୱର ସୂତ୍ରପାତ ହେବ । ଏହା ସଙ୍ଗେ ସଙ୍ଗେ ମଧ୍ୟ ବିଚାର କଲି ଯେ, ସରକାରୀ ହିସାବରେ ଭୂ-ସଂସ୍କାର ସମ୍ପର୍କୀୟ ଯେତେ

Digitized by PPRACHIN, SOA

ପଦକ୍ଷେପ ନିଆଯାଇଛି ତାହା ବହୁ ବାଧା-ବିଘ୍ନପୂର୍ଣ୍ଣ । ଏଥିରେ ସାମ୍ବିଧାନିକ ଓ ଆଇନଗତ ବାଧା ଉପୁଜିବ । ଆଉ ମଧ୍ୟ ଆଇନଗୁଡ଼ିକ ସମ୍ବିଧାନସମ୍ମତ ହେଲେ ସୁଦ୍ଧା ଜମି ଏବଂ ସମ୍ପତ୍ତିର ମାଲିକମାନେ ମିଶି ଏହା କାର୍ଯ୍ୟକାରୀ କରାଇବାରେ ବାଧା-ବିଘ୍ନ ଉପୁଜାଇବେ । ଫଳତଃ ଯେଉଁ ଭାଗଚାଷୀ କିମ୍ବା ଗରିବଙ୍କ ଉଦ୍ଦେଶ୍ୟରେ ଏ ଆଇନମାନ ପ୍ରଣୀତ ହେଉଛି ବା ହେବ ଜମିହୀନ ଏବଂ ଗରିବ ଲୋକେ ତାର ସୁବିଧା ପାଇପାରିବେନାହିଁ । ତେଣୁ ବିନୋବାଜୀଙ୍କର ଏ କାର୍ଯ୍ୟକୁ ପସନ୍ଦ କରି ମୋର ଶକ୍ତି ଅନୁସାରେ ମୁଁ ପ୍ରଚାରରେ ଲାଗିଲି । ମୋର ଅଳ୍ପ ଯାହା କିଛି ଜମି ଥିଲା ୧୯୩୮-୩୯ ପ୍ରଜା-ମଣ୍ଡଳ ଆନ୍ଦୋଳନ ଏବଂ ୧୯୪୨-୪୩ ଭାରତ ଛାଡ଼ ଆନ୍ଦୋଳନରେ ସବୁ ବାଜ୍ୟାପ୍ତ ହୋଇଯାଇଥିଲା । ତେଣୁ ମୁଁ ହଠାତ୍ ଜମି ଦେଇ ପାରିଲି ନାହିଁ । କିନ୍ତୁ ମୋର ଯେଉଁ ସତ୍‌କଷ୍ଟିତ୍ ଆୟ ହେଉଥାଏ ସେଥିରୁ ଗରିବଙ୍କ ପାଇଁ ଏକଷଷ୍ଠାଂଶ କାହିଁକି ବରଂ ଅର୍ଦ୍ଧାଧିକ ଦାନ କରୁଥିଲି ।

ଏହି ଭୂଦାନ ଆନ୍ଦୋଳନ କ୍ରମଶଃ ଲୋକପ୍ରିୟ ହୋଇ ବିରାଟ ଶାନ୍ତ ଆନ୍ଦୋଳନରେ ପରିଣତ ହେଲା । ଏଥିରେ ହତାଶ ହୋଇଥିଲେ ସାମ୍ୟ-ବାଦୀ ଦଳମାନେ । କାରଣ ଜମିଦାନ ଓ ବଣ୍ଟନ, ସମ୍ପତ୍ତି-ଦାନ ଓ ବଣ୍ଟନ ହୋଇଗଲେ ଜନ ସାଧାରଣଙ୍କ ମନରୁ ଈର୍ଷା ଏବଂ ଅଶାନ୍ତ ଦୂର ହୋଇ-ଯିବ । ତେଣୁ ସେମାନଙ୍କର ହିଂସାତ୍ମକ ସାମ୍ୟବାଦ କିମ୍ବା ସମାଜବାଦ ଆନ୍ଦୋଳନ ପାଇଁ ଅବକାଶ ରହିବ ନାହିଁ । ଜମିଦାର ଏବଂ ଧନିକ ଶ୍ରେଣୀ-ମାନେ ହୃଦୟର ସହିତ ଏହି ଆନ୍ଦୋଳନକୁ ସ୍ୱାଗତ ନ କଲେ ସୁଦ୍ଧା ନିଜର ଅସ୍ତିତ୍ୱ ଦୃଷ୍ଟିରୁ ସମର୍ଥନ କରିବାକୁ ବାଧ୍ୟ ହେଉଥିଲେ ।

ଭୂଦାନ ସମ୍ପର୍କରେ ମୋର ଏକ ନିର୍ଦ୍ଦିଷ୍ଟ ମତ ଥିଲା ଯେ, ଯେହେତୁ ନିଜେ ସରକାର ବହୁତ ଜମିର ମାଲିକ ଅଟନ୍ତି ଏବଂ ଜମିହୀନ ବା ଅଳ୍ପ ଜମି ଥିବା ବହୁକୁଟୁମ୍ବୀ ଲୋକ ସରକାରଙ୍କଠାରେ ଦରଖାସ୍ତ କରି ବହୁ ଖର୍ଚ୍ଚାନ୍ତ ହେଲେ ସୁଦ୍ଧା ଜମି ପାଉ ନାହାନ୍ତି ତେଣୁ ପ୍ରତ୍ୟେକ ଅଞ୍ଚଳରେ ବିନୋବାଜୀଙ୍କ ହାତରେ, ଅର୍ଥାତ୍ ତାଙ୍କର ଭୂଦାନ କମିଟି ହାତରେ କେତେକ ଅନାବାଦୀ ଜମି ଅର୍ପଣ କରନ୍ତୁ ଯାହା ଉକ୍ତ କମିଟି ଗରିବ ଜମିହୀନ କିମ୍ବା ଅଳ୍ପ ଜମି ଥିବା ପ୍ରଜାଙ୍କୁ ସୁବିଧାରେ ଶୀଘ୍ର ଦେଇପାରିବେ । ଏହା କଲେ ପ୍ରଜାମାନେ ଜମି ପାଇବା ପାଇଁ ସରକାରୀ କର୍ମଚାରୀଙ୍କୁ ଲାଞ୍ଚ-ରିସପତ ଏବଂ ଅନ୍ୟାନ୍ୟ ଅନ୍ୟାୟ ପାଉଣା ଦେବାରୁ ମୁକ୍ତ ପାଇବେ ।

Digitized by PPRACHIN, SOA

ଭାରତ ବର୍ଷର ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଓଡ଼ିଶାରେ ଭୂ-ଦାନ ଆନ୍ଦୋଳନ ଶୀଘ୍ରତାର ସହିତ ଅତ୍ୟନ୍ତ ସଫଳ ହେଲା । ସାଧାରଣ ଲୋକେ ବିଶେଷତଃ ମଧ୍ୟବିତ୍ତ ଶ୍ରେଣୀର ପ୍ରଜାମାନେ ଅନ୍ତରର ସହିତ ଏବଂ ଆଗ୍ରହରେ ନିଜ ନିଜର ଶକ୍ତି ଓ ଇଚ୍ଛା ଅନୁସାରେ ଦାନ କରିବାକୁ ଲାଗିଲେ । ମୋର ଜଣେ ସହକର୍ମୀ ଶ୍ରୀ ଭଗବାନ ବେହେରା ବୌଦ-ଫୁଲବାଣୀ ଏବଂ ଗଞ୍ଜାମ ଜିଲ୍ଲାମାନଙ୍କରେ ଭୂଦାନ କାର୍ଯ୍ୟ କରି ଲୋକଙ୍କଠାରୁ ଆଶାତୀତ ସହଯୋଗ ଓ ସମର୍ଥନ ସହିତ ପ୍ରଚୁର ଜମି ଦାନ ସୂତ୍ରରେ ପାଇଥିବାର ମୁଁ ଭଲ ଭାବେ ଜାଣେ । କୋରାପୁଟ ଜିଲ୍ଲାର ଶ୍ରୀ ବିଶ୍ୱନାଥ ପଟ୍ଟନାୟକଙ୍କ ଉଦ୍ୟମରେ ଭୂଦାନ କମିଟିକୁ ବହୁତ ଜମି ମିଳିଥିବାର ନିର୍ଦ୍ଦିଷ୍ଟ ଖବର ମୁଁ ଜାଣିଛି । ଏ ଆନ୍ଦୋଳନର ପ୍ରଚାର କ୍ରମେ କ୍ରମେ ପ୍ରତ୍ୟେକ ଗ୍ରାମକୁ ବ୍ୟାପିଲା । ସଫଳତାରେ ଉତ୍ସାହିତ ହୋଇ ଏ ଅଞ୍ଚଳର ନେତା-ନେତ୍ରୀମାନେ କ୍ରମେ କ୍ରମେ ଗ୍ରାମ-ଦାନ ଓ ଜିଲ୍ଲା-ଦାନ କାର୍ଯ୍ୟରେ ନିଜକୁ ନିୟୋଜିତ କଲେ । ଆମ ଓଡ଼ିଶାରେ ଏହି ଭୂ-ଦାନ ଆନ୍ଦୋଳନ, ସଂଗଠନ, ପ୍ରଚାର, ଜମି ଓ ସମ୍ପତ୍ତି ଗ୍ରହଣ ଓ ବଣ୍ଟନ କାର୍ଯ୍ୟ ଏକ ସଂଗଠନଦ୍ୱାରା ପରିଚାଳିତ ହେଉଥିଲା । ସ୍ୱର୍ଗୀୟ ଗୋପବନ୍ଧୁ ଚୌଧୁରୀ ଏବଂ ତାଙ୍କ ସହଧର୍ମିଣୀ ଶ୍ରୀମତୀ ରମା ଦେବୀ, ଶ୍ରୀ ମନମୋହନ ଚୌଧୁରୀ ପ୍ରଭୃତି ଏହାର ନେତୃତ୍ୱ ନେଇଥିଲେ । ଆମର ତାତ୍କାଳିକ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ମାଳତୀ ଚୌଧୁରୀ ମଧ୍ୟ ଏଥିରେ ସଂପୃକ୍ତ ଥିଲେ । ବିନୋବାଜୀ ମଧ୍ୟ ଓଡ଼ିଶାରେ ବହୁବାର ପଦଯାତ୍ରାପୂର୍ବକ ଏହି ଆନ୍ଦୋଳନକୁ ଉତ୍ସାହିତ ଏବଂ ବ୍ୟାପକ କରାଉଥିଲେ ।

ଭୂ-ଦାନର ସଫଳତା ସଂଗଠକମାନଙ୍କୁ ଉତ୍ସାହ ଏବଂ ଅନୁ-ପ୍ରେରଣା ଦେଲା ଯେ, ସେମାନେ ଗ୍ରାମ-ଦାନ ଆନ୍ଦୋଳନ କରିବେ । ଏହା କରାଗଲା । ଗ୍ରାମ-ଦାନର ଅର୍ଥ ଗ୍ରାମର ସମସ୍ତ ଜମି ଭୂ-ଦାନ କମିଟି ହାତରେ ଅର୍ପିତ ହେବ । ଭୂ-ଦାନ କମିଟି ଏହି ଜମିକୁ ଗ୍ରାମବାସୀଙ୍କୁ ଅର୍ପଣ କରିବେ । ଗ୍ରାମବାସୀମାନେ ଏକତ୍ର ଯୌଥ କୃଷି କରି ଚଳିବେ । ଏହାର ଶେଷ କଳ୍ପନା ଥିଲା ସମଗ୍ର ଗ୍ରାମଟି ଗୋଟିଏ କୁଟୁମ୍ବ ହୋଇ ଚଳିବ । ଏକାଠି କୃଷି ହେବ । ଏତଦ୍ଭିନ୍ନ ଅନ୍ୟାନ୍ୟ ସୂତ୍ରରୁ ରୋଜଗାର ମଧ୍ୟ କ୍ରମେ କ୍ରମେ ଗ୍ରାମର କୋଠକୁ ଆସିବ । ପ୍ରକାରାନ୍ତରେ ଗ୍ରାମଟି ଗଣତାନ୍ତ୍ରିକ ବାସ୍ତବ ସାମ୍ୟବାଦୀ ଗ୍ରାମ ହେବ । ଓଡ଼ିଶାରେ ପ୍ରଥମେ କଟକ ଜିଲ୍ଲାର ମାନପୁର ଓ ପରେ ଢେଙ୍କାନାଳ ଜିଲ୍ଲାର

Digitized by PPRACHIN, SOA

ପରମହଂସପୁର (କୁଆଲୋ ମୌଜାର ଗୋଟିଏ ସାହି) ଗ୍ରାମର ଲୋକମାନେ ଗ୍ରାମ-ଦାନ-ଗ୍ରାମ ଗଠନ କଲେ । ଏହି ଦୁଇଟି ଗ୍ରାମ ସେତେବେଳେ ଭାରତ-ବର୍ଷର ତୀର୍ଥସ୍ଥଳୀ ସ୍ୱରୂପ ହୋଇଥିଲା । ବହୁ ସରକାରୀ ଏବଂ ବେ-ସରକାରୀ ଲୋକ ଉକ୍ତ ଗ୍ରାମମାନଙ୍କୁ ପରିଦର୍ଶନରେ ଯାଇଥିଲେ । ଏହାକୁ ସଫଳ କରିବାରେ ସରକାରୀ ଏବଂ ବେ-ସରକାରୀ ଆର୍ଥିକ ଓ ନୈତିକ ସମର୍ଥନ ମଧ୍ୟ ମିଳୁଥିଲା ।

ଏହି ଗ୍ରାମ-ଦାନରୁ କ୍ରମେ ବ୍ଲକ୍-ଦାନ ଓ ଜିଲ୍ଲା-ଦାନ ଭାବନା ଆସିଲା । ଆମ ଓଡ଼ିଶାରେ କୋରାପୁଟ ଜିଲ୍ଲାଟି ଜିଲ୍ଲା-ଦାନ ଜିଲ୍ଲା ରୂପେ ଭାରତ ସରକାରଙ୍କଦ୍ୱାରା ଗୃହୀତ ହୋଇଥିଲା ।

ଏହି ଆନ୍ଦୋଳନରେ ମୁଁ ଭୂ-ଦାନ ଏବଂ ସମ୍ପତ୍ତି-ଦାନ ପର୍ଯ୍ୟନ୍ତ ଆଗ୍ରହୀ ଏବଂ ଉତ୍ସାହୀ ହୋଇଥିଲି । କିନ୍ତୁ ଯେତେବେଳେ ଭୂ-ଦାନର ସୀମା ଟପି ସଂଗଠନର କର୍ମ-କର୍ତ୍ତାମାନେ ଉଦ୍ଦାମ ଉତ୍ସାହରେ ଗ୍ରାମ-ଦାନ, ବ୍ଲକ୍-ଜିଲ୍ଲା-ରାଜ୍ୟ-ଦାନ କଳ୍ପନାରେ ମାତିଲେ ସେତେବେଳେ ଏହାର ସଫଳତା ପାଇଁ ମୋର ସନ୍ଦେହ ହେଲା । ଏମାନେ ନିଶ୍ଚିତ ଭୂ-ଦାନ କାର୍ଯ୍ୟକୁ ଅବହେଳା କରି କେବଳ ଗ୍ରାମ-ବ୍ଲକ୍-ଜିଲ୍ଲା ଏବଂ ରାଜ୍ୟ-ଦାନରେ ମଗ୍ନ ହେବାରୁ ମୂଳ ଭୂ-ଦାନ କାର୍ଯ୍ୟ କ୍ରମଶଃ ପାସୋରି ହୋଇଗଲା । ମୋର ବିଶ୍ୱାସ ଥିଲା ଯେ, ଏହି ଭୂ-ଦାନ କାର୍ଯ୍ୟଦ୍ୱାରାହିଁ ଜମିହୀନ ଓ ଅଳ୍ପ ଜମି ଥିବା ବହୁକୁଟୁମ୍ବୀମାନେ କିଛି ଜମି ପାଇବେ । କ୍ରମଶଃ ୧୦।୧୫ ବର୍ଷ ଭିତରେ ଜମି ଏକତ୍ର ଜଣେ ଜଣେ ବ୍ୟକ୍ତି ହାତରେ ଠୁଳ ନ ହୋଇ ବିକ୍ଷିପ୍ତ ହୋଇଯିବ । ଦୋଷଯୁକ୍ତ ଏବଂ ଅକାର୍ଯ୍ୟକାରୀ (ସମ୍ବିଧାନ ମାଡିବନ୍ଧତଃ ଓ ଜମି ମାଲିକଙ୍କ ଅନିଚ୍ଛା ଏବଂ କର୍ମଚାରୀଙ୍କ ଅବହେଳା ବଶତଃ) ଭୂ-ସଂସ୍କାର ସମ୍ପର୍କରେ ସରକାରୀ ପଦକ୍ଷେପ କାର୍ଯ୍ୟକାରୀ ହେବା ପୂର୍ବରୁ ଭୂ-ଦାନ ମାଡରେ ଜମିର ବଣ୍ଟନ ହୋଇ ଗ୍ରାମାଞ୍ଚଳରେ ସମାଜରୁ ଜମି ସମ୍ପର୍କୀୟ ବୈଷମ୍ୟ ବହୁ ପରିମାଣରେ ଦୂରୀଭୂତ ହୋଇ ସାରିଥିବ । କିନ୍ତୁ ସରକାରୀ କାର୍ଯ୍ୟ ଓ ପଦକ୍ଷେପ ଅସଫଳ ହେବ । ମୋର ଉକ୍ତ ଆଶଙ୍କା ଠିକ୍ ହେଲା । ଭୂ-ଦାନ ଅସମାପ୍ତ ଓ ଅସଫଳ ହେଲା । ଗ୍ରାମ ଓ ଜିଲ୍ଲା-ଦାନ ବିଫଳ ହେଲା ।

ଗ୍ରାମ-ଜିଲ୍ଲା ଏବଂ ରାଜ୍ୟ-ଦାନ ନିମନ୍ତେ ଖୁବ୍ ଆଗ୍ରହ ଏବଂ ଉତ୍ସାହ ଦେଖାଗଲା ଏବଂ କେତେକ ସ୍ଥଳେ ଏହା ଅଳ୍ପକ୍ଷଣ ନିମନ୍ତେ ସଫଳ ହେଲା ।

Digitized by PPRACHIN, SOA

ଏହା ସ୍ଥାୟୀ ସଫଳତା ଲାଭ କରି ପାରିଲା ନାହିଁ । ଏ କ୍ଷଣିକ ସଫଳତାର କାରଣ ହେଉଛି ଯେ, ସଂଗଠକ ଏବଂ ପ୍ରଚାରକମାନେ ମନୁଷ୍ୟ ପ୍ରକୃତିକୁ ଉତ୍ତମ ରୂପେ ଅଧ୍ୟୟନ କରି ପାରି ନଥିଲେ । କେବଳ ନାନା ପ୍ରଲୋଭନ-ଦ୍ୱାରା ଲୋକଙ୍କୁ ନିଜ ମତରେ ପ୍ରଭାବିତ ଏବଂ ପ୍ରେରିତ କରି ଜମି, ଗ୍ରାମ ଏବଂ ଜିଲ୍ଲାମାନ ଦାନ ସୂତ୍ରରେ ପାଇଥିଲେ । ପ୍ରଚାର ହେଲା ଯେ, ଗ୍ରାମ-ଦାନ, ଜିଲ୍ଲା ଦାନ ଓ ରାଜ୍ୟ-ଦାନରେ ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କଠାରୁ ଲୋକଙ୍କ ସର୍ବାଙ୍ଗୀନ ଉନ୍ନତି ନିମନ୍ତେ କୋଟି କୋଟି ଟଙ୍କା ମାହାଲିଆ ସାହାଯ୍ୟ ମିଳିବ । ଜମିର ମାଲିକସ୍ୱତ୍ୱ ଦାନ ଦେଇଥିବା ଏବଂ ପାଇଥିବା ଗୃହୀ-ଠାରେ ରହିବ । ଏହା ବ୍ୟତୀତ ଭାରତ ବାହାରୁ କୋଟି କୋଟି ଟଙ୍କା ଆସିବ । ବିନା ରକ୍ତପାତ, ବିନା ଗୃହ-ବିବାଦ, ବିନା ଜବରଦସ୍ତି, ବିନା ଏକଛତ୍ର-ବାଦରେ ଶାନ୍ତି-ଶୃଙ୍ଖଳା ସହିତ ସରକାର-ବିହୀନ ଏକ ଆଦର୍ଶ ମନୁଷ୍ୟ-ସମାଜ ପ୍ରତିଷ୍ଠିତ ହେବ । କିନ୍ତୁ ତାହା ହୋଇ ପାରିଲା ନାହିଁ । କାରଣ ବିନା ଏକଛତ୍ରବାଦରେ କୌଣସି ପ୍ରକାର ବାସ୍ତବ- ସାମ୍ୟବାଦ ପ୍ରତିଷ୍ଠିତ ହେବା ଅସମ୍ଭବ । ମନୁଷ୍ୟ ମାନେ ବ୍ୟକ୍ତିବାଦୀ ଏବଂ ସ୍ୱାର୍ଥପର । ମନୁଷ୍ୟ ଏହି ଭାବନାକୁ ଦୂର କରି ସ୍ୱତଃ ସାମ୍ୟବାଦ ଗ୍ରହଣ କରିବ—ଏହା ମୋର ଅନୁଭୂତି ମୂଳକ ବିଚାର ଏବଂ ବିଶ୍ୱାସକୁ ଆସୁନାହିଁ । ଅସଫଳତାର ନାନା କାରଣ ମଧ୍ୟରୁ ଆଉ ଏକ କାରଣ ହେଉଛି ଯେ ଯେଉଁ ପ୍ରକାର ଜ୍ଞାନ, ଯେଉଁ ପରିମାଣର ସାଧୁତା, ଆନ୍ତରିକତା ଓ ସଦିଚ୍ଛା ଥିଲେ ଏହା ସଫଳ ହୁଅନ୍ତା, କର୍ମୀମାନଙ୍କଠାରେ ତାହା ଅଭାବ ଥିଲା । ୧୯୫୭ରେ ମୁଁ ଯେତେବେଳେ ଆଦିବାସୀ ଏବଂ ଗ୍ରାମ-ମଙ୍ଗଳ ବିଭାଗର ମନ୍ତ୍ରୀ ହେଲି ସେତେବେଳର ଅନୁଭୂତିରୁ ଏହା କହୁଛି । ଭାରତବର୍ଷରେ କୋରାପୁଟ ଜିଲ୍ଲା ଗ୍ରାମ-ଦାନ ଅନ୍ତର୍ଭୁକ୍ତ ହୋଇ ଶେଷକୁ ଜିଲ୍ଲା-ଦାନରେ ପରିଣତ ହେଲା । ଏହା ଏକ ଆଶ୍ଚର୍ଯ୍ୟ କଥା । ଭାରତ ବର୍ଷରେ ପ୍ରଚାର ହୋଇଥାଏ ଯେ, ଲୋକେ ସ୍ୱତଃ ଏହା କରିଛନ୍ତି । ତାତ୍କାଳିକ କଂଗ୍ରେସ ତଥା ଭାରତ ସରକାର ଦେଖିଲେ ଯେ, ଯଦି ବିନା ରକ୍ତପାତରେ ଆଦର୍ଶ ଗଣତାନ୍ତ୍ରିକ ସାମ୍ୟବାଦ ହୋଇଗଲା ତେବେ ତାକୁ ଦୃଢ଼ୀଭୂତ କରିବା ଦରକାର । ସେଥିପାଇଁ ଭାରତ ସରକାର ସର୍ବସେବା-ସଙ୍ଘ ଦ୍ୱାରା ଏକ କୋଟି ଟଙ୍କା ଖର୍ଚ୍ଚ କରିବା ନିମନ୍ତେ ମଞ୍ଜୁର କଲେ । କିନ୍ତୁ ଏହି ଏକ କୋଟି ଟଙ୍କା ଓଡ଼ିଶା ସରକାରଙ୍କ ମାରଫତରେ ଜମା କରିଥିଲେ । ଓଡ଼ିଶା ସରକାର ଆଦିବାସୀ ଏବଂ ଗ୍ରାମ-ମଙ୍ଗଳ ବିଭାଗ

Digitized by PPRACHIN, SOA

କରିଆରେ ଉକ୍ତ କୋରାପୁଟ ଜିଲ୍ଲାରେ ଉନ୍ନୟନ କାମରେ ଖର୍ଚ୍ଚ କରିବା ନିମନ୍ତେ ସର୍ବସେବା-ସଂଘକୁ ଦେଲେ । ୧୯୫୭ରେ ମୁଁ ଆଦିବାସୀ ଏବଂ ଗ୍ରାମ-ମଙ୍ଗଳ ବିଭାଗର ମନ୍ତ୍ରୀ ହେବା ପୂର୍ବରୁ ଏହି ବିଭାଗ ସର୍ବସେବା-ସଂଘକୁ ପନ୍ଦର ଲକ୍ଷ ଟଙ୍କା ଦେଇଥିଲେ । ମୁଁ ମନ୍ତ୍ରୀ ହେଲା ପରେ ଆଉ ଅଧିକ ଟଙ୍କା ଦେଇ ଜିଲ୍ଲା-ଦାନକୁ ସଫଳ କରିବାକୁ ଅତ୍ୟନ୍ତ ବ୍ୟଗ୍ର ହେଲି । ମୋର ସନ୍ଦେହ ଥାଏ ଯେ ଏହା କାର୍ଯ୍ୟକାରୀ ହୋଇପାରିବ ନାହିଁ; କିନ୍ତୁ ଟଙ୍କା ଦେବାରେ ମୋ ଆଡୁ ତ୍ରୁଟି ହେଲେ ଦୋଷ ମୋର ହେବ । ତେଣୁ ମୁଁ ଉକ୍ତ ସଂଘକୁ ଅନୁରୋଧ କଲି ଯେ, ସେମାନେ ଆଗରୁ ଯେଉଁ ୧୫ ଲକ୍ଷ ଟଙ୍କା ନେଇଛନ୍ତି ତାର ଖର୍ଚ୍ଚର ବିବରଣୀ ଦେଇ ନୂତନ ଯେତେ ଟଙ୍କା ନେବାକୁ ଇଚ୍ଛା କରନ୍ତି ତାହା ସେମାନେ ନେଇ ପାରନ୍ତି । କିନ୍ତୁ ଦୁଃଖ ଏବଂ ହତାଶାର କଥା ଯେ ବର୍ଷେ ପର୍ଯ୍ୟନ୍ତ ତାଙ୍କ ପକ୍ଷେ ପକ୍ଷେ ଲାଗି ସୁଦ୍ଧା ହିସାବ ତ ପାଇଲି ନାହିଁ, ତେଣୁ ଟଙ୍କା ମଧ୍ୟ ଦେଇ ପାରିଲି ନାହିଁ । ଓଲଟି ଉକ୍ତ ୧୫ ଲକ୍ଷ ଟଙ୍କା ଖର୍ଚ୍ଚ କରି ନ ପାରି ତହିଁରୁ ୭ ଲକ୍ଷ ଟଙ୍କା ଫେରାଇ ଦେଲେ ।

ଏ ପ୍ରକାର ଅବସ୍ଥା ହେବାର କାରଣ, ଯାହା ମୁଁ ପୂର୍ବରୁ ଉଲ୍ଲେଖ କରିଛି ତାହା ଅଟେ । କାମ କରିବା ପାଇଁ ଜ୍ଞାନ, ଅନୁଭୂତିର ଅଭାବ ସଙ୍ଗେ ସଙ୍ଗେ କର୍ମୀମାନଙ୍କର ସାଧୁତା, ଆନ୍ତରିକତା, ଉତ୍ସାହ ଏବଂ ଉନ୍ମାଦନାର ଅଭାବ । ଏଣେ ପୁଣି ଲୋକେ ନିଜ ନିଜ ଜମି ଛାଡ଼ିବାକୁ ଅନିଚ୍ଛୁକ; କାରଣ ପ୍ରଚାର ଏବଂ ଅନୁପ୍ରେରଣା ଓ ପ୍ରଲୋଭନରେ ଯେଉଁମାନେ ଜମି ମିଶାଇ-ଦେବାକୁ ଇଚ୍ଛା କରିଥିଲେ ସେମାନେ ପରେ ରାଜି ହେଲେ ନାହିଁ । ସେତେ-ବେଳକୁ ଏ ସଂଗଠନର ୨ଟି ଅନୁଷ୍ଠାନ କାର୍ଯ୍ୟ କରୁଥିଲା । ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ଓ ଶ୍ରୀମତୀ ରମାଦେବୀଙ୍କ ଉତ୍କଳ ସଂଗଠନ ଏବଂ ଆନ୍ନା-ସାହେବ ସହସ୍ରବୁଦ୍ଧେଙ୍କ ସର୍ବ-ଭାରତୀୟ ସର୍ବସେବା-ସଂଘ । ଗୋପ-ବନ୍ଧୁଙ୍କ ସଂଗଠନ ଯେଉଁ କାର୍ଯ୍ୟ କରିଥିଲା ତାର ଭୁଲ ତ୍ରୁଟି ଅଳ୍ପ ଜଣା ଯାଇଥିଲା । କିନ୍ତୁ ବମ୍ବେ, ପୁନା, ଗୁଜୁରାଟ, ମଧ୍ୟପ୍ରଦେଶ, ଦିଲ୍ଲୀ ଓ ପଞ୍ଜାବରୁ ଯେଉଁ କର୍ମୀ ଓ ନେତାମାନେ ଆସି ଯେଉଁ କାର୍ଯ୍ୟ କରିଥିଲେ ଓ କରାଉ-ଥିଲେ ସେଥିରେ ବହୁ ତ୍ରୁଟି ଦେଖାଗଲା । ଅପାରଗତା ସଙ୍ଗେ ସଙ୍ଗେ ଅସାଧୁତା ମଧ୍ୟ ପରିଲକ୍ଷିତ ହେଲା । ସର୍ବସେବା ସଙ୍ଘର ଅପାରଗତା ଯୋଗୁଁ ହତାଶ ଏବଂ ନୈରାଶ୍ୟ ଆସିଲା । ସଙ୍ଘର ସୁନାମ ହେଲା ନାହିଁ । ନାନା ସତର୍କତା

Digitized by PPRACHIN, SOA

ଓ ନିରୀକ୍ଷଣ ମଧ୍ୟରେ ମୁଁ ଦେଖୁଥିଲି ଆମ ଓଡ଼ିଶା ସଙ୍ଗଠନ ଏହି ଅପାର-ଗତା ଓ ଅସଫଳତାରେ କେତେଦୂର ଦାୟୀ । ମୋର ହୃଦ୍‌ବୋଧ ହେଲା ଓଡ଼ିଶା ସଂଗଠନ ବହୁ ପରିମାଣରେ ସର୍ବଭାରତୀୟ ଅନୁଷ୍ଠାନଠାରୁ ଉତ୍କୃଷ୍ଟ ।

ଏହି ସମସ୍ତ ବିଷୟ ବିଚାର କରି ମୋର ହୃଦ୍‌ବୋଧ ହୋଇଛି ଯେ ଯଦି ସର୍ବସେବା ସଙ୍ଘ, ଭୂଦାନ କମିଟି ପ୍ରଭୃତି ଗ୍ରାମ-ଜିଲ୍ଲା ଏବଂ ରାଜ୍ୟ-ଦାନ ସ୍ୱରୂପ ଅବାସ୍ତବ ଭାବନାକୁ କାର୍ଯ୍ୟାନ୍ୱିତ କରିବାକୁ ମନ ନ ବଳେଇ ଭୂ-ଦାନ ଓ କ୍ୱଚିତ୍ ପରିମାଣରେ ସମ୍ପତ୍ତି ଦାନ କାର୍ଯ୍ୟରେ ନିଜର ସମୟ, ଶକ୍ତି ଓ ଅର୍ଥ ନିୟୋଗ କରିଥାନ୍ତେ ଆଜି ଭୂମି ସମସ୍ୟା ବହୁ ପରିମାଣରେ ସମାହିତ ହୋଇଥାନ୍ତା । ଭୂମି ସମସ୍ୟାଜନିତ ହିଂସା ଓ ଗୃହ ବିବାଦ ଏବଂ ଅନ୍ତର୍ଯୁଦ୍ଧ ରୋକିବାର ଏହା ଏକ ଅସ୍ତ୍ର ହୋଇଥାନ୍ତେ ଏବଂ ଏହି ଭୂ-ଦାନ କାର୍ଯ୍ୟ ସରକାରୀ ଭୂ-ସଂସ୍କାରର ପରିପୂରକ ନ ହୋଇ ତାର ମୁଖ୍ୟ-ସ୍ଥାନ ଅଧିକାର କରି ଉଦ୍ଦେଶ୍ୟ ସିଦ୍ଧି କରି ପାରିଥାନ୍ତା ।

୧୯୫୨ ଠାରୁ ୧୯୫୭ ପର୍ଯ୍ୟନ୍ତ ମୁଁ ଅନ୍ୟ ଯେଉଁ ସମସ୍ୟାମାନ ହାତକୁ ନେଇଥିଲି ତାହା ଉଲ୍ଲେଖ କଲେ ପୁସ୍ତକର କଳେବର ବୃଦ୍ଧି ହେବ । ତେଣୁ ଏହି କେତୋଟି ମାତ୍ର ବିଷୟ ଅବତାରଣା କଲି ।

Digitized by PPRACHIN, SOA

୧୯୫୭-୫୯

୨ୟ ସାଧାରଣ ନିର୍ବାଚନ । କୃତ୍ରିମ ମନ୍ତ୍ରୀମଣ୍ଡଳ ଗଠନ

୧୯୫୭ ଫେବୃୟାରୀରେ ସାରା ଭାରତବର୍ଷରେ ୨ୟ ସାଧାରଣ ନିର୍ବାଚନ ହେଲା । ଓଡ଼ିଶାରେ ଶ୍ରୀ ହରେକୃଷ୍ଣ ମହତାବ ଏହି ନିର୍ବାଚନ ପରିଚାଳନା କରୁଥିଲେ । ଓଡ଼ିଶା ଆସେମ୍ବ୍ଲିର ୧୪୦ ଜଣ ସଭ୍ୟ ମଧ୍ୟରୁ ଏଥର କଂଗ୍ରେସର ୫୭ ଜଣ ମାତ୍ର ପ୍ରାର୍ଥୀ ଜିତିଲେ । ସର୍ବନିମ୍ନ ସଭ୍ୟ ସଂଖ୍ୟା ୭୧ ହୋଇଥିଲେ କଂଗ୍ରେସର ଶାସନ ଚଳିଥାନ୍ତା । ତାହା ତ ହେଲା ନାହିଁ । କୌଣସି ପ୍ରକାର କଂଗ୍ରେସ ଶାସନ ଚଳାଇବାକୁ ହେବ । ତହିଁରେ ପୁଣି କଂଗ୍ରେସର ଗୋଟିଏ ଗୋଷ୍ଠୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟ-ମନ୍ତ୍ରୀତ୍ୱରେ ଅସନ୍ତୁଷ୍ଟ ହୋଇ ୧୯୫୬ ମସିହା ଅକ୍ଟୋବର ନଭେମ୍ବର ମାସରେ ଡ଼: ମହତାବଙ୍କୁ ବମ୍ବେ ଗଭର୍ଣ୍ଣର ବା ରାଜ୍ୟପାଳ ଆସନରୁ ଇସ୍ତଫା ଦିଆଇ ଆଣି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ କରାଇଥିଲେ । ମନ୍ତ୍ରୀମଣ୍ଡଳ ଗଠିତ ନହେଲେ ଓଡ଼ିଶା କଂଗ୍ରେସର ବଦନାମ ହେବା ସଙ୍ଗେ ସଙ୍ଗେ ଡ଼: ମହତାବଙ୍କର ରାଜନୈତିକ ସୁଖ୍ୟାତିରେ ମଧ୍ୟ ଆଞ୍ଚ ଆସିବ; କାରଣ ପୂର୍ବୋକ୍ତ ମହତାବୀ ଗୋଷ୍ଠୀଙ୍କ ମତ ଏବଂ ପ୍ରଚାର ଅନୁସାରେ ମହତାବ ହିଁ ଏକମାତ୍ର ବ୍ୟକ୍ତି ଯାହାଙ୍କ ନେତୃତ୍ୱରେ କଂଗ୍ରେସ ପରିଚାଳିତ ହୋଇ ନିର୍ବାଚନ ଚାଲିଲେ ଓଡ଼ିଶାରେ କଂଗ୍ରେସର ବିଜୟ ସୁନିଶ୍ଚିତ ହେବ । ମହତାବଙ୍କ ନେତୃତ୍ୱ ସତ୍ତ୍ୱେ ସର୍ବନିମ୍ନ ସଂଖ୍ୟାଧିକ୍ୟ ହେଲା ନାହିଁ । ତେଣୁ କୃତ୍ରିମ ଉପାୟରେ ସଂଖ୍ୟାଗରିଷ୍ଠତା କରାଇ ମନ୍ତ୍ରୀମଣ୍ଡଳ ଗଠନ କରିବାର କଳ୍ପନା କରାଗଲା । ୧୦ ଜଣ ସ୍ୱାଧୀନ ଏମ୍. ଏଲ୍. ଏ. ଏବଂ ୩୪ ଜଣ ଗଣତନ୍ତ୍ର ଦଳର (ବର୍ତ୍ତମାନର ସ୍ୱତନ୍ତ୍ର ଦଳ) ଏମ୍. ଏଲ୍. ଏ.ଙ୍କୁ ଆଣି କଂଗ୍ରେସ ଦଳଭୁକ୍ତ କରାଗଲା । ତା ସାଙ୍ଗକୁ ଝାଡ଼ଖଣ୍ଡ ଦଳର ୫ ଜଣ ଏମ୍. ଏଲ୍. ଏ.ଙ୍କ ସମର୍ଥନ ମଧ୍ୟ ହାସଲ କରାଗଲା । ଏହିପରି ସଂଖ୍ୟାଗରିଷ୍ଠତା ସୃଷ୍ଟି ଓ ପ୍ରମାଣ କରାଇ କଂଗ୍ରେସ ଶାସନ ଚଳାଇଲା । ଡ଼: ମହତାବ

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ହେଲେ । ଏଥର ମନ୍ତ୍ରୀମଣ୍ଡଳରେ ମୋତେ ସ୍ଥାନ ଦିଆଗଲା । ମୋର ବିଭାଗ ହେଲା 'ଆଦିବାସୀ ଓ ଗ୍ରାମ ମଙ୍ଗଳ ଏବଂ ବାଣିଜ୍ୟ ।'

୧୯୫୭ର ଦୋଦୁଲ୍ୟମାନ ମନ୍ତ୍ରୀମଣ୍ଡଳ ଏବଂ ତାର ଦୟନୀୟ ଅବସ୍ଥା

ଏ ମନ୍ତ୍ରୀମଣ୍ଡଳ ଅଳ୍ପ କେତେ ଦିନ ଚାଲିଲା ପରେ ଗଣ୍ଡଗୋଳ ଆରମ୍ଭ ହେଲା । ଯେଉଁ ସ୍ୱାଧୀନ ଏବଂ ଗଣତନ୍ତ୍ର ଦଳର ସଭ୍ୟମାନେ କଂଗ୍ରେସରେ ଯୋଗ ଦେଇଥିଲେ ସେମାନେ ନାନା ଦାବି ଉପସ୍ଥାପିତ କଲେ । କେହି ମନ୍ତ୍ରୀ ପଦ ଦାବି କରୁଥାଏ ତ ଅନ୍ୟ କେହି ଆର୍ଥିକ ସୁବିଧା ଇଚ୍ଛା କରୁଥାଏ । ଝାଡ଼ଖଣ୍ଡ ଦଳର ଦାବି ତ କହିଲେ ନ ସରେ । ଓଡ଼ିଶା ଆସେମ୍ବ୍ଲି ଶନିବାର-ରବିବାର ଦିନମାନ ଛୁଟି ହୁଏ । ଶୁକ୍ରବାର ଦିନ ସକାଳ ଓଳି ଆସେମ୍ବ୍ଲି ବସେ ଏବଂ ଦିନ ଗୋଟାକ ବେଳକୁ ବନ୍ଦ ହୁଏ । ପ୍ରତି ଶୁକ୍ରବାର ଦିନ ଝାଡ଼ଖଣ୍ଡ ସଭ୍ୟମାନେ ତାଙ୍କ ନିଜ ନିଜ ଘର ଓ ନିର୍ବାଚନ-ମଣ୍ଡଳୀକୁ ଯାଆନ୍ତି । ମିଶିଥିବା ସ୍ୱାଧୀନ ସଭ୍ୟମାନଙ୍କର ମଧ୍ୟ ଏହି ଚଳିରଣ । ଯେହେତୁ ମୁଁ ଆଦିବାସୀ ଓ ଗ୍ରାମ-ମଙ୍ଗଳ ବିଭାଗର ମନ୍ତ୍ରୀ ଏବଂ ଯେହେତୁ ଝାଡ଼ଖଣ୍ଡ ଦଳର ସଭ୍ୟମାନେ ସମସ୍ତେ ଆଦିବାସୀ, ତେଣୁ ସେମାନଙ୍କୁ ଯିବା ଆସିବାରେ ଯାନବାହନ ଓ ଖର୍ଚ୍ଚ ସୁବିଧା କରାଇବା ଭାର ମୋ ଉପରେ ପକାଇ ଦିଅନ୍ତି । ସରକାରୀ କ୍ଷମତା ଅପବ୍ୟବହାରପୂର୍ବକ ବେ-ଆଇନ ଏବଂ ବେ-ନିୟମ କାର୍ଯ୍ୟ କରି ଉକ୍ତ ସଭ୍ୟମାନଙ୍କ ଯିବା ଆସିବା ଏବଂ ଅନ୍ୟାନ୍ୟ ସୁବିଧା କରିବା ବା କରାଇବା ମୋ ମତ ଏବଂ ବିବେକ ବିରୋଧି ଅଟେ । ନ କଲେ ଦଳର କାରପଟଦାର ଏବଂ ନେତାମାନଙ୍କର କଟୁ ସମାଲୋଚନା ସଙ୍ଗେ ସଙ୍ଗେ ମୁଁ ମନ୍ତ୍ରୀ ହେବା ପାଇଁ ଅଯୋଗ୍ୟ ବୋଲି ପ୍ରଚାର କରାଯିବ । ଏହା ସବୁ ଜାଣି ଶୁଣି ସୁଦ୍ଧା କେତେ କେତେ ବେଳେ ମତ ନିୟମ ଭିତରେ ମୁଁ ସାହାଯ୍ୟ କରେ । କିନ୍ତୁ ବିବେକ କହୁ ନ ଥାଏ ଯେ ଏହା ମତ ନିୟମର ଅନ୍ତର୍ଭୁକ୍ତ, କାରଣ ନିୟମ ଅନୁସରଣରେ କାର୍ଯ୍ୟ କରାଗଲେ ସୁଦ୍ଧା ଉଦ୍ଦେଶ୍ୟ ଥାଏ ଦଳୀୟ ସ୍ୱାର୍ଥ ; ସରକାରୀ ସ୍ୱାର୍ଥ ନୁହେଁ ।

Digitized by PPRACHIN, SOA

ଅନେକ ସମୟରେ ମୋ ନିଜ ଖର୍ଚ୍ଚରେ ମୋ ଜିପ୍‌ଦ୍ୱାରା କାର୍ଯ୍ୟ କରାଇନିଏ । ସୋମବାର ଦିନ ସକାଳ ୧୧ଟା ସୁଦ୍ଧା ଉକ୍ତ ମେମ୍ବରମାନଙ୍କୁ ଅଣାଇ ଆସେମ୍ବ୍ଲିରେ ଉପସ୍ଥିତ କରାଇବା ଭାର ମୋ ଉପରେ ଅର୍ପିତ ଥାଏ ।

ଗଣତନ୍ତ୍ର ଦଳରୁ ଯେଉଁ ସଭ୍ୟମାନଙ୍କୁ ପ୍ରଭାବିତ କରି କଂଗ୍ରେସ ଦଳରେ ମିଶାଇ ସଂଖ୍ୟାଗରିଷ୍ଠତା କରାଯାଇଥିଲା ସେମାନଙ୍କ ଉପରେ ଉକ୍ତ ଦଳର ଚାପ ଓ ଧମକ ନିରବଚ୍ଛିନ୍ନ ଭାବରେ ଚାଲିଥାଏ । ଦିନେ ଆସେମ୍ବ୍ଲି ଭିତରେ ବିଧାନ ସଭା କାର୍ଯ୍ୟ ଚାଲିଥିବା ସମୟରେ ଗଣତନ୍ତ୍ର ଦଳରୁ ଆସି କଂଗ୍ରେସ ଦଳରେ ମିଶିଥିବା ଦୁଇ ଜଣ ସଭ୍ୟ ଆମ କଂଗ୍ରେସ ଦଳ ପରିତ୍ୟାଗ କରି ନିଜ ଦଳରେ ଯାଇ ମିଶିଲେ । ଆମ ଦଳରେ ପ୍ରତିକ୍ରିୟା ଅତ୍ୟନ୍ତ ଖରାପ ହେଲା । ଆଶଙ୍କା କରାଯାଉଥାଏ, ଯେ କୌଣସି ମୁହୂର୍ତ୍ତରେ ସରକାର ଭାଙ୍ଗିଯିବ । ଉପରୋକ୍ତ ଘଟଣା ପରେ ପରେ ଗଣତନ୍ତ୍ର ଦଳ ଉତ୍ସାହୀ ହୋଇଗଲେ । କଂଗ୍ରେସରେ ମିଶିଥିବା ତାଙ୍କ ଦଳର ବାକି ସଭ୍ୟମାନଙ୍କୁ ମଧ୍ୟ ନେଇଯାଇ ଓଲଟି କଂଗ୍ରେସ ଦଳରୁ ୨।୩ ଜଣଙ୍କୁ ଫଟାଇ ନେଇ ନିଜ ଦଳଭୁକ୍ତ କରିବାକୁ ଚେଷ୍ଟା କଲେ । ସେଥିପାଇଁ ଦୁଇ ଦଳ ମଧ୍ୟରେ ଟଣା ଓଟରା ଓ ହାତାହାତି ମଧ୍ୟ ହୋଇଥିଲା । ଏହି ସବୁ ଘଟଣା ଖବରକାଗଜରେ ପ୍ରକାଶିତ ହେଉଥାଏ । ଓଡ଼ିଶା କଂଗ୍ରେସ ଓ ତାର ନେତୃତ୍ୱର ନିନ୍ଦା ଏବଂ ବଦନାମ ମଧ୍ୟ ହେଉଥାଏ । ମୁଁ ଏସବୁ ଆଦୌ ପସନ୍ଦ କରୁ-ନଥାଏ । ସମୟେ ସମୟେ ଦଳରେ ପ୍ରସ୍ତାବ ରଖୁଥାଏ ଯେ ଏପରି ଶାସନ ଚଳାଇବା ଅପେକ୍ଷା ଆଉ ଥରେ ନିର୍ବାଚନକୁ ଯିବା କିମ୍ବା ବିରୋଧି ଦଳରେ ବସିବା ଶ୍ରେୟସ୍କର ।

୧୯୬୨ ନିର୍ବାଚନ ପରଠାରୁ କେତେକ ଷ୍ଟେଟ୍‌ରେ କଂଗ୍ରେସର ସଂଖ୍ୟା-ଗରିଷ୍ଠତା ହୋଇପାରିନଥିଲା । ୧୯୬୭ ନିର୍ବାଚନରେ ୮ଟି ଷ୍ଟେଟ୍‌ରେ କଂଗ୍ରେସ ସଂଖ୍ୟା-ଗରିଷ୍ଠତା ହରାଇଲା । କିନ୍ତୁ ଅନ୍ୟ କୌଣସି ଦଳ ଏକକ ସଂଖ୍ୟା-ଗରିଷ୍ଠତା ହାସଲ କରିପାରିନଥିଲା । ତେଣୁ କ୍ରମଶଃ ୧୯୬୨ ଠାରୁ, ବିଶେଷତଃ ୧୯୬୭ଠାରୁ ଭାରତରେ ରାଜ୍ୟମାନଙ୍କରେ ମିଳିତ ମନ୍ତ୍ରୀ-ମଣ୍ଡଳ ଏବଂ ସମୟେ ସମୟେ ସଂଖ୍ୟାଳିଘୁ ମନ୍ତ୍ରୀ-ମଣ୍ଡଳ-ପ୍ରଥା ଆରମ୍ଭ ହେଲା । ୧୯୬୯ରେ କଂଗ୍ରେସର ବିଭାଜନ ପରେ ଦିଲ୍ଲୀରେ କେନ୍ଦ୍ର ସରକାର ମଧ୍ୟ ସଂଖ୍ୟାଲଘୁ ସରକାର ହୋଇ ଚଳିଲା । ତେଣୁ ସେହି ଦିନଠାରୁ ଶାସନ କାର୍ଯ୍ୟ ଚଳାଇବା ପାଇଁ ସଭ୍ୟ (ଏମ୍. ଏଲ୍. ଏ) କିଣା ବିକା କାରବାର

Digitized by PPRACHIN, SOA

ଚାଲିଲା । ଏବେ ଦୈନନ୍ଦିନ ଏପରି କାରବାର ଚାଲିଛି ଏବଂ ଆଗକୁ ଚାଲିବ ବୋଲି ଆଶଙ୍କା । କିନ୍ତୁ ୧୯୫୭-୫୮ ବେଳକୁ ବିଧାନସଭାରେ ଦଳ ପରିବର୍ତ୍ତନ ଏକ ଘୋରତର ଅନ୍ୟାୟ ବୋଲି ଧରାଯାଉଥିଲା। ସେତେବେଳେ କଂଗ୍ରେସର ଅନ୍ୟ କୌଣସି ରାଜ୍ୟରେ ଏପରି ହେଉନଥିଲା । ୧୯୫୨ ନିର୍ବାଚନରେ ମହତାବ ବାବୁଙ୍କ ନେତୃତ୍ୱରେ କଂଗ୍ରେସ ନିର୍ବାଚନରେ ଓଡ଼ିଶା ଆସେମ୍ବ୍ଲିରେ କେବଳ ୬୨ ଜଣ ସଭ୍ୟଙ୍କୁ ଜୟଯୁକ୍ତ କରାଇ ସଂଖ୍ୟା-ନିମ୍ନତା ହାସଲ କଲା । ଆଦିବାସୀ କଂଗ୍ରେସର ୫ ଜଣ ସଭ୍ୟଙ୍କ ସାହାଯ୍ୟରେ ସଂଖ୍ୟା-ଗରିଷ୍ଠତା ହାସଲ କରି ଶାସନ କାର୍ଯ୍ୟ ଚଳାଉଥିଲା । ୧୯୫୭ରେ ମଧ୍ୟ ଡ: ମହତାବଙ୍କୁ ବମ୍ବେରୁ ଅଣାଇ ମୁଖ୍ୟମନ୍ତ୍ରୀତ୍ୱ ଏବଂ ନିର୍ବାଚନର ଦାୟିତ୍ୱ ଅର୍ପଣ କରାଗଲା । ଉଦ୍ଦେଶ୍ୟ ଥିଲା ଯେ ଯେହେତୁ ମହତାବ ବାବୁଙ୍କ ନେତୃତ୍ୱ ବ୍ୟତୀତ ଅନ୍ୟ କାହାର ନେତୃତ୍ୱରେ ଓଡ଼ିଶାରେ କଂଗ୍ରେସ ସଂଖ୍ୟା-ଗରିଷ୍ଠତା ହାସଲ କରି ପାରିବ ନାହିଁ, ତେଣୁ ମହତାବଙ୍କ ଦାୟିତ୍ୱରେ ନିର୍ବାଚନ ଚଳାଇ ଓଡ଼ିଶାରେ କଂଗ୍ରେସର ସଂଖ୍ୟା-ଗରିଷ୍ଠତା ହାସଲ କରାଇ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରିବା । ଏହି ନିର୍ବାଚନରେ ୧୯୫୨ ଅପେକ୍ଷା ଆହୁରି ଅଧିକତର ଖରାପ ହେଲା । ତେଣୁ ଏଥର ମନ୍ତ୍ରୀ-ମଣ୍ଡଳ ଚଳାଇବା ପାଇଁ ଏ ଯେଉଁ ଏମ୍. ଏଲ୍. ଏ କିଣା-ବିକା ହେଲା ଏବଂ ସେଥିପାଇଁ ଗଣତନ୍ତ୍ର ଦଳ ସଙ୍ଗେ ଯେଉଁ ବାଚନିକ ଯୁଦ୍ଧ ସଙ୍ଗେ ସଙ୍ଗେ ହାତାହାତି ଲଢ଼େଇ ହେଲା ଦିଲ୍ଲୀ ମହଲ ଅତ୍ୟନ୍ତ ବିବ୍ରତ ଏବଂ ବିଚଳିତ ହେଲେ । କାରଣ ସେତେବେଳେ ସଂଖ୍ୟା-ନିମ୍ନ ଶାସନ କିମ୍ବା କିଣା-ବିକା ସୂତ୍ରରେ ଅନ୍ୟ ଦଳରୁ ସଭ୍ୟ ଆଣି ମନ୍ତ୍ରୀ ମଣ୍ଡଳ ଚଳାଇବା କାର୍ଯ୍ୟକୁ ନିନ୍ଦା ଏବଂ ଅପମାନ ବୋଲି ବିବେଚିତ ହେଉଥିଲା । ବିଧାନ ସଭା ବୈଠକରେ ଏପରି ଅବସ୍ଥା ଉପୁଜିଲା ଯେ କଂଗ୍ରେସ ସରକାର ଯେ କୌଣସି ମୁହୂର୍ତ୍ତରେ ଭୋଟରେ ହାରି ଯାଇ ପାରନ୍ତି । ତେଣୁ ସବୁବେଳେ ସଜାଗ ହେବାକୁ ପଡ଼ୁଥିଲା । ଦଳରେ ଯୋଗ ଦେଇଥିବା ସ୍ୱାଧୀନ ସଭ୍ୟମାନଙ୍କ ପାଦ ପୂଜା କରାଯାଉଥିଲା । ଅନ୍ୟମାନଙ୍କ ମଧ୍ୟରେ ସ୍ୱାଧୀନ ସଭ୍ୟ ଭାବେ ଜଣେ ରାଜା ଥାନ୍ତି । ମହତ୍ତ୍ୱପୂର୍ଣ୍ଣ ଭୋଟିଙ୍ଗ୍ ଦିନ ସେ ବିଧାନ ସଭାରେ ଯୋଗ ଦେବାକୁ କୁଣ୍ଠା ବୋଧ କରନ୍ତି । ସେ ଅଡ଼ି ବସନ୍ତି ଯେ ତାଙ୍କର କୌଣସି ଏକ ନିର୍ଦ୍ଦିଷ୍ଟ ଆର୍ଥିକ ଲାଭ ନ ହେଲେ' ସେ ବିଧାନ ସଭାରେ ଯୋଗ ଦାନ କରି ଭୋଟ ଦେବେ ନାହିଁ । ତେଣୁ ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଭୋଟିଙ୍ଗ୍ ଦିନ ସେ

Digitized by PPRACHIN, SOA

କିଛି ନା କିଛି ସୁବିଧା, ଯଥା : ତାଙ୍କର ପୁରୁଣା ଭଙ୍ଗା ଘର, ବାଲିଚର ହୋଇଯାଇଥିବା କୌଣସି ଜମି ଇତ୍ୟାଦି ସରକାରଙ୍କଦ୍ୱାରା ଉଚ୍ଚ ଦରରେ କିଣାଇ ନିଅନ୍ତେ । ଏଥିରେ ମୁଁ ଏବଂ ଆଉ କେତେଜଣ ସଭ୍ୟ ଅତ୍ୟନ୍ତ ବିବ୍ରତ ହେଲୁ । ଏ ଅବସ୍ଥା ଦେଖି କେନ୍ଦ୍ର କର୍ତ୍ତୃପକ୍ଷ ଓଡ଼ିଶାର କଂଗ୍ରେସ ସରକାରକୁ ଭାଙ୍ଗି ଦେବାକୁ ମନସ୍ଥ କରୁଥିଲେ । ଡ: ମହତାବ ତ ସେତେବେଳେ ମୁଖ୍ୟମନ୍ତ୍ରୀ ଥାଆନ୍ତି । ସେ ମଧ୍ୟ ଇଚ୍ଛା କରୁଥିଲେ ଯେ ଏପରି ଦୁର୍ବଳ ସରକାର ଭାଙ୍ଗିଦେବା ଦରକାର । କିନ୍ତୁ ମହତାବଙ୍କୁ ଯେଉଁମାନେ ବମ୍ବେରୁ ଡାକି ଆଣିଥିଲେ ସେମାନେ ଜିଦ୍ ଧରିଥିଲେ ଯେ, ଯେନ କେନ ପ୍ରକାରେ କଂଗ୍ରେସ ଶାସନ ରଖିବା ଦରକାର । ତେଣୁ ଶାସନ ରଖାଗଲା । କିନ୍ତୁ ମନରେ ସବୁବେଳେ ଆଶଙ୍କା ରହୁଥିଲା ଯେ, ଯେକୌଣସି ମୁହୂର୍ତ୍ତରେ ଶାସନ ଭାଙ୍ଗି-ଯିବ ।

ମୋତେ ଅନୁରୋଧାତ୍ମକ ନିର୍ଦ୍ଦେଶ ଦିଆଗଲା ଯେ, ମୁଁ କେତେଜଣ ସଭ୍ୟଙ୍କ ପଛରେ ପ୍ରହରି ପରି କାର୍ଯ୍ୟ କରୁଥିବି, ଅର୍ଥାତ୍ ସେହି ସଭ୍ୟମାନଙ୍କର ଗତିବିଧି ଏବଂ ସାଙ୍ଗ ସାଥି ବିଷୟରେ ସତର୍କ ରହିବି । ଯାହାଙ୍କ ଘୋଟ ସାହାଯ୍ୟରେ ସରକାର ଚଳୁଥାଏ, ସେମାନେ ତାଙ୍କର ନ୍ୟାୟ-ଅନ୍ୟାୟ, ସାମାଜିକ-ବେ-ସାମାଜିକ ଏବଂ ନୈତିକ ଅନୈତିକ ଉଦ୍ଦେଶ୍ୟ ଓ ଅଭିଳାଷ ପୂର୍ତ୍ତି ନିମନ୍ତେ ନାନା ଦାବୀ ଏବଂ ଅନୁରୋଧ ଉପସ୍ଥାପିତ କରନ୍ତି । ଉକ୍ତ ପ୍ରକାର ଅନୁରୋଧ ରକ୍ଷା ଓ ଇଚ୍ଛା ପୂରଣରେ ମୁଁ ଘୋର ବିରୋଧ କରିବାରୁ ସମୟେ ସମୟେ ଉକ୍ତ କାର୍ଯ୍ୟ ଅନ୍ୟମାନଙ୍କଦ୍ୱାରା ମୋର ଏବଂ ଅନ୍ୟ କେତେକ ବନ୍ଧୁଙ୍କର ଚକ୍ଷୁର ଅନ୍ତରାଳରେ ହେଉଥାଏ । ମହତାବ ବାବୁ ଏଥିପାଇଁ ସମୟେ ସମୟେ ବିବ୍ରତ ହେଉଥାନ୍ତି । ତଥାପି ତାଙ୍କୁ ତ ଶାସନ ଚଳାଇବାକୁ ହେବ । ତେଣୁ ବୋଧହୁଏ ଏହି ବାଧ୍ୟତାରୁ ସେ ଏହି ସବୁ କଥା ଜାଣି ସୁଦ୍ଧା ଆଖି ବୁଜି ଦେଉଥାନ୍ତି । କିନ୍ତୁ କ୍ରମେ ଅବସ୍ଥା କଦର୍ଯ୍ୟ ଓ ଅସମ୍ଭାଳ ହେଲା । ତେଣୁ ମନେ ମନେ ସ୍ଥିର କରାଗଲା ଯେ, ହୁଏତ ସରକାର ଭାଙ୍ଗିଦେଇ ନୂତନ ନିର୍ବାଚନକୁ ଯିବାକୁ ହେବ, କିମ୍ବା ଗଣତନ୍ତ୍ର ଦଳ ସଙ୍ଗେ ମିଶି ମିଳିତ ମନ୍ତ୍ରୀ-ମଣ୍ଡଳ ଗଢ଼ିବାକୁ ହେବ ।

Digitized by PPRACHIN, SOA

୧୯୫୯ କଂଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ

ଉପର୍ଯ୍ୟୁକ୍ତ ମିଳିତ ସରକାର ଗଠନ ଚିନ୍ତାର ପ୍ରଚ୍ଛନ୍ନ ସ୍ରୋତ ଏବଂ ମୃଦୁ ହାଓ୍ୱା ପ୍ରଥମେ ଦଳର ମୁଖ୍ୟ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କ ମଧ୍ୟରେ ବହାଇ ଦିଆଗଲା । ଯାହା ଜଣାଯାଉଥାଏ ସରକାର ଭାଙ୍ଗି ନିର୍ବାଚନକୁ ଯିବା ସପକ୍ଷରେ ଅଧିକାଂଶଙ୍କର ମନ ନ ଥାଏ । ଶାସନ କୌଣସି ପ୍ରକାର ଚଳିବ ଏବଂ ମହତାବ ବାବୁ ଏହି ଶାସନର ନେତୃତ୍ୱ ନେବେ ଏହି ମତ ଆମ କଂଗ୍ରେସ ମହଲରେ ଶତକଡ଼ା ୫୦ ଲୋକଙ୍କର ଥାଏ । ସର୍ବଶ୍ରୀ ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଓ ମାଲମଣି ରାଉତରାୟ ଓଗେରଙ୍କର ଏହି ମତ । କ୍ରମେ ଏହି ଚିନ୍ତା ଖୋଲାଖୋଲି ଭାବରେ ଆଲୋଚନା କରାଗଲା ।

କଂଗ୍ରେସ ଆସେମ୍ବ୍ଲି ଦଳ ଏବଂ ପ୍ରାଦେଶିକ କଃ କମିଟି ଏହି ପ୍ରସ୍ତାବିତ ମିଳିତ ସରକାର କଥା କେତେବାର ବୈଧିକଭାବେ ଏବଂ କେତେବାର ଘରୋଇ (informal) ଭାବେ ଆଲୋଚନା କଲେ । ଆଲୋଚନା ବେଳେ ମତ ପ୍ରକାଶ ପାଉଥାଏ ଯେ, ରାଜା-ମହାରାଜାଙ୍କର ଗଣତନ୍ତ୍ର ଦଳକୁ କଂଗ୍ରେସରେ ସାମିଲ କରିଦେଲେ ଅତି ଉତ୍ତମ ହୁଅନ୍ତା । କେହି କେହି କହନ୍ତି ଯେ ରାଜା ମହାରାଜାଙ୍କୁ କଂଗ୍ରେସ ସଭ୍ୟ କରି ନେଇ ଦଳରେ ଉଚ୍ଚ ସ୍ଥାନ ଦେଲେ ସେମାନେ ଗଣତନ୍ତ୍ର ଦଳ ଭାଙ୍ଗି କଂଗ୍ରେସରେ ମିଶିଯାଆନ୍ତେ । ଉପକୂଳ ଅଞ୍ଚଳର ପ୍ରାୟ ସମସ୍ତ କର୍ମୀ ଓ ନେତା କହୁଥାନ୍ତି ଯେ ରାଜା ମହାରାଜାମାନେ କଂଗ୍ରେସରେ ଯୋଗ ଦେବାକୁ ଆଗ୍ରହୀ ଅଛନ୍ତି । କିନ୍ତୁ ନବବାବୁ (ମୁଁ) ସେମାନଙ୍କ ଆଗ୍ରହ ପଥରେ ପ୍ରତିବନ୍ଧକ ହେଉଛନ୍ତି, ଅର୍ଥାତ୍ ତାଙ୍କ ମିଳନ ପଥରେ ବାଧା ବିଘ୍ନ ସୃଷ୍ଟି କରୁଛନ୍ତି । ଏପରିକି ସେତେବେଳେ କଂଗ୍ରେସ ଭିତରେ ଯେଉଁମାନେ ପ୍ରଗତିବାଦୀ ବୋଲି ଖ୍ୟାତ ଏବଂ ପରିଗଣିତ ଓ ଆଜି ଯେଉଁମାନେ ନିଜକୁ ପ୍ରଗତିଶୀଳ ବୋଲି କହି ଶାସକ ବା ଇନ୍ଦିରା-କଂଗ୍ରେସରେ ଯୋଗ ଦେଇଛନ୍ତି ସେମାନେ ମଧ୍ୟ ସ୍ପଷ୍ଟ ଭାବରେ ଦଳର କମିଟି ମିଟିଙ୍ଗ୍‌ରେ ମୋତେ କଠୋର ସମାଲୋଚନା କରିଛନ୍ତି ଯେ ମୋ ଯୋଗୁଁ ରାଜା ମହାରାଜାମାନେ କଂଗ୍ରେସରେ ଯୋଗ ଦେବାକୁ ଆସୁ ନାହାନ୍ତି । ସେମାନଙ୍କ ମତରେ ରାଜା ମହାରାଜାମାନେ ଅତି ଉତ୍ତମ ଲୋକ, ପ୍ରଗତିବାଦୀ ଏବଂ ସେମାନେ କଂଗ୍ରେସ ମତ ଗ୍ରହଣ କରିବାକୁ

Digitized by PPRACHIN, SOA

ପ୍ରସ୍ତୁତ । ପବିତ୍ରବାବୁ ସେମାନଙ୍କୁ ପ୍ରତିକ୍ରିୟାଶୀଳ, ଅଣ-ଜାତୀୟବାଦୀ, ସମାଜବାଦ-ବିରୋଧୀ ଓ ଏକଛତ୍ରବାଦୀ ଆଖ୍ୟା ଦେଇ ସେମାନଙ୍କର କଂଗ୍ରେସରେ ମିଶିବା ଗତିପଥକୁ ନିରୋଧ କରୁଛନ୍ତି । ଏହି ସବୁ ସମାଲୋଚନା ଅତ୍ୟନ୍ତ ଧୈର୍ଯ୍ୟର ସହିତ ନୀରବରେ ମୁଁ ଶୁଣୁଥାଏ । ଭାବୁଥାଏ, ଉପଯୁକ୍ତ ସମୟରେ ମୁଁ ଏହାର ଜବାବ ଦେବି ।

କଂଗ୍ରେସ ଶାସନ ଭାଙ୍ଗି ଗଣତନ୍ତ୍ର ଦଳ ସଙ୍ଗେ ମିଶି ମିଳିତ ସରକାର ଗଢ଼ିବା କଥା କ୍ରମଶଃ ଖୋଲ୍ ଖୋଲା ପୂର୍ଣ୍ଣ ଭାବରେ ପ୍ରଚାର ହେଲା । ମହତାବ ବାବୁ ଦେଖିଲେ ଯେ କେତେକ କଂଗ୍ରେସ ଲୋକ ଏ ମିଳିତ ମନ୍ତ୍ରୀମଣ୍ଡଳକୁ ପସନ୍ଦ ଓ ସମର୍ଥନ କରୁଛନ୍ତି । ତାଙ୍କର ଆଶଙ୍କା ଥିଲା ଯେ ଯେହେତୁ ପବିତ୍ର ବାବୁ ରାଜାମାନଙ୍କ ବିରୋଧରେ ୧୯୩୮ ଏବଂ ୧୯୪୭ରେ ପ୍ରବଳ ଆନ୍ଦୋଳନ ଚଳାଇ ସେମାନଙ୍କୁ ଗାଦିରୁ ଅନ୍ତର କରାଇଥିଲେ ତେଣୁ ସେ (ମୁଁ) ଏହି ମିଳିତ ମନ୍ତ୍ରୀ ମଣ୍ଡଳର ବିରୋଧ କରିବେ । ସେ ଜାଣି ପାରିଲେ ଯେ, ଇତି ମଧ୍ୟରେ କଂଗ୍ରେସର ସବୁ ଶ୍ରେଣୀର ଲୋକେ ମୋତେ ସମାଲୋଚନା କରୁଛନ୍ତି ଯେ, ମୋ ଯୋଗୁଁ ରାଜା ମହାରାଜାମାନେ କଂଗ୍ରେସ ଭକ୍ତ ନ ହୋଇ ଅଲଗା ଗଣତନ୍ତ୍ର ଦଳ ସୃଷ୍ଟି କରି ଓଡ଼ିଶାରେ କଂଗ୍ରେସ ଦଳର ବଡ଼ ପ୍ରତିପକ୍ଷ ହୋଇଛନ୍ତି । କିନ୍ତୁ ବର୍ତ୍ତମାନ ଯେହେତୁ ବହୁ କଂଗ୍ରେସ ଲୋକ ମିଳିତ ମନ୍ତ୍ରୀମଣ୍ଡଳର ପକ୍ଷପାତି ହୋଇଗଲେ ତେଣୁ ପବିତ୍ର ବାବୁ ଏଣିକି ଆଉ ବାଧାବିଘ୍ନ ସୃଷ୍ଟି କରି ପାରିବେ ନାହିଁ ଏବଂ ଓଡ଼ିଶାରେ ଗଣତନ୍ତ୍ର ଦଳ ସଙ୍ଗେ ମିଶି ଶାସନ କାର୍ଯ୍ୟ ଚଳାଇବାରେ କଂଗ୍ରେସରେ ବସ୍ତୁତଃ ସର୍ବସମ୍ମତ ମତ ପ୍ରକାଶ ପାଉଛି ।

ମୋ ଇସ୍ତଫା ଉପରେ ନଜର

ଇତି ମଧ୍ୟରେ ମହତାବ ବାବୁଙ୍କ କେତେକ ଅନୁଗାମୀ ଗୁଜବ ଆଡ଼ ପ୍ରଚାର କରୁଥାନ୍ତି ଯେ ରାଜା ମହାରାଜାଙ୍କ ସଙ୍ଗେ କଂଗ୍ରେସର ମିଳନ-ମସୁଧା ହୋଇଗଲେ ଗଡ଼ଜାତ ଅଞ୍ଚଳରୁ ପବିତ୍ର ବାବୁଙ୍କ କଂଗ୍ରେସ ନେତୃତ୍ୱ କ୍ଷୁଣ୍ଣ ହୋଇଯିବା ଆଶଙ୍କାରେ ସେ (ପବିତ୍ର ବାବୁ) ଏ ମିଳିତ ମନ୍ତ୍ରୀମଣ୍ଡଳ ଗଠନର

Digitized by PPRACHIN, SOA

ଘୋରତର ବିରୋଧ କରିବେ । ମୁଁ ଦେଖିଲି ଯେ, ଏ ପ୍ରଚାରଦ୍ୱାରା ମୋତେ ଏକ ଘରିଆ (corner) କରି ଦେବାକୁ ଚେଷ୍ଟା କରୁଛନ୍ତି । ପ୍ରଚାରଆଡ଼େ କୁହା ଯାଉଥାଏ ଯେ, ପବିତ୍ର ବାବୁ ନିଜର ନେତୃତ୍ୱ-ଭିତ୍ତିକ ସ୍ୱାର୍ଥରକ୍ଷା ଦୃଷ୍ଟିରୁ ରାଜାମାନଙ୍କ ଦଳ ସଙ୍ଗେ ମିଳିତ ମନ୍ତ୍ରୀମଣ୍ଡଳ ଗଠନପୂର୍ବକ କଂଗ୍ରେସର ସ୍ୱାର୍ଥ ରକ୍ଷାକୁ ଜଳାଞ୍ଜଳି ଦେଉଛନ୍ତି । କିନ୍ତୁ ବାସ୍ତବରେ ତାହା ନୁହେ । କଂଗ୍ରେସର ଗୋଟିଏ ଗୋଷ୍ଠୀ (ଯେଉଁମାନେ ମହତାବ ବାବୁଙ୍କୁ ବମ୍ବେ ରାଜ୍ୟପାଳ ପଦରୁ ଇସ୍ତଫା ଦିଆଇ ଓଡ଼ିଶାକୁ ଅଣାଇଥିଲେ) ଦେଖିଲେ ଯେ ଯଦି ମହତାବଙ୍କ ନେତୃତ୍ୱରେ କଂଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ନ ହେଉଛି ତାଙ୍କ ନିଜ ସ୍ୱାର୍ଥ ନଷ୍ଟ ହୋଇ ଯାଉଛି । ତେଣୁ ମୋ ସମ୍ପର୍କରେ ଏ ପ୍ରଚାର ସେମାନେ ଚଳାଇଥାନ୍ତି । ବାସ୍ତବିକ ମୁଁ ଏ ମିଳିତ ମନ୍ତ୍ରୀମଣ୍ଡଳର ବିରୋଧରେ ଥିଲି, ଯେହେତୁ ରାଜା ମହାରାଜାମାନେ ପ୍ରଥମତଃ ଜାତୀୟବାଦୀ ନୁହନ୍ତି, ୨ୟତଃ ଗଣତନ୍ତ୍ରକୁ ବିଶ୍ୱାସ କରନ୍ତି ନାହିଁ, ୩ୟତଃ ପ୍ରଗତିଶୀଳ ନୁହନ୍ତି ଓ ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତି । କିନ୍ତୁ ଯେତେବେଳେ ଦେଖିଲି ଯେ, ମୋ ବ୍ୟକ୍ତିତ ପ୍ରାୟ ଅନ୍ୟ ସବୁ କଂଗ୍ରେସ ଲୋକେ କ୍ଷମତା ଲାଳସା ଓ ସରକାରୀ ପ୍ରଭାବପ୍ରୟୋଗ ବିଚାରରୁ ରାଜା ମହାରାଜାଙ୍କ ସଙ୍ଗେ ଏକ ଅପବିତ୍ର (unholy) ମିଳନରେ ଆବଦ୍ଧ ହେବା ଉଦ୍ଦେଶ୍ୟରେ ମୋ ସମ୍ପର୍କରେ ନାନା କୁତ୍ସା ପ୍ରଚାର ଚଳାଇ ମୋତେ ଉପରୋକ୍ତମତେ ସ୍ୱାର୍ଥପର ବୋଲି କହୁଛନ୍ତି ମୁଁ ନିଷ୍ପତ୍ତି କଲି ଯେ ଆଉ ବିରୋଧ ନ କରି ନୀରବ ରହିବି ଏବଂ ଏପରି ଆଦର୍ଶ ଦେଖାଇବି ଯେ, ଯଦ୍ଦ୍ୱାରା ଅନ୍ୟ ମନ୍ତ୍ରୀ ଓ ନେତାମାନେ ଅପଦସ୍ତ ହେବେ । ପରିଶେଷରେ ତାହାହିଁ କଲି ।

ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବାପାଇଁ କଂଗ୍ରେସର ଏକ ଶ୍ରେଣୀଙ୍କର ସିନା ବ୍ୟଗ୍ରତା ଥାଏ, କିନ୍ତୁ କେତେକଙ୍କର ବିଶେଷ କରି ଅନ୍ୟ ମନ୍ତ୍ରୀ ଓ ସେମାନଙ୍କର ଅନୁଗାମୀମାନଙ୍କର ଆନ୍ତରିକତା ନଥାଏ ; ଯେହେତୁ ମିଳିତ ମନ୍ତ୍ରୀମଣ୍ଡଳ ହେଲେ ବହୁ ମନ୍ତ୍ରୀଙ୍କର କ୍ୟାବିନେଟ୍‌ରେ ସ୍ଥାନ ରହିବ ନାହିଁ, କିମ୍ବା ସେମାନଙ୍କର ଗୋଷ୍ଠୀର ଶାସନ ଉପରେ ପ୍ରଭାବ ରହିବ ନାହିଁ । ଏହିପରି ପରିସ୍ଥିତିରେ ମହତାବ ମଧ୍ୟ ଅତ୍ୟନ୍ତ ବ୍ୟଗ୍ର ଥାନ୍ତି ଯେ, କିପରି ସୁରୁଖୁରୁରେ ସେ ଏହି ମନ୍ତ୍ରୀମଣ୍ଡଳ ଗଠନ କରି ପାରିବେ । ତାଙ୍କର ଏକ ମାତ୍ର ଆଶଙ୍କା ଥାଏ ଯେ ମୁଁ ନିଶ୍ଚୟ ଘୋର ବିରୋଧ କରିବି ଏବଂ ମନ୍ତ୍ରୀ ମଣ୍ଡଳରୁ ଇସ୍ତଫା ନ ଦେଇ ବାଧା ସୃଷ୍ଟି କରିବି । ତାଙ୍କର ପୁଣି ଆଶଙ୍କା

Digitized by PPRACHIN, SOA

ଥାଏ ଯେ, କାଳେ ଅନ୍ୟ ମନ୍ତ୍ରୀମାନେ ଇସ୍ତଫା ନ ଦେଇ ବାଧା ସୃଷ୍ଟି କରିବେ । ଆହୁରି ପୁଣି ତାଙ୍କର ସନ୍ଦେହ ଥାଏ ଯେ କାଳେ ଅନ୍ୟ ମନ୍ତ୍ରୀମାନେ ଇସ୍ତଫା ନ ଦେଇ ତାଙ୍କୁ (ଶ୍ରୀ ମହତାବଙ୍କୁ) ବାଧ୍ୟ କରିବେ ଯେ, ସେ ପ୍ରଥମେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦିଅନ୍ତୁ । ମହତାବ ବାବୁ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପ୍ରମାଣ ଦେଖାଇବାକୁ ଇଚ୍ଛା କରୁଥାନ୍ତି ଯେ, ଏ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ ମନ୍ତ୍ରୀମଣ୍ଡଳର ସମସ୍ତ ମନ୍ତ୍ରୀଙ୍କ ସଙ୍ଗେ ଦଳ ମଧ୍ୟ ଏକମତ ଏବଂ ରାଜା ମହାରାଜାଙ୍କ ବିରୋଧୀ ପବିତ୍ର ବାବୁ ମଧ୍ୟ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଛନ୍ତି ।

କେନ୍ଦ୍ରରେ ରାଜା ମହାରାଜାଙ୍କ ସ୍ତୁତି ଗାନ

ମହତାବ ବାବୁ ଏଣେ ଓଡ଼ିଶାରେ ଏପରି ପ୍ରଚାର ଚଳାଇବା ସଙ୍ଗେ ସଙ୍ଗେ ତେଣେ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ବୁଝାଇବାରେ ଲାଗିଥାନ୍ତି ଯେ, ଓଡ଼ିଶାର ରାଜା ମହାରାଜାମାନେ ଅତି ଉତ୍ତମ ଲୋକ ଏବଂ ସେମାନେ ପଶ୍ଚିମ ଓଡ଼ିଶାର ସ୍ୱାଭାବିକ ନେତା ହେବା ସଙ୍ଗେ ସଙ୍ଗେ ଆଦିବାସୀ ଏବଂ ହରିଜନମାନଙ୍କର ପ୍ରାକୃତିକ କର୍ଣ୍ଣଧାର (Natural Leader) । ସେତେବେଳକୁ A. I. C. C.ର ବୈଠକ ହେବାର ଥିଲା । ଦିଲ୍ଲୀର ସାପ୍ରୁ ହାଉସରେ ଏହା ବସିଲା । ଉକ୍ତ ବୈଠକରେ ଶ୍ରୀ ବିଜୁ ପଟ୍ଟନାୟକ ଓ ଶ୍ରୀ ନୀଳମଣି ରାଉତରାୟ ପ୍ରଭୃତି ଓଡ଼ିଶାର ସଭ୍ୟମାନେ ଅତି ଉଚ୍ଚ ସ୍ୱରରେ କହିଥିଲେ ଯେ, ଓଡ଼ିଶାର ଗଣତନ୍ତ୍ର ଦଳର ରାଜାମାନେ ଯେପରି ଲୋକପ୍ରିୟ ସେପରି ଗଣତନ୍ତ୍ରବାଦୀ ଓ ପ୍ରଗତିଶୀଳ । ସେମାନେ ପଶ୍ଚିମ ଓଡ଼ିଶା ଏବଂ ଗଡ଼ଜାତମାନଙ୍କର ପ୍ରକୃତ ନେତା । ତେଣୁ ସେମାନଙ୍କ ସହିତ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ କେନ୍ଦ୍ର କର୍ତ୍ତୃପକ୍ଷ ବିନା ସର୍ତ୍ତରେ ଅନୁମତି ଦେବା ଉଚିତ । କିନ୍ତୁ ଅତି ଆଶ୍ଚର୍ଯ୍ୟର କଥା ଯେ ଯେଉଁ ମହତାବ ବାବୁ ଓ ତାଙ୍କର ତାତ୍କାଳିକ ଅନୁଗାମୀମାନେ ସେତେବେଳେ ରାଜା ମହାରାଜାମାନଙ୍କୁ ଏତେ ପ୍ରଶଂସା କରି କହିଥିଲେ, ସେମାନେ ପୁଣି ୧୯୬୭ରୁ ୧୯୭୦ ପର୍ଯ୍ୟନ୍ତ ଯେଉଁ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଚାଲିଲା ସେତେବେଳେ ଉକ୍ତ ରାଜା ମହାରାଜାମାନଙ୍କୁ ପ୍ରତିକ୍ରିୟାଶୀଳ ଓ ଅଗଣତନ୍ତ୍ରବାଦୀ କହି ମନ୍ତ୍ରୀମଣ୍ଡଳକୁ ଭାଙ୍ଗି ବାହାରି ଆସିବାକୁ ମୋତେ ଏବଂ

Digitized by PPRACHIN, SOA

ମୋର ସହକର୍ମୀମାନଙ୍କୁ ପ୍ରକାରାନ୍ତରେ ବାଧ୍ୟ କରୁଥିଲେ । ତାଙ୍କ ନିର୍ଦ୍ଦେଶ ଓ ପ୍ରଚାରର ସଙ୍ଗେ ସଙ୍ଗେ ଆମ୍ଭେମାନେ ଇସ୍ତଫା ନ ଦେବାରୁ ସେମାନେ ଆମ୍ଭମାନଙ୍କୁ ରାଜାମହାରାଜାପ୍ରେମୀ ବୋଲି କହିଲେ ଓ କୁହାଇବାକୁ ଲାଗିଲେ। ଆହୁରି ମଧ୍ୟ ୧୯୭୧ ନିର୍ବାଚନ ପରେ ସର୍ବଶ୍ରୀ ବିଜୁ ପଟ୍ଟନାୟକ ଓ ନୀଳମଣି ରାଉତରାୟଙ୍କ ନେତୃତ୍ୱରେ ଗଠିତ ଓ କଂଗ୍ରେସ ବିଚ୍ଛିନ୍ନ ଉତ୍କଳ କଂଗ୍ରେସ ପୁଣି ସେହି ରାଜା ମହାରାଜାଙ୍କ ଗଣତନ୍ତ୍ର ଦଳ ସଙ୍ଗେ ମିଶି ମିଳିତ ମନ୍ତ୍ରୀମଣ୍ଡଳ ଗଠନ କଲେ । ଉପର୍ଯ୍ୟୁକ୍ତ ଘଟଣାବଳୀରୁ ଜଣେ ବାଧ୍ୟ ହୋଇ ନିଶ୍ଚୟ ଭାବିବ ଯେ, ଓଡ଼ିଶାରେ ୨।୩ ଜଣ ଭୁଙ୍ଗ ନେତା ଏବଂ ତାଙ୍କ ଅନୁଗାମୀ-ମାନେ ନିଜର ସୁବିଧା ଦୃଷ୍ଟିରୁ ନାନା ପ୍ରଚାର ଓ ହାଓ୍ୱା ସୃଷ୍ଟି କରି-ପାରନ୍ତି । ସେମାନେ ତାଙ୍କ ରାଜନୈତିକ ଉଦ୍ଦେଶ୍ୟ ଓ ସ୍ୱାର୍ଥ ସାଧନ ବିଚାରରୁ ଏକ ବ୍ୟକ୍ତି ଏବଂ ଗୋଷ୍ଠୀକୁ କେତେବେଳେ ଲୋକପ୍ରିୟ ପ୍ରଗତି-ବାଦୀ, କେତେବେଳେ ବା ଜଘନ୍ୟ ପ୍ରତିକ୍ରିୟାଶୀଳ ବୋଲି କହି ସ୍ଥାନୀୟ ଜନତାକୁ ଏବଂ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ବିଭ୍ରାନ୍ତ କରାଇପାରନ୍ତି । ଉକ୍ତ ନେତା-ମାନଙ୍କ ସମ୍ପର୍କରେ ମୋର ମଧ୍ୟ ସେହି ମତ ।

ମହତାବ ବାବୁଙ୍କର ତ ଆଶଙ୍କା ଥାଏ ଯେ କାଳେ ମୁଁ ମିଳିତ ମନ୍ତ୍ରୀ ମଣ୍ଡଳ ଗଠନ ନିମନ୍ତେ ଘୋର ବିରୋଧ କରିବି । ତେଣୁ ସେ ମୋତେ ସମୟେ ସମୟେ ଆସି ଏ ସମ୍ପର୍କରେ ବୁଝାଉଥାନ୍ତି । ସେ ଗୋଟିଏ ପ୍ରସ୍ତାବ ମୋ ଆଗରେ ଉପସ୍ଥାପିତ କଲେ । ପ୍ରସ୍ତାବଟି ନିମ୍ନ ପ୍ରକାର ଅଟେ ।

ଯଦି ମନ୍ତ୍ରୀମଣ୍ଡଳର ସଦସ୍ୟମାନେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ଉଦ୍ଦେଶ୍ୟରେ ଆଗତୁରା ଇସ୍ତଫା ଦେବେ ତେବେ ଉତ୍ତମ ହେବ । କେନ୍ଦ୍ର କର୍ତ୍ତୃପକ୍ଷ ତଥା ଓଡ଼ିଶା ଜନତା ମିଳିତ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ ସ୍ୱାଗତ ଜଣାଇବେ । କିନ୍ତୁ ପ୍ରଥମେ କିଏ ଇସ୍ତଫା ଦେଇ ଆଦର୍ଶ ଦେଖାଇବ ? ମହତାବ ବାବୁ ଭାବୁଥିଲେ ଯେ, ଯଦି ମୁଁ ପ୍ରଥମେ ଇସ୍ତଫା ଦେବି ତେବେ ଏହି ଆଦର୍ଶରେ ଅନ୍ୟାନ୍ୟ ମନ୍ତ୍ରୀମାନେ ମଧ୍ୟ ଇସ୍ତଫା ଦେବେ । ମୁଁ ତାଙ୍କ ମନୋଭାବ ଜାଣିପାରି ଏବଂ ପୂର୍ବବର୍ଣ୍ଣିତ ଅନୁସାରେ ମୋ ବିରୁଦ୍ଧରେ ଯେଉଁ ଅମୂଳକ କୁତ୍ସା ରଟନା ସବୁ କରାଯାଉଥିଲା ତହିଁରୁ ମୁକ୍ତ ପାଇବା ଉଦ୍ଦେଶ୍ୟରେ ତାଙ୍କଠାରେ ମୋର ଇସ୍ତଫା ଦେଲି । ସେ ମୋର ଇସ୍ତଫା ପତ୍ର ଅନ୍ୟ ମନ୍ତ୍ରୀ ଓ କର୍ମୀମାନଙ୍କୁ ଦେଖାଇ କହିଲେ ଯେ, ରାଜାମାନଙ୍କୁ ମନ୍ତ୍ରୀମଣ୍ଡଳକୁ ଆଣିବାକୁ ଯେଉଁ ପବିତ୍ର ବାବୁ ବିରୋଧ କରିଥାନ୍ତେ ସେ

Digitized by PPRACHIN, SOA

ମିଳିତ ମନ୍ତ୍ରୀ ମଣ୍ଡଳ ଗଠନ ଉଦ୍ଦେଶ୍ୟରେ ପ୍ରଥମେ ଇସ୍ତଫା ଦେଲେ । ତେଣୁ ଅନ୍ୟ ମନ୍ତ୍ରୀମାନେ ଏହି ଆଦର୍ଶ ଗ୍ରହଣ କରନ୍ତୁ । ତାପରେ ଦିନକ ମଧ୍ୟରେ ସମସ୍ତେ ଇସ୍ତଫା ଦେଇ ଦେଲେ । ମୁଁ ପୂର୍ବୋକ୍ତ ନିଜ ସମ୍ମାନ ରକ୍ଷା ଦୃଷ୍ଟିରୁ ମିଳିତ ମନ୍ତ୍ରୀମଣ୍ଡଳ ଗଠନରେ ବିରୋଧ କରିବି ବୋଲି ଆଗରୁ ଯେଉଁମାନେ ପ୍ରଚାର କରୁଥିଲେ ସେମାନେ ଅବାକ୍ ହୋଇଗଲେ । ତା'ପରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଭାଙ୍ଗିଲା ଏବଂ କଂଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏ ମନ୍ତ୍ରୀମଣ୍ଡଳରେ ପୂର୍ବ ମନ୍ତ୍ରୀମଣ୍ଡଳର ବହୁ ମନ୍ତ୍ରୀ ସ୍ଥାନ ପାଇଲେ ; ମୁଁ ପାଇଲି ନାହିଁ । ବୋଧହୁଏ ରାଜା ମହାରାଜାଙ୍କୁ ସନ୍ତୁଷ୍ଟ କରିବାକୁ ଏହା କରାଗଲା ।

ସ୍ୱାର୍ଥ ଅସିଦ୍ଧିରୁ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାର ଚେଷ୍ଟା

ଅତ୍ୟନ୍ତ ଆଶ୍ଚର୍ଯ୍ୟର କଥା ଯେ, ଯେଉଁ ମହତାବ ଗୋଷ୍ଠୀ, ଅର୍ଥାତ୍ ସର୍ବଶ୍ରୀ ବିଜୁ ପଟ୍ଟନାୟକ, ବୀରେନ ମିତ୍ର ଏବଂ ନୀଳମଣି ରାଉତରାୟ ଓଗେର ଏହି ମିଳିତ ମନ୍ତ୍ରୀମଣ୍ଡଳ ଗଠନ ପାଇଁ ଏତେ ବ୍ୟଗ୍ର ଏବଂ ଉତ୍ସାହୀ ଥିଲେ ଅଳ୍ପ କେତେମାସ ବିତିଗଲା ପରେ ପୁଣି ଏହାକୁ ଭାଙ୍ଗିବାକୁ ପ୍ରବଳ ଉଦ୍ୟମ କଲେ ; କାରଣ ଏହି ମିଳିତ ମନ୍ତ୍ରୀମଣ୍ଡଳ ଗଠନଦ୍ୱାରା ଶ୍ରୀ ମହତାବଙ୍କୁ ମୁଖ୍ୟମନ୍ତ୍ରୀ କରାଇ ପୂର୍ବପରି ନିଜର ସର୍ବାଙ୍ଗୀନ ଉଦ୍ଦେଶ୍ୟ ସରକାରଙ୍କ ଜରିଆରେ ହାସଲ କରାଇ ନେଇ ପାରିବେ ବୋଲି ସେମାନେ ଆଶା ବାନ୍ଧିଥିଲେ; କିନ୍ତୁ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ପରେ ତାହା ଅନାୟାସରେ ପୂରଣ କରାଇବାରେ ସେମାନେ ଅସଫଳ ହେଲେ । ଗୋଟିଏ ଦଳର ମନ୍ତ୍ରୀ ମଣ୍ଡଳରେ ଦଳର ଲୋକେ ନିଜର ନ୍ୟାଯ୍ୟ କିମ୍ବା ଅନ୍ୟାଯ୍ୟ ସ୍ୱାର୍ଥ ହାସଲ କରାଇବା ଯେପରି ସୁବିଧାଜନକ ହୁଏ, ମିଳିତ ମନ୍ତ୍ରୀମଣ୍ଡଳରେ କରାଇବାକୁ ସେପରି ସହଜ କିମ୍ବା ସୁବିଧାଜନକ ନୁହେ । ନିଜର ସୁନାମ ଏବଂ ସମ୍ମାନ ରକ୍ଷା ଦୃଷ୍ଟିରୁ ମହତାବ ବାବୁ ତାଙ୍କ ଗୋଷ୍ଠୀର ରାଜନୈତିକ ସ୍ୱାର୍ଥ ଅନ୍ୟାୟରେ ରକ୍ଷା କରିବାକୁ ଅନିଚ୍ଛୁକ ମଧ୍ୟ ହେଉଥିଲେ । ତେଣୁ ଏହି ମନ୍ତ୍ରୀମଣ୍ଡଳକୁ ଭାଙ୍ଗିବାର ସର୍ବବିଧ ଚେଷ୍ଟା କରାଗଲା । ନାନାବିଧ ଚେଷ୍ଟା

Digitized by PPRACHIN, SOA

ମଧ୍ୟରେ ଏହିମାନେ (ସର୍ବଶ୍ରୀ ବିଜୁ-ହରେକୃଷ୍ଣ ଓଗେରେ) ପୁଣି ବ୍ୟକ୍ତି ଏବଂ ଗୋଷ୍ଠୀବିଶେଷଙ୍କ ନିକଟକୁ ଯାଇ ସେମାନଙ୍କୁ ପ୍ରଭାବିତ କରାଇବାକୁ ଉଦ୍ୟମ କଲେ ଯେ, ଅଚିରେ ଏହି ମିଳିତ ସରକାରକୁ ଭାଙ୍ଗିବାକୁ ହେବ । ମୋ ନିକଟକୁ ଆସି ମୋତେ ପ୍ରଭାବିତ କରାଇବାକୁ ଲାଗିଲେ ଯେ, ଯେହେତୁ ମୁଁ ରାଜା ଗୋଷ୍ଠୀଙ୍କର ବିରୋଧୀ ତେଣୁ ଏ ମିଳିତ ମନ୍ତ୍ରୀମଣ୍ଡଳକୁ ଭାଙ୍ଗିବାରେ ମୁଁ ନେତୃତ୍ୱ ନିଏ । ମୁଁ ଦେଖିଲି, ନିଜର ସ୍ୱାର୍ଥ ସାଧନ ଓ ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ମନ୍ତ୍ରୀ ଏବଂ ମନ୍ତ୍ରୀମଣ୍ଡଳ ଗଢ଼ିବା ଓ ଭାଙ୍ଗିବା ପାଇଁ କେତେଜଣ ଲୋକ ସବୁବେଳେ ବ୍ୟଗ୍ର ଏବଂ ଅଗ୍ରଣୀ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେମାନେ ଦେଖନ୍ତି ଯେ, ଉକ୍ତ ମନ୍ତ୍ରୀ ବା ମନ୍ତ୍ରୀମଣ୍ଡଳ ଉକ୍ତ ଲୋକଙ୍କର ଅନ୍ୟାୟ ସ୍ୱାର୍ଥ ହାସଲରେ ସହାୟକ ହେଉନାହାନ୍ତି ସେତେବେଳେ ତାହା ଭାଙ୍ଗିବା ପାଇଁ ଆଗଭର ହେଉଛନ୍ତି । ମୁଁ ସେମାନଙ୍କୁ ସ୍ପଷ୍ଟ କହିଦେଲି ଯେ, ଯେଉଁ ଗଣତନ୍ତ୍ର ଦଳ ଏବଂ ତାର ନେତା ରାଜା ମହାରାଜାମାନଙ୍କୁ ମହତାବ ବାବୁଙ୍କ ସମେତ ସେମାନେ ଶତଜିହ୍ୱାରେ ଦିଲ୍ଲୀର A. I. C. C. ପର୍ଯ୍ୟନ୍ତ ଏତେ ପ୍ରଶଂସା କରି ଓ କରାଇ ମନ୍ତ୍ରୀମଣ୍ଡଳ ଗଢିଲେ ଆଜି ପୁଣି ଅଳ୍ପ କେତେମାସ ପରେ ଏହାକୁ ଭାଙ୍ଗିବା ନିମନ୍ତେ ପ୍ରବଳ ଉଦ୍ୟମର କାରଣ ବଡ଼ ରହସ୍ୟଜନକ । ତେଣୁ ମୁଁ ସ୍ଥିର କଲି ଯେ, ସେମାନଙ୍କ ସଙ୍ଗେ ଏ ଅସାଧୁ ଚେଷ୍ଟା ଖେଳରେ ଯୋଗ ଦେଇ ପାରିବି ନାହିଁ । କୌଣସି ବ୍ୟକ୍ତି ବା ଗୋଷ୍ଠୀର ଅର୍ଥନୀତିଭିତ୍ତିକ ରାଜନୈତିକ ସ୍ୱାର୍ଥ ସିଦ୍ଧି ନିମନ୍ତେ ମୁଁ ସାହାଯ୍ୟକାରୀ ହୋଇ ପାରିବି ନାହିଁ ବୋଲି ଠୋକ୍ ଠୋକ୍ କହିଦେଲି ।

ନିଜ ଅସ୍ତ୍ର ନିଜକୁ ବିଦ୍ଧ କଲା

ଏତେବେଳକୁ ମହତାବ ବାବୁ ତାଙ୍କର ତାତ୍କାଳିକ ଅନୁଗାମୀ ଏବଂ ଗୋଷ୍ଠୀ ସର୍ବଶ୍ରୀ ବିଜୁ ପଟ୍ଟନାୟକ, ହରେକୃଷ୍ଣ ମହତାବ ଓ ନୀଳମଣି ରାଉତରାୟଙ୍କୁ ମନେ ମନେ ଛାଡ଼ି ସାରିଲେଣି । ଏ ୩ ଜଣ ମଧ୍ୟ ମହତାବ ବାବୁଙ୍କ ଉପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ ଛାଡ଼ି ନିଜ ନିଜ ମଧ୍ୟରେ ଏକ ଘନିଷ୍ଠ ମେଣ୍ଟ ବାନ୍ଧି-

Digitized by PPRACHIN, SOA

ସାରିଲେଣି । ସେମାନେ ପ୍ରଥମେ କଙ୍ଗ୍ରେସ ଆସେମ୍ବ୍ଲି ଦଳରେ ବହୁମତରେ ଏହି ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବା ନିମନ୍ତେ ଚେଷ୍ଟା କଲେ । ସେଥିରେ ସଫଳ ହୋଇ ପାରିଲେ ନାହିଁ । ତେଣୁ ସଂଗଠନକୁ ଅଧିକାର କରି ତାହା ଜରିଆରେ ଭାଙ୍ଗିବାକୁ ଉଦ୍ୟମ କଲେ । ସେଥିପାଇଁ ପ୍ରାଦେଶିକ ସଭାପତି ନିର୍ବାଚନରେ ସେହି ଗୋଷ୍ଠୀ ତରଫରୁ ଶ୍ରୀ ବିଜୁ ପଟ୍ଟନାୟକ ପ୍ରାର୍ଥୀ ହେଲେ । ପ୍ରବଳ ଉଦ୍ୟମ ହେଲା । ଅଳ୍ପ ଭୋଟରେ (ବୋଧହୁଏ ୪ଟି ଭୋଟ) ଶ୍ରୀ ବିଜୁ ପଟ୍ଟନାୟକ ହାରିଲେ ଏବଂ ଶ୍ରୀ ବନମାଳୀ ପଟ୍ଟନାୟକ ଜିତିଲେ । ହାରିଯାଇ ମଧ୍ୟ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀ ତା'ପରେ କଙ୍ଗ୍ରେସ ସଭାପତି ପଦ ଅଧିକାର କରିବା ପାଇଁ ନିର୍ବାଚିତ ସଭାପତି ଶ୍ରୀ ବନମାଳୀ ପଟ୍ଟନାୟକଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣାଇବା ପାଇଁ ପ୍ରବଳ ଚେଷ୍ଟା କରିବାରୁ ଶ୍ରୀ ବନମାଳୀ ପଟ୍ଟନାୟକ ନିଜ ଆଡ଼ୁ ବିଶ୍ୱାସ ପ୍ରସ୍ତାବ ଆଣାଇଲେ । ଏହି ବିଶ୍ୱାସ ପ୍ରସ୍ତାବରେ ଶ୍ରୀ ବନମାଳୀ ପଟ୍ଟନାୟକ ୪୭ଟି ଭୋଟରେ ହାରି-ଯିବାରୁ ଶ୍ରୀ ବିଜୁ ପଟ୍ଟନାୟକ ସଙ୍ଗେ ସଙ୍ଗେ ଓଡ଼ିଶା ପ୍ରାଦେଶିକ କଙ୍ଗ୍ରେସ କମିଟିର ସଭାପତି ନିର୍ବାଚିତ ହେଲେ । ସେହି ସଭାରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସଭାପତିତ୍ୱରେ କଙ୍ଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳର ଅବସାନ ନିମନ୍ତେ ଏକ ପ୍ରସ୍ତାବ ଗୃହୀତ କରାଇ ନେଲେ । ଶ୍ରୀ ମହତାବ କୃତ ମହତାବୀ ଗୋଷ୍ଠୀ ବର୍ତ୍ତମାନ ଖୋଲାଖୋଲି ମହତାବ-ବିରୋଧୀ-ଗୋଷ୍ଠୀ ହୋଇ ନିଜ ଉଦ୍ଦେଶ୍ୟ ସିଦ୍ଧ କରିନେଲେ । ଶ୍ରୀ ମହତାବଙ୍କ ସୃଷ୍ଟ ଅସ୍ତ୍ର ମହତାବଙ୍କୁ ବିଦ୍ଧ କଲା ।

ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ବର୍ତ୍ତମାନ ଦଳର ସାଂଗଠନିକ ଶାଖାର ନିର୍ଦ୍ଦେଶ ହେଲା କଙ୍ଗ୍ରେସ ଆସେମ୍ବ୍ଲି ଦଳ ମିଳିତ ମନ୍ତ୍ରୀମଣ୍ଡଳରୁ ଓହରି ଆସନ୍ତୁ । ତାହା କରିବାକୁ ସ୍ଥିର ହେଲା । ରାଷ୍ଟ୍ରପତି ଶାସନ ଜାରି କରିବାର ନିଶ୍ଚିତ ହେଲା । ପୂର୍ବରୁ ଏବଂ ଇତିମଧ୍ୟରେ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀ, ଅର୍ଥାତ୍ ସର୍ବଶ୍ରୀ ବିଜୁ ପଟ୍ଟନାୟକ, ବୀରେନ ମିତ୍ର ଓ ନୀଳମଣି ରାଉତରାୟ ଓଗେର ଦିଲ୍ଲୀର କଙ୍ଗ୍ରେସ ଉଚ୍ଚ କର୍ତ୍ତୃପକ୍ଷ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁ ଏବଂ କଙ୍ଗ୍ରେସ ସଭାପତି ପ୍ରଭୃତିଙ୍କ ସହ ଓଡ଼ିଶାରେ କଙ୍ଗ୍ରେସର ଏକକ ସଂଖ୍ୟା-ଗରିଷ୍ଠ ଦଳର ଶାସନ ନିମନ୍ତେ ଘନ ଘନ ଗୁରୁତର ଆଲୋଚନା ଓ ବିଚାର ପରାମର୍ଶ ଚଳାଇଥାନ୍ତି । କେନ୍ଦ୍ର କର୍ତ୍ତୃପକ୍ଷ ମଧ୍ୟ ବ୍ୟଗ୍ର ଏବଂ ଇଚ୍ଛୁକ ଥାନ୍ତି ଯେ, ଓଡ଼ିଶାରେ କଙ୍ଗ୍ରେସ ଶାସନ ପୁନଃ-ପ୍ରତିଷ୍ଠିତ ହେଉ । ଶ୍ରୀ ବିଜୁ ପଟ୍ଟନାୟକ କଙ୍ଗ୍ରେସ କର୍ତ୍ତୃପକ୍ଷଙ୍କଠାରୁ ଆଶୀର୍ବାଦ

Digitized by PPRACHIN, SOA

ପାଇଥାନ୍ତି ଯେ, ସେ ଯଦି ମନ୍ତ୍ରୀମଣ୍ଡଳ ଗଠନ କରିପାରିବେ ତେବେ ଭଲ ହୁଅନ୍ତା ।

କଣା-ବଙ୍କା ମନ୍ତ୍ରୀମଣ୍ଡଳ ଗଠନର ଚେଷ୍ଟା

ଏହାପରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କର ଆଶୀର୍ବାଦ ଏବଂ ସମର୍ଥନ ପାଇ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀ ଏକକ-ସଂଖ୍ୟା-ଗରିଷ୍ଠ କଙ୍ଗ୍ରେସ ଦଳର ଶାସନ ନିମନ୍ତେ ଶେଷ ଚେଷ୍ଟା କଲେ । ନାନା ପ୍ରଲୋଭନ ଦେଖାଇ ଏବଂ ଦେଇ ଅନ୍ୟ ଦଳମାନଙ୍କରୁ ୫୭ଜଣ ସଭ୍ୟ ଆଣି କଙ୍ଗ୍ରେସରେ ସାମିଲ କରାଇ ମନ୍ତ୍ରୀମଣ୍ଡଳ ଗଠନ କରିବାର ଉଦ୍ୟମ କରାଗଲା । କେନ୍ଦ୍ର କର୍ତ୍ତୃପକ୍ଷ ମଧ୍ୟ ଏଥିପାଇଁ ସ୍ୱୀକୃତି ଦେଲେ । ଏ ଅବସ୍ଥା ଦେଖି ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀମାନେ ତଟସ୍ଥ ହେଲେ । ବିଜୁ ପଟ୍ଟନାୟକ ବାହାସ୍ଫୋଟ ମାରୁଥାନ୍ତି ଯେ ସେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇଲେ, ପୁଣି ଭାଙ୍ଗିଲେ ଏବଂ ଏବେ ପୁଣି କଙ୍ଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରାଇବେ । ଅବଶ୍ୟ ପ୍ରଚାର କରୁଥାନ୍ତି ଯେ, ମହତାବଙ୍କୁ ସେ ମୁଖ୍ୟମନ୍ତ୍ରୀ କରାଇବେ । କିନ୍ତୁ ଭିତର ଉଦ୍ଦେଶ୍ୟ ମହତାବଙ୍କୁ ସାକ୍ଷୀଗୋପାଳ-ମୁଖ୍ୟମନ୍ତ୍ରୀ କରାଇ ନିଜର ଓ ନିଜ ଗୋଷ୍ଠୀର ସର୍ବାଙ୍ଗୀନ ରାଜନୈତିକ କ୍ଷମତା ଓ ସୁବିଧା ହାସଲ କରିବା । ଏହି ସବୁ ଘଟଣା ଘଟୁଥାଏ ୧୯୭୧ ଫେବୃୟାରୀ ମାସର ୨ୟ ଏବଂ ୩ୟ. ସପ୍ତାହ ବେଳକୁ ।

ଶ୍ରୀ ବିଜୁ ପଟ୍ଟନାୟକଙ୍କ କ୍ୟାମ୍ପରେ ଯେତେବେଳେ ଏହିପରି ବାତାବରଣ ଥାଏ ମହତାବଙ୍କ ପକ୍ଷରେ ମଧ୍ୟ ଘନ ଘନ ଗୁପ୍ତ ମନ୍ତ୍ରଣା ଚାଲିଥାଏ ଯେ, ବିଜୁବାବୁ ଏବଂ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଏତାଦୃଶ ଉଦ୍ଦେଶ୍ୟ ସିଦ୍ଧ ନହେଉ । ମହତାବ ଏବଂ ଅନ୍ୟ କେତେକଙ୍କ ଉଦ୍ଦେଶ୍ୟ ଥାଏ ଯେ, ହୁଏତ ମିଳିତ ମନ୍ତ୍ରୀମଣ୍ଡଳ ଚାଲିବ, କିମ୍ବା ରାଷ୍ଟ୍ରପତି ଶାସନ ଜାରି ହେବ । କିନ୍ତୁ ବିଜୁବାବୁଙ୍କ ଗୋଷ୍ଠୀର ଜିଦ୍‌ମୂଳକ ଉଦ୍ୟମ ଥିଲା କଙ୍ଗ୍ରେସ ଶାସନ ଚଳାଇବା । ମୁଁ ଏବଂ ଆଉ କେତେଜଣ ସଭ୍ୟ ଏ ସବୁ ରଙ୍ଗରହସ୍ୟ ଦେଖୁଥାଉ । କଙ୍ଗ୍ରେସର ଭଙ୍ଗା ପତନ ଆଖି ଆଗରେ ଝଲସି ଯାଉଥାଏ । ମନରେ ଅତ୍ୟନ୍ତ ଦୁଃଖ ହେଉଥାଏ । ସତ କଥା କହିଲେ ଫଳ ହେବ ପ୍ରତିପକ୍ଷ ଗୋଷ୍ଠୀଙ୍କ-

Digitized by PPRACHIN, SOA

ଠାରୁ ଅତି ତୀବ୍ର ଏବଂ କଟୁ ସମାଲୋଚନା ସଙ୍ଗେ ମାନ-ସମ୍ମାନ-ଇଜ୍ଜତ ନଷ୍ଟ । ତଥାପି ସତ କଥା କହି କଂଗ୍ରେସକୁ ସୁଧାରିବା ପାଇଁ ଆପ୍ରାଣ ଚେଷ୍ଟା କରୁଥାଉ । ଏଠାରେ ପ୍ରତିପକ୍ଷ କହିଲେ ଯେ, ତାତ୍କାଳିକ ଶ୍ରୀ ବିଜୁ-ବୀରେନ ଗୋଷ୍ଠୀକୁ ବୁଝାଇବ ତାହା ନୁହେଁ, ଶ୍ରୀ ମହତାବଙ୍କ ଗୋଷ୍ଠୀକୁ ମଧ୍ୟ ବୁଝାଇବ । ଏକଦା ଏହି ଗୋଷ୍ଠୀର ମୁଖପାତ୍ର ଏବଂ କାର୍ଯ୍ୟକାରକ (executant) ଉକ୍ତ ସର୍ବଶ୍ରୀ ବିଜୁ-ବୀରେନ-ନୀଳମଣି ପ୍ରଭୃତି ମୁଖ୍ୟ ଥିଲେ । ଏବେ ସେମାନେ ଶ୍ରୀ ମହତାବଙ୍କଠାରୁ ପୃଥକ ହୋଇ ଦିଲ୍ଲୀ କର୍ତ୍ତୃପକ୍ଷଙ୍କ ଆଶୀର୍ବାଦରେ ମହତାବଙ୍କୁ ଛାଡ଼ି ସଂଖ୍ୟାଧିକ ଗୋଷ୍ଠୀ ହୋଇଛନ୍ତି । ମୁଁ ଏବଂ ମୋର ମତାବଲମ୍ବୀମାନେ କୌଣସି ପକ୍ଷକୁ ଅନ୍ୟାୟରେ ସମର୍ଥନ କରୁ ନ ଥାଉ, କିମ୍ବା ପ୍ରୋତ୍ସାହନ ଦେଉ ନ ଥାଉ । ଯେତେବେଳେ ଯେଉଁ ଘଟଣା ଏବଂ ସମସ୍ୟାରେ ଯେଉଁ ପକ୍ଷ ନ୍ୟାୟ ଏବଂ ନୀତିର କଥା କହୁଥାନ୍ତି ଏବଂ କରୁଥାନ୍ତି ସେତେବେଳେ ତାଙ୍କୁ ସମର୍ଥନ କରୁଥାଉ । ସର୍ବଶ୍ରୀ ବିଜୁ-ବୀରେନ-ନୀଳମଣି-ମହତାବଙ୍କ ନେତୃତ୍ୱ ପରିତ୍ୟାଗ କରିବା ପୂର୍ବରୁ ଓଡ଼ିଶା କଂଗ୍ରେସରେ ଅନ୍ୟ ଯେଉଁ ଗୋଷ୍ଠୀ ଥିଲା ତାର ନେତୃତ୍ୱ ସର୍ବଦା ଶ୍ରୀ ବିଶ୍ୱନାଥ ଦାସ ଏବଂ ସମୟେ ସମୟେ ଶ୍ରୀ ନବକୃଷ୍ଣ ଚୌଧୁରୀ ଓ ପ୍ରଚ୍ଛନ୍ନ ଭାବରେ ଶ୍ରୀ ନିତ୍ୟାନନ୍ଦ କାନୁନ୍‌ଗୋ ନେଉଥିଲେ । ମୁଁ ଏବଂ ମୋର ସଙ୍ଗୀମାନେ ନୀତି-ନ୍ୟାୟ ପକ୍ଷ ଗ୍ରହଣ କରୁଥିବାରୁ ଉପର୍ଯ୍ୟୁକ୍ତ କୌଣସି ଗୋଷ୍ଠୀଭୁକ୍ତ ନଥିଲୁ । କିନ୍ତୁ ଅଧିକାଂଶ ଘଟଣାରେ ଶ୍ରୀ ବିଶ୍ୱନାଥ ଦାସଙ୍କ ପ୍ରତି ଆକୃଷ୍ଟ ଥିଲୁ । ଏହି ମିଳିତ ମନ୍ତ୍ରୀମଣ୍ଡଳ ଗଠନ ସମୟରେ ତ ଅବଶ୍ୟ ଶ୍ରୀ ମହତାବ ଏବଂ ତାଙ୍କ ପକ୍ଷର ପ୍ରଚାରକ ଶ୍ରୀ ବିଜୁ-ବୀରେନ-ନୀଳମଣିଙ୍କ ପକ୍ଷରେ ନଥିଲୁ । କିନ୍ତୁ ଯେତେବେଳେ ଦେଖିଲୁ ଯେ ମୋଗଲ ସାମ୍ରାଜ୍ୟର ପତନ ବେଳକୁ ଯେପରି ସୟଦ୍ ବ୍ରଦର୍ସ (ଅର୍ଥାତ୍ ସୟଦ୍ ଭ୍ରାତୃଦ୍ୱୟ) ରାଜା ସୃଷ୍ଟିକାରୀ (King-makers) ଥିଲେ, ସେହିପରି କଂଗ୍ରେସର ପତନ ବେଳକୁ ନିଜ ଉଦ୍ଦେଶ୍ୟ ସିଦ୍ଧି ଦୃଷ୍ଟିରୁ ବିଜୁବାବୁଙ୍କ ଗୋଷ୍ଠୀ ମନ୍ତ୍ରୀମଣ୍ଡଳ ସୃଷ୍ଟି ଏବଂ ଲୟ କରିବାରେ ରତ ଓ ମୁଖ୍ୟମନ୍ତ୍ରୀଙ୍କୁ ସଖୀ-କୁଣ୍ଢେଇ କରିବାରେ ଉଦ୍ୟତ, ସେତେବେଳେ ମୁଁ ଏବଂ କେତେକ ବନ୍ଧୁ ମହତାବଙ୍କ ପ୍ରତି ଚାଲିବାକୁ ବାଧ୍ୟ ହେଲୁ ।

Digitized by PPRACHIN, SOA

କଣା-ବକା ମନ୍ତ୍ରୀମଣ୍ଡଳ ଗଠନ ବିରୋଧରେ ମୋର ନେତୃତ୍ୱ

ଏହି ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବା ଏବଂ କୃତ୍ରିମ ଉପାୟରେ ଓ ଅସତ୍ ପନ୍ଥାରେ କଂଗ୍ରେସକୁ ଏକକ ସଂଖ୍ୟା-ଗରିଷ୍ଠ ଦଳରେ ପରିଣତ କରାଇବା ଉଦ୍ଦେଶ୍ୟରେ ବିଜୁ ବାବୁ ତାଙ୍କ କ୍ୟାମ୍ପରେ ଘନ ଘନ ସଭା କରାଉଥିଲେ । ଏଣେ ମହତାବ ବାବୁଙ୍କ କ୍ୟାମ୍ପରେ ଦୈନିକ ଦୁଇଓଳି ସେସବୁର ପ୍ରତିକାର ନିମନ୍ତେ ବିଚାର-ବିମର୍ଷ ଚାଲିଥାଏ । ମହତାବଙ୍କ କ୍ୟାମ୍ପର ସ୍ଥାନ ଥିଲା ତାତ୍କାଳିକ ରାଜସ୍ୱ ମନ୍ତ୍ରୀ ଶ୍ରୀ ସତ୍ୟପ୍ରିୟ ମହାନ୍ତିଙ୍କ ସରକାରୀ ବାସଭବନ କିମ୍ୱା ମହତାବଙ୍କ ନିଜ ଏକାମ୍ର ନିବାସ । କେତେ କେତେ ବେଳେ ମୋତେ ଡକାଇ ପଠାନ୍ତି । ସମୟେ ସମୟେ ମୁଁ ମୋର ସାଥୀ ଏମ୍. ଏଲ୍. ଏ. ଏବଂ ଅନ୍ୟ କଂଗ୍ରେସ ବନ୍ଧୁଙ୍କୁ ସଙ୍ଗରେ ନେଇ ସଭା ଯାଗାରେ ଅନାହୂତ ପହଞ୍ଚିଯାଏ । ଦିନେ ଓପରଓଳି ମୁଁ ଏବଂ ମୋର ସଙ୍ଗୀ ୫।୭ ଜଣ ଏମ୍. ଏଲ୍. ଏ. ବନ୍ଧୁ ପହଞ୍ଚି ଦେଖିଲୁ ଯେ, ମହତାବଙ୍କ ସମେତ ସବୁ ମନ୍ତ୍ରୀ ଓ ଜଣେ ଦୁଇଜଣ ନେତୃସ୍ଥାନୀୟ ବ୍ୟକ୍ତି ବିଷଣ୍ଣ ବଦନରେ ନୀରବରେ ବସିଛନ୍ତି । ସମୟେ ସମୟେ ତାତ୍କାଳିକ ଆଇନ ଓ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହି (ପୂର୍ବତନ ଅବସରପ୍ରାପ୍ତ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି) କିଛି କହୁଥାନ୍ତି, କିଛି କ୍ଷଣ ପରେ ଲିଙ୍ଗରାଜ ବାବୁ ମୋତେ କହିଲେ, 'ପବିତ୍ର ବାବୁ ! ଖବର ଶୁଣିଲଣି ?' ମୁଁ ଉତ୍ତର ଦେଲି, 'କି ଖବର ।' ସେ କହିଲେ ଯେ, ଅନ୍ୟାନ୍ୟ ଦଳରୁ ୭ଜଣ ସଭ୍ୟ ଆଣି ୭୧ ମେମ୍ବରରେ ସଂଖ୍ୟା-ଗରିଷ୍ଠତା ଦେଖାଇ ଶାସନ ଚଳାଇବାକୁ ବିଜୁ ପଟ୍ଟନାୟକ କଂଗ୍ରେସ କର୍ତ୍ତୃପକ୍ଷ, ବିଶେଷତଃ ଜହରଲାଲଙ୍କଠାରୁ ଅନୁମତି ପାଇ ସାରିଲେଣି । ଦିନେ ଦୁଇ ଦିନ ଭିତରେ ମନ୍ତ୍ରୀମଣ୍ଡଳ ଗଢ଼ିବେ ଏବଂ ଆମ୍ଭମାନଙ୍କ ମଧ୍ୟରୁ ଯଦି କେହି ରହିବୁ କେବଳ ସାକ୍ଷୀ-କୁଣ୍ଢେଇ ହୋଇ ରହିବୁ । ଏଥିକୁ ଉପାୟ କଣ ? ଆମ୍ଭେ ସମସ୍ତେ ଚିନ୍ତା କରି କରି କିଛି ବାଟ ପାଉନାହୁଁ । ଉତ୍ତରରେ ମୁଁ କହିଲି, "ଜହରଲାଲ ଛାଡ଼ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱର କହିଲେ ସୁଦ୍ଧା କଣା-ବକା ମନ୍ତ୍ରୀମଣ୍ଡଳ କରାଇଦେବୁନାହିଁ । ମୁଁ ଚାହେଁ, ଦେଶରୁ ଦୁର୍ନୀତି ଦୂର ହେଉ । ଅନ୍ୟାନ୍ୟ ଦଳରୁ ଏମ୍. ଏଲ୍. ଏ. ଆଣି

Digitized by PPRACHIN, SOA

କିମ୍ବା ସ୍ୱାଧୀନ ସଭ୍ୟଙ୍କୁ ନିଜ ଦଳଭୁକ୍ତ କରି ମନ୍ତ୍ରୀମଣ୍ଡଳ ଗଢ଼ିବାରେ ଯେଉଁ କଦର୍ଯ୍ୟ କାରବାର ଓ ଜଘନ୍ୟ ଦୁର୍ନୀତିର ଆଶ୍ରୟ ନେବାକୁ ହୁଏ ତାହା ସହଜେ ଅନୁମେୟ । ମୋର ମଧ୍ୟ ଏ ବିଷୟରେ କିଛି ଅନୁଭୂତି ଅଛି, ଯେଉଁଥି ପାଇଁ କି ମୁଁ ପ୍ରତି ମୁହୂର୍ତ୍ତରେ ବିରୋଧ କରୁଥିଲି । ଦଳରେ ଥିଲି ବୋଲି ମୋର ପ୍ରତିବୋଧ ସତ୍ତ୍ୱେ କେତେକ ସମୟରେ ନୀରବ ଦ୍ରଷ୍ଟା ରୂପେ ରହିଥିଲି । ଆଉ ନୀରବ ଦ୍ରଷ୍ଟା ହେବୁ ନାହିଁ କିମ୍ବା ଏ କିଣା-ବିକା ମନ୍ତ୍ରୀମଣ୍ଡଳ କରାଇ ଦେବୁ ନାହିଁ ।"

ମୋର ଏ ଓଜସ୍ୱିନୀ ପ୍ରତିବୋଧ ଶୁଣି ସତେ ଯେପରି ଉପସ୍ଥିତ ମନ୍ତ୍ରୀ ଓ ନେତୃବର୍ଗଙ୍କ ମନରେ ଏକ ଆଶାର ସଞ୍ଚାର ହେଲା । ମୁଁ ଦେଖିଲି ଯେ, ମୁଖ-ମଣ୍ଡଳର ବିଷଣ୍ଣତା ମଧ୍ୟରେ ଆଶା-ଆନନ୍ଦର ସଞ୍ଚାର ହେଲା ।

ଏହା ପରେ ଲିଙ୍ଗରାଜ ବାବୁ ପୁଣି ତାଙ୍କ ଗମ୍ଭୀର ଭାଷା ଏବଂ ସ୍ୱରରେ କହିଲେ, "କହେ ପବିତ୍ରବାବୁ ! ତୁମେ ତ ଏଣେ ଆମ ଆଗରେ ଏତେ ବାହାସ୍ଫୋଟ ମାରୁଛ, ତେଣେ ବିଜୁ ପଟ୍ଟନାୟକ ଆମ କଂଗ୍ରେସ ସଭ୍ୟ ସଂଖ୍ୟା ୬୪ରେ ଅନ୍ୟାନ୍ୟ ଦଳ ଓ ସ୍ୱାଧୀନ ସଭ୍ୟ ମଧ୍ୟରୁ ୭ ଜଣଙ୍କୁ ଆଣି ୭୧ ସଂଖ୍ୟା କରି କାଲି କିମ୍ବା ପଅରି ଦିନ ମନ୍ତ୍ରୀମଣ୍ଡଳ ଗଠନ କରିବେ । ତେଣୁ ତୁମର ଏ ବୀରତ୍ୱର ମୂଲ୍ୟ କଣ ?"

ଉତ୍ତରରେ ମୁଁ କହିଲି, " ମୁଁ ପ୍ରତିଜ୍ଞା କରୁଛି ଯେ ଯଦି କେନ୍ଦ୍ର କର୍ତ୍ତୃପକ୍ଷ ବର୍ତ୍ତମାନ ଭଳି କିଣା-ବିକା ମନ୍ତ୍ରୀମଣ୍ଡଳ ଗଠନ ପାଇଁ ଅନୁମତି ଦେଇଛନ୍ତି, ତାହା ହୋଇପାରିବ ନାହିଁ ; କାରଣ ମୁଁ ଏ ଦୁର୍ନୀତି ନିମନ୍ତେ ଏହିକ୍ଷଣି କଂଗ୍ରେସରୁ ଇସ୍ତଫା ଦେଉଛି ଓ ତାହା ଦିଲ୍ଲୀ କର୍ତ୍ତୃପକ୍ଷଙ୍କୁ ଜଣାଇ ଦେଉଛି ।"

ଉପସ୍ଥିତ ସମସ୍ତେ ଏଥିରେ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ପୁଣି କହିଲେ ଯେ, ଜଣଙ୍କର ଇସ୍ତଫାରେ ଅବଶ୍ୟ ବିଜୁ ପଟ୍ଟନାୟକ ମନ୍ତ୍ରୀମଣ୍ଡଳ ଗଠନ କରିପାରିବେ ନାହିଁ । କିନ୍ତୁ ସେ ଯେ ୭ଜଣ ସଭ୍ୟ କିଣା-ବିକା ସୂତ୍ରରେ ସାମିଲ କରିଛନ୍ତି ସେଥିପାଇଁ ୭ ଜଣ ସଭ୍ୟଙ୍କର ଇସ୍ତଫା କରାଇ ପାରିବେ କି ? ଉତ୍ତରରେ ମୁଁ ହଁ ବୋଲି କହିଲି । ମୋ ସଙ୍ଗେ ତ ୫।୭ ଜଣ ଯାଇଥିଲେ । ଇତିମଧ୍ୟରେ ମଧ୍ୟ ଆମ ଗୋଷ୍ଠୀ ମଧ୍ୟରୁ ଆଉ କେତେ ଜଣ ପହଞ୍ଚିଗଲେ । ବାହାରକୁ ଆସି କହିବାରୁ ସଙ୍ଗେ ସଙ୍ଗେ ୯ଜଣ ରାଜି ହେଲେ ଯେ ଯଦି କିଣା-ବିକା ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ କେନ୍ଦ୍ର କର୍ତ୍ତୃପକ୍ଷ

Digitized by PPRACHIN, SOA

ଅନୁମତି ଦିଅନ୍ତି ତେବେ ସେମାନେ (୯ଜଣ) ମଧ୍ୟ କଂଗ୍ରେସରୁ ଇସ୍ତଫା ଦେବେ । ଦିଲ୍ଲୀକୁ ଏ ପ୍ରତିବାଦ ପଠାଇବା ନିମନ୍ତେ ଏକ ଟେଲିଗ୍ରାମ ଲେଖା ହେଲା । ଇତି ମଧ୍ୟରେ ଆହୁରି ୭ଜଣ ମଧ୍ୟ ଟେଲିଗ୍ରାମରେ ଦସ୍ତଖତ କରିବାକୁ ଆଗ୍ରହୀ ହେଲେ । ରାତି ୯ଟା ସୁଦ୍ଧା ୧୬ ଜଣ ସଭ୍ୟ (ମନ୍ତ୍ରୀମାନେ ଏଥିରେ ଅନ୍ତର୍ଭୁକ୍ତ ନଥିଲେ) ପ୍ରତିବାଦ ଓ ପ୍ରତିରୋଧ ଚିଠି ଓ ଟେଲିଗ୍ରାମରେ ଦସ୍ତଖତ ଦେଇଥିଲେ । ଚିଠି ଓ ଟେଲିଗ୍ରାମର ବିଷୟ ଥିଲା ଯେ, ଯଦି କେନ୍ଦ୍ର କର୍ତ୍ତୃପକ୍ଷ ଓଡ଼ିଶାରେ ବିଜୁ ପଟ୍ଟନାୟକଙ୍କୁ ଏକ କଣା-ବିକା ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ ଅନୁମତି ଦିଅନ୍ତି ତେବେ ଆମ୍ଭେ ଦସ୍ତଖତକାରୀମାନେ କଂଗ୍ରେସ ଆସେମ୍ବ୍ଲି ପଦରୁ ଇସ୍ତଫା ଦେବାକୁ ଅନୁମତି ମାଗୁଛୁ । ଯଦି ଅନୁମତି ନ ମିଳୁଛି ତେବେ ଆମେ କଂଗ୍ରେସରୁ ଇସ୍ତଫା ଦେବାପାଇଁ ଏହା ଆମ୍ଭମାନଙ୍କର ଇସ୍ତଫା ପତ୍ର ବୋଲି ଗ୍ରହଣ କରନ୍ତୁ । ଏହି ଖବର ସଙ୍ଗେ ସଙ୍ଗେ ନିଆଁ ପରି ଖେଳି ଗଲା । ବହୁ ଲୋକ ଧନ୍ୟବାଦ ଦେବାକୁ ଆମ୍ଭମାନଙ୍କ ନିକଟକୁ ଧାଇଁ ଆସିଲେ । ଦିଲ୍ଲୀ ମହଲରେ ଏହି ଟେଲିଗ୍ରାମ ବିସ୍ମୟ ଏବଂ ଚାଞ୍ଚଲ୍ୟ ସୃଷ୍ଟି କଲା । ସେଠାରେ ବିଜୁ ବାବୁ ଓଟେର ପ୍ରଚାର କରାଇଲେ ଯେ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଅପଦସ୍ତ କରାଇବା ପାଇଁ ମହତାବଙ୍କ ଇଙ୍ଗିତରେ ଏହା ପବିତ୍ରମୋହନ ପ୍ରଧାନଙ୍କର ଏକ ଚକ୍ରାନ୍ତ । ବାସ୍ତବରେ ମହତାବ ବାବୁ ଏ ସମ୍ପର୍କରେ ମୋତେ କିଛି କହି ନଥିଲେ । ମୁଁ ସ୍ୱତଃ କଣାବିକା ମନ୍ତ୍ରୀମଣ୍ଡଳର ପ୍ରତିରୋଧ କରୁଥିଲି । କିନ୍ତୁ ଯେଉଁ କାରଣରୁ ଆମ୍ଭେମାନେ ଇସ୍ତଫା ଦେବାକୁ ଅତ୍ୟନ୍ତ ଦୃଢ଼ପ୍ରତିଜ୍ଞ ହୋଇ ଚିଠି ଏବଂ ଟେଲିଗ୍ରାମ ପଠାଇଲୁ ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିବାରୁ କେନ୍ଦ୍ର କର୍ତ୍ତୃପକ୍ଷ ନୀରବ ଏବଂ ହତାଶ ହୋଇ ରହିଲେ । ସେଠାରେ ପ୍ରତିକ୍ରିୟା ହେଲା ଯେ, ଓଡ଼ିଶାରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ ଥୋକେ କଂଗ୍ରେସ ଲୋକ ପ୍ରତିବାଦ କରିଛନ୍ତି । ବିଜୁବାବୁଙ୍କ କଣା-ବିକା ମନ୍ତ୍ରୀମଣ୍ଡଳ ଗଠନ ଉଦ୍ଦେଶ୍ୟ ସିଦ୍ଧ ହୋଇ ପାରିଲା ନାହିଁ ।

ଉପରୋକ୍ତ କଣା-ବିକା ମନ୍ତ୍ରୀମଣ୍ଡଳର ବିରୋଧ କରି ଦିଲ୍ଲୀସ୍ଥ କେନ୍ଦ୍ର-କର୍ତ୍ତୃପକ୍ଷ ଏବଂ ଓଡ଼ିଶାର ରାଜ୍ୟପାଳଙ୍କୁ ମୋ ନେତୃତ୍ୱରେ ଯେଉଁ ଏମ୍. ଏଲ୍. ଏ. ମାନେ ଚିଠି ଏବଂ ଟେଲିଗ୍ରାମରେ ଦସ୍ତଖତ ଦେଇଥିଲେ ସେମାନଙ୍କର ନାମ ନିମ୍ନରେ ଉଲ୍ଲେଖ କରୁଛି—

Digitized by PPRACHIN, SOA

୧ । ସର୍ବଶ୍ରୀ ପବିତ୍ରମୋହନ ପ୍ରଧାନ (ତାଳଚେର ନିର୍ବାଚନ ମଣ୍ଡଳୀ)
୨ । ଦୁର୍ଗାଶଙ୍କର ଦାସ (ଭୋଗରାଇ ,,
୩ । ଅକ୍ଷୟ ନାରାୟଣ ପ୍ରହରାଜ (ବସ୍ତା ,,)
୪ । ନୀଳାମ୍ବର ଦାସ (ସୋର-ନୀଳଗିରି ,,)
୫ । ପୂର୍ଣ୍ଣାନନ୍ଦ ସାମଲ (କଟକ ସଦର ,,)
୬ । ଯୋଗେଶ ଚନ୍ଦ୍ର ରାଉତ (ବାଙ୍କୀ ,,)
୭ । ମନମୋହନ ଟୁଡୁ (ଉଦଳା ,,)
୮ । ନନ୍ଦକିଶୋର ଜେନା (ଗୃନ୍ଦବାଲ ,,)
୯ । ଅନନ୍ତ ଚରଣ ତ୍ରିପାଠୀ (ରାଜନଗର ,,)
୧୦ । ମୁରଲୀଧର ଜେନା (ଧାମନଗର ,,)
୧୧ । ଚୈତନ୍ୟ ସେଠୀ (ସୋର-ନୀଳଗିରି ,,)
୧୨ । ମକର ସେଠୀ (ଆନନ୍ଦପୁର ,,)
୧୩ । ପଦ୍ମଚରଣ ସାମନ୍ତସିଂହାର(ବ୍ରହ୍ମଗିରି ,,)
୧୪ । ସତ୍ୟାନନ୍ଦ ଚମ୍ପତିରାୟ (ବୋଲଗଡ଼ ,,)
୧୫ । ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ (ଖଲିକୋଟ ,,)

ମୁଖ୍ୟମନ୍ତ୍ରୀ ହେବାକୁ ମୋତେ ପ୍ରଲୋଭନ

ଇତିମଧ୍ୟରେ ବିଜୁ ବାବୁ ଓଗେର ଯେପରି ଜାଣିପାରିଲେ ଯେ ମୋ ନେତୃତ୍ୱରେ ୧୭ ଜଣ ସଭ୍ୟ ଦସ୍ତଖତ କରି ଉକ୍ତ କଣା-ବିକା ମନ୍ତ୍ରୀ-ମଣ୍ଡଳର ବିରୋଧ କରିଛନ୍ତି ସଙ୍ଗେ ସଙ୍ଗେ ସେହିଦିନ ରାତିରେ ଆମ ଦସ୍ତଖତ-କାରୀଙ୍କ ନିକଟକୁ ତାଙ୍କର ଚର ପଠାଇଲେ ଏବଂ ନିଜେ ମଧ୍ୟ ଆସିଲେ । ଆମ୍ଭମାନଙ୍କୁ ନାନା ପ୍ରଲୋଭନରେ ବଶବର୍ତ୍ତୀ କରିବାକୁ ଲାଗିଲେ । କିନ୍ତୁ ଦସ୍ତଖତକାରୀ କଂଗ୍ରେସ ସଭ୍ୟମାନଙ୍କୁ ଧନ୍ୟବାଦ ଦେବାର କଥା ଯେ, ପଦ-ପଦବୀ ଏବଂ ଆସନ-ଶାସନ ପ୍ରଲୋଭନକୁ ଉପେକ୍ଷା କରି ଦଳ ତଥା ନିଜର ଚରିତ୍ରକୁ ବଜାୟ ରଖିଲେ । ଏପରିକି ମୋ ନିକଟକୁ ଆସି ମୋତେ ମୁଖ୍ୟମନ୍ତ୍ରୀ ପଦ ଯାଚିଲେ । ମୁଁ ଉତ୍ତର ଦେଲି ଯେ, ମୁଖ୍ୟମନ୍ତ୍ରୀ ପଦ ତ ଅତି

Digitized by PPRACHIN, SOA

ସାମାନ୍ୟ, ଏପରିକି ଇନ୍ଦ୍ର ପଦ ଦାନ କଲେ ସୁଦ୍ଧା କଣା-ବିକା ମନ୍ତ୍ରୀମଣ୍ଡଳ ଗଠନପୂର୍ବକ ଦୁର୍ନୀତି-ଦାନବକୁ ପ୍ରଶ୍ରୟ ଦେବ ନାହିଁ । ବିଜୁ ବାବୁଙ୍କ ଗୋଷ୍ଠୀ ହତାଶ ଓ ମର୍ମାହତ ହେଲେ । କେନ୍ଦ୍ର କର୍ତ୍ତୃପକ୍ଷ ମଧ୍ୟ ଆଉ ବେଶୀ ପଦାକୁ ନ ପଡ଼ି ବିଜୁ ପଟ୍ଟନାୟକଙ୍କର ଏ ଉଦ୍ୟମ ପ୍ରତି ସମର୍ଥନ ପ୍ରତ୍ୟାହାର କଲେ । କିନ୍ତୁ ଆଜକାଲିର କେନ୍ଦ୍ର କର୍ତ୍ତୃପକ୍ଷ ନୀତି-ଅନୀତି ଏବଂ ମାନ ଅପମାନକୁ ଖାତିର ନ କରି ଏହିପରି ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ଅନୁମତି ଦେଇଥାନ୍ତେ ।

କଂଗ୍ରେସ ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଠନର ଅସଲ ଉଦ୍ଦେଶ୍ୟ

ଏହି ମିଳିତ ମନ୍ତ୍ରୀମଣ୍ଡଳ ଗଠନ ଏବଂ ଭଙ୍ଗ ବିଷୟ ଅନୁଧ୍ୟାନରୁ ଏହି ମାତ୍ର ଅବଧାରଣା କରାଯାଇପାରେ ଯେ, ଏକ ପକ୍ଷରେ କଂଗ୍ରେସର ଏକ ଗୋଷ୍ଠୀଙ୍କ ସ୍ୱାର୍ଥ ସିଦ୍ଧି ପାଇଁ ଏହା କରାଗଲା । ଯେଉଁମାନେ ଏହି ମିଳିତ ମନ୍ତ୍ରୀମଣ୍ଡଳ କରାଇଲେ, ସେମାନେ ଭାବିଲେ ଯେ, ଯଦି କଂଗ୍ରେସ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଏ ଏବଂ ଗଣତନ୍ତ୍ର ଦଳ ଅନ୍ୟ କୌଣସି ଦଳ ସଙ୍ଗେ ମିଶି ମନ୍ତ୍ରୀ-ମଣ୍ଡଳ ଗଠନ କରନ୍ତି ତେବେ ସେହି ଲୋକମାନେ ମହତାବଙ୍କ ନେତୃତ୍ୱରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଯୋଗୁଁ ଯେଉଁ ଆର୍ଥିକ ଓ ରାଜନୈତିକ ସୁବିଧା ସୁଯୋଗ ପାଉଥିଲେ ସେଥିରୁ ବଞ୍ଚିତ ହେବେ । ତେଣୁ ସେମାନେ ଭାବିଲେ ଯେ, ମହତାବଙ୍କ ନେତୃତ୍ୱରେ ଯଦି ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେବ ତେବେ ମଧ୍ୟ ସେମାନେ ଉକ୍ତ ସୁବିଧା ସୁଯୋଗ ଉପଭୋଗ କରିବେ । କିନ୍ତୁ ମହତାବଙ୍କ ନେତୃତ୍ୱରେ ଦୁଇ ଦଳର ମିଳିତ ମନ୍ତ୍ରୀମଣ୍ଡଳ ଗଠନ ପରେ ଉକ୍ତ ସୁବିଧା ସୁଯୋଗ ଅନାୟାସରେ ମିଳିଲା ତ ନାହିଁ, ବରଂ ମହତାବ ତାହା କରି ପାରିଲେ ନାହିଁ । ମହତାବ ବାବୁ କରି ନ ପାରିବାର ମଧ୍ୟ ବିଶେଷ କାରଣ ଅଛି । ସେ ତ ଜଣେ ସର୍ବଭାରତୀୟ ନେତୃସ୍ଥାନୀୟ ବ୍ୟକ୍ତି । ଭାରତରେ ତାଙ୍କର ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଶାସନ-ତାନ୍ତ୍ରିକ ଖ୍ୟାତି ଅଛି । ତାଙ୍କ ଅନୁଗାମୀମାନଙ୍କର ଈପ୍ସିତ ଅନ୍ୟାୟ-ସ୍ୱାର୍ଥ

Digitized by PPRACHIN, SOA

ପୂରଣ କରାଇବାରେ କାରଣ ହେଲେ ତାହା ନଷ୍ଟ ହେବାର ତାଙ୍କର ଭୟ ଅଛି । ଅଧିକନ୍ତୁ ସେ ସେତେ ଅନ୍ୟାୟ କରନ୍ତେ ନାହିଁ । ପୁଣି ଦେଖାଗଲା ଯେ ସ୍ୱତନ୍ତ୍ର ଦଳ ତାଙ୍କ ନିଜ ଦଳ ପାଇଁ କିଛି ମଧ୍ୟ ସୁବିଧା କରି ନେଉଛନ୍ତି । ତାଙ୍କର ବହୁ ଧନର ଗୃହୀତ ଏବଂ ପ୍ରସ୍ତାବିତ କେନ୍ଦୂପତ୍ର ବ୍ୟବସାୟକୁ ମୁକ୍ତ ବ୍ୟବସାୟ (·ree trade) କରାଇବା ମତ ମିଳିତ ମନ୍ତ୍ରୀମଣ୍ଡଳରେ ଗୃହୀତ କରାଇ ତାହା କାର୍ଯ୍ୟକାରୀ କରାଇଲେ । କଂଗ୍ରେସର ଉକ୍ତ ଗୋଷ୍ଠୀ ଭାବନ୍ତି ଯେ, ସେ କେବଳ ଏକାକୀ ଶାସନ ଏବଂ ସରକାରରୁ ସବୁ ପ୍ରକାର ନ୍ୟାୟ ଅନ୍ୟାୟ ସୁବିଧା ପାଇବେ, ଅନ୍ୟ କେହି ତାଦୃଶ ସୁଖ-ସୁବିଧା ହାସଲ କରିବେ ନାହିଁ, କିମ୍ବା ଅନ୍ୟ କାହାର ମତ କାର୍ଯ୍ୟାନ୍ୱିତ ହେବ ନାହିଁ । ତେଣୁ କଂଗ୍ରେସର ସେହି ଉପଦଳ ସ୍ୱତନ୍ତ୍ର ଦଳର ଦଳତୋଷଣ, ପ୍ରିୟା-ପ୍ରୀତି ପୋଷଣ ଏବଂ ଦୁର୍ନୀତିକୁ ସହି ପାରିଲେ ନାହିଁ । ମୋଟ କଥା ହେଲା କେବଳ କଂଗ୍ରେସର ଗୋଟିଏ ଗୋଷ୍ଠୀ ଫାଇଦା ଉଠାନ୍ତେ, ଅନ୍ୟମାନେ ନାହିଁ । ଲାଭ ଉଠାଇ ନ ପାରିବାରୁ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାକୁ ବିଜୁ ବାବୁଙ୍କ ଗୋଷ୍ଠୀ ଦୃଢ଼ପ୍ରତିଜ୍ଞ ହେଲେ ଓ ଭଙ୍ଗାଇଲେ ।

ଅନ୍ୟ ଏକ ବିଷୟରୁ ଆଶ୍ଚର୍ଯ୍ୟ ଲାଗେ ଯେ, ଏ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାକୁ ଉଦ୍ୟତ ଥିବା ଗୋଷ୍ଠୀକୁ କେନ୍ଦ୍ର କର୍ତ୍ତୃପକ୍ଷ କିପରି ସମର୍ଥନ କରୁଥିଲେ ? ମହତାବଙ୍କ ଯେଉଁ ଅନୁଗାମୀମାନେ ୧୮ ମାସ ପୂର୍ବେ ଦିଲ୍ଲୀର ସାପ୍ରୁ ହାଉସ୍‌ଠାରେ ବସିଥିବା ନି: ଭା: କ: କ: ମିଟିଂରେ ଓଡ଼ିଶାର ଗଣତନ୍ତ୍ର ଦଳର ନେତା ଏବଂ ପ୍ରତିଷ୍ଠାତା ରାଜା ମହାରାଜାମାନେ ପଶ୍ଚିମ ଓଡ଼ିଶାର, ବିଶେଷତଃ ଆଦିବାସୀ ଏବଂ ହରିଜନମାନଙ୍କର ପ୍ରାକୃତିକ ନେତା ଏବଂ ପ୍ରଗତିଶୀଳ ବୋଲି ପ୍ରଚାର କରି କରାଇ ଗଣତନ୍ତ୍ର ଦଳ ସଙ୍ଗେ କଂଗ୍ରେସର ମିଳିତ ମନ୍ତ୍ରୀମଣ୍ଡଳ ମଞ୍ଜୁର କରାଇ ଆଣିଥିଲେ, ଏହି ଅଳ୍ପ ସମୟ ମଧ୍ୟରେ ସେମାନେ ପୁଣି ଗଣତନ୍ତ୍ର-ଦଳ ବିରୋଧରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରାଇ ଏହି ମିଳିତ ମନ୍ତ୍ରୀମଣ୍ଡଳକୁ ଭାଙ୍ଗିବାକୁ ନିଜ ସ୍ୱୀକୃତି ଜଣାଇ ଓଡ଼ିଶାରେ ଏକ କଣା-ବିକା କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ କେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରୁ ଆଶୀର୍ବାଦାତ୍ମକ ସ୍ୱୀକୃତି ପାଇଥିଲେ । ଏଥିରୁ ଜଣାପଡ଼ୁଛି ଯେ, କେନ୍ଦ୍ର ଅଧିକାରୀ କୌଣସି ବିଷୟ ପୁଙ୍ଖାନୁପୁଙ୍ଖ ବିଚାର ନ କରି ବରି, ଆଶୀର୍ବାଦ ଏବଂ ସମର୍ଥନ ଦେବାରେ ଧୁରନ୍ଧର । ଏହି ସବୁ କାରଣରୁ ମୁଁ ମହତାବ ବାବୁଙ୍କର ମିଳିତ ମନ୍ତ୍ରୀମଣ୍ଡଳ ଗଠନ

Digitized by PPRACHIN, SOA

(ବିଜୁ ବାବୁଙ୍କ ସମର୍ଥନ ଓ ପ୍ରଚାରରେ) ଓ ପରେ ବିଜୁ ବାବୁଙ୍କ ମିଳିତ ମନ୍ତ୍ରୀମଣ୍ଡଳ ଭଙ୍ଗକୁ ଭାରି ସନ୍ଦେହ ଦୃଷ୍ଟିରେ ଦେଖି ସମର୍ଥନ କରୁନଥିଲି । ଦଳ ଭିତରେ ରହି ନିଜର ସ୍ୱାଧୀନ ମତ ଦାନ ସଙ୍ଗେ ସଙ୍ଗେ ଶୃଙ୍ଖଳା ରକ୍ଷା ପାଇଁ ଯେତିକି କରିବାର କଥା ସେତିକି ମାତ୍ର କରୁଥିଲି ।

ଉ: ପ୍ରା: କ: କମିଟିର ପୂର୍ବ କଥିତ ପ୍ରସ୍ତାବମତେ କଙ୍ଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ୧୯୬୧ ଜାନୁୟାରୀରେ ଭାଙ୍ଗି ଦିଆଗଲା । କିନ୍ତୁ କେନ୍ଦ୍ର କର୍ତ୍ତୃପକ୍ଷଙ୍କର ଆଶୀର୍ବାଦାତ୍ମକ ସମର୍ଥନରେ ପୂର୍ବବର୍ଣ୍ଣିତ-ମତେ ବିଜୁ ବାବୁ ଓଡ଼ିଶାରେ କଂଗ୍ରେସ ଦଳର ଏକକ ସଂଖ୍ୟା-ଗରିଷ୍ଠ ମନ୍ତ୍ରୀମଣ୍ଡଳ କରିପାରିଲେ ନାହିଁ । ଶେଷରେ ରାଷ୍ଟ୍ରପତି ଶାସନ ଜାରି ହେଲା ।

୧୯୬୧ର ତୃତୀୟ ସାଧାରଣ (ମଧ୍ୟବର୍ତ୍ତୀକାଳୀନ) ନିର୍ବାଚନ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରାଧାନ୍ୟ

ଏତେବେଳକୁ ଶ୍ରୀ ବିଜୁ ପଟ୍ଟନାୟକଙ୍କର ଦିଲ୍ଲୀ ମହଲରେ ପ୍ରଭାବ ବଢ଼ିଥାଏ । ଏକେ ତ ସେ ଓଡ଼ିଶା କଙ୍ଗ୍ରେସର ବହୁମତରେ ସମର୍ଥିତ ସଭା-ପତି ଥାନ୍ତି । ଦିଲ୍ଲୀରେ ପୁଣି ଜହରଲାଲ ନେହରୁ ଗୋଷ୍ଠୀରେ ସେ ପରିଚିତ ଥାନ୍ତି । ତେଣୁ ତାଙ୍କ କଥା ସେ କେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରୁ କରାଇ ନେବାର ସୁବିଧା ପାଉଥାନ୍ତି । ରାଷ୍ଟ୍ରପତି ଶାସନ ବର୍ଷକ ପାଇଁ ଗଲେ ୧୯୬୨ ଜାନୁୟାରୀ ମାସରେ ଭାରତର ଅନ୍ୟାନ୍ୟ ପ୍ରଦେଶ ସଙ୍ଗେ ମିଶି ଓଡ଼ିଶାର ସାଧାରଣ ନିର୍ବାଚନ ହେବ, ନା ୧୯୬୧ରେ ଓଡ଼ିଶା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ ହେବ, ଏହି ବିଷୟରେ ରାଜନୈତିକ ମହଲରେ ଆଲୋଚନା ହେଉଥାଏ । ଓଡ଼ିଶାର ରାଜନୀତି ମହଲର ମତ ଯେ ୧୯୬୨ ମସିହାରେ ଭାରତରେ ତୃତୀୟ ସାଧାରଣ ନିର୍ବାଚନ ହେଲାବେଳେ ଏକ ସଙ୍ଗେ ହେବା ଦରକାର । କିନ୍ତୁ ବିଜୁବାବୁ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରାଇ ଓଡ଼ିଶା ପାଇଁ ଏକ ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ କରାଇବାର ଘୋଷଣା କରାଇ ନେଲେ । ଏହା ୧୯୬୧ ମସୀହା ଜନ୍‌ମାସ ୮ ତାରିଖରେ ହେଲା ।

Digitized by PPRACHIN, SOA

ଏଥର କଂଗ୍ରେସ ୮୨ଟି ନିର୍ବାଚନ ମଣ୍ଡଳୀରେ ଜୟଲାଭ କଲା । ଓଡ଼ିଶା କଂଗ୍ରେସର ନାମ ରହିଲା, କାରଣ ୧୯୫୨ ଓ ୧୯୫୭ ନିର୍ବାଚନରେ ଓଡ଼ିଶା କଂଗ୍ରେସ ସଂଖ୍ୟା-ଗରିଷ୍ଠତା ହାସଲ କରିପାରିନଥିଲା ।

ଏହି ନିର୍ବାଚନରେ ମହତାବ ବାବୁ ଆଦୌ ପ୍ରାର୍ଥୀ ହେଲେ ନାହିଁ । କେନ୍ଦ୍ର କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ମତେ ମୋତେ ଦୁଇଟି ନିର୍ବାଚନମଣ୍ଡଳୀରେ (ତାଳଚେର ଏବଂ ପାଲଲହଡ଼ା-ପର୍ଜଙ୍ଗ) ଦୁଇଜଣ ରାଜାଙ୍କ ବିରୋଧରେ ଠିଆ ହେବାକୁ ପଡ଼ିଥିଲା । ମୁଁ ଉଭୟ ରାଜାଙ୍କୁ ହରାଇ ଜୟଯୁକ୍ତ ହୋଇ-ଥିଲି । ଦୁଇଟି ନିର୍ବାଚନ ମଣ୍ଡଳୀରୁ ଏକ ସଙ୍ଗେ ଦୁଇ ଜଣ ରାଜାଙ୍କୁ (ତାଳ-ଚେର ଓ ଢେଙ୍କାନାଳ ରାଜାଙ୍କୁ) ହରାଇ ଆସିଥିବାରୁ ମୋତେ ନିର୍ବାଚନ-ବୀର ଆଖ୍ୟା ଦିଆଗଲା ।

ଏହି ସମୟରେ କଂଗ୍ରେସରେ ସ୍ପଷ୍ଟ ଦୁଇ ଗୋଷ୍ଠୀ ଥିଲେ—ମହତାବ ଗୋଷ୍ଠୀ ଏବଂ ତାଙ୍କର ପୂର୍ବତନ ସମର୍ଥକ ଓ ଅନୁଗାମୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀ । ମୁଁ କୌଣସି ଗୋଷ୍ଠୀଭୁକ୍ତ ନ ଥିଲେ ସୁଦ୍ଧା ବିଜୁ ପଟ୍ଟନାୟକ-ଗୋଷ୍ଠୀ ଆଶଙ୍କା କରୁଥିଲେ ଯେ ମୁଁ ମହତାବଙ୍କ ପ୍ରତି ଅଧିକ ଆକୃଷ୍ଟ । କେହି କେହି କହୁଥିଲେ ଯେ, ମୋ ନେତୃତ୍ୱରେ ଅନ୍ୟ ଏକ ଗୋଷ୍ଠୀ ଥିଲା । ଏ କଥାଟା ନିରାଟ ସତ୍ୟ ନହେଲେ ସୁଦ୍ଧା ଅସତ୍ୟ ନୁହେଁ । ମହତାବ ଗୋଷ୍ଠୀ ଏବଂ ବିଜୁ ପଟ୍ଟନାୟକ ଗୋଷ୍ଠୀଙ୍କ କାର୍ଯ୍ୟକଳାପ ଦେଖି ଦଳରେ ନ୍ୟାୟ-ନୀତି ଏବଂ ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ଆମେ କେତେଜଣ ସ୍ପଷ୍ଟବାଦୀ ଥିଲୁ । ଆମେ ସର୍ବଦା ନ୍ୟାୟର ପକ୍ଷ ଓ ଅନ୍ୟାୟର ବିପକ୍ଷରେ ମତ ଦେଉଥିଲୁ । ତେଣୁ ଆମ ଗୋଷ୍ଠୀକୁ ତୃତୀୟ ଗୋଷ୍ଠୀ ବୋଲି କୁହାଯାଉଥିଲା । ମୁଁ ଆଶଙ୍କା କରୁଥିଲି ଯେ ବିଜୁ ପଟ୍ଟନାୟକ ଗୋଷ୍ଠୀ ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ମହତାବ ବାବୁଙ୍କୁ ନାନା ହଇରାଣରେ ପକାଇ ଅପଦସ୍ତ କରିବାକୁ ଚେଷ୍ଟା କରିବେ । ମୁଁ ଦୃଢ଼ପରିକର ହେଲି ଯେ ବିଜୁ ବାବୁଙ୍କ ଗୋଷ୍ଠୀଙ୍କର କାହାରି ପ୍ରତି ପ୍ରତିଶୋଧାତ୍ମକ କାର୍ଯ୍ୟାବଳୀକୁ ନିର୍ମମ ଭାବେ ପ୍ରତିରୋଧ କରିବି ।

ଦୁଇଟି ନିର୍ବାଚନ ପରେ କଂଗ୍ରେସ ଉତ୍ତମ ରୂପେ ସଂଖ୍ୟା-ଗରିଷ୍ଠତା ହାସଲ କରିଥିବାରୁ ଉଭୟ ଓଡ଼ିଶା ଓ ଦିଲ୍ଲୀ-ମହଲ ଆନନ୍ଦିତ । କିନ୍ତୁ ଆନନ୍ଦ ଭିତରେ ଆଶଙ୍କା ମଧ୍ୟ ଥାଏ, କାରଣ ମହତାବ ବାବୁ ଅଲଗା ଥିବାରୁ ଯେ କୌଣସି ସମୟରେ ଦଳ ମଧ୍ୟରେ ଅଧିକ ବିଭେଦ ହୋଇ-

Digitized by PPRACHIN, SOA

ପାରେ । ତେଣୁ ଓଡ଼ିଶାରେ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ ଦିଲ୍ଲୀ କର୍ତ୍ତୃପକ୍ଷ ତୀକ୍ଷ୍ଣ ନଜର ଦେଲେ । ମହତାବ ଗୋଷ୍ଠୀର ଲୋକଙ୍କ ମଧ୍ୟରୁ କେହି ମନ୍ତ୍ରୀ-ମଣ୍ଡଳରେ ସ୍ଥାନ ପାଆନ୍ତୁ ଏହାହିଁ ଦିଲ୍ଲୀ ମହଲର ଇଚ୍ଛା ଥିଲା । କିନ୍ତୁ ବିଜୁ ବାବୁ ଏହା କରାଇ ଦେବାକୁ ନାରାଜ । ମୋତେ କେହି କେହି ମହତାବଙ୍କ ଲୋକ ବୋଲି ଭାବୁଥାନ୍ତି । କିନ୍ତୁ ମୁଁ କାହାରି ଲୋକ ନୁହେଁ, କଂଗ୍ରେସ ଲୋକ ଅଟେ । ମୁଁ କାହାରି ପକ୍ଷ ନୁହେଁ, ନ୍ୟାୟ ଓ ଧର୍ମ ପକ୍ଷର ଅଟେ । ମୁଁ ଏକ ସଙ୍ଗେ ଦୁଇଜଣ ଦୁର୍ଦ୍ଧାନ୍ତ ରାଜାଙ୍କୁ ପରାଜିତ କରି ଆସିଥିବାରୁ ମନ୍ତ୍ରୀମଣ୍ଡଳରେ ମୋତେ ମହତ୍ତ୍ୱପୂର୍ଣ୍ଣ ସ୍ଥାନ ଦେଲେ । ଏଥର ମନ୍ତ୍ରୀମଣ୍ଡଳରେ ମୋର ବିଭାଗ ଥିଲା ଶିକ୍ଷା, କୃଷି ଏବଂ ଆଦିବାସୀ ଓ ଗ୍ରାମ ମଙ୍ଗଳ ।

ଶ୍ରୀ ପଟ୍ଟନାୟକଙ୍କ ମନ୍ତ୍ରୀ ମଣ୍ଡଳରେ ଯୋଗଦାନ

ଏଥର ମନ୍ତ୍ରୀମଣ୍ଡଳରେ ମୋର ବିଭାଗ ଥିଲା ମୋର ରୁଚି ଓ ଜ୍ଞାନ ଅନୁସାରେ । ବି: ଏ: ପାସ କରି ସାରିଲା ପରେ ଶିକ୍ଷକତାକୁ ମୁଁ ମୋର ପେଶା କରି ନେଇଥିଲି । ସେଥିପାଇଁ ତାଲିମ ମଧ୍ୟ ପାଇଥିଲି । କୃଷି ତ ମୋର ପୁରୁଷାନୁକ୍ରମିକ ବୃତ୍ତି ଏବଂ କୃଷ୍ଟିଗତ ଆୟର ପନ୍ଥା । ଗ୍ରାମ-ମଙ୍ଗଳ ତଥା ଆଦିବାସୀ ହରିଜନ ଉନ୍ନୟନ ପ୍ରବୃତ୍ତିଗତ ସବସାଧାରଣ କାର୍ଯ୍ୟ ହେବା ସଙ୍ଗେ ମୁଁ ଏ ବିଭାଗର ଆଗରୁ ମନ୍ତ୍ରୀ ଥିଲି । ବିଦ୍ଧୃବନ ପରେ ମୋ ମନ ମୁତାବକ ବିଭାଗମାନ ବିଶେଷତଃ ଶିକ୍ଷା ବିଭାଗ ମୋତେ ମିଳିଗଲା ।

ମୋର ଶିକ୍ଷା-ମନ୍ତ୍ରୀତ୍ୱ

ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାରେ ଶିକ୍ଷା ପ୍ରସାର କମ୍ ଥିଲା । ପ୍ରାଥମିକ ଶିକ୍ଷାନୁଷ୍ଠାନ କୟୁଙ୍କ ପରିମାଣରେ ଥିଲା । କିନ୍ତୁ ଉଚ୍ଚ ଶିକ୍ଷାନୁଷ୍ଠାନ ସଂଖ୍ୟା ଖୁବ୍ କମ୍ ଥିବାରୁ ଏବଂ ଶିକ୍ଷକର ମିଳୁ ନଥିବାରୁ ଆମ ଦେଶର ଗୁହାଦା ଅନୁସାରେ ସରକାରୀ ଏବଂ ବେ-ସରକାରୀ କାର୍ଯ୍ୟ

Digitized by PPRACHIN, SOA

ଚଳାଇବାକୁ ଶିକ୍ଷିତ ଲୋକ ମିଳୁ ନଥିଲେ । ଫଳରେ ଅନ୍ୟାନ୍ୟ ରାଜ୍ୟରୁ ବିଶେଷତଃ ମାନ୍ଦ୍ରାଜ, କେରଳ, ପଞ୍ଜାବ ଓ ବଙ୍ଗଳାରୁ ସବୁବିଧ ଶିକ୍ଷିତ ବ୍ୟକ୍ତି ଆମଦାନୀ କରାଯାଉଥିଲେ । ବିପଦ ହେଲା ଯେ, ପରେ ଆମ ଓଡ଼ିଶା ଯୁବକ ଯୁବତୀ ଶିକ୍ଷିତ ଶିକ୍ଷିତା ହେଲାବେଳକୁ ସେମାନଙ୍କ ପାଇଁ ଚାକିରୀ ନ ଥିବ । ଏପରି ଅବସ୍ଥା ଥିଲା ଯେ, ୧୯୫୦ ମସିହାଠାରୁ ଯେତେବେଳେ ଯୋଜନା ଅନୁସାରେ ବହୁବିଧ ଉନ୍ନୟନ କାର୍ଯ୍ୟ କ୍ଷିପ୍ର ଗତିରେ କରାଗଲା ଉକ୍ତ କାର୍ଯ୍ୟ ଚଳାଇବାକୁ ସବୁ ଶ୍ରେଣୀର ଇଞ୍ଜିନିୟର୍, ସର୍ଭେୟର୍, ଡାକ୍ତର୍, କୃଷି-ବିଶାରଦ, ଟେକ୍ନିସିଆନ୍, ଯଥା : ଓ୍ୱେଲ୍ଡର, ମୋଲ୍ଡର, ଫିଟର୍, ମେସିନିଷ୍ଟ୍, ମେକାନିଷ୍ଟ, ଇଲେକ୍ଟ୍ରିସିଆନ୍—ପ୍ରଭୃତିଙ୍କର ବଡ଼ ଅଭାବ ଥିଲା । ଏମାନଙ୍କ ନୂତନ ପ୍ରତିଷ୍ଠିତ ସ୍କୁଲ କଲେଜରେ ପଢ଼ାଇବା ପାଇଁ ଶିକ୍ଷକ ଏବଂ ଅଫିସରେ କାମ କରିବା ପାଇଁ ଷ୍ଟେନୋ, ଟାଇପିଷ୍ଟ, ଆକାଉଣ୍ଟାଣ୍ଟ୍, ଅଡିଟର ଓ କିରାଣୀ ପ୍ରଭୃତି ମଧ୍ୟ ମିଳୁ ନ ଥିଲେ । ଦେଶର ବିପୁଳ ପ୍ରାକୃତିକ ସମ୍ପଦକୁ ବିନିଯୋଗ କରିବା ପାଇଁ ଯେଉଁ ସବୁ ଯୋଜନା ହୋଇଥିଲା ଓ ହେବାର ଥିଲା ସେଥିପାଇଁ ହିସାବ କରାଯାଉଥିଲା ଯେ, ଯଦି ବର୍ଷକୁ ନିର୍ଦ୍ଦିଷ୍ଟ ସଂଖ୍ୟାରେ ଉପଯୁକ୍ତ ଶିକ୍ଷିତ ବ୍ୟକ୍ତି ଉତ୍ପାଦିତ ନ ହୁଅନ୍ତି ତେବେ ଯୋଜନା ମଧ୍ୟ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ଫଳରେ ଆମ ରାଜ୍ୟ ଅନ୍ୟ ରାଜ୍ୟ ତୁଳନାରେ ପଛରେ ପଡ଼ିଯିବ ।

ହିସାବ କରି ଦେଖାଗଲା ଯେ, ଆଗକୁ ୨୦।୩୦ ବର୍ଷପାଇଁ ଯେଉଁ ସଂଖ୍ୟାରେ ଉପରୋକ୍ତ ଶିକ୍ଷିତ ବ୍ୟକ୍ତି ଆବଶ୍ୟକ ପଡ଼ିବେ ସେଥିପାଇଁ ବର୍ଷକୁ ୨୦।୨୫ ହଜାର ଛାତ୍ର ଛାତ୍ରୀ ମାଟ୍ରିକୁଲେଶନ ପାସ୍ କରିବା ଉଚିତ । ଏତେବେଳକୁ ବର୍ଷକୁ ପ୍ରାୟ ୧୦ ହଜାର ମାତ୍ର ଛାତ୍ର ଛାତ୍ରୀ ମାଟ୍ରିକ୍ ପାସ୍ କରୁଥିଲେ । ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ବିଭିନ୍ନ ବିଷୟରେ ଏବଂ ଗ୍ରେଡ୍‌ରେ ବୈଜ୍ଞାନିକ ହେବା ଦରକାର । କିନ୍ତୁ ଏତେ ଛାତ୍ର ଛାତ୍ରୀ ବର୍ଷକୁ କିପରି ଉତ୍ତୀର୍ଣ୍ଣ ହେବେ ? ସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ତ ନାହିଁ । ସେ ସବୁ ଅନୁଷ୍ଠାନ ହୋଇଗଲେ ମଧ୍ୟ ସମସ୍ତେ କଣ ଖର୍ଚ୍ଚ ତୁଲାଇ ପଢ଼ି ପାରିବେ କି ? ଏହି ଚିନ୍ତା ମନକୁ ଆଲୋଡ଼ିତ କଲା । ପ୍ରଥମେ ସ୍ଥିର କରାଗଲା ଯେ, ସ୍କୁଲ, କଲେଜ ଓ ବିଶ୍ୱ-ବିଦ୍ୟାଳୟ ସଂଖ୍ୟା ବଢ଼ାଇ ଦିଆଯିବ । ସେଥିପାଇଁ ସରକାରୀ ଅନୁଷ୍ଠାନ ବହୁତ ସଂଖ୍ୟାରେ ବଢ଼ାଇ ଦିଆଗଲା । ପ୍ରାଇଭେଟ୍ ଅନୁଷ୍ଠାନମାନଙ୍କ ପାଇଁ ସରକାରୀ ସ୍ୱୀକୃତି ଏବଂ

Digitized by PPRACHIN, SOA

ମଞ୍ଜୁରୀ (Government recognition and grant) ନିୟମ କୋହଳ କରିଦିଆଗଲା । ଆଗରୁ ଉତ୍କଳ ବିଶ୍ୱ-ବିଦ୍ୟାଳୟ (ବାଣୀ-ବିହାର) ସଂକୁଚିତ ଅବସ୍ଥାରେ ଥିଲା । ଏହାକୁ ଅଧିକ ଅର୍ଥ ମଞ୍ଜୁରୀପୂର୍ବକ ପ୍ରସାରିତ ଏବଂ ଉନ୍ନତ କରିବା ସଙ୍ଗେ ସଙ୍ଗେ ବ୍ରହ୍ମପୁର ଓ ସମ୍ବଲପୁରରେ ଆଉ ଦୁଇଟି ବିଶ୍ୱ-ବିଦ୍ୟାଳୟ ସ୍ଥାପନ ନିମନ୍ତେ ଚିଠା-ଆଇନ ପ୍ରସ୍ତୁତ କରାଗଲା । ଉତ୍କଳ କୃଷି ଏବଂ ବୈଷୟିକ ବିଶ୍ୱ-ବିଦ୍ୟାଳୟ ଖୋଲାଗଲା । ଗୋଟିଏ କଷ୍ଟ-ଏକାଉଣ୍ଟସ୍ କଲେଜ ଖୋଲାଗଲା । ମେଡିକାଲ ଏବଂ ଇଞ୍ଜିନିୟରିଙ୍ଗ୍ କଲେଜ ସଂଖ୍ୟା ବଢ଼ାଇବାର ବ୍ୟବସ୍ଥା କରାଗଲା । କେତେକ ଇଂଜିନିୟରିଙ୍ଗ୍ ଓ ଟେକ୍‌ନିକାଲ ସ୍କୁଲ ମଧ୍ୟ ସ୍ଥାପନ କରାଗଲା ।

କିନ୍ତୁ ଏ ସବୁ ଅନୁଷ୍ଠାନ ସ୍ଥାପିତ ଏବଂ ପ୍ରସାରିତ ଓ ଉନ୍ନତ ହେବା ସତ୍ତ୍ୱେ କିପରି ଅତି ଦ୍ରୁତ ଗତିରେ ଆମ ରାଜ୍ୟରୁ ପୂର୍ବୋକ୍ତ ସଂଖ୍ୟକ ଶିକ୍ଷିତ ଯୁବକ ଯୁବତୀ ଉତ୍ପନ୍ନ ହେବେ ? ଲୋକେ ତ ସାଧାରଣତଃ ଗରିବ । ନିଜ ହାତରୁ ଖର୍ଚ୍ଚ ଦେଇ ଏତେ ଆବଶ୍ୟକୀୟ ସଂଖ୍ୟାରେ ଛାତ୍ର ଛାତ୍ରୀ ପଢ଼ି ପାରିବେ କି ? ତେଣୁ ସ୍ଥିର କରି ନିଆ ଗଲା ଯେ, ମେଧାବୀ ଓ ଯୋଗ୍ୟ ଛାତ୍ର ଛାତ୍ରୀଙ୍କୁ ସରକାରୀ ବୃତ୍ତି ପ୍ରାଥମିକ ସ୍ତରରୁ ଶେଷ ସ୍ତର ପର୍ଯ୍ୟନ୍ତ ଦିଆଯିବ । ବିଶେଷତଃ ବିଜ୍ଞାନ ଏବଂ ଟେକ୍‌ନିକାଲ ଶିକ୍ଷା ନିମନ୍ତେ କୋହଳ ଏବଂ ବଦାନ୍ୟ ନୀତିରେ ଏହି ବୃତ୍ତିସବୁ ପ୍ରଦାନ କରାଯିବ । ତାହାହିଁ ହେଲା । ବର୍ଷକୁ ପ୍ରାୟ ଅଧ କୋଟିଏ ଟଙ୍କାର ବୃତ୍ତି ବ୍ୟବସ୍ଥା ହେଲା । ଏହି ବୃତ୍ତି ମେଧା-ଯୋଗ୍ୟତା-ଦାରିଦ୍ର୍ୟ-ଭିତ୍ତିକ ହେଲା । ଶିକ୍ଷା ନିମନ୍ତେ କୋହଳ ନୀତିରେ ଋଣ-ବୃତ୍ତିର ମଧ୍ୟ ବ୍ୟବସ୍ଥା ହେଲା । ଆମ ରାଜ୍ୟର ଯୁବକ ଯୁବତୀ-ମାନେ କିପରି ସର୍ବଭାରତୀୟ ପ୍ରତିଯୋଗିତାରେ ସଫଳତା ଲାଭକରି ନିଖିଳ ଭାରତ ସ୍ତରରେ ଚାକିରି ପାଇବେ ତାପାଇଁ ସୁ-ବନ୍ଦୋବସ୍ତ ହେଲା । I. A. S., I. P. S. ଇତ୍ୟାଦି ଚାକିରି ପ୍ରାପ୍ତି ନିମନ୍ତେ ଯୋଗ୍ୟ କରିବା ଉଦ୍ଦେଶ୍ୟରେ ତାଲିମ କେନ୍ଦ୍ର (Training centre) ମାନ ଖୋଲାଗଲା । ଏହି ସବୁ ବ୍ୟବସ୍ଥା ଫଳରେ ଶିକ୍ଷା ବିଭାଗର ବଜେଟ ଏକା ବର୍ଷରେ ୬।୭ କୋଟିରୁ ପ୍ରାୟ ୧୨।୧୩ କୋଟି ପର୍ଯ୍ୟନ୍ତ ଟଙ୍କା ବଢ଼ିଗଲା । ତା'ପରବର୍ଷ ମଧ୍ୟ ବଢ଼ିଲା । ୧୯୬୦-୬୧ରେ ଶିକ୍ଷା-ବଜେଟ ୫।୭ କୋଟି ଥିବା ସ୍ଥଳେ ୨।୩ ବର୍ଷ ମଧ୍ୟରେ ଏହା ୧୫।୧୬ କୋଟି ଟଙ୍କାକୁ ବଢ଼ି ବର୍ତ୍ତମାନ ପ୍ରାୟ ୨୪।୨୫ କୋଟି ଟଙ୍କା ହେଲାଣି ।

Digitized by PPRACHIN, SOA

ଛାତ୍ର ଛାତ୍ରୀମାନଙ୍କ ସୁଗମ ସୁଲଭ ପଠନ ନିମନ୍ତେ ବ୍ୟବସ୍ଥା ସଙ୍ଗେ ସଙ୍ଗେ ଗୁରୁ-ଶିକ୍ଷକ ମହାଶୟମାନଙ୍କ ଶାନ୍ତି ସନ୍ତୋଷ ଉଦ୍ଦେଶ୍ୟରେ ଦରମା ବୃଦ୍ଧି ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଆର୍ଥିକ ଓ ସାମାଜିକ ବ୍ୟବସ୍ଥା କରାଗଲା । ଫଳରେ ଆଜି ଆମ ଦେଶର ଚାହିଦା ଅନୁସାରେ ସବୁ ଶ୍ରେଣୀର ଶିକ୍ଷିତ ବ୍ୟକ୍ତି ଯେ, ଆବଶ୍ୟକ ସଂଖ୍ୟାରେ ମିଳିପାରୁଛନ୍ତି ତାହା ନୁହେଁ, ବରଂ ବଳକା ହୋଇଯିବାରୁ ଶିକ୍ଷିତ ବେକାରି ସଂଖ୍ୟା ବୃଦ୍ଧି ପାଉଛି । ନିଖିଳ ଭାରତ ସ୍ତରରେ ଚାକିରି ବାକିରିରେ ପ୍ରତିଯୋଗିତାରେ ଆମ ଭାଗ ଅପେକ୍ଷା କେତେକ ସ୍ଥଳେ ପ୍ରାୟ ୨।୩ ଗୁଣ ଅଧିକା ଚାକିରି ମିଳୁଛି । ଏହା ଅତ୍ୟନ୍ତ ସୁଖ ଓ ଆଶାର କଥା । ମୁଁ ତ ମଝିରେ ମନ୍ତ୍ରୀ ପଦ ତ୍ୟାଗ କରିଥିଲି, ୧୯୬୭ ନିର୍ବାଚନ ପରେ ମିଳିତ ମନ୍ତ୍ରୀମଣ୍ଡଳରେ ମୁଁ ପୁଣି ଯେତେବେଳେ ଶିକ୍ଷା ମନ୍ତ୍ରୀ ଦାୟିତ୍ୱରେ ରହିଲି ଅନେକ ଅପୂର୍ଣ୍ଣାଙ୍ଗ କାମକୁ ପୂର୍ଣ୍ଣାଙ୍ଗ କରିବାର ବ୍ୟବସ୍ଥା କରିଥିଲି ।

ପାଠ୍ୟ ପୁସ୍ତକ ଜାତୀୟକରଣ

ମୋର ଏହି ମନ୍ତ୍ରୀତ୍ୱ ସମୟରେ ସରକାରୀ ପାଠ୍ୟପୁସ୍ତକ ପ୍ରଣୟନ ଓ ମୁଦ୍ରଣ ଏକ ବିଶେଷ ଉଲ୍ଲେଖଯୋଗ୍ୟ କଥା ଅଟେ । ଛାତ୍ରଛାତ୍ରୀ ସଂଖ୍ୟା କ୍ରମଶଃ ବର୍ଦ୍ଧିତ ହେଉଥାଏ । ତହିଁରେ ପୁଣି ରାଜ୍ୟ ତଥା ଦେଶର ଉନ୍ନତି କଲେ ଭବିଷ୍ୟତକୁ ବହୁ ସଂଖ୍ୟାରେ ଶିକ୍ଷିତ ଯୁବକ ଯୁବତୀଙ୍କର ନିତାନ୍ତ ପ୍ରୟୋଜନ ପଡ଼ିବ । ଲୋକେ ଶିକ୍ଷାକୁ ରୋଜଗାରର ଏକ ପନ୍ଥା ବିଚାରି ତାଙ୍କ ସନ୍ତାନ ସନ୍ତତିକୁ ନିଶ୍ଚୟ ପଢ଼ାଇବେ । ଅଧିକନ୍ତୁ ଅବୈତନିକ ଏବଂ ବାଧ୍ୟତାମୂଳକ ଶିକ୍ଷା ପ୍ରଚଳନଦ୍ୱାରା ରାଜ୍ୟର ସମସ୍ତ ଶିଶୁ ନିଶ୍ଚୟ ପ୍ରାଥମିକ ପର୍ଯ୍ୟନ୍ତ ପଢ଼ିବେ । ଆଦିବାସୀ ଏବଂ ହରିଜନମାନଙ୍କ ପ୍ରତି ଶିକ୍ଷା ସମ୍ପର୍କରେ ଯେଉଁ ଅତିରିକ୍ତ ବ୍ୟବସ୍ଥା ହୋଇଛି ସେଥିପାଇଁ ମଧ୍ୟ ଛାତ୍ରଛାତ୍ରୀ ସଂଖ୍ୟା ବୃଦ୍ଧି ହେବ । ଫଳତଃ ଅଳ୍ପ କେତେ ବର୍ଷ ମଧ୍ୟରେ ଓଡ଼ିଶାରେ ବାର୍ଷିକ ବହୁ ଲକ୍ଷ ଛାତ୍ରଛାତ୍ରୀ ପ୍ରାଥମିକ ଏବଂ ନିମ୍ନ-ମାଧ୍ୟମିକ ଶିକ୍ଷା ଲାଭ କରିବେ । ଏମାନଙ୍କୁ ଜ୍ଞାନ-ବିଜ୍ଞାନପୂର୍ଣ୍ଣ ବର୍ତ୍ତମାନର ଦୁନିଆରେ ଉପଯୁକ୍ତ ଭବିଷ୍ୟତ

Digitized by PPRACHIN, SOA

ମାନବ ସୃଷ୍ଟି ଉଦ୍ଦେଶ୍ୟରେ ପୁସ୍ତକ ଯୋଗାଇ ଦେବା ଉଚିତ । ତେଣୁ ସ୍ଥିର କରାଗଲା ଯେ ଆବଶ୍ୟକୀୟ ସଂଖ୍ୟାରେ ଶସ୍ତା, ସୁଲଭ, ମଜବୁତ୍, ଚିତ୍ତାକର୍ଷକ ଏବଂ ଉପଯୁକ୍ତ ପାଠ୍ୟପୁସ୍ତକ ସରକାର ନିଜେ ରଚନା ଏବଂ ମୁଦ୍ରଣ କରି ଯୋଗାଇ ଦେବେ ।

ଆମର ଉପର୍ଯୁକ୍ତ ଯୋଜନାକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରଥମେ ପାଠ୍ୟ-ପୁସ୍ତକ ରଚନା-ବୋର୍ଡ ଗଠିତ ହେଲା । ଏହାର କାର୍ଯ୍ୟ ଥିଲା ଉପରୋକ୍ତ ବର୍ଣ୍ଣନା ଅନୁସାରେ ଉତ୍ତମ ବିଷୟବସ୍ତୁ ନିର୍ବାଚନପୂର୍ବକ ବିଷୟ ରଚନା ଏବଂ ପ୍ରଣୟନ ସଙ୍ଗେ ପୁସ୍ତକ ମୁଦ୍ରଣ । ଏହି ସବୁ ପୁସ୍ତକ ମୁଦ୍ରଣ ନିମନ୍ତେ ସ୍ୱତନ୍ତ୍ର ଭାବରେ ସରକାରୀ ସ୍ତରରେ ଏକ ପ୍ରେସ ସୃଷ୍ଟି ହୋଇ ତାହା ଭୁବନେଶ୍ୱରରେ ଅବସ୍ଥିତ ହେଲା । ତାତ୍କାଳିକ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଏ ବିଷୟରେ ଅତ୍ୟନ୍ତ ଆଗ୍ରହ ପ୍ରଦର୍ଶନ କରି ନିଜେ ବୋର୍ଡ଼ର ସଭାପତି ହେଲେ ଏବଂ ମୁଁ ଉପ-ସଭାପତି ହେଲି । ପ୍ରାଥମିକ ଶ୍ରେଣୀର ବହିଗୁଡ଼ିକର ମୁଦ୍ରଣ ଶିଶୁମାନଙ୍କର ଚିତ୍ତାକର୍ଷଣ ନିମନ୍ତେ ନିରଙ୍ଗୀ ହେଲା । ଏହି ଯୋଜନା ଅତ୍ୟନ୍ତ ସଫଳ, ଉପଯୋଗୀ ଏବଂ ଉପକାରୀ ହେଲା ।

କିନ୍ତୁ ଏ ମହତ୍ ଉଦ୍ଦେଶ୍ୟକୁ ପଣ୍ଡ କରିବାକୁ ସମାଜର ଗୋଟିଏ ଶ୍ରେଣୀ ଅତ୍ୟନ୍ତ ଚକ୍ରାନ୍ତମୂଳକ ଚେଷ୍ଟା କଲେ । ଉକ୍ତ ଚକ୍ରାନ୍ତ ପ୍ରତି ମୁଁ ସର୍ବଦା ସଜାଗ ହୋଇ ଭାଙ୍ଗି ଦେବାରେ ସଫଳ ହେଲି । ପାଠ୍ୟ ପୁସ୍ତକ ଜାତୀୟ-କରଣ ହେବା ପୂର୍ବରୁ ଭିନ୍ନ ଭିନ୍ନ ଲେଖକ ଏ ବହି ସବୁ ପ୍ରଣୟନ ଓ ମୁଦ୍ରଣ କରି ବିକ୍ରି କରୁଥିଲେ । ଏଥିରେ ନାନା ପ୍ରକାର ଦୁର୍ନୀତି ସଙ୍ଗେ ପୁସ୍ତକ ପ୍ରାପ୍ତିରେ ବିଳମ୍ବ, ହଇରାଣ ଓ ହରକତର ସମ୍ମୁଖୀନ ହେବାକୁ ପଡ଼ୁଥିଲା । ପୁସ୍ତକର ଦାମ ତ ଅତ୍ୟଧିକ ଥିଲା । କର୍ତ୍ତୃପକ୍ଷଙ୍କୁ ଧରାଧରି କରି ପ୍ରତି ଦୁଇ ତିନି ବର୍ଷରେ ବହିଗୁଡ଼ିକ ବଦଳୁଥିଲା । ମାଂଟି ପୁସ୍ତକ ମଞ୍ଜୁରୀ ପାଉ-ଥିବାରୁ ଇନ୍‌ସ୍ପେକ୍ଟରମାନଙ୍କୁ ଦୂଷିତ କରିବାରେ ବହିରେ ସ୍ୱାର୍ଥ ଥିବା ବ୍ୟକ୍ତି ବା ଗୋଷ୍ଠୀମାନେ ପଶ୍ଚାତ୍‌ପଦ ହେଉନଥିଲେ । ଅଭିଭାବକମାନେ ମଧ୍ୟ ପ୍ରତି ବର୍ଷ ବହି କିଣି କିଣି ଖର୍ଚ୍ଚାନ୍ତ ହେଉଥିଲେ । କୌଣସି ଶ୍ରେଣୀ ନିମନ୍ତେ ଗୋଟିଏ ସନ୍ତାନ ପାଇଁ ଯେଉଁ ବହି କଣାଯାଇଛି ୨ୟ ସନ୍ତାନ ଉକ୍ତ ଶ୍ରେଣୀରେ ପଢ଼ିଲା ବେଳକୁ ସେ ବହି କଟିଯାଇଛି । ତେଣୁ ଅଭିଭାବକ ପ୍ରତ୍ୟେକ ସନ୍ତାନ ପାଇଁ ପ୍ରତ୍ୟେକ ଶ୍ରେଣୀ ନିମନ୍ତେ ନୂତନ ନୂତନ ବହି ଖରିଦ କରିବାକୁ ବାଧ୍ୟ ହେଉଥିଲେ ଏବଂ ତାହା ପୁଣି ଅତି ଉଚ୍ଚ ଦରରେ

Digitized by PPRACHIN, SOA

କଣୁଥିଲେ । ଜାଣ୍ଡାପୁକରଣଦ୍ୱାରା ଥରେ ଯେଉଁ ବହି ଯେଉଁ ଶ୍ରେଣୀ ପାଇଁ ପ୍ରଣୀତ ହେଲା ତାହା ବର୍ଷ ବର୍ଷ ଧରି ଗୃଲଲା । ଅଭିଭାବକମାନେ ପ୍ରଥମ ସନ୍ତାନ ପାଇଁ ପୁସ୍ତକ ଖରିଦ କରି ୨ୟ ୩ୟ ସନ୍ତାନ ପର୍ଯ୍ୟନ୍ତ ଉକ୍ତ ପୁସ୍ତକରେ କାର୍ଯ୍ୟ ଚଳାଇଲେ । ଅନାୟାସରେ ପୁସ୍ତକ ପ୍ରାପ୍ତି ନିମନ୍ତେ ପ୍ରତ୍ୟେକ ବ୍ଲକ ଅଫିସରେ ଏହି ପୁସ୍ତକମାନଙ୍କର ଡିପୋ ଖୋଲିଗଲା । ବହିର ଦାମ ନିର୍ଦ୍ଦିଷ୍ଟ ରଖାଗଲା । ନିର୍ଦ୍ଦିଷ୍ଟ ଲିଖିତ ଦାମ ଉପରେ କେହି ଅଧିକ ମୂଲ୍ୟ ନେଇ ପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ହେଲା ।

Digitized by PPRACHIN, SOA

ଶିକ୍ଷାର ମାଧ୍ୟମ

ଶିକ୍ଷାର ମାଧ୍ୟମ ମାତୃଭାଷା ହେବା ନିତାନ୍ତ ଦରକାର । ଜଣେ ଶିକ୍ଷକ ହିସାବରେ ମୋ ମତରେ ନିଜ ମାତୃଭାଷା ଉପରେ ସମ୍ୟକ ଜ୍ଞାନ ନ ହେବା ପର୍ଯ୍ୟନ୍ତ ଅନ୍ୟ ଭାଷା ଶିକ୍ଷା କଲେ କୌଣସି ଭାଷା ଶିକ୍ଷାର ଜ୍ଞାନ ଲାଭ ହୋଇ ପାରିବ ନାହିଁ । ତେବେ ପ୍ରଶ୍ନ ହେଉଛି ଯେ, ଯଦି ନିଜ ମାତୃଭାଷାରେ ଉତ୍ତମ ପୁସ୍ତକ ନାହିଁ କିମ୍ବା ବିଜ୍ଞାନ, ଡାକ୍ତରୀ, ଇଂଜିନିୟରିଂ, ରାଜନୀତି, ଅର୍ଥନୀତି, ଶାସନନୀତି ଓ ଦର୍ଶନ ସମ୍ପର୍କୀୟ ଶବ୍ଦାବଳୀ ମାତୃଭାଷାରେ ନ ଥିବ ତେବେ ମାତୃଭାଷାରେ କିପରି ଜ୍ଞାନ ଅର୍ଜନ କରାଯାଇ ପାରିବ ? ସେଥିପାଇଁ ମୋର ଉତ୍ତର ହେଉଛି ଯେ ଏ ସମ୍ପର୍କରେ ଯେତିକି ପ୍ରଚଳିତ ଶବ୍ଦ ମାତୃଭାଷାରେ ପ୍ରୟୋଗ କରାଯାଇପାରେ କେବଳ ସେତିକି ଶବ୍ଦ ବ୍ୟବହାର କରି ବାକି ଶବ୍ଦ ଅନ୍ୟ ଭାଷାରୁ ବିଶେଷତଃ ଇଂରେଜୀ ଭାଷାରୁ ବ୍ୟବହାର କରି ପୁସ୍ତକ ଲେଖାଯାଉ । ମନୁଷ୍ୟ ବିଷୟଟି ଉତ୍ତମ ରୂପେ ହୃଦ୍‌ବୋଧ କଲେ ଯଥେଷ୍ଟ । ଶୁଆ-ଶାରୀ ପରି ଅନ୍ୟ ଭାଷାର ଶବ୍ଦ ବ୍ୟବହାର କରିବାରେ କୌଣସି ଉପକାର ହେବନାହିଁ । କୌଣସି ଜଟିଳ ବିଷୟକୁ ମାତୃଭାଷାରେ ବୁଝାଇଲେ ଛାତ୍ରଛାତ୍ରୀମାନେ ଯେତେ ଅଳ୍ପ ସମୟରେ ଯେପରି ଉତ୍ତମ ରୂପେ ବୁଝି ପାରିବେ ଅନ୍ୟ ଭାଷାରେ ବୁଝାଇଲେ ସେତେ ଶୀଘ୍ର ଏବଂ ସେତେ ଉତ୍ତମ ରୂପେ ବୁଝି ପାରନ୍ତି ନାହିଁ । ଚୀନ, ଜାପାନ ଏବଂ ରୁଷିଆ ପ୍ରଭୃତି ଦେଶରେ ଉପରୋକ୍ତ ବିଷୟଗୁଡ଼ିକ ତାଙ୍କ ମାତୃ-ଭାଷାରେ ପଢ଼ାଯାଏ । ସେମାନେ ବୁଝିପାରି ଆଜି ମହା ଶୂନ୍ୟରେ ବିଚରଣ କରୁଛନ୍ତି । ଅଢ଼େଇ ଶହ ବର୍ଷ ବଂଶାନୁକ୍ରମେ ଇଂରେଜୀ ପଢ଼ି ପଢ଼ି ଏବଂ ପଢ଼ାଇ ପଢ଼ାଇ ଇଂରେଜୀରେ ସ୍ୱପ୍ନ ଦେଖି ଦେଖି ଆଜି ଆମେ ଚୀନ, ଜାପାନ ଏବଂ ରୁଷିଆଠାରୁ ହୀନ ଅବସ୍ଥାରେ ଅଛୁ । ଦୁନିଆକୁ ଜାଣିବା ପାଇଁ ପୃଥିବୀର କୌଣସି ଏକ ବୃହତ୍ତମ ଭାଷା ଜାଣିଲେ ଯଥେଷ୍ଟ । ଏହି ବୃହତ୍ତମ ଭାଷା ମଧ୍ୟରୁ ମୁଁ ଇଂରେଜୀକୁ ପସନ୍ଦ କରୁଛି । ଏହି ଇଂରେଜୀ ଭାଷା

Digitized by PPRACHIN, SOA

୨ଟି ସ୍ତରରେ ୨ଟି ପରିମାଣରେ ଅଧ୍ୟୟନ କରିବା ଦରକାର । ଯେଉଁମାନେ ଏହି ଭାଷାରେ ପାରଙ୍ଗମତା ଲାଭ କରିବାକୁ ଇଚ୍ଛା କରନ୍ତି ସେମାନେ ତାହା ଅତି ଉତ୍ତମ ରୂପେ ପଢ଼ିବା ଉଚିତ । ଯେଉଁମାନେ କେବଳ ସାଧାରଣ କାର-ବାର ବା ଭ୍ରମଣ ନିମନ୍ତେ ଉଦ୍ଦିଷ୍ଟ ସେମାନେ କଥାବାର୍ତ୍ତା, ଚିଠି ପତ୍ର ଆଦାନ ପ୍ରଦାନ ଓ ଭାବ ବିନିମୟ ପାଇଁ ଯେଉଁ ପରିମାଣରେ ବିଦେଶୀ ଭାଷାରେ ଜ୍ଞାନ ଅର୍ଜନ କରିବାର କଥା ସେତିକମାତ୍ର କରନ୍ତୁ । ଏହି ଶ୍ରେଣୀର ଲୋକେ Misteries of English Grammar ବା Hidden Treasures of English Grammar, ବା Dictionary of English Phrases and Phraseologies ପଢ଼ି ବୃଥା ସମୟ, ଶକ୍ତି, ବୟସ ଏବଂ ଅର୍ଥ ନଷ୍ଟ କରିବା ଉଚିତ ନୁହେ । ମୋର ମତ ଯେ, ବିଶ୍ୱ-ବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ମାତୃଭାଷାରେ ପୁସ୍ତକ ପ୍ରଣୀତ ହେଉ ଏବଂ ସେହି ଭାଷା ମାଧ୍ୟମରେ ଅଧ୍ୟୟନ ଓ ଅଧ୍ୟାପନାଦି କରାଯାଉ । କିନ୍ତୁ ବିଶ୍ୱ-ବିଦ୍ୟାଳୟ ପର୍ଯ୍ୟନ୍ତ ୨।୩ ଆନ୍ତର୍ଜାତିକ କମ୍ବା ବୃହତ୍ ଦେଶର ଭାଷା ଅତି ଉତ୍ତମରୂପେ ଶିଖିବାର ଓ ଶିଖାଇବାର ସୁ-ବ୍ୟବସ୍ଥା ବିଦ୍ୟମାନ ରହୁ । ଯେତେବେଳେ ନି: ଭା: ଶିକ୍ଷାମନ୍ତ୍ରୀ ସମ୍ମିଳନୀମାନଙ୍କରେ ଏହି ବିଷୟମାନ ଆଲୋଚନା ହୁଏ ମୁଁ ଅତ୍ୟନ୍ତ ଦୃଢ଼ତାର ସହିତ ଉପରୋକ୍ତ ମତ ସମ୍ମିଳନୀରେ ଉପସ୍ଥାପିତ କରେ । ପ୍ରାଦେଶିକ ବା ଆଞ୍ଚଳିକ ଭାଷାରେ ପୁସ୍ତକ ଛପାଇବା ପାଇଁ ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରନ୍ତୁ ବୋଲି ଦାବୀ ଉପସ୍ଥାପିତ କରେ । କେନ୍ଦ୍ର ସରକାର ଏ ସମ୍ପର୍କରେ ଅର୍ଥର ବ୍ୟବସ୍ଥା କରିଛନ୍ତି । ଆମ ପ୍ରଦେଶ ମଧ୍ୟ ଉକ୍ତ ଅର୍ଥରୁ ଆମର ଯେଉଁ ଅଂଶ ବା ଭାଗ ପାଇବାର କଥା ତାହା ପାଇଥିବେ ବୋଲି ମୋର ଆଶା ।

Digitized by PPRACHIN, SOA

ରାଷ୍ଟ୍ର-ଭାଷା

ଭାରତ ସଦୃଶ ଅତି ପ୍ରାଚୀନ, ସଭ୍ୟ, ଶିକ୍ଷିତ ଏବଂ ସଂସ୍କୃତ ଦେଶରେ ସ୍ୱାଧୀନତା ପରେ ଏକ ରାଷ୍ଟ୍ରଭାଷା ନିତାନ୍ତ ଆବଶ୍ୟକ । ଦୁଃଖର କଥା ସ୍ୱାଧୀନତା ପ୍ରାପ୍ତି ପରଠାରୁ ଆଜି ବହୁ ବର୍ଷ ବିତିଗଲେ ସୁଦ୍ଧା ଏକ ରାଷ୍ଟ୍ରଭାଷା ତ ଗୃହୀତ ହୋଇ ପାରିଲା ନାହିଁ, ବରଂ ସେହି ବିଦେଶୀ ଇଂରେଜୀ ଭାଷାକୁ ସରକାରୀ ଭାଷା ରୂପେ ରଖିବାକୁ କେତେକ ଶିକ୍ଷିତ ଏବଂ ରାଜନୈତିକ ମହଲର ଏକାନ୍ତ ଦାବୀ । ସ୍ୱାଧୀନତା ପୂର୍ବରୁ ମହାତ୍ମା ଗାନ୍ଧୀ ତାଙ୍କ ଦୂରଦୃଷ୍ଟିରୁ ଜାଣି ପାରିଥିଲେ ଯେ, ତାଙ୍କ ଜୀବିତାବସ୍ଥାରେ ଦିନେ ସ୍ୱାଧୀନତା ମିଳିବ । ତେଣୁ ସ୍ୱାଧୀନ ଭାରତ ପାଇଁ ସେ ନାନା ଯୋଜନା କରିଥିଲେ । ଶିକ୍ଷା • ନିମନ୍ତେ ମୌଳିକ ବା ବୁନିୟାଦି ଶିକ୍ଷା ଯୋଜନା, ରାଷ୍ଟ୍ରଭାଷା ନିମନ୍ତେ ଚଳନ୍ତି ହିନ୍ଦି ଯୋଜନା ଏବଂ ଉନ୍ନତ ଗ୍ରାମ୍ୟ-ଅର୍ଥ ନିମନ୍ତେ ଖଦି-ଗ୍ରାମୋଦ୍ୟୋଗ ପ୍ରଭୃତି କୁଟୀର ଶିଳ୍ପ ବହୁ ଯୋଜନାମାନ କରି ଥିଲେ । ସ୍ୱାଧୀନତାର ଅବ୍ୟବହିତ ପରେ ପରେ ହିନ୍ଦିକୁ ରାଷ୍ଟ୍ରଭାଷା କରି-ପାରିଥିଲେ ପ୍ରତିରୋଧ କମ ହୋଇଥାନ୍ତା । କିନ୍ତୁ ସମୟ ଗଡ଼ାଇବାରୁ ନାନା ସ୍ୱାର୍ଥ ନାନା ଦିଗରୁ କାର୍ଯ୍ୟ କରିବାରୁ ହିନ୍ଦିକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଇବାରେ ବହୁ ବାଧା ବିଘ୍ନ ସୃଷ୍ଟି କରାଗଲା । ମୋ ନିଜ ମତ ଯେ, ଭାରତ ବର୍ଷ ପାଇଁ ଏକ ଭାରତୀୟ ଭାଷା ରାଷ୍ଟ୍ରଭାଷା ରୂପେ ଗୃହୀତ ହେବା ବାଞ୍ଛନୀୟ । ସେହି ଭାରତୀୟ ଭାଷା ଗୃହୀତ ହେବା ଉଚିତ, ଯାହାକୁ ଭାରତ ବର୍ଷରେ ଅପେକ୍ଷାକୃତ ଅଧିକ ସଂଖ୍ୟକ ଲୋକ କହନ୍ତି ଏବଂ ବୁଝୁଛନ୍ତି ଓ ଅଳ୍ପ ଚେଷ୍ଟାରେ ମଧ୍ୟ ଲେଖି, ପଢ଼ି, କହି ଓ ବୁଝିପାରିବେ । ଜ୍ଞାନ, ଅନୁଭୂତି ଏବଂ ପରିସଂଖ୍ୟାନରୁ ଜଣାଯାଉଛି ଯେ, ହିନ୍ଦି ହେଉଛି ଏକମାତ୍ର ଭାରତୀୟ ଭାଷା ଯାହା ରାଷ୍ଟ୍ରଭାଷା ରୂପେ ଗୃହୀତ ହେଲେ ଦେଶର ପ୍ରଭୂତ କଲ୍ୟାଣ ହେବ । ମୁଁ ହିନ୍ଦିକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରିବାର ପକ୍ଷପାତୀ । ନି: ଭା: ଶିକ୍ଷାମନ୍ତ୍ରୀ ସମ୍ମିଳନୀରେ ମୁଁ ମୋର ଏହି ମତକୁ ଅତ୍ୟନ୍ତ ଦୃଢ଼ତାର ସହିତ

Digitized by PPRACHIN, SOA

ଉପସ୍ଥାପିତ କରୁଥିଲି । ଜଣେ ଅଣ-ହିନ୍ଦୀ ଅଞ୍ଚଳର ଶିକ୍ଷା ମନ୍ତ୍ରୀ ଥାଇ ହିନ୍ଦୀକୁ ଅଚିରେ ରାଜ ଭାଷା ରୂପେ ଗ୍ରହଣ କରି ହିନ୍ଦୀ ପ୍ରଚାରର ଦ୍ରୁତ ଗତିରେ କରିବା ଓ କରାଇବା ନିମନ୍ତେ କେନ୍ଦ୍ର ସରକାର ପ୍ରଚୁର ଅର୍ଥର ବ୍ୟବସ୍ଥା କରନ୍ତୁ ବୋଲି ଦାବୀ କରୁଥିବାରୁ ହିନ୍ଦୀଭାଷାଭାଷୀ ଅଞ୍ଚଳର ମନ୍ତ୍ରୀ ଓ କର୍ମଚାରୀମାନେ ଉତ୍ସାହିତ ହୋଇ ମୋତେ ପୂର୍ଣ୍ଣ ପ୍ରାଣରେ ସମର୍ଥନ କରନ୍ତି । କିନ୍ତୁ ଅଣ-ହିନ୍ଦୀ ଅଞ୍ଚଳର ବିଶେଷତଃ ଦକ୍ଷିଣ ଭାରତ ଏବଂ ପଶ୍ଚିମ ବଙ୍ଗଳାର ମନ୍ତ୍ରୀମାନେ ଘୋର ବିରୋଧ କରନ୍ତି । ମୁଁ ଅନୁନୟ ବିନୟ କରି କହେ ଯେ, ଯଦି କେତେକ ଅଞ୍ଚଳର ମନ୍ତ୍ରୀ ଓ ସରକାରମାନେ ହିନ୍ଦୀକୁ ବିରୋଧ କରୁଛନ୍ତି ତେବେ ପୃଥିବୀରେ ଭାରତର ସମ୍ମାନ ରକ୍ଷା ଦୃଷ୍ଟିରୁ ସେମାନେ ଆଉ ଗୋଟିଏ ଭାଷାର ନାମ କୁହନ୍ତୁ ଯାହାକୁ ରାଷ୍ଟ୍ରଭାଷା ରୂପେ ଗ୍ରହଣ କରାଯିବା ଦରକାର । କେହି କିଛି ପ୍ରସ୍ତାବ ନ ଆଣି ସ୍ଥିତାବସ୍ଥା (Status-quo) ଅର୍ଥାତ୍ ଇଂରେଜୀ ରହୁ ବୋଲି ମତ ପ୍ରକାଶ କରନ୍ତି । ମୁଁ କହେ, ସ୍ୱାଧୀନତା ପ୍ରାପ୍ତି ପରେ ଏକ ଅଣ-ଭାରତୀୟ ଭାଷାକୁ ସରକାରୀ ଭାଷା ରୂପେ ଚିରନ୍ତନ ରହିବାକୁ ସୁଯୋଗ ଦେବାଦ୍ୱାରା ଦୁନିଆ ଦୁଆରେ ଭାରତ ପକ୍ଷେ ଯେପରି ନିନ୍ଦନୀୟ ଏବଂ ଅପମାନଜନକ ନିଜ ଘରେ ମଧ୍ୟ ସେହିପରି କ୍ଷତିକାରକ ଅଟେ । କିନ୍ତୁ ଈର୍ଷା ଓ ସ୍ୱାର୍ଥ ଦୃଷ୍ଟିରୁ କେତେକ ପ୍ରଦେଶ ବା ଅଞ୍ଚଳର ଲୋକେ ଇଂରେଜୀକୁ ସରକାରୀ ଭାଷା ଭାବେ ରଖିବାକୁ ଦୃଢ଼ପ୍ରତିଜ୍ଞ ।

ଈର୍ଷାର କାରଣ ହେଉଛି ନିଜ ଆଞ୍ଚଳିକ ଭାଷା ରାଷ୍ଟ୍ରଭାଷା ନ ହୋଇ ହିନ୍ଦୀ କାହିଁକି ହେବ ? ମୁଁ କହେ ହିନ୍ଦୀ ଭାରତ ବର୍ଷର କାହାର ମାତୃଭାଷା ନୁହେ । ଏହା ସଂସ୍କୃତ, ଉର୍ଦ୍ଦୁ, ପାରସୀ, ମାଗଧୀ, ମୈଥିଳୀ, ଅବଧୀ, ବ୍ରଜବୋଲି, ରାଜସ୍ଥାନୀ, ପଞ୍ଜାବୀ ପ୍ରଭୃତି ଭାଷାମାନଙ୍କର ସମ୍ମିଶ୍ରଣରେ ବ୍ୟବହୃତ ଏକ ରାଜଭାଷା ଓ ବ୍ୟବସାୟୀ ଏବଂ କାରବାରୀ ଭାଷା ଅଟେ । କେବଳ ହିନ୍ଦୀରେ ଖଣ୍ଡିଆ-ଦଣ୍ଡିଆ କରି କହି ପାରୁଥିବା ଜଣେ ପରିବ୍ରାଜକ ସମଗ୍ର ଭାରତ ବର୍ଷ ସୁବିଧାରେ ଭ୍ରମଣ କରି ଆସି ପାରିବ । କିନ୍ତୁ ଭଲଭାବେ ଇଂରେଜୀ ଜାଣିଥିବା ଭ୍ରମଣକାରୀ ସମଗ୍ର ଭାରତବର୍ଷକୁ ବୁଝି ପାରିବ ନାହିଁ । ମୋର ଏ ଯୁକ୍ତିରେ ଅନ୍ୟାନ୍ୟମାନେ ନୀରବ ରହନ୍ତି ।

ସ୍ୱାର୍ଥର କାରଣ ହେଉଛି ଚାକିରି ପ୍ରାପ୍ତି । ମୁଁ ଉତ୍ତମରୂପେ ବୁଝି-ପାରିଛି ଯେ, ହିନ୍ଦୀକୁ ରାଷ୍ଟ୍ରଭାଷା କରିବାରେ ଯେଉଁ ବିରୋଧ ହେଉଛି ତାହାର ମୂଳକାରଣ ହେଉଛି ଚାକିରି ପ୍ରାପ୍ତି । ଭାରତରେ ସବୁଠୁ ଗୋଟିଏ ପ୍ରଭାବଶାଳୀ

Digitized by PPRACHIN, SOA

ଶ୍ରେଣୀ ଅଛି ଯାହାର ବଂଶାନୁକ୍ରମିକ ପେଶା ହେଲା କେନ୍ଦ୍ର ଏବଂ ରାଜ୍ୟ ସରକାର ତଥା ସରକାରୀ-ବେ-ସରକାରୀ ଶିଳ୍ପ-ବାଣିଜ୍ୟ ସଂସ୍ଥାମାନଙ୍କରେ ଚାକିରି କରିବା । ସେମାନେ ଭାବନ୍ତି ଯେ, ହିନ୍ଦି ଯଦି ରାଷ୍ଟ୍ରଭାଷା ହେବ ତେବେ ସେମାନଙ୍କର ବଂଶଧରମାନଙ୍କର ଚାକିରି ପ୍ରାପ୍ତିରେ ବାଧା ହେବ । ଏପରିକି ହିନ୍ଦି ଭାଷାଭାଷୀ ଅଞ୍ଚଳର ଇଂରେଜୀ ପଢ଼ୁଆମାନେ ହିନ୍ଦି ରାଷ୍ଟ୍ରଭାଷା ହେବା ସପକ୍ଷରେ ନୁହନ୍ତି ; ଯେହେତୁ ହିନ୍ଦିରେ ପରୀକ୍ଷା ହେଲେ ଚାକିରି ପ୍ରାପ୍ତି ନିମନ୍ତେ ବହୁ ସଂଖ୍ୟକ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଯୋଗିତା ହେବ ଏବଂ ସେହି ଶ୍ରେଣୀର ଲୋକଙ୍କୁ ଚାକିରି ମିଳିବାରେ ବାଧା ଘଟିବ । ହିନ୍ଦିରେ ସରକାରୀ କାର୍ଯ୍ୟ ଚାଲିଲେ ଇଂରେଜୀ ପଢ଼ୁଆଙ୍କର ପ୍ରାଧାନ୍ୟ ଏବଂ ଏକଚାଟିଆ ବଡ଼ ପଣ ରହିବ ନାହିଁ । ତେଣୁ ହିନ୍ଦିକୁ ରାଷ୍ଟ୍ରଭାଷା କରିବାରେ ବହୁମୁଖୀ ଆକ୍ରମଣ ଓ ବାଧା । ଦକ୍ଷିଣ ଭାରତର ଲୋକେ କେନ୍ଦ୍ର ସରକାରଙ୍କର ସର୍ବନିମ୍ନ ଅର୍ଦ୍ଧେକ କର୍ମଚାରୀ ତହିଁରୁ ଅଧିକ ସଂଖ୍ୟାରେ ଥିବାରୁ ସେମାନେ ଆଶଙ୍କା କରନ୍ତି ଯେ, ହିନ୍ଦି ରାଷ୍ଟ୍ରଭାଷା ହେଲେ ଅନ୍ୟାନ୍ୟ ଅଞ୍ଚଳର ଲୋକଙ୍କ ଅପେକ୍ଷା ତାଙ୍କର ସ୍ୱାର୍ଥର ଘୋର କ୍ଷତି ହେବ । ଥରେ ଶିକ୍ଷାମନ୍ତ୍ରୀ ସମ୍ମିଳନୀରେ ଦକ୍ଷିଣ ଭାରତର ଜଣେ ଦୁଇଜଣ ମନ୍ତ୍ରୀ ଅତି ତୀବ୍ର ଭାବରେ ମୋତେ ବିରୋଧ କଲେ । ମୁଁ ଉକ୍ତ ବିରୋଧର ଉତ୍ତର ଦେଲି ଯେ, ଇଂରେଜୀ ରାଷ୍ଟ୍ରଭାଷା ବା ସରକାରୀ ଭାଷା ହୋଇ ରହିବାରେ ମୋର ଆପତ୍ତି ରହିବ ନାହିଁ ଯଦି କେନ୍ଦ୍ର ସରକାରଙ୍କର ସମସ୍ତ ଅନୁଷ୍ଠାନମାନଙ୍କରେ ପ୍ରଦେଶ ବା ରାଜ୍ୟର ଲୋକସଂଖ୍ୟା ଅନୁସାରେ ଚାକିରି ବଣ୍ଟନ କରାଯିବ । ଯେଉଁ ଯେଉଁ ରାଜ୍ୟ (ପ୍ରଦେଶ)ରୁ ସଂଖ୍ୟାନୁପାତରୁ କମ ସଂଖ୍ୟକ ଚାକିରିଆ ଅଛନ୍ତି ସେହି ସେହି ରାଜ୍ୟର ପ୍ରତି ବର୍ଷର ଭାଗ (quota) ଅପେକ୍ଷା ଦୁଇ ବା ତିନି ଗୁଣ ଲୋକ ଅଧିକ ନିଯୁକ୍ତ କରାଇ ପ୍ରଥମେ ଅଧିକ ସଂଖ୍ୟକ ଚାକିରିଆ ଥିବା ରାଜ୍ୟମାନଙ୍କ ସଙ୍ଗେ ଆନୁପାତିକ ସମାନ ସଂଖ୍ୟାକୁ ଅଣାଯାଉ । ଏହିପରି କରି ଦଶବର୍ଷ ମଧ୍ୟରେ ଲୋକସଂଖ୍ୟା ଅନୁପାତରେ ଚାକିରିର ଅନୁପାତ ସମାନ ହେଉ । କେନ୍ଦ୍ର ସରକାରରେ ପ୍ରତ୍ୟେକ ରାଜ୍ୟର ସମାନ ଆନୁପାତିକ ଭାଗପାଇଁ ଅଧିକାର ଅଛି । କିନ୍ତୁ ଚାରି ପାଞ୍ଚଟି ରାଜ୍ୟରୁ କେନ୍ଦ୍ର ସରକାରଙ୍କ ଅଫିସମାନଙ୍କରେ କାହିଁକି ଅର୍ଦ୍ଧାଧିକ ଚାକିରିଆ ରହିବେ ତାର କୌଣସି ନ୍ୟାଯ୍ୟ ବା ଯୁକ୍ତି ନାହିଁ । ମୁଁ ପରିଷ୍କାର କହିଦେଲି ଯେ, କେତେକ ପ୍ରଦେଶର (ରାଜ୍ୟ) ଲୋକଙ୍କର ଚାକିରି-ସ୍ୱାର୍ଥ ରକ୍ଷା କରିବା ପାଇଁ ଭାରତର ସ୍ୱାର୍ଥସମ୍ମାନ ଜଳାଞ୍ଜଳି ଦେବାକୁ

Digitized by PPRACHIN, SOA

ମୁଁ କିମ୍ବା ଦେଶର ବହୁ ସଂଖ୍ୟକ ଲୋକ ପ୍ରସ୍ତୁତ ନୁହନ୍ତି । ମୁଁ ଅତି ନମ୍ର, ଭଦ୍ର ଏବଂ ଦୃଢ଼ଭାବରେ ଏହି ପ୍ରସ୍ତାବ ଉପସ୍ଥାପିତ କଲି । ଦକ୍ଷିଣ ଭାରତ, ପଞ୍ଜାବ ଏବଂ ବଙ୍ଗଳା ବ୍ୟତୀତ ମୋତେ ଅନ୍ୟମାନେ ସମର୍ଥନ କଲେ । କିନ୍ତୁ ମୋର ଏ ପ୍ରସ୍ତାବ ଅତ୍ୟନ୍ତ ଗୁରୁତର ଓ ତାହା ଏଜେଣ୍ଡାରେ ନ ଥିବାରୁ ଏବଂ ଏପରି ଏକ ପ୍ରସ୍ତାବ ଶିକ୍ଷାମନ୍ତ୍ରୀ ସମ୍ମିଳନୀର ବିଚାରର ପରିସର ମଧ୍ୟରେ ନାହିଁ ବୋଲି ସଭାପତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ସେ ସମ୍ପର୍କରେ କିଛି କହିଲେ ନାହିଁ । ସମ୍ମିଳନୀ ଶେଷରେ ଅନେକ ପ୍ରଦେଶର ମନ୍ତ୍ରୀ ଓ କର୍ମଚାରୀମାନେ ମୋତେ ସାକ୍ଷାତ କରି ଧନ୍ୟବାଦ ଦେଲେ ।

ହିନ୍ଦୀକୁ ରାଷ୍ଟ୍ରଭାଷା କରିବାରେ ମୋର ଦୃଢ଼ ମତ ଥିଲେ ସୁଦ୍ଧା ପ୍ରଚଳିତ ହିନ୍ଦୀର ବ୍ୟାକରଣରେ କେତେକ ସଂଶୋଧନ ଏବଂ ପରିବର୍ତ୍ତନ ନିତାନ୍ତ ଆବଶ୍ୟକ । ମୋର ମତ ଯେ, ଚଳନ୍ତି ହିନ୍ଦୀ ରାଷ୍ଟ୍ରଭାଷା ହେଉ । କିନ୍ତୁ ଲିଙ୍ଗ ଭେଦରେ କ୍ରିୟାର ରୂପ ବଦଳିବା, ସକର୍ମକ କ୍ରିୟା ବ୍ୟବହାର ବେଳେ କର୍ତ୍ତାରେ 'ନେ' ଲାଗି କ୍ରିୟା କର୍ତ୍ତାର ଲିଙ୍ଗ ଏବଂ ବଚନର ଅଧୀନ ନ ହୋଇ କର୍ମର ଲିଙ୍ଗ ଏବଂ ବଚନର ଅଧୀନ ହେବା ଏବଂ ସ୍ତ୍ରୀଲିଙ୍ଗ କର୍ତ୍ତାରେ କ୍ରିୟାର ରୂପ ବଦଳିବା ଇତ୍ୟାଦି ଉଠାଇ ଦିଆଯାଉ । ଏହି ମତ ଅନୁସାରେ ମୁଁ ହିନ୍ଦୀରେ କଥାବାର୍ତ୍ତା କରିବାକୁ ଅନୁମତି ମାଗେ । ଅବଶ୍ୟ ବ୍ୟାକରଣକୁ ଅନୁସରଣ କରି ହିନ୍ଦୀ କହିବା ଏବଂ ଲେଖିବାରେ ମୋର ଜ୍ଞାନ ଏବଂ ଅଭ୍ୟାସ ଅଛି ।

ହିନ୍ଦୀର ଦ୍ରୁତ ଏବଂ ବହୁଳ ପ୍ରଚାର ପାଇଁ ମୁଁ ସବୁ ସମ୍ମିଳନୀରେ ଦାବୀ କରି ଆସିଛି । ଦଶ ବର୍ଷ ମଧ୍ୟରେ ଅଣ-ହିନ୍ଦୀ ଭାଷାଭାଷୀ ଅଞ୍ଚଳ ପାଇଁ ଶିକ୍ଷକ ନିଯୁକ୍ତି ନିମନ୍ତେ କେନ୍ଦ୍ର ସରକାର ସମସ୍ତ ଖର୍ଚ୍ଚ ବହନ କରନ୍ତୁ । ଓଡ଼ିଶା ପାଇଁ ମୁଁ ଦାବୀ କରୁଥିଲି ଯେ, ପ୍ରତ୍ୟେକ ମାଇନର ସ୍କୁଲ ପାଇଁ ଜଣେ, ହାଇସ୍କୁଲ ପାଇଁ ୨।୩ ଜଣ ଏବଂ କଲେଜ ଓ ବିଶ୍ୱ-ବିଦ୍ୟାଳୟ ପାଇଁ ଅନ୍ୟୁନ ୪।୫ ଜଣ ହିନ୍ଦୀ ଶିକ୍ଷକଙ୍କର ନିଯୁକ୍ତି ପାଇଁ କେନ୍ଦ୍ର ସରକାରଙ୍କ-ଦ୍ୱାରା ଆର୍ଥିକ ବ୍ୟବସ୍ଥା ହେଉ । ଓଡ଼ିଶା ପାଇଁ ୧୩ଟି ଜିଲ୍ଲା ନିମନ୍ତେ ୧୫ଟି ହିନ୍ଦୀ ଟ୍ରେନିଂ ବିଦ୍ୟାଳୟର ସମସ୍ତ ଖର୍ଚ୍ଚ କେନ୍ଦ୍ର ସରକାର ବହନ କରନ୍ତୁ ବୋଲି ମୁଁ ପ୍ରସ୍ତାବ ଆଗତ କରୁଥିଲି ।

Digitized by PPRACHIN, SOA

ଗ୍ରାମ ମଙ୍ଗଳ (ଆଦିବାସୀ-ହରିଜନ ଉନ୍ନତି)

ଶିକ୍ଷା ଏବଂ କୃଷି ବ୍ୟତୀତ ଆଦିବାସୀ ଏବଂ ଗ୍ରାମ ମଙ୍ଗଳ ବିଭାଗ ଏଥର ମନ୍ତ୍ରୀତ୍ୱର ପ୍ରଥମ ବର୍ଷ ମୋ ଅଧୀନରେ ଥିଲା । ମୁଁ ୧୯୫୭ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲାବେଳେ ଏହି ବିଭାଗଟି ମୋର ମୁଖ୍ୟ ବିଭାଗ ଥିଲା ।ତେଣୁ ସେତେ-ବେଳେ ମୁଁ ଯେଉଁସବୁ କାର୍ଯ୍ୟ ହାତକୁ ନେଇଥିଲି ଏବଂ ବିଭାଗରେ ଯେତେ ସୁଧାର କରିଥିଲି ତାର ପୂର୍ଣ୍ଣତା ପାଇଁ ଏଥର ଚେଷ୍ଟା କଲି । ୧୯୫୭ରେ ମୁଁ ଏହି ବିଭାଗର ଦାୟିତ୍ୱ ନେବା ପୂର୍ବରୁ ନାନା ଅପବ୍ୟୟ ଓ ବଦ୍‌ଖର୍ଚ୍ଚ ହେଉଥିଲା । ଏହି ବିଭାଗର କର୍ତ୍ତୃପକ୍ଷ ଓ କର୍ମଚାରୀବୃନ୍ଦ ନିଜ କର୍ତ୍ତବ୍ୟରେ ଅବହେଳା କରୁଥିବାର ମୁଁ ହୃଦ୍‌ବୋଧ କରିଥିଲି । ତେଣୁ ସେତେବେଳେ ଅତ୍ୟନ୍ତ ଧୈର୍ଯ୍ୟ, ସଂଯମ ଓ ଅଧ୍ୟବସାୟ ସହ ବିଭାଗକୁ ବାଟରେ ପକାଇ-ଥିଲି ।

ଆମ ଦେଶରେ ଜାତି ଏବଂ ଶ୍ରେଣୀ ହିସାବରେ ଆଦିବାସୀ ଏବଂ ହରିଜନମାନେ ଯେପରି ଉପେକ୍ଷିତ ସେହିପରି ଶୋଷିତ ଏବଂ ନିଷ୍ପୀଡ଼ିତ । ତେଣୁ ସ୍ୱାଧୀନତା ପ୍ରାପ୍ତି ପରେ ଏମାନଙ୍କର ଉନ୍ନତିକଳ୍ପେ ନାନା ଅତିରିକ୍ତ ବ୍ୟବସ୍ଥା କରାଗଲା । ସମ୍ବିଧାନରେ ନିର୍ଦ୍ଦେଶ ଦିଆଗଲା ଯେ, ଏମାନଙ୍କ ପାଇଁ ଅତିରିକ୍ତ ବ୍ୟବସ୍ଥା କରି କେତେବର୍ଷ ଭିତରେ ଏମାନଙ୍କୁ ସାଧାରଣ ଶ୍ରେଣୀ ଲୋକମାନଙ୍କ ସ୍ତରକୁ ଆଣିବାକୁ ହେବ । ପାର୍ଲିଆମେଣ୍ଟ ଏବଂ ରାଜ୍ୟ ଆସେମ୍ବ୍ଲିମାନଙ୍କରେ ଏମାନଙ୍କର ପ୍ରତିନିଧିତ୍ୱ ପାଇଁ ସ୍ଥାନ ସଂରକ୍ଷିତ କରାଗଲା । ଏମାନଙ୍କର ଲୋକସଂଖ୍ୟା ଅନୁପାତରେ ସର୍ବଭାରତୀୟ ଏବଂ ରାଜ୍ୟସ୍ତରୀୟ ଚାକରିବାକରିରେ ସଂରକ୍ଷଣର ବ୍ୟବସ୍ଥା ହେଲା । ଶିକ୍ଷା ଦୀକ୍ଷା ପାଇଁ ପ୍ରଚୁର ବନ୍ଦୋବସ୍ତ ହେଲା । ଛୁଆଁ ଅଛୁଆଁ ଦୂରୀକରଣାର୍ଥେ ଆଇନ ପ୍ରଣୀତ ହେଲା । ଅର୍ଥନୈତିକ ଉନ୍ନତି ପାଇଁ ଆଶାନୁରୂପ ଅତିରିକ୍ତ ଆର୍ଥିକ ବ୍ୟବସ୍ଥା ହେଲା । ଏ ସବୁ ସାମ୍ବିଧାନିକ ଏବଂ ଆଇନଗତ ବ୍ୟବସ୍ଥାକୁ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ଆଦିବାସୀ-ହରିଜନବହୁଳ ରାଜ୍ୟରେ ଜଣେ

Digitized by PPRACHIN, SOA

ବିଶେଷ ମନ୍ତ୍ରୀ ନିଯୁକ୍ତିର ସାଂବିଧାନିକ ନିର୍ଦ୍ଦେଶ ମଧ୍ୟ ହେଲା । କିନ୍ତୁ ଏତେ ପରିମାଣରେ ଅତିରିକ୍ତ ବ୍ୟବସ୍ଥା ହେବା ସତ୍ତ୍ୱେ ଏହି ଜାତିର ଲୋକଙ୍କର ଉନ୍ନତି ପ୍ରତି ଅତିରିକ୍ତ ଦୟା ଏବଂ ମମତାପୂର୍ଣ୍ଣ ଦୃଷ୍ଟି ଦେବାରେ ଅବହେଳା ହେଉଥିବାର ମୋର ହୃଦ୍‌ବୋଧ ହେଲା । ମୋର ହୃଦ୍‌ବୋଧର କାରଣ ମୁଁ ନିମ୍ନ ଅନୁଚ୍ଛେଦମାନଙ୍କରେ ବର୍ଣ୍ଣନା କରୁଛି ।

ଉପରୋକ୍ତମତେ ଆମ ଓଡ଼ିଶା ଶାସନରେ ବିଶେଷତଃ ଆଦିବାସୀ ଏବଂ ଗ୍ରାମ ମଙ୍ଗଳ ବିଭାଗ (Tribal and Rural Welfare Department) ସୃଷ୍ଟି ହୋଇ ଉକ୍ତ ବିଭାଗର ଦାୟିତ୍ୱ ଜଣେ ମନ୍ତ୍ରୀଙ୍କ ହାତରେ ଅର୍ପଣ କରାଯାଇଥାଏ । ଆଦିବାସୀ-ହରିଜନମାନଙ୍କର ଅର୍ଥ-ନୈତିକ, ସାମାଜିକ, ସାଂସ୍କୃତିକ ଏବଂ ଶିକ୍ଷାଗତ ଉନ୍ନତି ନିମନ୍ତେ ଉତ୍ତମ ଯୋଜନା କରି ସେ ସବୁକୁ କାର୍ଯ୍ୟାନ୍ୱିତ କରିବା ନିମନ୍ତେ ଆବଶ୍ୟକୀୟ ପରିମାଣ ଅର୍ଥ ବଜେଟରେ ବ୍ୟବସ୍ଥା ଥାଏ । ଅନ୍ୟ ଭାଷାରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ବାଣିଜ୍ୟ-ବ୍ୟବସାୟ ଏବଂ ଗୃହ ଓ ବାସର ବ୍ୟବସ୍ଥା ଆଦି ସବୁ ବିଷୟରେ ଅତିରିକ୍ତ ବନ୍ଦୋବସ୍ତ କରାଯାଇଛି । ଜମି ବାଡ଼ି ଦେବାଠାରୁ ଆରମ୍ଭ କରି ଗୃହ ନିର୍ମାଣ ଏବଂ ଉପରୋକ୍ତ ସମସ୍ତ ବିଷୟରେ ରିଷା କବଚର ବ୍ୟବସ୍ଥା ହୋଇଛି । ଶିକ୍ଷା ପ୍ରସାର ନିମନ୍ତେ ଓଡ଼ିଶାରେ ଆଦିବାସୀ ଓ ହରିଜନମାନଙ୍କ ପାଇଁ ଆବଶ୍ୟକ ପରିମାଣରେ ଅତି ଆଦର୍ଶ ବ୍ୟବସ୍ଥା କରାଯାଇଛି । ପ୍ରାଥମିକ ଶିକ୍ଷା ନିମନ୍ତେ ସେବାଶ୍ରମ ଓ ନିମ୍ନ ମାଧ୍ୟମିକ ଏବଂ ମାଧ୍ୟମିକ ଶିକ୍ଷା ନିମନ୍ତେ ଆଶ୍ରମ ବିଦ୍ୟାଳୟମାନ ସ୍ଥାପିତ ହୋଇଛି । ଏହି ସ୍କୁଲଗୁଡ଼ିକ ଗାନ୍ଧୀଜୀଙ୍କ କଳ୍ପିତ ମୌଳିକ ଶିକ୍ଷା ନୀତିକୁ ଭିତ୍ତି ଓ ଆଦର୍ଶ କରି ସ୍ଥାପିତ ହୋଇଛି । ମୁଁ ୧୯୫୭ ମସିହାରେ ଏହି ବିଭାଗର ଦାୟିତ୍ୱ ନେବା ପୂର୍ବରୁ ଅନ୍ୟ ଯେଉଁମାନେ ଦାୟିତ୍ୱ ବୁଲାଉ-ଥିଲେ ମୁଁ ସେମାନଙ୍କର ଦୋଷ ତ୍ରୁଟି ଦେଖାଇବାକୁ ଯାଉନାହିଁ । କିନ୍ତୁ ଚିର ଉପେକ୍ଷିତ ଆଦିବାସୀ ଓ ହରିଜନଙ୍କ ନିମନ୍ତେ ଏତେ ବ୍ୟବସ୍ଥାକୁ ଯେଉଁ ପରିମାଣରେ ଆନ୍ତରିକତାର ସହିତ ଦୃଷ୍ଟି ଦେବାର କଥା ଓ ଯେଉଁ ଶୃଙ୍ଖଳା ଏବଂ ଆଦର୍ଶରେ କାର୍ଯ୍ୟ କରିବା ଓ କରାଇବା ଉଚିତ ତାହା ନ ହୋଇଥିବାର ମୁଁ ବହୁ ପ୍ରମାଣ ଦେଖାଇଦେଇ ତ୍ରୁଟିମାନଙ୍କର ସଂଶୋଧନ କରିବାରେ ଆନନ୍ଦ ଲାଭ କରିଥିଲି ।

Digitized by PPRACHIN, SOA

ଆମ ଶାସ୍ତ୍ର, ସମାଜ ଓ ସଂସ୍କୃତି ଅନୁସାରେ ଦରିଦ୍ର ନାରାୟଣ ସେବା ସ୍ୱୟଂ ଭଗବାନଙ୍କ ସେବା ସଙ୍ଗେ ସମାନ । ନିରନ୍ନକୁ ଅନ୍ନ ଦାନ, ତୃଷାର୍ତ୍ତିକୁ ଜଳଦାନ, ଅଜ୍ଞାନକୁ ଜ୍ଞାନ ଦାନ ଏବଂ ନଗ୍ନକୁ ବସ୍ତ୍ର ଦାନ ହେଉଛି ମହାଦାନ ଏବଂ ମହାପୁଣ୍ୟ । ମୁଁ ଯେତେବେଳେ ଏହି ବିଭାଗର ଦାୟିତ୍ୱରେ ଥାଇ ନଗ୍ନ, ବୁଭୁକ୍ଷିତ, ତୃଷାର୍ତ୍ତ ଏବଂ ଅଶିକ୍ଷିତ ଶ୍ରେଣୀଙ୍କର ସରକାରୀ ଅର୍ଥରେ ସେବା କରିବାର ସୁଯୋଗ ପାଇଲି ସେତେବେଳେ ଭାବିଲି ଯେ, ଏ ସୁଯୋଗରେ ମୋର ବିବେକ ଏବଂ ଭଗବାନଙ୍କୁ ସାକ୍ଷୀ ରଖି ମୁଁ ଆନ୍ତରିକତାର ସହିତ କର୍ତ୍ତବ୍ୟ ପାଳନ କରି ପୁଣ୍ୟ ଅର୍ଜନ କରି ମୃତ୍ୟୁ ପରେ ମୁକ୍ତି ପାଇବି । ମୋତେ ଜଣେ ମନ୍ତ୍ରୀ ହିସାବରେ ଗ୍ରହଣ କରି ଏକ ମହତ୍ତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱ ନ ଦେବାରୁ ମୋ ଗୋଷ୍ଠୀ ଏବଂ ଅନୁଗାମୀମାନେ ଅସନ୍ତୁଷ୍ଟ ହୋଇ ମତେ ଉତ୍ତେଜିତ କରାଇବାକୁ ଲାଗିଲେ । ଏଥିରେ ମୁଁ ଟିକିଏ ମାତ୍ର ବିବ୍ରତ ହୋଇଥିଲି । କିନ୍ତୁ ମନକୁ ସ୍ଥିର କରି ଦେଖିଲି ଏ ଯେଉଁ ବିଭାଗର ଦାୟିତ୍ୱ ମୋତେ ମିଳିଛି ତାକୁ ଏପରି ତୁଲାଇବି ଯଦ୍ୱାରା ମୋର ମାନସିକ ଶାନ୍ତି ଏବଂ ସୁଖ ସଙ୍ଗେ ସମଗ୍ର ମନ୍ତ୍ରୀମଣ୍ଡଳର ତଥା ଜନସାଧାରଣଙ୍କର ଦୃଷ୍ଟି ଆକର୍ଷଣ କରିବ । ମୁଁ ଉତ୍ତମରୂପେ ଜାଣିଥିଲି ଯେ ଏ ବିଭାଗଟିକୁ ଶାସକ ଦଳ, ତାତ୍କାଳିକ ଚିଫ୍ ସେକ୍ରେଟେରୀ, ସେକ୍ରେଟେରୀ, କଲେକ୍ଟର ଏବଂ ବିଭାଗୀୟ କର୍ମଚାରୀବୃନ୍ଦ ଏକ ହସ୍ତମୁଦ୍ରା ମାହାଳ ଭାବି କାମ କରୁଥିଲେ । ଅନ୍ୟାନ୍ୟ ବିଭାଗର ଖର୍ଚ୍ଚ ପରେ ଏହି ଖର୍ଚ୍ଚ କରୁଥିବାରୁ ବଜେଟରେ ବ୍ୟବସ୍ଥା ଥିବା ଅର୍ଥ ଖର୍ଚ୍ଚ କରିପାରୁନଥିଲେ । ଯାହା ଖର୍ଚ୍ଚ କରୁଥିଲେ ତହିଁରୁ ଅଧିକାଂଶ ବଦ୍‌ଖର୍ଚ୍ଚ ହେଉଥିଲା । ଆଦିବାସୀ ଏବଂ ହରିଜନଙ୍କ ପାଇଁ ଯେଉଁ ଘର ତିଆରି କରୁଥିଲେ ସେଥିରେ ସେମାନେ ରହିବାକୁ ଇଚ୍ଛା କରୁ ନ ଥିଲେ, କିମ୍ବା ରହିପାରୁ ନ ଥିଲେ । ସେମାନଙ୍କୁ କୃଷି ନିମନ୍ତେ କୃଷି ଉପକରଣ ଓ ବିହନ ସହିତ ଯେଉଁ ହଳ ବଳଦ ଏବଂ ଘରେ ପାଳିବା ନିମନ୍ତେ ଯେଉଁ ଛେଳି, ମେଣ୍ଢା, କୁକୁଡ଼ା ପ୍ରଭୃତି ପଶୁ ପକ୍ଷୀ ମିଳୁଥିଲା ତାହା ସେମାନେ ଅର୍ଦ୍ଧେକ ସଂଖ୍ୟା ଏବଂ ପରିମାଣରେ ମଧ୍ୟ ପାଉନଥିଲେ । ଆଶ୍ରମ ବିଦ୍ୟାଳୟମାନଙ୍କରେ ଯେଉଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିଲା ତାହା ଉଚିତ ଭାବେ ଖର୍ଚ୍ଚ ହେଉ ନ ଥିଲା । ପିଲାଙ୍କ ଖୋରାକରୁ ଅନ୍ୟମାନେ ମଧ୍ୟ ଖାଇଯାଉଥିଲେ । ଆଶ୍ରମ ସ୍କୁଲମାନଙ୍କରେ ଗେଷ୍ଟ ରୁମ୍ ବା ଅତିଥି ଭବନର ବ୍ୟବସ୍ଥା ଥିଲା । ଯେ କୌଣସି ଅଫିସର କିମ୍ବା ରାଜନୈତିକ ବ୍ୟକ୍ତି ଅତିଥି

Digitized by PPRACHIN, SOA

ଭବନରେ ରହି ଖୋରାକ ଖର୍ଚ୍ଚ ବାବଦ ମିଲ୍ ପ୍ରତି (ଥରେ ଭୋଜନ ପାଇଁ) କେବଳ ॥୦ ଅଣା ମାତ୍ର ଖର୍ଚ୍ଚ ଦେଇ ୪।୫ ଟଙ୍କା ଏବଂ ସମୟେ ସମୟେ ୮।୧୦ ଟଙ୍କା ମୂଲ୍ୟର ଭୋଜନ ପକାଉଥିଲେ। ଉଭୟ ରାଜ୍ୟ ଏବଂ କେନ୍ଦ୍ର ମନ୍ତ୍ରୀ, ସେକ୍ରେଟାରୀ, ଡିରେକ୍ଟର କିମ୍ବା ଅତି ବିଶିଷ୍ଟ ଅତିଥିଙ୍କ ପରିଦର୍ଶନ ବେଳେ ଧାଙ୍ଗଡ଼ା ଧାଙ୍ଗଡ଼ି (ଯୁବକ-ଯୁବତୀ) ନାଚ ତାମସା କରାଇ ଶହ ଶହ ଟଙ୍କା ଖର୍ଚ୍ଚ ହେଉଥିଲା। ଉକ୍ତ ଟଙ୍କା ଆଶ୍ରମ ବିଦ୍ୟାଳୟର ଗୃହ ନିର୍ମାଣ ପ୍ରଭୃତି ବ୍ୟବସ୍ଥାରୁ ଆସୁଥିଲା। ଆଶ୍ରମ ବିଦ୍ୟାଳୟମାନଙ୍କରେ ପାଠ ପଢ଼ାରେ ଅତ୍ୟନ୍ତ ଅବହେଳା ହେଉଥିଲା।

ମୁଁ ଏ ବିଭାଗର ଦାୟିତ୍ୱ ନେବା ପରେ ଏହି ସବୁ ତ୍ରୁଟି ସଂଶୋଧନ ଦିଗରେ ଅତ୍ୟନ୍ତ ତତ୍ପରତାର ସହିତ ଦୃଢ଼ପ୍ରତିଜ୍ଞ ହୋଇ କାର୍ଯ୍ୟ କରିବାରେ ଲାଗିଲି। ଏହା କଲା ବେଳକୁ ମୋତେ କେତେକ ସମୟରେ ଟିକିଏ ତଳ ସ୍ତରକୁ ଖସିବାକୁ ପଡୁଥିଲା। ଅତର୍କିତ ପରିଦର୍ଶନ (Surprise visit) ଏବଂ ପୁଙ୍ଖାନୁପୁଙ୍ଖ ବା ଟିକିନିଖି ନିରୀକ୍ଷଣ କରିବା ମୋର କୌଶଳ ଥିଲା। ଏ ବିଭାଗର ଅବହେଳା, ଆତ୍ମସାତ୍ ଏବଂ ଅନ୍ୟାନ୍ୟ ଦୁର୍ନୀତି ସମ୍ପର୍କରେ ମୋର ଆଗରୁ ଖବର ଥିଲା। ମୁଁ ମନ୍ତ୍ରୀ ହେଲା ପରେ ବହୁ ଅଭିଯୋଗ ଲିଖିତ ଏବଂ ମୌଖିକ ଆକାରରେ ମୋ ନିକଟକୁ ଆସିଲା। ଏହି ଅଭିଯୋଗ ସମ୍ପର୍କୀୟ ତଦନ୍ତ ଅନ୍ୟ କାହାରିଦ୍ୱାରା ନ କରାଇ ମୋ ଉପସ୍ଥିତିରେ କରାଇଲି। ମୁଁ ଭଲରୂପେ ଜାଣେ ଯେ, ବିଭାଗୀୟ କର୍ମଚାରୀମାନେ ତଦନ୍ତରେ ତାଙ୍କ ଅଫିସରଙ୍କର ଦୋଷ ତ୍ରୁଟି ଘୋଡ଼ାଇ ନିଅନ୍ତି, କିମ୍ବା ଲଘବ କରି ନିଅନ୍ତି। ବିଭାଗ କହିଲେ ଏଠାରେ ଜିଲାପାଳଠାରୁ ଆରମ୍ଭ କରି (ଜିଲ୍ଲା ପାଇଁ) ଜିଲ୍ଲା-ମଙ୍ଗଳ ଓ ଅନ୍ୟାନ୍ୟ ଅଫିସର। ମୋ ସଙ୍ଗେ ଗସ୍ତରେ ପୋଲିସ, ମାଜିଷ୍ଟ୍ରେଟ, ଅତିରିକ୍ତ ଜିଲ୍ଲାପାଳ, ସମୟେ ସମୟେ ଜିଲ୍ଲାପାଳ, ସବ୍‌ଡିଭିଜନ ଅଫିସର, ବି: ଡି: ଓ:, ତହସିଲ୍‌ଦାର, ବିଭାଗୀୟ ଡେପୁଟି ଡିରେକ୍ଟର, ବିଭାଗୀୟ ଜିଲ୍ଲା ଗ୍ରାମ ମଙ୍ଗଳ ଅଫିସର, ସ୍କୁଲ ବିଭାଗୀୟ ଜିଲ୍ଲା ଇନ୍‌ସ୍ପେକ୍ଟର ପ୍ରଭୃତି ଅଫିସର ଥାନ୍ତି। ଅବହେଳା ଏବଂ ଦୁର୍ନୀତିର ନିର୍ଦ୍ଦିଷ୍ଟ ଖବର ତ ଥାଏ। ତେଣୁ ହଠାତ୍ ଗୋଦାମ ଜାଂଚ (Stock verification), ଏକାଉଣ୍ଟ ଖାତାପତ୍ର ଜବତ୍ ଓ ଜାଂଚ କରାଇ ନେଉଥାଏ। ଏହି କାର୍ଯ୍ୟ ସବୁ ବିଶେଷଭାବେ ପୋଲିସ୍ ସି: ଆଇ: ଡି:, ଭିଜିଲାନ୍‌ସ୍ ଏବଂ ମାଜିଷ୍ଟ୍ରେଟ ଓ ସ୍କୁଲ ବିଭାଗୀୟ କର୍ମଚାରୀଙ୍କ-ଦ୍ୱାରା କରାଇ ନେଉଥାଏ। ଅବଶ୍ୟ ଜିଲ୍ଲାପାଳ କିମ୍ବା ଅତିରିକ୍ତ ଜିଲ୍ଲାପାଳ

Digitized by PPRACHIN, SOA

କମ୍ବା ଜିଲ୍ଲା ଗ୍ରାମ ମଙ୍ଗଳ ଅଫିସର ପ୍ରଭୃତି ସଙ୍ଗରେ ଥାନ୍ତି । ଗ୍ରୁପ ଗ୍ରୁଷୀଙ୍କର ଖାଇବା, ପିନ୍ଧିବା ଏବଂ ଶୋଇବା ଓ ପୋଷାଇ ଦେବାପାଇଁ ସମସ୍ତ ଖର୍ଚ୍ଚ ସରକାର ଦିଅନ୍ତି । ଦୈନିକ ଖର୍ଚ୍ଚର ଏକାଉଣ୍ଟ ରଖାଯାଏ । ଚାଉଳ, ଡାଲି, ତେଲ, ଲୁଣ, ମସଲା ଓଗେର ଆଗରୁ ଖରିଦ କରି ରଖା ହୋଇଥାଏ । ପରିବା ମଧ୍ୟ ସପ୍ତାହିକ ପାଇଁ ସମୟେ ସମୟେ ଏକକାଳୀନ କିଣା ହୋଇଥାଏ । ଗୁଣ୍ଡ କମ୍ବା ଘନୀଭୂତ ଦୁଗ୍ଧ ତ ପ୍ରତି ସେବାଶ୍ରମ ଓ ଆଶ୍ରମ ବିଦ୍ୟାଳୟରେ ଥାଏ । ମୋ ଉପସ୍ଥିତିରେ ଏ ସବୁର ଗୋଦାମ (Stock) ସଙ୍ଗେ ସଙ୍ଗେ ମାପ କମ୍ବା ଓଜନ କରାଯାଏ, କମ୍ବା ଗଣାଯାଏ ଏବଂ ଦେଖାଯାଏ ଯେ, ରେଜିଷ୍ଟ୍ରି ଖାତା ଆୟ ବ୍ୟୟ ଓ ମହଜୁଦ୍ ଠିକ୍ ଥାଏ କି ନାହିଁ । ପ୍ରାୟ ଅଧିକାଂଶ ସ୍ଥଳେ ଗୋଦାମରେ ଯେଉଁ ପରିମାଣ କମ୍ବା ସଂଖ୍ୟାର ଜିନିଷପତ୍ର ରହିବାର କଥା ତାଠାରୁ ବହୁତ କମ୍ ଥାଏ । ସ୍ଥାନୀୟ ବିଭାଗୀୟ ଅଫିସରମାନେ ଏଥିରେ ଶଙ୍କିତ ଓ ଲଜ୍ଜିତ ହେବା ସଙ୍ଗେ ସଙ୍ଗେ ଅବହେଳାଜନିତ କ୍ଷମା ମାଗିନିଅନ୍ତି । ମୁଁ ମଧ୍ୟ ଉକ୍ତ କ୍ଷତିକୁ ପୂରଣ କରାଇ-ଦେବାକୁ ଉପଦେଶ ଦିଏ ଏବଂ ସେମାନେ ଦିଅନ୍ତି । ଅତି ଅଳ୍ପ ସ୍ଥଳେ କୈଫିୟତ ମାଗି ଦଣ୍ଡ ଦେବାଲାଗି କହିଥାଏ । ମୋର ଏ ନିୟମିତ କଠୋର ମନୋବୃତ୍ତି ଯୋଗୁଁ କେହି ମୋତେ ସମାଲୋଚନା କରିପାରନ୍ତି । କିନ୍ତୁ ମୁଁ କ'ଣ କରିବି ? ଦେଖେତ କମଳଯାକ ବାଳ, ବାଛିବି କେଉଁଠି ? ଏଣେ ପୁଣି ମେଣ୍ଢା ଧୋଉ ଧୋଉ ଯଦି ନିକାଳି ହୁଏ ଶାସନ ଚଳିବ କିପରି ? ଶାସନ ଚଳାଇବାରେ ମୋର ହୃଦୟ ବଜ୍ରଠାରୁ କଠିନ, କିନ୍ତୁ ଲହୁଣିଠାରୁ ନରମ । ତେଣୁ ଏହି ନୀତି ଅବଲମ୍ବନ କରି ବଦ୍‌ଖର୍ଚ୍ଚ, ଦୁର୍ନୀତି ଏବଂ ଅବହେଳା ଅନେକ ପରିମାଣରେ ରୋକି ପାରିଲି । କର୍ମଚାରୀମାନେ ତତ୍ପର ହେବାକୁ ଲାଗିଲେ । ଅବସ୍ଥା ଅନେକ ପରିମାଣରେ ସୁଧୁରିଲା ।

ସେବାଶ୍ରମ ଓ ଆଶ୍ରମ ସ୍କୁଲମାନଙ୍କର ଏ ପ୍ରକାର ତଦନ୍ତ ଓ ନିରୀକ୍ଷଣ ସଙ୍ଗେ ସଙ୍ଗେ ପ୍ରକୃତ ପାଠ କିଣ ପଢ଼ାଯାଉଥାଏ ତାହା ମଧ୍ୟ ମୁଁ ନିଜେ ପରୀକ୍ଷା କରୁଥାଏ । ପରୀକ୍ଷା କରିବା ମୋ ପକ୍ଷରେ ସ୍ୱାଭାବିକ । କାରଣ ମୋର ପ୍ରଥମ ତାଲିମ ଥିଲା ଶିକ୍ଷକତା । ବି: ଏ: ପଢ଼ିସାରି ଦୁଇବର୍ଷ ଶିକ୍ଷକତା କଲି ପରେ ମୁଁ ରାଧାନାଥ ଟ୍ରେନିଂ କଲେଜରେ ଡି: ଇଡି: ଟ୍ରେନିଂ ପଢ଼ି ତାପରେ ପୁଣି ଦେଢ଼ ବର୍ଷ ଶିକ୍ଷକତା କରିଥିଲି । ଶ୍ରେଣୀର ଷ୍ଟାଣ୍ଡାର୍ଡ଼ ଜାଣିବା ମୋ ପକ୍ଷରେ ଅତି ସୋଜା । ଆଗରୁ ତ ମୋର ଦୃଢ଼ ଧାରଣା

Digitized by PPRACHIN, SOA

ଥିଲି ଯେ, ଏ ବିଭାଗର ବିଦ୍ୟାଳୟମାନଙ୍କରେ ଆଦୌ ପଢ଼ା ପଢ଼ି ହେଉ ନ ଥିଲି । ତେଣୁ ମୋର ଗସ୍ତ ଓ ପରିଦର୍ଶନ ସମୟରେ ମୁଁ ସ୍କୁଲ ବିଭାଗୀୟ ସବ୍‌ଇନ୍‌ସ୍ପେକ୍ଟରଙ୍କଠାରୁ ଆରମ୍ଭ କରି ଜିଲ୍ଲା ଇନ୍‌ସ୍ପେକ୍ଟର ଏବଂ ସମୟେ ସମୟେ ସର୍କଲ ଇନ୍‌ସ୍ପେକ୍ଟରଙ୍କୁ ମଧ୍ୟ ଗହଣରେ ନେଇଥାଏ । ମୋ ସଙ୍ଗରେ ଥିବା କର୍ମଚାରୀଙ୍କ ଉପସ୍ଥିତିରେ ଖୋଲା ଯାଗାରେ କିମ୍ବା ବଡ଼ ହଲ୍‌ରେ ଶ୍ରେଣୀର ଛାତ୍ର ଛାତ୍ରୀ ଏବଂ ଶିକ୍ଷକଙ୍କୁ ବସାଇ ଷ୍ଟାଣ୍ଡାର୍ଡ଼ ପରୀକ୍ଷା କରାଯାଏ । ଦେଖାଯାଏ ୬ଷ୍ଠ ଓ ୭ମ ଶ୍ରେଣୀ ପିଲା ଯଥାକ୍ରମେ ୪ର୍ଥ ଓ ୫ମ ଶ୍ରେଣୀ ପିଲାଙ୍କର ଜ୍ଞାନ ଅର୍ଜନ କରି ନ ଥାନ୍ତି । ଶବ୍ଦର ବନାନ ତ ଆଦୌ ଶୁଦ୍ଧ ହେଉ ନଥାଏ । ପିଲାମାନେ ଭୁଲ୍ ଲେଖିଲେ କିମ୍ବା ଭୁଲ୍ ଉତ୍ତର ଦେଲେ ସମୟେ ସମୟେ ଶିକ୍ଷକମାନଙ୍କୁ କହି ତାହା ସଂଶୋଧନ କରି ପିଲାଙ୍କୁ ବୁଝାଇ ଦେବାପାଇଁ କିମ୍ବା ସଠିକ୍ ଭାବରେ ବ୍ଲାକ୍ ବୋର୍ଡରେ ଲେଖିଦେବାପାଇଁ କୁହାଯାଏ । ଅନେକ ସ୍ଥଳେ କେତେକ ଶିକ୍ଷକ ମଧ୍ୟ ଭୁଲ୍ ସଂଶୋଧନ କରିପାରନ୍ତି ନାହିଁ । ଏଥିରେ ଉକ୍ତ ଶିକ୍ଷକ ଶ୍ରେଣୀ ଏବଂ ତାଙ୍କ ସାଙ୍ଗ ସାଥୀ ଓ ସମ୍ପର୍କୀୟମାନେ ମୋ ଉପରେ ବିରକ୍ତ ହୋଇ ଖବର କାଗଜମାନଙ୍କରେ ଟୀକା ଟିପ୍‌ପଣି ପ୍ରକାଶିତ କରାଇବାରେ ଲାଗିଲେ । ମୁଁ କିନ୍ତୁ ଏ ସବୁକୁ ଭ୍ରୂକ୍ଷେପ ନ କରି ମୋ କର୍ତ୍ତବ୍ୟ ପାଳନରେ ଦୃଢ଼ ରହିଲି । ମୋର ଏପ୍ରକାର ପରିଦର୍ଶନ ଓ ନିରୀକ୍ଷଣରେ ବିଭାଗୀୟ କର୍ମଚାରୀମାନେ ଲଜ୍ଜିତ ଏବଂ ଶଙ୍କିତ ହେବା ସଙ୍ଗେ ସଙ୍ଗେ ହଠାତ୍ କାଜୁଏଲ୍ ଛୁଟି ନେଇ ରହନ୍ତି ! ତଥାପି ମୁଁ ପରିଦର୍ଶନ ଓ ନିରୀକ୍ଷଣ ବିଧିବଦ୍ଧ ଭାବେ କରି ମୋର ମନ୍ତବ୍ୟ, ଉପଦେଶ ଏବଂ ନିର୍ଦ୍ଦେଶ ଦେବାରେ ଅବହେଳା କରି ନ ଥିଲି ।

ଆଶ୍ରମ ସ୍କୁଲ ପ୍ରତି ଅବହେଳାର ମୁଁ ଏକ ଜାଜ୍ୱଲ୍ୟମାନ ଉଦାହରଣ ଏଠାରେ ଲେଖୁଛି । କୋରାପୁଟ ଜିଲ୍ଲାର ମାଲକାନଗିରି ଅଞ୍ଚଳରେ ଅତି ଅନୁନ୍ନତ ଏବଂ ଓଡ଼ିଆ ଭାଷା ଆଦୌ ବୁଝିପାରୁ ନ ଥିବା ବଣ୍ଡା ଓ କୋୟା ଜାତିର ପିଲା ପଢ଼ିବା ପାଇଁ ଗୋବିନ୍ଦପାଲି ଓ ଗମ୍ଭୀକୁଣ୍ଡାଠାରେ ଦୁଇଟି ଆଶ୍ରମ ବିଦ୍ୟାଳୟ ସ୍ଥାପିତ ହୋଇଥିଲା । ଗୋବିନ୍ଦପାଲିଠାରୁ ୨୦।୨୫ ମାଇଲ ଦୂରରେ ବଣ୍ଡା-ପର୍ବତମାଳା ଉପରେ ବଣ୍ଡାଜାତି ବାସ କରନ୍ତି । ପୁରୁଷମାନେ ସାଧାରଣତଃ କୌପୀନ ପିନ୍ଧନ୍ତି । ସ୍ତ୍ରୀମାନେ ଅଣ୍ଟାରେ କୌପୀନ ଗୁଡ଼ାଇ ସ୍ତନ ଆବରଣ କରନ୍ତି ନାହିଁ । ମୁଣ୍ଡ ଲଣ୍ଡିତ ହୁଅନ୍ତି । କିମ୍ବଦନ୍ତି ଅନୁସାରେ ସେମାନେ ଏପରି ପରିଧାନ କରିବାର କାରଣ ହେଉଛି ଯେ,

Digitized by PPRACHIN, SOA

ଯେତେବେଳେ ରାମ, ଲକ୍ଷ୍ମଣ, ସୀତା ଦଣ୍ଡକାରଣ୍ୟରେ ଥିଲେ, ଦିନେ ସୀତା ଦେବୀ ତମସା ନଦୀରେ ସ୍ନାନ କଲାବେଳେ ତାଙ୍କର ପିନ୍ଧିବା ଲୁଗା ସ୍ରୋତରୁ ତଳକୁ ଖସିପଡ଼ିଥିଲା । ଏବଂ ତଳଆଡ଼ୁ ମଧ୍ୟ କଂଘ ଦିଶୁଥିଲା । ଏହି ସମୟରେ ବଣ୍ଡା ସ୍ତ୍ରୀ-ପୁରୁଷ ଉକ୍ତ ଘାଟକୁ ଗାଧୋଇବାକୁ ଯାଇ ସୀତାଙ୍କୁ ଉକ୍ତ ଅବ୍ୟବସ୍ଥିତ ଅବସ୍ଥାରେ ଦେଖି ଅନାଇ ରହିବାରୁ ସୀତା ଦେବୀ ଅଭିଶାପ ଦେଲେ ଯେ, ସେମାନେ ତାଙ୍କ ଜାତିରେ କେବଳ କୌପୀନ ପିନ୍ଧିବେ ଏବଂ ସ୍ତନ ଆବରଣ କରିବେ ନାହିଁ, କମ୍ବା ସୌନ୍ଦର୍ଯ୍ୟ ପାଇଁ କେଶ ପାଶ କରିବେ ନାହିଁ । ସେହି ଅଭିଶାପ ଜନିତ ବଣ୍ଡାମାନେ ଆଜିସୁଦ୍ଧା ପୂରା ଲୁଗା ପିନ୍ଧନ୍ତି ନାହିଁ ଏବଂ ସ୍ତ୍ରୀମାନେ ସ୍ତନ ଆବରଣ କରନ୍ତି ନାହିଁ ଓ କେଶ ରଖନ୍ତି ନାହିଁ । କିନ୍ତୁ ଏବେ ପ୍ରଚାର ଫଳରେ କ୍ରମଶଃ ଉକ୍ତ ପଦ୍ଧତିରେ ବଦଳିଲାଣି । ସେମାନେ ଲୁଗା ପିନ୍ଧିବାକୁ ଆରମ୍ଭ କଲେଣି । (କୋରାପୁଟର ମୋଟୁ-ମାଲକାନଗିରି ଅଞ୍ଚଳ ଏବେ ଦଣ୍ଡକାରଣ୍ୟ ନାମରେ ସ୍ୱୀକୃତ ହୋଇଛି । ସେଠାରେ ଗୋଟିଏ ଖରସ୍ରୋତା ନଦୀର ନାମ 'ତମସା' ଅଟେ) ।

କୋୟାମାନେ ବେଶୀ ସଂଖ୍ୟାରେ ମୋଟୁ ଅଞ୍ଚଳରେ ବାସ କରନ୍ତି । ସେମାନଙ୍କ ଭାଷାର ଆମ ଓଡ଼ିଆଭାଷା ସହିତ ଆଦୌ ସାମଞ୍ଜସ୍ୟ ନାହିଁ । ତାଙ୍କ ପିଲାଙ୍କ ପକ୍ଷରେ ଇଂରେଜୀ ପଢ଼ିବା ଯେତିକି କଷ୍ଟ, ଓଡ଼ିଆ ପଢ଼ିବା ସେତିକି କଷ୍ଟ । ଆଜିକାଲି ମାଲକାନଗିରି ଯିବା ଅତି ସହଜ । ପିଚୁ ରାସ୍ତା ହୋଇଯାଇଛି । ଦଣ୍ଡକାରଣ୍ୟ ଯୋଜନା ଯୋଗୁଁ ମୋଟୁ-ମାଲକାନଗିରି ଅଞ୍ଚଳ ଗମ୍ୟ ଏବଂ ଅପେକ୍ଷାକୃତ ସ୍ୱାସ୍ଥ୍ୟକର । ଶ୍ୱାପଦସଙ୍କୁଳ ବନ୍ୟ ହିଂସ୍ରଜନ୍ତୁ, ସରୀସୃପ ଓ ବୃଶ୍ଚିକ ଇତ୍ୟାଦି ବିପଦରୁ ଟିକିଏ ମୁକ୍ତ ହୋଇଛି । କିନ୍ତୁ ସେତେବେଳେ (୧୯୫୭-୫୮) ରାସ୍ତା ନଥିଲା । ଅଞ୍ଚଳଟି ଅତ୍ୟନ୍ତ ଅଗମ୍ୟ ଓ ବିପଦପୂର୍ଣ୍ଣ ଥିଲା । ଏହି ଅଞ୍ଚଳରେ ଉକ୍ତ ୨ଟି ଆଶ୍ରମ ସ୍କୁଲ ସ୍ଥାପିତ ହୋଇଥିଲା । କିନ୍ତୁ ବିଭାଗୀୟ କର୍ତ୍ତୃପକ୍ଷଙ୍କର ଅକ୍ଷମଣୀୟ ଉଦାସୀନତା ଓ ଅବହେଳା ଯୋଗୁଁ ସେଠାରେ ପିଲା ନ ହେବାରୁ ସରକାରଙ୍କର ଆଦେଶ ହୋଇଥିଲା ଯେ, ଉକ୍ତ ୨ଟି ସ୍କୁଲ ଉଠିଯିବ । ଏହି ଆଦେଶର ଅର୍ଥ ଯେ, ଯେଉଁ ବଣ୍ଡା ଓ କୋୟା ଜାତିର ଲୋକେ ଓଡ଼ିଶାର ଆଦିବାସୀ-ବାସିନ୍ଦା ହୋଇ ଓଡ଼ିଆ ଆଦୌ ବୁଝନ୍ତି ନାହିଁ ସେମାନଙ୍କର ସନ୍ତାନ ସନ୍ତତିଙ୍କୁ ଆଶ୍ରମ ସ୍କୁଲରେ ସରକାରୀ ଖର୍ଚ୍ଚରେ ଖୁଆଇ, ପିଆଇ ଏବଂ ପିନ୍ଧାଇ କ୍ରମେ କ୍ରମେ ଓଡ଼ିଆ ଶିଖାଇବାର ସରକାରୀ କର୍ତ୍ତବ୍ୟ ପାଳନ ନ କରିବା । ଓଲଟି

Digitized by PPRACHIN, SOA

କର୍ତ୍ତବ୍ୟ ପାଳନ କରିବା ପାଇଁ ଯେଉଁ ଅନୁଷ୍ଠାନ ଏବଂ କର୍ମଗୃହ ଥିଲେ ତାହା ସବୁ ବନ୍ଦ କରି ଦେବା ଏବଂ ଉଠାଇନେବା । ୧୯୩୬ ସାଲରୁ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇଥିଲା । ଇଂରେଜ ସରକାର ସେ ଅଞ୍ଚଳରେ ଓଡ଼ିଆ ଶିକ୍ଷା କିମ୍ବା ଅନ୍ୟ କୌଣସି ପ୍ରକାର ଶିକ୍ଷାପାଇଁ ବ୍ୟବସ୍ଥା କରି ନ ଥିଲେ । ତାଙ୍କର ବା କ'ଣ ଯାଏ ଆସେ । ଆମ ଦେଶରେ ଲୋକପ୍ରତିନିଧି ଶାସନ ୧୯୪୭ ଠାରୁ ହୋଇଥିଲା । ୧୯୪୭ ଠାରୁ ପୂର୍ଣ୍ଣ ସ୍ୱାଧୀନତା ମିଳିଲା । ଅବଶ୍ୟ ବର୍ଷେ ଦେଢ଼ ବର୍ଷ ପାଇଁ ଅଳ୍ପ ଏବଂ ସୀମିତ କ୍ଷମତା-ବିଶିଷ୍ଟ ଲୋକ-ପ୍ରତିନିଧି ଶାସନ ୧୯୩୭-୩୮ରେ ପ୍ରତିଷ୍ଠିତ ଥିଲା । ଭାଷା ଭିତ୍ତିରେ ରାଜ୍ୟ ସୀମା ନିର୍ଦ୍ଧାରଣ ହେଉଛି । ତଥାପି ଆମ୍ଭମାନଙ୍କର ଏତିକି କର୍ତ୍ତବ୍ୟ-ଜ୍ଞାନ ହେଲା ନାହିଁ ଯେ, ଯେଉଁଠାରେ ଅନ୍ୟ ଭାଷାର ପ୍ରଭାବ ଅଛି ଏବଂ ଅଧିକ ପ୍ରସାର ହେବାର ଆଶଙ୍କା, ଅଥଚ ଆମ ଓଡ଼ିଶା ଭିତରେ ସେ ଅଞ୍ଚଳ ଥିଲେ ମଧ୍ୟ ଆମ ଓଡ଼ିଆ ଭାଷାର ପ୍ରଭାବ ରହିବା ତ ଦୂରର କଥା ଲୋକେ ଓଡ଼ିଆ ଜାଣନ୍ତି ନାହିଁ, ଏହିପରି ଏକ ଅଞ୍ଚଳରେ ଓଡ଼ିଆ ଭାଷାର ଏକମାତ୍ର ଶିକ୍ଷା-କେନ୍ଦ୍ର ଆଶ୍ରମ ସ୍କୁଲକୁ ଦୃଷ୍ଟି ନ ଦେଇ ଅବହେଳା କରି, ଶେଷରେ ତାକୁ ଉଠାଇ ଦେବାକୁ ଆଦେଶ ଦେବା ମାନବିକତା ଏବଂ ଓଡ଼ିଆ ଜାତୀୟତା ବିରୋଧୀ କାର୍ଯ୍ୟ ବ୍ୟତୀତ କଣ ହୋଇପାରେ ? ଏହା ହେଉଛି ବିଭାଗୀୟ ଅବହେଳା ଓ ସମଗ୍ର ସରକାରଙ୍କ କର୍ତ୍ତବ୍ୟହୀନତା ।

ମୁଁ ମୋର ମାଲକାନଗିରି ଅଞ୍ଚଳକୁ ଗସ୍ତରେ ଯାଇ ଯେତେବେଳେ ଗୋବିନ୍ଦପାଲି ଆଶ୍ରମ ସ୍କୁଲରେ ପହଞ୍ଚିଲି, ଦେଖିଲି ଜଣେ ପରିଚିତ ଲୋକ ମୋତେ ନମସ୍କାର କଲେ । ସେ ହେଉଛନ୍ତି ଉକ୍ତ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ । ସଙ୍ଗରେ ତ ଅନ୍ୟାନ୍ୟ କର୍ମଗୃହୀ ଥିଲେ । ମୋତେ ଖବର ଦିଆଗଲା ଯେ, ଉଭୟ ଗୋବିନ୍ଦପାଲି ଓ ଗମ୍ଭାକୁଣ୍ଡା ଆଶ୍ରମ ସ୍କୁଲଦ୍ୱୟ ଉଠାଇ ଦେବା ପାଇଁ ତାତ୍କାଳିକ ଡିରେକ୍ଟର (ଯେ କି ସେକ୍ରେଟାରୀ ଥିଲେ) ଆଦେଶ ଦେଇଛନ୍ତି ଯେ, ଯେହେତୁ ବିଦ୍ୟାଳୟରେ ପିଲା ହେଲେ ନାହିଁ ତେଣୁ ଉକ୍ତ ବିଦ୍ୟାଳୟମାନ ଉଠିଯିବ । ଖବର ଶୁଣି ମୁଁ ଯେତିକି ହତାଶ, ମର୍ମାହତ, ଦୁଃଖିତ ଏବଂ ବ୍ୟଥିତ ହେଲି ତଦପେକ୍ଷା ଅଧିକତର କ୍ରୋଧାନ୍ୱିତ ହେଲି । ରାଗିଲେ କିମ୍ବା ବିରକ୍ତି ପ୍ରକାଶ କଲେ ଲାଭ କଣ ହେବ ? ମୁଁ ମନେ ମନେ ଚିନ୍ତାକଲି ଯଦି କାହାର ଟିକିଏ ଓଡ଼ିଆ ପ୍ରୀତି, ଓଡ଼ିଆ ଭାଷା ପ୍ରତି ଟିକିଏ ମମତା ଏବଂ ଆଦର ସମ୍ମାନ ଥିବ ସେ କେବେହେଁ ସମ୍ପୂର୍ଣ୍ଣ

Digitized by PPRACHIN, SOA

ସରକାରୀ ଖର୍ଚ୍ଚରେ ଶିକ୍ଷା, ବିଶେଷତଃ ଓଡ଼ିଆଭାଷା ଶିକ୍ଷା ପ୍ରଚାର କେନ୍ଦ୍ରକୁ ବନ୍ଦ କରିବ ନାହିଁ । ବିଦ୍ୟାଳୟକୁ ଉଠାଇ ଦେବାର ସରକାରୀ ଆଦେଶ ମୁଁ ମାଗିଲି । କିନ୍ତୁ ମୋତେ କୁହାଗଲା ଯେ, ଡିରେକ୍ଟର ମୌଖିକ ଆଦେଶ ଦେଇଛନ୍ତି ; ପରିଦର୍ଶନ ମନ୍ତବ୍ୟସହ ଉଠାଇ ନେବା ଆଦେଶ ଏହି ସପ୍ତାହ ମଧ୍ୟରେ ଭୁବନେଶ୍ୱରରୁ ପଠାଇ ଦେବେ ! ଶିକ୍ଷକ ମହାଶୟ ପୁଣି କହିଲେ ଯେ, ଡିରେକ୍ଟର ସେମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଦ୍ୟାଳୟ ଉଠିଯିବା ଆଦେଶ ପାଇବାମାତ୍ରେ ବିଦ୍ୟାଳୟର ସମସ୍ତ କର୍ମଚାରୀ କୋରାପୁଟକୁ ଫେରିଯିବେ । ସେଠାରେ ନୂତନ ଚାକିରିରେ ଯୋଗ ଦେବେ ।

ଶିକ୍ଷକମାନଙ୍କଠାରୁ ବୁଝିନେଲି ଯେ, ଚେଷ୍ଟା କଲେ ପିଲା ହେବେ । ପିଲାଙ୍କ ବାପ ମାଙ୍କୁ ପନ୍ଦର ଦିନରେ ଥରେ ଅଣାଇ ତାଙ୍କ ଛୁଆଙ୍କ ସଙ୍ଗେ ଦେଖାକରାଇଦେଲେ ସେମାନେ ଆନନ୍ଦରେ ଛୁଆଙ୍କୁ ବିଦ୍ୟାଳୟକୁ ଛାଡ଼ିଦେବେ । ମୁଁ ଦେଖିଲି ଯେ, ଏହା ଅତି ସହଜ । ଶିକ୍ଷକମାନେ ଅତି ସୁନ୍ଦର ଯୁବକ । ସେମାନଙ୍କର ଦେଶ ଓ ଓଡ଼ିଆ ଭାଷା ପ୍ରୀତି ଯଥେଷ୍ଟ । ସେମାନଙ୍କର ଘର ଢେଙ୍କାନାଳ, କଟକ ଓ ଗଞ୍ଜାମ ଜିଲ୍ଲାରେ । ମୁଁ ସେମାନଙ୍କ ପିଠିରେ ହାତ ମାରି କହିଲି ଯେ, ସେମାନେ ଯାହା ଏତିକି ଚାହାନ୍ତି ମୁଁ ତାହା କରାଇଦେବି । ସେ ସମସ୍ତ ବ୍ୟବସ୍ଥା ହେଲା । ଉକ୍ତ ବିଦ୍ୟାଳୟ ଦୁଇଟି ରହିଲା । ମୋଟୁ-ମାଲକାନଗିରି ଅଞ୍ଚଳରେ ଓଡ଼ିଆ ଶିକ୍ଷାର ପ୍ରଚାରର ମୂଳକେନ୍ଦ୍ର ହୋଇ ଏହି ୨ଟି ସ୍କୁଲ କାର୍ଯ୍ୟ କଲେ । ସେହି ବିଦ୍ୟାଳୟରୁ ପିଲାମାନେ ପଢ଼ି ଓଡ଼ିଆ ଭାଷାରେ ପାସ୍ କରି ବର୍ତ୍ତମାନ କେହି କେହି ଏମ୍. ଏଲ୍. ଏ. ଏବଂ କେହି କେହି ପଞ୍ଚାୟତ ସମିତି ଚେୟାରମ୍ୟାନ ଓ କେହି କେହି ସରପଞ୍ଚ ହୋଇ ଅତି ସୁନ୍ଦର ଓଡ଼ିଆ ଭାଷାରେ କହୁଛନ୍ତି, ଲେଖୁଛନ୍ତି ଓ ବକ୍ତୃତା ଦେଉଛନ୍ତି ।

ସେହି ସମୟରେ ମୁଁ ତଦନ୍ତ କରି ଦେଖିଲି ଯେ, ଗୋଟିଏ ଗୋଟିଏ କୋୟା କମ୍ବା ବଣ୍ଡା ଗ୍ରାମରେ ଜଣେ ଦୁଇଜଣ ସୁଦ୍ଧା ଓଡ଼ିଆ ବୁଝନ୍ତି ନାହିଁ । ଗ୍ରାମ ପଞ୍ଚାୟତ କମ୍ବା ତହସିଲ ସ୍ତରୀୟ ଯେଉଁ କର୍ମଚାରୀ ଥିଲେ ସେମାନେ ପ୍ରାୟ ସମସ୍ତେ ତେଲଗୁ କମ୍ବା ଅର୍ଦ୍ଧ ତେଲଗୁ । ଦୋକାନୀ, ବ୍ୟବସାୟୀ ଏବଂ କଣ୍ଟ୍ରାକ୍ଟର-ଠିକାଦାର ସବୁ ତେଲଗୁ କମ୍ବା ମୁସଲମାନ । ତେଣୁ ସମସ୍ତ ସ୍ଥାନୀୟ କର୍ମଚାରୀ ଓ ଶିକ୍ଷକମାନଙ୍କୁ କହିଲି ଯେ, ସେମାନେ ପ୍ରତ୍ୟେକ ଗ୍ରାମକୁ ଯାଇ ଓଡ଼ିଆରେ ସାଧାରଣ କଥାବାର୍ତ୍ତା ଶିଖାଇବେ । ଏ ଦାୟିତ୍ୱ ଦେଇ ୨ୟ ଥର ଗସ୍ତରେ ଗଲାବେଳେ ସେମାନଙ୍କଠାରୁ ଏହି ପରୀକ୍ଷା ନେବି

Digitized by PPRACHIN, SOA

ବୋଲି କହି ଆସିଲି । ୩ ମାସ ପରେ ଗସ୍ତରେ ଯାଇ ଦେଖିଲି ଯେ ସେମାନେ ମୋ ଉପଦେଶ ଅନୁସାରେ କିଛି କିଛି ଓଡ଼ିଆ ଶିଖାଇଥିଲେ । ତା'ପରେ ଏହି କାର୍ଯ୍ୟ ଚାଲିଲା । ଏବେ କ୍ରମଶଃ ଓଡ଼ିଆ ଭାଷା ବଣ୍ଡା ଓ କୋୟାମାନେ ଖଣ୍ଡିଆ ଖଣ୍ଡିଆ କହୁଛନ୍ତି । ଅନ୍ୟ କେହି ଧୀରେ ଧୀରେ କହିଲେ ଓଡ଼ିଆ ବୁଝୁଛନ୍ତି ।

ପୂର୍ବୋକ୍ତମତେ ମୁଁ ଦେଖିଲି ଯେ, ଆଶ୍ରମ ବିଦ୍ୟାଳୟମାନଙ୍କରେ ନାଚ-ତାମସା ଦେଖିବା, ଝର-ଜଙ୍ଗଲର ମନୋରମ ସୌନ୍ଦର୍ଯ୍ୟ ଉପଭୋଗ ପୂର୍ବକ ମଜା ମଜଲିସ କରିବା ସଙ୍ଗେ ସଙ୍ଗେ ଦୁଧ, ଦହି, ମାଛ, ମାଂସ, ଅଣ୍ଡା, ପନି-ପରିବା ଖାଦ୍ୟ ଅତି ସୁଲଭ ଓ ଶସ୍ତାରେ ମିଳିବାରୁ ବିଭାଗୀୟ ଓ ଅଣ-ବିଭାଗୀୟ କର୍ମଚାରୀମାନେ ଘଡିମତ ଗସ୍ତ ପକାଇ ଆଶ୍ରମସ୍ଥ ଅତିଥି ଭବନରେ ରହୁଛନ୍ତି । ଜଳଖିଆ ଚାହା ଏକ ବକ୍ତ ଖାଇବା ପାଇଁ କେବଳ ମାତ୍ର ଆଠ ଅଣା ପଇସା ଦେବାକୁ ହେବ । ଅଥଚ ଗୋଟିଏ ଗୋଟିଏ ମିଲ୍‌ର ଖର୍ଚ୍ଚ ଅନ୍ୟୁନ ୩।୫ ଟଙ୍କା ଏବଂ ସମୟେ ସମୟେ ୮।୧୦ ଟଙ୍କା ହେବ । ଆଶ୍ରମରେ ଦୁହାଁ ଗାଈ ଥିବାରୁ ଦୁଧ, ଦହି, ଛେନା, ଲହୁଣି ଓ ଘିଅ ତ ମିଳେ, କୁକୁଡ଼ା ଏବଂ ହଂସ ଥିବାରୁ ଅଣ୍ଡା ଓ ମାଂସ ଏବଂ ଛେଳି ଥିବାରୁ ବୋଦା-ଖାସିର ତ ଅଭାବ ନ ଥାଏ । ନ ଥିଲେ ଆଦିବାସୀ ଗ୍ରାମ-ମାନଙ୍କରୁ ଏ ସବୁ ସାମଗ୍ରୀ ସୁଲଭରେ ମିଳିପାରେ । ଆଶ୍ରମ ସ୍କୁଲ ବଗିଚା ତ ନାନା ଫୁଲ, ଫଳ, ପନି-ପରିବା ଏବଂ ଶାକ-ଶବଜିରେ ପରିପୂର୍ଣ୍ଣ ଥାଏ । ତେଣୁ ଏହି ସୂତ୍ରରୁ ଏବଂ ବିଦ୍ୟାଳୟ ଉନ୍ନତି ଓ ପିଲାଙ୍କ ମେସିଙ୍ଗ୍ ଖର୍ଚ୍ଚ ବାବଦରୁ କିଛି କିଛି ଖର୍ଚ୍ଚ ତୁଲାଇ ଅତିଥିମାନଙ୍କୁ ଅଭ୍ୟର୍ଥନା କରାଯାଏ । ଗସ୍ତ ସମୟରେ ମୁଁ ମଧ୍ୟ ଅତିଥି ଭବନରେ ରହି ଯେଉଁ ପ୍ରକାରର ଖାଦ୍ୟ ପରିବେଷଣ ଦେଖିଲି ତାର ମୂଲ୍ୟ କୌଣସି ସରକାରୀ ଗେଷ୍ଟ-ହାଉସ୍, ହୋଟେଲ କିମ୍ବା ରେଷ୍ଟୁରେଣ୍ଟରେ ଅନ୍ୟୁନ ୫।୬ ଟଙ୍କାରୁ କମ ହେବ ନାହିଁ । ମୁଁ ସବୁବେଳେ ସାବଧାନ ଥାଏ ଯେ, କର୍ମଚାରୀମାନେ କିପ୍ରକାର ଖାଦ୍ୟ ମୋତେ ଏବଂ ମୋର ସଙ୍ଗରେ ଥିବା ସଙ୍ଗୀ ଓ କର୍ମଚାରୀମାନଙ୍କୁ ଦେଉଛନ୍ତି । ସମୟେ ସମୟେ ମୁଁ ଦେଖେ ଯେ, ୫ଟଙ୍କା ମୂଲ୍ୟର ଖାଦ୍ୟ ଯୋଗାଇ ଦେଇ କିମ୍ବା ଦୁଇ ଟଙ୍କା ମାତ୍ର ଚାର୍ଜ କରୁଛନ୍ତି । ମୁଁ ଜାଞ୍ଚ କରି ଦେଖେ ଯେ, ପ୍ରକୃତ ୫ ଟଙ୍କା ହେବ । ତେଣୁ ୫ ଟଙ୍କା ଦିଏ । କର୍ମଚାରୀମାନେ ସମୟେ ସମୟେ ମନ୍ତ୍ରୀ କିମ୍ବା ଉପରସ୍ଥ କର୍ମଚାରୀଙ୍କୁ ସନ୍ତୁଷ୍ଟ କରିବାକୁ ସ୍ୱତଃ କିମ୍ବା

Digitized by PPRACHIN, SOA

ବାଧ ହୋଇ ହୁଏତ ବିଭାଗୀୟ କୌଣସି ଠିକାଦାର କିମ୍ବା ସମୟେ ସମୟେ ନିଜ ନିଜ ମଧ୍ୟରେ ଚାନ୍ଦା ଅସୁଲ କରି ସୁଷମ ଏବଂ ସୁଖାଦ୍ୟ ଅତି ସୁଲଭରେ ପରିବେଷଣ କରନ୍ତି । ଏପରି ଖାଦ୍ୟ ଖାଇ ଏବଂ ଖୁଆଇ ତାର ଉଚିତ ଦାମ ନ ଦେବା ଏବଂ ନ ନେବା ଅତ୍ୟନ୍ତ ପାପ, ଅଧର୍ମ ଏବଂ ବେ-ସାମାଜିକ ଅଟେ । ଏହା ଏକ ଖୋଲାଖୋଲି ଦୁର୍ନୀତି ମଧ୍ୟ । ତେଣୁ ମୁଁ ବରାବର ମୋ ଗସ୍ତ ସମୟରେ ମୋ ଖାଇବା ଏବଂ ରାନ୍ଧିବା ଜିନିସ, ଅର୍ଥାତ୍ ଡାଲି, ଚାଉଳ ଏବଂ କିଛି ପରିବା, ସଙ୍ଗରେ ନେଇଥାଏ । ଯେଉଁଠାରେ ମୁଁ ଅତି କଠିନ ହୋଇଯାଏ ସମୟେ ସମୟେ ଦେଖେ ଯେ ମାତ୍ର ଦେଢ଼ଟଙ୍କା କିମ୍ବା ସାତସୁ'କା ମୂଲ୍ୟର ଭୋଜନ ଯୋଗାଇ ଅଢ଼ାଇ ବା ତିନି ଟଙ୍କା ଚାର୍ଜ କରି ହୋଇଥାଏ । ତାହା ମୁଁ ଦେଇ ଦିଏ । ୨/୪ ଥର ତଦନ୍ତ କରି ଦେଖିଲି ଯେ, ଦେଢ଼ ଟଙ୍କା ବା ପାଞ୍ଚ ସୁ'କାର ଭୋଜନ ଯୋଗାଇ ଡାକବଙ୍ଗଳାରେ ଅଢ଼େଇ ଟଙ୍କା ଚାର୍ଜ କରି ନେଉଥିଲେ । ଏହାର କାରଣ ଦେଖାଇ ନାଜରମାନେ କହନ୍ତି ଯେ, କୋରାପୁଟ ପ୍ରଭୃତି ଡାକବଙ୍ଗଳାରେ ଯେହେତୁ ଅଢ଼େଇ ଟଙ୍କା ଚାର୍ଜ କରାଯାଉଛି, ତେଣୁ ଏଠାରେ ମଧ୍ୟ ସେହି ଚାର୍ଜ କରାଯାଇଛି । କିନ୍ତୁ କୋରାପୁଟ ଖାଦ୍ୟ ମୂଲ୍ୟର ଅର୍ଦ୍ଧେକ ଏହି ଖାଦ୍ୟର ମୂଲ୍ୟ ହେବନାହିଁ । ଥରେ ମୁଁ ଠିକଣାଖି ତନଖି କରି ଏହା ପ୍ରମାଣ କରାଇଥିଲି ।

ଉପରୋକ୍ତ ଦୁର୍ନୀତି ଏବଂ ବେ-ସାମାଜିକ ପ୍ରଥା ବନ୍ଦ କରିବା ଉଦ୍ଦେଶ୍ୟରେ ମୁଁ ନିର୍ଦ୍ଦେଶ ଦେଲି ଯେ, ଯେଉଁ ଅଫିସର୍ ଯେଉଁ ପ୍ରକାର ଖାଦ୍ୟ ଖାଇବେ, ସେ ସେହି ପରିମାଣରେ ତାର ମୂଲ୍ୟ ଦେବେ । ବିଭାଗୀୟ କର୍ମଚାରୀ ବ୍ୟତୀତ ଅନ୍ୟ କେହି ଯଦି ବାଧ ହୋଇ ଅତିଥି ଭବନରେ ରହି ଯାନ୍ତି ତେବେ ସାଧାରଣତଃ ଏକ ରାତି କିମ୍ବା ବେଶି ହେଲେ ଦିନକରୁ ବେଶି ସମୟ ରହି ପାରିବେ ନାହିଁ । ବିଶେଷ ପରିଦର୍ଶକ ଓ ପରିବ୍ରାଜକଙ୍କ ନିମନ୍ତେ ରହଣି ସମୟ ଦିନେ ବା ଦୁଇଦିନ ଅଧିକା ବଢ଼ାଇ ଦିଆଯାଇ-ପାରେ । ଆମୋଦ ପ୍ରମୋଦ ଉଦ୍ଦେଶ୍ୟରେ କେହି ଅତିଥି ଭବନରେ ରହି ପାରିବେ ନାହିଁ ।

ଆଶ୍ରମ ସ୍କୁଲରେ ବସ୍ତୁତଃ ମୌଳିକ ନୀତିରେ ଶିକ୍ଷା ପ୍ରଦାନର ବ୍ୟବସ୍ଥା କରାଯାଇଥିଲା । ପିଲାମାନେ ନିଜେ ପରିଶ୍ରମ କରିବେ, ରୋଜଗାର କରିବେ ଏବଂ ଉକ୍ତ ରୋଜଗାରରୁ ସେମାନେ ମଧ୍ୟ କିଛି ଉପଭୋଗ କରିବେ । କିନ୍ତୁ କ୍ରମେ କ୍ରମେ ଆଶ୍ରମ ବିଦ୍ୟାଳୟମାନଙ୍କରେ ନୃତ୍ୟ-ଗୀତ-ସଙ୍ଗୀତର

Digitized by PPRACHIN, SOA

ପ୍ରାଧାନ୍ୟ ବୃଦ୍ଧି ପାଇଲା ଏବଂ ଶିକ୍ଷା ଓ ଶ୍ରମର ହ୍ରାସ ହେବାକୁ ଲାଗିଲା । ମୁଁ ନିର୍ଦ୍ଦେଶାତ୍ମକ ଉପଦେଶ ଦେଲି ଯେ, ଆଶ୍ରମ-ଶିକ୍ଷା ଯୁଗପତ୍ ଜ୍ଞାନ ଏବଂ ଧନ-ଅର୍ଜନ-ଅଭିମୁଖୀ ହେବା ନିମନ୍ତେ ଉଚିତ୍ । ଏହି ଉଦ୍ଦେଶ୍ୟ ପୂରଣ ନିମନ୍ତେ ସମସ୍ତେ ନିଜ ନିଜ କର୍ତ୍ତବ୍ୟ ପୂରଣ କରନ୍ତୁ । ମୋର ମତ ଏବଂ ନିର୍ଦ୍ଦେଶ ହେଲା, "Earning and Learning should go together" (ଜ୍ଞାନ ଏବଂ ଧନ ଅର୍ଜନ ଏକ ସଙ୍ଗେ ହେବ)। ଅବଶ୍ୟ ଅବସର ବିନୋଦନ ନିମନ୍ତେ ଖେଳ, କସରତ, ବାଦ୍ୟ, ନୃତ୍ୟ, ଗୀତ ଏବଂ ସଙ୍ଗୀତ ଦରକାର । କିନ୍ତୁ ତାହା ପ୍ରାଧାନ୍ୟ ଲାଭ କରି ଧନ ଏବଂ ଜ୍ଞାନ ଅର୍ଜନକୁ ଗୌଣ କରାଇବ ନାହିଁ । ମୁଁ ଦେଖିଲି, କ୍ରମଶଃ ମୋର ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ ହେଲା ।

ଆଶ୍ରମ ସ୍କୁଲଗୁଡ଼ିକ ଶିକ୍ଷା ଏବଂ ଉତ୍ପାଦନ-କେନ୍ଦ୍ର କରିବାର ମତ ସ୍ଥିର କରାଗଲା । ପ୍ରତ୍ୟେକ ଆଶ୍ରମ ବିଦ୍ୟାଳୟରେ ଯେଉଁ ବଢ଼େଇଶାଳର ବ୍ୟବସ୍ଥା ଥିଲା ତାହା ଦ୍ୱିଗୁଣିତ କରାଗଲା । ସେଠାର ଉତ୍ପନ୍ନ ସାମଗ୍ରୀମାନ ପେଷାଦାର ବଢ଼େଇଙ୍କ ସାମଗ୍ରୀଠାରୁ ରୂପ, ଗୁଣ ଏବଂ ସୌନ୍ଦର୍ଯ୍ୟରେ ଊଣା ନ ଥିଲା । ବାଡ଼-ବଗିଚା ସଜାଇ ପନି-ପରିବା, ଶାକ-ଶବଜି ଏବଂ ଫୁଲ-ଫଳ ଉତ୍ପାଦନ କରିବା ବିଦ୍ୟାଳୟର ଏକ ଚିତ୍ତାକର୍ଷକ ଓ ଉପଭୋଗ୍ୟ ଦୃଶ୍ୟ । ଏହାକୁ ଅଧିକତର ଲୋଭନୀୟ, ନୟନାଭିରାମ, ଚିତ୍ତାକର୍ଷକ ଓ ଲାଭଜନକ କରିବା ଉଦ୍ଦେଶ୍ୟରେ ଆମ୍ବ, ପଣସ, ଲେମ୍ବୁ, କମଳା, ସପେଟା, ଅମୃତଭଣ୍ଡା, କଦଳୀ ଏବଂ ନଡ଼ିଆ ଓଗେର ଫଳଗଛ ବ୍ୟବସାୟାତ୍ମକ ଉଦ୍ଦେଶ୍ୟରେ ଲଗାଇବାର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ହୋଇ ତାହା କାର୍ଯ୍ୟକାରୀ ହେଲା ।

ପ୍ରତ୍ୟେକ ଆଶ୍ରମ ସ୍କୁଲରେ ଗୋଟିଏ ଗୋଟିଏ ବନୌଷଧି ବଗିଚା (medicinal herbs garden) କରିବାର ନିଷ୍ପତ୍ତି କରାଗଲା ; ଏବଂ ତାହା କାର୍ଯ୍ୟକାରୀ ହେଲା । କୋରାପୁଟ ଜିଲ୍ଲାର ସୁନାବେଡ଼ା ଆଶ୍ରମ ବିଦ୍ୟାଳୟର ବନୌଷଧି ଉଦ୍ୟାନ ଯେପରି ଲୋଭନୀୟ ସେହିପରି ଆଦର୍ଶସ୍ଥାନୀୟ । କେତେକ ଆଶ୍ରମ ସ୍କୁଲର ଗୋଲାପଗଛ ଏବଂ ଫୁଲର ପ୍ରାଚୁର୍ଯ୍ୟ ଲକ୍ଷ୍ୟ କରି ନିର୍ଦ୍ଦେଶ ଦେଇଥିଲି ଯେ ବହୁଳ ପରିମାଣରେ ଗୋଲାପ ଗଛ ଲଗାଇ ଫୁଲରୁ ଅତର ତିଆରି ହେଉ । ୨୧୩ଟି ଆଶ୍ରମ ବିଦ୍ୟାଳୟରେ ପୋଦିନାର ପ୍ରାଚୁର୍ଯ୍ୟ ସନ୍ଦର୍ଶନ କରି ସେଠାରେ ଅର୍କ ପ୍ରସ୍ତୁତ କରିବାକୁ ଉପଦେଶ ଦେଇଥିଲି । ଏହି ସବୁ କାରଖାନା ବିଦ୍ୟାଳୟ ହତା ମଧ୍ୟରେ

Digitized by PPRACHIN, SOA

ହେଲେ ଗ୍ରାମ ଗ୍ରାମୀମାନେ ନିଯୁକ୍ତି ପାଇବେ ଏବଂ ପଢ଼ିସାରିଲା ପରେ ସେମାନେ ମଧ୍ୟ ନିଜେ ନିଜେ ସ୍ୱାଧୀନ ଭାବରେ ଉକ୍ତ ବିଷୟରେ କ୍ଷୁଦ୍ର କ୍ଷୁଦ୍ର ଶିଳ୍ପ କରିପାରିବେ । ମୋର ଏ କଳ୍ପନା ବାସ୍ତବତାରେ ପରିଣତ ହେବା ପୂର୍ବରୁ ମନ୍ତ୍ରୀମଣ୍ଡଳ ଭାଙ୍ଗି ୧୯୫୯ର କଂଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ମୁଁ ଏହି ମନ୍ତ୍ରୀମଣ୍ଡଳରେ ସ୍ଥାନ ପାଇନଥିଲି । ୧୯୬୧ ମନ୍ତ୍ରିମଣ୍ଡଳରେ ଯଦିଚ ପ୍ରଥମାବସ୍ଥାରେ ମୁଁ ଏହି ବିଭାଗର ଦାୟିତ୍ୱରେ ଥିଲି ଅଳ୍ପ କେତେ ମାସ ପରେ ତାହା ଆଉ ଜଣେ ମନ୍ତ୍ରୀଙ୍କର ଦାୟିତ୍ୱରେ ରହିଲା ।

ମୁଁ ଦେଖିଲି ଯେ ଆଦିବାସୀ-ହରିଜନମାନଙ୍କ ନିମନ୍ତେ ଚାକିରି ବାକିରିରେ ଯେଉଁ ସଂରକ୍ଷଣ ଅଛି ତାହା ସେମାନେ ଉପଭୋଗ କରି ପାରୁ-ନାହାନ୍ତି । ଉଚ୍ଚ ବର୍ଣ୍ଣର ଲୋକମାନେ ନିଯୁକ୍ତି ଦେବା ସ୍ଥାନରେ ଅଧିଷ୍ଠିତ ହୋଇଥିବାରୁ ସେମାନେ ଏମାନଙ୍କର ସ୍ୱାର୍ଥସଂରକ୍ଷଣରେ ଅବହେଳା ପ୍ରଦର୍ଶନ କରୁଥିବାର ବହୁଳ ପ୍ରମାଣ ମୋତେ ମିଳିଲା । ସମୟେ ସମୟେ କର୍ମଚାରୀମାନେ କହନ୍ତି ଯେ ଆଦିବାସୀ ଏବଂ ହରିଜନମାନେ ଶିକ୍ଷିତ ହୋଇ ନ ଥିବାରୁ ସେମାନେ ଚାକିରିରେ ତାଙ୍କ ଅଂଶ (quota) ପାଇ ପାରୁ-ନାହାନ୍ତି । ତେଣୁ ମୋତେ ଏହି ଜାତିମାନଙ୍କ ଶିକ୍ଷିତ ଏବଂ ଅର୍ଦ୍ଧ-ଶିକ୍ଷିତ ଯୁବକ-ଯୁବତୀଙ୍କର ଏକ ତାଲିକା ପ୍ରସ୍ତୁତ କରି ଉକ୍ତ ତାଲିକା ଅନୁସାରେ ସେମାନଙ୍କୁ ଚାକିରିରେ ମୁକରର କରାଇବାକୁ ପଡ଼ିଲା । ଏମାନଙ୍କୁ ଚାକିରି ଦେବାରେ ରାଜ୍ୟ ସରକାରଙ୍କ ଅପେକ୍ଷା କେନ୍ଦ୍ର ସରକାର ଅଧିକତର ଦୃଷ୍ଟି ଦେଉଥିଲେ । ଶ୍ରୀ ଜଗଜୀବନ ରାମ ଯୋଗାଯୋଗ (Communication) ବିଭାଗର ମନ୍ତ୍ରୀ ଥିଲାବେଳେ ଅତି ତୀକ୍ଷ୍ଣ ନଜର ଦେଇଥିଲେ ଯେ, ଅନ୍ତତଃ ତାଙ୍କ ନିଜ ବିଭାଗରେ ଆଦିବାସୀ ଏବଂ ହରିଜନମାନେ ସଂରକ୍ଷିତ ସଂଖ୍ୟାରେ ଚାକିରି ପା'ନ୍ତି । ରେଳବାଇରେ ୪ର୍ଥ ଶ୍ରେଣୀ ଚାକିରି ହରିଜନ ଏବଂ ଆଦିବାସୀଙ୍କ ପାଇଁ ଯାହା ସଂରକ୍ଷିତ ଥାଏ ସେଥି ମଧ୍ୟରୁ ହରିଜନମାନେ କେବଳ ତାଙ୍କ ଅଂଶ ପାଆନ୍ତି ; କାରଣ ସେମାନେ ଅପେକ୍ଷାକୃତ ଗ୍ରାମ୍ୟ ଏବଂ ଝାଡ଼ୁଦେବା ଇତ୍ୟାଦି କାମରେ ଥାଇ କୌଣସି ପ୍ରକାର ଚାକିରି ଅଛି ବୋଲି ଜାଣିପାରି ଦାବୀ କରନ୍ତି । କିନ୍ତୁ ଆଦିବାସୀମାନେ ଜଙ୍ଗଲ ଅଞ୍ଚଳରେ ଥିବାରୁ ତାଙ୍କ କଥା ବୁଝନ୍ତି ନାହିଁ । ଆଦିବାସୀ ପ୍ରାର୍ଥୀ ମିଳୁ ନ ଥିବା ବାହାନାରେ ଉକ୍ତ ସଂରକ୍ଷିତ ଚାକିରି ସବୁ ଲାଞ୍ଚ ନେଇ ଅନ୍ୟମାନଙ୍କୁ

Digitized by PPRACHIN, SOA

ଦେଉଥିଲେ । ଏ ବିଷୟ ମୋର କାନକୁ ଆସିଲାକ୍ଷଣି ମୁଁ ଓଡ଼ିଶାର ଚାରିଆଡ଼ୁ ଆଦିବାସୀ ପ୍ରାର୍ଥୀଙ୍କୁ ଡକାଇ ରେଳବାଇ କର୍ତ୍ତୃପକ୍ଷଙ୍କ ଆଗରେ ଏକ ସମୟରେ ୮୦୦ ପର୍ଯ୍ୟନ୍ତ ପ୍ରାର୍ଥୀ ଜମା କରାଇଲି । ବିଭିନ୍ନ ଯୋଗ୍ୟତା-ବିଶିଷ୍ଟ ଏତେ ସଂଖ୍ୟକ ପ୍ରାର୍ଥୀଙ୍କର ସମାବେଶ ଯୋଗୁଁ ରେଳବାଇ କର୍ମଚାରୀ-ମାନେ ଲଜ୍ଜିତ ହେଲେ । ଆବଶ୍ୟକମତେ ତାଙ୍କ ମଧ୍ୟରୁ ପ୍ରାୟ ୮୦ ଜଣ ପର୍ଯ୍ୟନ୍ତ ଲୋକଙ୍କୁ ନିଯୁକ୍ତି ଦେଲେ । ଏହି ସମାବେଶରେ ଯେଉଁ ଆଦିବାସୀ ଯୁବକମାନେ ମାଟ୍ରିକୁ୍ୟଲେଶନ ବା ତଦୁର୍ଦ୍ଧ୍ୱ ଯୋଗ୍ୟତାବିଶିଷ୍ଟ ଥିଲେ ସେମାନଙ୍କୁ କଲିକତା ପଠାଇ ସେଠାରେ ରେଳବାଇରେ ଚାକିରି ଦେବାର ବ୍ୟବସ୍ଥା କରାଗଲା । ମୋର ପୂର୍ଣ୍ଣ ହୃଦ୍‌ବୋଧ ହେଲା ଯେ, ଆଦିବାସୀମାନଙ୍କ ପାଇଁ ଯେଉଁ ଚାକିରି ସବୁ ସଂରକ୍ଷିତ ହୋଇଥାଏ ପ୍ରାର୍ଥୀ ନ ମିଳିବା ବାହାନା ଦେଇ ଉତ୍କୋଚ ଗ୍ରହଣ କରି ସେଥିରେ ଅଣ-ଆଦିବାସୀଙ୍କୁ ନିଯୁକ୍ତି ଦିଅନ୍ତି । ମୁଁ ଯେତେବେଳେ ଦେଖାଇଦେଲି ଯେ, ଶହ ଶହ ସଂଖ୍ୟାରେ ଯୋଗ୍ୟ ଆଦିବାସୀ ପ୍ରାର୍ଥୀ ମିଳିପାରୁଛନ୍ତି ସେମାନେ ଲଜ୍ଜିତ ଏବଂ ଶଙ୍କିତ ହୋଇ କ୍ଷମା ମାଗିଲେ । ଏହି ସମୟରେ ଓ. ଏମ୍. ପି. ଓ ମିଲିଟାରୀ ନିଯୁକ୍ତିର କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅନୁରୋଧ କରିଥିଲି । ସେମାନେ ଆସି ଏହି ୮୦୦ ପ୍ରାର୍ଥୀଙ୍କ ମଧ୍ୟରୁ କେତେକ ଉପଯୁକ୍ତ ଯୁବକଙ୍କୁ ପୋଲିସ ଓ ମିଲିଟାରୀରେ ନିଯୁକ୍ତି ଦେଇଥିଲେ । ମୋର ପୂର୍ଣ୍ଣ ବିଶ୍ୱାସ ଯେ, ଯଦି ବିଭାଗୀୟ ମନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ସହାନୁଭୂତିର ସହିତ ଆଦିବାସୀ ଏବଂ ହରିଜନ ସମସ୍ୟା ପ୍ରତି ତୀକ୍ଷ୍ଣ ଏବଂ ଆନ୍ତରିକ ଦୃଷ୍ଟି ଦେବେ ତେବେ ସେମାନେ ଅବହେଳିତ ହୋଇ ରହିବେ ନାହିଁ ।

Digitized by PPRACHIN, SOA

ଅସ୍ପୃଶ୍ୟତା ଦୂରୀକରଣ

ଅସ୍ପୃଶ୍ୟତା ଆମ ଦେଶରେ, ବିଶେଷତଃ ହିନ୍ଦୁ ସମାଜରେ ଏକ ସାମାଜିକ କୁ-ପ୍ରଥା, କୁ-ସଂସ୍କାର ଏବଂ ବ୍ୟାଧି । ଏ ବ୍ୟାଧି ଏତେ ପୁରାତନ ଯେ, ଏହା ଦୂର କରିବାକୁ ମଧ୍ୟ ବହୁ ସମୟ ଲାଗିବ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅସ୍ପୃଶ୍ୟତା ନିବାରଣ ନିମନ୍ତେ ସମ୍ବିଧାନରେ ନିର୍ଦ୍ଦେଶ ଅଛି । ଏହାର ଦୂରୀକରଣ ନିମନ୍ତେ ସ୍ୱତନ୍ତ୍ର ଆଇନ ଅଛି ଏବଂ ଏହା ପୋଲିସ-ଧର୍ତ୍ତବ୍ୟ ଅପରାଧ ଅଟେ । ତଥାପି ଏ ବ୍ୟାଧି ହିନ୍ଦୁ ସମାଜର ଅସ୍ଥି-ମଜ୍ଜାଗତ ହୋଇଥିବାରୁ ଏହାକୁ ଦୂର କରିବା ନିମନ୍ତେ ସଂଯମ ଓ ଧୈର୍ଯ୍ୟ ଦରକାର । ମୁଁ ଦେଖେ, କେତେକ ଲୋକ ଅସ୍ପୃଶ୍ୟତା ଦେଖିଲେ ବା ଅନୁଭବ କଲେ ଅତି ବିଚଳିତ, ଅସଂଯତ, ଅଧୈର୍ଯ୍ୟ ଓ କ୍ରୋଧିତ ହୁଅନ୍ତି । କିନ୍ତୁ ମୋ ମନରେ ସେପରି କିଛି ବିକାର ହୁଏ ନାହିଁ । ଏ ସାମାଜିକ ପ୍ରଥା ସମୟ-କ୍ରମେ ସ୍ୱତଃ ବିଲୋପ ହୋଇଯିବ । ଗାନ୍ଧୀଜୀ ଏ ବିଷୟରେ ତାଙ୍କର କାର୍ଯ୍ୟକ୍ରମ ଆରମ୍ଭ କରିବା ଦିନ-ଠାରୁ ଏହା ଆଶାତୀତ ଭାବରେ ଦୂରୀଭୂତ ହୋଇଛି । ବାକି ଯାହା ଅଛି ତାହା ମଧ୍ୟ ଦୂର ହୋଇଯିବ ।

ଜଣେ ସମାଜସେବୀ ଏବଂ କଂଗ୍ରେସ ବ୍ୟକ୍ତି ହିସାବରେ ମୋର ଅସ୍ପୃଶ୍ୟତାରେ ଆଦୌ ବିଶ୍ୱାସ ନାହିଁ, କିମ୍ବା ଶୀଘ୍ର ସମସ୍ତେ ଏହା ସମାଜରୁ ଦୂର ହୋଇଯିବ ବୋଲି ମଧ୍ୟ ଆଶା ନାହିଁ । ଯେଉଁ ବ୍ୟାଧି ଯେତିକି ପୁରୁଣା ତାହା ଆରୋଗ୍ୟ ହେବାକୁ ସେତିକି ଅଧିକ ସମୟ ଲାଗିବ । ଏହାର ନିବାରଣ ନିମନ୍ତେ ମୁଁ ମୋର ସର୍ବସାଧାରଣ ଜୀବନରେ ହଜାର ହଜାର ସଭାରେ ଭାଷଣ ଦେଇଛି; ପଂକ୍ତି ଭୋଜନ କରାଇଛି; ନିଜ ବସାରେ ହରିଜନ ଆଦିବାସୀଙ୍କୁ ରଖି ନିଃସଙ୍କୋଚରେ ପାକ, ପାନ, ଭୋଜନ କାରବାର କରିଛି । କେତେକଙ୍କ ବିରୋଧରେ ମକଦ୍ଦମା ମଧ୍ୟ କରାଇଛି । କିନ୍ତୁ ତଥାପି ଦେଖୁଛି ଯେ, ଲୋକଙ୍କ ମନ ଭିତରେ ଛୁଆଁ ଅଛୁଆଁ ଭାବ ଅଛି ।

Digitized by PPRACHIN, SOA

ଆଦିବାସୀ ଏବଂ ଗ୍ରାମ-ମଙ୍ଗଳ ବିଭାଗର ଦୁଇଥର ମନ୍ତ୍ରୀ ଥାଇ ମୁଁ ମନେ ମନେ ସ୍ଥିର କରିଥିଲି ଯେ, ମୁଁ ମୋର ରାଜନୈତିକ, ଶାସନତାନ୍ତ୍ରିକ, ସାମାଜିକ ଏବଂ ସାଂସ୍କୃତିକ ପ୍ରଭାବ ପ୍ରୟୋଗ କରି ଅତ୍ୟନ୍ତ ଧୈର୍ଯ୍ୟ ଏବଂ ସଂଯମର ସହିତ ଆଦିବାସୀ ଏବଂ ହରିଜନମାନଙ୍କର ଅର୍ଥନୈତିକ ଉନ୍ନତି ସଙ୍ଗେ ସଙ୍ଗେ ସମାଜରୁ ଛୁଆଁ ଅଛୁଆଁ ଭେଦଭାବ ଦୂର କରିବାରେ ଚେଷ୍ଟା କରିବି ।

କେବଳ ତଥାକଥିତ ଉଚ୍ଚବର୍ଣ୍ଣମାନେ ଯେ ତଥାକଥିତ ନୀଚ ବର୍ଣ୍ଣ-ମାନଙ୍କୁ ଅସ୍ପୃଶ୍ୟ ବୋଲି ଭାବନ୍ତି ତାହା ନୁହେ । ଉଚ୍ଚ ବର୍ଣ୍ଣ ମଧ୍ୟରେ ଅସ୍ପୃଶ୍ୟତା ଅଛି । ଜଣେ ଶ୍ରୋତ୍ରୀୟ ବ୍ରାହ୍ମଣ ଜଣେ ଅବ୍ରାହ୍ମଣକୁ ଛୁଇଁବ ନାହିଁ । ଏପରିକି ଗ୍ରାମମାନଙ୍କରେ ବହୁ ବ୍ରାହ୍ମଣ ଗାଧୋଇଲା ପରେ ଅବ୍ରାହ୍ମଣ, ବିଶେ-ଷତଃ ପାଠକ୍ଷ ଜାତିକୁ ଛୁଅନ୍ତିନାହିଁ । ଜଣେ ଚଷା କିମ୍ବା ଖଣ୍ଡାୟତ ଜାତିର ସ୍ତ୍ରୀ ଲୋକ ଜଣେ ତନ୍ତି, ତେଲୀ, କୁମ୍ଭାର କିମ୍ବା କମାର ଜାତିର ସ୍ତ୍ରୀ ଲୋକକୁ ଛୁଇଁବାକୁ ଘୃଣା କରିବ । ଓପରଓଳି ଛୁଇଁଲେ ଲୁଗା ଧୋଇବାର ମୁଁ ଦେଖିଛି । ଜଣେ ପାଠକ୍ଷ ସ୍ତ୍ରୀ ଅନ୍ୟ ଜଣେ ପାଠକ୍ଷ ସ୍ତ୍ରୀକୁ ମଧ୍ୟ ଓପରଓଳି ଛୁଇଁବ ନାହିଁ । ଏକ ଜାତିରେ ମଧ୍ୟ ଅଛୁଆଁ ଭାବ ଅଛି ଏବଂ ଖିଆ ପିଆ ହୁଏ ନାହିଁ । ଏକ ଜାତିର ବ୍ରାହ୍ମଣ ଅନ୍ୟ ଜାତିର ବ୍ରାହ୍ମଣ ଘରେ ବିବାହ ସମ୍ପର୍କ କରନ୍ତି ନାହିଁ କିମ୍ବା ଖିଆପିଆ କରନ୍ତି ନାହିଁ । କେତେକ କ୍ଷତ୍ରିୟ ଜାତିର ଲୋକ ଅନ୍ୟ କ୍ଷତ୍ରିୟ ଜାତିରୁ ବିବାହ ସୂତ୍ରରେ କନ୍ୟା ଆଣନ୍ତି । କନ୍ୟା ଘର ଶ୍ରେଷ୍ଠ କ୍ଷତ୍ରିୟ ଜାତି ବୋଲି ତା'ଘରୁ ଖା'ନ୍ତି ନାହିଁ । କନ୍ୟା ଘରୁ ଖାଇବା ଖୋରାକି (ration) ଆଣି ନିଜେ ରୋଷେଇ କରି ଖା'ନ୍ତି ।

ନୀଚ ବର୍ଣ୍ଣ ମଧ୍ୟରେ ମଧ୍ୟ ଛୁଆଁ ଅଛୁଆଁ ଭାବ ଅତି ପ୍ରବଳ । ଏକ ଶ୍ରେଣୀର ହରିଜନ କିମ୍ବା ଏକ ଶ୍ରେଣୀର ଆଦିବାସୀ ଅନ୍ୟ ଶ୍ରେଣୀର ହରିଜନ କିମ୍ବା ଆଦିବାସୀଙ୍କଠାରୁ ନିଜକୁ 'ବଡ଼ ଜାତି ବୋଲି ମନେ କରି ତାଙ୍କୁ ସ୍ପର୍ଶ କରନ୍ତି ନାହିଁ । ଖିଆପିଆ ଏବଂ ବିବାହ କରିବା ତ ଦୂରର କଥା, ପାଣମାନେ ହାଡ଼ି, ଡମ ଓ ଡଅଁଳା ଜାତିକୁ ଛୁଇଁବେ ନାହିଁ । ଛୁଇଁଲେ ସେମାନେ ଗାଧୋଇବେ । ଜଣେ ଡଅଁଳା ଜାତିର ଲୋକ ପାଣ ଘରକୁ ପଶିଗଲେ ପାଣମାନେ ଗାଧୋଇବେ ଓ ଘର ଲିପିବେ । ଅଥଚ ଡଅଁଳାମାନେ ଚଷା, ବ୍ରାହ୍ମଣ, କ୍ଷତ୍ରିୟ ଖଣ୍ଡାୟତ ଓ ପାଠକ୍ଷ ଜାତିରେ ହଳିଆ ମୂଲିଆ ଭାବେ କାର୍ଯ୍ୟ କରି ରୋଷେଇ ଘରର ହାଣ୍ଡି ବ୍ୟତୀତ ଅନ୍ୟ ସବୁ ଛୁଅଁନ୍ତି । ପାଣମାନେ

Digitized by PPRACHIN, SOA

ହାଡ଼ି ଏବଂ ଘାସିଙ୍କ ହାତରୁ ପାଣି ଛୁଅନ୍ତି ନାହିଁ । ଆଦିବାସୀମାନଙ୍କ ମଧ୍ୟରେ ଏହି ପ୍ରଥା । ଗଣ୍ଡମାନେ ରଜା ଓ ବ୍ରାହ୍ମଣ ଘରେ ଭୋଜନ କରନ୍ତି ନାହିଁ ।

ଏହିପରି ଦେଖିବାକୁ ଗଲେ ହୃଦ୍‌ବୋଧ ହେବ ଯେ ଅସ୍ପୃଶ୍ୟତା ହିନ୍ଦୁ ସମାଜର ଏକ ଜଟିଳ ଏବଂ କୁଟିଳ ସମସ୍ୟା । ଏହାର ଦୂରୀକରଣ ଆଇନ କାନୁନରେ ଅସମ୍ଭବ । ମନର ପରିବର୍ତ୍ତନ ଏ ସାମାଜିକ ପୁରାତନ ବ୍ୟାଧିର ଏକମାତ୍ର ମହୌଷଧି ।

ଅସ୍ପୃଶ୍ୟତା ସମସ୍ୟାର ଏହି ବ୍ୟାପକ ଜଟିଳତାକୁ ମୁଁ ଆଖି ଆଗରେ ରଖି ତାର ନିବାରଣ ପାଇଁ କାର୍ଯ୍ୟ କରେ । ଜଣେ ସର୍ବସାଧାରଣ ବ୍ୟକ୍ତି କିମ୍ବା ମନ୍ତ୍ରୀ ହିସାବରେ ଯେତେବେଳେ ଯେଉଁ ସ୍ଥାନରେ କିଛି କହେ ବା କରେ ମୁଁ କେବେ କୌଣସି ନିର୍ଦ୍ଦିଷ୍ଟ ଶ୍ରେଣୀକୁ ଦୋଷ ଦିଏ ନାହିଁ । ମୋର ଏ ମନୋଭାବ ଜାଣି ଯେଉଁମାନେ ତଥାକଥିତ ସବର୍ଣ୍ଣ ଏବଂ ଅସବର୍ଣ୍ଣ ବୋଲି ୨ଟି ଶ୍ରେଣୀ ଭାବି ଏ ସମସ୍ୟା ସମାଧାନରେ ବ୍ରତୀ ହୁଅନ୍ତି ସେମାନେ ମୋତେ ସମାଲୋଚନା କରନ୍ତି । ମୁଁ କିନ୍ତୁ ହିନ୍ଦୁ ସମାଜରେ ସମସ୍ତ ଜାତିକୁ ସମାଲୋଚନା କରେ । ସେମାନଙ୍କୁ ଅନୁନୟ, ବିନୟ ଏବଂ ପ୍ରାର୍ଥନା ଓ ଅନୁରୋଧ କରେ ଯେ ସେମାନେ ନିଜ ନିଜ ମନରୁ ଏ କଳୁଷ ଦୂର କରନ୍ତୁ । ମୁଁ ଏତିକି ମାତ୍ର ଚାହେଁ ଯେ ଛୁଆଁ ଅଛୁଆଁ ଭେଦ ଭାବ ପ୍ରଥମେ ମନରୁ ଦୂର ହେଉ । ଏ ସମ୍ପର୍କରେ ଗାନ୍ଧୀଜୀଙ୍କୁ ଥରେ ପ୍ରଶ୍ନ କରାଯାଇଥିଲା ଯେ, ସେ ଅସ୍ପୃଶ୍ୟତା ଦୂରୀକରଣର ଅର୍ଥ ଏବଂ ପରିସର କ'ଣ ବିଚାରୁଛନ୍ତି ଯେ ସମସ୍ତେ ଏକ ଜାତି ହୋଇ ଏକାଠି ଖିଆପିଆ ଏବଂ ବିବାହ ସମ୍ବନ୍ଧ କରିବେ ? ଗାନ୍ଧୀଜୀ ଉତ୍ତରରେ କହିଥିଲେ, 'ମୋର ଚିନ୍ତାର ପରିସର ହେଉଛି ଯେ, ପହଲେ ଛୁଆଁ ଛୁତ୍ ମିଟ୍‌ଜାନା ଚାହିୟେ, ଲେକିନ୍ ରୋଟି ବେଟି କା ସମ୍ବନ୍ଧ ନହିଁ ହୋନା ଚାହିୟେ ।' ଭାରତର, ବିଶେଷତଃ ହିନ୍ଦୁ ସମାଜର ଜଟିଳ ଅସ୍ପୃଶ୍ୟତାକୁ ବିଚାର କରି ମୁଁ ଗାନ୍ଧୀଜୀଙ୍କର ଉଲ୍ଲିଖିତ ଉକ୍ତି ଅନୁସାରେ କାର୍ଯ୍ୟ କରୁଛି ଏବଂ ଆଶା ଭରସା ରଖି ଧୈର୍ଯ୍ୟ ଓ ସଂଯମର ସହିତ କାର୍ଯ୍ୟ କଲେ ଧୀରେ ଧୀରେ ଏ ସାମାଜିକ ବ୍ୟାଧି ଆରୋଗ୍ୟ ହୋଇ ଆମ ସମାଜ ସୁସ୍ଥ ଏବଂ ସବଳ ହେବ ବୋଲି ଦୃଢ଼ ଧାରଣା କରୁଛି ।

Digitized by PPRACHIN, SOA

କୃଷି

ଏଥର ମନ୍ତ୍ରୀତ୍ୱରେ କୃଷି ମୋର ଅନ୍ୟ ଏକ ବିଭାଗ ଥିଲା । ଭାରତ ସରକାର ଓ ରାଜ୍ୟ ସରକାରମାନେ କୃଷିର ଉନ୍ନତିକଳ୍ପେ ଅତ୍ୟନ୍ତ ଉଦ୍‌ବିଗ୍ନ ହୋଇ ବହୁମୁଖୀ ଯୋଜନାମାନ କରୁଥିଲେ । ଏତେବେଳକୁ ଭାରତର ଖାଦ୍ୟାଭାବ ପଡ଼ୁଥିଲା । ଆମେରିକା, କାନାଡ଼ା ଏବଂ ଅଷ୍ଟ୍ରେଲିଆ ପ୍ରଭୃତି ଦେଶମାନଙ୍କରୁ ଗହମ ଇତ୍ୟାଦି ଖାଦ୍ୟଦ୍ରବ୍ୟମାନ ଆମଦାନି ହୋଇ ଭାରତର ଚାହିଦା ପୂରଣ କରାଯାଉଥିଲା । ତେଣୁ ଅଧିକ ଶସ୍ୟ ଉତ୍ପାଦନ ଉଦ୍ଦେଶ୍ୟରେ କୃଷିର ଉନ୍ନତିକୁ ଅଗ୍ରାଧିକାର ଦିଆଯାଉଥିଲା ।

ଜଣେ କୃଷକ ହିସାବରେ ମୋର କୃଷି ସମ୍ପର୍କରେ ଅନ୍ୟାନ୍ୟ ମନ୍ତ୍ରୀ, ରାଜନୈତିକ ବ୍ୟକ୍ତି ଏବଂ ଅଫିସରମାନଙ୍କ ଅପେକ୍ଷା ଅଧିକତର ସମ୍ୟକ ଜ୍ଞାନ ଥିଲା ଏବଂ ଅଛି । ଆଲୋଚନା ଏବଂ ପାଠଚକ୍ରମାନଙ୍କରେ (Seminar) ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କର ଚର୍ବିତ-ଚର୍ବଣ ମତ ଓ କାର୍ଯ୍ୟକୁ ମୁଁ ନିର୍ମମ ଭାବେ ସମାଲୋଚନା କରୁଥିଲି ଏବଂ କୃଷିର ବାସ୍ତବ ଉନ୍ନତି ଦୃଷ୍ଟିରୁ କୃଷକମାନଙ୍କର ଆଶୁ ଚାହିଦାକୁ ଅଗ୍ରାଧିକାର ଦେବା ପାଇଁ ସରକାରକୁ ବାଧ କରୁଥିଲି । ମୁଁ ଯେତେଦିନ ପର୍ଯ୍ୟନ୍ତ ଏହି ବିଭାଗର ଦାୟିତ୍ୱରେ ଥିଲି ମୋର ଚିନ୍ତା ଅନୁସାରେ କାର୍ଯ୍ୟ କରିବାକୁ ଉଦ୍ୟତ ହେଉଥିଲି । କର୍ମଚାରୀମାନଙ୍କଠାରୁ କ୍ଷଣେ କ୍ଷଣେ ବାଧା ଏବଂ ଅସହଯୋଗର ସୂଚନା ପାଉଥିଲି ।

ରାଜ୍ୟରେ କୃଷିର ଉନ୍ନତି ନିମନ୍ତେ ମୋର ପ୍ରଥମ କଳ୍ପନା ଥିଲା ଏକ କୃଷି-ବିଶ୍ୱବିଦ୍ୟାଳୟ ସ୍ଥାପନ କରିବା । ଅବଶ୍ୟ ଆଗରୁ ଯେ ମନ୍ତ୍ରୀ ଥିଲେ ତାଙ୍କର ମଧ୍ୟ ମୋ ସଦୃଶ ଚିନ୍ତା ଥିଲା । କିନ୍ତୁ ଏ ଚିନ୍ତା ଏବଂ କଳ୍ପନାକୁ ରୂପ ରେଖ ଦେଇ କାର୍ଯ୍ୟରେ ପରିଣତ କରିବା କର୍ତ୍ତବ୍ୟ ମୋର ହେଲା । କେତେକ ସମୟରେ ସରକାରଙ୍କ ତରଫରୁ ଯାହା କରାଯାଏ ରାଜନୈତିକ ବ୍ୟକ୍ତି ଓ ଦଳମାନେ ସେଥିରେ ନାନା ବାଧା ଉପୁଜାନ୍ତି । ଏଥିରେ ମଧ୍ୟ ତାହା

Digitized by PPRACHIN, SOA

ଅନୁଭୂତ ହେଲା । କିନ୍ତୁ ଏ ବାଧାକୁ ଅତିକ୍ରମ କରି ମୁଁ ବିଶ୍ୱବିଦ୍ୟାଳୟ ସ୍ଥାପନରେ ଅଗ୍ରସର ହେଲି ।

ଏହି ସମୟରେ ଭାରତ ସରକାର ସମଗ୍ର ଭାରତବର୍ଷରେ ୪ଟି କୃଷି-ବିଶ୍ୱବିଦ୍ୟାଳୟ ସ୍ଥାପନ ନିମନ୍ତେ ଯୋଜନା କରିଥାନ୍ତି । ଭାରତର ପ୍ରତ୍ୟେକ ରାଜ୍ୟ ବା ପ୍ରଦେଶ ଚେଷ୍ଟା କରୁଥାନ୍ତି କିପରି ତାଙ୍କ ନିଜ ରାଜ୍ୟରେ ଏଥିରୁ ଗୋଟିଏ ସ୍ଥାପିତ ହେବ । ସେଥିପାଇଁ ନାନା ପ୍ରକାର ଟଣା ଓଟରା ଚାଲି-ଥାଏ । ଭାରତର ଖାଦ୍ୟ ଅନାଟନ ସମୟରେ ଓଡ଼ିଶା ଏକ ବଳକା ପ୍ରଦେଶ ବୋଲି ବିବେଚିତ ହୋଇଥାଏ । ତେଣୁ ଓଡ଼ିଶାରୁ ଚାଉଳ ଭାରତର ଅନ୍ୟାନ୍ୟ ଅଞ୍ଚଳକୁ ବିଶେଷତଃ ବଙ୍ଗଳା ଏବଂ କେରଳକୁ ରପ୍ତାନି ହେଉ ଥାଏ । ଏହି କାରଣରୁ ଅକାଟ୍ୟ ଯୁକ୍ତି ଦେଖାଇ ଏହି ୪ଟି ବିଶ୍ୱବିଦ୍ୟାଳୟ ମଧ୍ୟରୁ ଗୋଟିଏ ଓଡ଼ିଶାରେ ସ୍ଥାପିତ ହେଉ ବୋଲି ଦୃଢ଼ ଦାବୀ କରାଗଲା । କେନ୍ଦ୍ର ସରକାର ଏଥିରେ ରାଜି ହେଲେ । ବିହାର, ବଙ୍ଗଳା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟ ଦାବୀ କରୁଥିଲେ । ଶେଷକୁ ସ୍ଥିର ହେଲା ଯେ, ଏହି ବିଶ୍ୱ-ବିଦ୍ୟାଳୟଟି ଓଡ଼ିଶାରେ ହେବ ଏବଂ ତାହା ଭୁବନେଶ୍ୱରଠାରେ ଅବସ୍ଥାପିତ ହେବ ।

ସ୍ଥିର ହେଲା ପରେ ପ୍ରଶ୍ନ ହେଲା ଯେ, ସାଧାରଣ ଗତାନୁଗତିକ ଭାବରେ ଏହି ବିଶ୍ୱ-ବିଦ୍ୟାଳୟଟି ସ୍ଥାପିତ ହେବ ନା ଏହାର କିଛି ବିଶେଷତ୍ୱ ରହିବ । ଶେଷରେ ନିଶ୍ଚିତ କରାଗଲା ଯେ, ଆମେରିକାର ଲ୍ୟାଣ୍ଡ ଗ୍ରାଣ୍ଟ କଲେଜ ନମୁନାରେ ଏ ବିଶ୍ୱ-ବିଦ୍ୟାଳୟଟି ସ୍ଥାପିତ ଏବଂ ପରିଚାଳିତ ହେବ । ତାହାହିଁ ହେଲା । ଯୁକ୍ତରାଜ୍ୟ ଆମେରିକାର ତାତ୍କାଳିକ ଭାରତସ୍ଥ ରାଷ୍ଟ୍ରଦୂତ ମିଷ୍ଟର ଗାଲବ୍ରେଥଙ୍କଦ୍ୱାରା ଏହି ବିଶ୍ୱ-ବିଦ୍ୟାଳୟକୁ ଉଦ୍‌ଘାଟିତ କରାଗଲା । ବିଭାଗୀୟ ମନ୍ତ୍ରୀ ହିସାବରେ ମୁଁ ବୋର୍ଡ-ଅଫ୍-ମାନେଜ୍‌ମେଣ୍ଟ୍‌ର ପ୍ରଥମ ଚେୟାରମ୍ୟାନ୍ ହେଲି ।

ବିଶ୍ୱ-ବିଦ୍ୟାଳୟଟି ତ ଉଦ୍‌ଘାଟିତ ହେଲା । କିନ୍ତୁ ପରିଚାଳନା, ବିଶେଷତଃ କର୍ମଚାରୀ ନିଯୁକ୍ତିରେ ଭାରି ମାର-ପେଞ୍ଚ ମତ ଓ ଜାତିଆଣ ମନୋଭାବ ଅନୁଭୂତ ହେଲା ! ଅତ୍ୟନ୍ତ ଦୃଢ଼ତାର ସହିତ ମୋତେ ଏ ସବୁ ବାଧା ବିଘ୍ନ ଅତିକ୍ରମ କରିବାକୁ ପଡ଼ିଲା ।

କୃଷି ବିଷୟରେ ମୋର ଆଭିମୁଖ୍ୟ ହେଲା ଯେ, ଏହାକୁ (କୃଷିକୁ) ଏକ ଶିଳ୍ପରେ ପରିଣତ କରାଯାଉ । ଏହି ଶିଳ୍ପ ବ୍ୟକ୍ତିଗତ ମାଲିକାନା

Digitized by PPRACHIN, SOA

ଭିତ୍ତିରେ କ୍ଷୁଦ୍ର ଏବଂ ମଧ୍ୟମ ଆକାରରେ ପରିଚାଳିତ ହେଉ । ସେଥିପାଇଁ ଶିଳ୍ପପତିମାନେ ସରକାରରୁ କମ ସୁଧରେ ଦୀର୍ଘ-ମିଆଦ ପରିଶୋଧରେ ଯେପରି ଋଣ ଇତ୍ୟାଦି ପାନ୍ତି, ବିଜୁଳି ଶକ୍ତି ଇତ୍ୟାଦି ଅନ୍ୟାନ୍ୟ ସୁବିଧାମାନ ଯେପରି ଅଳ୍ପ ରେଟରେ ପାନ୍ତି, ଚାଷୀ ଏବଂ କୃଷକମାନେ ମଧ୍ୟ ସେହିପରି ସୁବିଧା ପାଆନ୍ତୁ । ଜଳସେଚନର ପ୍ରଚୁର ବ୍ୟବସ୍ଥା କରାଯାଉ । ମୋର ମତ ଥିଲା ସାଧାରଣ ବର୍ଷା ପାଣି ନାଳକୁ, ନାଳ ପାଣି ନଦୀକୁ ଏବଂ ନଦୀ ପାଣି ସମୁଦ୍ରକୁ ବହି ନ ଯାଇ ଅକାମି ନ ହେଉ । ବରଂ ସରକାରଙ୍କ ତରଫରୁ ଏପରି ବ୍ୟବସ୍ଥା ହେବା ଦରକାର ଯେ, ଏହି ସବୁ ବର୍ଷା ଜଳ ଯଥାସ୍ଥାନରେ ଯଥାରୀତିରେ ଜଳଭଣ୍ଡାର କରି ସାଇତି ରଖାଯାଇ ଆବଶ୍ୟକ ସମୟରେ ତାହା ବ୍ୟବହାରପୂର୍ବକ ପ୍ରତ୍ୟେକ ଜମିରୁ ବର୍ଷକୁ ଅନ୍ତତଃ ଦୁଇଟି ଫସଲ ଉତ୍ପାଦନ କରାଯାଉ । ଏ କାର୍ଯ୍ୟ କରିବା ପାଇଁ ସରକାରଙ୍କଠାରେ ଅର୍ଥର ଅଭାବ ହେଲେ ସରକାର କରଜ କରି ଜଳ-ସେଚନ ବ୍ୟବସ୍ଥା କରନ୍ତୁ । ଅନ୍ତତଃ କିଛି ବର୍ଷ ପାଇଁ ଅନ୍ୟାନ୍ୟ ଯୋଜନାରୁ ଖର୍ଚ୍ଚ କମାଇ ଜଳ ଯୋଜନାରେ ଅଧିକତର ବ୍ୟୟ କରାଯାଉ । ଏଥିପାଇଁ ପ୍ରଜାଙ୍କଠାରୁ ଉଚିତ ପରିମାଣରେ ଜଳ-କର ମଧ୍ୟ ଅସୁଲ କରି ଏ ସମ୍ପର୍କୀୟ କରଜ ପରିଶୋଧ ଓ ଜଳ-ସେଚନ ଯୋଜନାମାନଙ୍କର ରକ୍ଷଣାବେକ୍ଷଣ ଖର୍ଚ୍ଚ ମେଣ୍ଟାନ୍ତୁ ।

କୃଷି ଏବଂ ଏହାର ଉନ୍ନତି ସମ୍ପର୍କରେ ସରକାରୀ କୃଷି ବିଶାରଦ ଓ କୃଷି-ବୈଜ୍ଞାନିକମାନେ ଯେଉଁ ଉପଦେଶ ଦିଅନ୍ତି ତାହା ଅତି ଉତ୍ତମ ହେଲେ ସୁଦ୍ଧା ଅନୁଭୂତି ଦୃଷ୍ଟିରୁ ସମୟେ ସମୟେ ମୋତେ ଭଲ ଲାଗେ ନାହିଁ । ସେମାନଙ୍କର ଗବେଷଣାର ଫଳକୁ ସେମାନେ ନିଜେ ସରକାରୀ ଫାର୍ମମାନଙ୍କରେ କାର୍ଯ୍ୟାନ୍ୱିତ କରି କରାଇ କୃଷକମାନଙ୍କୁ କହନ୍ତି ଯେ ସେମାନଙ୍କ (ଗବେଷକଙ୍କ) ଉପଦେଶମତେ ଚାଷୀମାନେ କାର୍ଯ୍ୟ କଲେ ଲାଭବାନ୍ ହେବେ । ଅବଶ୍ୟ ଚାଷୀମାନେ ଲାଭବାନ ହୁଅନ୍ତି ଏବଂ ହେଉ-ଛନ୍ତି । କିନ୍ତୁ ଉକ୍ତ ଗବେଷକମାନଙ୍କ ଉପଦେଶ ଅନୁସାରେ ନୁହେ ।

ମୁଁ କୃଷିବିଶାରଦ ଏବଂ ଗବେଷକମାନଙ୍କୁ ବିଶେଷତଃ ସରକାରୀ ନିର୍ଦ୍ଦେଶକ, ଫାର୍ମ ପରିଚାଳକ ଓ ନିରୀକ୍ଷକମାନଙ୍କୁ କହେ ଯେ, ସେମାନେ ତାଙ୍କ ଗବେଷଣାକୁ ଭିତ୍ତି ଓ ଅନୁସରଣ କରି ଯେଉଁ ଫଳ ପାଆନ୍ତି ତାହାର ଅର୍ଥନୈତିକ ମୂଲ୍ୟ ଅଛି କି ? ଅର୍ଥାତ୍ ସେମାନେ ଯେଉଁ ପରିମାଣରେ

Digitized by PPRACHIN, SOA

ଖର୍ଚ୍ଚ କରି ଯାହା ଉତ୍ପନ୍ନ କରନ୍ତି ତାହା ଖର୍ଚ୍ଚ ତୁଳନାରେ କେତେ ଲାଭ ହୁଏ, ବା ସମତୁଲ ହୁଏ, ବା କ୍ଷତି ଦେଖାଏ ? ଏହାର ଉତ୍ତରରେ ସେମାନେ କହନ୍ତି ଯେ, ଯେହେତୁ ଗବେଷଣାଦ୍ୱାରା ଏହା ଉତ୍ପାଦନ ହେଉଛି ତେଣୁ ଲାଭ ନ ହୋଇ କ୍ଷତି ହେଉଛି । ଏଥିରେ ମୋର ଉତ୍ତର ହୁଏ ଯେ, ଯଦି ତାଙ୍କ ମତରେ ତାଙ୍କ ଗବେଷଣାକୁ ସାଧାରଣ କୃଷକ କାର୍ଯ୍ୟକାରୀ କରି କ୍ଷତି - ଗ୍ରସ୍ତ ହୁଏ ତେବେ ସେମାନେ ଏ କୃଷି-ଶିଳ୍ପ ବା କୃଷି-ବ୍ୟବସାୟ କାହିଁକି କରିବେ ? ଏ ପ୍ରଶ୍ନର ଉତ୍ତର ସେମାନେ ଦେଇନପାରି ମନେ ମନେ ଦୁଃଖିତ ହେବାର ଅନୁଭବ ମୁଁ ପାଇଛି । ଏହାପରି ଆଲୋଚନା ସମ୍ପର୍କରେ ସରକାରୀ କୃଷି-ଫାର୍ମ ଏବଂ ଗୃହପାଳିତ ପଶୁ ପକ୍ଷୀ ଫାର୍ମମାନଙ୍କର ଆୟ ବ୍ୟୟ ଅର୍ଥାତ୍ ଆର୍ଥିକ ମୂଲ୍ୟ କଥା ଅତି ଗୁରୁତର ଭାବେ ମୁଁ ଆଲୋଚନା କରେ ଏବଂ କରାଏ । ଏହା ଜଣାଶୁଣା କଥା ଯେ, କୌଣସି ପ୍ରକାର ସରକାରୀ ଫାର୍ମ ଲାଭଜନକ ନୁହେ । ଅଥଚ ସରକାରୀ ଫାର୍ମମାନଙ୍କରେ ଦେଶ ବିଦେଶରୁ ଶିକ୍ଷା ଏବଂ ଜ୍ଞାନପ୍ରାପ୍ତ କୃଷିବିଶାରଦ ଓ କୃଷି ବୈଜ୍ଞାନିକ ଏବଂ ଗବେଷକମାନେ ଉପଦେଷ୍ଟା, ନିର୍ଦ୍ଦେଶକ, ନିରୀକ୍ଷକ ଏବଂ ପରିଚାଳକ ରୂପେ କାମ କରନ୍ତି । ଏହି ଫାର୍ମମାନଙ୍କରେ ଉତ୍ତମ ସାର, ବିହନ, କୀଟ-ପତଙ୍ଗନାଶକ ଔଷଧ, ଦେଶୀ-ବିଦେଶୀ କୃଷି ଯନ୍ତ୍ରପାତି ଏବଂ ଜଳସେଚନର ଅଭାବ ନ ଥାଏ । ଉତ୍ତମ ମଜୁରୀ ଓ ଦରମା ପାଇ ଶାନ୍ତି ସନ୍ତୋଷରେ ଥିବା ଶ୍ରମିକମାନେ ମଧ୍ୟ କାମ କରନ୍ତି । ତଥାପି କାହିଁକି କ୍ଷତି ହେଉଛି ? ସଙ୍ଗେ ସଙ୍ଗେ ମୁଁ ମଧ୍ୟ କହେ ସାଧାରଣ କୃଷକଠାରେ ସରକାରୀ ଫାର୍ମରେ ମିଳିପାରୁଥିବା ଉପର୍ଯ୍ୟୁକ୍ତ ଆବଶ୍ୟକତା ସବୁତୋ ଭାବେ ଏବଂ ସବୁତୋ ପରିମାଣରେ ନଥାଇ ମଧ୍ୟ ସେ (କୃଷକ) ଲାଭବାନ ହୋଇ ତାର ଗୁଜୁରାଣ ମେଣ୍ଟାଏ । ତେବେ ଏତେ କୃଷିବିଶାରଦ ଥାଇ, ଏତେ ଅନୁକୂଳ ପରିସ୍ଥିତିରେ କୃଷି କାମ କରି କରାଇ ଫାର୍ମମାନଙ୍କରେ କାହିଁକି ଲାଭ ହୁଏ ନାହିଁ ? ଉତ୍ତରରେ କର୍ମଚାରୀବୃନ୍ଦ ନାନା ବାହାନା ଓ କାରଣ ଦର୍ଶାନ୍ତି । ସେମାନେ ଏକ ପ୍ରଧାନ କାରଣ ଦେଖାନ୍ତି ଯେ, ସରକାରୀ ଫାର୍ମ ଏବଂ ମତ୍ସ୍ୟକୃଷି-କ୍ଷେତ୍ର ଗବେଷଣା କେନ୍ଦ୍ର ହୋଇଥିବାରୁ ଲାଭ ନ ହୋଇ କ୍ଷତି ହେବ । ମୁଁ ଜବାବରେ କହେ ଯେ, ପ୍ରତ୍ୟେକ ଫାର୍ମର ଏକ-ଚତୁର୍ଥାଂଶ ଗବେଷଣା କେନ୍ଦ୍ର ଏବଂ ତିନ ଚତୁର୍ଥାଂଶ ଅର୍ଥନୈତିକ ଅର୍ଥାତ୍ ବ୍ୟବସାୟାତ୍ମକ ବା ଶିଳ୍ପାତ୍ମକ ଫାର୍ମ ଭାବେ କାର୍ଯ୍ୟ କରି ଲାଭ ଦେଖାଇ-

Digitized by PPRACHIN, SOA

ଦିଅନ୍ତି । ଉତ୍ତର କିଛି ଆସେ ନାହିଁ । ମନରେ ସେମାନେ ଅସନ୍ତୁଷ୍ଟ ହୁଅନ୍ତି ଏବଂ ବୋଧହୁଏ ଭାବନ୍ତି ଯେ, ଏ ମନ୍ତ୍ରୀ ଜଣେ ଏକଜିଦିଆ ଏବଂ ଅବୁଝା ଲୋକ । କିନ୍ତୁ ଆଶା ଏବଂ ସୁଖର କଥା ଯେ କେହି କେହି ତଳ କର୍ମଚାରୀ ଅର୍ଥାତ୍ ଫାର୍ମ ସୁପରଭାଇଜର କହନ୍ତି ଯେ, କାମ କରିବାରେ ଏବଂ କରାଇବାରେ ବ୍ୟକ୍ତିଗତ କୃଷକର ଖର୍ଚ୍ଚ କରିବାର ଯେଉଁ ସ୍ୱାଧୀନତା ଅଛି ଉକ୍ତ ସ୍ୱାଧୀନତା ସେମାନଙ୍କୁ ମିଳିଲେ ସେମାନେ ଲାଭ ଦେଖାଇପାରିବେ । ମୁଁ ଉକ୍ତ ସୁବିଧା ଏବଂ ସ୍ୱାଧୀନତା ଦେବାକୁ ରାଜି ହୋଇଥିଲି । ଏପରି ଆଲୋଚନା, ଉପଦେଶ ଏବଂ ନିର୍ଦ୍ଦେଶରେ ବିଭାଗୀୟ କର୍ମଚାରୀମାନେ ସତର୍କ ହୋଇ କାମ କରିବାକୁ ପ୍ରସ୍ତୁତ ହେଲେ ଏବଂ କେତେକ ଫାର୍ମରେ ସେହି ପ୍ରେରଣା ଅନୁସାରେ କାମ ଆରମ୍ଭ ହେଲା । ବର୍ତ୍ତମାନ କଣ ହେଉଛି ମୁଁ ଜାଣିବାର ସମୟ କିମ୍ବା ଅବକାଶ ପାଇ ନାହିଁ ।

ପୂର୍ବୋକ୍ତ ମତେ ଭାରତ ସରକାର କୃଷିର ଉନ୍ନତି ପାଇଁ ଅତ୍ୟନ୍ତ ବ୍ୟଗ୍ର ଏବଂ ବ୍ୟାକୁଳ । ପ୍ରତି ଯୋଜନାରେ କୃଷିକୁ ଅଗ୍ରାଧିକାର ଦେଇ ବହୁ ଅର୍ଥର ବ୍ୟବସ୍ଥା କରନ୍ତି । କେବଳ ଆମ ସରକାର କାହିଁକି ଭାରତ ସରକାରଙ୍କର ମଧ୍ୟ ଏକ ଦୋଷ ଯେ କୃଷିର ଉନ୍ନତି ପାଇଁ ପ୍ରଥମେ ସାରକୁ ସ୍ଥାନ ଦିଅନ୍ତି । ସାର ଅବଶ୍ୟ ଦରକାର । କିନ୍ତୁ କୃଷିର ମୂଳ ହେଉଛି ଜଳ । ବିନା ଜଳରେ କୌଣସି ଉଦ୍ଭିଦ ଜନ୍ମିବ ନାହିଁ, କିମ୍ବା ଜନ୍ମିଥିଲେ ମଧ୍ୟ ଫଳ ପାଚିବା ପୂର୍ବରୁ କୌଣସି ସମୟରେ ଜଳର ଅଭାବ ପଡ଼ିଲେ ଆମଦାନୀ ଆଦୌ ହେବ ନାହିଁ । ପ୍ରତିବର୍ଷ ସାଧାରଣତଃ କୃଷକମାନେ ଯେଉଁ ପରିମାଣରେ ଖାଦ୍ୟ ଜିନିସ ଉତ୍ପାଦନ କରି ପାରନ୍ତେ ଜଳ ଅଭାବରୁ ତାହା କରି ପାରୁନାହାନ୍ତି । ଜଳାଭାବ ଏବଂ ମରୁଡ଼ି ଜନିତ ଚାଷୀକୁଳ ନିଜେ କ୍ଷତିଗ୍ରସ୍ତ ହୋଇ, ନିଜେ ଖାଇବାକୁ ନ ପାଇ ଅନ୍ୟକୁ ଖାଇବାକୁ ଦେଇପାରୁ-ନାହାନ୍ତି । ତେଣୁ ଭାରତ ବର୍ଷରେ ଯେଉଁଠାରେ ଜଳସେଚନର ବ୍ୟବସ୍ଥା ନାହିଁ ସେଠାରେ ଅନ୍ୟ କିଛି ବ୍ୟବସ୍ଥା କରିବା ପୂର୍ବରୁ ସମସ୍ତ ଅର୍ଥ ଜଳ ସେଚନ ନିମନ୍ତେ ଖର୍ଚ୍ଚ କରିବା ଦରକାର । କିନ୍ତୁ ଏକଥା ଯେତେ ବୁଝାଇ କହିଲେ ସୁଦ୍ଧା, ଭାରତ ସରକାର ବୁଝନ୍ତି ନାହିଁ, କିମ୍ବା ଆମ ସରକାରଙ୍କର ଯୋଜନା ବିଭାଗୀୟ ମନ୍ତ୍ରୀ ଓ କର୍ମଚାରୀବୃନ୍ଦ ଏବଂ ଏପରିକି ମୁଖ୍ୟମନ୍ତ୍ରୀ ମଧ୍ୟ ବୁଝନ୍ତି ନାହିଁ । ସେମାନେ କହନ୍ତି ଯେ, ଯୋଜନାମତେ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶକୁ ମାନି ଚଳିବାକୁ ପଡ଼ିବ । ଉତ୍ତରରେ ମୁଁ କହେ, "ଯାହା

Digitized by PPRACHIN, SOA

ଶିଖାଇଛି ଜଣାଧାସ୍ତରେ ବରାଙ୍ଗୀ ।" ଜଳସେଚନର ଆବଶ୍ୟକ ବ୍ୟବସ୍ଥା ନ ଥାଇ ସାର ଏବଂ ଟ୍ରାକ୍ଟର ଇତ୍ୟାଦିର ବ୍ୟବସ୍ଥା କରିବା ଅର୍ଥ "ଘୋଡ଼ା ଆଗରେ ଗାଡ଼ି ଯୋଚି କିମ୍ବା ଗାଡ଼ି ପଛରେ ବଳଦ ଯୋଚି ଗାଡ଼ି ଚଳାଇବା ଢଙ୍ଗେ ସମାନ ହେବ" ବୋଲି ମୁଁ କହେ । ମୁଁ ଯୁକ୍ତି କରି ଦେଖାଏ ଯେ, ରାଜ୍ୟ ମଧ୍ୟରେ ଯୋଜନାର ପରିବର୍ତ୍ତନ କେନ୍ଦ୍ର ସରକାରଙ୍କର ଅନୁମତିରେ କରାଯାଇପାରେ । ତେଣୁ ଆମ୍ଭେମାନେ ଏଠାରେ ପରିବର୍ତ୍ତନ କରି ଜଳସେଚନ ଉଦ୍ଦେଶ୍ୟରେ ପ୍ରାପ୍ତ ସମସ୍ତ ଅର୍ଥ ଖଟାଇବା । ସମୟେ ସମୟେ ତୀବ୍ର ଏବଂ ଗୁରୁତର ଆଲୋଚନା-ସମାଲୋଚନାରେ କଥାବାର୍ତ୍ତା ଶେଷ ହୁଏ । ପରିଶେଷରେ ମୋ କଥା ଗ୍ରହଣ କଲେ ସୁଦ୍ଧା ତଦନୁସାରେ କାର୍ଯ୍ୟ କରାଯାଇପାରେ ନାହିଁ ।

କୃଷି ଉନ୍ନତି ସମ୍ପର୍କୀୟ ଉପର୍ଯ୍ୟୁକ୍ତ ଯୋଜନାରେ ଆଉ ଏକ ବିରାଟ ତ୍ରୁଟି ଲକ୍ଷ୍ୟ କରି ପ୍ରତିବାଦ କରେ । ଏଥିରେ ସମୟେ ସମୟେ ସଫଳ ହୁଏ । ତାହା ହେଉଛି ଯେତେବେଳେ କୃଷିକୁ ଅଗ୍ରାଧିକାର ଦେଇ ଯୋଜନାରେ ପ୍ରଚୁର ଅର୍ଥର ବ୍ୟବସ୍ଥା ହୁଏ ତାତ୍କାଳିକ ଡେଭେଲପ୍‌ମେଣ୍ଟ କମିସନର୍ ଏବଂ ଚିଫ୍ ସେକ୍ରେଟାରୀ ଶ୍ରୀ ଶିବରମଣ ପ୍ରଥମେ ଗୁଡ଼ିଏ ଉଚ୍ଚ ପୋଷ୍ଟ ସୃଷ୍ଟି କରନ୍ତି । ପ୍ରାପ୍ତ ଏକତୃତୀୟାଂଶ ବ୍ୟବସ୍ଥିତ ଅର୍ଥ ଏହି ନୂତନ ଚାକିରିରେ ବ୍ୟୟ ହୋଇଯାଏ । ଅଫିସରମାନଙ୍କର ଏହା ଏକ ଧାରଣା ଯେ, ଅଧିକା ଟଙ୍କା ଖର୍ଚ୍ଚ କରିବାକୁ ହେଲେ ଅଧିକ ଅଫିସର ଲୋଡ଼ା । ବାସ୍ତବରେ ଅଫିସର ଦରକାର ପଡ଼ନ୍ତୁ ବା ନ ପଡ଼ନ୍ତୁ ବିଭାଗୀୟ କର୍ମଚାରୀ-ମାନେ ପ୍ରଥମେ ଇଚ୍ଛା କରନ୍ତି ଯେ, ଯଦି ଅଧିକ ପୋଷ୍ଟ ସୃଷ୍ଟି ହେବ ତେବେ ସେମାନଙ୍କ ମଧ୍ୟରୁ କେହି କେହି ନିଜେ ପ୍ରମୋଶନ ପାଇବେ, କିମ୍ବା ତାଙ୍କର ସାଙ୍ଗ-ସାଥୀ ଓ ପ୍ରିୟ ଜନମାନେ ଉକ୍ତ ଚାକିରି ପାଇବେ । ତେଣୁ ସେମାନେ ଚାକିରି ସୃଷ୍ଟି ପାଇଁ ନାନା ବାହାନା ଓ ଯୁକ୍ତି ଦେଖାଇ ସୁନ୍ଦର ମେମୋରାଣ୍ଡମ୍ ପ୍ରସ୍ତୁତ କରି ଥୋଇଦିଅନ୍ତି । ଚାକିରି ସୃଷ୍ଟି ଯେ କେବଳ କୃଷି ବିଭାଗରେ ହୁଏ ତାହା ନୁହେ । ଅନ୍ୟାନ୍ୟ ବିଭାଗମାନଙ୍କରେ ମଧ୍ୟ ହୁଏ । କିନ୍ତୁ କୃଷି ବିଭାଗରେ ଏହା ବହୁଳ ପରିମାଣରେ ହୋଇଛି ।

ବିଭାଗୀୟ ମନ୍ତ୍ରୀ, କୃଷି ଓ ବୈଷୟିକ ବିଶ୍ୱ-ବିଦ୍ୟାଳୟର ପରି-ଚାଳନା ବୋର୍ଡ଼ର ଚେୟାର୍‌ମ୍ୟାନ୍ ଏବଂ ଜଣେ ଅଭିଜ୍ଞ କୃଷକ ଭାବେ କୃଷିର ଉନ୍ନତି ପାଇଁ ମୁଁ ଏବଂ ମୋର କେତେକ ସହଯୋଗୀ ମନ୍ତ୍ରୀ ଚେଷ୍ଟା କରି-

Digitized by PPRACHIN, SOA

ଥିଲେ ସୁଦ୍ଧା କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଗତାନୁଗତିକ ମନୋଭାବ ଓ ମାତ୍ର ନିୟମ ଯୋଗୁଁ ନାନା ବାଧା ବିଘ୍ନର ସମ୍ମୁଖୀନ ହୋଇଥିଲୁ । କିନ୍ତୁ ତା ସତ୍ତ୍ୱେ ମୋର ଯୁକ୍ତି କେନ୍ଦ୍ର ସରକାରଙ୍କ ଉପରେ ସମ୍ୟକ ପରିମାଣରେ ପ୍ରଭାବ ପକାଇପାରିଥିଲା । ଥରେ ଦିଲ୍ଲୀରେ ଏକ ସମ୍ମିଳନୀରେ ଚେୟାର-ମ୍ୟାନ୍ ରୂପେ କାର୍ଯ୍ୟ କରୁଥିବା ମନ୍ତ୍ରୀ ମହୋଦୟ ମୋର ମତକୁ ଗ୍ରହଣ କରିଥିଲେ ଏବଂ ଆଶ୍ୱାସନା ଦେଇଥିଲେ, ଯେ ମୁଁ ଯେଉଁ ସବୁ ତ୍ରୁଟି ଦେଖାଉଅଛି ତାହା ଦୂର ଏବଂ ସଂଶୋଧନ କରିବାକୁ ସେ ଚେଷ୍ଟା କରିବେ ।

Digitized by PPRACHIN, SOA

ଚୀନ ଯୁଦ୍ଧ

୧୯୬୨ ସେପ୍‌ଟେମ୍ବର-ଅକ୍ଟୋବରରେ ଚୀନ ଭାରତ ଯୁଦ୍ଧ ହେଲା । ଯୁଦ୍ଧର କାରଣ ହେଉଛି, ଭାରତ ଉପରେ ଚୀନର ଲୋଲୁପ ଦୃଷ୍ଟି, ଚୀନର ସାମ୍ରାଜ୍ୟ ବିସ୍ତାର ମନୋଭାବ ଏବଂ ଭାରତର ଚୀନ ପ୍ରତି ଅତିରିକ୍ତ ବନ୍ଧୁତା ଏବଂ ବିଶ୍ୱାସ । ଚୀନ ମିତ୍ର ରାଜ୍ୟର ବନ୍ଧୁତ୍ୱକୁ ବନ୍ଧନରେ ପକାଇ ବିଶ୍ୱାସରେ ବିଷ ଦେଲା । ଦେଶରକ୍ଷା (defence) ସମ୍ପର୍କରେ ସ୍ୱର୍ଗତ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜହରଲାଲ ନେହେରୁଙ୍କ ଦୂରଦୃଷ୍ଟିର ଅଭାବ ଏବଂ ଚୀନ ପ୍ରତି ଅତି ବିଶ୍ୱାସ ଓ ଭାରତୀୟ କମ୍ୟୁନିଷ୍ଟ ବା ସାମ୍ୟବାଦୀଙ୍କ ପ୍ରତି ମମତା ଏହି ଯୁଦ୍ଧ ପାଇଁ ଦାୟୀ । ଇଂରେଜ ସରକାରଙ୍କ ଅମଳରେ ଭାରତର ଉତ୍ତର ପୂର୍ବାଞ୍ଚଳର ସୀମା ଏବଂ ସୁରକ୍ଷା-ରେଖା ଥିଲା ତିବ୍ବତ-ମଙ୍ଗୋଲିଆ ସୀମା । ତେଣୁ ଇଂରେଜ ସରକାର ତିବ୍ବତକୁ ଆୟତ୍ତ କରି ଲାସା ପ୍ରଭୃତି କେତେକ ସ୍ଥାନରେ ବାଣିଜ୍ୟ କେନ୍ଦ୍ର ଓ କମିସନ ସଙ୍ଗେ ତାର ସୁରକ୍ଷା ପାଇଁ ଉକ୍ତ ସ୍ଥାନମାନଙ୍କରେ ଭାରତୀୟ ସୈନ୍ୟ ବାହିନୀ ମୁତୟନ କରିଥିଲେ । ଚୀନ ଯେତେବେଳେ ତିବ୍ବତ ଆକ୍ରମଣ କଲା, ସେତେବେଳେ ଚୀନକୁ ବାଧାଦେବା ନିମନ୍ତେ ପ୍ରେସ, ପାର୍ଲିଆମେଣ୍ଟ ଏବଂ ସାଧାରଣ ସଭା ସମିତିରେ ଯେତେ ଆନ୍ଦୋଳନ କରାଗଲା ପଣ୍ଡିତ ନେହେରୁ ସେ ସବୁ ଆନ୍ଦୋଳନ ଏବଂ ଲୋକମତ ପାଇଁ କିଛି କର୍ଣ୍ଣପାତ କଲେ ନାହିଁ । ଚୀନ ପ୍ରତି ତାଙ୍କର ମମତା ଏବଂ ତାର କୁ-ଅଭିସନ୍ଧି ପ୍ରତି ଦୂର ଦୃଷ୍ଟିର ଅଭାବ ଯୋଗୁଁ ଚୀନ ପୂର୍ବାପୂରି ତିବ୍ବତ ଅଧିକାର କରି ଭାରତ ସୀମା ପର୍ଯ୍ୟନ୍ତ ତାର ସୈନ୍ୟବାହିନୀ ମୁତୟନ କରିବାରେ ଅପ୍ରତିହତ ସୁବିଧା ପାଇଲା । ଅଧିକନ୍ତୁ ତାତ୍କାଳିକ ଦେଶରକ୍ଷା ମନ୍ତ୍ରୀ ଶ୍ରୀ ମେନନ୍ ଜଣେ ସାମ୍ୟବାଦୀ ଥିବାରୁ ଚୀନ ପ୍ରତି ତାଙ୍କର ମଧ୍ୟ ସହୃଦୟତା ରହିଲା । ଦେଶରକ୍ଷା ବିଭାଗର ମନ୍ତ୍ରୀ ହିସାବରେ କୌଣସି ଆଶାୟୀ, ଆକାଙ୍‌କ୍ଷୀ ଏବଂ ସାମ୍ରାଜ୍ୟଲିପ୍‌ସୁ ପଡ଼ୋଶୀ ଦେଶ ପ୍ରତି ଯେଉଁ ସନ୍ଦେହ ଓ ଅବିଶ୍ୱାସ ରହିବାର କଥା ତାହା ନ ରହିବାରୁ ସେ ଯେଉଁ

ସତର୍କତାମୂଳକ ସୁରକ୍ଷାର ପ୍ରସ୍ତୁତି କରିଥାନ୍ତେ ତାହା ମଧ୍ୟ କରି ନ ଥିଲେ । ଆବଶ୍ୟକ ସମୟରେ ବରଫାବୃତ୍ତ ପାର୍ବତ୍ୟ ଅଞ୍ଚଳରେ ଯୁଦ୍ଧ କରିବା ନିମନ୍ତେ ଭାରତୀୟ ସୈନ୍ୟବାହିନୀକୁ ଯେପରି ତାଲିମ ଏବଂ ଅଭ୍ୟସ୍ତ କରିବାର କଥା ତାହା ଆଦୌ କରାଯାଇନଥିଲା । ତଥାପି ସୀମା ସୁରକ୍ଷା ପାଇଁ ଯାହା କିଛି ବ୍ୟବସ୍ଥା କରାଗଲା ଦେଶରକ୍ଷା ବିଭାଗର ଅବହେଳା, ପ୍ରିୟା-ପ୍ରୀତି ତୋଷଣ ଏବଂ ଦୁର୍ନୀତି ଯୋଗୁଁ ତାହା ପୂରାପୂରି ବ୍ୟବହୃତ ବା କାର୍ଯ୍ୟକାରୀ ହୋଇ ପାରିଲା ନାହିଁ । ଅଥଚ ଏଣେ ଦେଖାଇ ଦିଆଯାଉଥାଏ ଯେ, ସବୁ ଠିକ୍ ଅଛି । ଏହି ସବୁ କାରଣରୁ ଚୀନ-ଭାରତ ଯୁଦ୍ଧରେ ଭାରତର ଅତି ଅପମାନ-ସୂଚକ ପରାଜୟ ହେଲା ।

ଯୁଦ୍ଧ ଲାଗିଯିବା ପରେ ଦେଶାତ୍ମବୋଧ ଯୋଗୁଁ ସାଧାରଣ ଦେଶବାସୀ ପ୍ରାଣ ଦେଇ ମାତୃଭୂମିକୁ ରକ୍ଷା କରିବା ନିମନ୍ତେ ଦୃଢ଼-ପ୍ରତିଜ୍ଞ ହେଲେ । ସରକାରରେ ଥାଇ ଆମ୍ଭେମାନେ ଦ୍ୱିଗୁଣ ଉଦ୍‌ବନ୍ଧ, ଉତ୍ସାହ ଓ ଉନ୍ମାଦନାରେ ଯୁଦ୍ଧ-ପ୍ରସ୍ତୁତି ପାଇଁ ଯେଉଁ ବାତାବରଣ ସୃଷ୍ଟି ଓ ଅନ୍ୟାନ୍ୟ ଆୟୋଜନ କରିବାର କଥା ସେଥିପାଇଁ ଲାଗି ପଡ଼ିଲୁ । ସ୍ୱର୍ଣ୍ଣ ଏବଂ ଅର୍ଥ ସଂଗ୍ରହଠାରୁ ଆରମ୍ଭ କରି ଜବାନମାନଙ୍କ ଉଦ୍ଦେଶ୍ୟରେ ଦେଶରେ ଯାହା କରିବାର କଥା ତାହା ଗାଁ । ଗହଳ ଓ ସହର ବଜାରରେ କଲୁ । ଏ ଉଦ୍ଦେଶ୍ୟରେ ମୁଁ ଅନ୍ୟୂନ ଦୁଇଶହ ପର୍ଯ୍ୟନ୍ତ ସଭା ସମିତି କରି ସଂଗ୍ରହ କାର୍ଯ୍ୟରେ ଲାଗିଥିଲି । ଭାରତ ସରକାରଙ୍କ ଦେଶରକ୍ଷା ନିମନ୍ତେ ଉଦାସୀନତା, ଅବହେଳା ଓ କର୍ତ୍ତବ୍ୟହାନି ଯୋଗୁଁ ଦିନ ରାତି ଅଭିଶାପ ପକାଉଥିଲି । ଯୁଦ୍ଧକ୍ଷେତ୍ର ଅଞ୍ଚଳକୁ ଯାଇଁ ମୋ ଯୋଗ୍ୟତା ଅନୁରୂପ କିଛି କାର୍ଯ୍ୟ କରିବାକୁ ପ୍ରସ୍ତୁତ ଥିଲି । କିନ୍ତୁ ମୋର ବୟସ ଓ ଶାରୀରିକ ଦୁର୍ବଳତାବଶତଃ ଯୁଦ୍ଧକ୍ଷେତ୍ର ଅଞ୍ଚଳକୁ ନ ଯାଇ ଯୁଦ୍ଧ ଏବଂ ଯୁଦ୍ଧରେ କାମ କରୁଥିବା ଲୋକଙ୍କ ପାଇଁ ପ୍ରଚାର ଓ ସଂଗ୍ରହ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲି । ଦେଶରକ୍ଷା ମନ୍ତ୍ରୀଙ୍କ ଦାୟିତ୍ୱରୁ ଅନ୍ତର କରିବା ନିମନ୍ତେ ତାଙ୍କ ବିରୋଧରେ ଓଡ଼ିଶାରେ ପ୍ରତିକୂଳ ହାଓ୍ୟା ସୃଷ୍ଟି କରିବାରେ ଅଗ୍ରଣୀ ଥାଇ ପାର୍ଲିଆମେଣ୍ଟ ସଭ୍ୟମାନଙ୍କୁ ମଧ୍ୟ ପ୍ରଭାବିତ କରାଇଥିଲୁ । ଯାହାହେଉ ଭାରତକୁ ନିନ୍ଦା ଏବଂ ଅପମାନସୂଚକ ପରାଜୟର ପାତ୍ର କରାଇ ଚୀନ ନିଜ ସୀମା ନିକଟବର୍ତ୍ତୀ ଅଞ୍ଚଳକୁ ଫେରିଯିବାରୁ ଯୁଦ୍ଧ ବନ୍ଦ ହେଲା ।

Digitized by PPRACHIN, SOA

ଜାତୀୟ ଏବଂ ଭାବଗତ ଐକ୍ୟ
(National and Emotional Integration)

ଜାତୀୟ ଏବଂ ଭାବଗତ ଐକ୍ୟର ଅର୍ଥ ହେଉଛି, ଦେଶରେ ନାନା ଜାତି, ନାନା ଭାଷା, ନାନା ଲିପି ଥିବା ସତ୍ତ୍ୱେ ସମଗ୍ର ଦେଶଟି ଗୋଟିଏ ଜାତିର ଦେଶ ଏବଂ ସେହି ଦେଶଟି ନିଜର ବୋଲି ପ୍ରତ୍ୟେକ ନାଗରିକ ଭାବ କାମ କରିବା ଉଚିତ । ଦେଶରେ କେହି ବ୍ୟକ୍ତି ଏପରି କୌଣସି କାର୍ଯ୍ୟ ଏବଂ ଧାରଣା ପୋଷଣ ନ କରନ୍ତୁ ଯଦ୍ଦ୍ୱାରା ଦେଶର ଭୌଗୋଳିକ ଅଖଣ୍ଡତା ଏବଂ ସମାଜର ମନୋଗତ ଏକତାରେ ବିବାଦ ସୃଷ୍ଟି ହୋଇ ଜାତି ପ୍ରତି ବିପଦ ଆସିବ । ଜାତି, ସମ୍ପ୍ରଦାୟ, ଭାଷା, ଆଚାର ବ୍ୟବହାର ଏବଂ ଖାଦ୍ୟ-ପାନୀୟ-ପରିଧାନ ନିର୍ବିଶେଷରେ ଦେଶର ପ୍ରତ୍ୟେକ ବ୍ୟକ୍ତି କାୟ, ମନୋ-ବାକ୍ୟରେ ସମଗ୍ର ଦେଶକୁ ଏକ ବୋଲି ଭାବି କାର୍ଯ୍ୟ କରିବା ବିଧେୟ । ରାଜ୍ୟର ପ୍ରାଦେଶିକ ସୀମା-ସରହଦ ଓ ରାଷ୍ଟ୍ର ଏବଂ ପ୍ରାଦେଶିକ ବା ଆଞ୍ଚଳିକ ଲିପି-ଭାଷା ସମ୍ପର୍କରେ ବିଶୃଙ୍ଖଳା ସୃଷ୍ଟିକରି ରାଜ୍ୟର ଭୌଗୋଳିକ ଅଖଣ୍ଡତା ଏବଂ ଜାତିର ମାନସିକ ଏକତାରେ କେହି ବାଧା-ବିଘ୍ନ ସୃଷ୍ଟି ନ କରିବା ଉଚିତ । ସଂକ୍ଷେପରେ ଦେଶବାସୀ ଏପରି କୌଣସି ମାନସିକ ଭାବନା ପୋଷଣ ଓ ପ୍ରକାଶ ନ କରନ୍ତୁ, ଯା ଫଳରେ ରାଜ୍ୟର ଅଖଣ୍ଡତା ନଷ୍ଟ ହେବ, ଅର୍ଥାତ୍ ଦେଶ ଖଣ୍ଡ ଖଣ୍ଡ ହୋଇଯିବ । ପ୍ରତ୍ୟେକ ନାଗରିକର ମନ ଏବଂ କାର୍ଯ୍ୟ ଏପରି ହେବା ଉଚିତ ଯଦ୍ଦ୍ୱାରା ଦେଶର ସର୍ବାଙ୍ଗୀନ ଅଖଣ୍ଡତା ସୁଦୃଢ଼ ହେବ ।

ସ୍ୱାଧୀନତା ପୂର୍ବରୁ ଆମ ଦେଶରେ ଯେଉଁ ପରିମାଣରେ ଜାତୀୟ ଏବଂ ଭାବଗତ ଐକ୍ୟ ଥିଲା ସ୍ୱାଧୀନତା ପରେ ତାହା କ୍ରମେ କ୍ଷୁଣ୍ଣ ହେବାକୁ ଲାଗିଲା । ପ୍ରଦେଶ ବା ରାଜ୍ୟମାନଙ୍କର ସୀମା-ସରହଦ, ରାଷ୍ଟ୍ରଭାଷା, ଆଞ୍ଚଳିକ ଭାଷା, ଲିପି, ଗୃହକରିବାକରି, ସାମ୍ପ୍ରଦାୟିକତା ଏବଂ ଛୁଆଁ-ଅଛୁଆଁ ସମସ୍ୟା ପ୍ରଭୃତି ଏହି ଅନୈକ୍ୟର ପ୍ରଧାନ କାରଣ । ଚୀନ ଯୁଦ୍ଧ ହେବା ମାତ୍ରେ

Digitized by PPRACHIN, SOA

ଦେଶର ନେତୃବୃନ୍ଦ, ବିଶେଷତଃ ସରକାର ଉପଲବ୍ଧି କଲେ ଯେ, ଅନ୍ତତଃ ଯୁଦ୍ଧ ସମ୍ପର୍କରେ ଏବଂ ଯୁଦ୍ଧର ସୁଯୋଗ ନେଇ ଜାତୀୟ ଏବଂ ଭାବଗତ ଐକ୍ୟ ପ୍ରତିଷ୍ଠା କରାଯାଉ । ଏପରି ସମୟରେ ରାଜ୍ୟ ରାଜ୍ୟ ଏବଂ ଭିନ୍ନ ଭିନ୍ନ ଭାଷା-ଭାଷୀ ଅଞ୍ଚଳ ମଧ୍ୟରେ ମନୋମାଳିନ୍ୟ, ଝଗଡ଼ା ଏବଂ ଈର୍ଷ୍ୟା ଦେଶର ଯୁଦ୍ଧ-କାଳୀନ ସ୍ୱାର୍ଥର ପରିପନ୍ଥୀ ହେବ । ତେଣୁ ଦେଶ ତମାମ ଏହି ସମ୍ପର୍କରେ ପ୍ରଚାର କାର୍ଯ୍ୟ କରି ଏହି ଐକ୍ୟ ଏବଂ ମୈତ୍ରୀ ସ୍ଥାପିତ କରାଯାଉ । ଆମ ସରକାର ତରଫରୁ ମୁଁ ଏହାର ପ୍ରଚାର ଭାର ସ୍ୱତଃ ଗ୍ରହଣ କଲି । ଦେଶ ତମାମ ସଭା ସମିତିର ଆୟୋଜନ ହେଲା । କେଉଁଠାକୁ ମୁଁ ନିଜେ ଯାଉଥିଲି ତ ଅନ୍ୟ କେଉଁଠାକୁ ଅନ୍ୟ କାହାକୁ ପ୍ରେରିତ କରାଉଥିଲି ।

ଭାରତର ପ୍ରାକ୍-ସ୍ୱାଧୀନତା ଐକ୍ୟ ସ୍ୱାଧୀନତା ପରେ ନଷ୍ଟ ହେଲା । ଏଥିପାଇଁ ଜନସାଧାରଣ ଯେତେ ଦାୟୀ ନୁହନ୍ତି ଦେଶର ଶିକ୍ଷିତ ଏବଂ ଅର୍ଦ୍ଧ ଶିକ୍ଷିତ ବ୍ୟକ୍ତିମାନେ ଅଧିକତର ଦାୟୀ ଅଟନ୍ତି । ବ୍ୟକ୍ତିଗତ ରାଜନୀତିଜ୍ଞ ଏବଂ ରାଜନୈତିକ ଦଳମାନେ ନାନା ସମସ୍ୟାରେ ଦୋ-ମୁହାଁ ନୀତି ଅବଲମ୍ବନ କରନ୍ତି । ସେମାନେ ସାଧାରଣ ସଭା ସମିତିରେ ଖୋଲାଖୋଲିରେ ଏହି ଜାତୀୟ ଐକ୍ୟ ସପକ୍ଷରେ ପ୍ରଚାର ଚଳାଇ ଭିତରେ ଭିତରେ ଲୋକଙ୍କୁ ବିଭେଦମୂଳକ ବିଷୟରେ ଉତ୍ତେଜିତ କରିବାରେ ଏବଂ କରାଇବାରେ ରତ ଥାନ୍ତି । ଥରେ ଏ ସମ୍ପର୍କୀୟ ଏକ ନିଖିଳ ଭାରତ ସମ୍ମିଳନୀ ଦିଲ୍ଲୀରେ ହେଉଥିଲା । ଆମ ଓଡ଼ିଶା ସରକାରଙ୍କ ତରଫରୁ ମୁଁ ଉକ୍ତ ସମ୍ମିଳନୀରେ ଯୋଗ ଦେବାର ସୁଯୋଗ ପାଇଥିଲି । କେନ୍ଦ୍ର ଏବଂ ଅନ୍ୟାନ୍ୟ ରାଜ୍ୟର ମନ୍ତ୍ରୀ, ଆମନ୍ତ୍ରିତ ରାଜନୀତିଜ୍ଞ, ସମାଜସେବୀ ଓ ବିଶିଷ୍ଟ ବ୍ୟକ୍ତିମାନେ ଭାଷଣ ଦେଲାବେଳେ ଧର୍ମ, ଜାତି, ଭାଷା ଏବଂ ସାମ୍ପ୍ରଦାୟିକତାକୁ ବିଶ୍ୱାସ କରୁଥିବା ବ୍ୟକ୍ତି ତଥା ଗୋଷ୍ଠୀମାନେ ଏହା କରି କରାଉଛନ୍ତି ବୋଲି ତୀବ୍ର ସମାଲୋଚନା କରି ସେମାନେ (ଧର୍ମ, ଜାତିକୁ ବିଶ୍ୱାସ କରୁଥିବା ବ୍ୟକ୍ତିମାନେ) ଏପରି ଅମଙ୍ଗଳ ଏବଂ ଦେଶଦ୍ରୋହୀ କାର୍ଯ୍ୟରୁ କ୍ଷାନ୍ତ ହୁଅନ୍ତୁ ବୋଲି ବକ୍ତୃତାମାନ ଦେଇଗଲେ । ମୋ ପାଳି ପଡ଼ିଲା ବେଳକୁ ମୁଁ ପ୍ରଥମେ ରାଜନୈତିକ ବ୍ୟକ୍ତି, ଗୋଷ୍ଠୀ ଏବଂ ଦଳମାନଙ୍କ ବିରୋଧରେ ଅଭିଯୋଗ ଆଣି କହିଲି ଯେ ଏହି ଐକ୍ୟର ହ୍ରାସ ଏବଂ ବିଲୋପ ପାଇଁ ସେମାନେ ପ୍ରଥମେ ଦାୟୀ । ଭୋଟ ପାଇବା ଉଦ୍ଦେଶ୍ୟରେ ସେମାନେ କେହି ଦେଶଦ୍ରୋହୀର କାର୍ଯ୍ୟ କରୁଥିଲେ କିମ୍ବା କରିବାକୁ ଯାଉଥିଲେ ତାଙ୍କୁ ଉକ୍ତ କାର୍ଯ୍ୟରୁ ବିରତ କରିବା କିମ୍ବା

Digitized by PPRACHIN, SOA

କରାଇବା ପରିବର୍ତ୍ତେ ସମୟେ ସମୟେ ବରଂ ଉତ୍ତେଜିତ କରନ୍ତି ଏବଂ କରାନ୍ତି । ସେମାନେ ଭୂତ ହୋଇ ଲାଗନ୍ତି ଏବଂ ଗୁଣିଆ ହୋଇ ଛଡ଼ାଇବାକୁ ଯାଆନ୍ତି । (They run with the hare and hunt with the hound). ଏହି ରାଜନୈତିକ ବ୍ୟକ୍ତି ଏବଂ ଦଳମାନେ ଯଦି ଦୃଢ଼ ହୁଅନ୍ତେ ତେବେ ରାଜ୍ୟ-ସୀମା, ଆଞ୍ଚଳିକତା, ଆଞ୍ଚଳିକ ଭାଷା, ରାଷ୍ଟ୍ରଭାଷା ଏବଂ ଜାତି କିମ୍ବା ସାମ୍ପ୍ରଦାୟିକତାକୁ ଭିତ୍ତିକରି ଆମ ଜାତୀୟ ଏବଂ ଭାବଗତ ଐକ୍ୟରେ ଯେଉଁ ଅଧୋଗତି ଘଟୁଛି ତାହା ଘଟନ୍ତା ନାହିଁ । ସମ୍ମିଳନୀରେ କେହି କେହି ପ୍ରମାଣ ଗୁହିବାରୁ ମୁଁ ପ୍ରଥମେ କହିଲି ଯେ, ଯେଉଁ କଂଗ୍ରେସର ଏକ ମୂଳ ମତ ହେଲା ସାମ୍ପ୍ରଦାୟିକତାଠାରୁ ବାହାରେ ରହିବା ସେହି କଂଗ୍ରେସ ଯେଉଁ ଅଞ୍ଚଳରେ ଯେଉଁ ଜାତିର ଲୋକେ ବେଶି ସଂଖ୍ୟାରେ ଭୋଟଦାତା ଥାନ୍ତି ସେଠାରେ ସାମ୍ପ୍ରଦାୟିକ ଭୋଟ ପାଇବା ଉଦ୍ଦେଶ୍ୟରେ ସେହି ସଂଖ୍ୟା-ବହୁଳ ଜାତିର ଏକ ବ୍ୟକ୍ତିକୁ ବାଛି ପ୍ରାର୍ଥୀରୂପେ ଠିଆ କରାନ୍ତି । ମୁଁ ଉଚିତ ଏବଂ ସଠିକ ଉଦାହରଣ ଦେଇ କହିଲି ଯେ, ମୁସଲମାନବହୁଳ ଅଞ୍ଚଳରେ ମୁସଲମାନ, ଯାଦବ ବା ଗୋପାଳବହୁଳ ଅଞ୍ଚଳରେ ଯାଦବ, ରାଜପୁତ ପ୍ରାଧାନ୍ୟ ଅଞ୍ଚଳରେ ରାଜପୁତ, ଜାଠ ଏବଂ ଖଣ୍ଡାୟତବହୁଳ ଇଲାକାରେ ଜାଠ ଓ ଖଣ୍ଡାୟତ ଏବଂ କେତେକ ସ୍ଥଳେ ପ୍ରାଦେଶିକ ଭାଷାଭାଷୀ ବ୍ୟତୀତ ଅନ୍ୟ ଭାଷାର ପ୍ରାଧାନ୍ୟ ଥିବା ଅଞ୍ଚଳରେ ସେହି ଭାଷାଭାଷୀର ଜଣେ ଜଣେ ବ୍ୟକ୍ତିକୁ ବାଛି ପ୍ରାର୍ଥୀ ଠିଆ କରନ୍ତି । ଅନ୍ୟ ଦଳମାନେ ମଧ୍ୟ ସେହିପରି କରନ୍ତି । କୌଣସି କୌଣସି ଦଳ ସଂଖ୍ୟାନ୍ୟୂନ ଗୋଷ୍ଠୀର ଲୋକଙ୍କୁ ପ୍ରାର୍ଥୀ-ରୂପେ ଠିଆ କରାଇ ଉକ୍ତ ଜାତିର ନାମରେ ପ୍ରଚାର କରି ଭୋଟ ପାଇବାକୁ ଚେଷ୍ଟା କରନ୍ତି । ଭାଷା ଭିତ୍ତିରେ ସୀମା ଦାବୀ କଲାବେଳେ, ଆଞ୍ଚଳିକତାକୁ ମୂଳ କରି କଥା ହାସଲ କଲାବେଳେ, ରାଷ୍ଟ୍ରଭାଷା ପାଇଁ ନୀତି ନେଲାବେଳେ ଏବଂ ଏହିପରି ଆହୁରି ବହୁ କ୍ଷେତ୍ରରେ ଏହି ରାଜନୈତିକ ନେତାମାନେ ସମୟେ ସମୟେ ଦଳର ସାଧାରଣ କର୍ମୀବୃନ୍ଦଙ୍କୁ (rank and file) ଶିଖାଇ, ମତାଇ ଏବଂ ତେଜାଇ ଭଙ୍ଗାରୁଜାମୂଳକ ଆନ୍ଦୋଳନକୁ ପଠାଇ ନିଜେ ପ୍ରଚ୍ଛନ୍ନ ଭାବରେ ନେତା ସାଜନ୍ତି । ସମୟେ ସମୟେ ନିଜେ ମଧ୍ୟ ଦଳରୁ, ସରକାରରୁ ଏବଂ ଆସେମ୍ବ୍ଲି ପାର୍ଲିଆମେଣ୍ଟରୁ ଇସ୍ତଫା ଦେବାର ଧମକ ଦିଅନ୍ତି । ବେଳେବେଳେ କେହି କେହି ଆମରଣ ଅନଶନ କରି ଅବସ୍ଥା ଜଟିଳ କରି ପକାନ୍ତି । ଦିଲ୍ଲୀସ୍ଥ କର୍ତ୍ତୃପକ୍ଷ ଏଥିପାଇଁ କୌଣସି

କାର୍ଯ୍ୟାନୁଷ୍ଠାନ କରନ୍ତି ନାହିଁ । କେନ୍ଦ୍ର-ନେତା ଓ କେନ୍ଦ୍ର-ମନ୍ତ୍ରୀମାନେ ଏଣେ ରାଜ୍ୟ, ପ୍ରଦେଶ କିମ୍ବା ଅଞ୍ଚଳ ମଧ୍ୟରେ ଆଞ୍ଚଳିକ ରୂପ ଧରି ଗୋଟିଏ ସ୍ୱରରେ ଏବଂ ଗୃହାନ୍ତରେ ଆନ୍ଦୋଳନ ସମ୍ପର୍କରେ ଉପଦେଶ ଦେଇ ମତ ବ୍ୟକ୍ତ କରନ୍ତି ; ତେଣେ ଦିଲ୍ଲୀକୁ ଆସି ସଭା, ସମିତି, ସମ୍ମିଳନୀ, ଘରୋଇ ବୈଠକ ଏବଂ ଖବର କାଗଜ ବକ୍ତୃତାରେ ମତ ପ୍ରକାଶ କରି ନିଖିଳ ଭାରତୀୟତାର ଆଦର୍ଶ ନେତୃତ୍ୱ ପ୍ରଦର୍ଶନପୂର୍ବକ ଐକ୍ୟମୂଳକ ଭାରତ ଜାତୀୟତାର ସାକ୍ଷାତ ଅବତାର ବୋଲି ଦର୍ଶାଅନ୍ତି । ସଭାରେ ମୁଁ ରାଜନୈତିକ ନେତା ଓ ଦଳପତିମାନଙ୍କୁ ସାନୁନୟ ନିବେଦନ କରି କହିଲି ଯେ, ସେମାନେ ତାଙ୍କର ଦୋମୁହାଁ-ନୀତି ପରିତ୍ୟାଗପୂର୍ବକ ଜାତୀୟ ସଂହତି ପାଇଁ ଦୃଢ଼ ହେଲେ ସମସ୍ୟା ବାର ଅଣାରେ ସମାହିତ ହୁଅନ୍ତା ।

ରାଜନୈତିକ ଦଳ, ନେତା ଏବଂ କର୍ମୀମାନଙ୍କର ଏ ସମ୍ପର୍କୀୟ ଦୋଷ ଦର୍ଶାଇବା ସଙ୍ଗେ ଦେଶର ଅଧିକାଂଶ ଶିକ୍ଷିତ, ବିଶେଷତଃ ଅର୍ଦ୍ଧ-ଶିକ୍ଷିତ ବ୍ୟକ୍ତି ମଧ୍ୟ ଏ ଦୋଷରେ ଦୁଷ୍ଟ ବୋଲି ପ୍ରମାଣ ଦେଇଥିଲି ।

ମୋର ଏ ପ୍ରକାର ନିର୍ଭୀକ, ନିର୍ଭୀକ ଏବଂ ସତ୍ୟମୂଳକ ମନ୍ତବ୍ୟ ଓ ସମାଲୋଚନା ଶୁଣି ସମସ୍ତେ ଅବାକ୍ । କେହି କେହି ବିରକ୍ତ ହେଲେ ତ କେହି କେହି ଅତ୍ୟନ୍ତ ଆନନ୍ଦିତ ହେଲେ । ସମ୍ମିଳନୀ ଶେଷରେ ଗୃହା-ପାନ ହଲ୍‌ରେ ମୋତେ ବହୁ ନେତା ଧନ୍ୟବାଦ ଦେଲେ ।

ଏ ସମ୍ପର୍କରେ ମୋର ମତ ଯେ, ଭାରତ ସଦୃଶ ଏକ ଉପ-ମହାଦେଶ ପରି ଦେଶରେ ସୀମା, ଭାଷା, ଜାତି, ସମ୍ପ୍ରଦାୟ ଏବଂ ଧର୍ମ ପ୍ରଭୃତିକୁ ନେଇ ନାନା ସମସ୍ୟା ରହିବ । ତା ସତ୍ତ୍ୱେ ଦେଶର ନେତୃବୃନ୍ଦଙ୍କ ନିର୍ଭୀକ କର୍ତ୍ତବ୍ୟ ହେବ ଯେ, ସେମାନେ ଏହି ସାଧାରଣ ଅନୈକ୍ୟକୁ ଭିତ୍ତି କରି ନିଜେ ଭ୍ରାନ୍ତି ନ କରନ୍ତୁ, କିମ୍ବା ପଛରେ ରହି ନ କରାନ୍ତୁ । ଆମ ଓଡ଼ିଶାରେ ରାଜ୍ୟ ସୀମା ନେଇ ଏବଂ ଗଡ଼ଜାତ ସବୁ ଓଡ଼ିଶାରେ ମିଶିବା-ପାଇଁ ବହୁତ ଦାବୀ ହୋଇଛି । ସ୍ୱାଧୀନତା ପରେ ପରେ ଆମ୍ଭେମାନେ ନେତୃତ୍ୱ ନେଇ ଷଡ଼େଇକଳା ଏବଂ ଖରସୁଆଁ ସମେତ ୨୬ଟି ଗଡ଼ଜାତ ଓଡ଼ିଶାରେ ମିଶାଇ ବିଶାଳ ଉତ୍କଳ ନିର୍ମାଣ କରିଥିଲୁ । ରାଜନୈତିକ ଉଦ୍ଦେଶ୍ୟରୁ ଉକ୍ତ ଷଡ଼େଇକଳା ଏବଂ ଖରସୁଆଁର ଆମ ପ୍ରଜାମଣ୍ଡଳଭୁକ୍ତ ୧୭ଟି ଓଡ଼ିଆ ପରିବାରକୁ ଛାଡ଼ିଦେଲେ ବାକି ସବୁ ଓଡ଼ିଆ ସେଠାକାର ତାତ୍କାଳିକ ଓଡ଼ିଆ ରାଜା ଏବଂ ତାଙ୍କ ପକ୍ଷ ଲୋକଙ୍କ ନେତୃତ୍ୱରେ ପରିଚାଳିତ ହୋଇ ଉକ୍ତ

Digitized by PPRACHIN, SOA

ଦୁଇ ଷ୍ଟେଟକୁ ଓଡ଼ିଶାରୁ ବିଚ୍ଛିନ୍ନ କରାଇ ବିହାରରେ ମିଶାଇଲେ । ପରେ ପୁଣି ସେହିମାନେ ସୀମା କମିସନ୍ ଆଗରେ ଦାବୀ କଲେ ଯେ, ଏ ଦୁଇ ଷ୍ଟେଟ୍ ଓଡ଼ିଶାରେ ମିଶୁ । ମୁଁ ବରାବର କହେ ଯେ ଆମେ ତ ଏ ଦୁଇ ରାଜ୍ୟକୁ ଓଡ଼ିଶାରେ ମିଶାଇଥିଲୁ ; ପୁନର୍ମିଶ୍ରଣ ପାଇଁ ଅନ୍ୟମାନଙ୍କ ସହ ଆମେ ଦାବୀ କଲେ ସିନା ସୁନ୍ଦର ହୁଅନ୍ତା, କିନ୍ତୁ ଯେଉଁ ରାଜା ମହାରାଜା (ବିଶେଷତଃ ଷଡ଼େଇକଳା ମହାରାଜା ଓ ତାଙ୍କ ବଂଶଧରମାନେ) ଏବଂ ତାଙ୍କ ଅନୁଗାମୀ, ଅନୁଚର ଓ ବଂଶଧରମାନେ ଏହି ଦୁଇ ରାଜ୍ୟକୁ ନେଇ ବିହାରରେ ମିଶାଇଲେ, ସେମାନଙ୍କର ପୁନର୍ମିଶ୍ରଣ ନିମନ୍ତେ ଦାବୀ କରିବା ନିତାନ୍ତ ଅସମୀଚୀନ ଓ ଅବାଞ୍ଛନୀୟ ଅଟେ । ଓଡ଼ିଶାର ଉପାନ୍ତ ଅଞ୍ଚଳମାନ ଓଡ଼ିଶାରେ ମିଶିବାପାଇଁ ଆମେ ଦାବୀ କରିବା ଉଚିତ । କିନ୍ତୁ ଆମେ ଦାବୀ କରିବା ସଙ୍ଗେ ସଙ୍ଗେ ଆମ ସୀମାନ୍ତ ଅଞ୍ଚଳରେ ଥିବା ଅନ୍ୟ ଭାଷାଭାଷୀ ରାଜ୍ୟମାନେ ଯଦି ଆମ ରାଜ୍ୟ ଭିତରେ ଥିବା ତାଙ୍କ ଭାଷାଭାଷୀପ୍ରାଧାନ୍ୟ ଅଞ୍ଚଳ ପାଇଁ ଦାବୀ କରନ୍ତି ସେତେବେଳେ ଆମେ ସହନଶୀଳ ହେବା ଦରକାର । ଆମ ଦାବୀ ଓ ତାଙ୍କ ଦାବୀର ବିଚାର ପରେ ଫଳ ଯାହା ହେବ ତାକୁ ସମସ୍ତେ ମାନିଯିବା ବିଧେୟ । ଏହା ଶୃଙ୍ଖଳିତ ସମାଜର ନିୟମ ଅଟେ । ତାହା ନ ହେଲେ ଚିରଦିନ କଳିଝଗଡ଼ା ଲାଗି ରହିବ ।

ପାର୍ଥକ୍ୟ ଭିତରେ ଐକ୍ୟ ମନୋଭାବ ସାମୂହିକ ଜୀବନକୁ ସୁଖମୟ କରିଦିଏ । ଏହା ଆମ ହିନ୍ଦୁଶାସ୍ତ୍ର ବହୁ କ୍ଷେତ୍ରରେ ପ୍ରମାଣସହ ଥୋଇଛି । ପୁରାଣବର୍ଣ୍ଣିତ ଶିବଙ୍କ ସଦନ 'କୈଳାସ' ଏହାର ଜ୍ୱଳନ୍ତ ପ୍ରମାଣ । ଶିବ-ପରିବାରର ଜୀବନ ଯାପନ ମୋ ପକ୍ଷରେ ଉଜ୍ଜ୍ୱଳ ଆଦର୍ଶ । ମୁଁ ଏ ସମ୍ପର୍କୀୟ ସଭା ସମିତିରେ ବହୁବାର କୈଳାସସ୍ଥିତ ଶିବ-ପରିବାର କଥା ବର୍ଣ୍ଣନା କରି ଶ୍ରୋତାଙ୍କୁ ଅନୁପ୍ରାଣିତ କରିପାରିଥିବାର ମୋର ବିଶ୍ୱାସ । ଶିବଙ୍କ ମୂଳ ଆସ୍ଥାନ କୈଳାସ ପାହାଡ଼ । ଏହି କୈଳାସରେ ଦେବ-ଦେବ ମହାଦେବ ତାଙ୍କ କୁଟୁମ୍ବ ନେଇ ରହନ୍ତି । କିନ୍ତୁ ପରିବାରରେ ଯେତେ ପ୍ରାଣୀ ଥାନ୍ତି ପ୍ରତ୍ୟେକଙ୍କର ଆକୃତି-ପ୍ରକୃତି, ଆଚାର-ବ୍ୟବହାର, ରୀତି-ନୀତି, ଚାଲି-ଚଳଣି, ଖିଆପିଆ, ଅଶନ-ବସନ, ରହନ-ସହନ ଏବଂ ଯାନ-ବାହାନ ପୃଥକ ପୃଥକ ଅଟେ । ଶିବ ଯେପରି ସୁନ୍ଦର, ବେଶଭୂଷାରେ ସେହିପରି କୁତ୍ସିତ, ଯେପରି ଭୋଗୀ ସେହିପରି ତ୍ୟାଗୀ, ଯେପରି ବିଳାସୀ

Digitized by PPRACHIN, SOA

ସେପରି ଦିଗମ୍ବରୀ । ସେ ହେଉଛନ୍ତି ବ୍ୟାଘ୍ର ଚର୍ମଧାରୀ, ଭସ୍ମବିଲେପିତ, ସର୍ପଭୂଷିତ ଏବଂ ସମୟେ ସମୟେ ଶ୍ମଶାନବାସୀ । ତାଙ୍କ ବାହାନ ଷଣ୍ଢ ।

ପାର୍ବତୀ ତାଙ୍କ ପତ୍ନୀ ଅଟନ୍ତି । ସେ ସାରା ସୃଷ୍ଟିର ଅତି ରମଣୀୟା ସ୍ତ୍ରୀ, ବିଶ୍ୱମୋହିନୀ, ଉତ୍ତମବସ୍ତ୍ର ପରିହିତା ସିଂହବାହିନୀ ।

ଶିବ-ପାର୍ବତୀଙ୍କର ଦୁଇଟି ପୁଅ—ଗଣେଶ ଏବଂ କାର୍ତ୍ତିକେୟ । ଗଣେଶ ହେଉଛନ୍ତି ଖର୍ବ, ସ୍ଥୂଳକାୟ, ଗଜେନ୍ଦ୍ରବଦନ, ମୂଷିକ ବାହନ, ଧୀର-ମନ୍ଥରଗତି । ତାଙ୍କ ବସ୍ତ୍ରର ରଙ୍ଗ ଲାଲ । ପ୍ରିୟ ପଦାର୍ଥ ବେଲପତ୍ର, ପ୍ରିୟ ଫୁଲ ହେଉଛି ନିର୍ଗନ୍ଧାଇବ ଧୂତୁରା, ଗୟୂସ ଓ କନିୟର ଇତ୍ୟାଦି ଏବଂ ପ୍ରିୟ ଖାଦ୍ୟ ରାଶି ବା ଖସା ଲଡ଼ୁ ପ୍ରଭୃତି ।

କାର୍ତ୍ତିକେୟ ହେଉଛନ୍ତି ଦୀର୍ଘ ଏବଂ ଯୋଦ୍ଧୃତନୁ, ଷଡ଼ାନନ ଓ ମୟୂରବାହନ ।

ନନ୍ଦୀ ଭୃଙ୍ଗୀ (ଭୃଙ୍ଗରୀଟୀ) ହେଉଛନ୍ତି ଭଲ୍ଲୁକ-ମର୍କଟମୁଖା ।

ଗୋଟିଏ କୁଟୁମ୍ବବିଶିଷ୍ଟ ଶିବାଳୟ କୈଳାସ' ରାଜ୍ୟରେ ମୋଟରେ ଉପରୋକ୍ତ ୬ଟି ବ୍ୟକ୍ତି ଥାନ୍ତି । ଏମାନଙ୍କ ବ୍ୟତୀତ ୪ଟି ପଶୁ-ପକ୍ଷୀ, ଯଥା—ଷଣ୍ଢ, ସିଂହ, ମୂଷା, ମୟୂର ଏବଂ ୬ଟି ବିଷଧର ସର୍ପ ମଧ୍ୟ ଶିବଙ୍କର ଭୂଷଣରୂପେ ଥାନ୍ତି ।

ଉପରୋକ୍ତମତେ ଏମାନଙ୍କର ପ୍ରତ୍ୟେକଙ୍କର ଆକୃତି-ପ୍ରକୃତି, ଖାଦ୍ୟପେୟ, ପରିଧେୟ ଏବଂ ଯାନ-ବାହାନ ପୃଥକ ହେଲେ ମଧ୍ୟ ଓ ଏହି ଶିବାଳୟ-ଦେବାଳୟ-କୈଳାସରେ ଭକ୍ଷ-ଭକ୍ଷକ ଯଥା—ଷଣ୍ଢ-ସିଂହ, ସର୍ପ-ମୟୂର ଏବଂ ମୂଷିକ-ସର୍ପ ଏକତ୍ର ବାସ କରୁଥିଲେ ସୁଦ୍ଧା ଏଠାରେ କେବେ କଳହ, ଝଗଡ଼ା, ମନୋମାଳିନ୍ୟ ହେବା କିମ୍ବା ଭକ୍ଷକ ଭକ୍ଷକୁ ଭକ୍ଷଣ କରିବା କଥା ବର୍ଣ୍ଣିତ ନାହିଁ । ଯଦି ଶିବଙ୍କ ରାଜ୍ୟରେ ଉପରୋକ୍ତମତେ ବହୁ ପାର୍ଥକ୍ୟ ମଧ୍ୟରେ ଆଦର୍ଶ ପାରିବାରିକ ଏବଂ ସାମୂହିକ ଜୀବନଯାପନ ହୋଇ ପାରୁଥିଲା ବା ।ହେଉଛି ତେବେ ଆମ ଭାରତରେ ତାହା ନିଶ୍ଚୟ ହୋଇପାରିବ । ଆମ ଭାରତୀୟ ସଂସ୍କୃତିର ଆଦର୍ଶରେ ଆଜି ଆମେ ଅନୁପ୍ରାଣିତ ହେବା ଦରକାର । ବୋଧହୁଏ ଶିବରାଜ୍ୟର ଏହି ଆଦର୍ଶକୁ ଗ୍ରହଣ କରି ଏବଂ ଭାରତୀୟ ସାଧାରଣ ଜନତାର ମନୋଭାବ ଓ ଆଚରଣକୁ ଅନୁଧ୍ୟାନ କରି ବିଶ୍ୱକବି ରବୀନ୍ଦ୍ରନାଥ ଲେଖିଯାଇଛନ୍ତି,

Digitized by PPRACHIN, SOA

"ନାନା ଭାଷା, ନାନା ଜାତି, ନାନା ପରିଧାନ,
ତାର ମାଝେ ଆଛେ ଏକ ମିଲନ ମହାନ"

ଶିବଙ୍କ ରାଜ୍ୟର ଜୀବନ ଯାପନ ଏବଂ ବିଶ୍ୱ-କବିଙ୍କର ଉପରୋକ୍ତ ପଦ୍ୟ ମୋତେ ଅନୁପ୍ରାଣିତ କରିଛି । ଭାରତବାସୀ କୈଳାସସ୍ଥ ମହାଦେବଙ୍କ ରାଜ୍ୟର ସାମୂହିକ ଜୀବନଯାପନକୁ ଆଦର୍ଶ ଏବଂ କବିବରଙ୍କର ଉକ୍ତ ପଦ୍ୟକୁ ଉକ୍ତି ବା ନ୍ୟାୟ, ବା ଧ୍ୱନି (Slogan) କଲେ ଜାତିପୁ ଏବଂ ଭାବଗତ ସଂହତି ସ୍ୱତଃ ଉଜ୍ଜୀବିତ ହେବ । ଏଥିରେ ସନ୍ଦେହ ନାହିଁ ।

Digitized by PPRACHIN, SOA

୧୯୭୧ ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ

ପୂର୍ବତନ ନେତୃତ୍ୱର ଅପସରଣ ଓ ନୂତନ ନେତୃତ୍ୱ ଆଗମନର କୁ-ପରିଣତି—ଦୁର୍ନୀତି

ପୂର୍ବୋକ୍ତମତେ ସଂଗଠନର ସଂଖ୍ୟାଗରିଷ୍ଠ ଗୋଷ୍ଠୀର ନେତା ହିସାବରେ ଏବଂ କେନ୍ଦ୍ର (ଦିଲ୍ଲୀ) କର୍ତ୍ତୃପକ୍ଷଙ୍କ ଆଶୀର୍ବାଦ ପାଇ ଶ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାର ଉକ୍ତ ମିଳିତ ମନ୍ତ୍ରୀ ମଣ୍ଡଳ ଭଙ୍ଗାଇ ୧୯୭୧ ଜୁନ୍‌ମାସ ୮ ତାରିଖରେ ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ ଚଳାଇଲେ । ମହତାବ ବାବୁ ଉଦାସୀନ ହୋଇ ଏ ନିର୍ବାଚନରେ ପ୍ରାର୍ଥୀ ମଧ୍ୟ ହେଲେ ନାହିଁ । ସୌଭାଗ୍ୟ କିମ୍ବା ଦୁର୍ଭାଗ୍ୟ ବଶତଃ ଶ୍ରୀ ବିଜୁ ପଟ୍ଟନାୟକ ଏହି ନିର୍ବାଚନରେ କଂଗ୍ରେସକୁ ବିପୁଳ ସଂଖ୍ୟାରେ (୮୨) ଜୟଯୁକ୍ତ କରାଇ ଓଡ଼ିଶା ତଥା ଭାରତରେ ସୁଖ୍ୟାତି ଅର୍ଜନ କଲେ । କଂଗ୍ରେସ ନେତୃତ୍ୱରୁ ମହତାବଙ୍କ ଅପସାରଣ କେତେକଙ୍କୁ ଭାରି ସୁହାଇଲା । ଏ ବିଜୟର ସୁଯୋଗ ନେଇ ଶ୍ରୀ ବିଜୁ ପଟ୍ଟନାୟକ ନବ ବାବୁଙ୍କୁ ବନ୍ଦନା କରିବାରେ କୁଣ୍ଠିତ ହେଲେ ନାହିଁ । ଶ୍ରୀ ବିଶ୍ୱନାଥ ଦାସଙ୍କୁ ଭାରତର ସର୍ବବୃହତ୍ ରାଜ୍ୟ ଉତ୍ତର ପ୍ରଦେଶରେ ରାଜ୍ୟପାଳ ବା ଗଭର୍ଣ୍ଣର କରାଇବାରେ ସଫଳ ହେଲେ । ମହତାବ ଗୋଷ୍ଠୀରେ ସେ (ବିଜୁବାବୁ) ଥିଲାବେଳେ ଏହି ନେତାମାନଙ୍କୁ ପସନ୍ଦ କରୁ ନ ଥିଲେ । ବର୍ତ୍ତମାନ ତାଙ୍କ ନିଜ ଆସ୍ଥାନ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ସେ ମହତାବଙ୍କ ପ୍ରତିପକ୍ଷମାନଙ୍କୁ ନିଜ ଆଡ଼କୁ ଟାଣି ନେବା ଉଦ୍ଦେଶ୍ୟରେ ଏ ସବୁ କାର୍ଯ୍ୟ କଲେ । ତେଣୁ ସେ ନବ-ନିର୍ବାଚିତ ସଂଖ୍ୟା-ଗରିଷ୍ଠ କଂଗ୍ରେସ ଦଳର ନେତା ନିର୍ବାଚିତ ହୋଇ ମୁଖ୍ୟମନ୍ତ୍ରୀ ହେଲେ । ଢେଙ୍କାନାଳ ରାଜା-ବାହାଦୁର ଶ୍ରୀ ଶଙ୍କର ପ୍ରତାପ ମହୀନ୍ଦ୍ର ବାହାଦୁର ସମେତ ଏକ ସଙ୍ଗେ ୨ଟି ରାଜାଙ୍କୁ ଏହି ନିର୍ବାଚନରେ ହରାଇ ମୁଁ ଜୟଯୁକ୍ତ ହୋଇଥିବାରୁ ମୋତେ ନିର୍ବାଚନ-ବୀର ଆଖ୍ୟା ଦିଆଗଲା । ସମ୍ଭବତଃ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ସୂଚନା

Digitized by PPRACHIN, SOA

ଏବଂ ଓଡ଼ିଶାର ରାଜନୈତିକ ପରିସ୍ଥିତି ବିଗିଡ଼ିଗଲା ଶ୍ରୀ ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ମୋତେ ଜଣେ ମନ୍ତ୍ରୀ ହିସାବରେ ନିଆଗଲା । ମୋର ନିଯୁକ୍ତି-ଦ୍ୱାରା ଶ୍ରୀ ପଟ୍ଟନାୟକ ଭାବିଲେ ଯେ, ସେ ଆମ ଗୋଷ୍ଠୀ ଏବଂ ବିଶେଷତଃ ଅପ୍ରତ୍ୟକ୍ଷ ଭାବେ ଶ୍ରୀ ମହତାବଙ୍କୁ କିୟତ୍ ପରିମାଣରେ ସନ୍ତୁଷ୍ଟ କରି ପାରିଲେ । ଅନ୍ୟ ପକ୍ଷେ ସେ ଭାବିଲେ ଯେ, ସେ ମହତାବ ବାବୁଙ୍କ ସମ୍ପୂର୍ଣ୍ଣ-ରୂପେ ହରାଇଛନ୍ତି । ଅନ୍ୟାନ୍ୟ ବୟସ୍କ ନେତାଙ୍କୁ ଉପଯୁକ୍ତ ଆସନ ପ୍ରତି ନିମନ୍ତେ ସାହାଯ୍ୟ କରି ସେମାନଙ୍କୁ ଅଧିକତର ମହତାବ-ବିରୋଧୀ ଏବଂ ନିଜ-ପକ୍ଷପାତୀ କରିପାରିଛନ୍ତି । ମୋତେ ମନ୍ତ୍ରୀମଣ୍ଡଳରେ ଆସନ ଦେଇ ତାଙ୍କ ପ୍ରତି ଆକର୍ଷଣ କରି ନେଇଛନ୍ତି । ତେଣୁ ତାଙ୍କ ମନମୁତାବକ କର୍ତ୍ତବ୍ୟ ପଥର ଗମନରେ କୌଣସି ବାଧା ବିଘ୍ନ କିମ୍ବା ପ୍ରତିବନ୍ଧକ ନାହିଁ । କିନ୍ତୁ ମନ୍ତ୍ରୀ-ମଣ୍ଡଳ ଗଠନର କେତେଦିନ ପରେ ମୁଁ ତ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲି । କଂଗ୍ରେସର ଦୁର୍ନୀତି ବିରୋଧରେ ମୁଁ ଏବଂ ମୋର ସଙ୍ଗୀମାନେ କଂଗ୍ରେସରୁ ଇସ୍ତଫା ଦେଇ ଗାନ୍ଧୀ-ମଣ୍ଡପରେ ଜନ-କଂଗ୍ରେସ ଦଳ ଗଠନ କଲୁ ।

ବିଜୁବାବୁ କଣ୍ଟକହୀନ ପଥର ଯାତ୍ରୀ ଏବଂ ଆମ ଗୋଷ୍ଠୀର ଆଶଙ୍କା

ବର୍ତ୍ତମାନ ଶ୍ରୀ ବିଜୁ ପଟ୍ଟନାୟକ କଣ୍ଟକହୀନ ପଥର ଯାତ୍ରୀ । ମନର ଉଦ୍ଦାମ ଉତ୍ସାହ ଏବଂ ଉଦ୍ଦୀପନାରେ ଅଭିଭୂତ ହୋଇ ଏବଂ ଓଡ଼ିଶାକୁ ନିରଙ୍କୁଶ ଭାବରେ ଶିଳ୍ପାତ୍ମକ ଦେଶ କରିବା ଚିନ୍ତାରେ ବହୁ ନୂତନ ନୂତନ ଯୋଜନାର ସ୍ୱପ୍ନ ଦେଖି ସେ (ଶ୍ରୀ ପଟ୍ଟନାୟକ) ଶାସନ-ଯାତ୍ରାର ଅଭିଯାତ୍ରୀ । ଓଡ଼ିଶା ବାହାରେ ଭାରତର ଅନ୍ୟତ୍ର ମଧ୍ୟ ତାଙ୍କ ନାମ ହୋଇଗଲା । ପ୍ରଧାନ-ମନ୍ତ୍ରୀ ପଣ୍ଡିତ ନେହେରୁଙ୍କର ବିଶ୍ୱାସର ପାତ୍ର ହୋଇ ସେ ଅଧିକତର ଉତ୍ସାହିତ ଏବଂ ଆଶାନ୍ୱିତ ହେଲେ । ଅନେକ କହୁଥାନ୍ତି ବିଜୁ ପଟ୍ଟନାୟକ ଜଣେ ଡାଇନାମିକ୍ ବ୍ୟକ୍ତି ଅଟନ୍ତି । ଏହିପରି ବାତାବରଣ ମଧ୍ୟରେ ଶ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶା କଂଗ୍ରେସର ସଂଖ୍ୟାଧିକ ଗୋଷ୍ଠୀର ନେତା ଏବଂ ଓଡ଼ିଶାର ଆଶା-ଆକାଙ୍କ୍ଷା ମୂର୍ତ୍ତିର ମୁଖ୍ୟମନ୍ତ୍ରୀ । କିନ୍ତୁ ମୁଁ ଏବଂ ମୋର ସାଙ୍ଗସାଥୀମାନେ

Digitized by PPRACHIN, SOA

ଥିବୁଥାଉ ଯେ, ଡାଇନାମା ଭଲ ଗୃର୍ଜ ଦେଖାଉଛି ବୋଲି ଯଦି ମଟରର ଗାଡ଼ିକୁ ଅତି ଦ୍ରୁତ ଗତିରେ ଚଲାଯାଏ ତେବେ ଓଭର୍‌ଗୃର୍ଜ ହୋଇ ସମୟେ ସମୟେ ଡାଇନାମା ଜଳିଯାଏ । ଫଳତଃ ମଟରର ଗାଡ଼ି ଚଳିବା ବନ୍ଦ ହୋଇଯାଏ ଏବଂ ଲକ୍ଷ୍ୟ ସ୍ଥଳରେ ଠିକ୍ ସମୟରେ ପହଞ୍ଚି ହୁଏ ନାହିଁ । ପରିଣାମରେ ଉଦ୍ଦେଶ୍ୟ ସିଦ୍ଧ ହୁଏ ନାହିଁ । ଆମେ ନିଶ୍ଚିତ ଆଶଙ୍କା କରୁଥାଉ ଯେ, ବିଜୁବାବୁ ଓ ତାଙ୍କ ସାଙ୍ଗସାଥୀମାନେ ଯେଉଁ ଗର୍ବ, ଦମ୍ଭ, ଅଭିମାନ ଏବଂ ଔଦ୍ଧତ୍ୟରେ ଶାସନ କାର୍ଯ୍ୟ କରିବାକୁ ଯାଉଛନ୍ତି ସେମାନେ ଅଚିରେ ଅବଶ୍ୟ ହିମାଳୟ ସଦୃଶ ମସ୍ତବଡ଼ ଭୂଲ୍ କରିବେ ଯଦ୍ଦ୍ୱାରା ତାଙ୍କ ନିଜର, ଦଳର ଏବଂ ଦେଶର ପ୍ରଭୂତ କ୍ଷତି ହେବ ।

ଆମର ଉପରୋକ୍ତ ଆଶଙ୍କାକୁ ମେଳ ଖୁଆଇ ମୁଁ ଏଠାରେ ଆଉ ଏକ ସତର୍କମୂଳକ ଗଳ୍ପ ବର୍ଣ୍ଣନା କରୁଛି । ଯେତେବେଳେ ଦଳପତି ନିର୍ବାଚନ ନିମନ୍ତେ କଂଗ୍ରେସ ଆସେମ୍ବ୍ଲି ଦଳର ବୈଠକ ହୋଇ ସ୍ଥିର ହେଲା ଯେ, ଶ୍ରୀ ବିଜୁ ପଟ୍ଟନାୟକ ଦଳପତି ଏବଂ ଶ୍ରୀ ବୀରେନ୍ ମିତ୍ର ଉପଦଳପତି (ଯଥାକ୍ରମେ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀ) ହେବେ, ସେତେବେଳେ ସଭା ଶେଷରେ ଅନୁରୋଧ କରାଗଲା ଯେ, ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ (ତାତ୍କାଳିକ ଏମ୍. ଏଲ୍. ଏ. ଏବଂ ଆମ ନିରପେକ୍ଷ ଗୋଷ୍ଠୀର ଜଣେ ସଭ୍ୟ) ନବ-ନିର୍ବାଚିତ ନେତାଦ୍ୱୟଙ୍କୁ ଅଭିନନ୍ଦନ ଜ୍ଞାପନ କରିବେ । ଅନ୍ୟାନ୍ୟ କଥା ଭିତରେ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ କହିଲେ ଯେ, ବର୍ତ୍ତମାନ କଂଗ୍ରେସରେ ପୁରୁଣା ନେତୃତ୍ୱର ଅନ୍ତର ଏବଂ ନୂତନ ନେତୃତ୍ୱର ଆଗମ ହେଲା । ଏହି ନୂତନ ନେତୃତ୍ୱର ଉଦ୍ଦାମ ଉତ୍ସାହ ଓ ଦୁର୍ଦ୍ଦମନୀୟ ଦମ୍ଭ, ସାହସ ଏବଂ ଉଦ୍ଦୀପନା ଅଛି । ଏହାକୁ ସଂଯମର ସହିତ ବ୍ୟବହାର କଲେ ଦେଶର ପ୍ରଭୂତ ଉପକାର ହେବ । କିନ୍ତୁ ସେ ମଧ୍ୟ ଆଶଙ୍କା କରି କହିଥିଲେ ଯେ, ସଂଯମ ଏବଂ ଶୃଙ୍ଖଳାର ସହିତ କାମ ନ କଲେ ପରିଶେଷରେ ମଙ୍ଗଳ ପରିବର୍ତ୍ତେ ଅମଙ୍ଗଳ ହୋଇପାରେ । ସେ ଶ୍ରୀ ବିଜୁ ପଟ୍ଟନାୟକ ଏବଂ ଶ୍ରୀ ବୀରେନ୍ ମିତ୍ରଙ୍କୁ ଦୁଇଟି ଅମହଣ (untrained), ମଜବୁତ ଏବଂ ଉଦ୍ଦଣ୍ଡ ଦାମୁଡ଼ି ସଙ୍ଗେ ତୁଳନା କରି ଆଶଙ୍କା ପ୍ରକାଶ କରି କହିଥିଲେ ଯେ, ଏ ପ୍ରକାର ଅମହଣ ଦାମୁଡ଼ିକୁ ଯଦି ଦୃଢ଼, ଅଭିଜ୍ଞ ଏବଂ ଝାଣୁଆ ହଳିଆ ନ ହୁଏ ତାହାହେଲେ ଉକ୍ତ ଦାମୁଡ଼ି ଯେପରି କାହାକୁ ନ ମାନି ଲଙ୍ଗଳ ଧରି ପଳାଇ ଦୌଡ଼ା ଦୌଡ଼ି କରି ବାଡ଼ ଭାଙ୍ଗି ନିଜ ମାଲିକ ଏବଂ ଅନ୍ୟର

Digitized by PPRACHIN, SOA

ଫସଲ ନଷ୍ଟ କରନ୍ତୁ ଏବଂ ଶେଷରେ ଲଙ୍ଗଳକୁ ପକାଇ ଲୁହାଦ୍ୱାରା ନିଜର ଶରୀରକୁ କ୍ଷତ ବିକ୍ଷତ କରନ୍ତୁ ସେହିପରି ଶାସନ କ୍ଷେତ୍ରକୁ ମୁଖ୍ୟ ଏବଂ ଉପମୁଖ୍ୟ ହିସାବରେ ଦଳଦ୍ୱାରା ନିର୍ବାଚିତ ହୋଇଥିବା ଏ ଯୁବକଦ୍ୱୟ ଉଚ୍ଛୃଙ୍ଖଳିତ ହୋଇ ଦେଶର ଅମଙ୍ଗଳ ସଙ୍ଗେ ନିଜର ଅମଙ୍ଗଳ କରିପାରନ୍ତି । ସେ କହିଥିଲେ ଯେ, ଏ ସ୍ଥଳେ ଦଳ ହେଉଛି ହଳଆ ସ୍ୱରୂପ । ଦଳ ଏମାନଙ୍କୁ ଅତ୍ୟନ୍ତ ଶୃଙ୍ଖଳାରେ ରଖିବା ଦରକାର ।

ନଗ୍ନ ଦୁର୍ନୀତି-ତାଣ୍ଡବ

ବାସ୍ତବିକ ଆମ୍ଭମାନଙ୍କର ଆଶଙ୍କା ଠିକ ହେଲା । ନିରଙ୍କୁଶଭାବେ ସଂଖ୍ୟାଗରିଷ୍ଠ ଦଳ ଏବଂ ଗୋଷ୍ଠୀ ପକ୍ଷରୁ ମୁଖ୍ୟ ଓ ଉପ-ମୁଖ୍ୟମନ୍ତ୍ରୀ ହୋଇ ବିଜୁବାବୁ ଏବଂ ବୀରେନ୍ ବାବୁ (ବୀରେନ୍ ବାବୁ ପରେ ମୁଖ୍ୟମନ୍ତ୍ରୀ ଏବଂ ତା'ପରେ ସଦାଶିବ ବାବୁ ମୁଖ୍ୟମନ୍ତ୍ରୀ ହେଲେ) ନିଜ କଳ୍ପନା ଆନୁଯାୟୀରେ କାର୍ଯ୍ୟ କରିବାକୁ ଲାଗିଲେ । ଗଣତାନ୍ତ୍ରିକ ସମ୍ବିଧାନକୁ ଭିତ୍ତି କରି ଯେଉଁ ଶାସନ ଚଳେ ସେଥିରେ ବହୁ କ୍ଷେତ୍ରରେ ନାନା ପ୍ରକାର ଜାଂଚ-ପଡ଼ତାଳ, ଦେଖ-ରେଖ କିମ୍ବା ପରୀକ୍ଷା-ତଦନ୍ତର ଆଇନଗତ ବ୍ୟବସ୍ଥା ଥାଏ (In a democratic Govt. the authority is not empowe-red to do any thing dictatorially. There are cons-titutional and legal hurdles and obstacles in the forms of checks, ballances and examinations । କିନ୍ତୁ ବିଜୁବାବୁ ଏ ସବୁ ସାମ୍ବିଧାନିକ ଏବଂ ଆଇନଗତ ବାଟରେ ଯିବାର ଲୋକ ନୁହନ୍ତି । ସେ ଚାହୁଁଥିଲେ, ତାଙ୍କ ଇଚ୍ଛା ଅନୁସାରେ ଅର୍ଡ଼ର ହୋଇ ଅତି ଦ୍ରୁତ ଗତିରେ କାର୍ଯ୍ୟ ହେଉ । ଲୋକେ ଜାଣନ୍ତୁ ଯେ, ବିଜୁବାବୁ ଅତି ଶୀଘ୍ରତାର ସହିତ କାର୍ଯ୍ୟ କରିପାରୁଛନ୍ତି । ତାଙ୍କର ତ ବହୁ ଯୋଜନା ମନରେ ଥିଲା । ସେଥିମଧ୍ୟରୁ କେତୋଟି ଏକ ସଙ୍ଗରେ କାର୍ଯ୍ୟାନ୍ୱିତ କରିବା ପାଇଁ ଉଦ୍ୟତ ହେଲେ । ସେଥିପାଇଁ ଯୋଜନାରେ ତ ଅର୍ଥ ନ ଥିଲା । ପଣ୍ଡିତ ନେହେରୁଙ୍କର କ୍ଷଣିକ ବିଶ୍ୱାସର ପାତ୍ର ହୋଇଥିବାରୁ ଓଡ଼ିଶାର

Digitized by PPRACHIN, SOA

ସ୍ଥିରୀକୃତ ଯୋଜନାକୁ ପରିବର୍ତ୍ତନ କରାଇ ନିଜ କଳ୍ପନା ଅନୁସାରେ ଯୋଜନା କରି ଯୋଜନା ପାଇଁ ବ୍ୟବସ୍ଥିତ ଅର୍ଥ ଖର୍ଚ୍ଚ କରିବାକୁ କେନ୍ଦ୍ର ସରକାରଙ୍କ-ଠାରୁ ସ୍ୱୀକୃତି ପାଇଲେ । ଫଳତଃ ଅନ୍ୟ ସବୁ କ୍ଷୁଦ୍ର କ୍ଷୁଦ୍ର ଯୋଜନା ବନ୍ଦ କରାଇ ପାରାଦ୍ୱୀପ-ବନ୍ଦର ଓ ଏକ୍ସପ୍ରେସ୍ ରାସ୍ତାରେ (Express High way) ସବୁ ଟଙ୍କା ଲଗାଇଲେ । ଠିକିରପଡ଼ା ଯୋଜନା ସ୍ୱରୂପ ଏକ ଉଦ୍ଭଟ ଯୋଜନାରେ ହାତ ଦେଇ ଯଦୃଚ୍ଛା ଖର୍ଚ୍ଚ କରିବାରେ ଲାଗିଲେ । ନିଜର କାରଖାନା ଅତିରିକ୍ତ ଲାଭରେ ସରକାରଙ୍କଠାରେ ବିକ୍ରିଲେ । ଦୈତାରି ଲୁହାଖଣି ଯୋଜନା ପାଇଁ ଅତି ବିପଦପୂର୍ଣ୍ଣ ଭାବରେ କିଙ୍ଗ୍ସ ନାମକ ଏକ କମ୍ପାନୀ ସଙ୍ଗେ ଏକତରଫା ଚୁକ୍ତି କଲେ । ଏହିପରି ବୃହତ୍, ମଧ୍ୟମ ଆଉ କେତେ ଯୋଜନାରେ ହାତ ଦେଲେ । ଏସବୁ କାର୍ଯ୍ୟ ଅତି ଜରୁରୀ ଭାବେ କରାଇ ଖର୍ଚ୍ଚ ସଂକ୍ରାନ୍ତୀୟ ସମସ୍ତ ପ୍ରକାର ନିୟମର ବାସ୍ତବ ରାସ୍ତାରେ ନ ଯାଇ ଅତି ସୋଜା ରାସ୍ତାରେ ଗଲେ । ଫଳ ହେଲା ଢିଲ୍ ଏବଂ ବେ-ନିୟମ ଖର୍ଚ୍ଚ । ତରବରରେ କାର୍ଯ୍ୟ କରାଇ ନେବାକୁ ଉଦ୍ୟମ କରିବାରୁ ଖର୍ଚ୍ଚ ଏବଂ କାମ ସବୁର ପରୀକ୍ଷା ଓ ନିରୀକ୍ଷଣରେ ଘୋର ଅବହେଳା ଏବଂ ଅଭାବ ହେଲା । ସମୟେ ସମୟେ ଏବଂ ସ୍ଥାନେ ସ୍ଥାନେ ପରୀକ୍ଷା ଏବଂ ନିରୀକ୍ଷା ଆଦୌ ହେଲା ନାହିଁ । ଚତୁର୍ଦ୍ଦିଗରେ କେବଳ କଣ୍ଟୁ ଗୁଡ଼ାଏ ହେଉଛୁ ବୋଲି ହାଓ୍ୟା । ଏ ହାଓ୍ୟା ସୃଷ୍ଟି କରୁଥାନ୍ତି ଯୋଉକେ କର୍ମଚାରୀ, ବଡ଼ୁ କଣ୍ଟ୍ରାକ୍ଟର, କୋଟା-ପରମିଟ-ଲାଇସେନ୍ସହୋଲ୍ଡର, ଅଳ୍ପ କେତେକ ପାଠୁଆ ଅର୍ଦ୍ଧପାଠୁଆ ଯୁବକ ଓ କଂଗ୍ରେସର ତାଙ୍କ ନିଜ ଗୋଷ୍ଠୀର କର୍ମୀବୃନ୍ଦ । କିନ୍ତୁ ସାରୁ ଭିତରେ ମାରୁ ଏବଂ ଢୋଲ ଭିତରେ ମୂଷା ରହିଲା ପରି ଉପରୋକ୍ତ ଲୋକେ ସମସ୍ତ ସୁବିଧା ଉଠାଇବାକୁ ଲାଗିଲେ ।

ଉପର୍ଯ୍ୟୁକ୍ତ ହାଓ୍ୟା ଏବଂ ପରିସ୍ଥିତିର ସୁଯୋଗରେ ଜନ୍ମ ହେଲା ବଦ୍‌ଖର୍ଚ୍ଚ, ଅର୍ଥନୈତିକ ବିଶୃଙ୍ଖଳା ଓ ରାଜନୈତିକ ଦୁର୍ନୀତି । ଗୋଷ୍ଠୀଗତ ଏବଂ ଏପରିକି ବ୍ୟକ୍ତିଗତ ସ୍ୱାର୍ଥ ସିଦ୍ଧି, ଆତ୍ମତୋଷଣ, ପ୍ରିୟ-ପ୍ରୀତି ତୋଷଣ ଏବଂ ବିରୋଧୀ ମାରଣ ଖୋଲା ଖୋଲି ଭାବରେ ଚାଲିଲା । ବଦ୍ ଖର୍ଚ୍ଚର କଥା ଶୁଣିଲେ ତ ଲୋକେ ବିଶ୍ୱାସ କରିବେ ନାହିଁ । ପାରାଦ୍ୱୀପ ବନ୍ଦର ନିର୍ମାଣରେ ତ ଟଙ୍କା ପାଣି ଭିତରେ ଫିଙ୍ଗିଲା ପରି ଖର୍ଚ୍ଚ ହେଉଥାଏ । ପୋତାଶ୍ରୟ ନିମନ୍ତେ ସମୁଦ୍ର ଭିତରକୁ ଯେଉଁ ପଥର ବନ୍ଧ ତିଆରି ହେଲା ସେଥିରେ କିଏ ଯେ କେତେ ଟଙ୍କା କେତେ ପ୍ରକାରରେ ନେଇଗଲା ତାହା କହିଲେ

Digitized by PPRACHIN, SOA

ସାତକାଣ୍ଡ ରାମାୟଣ ହେବ । ଲୋକେ ଯାହା କହନ୍ତି, "ସର୍‌କାର୍‌କା ମାଲ୍, ଦରିଆମେ ଡାଲ୍ (ପକାଅ)", ଏଠାରେ ସେହିପରି ସରକାରୀ ଟଙ୍କା ସମୁଦ୍ର ଭିତରକୁ ପକାଇ ଦିଆ ହେଲା, ଅର୍ଥାତ୍ ପଥର ବନ୍ଧ ପକାଇବାରେ ପ୍ରିୟା-ପ୍ରୀତି ତୋଷଣ ଏବଂ ଗୋଷ୍ଠୀ ପୋଷଣରେ ବହୁ ଅପବ୍ୟୟ ହେଲା । କେହି କେହି ଆଦୌ ପଥର ନ କଢ଼ାଇ, କମ୍ବା କେହି କେହି କମ୍ ପଥର କଢ଼ାଇ ବହୁତ ଟଙ୍କା ନେଇଗଲେ । ଏହି ପାରାଦ୍ୱୀପ ବନ୍ଦରକୁ ଯେଉଁ ରାସ୍ତା ଗଲା ଉକ୍ତ ରାସ୍ତାରେ ବନ୍ଦର ନିକଟରେ "ଅଠର ବାଙ୍କୀ" ନାମକ କ୍ଷୁଦ୍ର ନଦୀ ଉପରେ ୪୨ ଫୁଟ ଲମ୍ବ ବିଶିଷ୍ଟ ଏକ ପୋଲ ନିର୍ମାଣରେ ୪୫ ଲକ୍ଷ ଟଙ୍କା ଖର୍ଚ୍ଚ ହେଲା । ଏଥିପାଇଁ ଚତୁର୍ଦ୍ଦିଗରେ ଚିତ୍କାର ଓ ସମାଲୋଚନା ହେଲା । ଏ ସମ୍ପର୍କରେ ଓଡ଼ିଶାର ତାତ୍କାଳିକ ଇଞ୍ଜିନିୟର୍-ଗଭର୍ଣ୍ଣର ଡା: ଖୋସଲା ସାହେବଙ୍କୁ ମୁଁ ପଚାରିଲି ଯେ, ଜଣେ ପୃଥିବୀବିଖ୍ୟାତ ଇଞ୍ଜିନିୟର୍ ହିସାବରେ ସେ ମହୋଦୟ ମୋତେ ବୁଝାଇ ଦିଅନ୍ତୁ ଯେ, ଉକ୍ତ ପୋଲରେ ୧ ଫୁଟ ଲମ୍ବ ନିର୍ମାଣ ପାଇଁ କିପରି ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଲା । ଉକ୍ତ ଇଞ୍ଜିନିୟର୍ ରାଜ୍ୟପାଳ ମହୋଦୟ ସ୍ନେହରେ ମୋ ପିଠିରେ ହାତ ମାରି କହିଲେ, "ପ୍ରଧାନ ସାହେବ, ଇସ୍‌କା କୁଛ୍ ଜବାବ୍ ନହିଁ ।" ଖୋସଲା ସାହେବ ଜଣେ ପୃଥିବୀ-ବିଖ୍ୟାତ ଇଞ୍ଜିନିୟର । ସେ ମହୋଦୟ ବିଜୁବାବୁଙ୍କୁ ଅତ୍ୟନ୍ତ ଆଦର କରୁଥିଲେ । ତଥାପି ସେ ବିଜୁ ବାବୁଙ୍କ ବଦ୍ ଖର୍ଚ୍ଚର ଜବାବ ଦେଇ ପାରିଲେ ନାହିଁ କି ବିଜୁବାବୁଙ୍କ ଦୋଷକୁ ଘୋଡ଼ାଇ ପାରିଲେ ନାହିଁ । ବିଜୁବାବୁ ବଦ୍‌ଖର୍ଚ୍ଚ କରୁଛନ୍ତି ବୋଲି ପ୍ରକାରାନ୍ତରେ ସ୍ୱୀକାର କଲେ । ଏକ୍‌ସ୍‌ପ୍ରେସ୍ ରାସ୍ତା ପାଇଁ ଯେଉଁ ଅତିରିକ୍ତ ଖର୍ଚ୍ଚବହୁଳ ଅଟକଳ ଏବଂ ଉକ୍ତ ଅଟକଳ ଅନୁସାରେ ଯେଉଁ ପ୍ରକାର ଖରାପ କାମ ହେଲା ସେଥିପାଇଁ ଯେ କୌଣସି ଲୋକ କପାଳରେ କର ନ ମାରି ରହି ପାରିବ ନାହିଁ । ସୁକିନ୍ଦାର ଦଇତାରି ପାହାଡ଼ରୁ ଯାନ୍ତ୍ରିକ ଉପାୟରେ ଲୁହା ପଥର ଖୋଳି ତାକୁ ଭିନ୍ନ ଭିନ୍ନ ଆକାରରେ ଭଙ୍ଗାଇ ପାରାଦ୍ୱୀପକୁ ପଠାଇବା ନିମନ୍ତେ ଲିଙ୍କ୍‌ସ କମ୍ପାନୀ ସଙ୍ଗେ ଯେଉଁ ଚୁକ୍ତି (agreement)ହେଲା ତାହା ଓଡ଼ିଶା ସରକାରଙ୍କ ପକ୍ଷେ ଯେପରି ବଦ୍‌ଖର୍ଚ୍ଚୀ ସେପରି ମାରାତ୍ମକ ହେଲା । ଉକ୍ତ ଚୁକ୍ତି ଦିନଠାରୁ ଆଜି ବାର ତେର ବର୍ଷ ବିତିଗଲେ ସୁଦ୍ଧା ଏବଂ ଯୋଜନାର ପ୍ରଥମ ଅଟକଳ ୩/୪ କୋଟି ଟଙ୍କାମାତ୍ର ଥାଇ ଆଜି ଉକ୍ତ ଅଟକଳ ପ୍ରାୟ ୧୭ କୋଟି ଟଙ୍କାକୁ ବଢ଼ିଥିଲେ ସୁଦ୍ଧା ଉକ୍ତ ଦୋଷଯୁକ୍ତ ଏଗ୍ରିମେଣ୍ଟ୍‌ର ସୁଯୋଗ ନେଇ ଲିଙ୍କ୍‌ସ

Digitized by PPRACHIN, SOA

କମ୍ପାନୀ ବର୍ତ୍ତମାନ କାମ କରୁନାହିଁ । ବର୍ତ୍ତମାନ ଓଡ଼ିଶାର ଖଣିବିଭାଗୀୟ କର୍ପୋରେସନ ବିରୋଧରେ କଲିକତା ହାଇକୋର୍ଟରେ ଇଞ୍ଜଙ୍କସନ୍ ମକଦ୍ଦମା କରି ଉକ୍ତ କମ୍ପାନୀ ଯନ୍ତ୍ର ଦ୍ୱାରା କାମ କରିବା ବନ୍ଦ କରି ଦେଇଛି । ଉକ୍ତ କମ୍ପାନୀ ଆହୁରି ଅଧିକା ୩୪ କୋଟି ଟଙ୍କା ଦାବୀ କରୁଛି । ଆଶଙ୍କା ଯେ, ଏ ଯୋଜନା କାର୍ଯ୍ୟକାରୀ ହେବ ନାହିଁ ଏବଂ କୋଟି କୋଟି ଟଙ୍କା ପାଣିରେ ପଡ଼ିଲା ପରି ହେବ । ଏତଦ୍‌ବ୍ୟତୀତ ସେ ଯେଉଁ ୧୧ଟି କର୍ପୋରେସନ୍ କରାଇଥିଲେ ଖର୍ଚ୍ଚର ବିଶୃଙ୍ଖଳା ଏବଂ ବହୁଳତା ବଶତଃ ତନ୍ମଧ୍ୟରୁ କୌଣସି ଗୋଟିଏ ସୁଦ୍ଧା କର୍ପୋରେସନ୍ ଲାଭବାନ ହେଉ ନାହାନ୍ତି । ଇତିମଧ୍ୟରେ ଗୋଟିଏ ଯୋଡ଼ିଏ କର୍ପୋରେସନ୍ ତ ଦେବାଳିଆ ହୋଇ ବନ୍ଦ ହେବା ଉପରେ । ବଦ୍‌ଖର୍ଚ୍ଚ, ବେ-ପରବାଏ ଖର୍ଚ୍ଚ ଏବଂ ଅଶୃଙ୍ଖଳିତ ଖର୍ଚ୍ଚ ଯୋଗୁଁ ସରକାରୀ ଅର୍ଥ ହରିଲୁଟ ହେଲା । ବିଜୁବାବୁ ମୁଖ୍ୟମନ୍ତ୍ରୀ, ଅର୍ଥମନ୍ତ୍ରୀ ଏବଂ ଯୋଜନା ମନ୍ତ୍ରୀ ଥାଇ ଏ ସବୁ ନିଜେ କରି କରାଉଥାନ୍ତି । ଖର୍ଚ୍ଚ ସମ୍ପର୍କୀୟ ପ୍ରଚଳିତ ଆଇନ୍-କାନୁନ ଏବଂ ନୀତି-ନିୟମ ମାନିବାକୁ ସେ ବାଧ୍ୟ ନୁହନ୍ତି ବୋଲି ବାହାସ୍ଫୋଟ ମାରନ୍ତି । ଏ ସମ୍ପର୍କରେ ବିଶୃଙ୍ଖଳା କରିବା ତାଙ୍କର ଧର୍ମ ବୋଲି ସେ ଘୋଷଣା କରନ୍ତି ।

ସରକାରୀ ଅର୍ଥ ବ୍ୟୟ କରିବାରେ ଯେଉଁ ବିଶୃଙ୍ଖଳା କରାଗଲା ତାହାର କୁ-ପ୍ରଭାବ ଅନ୍ୟାନ୍ୟ ବିଭାଗକୁ ବ୍ୟାପିଲା । ଯେତେବେଳେ ଅନ୍ୟାନ୍ୟ ବିଭାଗମାନେ ଜାଣିଲେ ଏବଂ ଦେଖିଲେ ଯେ, ନିର୍ମାଣ, ଜଳସେଚନ ଏବଂ ଯୋଜନା ବିଭାଗମାନଙ୍କରେ ଅବାଧରେ ଅର୍ଥର ବଦ୍‌ଖର୍ଚ୍ଚ ହେଉଛି ଏବଂ ଫଳତଃ ବିଭାଗୀୟ କର୍ମଚାରୀ ଏବଂ କଣ୍ଟ୍ରାକ୍ଟରମାନେ ବହୁ ପରିମାଣରେ ଲାଭବାନ ହେଉଛନ୍ତି, ସେମାନେ ମଧ୍ୟ ଇଚ୍ଛା କଲେ ଯେ, ନିଜ ନିଜ ବିଭାଗରୁ ସେମାନେ କିଛି କିଛି ଉପୁରି ଆର୍ଥିକ ଉପକାର ପାଇବା ଉଚିତ । ତେଣୁ କୋଟା, ପରମିଟ୍, ଲାଇସେନ୍ସ, ପର୍‌ଚେଜିଙ୍ଗ୍ ଏଜେନ୍ସି, ଠିକା, କଣ୍ଟ୍ରାକ୍ଟ ଏବଂ ପଟ୍ଟା (quota, permit, license, purchasing Agency, Thika, contract and patta) ଦେବାରେ ପ୍ରିୟା-ପ୍ରୀତି ତୋଷଣ ଏବଂ ଗୋଷ୍ଠୀ ପୋଷଣ ପୂର୍ବକ ଅନ୍ୟାୟ ଭାବେ ଅଗ୍ରିମ ପାଉଣା ବା ଉତ୍କୋଚ ବା ଲାଞ୍ଚ ନିଆଗଲା । ଚୋର ବେପାରୀ ବିରୁଦ୍ଧରେ ମାଲି ମକଦ୍ଦମା ଉଠାଇ ନିଆଗଲା । ଏକ ଦୁଇଟି କ୍ଷେତ୍ରରେ ହାତକଡ଼ି ଲାଗିଥିବା ଚୋରଙ୍କୁ ପୋଲିସଠାରୁ ଗୋଷ୍ଠୀର କେତେକ ଲୋକ ଛଡ଼ାଇ ଆଣି ମନ୍ତ୍ରୀଙ୍କ ନିକଟରେ

Digitized by PPRACHIN, SOA

ହାଜର କରାଇ ଉକ୍ତ ବ୍ୟକ୍ତିର ହାତକଡ଼ି ଭାଙ୍ଗି ମୁକ୍ତ କରି ଦିଆଗଲା ବୋଲି ଆସେମ୍ବ୍ଲିରେ ହୁଲସ୍ଥୁଲ ପଡ଼ିଗଲା । ସରକାରଙ୍କୁ ଜିନିସପତ୍ର ଯୋଗାଇ-ଦେବାପାଇଁ ଏପରି କେତେକ କମ୍ପାନୀ ଏବଂ ବ୍ୟକ୍ତିଙ୍କୁ ଲକ୍ଷ ଲକ୍ଷ ଟଙ୍କା ଅଗ୍ରିମ ଦିଆଗଲା ଯେଉଁମାନଙ୍କଠାରୁ ଟଙ୍କା ଫେରସ୍ତ ପାଇବାର କୌଣସି ବାଟ ନଥିଲା, କମ୍ପାନୀ ଏବେ ନାହିଁ, କମ୍ପାନୀ ଭବିଷ୍ୟତକୁ ହେବ ବୋଲି ଆଶା ନାହିଁ । ଉଦାହରଣ ସ୍ୱରୂପ ମୁଁ କହୁଛି 'କଳିଙ୍ଗ କର୍ପୋରେସନ' ଏବଂ ଶୁଖିଲା ଭେଳି ଇତ୍ୟାଦି ଇତ୍ୟାଦି । ତେଣୁ ପ୍ରତ୍ୟେକ କ୍ଷେତ୍ରରେ ଏବଂ ବିଭାଗରେ ଶୁଣା ଅଧିକ ଏହିପରି ଦୁର୍ନୀତି ଶୁଭିଲା ।

(ଉପର୍ଯ୍ୟୁକ୍ତ ଦୁର୍ନୀତି ଅଭିଯୋଗ ସମ୍ପର୍କରେ ସର୍ବଶ୍ରୀ ବିଜୁ ପଟ୍ଟନାୟକଙ୍କ, ବୀରେନ୍ ମିତ୍ର ପ୍ରଭୃତି ୧୨ ଜଣ ମନ୍ତ୍ରୀଙ୍କ ବିରୋଧରେ ୧୯୬୭ରେ ଖାନ୍ନା-କମିସନ ବସି ତଦନ୍ତ କରିଥିଲେ । ତଦନ୍ତରେ ବିଜୁବାବୁ ଓ ବୀରେନ୍ ବାବୁ କେତେକ ବିଷୟରେ ଶାସନତାନ୍ତ୍ରିକ ଅସଙ୍ଗତି କରିଛନ୍ତି ବୋଲି ଘୋଷିତ ହୋଇଥିଲା ।)

ଏହିପରି ଭାବରେ ଅର୍ଥ ପ୍ରଚଳନ ବହୁ ପରିମାଣରେ ହେଲା । ଅନେକ ଲୋକଙ୍କ ହାତରେ ଅର୍ଥ ପଡ଼ିଗଲା । କଂଗ୍ରେସ ଲୋକଙ୍କ ମଧ୍ୟରୁ ମନ୍ତ୍ରୀଙ୍କ ପ୍ରିୟ ଏବଂ ପାଖଲୋକେ ବେଶ୍ ଦୁଇ ପଇସା ରୋଜଗାର କଲେ । ଦଳର ବିରୋଧୀ ପକ୍ଷକୁ କୌଣସି ନା କୌଣସି ବାଟରେ ସନ୍ତୁଷ୍ଟ କରିବାର ଉଦ୍ୟମରେ ଅଭାବ ନ ଥିଲା । ଅର୍ଥର ସୁଲଭ ପ୍ରାପ୍ତି ଯୋଗୁ ବହୁ ନୂତନ ଯୁବକ ଯୁବତୀ କଂଗ୍ରେସରେ ପଶିଗଲେ । ଯୁବକ ଯୁବତୀ ହାତରେ ଟଙ୍କା ପଡ଼ିଲେ ଯେଉଁ ବଦ୍‌ଗୁଣ ଦେଖାଯିବାର କଥା ତାହା ହେଲା । ଆମ ମନ୍ତ୍ରୀମାନଙ୍କ ମଧ୍ୟରେ ପ୍ରାୟ ସମସ୍ତେ ଯୁବକ । ମୁଁ ସମସ୍ତଙ୍କ ଅପେକ୍ଷା ବୟସ୍କ ଥିଲି । ଆଉ ସମସ୍ତେ ୪୦।୪୫ ବର୍ଷ ମଧ୍ୟରେ କିମ୍ବା ତହିଁରୁ କମ । ଏତେ-ବେଳକୁ ହାଓ୍ୱା ଖେଳେଇ ଦିଆଗଲା ଯେ, ବୟସ୍କ ଲୋକଙ୍କର କଂଗ୍ରେସରେ ପଛ ବେଞ୍ଚରେ ସ୍ଥାନ ରହିବା ଦରକାର । ଯୁବକ-ମାନଙ୍କ ହାତରେ କ୍ଷମତା ପଡ଼ିଗଲା । ଶାସନ ଯୋଗୁଁ ପ୍ରଭୁତ୍ୱ ତ୍ରୁଏଁ ଗ୍ରୁଏଁ ମିଳିଗଲା । ଦୁର୍ନୀତିରୁ ସମ୍ପତ୍ତି ପାଆଗଲା । ବିଧିରେ ତ କଂଗ୍ରେସ ଯୁବକ ଯୁବତୀଙ୍କର ଆଡ଼୍‌ଡ଼ା ହେଲା । ଯୌବନରେ ଧନ-ସମ୍ପତ୍ତି, ପ୍ରଭୁତ୍ୱ ଏବଂ କ୍ଷମତା ମିଳିଗଲେ ବିବେକ ମଧ୍ୟ ନଷ୍ଟ ହୋଇଯାଏ । ବିବେକ ନଷ୍ଟରୁ ନୈତିକ ପତନ ଘଟେ । ଏତେବେଳକୁ କଂଗ୍ରେସର ସଂଖ୍ୟାଧିକ ଗୋଷ୍ଠୀଙ୍କ

Digitized by PPRACHIN, SOA

ପକ୍ଷେ ଯେଉଁ ସୁଯୋଗ ବା ଦୁର୍ଯୋଗ ଘଟିଲା ଶୃଣକ୍ୟ ନୀତିରେ ତାର ପରିଣତି ହେଲା,

"ଯୌବନଂ ଧନ-ସମ୍ପତ୍ତିଃ, ପ୍ରଭୁତ୍ୱଂ ଅବିବେକତା,
ଏକୈକମପ୍ୟନର୍ଥାୟ କିମୁ ଯତ୍ର ଚତୁଷ୍ଟୟମ୍ ।"

ଅନ୍ୟ ଭାଷାରେ କଂଗ୍ରେସର ଥୋକେ ଯୁବକ ଯୁବତୀଙ୍କ ହାତରେ ଏକ ସମୟରେ ଧନ-ସମ୍ପତ୍ତି, ପ୍ରଭୁତ୍ୱ ଏବଂ କ୍ଷମତା ପଡ଼ିଯିବା ଫଳରେ ଅବିବେକତା ପ୍ରାଧାନ୍ୟ ଲାଭ କଲା । ତେଣୁ କେତେକ ଯୁବକ ଯୁବତୀ ଗର୍ବ, ଦମ୍ଭ, ଅଭିମାନ, ଔଦ୍ଧତ୍ୟ ଓ ଦୁର୍ବୃତ୍ତିର ଶିକାର ହୋଇଗଲେ । ସେମାନଙ୍କର ନୈତିକ ଅଧଃପତନ ହେଲା । କେତେକ ଅଗମ୍ୟ ଗମନ ଏବଂ ଅଭକ୍ଷ ଭକ୍ଷଣରେ ମଗ୍ନ ହେବାର ଦେଖାଗଲା । କେତେକ ମାଇ-ମଦ ଏବଂ ସୁରା-ସୁନ୍ଦରୀ ସ୍ରୋତରେ ଭାସିଗଲେ ତ କେହି କେହି ସେଥିରେ ବୁଡ଼ିମଲେ ।

ଏ ସବୁ ଅବସ୍ଥା ସତ୍ତ୍ୱେ କେନ୍ଦ୍ର କର୍ତ୍ତୃପକ୍ଷ ଏବଂ ସରକାର ବିଜୁବାବୁଙ୍କୁ ଟେକ ଧରିଥାନ୍ତି । ବିଜୁବାବୁ ଓଡ଼ିଶାର ଗୌରବ ଏବଂ ଭାରତର ଭାବୀ ନେତା ବୋଲି ପ୍ରଚାର ହେଉଥାଏ । ଏଣେ ଓଡ଼ିଶାରେ ଯେଉଁମାନେ ଆସେମ୍ବ୍ଲିରେ ସ୍ୱାଧୀନ ସଭ୍ୟ ଭାବେ ଥିଲେ ସେମାନେ କଂଗ୍ରେସରେ ମିଶିଗଲେ । କଂଗ୍ରେସ ସଭ୍ୟ ସଂଖ୍ୟା ୮୨ରୁ ୮୮କୁ ବଢ଼ିଗଲା । ଏକ ପକ୍ଷରେ ସଂଗଠନ ଓ ଶାସନରେ ଉତ୍ତମ ସଂଖ୍ୟାଗରିଷ୍ଠତା, ତେଣେ ଦିଲ୍ଲୀ ମହଲରେ ସୁନାମ । ତେଣୁ ମନ୍ତ୍ରୀମାନେ ନିର୍ଭୀକ, ନିର୍ଲଜ୍ଜ ଏବଂ ବେ-ପରବାଏ ଭାବରେ ଶାସନ ଏବଂ ସଂଗଠନ ଚଳାଇଲେ । କିଏ କେଉଁଠାରେ ରାଜା-ଜମିଦାର ଏବଂ ଅମୀର-ବାଦଶାହ ଭଳି ହାବ-ଭାବ ଦେଖାଇଲେ ତ କିଏ କେଉଁଠାରେ ଦରବାର ବସାଇଲେ ।

Digitized by PPRACHIN, SOA

ବୀରେନ୍ ବାବୁଙ୍କ ଦରବାର ଓ ବଜୁବାବୁଙ୍କ ବାହାଦୂରୀମୂଳକ ଔଦ୍ଧତ୍ୟ

ବୀରେନ୍ ବାବୁ ତାଙ୍କ ଜୀବନରେ ପ୍ରଥମ ଥର ପାଇଁ ଏହି ମନ୍ତ୍ରୀ-ମଣ୍ଡଳରେ ଜଣେ ମନ୍ତ୍ରୀ ହେଲେ । ସେ ମଧ୍ୟ ଉପ-ମୁଖ୍ୟମନ୍ତ୍ରୀ ହେଲେ । ତାଙ୍କ ରାଜନୈତିକ ଜୀବନରେ ସେ ଜଣେ ପ୍ରଗତିବାଦୀ ବୋଲି ପରିଚିତ । ଛାତ୍ର ହିସାବରେ ସେ ଛାତ୍ର ଫେଡେରେସନର ଜଣେ ଝାଣୁଆ ସଭ୍ୟ ଓ ସେକ୍ରେଟାରୀ ଥିଲେ । କିନ୍ତୁ ପରେ ୧୯୪୫-୪୬ ବେଳକୁ ସେ ଶ୍ରୀ ମହତାବଙ୍କ ପ୍ରତି ଅନୁରକ୍ତ ହେଲେ । ସେହି ଦିନଠାରୁ ସେ କ୍ରମେ କଂଗ୍ରେସର ମୁଖ୍ୟ ବ୍ୟକ୍ତି ଭାବେ ରହି କଂଗ୍ରେସର ସଭାପତି ମଧ୍ୟ ହୋଇଥିଲେ । ବଜୁ ବାବୁ, ବୀରେନ ବାବୁ ଓ ନୀଳମଣି ବାବୁ ଏହି ୩ ଜଣ ମହତାବଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥାଇ କଂଗ୍ରେସକୁ ଆୟତ୍ତ କରିବାରେ ମହତାବ ବାବୁଙ୍କୁ ସର୍ବବିଧ ସାହାଯ୍ୟ କରୁଥିଲେ । ଏମାନଙ୍କୁ ଓଡ଼ିଶା କଂଗ୍ରେସର ୩ ଜଣ ବନ୍ଧୁକଧାରୀ (The three musketeers) ବୋଲି କେହି କେହି ଡାକନ୍ତି । ବୀରେନ ବାବୁ ଯାହା କରୁଥାନ୍ତି ବୋଧହୁଏ ଏ ଦୁଇଜଣଙ୍କର ସମର୍ଥନ ଅଛି ବୋଲି ସେ ଭାବି ନଥାନ୍ତି ।

ବୀରେନ ବାବୁ ପ୍ରଥମେ ବିହାରିବାଗରେ (ପ୍ରଜାତନ୍ତ୍ର ହତା ଭିତରେ) ରହୁଥିଲେ । ମହତାବ-ନବ ଚୌଧୁରୀଙ୍କ (ସର୍ବଶ୍ରୀ ମହତାବ-ନବ ଚୌଧୁରୀ ୧୯୪୬ ଠାରୁ ୧୯୫୯ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ଥିଲେ) ବିଶ୍ୱସ୍ତ ଲୋକ ବୋଲି ଲୋକେ ବୀରେନ ବାବୁଙ୍କ ଘରଠାକୁ ଯାଇ ଆପତ୍ତି ଓଜର କରୁଥିଲେ । ବୀରେନ ବାବୁ ଚେଷ୍ଟା କରୁଥିଲେ ଯେ, ଲୋକଙ୍କ ଆପତ୍ତି ଶୁଣାଯାଇ ଦୁଃଖ ଦୂର କରାଯାଉ, କିମ୍ବା ଲାଘବ ହେଉ । ପ୍ରଥମେ ପ୍ରଥମେ ଅଳ୍ପ ଲୋକ ଯିବା ଆସିବା କରୁଥିଲେ । କ୍ରମେ ତାଙ୍କ ଘରଠାକୁ ଆପତ୍ତି-କାରୀଙ୍କ ସ୍ରୋତ ଛୁଟିଲା । କୋଟା, ପରମିଟ୍, ଲାଇସେନ୍ସ, ପରଚେଜିଙ୍ଗ୍ ଏଜେନ୍ସି, ସପ୍ଲାଇ-ଏଜେନ୍ସି, ଠିକା, କଣ୍ଟ୍ରାକ୍ଟ ଏବଂ ପଟ୍ଟା ପ୍ରଭୃତି

Digitized by PPRACHIN, SOA

ପାଇବା ବିଷୟ ଶିରେନ ବାବୁଙ୍କ କାନକୁ ଆସିଲେ ତାହା ଶୀଘ୍ର ଏବଂ ଅନାୟାସରେ ହୋଇଯିବ ବୋଲି ଭାବି ତାଙ୍କଠାରେ ଜଣାଇବା ପାଇଁ ବିହାରି-ବାଗକୁ ବହୁତ ଲୋକ ଦୌଡ଼ିଲେ । କାହାର ମଙ୍ଗଳାମଙ୍ଗଳ କାର୍ଯ୍ୟ ପାଇଁ, କାହାର ପଢ଼ିବା ଓ ପରୀକ୍ଷା ଫିସ ଖର୍ଚ୍ଚ ବାବଦ, କେଉଁ କର୍ମୀଙ୍କର ଖାଇବା ଓ ବାଟ ଖର୍ଚ୍ଚ ନାହିଁ ତ, କିଏ କେଉଁଠାରେ ମାମଲାମକଦ୍ଦମାରେ ପଡ଼ି ଖର୍ଚ୍ଚ ପାଇପାରୁ ନାହିଁ ଇତ୍ୟାଦି ବିଷୟମାନଙ୍କରେ ତାଙ୍କଠାରେ ଆପତ୍ତି-ପ୍ରାର୍ଥନା ହେଉଥାଏ । ଚାକିରି-ବାକିରି ପାଇବା, ଅଫିସରଙ୍କ ବଦଳି-ରହଣି ଏବଂ ଉନ୍ନତି ଅବନତି ବିଷୟରେ ମଧ୍ୟ ତାଙ୍କଠାରେ ଆପତ୍ତି ଓଜର ପାଇଁ ଲୋକେ, ବିଶେଷତଃ ରାଜନୈତିକ କର୍ମୀମାନେ ବିହାରିବାଗକୁ ଧାଉଁଥିଲେ । ଲୋକେ ଦୋଷ କରି ତହିଁରୁ ମୁକ୍ତି ପାଇବା ନିମନ୍ତେ ଶିରେନ ବାବୁଙ୍କର ଶରଣାପନ୍ନ ହେଉଥିଲେ । ଲୋକମୁଖରୁ ଶୁଣାଯାଉଥିଲା ଯେ ତିନି ଖୁନ କରି ଦୋଷୀ ଶିରେନ ବାବୁଙ୍କର ଶରଣାପନ୍ନ ହେଲେ ମୁକ୍ତି ପାଇ ଯିବାର ଆଶା । ଭିକାରି ଭିକ୍ଷା ମାଗିବା, ରାଜନୈତିକ କର୍ମୀ ଆର୍ଥିକ ସାହାଯ୍ୟ ପାଇବା, ବ୍ୟବସାୟୀ ଏବଂ ଶିଳ୍ପ-ପତି କୌଣସି ପ୍ରକାର ସୁବିଧା ହାସଲ କରିବାଠାରୁ ଆରମ୍ଭ କରି କାହାର କାହାର ବ୍ୟକ୍ତିଗତ ଅଭାବ ମେଣ୍ଟାଇବା ଇତ୍ୟାଦି ବିଷୟରେ ଲୋକେ ଶିରେନ ବାବୁଙ୍କ ପାଖକୁ ଯାଉଥିଲେ । ଶିରେନ ବାବୁ ନିଜେ ଆସି ଏକ ଯାଗାରେ ସମୟେ ସମୟେ କାମିଜ ପିନ୍ଧି, କିନ୍ତୁ ଅଧିକାଂଶ ସମୟରେ ଖୋଲା ଦେହରେ ବସି ଦରବାର କରୁଥିଲେ । ଅତି ବିଶିଷ୍ଟ ବ୍ୟକ୍ତି ଯଦି ଥାଆନ୍ତି ତେବେ ସେମାନେ ତ ଅବଶ୍ୟ ଚୌକି କିମ୍ବା ସତରଞ୍ଚିରେ ବସିଥାନ୍ତି କିନ୍ତୁ ଆର୍ଥିକ ସାହାଯ୍ୟ କିମ୍ବା ମାମୁଲି ଆପତ୍ତି ନିମନ୍ତେ ଯେଉଁ ସାଧାରଣ ଏବଂ ମଧ୍ୟମ ଶ୍ରେଣୀର ଲୋକେ ଧାଡ଼ି ବାନ୍ଧି ଠିଆ ହୋଇଥାନ୍ତି ସେମାନେ ତାଙ୍କ ପାଳି ଅନୁସାରେ ନିଜ ଆପତ୍ତି ଜଣାନ୍ତି । ଅର୍ଥ ପାଇଁ ଆପତ୍ତି ଥିଲେ ସଙ୍ଗେ ସଙ୍ଗେ ମଧ୍ୟ କିଛି କିଛି ଦିଆଯାଏ । ଏପରିକି ବିବାହ-ବ୍ରତ ଖର୍ଚ୍ଚ ପାଇଁ ମାସିକ ୫।୬ ଶହ ଟଙ୍କା ଦରମା ପାଉଥିବା କେହି କେହି ଅଫିସର ଧାଡ଼ିରେ ଠିଆ ହୋଇ ଆର୍ଥିକ ସାହାଯ୍ୟ ପ୍ରାପ୍ତିର ସଠିକ କଥା ଶୁଣାଯାଉଥିଲା । ଶିରେନ ବାବୁ ଏ ସବୁ ଖର୍ଚ୍ଚ ଚାନ୍ଦା କିମ୍ବା ଦୁର୍ନୀତିରୁ କରୁଛନ୍ତି ବୋଲି ଶୁଣି ତାହା ନିଜେ ପରୀକ୍ଷା କରି ଦେଖିବା ନିମନ୍ତେ ଥରେ ଜଣେ ଉଚ୍ଚପଦସ୍ଥ ସି. ବି. ଆଇ. (C. B. I.) ଅଫିସର

Digitized by PPRACHIN, SOA

ଧାଡ଼ିରେ ଠିଆ ହୋଇ କିଛି ଅର୍ଥ ପାଇଥିବାର ଖବର ଅତି ଜୋରରେ ପ୍ରଚାରିତ ହେଲା ।

ପ୍ରଚାର ବିଭାଗର ପୂର୍ବତନ ନିର୍ଦ୍ଦେଶକ ଶ୍ରୀ ସୁଧୀର ଘୋଷ ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ନିଯୁକ୍ତ ହୋଇଥିଲେ । ଆପତ୍ତିମାନଙ୍କର ପ୍ରତିକାର ପାଇଁ ଭିନ୍ନ ଭିନ୍ନ ଜିଲ୍ଲା ଓ ଅଫିସମାନଙ୍କୁ ଚିଠି ଲେଖିବା ଓ ଟେଲିଫୋନ ଇତ୍ୟାଦି କରିବା ନିମନ୍ତେ ସରକାରୀ କିରାଣୀ ତ ଥାନ୍ତି । ଦରବାର ପୂର୍ବରୁ କିମ୍ବା ପରେ ବୀରେନ ବାବୁ କେତେକଙ୍କ ସଙ୍ଗେ ନିଭୃତରେ ଏକାକୀ କଥାବାର୍ତ୍ତା କରନ୍ତି ।

ବୀରେନ ବାବୁଙ୍କ ଏ ଦରବାର ସମସ୍ତେ ଜାଣିଲେ । ଭଲ-ମନ୍ଦ ଦୁଇଆଡ଼ୁ କାର୍ଯ୍ୟ ହେଉଛି ବୋଲି ପ୍ରଥମେ ପ୍ରଥମେ ଭିତରେ ଭିତରେ ଏବଂ ପରେ ଖୋଲାଖୋଲି ଆଲୋଚନା ହେଲା । ଶାସନରେ ଶୃଙ୍ଖଳା ଭଙ୍ଗ ହେଲା କିନ୍ତୁ ଯେଉଁମାନେ ନ୍ୟାୟ କିମ୍ବା ଅନ୍ୟାୟରେ କିଛି କିଛି ସୁବିଧା ହାସଲ କରୁଥାନ୍ତି ସେମାନେ ଭାରି ପ୍ରଶଂସା କରିବାରେ ଲାଗିଥାନ୍ତି । ବୀରେନ୍ ବାବୁ-ଙ୍କର ଦାନର ସୀମା ତ ରହିଲା ନାହିଁ । ଲୋକେ, ବିଶେଷତଃ ରାଜନୀତିଜ୍ଞମାନେ ଭାବିଲେ ଯେ, ବୀରେନ ବାବୁ ମନ୍ତ୍ରୀ ହିସାବରେ ତ ମୋଟେ ଏକ ହଜାର ଟଙ୍କା ଦରମା ପାନ୍ତି । ତା ସଙ୍ଗେ ଆଉ ଏକଶହ ଟଙ୍କା ମଟର ଆଲାଉନ୍ସ ବାବଦ ପାନ୍ତି । ତାଙ୍କର ତ ଗସ୍ତ କମ୍ । ତାଙ୍କ ନିଜର ତ ସେପରି କୌଣସି ସମ୍ପତ୍ତି ନାହିଁ । ତାଙ୍କ ବାପାଙ୍କଠାରୁ ସେ ବସ୍ତୁତଃ ଅନ୍ତର ହୋଇଯାଇଥିଲେ ବୋଲି କୁହାଯାଏ । ନିଜର ତ ସେପରି କୃଷି-ବାସ, ବାଣିଜ୍ୟ-ବ୍ୟବସାୟ କିମ୍ବା ଶିଳ୍ପ-କାରଖାନା କିଛି ନାହିଁ । ତେଣୁ ଏତେ ଟଙ୍କା କେଉଁ ସୂତ୍ରରୁ ପାଉଛନ୍ତି ଯେ, ସେ ଦୈନିକ ଏତେ ପ୍ରକାର ଲୋକଙ୍କୁ ଏତେ ବାଟରେ ଆର୍ଥିକ ସାହାଯ୍ୟ ଦେଉଛନ୍ତି । ଏହି ବିଷୟ ଆସେମ୍ବ୍ଲି ଭିତରେ ଓ ବାହାରେ ବହୁତ ଲୋକଙ୍କ ମନକୁ, ବିଶେଷତଃ ବିରୋଧୀ ପକ୍ଷ ରାଜନୈତିକ ଦଳର ଲୋକଙ୍କ ମନକୁ ଆଲୋଡ଼ିତ କଲା । ସାଧାରଣ ସଭା ସମିତିରେ, ଦୋକାନ-ବଜାର ଏବଂ ହାଟ-ହୋଟେଲରେ ଏହାର ଆଲୋଚନା କରାଗଲା । ଆସେମ୍ବ୍ଲି ବଜେଟ ଓ ଅନ୍ୟାନ୍ୟ ଆନୁସଙ୍ଗିକ ଆଲୋଚନାବେଳେ ବହୁବାର ଅଭିଯୋଗ ଉଠିଲା । ଏ ସମାଲୋଚନାର ମୁକାବିଲା ଏବଂ ସ୍ପଷ୍ଟୀକରଣ ଉଦ୍ଦେଶ୍ୟରେ ବିଜୁ-ବାବୁ ତାଙ୍କ ନିଜ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ (Press Conference) ୧୯୬୨ ଜୁନ୍ ମାସ ୨୮ ତାରିଖରେ ଡକାଇ କହିଲେ, 'ଉପ-

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ବୀରେନ ବାବୁଙ୍କ ଦାନ, ଧର୍ମ, ଖର୍ଚ୍ଚ, ଖଇରାତ, ଅତିଥି ଓ ଅଭ୍ୟାଗତଙ୍କ ପିଣ୍ଡ ଏବଂ ରାଜମାଣ୍ଡଳ ଉଦ୍ଦେଶ୍ୟରେ ଯେଉଁ ଖର୍ଚ୍ଚ ହେଉଛି ତାର ଆୟର ସୂତ୍ର (Source) ସମ୍ପର୍କରେ ଯେଉଁ ଦୁର୍ନାମ କଥା ଆରୋପ କରାଯାଉଛି ତାହା ଅମୂଳକ ଓ ଭିତ୍ତିହୀନ। ବୀରେନ୍ ବାବୁଙ୍କର ଆୟର ପନ୍ଥା ଅଛି। ସେ ସେହି ଆୟରୁ ଏହି ସବୁ ଖର୍ଚ୍ଚ ତୁଲାଉଛନ୍ତି।' ସାମ୍ବାଦିକ-ମାନଙ୍କର ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ବିଜୁବାବୁ ସ୍ପଷ୍ଟ ଏବଂ ଦୃଢ଼ ଭାବରେ କହିଲେ ଯେ ଉକ୍ତ ପନ୍ଥା ବା ସୂତ୍ର ହେଉଛି ଯେ ସେ (ବିଜୁବାବୁ) ତାଙ୍କୁ (ବୀରେନ ବାବୁଙ୍କୁ) ତିନି ବର୍ଷ ପୂର୍ବେ, ଅର୍ଥାତ୍ ୧୯୫୯ ବେଳକୁ ବାଣିଜ୍ୟ-ବ୍ୟବସାୟରେ ଭର୍ତ୍ତି କରାଇଥିଲେ (I put him to business in 1959)। ଉକ୍ତ ସୂତ୍ରରୁ ସେ ପ୍ରାୟ ୧୬ (ଷୋହଳ) ଲକ୍ଷ ଟଙ୍କା ଲାଭ କରିଛନ୍ତି। ଏହି ସମସ୍ତ ଖର୍ଚ୍ଚ ଏହି ଲାଭରୁ କରାଯାଏ। ଏହି ପ୍ରେସ୍ କନ୍‌ଫରେନ୍‌ସରେ ଯାହା ଆଲୋଚନା ହେଲା ତାହା ଟେପ୍ ରେକର୍ଡ଼ିଙ୍ଗ୍ କରାଇନେଇ ପରେ ପୁସ୍ତକ ଆକାରରେ ବଣ୍ଟାଗଲା। ବର୍ତ୍ତମାନ ବିରୋଧୀ ଦଳକୁ ଆସେମ୍ବ୍ଲି ଆଲୋଚନା ନିମନ୍ତେ ପ୍ରଚୁର ଖାଦ୍ୟ ମିଳିଗଲା। ଏ ସମ୍ପର୍କରେ ଆସେମ୍ବ୍ଲିରେ ବଜେଟ ଏବଂ ଅନ୍ୟାନ୍ୟ ଆନୁସଙ୍ଗିକ ବିଷୟମାନ ଆଲୋ-ଚନାବେଳେ ବହୁବାର ତୀବ୍ର ସମାଲୋଚନା ଓ ଅଭିଯୋଗ ହେଲା ଏବଂ ଆଲୋଚନାବେଳେ ବହୁ ପ୍ରଶ୍ନ ହେଲା। ଅନେକ ସମୟରେ ସରକାରଙ୍କ ତରଫରୁ କିଛି ଉତ୍ତର ଦିଆଯାଏ ନାହିଁ। ଉତ୍ତର ଦିଆଗଲେ ମଧ୍ୟ ତାହା ଟାଳି ମଟାଳି କରି ଦିଆଯାଏ। କିନ୍ତୁ ଥରେ କେତେକ ସଭ୍ୟ ଅତ୍ୟନ୍ତ ଜିଦ୍ ଧରି ଗୁଡ଼େଇ ତୁଡ଼େଇ ନାନା ପ୍ରଶ୍ନ ପଚାରିବାରୁ ବିଜୁବାବୁ ଅତ୍ୟନ୍ତ ଗର୍ବିତ ଓ ଉଦ୍ଧତ ଭାବେ ଉକ୍ତ ପ୍ରେସ୍ କନ୍‌ଫରେନ୍‌ସରେ (ସାମ୍ବାଦିକ ସମ୍ମିଳନୀରେ) ଯାହା କହିଥିଲେ ବସ୍ତୁତଃ ସେହି ମର୍ମରେ ଉତ୍ତର ଦେଲେ, ଅର୍ଥାତ୍ ସେ କହିଲେ, 'ବୀରେନ୍ ବାବୁଙ୍କର ରୋଜଗାରର ସୂତ୍ର (Source) ଅଛି। ତାହା ହେଉଛି ଏହି ଯେ, ମୁଁ (ବିଜୁବାବୁ) ତାଙ୍କୁ (ବୀରେନ ବାବୁଙ୍କୁ) ତିନିବର୍ଷ ପୂର୍ବେ ବ୍ୟବସାୟରେ ଲଗେଇଥିଲି। ଏହି ସମୟ ଭିତରେ ସେ ପ୍ରାୟ ୧୬ ଲକ୍ଷ ଟଙ୍କା ଲାଭ କରିଛନ୍ତି। ଉକ୍ତ ଲାଭରୁ ସେ ଦାନ, ଧର୍ମ, ଅତିଥି ଏବଂ ଅଭ୍ୟାଗତ ଖର୍ଚ୍ଚ ତୁଲାଇ ରାଜମଣ୍ଡ ଓ ଅନ୍ୟାନ୍ୟ ବିଷୟରେ ଆବ-ଶ୍ୟକୀୟ ଗୃହଦା ମେଣ୍ଟାଉଛନ୍ତି। ଏଥିରେ କେହି ସନ୍ଦେହୀ କିମ୍ବା ଈର୍ଷାନ୍ୱିତ ହେବା ଅନୁଚିତ।'

ବର୍ତ୍ତମାନ ବିଜୁ ବାବୁଙ୍କର ଉକ୍ତ ସାମ୍ବାଦିକ ସମ୍ମିଳନୀ ଏବଂ ଔଦ୍ଧତ୍ୟ-ପୂର୍ଣ୍ଣ ଓ ଅପରିଣାମଦର୍ଶୀ ଉତ୍ତର ଉଭୟ ବୀରେନ୍ ବାବୁ ଓ ବିଜୁ ବାବୁଙ୍କୁ ନିତାନ୍ତ ପଦାରେ ଏବଂ ବିପଦରେ ପକାଇଦେଲା । ବୀରେନ୍ ବାବୁ ସରକାରୀ ପ୍ରଭାବ ପ୍ରୟୋଗ କରି ଅସତ୍ ଉପାୟରେ ଏସବୁ ଅର୍ଥ ସଂଗ୍ରହ କରି ଦାନ, ଖୈରାତ ଏବଂ ରାଜନୈତିକ ଖର୍ଚ୍ଚ ତୁଲାଉଛନ୍ତି ବୋଲି ଲୋକଙ୍କ ସନ୍ଦେହ ଦୃଢ଼ୀଭୂତ ହେଲା । ଆସେମ୍ବ୍ଲି-ସଭ୍ୟମାନେ, ବାହାର ଲୋକ ବିଶେଷତଃ ଆୟ-କର (Income Tax) ଦେଉଥିବା ବ୍ୟବସାୟୀ ଏବଂ ଶିଳ୍ପ-ପତିମାନେ ଭାବିଲେ ଯେ, କେତେ ଟଙ୍କା ମୂଳଧନ ଖଟାଇ କି କି ବ୍ୟବସାୟରେ ବିଜୁବାବୁ ବୀରେନ୍ ବାବୁଙ୍କୁ ଲଗାଇ ଦେଲେ ଯେ, ଦୁଇ ତିନି ବର୍ଷ ଭିତରେ ବୀରେନ୍ ବାବୁ ୧୬ ଲକ୍ଷ ଟଙ୍କା ଲାଭ କଲେ । ଯେଉଁମାନେ ଆୟକର ଦିଅନ୍ତି ସେମାନେ ଗଣନା କରି ଦେଖିଲେ, ଯଦି ୧୬ ଲକ୍ଷ ଟଙ୍କା ଲାଭ ହେଲା ତେବେ ମୋଟାମୋଟି ଲାଭ କେତେ ହେଲା । ଇନକମ୍-ଟାକ୍ସ, ସୁପର-ଟାକ୍ସ ଓ ସର୍‌ଚାର୍ଜ ଇତ୍ୟାଦି ଟଙ୍କା ପ୍ରତି ତେର ଚଉଦ ଅଣା ଯଦି ଚାଲିଯାଏ ବାକି ତ ଟଙ୍କାରେ ଦୁଇ ତିନି ଅଣା ମାତ୍ର ଲାଭ ରହୁଛି । ଯଦି ୧୬ ଲକ୍ଷ ଟଙ୍କା ଆୟ ହେଲା ତେବେ ମୋଟାମୋଟି ମୂଳଧନ କେତେ କୋଟି ଟଙ୍କା ହୋଇଥିବ । ତିନି ବର୍ଷ ଭିତରେ କେତେ କୋଟି ଟଙ୍କା ମୂଳ ଧନ ଲଗାଇଥିବାରୁ ଏତେ ଲାଭ ହେଲା । ବ୍ୟବସାୟ ପାଇଁ ଏତେ କୋଟି ଟଙ୍କା କେଉଁଠୁ ଆସିଲା ? କିଏ ଦେଲା ? ଏହିସବୁ ପ୍ରଶ୍ନ ମନରେ ଉଠିଲା । ଯଦି ବ୍ୟାଙ୍କରୁ କରଜ ଅସିଥାଏ ତେବେ କେଉଁ ସିଉରିଟି ଏବଂ ସିକ୍ୟୁରିଟି ଜାମିନରେ ଏତେ ଟଙ୍କା ବ୍ୟାଙ୍କ କରଜ ଦେଲା ? ବୀରେନ ବାବୁଙ୍କର ନିଜର ତ ଏତେ ସମ୍ପତ୍ତି ନାହିଁ । ତେବେ କିଏ ତାଙ୍କ ପାଇଁ ଜାମିନ୍‌ଦାର ହେଲା ? ଯଦି ଅନ୍ୟ କୌଣସି ବ୍ୟକ୍ତି କରଜ ଦେଲା ସେ ତାର ହିସାବ-ରଖା (accounted) ଟଙ୍କାରୁ ଦେଲା ନା ଗୈର-କାରବାର (un-accounted and black money) ଟଙ୍କାରୁ ଦେଲା ? କିଏ ଏ ପ୍ରଶ୍ନର ଉତ୍ତର ଦେବ ? ଏ ତ ସବୁ ଭିତ୍ତିହୀନ କଥା । ଯଦି ସତ୍ୟ ହୋଇ-ଥାଏ ତେବେ ତାହା ଅତି ସାଂଘାତିକ ଏବଂ ଏହି ୧୬ ଲକ୍ଷ ଟଙ୍କା ନିଶ୍ଚୟ ସରକାରୀ-ପ୍ରଭାବ-ଜନିତ ଅନ୍ୟାୟ, ବେଆଇନ ଏବଂ ଗୈରକାରବାରରୁ ହୋଇଥିବ ବୋଲି ଲୋକେ ଭାବିବା ସ୍ୱାଭାବିକ । ପୂର୍ବବର୍ଣ୍ଣିତ ଚାଣକ୍ୟ-ନୀତି ଏଠାରେ ଠିକ ପ୍ରମାଣିତ ହେଲା; ଅର୍ଥାତ୍ :

Digitized by PPRACHIN, SOA

"ଯୌବନଂ ଧନସମ୍ପତ୍ତିଃ ପ୍ରଭୁତ୍ୱଂ ଅବିବେକିତା" ଏମାନେ ପ୍ରତ୍ୟେକଟି ଏକାକୀ ଅନର୍ଥର କାରଣ ଅଟନ୍ତି । କିନ୍ତୁ ଏ ଗୁଣଟିଯାକ ଗୁଣ ଯଦି ଏକ ସଙ୍ଗେ ଏକ ସମୟରେ କୌଣସି ବ୍ୟକ୍ତି ବା ଗୋଷ୍ଠୀ-ଠାରେ ବିଦ୍ୟମାନ ରହନ୍ତି ତେବେ କେତେ ଯେ ଅନର୍ଥ ସୃଷ୍ଟି ନ ହେବ ତାହା କହି ହେବ ନାହିଁ । ତାହାହିଁ ହେଲା, ଏ କାର୍ଯ୍ୟଦ୍ୱାରା ବିଜୁବାବୁ ତାଙ୍କ ନିଜର, ମନ୍ତ୍ରୀମଣ୍ଡଳର, କଂଗ୍ରେସର ଏବଂ ଦେଶର ଅନିଷ୍ଟ କଲେ ।

ଦଳ ଭିତରେ ଦୁର୍ନୀତି ଆଲୋଚନାରେ ବାଧା-ବିଘ୍ନ

କେତେକ କଂଗ୍ରେସ କର୍ମୀଙ୍କର ଏ ପ୍ରକାର କାର୍ଯ୍ୟ ଏବଂ ଆଚରଣ କଂଗ୍ରେସକୁ ବଦନାମ କରାଇଲା । ବିଶେଷତଃ ଶାସନ କ୍ଷେତ୍ରରେ ଥିବା କର୍ତ୍ତୃପକ୍ଷଙ୍କର ଏତାଦୃଶ କାରବାର ଏବଂ ବ୍ୟବହାର ଆମ୍ଭମାନଙ୍କ ମନରେ ସାଙ୍ଘାତିକ ଦୁଃଖ-ଯନ୍ତ୍ରଣା ଏବଂ ଚିନ୍ତା-ଶୋଚନା ସୃଷ୍ଟି କଲା । ନିଜ ଦଳ ମଧ୍ୟରେ ଏ ବିଷୟ ଆଲୋଚନା କରିବାକୁ ଇଚ୍ଛା କଲୁଁ । ଦଳରେ ଆଲୋଚନା କରିବାକୁ ଅନୁକୂଳ ବାତାବରଣ ନ ଥାଏ । ମନ୍ତ୍ରୀ ଏବଂ ତାଙ୍କର ଅନୁଗାମୀ-ମାନେ ବେ-ଆଇନ, ବେ-ନିୟମିତ ଏବଂ ବେ-ସାମାଜିକ କାର୍ଯ୍ୟ କରୁଛନ୍ତି କିମ୍ବା ଆଚରଣ ଦେଖାଉଛନ୍ତି ବୋଲି କହିବାକୁ ଗଲେ ମନ୍ତ୍ରୀ ପକ୍ଷର ଲୋକେ ଏକଜୁଟ୍ ହୋଇ ଯେଉଁ ପ୍ରକାର ବାଚନିକ ଚଢ଼ାଉ ଏବଂ ଆକ୍ରମଣ କରନ୍ତି ସେଥିରେ ଭଦ୍ର ଲୋକମାନେ ନିଜ ମହତକୁ ଜଗି ମାରିବ କିମ୍ବା ଉଦାସୀନ ରହିଯିବାର କଥା । ଏପରି ବ୍ୟବସ୍ଥା ଥାଏ ଯେ, ଯଦି କୌଣସି ମୁଖ୍ୟ ବ୍ୟକ୍ତି ମନ୍ତ୍ରୀ ଓ ମନ୍ତ୍ରୀ ପକ୍ଷ ବ୍ୟକ୍ତିଙ୍କର କାର୍ଯ୍ୟକଳାପକୁ ଟିପ୍ପଣୀ ଏବଂ ସମା-ଲୋଚନା କରିବାକୁ ଆରମ୍ଭ କରନ୍ତି, ତେବେ ମନ୍ତ୍ରୀ ଗୋଷ୍ଠୀ ତାଙ୍କ ତରଫରୁ ଅତି ସାଧାରଣ ଯୁବକଙ୍କୁ ପ୍ରୟୋଗ କରି ଯଦୃଚ୍ଛା ଆକ୍ରମଣ କରାନ୍ତି । ଶେଷକୁ ବାଧ୍ୟହୋଇ ମନ୍ତ୍ରୀ ଗୋଷ୍ଠୀଙ୍କ କାର୍ଯ୍ୟକଳାପ ବିଷୟରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ପ୍ରଥମେ ମୌଖିକ ଏବଂ ପରେ ଲିଖିତ ଭାବେ ଜଣାଇ ଦିଆଗଲା । ଓଡ଼ିଶା ଦୁର୍ନୀତି କଥା ଭାରତର ସର୍ବତ୍ର ଖବର କାଗଜମାନଙ୍କରେ ପ୍ରକାଶିତ

Digitized by PPRACHIN, SOA

ହେଉଥାଏ । ଆସେମ୍ବ୍ଲି ଏବଂ ପାର୍ଲିଆମେଣ୍ଟରେ ମଧ୍ୟ ସମୟେ ସମୟେ ଆଲୋଚିତ ହେଉଥାଏ ।

ଦୁର୍ନୀତି ସମ୍ପର୍କରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଜଣାଣ

ମହତାବ୍‌ବାବୁଙ୍କ ମନ୍ତ୍ରୀମଣ୍ଡଳରେ ମୁଁ ମନ୍ତ୍ରୀ ଥିବା ପର୍ଯ୍ୟନ୍ତ ମନ୍ତ୍ରୀ ଏବଂ ମନ୍ତ୍ରୀ ଗୋଷ୍ଠୀଙ୍କ ବିରୋଧରେ ଲିଖିତ ଅଭିଯୋଗ-ସମ୍ବଳିତ ଦରଖାସ୍ତମାନଙ୍କରେ ଦସ୍ତଖତ କରୁନଥିଲି । ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଲା ପରେ ଅଭିଯୋଗପତ୍ରମାନଙ୍କରେ ମୁଁ ପ୍ରଥମ ଦସ୍ତଖତକାରୀ ହେଉଥିଲି । ସର୍ବଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ ପ୍ରଭୃତିଙ୍କ ଦସ୍ତଖତରେ ମନ୍ତ୍ରୀମାନଙ୍କ ବିରୋଧରେ ଯେଉଁସବୁ ଅଭିଯୋଗ ପଠାଯାଇଥିଲା ତାହା ୧୯୬୪ରେ ଭୁବନେଶ୍ୱରରେ ହୋଇଥିବା ନିଖିଳ ଭାରତ କଂଗ୍ରେସ କମିଟିର ପ୍ଳେନାରୀ ସେସନ୍ ବା ବାର୍ଷିକ ଅଧିବେଶନର ରିପୋର୍ଟରେ ସ୍ଥାନ ପାଇଥିଲା ।

ଆମ୍ଭେମାନେ କେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରେ ଆପତ୍ତି କଲୁ ଯେ ବିଜୁବାବୁ ପ୍ରଭୃତିଙ୍କ ବିରୋଧରେ ଅଭିଯୋଗମାନଙ୍କର ତଦନ୍ତ ହୋଇ ଉପଯୁକ୍ତ କାର୍ଯ୍ୟବିଧାନ କରାଯାଉ । ସେଥିପାଇଁ ସଭାପତି ଏବଂ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ୍ କଲୁ । ରାଞ୍ଚିଠାରେ ହେଉଥିବା ପୂର୍ବାଞ୍ଚଳ ପ୍ରାଦେଶିକ କଂଗ୍ରେସ କମିଟିମାନଙ୍କର ମିଳିତ ବୈଠକରେ ଯୋଗ ଦେଇ ମନ୍ତ୍ରୀମାନଙ୍କ ବିରୋଧରେ ଅଭିଯୋଗମାନ ଉପସ୍ଥାପିତ କରି ସଭାପତି ଶ୍ରୀ କାମରାଜ ନାଦରଙ୍କଠାରେ ଦାବୀ କଲୁ ଯେ କେନ୍ଦ୍ର କର୍ତ୍ତୃପକ୍ଷ ଓଡ଼ିଶା ମନ୍ତ୍ରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ ଶାସ୍ତି ବିଧାନ କରନ୍ତୁ । କିନ୍ତୁ କେନ୍ଦ୍ର କର୍ତ୍ତୃପକ୍ଷ ତାହା କଲେ ନାହିଁ ; କାରଣ ହୁଏତ ବିଜୁବାବୁ ପ୍ରଭୃତିଙ୍କ ପ୍ରତି ମମତା, ମୋହବଶ ଏବଂ ଖାତିରବଶତଃ, କିମ୍ବା ବିଜୁବାବୁ ଜହରଲାଲ ନେହେରୁଙ୍କର ପ୍ରିୟ ଏବଂ ବିଶ୍ୱାସୀ ଥିବାରୁ ସେମାନେ ତାଙ୍କୁ ଦଣ୍ଡ ଦେବାପାଇଁ ପଶ୍ଚାତ୍‌ପଦ ହେଉଥିଲେ । କିନ୍ତୁ ଆମ୍ଭେମାନେ ଛାଡ଼ିବାର ଲୋକ ନ ଥିଲୁ । ମୁଁ ସବୁବେଳେ ଭାବୁଥାଏ ଯେ ହୁଏତ ବିଜୁବାବୁ ପ୍ରଭୃତିଙ୍କୁ ଦଣ୍ଡ ଦିଆଇ କଂଗ୍ରେସକୁ ସୁଧାରିବାର ଚେଷ୍ଟା କରିବି, କିମ୍ବା ତାହା ଯଦି ନ କରି ପାରିବି ବରଂ କଂଗ୍ରେସ ପରିତ୍ୟାଗ

Digitized by PPRACHIN, SOA

କରିବ ପଛକେ ଏପରି ଦୁର୍ନୀତିଗ୍ରସ୍ତ ଅନୁଷ୍ଠାନରେ ରହି ନିଜକୁ କଳଙ୍କିତ କରିବ ନାହିଁ । ମୋର ବନ୍ଧୁମାନଙ୍କର ମଧ୍ୟ ଉକ୍ତ ଅଧିକେ ସେହି ମତ ଏବଂ ଚିନ୍ତାଧାରା ।

ଉପରୋକ୍ତମତେ ମନ୍ତ୍ରୀ ଗୋଷ୍ଠୀଙ୍କର ଦୁର୍ନୀତି ସମ୍ପର୍କରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରେ ମୌଖିକ ଜଣାଇବା ସଙ୍ଗେ ସଙ୍ଗେ ଆମ୍ଭେମାନେ ସମୟେ ସମୟେ ଲିଖିତ ଭାବେ ମଧ୍ୟ ଜଣାଉଥାଉ । ମୁଁ ତ ଆମ ଗୋଷ୍ଠୀର ମୁଖିଆ ଥାଏ । ତେଣୁ ସବୁ ପ୍ରକାର ଆପତ୍ତି କରିବାରେ ମୁଁ ନେତୃତ୍ୱରେ ଥାଏ । ଆମ୍ଭମାନଙ୍କର ଶେଷ ଲିଖିତ ଆପତ୍ତିରେ ଆମ୍ଭେମାନେ ଦାବୀ କଲୁ ଯେ, କେନ୍ଦ୍ର କର୍ତ୍ତୃପକ୍ଷ ଆମ ଦାବୀ ସମ୍ପର୍କରେ ଯେଉଁ ନିଷ୍ପତ୍ତି ଦେବେ ତାହା ଶୀଘ୍ର ଲିଖିତ ଭାବେ ଆମ୍ଭମାନଙ୍କୁ ଜଣାଇ ଦିଅନ୍ତୁ । ଆମ୍ଭେମାନେ ବରାବର ଆପତ୍ତି କରୁଥାଉ ଯେ ଆମ ଅଭିଯୋଗ ସମ୍ପର୍କରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି କୌଣସି ତଦନ୍ତ କରି ପାରିବେ ନାହିଁ ; ଯେହେତୁ ଏହାର ସଭାପତି ଓଗେରହ ପ୍ରାୟ ସମସ୍ତ କର୍ମକର୍ତ୍ତା ବିଜୁବାବୁ ଓଗେରହ ଅଭିଯୁକ୍ତ ଗୋଷ୍ଠୀଙ୍କ ପକ୍ଷର ବ୍ୟକ୍ତି ଏବଂ ସେମାନେ ଡର, ଖାତିର ଓ ଚକ୍ଷୁ ଲଜ୍ଜା-ବଶତଃ ମନ୍ତ୍ରୀମାନଙ୍କ ଦୋଷ ପଦାରେ ପକାଇବେ ନାହିଁ । ଆମ୍ଭେମାନେ ଯେଉଁ ଅଭିଯୋଗ କରିଥିଲୁ ଏତେବେଳକୁ ସେ ସମ୍ପର୍କରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କର କଥିତ ପରିମାଣରେ ହୃଦ୍‌ବୋଧ ହୋଇଯାଇଥିଲା । ତେଣୁ ବୋଧହୁଏ ଆମ ଆପତ୍ତି ସମ୍ପର୍କରେ ମତ ଦେବାକୁ କେନ୍ଦ୍ର କର୍ତ୍ତୃପକ୍ଷ ଆମ ଲିଖିତ ଆପତ୍ତି ଦରଖାସ୍ତଟି ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ସଭାପତି ଶ୍ରୀ ବିଜୟ କୁମାର ପାଣିଙ୍କ ନିକଟକୁ ପଠାଇଦେଇ ନିର୍ଦ୍ଦେଶ ଦେଇଥିଲେ ଯେ, ଏ ବିଷୟରେ ସେ ତଦନ୍ତ କରି ଏକ ରିପୋର୍ଟ କେନ୍ଦ୍ର କର୍ତ୍ତୃପକ୍ଷଙ୍କୁ ଦିଅନ୍ତୁ । ସଭାପତି ଶ୍ରୀ ବିଜୟ କୁମାର ପାଣି ମୁଖ୍ୟତଃ ଅପ୍ରତ୍ୟକ୍ଷ ଭାବେ ଏହି ତଦନ୍ତ ଉଦ୍ଦେଶ୍ୟରେ ୧୯୬୪ ଅଗଷ୍ଟ ମାସ ୨୩ ତାରିଖ ଦିନ ସନ୍ଧ୍ୟା ୭ଟା ବେଳକୁ ତାଙ୍କର ଭୁବନେଶ୍ୱରସ୍ଥ ବାସ ଭବନକୁ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ଏକ ବୈଠକ ଡକାଇଲେ ।

Digitized by PPRACHIN, SOA

ଚରମ ଔଦ୍ଧତ୍ୟ ଓ ଚକ୍ର ପରିବର୍ତ୍ତନ

[ମୋ କାମିକି ଚରା]

୧୯୭୪ ଅଗଷ୍ଟ ମାସ ୨୩ ତାରିଖ

ଉପରୋକ୍ତ ସ୍ଥାନ ଏବଂ ତାରିଖରେ ରାତି ବେଳେ ବୈଠକ ବସିଲା । ସଭାର ବିଷୟବସ୍ତୁ ଖୁବ କମ ଥିଲା । ନାନା କାର୍ଯ୍ୟକ୍ରମ (agenda) ମଧ୍ୟରେ ସାଙ୍ଗଠନିକ ପ୍ରସାର, ପ୍ରଚାର ଏବଂ ଦୃଢ଼ତା ମଧ୍ୟ ଅନ୍ତର୍ଭୁକ୍ତ ଥିଲା । ସଭା ଆରମ୍ଭ ହେଉ ହେଉ ପ୍ରାୟ ସନ୍ଧ୍ୟା ସାତଟା ଉପରେ ସମୟ ହୋଇଗଲା । ଅମ ଗୋଷ୍ଠୀ ତରଫରୁ କେବଳ ୨ଜଣ ସଭ୍ୟ ଥିଲୁ—ମୁଁ ଏବଂ ଶ୍ରୀ ବନମାଳୀ ପଟ୍ଟନାୟକ । ଆମ୍ଭେମାନେ ଠିକ ସମୟରେ ସଭାରେ ଉପସ୍ଥିତ ଥିଲୁ ।

ଏହି ବୈଠକର ୨।୪ ଦିନ ପୂର୍ବରୁ ବିଜୁ-ବୀରେନ ବାବୁଙ୍କ ପକ୍ଷର ସଭ୍ୟ ଏବଂ ଖବର-କାଗଜ ପ୍ରତିନିଧିମାନଙ୍କ ଭିତରେ ଗୁପୁଚୁପୁ ଭାବେ ଫୁସୁରୁ ଫାସର କଥାବାର୍ତ୍ତା ଚାଲିଥାଏ ଯେ, ଏହି କମିଟି ବୈଠକରେ ବିଜୁବାବୁ ୧୨ଜଣଙ୍କ ବିରୁଦ୍ଧରେ ଯେଉଁ ଅଭିଯୋଗ ପତ୍ର ପବିତ୍ର ବାବୁ ପ୍ରଭୃତି କେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରେ ଉପସ୍ଥାପିତ କରିଛନ୍ତି ସେ ସଂପର୍କରେ ମତାମତ ପାଇଁ କେନ୍ଦ୍ର କର୍ତ୍ତୃପକ୍ଷ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କ ନିକଟକୁ ପଠାଇଛନ୍ତି । ତେଣୁ ଏହି ବୈଠକରେ ଘମାଘୋଟ ଆଲୋଚନା ହେବ । ଆପତ୍ତିକାରୀମାନେ ଆଣିଥିବା ଅଭିଯୋଗମାନଙ୍କର ପ୍ରମାଣ ଦେବାକୁ କୁହାଯିବ । ପ୍ରମାଣ ଦେଇ ନ ପାରିଲେ କମିଟି ଆଗରେ କ୍ଷମା ମଗାଇ ଅଭିଯୋଗ ପତ୍ର ଓ୍ୟାପସ ଆଣିବା ପାଇଁ ବାଧ୍ୟ କରାଯିବ ।

ଉପରୋକ୍ତ ଗୁଜବ ଆମ୍ଭେମାନେ ଟିକଏ ଟିକଏ ଜାଣିଥିଲୁ । କିନ୍ତୁ ଆମେ ବିଶ୍ୱାସ କରିପାରୁ ନ ଥିଲୁ ଯେ, ବାସ୍ତବିକ ଉକ୍ତ ଦିନର ସଭାରେ ସେମାନେ ପୂର୍ବ ଚକ୍ରାନ୍ତ ଅନୁସାରେ ଆମ୍ଭମାନଙ୍କ ଉପରେ ଅତ୍ୟାଚାର

Digitized by PPRACHIN, SOA

କରିବେ । ସନ୍ଧ୍ୟା ୭ଟା ବେଳକୁ ପ୍ରାୟ ସବୁ ସଭ୍ୟ ଉପସ୍ଥିତ ହୋଇଗଲେ । ମୁଖ୍ୟମନ୍ତ୍ରୀ ଶ୍ରୀ ବୀରେନ ମିତ୍ର ପ୍ରଥମେ ଉପସ୍ଥିତ ଥାଇ ସଭା ଆରମ୍ଭ ହେବା ପୂର୍ବରୁ କିଛି ବାହାନା ଦେଇ ଚାଲିଗଲେ । ସଭା ଆରମ୍ଭରେ ବିଜୁବାବୁଙ୍କ ହାତବାରିସୀ (instrumen) ରୂପେ କାମ କରୁଥିବା କେତେକ ସଭ୍ୟ ଆକ୍ରମଣାତ୍ମକ ଭାବେ ଅଭିଯୋଗ ଆଣିଲେ ଯେ, ଆମ ଗୋଷ୍ଠୀ ମୋ ନେତୃତ୍ୱରେ ପରିଚାଳିତ ହୋଇ ସଭା, ସମିତି ଏବଂ ଖବରକାଗଜମାନଙ୍କରେ ମନ୍ତ୍ରୀମାନଙ୍କର କୁତ୍ସାରଟନା କରାଇବା ସଙ୍ଗେ ସଙ୍ଗେ ସର୍ବଶ୍ରୀ ବିଜୁ-ବୀରେନ ଓ ଗେର ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଅମୂଳକ ଏବଂ ଭିତ୍ତିହୀନ ଅଭିଯୋଗମାନ କେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରେ ଉପସ୍ଥାପିତ କରିଥିବା କଥା ଖବର କାଗଜରେ ପ୍ରକାଶିତ ହୋଇଛି । ଏହାର ସତ୍ୟତା ସଭାପତି ଶ୍ରୀ ବିଜୟ କୁମାର ପାଣି ଏବଂ ମନ୍ତ୍ରୀ ଶ୍ରୀ ବୀରେନ ମିତ୍ର କୁହନ୍ତୁ । ଏତିକ କୁହାହେବା ସଙ୍ଗେ ସଙ୍ଗେ ବିଜୁବାବୁଙ୍କ ଇଙ୍ଗିତରେ ଶ୍ରୀ ବିଜୟ କୁମାର ପାଣି ଆମେ ଯେଉଁ ଅଭିଯୋଗପୂର୍ଣ୍ଣ ଦରଖାସ୍ତଟି କେନ୍ଦ୍ର ଅଧିକାରୀଙ୍କ ନିକଟକୁ ପଠାଇଥିଲୁ ସେହି ଦରଖାସ୍ତଟି ଦଳର କମିଟି ଆଗରେ ଉପସ୍ଥାପିତ କଲେ । ଆମର ଦରଖାସ୍ତଟି ନିଖିଳ ଭାରତ କଂଗ୍ରେସ କମିଟୀର ସଭାପତି ଶ୍ରୀ କାମରାଜ ଓଡ଼ିଶା କଂଗ୍ରେସ ସଭାପତି ଶ୍ରୀ ବିଜୟ କୁମାର ପାଣିଙ୍କ ନିକଟକୁ ପଠାଇ ନିର୍ଦ୍ଦେଶ ଦେଇଥିଲେ ଯେ, ସେ ଉକ୍ତ ଅଭିଯୋଗର ବିଷୟବସ୍ତୁ ସମ୍ପର୍କରେ ତଦନ୍ତ କରି ତାଙ୍କୁ ସତ୍ୟାସତ୍ୟ ଜଣାଇବେ ।

ଦରଖାସ୍ତଟି ଉପସ୍ଥାପିତ କରାଯିବା ସଙ୍ଗେ ସଙ୍ଗେ ବିଜୁ ପଟ୍ଟନାୟକ ତାହା ନିଜ ହାତରେ ଧରି ଉଭୟ ଶ୍ରୀ ବନମାଳୀ ପଟ୍ଟନାୟକ ଏବଂ ମୋ ଉପରେ ଅତ୍ୟନ୍ତ ରାଗିଯାଇ କହିଲେ ଯେ, ଆମ ଗୋଷ୍ଠୀର ଅମୂଳକ କୁତ୍ସା ପ୍ରଚାର ଯୋଗୁଁ ନାନା ବିଭ୍ରାଟ ଉପୁଜୁଛି । ସେ ଦାବୀ କଲେ ଯେ, ଦରଖାସ୍ତ-ସମ୍ବଳିତ ଆପତ୍ତିସବୁ ଅସତ୍ୟ, ଭିତ୍ତିହୀନ ଏବଂ ମନଗଢ଼ା । ତେଣୁ ଏହି ଦରଖାସ୍ତଟି ଦାଖଲକାରୀ ସଭ୍ୟ ଶ୍ରୀ ପବିତ୍ର ମୋହନ ପ୍ରଧାନ ମିଥ୍ୟାରେ ଅଭିଯୋଗ କରିଛନ୍ତି ବୋଲି ସ୍ୱୀକାର କରନ୍ତୁ ଏବଂ ଏହା ଏହିକ୍ଷଣି ଉଠାଇ ନିଅନ୍ତୁ । ବିଜୁବାବୁଙ୍କର ମୁହଁରୁ କଥା ଛିଣ୍ଡୁ ନ ଛିଣ୍ଡୁଣୁ ତାଙ୍କ ଅନୁଗାମୀ ସଭ୍ୟମାନେ ଏକ ସମୟରେ ନିଜ ଆସନରୁ ଉଠି ରାଗରେ ପ୍ରଜ୍ଜ୍ୱଳିତ ହୋଇ ଏକ ସ୍ୱରରେ ଚିତ୍କାର କଲେ ଯେ, ଅଭିଯୋଗସବୁ ମିଥ୍ୟା ଏବଂ ଅମୂଳକ ଅଟେ । ଆପତ୍ତିକାରୀ ଶ୍ରୀ ପବିତ୍ର ମୋହନ ପ୍ରଧାନ

Digitized by PPRACHIN, SOA

ଏହା ଏହିକ୍ଷଣି ଉଠାଇ ନିଅନ୍ତୁ । କେହି କେହି ମଧ୍ୟ ମୋତେ ଶାରୀରିକ ଆଘାତ କରିବାକୁ ଉଦ୍ୟତ ହେଉଥାନ୍ତି । ମୁଁ ଏବଂ ଶ୍ରୀ ବନମାଳୀ ପଟ୍ଟନାୟକ ଧୀର ସ୍ଥିର ଭାବେ ଯୁକ୍ତି କରୁଥାଉ ଯେ, ଯେହେତୁ ଏହି ସବୁ ଅଭିଯୋଗ ଓଡ଼ିଶା କଂଗ୍ରେସ କମିଟିର ବହୁ ମୁଖ୍ୟ ସଭ୍ୟ ଏବଂ ବିଶେଷ କରି ସର୍ବଶ୍ରୀ ବିଜୁ-ସାରେଙ୍ଗଙ୍କ ବିରୋଧରେ ଅଣାଯାଇଛି ଏବଂ ଯେହେତୁ ଆମ ଦୁଇଜଣଙ୍କ (ମୁଁ ଏବଂ ଶ୍ରୀ ବନମାଳୀ ପଟ୍ଟନାୟକ) ବ୍ୟତୀତ ଆଉ ସମସ୍ତ ସଭ୍ୟ ବିଜୁ ବାବୁଙ୍କ ପକ୍ଷର ଲୋକ ତେଣୁ ଏଠାରେ ନ୍ୟାୟ ମିଳିବ ନାହିଁ । ସେଥିପାଇଁ ଆମ ଆପତ୍ତି ବିଷୟରେ ପ୍ରମାଣ ଆମେ ଏଠାରେ ନ ଦେଇ ଦିଲ୍ଲୀରେ ନି: ଭା: କ: କ: ର ଏକ ତଦନ୍ତ କମିଟି ଆଗରେ ଦେବୁ । ଏଥିରେ ପୁଣି ସମସ୍ତ ସଭ୍ୟ ଉଠି ଆମକୁ ଗାଳି ଗୁଲଜ କରୁଥାନ୍ତି । ଇତିମଧ୍ୟରେ ଶ୍ରୀ ବିଜୁ ପଟ୍ଟନାୟକ ମୋ ନାମରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ନିକଟକୁ ଗୋଟିଏ ଟେଲିଗ୍ରାମ ଡ୍ରାଫ୍ଟ କରି ଦାବୀ କଲେ ଯେ, ସେହି ଟେଲିଗ୍ରାମରେ ମୁଁ ଦସ୍ତଖତ କରିବି ଏବଂ ତାହା ଜରୁରୀ ଟେଲିଗ୍ରାମ ଭାବେ କେନ୍ଦ୍ର ସଭାପତିଙ୍କ ନିକଟକୁ ଯିବ । ଡ୍ରାଫ୍ଟ ଟେଲିଗ୍ରାମର ବିଷୟ-ବସ୍ତୁ ଥିଲା ଯେ, "ମୁଁ ଯେଉଁ ଆପତ୍ତି ଅଭିଯୋଗ କରିଥିଲି ତାହା ଡଃ ମହତାବ ଟେଗେରଙ୍କ ପ୍ରରୋଚନାରେ କରିଥିଲି । ଅଭିଯୋଗଗୁଡ଼ିକ ମିଥ୍ୟା । ତେଣୁ ମୁଁ କ୍ଷମା ମାଗି ନେବା ସଙ୍ଗେ ସଙ୍ଗେ ଉକ୍ତ ଦରଖାସ୍ତ ପ୍ରତ୍ୟାହାର କରି ନେଉଛି ।" ମୁଁ ଏହାର ପ୍ରତିବାଦ ଏବଂ ପ୍ରତିରୋଧ କରିବାରୁ ବିଜୁ ବାବୁ ତାଙ୍କ ଆସନରୁ ଦୌଡ଼ି ଆସି ମୋ ଉପରେ ଝାମ୍ପମାରି ମୋତେ ଏକ ନିର୍ଘାତ ଗୃପୁଡ଼ା ମାରି ଖୁବ୍ ଜୋରରେ ଟାଣି ପୁଣି ମାରିବାକୁ ଲାଗିଲେ ଏବଂ ମୋର କାମିଜ ଚିରିପକାଇଲେ । ମୁଁ ଏବଂ ଶ୍ରୀ ବନମାଳୀ ପଟ୍ଟନାୟକ ନିର୍ବାକ୍ ହୋଇ ରହିଗଲୁ । ବିଜୁ ବାବୁ ପୁଣି ଆକ୍ରମଣ କରିବାକୁ ଉଦ୍ୟତ ହେଉଥିଲେ, ବୋଧହୁଏ ଆମ୍ଭମାନଙ୍କର ଧୈର୍ଯ୍ୟ ଏବଂ ଦୃଢ଼ତାର ପରାକାଷ୍ଠା ଯୋଗୁଁ ସେ ପୁନର୍ବାର ଆକ୍ରମଣ ନ କରି ତର୍ଜନ ଗର୍ଜନ କରିବାକୁ ଲାଗିଲେ । ୨।୩ ମିନିଟ ମଧ୍ୟରେ ଏହି ଦୃଶ୍ୟ ଶେଷ ହେଲା । ମୁଁ ସ୍ତମ୍ଭୀଭୂତ ହୋଇଗଲି । ଶ୍ରୀ ବନମାଳୀ ପଟ୍ଟନାୟକ ଅତି ଆବେଗମୟ, ଦୁଃଖପୂର୍ଣ୍ଣ ଏବଂ ବିସ୍ମୟ ଶବ୍ଦ ଓ ସ୍ୱରରେ କହିଲେ ଯେ, କଂଗ୍ରେସ ମାନବ ଗୋଷ୍ଠୀ ନ ହୋଇ ଦାନବ ଏବଂ ପଶୁ ଗୋଷ୍ଠୀରେ ପରିଣତ ହେଲାଣି । କଂଗ୍ରେସର ପତନ ସୁନିଶ୍ଚିତ । ଏହିପରି କହି ମୋ ହାତ ଧରି ମୋତେ କହିଲେ, "ଆସ,

Digitized by PPRACHIN, SOA

ଏଠାରେ ନ୍ୟାୟ, ନୀତି, ଶୃଙ୍ଖଳା, ଗଣତନ୍ତ୍ର, ସାମାଜିକତା ଓ ମାନବିକତାର ସ୍ଥାନ ନାହିଁ, ଗୁଣ୍ଡାଙ୍କର ସ୍ଥାନ ଅଛି, ଆମେ ଏଠାରୁ ଚାଲିଯିବା । ଆଜିଠାରୁ ଶ୍ରୀ ବିଜୁ ପଟ୍ଟନାୟକଙ୍କର ଶୋଷଣ ଏବଂ ଗୁଣ୍ଡାମୀର ନାହିଁନଥିବା ପ୍ରତିବାଦ ହେବ ।" ଆମେ ସଭାସ୍ଥାନ ପରିତ୍ୟାଗ କଲୁ । ସଭାସ୍ଥ ଶ୍ରୀ ବିଜୁ ପଟ୍ଟନାୟକଙ୍କର ଅତ୍ୟନ୍ତ ଅନୁଗାମୀମାନେ ଅତିଶୟ ଆନନ୍ଦିତ, ଉତ୍ତେଜିତ ଏବଂ ଉଦ୍ଧତ ଥାନ୍ତି । ଆମ ଦୁଇଜଣଙ୍କୁ ଛାଡ଼ି ବାକି ୩୨୪ ଜଣ ବିସ୍ମିତ ଏବଂ ମର୍ମାହତ ଓ ଲଜ୍ଜିତ ହେଲାପରି ଜଣା ପଡ଼ୁଥିଲା । କିନ୍ତୁ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତି ଖାତିରି ଏବଂ ଭୟ ବଶତଃ ପ୍ରତିବାଦ କିମ୍ବା ପ୍ରତିରୋଧ କରିବାର ଶକ୍ତି କିମ୍ବା ପ୍ରବୃତ୍ତି ନ ଥିଲା ।

ଏତେବେଳକୁ ରାତି ପ୍ରାୟ ସାଢ଼େ ଦଶଟା ଏଗାରଟା ହୋଇ-ଯାଇଥିଲା । ସଭା ବାହାରେ ଥିବା ଡ୍ରାଇଭର ଓ ଅନ୍ୟାନ୍ୟ କେତେକ ବ୍ୟକ୍ତି ସଭାଗୃହ ମଧ୍ୟରୁ ଶୁଣାଯାଉଥିବା ଆକ୍ରମଣାତ୍ମକ ଚିତ୍କାର ଶୁଣି ଅବାକ୍ । ଆମେ ଚାଲିଗଲା ବେଳେ ଆମକୁ ଘେରି ପଚାରିବାରୁ ଆମେ କହିଲୁ ଯେ, ଆମ୍ଭେମାନେ ଶ୍ରୀ ବିଜୁ ପଟ୍ଟନାୟକ ପରିଚାଳିତ କଂଗ୍ରେସର ଗୁଣ୍ଡାମୀର ଶିକାର ହୋଇ ସଭାରେ ପ୍ରତିବାଦ କରି ସଭା ପରିତ୍ୟାଗ କରି ଚାଲିଯାଉଛୁ । ବସାକୁ ଆସି ପ୍ରଥମେ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ, ଏମ୍. ଏଲ୍. ଏ.ଙ୍କୁ ଏ ଘଟଣା କହିଲୁ । ସଙ୍ଗେ ସଙ୍ଗେ ଏହି ଘଟଣା ଦିଲ୍ଲୀ କର୍ତ୍ତୃପକ୍ଷ ଏବଂ ଓଡ଼ିଶାର ବହୁ ବିଶିଷ୍ଟ ବ୍ୟକ୍ତି ତଥା ଅନୁଷ୍ଠାନକୁ ଜଣାଇ ଦେଲୁ ।

ପରଦିନ ସକାଳେ ଏ ଖବର ବିଜୁଳି ପରି ଓଡ଼ିଶାର ଚତୁର୍ଦ୍ଦିଗକୁ ବ୍ୟାପିଗଲା । ବିଜୁବାବୁ ମୋ ଉପରେ ଶାରୀରିକ ଅତ୍ୟାଚାର କରି ମୋର କାମିଜ ଚିରି ଦେଇଛନ୍ତି ବୋଲି ଘଟଣା ଜାଣିପାରି ଓଡ଼ିଶାର ସର୍ବସାଧାରଣଲୋକେ ଶ୍ରୀ ବିଜୁ ପଟ୍ଟନାୟକ ଏବଂ ତାଙ୍କ ଗୋଷ୍ଠୀକୁ ତୀବ୍ର ନିନ୍ଦା ଓ ଘୃଣା କରିବାକୁ ଲାଗିଲେ । ଜନତାର ପ୍ରତିକ୍ରିୟା ଖୁବ୍ ତୀବ୍ର ହେଲା । ବିଜୁବାବୁ ଏବଂ ତାଙ୍କ ଗୋଷ୍ଠୀର ଶତ ସଫେଇକୁ କେହି ବିଶ୍ୱାସ କଲେ ନାହିଁ ।

Digitized by PPRACHIN, SOA

ନିଖିଳ ଭାରତ କଂଗ୍ରେସ କମିଟୀ ମଣ୍ଡପରେ ମୋର କାମିଜ ଚିରା ପ୍ରସଙ୍ଗ

ଏ ଖବର କେବଳ ଓଡ଼ିଶା କାହିଁକି ଭାରତବର୍ଷର ପ୍ରାୟ ସବୁ ଅଞ୍ଚଳର ଖବର କାଗଜରେ ପ୍ରକାଶିତ ହୋଇଗଲା । କେନ୍ଦ୍ର କର୍ତ୍ତୃପକ୍ଷ ଜାଣି ଶୁଣି ନୀରବ । ଏହି ଘଟଣାର ୧୦।୧୨ ଦିନ ପରେ ଦିଲ୍ଲୀରେ ନିଖିଳ ଭାରତ କଂଗ୍ରେସ କମିଟୀର ବୈଠକ ବସିଲା । ମୁଁ ତ ଜଣେ ସଭ୍ୟ ଥିଲି; ତେଣୁ ଉକ୍ତ ବୈଠକରେ ଯୋଗ ଦେବାକୁ ଗଲି । ଏହା ପୂର୍ବରୁ ତ ବିଜୁବାବୁ ଓ ବୀରେନ୍ ବାବୁଙ୍କ କାର୍ଯ୍ୟ କଳାପ ଓ ଦୁର୍ନୀତି ସମ୍ପର୍କରେ ଖବରକାଗଜରେ ନାନା ବିଷୟ ପ୍ରକାଶିତ ଏବଂ ପ୍ରଚାରିତ ହୋଇଥିଲା । ତେଣୁ ଦିଲ୍ଲୀ ମହଲ ବିଜୁ ବାବୁଙ୍କ ଏତାଦୃଶ କାର୍ଯ୍ୟ ଯୋଗୁଁ ସରଗରମ ଥାଏ । ମୁଁ ନିଖିଳ ଭାରତ କଂଗ୍ରେସ କମିଟୀ ମିଟିଙ୍ଗର ସଭା ମଣ୍ଡପରେ ପହଞ୍ଚିବାର ଦେଖି ସର୍ବଶ୍ରୀ ରାମ ସୁଭଗ ସିଂହ, ଜଗଜୀବନ ରାମ ଏବଂ ଗୁଲ୍‌ଜାରୀଲାଲ ନନ୍ଦା ପ୍ରଭୃତି ମୋତେ ଘେରିଯାଇ ପ୍ରକାଶିତ ମାଡ଼ ଏବଂ କାମିଜ ଚିରା ଘଟଣାର ବାସ୍ତବତା କଥା ପଚାରିଲେ । ମୁଁ ବର୍ଣ୍ଣନା କରିବାକୁ ଯିବା ପୂର୍ବରୁ ଶ୍ରୀ ରାମ ସୁଭଗ ସିଂହ ମୋତେ କହିଲେ, ମୁଁ ମୋର ଚିରା କାମିଜ ଆଣିଛି କି ? ମୁଁ କିଛି କହିବା ପୂର୍ବରୁ ଶ୍ରୀ ଜଗଜୀବନ ରାମ କହିଲେ, "ଓ୍ବହ କୋଟକେ ନୀଚେ ପହନା ହୋଗା । (ସେ କୋଟ୍ ତଳେ ପିନ୍ଧିଥିବେ) ।" ଏହା କହି ସେ ମୋର କୋଟ୍‌କୁ ନିଜେ ଖୋଲିଦେଲେ । ମୁଁ ତ ଉଦ୍ଦେଶ୍ୟ ରଖି ଉକ୍ତ ଚିରା କାମିଜ ପିନ୍ଧିଥିଲି । ତାହା ସମସ୍ତେ ଦେଖିଲେ; ଆଶ୍ଚର୍ଯ୍ୟ ଏବଂ ଦୁଃଖିତ ହେଲେ । କେହି କେହି ହିନ୍ଦିରେ କହିବାକୁ ଲାଗିଲେ, "କାଙ୍ଗ୍ରେସ୍‌କା ହାଲତ୍ କୈସୀ ହୋ ଗୟୀ । ପବିତ୍ର ବାବୁ ଜୈସେ ସଜ୍ଜନ କୋ ଐସୀ ଗୁଣ୍ଡାମୀକା ବର୍ତାବ କିୟାଗୟା । ଅବ୍ ହାଇ-କମାଣ୍ଡ ବିଜୁ କେ ଖିଲାପ୍ କ୍ୟା କାର୍‌ରବାଇ କରେଙ୍ଗେ । (କଂଗ୍ରେସର ଅବସ୍ଥା କ'ଣ ହୋଇଗଲା । ପବିତ୍ର ବାବୁଙ୍କ ସଦୃଶ ସଜ୍ଜନଙ୍କ ପ୍ରତି ଏ ପ୍ରକାର ଗୁଣ୍ଡାମୀ ବ୍ୟବହାର କରାଗଲା । ବର୍ତ୍ତମାନ କର୍ତ୍ତୃପକ୍ଷ ବିଜୁଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ କରିବେ ।)" ଏହିପରି କଥା ହେଲାବେଳକୁ ପ୍ରାୟ ୭୦।୮୦ ଜଣ ନି: ଭା: କ: କ: ସଭ୍ୟ ଜମା ହୋଇଥିଲେ । ସଭା

Digitized by PPRACHIN, SOA

ଆରମ୍ଭ ହୋଇ ନ ଥାଏ, କିନ୍ତୁ ସଭା ସମୟ ହୋଇଯାଇଥାଏ । ସବୁ ସଭ୍ୟ ଉପସ୍ଥିତ ହୋଇ ନ ଥାନ୍ତି । ଇତିମଧ୍ୟରେ ସଭାପତି ଶ୍ରୀ କାମରାଜ, ପ୍ରଧାନମନ୍ତ୍ରୀ ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ସଭା ମଞ୍ଚରେ ଉପସ୍ଥିତ ହେଲେ । ସେମାନେ ଦେଖନ୍ତି ତ, ମୁଁ ମଝିରେ ଥାଏ ଏବଂ ମୋତେ ପ୍ରାୟ ୭୦।୭୦ ଜଣ ସଭ୍ୟ ଘେରିଥାନ୍ତି । ସେମାନେ ତ ଆଗରୁ ଜାଣିଥିଲେ । ତେଣୁ ମୋରାର୍ଜୀଭାଇ ଦେଶାଇଙ୍କୁ ସେମାନେ ଅନୁରୋଧ କଲେ ଯେ, ସେ ତାଙ୍କ ପ୍ରଭାବ ଖଟାଇ ଏ ଦୃଶ୍ୟ ବନ୍ଦ କରିଦିଅନ୍ତୁ । ମୋରାର୍ଜୀଭାଇ ଦେଶାଇ ଆସି ମୋତେ କହିଲେ ଯେ, ମୁଁ କିଛି ସମୟ ପାଇଁ ବାହାରକୁ ଚାଲିଯାଇ ଅନ୍ୟ ଏକ ବାଟରେ ପେଣ୍ଡାଲ ଉପରକୁ ଚାଲିଯାଏଁ । ତେଣୁ ମୁଁ ତାହା କଲି । ଉକ୍ତ ଦୃଶ୍ୟ ବନ୍ଦ ହେଲା । ସଭା କାର୍ଯ୍ୟ ଚାଲିଲା ।

ଦିଲ୍ଲୀ ମହଲରେ ବିଜୁବାବୁଙ୍କ ପକ୍ଷର ଲୋକ ଥାନ୍ତି ; କାରଣ ବିଜୁବାବୁ ପ୍ରଭାବ ଏବଂ ଅର୍ଥ ବଳରେ କେତେକ ନେତା, କର୍ମୀ ଏବଂ ସଂଗଠନକୁ ମଧ୍ୟ ନିଜ ପକ୍ଷରେ ପ୍ରଭାବିତ କରି ରଖିଥାନ୍ତି । ସେମାନେ ସଭାପତି ଶ୍ରୀ କାମରାଜ, ପ୍ରଧାନମନ୍ତ୍ରୀ ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ଏବଂ ମୋରାରଜୀ ଭାଇ ଦେଶାଇ ପ୍ରଭୃତିଙ୍କୁ ପ୍ରଭାବିତ କଲେ ଯେ, ମୋ ଉପରେ ନିର୍ଦ୍ଦିଷ୍ଟ ଭାବେ ଚାପ ଦିଆଯାଉ ଯେ, ମୁଁ ଏହି ମାଡ଼ ଏବଂ କାମିଜଚିରା ବିଷୟ ଏହି ନିଖିଳ ଭାରତ କଂଗ୍ରେସ କମିଟି ସଭାରେ ଆଦୌ ଉଠାଇବି ନାହିଁ, କିମ୍ବା ଉକ୍ତ ଚିରା କାମିଜର ପ୍ରଦର୍ଶନ କରାଇବି ନାହିଁ । ସେମାନେ ମୋତେ କହିଲେ ଯେ, ଏହାର ବିଚାର ଅନ୍ୟ ସ୍ଥାନରେ କରାଯିବ । ମୁଁ ରାଜି ହେଲି । ଏହି ମାଡ଼ ଏବଂ ଅନ୍ୟାନ୍ୟ ଦୁର୍ନୀତି ବିଷୟରେ ମୁଁ କଂଗ୍ରେସ ସଭାପତି ଶ୍ରୀ କାମରାଜ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ଶାସ୍ତ୍ରୀଙ୍କୁ ଏକିକି ଏକାନ୍ତରେ ସାକ୍ଷାତ କରି କହିଲି । କିନ୍ତୁ ଫଳ କିଛି ହେଲା ନାହିଁ । ସେମାନେ ମୋତେ ଉପଦେଶ ଦେଲେ ଯେ, ଯେହେତୁ ମୁଁ ଜଣେ ସଚ୍ଚା ଗାନ୍ଧୀବାଦୀ ତେଣୁ କ୍ଷମା ଏବଂ ଭୁଲିଯିବା ନୀତି ଅନୁସରଣ କରି ଏହା ଉତ୍ଥାପନ କରିବି ନାହିଁ । ଉତ୍ତରରେ ମୁଁ କହିଲି ଯେ, ଗାନ୍ଧୀ ନୀତି ଅନୁସାରେ ଦୋଷୀକୁ ସମୁଚିତ ଶାସ୍ତି ବିଧାନ କରିବା ଏବଂ କରାଇବା ମୋର କର୍ତ୍ତବ୍ୟ । ତେଣୁ ଆପଣମାନେ ମୋତେ ଏଥିରେ ସାହାଯ୍ୟ କରନ୍ତୁ । ଉତ୍ତର ହେଲା, ଗୃହଛିଦ୍ର ପଦାରେ ପକାଇବା ଉଚିତ ହେବ ନାହିଁ । ମୁଁ ଦେଖିଲି ବିଜୁ ବାବୁଙ୍କ ପକ୍ଷରୁ ବହୁ ଲୋକ କଂଗ୍ରେସ କର୍ତ୍ତୃପକ୍ଷଙ୍କୁ ପ୍ରଭାବିତ କରାଉଥାନ୍ତି ଯେ, ଏହି ମାଡ଼ ଏବଂ ଦୁର୍ନୀତି

Digitized by PPRACHIN, SOA

ଅଭିଯୋଗକୁ ଖୋଲା ଖୋଲି ଉତ୍ଥାପିତ କଲେ କଂଗ୍ରେସର ନାମ ଅଧିକତର ଖରାପ ହେବ । ତେଣୁ ଶ୍ରୀ ପ୍ରଧାନ ଏବଂ ତାଙ୍କ ଗୋଷ୍ଠୀକୁ ଅଧିକ ପ୍ରଶ୍ରୟ ଦିଆନଯାଉ । ଦିଲ୍ଲୀ ସ୍ତରରେ ସିଣ୍ଡିକେଟ୍ ଗୋଷ୍ଠୀର ଅଳ୍ପ କେତେଜଣ ମୁଖିଆ ବିଜୁ ବାବୁଙ୍କୁ ସମର୍ଥନ କରୁଥାନ୍ତି । କିନ୍ତୁ ସାମ୍ୟବାଦୀ ଗୋଷ୍ଠୀର ମେନନ୍-ମାଳବ୍ୟ ଅନୁଗାମୀମାନେ ବିଜୁବାବୁଙ୍କଦ୍ୱାରା ଅତିରିକ୍ତ ଭାବେ ପ୍ରଭାବିତ ହୋଇ ତାଙ୍କୁ ପୂର୍ଣ୍ଣ ସମର୍ଥନ କରୁଥାନ୍ତି ।

ପୂର୍ବ ବର୍ଣ୍ଣିତ ଅନୁସାରେ ମୋର ଏଥର ଦିଲ୍ଲୀ ଗସ୍ତବେଳେ ମୁଁ ଏକ ସମୟରେ ଏକତ୍ର କଂଗ୍ରେସ ସଭାପତି ଶ୍ରୀ କାମରାଜ ଏବଂ ପ୍ରଧାନମନ୍ତ୍ରୀ ଶ୍ରୀ ଲାଲ୍ ବାହାଦୁର ଶାସ୍ତ୍ରୀଙ୍କୁ ସାକ୍ଷାତ କରି ଓଡ଼ିଶାରେ ମନ୍ତ୍ରୀ ଗୋଷ୍ଠୀର ନେତା ଏବଂ କର୍ମୀମାନଙ୍କର ଦୁର୍ନୀତି ବିଷୟ ବିଶଦ ଭାବେ କହିଲି ଏବଂ ପ୍ରତିକାର ଲୋଡ଼ିଲି । ସେମାନେ ଶୁଣିଲେ । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟାନୁଷ୍ଠାନର ସୂଚନା ଦେଲେ ନାହିଁ ।

ପାର୍ଲିଆମେଣ୍ଟରେ ଓଡ଼ିଶା ଦୁର୍ନୀତି ଆଲୋଚନା

ଇତି ମଧ୍ୟରେ ଦୁର୍ନୀତି ଏତେ ପରିମାଣରେ ବୃଦ୍ଧି ପାଇଲା ଯେ, ବିରୁଦ୍ଧ ଦଳ ପକ୍ଷରୁ ମଧ୍ୟ ମନ୍ତ୍ରୀମାନଙ୍କର, ବିଶେଷତଃ ବିଜୁବାବୁ ଓ ବୀରେନ୍-ବାବୁଙ୍କ କାର୍ଯ୍ୟ ସମ୍ପର୍କରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କଠାରେ ଆପତ୍ତି ହେଲା । ପ୍ରଜା ସୋସାଲିଷ୍ଟ ଦଳ ଏହି ଦୁର୍ନୀତିକୁ ପଦାରେ ପକାଇବା ପାଇଁ ଅତ୍ୟନ୍ତ ତତ୍ପର ହୋଇ ଉଠିଲେ । ସେମାନେ ଆସେମ୍ବ୍ଲିରେ, ସଭା-ସମିତିରେ ଏବଂ ଖବର କାଗଜରେ ତୀବ୍ର ସମାଲୋଚନା କଲେ । ପ୍ରଜା ସୋସାଲିଷ୍ଟ ନେତା ଶ୍ରୀ ସୁରେନ୍ଦ୍ରନାଥ ଦ୍ୱିବେଦୀ ସେତେବେଳକୁ ପାର୍ଲିଆମେଣ୍ଟର ଲୋକ-ସଭାର ସଦସ୍ୟ ଥାନ୍ତି । ଓଡ଼ିଶାର ତତ୍କାଳୀନ ମନ୍ତ୍ରୀମାନଙ୍କର ଦୁର୍ନୀତି ବିଷୟ ସେ ପାର୍ଲିଆମେଣ୍ଟରେ ପ୍ରଶ୍ନ, ମୁଲତବୀ-ପ୍ରସ୍ତାବ, ଦୃଷ୍ଟି ଆକର୍ଷଣକାରୀ-ପ୍ରସ୍ତାବ ଏବଂ ବଜେଟ ଆଲୋଚନାରେ ପ୍ରମାଣ ସହିତ ଉପସ୍ଥାପିତ କରୁଥାନ୍ତି । ଏପରି ହେଲା ଯେ, ପାର୍ଲିଆମେଣ୍ଟର ବହୁ ସଭ୍ୟ ଓଡ଼ିଶା ମନ୍ତ୍ରୀମାନଙ୍କର ଦୁର୍ନୀତି ବିଷୟ ଆନ୍ତରିକତାର ସହିତ ଅତ୍ୟନ୍ତ ଆଗ୍ରହ ଉତ୍ସାହରେ ଘଣ୍ଟା

Digitized by PPRACHIN, SOA

ଘଣ୍ଟା ଧରି ଆଲୋଚନା କଲେ । ଏକେତ ବିଜୁବାବୁ ନିଜେ କହି ଦେଇଥାନ୍ତି ଯେ, ବୀରେନ୍ ବାବୁ ଅଢ଼େଇବର୍ଷ ମଧ୍ୟରେ ବ୍ୟବସାୟ କରି ତାହାଁରୁ ୧୬ ଲକ୍ଷ ଟଙ୍କା ଲାଭ କରିଛନ୍ତି । ତାହାଁରେ ପୁଣି ବିଜୁବାବୁ ଓଗେର ମନ୍ତ୍ରୀମାନଙ୍କ ବିରୋଧରେ ଅନ୍ୟାନ୍ୟ ଦୁର୍ନୀତି ଅଭିଯୋଗ କଂଗ୍ରେସ ଦଳ ତରଫରୁ ଆମ ଗୋଷ୍ଠୀ ମଧ୍ୟ କେନ୍ଦ୍ର ସରକାରଙ୍କୁ ବରାବର ଲିଖିତ ଆପତ୍ତି ଜଣାଇଥାନ୍ତି । ଦିଲ୍ଲୀର କଂଗ୍ରେସ କର୍ତ୍ତୃପକ୍ଷ ପ୍ରଥମେ ପ୍ରଥମେ ଓଡ଼ିଶା ମନ୍ତ୍ରୀମାନଙ୍କୁ ଘୋଡ଼ାଇବାକୁ ଚେଷ୍ଟା କଲେ । କିନ୍ତୁ କେତେ ଘୋଡ଼ାଇବେ । ଶେଷକୁ ସ୍ଥିର କଲେ ଯେ, ପାର୍ଲିଆମେଣ୍ଟରେ ଓଡ଼ିଶାର ମନ୍ତ୍ରୀମାନଙ୍କ ବିରୋଧରେ ଆଗତ ଏବଂ ପ୍ରଚରିତ ଦୁର୍ନୀତି ସମ୍ପର୍କରେ ଏକ ଜବାବ ଦେବେ । ସେଥିପାଇଁ ସି· ବି· ଆଇ.ଙ୍କୁ ନିର୍ଦ୍ଦେଶ ଦିଆଗଲା ଯେ ଉକ୍ତ ଅନୁଷ୍ଠାନ ଓଡ଼ିଶାର ମନ୍ତ୍ରୀମାନଙ୍କ ବିରୋଧରେ ଓଡ଼ିଶା ଆସେମ୍ବ୍ଲି ଏବଂ ପାର୍ଲିଆମେଣ୍ଟରେ, ଖବର କାଗଜମାନଙ୍କରେ, ସଭା-ସମିତିମାନଙ୍କରେ ଆଲୋଚିତ ଏବଂ ପ୍ରକାଶିତ ଓ ସରକାରଙ୍କଠାରେ ଉପସ୍ଥାପିତ କରାଯାଇଥିବା ଅଭିଯୋଗ ସମ୍ପର୍କରେ ଆନୁସଙ୍ଗିକ ଫାଇଲ ଅନୁଧ୍ୟାନ କରି ଏକ ଜରୁରୀ ରିପୋର୍ଟ କେନ୍ଦ୍ର ସରକାରଙ୍କଠାରେ ପେଶ କରିବେ । ତଦନୁସାରେ ୧୯୬୪ ମର୍ଯ୍ୟାଦାରେ କେନ୍ଦ୍ର ପୋଲିସ ସଂସ୍ଥାର ସି· ବି. ଆଇ., ମନ୍ତ୍ରୀମାନଙ୍କର, ବିଶେଷତଃ ଶ୍ରୀ ବିଜୁ ପଟ୍ଟନାୟକଙ୍କ ବିରୋଧରେ ଆଗତ ଦୁର୍ନୀତି ସମ୍ପର୍କରେ ତଦନ୍ତ ଆରମ୍ଭ କରି ସେହି ବର୍ଷ ନଭେମ୍ବର ୧୫ ତାରିଖରେ କେନ୍ଦ୍ର ସରକାରଙ୍କଠାରେ ତାଙ୍କ ତଦନ୍ତ ରିପୋର୍ଟ ପେଶ୍ କଲେ । ସେହି ରିପୋର୍ଟରେ ସି· ବି. ଆଇ· ସ୍ପଷ୍ଟ ଲେଖିଥିଲେ ଯେ— ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ବିଜୁ ପଟ୍ଟନାୟକଙ୍କର ବିଭିନ୍ନ କାର୍ଯ୍ୟ କଳାପ, ବ୍ୟବସାୟ ଏବଂ କାରବାର ସମ୍ପର୍କରେ ଯେଉଁ ସବୁ ଅଭିଯୋଗ ଆଗତ ହୋଇଛି ସେଥିରେ କେତେକ ଗୁରୁତର ବିଷୟର ପ୍ରମାଣ ମିଳୁଛି ।

Digitized by PPRACHIN, SOA

ଓଡ଼ିଶା ଦୁର୍ନୀତିର ପାର୍ଲିଆମେଣ୍ଟାରୀ ତଦନ୍ତ

କେନ୍ଦ୍ର ସରକାର ସି. ବି. ଆଇ. ରିପୋର୍ଟ ପାଇ ସ୍ଥିର କଲେ ଯେ, ରିପୋର୍ଟର ବିଷୟବସ୍ତୁ ଏବଂ ତତ୍ସମ୍ପର୍କୀୟ ଶ୍ରୀ ବିଜୁ ପଟ୍ଟନାୟକଙ୍କର କୈଫିୟତକୁ ଭିତ୍ତି କରି ଶ୍ରୀ ବିଜୁ ପଟ୍ଟନାୟକ ଓ ଅନ୍ୟ ମନ୍ତ୍ରୀମାନଙ୍କ ବିରୋଧରେ ଆଗତ, ପ୍ରଚାରିତ ଏବଂ ପ୍ରକାଶିତ ଦୁର୍ନୀତି ସମ୍ପର୍କରେ ପାର୍ଲିଆମେଣ୍ଟରେ ଏକ ବିବୃତ୍ତି ଦେବେ, କିମ୍ବା ଦରକାର ବେଳେ ପ୍ରଶ୍ନର ଉତ୍ତର ଦେବେ। ଶ୍ରୀ ବିଜୁ ପଟ୍ଟନାୟକଙ୍କୁ କୈଫିୟତ ମଗାଗଲା । ସେ ତାହା ଦେଲେ ! ଏହି ରିପୋର୍ଟ ଏବଂ କୈଫିୟତକୁ ଅଧ୍ୟୟନ କରି ଏକ ସିଦ୍ଧାନ୍ତ ଦେବା ନିମନ୍ତେ କେନ୍ଦ୍ର ମନ୍ତ୍ରୀମଣ୍ଡଳର ୬ଜଣ ବରିଷ୍ଠ, ଦକ୍ଷ ଏବଂ ଅଭିଜ୍ଞ ଆଇନଜ୍ଞ ମନ୍ତ୍ରୀଙ୍କୁ ନେଇ ଏକ ଉଚ୍ଚ ପାହ୍ୟା ସବ୍‌କମିଟି ଗଠନ କରାଗଲା । ଏହି କମିଟିରେ ନିମ୍ନଲିଖିତ କେନ୍ଦ୍ର ମନ୍ତ୍ରୀମାନେ ରହିଲେ—

୧—ଶିକ୍ଷାମନ୍ତ୍ରୀ ମିଷ୍ଟର ଚାଗଲା (ବମ୍ବେ ହାଇକୋର୍ଟର ଅବସରପ୍ରାପ୍ତ ପ୍ରଧାନ ବିଚାରପତି)

୨—ଶ୍ରୀ ଅଶୋକ ସେନ୍ (ବରିଷ୍ଠ ଆଇନଜ୍ଞ, ଆଇନ ବିଭାଗ ମନ୍ତ୍ରୀ)

୩—ଶ୍ରୀ ଚ୍ୟବନ (ଚୌହାନ) (ପରବର୍ତ୍ତୀ ଅର୍ଥମନ୍ତ୍ରୀ)

୪—ଶ୍ରୀ ଟି. ଟି. କୃଷ୍ଣମାଚାରୀ (ତାତ୍କାଳିକ ଅର୍ଥମନ୍ତ୍ରୀ ଏବଂ ପରବର୍ତ୍ତୀ ବୈଦେଶିକ ମନ୍ତ୍ରୀ)

୫—ସର୍ଦ୍ଦାର ସ୍ୱରଣ ସିଂହ (ବୈଦେଶିକ ବିଭାଗ ମନ୍ତ୍ରୀ)

୬—ଶ୍ରୀ ଗୁଲଜାରୀଲାଲ ନନ୍ଦା (ସ୍ୱରାଷ୍ଟ୍ର ବିଭାଗ ମନ୍ତ୍ରୀ) ।

ମନ୍ତ୍ରୀମଣ୍ଡଳର ଏହି ଉଚ୍ଚ ପାହ୍ୟା ଦକ୍ଷ ସବ୍‌କମିଟି ଉକ୍ତ ସି. ବି. ଆଇ.ର ତଦନ୍ତ ରିପୋର୍ଟ ଏବଂ ତହିଁ ଉପରେ ବିଜୁ ବାବୁଙ୍କ ଦୀର୍ଘ କୈଫିୟତର ସମ୍ପୂର୍ଣ୍ଣ ଅନୁଧ୍ୟାନପୂର୍ବକ ସର୍ବସମ୍ମତିକ୍ରମେ ବିଚାର କରି ୧୯୬୫ ମସିହା ମାର୍ଚ୍ଚ ମାସ ୩ ତାରିଖରେ ନିଜ ସିଦ୍ଧାନ୍ତର ଏକ ସଂକ୍ଷିପ୍ତ ବିବରଣୀ ଲୋକସଭାରେ ଉପସ୍ଥାପିତ କଲେ । ଏଥିରେ ସେମାନେ କହିଥିଲେ—

Digitized by PPRACHIN, SOA

ଶ୍ରୀ ବିଜୁ ପଟ୍ଟନାୟକ ନିଜେ ଏକ ଦିଗରେ ଶାସନ ଦାୟିତ୍ୱରେ ରହି ନିଜେ ଓ ନିଜର ବନ୍ଧୁ ବାନ୍ଧବ ମାଲିକ ଥିବା ବ୍ୟବସାୟ ସଂସ୍ଥାମାନଙ୍କ ସହିତ ସରକାରଙ୍କ ପକ୍ଷରୁ ଯେପରି ବ୍ୟବସାୟ-କାରବାର ଚଳାଇଲେ ତାହା କୌଣସି ବିଚାରରେ ଆଇନ ଅନୁମୋଦିତ ବା ଯୁକ୍ତିସଂଗତ ଆଚରଣ କିମ୍ବା କାର୍ଯ୍ୟ ବୋଲି କୁହାଯାଇନପାରେ । ଶାସନ ଦାୟିତ୍ୱ ନେଇ ସରକାରୀ ବିଭାଗମାନଙ୍କ ସହିତ ବିଭିନ୍ନ କାରବାର ଚଳାଇବାଦ୍ୱାରା କ୍ଷମତାର ଯେପରି ବ୍ୟାପକ ଅପବ୍ୟବହାର କରାଯାଇଛି ସେଥିରେ ମନ୍ତ୍ରୀ-ମଣ୍ଡଳ ଘୋର ଉଦ୍‌ବେଗ ପ୍ରକାଶ କରିଅଛନ୍ତି ।

ମନ୍ତ୍ରୀମଣ୍ଡଳ ସବ୍ କମିଟିର ଏହି ରିପୋର୍ଟ କେନ୍ଦ୍ର ମନ୍ତ୍ରୀମଣ୍ଡଳ ବୈଠକରେ ମଧ୍ୟ ସର୍ବସମ୍ମତିକ୍ରମେ ଗୃହୀତ ହେଲା । ତା’ପରେ ତତ୍କାଳୀନ ପ୍ରଧାନ ମନ୍ତ୍ରୀ ଶ୍ରୀ ଲାଲ ବାହାଦୁର ଶାସ୍ତ୍ରୀ ୧୯୬୫ ମସିହା ଜାନୁୟାରୀ ୧୫ ତାରିଖରେ ଏହି ରିପୋର୍ଟ ଅନୁସାରେ ସବୁ ମନ୍ତବ୍ୟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ପରାମର୍ଶ ଦେଲେ । ମାତ୍ର ଶ୍ରୀ ପଟ୍ଟନାୟକ ବିଭିନ୍ନ ଆଳ ଦେଖାଇ ଯୋଜନା ବୋର୍ଡ଼ ଚେୟାରମ୍ୟାନ୍ ପଦରୁ ଇସ୍ତଫା ଦେବାକୁ ଟାଳ ଟୋଳ କଲେ ।

ଲୋକସଭାରେ କେନ୍ଦ୍ର ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହେଲା । ସେ ପ୍ରସ୍ତାବ ଆଲୋଚନା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ଭାବେ ଶ୍ରୀ ବିଜୁ ପଟ୍ଟନାୟକ ଶାସନ କଳକୁ ଅପବ୍ୟବହାର କରି କପରି ନିଜ କଳ-କାରଖାନା ସହିତ କୋଟି କୋଟି ଟଙ୍କାର କାରବାର ଚଳାଇ ଥିଲେ ବୋଲି ପ୍ରମାଣ ମିଳିବା ସତ୍ତ୍ୱେ ସେ ଦିଗରେ କେନ୍ଦ୍ର ସରକାର କୌଣସି ପ୍ରତିକାର କରିବାକୁ ଅସମର୍ଥ ହୋଇଥିଲେ, ତାହାର ତୀବ୍ର ସମାଲୋଚନା ହେଲା । ତତ୍କାଳୀନ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଚାଗଲା ପାର୍ଲିଆମେଣ୍ଟରେ ନିମ୍ନ ପ୍ରକାର ଏହାର ଉତ୍ତର ଦେଇଥିଲେ !

ସେ କହିଲେ—“ମୁଁ ନିଃସନ୍ଦେହରେ ମୋର ସମସ୍ତ ବିଚାର-ବୁଦ୍ଧି ଓ ଶକ୍ତିର ସହିତ ଏହା କହିପାରେ ଯେ, ଶ୍ରୀ ପଟ୍ଟନାୟକ ଯେପରି କାର୍ଯ୍ୟ ଓ ଆଚରଣ ପ୍ରଦର୍ଶନ କରିଅଛନ୍ତି ସେଥିରେ ମୁଖ୍ୟମନ୍ତ୍ରୀ ହେବାପାଇଁ ସେ ସମ୍ପୂର୍ଣ୍ଣ ଅଯୋଗ୍ୟ ।”

ଏହା କେବଳ କଥାର କଥା ହୋଇ ରହିବା ଉଚିତ୍ ନୁହେ ବୋଲି ସର୍ବ୍ବତ୍ର ଉପଲବ୍ଧ କରାଗଲା । ଶେଷରେ ତତ୍କାଳୀନ ସ୍ୱରାଷ୍ଟ୍ରମନ୍ତ୍ରୀ

Digitized by PPRACHIN, SOA

ଶ୍ରୀ ଗୁଲଜାରୀଲାଲ ନନ୍ଦା ମଧ୍ୟ ପାର୍ଲିଆମେଣ୍ଟରେ ସ୍ୱୀକାର କଲେ ଯେ, ଓଡ଼ିଶା ବିଷୟରେ କେନ୍ଦ୍ର ପୋଲିସ୍ ସଂସ୍ଥାର ତଦନ୍ତ ଏବଂ ମନ୍ତ୍ରୀମଣ୍ଡଳର ଉଚ୍ଚ-ପାହ୍ୟା-କମିଟିର ବିଚାରଦ୍ୱାରା ଏତେ ପରିଶ୍ରମ କରାଯାଇ ମଧ୍ୟ କାହାକୁ ସନ୍ତୁଷ୍ଟ କରାଯାଇପାରିଲାନାହିଁ; ଅର୍ଥାତ୍ ଶ୍ରୀ ବିଜୁ ପଟ୍ଟନାୟକ ପ୍ରଭୃତି କେତେକ ଓଡ଼ିଶା-ମନ୍ତ୍ରୀ ନିଜ କାର୍ଯ୍ୟକଳାପଦ୍ୱାରା ପ୍ରମାଣିତ କରିଛନ୍ତି ଯେ, ସେମାନେ ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ ହେବାକୁ ସମ୍ପୂର୍ଣ୍ଣ ଅନୁପଯୁକ୍ତ । ଏପରି ଘୋଷଣା ସତ୍ତ୍ୱେ ଦେଖାଯାଉଛି, କେହି ସନ୍ତୁଷ୍ଟ ନହୋଇ ତାଙ୍କ ପାଇଁ ଅଧିକ ଦଣ୍ଡ ଦାବୀ କରୁଛନ୍ତି ।

ଶ୍ରୀ ବିଜୁ ପଟ୍ଟନାୟକଙ୍କ ବ୍ୟବସାୟ, କାରବାର ଓ ଶାସନ କାଳର ଅପବ୍ୟବହାର ସମ୍ପର୍କରେ ଓଡ଼ିଶା ବିଧାନ ସଭାର ତତ୍କାଳୀନ ବିରୋଧୀ-ଦଳର ନେତାଙ୍କ ସମେତ ଓଡ଼ିଶା ବିଧାନ ସଭାର ୬୨ ଜଣ ସଭ୍ୟ ରାଷ୍ଟ୍ରପତିଙ୍କୁ ଏକ ସ୍ମାରକ ପତ୍ର ୧୯୬୪ ମସିହା ଜୁଲାଇ ୨୮ ତାରିଖରେ ଦେଇଥିଲେ । ତାପରେ ସେମାନେ ସେହି ବର୍ଷ ସେପ୍ଟେମ୍ବର ୨୧ ତାରିଖ ଏବଂ ଅକ୍ଟୋବର ୧୨ ତାରିଖରେ ଆଉ ଦୁଇଟି ସ୍ମାରକ ପତ୍ର ମଧ୍ୟ ପଠାଇଲେ ।

ଦିଲ୍ଲୀ କର୍ତ୍ତୃପକ୍ଷଙ୍କ ଉଦାସୀନତା ଓ ନିଷ୍କ୍ରିୟତା

ଶ୍ରୀ ବିଜୁ ପଟ୍ଟନାୟକ ପ୍ରଭୃତି ମନ୍ତ୍ରୀଙ୍କ ବିରୋଧରେ ଏତେ ସ୍ମାରକ ପତ୍ର ଏବଂ ଏତେ ପରିମାଣରେ ଓ ଏତେ ବ୍ୟାପକ ଏବଂ ସଘନ ଭାବେ ନାନା କ୍ଷେତ୍ରରେ ପ୍ରଚାର ଓ ଆଲୋଚନା ସତ୍ତ୍ୱେ କେନ୍ଦ୍ର କର୍ତ୍ତୃପକ୍ଷ ମନ୍ତ୍ରୀମାନଙ୍କ ବିରୋଧରେ ପାର୍ଲିଆମେଣ୍ଟରେ ଉପରୋକ୍ତମତେ ସ୍ୱୀକାରୋକ୍ତି ବ୍ୟତୀତ ଆଉ କିଛି କରିବାକୁ ଇଚ୍ଛୁକ ନ ଥାନ୍ତି । ଓଡ଼ିଶାରେ କଙ୍ଗ୍ରେସ ତଥା କଂଗ୍ରେସ ସର-କାରରେ କ୍ଷମତାରେ ଥାଇ ସର୍ବଶ୍ରୀ ବିଜୁ ପଟ୍ଟନାୟକ ଏବଂ ବୀରେନ୍ ମିତ୍ର ପ୍ରଭୃତି ଯେଉଁ ପ୍ରକାର ଦୁର୍ନୀତି, ଔଦ୍ଧତ୍ୟ ଏବଂ ଏକଚ୍ଛତ୍ର ରୀତିରେ ଧରାକୁ ସରା ମନେକରି ଶାସନ ଚଳାଇଲେ ତାହା ଆଗରୁ ବର୍ଣ୍ଣନା କରାଯାଇଛି । ଏହି ସବୁ ଦୁର୍ନୀତି ବିଷୟ ଦିଲ୍ଲୀରେ ଥିବା ସାଙ୍ଗଠନିକ କର୍ତ୍ତୃପକ୍ଷ, ଯଥା : ସଭାପତି

ଶ୍ରୀ କାମରାଜ ଓଗେରା ନେତୃବୃନ୍ଦ ଏବଂ ଶାସନତାନ୍ତ୍ରିକ କର୍ତ୍ତୃପକ୍ଷ, ଯଥା : ପ୍ରଧାନମନ୍ତ୍ରୀ ସର୍ବଶ୍ରୀ ପଣ୍ଡିତ ଜହରଲାଲ ନେହେରୁ ଏବଂ ଲାଲ ବାହାଦୂର ଶାସ୍ତ୍ରୀଙ୍କୁ ଲିଖିତ ଏବଂ ମୌଖିକ ଆକାରରେ ଜଣାଇଲୁ । ଆମ୍ଭେମାନେ ବରାବର ଆପତ୍ତି-ଓଜର ଏବଂ ଦାବୀ କରି ଆସୁଥିଲୁ ଯେ, ଓଡ଼ିଶାର ସାଂଗଠନିକ ଓ ଶାସନତାନ୍ତ୍ରିକ କର୍ତ୍ତୃପକ୍ଷଙ୍କ ବିରୋଧରେ ସମ୍ପୂର୍ଣ୍ଣ ତଦନ୍ତ କରି ସେମାନଙ୍କୁ ସମୁଚିତ ଶାସ୍ତି ନ ଦେଲେ କଂଗ୍ରେସର ଅସ୍ତିତ୍ୱ ରହିବ ନାହିଁ ଏବଂ ସେମାନଙ୍କ ଦୋଷ-ଅପରାଧ ଯୋଗୁଁ ଅନ୍ୟାନ୍ୟ ନିର୍ଦ୍ଦୋଷ କଂଗ୍ରେସ ଲୋକେ ଘୃଣିତ ହୋଇ ସମାଜରେ ନିନ୍ଦିତ ଏବଂ କଳଙ୍କିତ ହେବେ । ପ୍ରଥମେ ତ କେନ୍ଦ୍ର କର୍ତ୍ତୃପକ୍ଷ କର୍ଣ୍ଣପାତ କରୁ ନ ଥିଲେ । କିନ୍ତୁ ପରେ ପାର୍ଲିଆମେଣ୍ଟ ଏବଂ ଭାରତବ୍ୟାପୀ ଖବରକାଗଜ ସମାଲୋଚନାର ଚାପରେ ପେଷିତ ହୋଇ କେନ୍ଦ୍ର ସରକାର ପୂର୍ବୋକ୍ତମତେ ତଦନ୍ତ କରାଇ ପାର୍ଲିଆମେଣ୍ଟରେ ଘୋଷଣା କରାଇଲେ ଯେ, ଉଭୟ ସର୍ବଶ୍ରୀ ବିଜୁ ଓ ବୀରେନ ଶାସନତାନ୍ତ୍ରିକ ଅସଙ୍ଗତ କରିଛନ୍ତି । ଏହି ରାଜନୈତିକ-ବାଚନିକ-ଘୋଷଣାମୂଳକ ଶାସ୍ତି ବ୍ୟତୀତ ଅନ୍ୟ କୌଣସି ପ୍ରକାରର ସମୁଚିତ ଦଣ୍ଡବିଧାନ ପାଇଁ କେନ୍ଦ୍ର କର୍ତ୍ତୃପକ୍ଷ ଉଦ୍ୟତ କିମ୍ବା ଇଚ୍ଛୁକ ହେଲେ ନାହିଁ । ଆମ୍ଭେମାନେ ଇଚ୍ଛା କଲୁ ଯେ, ଦୋଷୀଙ୍କୁ ସାଂଗଠନିକ ଶାସ୍ତି ଦିଆଯାଉ; ଅର୍ଥାତ୍ ପାର୍ଲିଆମେଣ୍ଟରେ ସେମାନଙ୍କର ଦୋଷ ଅଛି ବୋଲି ଘୋଷଣା କରି ସାରିଲା ପରେ ଉକ୍ତ ଘୋଷଣା ବଳରେ ସେମାନଙ୍କୁ ଦଳରୁ ଅନ୍ୟୂନ ୩/୪ ବର୍ଷ କିମ୍ବା ସର୍ବାଧିକ ୬ ବର୍ଷ ପାଇଁ ଅନ୍ତର କରାଯାଉ । କେନ୍ଦ୍ର କର୍ତ୍ତୃପକ୍ଷ ଏଥିପାଇଁ ସାହସୀ କିମ୍ବା ସମ୍ମତ ହେଉନଥାନ୍ତି । ଅଧିକନ୍ତୁ ଆମ୍ଭେମାନେ ଦୁର୍ନୀତିସବୁ ଲିଖିତ ଭାବେ ପେଶ୍ କରି କେନ୍ଦ୍ର କର୍ତ୍ତୃପକ୍ଷଙ୍କର ଲିଖିତ ରାୟ ଦାବୀ କରିବାରୁ ଫଳ ହେଲା ପୁରୀ କାର୍ଯ୍ୟକାରୀ କମିଟିରେ ମୋ ଉପରେ ମାଡ଼ ଓ ମୋ କାମିଜ ଚିରା । ଏ ଔଦ୍ଧତ୍ୟ ଏବଂ ଅତ୍ୟାଚାର ବିଷୟ ଦିଲ୍ଲୀ କର୍ତ୍ତୃପକ୍ଷଙ୍କ ନିକଟରେ ପ୍ରମାଣ ସହ ଉପସ୍ଥାପନପୂର୍ବକ ନ୍ୟାୟ ଦାବୀ କରାଗଲା । ସେଥିରେ ମଧ୍ୟ କେନ୍ଦ୍ର କର୍ତ୍ତୃପକ୍ଷ ଉଦାସୀନ ଏବଂ ନିଷ୍କ୍ରିୟ ରହିଲେ ।

ଓଡ଼ିଶାରେ ତ ସଂଗଠନ ଏବଂ ଶାସନରେ ଥିବା କର୍ତ୍ତାମାନଙ୍କର ଏପରି ଅନ୍ୟାୟ, ଅତ୍ୟାଚାର, ଗୁଣ୍ଡାମୀ ଏବଂ ଦୁର୍ନୀତି । ତାହା ପୁଣି ପ୍ରମାଣିତ ହୋଇ ପାର୍ଲିଆମେଣ୍ଟରେ ଘୋଷିତ ହେଲା । ତଥାପି ଦୋଷୀ ନେତା ଏବଂ ମନ୍ତ୍ରୀମାନଙ୍କୁ ଦଣ୍ଡ ଦେବା ଓ ଦିଆଇବାରେ କେନ୍ଦ୍ର କର୍ତ୍ତୃପକ୍ଷ ନୀରବ, ନିଷ୍କ୍ରିୟ

Digitized by PPRACHIN, SOA

ଓ ଉଦାସୀନ ହୋଇ ରହିଲେ । ଏପରି ସ୍ଥଳେ ଆମ୍ଭମାନଙ୍କର କ'ଣ କର୍ତ୍ତବ୍ୟ ?' ଏହି ଭାବନା ଆମ୍ଭମାନଙ୍କ ମନକୁ ସର୍ବଦା ଆଲୋଡ଼ିତ କଲା । ଏତେବେଳକୁ ଭାରତର ଅନ୍ୟାନ୍ୟ ପ୍ରଦେଶରେ, ଯଥା—କେରଳ, ମହୀଶୂର, ବଙ୍ଗଳା, ରାଜସ୍ଥାନ ଏବଂ ମଧ୍ୟପ୍ରଦେଶ ପ୍ରଭୃତିରେ ମଧ୍ୟ ଶାସନ ଓ ସଂଗଠନରେ ଥିବା ଅଧିକାରୀଙ୍କ ଦୁର୍ନୀତି ସମ୍ପର୍କରେ ବହୁ ଆପତ୍ତି-ଓଜର ଚାଲିଥାଏ । ଅଭିଯୁକ୍ତ ଏବଂ ଦୋଷୀଙ୍କ ବିରୋଧରେ କେନ୍ଦ୍ର କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ କରିପାରୁନଥାନ୍ତି । ଏହାର କାରଣ ହେଉଛି, ରାଜ୍ୟମାନଙ୍କରେ ଥିବା ଏତାବତ୍ ନେତାମାନଙ୍କ ଭୋଟ ଓ ଅର୍ଥ ଦାନରେ କେନ୍ଦ୍ର ଅନୁଷ୍ଠାନରେ ଶାସକ ଗୋଷ୍ଠୀର ଅଖଣ୍ଡ ଅସ୍ତିତ୍ୱ ବଜାୟ ରହିଥାଏ । ଏପରି ଅବସ୍ଥାରେ ଆମ୍ଭେମାନେ କେନ୍ଦ୍ର ଅଧିକାରୀଙ୍କ ଦ୍ୱାରସ୍ଥ ହୋଇ ହତାଶ ଏବଂ ନିରାଶ ହେଲୁ । କେନ୍ଦ୍ର କର୍ତ୍ତୃପକ୍ଷ ଏସବୁ ଦୋଷ-ଦୁର୍ବଳତାରେ ଅପ୍ରତ୍ୟକ୍ଷ ଭାବେ ଦାୟୀ ଏବଂ ଭାଗୀଦାର ବୋଲି ଭାବିବା ବ୍ୟତୀତ ଆମ୍ଭ ପକ୍ଷରେ ଅନ୍ୟ କୌଣସି ବାଟ ନ ଥିଲା । କଂଗ୍ରେସକୁ ସୁଧାରି ଏକ ଆଦର୍ଶ ଶାସନ ପରିଚାଳନା ଓ ସମାଜ ଗଠନର ଆଶା ଦୁରାଶା ହେଲା । କେବଳ ରାଜ୍ୟ ସ୍ତରୀୟ ନେତାମାନେ କଂଗ୍ରେସର ଦୋଷ-ଦୁର୍ବଳତା, ଦୁର୍ନୀତି ଏବଂ ଦୁର୍ଦ୍ଧର୍ଷତା ପାଇଁ ଦାୟୀ ନୁହନ୍ତି; କେନ୍ଦ୍ର ସଂଗଠନର ନେତା ଓ ମନ୍ତ୍ରୀମାନେ ଏଥିରେ ଅଂଶୀଦାର । ତେଣୁ ଆମ୍ଭମାନଙ୍କର ଦୃଢ଼ ଧାରଣା ହେଲା ଯେ, ତାତ୍କାଳିକ ନିଖିଳ ଭାରତ କଂଗ୍ରେସ କମିଟିଦ୍ୱାରା ଦେଶର ସ୍ୱାର୍ଥ ରକ୍ଷିତ ହେବ ନାହିଁ । ସେଥିପାଇଁ ଉକ୍ତ କଂଗ୍ରେସ ସହିତ ଆଉ ସମ୍ପର୍କ ରଖିବା ଆମ୍ଭମାନଙ୍କ ପକ୍ଷରେ ପାପ, ଅଧର୍ମ, ବେ-ସାମାଜିକ ଏବଂ ବେ-ରାଜନୈତିକ ହେବ । ଏହି ଧାରଣା ଆମ୍ଭ ଗୋଷ୍ଠୀର ଅନ୍ୟ କାହାଠାରେ ହେଉ ବା ନ ହେଉ ମୋଠାରେ ଏହା ଦୃଢ଼ୀଭୂତ ହେଲା ।

•

Digitized by PPRACHIN, SOA

କାମରାଜ-ପ୍ଲାନ୍ (ଯୋଜନା)

ଚୀନ-ଭାରତ ଯୁଦ୍ଧ ବେଳକୁ ଭାରତରେ କଂଗ୍ରେସର ଅନ୍ତର୍ଦ୍ୱନ୍ଦ୍ୱ ପ୍ରାୟ ଆରମ୍ଭ ହୋଇ ଯାଇଥିଲା । ପଣ୍ଡିତ ଜହରଲାଲ ନେହେରୁଙ୍କ ତୁଙ୍ଗ ନେତୃତ୍ୱ ଓ ମହାନ ବ୍ୟକ୍ତିତ୍ୱ ଯୋଗୁଁ ଉକ୍ତ ଗୃହ-ବିବାଦ ଜଣା ପଡ଼ୁ ନ ଥିଲା । ଏତେବେଳକୁ କଂଗ୍ରେସରେ ଦୁଇଟି ଗୋଷ୍ଠୀ ହୋଇଯାଇଥିଲେ, ଯଥା—ତଥାକଥିତ ସାମ୍ୟବାଦୀ ଗୋଷ୍ଠୀ ଓ ଅଣ-ସାମ୍ୟବାଦୀ ଗୋଷ୍ଠୀ । ଅଣ-ସାମ୍ୟବାଦୀ ଗୋଷ୍ଠୀ ମଧ୍ୟରୁ କେତେକ ମୁଖ୍ୟ ବ୍ୟକ୍ତି ପରେ ସିଣ୍ଡିକେଟ୍ ଗୋଷ୍ଠୀ ଗଠନ କରି କିଛି ସମୟ ପାଇଁ ଭାରତର ପ୍ରଧାନ ମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀ-ସ୍ରଷ୍ଟା ହେଲେ । ଏତେବେଳକୁ କଂଗ୍ରେସର ଦୁର୍ନୀତି ମଧ୍ୟ ବହୁ ପରିମାଣରେ ଲକ୍ଷିତ ହେଉଥିଲା । ନୂତନ ଯୁଗ ଗୋଷ୍ଠୀ ପୁରୁଣା ମୁଖ୍ୟ ବ୍ୟକ୍ତିଙ୍କ ବିରୋଧରେ ସମାଲୋଚନା କରିବାକୁ ଲାଗିଲେ । କେତେକ ବ୍ୟକ୍ତି ବରାବର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀ ଆସନରେ ରହିବାରୁ ଅନ୍ୟାନ୍ୟମାନଙ୍କର ଚକ୍ଷୁଶୂଳ ହୋଇଯାଇଥିଲେ । ନେତାମାନେ ମନ୍ତ୍ରୀ ଦାୟିତ୍ୱରେ ରହିବାରୁ ସଂଗଠନ କାର୍ଯ୍ୟ ଚଳାଇବାରେ ବାଧା ପଡ଼ୁଥିଲା । ମୋଟରେ କହିବାକୁ ଗଲେ କଂଗ୍ରେସର କ୍ଷମତାହୀନ ଗୋଷ୍ଠୀ କ୍ଷମତାପନ୍ନ ଗୋଷ୍ଠୀଙ୍କ ବିରୋଧରେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିଲେ । ପଣ୍ଡିତ ନେହେରୁ ଏ ଜଟିଳ ସମସ୍ୟାର ସମାଧାନ ନିମନ୍ତେ ବାଟ ଖୋଜି ପାଉ ନ ଥିଲେ ; ଅର୍ଥାତ୍ ପୁରୁଣା ଲୋକଙ୍କୁ ମନ୍ତ୍ରୀ ଗାଦିରୁ ଅନ୍ତର କରିବାକୁ ସୁଯୋଗ ପାଉ ନ ଥିଲେ । ଏହି ସମୟରେ ଶ୍ରୀ କାମରାଜ ନାଦର ମାଡ୍ରାଜର ମୁଖ୍ୟମନ୍ତ୍ରୀ ଥାଇ ଦେଖିଲେ ଯେ, ସେ ଦିନକୁ ଦିନ ଅପ୍ରିୟ ହୋଇଯାଉଛନ୍ତି ଏବଂ ସେଠାରେ ଡି. ଏମ୍. କେ. ଦଳ ପ୍ରାଧାନ୍ୟ ଲାଭ କରୁଛନ୍ତି । ତାଙ୍କର ହୃଦ୍‌ବୋଧ ହେଲା ଯେ, ସାଧାରଣ କଂଗ୍ରେସ ଲୋକେ ଗାଁ ଗହଳକୁ ଯାଇ ଲୋକଙ୍କର ସେବା କରିବା ପରିବର୍ତ୍ତେ ସହରମାନଙ୍କରେ ଥାଇ ମନ୍ତ୍ରୀ-ମୁଖିଆଙ୍କୁ ଧରା ଧରି କରି ନିଜର ସ୍ୱାର୍ଥସିଦ୍ଧି ପୂର୍ବକ ଦୁର୍ନୀତି କରୁଛନ୍ତି । ତେଣୁ ଶ୍ରୀ କାମରାଜ ପଣ୍ଡିତ ଜହରଲାଲ ନେହେରୁଙ୍କୁ ଏକ

Digitized by PPRACHIN, SOA

ପ୍ରସ୍ତାବ ଦେଲେ ଯେ, ଉପର୍ଯ୍ୟୁକ୍ତ କାରଣ ଦୃଷ୍ଟିରୁ କଂଗ୍ରେସର ଅଧଃପତନ ହେବାକୁ ଯାଉଛି । କଂଗ୍ରେସକୁ ଶକ୍ତିଶାଳୀ ଏବଂ ଲୋକପ୍ରିୟ କରିବା ଉଦ୍ଦେଶ୍ୟରେ କେତେକ ବିଶିଷ୍ଟ ଏବଂ ନେତୃସ୍ଥାନୀୟ ବ୍ୟକ୍ତି ଯେଉଁମାନେ ବରାବର ମୁଖ୍ୟମନ୍ତ୍ରୀ କିମ୍ବା ରାଜ୍ୟ ଓ କେନ୍ଦ୍ରରେ ସର୍ବଦା ମନ୍ତ୍ରୀ ଭାବେ ରହିଛନ୍ତି, ମନ୍ତ୍ରୀ ଦାୟିତ୍ୱରୁ ଓହରି ଆସି ସଂଗଠନ ଭାର ନିଅନ୍ତୁ । ସେ (ଶ୍ରୀ କାମରାଜ) ନିଜେ ମୁଖ୍ୟମନ୍ତ୍ରୀ ପଦରୁ ଅନ୍ତର ହୋଇ ସଂଗଠନ କାର୍ଯ୍ୟ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି ଉକ୍ତ ପ୍ରସ୍ତାବରେ ବ୍ୟକ୍ତ କରିଥିଲେ । ଏହା ହେଉଛି କାମରାଜ-ପ୍ଲାନ୍ ।

ବର୍ତ୍ତମାନ ପଣ୍ଡିତ ନେହେରୁଙ୍କ ଉପାୟ ମିଳିଗଲା । କାମରାଜ ପ୍ଲାନ୍ ବା ପ୍ରସ୍ତାବ ପ୍ରଗୃହୀତ ହେଲା । ପଣ୍ଡିତ ନେହେରୁଙ୍କର ବିଶ୍ୱାସୀ ସ୍ୱର୍ଗୀୟ ଲାଲ୍ ବାହାଦୂର ଶାସ୍ତ୍ରୀଙ୍କ ଇସ୍ତଫା କରାଗଲା । ତାହା ପରେ ଗୋଟି ଗୋଟି କରି ବହୁ ନେତା ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ଶ୍ରୀ ମୋରାରଜୀ ଭାଇ ଦେଶାଇ ମଧ୍ୟ କେନ୍ଦ୍ର ମନ୍ତ୍ରୀତ୍ୱରୁ ଇସ୍ତଫା ଦେଲେ । ପଣ୍ଡିତଜୀ ଇଚ୍ଛା କରୁଥିଲେ ଯେ, ଶ୍ରୀ ମୋରାରଜୀଙ୍କ ସମେତ ଆଉ କେତେକ ନେତୃସ୍ଥାନୀୟ ବ୍ୟକ୍ତି ଇସ୍ତଫା ଦିଅନ୍ତୁ । ତାହା ହେଲା । ଶ୍ରୀ ବିଜୁ ପଟ୍ଟନାୟକ ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ ।

କାମରାଜ ପ୍ଲାନ୍ କାର୍ଯ୍ୟକାରୀ କରିବାଦ୍ୱାରା ହିତେ ବିପରୀତ ପରି ହେଲା । କଂଗ୍ରେସର ତ ଦୁର୍ନାମ ଦୂର ହେଲା ନାହିଁ ; ବରଂ ବଢ଼ିଲା । ଖାଲି ପଡ଼ିଥିବା ମୁଖ୍ୟମନ୍ତ୍ରୀ ପଦ ଓ ଅନ୍ୟାନ୍ୟ ମନ୍ତ୍ରୀ ପଦ ପାଇଁ ବହୁ ବ୍ୟକ୍ତି ଆଶାୟୀ ହୋଇ ସତ୍ ଏବଂ ଅସତ୍ ଚେଷ୍ଟା କଲେ । ବିଦାୟୀ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀମାନେ ନିଜ ନିଜର ଗ୍ରୁମୁଁଆ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଆସୀନ କରାଇ ନିଜର ପ୍ରାଧାନ୍ୟ ବଜାୟ ରଖିବାକୁ ଆପ୍ରାଣ ଚେଷ୍ଟା ଏବଂ ଚକ୍ରାନ୍ତ କଲେ । ଫଳ ହେଲା ଅଧିକତର ଦଳ ବନ୍ଦୀ ଏବଂ ଗୋଷ୍ଠୀ ବନ୍ଦୀ, ଖୋଲାଖୋଲି ଅନ୍ତର୍ବିବାଦ ଏବଂ ଉନ୍ମୁକ୍ତ ବିଶୃଙ୍ଖଳା । ଏ ଅବସ୍ଥାକୁ ଯେଉଁମାନେ ଆୟତ୍ତ କରିପାରିଥାନ୍ତେ ସେମାନେ ତ ନିଜେ ଏହା ସୃଷ୍ଟି କରୁଥାନ୍ତି । ତେଣୁ ବନ୍ଦ କରିବ କିଏ ? ପଣ୍ଡିତ ନେହେରୁ ଏ ଅଶୃଙ୍ଖଳା ରୋକି ପାରିଲେ ନାହିଁ । କଂଗ୍ରେସ ପ୍ରତି କାମରାଜ ପ୍ଲାନର ଆଶୀର୍ବାଦ ଅଭିଶାପରେ ପରିଣତ ହୋଇ ପରିଶେଷରେ କଂଗ୍ରେସ ବିଭାଜନର ଏବଂ ପତନର କାରଣ ହେଲା ।

Digitized by PPRACHIN, SOA

କାମରାଜଙ୍କ ପ୍ଲାନ୍ ଏବଂ ଓଡ଼ିଶା

ପୂର୍ବୋକ୍ତମତେ କାମରାଜ ପ୍ଲାନ୍ ଅନୁସାରେ ଶ୍ରୀ ବିଜୁ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଲେ । ପଣ୍ଡିତ ନେହେରୁ ଶ୍ରୀ ପଟ୍ଟନାୟକଙ୍କ ଇସ୍ତଫା ମଧ୍ୟ ଗ୍ରହଣ କରିନେଲେ । କିନ୍ତୁ ଶ୍ରୀ ବିଜୁ ପଟ୍ଟନାୟକ ଉପରୋକ୍ତ ନେତା ଶ୍ରେଣୀଭୁକ୍ତ ନ ଥିଲେ । ସେ ଅନବରତ ମୁଖ୍ୟମନ୍ତ୍ରୀ କିମ୍ବା କେନ୍ଦ୍ର ଓ ରାଜ୍ୟର ମନ୍ତ୍ରୀ ମଧ୍ୟ ନ ଥିଲେ । କେବଳ ୨୭ ମାସ ପୂର୍ବରୁ ତାଙ୍କ ଜୀବନରେ ପ୍ରଥମ ଥର ପାଇଁ ମନ୍ତ୍ରୀ ଭାବେ ମୁଖ୍ୟମନ୍ତ୍ରୀ ହୋଇଥିଲେ । ବିଜୁବାବୁ ଇସ୍ତଫା ଦେଇ ମୋତେ ପ୍ରବର୍ତ୍ତାଇଲେ ଯେ, ମୁଁ ଇସ୍ତଫା ଦେଇ ତାଙ୍କ ସଙ୍ଗେ ଦିଲ୍ଲୀ ରାଜଧାନୀକୁ ଯାଏ । ତାଙ୍କର ଉଦ୍ଦେଶ୍ୟ ମୁଁ ଅଳ୍ପକେ ଜାଣି ପାରିଲି । ବିଜୁବାବୁଙ୍କ ଗୋଷ୍ଠୀ ତ ଅତ୍ୟନ୍ତ ମହତାବ-ବିରୋଧୀ ଥିଲେ । ତେଣୁ ଶାସନରେ ରହି ମହତାବ ବାବୁଙ୍କୁ ବହୁଧା ହଇରାଣ, ହରକତ ଓ ରାଜନୈତିକ ବାଧା ପ୍ରଦାନ ସଙ୍ଗେ ସଙ୍ଗେ ପଦେ ପଦେ ଅପଦସ୍ଥ କରିବାକୁ ଚକ୍ରାନ୍ତ କରୁଥିଲେ । ମୁଁ ସରକାରରେ ମନ୍ତ୍ରୀ ଭାବରେ ଥିବାରୁ ଏହା କରାଇବାରେ ପ୍ରତିବନ୍ଧକ ଥିଲି । ମୋର ମହତାବଙ୍କ ପ୍ରତି ଏ ଆଭିମୁଖ୍ୟ ତାଙ୍କ ଗୋଷ୍ଠୀକୁ ସୁହାଉ ନ ଥିଲା । ମୁଁ ଯଦି ଓଡ଼ିଶା ମନ୍ତ୍ରୀମଣ୍ଡଳରେ ରହେ ତେବେ ବିଜୁବାବୁଙ୍କ ମନୋନୀତ ବ୍ୟକ୍ତି ନିର୍ଦ୍ୱନ୍ଦ୍ୱରେ ମୁଖ୍ୟମନ୍ତ୍ରୀ ହୋଇ ପାରିବେ ନାହିଁ । ତେଣୁ ମନ୍ତ୍ରୀମଣ୍ଡଳ ଏବଂ ଓଡ଼ିଶାରୁ ମୋର ବିଦାୟ ନିମନ୍ତେ ଚକ୍ରାନ୍ତ କରି ମୋତେ ଇସ୍ତଫା ଦେବାକୁ ପ୍ରବର୍ତ୍ତାଉଥିଲେ ବୋଲି ମୋର ବିଶ୍ୱାସ । ବିଜୁବାବୁଙ୍କର ମୋ ସମ୍ପର୍କରେ ପ୍ରସ୍ତାବ ମୁଁ ମୋର ବନ୍ଧୁମାନଙ୍କୁ ଜଣାଇଲି । ସେମାନେ ସମସ୍ତେ ଘୋର ବିରୋଧ କଲେ । ମୁଁ ବିଜୁବାବୁଙ୍କୁ କୌଣସି ଉତ୍ତର ଦେଲି ନାହିଁ ।

Digitized by PPRACHIN, SOA

ଦଳପତି (ମୁଖ୍ୟମନ୍ତ୍ରୀ) ନିର୍ବାଚନରେ ମୋର ପ୍ରତିଯୋଗିତା

ମୁଁ ତ ଇସ୍ତଫା ଦେଲିନାହିଁ । ବିଜୁବାବୁଙ୍କ ଇସ୍ତଫା କେନ୍ଦ୍ର କର୍ତ୍ତୃପକ୍ଷ ଗ୍ରହଣ କରିନେଲେ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ଖାଲି ହେବ । ତେଣୁ ନୂତନ ଦଳପତି ନିର୍ବାଚିତ ହେବେ । ସେଥିପାଇଁ କେନ୍ଦ୍ରରୁ ଦିନ ସ୍ଥିର ହେଲା । ନେତା ନିର୍ବାଚନ ସମ୍ପର୍କରେ ନାନା ଆଲୋଚନା ହୋଇ ଓଡ଼ିଶା ସରଗରମ ହୋଇ ଉଠିଲା ।

ବିଜୁବାବୁଙ୍କ ଗୋଷ୍ଠୀ ସ୍ଥିର କଲେ ଯେ, ଶ୍ରୀ ବୀରେନ୍ ମିତ୍ର ଦଳପତି ଏବଂ ମୁଖ୍ୟମନ୍ତ୍ରୀ ହେବେ । ଏହା ଆମ୍ଭମାନଙ୍କର କାନକୁ ଆସିଲା । ମୁଁ ଏବଂ ମୋର ସହକର୍ମୀ ଏମ୍. ଏଲ୍. ଏ. ମାନେ ବିଜୁ ବାବୁଙ୍କ ଗୋଷ୍ଠୀର କୌଣସି ବ୍ୟକ୍ତିର ନେତୃତ୍ୱକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନ ଥିଲୁ । କାରଣ ଏତେବେଳକୁ ଏହି ଅଳ୍ପ ଦୁଇ ବର୍ଷ କାଳ ଭିତରେ ବିଜୁବାବୁଙ୍କ ନେତୃତ୍ୱରେ ଉକ୍ତ ଗୋଷ୍ଠୀର ଦୌରାତ୍ମ୍ୟ ଓ ଔଦ୍ଧତ୍ୟମୂଳକ ଅଣାଧୁନିଆ କାର୍ଯ୍ୟକଳାପ ଦେଶବାସୀଙ୍କୁ ଜଣାପଡ଼ିଗଲାଣି । ସେଥିପାଇଁ ଆମ୍ଭେମାନେ ମଧ୍ୟ ସମାଲୋଚିତ ହେଉଥାଉ । ଅଧିକନ୍ତୁ ବୀରେନ୍ ବାବୁଙ୍କ ନେତୃତ୍ୱକୁ ନାନା କାରଣରୁ ଘୋର ପ୍ରତିବାଦ କରୁଥାଉ । ଅନ୍ୟ ଗୋଷ୍ଠୀ ମଧ୍ୟ ଆମ୍ଭମାନଙ୍କ ମଧ୍ୟରୁ କାହାରି ନେତୃତ୍ୱକୁ ସ୍ୱୀକାର କରିବାକୁ ପ୍ରସ୍ତୁତ ନ ଥିଲେ । ସମସ୍ୟାର ସମାଧାନ ନିମନ୍ତେ ଆମ୍ଭେମାନେ ସର୍ବଶ୍ରୀ ବିଶ୍ୱନାଥ ଦାସ, ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ ଏବଂ ରାଧାନାଥ ରଥଙ୍କ ନାମ ଦଳପତି ହେବା ନିମନ୍ତେ ମୌଖିକ ପ୍ରସ୍ତାବ ଦେଇ ଅନୁରୋଧ କଲୁ ଯେ, ଏହି ୫ ଜଣ ପୁରୁଖା ବ୍ୟକ୍ତିଙ୍କ ମଧ୍ୟରୁ ଯେ କୌଣସି ବ୍ୟକ୍ତିଙ୍କୁ ବିଜୁବାବୁଙ୍କ ଗୋଷ୍ଠୀ ଗ୍ରହଣ କଲେ ଆମ ଗୋଷ୍ଠୀ ତାହା ଅନ୍ତରର ସହିତ ଗ୍ରହଣ କରିନେବ । ବିଜୁବାବୁଙ୍କର ତ ଉଦ୍ଦେଶ୍ୟ ତାଙ୍କ ରୁଚି ଏବଂ ମନମୁତାବକ ଜଣେ ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ କରାଇ ସେ ନିଜେ ଦିଲ୍ଲୀ ରାଜନୀତି ଏବଂ ଶାସନନୀତିରେ ସକ୍ରିୟ ଅଂଶ ଗ୍ରହଣ କରି ଓଡ଼ିଶାକୁ ପୂରା କବଳରେ ରଖିବେ । ତେଣୁ ଉପରୋକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତିଙ୍କୁ ସେ

Digitized by PPRACHIN, SOA

ଗ୍ରହଣକଲେ ନାହିଁ । ସେ କେବଳ ଶ୍ରୀ ବୀରେନ୍ ମିତ୍ରଙ୍କ ପ୍ରାର୍ଥିତ୍ୱକୁ ଜିଦ୍‌ଧରି ବସିଲେ ।

ଏତେବେଳକୁ ବାହାରେ ବାତାବରଣ ବୀରେନ୍-ବିରୋଧୀ ହେଲାଣି । ଲୋକେ ଚାହୁଁଥାନ୍ତି ଜଣେ ସାଧୁ, ସଚ୍ଚୋଟ, ଅଭିଜ୍ଞ, ଟାଣୁଆ ଓ ପ୍ରକୃତ ଓଡ଼ିଆ ବ୍ୟକ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ଆମ୍ଭମାନଙ୍କର ଉକ୍ତ ମୌଖିକ ପ୍ରସ୍ତାବ ଶ୍ରୀ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀଦ୍ୱାରା ଗୃହୀତ ନ ହେବାରୁ ଏବଂ ଜନମତ ଏପରି ହେବାରୁ ଆମ ଗୋଷ୍ଠୀ ସ୍ଥିର କଲେ ଯେ, ମୁଁ ମୁଖ୍ୟ ମନ୍ତ୍ରୀ ପଦ ପାଇଁ ପ୍ରାର୍ଥୀ ହେବି । କିନ୍ତୁ ପ୍ରଥମରୁ ଆମ ଗୋଷ୍ଠୀ ମୋ ନାମ ସ୍ଥିର କରିଥିଲେ । ଅନ୍ୟ ଗୋଷ୍ଠୀକୁ ସନ୍ତୁଷ୍ଟ କରିବା ନିମନ୍ତେ ଉକ୍ତ ୫ଜଣ ମୁରୁବୀ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କୁ ଗ୍ରହଣ କରିବା ନିମନ୍ତେ ପ୍ରସ୍ତାବ ଦେଇ-ଥିଲେ ।

ମୁଁ ଦୃଢ଼ପ୍ରତିଜ୍ଞ ଥିଲି ଯେ, କାହାର ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ଯଦି କେହି ବ୍ୟକ୍ତି ବା କୌଣସି ଗୋଷ୍ଠୀ କାହାକୁ ପ୍ରାର୍ଥୀରୂପେ ଏହି ନିର୍ବାଚନରେ ଠିଆ କରନ୍ତି ତାହା ବିରୋଧରେ ଜଣେ ଉତ୍ତମ ଲୋକଙ୍କୁ ଆମ୍ଭେମାନେ ଠିଆ କରାଇବୁ ; କାହାର ସୁବିଧା ନିମନ୍ତେ ନିର୍ଦ୍ୱନ୍ଦ୍ୱରେ ମୁଖ୍ୟମନ୍ତ୍ରୀ ହେବାକୁ ଅନୁମତି ଦେବୁନାହିଁ । କଂଗ୍ରେସ ଭିତରୁ କେହି ଯଦି ବିଜୁବାବୁଙ୍କ ପ୍ରାର୍ଥୀ ବିରୋଧରେ ପ୍ରାର୍ଥୀ ଠିଆ ନ କରନ୍ତି, କିମ୍ବା ଠିଆ ହେବାକୁ ନ ବାହାରନ୍ତି ତେବେ ମୁଁ ମୋ ନାମ ନିଜେ ପ୍ରସ୍ତାବ କରି ପ୍ରାର୍ଥୀରୂପେ ଠିଆ ହେବି ; ଭୋଟ ପାଏ ବା ନ ପାଏ । କିନ୍ତୁ ଏପରି ଅବସ୍ଥା କାହିଁକି ବା ହେବ । ପ୍ରଥମରୁ ତ ଆମ ଗୋଷ୍ଠୀ ବିଜୁବାବୁଙ୍କର ପ୍ରାର୍ଥୀକୁ ଅପ୍ରତିଦ୍ୱନ୍ଦ୍ୱୀ ଭାବରେ ନିର୍ବାଚିତ ହେବାକୁ ଅନୁମତି ଦେବେ ନାହିଁ ବୋଲି ମୋ ନାମ ନିଜ ଭିତରେ ପ୍ରସ୍ତାବ କରିଥିଲେ ।

ମୁଖ୍ୟମନ୍ତ୍ରୀ ପଦ ପାଇଁ ମୋର ଏ ନିର୍ବାଚନରେ ଲଢ଼େଇ କରିବାର କାରଣ ହେଉଛି ଯେ, ଦେଶରେ ଏକ ଆଦର୍ଶ ଶାସନ ସ୍ଥାପନ-ପୂର୍ବକ ଉତ୍ତମ ସମାଜ ଗଠନ ନିମନ୍ତେ ଉପଯୁକ୍ତ ବାୟୁମଣ୍ଡଳ ସୃଷ୍ଟି କରିବା । ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱଦ୍ୱାରା କୃତ ଶାସନର ଅଶୃଙ୍ଖଳାକୁ ବୀରେନ୍ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରାଇ ଆହୁରି ଅଧିକ ବ୍ୟାପକ କରିବାକୁ ପ୍ରଶ୍ରୟ ନଦେବା । ବିଜୁବାବୁଙ୍କ ଇଙ୍ଗିତରେ ବୀରେନ୍‌ବାବୁ କିମ୍ବା ଅନ୍ୟ କେହି ମୁଖ୍ୟମନ୍ତ୍ରୀ ହେଲେ ବିଜୁବାବୁ ବାହାରେ ଥାଇ ଯେତେ ପ୍ରକାର ଅ-ନିୟମିତ (Irregular) କାର୍ଯ୍ୟ

Digitized by PPRACHIN, SOA

କରାଇବାକୁ ଇଚ୍ଛା କରିବେ ତାହା ଉକ୍ତ ମୁଖ୍ୟମନ୍ତ୍ରୀ ନିଶ୍ଚୟ କରିବେ । ଆତ୍ମସ୍ୱାର୍ଥରକ୍ଷଣ ଓ ପ୍ରସାରଣ ଏବଂ ଦଳ ଓ ଗୋଷ୍ଠୀ-ପ୍ରୀତିର ଆଧିକ୍ୟ ବଶତଃ ଶାସନ ନିଶ୍ଚୟ କଳଙ୍କିତ ହେବା ସଙ୍ଗେ ସଙ୍ଗେ କଂଗ୍ରେସର ଦୁର୍ନାମ ବୃଦ୍ଧି ପାଇବ ଏବଂ ପରିଶେଷରେ କଂଗ୍ରେସ ଭାଙ୍ଗିବ । ମୋର ଏହି ଆଶଙ୍କା ଥିଲା । ରାଜ୍ୟକୁ ଦୁର୍ନୀତି ଓ ଶୋଷଣରୁ ମୁକ୍ତ ରଖିବା ଉଦ୍ଦେଶ୍ୟରେ ମୁଁ ବିଜୁବାବୁଙ୍କ ଗୋଷ୍ଠୀର ବୀରେନ୍‌ବାବୁ ଓ ପରେ ସଦାଶିବ ବାବୁଙ୍କ ଦଳପତି-(ମୁଖ୍ୟମନ୍ତ୍ରୀ)ପ୍ରାର୍ଥିତ୍ୱକୁ ବିରୋଧ କରି ନିଜେ ଉକ୍ତ ପଦ ପାଇଁ ପ୍ରାର୍ଥୀ ହୋଇଥିଲି । ଆହୁରି ମଧ୍ୟ ଉଦ୍ଦେଶ୍ୟ ଥିଲା ଯେ, ଯଦି ଦଳପତି ହୁଅନ୍ତି ତେବେ ଏହି ପୁସ୍ତକର ପ୍ରାରମ୍ଭରେ ବର୍ଣ୍ଣିତ ଗାନ୍ଧୀ ମତ ଅନୁସାରେ ଶାସନ ପରିଚାଳନାପୂର୍ବକ ସମାଜ ଗଠନ ନିମନ୍ତେ ଉଦ୍ୟମ କରନ୍ତି ।

ପ୍ରାକ୍ ନେତା-ନିର୍ବାଚନର ଆଭ୍ୟନ୍ତରୀଣ ସ୍ରୋତ କିଛି ଦିନ ଚାଲିଲା ପରେ କ୍ରମେ ଏହା ଖୋଲା ଖୋଲି ଭାବେ ପ୍ରବାହିତ ହେଲା । ବିରୋଧୀ ଗୋଷ୍ଠୀ ଏ ଖବର ଜାଣି ମୋତେ ଏବଂ ମୋର ସାଥୀ ଓ ସମର୍ଥକ ଏମ୍. ଏଲ୍. ଏ.ମାନଙ୍କୁ ନାନା ପ୍ରଲୋଭନ, ପ୍ରବୋଧନା, ଆଶା ଏବଂ ଆଶ୍ୱାସନାର ଆଭାସ ଦେଲେ । ପ୍ରଲୋଭନର ବଶବର୍ତ୍ତୀ ନ ହେବାରୁ ଚକ୍ରାନ୍ତର ଧମକ ଚମକର ସୀମା ରହିଲା ନାହିଁ । ବିଜୁବାବୁଙ୍କର ଇଚ୍ଛା ଏବଂ ଆଶା ଥିଲା ଯେ, ସେ ଯଦି ଓଡ଼ିଶାରେ ନିର୍ଦ୍ୱନ୍ଦ୍ୱରେ ଓଡ଼ିଶା ଦଳପତି ନିର୍ବାଚନ କରାଇ ଦେଇ ପାରିବେ ତେବେ ଦିଲ୍ଲୀ ମହଲରେ ତାଙ୍କର ସୁନାମ (Image of good name) ଅକ୍ଷୁଣ୍ଣ ରହିବ । କିନ୍ତୁ ତାହା ହୋଇ ପାରୁ-ନାହିଁ ଜାଣି ସେ ଅତ୍ୟନ୍ତ ବିବ୍ରତ, ବିଚଳିତ ଏବଂ କ୍ରୋଧାନ୍ୱିତ ହୋଇ ଦୃଢ଼ପ୍ରତିଜ୍ଞ ହେଲେ ଯେ, ଯେକୌଣସି ଉପାୟରେ ଏବଂ ବାଟରେ ତାଙ୍କ ପ୍ରାର୍ଥୀକୁ ଜୟଯୁକ୍ତ କରାଇବେ ।

ଇତି ମଧ୍ୟରେ ଆମ ତରଫରୁ ଆସେମ୍ବ୍ଲି ସଭ୍ୟମାନଙ୍କ ସଙ୍ଗେ ଆଲୋଚନା କରି ଜାଣିପାରିଥିଲୁ ଯେ, କଂଗ୍ରେସ ଆସେମ୍ବ୍ଲି ଦଳର ସଭ୍ୟ ସଂଖ୍ୟା ୮୨ ଜଣ ମଧ୍ୟରୁ ଆମ ତରଫରେ ଭୋଟ ଦେବାପାଇଁ ପ୍ରାୟ ୫୨ଜଣ ପର୍ଯ୍ୟନ୍ତ ରାଜି ଥାଆନ୍ତି । ଏହି ୫୨ ଜଣ ସଭ୍ୟଙ୍କର ଏକ ଗୋପନ ତାଲିକା ଆମପକ୍ଷ ତିଆରି କରିଥାନ୍ତି । ସର୍ବଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁକୁମାର ଦାସ ଓଗେର ଏହି ତାଲିକାଟି ଗୋପନରେ ରଖିଥାନ୍ତି । ବିଜୁବାବୁଙ୍କ ଗୋଷ୍ଠୀ ଜାଣିବାକୁ ଇଚ୍ଛା କରୁଥାନ୍ତି ଯେ, କେଉଁ କେଉଁ ସଭ୍ୟମାନେ ମୋତେ ଭୋଟ

Digitized by PPRACHIN, SOA

ଦେବେ । ବାହାରେ ଜନତା ମଧ୍ୟରେ ହାଓ୍ୱା ହେଉଥାଏ ଯେ, ପବନ୍-ମୋହନ ପ୍ରଧାନ ଦଳପତି ବା ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ଏ ହାଓ୍ୱାରେ ବିଜୁ-ବାବୁଙ୍କ ପକ୍ଷ ହତାଶ ଏବଂ ଉଦ୍‌ବୃତ୍ତ ହେଉଥାନ୍ତି । ପ୍ରତିପକ୍ଷ ତରଫରୁ ଜଣେ ଦୁଇଜଣ ଗୋଇନ୍ଦା ହିସାବରେ ଆସି ଆମ ଗୋଷ୍ଠୀ ସଙ୍ଗେ ମିଶି ମୋତେ ଭୋଟ ଦେବେ ବୋଲି ସ୍ୱତଃ କହି ଆମ ଗୋଷ୍ଠୀଭୁକ୍ତ ହୋଇଗଲେ । ଦୁର୍ଭାଗ୍ୟବଶତଃ ଆମ ଗୋପନ ତାଲିକାର ଏକକପି ଉକ୍ତ ଗୋଇନ୍ଦା ସଭ୍ୟଙ୍କ ହାତରେ ପଡ଼ିଯିବାରୁ ବହୁ ଆର୍ଥିକ ପୁରସ୍କାର ପାଇ ସେ ଗୋଇନ୍ଦା ସଭ୍ୟ ଉକ୍ତ ଗୋପନ ତାଲିକାଟି ବିରୋଧୀ ପକ୍ଷକୁ ଦେଇଦେଲେ । ବର୍ତ୍ତମାନ ବିରୋଧୀ ପକ୍ଷ ଜାଣିଗଲେ ଯେ, କେଉଁ କେଉଁ ବିଧାନସଭା-ସଭ୍ୟ ମୋତେ ଭୋଟ ଦେବେ । ତେଣୁ ସେମାନଙ୍କ ମଧ୍ୟରୁ ପ୍ରାୟ ଅନେକଙ୍କୁ କଳେ, ବଳେ, ଛଳେ, କଉଶଳେ ପ୍ରଲୋଭିତ, ଆକର୍ଷିତ, ଆତଙ୍କିତ ଏବଂ ଉଦ୍‌ବୃତ୍ତ କରାଇ ତାଙ୍କ ତରଫକୁ ନେଇଗଲେ ।

ବିଧାନ ସଭା ସଭ୍ୟଙ୍କ (ଏମ୍. ଏଲ୍. ଏ.ଙ୍କ) ଦୟନୀୟ ଅବସ୍ଥା

ଦଳପତି ନିର୍ବାଚନର ପ୍ରାକ୍‌କାଳରେ ମୋ ପକ୍ଷରେ ସଂଖ୍ୟାଧିକ ଏମ୍. ଏଲ୍.ଏ. ରହିବାର ନାନା କାରଣ ଅଛି । ଏକେ ତ ଲବ୍ଧପ୍ରତିଷ୍ଠ ନେତା ଡ଼: ହରେକୃଷ୍ଣ ମହତାବ, ସର୍ବଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁକୁମାର ଦାସ, ଉପେନ୍ଦ୍ର ମହାନ୍ତି, ମୁରଲୀଧର ଜେନା ପ୍ରଭୃତି କଂଗ୍ରେସର ପୂର୍ବତନ ସଭାପତି ଏବଂ ସମ୍ପାଦକମାନେ ଓ ସର୍ବଶ୍ରୀ ହିମାଂଶୁ ଶେଖର ପାଢ଼ୀ, କୁମୁଦଚନ୍ଦ୍ର ସିଂହ, ବୀର ବିକ୍ରମାଦିତ୍ୟ ସିଂହ ବରିହା, ଏବଂ ମନମୋହନ ଟୁଡ଼ୁ ଓ ପୂର୍ବତନ ମନ୍ତ୍ରୀ ଶ୍ରୀ ସୋନାରାମ ସୋରେନ୍ ଇତ୍ୟାଦି ନେତା ଓ ବିଧାନ ସଭାର ସଭ୍ୟମାନେ ମୋ ସପକ୍ଷରେ ଥାଇ ଖୋଲାଖୋଲି ପ୍ରଚାର କରୁଥାନ୍ତି । ଦ୍ୱିତୀୟତଃ ଏମ୍. ଏଲ୍. ଏ.ମାନଙ୍କ ମଧ୍ୟରୁ କେତେକଙ୍କୁ ମୁଁ କଂଗ୍ରେସ ସଭ୍ୟତାଲିକାଭୁକ୍ତ କରି କଂଗ୍ରେସକୁ ଟାଣି ଆଣିଥିଲି । ଗଡ଼ଜାତ ଅଞ୍ଚଳର ଅଳ୍ପ କେତେକଙ୍କୁ ବାଦ୍ ଦେଲେ ଅଧିକାଂଶ ମୋତେ ସମର୍ଥନ କରୁଥିଲେ କିନ୍ତୁ ବିରୋଧ ପକ୍ଷର କୌଶଳ ଓ ଛଳନା-ପୂର୍ଣ୍ଣ

Digitized by PPRACHIN, SOA

ପ୍ରଲୋଭନ, ଅର୍ଥଦାନଦ୍ୱାରା ଏବଂ ଯେଉଁ ସଭ୍ୟ ପ୍ରଲୋଭନର ପାତ୍ର ନ ହେଲା ତାକୁ ଏପରି ଧମକ ଓ ଭୟଭୀତ କରାଗଲା ଯେ, ଶେଷକୁ ସେମାନେ ପକ୍ଷ ପରିବର୍ତ୍ତନ କଲେ । କେତେକ ସଭ୍ୟଙ୍କୁ ନେଇ ଖୁଆଇ ପିଆଇ ନଜର-ବନ୍ଦୀରେ ରଖିଲା ଭଳି ବସ୍ତୁତଃ ଆବଦ୍ଧ କରି ରଖାଗଲା । କେତେଜଣ ସଭ୍ୟ ଧମକ କିମ୍ବା ପ୍ରଲୋଭନର ପାତ୍ର ସହଜରେ ନ ହେବାରୁ ଉକ୍ତ ସଭ୍ୟଙ୍କ ନିର୍ବାଚନ ମଣ୍ଡଳୀର କର୍ମୀଙ୍କୁ ଭଡ଼ାରେ ଅଣାଇ ଗୃପ୍ତ ଦିଆଗଲା ଯେ, ସେହି ସଭ୍ୟ ତାର ଶ୍ରେଷ୍ଠ ମୋତେ ନ ଦେଇ ବିରୋଧୀ ପ୍ରାର୍ଥୀଙ୍କୁ ଦେବ । ସେମାନଙ୍କ ମଧ୍ୟରୁ ଯେଉଁମାନେ ଏ ପ୍ରକାର ଆତ୍ମ-ସମ୍ମାନ-ହୀନ ଅବସ୍ଥାର ପ୍ରତିବାଦ କଲେ ତାଙ୍କ ଗୃହପାଖେ କର୍ମୀମାନଙ୍କୁ ଗୋଇନ୍ଦା ରୂପେ ରଖାଗଲା । ସାଧାରଣ ସମୟରେ ଯେଉଁ ସଭ୍ୟମାନେ ତାଙ୍କ ଘରେ ମୁଁ ପହଞ୍ଚିଲାକ୍ଷଣି ମୋତେ ଆଦର ଏବଂ ଭକ୍ତି କରି ନିଜକୁ କୃତକୃତ୍ୟ ଏବଂ ଧନ୍ୟ ଧନ୍ୟ ମନେ କରୁଥିଲେ ସେମାନଙ୍କ ମଧ୍ୟରୁ କେତେକଙ୍କ ବସାକୁ ମୁଁ ପହଞ୍ଚିଲା କ୍ଷଣି ହୁଏତ ବାଡ଼ିବାଟେ ପଳାଇ ଗଲେ, କିମ୍ବା ପାଇଖାନା ଘରେ ପଶିଗଲେ । ଯେଉଁମାନେ ମୋତେ ଦିନକ ମଧ୍ୟରେ ଯେତେଥର ଦେଖନ୍ତି ପ୍ରତ୍ୟେକ ଥର ନମସ୍କାର କରୁଥିଲେ ସେମାନଙ୍କ ମଧ୍ୟରୁ କେହି କେହି ଆସେମ୍ବ୍ଲି ଗଲା ଆସିଲାବେଳେ, କିମ୍ବା ବାହାରେ ଗମନାଗମନ କଲାବେଳେ ଯଦି ଦୈବାତ୍ ମୋତେ ଦେଖିବାକୁ ପାଆନ୍ତି ତେବେ ହୁଏତ ବାଟ ଭାଙ୍ଗି ଅନ୍ୟ ରାସ୍ତାରେ ଚାଲିଯାନ୍ତି, କିମ୍ବା ଚିପାବ କରି ବସନ୍ତି । ଏପରି ଅମନୁଷ୍ୟ ଏବଂ ବେ-ସାମାଜିକ ବ୍ୟବହାରର କାରଣ ହେଉଛି ଯେ, ଉକ୍ତ ସଭ୍ୟଙ୍କ ପଛେ ପଛେ କର୍ମୀ-ଗୋଇନ୍ଦା ଥାନ୍ତି । ଧମକ ଦେଇଥାନ୍ତି ଯେ, ମୋ ସଙ୍ଗେ କୌଣସି ସମ୍ପର୍କ ରଖିଲେ ଆସନ୍ତା ନିର୍ବାଚନକୁ ପ୍ରାର୍ଥୀ ହେବା ନିମନ୍ତେ ଟିକଟ ମିଳିବ ନାହିଁ, କିମ୍ବା ନିର୍ବାଚନ ମଣ୍ଡଳୀରେ କୌଣସି କାର୍ଯ୍ୟ କରାଇ ଦେବେ ନାହିଁ, କିମ୍ବା ସଭ୍ୟ ନିରାପଦରେ ନିଜ ନିର୍ବାଚନ ମଣ୍ଡଳୀରେ ବୁଲି ପାରିବେ ନାହିଁ । ଗୁଣ୍ଡା ଲଗାଇ ଉକ୍ତ ସଭ୍ୟଙ୍କୁ ବେଇଜ୍ଜତ କରାଯିବ, ମାଡ଼ ଦିଆଯିବ, ତାଙ୍କ ଘର ପୋଡ଼ି ଦିଆଯିବ ।

ଘେରାଉଦ୍ୱାରା ଆବଦ୍ଧ କେତେକ ସଭ୍ୟଙ୍କ ଅବସ୍ଥା ଦେଖି ଲଙ୍କାର ଅଶୋକ ବନରେ ଅସୁରବେଷ୍ଟିତ ସୀତାଙ୍କ ଅବସ୍ଥା ମୋର ମନେ ପଡ଼ି ଯାଉ-ଥାଏ । କିନ୍ତୁ ସୀତା ଦେବୀ ଭୟଭୀତା ନ ଥିଲେ କିମ୍ବା ରାବଣ ପ୍ରତି ତାଙ୍କର ତିଳେମାତ୍ର ଭ୍ରୂକ୍ଷେପ ନଥିଲା । ଅସୁରୀମାନେ ସୀତାଙ୍କୁ ଘେରି ତାଙ୍କୁ ନାନା ଆଶ୍ୱାସନା ଓ ପ୍ରବୋଧନାପୂର୍ବକ ରାମଙ୍କର ସଂଯମ ଓ ଯଜ୍ଞବ୍ରତ (ତ୍ୟାଗ)ର

Digitized by PPRACHIN, SOA

ନିନ୍ଦା ଏବଂ ରାବଣର ସ୍ୱର୍ଣ୍ଣପୁରୀ ଲଙ୍କା ଓ ଐଶ୍ୱର୍ଯ୍ୟ(ଭୋଗ-ବିଳାସ-ବ୍ୟସନ-ଅସଂଯମ)ର ପ୍ରଶଂସା କରି ରାବଣ ପ୍ରତି ସୀତା ଆକୃଷ୍ଟ ହୁଅନ୍ତୁ ବୋଲି ଯେପରି ପ୍ରଲୋଭିତ ଓ ଭୟଭୀତ କରାଉଥିଲେ, ସେହିପରି ସଭ୍ୟମାନଙ୍କୁ ତାଙ୍କ ବସାରେ ଘେରି ରହିଥିବା ଭଡ଼ାଟିଆ.କର୍ମୀମାନେ ମୋର ନିରାଡ଼ମ୍ବର, ସରଳ ଏବଂ ଶୃଙ୍ଖଳିତ ଜୀବନ ଯାପନର ନିନ୍ଦା ଓ ବିଜୁ ବାବୁଙ୍କର ଧନ ଐଶ୍ୱର୍ଯ୍ୟର ପ୍ରଶଂସା କରି ତାଙ୍କ ନେତୃତ୍ୱ ମାନି ବୀରେନ୍ ବାବୁଙ୍କୁ ଭୋଟ ଦେବା ନିମନ୍ତେ ପ୍ରଲୋଭିତ ଓ ଭୟଭୀତ କରାଉଥିଲେ ।

ଭୋଟ ମିଳିବା ନ ମିଳିବା . ଦୋସରା କଥା । କର୍ମୀ ଏବଂ ଲୋକ-ପ୍ରତିନିଧିଙ୍କର ଏ ଦୟନୀୟ ଅବସ୍ଥା ଦେଖି ଦେଶରେ ଗଣତନ୍ତ୍ରର ଭବିଷ୍ୟତ ମୋ ଆଖି ଆଗରେ ଝଲସି ଯାଉଥାଏ । ଲୋକପ୍ରତିନିଧିମାନଙ୍କର ମନୋ-ଭାବରୁ ମୁଁ ଜାଣିଲି ଯେ ଏଣିକି ଭାରତବର୍ଷରେ ଗଣତନ୍ତ୍ର ଏକ ଫାର୍ସ ହେବ । ଧନତନ୍ତ୍ର ଏବଂ ଗୁଣ୍ଡାତନ୍ତ୍ରର ରାଜ ହେବ । ଲୋକପ୍ରତିନିଧିମାନ-ଙ୍କର ଏତାଦୃଶ ମନୋଭାବରେ ମୁଁ ତ ବିଚଳିତ ହେବାର ଲୋକ ନୁହେଁ । କିନ୍ତୁ ଭାବୁଥାଏ ଯେ, ଯେଉଁ ଦେଶର ଜଣେ ଲୋକପ୍ରତିନିଧି ଆଉ ଜଣେ ଲୋକପ୍ରତିନିଧିଙ୍କୁ ଏପରି ଡରନ୍ତି ତେବେ ସେ ଦେଶରେ ଏକଛତ୍ର ଶାସନ ନିଶ୍ଚିତ ହେବ ; ଗଣତନ୍ତ୍ର ଶାସନ ରହିଲେ ସୁଦ୍ଧା ତାହା ଏକଛତ୍ର ଶାସନରୁ ବଳି ପଡ଼ିବ । ଗଣତନ୍ତ୍ରର ଦୋହାଇ ଦେଇ ସେହି ଏକଛତ୍ରବାଦୀ ନେତା ଦିନେ ଏପରି ଶାସନ ଚଳାଇବେ ଯା ଫଳରେ ସମସ୍ତ ପ୍ରକାର ଅନ୍ୟାୟ, ଅତ୍ୟାଚାର, ଦୁରାଚାର ଓ ଭ୍ରଷ୍ଟାଚାର ବ୍ୟାପିବ ଏବଂ ପାପ ଓ ଅଧର୍ମର ପ୍ରାଧାନ୍ୟ ଏବଂ ପୂଜା ହେବ । ବସ୍ତୁତଃ କେତେମାସ ଶାସନ ପରେ ଓଡ଼ିଶା ଅଧିକେ ତାହା ହେଲା । ବିଜୁ ବାବୁ ଏବଂ ବୀରେନ୍ ବାବୁ ଓଡ଼ିଶାର ଶାସନରେ ଥାଇ ବେ-ଆଇନ କାର୍ଯ୍ୟ ଏବଂ ଶାସନତାନ୍ତ୍ରିକ ଅସଙ୍ଗତି କରିଛନ୍ତି ବୋଲି ପାର୍ଲିଆମେଣ୍ଟରେ ଘୋଷଣା କରାଗଲା ଏବଂ ଏମାନଙ୍କ ବିରୋଧରେ ଖୋନା କମିସନ ବସାଗଲା ।

ଯାହାହେଉ ନିର୍ବାଚନ ଦିନ ଆସିଲା । ଦିଲ୍ଲୀରୁ ପର୍ଯ୍ୟବେକ୍ଷକ ଆସିଲେ । ନିର୍ବାଚନ ପୂର୍ବଦିନଠାରୁ ସମସ୍ତ ପ୍ରକାର କାଯ଼ଦା, କଟକଣା, ଅବରୋଧ, ଘେରାଉପୂର୍ବକ ଗୁପ୍ତ ଜଗୁଆଳି ଏବଂ ତଥାକଥିତ ବନ୍ଧୁ ସମାଗମରେ ବିରୋଧ ପକ୍ଷର ଏମ୍‌. ଏଲ୍‌. ଏ.ଙ୍କୁ ନିର୍ବାଚନ ସଭାସ୍ଥଳକୁ

Digitized by PPRACHIN, SOA

ଅଣାଗଲା । ଭୋଟ ନିଆ ଗଲା । ଗଣତିରେ ସୁରେନ୍‌ବାବୁଙ୍କ ବିଜୟ ଏବଂ ମୋର ପରାଜୟ ହେଲା । ବିଜ ବାବୁଙ୍କ କ୍ୟାମ୍ପ ହର୍ଷ-ଆନନ୍ଦ ଏବଂ ବିଳାସ-ବ୍ୟସନରେ ପରିପୂର୍ଣ୍ଣ ହେଲା । ଆମ ପକ୍ଷରେ ଆମେ ସ୍ଥିତପ୍ରଜ୍ଞ ଅବସ୍ଥା ଏବଂ ଭାବନାରେ ରହିଲୁ । ମନରେ ଉଦ୍‌ବେଗ କିମ୍ବା ଅବସାଦ ନାହିଁ । ଆମେ ଆମ କର୍ତ୍ତବ୍ୟ କରିଛୁ । ଫଳ ଭଗବାନଙ୍କ ହାତରେ ।

Digitized by PPRACHIN, SOA

ସପ୍ତରଥୀ

ସଂଗଠନ ତଥା ଶାସନରେ ବିଜୁ ପଟ୍ଟନାୟକଙ୍କ ଗୋଷ୍ଠୀର ସଂଖ୍ୟା-ଗରିଷ୍ଠତା ଯୋଗୁଁ ଉକ୍ତ ଗୋଷ୍ଠୀ କ୍ରମଶଃ ଗର୍ବୀ, ଦମ୍ଭୀ ଏବଂ ଅଭିମାନୀ ହୋଇ ଯେଉଁମାନେ ଦଳରେ ତାଙ୍କୁ ବିରୋଧ କରୁଥିଲେ କିମ୍ବା କୌଣସି ସମସ୍ୟାରେ ତାଙ୍କୁ ସମର୍ଥନ କଲେନାହିଁ ସେମାନଙ୍କୁ ଟଳଟଳାନ୍ତ କରିବାକୁ ସର୍ବାଙ୍ଗୀନ ଉଦ୍ୟମ କଲେ । ସେ ଗୋଷ୍ଠୀର ଶକ୍ତି ବଢ଼ିବାରୁ ନ୍ୟାୟ୍ୟ ଅନ୍ୟାୟ୍ୟ ଯାହା କରିବାକୁ ମନସ୍ଥ କରନ୍ତି ତାହା ବିନା ବିରୋଧରେ ଦଳରେ ଗୃହୀତ କରାଇ-ନେବାକୁ ଇଚ୍ଛା କରନ୍ତି । ଗଣତନ୍ତ୍ର ଶାସନରେ ଏବଂ ଏପରିକି ଏକଚ୍ଛତ୍ର ଶାସନରେ ମଧ୍ୟ ସମସ୍ୟା ସବୁ ପୁଙ୍ଖାନୁପୁଙ୍ଖ ରୂପେ ବିଚାର ଆଲୋଚନା କରାଯାଇ ସିଦ୍ଧାନ୍ତ କରାଯାଏ । ଏ କ୍ଷେତ୍ରରେ କିନ୍ତୁ ବିଜୁ ବାବୁଙ୍କ କେତେକ ପକ୍ଷପାତୀ ନେତା ଓ କର୍ମୀ ତାହା କରାଇଦେବାକୁ ଅନିଚ୍ଛୁକ ଥାନ୍ତି । ଢେଙ୍ଗା ମୁଣ୍ଡରେ ଠେଙ୍ଗା ପଡ଼ିଲା ପରି ଯେ ସମାଲୋଚନା କଲା, କିମ୍ବା ପୃଥକ ମତ ପ୍ରକାଶ କଲା, ତା ପ୍ରତି ଚାରି ଦିଗରୁ ଯୁଗପତ୍ ଆକ୍ରମଣ କରାଯାଏ । ଏ ଅବସ୍ଥା ଆମ୍ଭମାନଙ୍କ ପକ୍ଷେ ଅସହଣୀୟ ହୁଏ । ଆମ୍ଭମାନଙ୍କ ମଧ୍ୟରୁ କେତେକ ବନ୍ଧୁ ଉକ୍ତ ଗୋଷ୍ଠୀର ତାଦୃଶ ମନୋଭାବ ଏବଂ ଆଭି-ମୁଖ୍ୟକୁ ବିରୋଧ କରୁଥାନ୍ତି । ମୁଁ ମନ୍ତ୍ରୀମଣ୍ଡଳର ଜଣେ ସଭ୍ୟ ଥିବାରୁ ମୋର ବିରୋଧ ସର୍ବଦା ସଂଯତ କିନ୍ତୁ ଅତ୍ୟନ୍ତ ଦୃଢ଼ ଥାଏ । ଦଳରେ ବିରୋଧ କରୁଥିବା ବ୍ୟକ୍ତିମାନେ ହେଉଛନ୍ତି (ମୋ ବ୍ୟତୀତ) ସର୍ବଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁକୁମାର ଦାସ, ଉପେନ୍ଦ୍ର ମହାନ୍ତି, ମୁରଲୀଧର ଜେନା ଓ ମନମୋହନ ଟୁଡୁ । ଏମାନେ ସମସ୍ତେ ଏମ୍‌. ଏଲ୍‌. ଏ. ଥାଆନ୍ତି । ଏମାନଙ୍କର ବିରୋଧ ଏବଂ ସମାଲୋଚନା ସର୍ବଦା ରଚନାତ୍ମକ ଥାଏ । ପ୍ରତ୍ୟେକ ବିଷୟରେ ମୁଁ ଏମାନଙ୍କ ସଙ୍ଗେ ଆଲୋଚନା କରି ଏକମତ ହୋଇଥାଏ । ଦଳପତି (ମୁଖ୍ୟମନ୍ତ୍ରୀ) ନିର୍ବାଚନବେଳେ ଏମାନେ ବିଜୁ ବାବୁଙ୍କ ଗୋଷ୍ଠୀର ନାନା ପ୍ରଲୋଭନ ଏବଂ ବହୁବିଧ ଧମକର

Digitized by PPRACHIN, SOA

ପାତ୍ର ନ ହୋଇ ନ୍ୟାୟ ପାଇଁ, କଂଗ୍ରେସର ସୁନାମ ପାଇଁ ଏବଂ ଦେଶର ସର୍ବସାଧାରଣ ମାନ, ମର୍ଯ୍ୟାଦା, ସ୍ୱାର୍ଥ ଓ ସମ୍ମାନ ରକ୍ଷା ପାଇଁ ମୋ ପ୍ରାର୍ଥିତ୍ୱ ସପକ୍ଷରେ ଏବଂ ବିଜୁବାବୁଙ୍କ ପ୍ରାର୍ଥୀ ବୀରେନ୍ ବାବୁଙ୍କ ପ୍ରାର୍ଥିତ୍ୱ ବିରୋଧରେ ଅନ୍ତରର ସହିତ ଆପ୍ରାଣ ଚେଷ୍ଟା କରିଥିଲେ । ଡଃ ମହତାବ ତ ପ୍ରଥମରୁ ବିଜୁ ବାବୁଙ୍କ କାର୍ଯ୍ୟକୁ ପସନ୍ଦ କରୁ ନଥିଲେ । ସେ ସର୍ବଦା ଆମ ଗୋଷ୍ଠୀର ଉପଦେଷ୍ଟା ଭାବେ ଥାନ୍ତି ଏବଂ ପାର୍ଲିଆମେଣ୍ଟର ସଭ୍ୟ ଥିବାରୁ ଦିଲ୍ଲୀ ମହଲରେ ଆମ ଗୋଷ୍ଠୀର ନ୍ୟାୟ ଏବଂ ଅନ୍ୟ ଗୋଷ୍ଠୀର ଅନ୍ୟାୟ ଆଭିମୁଖ୍ୟ ଓ କାର୍ଯ୍ୟକଳାପ କଥା କହୁଥାନ୍ତି । ପ୍ରବଳପ୍ରତାପୀ ବିଜୁ ବାବୁଙ୍କ ଗୋଷ୍ଠୀର ଦୋଷ, ଦୁର୍ବଳତା, ଅନ୍ୟାୟ, ଅତ୍ୟାଚାର କଥାର ପ୍ରତିରୋଧ କରି ପଦାରେ ପକାଉଥିବାରୁ ଉକ୍ତ ୭ ଜଣ ବ୍ୟକ୍ତି ପ୍ରସିଦ୍ଧ ହୋଇଗଲେ । ଲୋକେ କ୍ରମେ କ୍ରମେ ଏମାନଙ୍କୁ ସପ୍ତ-ରଥୀ ନାମରେ ଅଭିହିତ କଲେ ।

ଏହି ସାତଜଣ ଯଥା : ସର୍ବଶ୍ରୀ ପବିତ୍ର ମୋହନ ପ୍ରଧାନ (ମୁଁ), ସୁରେନ୍ଦ୍ର ନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁ କୁମାର ଦାସ, ଉପେନ୍ଦ୍ର ମହାନ୍ତି, ମୁରଲୀଧର ଜେନା ଓ ମନମୋହନ ଟିଉଡ଼ୁଙ୍କ ବ୍ୟତୀତ ଆଉ କେତେକ ବିଶିଷ୍ଟ ବିଧାନ ସଭା ସଭ୍ୟ ମଧ୍ୟ ଆମ ଗୋଷ୍ଠୀଭୁକ୍ତ ଥିଲେ । ସେମାନେ ହେଉଛନ୍ତି ସର୍ବଶ୍ରୀ ସୋନାରାମ ସୋରେନ୍, ହିମାଂଶୁ ଶେଖର ପାଢ଼ୀ, ବୀର ବିକ୍ରମାଦିତ୍ୟ ସିଂହ ବରିହା ଓ କୁମୁଦଚନ୍ଦ୍ର ସିଂହ ପ୍ରଭୃତି । ଏମାନଙ୍କୁ ମଧ୍ୟ ନାନା ପ୍ରଲୋଭନର ପାତ୍ର କରିବା ପାଇଁ ଚେଷ୍ଟା କରାଗଲା । ଏମାନେ ସେଥିରେ ଶୀକାର ନ ହେବାରୁ ଧମକ-ଚମକ ଦିଆଗଲା, କିନ୍ତୁ ନ୍ୟାୟ ପାଇଁ ଏମାନେ ମଧ୍ୟ ପର୍ବତ ପରି ଅଟଳ ରହିଲେ ।

ରାଜନୈତିକ ଏବଂ ବୁଦ୍ଧିଜୀବୀ ମହଲରେ ସପ୍ତ-ରଥୀ ନାମ ପ୍ରିୟ ହୋଇ ଉଠିଲା । ମୁଖ୍ୟମନ୍ତ୍ରୀ ନିର୍ବାଚନ ବେଳକୁ ଏ ନାମ ଦଳର ସଭ୍ୟ-ମାନଙ୍କ ଉପରେ ପ୍ରଭାବ ପକାଇବ ବୋଲି ଆଶଙ୍କା କରି ବିଜୁବାବୁ ଏହି ସାତ ଜଣଙ୍କୁ ତାଙ୍କ ପକ୍ଷର ଏମ୍. ଏଲ୍. ଏ.ଙ୍କ ସମ୍ମୁଖରେ ବ୍ୟଙ୍ଗ ନାମରେ ଅଭିହିତ କରୁଥିଲେ । ସେ କହୁଥିଲେ ଯେ, ତାଙ୍କ ବିରୋଧରେ କେବଳ ସାତ ଜଣ ସଭ୍ୟ ଅଛନ୍ତି, ଯାହାଙ୍କୁ କି ବର୍ତ୍ତମାନ ସପ୍ତରଥୀ ବୋଲି ଆଖ୍ୟା ଦିଆଯାଉଛି । ସେ ବ୍ୟାଖ୍ୟା କରୁଥିଲେ ଯେ, ଉକ୍ତ ୭ ଜଣ ମଧ୍ୟରୁ ଜଣେ ହେଉଛି ଡଙ୍କି (ଗଧ), ୫ ଜଣ ଜେନେରାଲ (ସେନାପତି) ଏବଂ ଜଣେ ଷ୍ଟାଣ୍ଡାର୍ଡ ବେଆରର୍ (ଧ୍ୱଜଧାରୀ) [One donkey, 5 Generals and

Digitized by PPRACHIN, SOA

one standard-bearer] । ଏହି ସାତଜଣ ସଭ୍ୟ ବ୍ୟକ୍ତିତ ଦଳରେ ଆଉ କେହି ତାଙ୍କ (ବିଜୁ ବାବୁଙ୍କ) ବିରୋଧୀ ନାହାନ୍ତି ଏବଂ ସପ୍ତ-ରଥୀଙ୍କ ବ୍ୟତୀତ ତାଙ୍କ (ସପ୍ତ-ରଥୀଙ୍କ) ପାଖରେ ସୈନ୍ୟ କେହି ନାହାନ୍ତି ବୋଲି ସେ ଏମ୍.ଏଲ୍.ଏ. ମାନଙ୍କୁ ବୁଝାଇ ତାଙ୍କ ପ୍ରାର୍ଥୀଙ୍କୁ ଭୋଟ ଦେବାକୁ କହୁଥିଲେ ।

ବ୍ୟଙ୍ଗ କଲେ ସୁଦ୍ଧା ଆମ୍ଭମାନଙ୍କ କେତେକ ଗୁଣକୁ ସେ ସ୍ୱୀକାର କରିବାକୁ ବାଧ୍ୟ ହେଉଥିଲେ । ତାଙ୍କର ଏତାବତ୍ ବ୍ୟଙ୍ଗକୁ କେହି କେହି ସଭ୍ୟ ଆପତ୍ତି କରିବାରୁ ସେ କହୁଥିଲେ ଯେ, ବାସ୍ତବିକ ଉକ୍ତ ୭ଜଣ ସଦସ୍ୟ କଂଗ୍ରେସର ମୁଖ୍ୟ ଏବଂ ପ୍ରଧାନ ବ୍ୟକ୍ତି । ଭାର ବୋହିବାରେ ଗଧ ଯେପରି ଧୁରନ୍ଧର, ବିନା ଆପତ୍ତିରେ ଗୁରୁ ଦାୟିତ୍ୱ ତୁଲାଇବାରେ ପବିତ୍ର ବାବୁ ସେହିପରି ଯୋଗ୍ୟ ଏବଂ ଦକ୍ଷ । ତେଣୁ ତାଙ୍କୁ ଗଧ ବୋଲି ବୁଝାଯାଉଛି । ଗୋଷ୍ଠୀ ତରଫରୁ ସବୁବେଳେ ପ୍ରଥମରୁ ଝୁଣ୍ଟୁ ବାବୁ ଗୋଷ୍ଠୀର ମନୋଭାବ ଏବଂ ମତର ସୂଚନା ଦେଉଥିବାରୁ ସେ ଅଗ୍ରଣୀ ଭାବେ କାର୍ଯ୍ୟ କରୁଛନ୍ତି । ତେଣୁ ସେ ଧ୍ୱଜିନୀ ଅଟନ୍ତି । ବାକି ୫ଜଣ ମଧ୍ୟରୁ ଶାନ୍ତନୁ ବାବୁ ଆଦିବାସୀ ଏବଂ ହରିଜନମାନଙ୍କର ତ ସଭାପତି । ଅନ୍ୟ ୪ଜଣ ମଧ୍ୟରୁ ବନମାଳି ବାବୁ ୨ଥର କଂଗ୍ରେସର ସଭାପତି ଥିଲେ । ଉଭୟ ସୁରେନ୍ଦ୍ର ବାବୁ ଓ ବନମାଳି ବାବୁ କଂଗ୍ରେସର ସାଧାରଣ ସମ୍ପାଦକ ଏବଂ ଉପେନ୍ଦ୍ର ବାବୁ ଓ ମୁରଲୀ ବାବୁ ମଧ୍ୟ କଂଗ୍ରେସର ସମ୍ପାଦକ ଥିଲେ । ତେଣୁ ତାଙ୍କୁ ସାଧାରଣ ମହଲରେ ସପ୍ତ-ରଥୀ ବୋଲି କହିବା ଯେପରି ଠିକ୍ ବିରୋଧୀ ମହଲରେ କିଛି ବ୍ୟଙ୍ଗ କରିବା ଉଚିତ ବୋଲି କହି ବିଜୁବାବୁ ପ୍ରତିବାଦର ଗୁରୁତ୍ୱକୁ ଲାଘବ କରିଦେଇ ନିଜକୁ ରକ୍ଷା କରି ନେଉଥିଲେ ।

ବାସ୍ତବିକ ବିଜୁବାବୁଙ୍କ ଗୋଷ୍ଠୀର ଯେଉଁମାନେ ବିରୋଧରେ ଥିଲେ ସେମାନେ ସମସ୍ତେ କଂଗ୍ରେସର ପ୍ରଧାନ ବ୍ୟକ୍ତି ଅଟନ୍ତି । କେତେକ ୧୯୨୦-୨୧ଠାରୁ କର୍ମୀ ଏବଂ ନେତା ତ, କେହି କେହି ୧୯୩୦-୩୨ଠାରୁ ନେତା ଓ କର୍ମୀ ଅଟନ୍ତି । ଆଉ କେତେ ଜଣ ୧୯୪୨ର କର୍ମୀ ଅଟନ୍ତି । ଏମାନେ କଂଗ୍ରେସର କର୍ମକର୍ତ୍ତା ଥିଲେ ଏବଂ କଂଗ୍ରେସକୁ ପତନ ମୁଖରୁ ରକ୍ଷା କରିବା ପାଇଁ ଚେଷ୍ଟା କରୁଥିଲେ । ଦଳରେ ଏବଂ ଦେଶରେ ନୀତି-ନିୟମ ଓ ଆଇନ କାନୁନ ଅନୁସାରେ ଶାସନ ଚଳିବାର ପକ୍ଷପାତି ଥିଲେ । ବିଶୃଙ୍ଖଳା କରୁଥିବା ବିଜୁବାବୁଙ୍କ ଗୋଷ୍ଠୀର ବିରୋଧୀ ଥିଲେ ।

Digitized by PPRACHIN, SOA

ଏହି ସପ୍ତ-ରଥୀଙ୍କୁ ବ୍ୟଙ୍ଗ କରି ବିଜୁବାବୁ ଯେଉଁ ଖେଳ କରୁଥିଲେ ତାହା ଦିନେ ତାଙ୍କ ପାଇଁ କାଳ ହେଲା । ଏ ସପ୍ତରଥୀ ମହତାବଙ୍କ ସଙ୍ଗେ ମିଶି କଂଗ୍ରେସରୁ ପୃଥକ ହୋଇ ଗାନ୍ଧୀ-ମଣ୍ଡପରେ ଜନ-କଂଗ୍ରେସ ସଂଗଠନ କରି ୧୯୬୭ ସାଧାରଣ ନିର୍ବାଚନରେ ବିଜୁ ବାବୁଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସକୁ ଶୋଚନୀୟ ଭାବେ ପରାଜିତ କରାଇ ଦୋଷୀଙ୍କୁ ଦଣ୍ଡ ଦେଲେ ଏବଂ ସପ୍ତ-ରଥୀ ନାମ ସାର୍ଥକ କଲେ ।

Digitized by PPRACHIN, SOA

ମନ-ବଚନର ଦ୍ୱନ୍ଦ୍ୱ

ମୋ କଳ୍ପନା ଅନୁସାରେ ବାସ୍ତବ ସମାଜ ଏବଂ ଆଦର୍ଶ ଶାସନ ବିଷୟ ମୁଁ ପୂର୍ବରୁ ଏ ପୁସ୍ତିକାରେ ଉଲ୍ଲେଖ କରିଛି । ଏ ସମ୍ପର୍କରେ ଗାନ୍ଧୀଜୀଙ୍କର ପ୍ରଭାବ ତାଙ୍କ ଜୀବନ କାଳ ମଧ୍ୟରେ ଏବଂ ମୃତ୍ୟୁ ପରେ ମଧ୍ୟ କିଛି ବର୍ଷ ପାଇଁ ଜନତା ଉପରେ ବିଶେଷତଃ କଂଗ୍ରେସ ଲୋକଙ୍କ ଉପରେ ପଡ଼ିଥିଲା । କିନ୍ତୁ ତାଙ୍କ ତିରୋଧାନ ପରେ ଏହା କ୍ରମଶଃ ହ୍ରାସ ହେବାକୁ ଲାଗିଲା । ଯେଉଁ-ମାନେ ତାଙ୍କ ସମବୟସ୍କ ଥିଲେ କିମ୍ବା ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ସେମାନେ ତଦନୁସାରେ ନିଜ ଜୀବନଯାପନ କରିବାକୁ ଚେଷ୍ଟା କରୁଥିଲେ । ମହାତ୍ମା ଗାନ୍ଧୀଙ୍କର (ହତ୍ୟା ଜନିତ) ମୃତ୍ୟୁ ହୋଇଗଲା । ତାଙ୍କ ସାଙ୍ଗସାଥୀମାନେ କ୍ରମେ କ୍ରମେ ଜରାମରଣର ପାତ୍ର ହେଲେ । ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ହେଲା । ଏଣେ କଂଗ୍ରେସ କ୍ଷମତାରେ ଥିବାରୁ କ୍ଷମତା-ମୋହ କଂଗ୍ରେସ ଲୋକଙ୍କୁ ଗ୍ରାସ କରିବାକୁ ଆରମ୍ଭ କଲା । କ୍ଷମତା, ଆସନ ଏବଂ ଅର୍ଥପ୍ରାପ୍ତି ଉଦ୍ଦେଶ୍ୟରେ ବହୁ ଲୋକ କଂଗ୍ରେସ ଅନୁଷ୍ଠାନ ଭିତରେ ପ୍ରବେଶ କଲେ । ଗାନ୍ଧୀଜୀଙ୍କ ସମୟରେ କଂଗ୍ରେସ ବ୍ୟକ୍ତି, ବିଶେଷତଃ ନେତୃସ୍ଥାନୀୟ ଏବଂ ମନ୍ତ୍ରୀସ୍ତରୀୟ କଂଗ୍ରେସ ଲୋକଙ୍କର ତ୍ୟାଗ-ପୂତମୂଳକ ଦେଶସେବା ନିମନ୍ତେ ଯେଉଁ ନିଷ୍ଠା, ଆନ୍ତରିକତା ଏବଂ ଚରିତ୍ରବତ୍ତା ଥିଲା ତାହା ବିଲୋପ ହେଲା । ତେଣୁ ସାଧାରଣ ଭାବରେ କଂଗ୍ରେସ ଲୋକେ ଏବଂ ବିଶେଷ କରି କଂଗ୍ରେସ ଶାସକବୃନ୍ଦ ଉତ୍ତମ ସମାଜ ଓ ଆଦର୍ଶ ଶାସନ ଗଠନ ଓ ପରିଚାଳନା ନିମନ୍ତେ ଯେଉଁ ଆଦର୍ଶ ଦେଖାନ୍ତେ ତାହା ହେଲା ନାହିଁ । ବରଂ ଓଲଟା ଆଦର୍ଶ ପ୍ରଦର୍ଶନ କଲେ । ଆମ ଓଡ଼ିଶା ମଧ୍ୟ ଏହି ଦୋଷରୁ ମୁକ୍ତି ପାଇଲା ନାହିଁ ।

ଓଡ଼ିଶା ଗଡ଼ଜାତମାନଙ୍କରେ ଆମେ ଯେତେବେଳେ ନେତୃତ୍ୱ ନେଇ ଆନ୍ଦୋଳନ ଚଳାଇଲୁ ସେତେବେଳେ ଅତି ଉଚ୍ଚ ସ୍ୱରରେ ଧ୍ୱନି ଦେଇ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଯେ ଗଡ଼ଜାତ ରାଜାମାନଙ୍କର ବେଠି-ବେଗାରି-ମାଗଣ-ରସଦମୂଳକ ଏବଂ ଅତ୍ୟାଚାର ଓ ଶୋଷଣ-ଭିତ୍ତିକ ଏକ-

Digitized by PPRACHIN, SOA

ଏହି ସପ୍ତ-ରଥୀଙ୍କୁ ବ୍ୟଙ୍ଗ କରି ବିଜୁବାବୁ ଯେଉଁ ଖେଳ କରୁଥିଲେ ତାହା ଦିନେ ତାଙ୍କ ପାଇଁ କାଳ ହେଲା । ଏ ସପ୍ତରଥୀ ମହତାବଙ୍କ ସଙ୍ଗେ ମିଶି କଂଗ୍ରେସରୁ ପୃଥକ ହୋଇ ଗାନ୍ଧୀ-ମଣ୍ଡଳରେ ଜନ-କଂଗ୍ରେସ ସଂଗଠନ କରି ୧୯୬୭ ସାଧାରଣ ନିର୍ବାଚନରେ ବିଜୁ ବାବୁଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସକୁ ଶୋଚନୀୟ ଭାବେ ପରାଜିତ କରାଇ ଦୋଷୀଙ୍କୁ ଦଣ୍ଡ ଦେଲେ ଏବଂ ସପ୍ତ-ରଥୀ ନାମ ସାର୍ଥକ କଲେ ।

Digitized by PPRACHIN, SOA

ମନ-ବିବେକର ଦ୍ୱନ୍ଦ୍ୱ

ମୋ କଳ୍ପନା ଅନୁସାରେ ବାସ୍ତବ ସମାଜ ଏବଂ ଆଦର୍ଶ ଶାସନ ବିଷୟ ମୁଁ ପୂର୍ବରୁ ଏ ପୁସ୍ତିକାରେ ଉଲ୍ଲେଖ କରିଛି । ଏ ସମ୍ପର୍କରେ ଗାନ୍ଧୀଜୀଙ୍କର ପ୍ରଭାବ ତାଙ୍କ ଜୀବନ କାଳ ମଧ୍ୟରେ ଏବଂ ମୃତ୍ୟୁ ପରେ ମଧ୍ୟ କିଛି ବର୍ଷ ପାଇଁ ଜନତା ଉପରେ ବିଶେଷତଃ କଂଗ୍ରେସ ଲୋକଙ୍କ ଉପରେ ପଡ଼ିଥିଲା । କିନ୍ତୁ ତାଙ୍କ ତିରୋଧାନ ପରେ ଏହା କ୍ରମଶଃ ହ୍ରାସ ହେବାକୁ ଲାଗିଲା । ଯେଉଁ-ମାନେ ତାଙ୍କ ସମବୟସ୍କ ଥିଲେ କିମ୍ବା ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇଥିଲେ ସେମାନେ ତଦନୁସାରେ ନିଜ ଜୀବନଯାପନ କରିବାକୁ ଚେଷ୍ଟା କରୁଥିଲେ । ମହାତ୍ମା ଗାନ୍ଧୀଙ୍କର (ହତ୍ୟା ଜନିତ) ମୃତ୍ୟୁ ହୋଇଗଲା । ତାଙ୍କ ସାଙ୍ଗସାଥୀମାନେ କ୍ରମେ କ୍ରମେ ଜରାମରଣର ପାତ୍ର ହେଲେ । ସେମାନଙ୍କର ସଂଖ୍ୟା କ୍ରମଶଃ ହ୍ରାସ ହେଲା । ଏଣେ କଂଗ୍ରେସ କ୍ଷମତାରେ ଥିବାରୁ କ୍ଷମତା-ମୋହ କଂଗ୍ରେସ ଲୋକଙ୍କୁ ଗ୍ରାସ କରିବାକୁ ଆରମ୍ଭ କଲା । କ୍ଷମତା, ଆସନ ଏବଂ ଅର୍ଥପ୍ରାପ୍ତି ଉଦ୍ଦେଶ୍ୟରେ ବହୁ ଲୋକ କଂଗ୍ରେସ ଅନୁଷ୍ଠାନ ଭିତରେ ପ୍ରବେଶ କଲେ । ଗାନ୍ଧୀଜୀଙ୍କ ସମୟରେ କଂଗ୍ରେସ ବ୍ୟକ୍ତି, ବିଶେଷତଃ ନେତୃସ୍ଥାନୀୟ ଏବଂ ମନ୍ତ୍ରୀସ୍ତରୀୟ କଂଗ୍ରେସ ଲୋକଙ୍କର ତ୍ୟାଗ-ପୂତମୂଳକ ଦେଶସେବା ନିମନ୍ତେ ଯେଉଁ ନିଷ୍ଠା, ଆନ୍ତରିକତା ଏବଂ ଚରିତ୍ରବଳ ଥିଲା ତାହା ବିଲୋପ ହେଲା । ତେଣୁ ସାଧାରଣ ଭାବରେ କଂଗ୍ରେସ ଲୋକେ ଏବଂ ବିଶେଷ କରି କଂଗ୍ରେସ ଶାସକବୃନ୍ଦ ଉତ୍ତମ ସମାଜ ଓ ଆଦର୍ଶ ଶାସନ ଗଠନ ଓ ପରିଚାଳନା ନିମନ୍ତେ ଯେଉଁ ଆଦର୍ଶ ଦେଖାନ୍ତେ ତାହା ହେଲା ନାହିଁ । ବରଂ ଓଲଟା ଆଦର୍ଶ ପ୍ରଦର୍ଶନ କଲେ । ଆମ ଓଡ଼ିଶା ମଧ୍ୟ ଏହି ଦୋଷରୁ ମୁକ୍ତି ପାଇଲା ନାହିଁ ।

ଓଡ଼ିଶା ଗଡ଼ଜାତମାନଙ୍କରେ ଆମେ ଯେତେବେଳେ ନେତୃତ୍ୱ ନେଇ ଆନ୍ଦୋଳନ ଚଳାଇଲୁ ସେତେବେଳେ ଅତି ଉଚ୍ଚ ସ୍ୱରରେ ଧ୍ୱନି ଦେଇ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିଲୁ ଯେ ଗଡ଼ଜାତ ରାଜାମାନଙ୍କର ବେଠି-ବେଗାରି-ମାଗଣ-ରସଦମୂଳକ ଏବଂ ଅତ୍ୟାଚାର ଓ ଶୋଷଣ-ଭିତ୍ତିକ ଏକ-

Digitized by PPRACHIN, SOA

ଛନ୍ନ ଶାସନ ଦୂର କରି ଆମ୍ଭେମାନେ ଆଦର୍ଶ ଶାସନ ତଥା ସମାଜ ପ୍ରତିଷ୍ଠା କରିବୁ । ସେତେବେଳକୁ ତ ଗାନ୍ଧୀଜୀଙ୍କର ପ୍ରଭାବ ଥିବାରୁ କଂଗ୍ରେସରେ ଦୋଷ ଦୁର୍ବଳତା ଖୁବ୍ କମ୍, ଅର୍ଥାତ୍ ନଗଣ୍ୟ ଥିଲା । ତହିଁରେ ପୁଣି ଦୂର ପର୍ବତ ସୁନ୍ଦର ଏବଂ ଦୂର ବନ୍ଧୁ ସୁନ୍ଦର ପରି କଂଗ୍ରେସ ଆମକୁ ଦେଖା ଯାଉଥିଲା । ୧୯୪୮ରେ ଗାନ୍ଧୀଜୀଙ୍କର ମୃତ୍ୟୁ ପରେ ଆମ ଗଡ଼ଜାତମାନଙ୍କର ରାଜନୈତିକ ଅନୁଷ୍ଠାନ ପ୍ରଜାମଣ୍ଡଳ ସବୁ କଂଗ୍ରେସରେ ମିଶିଯିବା ପରେ ଆମେ ଆମ ଚକ୍ଷୁରେ କଂଗ୍ରେସର ପୂର୍ବ ସୌନ୍ଦର୍ଯ୍ୟ ଉପଭୋଗ କରିପାରିଲୁ ନାହିଁ । ପୂର୍ବୋକ୍ତମତେ କଂଗ୍ରେସ ଲୋକେ କ୍ରମେ କ୍ରମେ ଅର୍ଥ ଏବଂ କ୍ଷମତା-ରାକ୍ଷସର କବଳରେ ପଡ଼ି ସମାଜ ଏବଂ ଶାସନପନ୍ତି ହିସାବରେ ନିଜର ଉତ୍ତମ ଆଦର୍ଶ ଦେଖାଇ ପାରିଲେ ନାହିଁ । ମୁଁ ଏବଂ ମୋର ସଙ୍ଗ-ସାଥୀମାନେ ତ ନୂତନ କରି କଂଗ୍ରେସଭୁକ୍ତ ହୋଇଥାଉ । ତେଣୁ ପୁରୁଣା ଏବଂ ନେତୃ-ସ୍ଥାନୀୟ କଂଗ୍ରେସ ବ୍ୟକ୍ତିଙ୍କର ଦୋଷ ତ୍ରୁଟିର ପ୍ରତିବାଦ କରିପାରୁ ନ ଥାଉ । କ୍ରମେ ଏ ସବୁ ଦୋଷ ଆମ ଆଖିକୁ ଜଳଜଳ ଦେଖାଗଲା । ଓଡ଼ିଶା ଷ୍ଟେଟ୍-କାଉନ୍ସିଲ (ଗଡ଼ଜାତ-କାଉନସିଲ) ଓ ପ୍ରତ୍ୟେକ ଗଡ଼ଜାତର ପରାମର୍ଶ-ଦାତା କମିଟି ବୈଠକରେ ଏବଂ ଆନୁଷ୍ଠାନିକ ଓ ସାଂଗଠନିକ ସଭା-ସମିତି, ସମ୍ମିଳନୀ ଏବଂ ପାଠଚକ୍ରମାନଙ୍କରେ ଏହି ସବୁ ଦୋଷ ତ୍ରୁଟିର ମୁକ୍ତ ସମା-ଲୋଚନା ଆମ୍ଭେମାନେ କରିବାରୁ ଉକ୍ତ ଅନୁଷ୍ଠାନମାନ ଭାଙ୍ଗିଦିଆଗଲା । ଗଡ଼ଜାତ ଅଞ୍ଚଳର ଶାସନ ନିମନ୍ତେ ଯେଉଁ ଏକ୍‌ଜିକ୍ୟୁଟିଭ୍ କାଉନ୍‌ସିଲ୍ ଗଠନ କରି ମୋତେ, ବଲାଙ୍ଗୀରର ଶ୍ରୀ କପିଳେଶ୍ୱର ପ୍ରସାଦ ନନ୍ଦ ଓ ମାଳଗିରିର ଶ୍ରୀ କୈଳାଶ ଚନ୍ଦ୍ର ମହାନ୍ତିଙ୍କୁ ମନ୍ତ୍ରୀ କରାଯାଇଥିଲା ତାକୁ ମଧ୍ୟ ଉଠାଇ ଦିଆଗଲା । ଏହି ସବୁ ଅନୁଷ୍ଠାନ ଭାଙ୍ଗି ଦେବା ସତ୍ତ୍ୱେ ଆମ୍ଭେମାନେ ଦୋଷ ତ୍ରୁଟି ଦେଖାଇବାରୁ ବିରତ ନଥିଲୁ ।

ଏତେବେଳକୁ ଓଡ଼ିଶା କଂଗ୍ରେସରେ ପୁରୁଣା ଗୋଷ୍ଠୀ ମଧ୍ୟରେ ମତଦ୍ୱୈଧ ଏବଂ କ୍ଷମତାଲାଳସା-ବଶତଃ ପ୍ରଚ୍ଛନ୍ନ ଭାବରେ ଦୁଇଟି ଗୋଷ୍ଠୀ ହୋଇଥାନ୍ତି । ପ୍ରତ୍ୟେକ ଗୋଷ୍ଠୀ ନୂତନ ନୂତନ ଯୁବକ ଲୋକଙ୍କୁ ନିଜର ହାତବାରିସୀ (instrument) କରି ଅନ୍ୟ ଗୋଷ୍ଠୀ ବିରୋଧରେ କୁତ୍ସା-ମୂଳକ ପ୍ରଚାର ଚଳାଇଥାନ୍ତି । ସେଥିପାଇଁ ଅର୍ଥ ଆବଶ୍ୟକ ହେଲେ ନାନା ଉପାୟରେ ଚାନ୍ଦା ମଧ୍ୟ ଅସୁଲ ହେଉଥାଏ । କ୍ରମଶଃ ମୁଁ ଦେଖିବାକୁ ପାଇଲି ଯେ, ଶାସନ ଏବଂ ସମାଜ ପରିଚାଳନା ନିମନ୍ତେ ମାନସପଟରେ ଯେଉଁ

Digitized by PPRACHIN, SOA

ରଙ୍ଗୀନ ଚିତ୍ର ଅଙ୍କନ କରି ତାକୁ ଆଖି ଆଗରେ ରଖି କଙ୍ଗ୍ରେସରେ ଆନୁଷ୍ଠାନିକ କ୍ଷେତ୍ରରେ ଯୋଗ ଦେଇ ସାଂଗଠନିକ ଏବଂ ଶାସନତାନ୍ତ୍ରିକ କର୍ମକର୍ତ୍ତା ହେଲି ସେ ରଙ୍ଗୀନ ଛବି କ୍ରମେ ମଉଳି ଯାଇ ଫିକା ଏବଂ ଫିକଟା ହୋଇଗଲା । ଅନୁଷ୍ଠାନର ଜଣେ ମୁଖ୍ୟ ସଭ୍ୟ ହିସାବରେ ସଂଗଠନର ଶୃଙ୍ଖଳାକୁ ମାନି ଦଳ ଭିତରେ ଦୋଷ ତ୍ରୁଟି ଦେଖାଇ ନୀରବ ରହୁଥିଲି ; କାରଣ ଦୋଷ ତ୍ରୁଟି ସୀମା ଭିତରେ ଥିବାର ହୃଦ୍‌ବୋଧ ହେଉଥିଲା । ତଥାପି ମୋ ବିବେକ ନିର୍ଦ୍ଦେଶ ଦେଉଥିଲା ଯେ, ହୁଏତ ମୁଁ ଏ ଦୋଷ ତ୍ରୁଟି ସଂଶୋଧନ ପାଇଁ ବିଦ୍ରୋହ କରିବି କିମ୍ବା ନ କଲେ ଅନୁଷ୍ଠାନ ପରିତ୍ୟାଗ କରିବି । କିନ୍ତୁ ମନ କହୁଥାଏ ଯେ, ଯେହେତୁ ଏହା ଏକ ରାଜନୈତିକ ଅନୁଷ୍ଠାନ ଏବଂ ଏଥିରେ ନିଶ୍ଚୟ ଦଳବନ୍ଦୀ ଏବଂ ଗୋଷ୍ଠୀବନ୍ଦୀ ହେବ ଓ କିଛି ପରିମାଣରେ ସ୍ୱାର୍ଥ ଏବଂ ଲୋଭ ଇତ୍ୟାଦି ପରିଲକ୍ଷିତ ହେବ, ତେଣୁ ସୀମା ନ ଟପିବା ପର୍ଯ୍ୟନ୍ତ ଅନୁଷ୍ଠାନ ମଧ୍ୟରେ ରହିବା ଉଚିତ ହେବ ।

ମନ ଏବଂ ବିବେକ ମଧ୍ୟରେ ଯେତେବେଳେ ଏ ପ୍ରକାର ଦ୍ୱନ୍ଦ୍ୱର ସୂତ୍ରପାତ ହେଲା ସେତେବେଳେ କଙ୍ଗ୍ରେସର ଦୋଷ ଦୁର୍ବଳତା ଦିନକୁ ଦିନ ବୃଦ୍ଧି ପାଇଲା । କଙ୍ଗ୍ରେସ ଭିତରେ ଗୋଷ୍ଠୀଭାବନା ପରିଷ୍କାର ଜଣାପଡ଼ିଲା । ମହତାବ ବାବୁଙ୍କ ପକ୍ଷପାତି ଲୋକେ ଚେଷ୍ଟା କଲେ ଯେ, ଓଡ଼ିଶାରେ ମହତାବ ବାବୁଙ୍କ ବ୍ୟତୀତ ଅନ୍ୟ ନେତା କେହି ରହିବେ ନାହିଁ । ଅନ୍ୟମାନଙ୍କ ପକ୍ଷରେ ଏହା ଅସହ୍ୟ ହେଲା । ସେମାନେ ତେଣୁ ଶ୍ରୀ ବିଶ୍ୱନାଥ ଦାସ, ନବ ବାବୁ ଏବଂ ନିତ୍ୟାନନ୍ଦ (କାନୁନ୍‌ଗୋ) ବାବୁଙ୍କ ନେତୃତ୍ୱ ପ୍ରତି ଆକୃଷ୍ଟ ହେଲେ । ଦୁଇ ଗୋଷ୍ଠୀ ମଧ୍ୟରେ ଶାସନ ଏବଂ ସଂଗଠନରେ କ୍ଷମତା ଓ ଆସନ ହାସଲ ପାଇଁ ଖୋଲା ଖୋଲି ପ୍ରତିଦ୍ୱନ୍ଦ୍ୱିତା ଚାଲିଲା । ଅନ୍ୟମାନଙ୍କ ସହିତ ସର୍ବଶ୍ରୀ ବିଜୁ ପଟ୍ଟନାୟକ, ବୀରେନ୍ ମିତ୍ର ଏବଂ ନୀଳମଣି ରାଉତରାୟ ମହତାବ ବାବୁଙ୍କ ଦକ୍ଷିଣ ହସ୍ତ ହୋଇ ଶାସନ ଏବଂ ସଂଗଠନରେ ଅବାଧ ପ୍ରଭାବ ପକାଇବାରେ ବ୍ୟସ୍ତ ହେଲେ । ଅନେକ ସମୟରେ ବହୁ ବାଧା ପାଉଥିଲେ ଏବଂ ପରାସ୍ତ ମଧ୍ୟ ହେଉଥିଲେ ।

ଏହି ଗୋଷ୍ଠୀ ବନ୍ଦୀ ଭିତରେ ମୁଁ ଏବଂ ମୋର କେତେକ ବନ୍ଧୁ କୌଣସି ଗୋଷ୍ଠୀଭୁକ୍ତ ନଥିଲୁ । ଯେଉଁ ସମସ୍ୟା ଏବଂ ବିଷୟରେ ଯେଉଁ ପକ୍ଷର ନ୍ୟାୟ ଥାଏ ସେହି ପକ୍ଷକୁ ସମର୍ଥନ କରୁଥାଉ । ତେଣୁ ଉଭୟ ଗୋଷ୍ଠୀ ମଧ୍ୟରେ ମୋର କିଛି ସମ୍ମାନ ଓ ଖ୍ୟାତି ଥାଏ । ଉଭୟ ଗୋଷ୍ଠୀ

Digitized by PPRACHIN, SOA

ମୋତେ ଏବଂ ମୋର ସାଙ୍ଗ ସାଥୀମାନଙ୍କୁ ତାଙ୍କ ନିଜ ଦଳଭୁକ୍ତ କରିବାକୁ ଅତ୍ୟନ୍ତ ଆଗ୍ରହୀ ଥିଲେ । ଆମେ କୌଣସି ପକ୍ଷ ସଙ୍ଗେ ସାମିଲ୍ ହେଲୁ ନାହିଁ । କଂଗ୍ରେସ ଲୋକ ଭାବେ କର୍ତ୍ତବ୍ୟ ପାଳନ କରୁଥାଉ ।

ରାଜନୈତିକ ବିଡ଼ମ୍ବନା
ମିତ୍ର ଶତ୍ରୁ ହେଲେ ।

ବିଧିର ବିଡ଼ମ୍ବନା ପରି ରାଜନୀତିର ବିଡ଼ମ୍ବନା ମଧ୍ୟ ହୁଏ । ଶାସନ ଏବଂ ରାଜନୀତିରେ ଆଜିର ମିତ୍ର କାଲିର ଶତ୍ରୁ ଏବଂ ଏହିକ୍ଷଣିର ଦୋସ୍ତ ପରକ୍ଷଣର ଦୁଷ୍ମନ ମଧ୍ୟ ହେବାର ଭୂରି ଭୂରି ଐତିହାସିକ ପ୍ରମାଣ ଅଛି । ତେଣୁ ଯେଉଁ ସର୍ବଶ୍ରୀ ବିଜୁ-ବୀରେନ୍-ନୀଳମଣି ଗୋଷ୍ଠୀ ମହତାବ ବାବୁଙ୍କର ଏତେ ଅନୁଗାମୀ ହୋଇ ତାଙ୍କୁ ଲକ୍ଷେ ପଦ୍ମଫୁଲରେ ପୂଜା କରି ଏବଂ କରାଇ ତାଙ୍କ (ମହତାବ ବାବୁଙ୍କ) ୫୦ ବର୍ଷୀୟ (ସୁବର୍ଣ୍ଣ) ଜୟନ୍ତୀ ପାଳନ କରିଥିଲେ, ଯେଉଁମାନେ ତାଙ୍କୁ ବମ୍ବେ ରାଜ୍ୟପାଳ (governor) ପଦରୁ ଛଡ଼ାଇ ଆଣି ଓଡ଼ିଶାରେ ୧୯୫୬ ଅକ୍ଟୋବରରେ ନବବାବୁଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ଅନ୍ତର କରି ଓଡ଼ିଶାରେ ମୁଖ୍ୟମନ୍ତ୍ରୀ କରାଇଥିଲେ, ଯେଉଁମାନେ ତାଙ୍କ (ମହତାବଙ୍କ ଇଚ୍ଛା ଓ ଇଙ୍ଗିତ ଅନୁସାରେ ୧୯୫୯ରେ ସ୍ୱତନ୍ତ୍ର ଦଳ ସଙ୍ଗେ କଂଗ୍ରେସର ମିଳିତ ମନ୍ତ୍ରୀମଣ୍ଡଳ କରାଇ ତାଙ୍କୁ (ମହତାବଙ୍କୁ) ମୁଖ୍ୟମନ୍ତ୍ରୀ କରାଇଥିଲେ, ସେମାନେ (ସର୍ବଶ୍ରୀ ବିଜୁ-ବୀରେନ-ନୀଳମଣି ବାବୁ ଓଗେରେ) ହଠାତ୍ ୧୯୬୦ ବେଳକୁ ତାଙ୍କର (ମହତାବଙ୍କର) ବିରୋଧୀ ହେଲେ । ଏହି ଗୋଷ୍ଠୀ ବିରୋଧୀ ହୋଇ ଅନ୍ୟ କାହାର ନେତୃତ୍ୱକୁ ସ୍ୱୀକାର ନ କରି ନିଜେ ଓଡ଼ିଶାର ନେତୃତ୍ୱ ନେବାକୁ ଚେଷ୍ଟା କରି ସଂଗଠନର, ଅର୍ଥାତ୍ ଉତ୍କଳ ପ୍ରଦେଶ କଂଗ୍ରେସ କମିଟିର ସଭାପତି ହେଲେ । ସେମାନେ ମହତାବଙ୍କ ପ୍ରାର୍ଥୀ ଶ୍ରୀ ବନମାଳୀ ପଟ୍ଟନାୟକଙ୍କୁ ଏକ ବିଶ୍ୱାସ-ପ୍ରସ୍ତାବରେ (in a confidence motion) ହରାଇ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ସଭାପତି କରାଇଲେ । ଏହା ପରେ ଶ୍ରୀ ମହତାବଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ-ଗଣତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗି ମହତାବ ବାବୁଙ୍କୁ ମୁଖ୍ୟମନ୍ତ୍ରୀତ୍ୱରୁ ଅନ୍ତର କରାଇ ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ କମ୍ପା

Digitized by PPRACHIN, SOA

ସମର୍ଥନରେ ଏକ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ଅନୁମତି ପାଇଲେ । ଶ୍ରୀ ମହତାବ ଗୋଷ୍ଠୀ ଦୁଇ ଦଳ ହୋଇ ସେଥିରୁ ଗୋଟିଏ ଗୋଷ୍ଠୀ ମହତାବ ବାବୁଙ୍କୁ ଉଭୟ ସାଂଗଠନିକ ଓ ଶାସନତାନ୍ତ୍ରିକ ନେତୃତ୍ୱରୁ ଅନ୍ତର କରାଇଲେ । ଯେଉଁମାନେ ମହତାବ ବାବୁଙ୍କ ବିରୋଧ ଗୋଷ୍ଠୀରେ ଥିଲେ ସେମାନେ ମହତାବ ବାବୁଙ୍କ ପ୍ରତି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ସର୍ବଶ୍ରୀ ବିଜୁ-ବୀରେନ୍-ନୀଳମଣି ଗୋଷ୍ଠୀ ଆଡ଼କୁ ଟିକିଏ ଢଳିଲେ । ମୁଁ ଏବଂ ମୋର ସାଥୀମାନେ ବରାବର ନ୍ୟାୟ ପକ୍ଷରେ ଥାଉ । ଆମେ କୌଣସି ପକ୍ଷଭୁକ୍ତ ହେଲୁନାହିଁ ।

Digitized by PPRACHIN, SOA

କଂଗ୍ରେସ ପରିତ୍ୟାଗ

କଂଗ୍ରେସ ପରିତ୍ୟାଗ କରିବା ଆମ୍ଭମାନଙ୍କ ପକ୍ଷରେ ଅତ୍ୟନ୍ତ କଷ୍ଟଦାୟକ ହେଲା । ଯେଉଁ କଂଗ୍ରେସ ଭାରତ ବର୍ଷର ସର୍ବପ୍ରଥମ ଏବଂ ଏକମାତ୍ର ରାଜନୈତିକ ପୁରାତନ ଅନୁଷ୍ଠାନ, ଯେଉଁ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱରେ ପରିଚାଳିତ, ଯେଉଁ କଂଗ୍ରେସ ଭାରତକୁ ରାଜନୈତିକ ଅନ୍ଧକାର ମଧ୍ୟରେ ରାଜନୈତିକ ଓ ଶାସନତାନ୍ତ୍ରିକ ପ୍ରଜ୍ୱଳିତ-ବର୍ତ୍ତିକା ପ୍ରଦାନ କରିଥିଲା, ଯେଉଁ କଂଗ୍ରେସ ଭାରତର ଜନତାକୁ ଦେଶାତ୍ମବୋଧ, ନୈତିକତାବୋଧ, କର୍ତ୍ତବ୍ୟବୋଧ, ସ୍ୱାବଲମ୍ବନଶୀଳତାବୋଧ, ସ୍ୱାଭିମାନବୋଧ ଏବଂ ସ୍ୱାଧିକାରବୋଧରେ ଅନୁପ୍ରାଣିତ କରିଥିଲା, ଯେଉଁ କଂଗ୍ରେସ ଭାରତ ମହାଜାତିର କୁ-ସଂସ୍କାର ଦୂରୀକରଣ ଦିଗରେ ଦେଶବାସୀଙ୍କୁ ଜାଗ୍ରତ କରାଇଥିଲା, ଯେଉଁ କଂଗ୍ରେସ ଦେଶର ଅଗଣିତ ନଗ୍ନ, ବୁଭୁକ୍ଷିତ, ଶୋଷିତ, ନିଷ୍ପୀଡ଼ିତ ଏବଂ ଦଳିତ ଲୋକଙ୍କୁ ଅଭାବ, ଅସୁବିଧା, ଅଶିକ୍ଷା, ଅଚିକିତ୍ସା ଏବଂ ଶୋଷଣରୁ ମୁକ୍ତ କରିବା ପାଇଁ ବହୁବିଧ ଯୋଜନାକୁ କାର୍ଯ୍ୟକାରୀ କରିଥିଲା, ଯେଉଁ କଂଗ୍ରେସରେ ଆମ୍ଭେମାନେ କର୍ମୀ ଏବଂ ନେତା ହିସାବରେ ସାରା ଜୀବନ କଟାଇ ଆସିଛୁ, ଯେଉଁ କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନର କର୍ମୀ ଓ ସତ୍ୟାଗ୍ରହୀ ହିସାବରେ ତାର ଡାକରା ଓ ନିର୍ଦ୍ଦେଶରେ ଦେଶର ସ୍ୱାଧୀନତା ପ୍ରାପ୍ତି ଉଦ୍ଦେଶ୍ୟରେ ବହୁ ନିର୍ଯାତନା ସତ୍ତ୍ୱେ ବର୍ଷ ବର୍ଷ ଧରି କାରାବରଣ କରିଛୁ, ଯେଉଁ କଂଗ୍ରେସ ସାରା ଭାରତ ବର୍ଷରେ ସର୍ବବୃହତ୍ ଅପ୍ରତିଦ୍ୱନ୍ଦୀ ସମାଜସେବୀ ରାଜନୈତିକ ଅନୁଷ୍ଠାନ, ଯେଉଁ କଂଗ୍ରେସ ଯୁଗାବତାର ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ସତ୍ୟ-ଅହିଂସ ନୀତିରେ ପରିଚାଳିତ ହୋଇ ପୃଥିବୀର ସର୍ବବୃହତ୍ ଶକ୍ତି ବ୍ରିଟିଶ୍ ସରକାରକୁ ବିନା ଅସ୍ତ୍ର ଶସ୍ତ୍ରରେ ଏବଂ ବିନା ରକ୍ତପାତରେ ପରାଜିତ କରି ଭାରତ ପାଇଁ ସ୍ୱାଧୀନତା ପ୍ରାପ୍ତିପୂର୍ବକ ଲଙ୍କା (ସିଲୋନ୍) ଏବଂ ବ୍ରହ୍ମଦେଶକୁ ସ୍ୱାଧୀନ କରାଇ ପୃଥିବୀର ଅନ୍ୟାନ୍ୟ ପରାଧୀନ ଜାତିକୁ ବିଦେଶୀ କବଳରୁ ମୁକ୍ତ ହେବା ନିମନ୍ତେ ଅନୁପ୍ରେରଣା ପ୍ରଦାନ କରି ପଥପ୍ରଦର୍ଶନ କରିଥିଲା ଏବଂ ଯେଉଁ କଂଗ୍ରେସ ଗଠନରେ ଆମ୍ଭେମାନେ ସାରାଜୀବନ ତ୍ୟାଗ କରି ତାର ପରିବର୍ଦ୍ଧନ ଏବଂ ସମୃଦ୍ଧିକରଣରେ

Digitized by PPRACHIN, SOA

ଭାଗୀଦାର ଥିଲୁ, ସେହି କଂଗ୍ରେସକୁ ପରିତ୍ୟାଗ କରିବା ଭାବନା ଆମ୍ଭମାନଙ୍କ ପକ୍ଷରେ ଅତ୍ୟନ୍ତ ଦୁଃଖଦାୟକ ଏବଂ ମର୍ମାନ୍ତିକ ହେଲା । ହଠାତ୍ କଂଗ୍ରେସ ଛାଡ଼ି କେଉଁ ରାଜନୈତିକ ଭଉଁରୀରେ ପଡ଼ି ବିଲୋପ ହୋଇଯିବୁ ଏହି ଆଶଙ୍କା ମନକୁ ଆଲୋଡ଼ିତ କରୁଥିଲା । ଏକ ପକ୍ଷରେ କଂଗ୍ରେସରେ ରହିଲେ ସାମାଜିକ ଏବଂ ଶାସନତାନ୍ତ୍ରିକ ଆଶା-ଆକାଙ୍‌କ୍ଷାର ପୂର୍ତ୍ତି-ପୂର୍ବକ କଂଗ୍ରେସ ପ୍ରତି ମାୟା, ମମତା, ଆସକ୍ତି ଏବଂ ଅନୁରକ୍ତିରେ ଶାନ୍ତି ଓ ସନ୍ତୋଷ ପ୍ରାପ୍ତି, ଏବଂ ଅନ୍ୟ ପକ୍ଷରେ କଂଗ୍ରେସ ପରିତ୍ୟାଗ କରି ଅନ୍ୟତ୍ର ଗଲେ ବା ଅନ୍ୟ ଏକ ରାଜନୈତିକ ସଂଗଠନ କଲେ କେଉଁ ରାଜନୈତିକ ହାଓ୍ବାରେ ଉଡ୍‌ଡୀୟମାନ ହୋଇ ବିଲୀନ ହୋଇଯିବୁ ଏହି ଭାବନା ଆମ୍ଭମାନଙ୍କୁ ଗ୍ରାସ କଲା । ଆମ୍ଭମାନଙ୍କ ମଧ୍ୟରୁ ମୁଁ ଏବଂ ଆଉ ଜଣେ ଦୁଇଜଣ ମାତ୍ର ହଠାତ୍ କଂଗ୍ରେସ ପରିତ୍ୟାଗ କରି ପୃଥକ ରାଜନୈତିକ ଅନୁଷ୍ଠାନ ଗଠନ ଦିଗରେ ଉଦ୍‌ଗ୍ରୀବ ହେଲୁ, କିନ୍ତୁ ସମସ୍ତେ ସେହି ମନୋବୃତ୍ତିର ବ୍ୟକ୍ତି ନୁହନ୍ତି । ତେଣୁ ନାନା ପ୍ରକାର ଭାବନାରେ ରହିଲୁ ।

ବନ୍ଧୁ ମିଳନ

କଂଗ୍ରେସରୁ ଅନ୍ତର ହୋଇଗଲେ ଆମ ସଙ୍ଗେ କଂଗ୍ରେସର ସାଧାରଣ (Rank and file) କର୍ମୀ କେତେ ଯିବେ ତାହା ଆମକୁ ଜଣାନଥିଲା । ଆମ ମନରେ ଆଶଙ୍କା ହେଉଥାଏ ଯେ, କାଳେ ଆମ କେତେଜଣ ମୁଖିଆ (ସପ୍ତରଥୀ ଏବଂ ଡ: ମହତାବ)ଙ୍କ ଛଡ଼ା ଏ ବିପତ୍ତି ଆଉ କେହି ମୁଣ୍ଡାଇ ନ ପାରନ୍ତି । ତେଣୁ ଆମେ ବନ୍ଧୁ ମିଳନ ବାହାନାରେ ୧୯୬୫ ଅପ୍ରେଲ ମାସ ୨୧।୨୨ ତାରିଖକୁ ଭୁବନେଶ୍ୱରରେ ଏକ ବୈଠକ ଡକାଇଲୁ । ନାନା ବ୍ୟକ୍ତି, ନାନା ଗୋଷ୍ଠୀ ନାନା ପ୍ରକାର ଅଟ୍ଟା, ସମାଲୋଚନା କରୁଥାନ୍ତି । କେହି କେହି ସନ୍ଦେହ କରୁଥାନ୍ତି ଯେ, ୧୫ ଜଣରୁ ବେଶି ବ୍ୟକ୍ତି ଯୋଗଦାନ କରିବେ ନାହିଁ । ଆମ୍ଭମାନଙ୍କ ମଧ୍ୟରୁ କେହି କେହି ସନ୍ଦେହ କରୁଥାନ୍ତି ଯେ, ୨୫ ଜଣରୁ ଅଧିକ ଲୋକ ଯୋଗ ଦେବେ ନାହିଁ । ମୋର କିନ୍ତୁ ବିଶ୍ୱାସ ଥିଲା ଯେ, ଆମ ପକ୍ଷରୁ ଯେତିକ ସଂଖ୍ୟକ ବ୍ୟକ୍ତିଙ୍କୁ ନିମନ୍ତ୍ରଣ ଦେଇଥିଲୁ ତା'ର

Digitized by PPRACHIN, SOA

ନେତୃଗୁଣ ବ୍ୟକ୍ତି ଉପସ୍ଥିତ ହେବେ । ନିର୍ଦ୍ଦିଷ୍ଟ ତାରିଖ ଦିନ ନିର୍ଦ୍ଦିଷ୍ଟ ସମୟରେ ଆମ ନିମନ୍ତ୍ରଣରେ ୨ଗୁଣ କର୍ମୀ ଅତ୍ୟନ୍ତ ଉତ୍ସାହ ସହକାରେ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କଲେ । କର୍ମୀଙ୍କର ମନୋଭାବରୁ ଜଣାଗଲା ଯେ, କଂଗ୍ରେସକୁ ସୁଧାରିବାରେ ଯଦି ଆମେ ଅସଫଳ ହେଉ, କେନ୍ଦ୍ର କର୍ତ୍ତୃପକ୍ଷ ଯଦି ନିଷ୍କ୍ରିୟ ଏବଂ ଉଦାସୀନ ରହିଲେ ତେବେ କଂଗ୍ରେସରୁ ଅନ୍ତର ହେବାକୁ ହେବ । କିନ୍ତୁ ଆମ ନେତାମାନଙ୍କର କଂଗ୍ରେସ ପ୍ରତି ମାୟା, ମମତା ବଶତଃ ହଠାତ୍ କିଛି କରି ହେଲା ନାହିଁ । କିନ୍ତୁ ମୁଁ ପ୍ରଥମରୁ ଦୃଢ଼ ଏବଂ ନିର୍ଦ୍ଦିଷ୍ଟ ମତ ଦେଇଥିଲି ଯେ, କଂଗ୍ରେସରୁ ଶୀଘ୍ର ଅନ୍ତର ହୋଇ ଗାନ୍ଧୀ ନୀତିରେ ଏକ ଆଦର୍ଶ କଂଗ୍ରେସ ଗଠନ କରାଯାଉ । ଯାହାହେଉ ଆମ୍ଭେମାନେ ଜାଣିପାରିଲୁ ଯେ, କଂଗ୍ରେସରୁ ଅନ୍ତର ହୋଇ ଏକ ନୂତନ ସଂସ୍ଥା ଗଠନ କଲେ ଆମେ ଜନମତ ପାଇବୁ । କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆ ନ ଯାଇ କେବଳ ଉତ୍ସାହିତ ଓ ଅଧିକତର ସଂଗଠିତ ହେଲୁ । ମୁଁ ଏ ଗୋଷ୍ଠୀର ମୁଖ୍ୟ ହିସାବରେ ମନୋନୀତ ହୋଇଥିଲି ।

ଭିନ୍ନମତ ଗୋଷ୍ଠୀ
(Descendent Group)

ଉପରୋକ୍ତ ମନୋଭାବନାରେ ବନ୍ଧୁ ମିଳନ ସାଙ୍ଗ ହେଲା । କଂଗ୍ରେସ ଭିତରେ ଥାଇ କାହିଁକି ବନ୍ଧୁ ମିଳନ କରାଇ କଂଗ୍ରେସ କର୍ତ୍ତୃପକ୍ଷଙ୍କ ଶାସନ ଏବଂ ସାଙ୍ଗଠନିକ କାର୍ଯ୍ୟର ସମାଲୋଚନା କଲୁ ସେଥିପାଇଁ ଆମ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଯିବାର କଂଗ୍ରେସ ମହଲରେ ଆଲୋଚନା କରାଗଲା । କିନ୍ତୁ କିଛି କାର୍ଯ୍ୟାନୁଷ୍ଠାନ କରିବାକୁ ସାହସ କଲେ ନାହିଁ । ତା ପରେ ଆମ ଗୋଷ୍ଠୀର ନିୟମିତ ବୈଠକ ମୋ ବସାରେ ବସୁଥାଏ । ଏତେବେଳକୁ ଆମ୍ଭମାନଙ୍କୁ ଭିନ୍ନମତ ଗୋଷ୍ଠୀ ବୋଲି ସବୁ ସ୍ତରରୁ କୁହାଯାଉଥାଏ । ଆମ୍ଭମାନେ ମଧ୍ୟ ନିଜକୁ ଭିନ୍ନ-ମତ-ଗୋଷ୍ଠୀ ବୋଲି ଗ୍ରହଣ କରିନେଲୁ । ପ୍ରତ୍ୟେକ ସପ୍ତାହରେ ଆମ ଗୋଷ୍ଠୀର ବୈଠକ ବସି ଉତ୍କଳ ପ୍ରାଦେଶିକ

Digitized by PPRACHIN, SOA

କଂଗ୍ରେସ କମିଟିର କର୍ମକର୍ତ୍ତା ଓ ମନ୍ତ୍ରୀମାନଙ୍କର ବେ-ଆଇନ, ବେ-ସାମାଜିକ ଏବଂ ଅନୈତିକ କାର୍ଯ୍ୟକଳାପର ସମାଲୋଚନା ଓ ପ୍ରକାଶନ ଚାଲିଥାଏ । ମୁଁ ବରାବର ପ୍ରସ୍ତାବ ଦେଉଥାଏ ଯେ, କଂଗ୍ରେସରୁ ସଂପୂର୍ଣ୍ଣରୂପେ ପୃଥକ ହୋଇ ଅନ୍ୟ ଏକ ନୂତନ ଅନୁଷ୍ଠାନ କରି ତା ନାମରେ ଏସବୁ ଦୁର୍ନୀତିର ବିରୋଧ କରାଯାଉ । କିନ୍ତୁ ତାହା ହୋଇପାରୁ ନ ଥାଏ । ଇତି ମଧ୍ୟରେ କଂଗ୍ରେସ ତରଫରୁ ଆମ୍ଭମାନଙ୍କ ମଧ୍ୟରୁ ୨୮ଜଣଙ୍କ ବିରୋଧରେ (ସର୍ବଶ୍ରୀ ପବିତ୍ର ମୋହନ ପ୍ରଧାନ, ସୁରେନ୍ଦ୍ରନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ ଓଗେରେ) ଅଭିଯୋଗ ଆଣି ଶୃଙ୍ଖଳାଗତ ଶାସ୍ତି ବିଧାନ-ପୂର୍ବକ ଦଳରୁ ଅନ୍ତର କରାଗଲା । କିନ୍ତୁ ମୂଳ କଂଗ୍ରେସର ନେତାମାନେ ଆମ୍ଭମାନଙ୍କ ବିରୋଧରେ ଏହି ଶାସ୍ତି ଘୋଷଣା କରିବା ପୂର୍ବରୁ ଆମ୍ଭେ ଘୋଷଣା କଲୁ ଯେ, ଯେହେତୁ ଉଭୟ ପ୍ରାଦେଶିକ ଏବଂ ନିଖିଳ ଭାରତ କଂଗ୍ରେସ କମିଟି ଗଠିତ ଦୋଷରେ ଦୁଷ୍ଟ ତେଣୁ ଆମ୍ଭେମାନେ ତାହା ପରିତ୍ୟାଗ କଲୁ । ମୁଁ ଏ ମତବାଦୀଙ୍କର ଆବାହକରୂପେ ନିଯୁକ୍ତ ହୋଇଥିଲି ।

Digitized by PPRACHIN, SOA

ଜନ-କଂଗ୍ରେସ ସଂଗଠନ

ବନ୍ଧୁ-ମିଳନ ଏବଂ ଭିନ୍ନ-ମତ-ଗୋଷ୍ଠୀ ଭାବରେ କିଛିଦିନ କାର୍ଯ୍ୟ କଲାପରେ ମୁଁ ଦେଖିଲି ଯେ, ଆମ ଗୋଷ୍ଠୀର ପୃଥକ ଅସ୍ତିତ୍ୱ ଓ ଗୁରୁତ୍ୱ ଜନ ସାଧାରଣ, ବିଶେଷତଃ ରାଜନୈତିକ ମହଲ ଉପଲବ୍ଧି କରିପାରୁ-ନାହାନ୍ତି । ଯେଉଁ ମହତ ଏବଂ ଆଦର୍ଶପୂର୍ଣ୍ଣ ନୀତିକୁ ଭିତ୍ତି କରି ଆମ୍ଭେମାନେ ଉଭୟ ରାଜ୍ୟ ଓ କେନ୍ଦ୍ରସ୍ତରୀୟ କେତେକ ନେତାଙ୍କ କାର୍ଯ୍ୟକଳାପ ଓ ଆଚରଣର ବିରୋଧ କରି ଅଲଗା ଗୋଷ୍ଠୀ କଲୁ ତାହାର ମହତ୍ତ୍ୱ ଓ ଆବ-ଶ୍ୟକତା ଜାଜ୍ୱଲ୍ୟମାନ ହୋଇପାରୁନଥାଏ । ତେଣୁ କେତେଜଣ ଅନ୍ତ-ରଙ୍ଗ ବନ୍ଧୁଙ୍କ ସଙ୍ଗେ ଏକମତ ହୋଇ ଆମ ଗୋଷ୍ଠୀ ଆଗରେ ମୁଁ ପ୍ରସ୍ତାବ ଥୋଇଲି ଯେ, ସମ୍ପୂର୍ଣ୍ଣ ଏବଂ ପରିଷ୍କାର ଭାବେ ଆମ ଗୋଷ୍ଠୀ ପୃଥକ ହୋଇ ଏକ ନୂତନ ରାଜନୈତିକ ଦଳ ସୃଷ୍ଟି କରୁ । ଆମ୍ଭମାନଙ୍କ ମଧ୍ୟରୁ କେତେକଙ୍କର ସାହସ ହେଉ ନ ଥାଏ । କିନ୍ତୁ ମୁଁ ଏବଂ ଆଉ କେତେଜଣ ଟିକିଏ ଦୃଢ଼ ଭାବେ ଏ ନୂତନ ଦଳ ଗଠନ ବିଷୟ ଗୋଷ୍ଠୀ ଆଗରେ ଉପ-ସ୍ଥାପିତ କରିବାରୁ ଶେଷରେ ସ୍ଥିର ହେଲା ଯେ, ଏକ ନୂତନ ରାଜନୈତିକ ଦଳ ଆମେ ଗଠନ କରିବୁ । ବର୍ତ୍ତମାନ କେଉଁ ନାମରେ ଏ ଦଳଟି ଅଭିହିତ ହୋଇ କାର୍ଯ୍ୟ କରିବ ସେଥିପାଇଁ ନାନା ପ୍ରସ୍ତାବ ଆସିଲା । ମହତାବ ବାବୁ ପ୍ରଭୃତି କେତେଜଣଙ୍କର ଇଚ୍ଛା ଥିଲା ଯେ, ନାମକରଣର ପ୍ରୟୋଜନୀୟତା ନାହିଁ । କିନ୍ତୁ ବିନା ନାମରେ କୌଣସି ଦଳ କାର୍ଯ୍ୟ କରିପାରିବ ନାହିଁ ବୋଲି ଯୁକ୍ତି ବାଢ଼ିବାରୁ ଶେଷରେ ୩।୪ଟି ନାମ ପ୍ରସ୍ତାବିତ ହେଲା । ସେ ଗୁଡ଼ିକ ହେଉଛି, "ଓଡ଼ିଶା-କଂଗ୍ରେସ", "ଓଡ଼ିଶା ପ୍ରଗତିଶୀଳ ଦଳ", "ଓଡ଼ିଶା ଜନତା ପାର୍ଟି" ଏବଂ "ଓଡ଼ିଶା ଜନ-କଂଗ୍ରେସ" । ନାନା ଆଲୋଚନା ଏବଂ ବିଚାରର ପରାମର୍ଶ ପରେ ଦଳର ନାମ ରଖାଗଲା "ଓଡ଼ିଶା ଜନ-କଂଗ୍ରେସ" । ଏହି ନାମ ରଖିବାର ବିଶେଷତ୍ୱ ଏହି ଯେ, ମୂଳ କଂଗ୍ରେସରେ ସ୍ୱାର୍ଥ ଏବଂ ସୁବିଧା ହାସଲ ନିମନ୍ତେ ନୂତନ ନୂତନ ବ୍ୟକ୍ତି ପ୍ରବେଶ କରି ଅନୁଷ୍ଠାନକୁ

Digitized by PPRACHIN, SOA

ବିପଥଗାମୀ ଏବଂ କଳଙ୍କିତ କରି ପକାଇଲେ । କେତେକ ପୁରୁଣା କଂଗ୍ରେସ ବ୍ୟକ୍ତି ମଧ୍ୟ ଉକ୍ତ ସ୍ୱାର୍ଥାନ୍ୱେଷୀ ଅନୁପ୍ରବେଶକାରୀମାନଙ୍କର ଅର୍ଥ ଓ ସ୍ୱାର୍ଥର ଶୀକାର ହୋଇ ନିଜକୁ କଳଙ୍କିତ କଲେ । ଫଳତଃ କଂଗ୍ରେସ ଜନତାର ପ୍ରତିନିଧିମୂଳକ ଅନୁଷ୍ଠାନ ନ ହୋଇ ବେପାରୀ-ବ୍ୟବସାୟୀ-ଶିଳ୍ପପତି ଏବଂ ଠିକାଦାରମାନଙ୍କର ଆଡ୍ଡା ହେଲା । ଜନତାର ଆଶା ଆକାଙ୍‌କ୍ଷା ପୂର୍ତ୍ତି-ପୂର୍ବକ ତାହାର (ଜନତାର) ସ୍ୱାର୍ଥ-ସମ୍ମାନ ରକ୍ଷା ନିମନ୍ତେ ଯେଉଁମାନେ କଂଗ୍ରେସରେ ଥିଲେ ସେମାନେ କ୍ରମଶଃ ପଛକୁ ଠେଲି ହୋଇ ରହିଲେ । ଅନ୍ୟ ଭାଷାରେ କଂଗ୍ରେସ ସ୍ୱାର୍ଥାନ୍ୱେଷୀ ବେପାରୀ ଏବଂ ଶିଳ୍ପ-ପତି ଗୋଷ୍ଠୀଙ୍କର ହୁଏତ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ନିର୍ଦ୍ଦେଶନାରେ ପରିଚାଳିତ ହେଲା । ତେଣୁ ଯେହେତୁ ଆମ ଗୋଷ୍ଠୀ ଉକ୍ତ ବ୍ୟକ୍ତି ଏବଂ ମତର ବିରୋଧ କରି ଜନତାର ସ୍ୱାର୍ଥ-ସମ୍ମାନ ରକ୍ଷାର୍ଥେ ଉଦ୍ୟମ କରିଛୁ ଏବଂ କରିବ ବୋଲି ବଦ୍ଧପରିକର ସେଥିପାଇଁ ଏହି ନୂତନ ଦଳର ନାମ "ଓଡ଼ିଶା ଜନ-କଂଗ୍ରେସ" ରଖାଯିବ ବୋଲି ସ୍ଥିର ହେଲା । ୧୯୬୬ ମଇମାସ ୫ତାରିଖ ଦିନ ଏହି ନାମରେ ଓଡ଼ିଶାରେ ଏକ ନୂତନ ରାଜନୈତିକ ଦଳ ଗଠିତ ହେଲା ବୋଲି ଘୋଷଣା କରାଗଲା । ସେହି ସମୟଠାରୁ ଆମ ଦଳ 'ଓଡ଼ିଶା ଜନ-କଂଗ୍ରେସ' ନାମରେ ଅଭିହିତ ହେଲା ଓ ଅତ୍ୟନ୍ତ ଆଗ୍ରହ ଏବଂ ଉତ୍ସାହର ସହିତ ଲୋକଚକ୍ଷୁରେ ଆଦୃତ ହୋଇ ନିଜ କର୍ତ୍ତବ୍ୟ ସାଧନ କଲା । ମୁଁ ଆମ ଦଳର ନାମ 'ଜନ-କଂଗ୍ରେସ' ରହୁ ବୋଲି ପ୍ରସ୍ତାବ ଦେଇଥିଲି । ମୁଁ ଜନ-କଂଗ୍ରେସର ସଭାପତି-ରୂପେ ପ୍ରଥମେ ମନୋନୀତ ଏବଂ ପରେ ନିର୍ବାଚିତ ହୋଇଥିଲି । ୧୯୬୬ ନଭେମ୍ବର ୨୬ ତାରିଖ ଦିନ ଭୁବନେଶ୍ୱରସ୍ଥ କେଦାର-ଗୌରୀ ଆମ୍ବ ତୋଟାରେ ଜନ-କଂଗ୍ରେସର ଏକ ବିରାଟ ସମ୍ମିଳନୀ ହୋଇ ଦଳର ମତ, ଲକ୍ଷ୍ୟ ଏବଂ କାର୍ଯ୍ୟକ୍ରମ ସ୍ଥିର ହେଲା ।

ଜନ-କଂଗ୍ରେସର ନୀତି, ଲକ୍ଷ୍ୟ ଓ ଦର୍ଶନ

ଜନ-କଂଗ୍ରେସର ଦର୍ଶନ ଗାନ୍ଧୀ-ଦର୍ଶନ, ମତ ଗାନ୍ଧୀ-ମତ ଏବଂ ଲକ୍ଷ୍ୟ ମଧ୍ୟ ଗାନ୍ଧୀ ଦର୍ଶନର ଲକ୍ଷ୍ୟ । ଏ ବିଷୟ ମୁଁ ଏ ପୁସ୍ତକର ପ୍ରାରମ୍ଭରେ

Digitized by PPRACHIN, SOA

ବିଶଦ ଭାବେ ବର୍ଣ୍ଣନା କରିଥିବାରୁ ଏ ସ୍ଥଳେ ବର୍ଣ୍ଣନା କରିବା ଦ୍ଵିରୁକ୍ତି ହେବ । ତେଣୁ ମୁଁ ଏଠାରେ ଏହା ବର୍ଣ୍ଣନା କରୁନାହିଁ ।

ଯେତେବେଳେ ଜନ-କଂଗ୍ରେସ ଦଳ ନାମରେ ଆମେ ନୂତନ ଦଳ ଗଠନ କଲୁ, ସେତେବେଳେ ଏହାର ଦର୍ଶନ, ମତ ଏବଂ ଲକ୍ଷ୍ୟ ବିଷୟରେ ବହୁ ଆଲୋଚନା ହୋଇଥିଲା । କେହି କେହି ସାମ୍ୟବାଦ ଦର୍ଶନ ଏବଂ ମତକୁ ଅନୁସରଣ କରିବାକୁ ଯୁକ୍ତି ବାଢ଼ିଲେ ତ କେହି କଂଗ୍ରେସ ମତ-ଲକ୍ଷ୍ୟ ପୂରାପୂରି ଗ୍ରହଣ କରିବାକୁ ପ୍ରସ୍ତାବ ଥୋଇଥିଲେ । କିନ୍ତୁ ଶେଷରେ ଗାନ୍ଧୀ-ଦର୍ଶନ, ଗାନ୍ଧୀ-ମତ ଓ ଲକ୍ଷ୍ୟ ହାସଲ ଦଳରେ ଗୃହୀତ ହେଲା । ଏତିକି ମାତ୍ର ସଂଶୋଧନର ସହିତ ଏହା ଗ୍ରହଣ କରାଗଲା ଯେ, ବର୍ତ୍ତମାନର ଜ୍ଞାନ-ବିଜ୍ଞାନ-ପୂର୍ଣ୍ଣ ଯନ୍ତ୍ର-ପରିଗୃହୀତ ଦୁନିଆରେ ଗାନ୍ଧୀ-ମତରେ ଯେତିକି ପରିମାଣରେ ପରିବର୍ତ୍ତନ ଏବଂ ପରିବର୍ଦ୍ଧନ ଦରକାର ସେତିକିମାତ୍ର ସଂଶୋଧନ କରାଯିବ ଏବଂ ଭବିଷ୍ୟତକୁ ମଧ୍ୟ କରାଯାଉଥିବ ।

ଜନ-କଂଗ୍ରେସର ସର୍ବପ୍ରିୟତା

ବର୍ତ୍ତମାନ ଓଡ଼ିଶାରେ କଂଗ୍ରେସର ନେତୃସ୍ଥାନୀୟ ବ୍ୟକ୍ତିମାନେ ଦୁର୍ନୀତି ଅଭିଯୋଗରେ କଂଗ୍ରେସ ପରିତ୍ୟାଗ କରି ମୋ ସଭାପତିତ୍ଵରେ ଜନ-କଂଗ୍ରେସ ନାମରେ ଏକ ନୂତନ ଦଳ ସୃଷ୍ଟି କରିଛନ୍ତି ବୋଲି ରାଜ୍ୟର ଚତୁର୍ଦ୍ଦିଗରେ ପ୍ରଚାରିତ ହୋଇଗଲା । ଜନତା ତ ଓଡ଼ିଶା ତଥା ଭାରତର କଂଗ୍ରେସ କର୍ମକର୍ତ୍ତା ଓ ନେତୃବୃନ୍ଦଙ୍କ କାର୍ଯ୍ୟକଳାପ ଏବଂ ଆଚରଣ ଯୋଗୁଁ କଂଗ୍ରେସ ଉପରେ ଅତ୍ୟନ୍ତ ଅସନ୍ତୁଷ୍ଟ ଥିଲେ । ଆମର ଏ ନୂତନ ଦଳକୁ ଅତ୍ୟନ୍ତ ଆଗ୍ରହ, ଉତ୍ସାହ, ଆନନ୍ଦ, ଉନ୍ମାଦ ଏବଂ ଉଦ୍ଦୀପନାର ସହିତ ସ୍ଵାଗତ କଲେ । ଜନତା ଆଶା-ଭରସା ରଖିଲା ଯେ, ଜନ-କଂଗ୍ରେସ ହାତରେ ଦେଶର ଶାସନର ଭାର ପଡ଼ିଲେ ଉତ୍ତମ ଶାସନ ଏବଂ ଆଦର୍ଶ ସମାଜ ଗଠନରେ ସହାୟକ ହେବ । ତେଣୁ ଆମେ ଇଚ୍ଛା କରୁ ବା ନ କରୁ ରାଜ୍ୟର ଚତୁର୍ଦ୍ଦିଗରୁ ସ୍ଥାନୀୟ ଲୋକେ ସଂଗଠିତ ହୋଇ ସଭା-ସମିତି କରି ଉକ୍ତ ସଭା-ସମିତିରେ ସଭାପତି ବା ମୁଖ୍ୟ-ଅତିଥି ବା ମୁଖ୍ୟ-ବକ୍ତାର ଦାୟିତ୍ଵ ତୁଲାଇବାକୁ ଆମ୍ଭମାନଙ୍କୁ ସ୍ଵେଚ୍ଛାକୃତ ନିମନ୍ତ୍ରଣ କଲେ । ଓଡ଼ିଶାର

Digitized by PPRACHIN, SOA

ତତ୍କାଳୀନ ବିଜୁ ବାବୁଙ୍କ ଗୋଷ୍ଠୀର କଂଗ୍ରେସ ସଂଗଠନ ତଥା କଂଗ୍ରେସ ସରକାରଙ୍କୁ ଶତଜିହ୍ୱାରେ ନିନ୍ଦାବାଦ କରିବାକୁ ଲାଗିଲେ। କିନ୍ତୁ ବିଜୁବାବୁ ଗୁଡ଼ିବାର ଲୋକ ନୁହନ୍ତି। ସେ ଜଣେ ଧନୀ-ବ୍ୟବସାୟୀ ଅଟନ୍ତି। ନିଜ ପ୍ରଭାବ ଓ କ୍ଷମତା ଖଟାଇ ନାନା ସୂତ୍ରରୁ ନାନା ଉପାୟରେ ନାନା ପନ୍ଥାରେ ଅର୍ଥ ସଂଗ୍ରହ କରିବା ଏବଂ ନିଜ ଅର୍ଥ ଖଟାଇବା ତାଙ୍କର ଚାତୁରୀ ଓ ବାହାଦୂରୀ। ଅର୍ଥ ଏବଂ ଆସନ (Position) ଦେଇ ସେ ଅନେକ ଲୋକଙ୍କୁ ଆୟତ୍ତ କରିଥାନ୍ତି ଓ ତାଙ୍କର ଏ କାର୍ଯ୍ୟ କ୍ରମଶଃ ବଢ଼ିଲା। ବୀରେନ୍ ବାବୁ ଓ ପରେ ସଦାଶିବ ବାବୁଙ୍କୁ ମୁଖ୍ୟ ଓ ଅର୍ଥ ମନ୍ତ୍ରୀ ଗାଦିରେ ବସାଇ ଦେଇ ସେ ବସ୍ତୁତଃ ସର୍ବମୟ କର୍ତ୍ତାଭାବେ ସମଗ୍ର ଶାସନ ଚଳାଉଥାନ୍ତି। ସାମାଜିକ ନିନ୍ଦା-ଅପମାନ, ଖବର କାଗଜରେ ତାଙ୍କ ସମ୍ପର୍କରେ ଦୁର୍ନୀତି ପ୍ରଚାର ଓ ପାର୍ଲିଆମେଣ୍ଟରେ ତାଙ୍କ ବିଷୟରେ ଆଲୋଚନା କରି ଦୁର୍ନୀତି ଏବଂ ଶାସନ-ତାନ୍ତ୍ରିକ ଅସଙ୍ଗତ କାର୍ଯ୍ୟ କରିଥିବାରୁ ସେ ଏବଂ ତାଙ୍କର ସହକର୍ମୀ ବୀରେନ୍-ବାବୁ ଶାସନରେ ରହିବା ଅନୁଚିତ ବୋଲି ଘୋଷଣାକୁ ଭ୍ରୂକ୍ଷେପ ନ କରି ତାଙ୍କ ଦଳକୁ (ଉତ୍କଳ ପ୍ରାଦେଶିକ କଂଗ୍ରେସକୁ) ସେ ଅର୍ଥବଳ ଏବଂ ବାହାଦୂରୀଦ୍ୱାରା ଖୁବ୍ ଟାଣୁଆ ରଖିଥାନ୍ତି। କର୍ମଚାରୀମାନଙ୍କ ମଧ୍ୟରୁ କେତେକ ତାଙ୍କର ପକ୍ଷପାତୀ ଥାନ୍ତି; ଯେହେତୁ ତାଙ୍କ ଶାସନର ଅର୍ଥନୈତିକ ଢିଲା-ପଣିଆ ଯୋଗୁ ସେମାନଙ୍କର ମଧ୍ୟ କିଛି କିଛି ଲାଭ ହେଉଥାଏ, ଅନେକ କଣ୍ଟ୍ରାକ୍ଟର, ଠିକାଦାର, ପଟ୍ଟାଦାର, କୋଟା-ପର୍ମିଟ-ଲାଇସେନ୍ସ୍ ହୋଲ୍ଡର୍ ମଧ୍ୟ ତାଙ୍କ ଉପରେ ସନ୍ତୁଷ୍ଟ ଥାନ୍ତି। ଠାଉଟର ଶ୍ରେଣୀ ତ ନିଶ୍ଚୟ ତାଙ୍କୁ ଭଲ ପାଇବାର କଥା। ତେଣୁ ଜନକଂଗ୍ରେସ ଲୋକଙ୍କଦ୍ୱାରା ଆଦୃତ ଓ ଗୃହୀତ ହେଲେ ସୁଦ୍ଧା ଉପର୍ଯ୍ୟୁକ୍ତ ଗୋଷ୍ଠୀ ଆମକୁ ଗ୍ରହଣ କରୁ ନ ଥିଲେ। କିନ୍ତୁ ଖୋଲା ଖୋଲି କିଛି କହିବାର ବା କରିବାର ସାହସ ନ ଥାଏ।

ସନ୍ନିଯୁକ୍ତଙ୍କ ପ୍ରତିବନ୍ଧକ ଓ କଠିନତା

ଉପର୍ଯ୍ୟୁକ୍ତ ବିବରଣୀରୁ ଜଣାପାଉଛି ଯେ, ଆମେ ଯେତେ ଆଦୃତ, ସ୍ୱୀକୃତ ଏବଂ ଲୋକପ୍ରିୟ ହେଲେ ସୁଦ୍ଧା ଆମ ଜନ-କଂଗ୍ରେସର ପ୍ରତିପକ୍ଷ

Digitized by PPRACHIN, SOA

ଓଡ଼ିଶାର ସର୍ବଶ୍ରୀ ବିଜୁ-ବୀରେନ ପରିଚାଳିତ ଏବଂ ନିର୍ଦ୍ଦେଶିତ କଙ୍ଗ୍ରେସ କମ୍ ସଂଗଠିତ ଏବଂ ଦୃଢ଼ୀଭୂତ ନୁହେ । କଙ୍ଗ୍ରେସ ୭୫ ବର୍ଷର ଅତି ପୁରାତନ, ଜନତାଭେଦୀ, ଗଣବ୍ୟାପୀ, ସମାଜ-ସେବୀ ଓ ରାଜନୈତିକ ଅନୁଷ୍ଠାନ ଅଟେ ଏବଂ ଏହା ଭାରତ ବର୍ଷର ଚକ୍ଷୁ ଖୋଲିଦେଇ ସ୍ୱାଧୀନତା ଆଣିଥିଲା । ପ୍ରତ୍ୟେକ ଗ୍ରାମ, ସାହି, ପଡ଼ା ଓ ମହଲ୍ଲମାନଙ୍କରେ କଙ୍ଗ୍ରେସର ସଂଗଠନ ଓ କର୍ମୀ ଥିଲେ । ଯେତେ ବଦନାମ ହେଉ ପଛକେ କଙ୍ଗ୍ରେସ-ପ୍ରେମୀ, କର୍ମୀ ଏବଂ ସମର୍ଥକମାନେ ଦଳ ଛାଡ଼ି ନୂତନ ଦଳ ଗଠନରେ ଯୋଗ ଦେବାକୁ କୁଣ୍ଠିତ । ଅଧିକନ୍ତୁ କଙ୍ଗ୍ରେସକୁ କ୍ଷୁଦ୍ର ଏବଂ ସଂକୁଚିତ କରି ନିଜର କ୍ଷଣିକ ସ୍ୱାର୍ଥ-ସୁବିଧା ହରାଇବାକୁ ଅନେକ ପ୍ରସ୍ତୁତ ନ ଥାନ୍ତି । ତେଣୁ ନୂତନ ଗଠିତ ଆମ ଜନ-କଙ୍ଗ୍ରେସକୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ପଡ଼ିଥିଲା । ମୁଁ ଏବଂ ମୋର ସହକର୍ମୀମାନେ ଉପଲବ୍‌ଧି କରିପାରୁଥିଲୁ ଯେ, ଯଦି କଙ୍ଗ୍ରେସ ଲୋକଙ୍କର ଅକାର୍ଯ୍ୟ, କୁ-କାର୍ଯ୍ୟ, ଦୁର୍ନୀତି, ଔଦ୍ଧତ୍ୟ, ଉଦାସୀନତା ଓ ସ୍ୱାର୍ଥପରତା ପୂରାପୂରି ପଦାରେ ନ ପକାଉଛୁ ତେବେ ଦୁର୍ନୀତିଗ୍ରସ୍ତ ନେତାଙ୍କ ପିଛା କେତେକ କର୍ମୀ ଛାଡ଼ିବେ ନାହିଁ । ପୁଣି ଚିନ୍ତା କଲୁ ଯେ, ଯଦି କଙ୍ଗ୍ରେସ କର୍ମୀ ଆମ ସଙ୍ଗେ ବହୁ ସଂଖ୍ୟାରେ ଯୋଗ ନ ଦିଅନ୍ତି ତେବେ କଙ୍ଗ୍ରେସ ବାହାରେ ଥିବା ନିର୍ଦ୍ଦଳୀୟ ଲୋକଙ୍କୁ ଆମ୍ଭମାନଙ୍କର ଦଳ ପ୍ରତି ଆକୃଷ୍ଟ କରିବାକୁ ହେବ । ରାଜ୍ୟର ଚତୁର୍ଦ୍ଦିଗରେ ସଭା ସମିତି କରି ଆମ ଜନ-କଙ୍ଗ୍ରେସର ଉଦ୍ଦେଶ୍ୟ, ନୀତି ଏବଂ ଲକ୍ଷ୍ୟ ବ୍ୟାଖ୍ୟାନ କରିବାରୁ ଜନତା ତ ଆମକୁ ଆଶୀର୍ବାଦ ଏବଂ ସମର୍ଥନ କଲେ, ଆଉ ମଧ୍ୟ ବହୁ କଙ୍ଗ୍ରେସ କର୍ମୀ ଆମ ଦଳଭୁକ୍ତ ହେଲେ ।

ଉଦ୍ଦେଶ୍ୟ ସିଦ୍ଧି ନିମନ୍ତେ ପ୍ରଚାର—ସଭାସମିତି

ଜନ-କଙ୍ଗ୍ରେସର ସଭା ସମିତିମାନଙ୍କରେ ହଜାର ହଜାର ଲୋକ ଯୋଗଦାନ କରି ଅତ୍ୟନ୍ତ ଆଗ୍ରହ ସହକାରେ ଆମ ଭାଷଣ ଶୁଣୁଥିଲେ । ପ୍ରାୟ ପ୍ରତ୍ୟେକ ସଭାରେ ଆମ ନେତୃବୃନ୍ଦ ଏକତ୍ର ହୋଇ ଯୋଗଦାନ କରୁଥିଲେ । ଅନ୍ୟମାନଙ୍କ (ଯଥା: ସର୍ବଶ୍ରୀ ହରେକୃଷ୍ଣ ମହତାବ, ସୁରେନ୍ଦ୍ର

Digitized by PPRACHIN, SOA

ନାଥ ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁ କୁମାର ଦାସ, ଉପେନ୍ଦ୍ର ମହାନ୍ତି, ହିମାଂଶୁ ଶେଖର ପାଢ଼ୀ ଓ ମୁରଲୀଧର ଜେନା ଓଗେରଙ୍କ) ଭାଷଣ ସାରଗର୍ଭକ ଏବଂ ବିଶଦ ବିବରଣୀ-ସମ୍ବଳିତ ଥିଲେ ସୁଦ୍ଧା ନେତା ଏବଂ ମନ୍ତ୍ରୀମାନଙ୍କ ଦୋଷ ତ୍ରୁଟି ଦେଖାଇବାରେ ତାହା ଅପ୍ରତ୍ୟକ୍ଷ ଏବଂ ମାଧା ହେଉଥିଲା । କିନ୍ତୁ ମୋ ଭାଷଣ ଅତ୍ୟନ୍ତ ପରିଷ୍କାର ଏବଂ ମନ୍ତ୍ରୀ ଓ ନେତାଙ୍କର ଦୋଷ-ତ୍ରୁଟି ବ୍ୟାଖ୍ୟାନ ଅତ୍ୟନ୍ତ ପ୍ରତ୍ୟକ୍ଷ ଓ ପ୍ରମାଣଯୁକ୍ତ ଥିଲା । ତେଣୁ ଯେଉଁ ସଭାରେ ମୁଁ ନ ଥାଏ ଶ୍ରୋତାମାନେ ହତାଶ ଏବଂ ନିରାଶ ହୋଇ ଫେରନ୍ତି । ଲୋକେ ଦାବୀ କରନ୍ତି ଯେ ଉକ୍ତ ସ୍ଥାନରେ ୨ୟ ବାର ସଭା ହେଉ ଏବଂ ମୁଁ ସେଠାରେ ଭାଷଣ ଦିଏ । ଅନେକ ସମୟରେ ମୋ ବକ୍ତୃତା ଶୁଣିବାକୁ କେତେକ ସ୍ଥାନରେ ଦୁଇଥର ଲେଖାଏଁ ସଭା କରା-ହେଉଥିଲା ।

Digitized by PPRACHIN, SOA

ମୋ ଭାଷଣର ସଂକ୍ଷିପ୍ତ ସାର

ମୋର ଭାଷଣ ଅତି ସଂକ୍ଷିପ୍ତ କିମ୍ବା ଦୀର୍ଘ ହୋଇପାରେ । ଶ୍ରୋତାଙ୍କୁ ଦେଖି ମୁଁ ଭାଷଣ ଦିଏ । ଲୋକଙ୍କର ହୃଦୟଙ୍ଗମ ହେବା ନିମନ୍ତେ ଅନେକ ସମୟରେ ମୁଁ ବିଶ୍ଳେଷଣାତ୍ମକ ବ୍ୟାଖ୍ୟାନ ଦିଏ । ପ୍ରଥମେ ମୁଁ ତ ଶିକ୍ଷକ ଥିଲି ; ତେଣୁ ଧାରଣା ଏବଂ ଭାବନାକୁ କ୍ଳିପ୍ତ ଓ ସଂକ୍ଷିପ୍ତ କରି କ୍ଷୁଦ୍ର ଭାଷଣ ଦେବାରେ ଯେପରି ଅଭ୍ୟସ୍ତ, ତାହା ବିଶ୍ଳେଷଣ ଏବଂ ବୋଧଗମ୍ୟ କରି ଦୀର୍ଘ ବକ୍ତୃତା ଦେବାରେ ମଧ୍ୟ ସେହିପରି ପାରଙ୍ଗମ । ସମୟେ ସମୟେ ଏକାଦିକ୍ରମେ ୭ ଘଣ୍ଟା ପର୍ଯ୍ୟନ୍ତ ଭାଷଣ ଦେଇଛି । ହଜାର ହଜାର ଜନତା ତାହା ଶୁଣୁଥାନ୍ତି । କିନ୍ତୁ ଏହି ଅବସରରେ ଲୋକଙ୍କ ଦାବି ଅନୁସାରେ ଯେଉଁ ଭାଷଣ ଦେଉଥିଲି ତାହା ଅନ୍ୟୂନ ଏକ ଘଣ୍ଟାବ୍ୟାପୀ ହେଉଥିଲା । ମୋର ଏହି ସମୟର ରାଜନୈତିକ ଭାଷଣର ସଂକ୍ଷିପ୍ତ ସାରାଂଶ ଏଠାରେ ଉଲ୍ଲେଖ କରିବା ଉଚିତ ମନେ କରୁଛି ।

ଜନତାକୁ ସମ୍ବୋଧନ କରି ମୁଁ କହୁଥିଲି ଯେ, ଆମ୍ଭେମାନେ ଶାସନ କିମ୍ବା ସଂଗଠନରେ କୌଣସି ପଦ-ପଦବୀ, ଆସନ-ସମ୍ମାନ ଏବଂ କ୍ଷମତା ମର୍ଯ୍ୟାଦା ନ ପାଇବାରୁ ଆମର ଅତି ପ୍ରିୟ କଂଗ୍ରେସକୁ ପରିତ୍ୟାଗ କରି ଜନ-କଂଗ୍ରେସ ନାମରେ ଏକ ନୂତନ ରାଜନୈତିକ ଦଳ ଗଢ଼ିଲୁ ବୋଲି କେହି ଧାରଣା କରିବା ଉଚିତ ନୁହେ । ଦୋଷୀକୁ ଦଣ୍ଡ ଦେଇ ଦେଶକୁ ରକ୍ଷା କରିବା ନିମନ୍ତେ ଏ ଦଳ ଗଢ଼ିଛୁ । ଆମେ ଯେତେବେଳେ ଓଡ଼ିଶାର ସାଂଗଠନିକ ଏବଂ ଶାସନତାନ୍ତ୍ରିକ ମୁଖ୍ୟମାନଙ୍କର ଅକାର୍ଯ୍ୟକୁ ଏବଂ କୁ-କାର୍ଯ୍ୟ, ଖାସ୍‌କରି କଂଗ୍ରେସର ନୀତି-ବିରୋଧୀ ଓ ଜନତାର ସ୍ୱାର୍ଥ-ବିରୋଧୀ କାର୍ଯ୍ୟକଳାପ ବିରୋଧରେ କେନ୍ଦ୍ର କର୍ତ୍ତୃପକ୍ଷଙ୍କ ନିକଟରେ ଜଣାଇଲୁ, ସେତେବେଳେ ଆମ୍ଭମାନଙ୍କୁ ଉକ୍ତ ପଦ-ପଦବୀ ଓ ଆସନ-ଶାସନର ପ୍ରଲୋଭନ ପ୍ରଚୁର ଭାବରେ ଦିଆ ଯାଇଥିଲା । ଦେଶ ତଥା ଜାତିର ସ୍ୱାର୍ଥ

Digitized by PPRACHIN, SOA

ଦୃଷ୍ଟିରୁ ଆମ୍ଭେମାନେ ସେ ସବୁ ପ୍ରଲୋଭନକୁ ଅଗ୍ରାହ୍ୟ କରି ଦାବୀ କରିଥିଲୁ ଯେ, ଓଡ଼ିଶାର କେତେକ ଦୋଷୀ ନେତା ଓ ମନ୍ତ୍ରୀଙ୍କ ପ୍ରମାଣିତ ଦୋଷକୁ ଭିତ୍ତି କରି ସେମାନଙ୍କୁ ସମୁଚିତ ଶାସ୍ତି-ବିଧାନ କରନ୍ତୁ । କେନ୍ଦ୍ର କର୍ତ୍ତୃପକ୍ଷ ଦୋଷୀଙ୍କୁ ଦଣ୍ଡ ନ ଦେଇ ବରଂ ରକ୍ଷା କରିବାକୁ ଚେଷ୍ଟା କରିବାରୁ ଆମର ହୃଦ୍‌ବୋଧ ହେଲା ଯେ, କେବଳ ଓଡ଼ିଶାର ମନ୍ତ୍ରୀ ଓ ନେତାମାନେ ଦୋଷୀ ନୁହନ୍ତି । କେନ୍ଦ୍ର ନେତା ଓ ମନ୍ତ୍ରୀମାନେ ଦୋଷୀଙ୍କୁ ଦଣ୍ଡ ନ ଦେବାରୁ ସେମାନେ ମଧ୍ୟ ସମପରିମାଣରେ ଦୋଷୀ ଅଟନ୍ତି । ତେଣୁ ଏହି କଂଗ୍ରେସରେ ରହି ଦେଶ ଓ ଜାତିର ଉପକାର କରିବା ପରିବର୍ତ୍ତେ ଆମେ ଅପକାର କରିବାରେ ଭାଗୀଦାର ହେବୁନାହିଁ । ସେଥିପାଇଁ ଏହି ଅନୁଷ୍ଠାନ ପରିତ୍ୟାଗ କରି ଗାନ୍ଧୀ-ମତରେ ଶାସନ ପରିଚାଳନାପୂର୍ବକ ସମାଜ ଗଠନ ନିମନ୍ତେ ଆମେ ବଦ୍ଧପରିକର ହୋଇ ନୂତନ ଭାବେ ଏକ ସମାଜସେବୀ ରାଜନୈତିକ ସଂଗଠନ କରିଛୁ । ନେତା ଓ ମନ୍ତ୍ରୀମାନଙ୍କର ଅନ୍ୟାୟ-ଅତ୍ୟାଚାରପୂର୍ଣ୍ଣ କାର୍ଯ୍ୟାବଳୀର ବର୍ଣ୍ଣନା କରିବାକୁ ଯାଇ ମୁଁ କହୁଥିଲି ଯେ, ଧର୍ମଶାସ୍ତ୍ରରେ ଯେତେ ପ୍ରକାର ଅଧର୍ମ, ନ୍ୟାୟ-ଶାସ୍ତ୍ରରେ ଯେତେ ପ୍ରକାର ଅନ୍ୟାୟ, ପୁଣ୍ୟ ଶାସ୍ତ୍ରରେ ଯେତେ ପ୍ରକାର ପାପ ଏବଂ ଭାରତୀୟ ଦଣ୍ଡବିଧି ଆଇନରେ ଯେତେ ପ୍ରକାର ଗର୍ହିତ ଅପରାଧମାନଙ୍କର ବର୍ଣ୍ଣନା ଅଛି ସେ ସବୁ କଂଗ୍ରେସର ମନ୍ତ୍ରୀଙ୍କ ସମେତ କେତେକ ନେତା ଓ କର୍ମୀ କରିଛନ୍ତି ଓ କରୁଛନ୍ତି । ମୁଁ ପୁଣି କହୁଥିଲି ଯେ, କେତେକ ମନ୍ତ୍ରୀ, ନେତା ଏବଂ କର୍ମୀ ଅଗମ୍ୟ ଗମନ, ଅଭକ୍ଷ ଭକ୍ଷଣ, ମାଇ-ମଦ, ନାରୀ-ଦାରୀ, ସୁରା-ସୁନ୍ଦରୀ, ଗୈରୀ-ଖୁମ୍ନୀ, ଚୋରୀ-ବଳାତ୍କାର ଚୋଷରପାଳି ଏବଂ ସର୍ବସାଧାରଣ ସମ୍ପତ୍ତି ଆତ୍ମସାତ୍ କରିଛନ୍ତି । ମନ୍ତ୍ରୀ ଓ ନେତାମାନେ ସରକାରୀ କ୍ଷମତା ଓ ପ୍ରଭାବର ଅପବ୍ୟବହାର କରି ନିଜ ସ୍ୱାର୍ଥ ବର୍ଦ୍ଧନ, ଗୋଷ୍ଠୀ ପୋଷଣ, ପ୍ରିୟା-ପ୍ରୀତି ତୋଷଣପୂର୍ବକ ଅନ୍ୟାୟ ଅତ୍ୟାଚାର, ଦୁରାଚାର, ଭ୍ରଷ୍ଟାଚାର କରିଛନ୍ତି । ମୁଁ ଯାହା କହୁଥାଏ ସଭାରେ ତାର ନିର୍ଦ୍ଦିଷ୍ଟଘଟଣାସମ୍ବଳିତ ପ୍ରତ୍ୟକ୍ଷ ପ୍ରମାଣ ଦେଇ ଆହ୍ୱାନ କରୁଥାଏ ଯେ,ମନ୍ତ୍ରୀ ଏବଂ ନେତାମାନେ ଏ ଅଭିଯୋଗର ପ୍ରତ୍ୟୁତ୍ତର ଦିଅନ୍ତୁ, କିମ୍ବା ଯଦି ଏ ସବୁ ଅସତ୍ୟ ଓ ଭିତ୍ତିହୀନ ତେବେ ମାନହାନି ମକଦ୍ଦମା କରି ମୋତେ ଦଣ୍ଡ ଦିଅନ୍ତୁ । ଭାଷଣର ପରିଶେଷରେ ମୁଁ ଶ୍ରୋତାଙ୍କୁ ପ୍ରାର୍ଥନାମୂଳକ ଅନୁରୋଧ କରୁଥିଲି ଯେ, ଏପରି ଏକ ଦୁର୍ନୀତିଗ୍ରସ୍ତ ଅନୁଷ୍ଠାନକୁ କେହି ସମର୍ଥନ କରନ୍ତୁ ନାହିଁ । ଆମ ନବ-ଗଠିତ ଜନ-କଂଗ୍ରେସ ଗାନ୍ଧୀ-ଦର୍ଶନ ଅନୁସାରେ, ଗଣତନ୍ତ୍ର

Digitized by PPRACHIN, SOA

ଭିତ୍ତିରେ, ସମବାୟ ନୀତିରେ, ସାମ୍ୟବାଦ ଭିତ୍ତିରେ ଶୋଷଣରହିତ ଆଦର୍ଶ ମାନବ ସମାଜ ପ୍ରତିଷ୍ଠା ଉଦ୍ଦେଶ୍ୟରେ ଯେଉଁ ନିର୍ମଳ, ନିରପେକ୍ଷ, ନ୍ୟାୟ-ପୂର୍ଣ୍ଣ ଏବଂ ଦୁର୍ନୀତିମୁକ୍ତ ଶାସନ ପ୍ରବର୍ତ୍ତନ କରିବାକୁ ଯାଉଛନ୍ତି ତାଙ୍କୁ ସମର୍ଥନ ଏବଂ ଆଶୀର୍ବାଦ କରନ୍ତୁ ।

ପରଦା ପ୍ରସ୍ତୁତି

ଜନ-କଂଗ୍ରେସ ଗଠନ ପରେ ଉପରୋକ୍ତମତେ ସଭା ସମିତି ଜରିଆରେ ସଂଗଠନ ସୁଦୃଢ଼ ଏବଂ ସୁ-ପ୍ରସାରିତ ହେଲା । ଆମ ଦଳ ସପକ୍ଷରେ ଅନୁକୂଳ ଜନମତ ହେଲା । ମୋର ନେତୃତ୍ୱ ପ୍ରତି କ୍ରମେ ଲୋକଙ୍କର ଆସ୍ଥା ଓ ବିଶ୍ୱାସ ହେଲା । ଅବଶ୍ୟ ଦଳର ସର୍ବମାନ୍ୟ ନେତା ହିସାବରେ ମହତାବ ବାବୁଙ୍କ ବ୍ୟକ୍ତିତ୍ୱ କାର୍ଯ୍ୟ କରୁଥିଲା । ଆଉ ମଧ୍ୟ ସର୍ବଶ୍ରୀ ନବକୃଷ୍ଣ ଚୌଧୁରୀ ଓ ରାଧାନାଥ ରଥ ପ୍ରଭୃତି ନେତାମାନେ ଆନ୍ତରିକ ଏବଂ ସକ୍ରିୟ ସହଯୋଗ ଓ ସମର୍ଥନ କରୁଥିଲେ । ମୋର ସହକର୍ମୀବୃନ୍ଦ ସର୍ବଶ୍ରୀ ସୁରେନ୍ଦ୍ର ପଟ୍ଟନାୟକ, ବନମାଳୀ ପଟ୍ଟନାୟକ, ଶାନ୍ତନୁକୁମାର ଦାସ, ଉପେନ୍ଦ୍ର ମହାନ୍ତି, ମୁରଲୀଧର ଜେନା, ମନମୋହନ ଟୁଡ଼ୁ, ହିମାଂଶୁ ଶେଖର ପାଢ଼ୀ, ନୀଳାମ୍ବର ଦାସ ଓଗେରଙ୍କ ପ୍ରତି ଜନତାର ପ୍ରୀତି ଓ ବିଶ୍ୱାସ ବୃଦ୍ଧି ପାଇଲା । ଗାନ୍ଧୀ-ନୀତି ଜନ-କଂଗ୍ରେସର ଆଦର୍ଶ ହୋଇଥିବାରୁ ଦେଶ-ବାସୀଙ୍କର ଆଶା-ଭରସା ଆମ ଦଳ ପ୍ରତି ବୃଦ୍ଧି ପାଇଲା । ଦଳର ନିର୍ବାଚନ ସଙ୍କେତ "ନ୍ୟାୟ-ନିକତି" ଲୋକଙ୍କ ଆଗରେ ଝଲସି ଉଠିଲା । ନିର୍ବା-ଚନରେ ଦୁର୍ନୀତିଗ୍ରସ୍ତ କଂଗ୍ରେସ ପରାଜିତ ହେବାର ଓ ଅନ୍ୟ ଏକ ସରକାର ଗଢ଼ିବାର ଅନୁକୂଳ ବାତାବରଣ ସୃଷ୍ଟି ହେଲା । କିନ୍ତୁ କ୍ଷେତ୍ର ନିଷ୍କଣ୍ଟକ ନ ଥିଲା । ପୂର୍ବ ବର୍ଣ୍ଣନା ଅନୁସାରେ ବିଜୁ ବାବୁଙ୍କ ପରିଚାଳିତ ଓଡ଼ିଶା ପ୍ରାଦେଶିକ କଂଗ୍ରେସର ସରକାରୀ କ୍ଷମତା ଓ ଅଜସ୍ର ଅର୍ଥ ହେତୁ ଆମ ପକ୍ଷରେ ନିର୍ବାଚନ କ୍ଷେତ୍ର ସୁଗମ ନ ଥିଲା । ଅଧିକନ୍ତୁ ଆମ ହାତରେ ଅର୍ଥ ଓ ଯାନ-ବାହାନର ସମ୍ପୂର୍ଣ୍ଣ ଅଭାବ ଥିଲା । ତଥାପି ହାଓ୍ୱା ଆମ ସପକ୍ଷରେ ପ୍ରଚୁର ଥିଲା ।

Digitized by PPRACHIN, SOA

ନିର୍ବାଚନ ମେଣ୍ଟ

ଆମେ ଦେଖିଲୁ, କଳଙ୍କମୟ କଂଗ୍ରେସ ସରକାରଙ୍କୁ ଗାଦିରୁ ଅନ୍ତର କରିବାକୁ ହେଲେ ନବ-ଗଠିତ ଆମ ଜନ-କଂଗ୍ରେସ ଦଳ ନିର୍ବାଚନରେ ଏକାକୀ ଲଢ଼ି ସଫଳ ହେବ ନାହିଁ । ତେଣୁ ଚିନ୍ତା କରାଗଲା ଯେ, କଂଗ୍ରେସକୁ ବାଦ୍ ଦେଇ ବିରୋଧୀ ଦଳମାନଙ୍କର ଏକ ନିର୍ବାଚନ ମେଣ୍ଟ କରିବା ବିଧେୟ ଓ ବାଞ୍ଛନୀୟ । ଅତ୍ୟାଚାର ଏବଂ ଦୁର୍ନୀତି ବିରୋଧରେ ସମସ୍ତ ବିରୋଧୀ ଦଳମାନଙ୍କର ମେଣ୍ଟ ନିତାନ୍ତ ଆବଶ୍ୟକ ।

ଏହି ଉଦ୍ଦେଶ୍ୟରେ ଜନ-କଂଗ୍ରେସର ଉଦ୍ୟମ ଓ ନେତୃତ୍ୱରେ ବିରୋଧୀ ଦଳ, ଯଥା—ସ୍ୱତନ୍ତ୍ର, ପ୍ରଜା-ସୋସାଲିଷ୍ଟ, ସଂଯୁକ୍ତ-ସୋସାଲିଷ୍ଟ ଏବଂ କମ୍ୟୁନିଷ୍ଟମାନଙ୍କୁ ନେଇ କଂଗ୍ରେସ ବିରୋଧରେ ଏକ ନିର୍ବାଚନ-ମେଣ୍ଟ ଗଠିତ ହେଲା । ସ୍ୱତନ୍ତ୍ର ଦଳ ବ୍ୟତୀତ ଅନ୍ୟ ଦଳମାନଙ୍କ ସହିତ ମୌଖିକ ବୁଝାମଣା ହେବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଦଳ ସଙ୍ଗେ ଏକ ଲିଖିତ ଚୁକ୍ତିନାମା ସ୍ୱାକ୍ଷରିତ ହେଲା । ସ୍ୱତନ୍ତ୍ର ଦଳ ଗୋଟିଏ ବଡ଼ ଦଳ । ତା ସଙ୍ଗେ ମେଣ୍ଟ ନ ହେଲେ ଦୁର୍ଦ୍ଧର୍ଷ ଏବଂ ଦୁର୍ନୀତିଗ୍ରସ୍ତ କଂଗ୍ରେସକୁ ଭୋଟ ଲଢ଼େଇରେ ହରାଇବା କଠିନ ହୋଇଥାନ୍ତା । ଏଣୁ ଏ ମେଣ୍ଟ ହେଲା । ସ୍ୱତନ୍ତ୍ର ଦଳ ବ୍ୟକ୍ତିବାଦ-ପୁଞ୍ଜିବାଦ ଆଦର୍ଶରେ ଗଠିତ । କମ୍ୟୁନିଷ୍ଟମାନେ ଏକଛତ୍ର ଏବଂ ହିଂସା-ବାଦର ସାମ୍ୟବାଦରେ ଗଠିତ । ଜନ-କଂଗ୍ରେସ ଗାନ୍ଧୀ-ଦର୍ଶନକୁ ଭିତ୍ତି କରି ସଂଗଠିତ । ତଥାପି ଦେଶର ସୁ-ନୀତି ଓ ସୁ-ଶାସନର ଶତ୍ରୁକୁ ପରାସ୍ତ କରିବାକୁ ହେଲେ ସବୁ ମତବାଦୀ ଲୋକର ମେଣ୍ଟ ଦରକାର ବୋଲି ଭାବି ଜନ-କଂଗ୍ରେସ ଏକ ମେଣ୍ଟରେ ଆବଦ୍ଧ ହେଲା ।

ସ୍ୱତନ୍ତ୍ର ଦଳ ସଙ୍ଗେ ଲିଖିତ କାର୍ଯ୍ୟକ୍ରମ ଚୁକ୍ତିର ଆବଦ୍ଧ

ଭିନ୍ନ ଭିନ୍ନ ଆଦର୍ଶ ଓ ଦର୍ଶନର ବ୍ୟକ୍ତି, ଗୋଷ୍ଠୀ ଏବଂ ଦଳମାନଙ୍କର ରାଜନୈତିକ ଓ ଶାସନତାନ୍ତ୍ରିକ ମେଣ୍ଟ ହେଲେ ନିର୍ବାଚନ ପୂର୍ବରୁ ଓ

Digitized by PPRACHIN, SOA

ପରେ ନାନା ବିଶୃଙ୍ଖଳା ଘଟିବାର ଆଶଙ୍କା । ରାଜିନାମା ହେଲା ଯେ, ଏହି ଦୁଇ ଦଳ ମିଳିତ ଭାବେ ଆସେମ୍ବ୍ଲିରେ ସଂଖ୍ୟାଗରିଷ୍ଠତା ଲାଭ କଲେ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ି ଶାସନ ଚଳାଇବେ । ହାରିଗଲେ ମଧ୍ୟ ମିଳିତ ହୋଇ ବିରୋଧୀ ଦଳ ଭାବେ କାର୍ଯ୍ୟ କରିବେ । ଏହାର ଅର୍ଥ ସ୍ୱତନ୍ତ୍ର ଦଳ ତାର ବ୍ୟକ୍ତିବାଦ-ପୁଞ୍ଜିବାଦ ଏବଂ ଜନ-କଂଗ୍ରେସ ଦଳ ତାର ଗାନ୍ଧୀବାଦ ମୀତିକୁ ମୂଳଭିତ୍ତି କରି ଶାସନ ଚଳାଇବା ପାଇଁ ଜିଦ୍ ଧରି କୌଣସି ଅଶୃଙ୍ଖଳା କିମ୍ବା ଅଚଳ ଅବସ୍ଥା ସୃଷ୍ଟି କରିବେ ନାହିଁ । ସରକାର କେବଳ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ବିଷୟକୁ ଭିତ୍ତି କରି ଶାସନ ଚଳାଇବ । ସେଥି-ପାଇଁ ୨୧ ଦଫା ସମ୍ବଳିତ ଏକ କାର୍ଯ୍ୟକ୍ରମ ସ୍ଥିର କରାଗଲା । ଉଭୟ ଦଳ ଚୁକ୍ତିରେ ଆବଦ୍ଧ ହେଲେ ଯେ ଶାସନ କାର୍ଯ୍ୟ କେବଳ ଉକ୍ତ ୨୧ ଦଫା ଅନୁସାରେ ଏବଂ ଉକ୍ତ ଦଫାମାନଙ୍କରେ ବର୍ଣ୍ଣିତ ବିଷୟରେ ପରିଚାଳିତ ହେବ । ଏହି ବିଷୟଗୁଡ଼ିକ ହେଉଛି ସାଧାରଣତଃ ଦୁର୍ନୀତି ଦୂରୀକରଣ, ଶାସନ କାର୍ଯ୍ୟରେ ବିଳମ୍ବ ଓ ଉଦାସୀନତା ଜନିତ ହଇରାଣ ହରକତରୁ ଲୋକଙ୍କୁ ରକ୍ଷା, ଶାସନ କାର୍ଯ୍ୟରେ ତତ୍ପରତା, ଯେ କୌଣସି ସ୍ତରର ଲୋକ-ପ୍ରତିନିଧିମାନଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗମାନଙ୍କର ତଦନ୍ତ କରାଇ ଦୋଷୀକୁ ଦଣ୍ଡ ଦିଆଇବା, ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ ଆଶୁ କାର୍ଯ୍ୟାନୁଷ୍ଠାନ କରାଇବା, କର୍ପୋରେସନମାନଙ୍କର ବଦ୍‌ଖର୍ଚ୍ଚ ସମ୍ପର୍କରେ ତଦନ୍ତ କରାଇବା, ଅଣ-ଟିକସ ସୂତ୍ରରୁ ଆୟ ବୃଦ୍ଧି କରାଇ ଜମି-ଖଜଣା ବା ଭୂ-ରାଜସ୍ୱ ଓ ପଞ୍ଚାୟତ ଟାକ୍ସ ଉଠାଇ ଦେବା ଇତ୍ୟାଦି । ଅନ୍ୟ ଭାଷାରେ କହିବାକୁ ଗଲେ ଆଇନ ଅନୁମୋଦିତ ଶାସନ ଚଳାଇ ଶାସନରୁ ଲାଞ୍ଚ-ରିସ୍‌ଓତ୍, ଅନ୍ୟାୟ-ଅତ୍ୟାଚାର, ହଇରାଣ-ହରକତ, ବଦଖର୍ଚ୍ଚ, ଉଦାସୀନତା, ନିଷ୍କ୍ରିୟତା ଏବଂ ଅବହେଳା ଦୂର କରିବା । ମୋଟରେ ଏକ ନିର୍ମଳ ଶାସନ ପ୍ରତିଷ୍ଠା ଦିଗରେ ପଦକ୍ଷେପ ନେବା ।

ନିମ୍ନରେ ଉକ୍ତ ୨୧ ଦଫା ସମ୍ବଳିତ ଶାସନର କାର୍ଯ୍ୟକ୍ରମ (Programme) ଦିଆଗଲା :—

୧ । ଉତ୍ତମ ନିର୍ମଳ ଶାସନ ପ୍ରତିଷ୍ଠା କରିବା ।

୨ । ଦୁର୍ନୀତି ଏବଂ ପ୍ରିୟାପ୍ରୀତି-ତୋଷଣ ଶାସନର ପ୍ରତ୍ୟେକ ସ୍ତରରୁ ଦୂରକରି ମନ୍ତ୍ରୀମାନଙ୍କର ଦୁର୍ନୀତି ସମ୍ପର୍କରେ ତଦନ୍ତ କରାଇବା ।

Digitized by PPRACHIN, SOA

୩ । ଦୁର୍ନୀତି ନିବାରଣ ଉଦ୍ଦେଶ୍ୟରେ ଆମ୍ବୁଡସମ୍ୟାନ (Ambuds-man) ସଂସ୍ଥା ଅନୁରୂପ ଏକ ସଂସ୍ଥା ସ୍ଥାପନ କରିବା ।

୪ । ଶାସନ କଳରୁ ବିଳମ୍ବ ଏବଂ ଅବହେଳା ଦୂରକରିବା ସଙ୍ଗେ ତାହାର ଦକ୍ଷତା, ସାଧୁତା ଓ ନ୍ୟାୟପରାୟଣତା ବୃଦ୍ଧି କରାଇବା ।

୫ । ଆଇନର ଶାସନ ପ୍ରଚଳନ କରାଇବା ।

୬ । ଜନସାଧାରଣଙ୍କ ପ୍ରତି ପୋଲିସର ଆଭିମୁଖ୍ୟ ପରିବର୍ତ୍ତନ କରାଇ ତାଙ୍କର (ପୋଲିସର) ଦକ୍ଷତା ଏବଂ ଶୃଙ୍ଖଳାରେ ଉନ୍ନତି ଘଟାଇବା ।

୭ । ଶାସନ କଳକୁ ରାଜନୈତିକ ଗୃପ ଏବଂ ପ୍ରଭାବରୁ ମୁକ୍ତ କରି କର୍ମଚାରୀଙ୍କ ପ୍ରତି ନିରପେକ୍ଷ ଏବଂ ଆଦର୍ଶ ବ୍ୟବହାର ପ୍ରଦର୍ଶନ କରିବା ।

୮ । ସମସ୍ତଙ୍କ ପ୍ରତି ସମାନ ନ୍ୟାୟ ଏବଂ ବ୍ୟବହାର ପ୍ରଦର୍ଶନ କରିବା ।

୯ । ସରକାରଙ୍କର ସମସ୍ତ ପ୍ରକାର ଖର୍ଚ୍ଚର ମିତବ୍ୟୟିତା ସଙ୍ଗେ ସକଳ ପ୍ରକାର ବଦଖର୍ଚ୍ଚକୁ କଡ଼ା ଭାବରେ ରୋକିବା ।

୧୦ । ଅଦରକାରୀ କୋଟା, କଣ୍ଟ୍ରୋଲ, ପରମିଟ୍ ଏବଂ ଲାଇସେନ୍‌ସ ପ୍ରଭୃତିକୁ ପରିତ୍ୟାଗ କରି କେବଳ ଦରକାର ସ୍ଥଳେ ଏ ସବୁକୁ (କୋଟା, କଣ୍ଟ୍ରୋଲ, ପର୍‌ମିଟ୍ ଏବଂ ଲାଇସେନ୍‌ସ) ଏକ ସ୍ୱାଧୀନ ଅଣ ରାଜନୈତିକ ଷ୍ଟାଚ୍ୟୁଟାରୀ ବୋର୍ଡ଼ ଦ୍ୱାରା ପରିଚାଳିତ କରାଇବା ।

୧୧ । ଜମି ଖଜଣା ଉଠାଇ ଦେବା, ଟିକସ ଭାର କମାଇ ଦେବା ଏବଂ ସରକାରୀ ପାଉଣା ଓ ପ୍ରାପ୍ୟ ଅସୁଲରେ ଲୋକଙ୍କୁ ହଇରାଣ ହରକତରୁ ରକ୍ଷା କରିବା ।

୧୨ । ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ ସଙ୍ଗେ ସ୍ଥାପିତ ହୋଇଥିବା ବିଶ୍ୱବିଦ୍ୟାଳୟମାନଙ୍କର ପରିବର୍ଦ୍ଧନ ଓ ସମ୍ପୂର୍ଣ୍ଣ କରିବା ।

୧୩ । ଶିଳ୍ପ-ବ୍ୟବସାୟ ପ୍ରସାରଣ ନିମନ୍ତେ ସ୍ୱାଧୀନତା ପ୍ରଦାନ-ମୂଳକ ଉତ୍ତମ ବାତାବରଣ ସୃଷ୍ଟି କରି କଣ୍ଟକଣାଯୁକ୍ତ ପ୍ରଣାଳୀକୁ ଦୂର କରିବା ଏବଂ କର୍ମପ୍ରାପ୍ତି ଓ ନିଯୁକ୍ତିର ସୁବିଧା କରିବା ।

୧୪ । ଶାସନ କ୍ଷେତ୍ରର ସବୁ ସ୍ତରରେ ଓଡ଼ିଆ ପ୍ରଚଳନ କରିବା ।

୧୫ । ଆଦିବାସୀ, ହରିଜନ ଏବଂ ଅନ୍ୟାନ୍ୟ ଅନୁନ୍ନତ ଜାତି-ମାନଙ୍କର ଉନ୍ନତି କଳ୍ପେ ଅନୁନ୍ନତ ଅଞ୍ଚଳ ପ୍ରତି ଉନ୍ନତି କାମନାରେ ଅତିରିକ୍ତ ଧ୍ୟାନ ଦେବା ।

Digitized by PPRACHIN, SOA

୧୬ । ସମସ୍ତ ପ୍ରକାର ପଞ୍ଚାୟତ ଟିକସ ଉଠାଇ ଦେଇ ପଞ୍ଚାୟତ-ମାନଙ୍କୁ ଅଣ-ଟିକସ ସୂତ୍ରରୁ ଆୟ କରିବାର ବ୍ୟବସ୍ଥା ପ୍ରଦାନ କରିବା ଏବଂ ସମ୍ବିଧାନର ନିର୍ଦ୍ଦେଶାତ୍ମକ ନୀତି ଅନୁସାରେ ବାସ୍ତବ କ୍ଷମତା ବିକେନ୍ଦ୍ରୀକରଣ କରିବା ।

୧୭ । ପଞ୍ଚାୟତ ସମିତି ଅଧୀନରୁ ପ୍ରାଥମିକ ଶିକ୍ଷାକୁ ମୁକ୍ତ କରିବା ।

୧୮ । ଅନୁନ୍ନତ ଶ୍ରେଣୀମାନଙ୍କ ପ୍ରତି ବିଶେଷ ନଜର ରଖି ସାଧାରଣ ଏବଂ ବୈଷୟିକ ଶିକ୍ଷାର ପ୍ରସାର କରିବା ।

୧୯ । ଜନତାର ମୌଳିକ ଆବଶ୍ୟକତା ପୂରଣର ବ୍ୟବସ୍ଥା ଓ କୃଷିକୁ ନଜର ରଖି ବାସ୍ତବ ଭିତ୍ତିରେ ଉନ୍ନୟନ ଯୋଜନାକୁ ନୂତନରୂପ ଦେବା ଏବଂ ଅର୍ଥନୈତିକ ଉନ୍ନତି ପାଇଁ ସୁସମ୍ବନ୍ଧିତ ଆର୍ଥିକ ବ୍ୟବସ୍ଥା କରିବା ।

୨୦ । କେନ୍ଦୁପତ୍ର ବ୍ୟବସାୟରେ ମନୋପଲି ବା ଏକଚାଟିଆ ବ୍ୟବସାୟର ପରିବର୍ତ୍ତନ କରିବା ।

୨୧ । ଓଡ଼ିଶାର ୧୯୬୭ର ଦୁର୍ଭିକ୍ଷର ସମସ୍ତ ଦିଗରୁ ତଦନ୍ତ କରି ଏକ ରିପୋର୍ଟ ଦେବା ନିମନ୍ତେ ଗୋଟିଏ ଦୁର୍ଭିକ୍ଷ-କମିସନ ନିଯୁକ୍ତ କରିବା ।

COMMON PROGRAMME

1. Establishment of a clean and good Government ;
2. Ruthless elimination of corruption, favouritism and nepotism at all levels and setting up of Commission for Inquiry into charges of corruption by Ministers ;
3. Setting up an institution of the type of Ombudsman for eradication of corruption ;
4. Increasing efficiency, uprightness and integrity of administration and elimination of administrative delays ;
5. Establishment of Rule of Law ;

Digitized by PPRACHIN, SOA

6. Change of out-look of the Police for public service and increasing their efficiency and sense of discipline ;
7. Freeing the administration from political pressures and ensuring impartiality and fair deal to the employees ;
8. Equal justice and fair dealing for all ;
9. Utmost economy in expenditure and strict avoidance of all wasteful expenditure ;
10. Elimination of unnecessary controls, permits, licenses and quotas and administration of remaining controls, permits, licenses and quotas through a non-political independent statutory Board ;
11. Abolition of Land Revenue ; reduction of tax burden and elimination of harassment in collection of State dues;
12. Establishment, expansion and completion of existing Universities ;
13. Elimination of restrictive procedures and creation of proper conditions and freedom for expansion of business and industry and creation of increasing employment opportunities ;
14. Introduction of Oriya as State language in all spheres of administration ;
15. Special attention for development of Scheduled Castes and Tribes and other Backward Classes and underdeveloped or backward areas ;
16. Abolition of multifarious Panchayat taxes and entrusting Panchayats with resources of non-tax revenue and effecting real decentralisation.

Digitized by PPRACHIN, SOA

as envisaged in the directive principles of the Constitution ;

17. Liberating primary education from control of Panchayat Samities ;
18. Expansion of both technical and general education throughout the State with special attention to backward areas ;
19. Re-orientation of development plans on a practical basis with emphasis on development of agriculture, provision of basic necessities for the people and provision of the infrastructure for economic development ;
20. Changing of monopoly system in Kendu Leaves Trade ;
21. Appointment of Famine Commission for enquiry and report on all aspects of the Orissa Famine of 1966

ଶାସନ ପରିଚାଳନା ନିମନ୍ତେ ସ୍ୱତନ୍ତ୍ର ଦଳ ସଙ୍ଗେ ଏହି ବିଷୟଗୁଡ଼ିକ ଲିଖିତ ଆକାରରେ ରାଜିନାମା କରାଗଲା । ଅନ୍ୟାନ୍ୟ ଦଳମାନଙ୍କ ସଙ୍ଗେ ବାଚନିକ ବୁଝାମଣା ହେଲା । ସବୁ ବିରୋଧୀ ଦଳ ଏହି ୨୧ ଦଫା କାର୍ଯ୍ୟକ୍ରମକୁ ସ୍ୱୀକାର କଲେ । ଆମ ଜନ-କଂଗ୍ରେସ ଦଳ ତରଫରୁ ସଭାପତି ହିସାବରେ ମୁଁ ଏହି କାର୍ଯ୍ୟକ୍ରମ ବିଷୟକ ଚୁକ୍ତିନାମାରେ ଦସ୍ତଖତ କଲି । ସ୍ୱତନ୍ତ୍ର ଦଳ ତରଫରୁ ଦଳର ସଭାପତି ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଏହି ରାଜିନାମାରେ ଦସ୍ତଖତ କଲେ ।

ଏହି ରାଜିନାମାରେ ଦଳ ତରଫରୁ ଦସ୍ତଖତକାରୀ ହିସାବରେ ମୋର ବ୍ୟକ୍ତିଗତ ଏବଂ ସାଙ୍ଗଠନିକ କର୍ତ୍ତବ୍ୟ ପାଳନ ଅତ୍ୟନ୍ତ ଗୁରୁତର ହୋଇଗଲା ବୋଲି ହୃଦୟଙ୍ଗମ କରି ମୁଁ ଅଧିକତର ଦାୟିତ୍ୱସମ୍ପନ୍ନ ହେବାକୁ ଲାଗିଲି । ନିର୍ବାଚନରେ ଯଦି ଜିତିକରି ଶାସନ କ୍ଷେତ୍ରକୁ ଆସୁ ତେବେ ଏହି ଘୋଷଣା ପତ୍ର ଅନୁସାରେ କିପରି ସୁ-ଶାସନ ଚଳାଇବୁ ଏହି ଚିନ୍ତା ମନକୁ ଆଲୋଡ଼ିତ କଲା । ଶାସନସଂସ୍ଥା ଅଧିକାର କରି ନ ପାରି ବିରୋଧୀ ଦଳରେ

Digitized by PPRACHIN, SOA

ରହିଲେ ମଧ୍ୟ ଶାସନକୁ କପରି ସୁଧାରିବୁ ଏହି ଭାବନା ମନକୁ ସର୍ବଦା ଗ୍ରାସ କଲା ।

ନିର୍ବାଚନ-ଖର୍ଚ୍ଚନାମା

ଦଳର ମୁଖ୍ୟ ଏବଂ ସଭାପତି ହିସାବରେ ସମଗ୍ର ଷ୍ଟେଟରେ ୧୪୦ଟି ଆସେମ୍ବ୍ଲି ନିର୍ବାଚନ ମଣ୍ଡଳୀ ପାଇଁ ଉକ୍ତ ସଂଖ୍ୟକ ପ୍ରାର୍ଥୀ ମନୋନୟନ ନିମନ୍ତେ ଅନ୍ୟାନ୍ୟ ଦଳ ସଙ୍ଗେ ହୁଏତ ଲିଖିତ କିମ୍ବା ଅଲିଖିତ ବୁଝାମଣା କରିବା ଦାୟିତ୍ୱ ପ୍ରାଥମିକ ଭାବେ ମୋ ଉପରେ ପଡ଼ିଲା । ଯାହାର ଯେଉଁ ନିର୍ବାଚନ ମଣ୍ଡଳୀ କିମ୍ବା ଅଞ୍ଚଳ କିମ୍ବା ଜିଲ୍ଲାରେ ରାଜନୈତିକ ପ୍ରଭାବ ବେଶି ଥିଲା ସେ ଦଳ ସେହି ସେହି ନିର୍ବାଚନ ମଣ୍ଡଳୀ, ଜିଲ୍ଲା କିମ୍ବା ଅଞ୍ଚଳରେ ପ୍ରାର୍ଥୀ ଠିଆ କରାଇବା ସ୍ଥିର ହେଲା । ଏ ମେଣ୍ଟରେ କଂଗ୍ରେସ ଗ୍ରୁପ୍‌ନିଆ ହୋଇଗଲା । ଆମ ଜନ-କଂଗ୍ରେସ ଗୋଟିଏ ନୂତନ ଦଳ ହୋଇଥିବାରୁ ସମସ୍ତ ନିର୍ବାଚନ ମଣ୍ଡଳୀ ପାଇଁ ନିର୍ବାଚନ ସଙ୍କେତ ମିଳିଲା ନାହିଁ । ଆମର ଅନୁରୋଧ ଅନୁସାରେ ଆମ ଦଳକୁ 'ନକଣ୍ଡି-ସଙ୍କେତ' ମିଳିଲା । କିନ୍ତୁ ଆମ ଜନ-କଂଗ୍ରେସ ଦଳ ତରଫରୁ ଯେଉଁ ନିର୍ବାଚନ-ମଣ୍ଡଳୀରେ ପ୍ରାର୍ଥୀ ଠିଆ ହେଲେ କେବଳ ସେହି ନିର୍ବାଚନ ମଣ୍ଡଳୀ ପାଇଁ 'ନକଣ୍ଡି-ସଙ୍କେତ' ଜନ-କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ସଙ୍କେତ ହେଲା । ଅନ୍ୟ ମଣ୍ଡଳୀ ପାଇଁ ଉକ୍ତ ନକଣ୍ଡି ମୁକ୍ତ ସଙ୍କେତ (Free symbol) ଥିଲା । ସମଗ୍ର ଓଡ଼ିଶାରେ ଆମ ଦଳର ପ୍ରଭାବ ଏପରି ବୃଦ୍ଧି ପାଇଲା ଯେ, ଆମ ନିର୍ବାଚନ ମଣ୍ଡଳୀ ବାହାରେ ଅନ୍ୟ ନିର୍ବାଚନମଣ୍ଡଳୀମାନଙ୍କରେ ସ୍ୱାଧୀନ ପ୍ରାର୍ଥୀମାନେ 'ନକଣ୍ଡି-ସଙ୍କେତ' ଦାବି କଲେ । ଯେ ନକଣ୍ଡି ସଙ୍କେତ ପାଇଲା ତା ପକ୍ଷରେ ଭୋଟ ପାଇବା ସହଜ ହେଲା । ଏ ଅବସ୍ଥା ଦେଖି ସ୍ୱତନ୍ତ୍ର ଦଳ ପ୍ରଭୃତି ମୋଠାରୁ ପ୍ରଚାରପତ୍ର ଲେଖାଇ ନେଇ ବଣ୍ଟନ କଲେ ଯେ, ଅମୁକ ଅମୁକ ନିର୍ବାଚନ ମଣ୍ଡଳୀରେ ଆମ ଜନ-କଂଗ୍ରେସର ପ୍ରାର୍ଥୀ ନାହାନ୍ତି । ତେଣୁ ଜନ-କଂଗ୍ରେସ ପ୍ରାର୍ଥୀ ନାମରେ ସେଠାରେ ନକଣ୍ଡି ଚିହ୍ନରେ ଭୋଟ ନ ଦିଅନ୍ତୁ । ଏପରି ଅବସ୍ଥାରେ ନକଣ୍ଡି ଚିହ୍ନ ପାଇଥିବା ସ୍ୱାଧୀନ ପ୍ରାର୍ଥୀମାନେ

Digitized by PPRACHIN, SOA

ମୋତେ ସାନୁନୟ ଅନୁରୋଧ କରୁଥାନ୍ତି ଯେ, ମୁଁ ଉକ୍ତ ପ୍ରସ୍ତାବର ପକ୍ଷ ନ ଦିଏ । ସେମାନେ ପ୍ରତିଶ୍ରୁତି ଦେଉଥାନ୍ତି ଯେ ମୁଁ ବିରୋଧ ନ କଲେ ଉକ୍ତ ନିର୍ବାଚନ-ସଙ୍କେତ ପ୍ରାପ୍ତ ସ୍ୱାଧୀନ ପ୍ରାର୍ଥୀଙ୍କୁ ଜନ-କଂଗ୍ରେସ ପ୍ରାର୍ଥୀ ବୋଲି ଭାବି ଲୋକେ ଭୋଟ ଦେବେ ଏବଂ ସେମାନେ ଜିତିବେ । ଜିତି ସାରିଲା ପରେ ସେମାନେ ଜନ-କଂଗ୍ରେସ ଦଳରେ ଏମ୍. ଏଲ୍. ଏ. ଭାବେ ଯୋଗ ଦେବେ । ଆମ ଦଳର କେହି କେହି ଏଥିରେ ରାଜି ହେଲେ । ମୁଁ ରାଜି ନ ହେବାରୁ ମୋ ଉପରେ ଅତ୍ୟନ୍ତ ବିରକ୍ତ ହେଲେ । ମୁଁ ଦଳର ବନ୍ଧୁମାନଙ୍କୁ କହିଲି ଯେ, ଲିଖିତ ବା ଅ-ଲିଖିତ ଭାବରେ ଯେଉଁ ପବିତ୍ର ରାଜିନାମା ହୋଇଛି ମୁଁ ତାର ବିରୋଧାଚରଣ କରି ପାରିବି ନାହିଁ । ମୋର ଦୃଢ଼ ଶୃଙ୍ଖଳିତ ମତି ଯୋଗୁଁ ଦଳର କେତେକ ବନ୍ଧୁ ମୋ ଉପରେ ଅସନ୍ତୁଷ୍ଟ ହେଲେ ।

ନିର୍ବାଚନ

ପୂର୍ବୋକ୍ତ ଚୁକ୍ତି ଅନୁସାରେ ଏ ନିର୍ବାଚନରେ ଆମ୍ଭେମାନେ ୪୮ ଜଣ ପ୍ରାର୍ଥୀ ଠିଆ କରାଇଲୁ । ଆମ ଦଳ ଭିତରୁ କେତେକ ମୁଖ୍ୟ ବ୍ୟକ୍ତି ରାଜିନାମାର ପବିତ୍ର ସର୍ତ୍ତକୁ ନ ମାନି କେତେକ ନିର୍ବାଚନ ମଣ୍ଡଳୀରେ ସ୍ୱାଧୀନ ପ୍ରାର୍ଥୀ ଠିଆ କରାଇ ନିର୍ବାଚନ ସଙ୍କେତ ପ୍ରଦତ୍ତ କରାଇଥିଲେ । ଏହା ବେ-ନୈତିକ ବୋଲି ମୁଁ ବିରୋଧ କରିଥିଲି । ସ୍ୱତନ୍ତ୍ର ଦଳ ପ୍ରାୟ ୧୦୦ ନିର୍ବାଚନ ମଣ୍ଡଳୀରେ ପ୍ରାର୍ଥୀ ଠିଆ କରାଇଲେ । ନାନା ପ୍ରକାରର କଳ୍ପନା ଜଳ୍ପନା ଚାଲିଥାଏ । ଖବର କାଗଜ ପ୍ରତିନିଧିମାନେ ମତ ଦିଅନ୍ତି ଯେ, ଜନ-କଂଗ୍ରେସ ମୋଟେ ୧୦।୧୨ଟି ସ୍ଥାନ ହାସଲ କରିବ । କଂଗ୍ରେସ ୭୦ରୁ ୭୫ ସ୍ଥାନ ହାସଲ କରିବ । ଆମ ଦଳ ଭିତରୁ ମହତାବ ବାବୁ କେବେ ଆଶା କରିପାରୁନଥିଲେ ଯେ, ଆମ ଦଳ ୧୫ରୁ ଅଧିକ ସ୍ଥାନ ହାସଲ କରି ପାରିବ । ବିଜୁ ପଟ୍ଟନାୟକ ବାହାସ୍ଫୋଟ ମାରୁଥାନ୍ତି ଯେ, କଂଗ୍ରେସ ୧୦୦ ସ୍ଥାନ ଅଧିକାର କରିବ ଏବଂ ଜନ-କଂଗ୍ରେସ ମୋଟେ ୪ କିମ୍ବା ୫ଟି ସ୍ଥାନ ପାଇବ । ମୁଁ ପ୍ରତ୍ୟେକ ସଭାରେ, ପ୍ରେସ-କନ୍‌ଫରେନ୍‌ସରେ ଏବଂ ଗ୍ରୁପ୍ ବୈଠକରେ କହୁଥିଲି ଯେ, କଂଗ୍ରେସ ଖୁବ ବେଶୀ ହେଲେ ୩୦ରୁ ଅଧିକ

Digitized by PPRACHIN, SOA

ସ୍ଥାନ ପାଇବ ନାହିଁ, ଜନ-କଂଗ୍ରେସ ୪୮ ସ୍ଥାନ ମଧ୍ୟରୁ ୨୫ରୁ ଅଧିକ ସଂଖ୍ୟକ ସ୍ଥାନରେ ବିଜୟ ହାସଲ କରିବ । ଆଶ୍ଚର୍ଯ୍ୟର କଥା ଯେ, ମୋର ଅଟକଳ ଠିକ୍ ହେଲା । କଂଗ୍ରେସ ୮୮ ସଂଖ୍ୟାରୁ ଖସି ପଡ଼ିଲା ; କେବଳ ୩୦ଟି ସ୍ଥାନ ଅଧିକାର କଲା । ଜନ-କଂଗ୍ରେସ ୨୬ଟି ସ୍ଥାନ ପାଇଲା । ସ୍ୱତନ୍ତ୍ର ୪୯ ଏବଂ ଜନ-କଂଗ୍ରେସର ପ୍ରଚୁର ଓ ସହଯୋଗ ଏବଂ ସମର୍ଥନ ଫଳରେ ପ୍ରଜା-ସୋସାଲିଷ୍ଟ ୨୧ଟି ସ୍ଥାନ ହାସଲ କଲେ । ଅନ୍ୟ ଦଳମାନେ ଖୁବ କମ ସଂଖ୍ୟକ ସ୍ଥାନ ଅଧିକାର କଲେ । କଂଗ୍ରେସର ପତନ ଏବଂ ଜନ-କଂଗ୍ରେସ, ସ୍ୱତନ୍ତ୍ର ଓ ଅନ୍ୟାନ୍ୟ ବିରୋଧୀ ଦଳମାନଙ୍କର ଉତ୍ଥାନ ହେଲା । ସ୍ୱତନ୍ତ୍ର-ଜନକଂଗ୍ରେସର ସଭ୍ୟ ସଂଖ୍ୟା ମିଶି ୭୫ ହେବାରୁ ଏହି ଦୁଇ ଦଳର ଆସେମ୍ବ୍ଲିରେ ସଂଖ୍ୟାଗରିଷ୍ଠତା ହେଲା । ତେଣୁ ପ୍ରାକ୍-ନିର୍ବାଚନ ଚୁକ୍ତି ଅନୁସାରେ ଏହି ଦୁଇ ଦଳ ମିଳିତ ମନ୍ତ୍ରୀମଣ୍ଡଳ ଚଳାଇବା ବିଧେୟ ହେଲା ।

ମନ୍ତ୍ରୀ-ମଣ୍ଡଳ ଗଠନ

ନିର୍ବାଚନରେ ବିଜୁ ପଟ୍ଟନାୟକଙ୍କଦ୍ୱାରା ପରିଚାଳିତ ମୂଳ କଂଗ୍ରେସକୁ ହରାଇବା ଏବଂ ଜନକଂଗ୍ରେସ-ସ୍ୱତନ୍ତ୍ର ଓ ବିରୋଧୀ ଦଳ ମେଣ୍ଟ କରିବା ଯେତେ ସହଜ ହେଲା, ମନ୍ତ୍ରୀମଣ୍ଡଳ ଗଠନ ସେତେ ସହଜ ଜଣାପଡ଼ିଲା ନାହିଁ । ପ୍ରଥମତଃ ସ୍ୱତନ୍ତ୍ର ଦଳ ତାର ଭଦ୍ରଲୋକ ବୁଝାମଣାକୁ (Gentleman's understanding) ଆଦୌ ସମ୍ମାନ ଦେଲା ନାହିଁ । ନିର୍ବାଚନ ପୂର୍ବରୁ ସ୍ୱତନ୍ତ୍ର ଦଳର ସର୍ବଭାରତୀୟ ନେତା ଏବଂ ସଭାପତି ଶ୍ରୀ ମାସାନି ଓ ସମ୍ପାଦକ ଶ୍ରୀ ଦାଣ୍ଡେକରଙ୍କ ସ୍ୱୀକୃତିରେ ସ୍ଥିର ହୋଇଥିଲା ଯେ, ଯଦି ଜନକଂଗ୍ରେସ-ସ୍ୱତନ୍ତ୍ରଦଳ ଆସେମ୍ବ୍ଲିରେ ସଂଖ୍ୟାଗରିଷ୍ଠତା ହାସଲ କରନ୍ତି ତେବେ ଜନ-କଂଗ୍ରେସର ସଭ୍ୟ ସଂଖ୍ୟା ଯାହା ହେଉ ପଛକେ ମିଳିତ ମନ୍ତ୍ରୀମଣ୍ଡଳର ନେତୃତ୍ୱ ଶ୍ରୀ ହରେକୃଷ୍ଣ ମହତାବ ନେବେ, ଅର୍ଥାତ୍ ମହତାବ ବାବୁ ମୁଖ୍ୟମନ୍ତ୍ରୀ ହେବେ । କିନ୍ତୁ ନିର୍ବାଚନ ଫଳାଫଳ ପରେ ସ୍ୱତନ୍ତ୍ର ଦଳ ତାର ଏ ଅଲିଖିତ ଭଦ୍ରଲୋକ ବୁଝାମଣାକୁ ଆଦୌ ମାନିଲା ନାହିଁ । ଚକ୍ରବର୍ତ୍ତୀ ରାଜଗୋପାଳା-

Digitized by PPRACHIN, SOA

ଗୃହୀଙ୍କଠାରୁ ଆରମ୍ଭ କରି ସ୍ୱତନ୍ତ୍ର ଦଳର ସାଧାରଣ କର୍ମୀ ପର୍ଯ୍ୟନ୍ତ ଦାବି କଲେ ଯେ, ଯେହେତୁ ସ୍ୱତନ୍ତ୍ର ଦଳର ସଭ୍ୟ ସଂଖ୍ୟା ଜନ କଂଗ୍ରେସ ଦଳର ସଭ୍ୟ ସଂଖ୍ୟାଠାରୁ ଅଧିକ ତେଣୁ ସ୍ୱତନ୍ତ୍ର ଦଳ ତରଫରୁ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ମୁଖ୍ୟମନ୍ତ୍ରୀ ହେବେ । ଏଥିରେ ଆମ୍ଭେମାନେ ଅତ୍ୟନ୍ତ ମର୍ମାହତ ହେଲୁ । ସ୍ୱତନ୍ତ୍ର ଦଳ ଏପରି ଦଗାବାଜି କରିବ ଏବଂ ଭଦ୍ରଲୋକ କାରବାରକୁ ଅସ୍ୱୀକାର କରିବ ବୋଲି ଆଗରୁ ଜାଣିଥିଲେ ଅବସ୍ଥା ଅନ୍ୟ ପ୍ରକାର ହୋଇଥାନ୍ତା । ଯାହା ହେଉ, ଯେହେତୁ ଜନତା ଦୁର୍ନୀତିଗ୍ରସ୍ତ କଂଗ୍ରେସକୁ ଶୋଚନୀୟ ଭାବରେ ପରାସ୍ତ କରି ଜନକଂଗ୍ରେସ-ସ୍ୱତନ୍ତ୍ର ଦଳକୁ ବିଧାନ ସଭାରେ ସଂଖ୍ୟାଧିକ କରିଛନ୍ତି, ତେଣୁ, ଶାସନ କାର୍ଯ୍ୟ ନ ଚଳାଇଲେ କଂଗ୍ରେସ ତରଫରୁ ପୁଣି ବିରୋଧ ପ୍ରଚାର ହେବ ଯେ, ସ୍ୱତନ୍ତ୍ର-ଜନକଂଗ୍ରେସ ସଂଖ୍ୟା ଗରିଷ୍ଠତା ହାସଲ କଲେ ସୁଦ୍ଧା ସେମାନଙ୍କର ଶାସନ ଚଳାଇବାର ଶକ୍ତି ସାମର୍ଥ୍ୟ କିମ୍ବା ସଂଗଠନ ନାହିଁ । ଏହି ଆଶଙ୍କାକୁ ଦୂର କରିବା ଉଦ୍ଦେଶ୍ୟରେ ମହତାବ ବାବୁ ମୁଖ୍ୟମନ୍ତ୍ରୀ ନ ହେଲେ ସୁଦ୍ଧା ଆମ୍ଭେମାନେ ରାଜୀ ହେଲୁ ଯେ, ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ମୁଖ୍ୟମନ୍ତ୍ରୀତ୍ୱରେ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିବ । ପୁଣି ନିଷ୍ପତ୍ତି ହେଲା ଯେ, ଜନ କଂଗ୍ରେସ ଦଳର ମୁଖ୍ୟ ଓ ଦଳପତି ହିସାବରେ ମୁଁ ଉପ-ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବି । ଏ ବ୍ୟବସ୍ଥାକୁ ଶ୍ରୀ ମହତାବ ଓ ଦଳର ଆମ ଦଳ ରାଜୀ ହେଲେ । ଏଥିରେ କିନ୍ତୁ ଦଳ ଭିତରେ ଅସନ୍ତୋଷ ବଢ଼ିଲା ; ବିଶେଷ କରି ମୋ ବିରୁଦ୍ଧରେ । ଏହା ସଙ୍ଗେ ସଙ୍ଗେ ଆମ ଜନ-କଂଗ୍ରେସ ଦଳରୁ କିଏ କିଏ ମନ୍ତ୍ରୀ ଏବଂ ଉପମନ୍ତ୍ରୀ ହେବେ ସେଥିପାଇଁ ଭାରି କନ୍ଦଳ ଲାଗିଲା । ମୁଖ୍ୟ ବ୍ୟକ୍ତିମାନେ ଏକତ୍ର ବସି ଆମ ଦଳର ମନ୍ତ୍ରୀ ଉପମନ୍ତ୍ରୀ ତାଲିକା ପ୍ରସ୍ତୁତ କରି ସର୍ବସମ୍ମତିକ୍ରମେ ଗୃହୀତ କରାଇ ନେଲେ । କିନ୍ତୁ ପରେ ସେହି ମୁଖ୍ୟଙ୍କ ମଧ୍ୟରୁ କେତେକ ଦଳ ଭିତରେ ବିଭେଦ ସୃଷ୍ଟି ଉଦ୍ଦେଶ୍ୟରେ ବିଶେଷତଃ ମହତାବ ବାବୁଙ୍କ ମୁଖ୍ୟମନ୍ତ୍ରୀ ନ ହେବା କାରଣକୁ ଆଳ ଦେଖାଇ ଏବଂ ସେଥିପାଇଁ ସମସ୍ତ ଦୋଷ ମୋ ଉପରେ ଲଦିଦେଇ ମୋ ବିରୁଦ୍ଧରେ ଏକ ଗୋଷ୍ଠୀ ସୃଷ୍ଟି କଲେ । ମୋତେ ପ୍ରତ୍ୟକ୍ଷ ଏବଂ ଅପ୍ରତ୍ୟକ୍ଷ ଭାବରେ ଧମକ ଦେଉଥାନ୍ତି ଯେ, ମୁଁ ଦୁଇଟି ଆସନରେ ରହି ପାରିବି ନାହିଁ, ଅର୍ଥାତ୍ ଜନ-କଂଗ୍ରେସର ଉଭୟ ସାଂଗଠନିକ ସଭାପତି ଏବଂ ଆସେମ୍ବ୍ଲି ଦଳର ଦଳପତି (ଉପ-ମୁଖ୍ୟମନ୍ତ୍ରୀ) ହୋଇ ରହି ପାରିବି

Digitized by PPRACHIN, SOA

ନାହିଁ । ମୁଁ ଏ ଚକ୍ରାନ୍ତ ଏବଂ ତାର କୁ-ଉଦ୍ଦେଶ୍ୟ ଉତ୍ତମ ରୂପେ ବୁଝିପାରି ଅତ୍ୟନ୍ତ ଧୀର ଏବଂ ଦୃଢ଼ ଭାବରେ ରହିଲି । ମୁଁ ଦେଖିଲି ଯେ, ଅବିଭକ୍ତ କଂଗ୍ରେସରେ କ୍ଷମତା ଏବଂ ଆସନ ଲାଳସାରେ ଦଳର ଯୁବକ ଲୋକଙ୍କୁ ପ୍ରୟୋଗ କରି କେହି କେହି ନେତା ଯେଉଁ ଉଗ୍ରଣ ଧମକ କାମ ଚଳାଇଥିଲେ ଏ ନୂତନ ଅନୁଷ୍ଠାନରେ ମଧ୍ୟ ସେହି ନେତାମାନେ ଠିକ୍ ସେହି ଆଚରଣ ପ୍ରଦର୍ଶନ କରିଚନ୍ତି । ମୁଁ ଖୁବ ଧୈର୍ଯ୍ୟ ଓ ଦମ୍ଭର ସହିତ ଥାଏ ; କାରଣ ମୁଁ ଉତ୍ତମ ରୂପେ ଜାଣିଥାଏ ଯେ, ମୋ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଣି ମୋତେ ଦଳପତି ପଦରୁ ଅନ୍ତର କରିବାର ସାହସ କିମ୍ବା ଅବସ୍ଥା ନ ଥାଏ । ତାହା କଲେ ତାତ୍କାଳିକ ଅବସ୍ଥାରେ ଜନତା ବରଦାସ୍ତ କରନ୍ତେ ନାହିଁ । ମୋ ଆଡ଼ୁ ଟିକିଏ ଦୁର୍ବଳତା ଦେଖାଯାଇଥିଲେ ଏ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗି ପ୍ରେସିଡେଣ୍ଟ ଶାସନ ଚଳାଇଥାନ୍ତେ । ପରେ ପୁଣି ଏ ଦଳ ସେ ଦଳରୁ ସଭ୍ୟ କିଣା ବିକା କରି ଆଉ ଏକ ଦୁର୍ନୀତିଗ୍ରସ୍ତ ମନ୍ତ୍ରୀମଣ୍ଡଳ ଚଳାଇ କଂଗ୍ରେସ ଉଦ୍ଦେଶ୍ୟ ସିଦ୍ଧି କରିଥାନ୍ତେ ।

ଏ ମିଳିତ ମନ୍ତ୍ରୀମଣ୍ଡଳ ୪ବର୍ଷ ପର୍ଯ୍ୟନ୍ତ ତିଷ୍ଠି ରହିଲା । ଏହା ଭାରତର ସର୍ବପ୍ରଥମ ମିଳିତ ମନ୍ତ୍ରୀମଣ୍ଡଳ ।

ମିଳିତ ମନ୍ତ୍ରୀମଣ୍ଡଳର ସଫଳତା

୧୯୬୭ ନିର୍ବାଚନ ପରେ ଗଠିତ ଓଡ଼ିଶାର ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଏକ ଆଦର୍ଶ ଏବଂ ସଫଳ ମନ୍ତ୍ରୀମଣ୍ଡଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ନିର୍ବାଚନ ମେଣ୍ଟ ବେଳେ ଯେଉଁ ୨୧ ଦଫା ସମ୍ବଳିତ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱିତ କରିଯିବ ବୋଲି ଏଗ୍ରିମେଣ୍ଟ ହୋଇ ଘୋଷିତ ହୋଇଥିଲା, ଶାସନର ୩ୟ ବର୍ଷ ପୂର୍ତ୍ତି ହେଉ ନ ହେଉଣୁ ତାହା କାର୍ଯ୍ୟରେ ପରିଣତ କରାଗଲା । ଆମ ଏଗ୍ରିମେଣ୍ଟ ବର୍ଣ୍ଣିତ କାର୍ଯ୍ୟକ୍ରମ ମଧ୍ୟରୁ ଦୁର୍ନୀତି ନିବାରଣ ଏକ ପ୍ରଧାନ ବିଷୟ ଅଟେ । ସେ ବିଷୟରେ ସଫଳତା ସମ୍ପର୍କରେ ଏହା ପରେ ପୁଙ୍ଖାନୁପୁଙ୍ଖ ରୂପେ ମୁଁ ବର୍ଣ୍ଣନା କରିଛି । ବୋଧହୁଏ କେନ୍ଦ୍ର କିମ୍ବା ରାଜ୍ୟମାନଙ୍କରେ ସେପରି ପଦକ୍ଷେପ କେହି ନେଇନାହାନ୍ତି । ଦୁଇ

Digitized by PPRACHIN, SOA

ଦଳର ମିଳିତ ମନ୍ତ୍ରୀମଣ୍ଡଳ ହୋଇଥିଲେ ସୁଦ୍ଧା ମାତ୍ର, ନିୟମ, ଆଇନ କାନୁନ ଏବଂ ସମ୍ବିଧାନସମ୍ମତ ଶାସନ ଚଳାଇବାରେ କୌଣସି ଦଳ ଖିଲାପ କରୁ ନ ଥିଲେ, ଯଦିଓ ଶେଷକୁ ଦୁର୍ନୀତି ଅଭିଯୋଗରେ ମନ୍ତ୍ରୀମଣ୍ଡଳ ଭାଙ୍ଗିବାର କାରଣ ହେଲା ।

ଏହି ମନ୍ତ୍ରୀମଣ୍ଡଳ ୩ ବର୍ଷ ୧୦ ମାସ ପର୍ଯ୍ୟନ୍ତ ତିଷ୍ଠି ରହିଲା । ୧୯୬୭ ସାଧାରଣ ନିର୍ବାଚନରେ ଭାରତରେ ବିହାର, ବଙ୍ଗଳା, ଉତ୍ତର ପ୍ରଦେଶ, ପଞ୍ଜାବ, ଓଡ଼ିଶା, କେରଳ ପ୍ରଭୃତି ବଡ଼ ବଡ଼ ୯ଟି ରାଜ୍ୟରେ କଂଗ୍ରେସର ପତନ ଘଟିଲା । ଏହି ରାଜ୍ୟମାନଙ୍କରେ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । କିନ୍ତୁ ୨ ବର୍ଷ ମଧ୍ୟରେ ଓଡ଼ିଶା ବ୍ୟତୀତ ଅନ୍ୟ ରାଜ୍ୟମାନଙ୍କରେ ମିଳିତ ମନ୍ତ୍ରୀମଣ୍ଡଳମାନେ ୨।୩ ଥର ଭାଙ୍ଗି ନୂତନ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା । କେତେକ ରାଜ୍ୟରେ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହୋଇ ପୁଣି ଥରକୁ ଥର ମିଳିତ ମନ୍ତ୍ରୀମଣ୍ଡଳ ହୋଇଥିଲା । କିନ୍ତୁ ଓଡ଼ିଶାରେ ଏହି ମନ୍ତ୍ରୀମଣ୍ଡଳ ପୂରା ୩ ବର୍ଷ ୧୦ମାସ ତିଷ୍ଠି ରହିଥିଲା । ଏହି ସମୟ ଭିତରେ ଯେତେଦୂର ସମ୍ଭବ ଦୁଇ ଦଳ ମଧ୍ୟରେ ସଦ୍ଭାବ ଥିଲା । ସାରା ଭାରତ ବର୍ଷରେ ଓଡ଼ିଶାର ମିଳିତ ମନ୍ତ୍ରୀମଣ୍ଡଳ ଆଦର୍ଶ ହୋଇଥିଲା । ରାଜନୀତିଜ୍ଞମାନେ ଆଶଙ୍କା କରୁଥିଲେ ଯେ, ଭାରତରେ ମିଳିତ ମନ୍ତ୍ରୀମଣ୍ଡଳ କ୍ଷଣସ୍ଥାୟୀ ହେବ । କିନ୍ତୁ ଓଡ଼ିଶା ମନ୍ତ୍ରୀମଣ୍ଡଳର ଦୀର୍ଘକାଳ ସ୍ଥାୟିତ୍ୱ ଯୋଗୁଁ ଆଶା ସଞ୍ଚାର ହେଉଥିଲା ଯେ, ଚେଷ୍ଟା କଲେ ଭାରତରେ କେନ୍ଦ୍ର ଏବଂ ରାଜ୍ୟମାନଙ୍କରେ ମିଳିତ ମନ୍ତ୍ରୀମଣ୍ଡଳମାନେ ପୂରା ଟର୍ମ ୫ ବର୍ଷ ରହି ପାରିବେ । ଏଥିପାଇଁ ସବୁଠି ଓଡ଼ିଶା ମନ୍ତ୍ରୀମଣ୍ଡଳ ତଥା ଜନ-କଂଗ୍ରେସ ଏବଂ ସ୍ୱତନ୍ତ୍ର ଦଳ ନେତାମାନଙ୍କର ସୁନାମ ହୋଇଥିଲା । । ଆମର ଏହି ମିଳିତ ମନ୍ତ୍ରୀମଣ୍ଡଳ ପୂରା ୫ ବର୍ଷ ତିଷ୍ଠି ରହିଥାନ୍ତା, ଯଦି ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ କେନ୍ଦୁପତ୍ର ଠିକାଦାରମାନଙ୍କୁ ବେ-ଆଇନ ଭାବେ ରିହାତି ଦେଇ ଦୁର୍ନୀତିର ଆଶ୍ରୟ ଦେଇନଥାନ୍ତେ ଏବଂ ଆମ ଜନ-କଂଗ୍ରେସର ଦଳେ ମୁଖ୍ୟ ବ୍ୟକ୍ତି ଶାସକ କଂଗ୍ରେସ (ଇନ୍ଦିରା କଂଗ୍ରେସ)ରେ ଯୋଗ ଦେବା ନିମନ୍ତେ ଦଳରେ ଅଯଥା ବିଶୃଙ୍ଖଳା ସୃଷ୍ଟି କରି ନ ଥାନ୍ତେ ।

କୌଣସି ମିଳିତ ମନ୍ତ୍ରୀମଣ୍ଡଳର ସଫଳତା ସ୍ଥୂଳତଃ ୩ଟି ମୁଖ୍ୟ ବିଷୟ ଉପରେ ନିର୍ଭର କରେ । ୧—ନିର୍ବାଚନ ମେଣ୍ଟ କିମ୍ବା ମନ୍ତ୍ରୀମଣ୍ଡଳ

Digitized by PPRACHIN, SOA

ଗଠନ ସମ୍ପର୍କୀୟ ବୁଝାମଣାର ବିଷୟ, ୨—ଦଳର ଆଭ୍ୟନ୍ତରୀଣ ଶୃଙ୍ଖଳା ଏବଂ ୩ – ଦଳର ନେତାମାନଙ୍କର ଆଚରଣ ।

ମିଳିତ ମନ୍ତ୍ରୀମଣ୍ଡଳ ଗଠନ ସମ୍ପର୍କୀୟ ବୁଝାମଣାର ବିଷୟ ସର୍ବଦା କୌଣସି ଏକ ଦଳର ମତ·କମ୍ବା ଆଦର୍ଶସମ୍ମତ ହେବା ଉଚିତ ହେବ ନାହିଁ । ତାହା ହେଲେ ଭିନ୍ନ ଭିନ୍ନ ଉଦ୍ଦେଶ୍ୟ ଏବଂ ଲକ୍ଷ୍ୟ ହାସଲ ନିମନ୍ତେ ଘୋର ଝଗଡ଼ା ଓ ମନୋମାଳିନ୍ୟ ହୋଇ ସରକାର ଭାଙ୍ଗିଯିବ । କେତେକ ନିର୍ଦ୍ଦିଷ୍ଟ ସମସ୍ୟା ସମାଧାନ ଓ ଉତ୍ତମ ଶାସନ ପରିଚାଳନା ନିମନ୍ତେ ବୁଝାମଣା ହେବା ଦରକାର । ଆମ୍ଭେ ଏ ବିଷୟ ପ୍ରତି ଅତ୍ୟନ୍ତ ଧ୍ୟାନ ଦେଇ ବୁଝାମଣା କରିଥିଲୁ । ତେଣୁ ଦଳୀୟ ମତ କାର୍ଯ୍ୟ କରିଣ ନିମନ୍ତେ ଅବକାଶ ଦେଇ ନ ଥିଲୁ । ସେଥିପାଇଁ ଝଗଡ଼ା ନିମନ୍ତେ ସୁଯୋଗ ନ ଥିଲା । ୨୧ଟି ଦଫା କାର୍ଯ୍ୟ-କାରୀ ହେଲାବେଳକୁ ଧୈର୍ଯ୍ୟର ସହିତ ଆଲୋଚନା କରି ତାହା କରିବାରୁ ମନୋମାଳିନ୍ୟ ହୋଇ ନଥିଲା ।

ଉଭୟ ଦଳରେ ଆଶାନୁରୂପ ଶୃଙ୍ଖଳା ଥିଲା । ଜନ କଙ୍ଗ୍ରେସ ଅପେକ୍ଷା ସ୍ୱତନ୍ତ୍ର ଦଳର ଶୃଙ୍ଖଳା ଅଧିକତର ଥିବାର ଜଣାଯାଉଥିଲା, ଯେହେତୁ ଉକ୍ତ ଦଳର ସଭାପତି, ଦଳପତି ଏବଂ ଶାସନର ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଥିଲେ । ଆମ ଜନ କଙ୍ଗ୍ରେସର ମଧ୍ୟ ଆଭ୍ୟନ୍ତରୀଣ ଶୃଙ୍ଖଳା ଉତ୍ତମ ଥିଲା । କିନ୍ତୁ ଯେହେତୁ ଜନ-କଙ୍ଗ୍ରେସ ଦଳ ଏକ ନେତାବହୁଳ ଦଳ ଥିଲା ତେଣୁ ଏଠାରେ ଶୃଙ୍ଖଳା ରହିବା କଷ୍ଟକର ଥିଲେ ମଧ୍ୟ ତାହା ଆଶାନୁରୂପ ରଖାଯାଇଥିଲା ।

ଉଭୟ ଦଳର ନେତାମାନଙ୍କ ମଧ୍ୟରେ ସର୍ବଦା ସୁ-ସମ୍ପର୍କ ଏବଂ ସୁସମ୍ବନ୍ଧ ଥିଲା । ସ୍ୱତନ୍ତ୍ର ଦଳର ନେତା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଧୀର, ସ୍ଥିର, ଧୈର୍ଯ୍ୟଶୀଳ ଏବଂ ବିଚାର ବୁଦ୍ଧି ସମ୍ପନ୍ନ । ଆମ ଜନକଙ୍ଗ୍ରେସର ନେତାମାନେ ଯଥା : ସର୍ବଶ୍ରୀ ହରେକୃଷ୍ଣ ମହତାବ, ସୁରେନ୍ଦ୍ର ପଟ୍ଟନାୟକ, ବନମାଳି ପଟ୍ଟନାୟକ, ଶାନ୍ତନୁ କୁମାର ଦାସ ଓ ନିତ୍ୟାନନ୍ଦ ମହାପାତ୍ର ତାଙ୍କଠାରୁ ଅଧିକତର ଅଭିଜ୍ଞ, ବିଚାରବନ୍ତ ଧୈର୍ଯ୍ୟଶୀଳ ଓ ସଂଯତ ଅଟନ୍ତି । ଦଳର ନେତା ହିସାବରେ ମୋତେ ତ ସମସ୍ତଙ୍କୁ ନେଇ ଚଳିବାକୁ ହେଉଥିଲା, ତେଣୁ ଆମ ଦଳର ସମସ୍ତ ସମାଲୋଚନାକୁ ଆଦରର ସହିତ ସହିବା ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ନେତା ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ମନୋଭାବକୁ ବୁଝିଶୁଝି ମୋତେ କାମ କରିବାକୁ ପଡୁଥିଲା । ଏଥିପାଇଁ ମୁଁ ଉଭୟ ଦଳର ସମାଲୋ-

Digitized by PPRACHIN, SOA

ଚନା ଓ ସନ୍ଦେହର ପାତ୍ର ହେଉଥିଲି । ଆମ ନିଜ ଦଳ କହୁଥାନ୍ତି ଯେ, ମୁଁ ମୁଖ୍ୟ-ମନ୍ତ୍ରୀ ଶ୍ରୀ ସିଂହଦେଓଙ୍କର ବଶବର୍ତ୍ତୀ ହୋଇଗଲି । କିନ୍ତୁ ସ୍ୱତନ୍ତ୍ର ଦଳଙ୍କ ଦୃଷ୍ଟିରେ ମୁଁ ଡ଼ଃ ମହତାବଙ୍କ ମୁଖପାତ୍ର ହୋଇ ତାଙ୍କ ଇଚ୍ଛାନୁସାରେ ଶାସନ କାର୍ଯ୍ୟ ଚଳାଇବାକୁ ମୁଖ୍ୟମନ୍ତ୍ରୀ ସିଂହଦେଓଙ୍କୁ ବାଧ୍ୟ ଓ ପ୍ରଭାବିତ କରାଉଛି । କିନ୍ତୁ ଯେ ଯାହା ଭାବନ୍ତୁ ନା କାହିଁକି ମୁଁ ୨୧ ଦଫା କାର୍ଯ୍ୟକ୍ରମକୁ ଦେଶର ନୀତି, ନିୟମ ଏବଂ ଆଇନ କାନୁନ ଅନୁସାରେ ଅଞ୍ଜାମ କରିବାକୁ ଉଭୟ ଦଳର ମନ୍ତ୍ରୀ, ନେତା ଏବଂ କର୍ମୀଙ୍କୁ କହୁଥିଲି । କିନ୍ତୁ ଦଳର ଗୃପା କିମ୍ବା ପ୍ରଭାବରେ ପଡ଼ି ସମୟେ ସମୟେ ଉଭୟ ଦଳର ନେତାମାନେ ବେ-ନୀତି କାର୍ଯ୍ୟ କରିବାକୁ ଗଲାବେଳକୁ ମୁଁ ହସ୍ତକ୍ଷେପ କରି ବନ୍ଦ କରୁଥିଲି । ତେଣୁ ବିରକ୍ତି ଓ ସମାଲୋଚନାର ପାତ୍ର ହେଉଥିଲି ।

କ୍ରମେ କ୍ରମେ ଆମ ଉଭୟ ଦଳରେ ଅଶୃଙ୍ଖଳା ପରିଲକ୍ଷିତ ହେଲା । ଆମ ଦଳର ଦଳପତି ହିସାବରେ ମୁଁ ମୁଖ୍ୟମନ୍ତ୍ରୀ ସିଂହଦେଓଙ୍କୁ ଉପଦେଶ ଦେଲି ଯେ, ଆସନ ଏବଂ ବାସନା ତୃପ୍ତି ନିମନ୍ତେ ଦଳୀୟ ଶୃଙ୍ଖଳା ଭଙ୍ଗକାରୀଙ୍କ-ଠାରେ ନତମସ୍ତକ ହେଲେ ଦଳ ଭାଙ୍ଗିବା ସଙ୍ଗେ ମିଳିତ ମନ୍ତ୍ରୀମଣ୍ଡଳ ମଧ୍ୟ ଭାଙ୍ଗିଯିବ । ମୋ କଥାରେ ସେ ରାଜି ହେଲେ । ଦୃଢ଼ତା ଅବଲମ୍ବନ କରା-ଗଲା । ଶୃଙ୍ଖଳା ଭଙ୍ଗକାରୀମାନେ ହତାଶ ହେଲେ ।

କିନ୍ତୁ ବଡ଼ ହତାଶ ଏବଂ ଦୁଃଖର କଥା ଯେ, ଧୀରେ ଧୀରେ ଇନ୍ଦିରାଙ୍କ କଂଗ୍ରେସରେ ମିଶିବା ଉଦ୍ଦେଶ୍ୟରେ ଆମ ଜନ କଂଗ୍ରେସରେ ପ୍ରକାଶ୍ୟ ଅଶୃଙ୍ଖଳା ହେବା ସଙ୍ଗେ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ତାଙ୍କ ଟେକ ଏବଂ ଦମ୍ଭ ରଖି ପାରିଲେ ନାହିଁ । କେନ୍ଦୁପତ୍ର ଠିକାଦାରମାନଙ୍କୁ ରିହାତି ଦେବା ବାହାନାରେ ଏକ ବେ-ଆଇନ ଆଦେଶ ଦେଲେ, ଯାହା ଦୁର୍ନୀତିମୂଳକ ଅଟେ । ଏକେତ ଆମ ଜନକଂଗ୍ରେସରେ ଖୋଲା ବିଶୃଙ୍ଖଳା, ତହିଁରେ ପୁଣି ମୁଖ୍ୟମନ୍ତ୍ରୀଙ୍କର ଉକ୍ତ ଦୁର୍ନୀତିମୂଳକ ଆଦେଶ । ତେଣୁ ତିନିବର୍ଷ ୧୦ ମାସ ପୂର୍ତ୍ତି ହେଲା ବେଳକୁ ସ୍ଥିର କରିନେଲୁ ଯେ ଆଉ ଏ ମିଳିତ ମନ୍ତ୍ରୀମଣ୍ଡଳ ଅଧିକ କାଳ ରଖିବା ଉଚିତ ହେବ ନାହିଁ । ଆଗ ଆମ ଜନକଂଗ୍ରେସ ଦଳ ମିଳିତ ମନ୍ତ୍ରୀ-ମଣ୍ଡଳରୁ ଓହରି ଆସିଲୁ । ତାର ୫ଦିନ ପରେ ସ୍ୱତନ୍ତ୍ର ଦଳ ମଧ୍ୟ ଇସ୍ତଫା ଦେବାକୁ ବାଧ୍ୟ ହେଲେ । ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିଲା ।

ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳର ଦୀର୍ଘକାଳ ସ୍ଥାୟିତ୍ୱ ଏବଂ ସଫଳତା ନିମନ୍ତେ ଦଳର ନେତୃବୃନ୍ଦଙ୍କର ଆଚରଣ, ସହନଶୀଳତା,

Digitized by PPRACHIN, SOA

ଉତ୍ତମ ବୁଝାମଣା ଓ ଉତ୍ତମ ସମ୍ବନ୍ଧ କାରଣ ଅଟେ । ଅତିରିକ୍ତ ଦଳୀୟ ମନୋଭାବ, ଦଳୀୟ କାର୍ଯ୍ୟକଳାପ, ସନ୍ଦେହ, ଅସହନଶୀଳତା, ଅବୁଝାମଣା, ଅସଂଯମ, ଦଳୀୟ ଅଶୃଙ୍ଖଳା ଏବଂ ସର୍ବୋପରି ଦୁର୍ନୀତି ଅଚରଣ ମିଳିତ ମନ୍ତ୍ରୀମଣ୍ଡଳ ଭଙ୍ଗର ପ୍ରଧାନ କାରଣ ହେବ । ଆମେ ଏ ବିଷୟମାନଙ୍କରେ ସାବଧାନ ଥିବା ପର୍ଯ୍ୟନ୍ତ ଆମ ମିଳିତ ମନ୍ତ୍ରୀମଣ୍ଡଳ ଚାଲିଥିଲା । ଯେତେବେଳେ ଉପର୍ଯ୍ୟୁକ୍ତ ଦୁର୍ବଳତା ଗୁଡ଼ା ଅଧିକ ଆମ ମିଳିତ ଦଳମାନଙ୍କର ନେତା ଓ କର୍ମୀମାନଙ୍କଠାରେ ପ୍ରବେଶ କଲା ସେତେବେଳେ ସରକାର ଭାଙ୍ଗିଗଲା । କିନ୍ତୁ ଯାହା ହେଉ ଦୀର୍ଘକାଳ ସ୍ଥାୟିତ୍ୱ ଓ ସୁନାମ ଦୃଷ୍ଟିରୁ ଭାରତରେ ଆମ ମିଳିତ ମନ୍ତ୍ରୀମଣ୍ଡଳ ସଫଳ ଓ ଆଦର୍ଶ ବୋଲି ଲୋକେ ଭାବୁଥିଲେ ।

Digitized by PPRACHIN, SOA

ଏ ମିଳିତ ମନ୍ତ୍ରୀମଣ୍ଡଳ ଶାସନର ଆଭିମୁଖ୍ୟ
ଏବଂ
ମୋର ଭୂମିକା

ମିଳିତ ମନ୍ତ୍ରୀମଣ୍ଡଳ ଶାସନର ଆଭିମୁଖ୍ୟ ୨୧ ଦଫା ସମ୍ବଳିତ କାର୍ଯ୍ୟକ୍ରମରୁ ଅନୁମାନ କରାଯାଇପାରିବ । ପ୍ରଥମ ୧୦ ଦଫା ଏକତ୍ର ପାଠ କଲେ ଜଣାଯିବ ଯେ, କେତେକ ବିଭାଗର ଅଫିସରଙ୍କୁ କର୍ତ୍ତବ୍ୟପରାୟଣତା ନିମନ୍ତେ ଉପଦେଶ ଓ ନିର୍ଦ୍ଦେଶ ଦେବା ସଙ୍ଗେ ସଙ୍ଗେ ଆଇନ ଅନୁମୋଦିତ ଶାସନ ଚଳାଇବା । ଶାସନ କଳରୁ ଦୁର୍ନୀତି ଦୂର କରିବା ନିମନ୍ତେ ଦୃଢ଼ ପଦକ୍ଷେପ ନେବା । ସରକାରୀ ଅର୍ଥର ଅପବ୍ୟୟକୁ ରୋକିବା ଏବଂ ପ୍ରଜାକୁଳକୁ ଟିକସ ଭାରରୁ ମୁକ୍ତ କରିବା ଉଦ୍ଦେଶ୍ୟରେ ଭୂ-ରାଜସ୍ୱ ଓ ପଞ୍ଚାୟତ ଟିକସ ସ୍ୱରୂପ କେତେକ ଟିକସକୁ ଉଠାଇ ଦେଇ ଅଣ-ଟିକସ ସୂତ୍ରରୁ ଆୟ ବଢ଼ାଇବା ଇତ୍ୟାଦି । ଗୃହୀତ ନୀତି-ନିୟମ ଏବଂ ଆଇନ-କାନୁନ ଅନୁସାରେ ଶାସନ ଚଳାଇବା । କିନ୍ତୁ ମୁଁ ଉକ୍ତ ୨୧ ଦଫା କାର୍ଯ୍ୟକ୍ରମକୁ ଏହି ମର୍ମରେ ଗ୍ରହଣ କରି ମିଳିତ ଦଳର ଆସେମ୍ବ୍ଲି ସଭ୍ୟମାନଙ୍କୁ ଏବଂ ମନ୍ତ୍ରୀମାନଙ୍କୁ ବ୍ୟାଖ୍ୟା କରି ବୁଝାଇଲି ଯେ, ଆମ ମିଳିତ ସରକାରଙ୍କ ଶାସନର ଆଭିମୁଖ୍ୟ ହେଉଛି ଯେ, ଉତ୍ତମ ଶାସନ ଜରିଆରେ ଆଦର୍ଶ ସମାଜ ଗଠନ ଦିଗରେ ଉଦ୍ୟମ କରିବା । ନୀତି-ନିୟମ, ଆଇନ-କାନୁନ ଏବଂ ସମ୍ବିଧାନ ଅନୁମୋଦିତ ଶାସନ କରି ଅନ୍ୟାୟ, ଅତ୍ୟାଚାର ଏବଂ ଶୋଷଣ ଦୂରକରିବା । ଅନ୍ୟ ଭାଷାରେ ନିର୍ମଳ, ନିରପେକ୍ଷ, ନ୍ୟାୟପୂର୍ଣ୍ଣ ଓ ଦୁର୍ନୀତିମୁକ୍ତ ଶାସନ ପ୍ରତିଷ୍ଠା କରିବା । ସେଥିପାଇଁ ଲାଞ୍ଚ-ରିସିପତ୍ ବନ୍ଦ କରିବାକୁ ହେବ । ତାହା କରିବାକୁ ହେଲେ ଶାସକ ଦଳର କର୍ତ୍ତୃପକ୍ଷ ବିଶେଷତଃ ମନ୍ତ୍ରୀମାନେ ଆଦର୍ଶ ଶାସକ ଓ ଆଦର୍ଶ ବ୍ୟକ୍ତି ହେବେ । ଉଭୟ ଦଳର ନେତା, ମନ୍ତ୍ରୀ ଓ କର୍ମୀମାନେ ନିଜେ ପ୍ରିୟା-ପ୍ରୀତି ତୋଷଣ, ଗୋଷ୍ଠୀ

Digitized by PPRACHIN, SOA

ପୋଷଣ, ଉତ୍କୋଚ ଗ୍ରହଣ ଓ ପ୍ରଭାବ ପ୍ରୟୋଗ କରି କିମ୍ବା ଜବରଦସ୍ତି ଗୃନ୍ଦା ସଂଗ୍ରହ କରିବେ ନାହିଁ । ମନ୍ତ୍ରୀମାନେ ଏହି ନୀତିକୁ ଅକ୍ଷରେ ଅକ୍ଷରେ ପାଳନ କରିବା ଉଚିତ । ଅଧିକନ୍ତୁ ନିଜ ନିଜ ବିଭାଗରେ ଏ ଦୁର୍ନୀତି କିପରି ବିଲୋପ ହେବ ସେଥିପାଇଁ ସବଦା ସଜାଗ ଓ ସଚେତ ରହି ନିଜେ ସରଳ ଏବଂ ନିଷ୍ଠାପର ଜୀବନ ବିତାଇବେ । ପୂର୍ବତନ ମନ୍ତ୍ରୀ, ସରକାରୀ ଅଫିସର, କର୍ପୋରେସନ୍ ପ୍ରଭୃତି ଅର୍ଦ୍ଧସର୍କାରୀସଂସ୍ଥା ଏବଂ ବ୍ୟବସାୟୀଙ୍କ ବିରୋଧରେ ଦୁର୍ନୀତି ନିମନ୍ତେ ତଦନ୍ତ କମିଟି ଓ କମିସନ ବସାଇବା ଅର୍ଥ ନିଜେ ଦୁର୍ନୀତି ନ କରିବା ଓ ସେଥିପ୍ରତି ଉଦାସୀନ ଏବଂ ନିଷ୍କ୍ରିୟ ନ ରହିବା ହେଉଛି ନେତା ଓ ମନ୍ତ୍ରୀମାନଙ୍କର କର୍ତ୍ତବ୍ୟ । ମୋର ଏହି ଅର୍ଥକୁ କେତେକ ଅନ୍ତରର ସହିତ ଗ୍ରହଣ କଲେ ଓ କେତେକ ଉପର ମନରେ ହଁ କଲେ । କେହି କେହି ମନେ ମନେ ରାଗିଲେ ।

ଆମ ମିଳିତ ଶାସନର ମୁଖ୍ୟାଭିମୁଖ୍ୟକୁ ଏହି ମର୍ମରେ ବୁଝି ଏବଂ ଅନ୍ୟକୁ ବୁଝାଇ ମୁଁ ନିଜେ ଦୁର୍ନୀତି-ନିବାରଣ ଓ ନୀତି-ନିୟମ ଏବଂ ଆଇନ ନିୟନ୍ତ୍ରଣ ବିଭାଗ, ଅର୍ଥାତ୍ ରାଜନୈତିକ ଓ ଶାସନ ସଂସ୍ଥା (Political and Services) ବିଭାଗ (Portfolio) ନେବାକୁ ଇଚ୍ଛା କଲି । ମୋର ଇଚ୍ଛା କରିବାର କାରଣ ହେଉଛି, ଯେହେତୁ କଂଗ୍ରେସ ନେତା ଓ ମନ୍ତ୍ରୀମାନେ ଦୁର୍ନୀତି କରି ତାହାକୁ ପ୍ରଶ୍ରୟ ଦେଲେ ଏବଂ ପ୍ରମାଣିତ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଦଣ୍ଡ ନ ଦେଇ କଂଗ୍ରେସକୁ କଳଙ୍କିତ କଲେ, ତେଣୁ ମୁଁ ଏବଂ ମୋର ସଙ୍ଗୀମାନେ କଂଗ୍ରେସକୁ ପରିତ୍ୟାଗ କରି ବର୍ତ୍ତମାନ ଉତ୍ତମ ଶାସନ ଗଢ଼ିବା ଉଦ୍ଦେଶ୍ୟରେ ଜନ-କଂଗ୍ରେସ ଗଠନ କରି ନିର୍ବାଚନରେ ବିଜୟୀ ହୋଇ ଶାସନକ୍ଷେତ୍ରକୁ ଆସିଛୁ । ସେଥିପାଇଁ ଦଳର ସଭାପତି ଓ ଦଳପତି ହିସାବରେ ମୁଁ ଏ ବିଭାଗ ନିଜେ ହାତରେ ରଖି ଶାସନରୁ କଳଙ୍କ ଦୂର କରିବାରେ ନିଜକୁ ନିୟୋଜିତ କରିବି । ମୁଁ ବିଚାରକର ହେଲି ଯେ, ସମାଜ ତଥା ଶାସନକଳର ଦୁର୍ନୀତି ଅତି ପୁରାତନ ବ୍ୟାଧି ହେଲେ ସୁଦ୍ଧା ଏ ବ୍ୟାଧିକୁ ଉପଶମ କରିବା ନିମନ୍ତେ ଆପ୍ରାଣ ଚେଷ୍ଟା କରିବି ।

Digitized by PPRACHIN, SOA

ଦୁର୍ନୀତି ନିବାରଣ

ଏଥର ମନ୍ତ୍ରୀତ୍ୱରେ ମୁଁ ରାଜନୈତିକ ଏବଂ ଶାସନ ସଂସ୍ଥା, ଶିକ୍ଷା ଏବଂ ଖଣି ବିଭାଗମାନଙ୍କର ଦାୟିତ୍ୱ ନେଲି । ରାଜନୈତିକ ଏବଂ ଶାସନ ସଂସ୍ଥା ବିଭାଗର ଦୁର୍ନୀତି ନିବାରଣ ବିଭାଗ (vigilance) ଏକ ଅଂଶ । ଲାଞ୍ଚ, ରିସିପତ୍, ଉତ୍କୋଚ ଗ୍ରହଣ, ସରକାରୀ ଠିକେଦାରର ପାଣ୍ଠି ଆତ୍ମସାତ୍ କିମ୍ବା ହରଣଚାଳ, ଛଳିତ କିମ୍ବା ଅଜ୍ଞାତସାରରେ ସରକାରୀ ଅର୍ଥ କିମ୍ବା ସମ୍ପତ୍ତିର କ୍ଷତିକରଣ, କିମ୍ବା ସ୍ୱାର୍ଥ ବର୍ଦ୍ଧନ ଓ ପ୍ରିୟ-ପ୍ରୀତି ତୋଷଣ ଉଦ୍ଦେଶ୍ୟରେ ସରକାରୀ କ୍ଷମତା ଓ ପ୍ରଭାବ ପ୍ରୟୋଗ ଇତ୍ୟାଦି ଦୁର୍ନୀତିର ପରିସରଭୁକ୍ତ ଅଟେ । ଗୋପ୍ୟ ବଜାର, ବେ-ଆଇନ କାରବାର, ଅପ-ମିଶ୍ରଣ ପ୍ରଭୃତି ମଧ୍ୟ ଦୁର୍ନୀତିର ଅନ୍ତର୍ଭୁକ୍ତ । ଏସବୁ ବନ୍ଦ କରିବାକୁ ହେବ । ଏଥିପାଇଁ ମୋର ପ୍ରଥମ କର୍ତ୍ତବ୍ୟ ହେଲା ଦୁର୍ନୀତି ନିବାରଣ ବିଭାଗକୁ ପରିବର୍ଦ୍ଧନପୂର୍ବକ ସୁ-ସଂଗଠିତ କରିବା । ତାହା କରାଗଲା । ଶ୍ରୀ ଶ୍ରୀକାନ୍ତ ଘୋଷ ନାମକ ଜଣେ ପୋଲିସ ଆଇ. ଜି. ଙ୍କୁ ଏ ବିଭାଗର କମିଶନର ଭାବେ ନିଯୁକ୍ତ କରାଗଲା । ସେ ଅଫିସର ଅତ୍ୟନ୍ତ ଉତ୍ସାହୀ, ସକ୍ରିୟ ଏବଂ ତତ୍ପର ଅଟନ୍ତି । କାଲିର କାମ ଆଜି ଶେଷ କରିବା ଏବଂ ଧରି ଆଣ ବୋଇଲେ ମାରି ଆଣିବା ତାଙ୍କର ସ୍ୱଭାବ । ନିଜ କର୍ତ୍ତୃପକ୍ଷଙ୍କୁ ସନ୍ତୁଷ୍ଟ କରିବା ପାଇଁ ସର୍ବଦା ସେ ତତ୍ପର । ତାଙ୍କ ନେତୃତ୍ୱରେ ଦୁର୍ନୀତି ନିବାରଣ ବିଭାଗ ପରିଚାଳିତ ହେଲା ।

(କ) ଦୁର୍ନୀତିର ପରିମାଣ

ପୂର୍ବତନ ସରକାରରେ ପୂର୍ବବର୍ଣ୍ଣିତ ମନ୍ତ୍ରୀସ୍ତରୀୟ ଖୋଲା ଖୋଲି ଏବଂ ଉଦାବଜା ଦୁର୍ନୀତି ଯୋଗୁଁ ଶାସନ କଳ ଅତ୍ୟନ୍ତ ଢିଲା ଏବଂ କଳଙ୍କମୟ ହୋଇଥିଲା । "ରାଜାନୁଗତ ଧର୍ମ୍ମ" ଅନୁସାରେ କେତେକ ଅଫିସର "ମନ୍ତ୍ରୀ ଅନୁଗତ ଧର୍ମ୍ମ" ଆଚରଣ କଲେ । କେତେକ

Digitized by PPRACHIN, SOA

ହାକିମ୍, ଅଫିସର ଏବଂ ଅମଲା, କଣ୍ଟ୍ରାକ୍ଟର, ପଟ୍ଟାଦାର, ଠିକାଦାର ଓ କୋଟା-ପରମିଟ-ହୋଲ୍ଡରମାନଙ୍କ ସଙ୍ଗେ ମିଶି ସରକାରୀ ଧନରେ ନିଜର ସ୍ଥାବରାସ୍ଥାବର ସମ୍ପତ୍ତି ନିର୍ବୋଧ, ନିର୍ଲଜ୍ଜ ଏବଂ ନିର୍ଭୀକ ଭାବରେ ବଢ଼ାଇବାକୁ ଲାଗିଲେ । ୧୯୭୧-୭୨ରେ ସରକାରୀ ସ୍ତରରେ ରାଜ୍ୟର ସମସ୍ତ ସରପଞ୍ଚ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଚେୟାରମ୍ୟାନ ଏବଂ ସକଳ ପ୍ରକାର ସମବାୟ ସମିତିର ସଭାପତିମାନଙ୍କର ଏକ ସମ୍ମିଳନୀରେ ତାତ୍କାଳିକ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ବୋଧନ ଦେଇ କହିଥିଲେ ଯେ, ସେମାନେ (ସରପଞ୍ଚ ପ୍ରଭୃତି)ତାଙ୍କ ନିଜ ନିଜ ସ୍ତରରେ ମୁଖ୍ୟମନ୍ତ୍ରୀ ଭାବେ କାମ କରିବେ । ଏଣେ ତ ଓଡ଼ିଶା ମୁଖ୍ୟମନ୍ତ୍ରୀ ଦୁର୍ନୀତି କଲେ, ତେଣୁ ଉପର୍ଯ୍ୟୁକ୍ତ ଅଧିକାଂଶ କ୍ଷମତା ଏବଂ ଆସନାଧିକାରୀ ମଧ୍ୟ ଦୁର୍ନୀତି କଲେ ।

ଆମ ପୂର୍ବବର୍ତ୍ତୀ ଶାସନକାଳରେ ଏହା ଏପରି ବ୍ୟାପକ ହେଲା ଯେ, କେତେକ ସ୍ଥଳେ ଗ୍ରେଟଠାରୁ ବଡ଼ ପର୍ଯ୍ୟନ୍ତ ବହୁ ବ୍ୟକ୍ତି ଦୁର୍ନୀତିରେ ଲିପ୍ତ ହେଲେ । କର୍ମଚାରୀ, କଣ୍ଟ୍ରାକ୍ଟର, ଠିକା-ପଟ୍ଟାଦାର, ସପ୍ଲାୟର୍ ପ୍ରଭୃତିଙ୍କର ଧନ ଦଉଲତ ବୃଦ୍ଧି ପାଇଲା । କେତେକ ଅଫିସର ବଡ଼ ବଡ଼ କୋଠାଘରମାନ କଲେ । କେହି କେହି କ୍ଷୁଦ୍ର-ମଧ୍ୟମ ଫାର୍ମ କଲେ । କେତେକ ବେ-ନାମୀ ସମ୍ପତ୍ତି ବଢ଼ାଇଲେ । ଏପରିକି କେତେକ କିରାଣୀ, ବିଶେଷତଃ ମନ୍ତ୍ରୀଙ୍କର ପି: ଏ: ମାନେ ମଧ୍ୟ ମାର୍ବଲ୍ ଚଟାଣ ବିଶିଷ୍ଟ, ତିନି ମହଲା କୋଠା ନିର୍ମାଣ କଲେ । ଭିଜିଲାନ୍‌ସ ବିଭାଗ ଜଣେ କିରାଣୀଙ୍କ ଘର ଖାନ୍-ତଲାସ କରି ଦେଖନ୍ତି ତ, ଉକ୍ତ ଘରଟି ୩ ମହଲାର ଏକ ବିରାଟ କୋଠା । ସେଥିରେ ଅଧଡଜନେ ବମ୍ବେ ପାଟର୍ନ ଖଟ, ଗୋଟେ ଯୋଡ଼େ ଗଡ଼ରେଜ୍ ସୋଫା ସେଟ୍, ଡଜନେ ଦୁଇଡଜନ ଗଡ଼ରେଜ ଚୌକି, ଅଧଡଜନେ ଗଡ଼ରେଜ ଲୁହା ଆଲମାରୀ, ୪/୬ଟା ଡାଇନିଂ ଟେବୁଲ୍ ଓ ଟେବୁଲ ସଂଖ୍ୟା ଅନୁପାତରେ ଡାଇନିଙ୍ଗ୍ ଚେୟାର ବା ଚୌକି, କ୍ୱାର୍ଟର୍ ଡଜନେ ହାତ ବନ୍ଧା ଘଡ଼ି, ଏହି ଅନୁପାତରେ ଦାମିକା ଶାଢ଼ୀ, ଫ୍ରକ୍, ପିଲାଙ୍କ ପାଇଁ ଖେଳନା-ଘୋଡ଼ା, ହାତୀ, ସାଇକେଲ (ଯେଉଁଥିରେ ଚଢ଼ି ଘରର ପ୍ରୋଜେକ୍ଟ ଚଟାଣ ଇତ୍ୟାଦିରେ ଛୁଆମାନେ ଖେଳୁଥିଲେ) । ଏ ତ ଗଲା ମାସିକ ୪/୫ ଶହ ଟଙ୍କା ଦରମା ପାଉଥିବା ଜଣେ କିରାଣୀଙ୍କ କଥା । ବଡ଼ ଅଫିସରମାନେ କେହି କେହି ବୃହତ୍ ବୃହତ୍ ୨/୩ ମହଲା କୋଠା ତିଆରି କରିଗଲେ । କିଏ ବ୍ୟାଙ୍କରେ ଟଙ୍କା ରଖାଇଲେ ତ, କିଏ ନିଜର କୁଟୁମ୍ବଙ୍କ ନାମରେ

Digitized by PPRACHIN, SOA

ବେନାମୀ ସମ୍ପତ୍ତି ଅର୍ଜନ କରିଗଲେ । କିଏ ବା ସୁନା କିଣି ରଖିଗଲେ । ଅନ୍ୟ କିଏ ଜମି ବାଡ଼ି ତିଆରି କରି ନେଲେ, କିମ୍ବା ସରକାରୀ କ୍ଷମତା ଦୁରୁପଯୋଗ କରି ନିଜ କୁଟୁମ୍ବର ଲୋକଙ୍କୁ ସରକାରୀ ଜମି ପଟ୍ଟା ଦେଲେ । ଜଣେ କମିସନର୍ ସ୍ତରୀୟ ଅଫିସର ନିଜ ଡିଭିଜନର ଗୋଟିଏ ଜିଲ୍ଲାରେ ନିଜର ଦୁଇ ପୁଅ, ୩ ଭଣଜା ଓ ଦୁଇ ପୁତୁରା ଏବଂ ବାପା, ମା ଓ କକାଙ୍କୁ ନେଇ ଏକ ସମବାୟ ସମିତି କରାଇ ୩୫ ଏକର ଜମି ନେଇଗଲେ । ଅବଶ୍ୟ ପରେ ଜଣାପଡ଼ିବାରୁ ସେ ଉକ୍ତ ଜମି ସରକାରଙ୍କୁ ଫେରସ୍ତ ଦେଲେ । ଏହାପରି ବର୍ଣ୍ଣନା କରିବାକୁ ଗଲେ ଏକ ଦୁର୍ନୀତି ମହାଭାରତ ହେବ । ଦୁର୍ନୀତି ବିଷୟ ମୁଁ ଏହି ପୁସ୍ତିକାରେ ପୂର୍ବରୁ ବର୍ଣ୍ଣନା କରିଛି । ଅଧିକାଂଶ ଦୋଷ ଏବଂ ଅପରାଧ ହେଉଛି ଆୟ ତୁଳନାରେ ସମ୍ପତ୍ତିର ପରିମାଣ ଅଧିକ (Disproportionate Assets) । ତେଣୁ ଭିଜିଲାନ୍ସ ଆଇନର ୫୨ ଧାରା ଅନୁସାରେ ବିଚାରଯୋଗ୍ୟ ଅପରାଧ ଅଟେ ।

(ଖ) ଦୁର୍ନୀତି ଦୂରୀକରଣ ନିମନ୍ତେ ମୋ ଉପରେ ଚାପ

ମୁଁ ଏ ବିଭାଗର ଦାୟିତ୍ୱ ନେବା ସଙ୍ଗେ ସଙ୍ଗେ ପୂର୍ବବର୍ଣ୍ଣିତ ଅନୁସାରେ ବିଭାଗକୁ ସଂଗଠିତ କରିବାକୁ ଲାଗିଲି । ସେଥିପାଇଁ କିଛି ସମୟ ଲାଗିଲା । ଏଣେ ବାଜା-ବଜା ଦୁର୍ନୀତିଗ୍ରସ୍ତ ଅଫିସର ଓ ମନ୍ତ୍ରୀମାନଙ୍କ ବିରୋଧରେ କାହିଁକି ଶୀଘ୍ର କାର୍ଯ୍ୟାନୁଷ୍ଠାନ କରାଯାଉନାହିଁ ବୋଲି ମୋ ଉପରେ ଜନତାର ଚାପ । କଂଗ୍ରେସ ବ୍ୟତୀତ ଅନ୍ୟ ରାଜନୈତିକ ଦଳ (ଆମ ମିଳିତ ମନ୍ତ୍ରୀମଣ୍ଡଳର ଦୁଇଦଳକୁ ମିଶାଇ) ମୁଁ କାହିଁକି ତତ୍‌କ୍ଷଣାତ୍ (immed-iately) ଦୁର୍ନୀତିଗ୍ରସ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରି ସେମାନଙ୍କୁ କାର୍ଯ୍ୟରୁ ସସ୍‌ପେଣ୍ଡ କରିନାହିଁ ବୋଲି କ୍ଷୁବ୍ଧ । ଏପରିକି ମୋ ଠାରୁ ବିଭାଗ ଛଡ଼ାଇ ନେଇ ମୁଖ୍ୟମନ୍ତ୍ରୀ ସିଂହଦେଓଙ୍କୁ ଦେବାକୁ ଧମକ ଦିଆଗଲା । କିନ୍ତୁ ମୁଁ କହିଲି, ମୋଦ୍ୱାରା ଯାହା ମାସକେ ହୋଇ ନ ପାରିବ ମୁଖ୍ୟମନ୍ତ୍ରୀ କିମ୍ବା ଅନ୍ୟ କାହାଦ୍ୱାରା ତାହା ବର୍ଷକେ ହୋଇପାରିବନାହିଁ । ମୁଁ ଚାହେଁ ସୁ-ଶାସନ ଓ ଉତ୍ତମ ଆଦର୍ଶ ସମାଜ । ସେଥିପାଇଁ ଦେଶର

Digitized by PPRACHIN, SOA

ପ୍ରଚଳିତ ନୀତି, ନିୟମ, ଆଇନ, କାନୁନ ଓ ସମ୍ବିଧାନ ମୁତାବକ କାର୍ଯ୍ୟ କରିବାକୁ ପଡ଼ିବ । ମୁଁ ଯଦି ଏ ସବୁର କର୍ତ୍ତା ଏବଂ ରକ୍ଷକ ହୋଇ ହର୍ତ୍ତା ଓ ଭକ୍ଷକର କାମ କରିବି ତାହା ହେଲେ ପୂର୍ବ ସରକାରଠାରୁ ଅଧିକତର କଳଙ୍କମୟ ଶାସନ ଚଳାଇବାରେ ଦାୟୀ ହେବି । ପ୍ରଚଳିତ ଆଇନ-କାନୁନ ଓ ସମ୍ବିଧାନ ସୁ-ଶାସନ ଓ ସୁ-ସମାଜ ଗଠନ ନିମନ୍ତେ ପ୍ରତିବନ୍ଧକ ହେଲେ ତାକୁ ପରିବର୍ତ୍ତିତ ଓ ସଂଶୋଧିତ କରି କାର୍ଯ୍ୟ କରିବାକୁ ହେବ । ସେ କ୍ଷମତା ତ କେନ୍ଦ୍ର ସରକାର ଏବଂ ବ୍ୟବସ୍ଥା ସଭାମାନଙ୍କ ହାତରେ; ଆମ-ଠାରେ ନାହିଁ । କିନ୍ତୁ ଆଇନ କାନୁନ ମାନୁଥିବା ପର୍ଯ୍ୟନ୍ତ କର୍ତ୍ତୃପକ୍ଷଙ୍କୁ ତଦନୁସାରେ କାର୍ଯ୍ୟ କରିବାକୁ ହେବ । ସେଥିପାଇଁ କାହାକୁ ସସ୍ପେଣ୍ଡ କରି ଚାକିରିରୁ ଅନ୍ତର କରିବା ବା କାହାର ଘର ଯଦୃଚ୍ଛା ଖାନ୍‌ତଲାସ କରି ସମ୍ପତ୍ତି ଜବତ୍ କରି ବାଜେୟାପ୍ତ କରିବା କାର୍ଯ୍ୟ ପ୍ରଚଳିତ ଆଇନ ଓ ସମ୍ବିଧାନ ଅନୁସାରେ ଅଚିରାତ୍ ହୋଇପାରୁନାହିଁ । ଗଣତନ୍ତ୍ର ସମ୍ବିଧାନ ଓ ଆଇନର ଏହା ସଦ୍‌ଗୁଣ ବା ଦୁର୍ଗୁଣ ଅଛି ।

(ଗ) ଦୁର୍ନୀତି ନିରାକରଣରେ ମୋର ଦୃଢ଼ତା

ବେ-ଆଇନ ଓ ବେ-ସାମ୍ବିଧାନିକ ହିସାବରେ ଏକଚ୍ଛତ୍ର ନୀତି ଖଟାଇ କାର୍ଯ୍ୟାନୁଷ୍ଠାନ କରିଗଲେ ଆଇନ ଅଦାଲତର ନିର୍ଦ୍ଦେଶରେ ତାହା ସ୍ଥଗିତ (Stay) ହେବ । ତଥାପି ମୁଁ ସମସ୍ତଙ୍କୁ କହିଲି ଯେ, ସେମାନଙ୍କ ଦୃଷ୍ଟିରେ ପଡ଼ିଥିବା କେତେକ କର୍ମଚାରୀ ଓ ସାଧାରଣ ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ ଯଥାସମ୍ଭବ ଶୀଘ୍ର କାର୍ଯ୍ୟାନୁଷ୍ଠାନ କରୁଛି । ସେମାନଙ୍କର ଆଶା ଆକାଙ୍‌କ୍ଷା ପୂର୍ତ୍ତି ଦିଗରେ କାର୍ଯ୍ୟାନୁଷ୍ଠାନ କରିବା ନିମନ୍ତେ ସେମାନଙ୍କର ସଦିଚ୍ଛା ଓ ଆନ୍ତରିକତାଠାରୁ ମୋର ତାହା ଊଣା ନୁହେଁ । ମୁଁ ସେମାନଙ୍କୁ ସ୍ପଷ୍ଟ କହିଦେଲି ଯେ, ଦୋଷୀକୁ ଦଣ୍ଡ ଦେଇ ସୁ-ଶାସନ ପ୍ରତିଷ୍ଠା ଦିଗରେ ମୋର ହୃଦୟର ଦୃଢ଼ତା ଏବଂ କଠିନତା ଅନ୍ୟ କାହାରଠାରେ ନାହିଁ । ଥରେ ମୁଁ ଯେଉଁ କାର୍ଯ୍ୟରେ ହାତ ଦେବି ସେଥିରୁ ପରେ କାହାରି ଅନୁନୟ ବିନୟରେ ଘୁଞ୍ଚି ଆସିବି ନାହିଁ । ମୁଁ ଜାଣେ, ଯେଉଁ ବ୍ୟକ୍ତି ଓ

Digitized by PPRACHIN, SOA

କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ରାଜମନ୍ତ୍ରୀମାନେ ଏତେ ବ୍ୟାକୁଳ ଓ ତତ୍ପର ହେଉଛନ୍ତି ଯେତେବେଳେ ସେମାନଙ୍କ ଜ୍ଞାତି-କୁଟୁମ୍ବ-ମାନେ ଉକ୍ତ ରାଜନୈତିକ ବ୍ୟକ୍ତିମାନଙ୍କୁ ଅନୁନୟ ବିନୟ କରି ଆପତ୍ତି-ପ୍ରାର୍ଥନା କରିବେ ସେତେବେଳେ ସେହି ନେତା ଓ କର୍ମୀମାନେ ସେଥିରେ ଠେଲିପିବେ । ପରେ ପୁଣି ସେହିମାନେ ମୋ ଉପରେ ଚାପ ଦେବେ ଯେ, ମୁଁ ସେମାନଙ୍କ ବିରୋଧରେ ନେଇଥିବା କାର୍ଯ୍ୟାନୁଷ୍ଠାନମାନ ବନ୍ଦ କରିଦିଏ କିମ୍ବା ଢିଲା କରିଦିଏ । ବାସ୍ତବିକ୍ ଉକ୍ତ ନେତା ଓ କର୍ମୀମାନେ ସେଇଆ କଲେ । କିନ୍ତୁ ମୁଁ କାହାରି କଥା ନ ଶୁଣି ଆଇନ ମୁତାବକ ମୋର କର୍ତ୍ତବ୍ୟ ପଥରେ ଯାତ୍ରା କଲି ।

(ଘ) ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ

ବାସ୍ତବିକ ସେଇଆ ହେଲା । ଆଇନ ଅନୁସାରେ ସବୁ ପ୍ରଣାଳୀ ଠିକ୍ କରି ୧୯୧୫ ଜଣ ବଡ଼ ବଡ଼ ଅଫିସର ଓ ୫୧୭ ଜଣ ମଧ୍ୟମ କରାଣୀ ସ୍ତରୀୟ ଅଫିସରଙ୍କ ଘର ଖାନତଲାସ କରି ସମ୍ପତ୍ତିର ତାଲିକା ଅନୁଯାୟୀ ସସ୍‌ପେଣ୍ଡ୍ କରି ଦିଆଗଲା । ପରେ ପାଞ୍ଚସାତଶହ କର୍ମଚାରୀଙ୍କ ବିରୋଧରେ ନାନା ଧରଣର ଏବଂ ନାନା ସ୍ତରର କାର୍ଯ୍ୟାନୁଷ୍ଠାନ କରାଗଲା । ଏଥିରେ ସମସ୍ତେ ମୋ ଉପରେ ଆନନ୍ଦିତ ଓ ସନ୍ତୁଷ୍ଟ ହେଲେ । ଯେଉଁମାନେ ଦୁର୍ନୀତି କରିଥାନ୍ତି ଅଥଚ ଧରାପଡ଼ି ନ ଥାନ୍ତି ସେମାନେ ଭୀତତ୍ରସ୍ତ ଓ ଆତଙ୍କିତ ଥାନ୍ତି । ପ୍ରତିଦିନ ମହାଦେବଙ୍କଠାରେ ପାଣି ଏବଂ ଫୁଲ-ବେଲପତ୍ର ଚଢ଼ାଉ-ଥାନ୍ତି ଯେ, କିପରି ଏ ସରକାର ଭାଙ୍ଗି ଦେଶରେ ରାଷ୍ଟ୍ରପତି ସରକାର ହୁଅନ୍ତା ଏବଂ ପରେ ପୁଣି ବିଜୁ ବାବୁଙ୍କ ସରକାର ହୁଅନ୍ତା । ଆଉ କେହି କେହି ଦେବାଦେବୀ ପୂଜାକରି ମୁଁ କିପରି ମରନ୍ତି ସେଥିପାଇଁ ପଶୁବଳି ଦେବାରେ ଖର୍ଚ୍ଚାନ୍ତ ହେବାର ରିପୋର୍ଟ ମୁଁ ପାଇଥିଲି । ଆଉ ମଧ୍ୟ କେହି କେହି ମୋତେ ପାଙ୍ଗି (କମିଆ କରି) ମାରି ଦେବାକୁ କିମ୍ବା ହତ୍ୟା କରିବାକୁ ଚେଷ୍ଟା କରିବାର ଖବର ମୋର କାନକୁ ଆସିଥିଲା ।

Digitized by PPRACHIN, SOA

(ଙ) କାର୍ଯ୍ୟାନୁଷ୍ଠାନରେ ପ୍ରତିବନ୍ଧକ ଓ ପ୍ରତିକ୍ରିୟା

ପୂର୍ବୋକ୍ତ ଅନୁସାରେ ବଡ଼ ଅଫିସରଙ୍କ ମଧ୍ୟରୁ ୪୫ ଜଣ ଅତ୍ୟନ୍ତ ପ୍ରଭାବଶାଳୀ ଓ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସମ୍ପର୍କୀୟ ବ୍ୟକ୍ତି ଥିଲେ । ସେମାନଙ୍କ ମଧ୍ୟରୁ କେତେକ ମୋର ଅତି ପରିଚିତ ବ୍ୟକ୍ତି ଅଟନ୍ତି । କେହି ମୋର ଗୁରୁପୁତ୍ର ଥାନ୍ତି ତ ଅନ୍ୟ କେହି ମୋ ନେତାଙ୍କ ଘନିଷ୍ଠ ଏବଂ ନିକଟସମ୍ପର୍କୀୟ ଲୋକ ଅଟନ୍ତି । କାହା କାହାକୁ ମୁଁ ନିଜେ ଖୋଜି ମୋ ବିଭାଗରେ ନିଯୁକ୍ତି ଦେଇଥିଲି । ଧରା ପଡ଼ି ସସ୍‌ପେଣ୍ଡ ହୋଇଗଲା ପରେ ଚତୁର୍ଦ୍ଦିଗରେ ମିଶ୍ରିତ ପ୍ରତିକ୍ରିୟା ସୃଷ୍ଟି ହେଲା । ସମ୍ପୃକ୍ତ କର୍ମଚାରୀଙ୍କ ଆତ୍ମୀୟସ୍ୱଜନ ଓ ବନ୍ଧୁ ବାନ୍ଧବମାନେ ଆମ ମିଳିତ ଶାସକ ଗୋଷ୍ଠୀର ମୁଖ୍ୟ ବ୍ୟକ୍ତି, ମନ୍ତ୍ରୀ ଓ ଅନ୍ୟାନ୍ୟ ଦଳର ତୁଙ୍ଗ ନେତାଙ୍କୁ ଯାଇ ନାନା ଆବେଦନ, ନିବେଦନ ଏବଂ ପ୍ରାର୍ଥନା କରି ପ୍ରବର୍ତ୍ତାଇଲେ ଯେ ଭିଜିଲାନ୍‌ସ୍ କର୍ମଚାରୀମାନେ ମନ୍ତ୍ରୀ ଓ ରାଜନୈତିକ ନେତାଙ୍କୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ କେତେକ କର୍ମଚାରୀଙ୍କୁ ମିଥ୍ୟା ଅଭିଯୋଗରେ ଗିରଫ୍ତାର କରି ସସ୍‌ପେଣ୍ଡ କରିଛନ୍ତି । ଅଭିଯୁକ୍ତ ବ୍ୟକ୍ତି-ମାନଙ୍କ ସ୍ତ୍ରୀ, ଛୁଆ-ପିଲା ଏବଂ ଭାଇ ବନ୍ଧୁ ଘର ଘର ବୁଲି ନେତାମାନଙ୍କ ହୃଦୟ ଦୟାରେ ବିଗଳିତ କରାଇବାକୁ ଲାଗିଲେ । ବଡ଼ ଆଶ୍ଚର୍ଯ୍ୟର କଥା, ଯେଉଁ ଯେଉଁ ମନ୍ତ୍ରୀ ଏବଂ ନେତାମାନେ ଓ ଅନ୍ୟାନ୍ୟ ଦଳର ରାଜନୈତିକ ମୁଖ୍ୟବ୍ୟକ୍ତି ଓ ଏମ୍. ଏଲ୍. ଏ.ମାନେ ମୁଁ କାହିଁକି ତତ୍‌କ୍ଷଣାତ୍ (immediately) କଡ଼ା ନୀତି ଅବଲମ୍ବନ କରି ଉକ୍ତ ଅଫିସର ଓ ବ୍ୟକ୍ତି-ମାନଙ୍କୁ ଗିରଫ୍ତାର କରାଇ ସସ୍‌ପେଣ୍ଡ କରି କାର୍ଯ୍ୟରୁ ଅନ୍ତର ନ କରୁଛି ବୋଲି ମୋ ଉପରେ ବହୁ ପରିମାଣରେ ବିରକ୍ତ ଓ ଅସନ୍ତୁଷ୍ଟ ହୋଇ ମୋଠାରୁ ବିଭାଗ ଛଡ଼ାଇ ନେବାକୁ ବସୁଥିଲେ, ବର୍ତ୍ତମାନ ମୁଁ ଯଥାଶୀଘ୍ର ଆଇନ ଅନୁମୋଦିତ ପ୍ରଣାଳୀରେ ଉକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରାଇ ସସ୍‌ପେଣ୍ଡ କଲା ପରେ ସେମାନେ (ନେତା ଓ ମନ୍ତ୍ରୀମାନେ) ପୁଣି ମୋ ଉପରେ ଚାପ ଏବଂ ପ୍ରଭାବ ପକାଇଲେ ଯେ, ମୁଁ ଉକ୍ତ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ କରେ କିମ୍ବା ତଦନ୍ତରେ ଏପରି ଢିଲା କାରବାର କରାଏଁ, ଯେପରି ପ୍ରଥମରୁ ମକଦ୍ଦମା ରୁଜୁ ହେବ ନାହିଁ । ସେତିକି

ନୁହେଁ, ସେମାନେ ପ୍ରଚାର କରିବାରେ ଲାଗିଲେ ଯେ ମୁଁ ଭିଜିଲାନ୍ସ କମିସନରଙ୍କଦ୍ୱାରା ପରିଚାଳିତ ହୋଇ ଅତି କଠୋର ଭାବେ କାର୍ଯ୍ୟାନୁଷ୍ଠାନ କରୁଅଛି । ମୁଁ ଦେଖିଲି, ଯେଉଁ ଅଭିଯୁକ୍ତ ଅଫିସରଟି ଯେଉଁ ସମ୍ପ୍ରଦାୟ ବା ଜାତିର (caste) ଲୋକ ଅଟନ୍ତି ସେହି ଜାତିର ଲୋକେ ଏକଯୁଟ ହୋଇ ମୋ ଉପରେ ଚାପ ପକାଇ କୁତ୍ସା ରଟନା କରିବାରେ ବ୍ୟସ୍ତ । ମକଦ୍ଦମା ରହିତ କିମ୍ବା ଉଠାଇ ଆଣିବା ନିମନ୍ତେ ସବୁ ଦଳର ନେତାମାନେ ବ୍ୟଗ୍ର ଏବଂ ବ୍ୟଥିତ ହେଲେ । ମୋତେ ନିନ୍ଦା କରିବାକୁ ଲାଗିଲେ ଏବଂ କହିଲେ ଯେ, ମୁଁ ଅତ୍ୟନ୍ତ ନିଷ୍ଠୁର ଏବଂ ଗୁରୁପନ୍ଥୀ, ପଡ଼ାସାଥୀ ଏବଂ ଯାହାକୁ ନିଜେ ଚାକିରି ଦେବାରେ ଦାୟୀ ସେପରି ବ୍ୟକ୍ତିଙ୍କୁ ଅତ୍ୟନ୍ତ ନିର୍ଦ୍ଦୟ ଭାବେ ଦଣ୍ଡ ବିଧାନ କରାଇବାକୁ ଯାଉଛି । ମୋଠାରେ ମାନବିକତା କିମ୍ବା ସାମାଜିକତା ନାହିଁ ବୋଲି ପ୍ରଚାର କରିବାକୁ ଲାଗିଲେ । ସେମାନଙ୍କର ଏ ପ୍ରକାର, ଚାପ, ପ୍ରଭାବ ଏବଂ କଟୁ ସମାଲୋଚନାକୁ ଏଡ଼ି ମୁଁ ନିମ୍ନମତେ ଉତ୍ତର ଦେଉଥାଏ ।

(ଚ) ଶାସ୍ତି ବିଧାନରେ ଦୃଢ଼ତା

ମୁଁ ସେମାନଙ୍କୁ ସ୍ମରଣ କରାଇ ଦେଉଥିଲି ଯେ, ସମ୍ବିଧାନ ଏବଂ ଆଇନକୁ ନ ମାନି ଉକ୍ତ ଅଫିସରଙ୍କ ବିରୋଧରେ ମୁଁ କାହିଁକି ଆଶୁ କାର୍ଯ୍ୟାନୁଷ୍ଠାନ କରି ସେମାନଙ୍କୁ ଗିରଫ୍ତାର, ସସ୍‌ପେଣ୍ଡ୍ ଏବଂ ପରେ କାର୍ଯ୍ୟରୁ ଅନ୍ତର ନ କରୁଛି ବୋଲି ମୋ ଦଳ ସହିତ ସବୁ ଦଳର ନେତା, ଏମ୍. ଏଲ ଏ. ଏବଂ ସହକର୍ମୀମାନେ ମୋଠାରୁ ବିଭାଗ ଛଡ଼ାଇ ନେବାକୁ ଧମକି ଦେଇ ମୋତେ ଦୁର୍ବଳ ବୋଲି ଭାବି କୁତ୍ସା ରଟନା କରୁଥିଲେ । ମୁଁ ସେତେବେଳେ କହିଥିଲି ଯେ, ସେମାନେ ମୋତେ ଉତ୍ତମ ରୂପେ ଚିହ୍ନି ନାହାନ୍ତି । ମୁଁ ଆଇନ କାନୁନ ଅନୁସାରେ କାମ କରିବି । ଥରେ ଯାହା କରିବି ତାହାର ଶେଷ ପରିଣତି ପର୍ଯ୍ୟନ୍ତ ଯିବି । ମଝିରେ କାହାରି ଧମକ କିମ୍ବା ପ୍ରଲୋଭନ କିମ୍ବା ମାୟା ମମତାରେ ପଶ୍ଚାତ୍‌ପଦ ହେବି ନାହିଁ । ତେଣୁ ଆଜି ସେମାନେ କାହିଁକି ମୋତେ ପ୍ରବର୍ତ୍ତାଉଛନ୍ତି ଯେ ମୁଁ ମକଦ୍ଦମା ନ କରିବାକୁ ଆଦେଶ ଦେବି । ମୁଁ କାହାରି କଥା ନ ଶୁଣି କହୁ-

Digitized by PPRACHIN, SOA

ଥାଏ, "Law should take its own course." (ଆଇନ ତା ନିଜ ବାଟରେ ଯିବ ।) ମକଦ୍ଦମା ନ କରିବା କିମ୍ବା ତଦନ୍ତରେ ଗଳିତ କରାଇବା ପାଇଁ ଯେତେବେଳେ କେହି ମୋତେ ଅନ୍ତରଙ୍ଗ ଗୁପ୍ତ ଦିଅନ୍ତି ସେତେବେଳେ ମୁଁ ରବି ଠାକୁରଙ୍କର ଗୋଟିଏ ନୀତିବାକ୍ୟ ଜନ୍ହି ବ୍ୟଙ୍ଗ କରେ : "ଭାବିତେ ଉଚିତ ଛିଲ ପ୍ରତିଜ୍ଞା ଯଖନ ।" ଏଥିରେ ସେମାନେ ନୀରବ ରହନ୍ତି ।

ମୋତେ ନିଷ୍ଠୁର ଏବଂ ଏକଜିଦିଆ ବୋଲି ଯେଉଁ ନେତାମାନେ କହନ୍ତି ମୁଁ ସେମାନଙ୍କୁ ନିମ୍ନମତେ ଉତ୍ତର ଦିଏ ।

ମୁଁ କହେ ମୁଁ ନିଷ୍ଠୁର କିମ୍ବା ନିର୍ଦ୍ଦୟ ନୁହେ । ମୁଁ କିନ୍ତୁ ନୀତିବାନ୍ ଓ କର୍ତ୍ତବ୍ୟପରାୟଣ ଅଟେ । ମନୁଷ୍ୟ ହିସାବରେ ମୋ ହୃଦୟ "ଲହୁଣି-ଠାରୁ ନରମ", କିନ୍ତୁ ଶାସକ ହିସାବରେ, ବିଶେଷତଃ ସମାଜ ଏବଂ ଶାସନରୁ ଦୁର୍ନୀତି ଦୂର କରିବାରେ ମୋ ହୃଦୟ "ବଜ୍ରଠାରୁ କଠିନ" । ମୋ ମତରେ କଠୋର କର୍ତ୍ତବ୍ୟ ନିକଟରେ ପିତା, ମାତା, ଭ୍ରାତା, ଭଗିନୀ, ବନ୍ଧୁ, ସାଥୀ, ସହୋଦର କାହାରି ସ୍ଥାନ ନାହିଁ ; ସ୍ଥାନ ଅଛି କେବଳ ସାମାଜିକ ନ୍ୟାୟ-ବିଚାରର ଏବଂ ଶାସ୍ତ୍ରୀୟ ଓ ସାଂବିଧାନିକ କର୍ତ୍ତବ୍ୟ ପାଳନର । ଏ ପ୍ରକାର କର୍ତ୍ତବ୍ୟ ପାଳନରେ ନିଜର ବା ନିଜର ପିତା-ମାତା, ପୁତ୍ର-କନ୍ୟା କିମ୍ବା ଭାଇ-ବନ୍ଧୁଙ୍କର କ୍ଷତି ଓ ନିନ୍ଦା ଅପମାନ ହେଲେ ମଧ୍ୟ ସେଥିରୁ ବିରତ ହେବି ନାହିଁ ।

ବାସ୍ତବିକ ମନ୍ତ୍ରୀ ହିସାବରେ ଦୁର୍ନୀତି ଦୂରୀକରଣାର୍ଥେ ମୁଁ ମୋର ଭାଇ, ବନ୍ଧୁ, ସାଙ୍ଗ, ସାଥୀ, ଗୁରୁପୁତ୍ର, ନେତାଙ୍କ ଜାମାତା ଏବଂ ନିଜେ ଖୋଜି କରି ଚାକିରିରେ ନିଯୁକ୍ତ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡ ଦିଆଇବାରେ କାରଣ ହୋଇଛି । ଦଳର ସହକର୍ମୀ, ନେତା ଏବଂ ରାଜନୈତିକ ବନ୍ଧୁମାନଙ୍କ (ଅନ୍ୟ ଦଳରେ ଥିବା) କଥା, ଆଲୋଚନା, ସମାଲୋଚନା ଧୈର୍ଯ୍ୟର ସହିତ ଶୁଣିଛି, କିନ୍ତୁ ନମ୍ରତାର ସହିତ କହିଛି ଯେ, ମୁଁ ନରମ ବା ଢିଲା ହୋଇ ପାରିବି ନାହିଁ । ସେପରି ହେଲେ ମୁଁ ମୋର କର୍ତ୍ତବ୍ୟ ପାଳନରେ ତ୍ରୁଟି କରିବି । ଆପଣମାନଙ୍କ ପ୍ରଭାବରେ କିମ୍ବା ମମତାରେ ପଡ଼ି କର୍ତ୍ତବ୍ୟ ପାଳନରୁ ବିରତ ହେଲେ କିମ୍ବା ସେଥିରେ ଢିଲାପଣ ଦେଖାଇଲେ ଆପଣ-ମାନଙ୍କଠାରୁ କ୍ଷଣିକ ପ୍ରୀତି, ସୌହାର୍ଦ୍ଦ୍ୟ କିମ୍ବା ଧନ୍ୟବାଦ ସିନା ପାଇବି,

Digitized by PPRACHIN, SOA

କିନ୍ତୁ ଅନ୍ତର୍ଯାମୀ ଭଗବାନଙ୍କଠାରୁ ସମୁଚିତ ଶାସ୍ତି ଭୋଗ କରି ମୃତ୍ୟୁ ପରେ ନରକଗାମୀ ହେବ ।

ଉପର୍ଯ୍ୟୁକ୍ତ ଭାବନାରେ ଅନୁପ୍ରାଣିତ ହୋଇ ପ୍ରଥମେ ମନ୍ତ୍ରୀ ସ୍ତରୀୟ ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପଦକ୍ଷେପ ନିଆଗଲା । ପୂର୍ବ-ତନ ମନ୍ତ୍ରୀମଣ୍ଡଳର ସର୍ବଶ୍ରୀ ବିଜୁ-ବୀରେନ-ନୀଳମଣି-ସଦାଶିବ ପ୍ରଭୃତି ୧୨ ଜଣ ମନ୍ତ୍ରୀ ଉପମନ୍ତ୍ରୀଙ୍କ ବିରୋଧରେ କମିସନ ବସାଗଲା । ଦିଲ୍ଲୀ ହାଇକୋର୍ଟର ବିଚାରପତି ଶ୍ରୀଯୁକ୍ତ ଖାନ୍ନା କମିସନ ଭାବେ ନିଯୁକ୍ତ ହେଲେ । ଏ ବିଷୟ ପରେ ଏକ ସ୍ୱତନ୍ତ୍ର ପରିଚ୍ଛେଦ (ଅଧ୍ୟାୟ) ଭାବେ ବର୍ଣ୍ଣିତ ହୋଇଛି । କଂଗ୍ରେସ ଦଳ ଆସେମ୍ବ୍ଲିରେ ବିରୋଧୀ-ଦଳ ଭାବେ ଥାଇ ଆମ୍ଭମାନଙ୍କ ବିରୋଧରେ ଅଭିଯୋଗ ଆଣିବାରୁ ଆମ ସରକାର ତରଫରୁ ଆମେ ନିଜ ବିରୋଧରେ ମଧ୍ୟ ତଦନ୍ତ କମିସନ ବସାଇଲୁ । ଦିଲ୍ଲୀ ହାଇକୋର୍ଟର ଅବସରପ୍ରାପ୍ତ ଜଜ୍ ଶ୍ରୀଯୁକ୍ତ ମୁଧଲକର ଏଥିରେ କମିଶନ ନିଯୁକ୍ତ ହୋଇଥିଲେ ।

କେବଳ ଫାଇଲ୍ ଧରିଲେ ଦୁର୍ନୀତି ବନ୍ଦ ହେବନାହିଁ

ମୁଁ ଦେଖିଲି ଭୁବନେଶ୍ୱରରେ ଥାଇ ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଧରି ଦଣ୍ଡ ଦିଆଇଲେ ଦୁର୍ନୀତି ଦମନ ଏବଂ ନିବାରଣ ରାଜ୍ୟ ମଧ୍ୟରେ ପୂରା-ପୂରି ପ୍ରଚାର ହୋଇପାରୁନାହିଁ । ସବୁ ଅପରାଧ ତ ଖବର କାଗଜ କିମ୍ବା ରେଡ଼ିଓରେ ପ୍ରକାଶିତ ହୁଏ ନାହିଁ । ଅଧିକନ୍ତୁ ଦୁର୍ନୀତି ନିବାରଣ ବିଭାଗର ନୀତି ଅନୁସାରେ କର୍ମଚାରୀଙ୍କୁ ଦଣ୍ଡ ନ ମିଳିବା ପର୍ଯ୍ୟନ୍ତ ମକଦ୍ଦମା ଚାଲୁଥିବା ବା ରୁଜୁ ଅବସ୍ଥାରେ ପତ୍ର ପତ୍ରିକାରେ ପ୍ରଚାରିତ ହୁଏ ନାହିଁ । ଯାହା ବା ପ୍ରଚାରିତ ହୁଏ ସମସ୍ତେ ଜାଣି ପାରନ୍ତି ନାହିଁ ; ଯେହେତୁ ସମସ୍ତେ ଖବର କାଗଜ ପଢ଼ନ୍ତି ନାହିଁ । ତେଣୁ ମୁଁ ଇଚ୍ଛା କଲି ଦୋଷ ଏବଂ ଅଭିଯୋଗ ବିରୋ-ଧରେ ଆମ ସରକାରଙ୍କର ବ୍ୟାପକ କାର୍ଯ୍ୟାନୁଷ୍ଠାନ, ବିଶେଷତଃ ବ୍ୟବସାୟୀ ଗୋଷ୍ଠୀ ଏବଂ କର୍ମଚାରୀବୃନ୍ଦ ନ ଜାଣିଲେ ଆମ କାର୍ଯ୍ୟର ବ୍ୟାପକ ସଫଳତା ହେବ ନାହିଁ ।

Digitized by PPRACHIN, SOA

ଆଉ ମଧ୍ୟ ବିଚାରି କଲି ଯେ, କେବଳ ଧର-ପଗଡ଼, ଖାନ୍-ତଲାସ, ଗିରଫ୍ତାରି, ସସ୍‌ପେନ୍‌ସନ୍, ମକଦ୍ଦମା ପରିଚାଳନା, କେସ-ତଦନ୍ତ ଓ ଦଣ୍ଡ-ବିଧାନ ଦୁର୍ନୀତିର ମୂଳଭିତ୍ତିକୁ ଉତ୍ପାଟନ କରିପାରିବନାହିଁ । ମନୁଷ୍ୟ ଦୋଷ କରେ ପ୍ରବୃତ୍ତିବିଶତଃ । ପ୍ରବୃତ୍ତି ନ ଥିଲେ ମଧ୍ୟ ସମାଜରେ ଯଦି କେତେକ ଲୋକ ଅସତ୍ ଉପାୟରେ ଅନାୟାସରେ ଧନବାନ ଓ ସୁଖୀ ହୋଇଯାଉଛନ୍ତି ଏବଂ ସେଥିପାଇଁ ସମାଜ କିମ୍ବା ସରକାର ସ୍ତରରେ ନିନ୍ଦା ଅପମାନ କିମ୍ବା ଦଣ୍ଡ-ବିଧାନ ହେଉନାହିଁ ତେବେ ଅନ୍ୟ ଲୋକେ ଉକ୍ତ ଉପାୟରେ କାହିଁକି ଧନ ଦଉଲତ ରୋଜଗାର କରି ସୁଖୀ ନ ହେବେ ? ମନୁଷ୍ୟ ସ୍ୱାର୍ଥପର ସ୍ୱଭାବରେ ଜନ୍ମ ହୋଇଛି । ସାମାଜିକ ଏବଂ ଶାସନ-ତାନ୍ତ୍ରିକ କଟକଣା ଅଛି ବୋଲି ସେ ସମାଜରେ ଏବଂ ସରକାରରେ ଥାଇ ସମାଜ-ବିରୋଧୀ କାର୍ଯ୍ୟ କରିବାକୁ ପ୍ରବୃତ୍ତ ହୁଏ ନାହିଁ । ସମାଜ ମଧ୍ୟ ଏପରି ହୋଇଯାଇଛି ଯେ ଦୋଷୀକୁ ଧରାଇ ଦଣ୍ଡ ଦିଆଯିବା ପର୍ଯ୍ୟନ୍ତ ଯେଉଁ ଧୈର୍ଯ୍ୟ ଏବଂ ତ୍ୟାଗ ଦରକାର ତାହା ଧରି ଏବଂ କରି ପାରୁ ନାହିଁ । କିନ୍ତୁ ଯେହେତୁ ମନୁଷ୍ୟ ସାମାଜିକ ବ୍ୟକ୍ତି ତେଣୁ ତାର ସାମାଜିକ ଶୃଙ୍ଖଳା, ନିନ୍ଦା, ଅପମାନ, ମାନ, ସମ୍ମାନ ପ୍ରତି ଖାତିର ସଜାଗ ରହିଥିବ ଯଦି ସବୁବେଳେ କେହି ଏ ବିଷୟରେ ତାକୁ ଚେତାଇ ଦେଉଥିବ । ମାନବ ସମାଜରେ ଚାକିରିଆ ଶ୍ରେଣୀ ଅନ୍ୟମାନଙ୍କ ଅପେକ୍ଷା ଅଧିକତର ଶିକ୍ଷିତ, ବୁଦ୍ଧିମାନ, ଶୃଙ୍ଖଳିତ ଏବଂ ଦାୟିତ୍ୱସମ୍ପନ୍ନ ଅଟନ୍ତି । କର୍ତ୍ତବ୍ୟ ପାଳନ ନ କଲେ କିମ୍ବା ବେ-ଆଇନ ଏବଂ ବେ-ସାମାଜିକ କାର୍ଯ୍ୟ କଲେ ନିନ୍ଦିତ ହେବା ସଙ୍ଗେ ସଙ୍ଗେ ତାର ଘର ଦ୍ୱାରର ରୋଜଗାର ପନ୍ଥା ବା ସୂତ୍ର ବନ୍ଦ ହୋଇଯିବ, ଅର୍ଥାତ୍ ଚାକିରି ଚାଲିଯିବ । ଏହି ଭୟରେ କର୍ମଚାରୀଙ୍କୁ ଯଦି ତାର କର୍ତ୍ତବ୍ୟ ଏବଂ ସାମାଜିକ ଦାୟିତ୍ୱ ଓ ସାଧୁତା ବିଷୟରେ ସାମୟିକ ସାବଧାନ କରି ଦେଉଥିବ ଏବଂ ବ୍ୟବସାୟୀ ଓ କାରବାରି ଗୋଷ୍ଠୀଙ୍କୁ ତାଙ୍କ ମନ୍ଦ କାର୍ଯ୍ୟ ଏବଂ ବେ-ସାମାଜିକ ପ୍ରକ୍ରିୟାର ପରିଣତି ଶୁଣାଇ ଦେଉଥିବ ତେବେ ଦୁର୍ନୀତି କରିବାର ପ୍ରବୃତ୍ତି ବହୁଳ ପରିମାଣରେ ଦମିତ ହେବ । ଏତଦ୍-ବ୍ୟତୀତ ରାଜନୈତିକ ବ୍ୟକ୍ତି ଏବଂ ଗୋଷ୍ଠୀ ଓ ଦଳମାନଙ୍କର, ବିଶେଷତଃ କ୍ଷମତାରେ ଥିବା ଦଳର ମୁଖ୍ୟ କର୍ମ-କର୍ତ୍ତାମାନଙ୍କର ଦୁର୍ନୀତି କରିବାର ପ୍ରବୃତ୍ତି ଏବଂ ଏହା ନିବାରଣ କରିବା ବିଷୟରେ ଖୋଲା ଖୋଲି ଆଲୋଚନା ନ କଲେ ଏମାନଙ୍କର କାର୍ଯ୍ୟ ଏବଂ ଅକାର୍ଯ୍ୟ ଯୋଗୁଁ ଦୁର୍ନୀତି ବ୍ୟାପି ଯିବାର

Digitized by PPRACHIN, SOA

ଯଥେଷ୍ଟ ସମ୍ଭାବନା । ଏହି ଭାବନାରେ ପରିଚାଳିତ ହୋଇ ମୁଁ ଭାବିଲି ଯେ, ହେଡକ୍ୱାର୍ଟରରେ ଥାଇ ଦୁର୍ନୀତି-ଗ୍ରସ୍ତ ବ୍ୟକ୍ତିଙ୍କୁ ଧରି ଦଣ୍ଡ ଦେବା ସଙ୍ଗେ ସଙ୍ଗେ ଏହା କରିବାର ମୂଳ ପ୍ରବୃତ୍ତିକୁ ଆୟତ୍ତ କରାଇବା ଦରକାର । ସଭା ସମିତିଦ୍ୱାରା ମନୁଷ୍ୟର, ବିଶେଷତଃ ରାଜନୈତିକ ବ୍ୟକ୍ତି ଓ ଦଳ, ବ୍ୟବସାୟୀ-ଗୋଷ୍ଠୀ ଏବଂ କର୍ମଚାରୀ ଶ୍ରେଣୀଙ୍କର ସାମାଜିକ କର୍ତ୍ତବ୍ୟ ପାଳନ ଏବଂ ତାର ଖିଲାପ କଲେ ସାମାଜିକ, ଶାସନତାନ୍ତ୍ରିକ ଏବଂ ଦୈହିକ-ଦଣ୍ଡର ବିଧାନ ହୃଦୟଙ୍ଗମଦ୍ୱାରା ହିଁ ତାହା (ଉକ୍ତ ଦୁର୍ନୀତି-ପ୍ରବୃତ୍ତି) ଅନେକ ପରି-ମାଣରେ ଦମିତ ହୋଇ ପାରିବ । ମୋର ଏହା ଧାରଣା । ଲୋକ ଦୋଷ କରୁଛି । କିନ୍ତୁ ସେ ଯେ ଦୋଷ କରୁଛି ସେଥିପାଇଁ କେହି କର୍ତ୍ତୃପକ୍ଷ ତାକୁ କହୁନାହାଁନ୍ତି, ଦୋଷ ନ କରିବାକୁ ଉପଦେଶ ଦେଉନାହାଁନ୍ତି । କିଏ ବା ଉପଦେଶ ଦେବ ? ଯେ ଦିଅନ୍ତା ସେ ତ ନିଜେ ବଡ଼ ଦୋଷୀ । ମନ୍ତ୍ରୀ ଏବଂ ରାଜନୈତିକ ନେତା, ଦଳପତି, ସମାଜପତି ଏବଂ କୁଳପତି ଦିଅନ୍ତେ । କିନ୍ତୁ ସେମାନେ ଉପଦେଶ ଦେବାକୁ ଗଲାବେଳକୁ ଭୟ ଲାଗିବ ଯେ, ସେ ଉପଦେଶ ଦେଉ ଦେଉ କାଳେ ତାର ଦୋଷ ଦୁର୍ବଳତା ସମ୍ପର୍କରେ ସଭାରେ ପ୍ରଶ୍ନ ହେବ ! ମୁଁ ଭାବିଲି ଯେ ମୁଁ ତ ଏତେ ବର୍ଷ ପର୍ଯ୍ୟନ୍ତ ରାଜ-ନୀତିର ଶୀର୍ଷ ସ୍ଥାନରେ ରହି ଜ୍ଞାତସାରରେ କୌଣସି ଗର୍ହିତ ଦୋଷ ବା ଅପରାଧ କରିନାହିଁ । ଯେହେତୁ ଦୁର୍ନୀତି ନିବାରଣ ବିଭାଗର ମନ୍ତ୍ରୀ ହୋଇଛି ଏବଂ ଏହା ଦୂର କରିବା ନିମନ୍ତେ ଆଗ୍ରହୀ ଓ ଉତ୍ସାହୀ, ତେଣୁ ଦୁର୍ନୀତି ଦୂରୀକରଣ ନିମନ୍ତେ ରାଜନୈତିକ ବ୍ୟକ୍ତି, ବ୍ୟବସାୟୀ ଗୋଷ୍ଠୀ ଓ କର୍ମଚାରୀ ଶ୍ରେଣୀଙ୍କର ସକ୍ରିୟ ସାହାଯ୍ୟ ଓ ସମର୍ଥନ ପ୍ରାପ୍ତି ସଙ୍ଗେ ସଙ୍ଗେ ସେମାନଙ୍କର ମନ ପରିବର୍ତ୍ତନ କରାଇବାରେ ଚେଷ୍ଟା କରିବ । ଏହା କେବଳ ସଭା-ସମିତି, ପାଠଚକ୍ର, ବୈଠକ-ଆଲୋଚନା, ହାଓ୍ୱା ଓ ପରିସ୍ଥିତି ସୃଷ୍ଟି-ଦ୍ୱାରା ହୋଇ ପାରିବ ବୋଲି ମୋର ଦୃଢ଼ ବିଶ୍ୱାସ ଏବଂ ଧାରଣା ଥିଲା ଏବଂ ଆଜି ମଧ୍ୟ ଅଛି ।

ତେଣୁ ସ୍ଥିର କଲି ଯେ, ମୁଁ ନିଜେ ବିଭାଗୀୟ ମନ୍ତ୍ରୀ ହିସାବରେ ସଭା-ସମିତିରେ ଭାଷଣ ଦେଇ ସର୍ବସାଧାରଣ, ବିଶେଷତଃ ରାଜନୈତିକ ବ୍ୟକ୍ତି, ବ୍ୟବସାୟୀ-ଗୋଷ୍ଠୀ ଏବଂ କର୍ମଚାରୀବୃନ୍ଦଙ୍କୁ ମୋର ଦୁର୍ନୀତି ଦୂରୀ-କରଣ କାର୍ଯ୍ୟରେ ସର୍ବତୋଭାବେ ସାହାଯ୍ୟ ଏବଂ ସମର୍ଥନ କରିବାକୁ ଅନୁରୋଧ କରିବ । ଏଥିପାଇଁ ଏକ ଯୋଜନା କଲି ।

Digitized by PPRACHIN, SOA

ଦୁର୍ନୀତି ନିବାରଣ ସଭା ସମିତି ସମ୍ପର୍କୀୟ ଯୋଜନା

୧ । ପ୍ରଥମତଃ ଏ ପର୍ଯ୍ୟନ୍ତ ଯେ ଭାରତବର୍ଷରେ ଦୁର୍ନୀତି ନିବାରଣ ନିମନ୍ତେ କୁତ୍ରାପି ସରକାରୀ ଆଭିମୁଖ୍ୟ ହୋଇ ସକ୍ରିୟ ଉଦ୍ୟମ କରାଯାଇନାହିଁ, ଏବଂ ଓଡ଼ିଶାରେ ତାହା କରିବାକୁ ସରକାରୀ ସୂତ୍ରରେ ମୁଁ ଦୃଢ଼ପରିକର ଭାବରେ ଉଦ୍ୟତ, ଏହା ଲୋକଙ୍କୁ ଜଣାଇବା ;

୨ । ଦ୍ୱିତୀୟତଃ ଏ ଅବଧି ଏଥି ନିମନ୍ତେ ଦୁର୍ନୀତି ନିବାରଣ ବିଭାଗକୁ କିପରି ବ୍ୟାପକ କରାଯାଇଛି ତାର ସୂଚନା ଦେବା ;

୩ । ତୃତୀୟତଃ ଇତିମଧ୍ୟରେ କିପରି ଶତ ଶତ ବ୍ୟକ୍ତିଙ୍କୁ ଏ ସମ୍ପର୍କୀୟ ଅପରାଧମାନଙ୍କରେ ଅଭିଯୁକ୍ତ କରାଇ କାର୍ଯ୍ୟାନୁଷ୍ଠାନପୂର୍ବକ ଅଟକ-ବନ୍ଦୀ ଆଇନ୍, ଦୁର୍ନୀତି-ନିବାରଣ ଆଇନ୍ ଏବଂ ଫୌଜଦାରୀ ଆଇନ ବଳରେ ଅଟକ-ବନ୍ଦୀ ରୂପେ ରଖାଯାଇଛି କିମ୍ବା ଅଭିଯୁକ୍ତ ବ୍ୟକ୍ତି ହିସାବରେ ଧରାଯାଇଛି ଓ ଅନ୍ୟ କେତେକଙ୍କୁ ଦଣ୍ଡ ଦିଆଯାଇଛି ତାର ଖବର ପ୍ରଚାର କରିବା ;

୪ । ଚତୁର୍ଥତଃ ଏ ସମ୍ପର୍କୀୟ ଆଇନର ଦଫାରେ ଦୋଷୀ ସାବ୍ୟସ୍ତ ହେଲେ ଦଣ୍ଡର ପରିମାଣ ଲୋକଙ୍କୁ ସୂଚାଇ ଦେବା ;

୫ । ପଞ୍ଚମତଃ ମାନବିକତା, ନୈତିକତା, ପାରମାର୍ଥିକତା, ସାମାଜିକତା ଓ ଶାସନତାନ୍ତ୍ରିକତା ଦୃଷ୍ଟିରୁ କର୍ତ୍ତବ୍ୟବୋଧ, ସମାଜବୋଧ ଓ ଧର୍ମବୋଧରେ ଉଦ୍‌ବୋଧିତ କରାଇ ଦୁର୍ନୀତି କରିବା କିମ୍ବା ତାକୁ ପ୍ରଶ୍ରୟ ଦେବା ମହାପାପ ଏବଂ ଜଘନ୍ୟ ଅପରାଧ ବୋଲି ଶ୍ରୋତାଙ୍କୁ ଅନୁପ୍ରାଣିତ କରାଇବା ।

ସଭାର ପରିସର

ମୁଁ ସ୍ଥିର କଲି ଯେ, ରାଜଧାନୀ ହେଡ୍‌କ୍ୱାଟର୍, ପ୍ରତ୍ୟେକ ଜିଲ୍ଲାର ସଦର ମହକୁମା, ପ୍ରତ୍ୟେକ ସିଭିଲ ସବଡିଭିଜନ କେନ୍ଦ୍ର ଏବଂ ପ୍ରତ୍ୟେକ

Digitized by PPRACHIN, SOA

ବ୍ଲକ୍ ହେଡ୍‌କ୍ୱାର୍ଟରମାନଙ୍କରେ ଗୋଟିଏ ଲେଖାଏଁ ସଭା ସରକାରୀ ଉଦ୍ୟମରେ ଆହୂତ ହେବ । ସଂଖ୍ୟା ହିସାବରେ ଧରିବାକୁ ଗଲେ ଭୁବନେଶ୍ୱର ସେକ୍ରେଟାରିଏଟ୍‌ରେ ଗୋଟିଏ, ୧୩ଟି ଜିଲ୍ଲା ହେଡ୍‌କ୍ୱାର୍ଟରରେ ୧୩ଟି, ୫୪ଟି ସବ୍‌ଡିଭିଜନର ସଦର ମହକୁମାରେ ୫୪ଟି ଏବଂ ୩୧୪ଟି ବ୍ଲକ୍ ଅଞ୍ଚଳ ପାଇଁ ୩୧୪ଟି—ଏପରି ମୋଟରେ ୩୮୨ଟି ସଭା କରାଯିବ । ନିର୍ଦ୍ଦିଷ୍ଟ ଯୋଜନା କରି ୧୫ ମାସ ମଧ୍ୟରେ ମୁଁ ୩୭୫ଟି ସଭାରେ ଯୋଗଦାନ କରି ଭାଷଣ ଦେଇଥିଲି । କେବଳ ଉତ୍ତର ବାଲେଶ୍ୱରର ୪ଟି, ଗଞ୍ଜାମ ଜିଲ୍ଲାର ୨ଟି ଏବଂ କଟକ ଜିଲ୍ଲାର ୧ଟି, ଏପରି ମୋଟ ୭ଟି ପଞ୍ଚାୟତ ସମିତି ସଭାରେ ଯୋଗ ଦେଇ ପାରି ନଥିଲି । ଏହି ୧୫ ମାସ ମଧ୍ୟରେ ମୁଁ ମୋର ଦୈନନ୍ଦିନ ସାଧାରଣ ଦାୟିତ୍ୱ ତୁଲାଇବାରେ ତ୍ରୁଟି କରିନାହିଁ । ପଞ୍ଚାୟତ ସମିତି-ମାନଙ୍କରେ ଦିନକୁ ୨ଟି ବା ୩ଟି ସଭା ହେଉଥାଏ । ଏଥିରେ ସରକାରୀ ଏବଂ ବେ-ସରକାରୀ ଲୋକେ ନିମନ୍ତ୍ରିତ ହୋଇ ଯୋଗ ଦେଉଥିଲେ । ନିମନ୍ତ୍ରଣରେ ବେ-ସରକାରୀ ବ୍ୟକ୍ତିମାନେ ଯୋଗଦେବାକୁ ଆଶା ଏବଂ ଅନୁରୋଧ କରା-ଯାଉଥିଲି । ଗସ୍ତ ଏବଂ ରହିବା ଖର୍ଚ୍ଚର ବନ୍ଦୋବସ୍ତ ନ ଥିଲି । ତଥାପି ନିମନ୍ତ୍ରିତ ସଂଖ୍ୟାର ୨।୩ ଗୁଣ ଲୋକ ଯୋଗଦାନ କରୁଥିଲେ ।

ସଭାର ଶ୍ରୋତାମଣ୍ଡଳୀ

ଏ ସଭା ସର୍ବସାଧାରଣ ସଭା ନୁହେ, କିମ୍ବା ସମ୍ମିଳନୀ କିମ୍ବା ପାଠ-ଚକ୍ର ନୁହେ । ଏହା ସହଯୋଗାତ୍ମକ, ଅନୁରୋଧାତ୍ମକ, ଉପଦେଶାତ୍ମକ, ନିର୍ଦ୍ଦେଶାତ୍ମକ ଏବଂ ସତର୍କତାତ୍ମକ ସଭା । ବିଭାଗୀୟ ମନ୍ତ୍ରୀ ହିସାବରେ ମୁଁ ଏହି ସଭାମାନଙ୍କରେ ସଭାପତିତ୍ୱ କରିବାର ସ୍ଥିର ହୋଇଥିଲି । କେବଳ ସଭାରେ ଉପସ୍ଥିତ ଥିବା ସର୍ବୋଚ୍ଚ ରେଭିନ୍ୟୁ ବିଭାଗ କର୍ମଚାରୀ ନିର୍ଦ୍ଦିଷ୍ଟ କେତୋଟି ପ୍ରାର-ମ୍ଭିକ ବାକ୍ୟ କହିବା ପରେ ମୋର ବକ୍ତୃତା ମୁଁ ଦେଉଥିଲି ।

ଏ ସଭାମାନଙ୍କରେ ଶ୍ରୋତାମାନେ ନିର୍ଦ୍ଦିଷ୍ଟ ଥିଲେ । ସେମାନଙ୍କର ତାଲିକା ନିମ୍ନରେ ପ୍ରଦତ୍ତ କରାଗଲି :—

Digitized by PPRACHIN, SOA

୧ । ମହକୁମାରେ ଥିବା ସରକାରଙ୍କର ପ୍ରତ୍ୟେକ ବିଭାଗର ସର୍ବ-ନିମ୍ନ ୪ର୍ଥ ଶ୍ରେଣୀ କର୍ମଚାରୀଙ୍କଠାରୁ ଆରମ୍ଭ କରି ସର୍ବୋଚ୍ଚ କର୍ମଚାରୀ ।

୨ । ୫ ମାଇଲ ବ୍ୟାସାର୍ଦ୍ଧ ଭିତରେ ଥିବା ସମସ୍ତ ପେନ୍‌ସନ୍‌ପ୍ରାପ୍ତ (ଅବସରପ୍ରାପ୍ତ) କର୍ମଚାରୀ ;

୩ । ସଭା ପରିସର ଭିତରେ ଆସୁଥିବା ସମସ୍ତ ଲୋକ ପ୍ରତିନିଧି, ଅର୍ଥାତ୍ ଆସେମ୍ବ୍ଲି-ପାର୍ଲିଆମେଣ୍ଟ ସଭ୍ୟ କିମ୍ବା ସଭ୍ୟବୃନ୍ଦ, ଜିଲ୍ଲା ପରିଷଦ, ପଞ୍ଚାୟତ ସମିତି, ମ୍ୟୁନିସିପାଲିଟି କିମ୍ବା ନୋଟିଫାଏଡ ଏରିଆ-ମାନଙ୍କର ପୂର୍ବତନ ଏବଂ ଉପସ୍ଥିତ ଚେୟାରମ୍ୟାନମାନେ ଏବଂ ସରପଞ୍ଚ-ମାନେ । ଏତଦ୍‌ବ୍ୟତୀତ ଉକ୍ତ ଅନୁଷ୍ଠାନମାନଙ୍କର ୱାର୍ଡ଼ ମେମ୍ବରମାନେ ବା ସଭ୍ୟବୃନ୍ଦ ;

୪ । ପ୍ରତ୍ୟେକ ରାଜନୈତିକ ଦଳର ସଂଗଠନ କର୍ମକର୍ତ୍ତାସହ କାର୍ଯ୍ୟକାରୀ କମିଟିର ସଭ୍ୟବୃନ୍ଦ ;

୫ । ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନଙ୍କର କର୍ମକର୍ତ୍ତାଗଣ ;

୬ । ସ୍ଥାନୀୟ ଶିକ୍ଷିତ ଏବଂ ସଂସ୍କୃତ ବ୍ୟକ୍ତିବୃନ୍ଦ ;

୭ । ଉତ୍କଳ ସଂଘର ସଭ୍ୟବୃନ୍ଦ ;

୮ । ଶିଳ୍ପ-ପତି, ବଣିକ ଓ ବ୍ୟବସାୟୀ ସଂଘର ସଭ୍ୟମାନେ ;

୯ । ବେ-ସରକାରୀ ସ୍କୁଲ, କଲେଜର ଶିକ୍ଷକ ଏବଂ କର୍ମଚାରୀ-ବୃନ୍ଦ ;

୧୦ । ଭୂଦାନ, ଗ୍ରାମଦାନ, ସର୍ବସେବାସଂଘ, ନବଜୀବନ ମଣ୍ଡଳ, ଦଳିତ ଜାତି ସଂଘ, ଆଦିବାସୀ ସେବା ସଂଘ ପ୍ରଭୃତିର କର୍ମକର୍ତ୍ତାଗଣ ;

୧୧ । ମିସନାରୀ, ଧର୍ମଯାଜକ, ରାମକୃଷ୍ଣ ମିଶନ ପ୍ରଭୃତିର କର୍ମୀଗଣ ;

୧୨ । ଶ୍ରମିକ ସଂଘର କର୍ମକର୍ତ୍ତାଗଣ ;

୧୩ । ଦୈନିକ, ସାପ୍ତାହିକ, ପାକ୍ଷିକ ଖବର କାଗଜ ଏବଂ ମାସିକ, ତ୍ରୈମାସିକ ମାଗାଜିନ୍‌ମାନଙ୍କ ପ୍ରତିନିଧିମାନେ (ସାଂବାଦିକମାନେ) ;

୧୪ । ଉପରୋକ୍ତ ବ୍ୟକ୍ତିମାନଙ୍କ ବ୍ୟତୀତ ସ୍ଥାନୀୟ ଅଫିସର ଅନ୍ୟ ଯେଉଁମାନଙ୍କୁ ନିମନ୍ତ୍ରଣ କରିପାରନ୍ତି ;

Digitized by PPRACHIN, SOA

୧୫ । ଅନ୍ୟ କେହି, ବିଶେଷତଃ ଛାତ୍ରଛାତ୍ରୀମାନେ ଆସି ସଭା ଶୁଣିବାକୁ ଆଗ୍ରହୀ ହେଲେ ବାରଣ ନ ଥିଲା ।

ଦୁର୍ନୀତି ଅପରାଧରେ ଜନତା କଂଗ୍ରେସକୁ ଶାସନରୁ ଅନ୍ତର କରି ଯେତେବେଳେ ଜନକଂଗ୍ରେସ-ସ୍ୱତନ୍ତ୍ର ଦଳମାନଙ୍କର ନୂତନ ମିଳିତ ମନ୍ତ୍ରୀ-ମଣ୍ଡଳ ଗଠନ କରାଇଛନ୍ତି ଏବଂ ନୂତନ ସରକାର ଦୁର୍ନୀତିମୁକ୍ତ ଶାସନ ଗଠନ ଦିଗରେ ପଦକ୍ଷେପ ନେବାକୁ ଯାଉଛନ୍ତି ତେଣୁ ନିମନ୍ତ୍ରଣ ପାଇ ବା ନ ପାଇ ଲୋକେ ଅତ୍ୟନ୍ତ ଆଗ୍ରହରେ ଉକ୍ତ ସଭାମାନଙ୍କରେ ଯୋଗଦାନ କରୁଥିଲେ । ମୋର ଅନୁମାନ ଜିଲ୍ଲା ସଦର ମହକୁମାମାନଙ୍କରେ ଦୁଇ ହଜାରରୁ ପାଞ୍ଚ ହଜାର ପର୍ଯ୍ୟନ୍ତ (ଜିଲ୍ଲାର ଆକାର ତୁଳନାରେ), ସବ୍‌ଡିଭିଜନ ମହକୁମାରେ ଦେଢ଼ହଜାରରୁ ଦୁଇହଜାର ପର୍ଯ୍ୟନ୍ତ, ବ୍ଲକ୍ ହେଡ଼କ୍ୱାର୍ଟରରେ ହଜାରକରୁ ଦେଢ଼ ହଜାର ପର୍ଯ୍ୟନ୍ତ ନିମନ୍ତ୍ରିତ ବ୍ୟକ୍ତି ଅତ୍ୟନ୍ତ ବ୍ୟବସ୍ଥିତ ଏବଂ ଶୃଙ୍ଖଳିତ ଭାବେ ବସି ଦେଢ଼ ଦୁଇଘଣ୍ଟାବ୍ୟାପୀ ମୋର ବକ୍ତୃତା ଶୁଣୁଥିଲେ । ପ୍ରଶ୍ନ ଲିଖିତ ଆକାରରେ ପଚାରିବାକୁ ଅନୁମତି ଥିଲା । ପ୍ରଶ୍ନର ଉତ୍ତର କିମ୍ବା ସ୍ପଷ୍ଟୀକରଣ ମୁଁ ଦେଉଥିଲି ।

Digitized by PPRACHIN, SOA

ସଭାରେ ମୋ ବକ୍ତୃତାର ସାରାଂଶ

ସବୁ ଶ୍ରେଣୀର ଦୁର୍ନୀତି ବ୍ୟାଖ୍ୟାନ ଓ ନିରାକରଣର ପଥ ପ୍ରଦର୍ଶନ

ଉପର୍ଯ୍ୟୁକ୍ତ ସମବେତ ଶ୍ରୋତାଙ୍କୁ ସମ୍ବୋଧନପୂର୍ବକ ମୁଁ କହୁଥିଲି ଯେ, ପୂର୍ବତନ ସରକାରଙ୍କ ସର୍ବାଙ୍ଗୀନ ଦୁର୍ନୀତିବଶତଃ ଆମ୍ଭେମାନେ ଯେତେବେଳେ ତାଙ୍କୁ ହରାଇ ବର୍ତ୍ତମାନ ଶାସନ ଗାଦିରେ ଆରୂଢ଼ ହୋଇଛୁ ସେଥିପାଇଁ ଆମ୍ଭମାନଙ୍କର ପ୍ରଥମ କର୍ତ୍ତବ୍ୟ ହେଉଛି ଯେ, ଆମ୍ଭେମାନେ ଶାସନ କଳରୁ ଦୁର୍ନୀତି ଦୂର କରିବାକୁ ସମସ୍ତ ପ୍ରକାର ଉଦ୍ୟମ କରିବୁ । ତେଣୁ ଏକ ନିର୍ମଳ, ନିରପେକ୍ଷ, ନ୍ୟାୟପୂର୍ଣ୍ଣ ଓ ଦୁର୍ନୀତିମୁକ୍ତ ଶାସନ ତଥା ସମାଜ ଗଢ଼ିବା ଆମ ଶାସନର ଆଭିମୁଖ୍ୟ । ପୂର୍ବତନ ସରକାରଙ୍କ ସମୟରେ ମନ୍ତ୍ରୀ ଓ ନେତାମାନଙ୍କର ବେ-ଆଇନ, ବେ-ସାମ୍ବିଧାନିକ ଏବଂ ଅସାମାଜିକ କାର୍ଯ୍ୟକଳାପକୁ ମୁଁ ଅତ୍ୟନ୍ତ ନଗ୍ନ ଭାବରେ ପ୍ରଚାର ଓ ପ୍ରକାଶ କରି ଉକ୍ତ ମନ୍ତ୍ରୀମାନଙ୍କୁ ନିର୍ବାଚନରେ ପରାଜିତ କରାଇବାକୁ ଜନତାକୁ ଗୁରୁଗମ୍ଭୀର ଭାବେ ଆହ୍ୱାନ ଦେଉଥିଲି । ଜନତା ଆମ୍ଭମାନଙ୍କୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ କରି ଆଜି ଶାସନ ଗାଦିରେ ଉପବିଷ୍ଟ କରାଇଛି । ତେଣୁ ଆମ ସରକାର, ବିଶେଷତଃ ମୋର କର୍ତ୍ତବ୍ୟ ହେଉଛି, ଶାସନ ଏବଂ ସମାଜରୁ ଦୁର୍ନୀତି ଦୂରୀକରଣପୂର୍ବକ ସାରା ଭାରତ ବର୍ଷରେ ଓଡ଼ିଶାରେ ଏକ ଆଦର୍ଶ ନିର୍ମଳ ଶାସନ ପ୍ରତିଷ୍ଠା କରିବା । ଶାସନରୁ ଅନ୍ୟାୟ, ଅତ୍ୟାଚାର, ଦୁରାଚାର, ଭ୍ରଷ୍ଟାଚାର, କଳାବଜାରି, ଚୋରାବଜାରି, ଲାଞ୍ଚଖୋରି, ହାକିମଗିରି ଏବଂ ଏକଛତ୍ରଗିରି ବନ୍ଦ କଲେ ପୂର୍ବୋକ୍ତମତେ ନିର୍ମଳ ଶାସନ ପ୍ରତିଷ୍ଠା ହୋଇ ପାରିବ । ଆପଣମାନେ ସମସ୍ତେ ସରକାରଙ୍କୁ ଏବଂ ବିଶେଷ କରି ମୋତେ ଏ ଦିଗରେ ସାହାଯ୍ୟ, ସମର୍ଥନ ଏବଂ ଆଶୀର୍ବାଦ ଦେଇ ଏତାବତ୍ ସରକାର

Digitized by PPRACHIN, SOA

ସ୍ୱତଃସ୍ଫୂର୍ତ୍ତ ଆଦର୍ଶ ସମାଜ ଗଢ଼ିବେ ବୋଲି ଆଶା ଏବଂ ଅନୁରୋଧ କରୁଛି । ଏହି ଉଦ୍ଦେଶ୍ୟରେ ଏ ସଭା ଆହୂତ ହୋଇଛି ।

ଦାରିଦ୍ର୍ୟ କିମ୍ବା ଅଶିକ୍ଷା ଯୋଗୁଁ ଦୁର୍ନୀତି ହେଉନାହିଁ । ଅବଶ୍ୟ ଖୁବ୍ ଅଳ୍ପ ସଂଖ୍ୟକ ଗରିବ ଏବଂ ଅଶିକ୍ଷିତ ବ୍ୟକ୍ତି କିଛି କିଛି ଅପରାଧ କରନ୍ତି କିନ୍ତୁ ତାହା ମାର୍ଜନୀୟ ଏବଂ ଶୋଧନୀୟ । ଧନ, କ୍ଷମତା, ପଦ, ପଦବୀ, ଆସନପ୍ରାପ୍ତି ଏବଂ ବାସନା ପୂରଣ ଉଦ୍ଦେଶ୍ୟ ହିଁ ବହୁ କ୍ଷେତ୍ରରେ ଅପରାଧ ଓ ଦୁର୍ନୀତିର ମୂଳ କାରଣ ଅଟେ । ତେଣୁ ଗରିବ ଓ ଅଶିକ୍ଷିତ ବ୍ୟକ୍ତିଙ୍କ ଅପେକ୍ଷା ଧନିକ ଏବଂ ଶିକ୍ଷିତ ବ୍ୟକ୍ତି, ବିଶେଷତଃ ସମାଜପତି ଏବଂ ଶାସନପତିମାନେ ସମାଜରେ ଅପରାଧ ଓ ବିଶୃଙ୍ଖଳା ପାଇଁ ଦାୟୀ । ଏହି ସମାଜପତି ଓ ଶାସନପତିମାନେ ହିଁ ସବୁ ଦୁର୍ନୀତିର କାରଣ । ବର୍ତ୍ତମାନ ଯୁଗରେ ତ ସମାଜପତି ହୋଇ କେହି ନାହାଁନ୍ତି । ଯଦିବା ଅଛନ୍ତି ତାଙ୍କର ପ୍ରାଧାନ୍ୟ ଖଣ୍ଟୁନାହିଁ । କିନ୍ତୁ ଶାସନପତି ବହୁତ ଅଛନ୍ତି । ରାଜନୈତିକ ଦଳର ନେତା ଓ କର୍ମୀମାନେ ନିଜ ନିଜ କ୍ଷେତ୍ରରେ ଶାସନପତି ଅଟନ୍ତି । ରାଜନୈତିକ ଦଳ ମଧ୍ୟରେ ମୋ ଜନ-କଂଗ୍ରେସ ଦଳକୁ ଅନ୍ତର୍ଭୁକ୍ତ କରି ଏବଂ ମୋତେ ଜଣେ ଶାସନପତି ବୋଲି ଭାବି ମୁଁ ଏ କଥା କହୁଛି । ତେଣୁ ରାଜନୈତିକ ଦଳର କର୍ମୀମାନେ ନିଜ ନିଜ କ୍ଷେତ୍ରରେ ଶାସନପତି ହୋଇ ନିଜର କରଣୀ କିମ୍ବା ଅକରଣୀ (Commission or Omission) ଦ୍ୱାରା ସାମାଜିକ ଅପରାଧ ଏବଂ ଦୁର୍ନୀତି କରନ୍ତି ଏବଂ କରାନ୍ତି । ଶାସନରେ ଥିବା ରାଜନୈତିକ ଦଳ ଏଥିପାଇଁ ଯଦି ଛ'ଅଣା ଦାୟୀ ବିରୋଧରେ ଥିବା ରାଜନୈତିକ ଦଳମାନେ ତିନି ଅଣା ଦାୟୀ ହେବେ । ବାକି ସାତ ଅଣା ଅପରାଧ ପାଇଁ ସରକାରୀ କର୍ମଚାରୀ, ସଂଗଠିତ ଯୁବ-ଶକ୍ତି ଓ ଶ୍ରମିକ ଗୋଷ୍ଠୀ ଏବଂ ଜନସାଧାରଣଙ୍କ ମଧ୍ୟରୁ କେତେକ ଦାୟୀ । ଏ ସମ୍ପର୍କରେ ମୁଁ ଏ କ୍ଷଣି ବହୁ ଉଦାହରଣ ଦେଉଛି । × × × × । ମୁଁ ଏଠାରେ ପ୍ରତିଜ୍ଞା କରୁଛି ଯେ, ଶାସନପତି ହିସାବରେ ମୁଁ ଦୋଷ-ଅପରାଧ କରିବି ନାହିଁ । ମୋ ଦଳର ଲୋକେ କପରି ଅପରାଧ ନ କରିବେ ସେଥିପାଇଁ ମୁଁ ଆପ୍ରାଣ ଚେଷ୍ଟା କରିବି । ମୁଁ ଦେଶର ସମସ୍ତ ରାଜନୈତିକ ଦଳର ଦଳ-ପତିମାନଙ୍କୁ ବିନତି ଅନୁରୋଧ କରୁଛି ଯେ, ସେମାନେ ମୋ ଦୋଷ ଦୁର୍ବଳତା ଦେଖାନ୍ତୁ । ନିଜେ ଯଦି କିଛି ଭୁଲ-ତ୍ରୁଟିପୂର୍ବକ ଅପରାଧ କରୁଛନ୍ତି ବା ଦଳର ଲୋକେ କରୁଥାନ୍ତି ତେବେ ନିଜକୁ ଏବଂ ଦଳ ଲୋକଙ୍କୁ ସେଥିରୁ

Digitized by PPRACHIN, SOA

ନିବର୍ତ୍ତାଇବାକୁ ଆଶା ଏବଂ ଅନୁରୋଧ କରୁଛି । ତାହା ହେଲେ ଶାସନରେ ଅନେକ ନିର୍ମଳତା ଆସିପାରେ ।

କର୍ମଚାରୀମାନଙ୍କୁ ଲକ୍ଷ୍ୟ କରି କହୁଥିଲି ଯେ, ସେମାନେ ସମାଜ-ରୂପକ ଦୁଗ୍ଧ ପାତ୍ରରେ ସର ବା ମଲାଇ ସ୍ୱରୂପ (They are the cream of the nation) । ସେମାନଙ୍କର ନିଷ୍ଠା, ସଂଯମ, ଅଧ୍ୟବସାୟ, ଗୁଣ, ଗାରିମା, ଜ୍ଞାନ, ବୁଦ୍ଧି ଏବଂ ଚରିତ୍ର ଯୋଗୁଁ ସେମାନେ ନିଜ ନିଜ ଆସନରେ ଉପବିଷ୍ଟ । ଉଦାସୀନ, ଅବିଶ୍ୱସ୍ତ ଏବଂ ଦୁଶ୍ଚରିତ୍ର ହେଲେ ଚାକିରୀ ଚାଲିଯିବା ସଙ୍ଗେ ସଙ୍ଗେ ସାମାଜିକ ନିନ୍ଦା-ଅପମାନବୋଧ ଥିବାରୁ ସେମାନେ ହଠାତ୍ ଦୁର୍ନୀତି କରି ନିଜର ବର୍ତ୍ତମାନକୁ ନିନ୍ଦିତ ଏବଂ ଭବିଷ୍ୟତକୁ ବିପଦପୂର୍ଣ୍ଣ କରିବାକୁ ପ୍ରବୃତ୍ତ ହେବେ ନାହିଁ । ମୌଳିକତଃ (intrinsi-cally)ସେମାନେ ଉତ୍ତମ ବ୍ୟକ୍ତି ଏବଂ ଦୁର୍ନୀତି କରିବାକୁ କିମ୍ବା ପ୍ରଶ୍ରୟ ଦେବାକୁ କୁଣ୍ଠିତ ହୁଅନ୍ତି । କିନ୍ତୁ ଏହା ସତ୍ତ୍ୱେ ସେମାନଙ୍କ ମଧ୍ୟରୁ କେତେକ ବହୁବିଧ ଦୁର୍ନୀତିର ପାର୍ଶ୍ୱ ହୁଅନ୍ତି ; ଅର୍ଥାତ୍ ଅସତ୍ ଉପାୟରେ ଅର୍ଥ ଉପାର୍ଜନ ଏବଂ ପ୍ରିୟା-ପ୍ରୀତି କରନ୍ତି । ଏହି ଅଫିସରମାନେ ଦୃଢ଼ପ୍ରତିଜ୍ଞ ହେଲେ ଶାସନରୁ ଲାଞ୍ଚ, ମିଛ, ଅନ୍ୟାୟ, ଅତ୍ୟାଚାର ବହୁ ପରିମାଣରେ ବନ୍ଦ ହୁଅନ୍ତା । କିନ୍ତୁ ଦୁଃଖର କଥା ଏମାନଙ୍କ ମଧ୍ୟରୁ ଅଧିକାଂଶ ଏ ଚିନ୍ତା କରନ୍ତି ନାହିଁ ; ଗତାନୁଗତିକ ଗତିରେ ଦୈନନ୍ଦିନ କାର୍ଯ୍ୟ କରନ୍ତି । ଅନେକ କ୍ଷେତ୍ରରେ ଏମାନଙ୍କ କର୍ତ୍ତବ୍ୟପରାୟଣତାର ଅଭାବ କିମ୍ବା ଉଦାସୀନତା ଯୋଗୁଁ ପ୍ରଜାକୁଳ ହଇରାଣ ହରକତରେ ପଡ଼ି ଲାଞ୍ଚ-ଋଷିପତ୍ର ଦେବାକୁ ବାଧ୍ୟ ହୁଅନ୍ତି । ଏମାନଙ୍କର ସାଧୁତା, ଆନ୍ତରିକତା, କାର୍ଯ୍ୟଦକ୍ଷତା, କର୍ମ-ତତ୍ପରତା ଏବଂ ସାବଧାନତା ଉପରେ ଶାସନର ନିର୍ମଳତା ଅନେକ ପରିମାଣରେ ନିର୍ଭର କରେ । କିନ୍ତୁ ଏମାନେ ଏହା ଆଶାନୁରୂପ କିମ୍ବା କେତେକ କ୍ଷେତ୍ରରେ ଆଶା-ବିରୋଧ କାର୍ଯ୍ୟ କରିବାରୁ ଶାସନ କ୍ଷେତ୍ରରେ ଦୁର୍ନୀତିର ପ୍ରବେଶ, ପ୍ରସାର ଏବଂ ଆଧିପତ୍ୟ ହୁଏ । ଫଳତଃ ଜନସାଧାରଣ ଦୁଃଖ, ଦୈନ୍ୟ ଏବଂ ହଇରାଣ-ହରକତରେ ପଡ଼ନ୍ତି ।

ଅଫିସରମାନଙ୍କୁ ଉପଦେଶ ଏବଂ ନିର୍ଦ୍ଦେଶ ଦେଇ ମୁଁ କହୁଥିଲି ଯେ ସେମାନେ ଯଦି ନୀତି-ନିୟମ, ଆଇନ-କାନୁନ ଏବଂ ଶାସ୍ତ୍ର-ସମ୍ବିଧାନ ମାନି କାର୍ଯ୍ୟ କରନ୍ତେ ତେବେ ଶାସନରେ ଦୁର୍ନୀତି ପ୍ରବେଶ କରିବାର ବାଟ ନ ଥାନ୍ତା । ତେଣୁ ସେମାନେ ସବୁ କ୍ଷେତ୍ରରେ ଆଇନର ଶାସନ ଚଳାଇଲେ

Digitized by PPRACHIN, SOA

ଦୁର୍ନୀତି ଦୂରୀକରଣ ହୁଅନ୍ତା । କୌଣସି ନିମ୍ନ କର୍ମଚାରୀ ଉପରିସ୍ଥ କର୍ମଚାରୀଙ୍କ ମୌଖିକ ହୁକୁମ ବିଶେଷତଃ ବେ-ଆଇନ ମୌଖିକ ହୁକୁମ ପାଳିଲେ ତାହା ଦୁର୍ନୀତି ବୋଲି ଧରାଯିବ । ଅନେକ ସମୟରେ ମନ୍ତ୍ରୀମାନଙ୍କ ମର୍ଜି ଅନୁସାରେ କିମ୍ବା ଅଲିଖିତ ଆଦେଶ ବା ହୁକୁମ ଅନୁସାରେ କାର୍ଯ୍ୟ କରି ଅଫିସରମାନେ ଶାସନ ଏବଂ ସମାଜକୁ କଳଙ୍କିତ କରିବା ସଙ୍ଗେ ସଙ୍ଗେ ନିଜର ପ୍ରଭୂତ କ୍ଷତି କରନ୍ତି । ମନ୍ତ୍ରୀ କିମ୍ବା ଉପରିସ୍ଥ ହାକିମଙ୍କ ବେ-ଆଇନ ହୁକୁମ ପାଳିବା ଉଚିତ ନୁହେ । ଏତାଦୃଶ ଆଦେଶ ନୀତି ବା ଆଇନ-ବିରୋଧ ବୋଲି ଅତି ଭଦ୍ର ଭାବେ କହିବା କିମ୍ବା ଲେଖିବା ଦରକାର । ତାପରେ ଯଦି ଉପରିସ୍ଥ କର୍ମଚାରୀ ତାଙ୍କ ନିର୍ଦ୍ଦେଶ ବା ହୁକୁମ ଲିଖିତ ଭାବେ ଦିଅନ୍ତି ତାଙ୍କୁ ପାଳିବା ଉଚିତ । ତଳ କର୍ମଚାରୀଙ୍କ ଏ ପ୍ରକାର ଆଇନସଙ୍ଗତ ମନୋଭାବ ଏବଂ କାର୍ଯ୍ୟକଳାପ ଜାଣିଲେ ମନ୍ତ୍ରୀ କିମ୍ବା ଉପରିସ୍ଥ କର୍ମଚାରୀ ତାଙ୍କର ଅନ୍ୟାୟ ଇଚ୍ଛା ପୂରଣ କରି ପାରିବେ ନାହିଁ ।

କର୍ମଚାରୀ ଏବଂ ରାଜନୈତିକ କର୍ତ୍ତୃପକ୍ଷଙ୍କୁ ଲକ୍ଷ୍ୟ କରି ମୁଁ କହୁଥିଲି ଯେ ବର୍ତ୍ତମାନର ଜ୍ଞାନ-ବିଜ୍ଞାନପୂର୍ଣ୍ଣ ଜଟିଳ ସମାଜର ଉପକାର ନିମନ୍ତେ ବହୁ କାର୍ଯ୍ୟ ସରକାର ନିଜେ କରି ନ ପାରି ଏଜେଣ୍ଟମାନଙ୍କଦ୍ୱାରା କରାନ୍ତି । ଉକ୍ତ କାର୍ଯ୍ୟଦ୍ୱାରା ସମାଜର ପ୍ରଭୂତ ଉପକାର ହୁଏ । ସେ କାର୍ଯ୍ୟଗୁଡ଼ିକ ହେଉଛି ନିର୍ମାଣ, ବଣ୍ଟନ, ଯୋଗାଣ, ପରିବହନ, କ୍ରୟ, ବିକ୍ରୟ, ସଂଗ୍ରହ ଇତ୍ୟାଦି । ସରକାର କୋଟା, ପରମିଟ୍, ଲାଇସେନ୍ସ୍, ପରଚେଜିଙ୍ଗ ଏଜେନ୍ସି, ସପ୍ଲାଇ ଏଜେନ୍ସି, ଠିକା, କଣ୍ଟ୍ରାକ୍ଟ ଏବଂ ପଞ୍ଜା ଦେଇ ଏ ସବୁ କାର୍ଯ୍ୟ କରାଇ ନିଅନ୍ତି । ଏଗୁଡ଼ିକ ସମାଜ ନିର୍ମାଣ ଏବଂ ଜନ-କଲ୍ୟାଣର ପ୍ରବେଶଦ୍ୱାର ସ୍ୱରୂପ । ଏହି ପ୍ରବେଶ-ଦ୍ୱାରର ରକ୍ଷକ ଭାବେ ଭିନ୍ନ ଭିନ୍ନ ସ୍ତରରେ ପୃଥକ ପୃଥକ ହାକିମ ଏବଂ କର୍ତ୍ତୃପକ୍ଷ ନିଯୁକ୍ତ ଥାନ୍ତି । ଏହି ରକ୍ଷକମାନେ ସାଧୁତା ଏବଂ ସାବଧାନତାର ସହିତ ନୀତି-ସମ୍ମତ ଏବଂ ନିୟମ-ଅନୁମୋଦିତ କାର୍ଯ୍ୟ କଲେ ଦେଶ ତଥା ଦଶର ମଙ୍ଗଳ ହେବ । କିନ୍ତୁ ଏହି ଉନ୍ନତିର ପଥ ବାଟେ ସମାଜ ଓ ଶାସନ ଭିତରକୁ ଦୁର୍ନୀତି ପ୍ରବେଶ କରୁଛି । ଏହାର ଅର୍ଥ ହେଉଛି ଯେ, ଏ ସବୁ ମଞ୍ଜୁର କଲାବେଳେ ରାଜନୈତିକ କର୍ତ୍ତୃପକ୍ଷ ଓ କର୍ମଚାରୀମାନେ ଲୋଭର ବଶବର୍ତ୍ତୀ ହୋଇ ଆଗଗୁରା ଉତ୍କୋଚ ଗ୍ରହଣ କରି ସରକାରୀ ଅର୍ଥ ଏବଂ ସ୍ୱାର୍ଥ ହାନି କରନ୍ତି । ଏ ସବୁ ମଞ୍ଜୁରୀ ବେଳେ ସବ୍‌ନିମ୍ନ ଟେଣ୍ଡର୍ ଏବଂ କୋଟେଶନ କିମ୍ବା

Digitized by PPRACHIN, SOA

କେତେକ ସ୍ଥଳେ ସର୍ବୋଚ୍ଚ ଟେଣ୍ଡରର ଓ କୋଟେସନ ଦେଇଥିବା ବ୍ୟକ୍ତିଙ୍କୁ ଦିଆଯାଏ । କିନ୍ତୁ ଗୁନ୍ଦା ଏବଂ ଉତ୍କୋଚ ଇତ୍ୟାଦି ଉଦ୍ଦେଶ୍ୟରେ ବହୁ ସମୟରେ ନୀତି-ଗର୍ହିତ ନିଷ୍ପତ୍ତି କରାଯାଉଥିବାରୁ ଲାଞ୍ଚରସ୍‌ପତ୍ର ଶାସନ କଳରେ ପ୍ରବେଶ କରି ଶାସନ ତଥା ସମାଜର କ୍ଷତି କରିବା ସଙ୍ଗେ ସଙ୍ଗେ ତାକୁ ଦୁର୍ନୀତିଗ୍ରସ୍ତ କରି ପକାଉଛନ୍ତି । କର୍ମଚାରୀ ତ ନିଜେ ଦୁର୍ନୀତି କରିବା ଅନୁଚିତ । ଯଦି-ମନ୍ତ୍ରୀ ଅସାଧୁ ଇଚ୍ଛା କଲେ ସୁଦ୍ଧା, କର୍ମଚାରୀ ଆଇନସଙ୍ଗତ ମତ ଦେଲେ ଦୁର୍ନୀତି ବହୁ ପରିମାଣରେ ବନ୍ଦ ହୁଅନ୍ତା । କର୍ମଚାରୀମାନେ ଏ ବିଷୟରେ ଦୃଢ଼ ହେଲେ ରାଜନୈତିକ କର୍ତ୍ତୃପକ୍ଷଙ୍କର ଦୁର୍ନୀତି କରିବାର ସାହସ ହୁଅନ୍ତା ନାହିଁ । କିନ୍ତୁ ଦେଖାଯାଉଛି ଯେ, ଅନେକ ସମୟରେ କର୍ମଚାରୀମାନେ ମନ୍ତ୍ରୀ ଏବଂ ନେତାମାନଙ୍କର ମର୍ଜି ଏବଂ ଖିଆଲର ପାତ୍ର ହୋଇ ଦୁର୍ନୀତି କରି କରାଇ ଶେଷରେ ସମୟେ ସମୟେ ନିଜେ ଅପଦସ୍ତ ଏବଂ ଦଣ୍ଡିତ ହେଉଛନ୍ତି । କର୍ମଚାରୀମାନେ ଗୃହୀତ ନୀତି-ନିୟମ ଅନୁସାରେ କାମ କରନ୍ତୁ । ସେମାନେ ରାଜନୈତିକ ନେତା, କର୍ତ୍ତୃପକ୍ଷ ଏବଂ ଉପରିସ୍ଥ କର୍ମଚାରୀଙ୍କ ଇଚ୍ଛା, ଇଙ୍ଗିତ, ମର୍ଜି ଏବଂ ବେ-ଆଇନ ଓ ଅ-ଲିଖିତ ନିର୍ଦ୍ଦେଶର ପାତ୍ର ନ ହୁଅନ୍ତୁ ।

ଦୁର୍ନୀତିମୁକ୍ତ ଶାସନ ପ୍ରତିଷ୍ଠାର ଆଉ ଗୋଟିଏ ବଡ଼ ଅସ୍ତ୍ର ଅଛି । ତାହା ହେଉଛି ନିୟମିତ ବିଧିବଦ୍ଧ ନିରୀକ୍ଷଣ (inspection) । ପରିଦର୍ଶନ (visit) ଦ୍ୱାରା ଲାଭ ହୁଏ ନାହିଁ । କୌଣସି କର୍ତ୍ତୃପକ୍ଷ ପରିଦର୍ଶନ କଲେ ସାଜ-ସଜ୍ଜା, ଆନନ୍ଦ-ଅଭ୍ୟର୍ଥନା ଏବଂ ବାହ୍ୟ ଆଡ଼ମ୍ବର ଓ ଅତିରଂଜିତ କିମ୍ବା ଅତି କୃତ୍ରିମ ରିପୋର୍ଟ ଦ୍ୱାରା ପରିଦର୍ଶକ ଅଫିସର ଏବଂ କର୍ତ୍ତୃପକ୍ଷଙ୍କର ମନ ଆକର୍ଷଣ କରି ଭୁଲ ମନ୍ତବ୍ୟ ଲେଖାଇ ନିଅନ୍ତି । ତାହା ଶାସନର ନିର୍ମଳତା ଏବଂ ଶୃଙ୍ଖଳା ପକ୍ଷରେ ଉତ୍ତମ ନୁହେଁ । ଅବଶ୍ୟ ବାହାରର ବିଶିଷ୍ଟ ଲୋକଙ୍କର ପରିଦର୍ଶନ କରିବା ବିଧି ଅଛି । ସେମାନେ କରନ୍ତୁ । ନିରୀକ୍ଷଣର ଅର୍ଥ ଏକ ପ୍ରକାର ନିୟମିତ ତଦନ୍ତ । ତଦନ୍ତ ଦୃଷ୍ଟିରେ ନିରୀକ୍ଷଣ କଲେ ନିମ୍ନସ୍ଥ କର୍ମଚାରୀଙ୍କର କର୍ତ୍ତବ୍ୟ ପାଳନରେ ଭୁଲ-ତ୍ରୁଟି ପରିଷ୍କାର ଧରାପଡ଼େ । ବ୍ରିଟିଶ ଅମଳରେ ଏହି ନିରୀକ୍ଷଣ ତ୍ରୈମାସିକ, ଷାଣ୍ମାସିକ ଏବଂ ବାର୍ଷିକ ହେଉଥିବାରୁ ଶାସନରେ ବର୍ତ୍ତମାନ ପରିମାଣରେ ଅଶୃଙ୍ଖଳା, ବେ-ନିୟମ ଖର୍ଚ୍ଚ, ବଦ ଖର୍ଚ୍ଚ ଏବଂ ଅର୍ଥ ଆତ୍ମସାତ୍ ହେଉ ନ ଥିଲା । ଆଜିକାଲିର ନିରୀକ୍ଷଣ ବସ୍ତୁତଃ ପରିଦର୍ଶନ ପରି ହୋଇ

Digitized by PPRACHIN, SOA

ଯାଉଛି । ନିରୀକ୍ଷକମାନେ କାଗଜ ପତ୍ର ଏବଂ ରେକର୍ଡ଼ ଭିତରେ ପଶୁ-ନାହାନ୍ତି । ମାମୁଲି ଭାବେ ଏ କର୍ତ୍ତବ୍ୟ ଭୁଲିଯାଉଥିବାରୁ ଅଫିସମାନଙ୍କରେ ସବୁ କାର୍ଯ୍ୟରେ ଢିଲା ଏବଂ ବେ-ପରବାଏ ଭାବେ କାର୍ଯ୍ୟ ହେଉଛି । ତେଣୁ ଯେଉଁ ଅଫିସରଙ୍କର ଯେଉଁଠାରେ ଯେଉଁ ପରିମାଣରେ ନିରୀକ୍ଷଣ କରିବାର କଥା କରନ୍ତୁ ।

ଶାସନ କଳରେ ଦୁର୍ନୀତି ପ୍ରବେଶର ଆଉ ଗୋଟିଏ ମୁଖ୍ୟ କାରଣ ହେଉଛି କର୍ମଚାରୀଙ୍କ ନିଯୁକ୍ତି, ଉନ୍ନତି ଏବଂ ଅବନତି (Employment, Promotion and Demotion) । ଏଥିପାଇଁ ନାନା ଚକ୍ରାନ୍ତ କରାଯାଏ । ଜାତି ଏବଂ ପ୍ରିୟ୍ବା-ପ୍ରୀତି ତୋଷଣ, ଉତ୍କୋଚ ଗ୍ରହଣ ଏବଂ ଉପରିସ୍ଥ କର୍ତ୍ତୃପକ୍ଷଙ୍କ ଇଚ୍ଛା ପୂରଣ ଉଦ୍ଦେଶ୍ୟରେ କେତେକ ସ୍ଥଳେ ଏ ସମ୍ପର୍କରେ ବେ-ଆଇନ ଏବଂ ବେ-ସାମାଜିକ ଭାବେ କାର୍ଯ୍ୟ କରାଯାଉଥିବାରୁ ଦୁର୍ନୀତି ପ୍ରବେଶ ହୁଏ । ଉଦାହରଣ × × × × । କର୍ମଚାରୀମାନେ ଏତାଦୃଶ କାର୍ଯ୍ୟରୁ କ୍ଷାନ୍ତ ନ ହେଲେ ତାଙ୍କୁ କୁ-ଫଳ ଭୋଗ କରିବାକୁ ପଡ଼ିବ ।

ଶାସନରେ ଅଶୃଙ୍ଖଳା, ଅଭକ୍ତି ଏବଂ ଅତି ଆସକ୍ତି କିମ୍ବା ଅନୁରକ୍ତି ଦୁର୍ନୀତି ପାଇଁ ଦ୍ୱାର ଉନ୍ମୁକ୍ତ କରିଦିଏ । ଊର୍ଦ୍ଧ୍ୱତନ ହାକିମଙ୍କର ଅଧସ୍ତନ କର୍ମଚାରୀଙ୍କ ପ୍ରତି ସମୟେ ସମୟେ ଜାତିଆଣ ଭାବ ନେଇ କିମ୍ବା ଅନ୍ୟ କୌଣସି କାରଣରୁ ଅଶ୍ରଦ୍ଧା ଜନ୍ମିଲେ ନିମ୍ନସ୍ଥ କର୍ମଚାରୀଙ୍କର ଉପରିସ୍ଥ କର୍ତ୍ତୃପକ୍ଷଙ୍କ ପ୍ରତି ସେହି ଜାତିଆଣ ଭାବ କିମ୍ବା ଦୋଷ ତ୍ରୁଟି ପ୍ରଦର୍ଶନଜନିତ ବିରକ୍ତି ଜନ୍ମିଲେ ଏହି ଅବସ୍ଥା ସୃଷ୍ଟି ହୋଇ ଶାସନ କାର୍ଯ୍ୟର ସୁଚାରୁ ପରିଚାଳନାରେ ବାଧା ଆସେ । ଏହା ପ୍ରମାଣ କରିବା କଷ୍ଟକର ହେଲେ ସୁଦ୍ଧା ମାନବିକତା ଏବଂ ଶାସନତାନ୍ତ୍ରିକତା ଦୃଷ୍ଟିରୁ ଏହି ଭାବନା ପରିହାର କଲେ ଶାସନ ଉତ୍ତମ ହୁଅନ୍ତା ।

ଆଉ ଏକ ପ୍ରଥା ଯୋଗୁଁ ଶାସନରେ ଦୁର୍ନୀତି ଏବଂ ଶୋଷଣ ବର୍ତ୍ତମାନ ଥିବାରୁ ମୁଁ କର୍ମଚାରୀମାନଙ୍କୁ ଦର୍ଶାଇ ତାହା ନ କରିବାକୁ ଅନୁରୋଧ କରେ । ସେ ପ୍ରଥାଟି ହେଉଛି ଗସ୍ତ ସମୟରେ ସର୍କିଟ୍ ହାଉସ୍, ଡାକବଙ୍ଗଳା କିମ୍ବା ଅନ୍ୟ ସ୍ଥାନରେ ମନ୍ତ୍ରୀ ଏବଂ କର୍ମଚାରୀମାନଙ୍କର ଗସ୍ତ-ଖର୍ଚ୍ଚ । ମନ୍ତ୍ରୀମାନଙ୍କ ଗସ୍ତ ସମୟରେ ରେଭିନ୍ୟୁ ବିଭାଗ ଖାଦ୍ୟ-ପାନୀୟର ତତ୍ତ୍ୱାବଧାନରେ ଥାନ୍ତି । ଅଫିସରମାନଙ୍କର ଗସ୍ତ ସମୟରେ ସ୍ଥାନୀୟ

Digitized by PPRACHIN, SOA

ବିଭାଗୀୟ କର୍ମଚାରୀମାନେ ଖାଇବା ପିଇବାର ଯତ୍ନ ନିଅନ୍ତି । ଅନେକ ସ୍ଥଳେ, ଯେ ଯେଉଁ ବିଭାଗର ମନ୍ତ୍ରୀ ବା ହାକିମ ସେଇ ବିଭାଗର କଣ୍ଟ୍ରାକ୍ଟର, ଠିକାଦାର ଏବଂ ପଞ୍ଝାଦାର ପ୍ରଭୃତିଙ୍କୁ ପ୍ରଭାବିତ କରି ଦ୍ରବ୍ୟ ଭୋଜନର ବ୍ୟବସ୍ଥା କରନ୍ତି । ଉପରୋକ୍ତ ଲୋକଙ୍କଠାରୁ ବିଭାଗୀୟ ମନ୍ତ୍ରୀ କିମ୍ବା ହାକିମଙ୍କ ଉଦ୍ଦେଶ୍ୟରେ ଚାନ୍ଦା ଆସେ, ଅଧେ ଟଙ୍କା ସ୍ଥାନୀୟ କର୍ତ୍ତୃପକ୍ଷ ନିଅନ୍ତି, ବାକି ଅଧିକରେ ମିଲ୍ (ଭୋଜନ) ପ୍ରତି ଆଠ ଦଶଟଙ୍କା ଖର୍ଚ୍ଚ ହୁଏ । ବହୁ କ୍ଷେତ୍ରରେ ବିଲ୍ ଦିଆଯାଏ ନାହିଁ । ମାମୁଲି ବିଶେଷତଃ ବିଲ୍ ମାଗିଲେ ମିଲ୍ ପ୍ରତି ଦେଢ଼ ବା ଦୁଇଟଙ୍କାର ଚାର୍ଜ କରି ମନ୍ତ୍ରୀ କିମ୍ବା ଅଫିସରଙ୍କଠାରେ ଦିଆଯାଏ । କିନ୍ତୁ ହାକିମଙ୍କ କ୍ୟାମ୍ପରେ ସ୍ଥାନେ ସ୍ଥାନେ ଶହ ଶହ ଟଙ୍କାର ଯେଉଁ ଖର୍ଚ୍ଚ ହୋଇଥାଏ ତାହା କେହି ଦିଅନ୍ତି ନାହିଁ । ଅନେକ ସମୟରେ ନାଜର ଯେ ସବୁ ଜିନିଷ ଦୋକାନରୁ କିଣି ଆଣି ବା ଧାର ଆଣି (on credit) ଖର୍ଚ୍ଚ କରନ୍ତି ତାହା ମଧ୍ୟ ଦିଆ ନ ଯିବାରୁ ପରେ ପୁଣି ଚାନ୍ଦା ଓଗେରରୁ ପୈଠ କରାଯାଏ । ପୋଲିସ ପ୍ରଭୃତି କେତେକ ବିଭାଗରେ ତ ଉପରିସ୍ଥ କର୍ମଚାରୀଙ୍କ କ୍ୟାମ୍ପ-ଖର୍ଚ୍ଚ ନିମ୍ନ କର୍ମଚାରୀମାନେ ଯୋଗାନ୍ତି । ସ୍ୱାଧୀନତା ପ୍ରାପ୍ତିର ୨୦।୨୨ ବର୍ଷ ପରେ ମଧ୍ୟ, ଆଜି ଏ ଜଘନ୍ୟ ପ୍ରଥା ଅଛି । ଏଣିକି ଏ ପ୍ରଥା ଉଠିଯାଉ ବୋଲି ମୁଁ ନିର୍ଦ୍ଦେଶ ଏବଂ ଉପଦେଶ ଦେଇ କହୁଥାଏ ଯେ, ମୁଁ ନିଜେ ଗସ୍ତ ସମୟରେ ମୋ କ୍ୟାମ୍ପ ଖର୍ଚ୍ଚ ସଙ୍ଗରେ ନେଇ ଯାଉଥାଏ ; ଅର୍ଥାତ୍ ଡାଲି ଚାଉଳ, ଲୁଣ, ତେଲ, ଲଙ୍କା, ପିଆଜ ଓଗେର ସଙ୍ଗରେ ନେଇଥାଏ । ମୋର ପରିଷ୍କାର ନିର୍ଦ୍ଦେଶ ଥାଏ ଯେ, ମୁଁ ଭାତ-ଡାଲିଣା ଖାଏ । ତେଣୁ ସେତିକିମାତ୍ର ବ୍ୟବସ୍ଥା ଦରକାର । ଖୋରାକି ମୋ ସଙ୍ଗରେ ଥାଏ ; କେବଳ କାଠ ଦରକାର ହେବ । ଏତେ କହିଲେ ସୁଦ୍ଧା କର୍ମଚାରୀମାନେ ଆଉ ଗୋଟାଏ ଦୁଇଟା ରକମ କିଛି କରି ଦିଅନ୍ତି । ଏହାର ଅଧିକା ଖର୍ଚ୍ଚ ମୋତେ ସଠିକ ଭାବରେ ଦେବାକୁ ପଡ଼େ । ଏହି ସଭାରେ ମୁଁ କର୍ମଚାରୀମାନଙ୍କୁ କହୁଥିଲି ଯେ, ମୁଁ ନିଜେ ଆଦର୍ଶ ଦେଖାଇ ଉପଦେଶ ଦେଉଛି । ଏଣିକି ଏହା ବନ୍ଦ ହେବ ।

ବହୁ ସମୟରେ ସରକାରୀ ଜିନିଷ ପତ୍ର ବିଶେଷତଃ ମଙ୍ଗଳାମଙ୍ଗଳ କାର୍ଯ୍ୟରେ ମନ୍ତ୍ରୀଠାରୁ ଆରମ୍ଭ କରି କିରାଣୀ ବାବୁ ପର୍ଯ୍ୟନ୍ତ ବ୍ୟବହାର କରନ୍ତି । ସରକାରୀ ଜିପ୍, ମଟର, ଟ୍ରକ୍, ସାଇକେଲ, ଦରି, ସାମିଆନା, ଚୌକି, ବେଞ୍ଚ, ଟେବୁଲ ବ୍ୟବହାର ତ ନିତାନ୍ତ ଖୋଲା ଭାବରେ ହୁଏ ।

Digitized by PPRACHIN, SOA

ମନ୍ତ୍ରୀମାନେ ଏହା କରିବାରୁ କର୍ମଚାରୀମାନେ ବେଶି ପରିମାଣରେ କରନ୍ତି। ଯେହେତୁ ମଟର-ଜିପ୍ ସବୁ ପ୍ରାୟ ଅନେକ ସମୟରେ ସରକାରୀ କର୍ମଚାରୀଙ୍କ ପାଖରେ ଏବଂ ତତ୍ତ୍ୱାବଧାନରେ ଥାଏ ଏହା ଖୋଲାଖୋଲି ବେ-ଆଇନ କାମ। ଏହା ନ କରିବାକୁ ମୁଁ ଉପଦେଶ ଏବଂ ନିର୍ଦ୍ଦେଶ ଦେଉଥିଲି।

କେଉଁ କେଉଁ ବିଭାଗରେ କେଉଁ କେଉଁ ଅଫିସରେ କେଉଁ ଶ୍ରେଣୀର କର୍ମଚାରୀ ଲୋକଙ୍କୁ କିପରି ବେ-ନୀତି ଏବଂ ବେ-ଆଇନ ଭାବେ ସନ୍ତୁଷ୍ଟ, ଖୋସାମତ, ପ୍ରଲୋଭିତ, ଭୟଭୀତ ଓ ହଇରାଣ ହରକତ କରି ଉତ୍କୋଚ ବା ପାରିତୋଷିକ (Tips) ନିଅନ୍ତି ତାହା ମୁଁ ପ୍ରାଞ୍ଜଳ ଭାବରେ କହି ଆଶା ଏବଂ ଦାବୀ କରୁଥିଲି ଯେ, ଯାହା ତ ହୋଇଯାଇଛି ହୋଇଯାଇଛି, ଏଣିକି ଏହା ନ ହେଉ। ମୁଁ ଥଟ୍ଟାରେ କହୁଥିଲି ଯେ, ନିର୍ମାଣ (P.W.D, P.H.-D., Irrigation, Electricity, R. E. O.), ଯୋଗାଣ (Supply), ଅବକାରୀ (Excise) ଏବଂ ପରିବହନ (Transport) ପ୍ରଭୃତି ବିଭାଗ-ମାନଙ୍କ କଥା ନ କହିଲେ ଭଲ ; କାରଣ ଏ ବିଭାଗମାନଙ୍କର ମୂଳ ଏବଂ ଅଗ କାହାକୁ ବାଦ୍ ଦେଇ ହେବ ନାହିଁ। (ସଭାସ୍ଥଳୀ ହାସ୍ୟ ରୋଳରେ ପ୍ରକମ୍ପିତ ହୁଏ)। ମୁଁ ପୁଣି କହେ ଯେ, ଶିକ୍ଷା ଏବଂ ଦେବୋତ୍ତର ବିଭାଗମାନ ଅତି ପବିତ୍ର ବିଭାଗ ଅଟେ। କିନ୍ତୁ ଦୁଃଖର କଥା ଯେ, ଦୁର୍ନୀତି ଦାନବ ଶିକ୍ଷା ବିଭାଗର ବିଦ୍ୟାଳୟ ଗୃହ ସମେତ ଆସବାବପତ୍ର, ଯଥା : ଟେବୁଲ୍ ଚୌକି, ବେଞ୍ଚ, ଆଲମାରୀ, ଲାଇବ୍ରେରୀ ପୁସ୍ତକ, ପାଠ୍ୟୋପକରଣ ଏବଂ ସ୍ଥଳେ ସ୍ଥଳେ ଆଦିବାସୀ ହରିଜନ ଛାତ୍ର ଛାତ୍ରୀଙ୍କର ବୃତ୍ତି ଗ୍ରାସ କଲାଣି। ଆହୁରି ଅଧିକ ହତାଶ ଏବଂ ଅପବିତ୍ର ଘଟଣା ଯେ, ସେହି ଦୁର୍ନୀତି ରାକ୍ଷସ ଦେବୋତ୍ତର ବିଭାଗର ଦେବତା ଏବଂ ଖଟୁଲି ସମେତ ଭଙ୍ଗା ଦେଉଳକୁ ମଧ୍ୟ ଖାଇସାରିଲାଣି। ଏକଥା ଶୁଣି ଶ୍ରୋତାମଣ୍ଡଳୀ ମଧ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ମନ୍ତବ୍ୟ ପାସ୍ ହୋଇଯାଏ ଯେ, ଆଉ ନିର୍ମଳତା କେଉଁଠାରେ ? ମୁଁ ଯାହା କହୁଥାଏ ତାର ପ୍ରତିପାଦନ ନିମନ୍ତେ ସ୍ଥାନେ ସ୍ଥାନେ ପ୍ରମାଣିତ ଉଦାହରଣ ଦେଉଥାଏ।

ମନ୍ତ୍ରୀ, ରାଜନୈତିକ ଦଳ ଏବଂ କର୍ମଚାରୀଙ୍କ ଉଦ୍ଦେଶ୍ୟରେ କହିବା ପରେ ମୁଁ ଶିଳ୍ପ-ପତି, ବ୍ୟବସାୟୀ, କୋଟା-ପରମିଟ-ଲାଇସେନ୍ସ ହୋଲ୍‌ଡର୍, କଣ୍ଟ୍ରାକ୍ଟର, ଠିକାଦାର, ପଟ୍ଟାଦାର ଏବଂ ବସ୍ତୁ-ଯୋଗାଣ

Digitized by PPRACHIN, SOA

ଏଜେନ୍‌ସିମାନଙ୍କୁ ଉଦ୍‌ବୋଧନ ଦେଇ କହୁଥିଲି ଯେ, ଅଫିସରମାନେ ଆମ ସମାଜରୂପକ ଦୁଗ୍ଧ ପାତ୍ରରେ ଯେପରି ସର ଭଳିଆ, ଏମାନେ (ଉପରୋକ୍ତ ବ୍ୟବସାୟୀ ଗୋଷ୍ଠୀ) ମଧ୍ୟ ସମାଜରୂପକ ଦୁଗ୍ଧ ଘଣ୍ଟାର ଘିଅ ପରି। ଏମାନଙ୍କର ବୁଦ୍ଧି, ସାହସ, ପରିଶ୍ରମ ଏବଂ ଭବିଷ୍ୟତ ଦୃଷ୍ଟି ଅଛି ବୋଲି ନାନା ଦୁଃଖ, କଷ୍ଟ, ବିପଦ, ଆପଦ ଏବଂ ଝଡ଼ର ସମ୍ମୁଖୀନ ହୋଇ ଉତ୍ପାଦନ କରନ୍ତି, ଲୋକଙ୍କୁ ନିଯୁକ୍ତି ଦିଅନ୍ତି, ଲୋକଙ୍କର ଚାହିଦା ଅନୁସାରେ ପଣ୍ୟଦ୍ରବ୍ୟ କ୍ରୟ-ବିକ୍ରୟ କରନ୍ତି। ଏ ଶ୍ରେଣୀ ନ ଥିଲେ ସମାଜ ଅତ୍ୟନ୍ତ ହରକତରେ ପଡ଼ନ୍ତା ; ଜିନିଷପତ୍ର ମିଳନ୍ତା ନାହିଁ ; ଯଦି ମିଳନ୍ତା ଅତି ଦୁର୍ମୂଲ୍ୟରେ ମିଳନ୍ତା ; କୌଣସି ଏକ ଦେଶ-ହିତକର ଏବଂ ସର୍ବସାଧାରଣ ଅନୁଷ୍ଠାନ—ଯଥା : ଧର୍ମଶାଳା, ପାନ୍ଥଶାଳା, କୂପ, ପୁଷ୍କରିଣୀ ଇତ୍ୟାଦି—କିମ୍ବା ସାର୍ବଜନୀନ ଉତ୍ସବ ପାଳନରେ ଚାନ୍ଦା ମିଳନ୍ତା ନାହିଁ। ଏମାନେ ସାଧାରଣଙ୍କୁ ଋଣ, କରଜ, ଧାର, ଉଧାର ଦେଇ ଦାନ-ଖଇରାତ କରି ସମାଜର ନାନା ମଙ୍ଗଳ କାମ କରନ୍ତି। କିନ୍ତୁ ଅତି ଦୁଃଖର କଥା ଯେ ଏମାନଙ୍କ ବିରୋଧରେ ଦେଶବାସୀ, ଜନତା ଏବଂ ଜନସାଧାରଣ ଆୱାଜ ଉଠାଉଛନ୍ତି। (ସଭାରେ ହସବୃଷ୍ଟି)। ଏହାର କାରଣ ହେଉଛି ଯେ ଏମାନେ ପ୍ରାପ୍ୟ ଅଧିକାଂଶ ଦୁର୍ନୀତି କରନ୍ତି। ଏମାନଙ୍କ ଯୋଗୁଁ ଖାଦ୍ୟ ଅପମିଶ୍ରଣ, ଜିନିଷ ପତ୍ର ମହଜୁଦ୍ ଏବଂ ଗୋପନ, ଦରବୃଦ୍ଧି, ମନୁଷ୍ୟକୃତ ଦୁର୍ଭିକ୍ଷ, ନିତ୍ୟବ୍ୟବହାର୍ଯ୍ୟ ଜିନିଷ ପତ୍ରର କୃତ୍ରିମ ଓ ଜଟିଳ ଅବସ୍ଥା ସୃଷ୍ଟି ହୁଏ। କୋଟା-ପରମିଟ-ଲାଇସେନ୍‌ସ୍-ପର୍‌ଚେଜିଙ୍ଗ୍ ଏବଂ ସପ୍ଲାଇ ଏଜେନ୍‌ସି-ଠିକା-କଣ୍ଟ୍ରାକ୍ଟ ଏବଂ ପଟ୍ଟା ନେଇ ବାଲି ଏହି ଶ୍ରେଣୀଭୁକ୍ତ ଅଟନ୍ତି (ଶ୍ରୋତା ମଣ୍ଡଳୀରୁ ଆୱାଜ ଆସେ Yes, Yes ଠିକ୍ ଠିକ୍)। କଳା-ପୋତେଇ, କଳା-ବଜାରି, ଚୋର-ବଜାରି, ଲାଭଖୋରୀ, ଲାଞ୍ଚଖୋରୀ ଏବଂ ଘୋଷ୍‌ଖୋରୀ ଏହିମାନେହିଁ କରନ୍ତି, କରାନ୍ତି ଏବଂ ଶିଖାନ୍ତି। (ସଭାରେ କରତାଳି ସହ ହାସ୍ୟରୋଳ)। କିନ୍ତୁ ଏମାନେ ନ ଥିଲେ ଦୁନିଆ ଚଳନ୍ତା ନାହିଁ (ଶ୍ରୋତାଙ୍କ ମଧ୍ୟରୁ ବିରକ୍ତି ଏବଂ ବ୍ୟଙ୍ଗଜନକ ସ୍ୱର ଆସେ, No, No, ନାହିଁ, ନାହିଁ)। ଏହିମାନେ ହିଁ ସରକାରୀ କର୍ମଚାରୀଙ୍କୁ ଏବଂ ରାଜନୈତିକ ଦଳ ଓ କର୍ତ୍ତୃପକ୍ଷଙ୍କୁ ଦୁର୍ନୀତି ଶିଖାଇବାରେ ଶିକ୍ଷକ ଏବଂ ଗୁରୁ ଅଟନ୍ତି (ସଭା ଭିତରୁ ସ୍ୱର ଆସେ, Excellent, ଏକଦମ୍ ରାଇଟ)। ଅବଶ୍ୟ କଣ୍ଟ୍ରାକ୍ଟର-ଠିକାଦାର-ପଟ୍ଟାଦାର ଗୋଷ୍ଠୀ ନ ଥିଲେ ସରକାରୀ

Digitized by PPRACHIN, SOA

କାର୍ଯ୍ୟ ହୁଅନ୍ତା ନାହିଁ ଏବଂ ଶିଳ୍ପ-ପତି, ବେପାରୀ, ବ୍ୟବସାୟୀ ଗୋଷ୍ଠୀ ନ ଥିଲେ ଉତ୍ପାଦନ ବୃଦ୍ଧି ହୁଅନ୍ତା ନାହିଁ କିମ୍ବା ଜିନିଷ ପତ୍ର ସହଜରେ ଏବଂ ସୁଲଭରେ ମିଳନ୍ତା ନାହିଁ । ସରକାର କିମ୍ବା ସରକାରୀ ସଂସ୍ଥା ଏହା କରି ପାରନ୍ତେ ନାହିଁ ; କଲେ ଅଧିକତର କ୍ଷତି ହୁଅନ୍ତା । "ସରକାର କା ମାଲ, ଦରିଆମେ ଡାଲ୍" ବା "ସଜା ଗାଈ ପୋକେଇ ମରେ" ନୀତିରେ ସବୁ ଜିନିସ କୁଆଡ଼େ ଉଭେଇ ଯାନ୍ତା । ଦାୟୀ କେହି ହୁଅନ୍ତେ ନାହିଁ । ଦାୟିତ୍ୱ ପକାଇଲା ବେଳକୁ ତାହା ୪ର୍ଥ ଶ୍ରେଣୀ କର୍ମଚାରୀ ମୁଣ୍ଡରେ ପଡ଼ନ୍ତା (ସଭାରେ ହାସ୍ୟରୋଳ) । ବଡ଼ବଡ଼ଆମାନେ ଯୁକ୍ତି ଏବଂ ଆଇନ ଦେଖାଇ ଦକ୍ଷ ଏବଂ ସାଧୁ ବୋଲି ପ୍ରମାଣିତ ହୁଅନ୍ତେ (ଶ୍ରୋତାମଣ୍ଡଳୀରୁ ଶବ୍ଦ ଆସେ, ଏକଦମ୍ ଠିକ୍ । cent percent right) ।

ଏ ପର୍ଯ୍ୟନ୍ତ ମୁଁ ଯାହା କହୁଛି କେବଳ ଏକତରଫା, ଅର୍ଥାତ୍ ଶିଳ୍ପ-ପତି, ବ୍ୟବସାୟୀ ଏବଂ ଠିକା-ପଟ୍ଟାଦାର ଓ କଣ୍ଟ୍ରାକ୍ଟର ଗୋଷ୍ଠୀକୁ ପ୍ରଶଂସା ସହ ସମାଲୋଚନା କରି କହୁଛି । କିନ୍ତୁ ଏ ସମ୍ପର୍କରେ ଅଫିସରଙ୍କ କର୍ତ୍ତବ୍ୟ ବା ଅକର୍ତ୍ତବ୍ୟ ବିଷୟ କହି ନାହିଁ (ଶବ୍ଦ—କୁହନ୍ତୁ, କୁହନ୍ତୁ) । ସମାଜରେ ପୂର୍ବୋକ୍ତ ଦୁର୍ନୀତି ନିମନ୍ତେ ରାଜନୈତିକ ନେତା ଏବଂ କର୍ମଚାରୀ ଉପ-ରୋକ୍ତ ଗୋଷ୍ଠୀ ସଙ୍ଗେ ସମାନ ପରିମାଣରେ ଦାୟୀ ଅଟନ୍ତି । ଦୁର୍ନୀତି ଦୂରୀ-କରଣରେ କର୍ତ୍ତୃପକ୍ଷଙ୍କର ଉଦାସୀନତା, ଉଦାରତା ଏବଂ ଅବହେଳା, କିମ୍ବା ବ୍ୟବସାୟୀ-ଠିକା-ପଟ୍ଟାଦାର-କଣ୍ଟ୍ରାକ୍ଟର ଗୋଷ୍ଠୀଙ୍କଠାରୁ ଲାଭାଂଶ ଗ୍ରହଣ ଏବଂ ରାଜନୈତିକ ଓ ବ୍ୟକ୍ତିଗତ ଚାନ୍ଦା ସଂଗ୍ରହ ଯୋଗୁଁ ଏହାର ପ୍ରସାର ହେଉଛି (ବିଲ୍‌କୁଲ ଠିକ) । କିନ୍ତୁ ନେତା, ମନ୍ତ୍ରୀ ଏବଂ ଅଫିସର ଚାନ୍ଦା ଚାହାନ୍ତୁ ବା ନ ଚାହାନ୍ତୁ ନ୍ୟାୟରେ ବା ଅନ୍ୟାୟରେ କାମ ହାସଲ ପାଇଁ ଏହି ବ୍ୟବସାୟୀ ଶ୍ରେଣୀ ନେତାମାନଙ୍କୁ ମୋଟା ଏବଂ ମଧ୍ୟମ ପରି-ମାଣର ପାର୍ଟି-ଚାନ୍ଦା ଯାଚି ଦେବେ । ମୁଁ ସେମାନଙ୍କୁ ସବିନୟ ଅନୁରୋଧ କରୁଛି ଯେ, ରାଜନୈତିକ ଦଳ, ବିଶେଷତଃ ଶାସକ ଦଳକୁ ଚାନ୍ଦା ଦିଅନ୍ତୁ ନାହିଁ । ଯେଉଁ ସାର୍ବଜନୀନ ଉତ୍ସବ କମିଟିରେ ସରକାରୀ ଅଫିସର ସଭ୍ୟ କିମ୍ବା ସଭାପତି ରୂପେ ଥାନ୍ତି ତାକୁ ମଧ୍ୟ ଚାନ୍ଦା ଦିଅନ୍ତୁ ନାହିଁ । 'ଅର୍ଥାବଶାଃ ମାନବାଃ' ନୀତିରେ ଚାନ୍ଦା ଗୃହୀତ ହୋଇଯାଏ । ଦୁର୍ନୀତି କରି ଧରା ପଡ଼ି ଗଲେ ଏଥିରୁ ମୁକ୍ତି ନିମନ୍ତେ ମନ୍ତ୍ରୀ ଏବଂ ଅଫିସରଙ୍କ ନିକଟକୁ ଧାଁ ଧପଡ଼ କରି ଚାନ୍ଦା (ଅନ୍ୟ ଭାଷାରେ ଉତ୍କୋଚ ବା ଲାଞ୍ଚ) ପ୍ରଦାନ କରାଯାଏ ।

Digitized by PPRACHIN, SOA

କେତେକ ସ୍ଥଳେ ଅଫିସରମାନେ ଭୂତ ହୋଇ ଲାଗିବା ଏବଂ ଗୁଣିଆ ହୋଇ ଛଡ଼ାଇବା ମାଧ୍ୟମରେ ଦୁର୍ନୀତି କରନ୍ତି ଏବଂ କରାନ୍ତି । (ଆଓ୍ଵାଜ ଉଦାହରଣ-ଉଦାହରଣ) । ଏହା କହିଲେ ଅସୁନ୍ଦର ହେବ । (ଥାଉ, ଥାଉ) ।

ମୁଁ କହେ ଯେ, ରାଗ, ବିରକ୍ତି, ଘୃଣା ବଶତଃ କିମ୍ବା କାହାକୁ ନିନ୍ଦିତ ଏବଂ ଅପମାନିତ କରିବା ଉଦ୍ଦେଶ୍ୟରେ ମୁଁ କହୁନାହିଁ । ସମାଜର ବାସ୍ତବ ଦୟନୀୟ ଅବସ୍ଥା ଯାହା ତାହା ଆପଣମାନଙ୍କ ଆଗରେ ବର୍ଣ୍ଣନା କରୁଛି । ମୁଁ ଜଣେ ମନ୍ତ୍ରୀ ଅଟେ । ରାଜନୈତିକ ଦଳର ଜଣେ ମନ୍ତ୍ରୀ ହିସାବରେ ଏହି କୁ-କର୍ମ ଏବଂ ଅପ-କର୍ମରେ ଦାୟୀ । ମୁଁ ଗତ ୩୦।୩୫ ବର୍ଷ ହେଲା କଂଗ୍ରେସର ଜଣେ ମୁଖ୍ୟ ବ୍ୟକ୍ତି ହିସାବରେ ତାର ସମସ୍ତ ଦୁର୍ନୀତି ଏବଂ ସୁନୀତିରେ ମୋର କରଣୀ କିମ୍ବା ଅ-କରଣୀ (commission o omission) ପାଇଁ ଅଂଶୀଦାର ଅଟେ । ତେଣୁ ସମାଜରେ ଦୁର୍ନୀତିର ବାସ୍ତବ ଚିତ୍ର ବର୍ଣ୍ଣନା ଓ ତାର ଦୂରୀକରଣରେ ଆପଣମାନେ ସାହସୀ, ଗର୍ବିତ ଓ ଗୌରବାନ୍ୱିତ ହୋଇ କାର୍ଯ୍ୟ କଲେ ଜନତା-ଜନାର୍ଦ୍ଦନ ଏବଂ ନର-ନାରାୟଣ ଆମ୍ଭଙ୍କୁ ଏବଂ ଆମ୍ଭ ସମାଜକୁ ଆଶୀର୍ବାଦ କରିବେ ।

ତାପରେ ଦୁର୍ନୀତିଜନିତ ପାପ-ଅପରାଧର ପରିଣତି ବିଷୟରେ କହିବାକୁ ଯାଇ ମୁଁ ନମ୍ର ତାର ସହିତ ସାବଧାନ କରି ଦେଉଥିଲି ଯେ, ଯେଉଁମାନେ ଆଇନଗତ ଅପରାଧ କରୁଛନ୍ତି ସେମାନଙ୍କୁ ବର୍ତ୍ତମାନର ପ୍ରସାରିତ ଦୁର୍ନୀତି-ନିରାକରଣ ବିଭାଗ ଅତ୍ୟନ୍ତ ଦକ୍ଷତା ଓ ତତ୍ପରତାର ସହିତ ଧରିବ ଏବଂ ସମୁଚିତ ଶାସ୍ତି ବିଧାନ କରାଇବ । ପାଞ୍ଚ ବର୍ଷଠୁ ଅପ-ମିଶ୍ରଣ ଏବଂ ଚୋର୍‌ବ-ବଜାରି ଜନିତ ରୋଜଗାର ଥରେ ଧରା ପଡ଼ିଗଲେ ପ୍ରଥମରୁ ପୋଲିସ, ମାଜିଷ୍ଟ୍ରେଟ, ଡାକ୍ତର, ନେତା, ଏମ୍.ପି., ଏମ.ଏଲ୍.ଏ. ଏବଂ ମନ୍ତ୍ରୀମାନଙ୍କୁ ଧରାଧରି କରିବାରେ ସବୁ ଶେଷ ହେବ । ମକଦ୍ଦମା ଯଦି ହୁଏ ତେବେ ତ ୱକିଲ ମୋକ୍ତିଆରଙ୍କୁ ଟଙ୍କା ଗଣି ଗଣି ହନ୍ତ ସନ୍ତ ହେବା ସଙ୍ଗେ ସଙ୍ଗେ ସମାଜରେ ନିନ୍ଦିତ ଏବଂ ଘୃଣିତ ହେବ । ନିମ୍ନ ଅଦାଲତରେ ଦଣ୍ଡ ପାଇଗଲେ ହାଇକୋର୍ଟ ଏବଂ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ଲଢ଼ି ଲଢ଼ି ଚୋର୍‌ବ ବଜାରିଦ୍ୱାରା ଅର୍ଜିତ ସମ୍ପତ୍ତି ନଷ୍ଟ କରିବା ସଙ୍ଗେ ସଙ୍ଗେ ବେପାରର ମୂଳଧନ ମଧ୍ୟ ଖତମ ହେବ । ଏଥିରେ ଯଦି ଦଣ୍ଡ ନ ହୁଏ କିମ୍ବା ସରକାର ଯଦି ଦେଖନ୍ତି ଯେ, ଚୋର୍‌ବ

Digitized by PPRACHIN, SOA

ବଜାରୀଙ୍କୁ ପ୍ରମାଣଦ୍ୱାରା ଦଣ୍ଡ ଦେବା କଷ୍ଟକର ହେବ, ତେବେ ଅଟକବନ୍ଦୀ ଆଇନ ବଳରେ (Preventive Detention Act) ଅନ୍ୟୂନ ଆରେଷ୍ଟ କରାଇ ହାତରେ ହାତକଡ଼ି, ଅଣ୍ଟାରେ ଦଉଡ଼ି ଦେଇ ବଟ୍ ବଜାରରେ ଚଲାଇ ଚଲାଇ ସାମାଜିକ ନିନ୍ଦା, ଘୃଣା ଏବଂ ଅପମାନର ପାତ୍ର କରାଇ ଏକ ବର୍ଷ ପାଇଁ ଜେଲରେ ରଖାଯିବ । ତେଣୁ ମୋର ସବିନୟ ଅନୁରୋଧ ଏବଂ ଉପଦେଶ ଯେ, ଆପଣମାନଙ୍କ ମଧ୍ୟରୁ ଯଦି କେହି କେହି ଏପରି ବେ-ସାମାଜିକ, ବେ-ଆଇନ ଏବଂ ଅଧର୍ମ କାମ କରୁଥିବେ ସେଥିରୁ କ୍ଷାନ୍ତ ହୁଅନ୍ତୁ । ଦୁର୍ନୀତି-ନିବାରଣ-ବିଭାଗରୂପୀ କାଳଚକ୍ର କଳା ବଜାରୀଙ୍କ ମସ୍ତକ ଉପରେ ୧୨ ଆଙ୍ଗୁଳ ଛାଡ଼ି ବୁଲୁଛି । ଦୁର୍ନୀତି ନିବାରଣ ନିମନ୍ତେ ବିଭାଗକୁ ସୁ-ପ୍ରସାରିତ କରାଯାଇଛି । ବିଭାଗର କର୍ମଚାରୀ ଗୋଇନ୍ଦା, ସମ୍ବାଦଦାତାମାନେ ତହସିଲ ଏବଂ ବ୍ଲକ ସ୍ତର ପର୍ଯ୍ୟନ୍ତ ନିଯୁକ୍ତ ହୋଇଛନ୍ତି । ଗୋଇନ୍ଦାମାନେ ଗୃଧ୍ର ନଜର ପକାଇ ଦୁର୍ନୀତି ଧରିବା ପାଇଁ ତତ୍ପର । ପ୍ରତ୍ୟେକ ଅଫିସରେ ମଧ୍ୟ ଅର୍ଥପ୍ରାପ୍ତ ସମ୍ବାଦଦାତା (Paid informant) ଅଛନ୍ତି । ନଜର ଷ୍ଟେନୋ ଏବଂ ବିଶ୍ୱସ୍ତ କିରାଣୀ ମଧ୍ୟ ଗୋଇନ୍ଦାର କାର୍ଯ୍ୟ ନିମନ୍ତେ ଅର୍ଥ ପ୍ରାପ୍ତ ହୋଇପାରିଥାନ୍ତି । କାନ୍ଥ ବାଡ଼ ମଧ୍ୟ ଦୁର୍ନୀତି ଖବର ଦେବାକୁ ଛାଡ଼ିବେ ନାହିଁ । ଇତିମଧ୍ୟରେ ଏହି ବିଭାଗ ଅନ୍ୟୂନ ଦୁଇ ଡଜନ ପ୍ରଥମ ଶ୍ରେଣୀ, ପ୍ରାୟ ୧୦ ଡଜନ ୨ୟ ଶ୍ରେଣୀ ଏବଂ ୫୦୭ ଟିହି ୩ୟ ଶ୍ରେଣୀ କର୍ମଚାରୀଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଇଛନ୍ତି । ଏମାନଙ୍କ ମଧ୍ୟରୁ ୩୮ ଜଣ ଆଇ. ଏ. ଏସ. (I. A. S.), ୫୭ ଜଣ ବଡ଼ ଇଞ୍ଜିନିୟର, ୧୦।୧୨ ଜଣ ଡେପୁଟି, ସବଡେପୁଟି ମାଜିଷ୍ଟ୍ରେଟ ଓଗେର ଅଛନ୍ତି । ପ୍ରାୟ ଶହେ ଉପରେ ବ୍ୟବସାୟୀଙ୍କ ବିରୋଧରେ ମକଦ୍ଦମା କରାଯାଇଛି । ୧୦।୧୨ ଜଣ ଲକ୍ଷପତି ବ୍ୟବସାୟୀଙ୍କୁ ଅଟକବନ୍ଦୀ ଆଇନ ବଳରେ ଜେଲରେ ଆବଦ୍ଧ କରି ରଖାଯାଇଛି । ବହୁ ବ୍ୟବସାୟୀ ଏବଂ କେତେକ ବଡ଼ ଓ ମଧ୍ୟମ ସ୍ତରର କର୍ମଚାରୀଙ୍କ ଘର ଖାନତଲାସ କରି ଦୁର୍ନୀତି ନିବାରଣ ଆଇନର ୫।୨ ଦଫାରେ ଗିରଫ୍ତାର ଏବଂ ପରେ କାର୍ଯ୍ୟରୁ ସସ୍‌ପେଣ୍ଡ କରାଯାଇ ମକଦ୍ଦମା ରୁଜୁ କରାଯାଇଛି । ଏଥି ନିମନ୍ତେ ବହୁ ଲୋକ ମୋତେ ପ୍ରଶଂସା କରୁଛନ୍ତି ତ, ଦଳେ ଡରୁଛନ୍ତି (ଯେଉଁମାନେ ଦୋଷୀ ଅଥଚ ଧରାହୋଇ ନାହାନ୍ତି) ଏବଂ ଆଉ ଦଳେ ନିନ୍ଦା ଓ ଅଭିଶାପ ଦେଉଛନ୍ତି ।

Digitized by PPRACHIN, SOA

ଦୁର୍ନୀତି ନିବାରଣ ନିମନ୍ତେ ମୋ ବକ୍ତାଗର ଏତାବତ ତତ୍ପରତା ଯୋଗୁଁ ଲୋକେ ମୋତେ ନିଷ୍ଠୁର ଏବଂ ନିର୍ଦ୍ଦୟ ବୋଲି କହୁଛନ୍ତି । କିନ୍ତୁ ମୁଁ ନିଷ୍ଠୁର କିମ୍ବା ନିର୍ଦ୍ଦୟ ନୁହେ । ମନୁଷ୍ୟ ହିସାବରେ ମୋ ହୃଦୟ 'ଲହୁଣୀ ଠାରୁ ନରମ', କିନ୍ତୁ ଶାସକ ହିସାବରେ ଦୁର୍ନୀତି ନିବାରଣ ନିମନ୍ତେ ମୋ ହୃଦୟ 'ବଜ୍ରଠାରୁ କଠିନ' । ମୁଁ କଠୋର କର୍ତ୍ତବ୍ୟବାଦୀ । କର୍ତ୍ତବ୍ୟ ପାଳନ ନିମନ୍ତେ ନିଜକୁ ବଳୀ ଦେବାକୁ ପ୍ରସ୍ତୁତ । କର୍ତ୍ତବ୍ୟପରାୟଣତା ବିଗ୍ରହରୁ ପ୍ରିୟାପ୍ରୀତି, ଗୁରୁ, ଆତ୍ମୀୟ କାହାକୁ ଛାଡ଼ିବ ନାହିଁ । ଦେଖା ଖପରରେ ଯେ ପଡ଼ିବ ତାର ମସ୍ତକ ଛେଦନ ହେବ ହିଁ ହେବ । ଏହି ପ୍ରତିଜ୍ଞା କରି ମୁଁ କଂଗ୍ରେସ ଗ୍ରୁଡ଼ ବର୍ତ୍ତମାନ ଶାସନ କ୍ଷେତ୍ରରେ ଅଧିରୂଢ଼ ହୋଇ ଦୁର୍ନୀତି ନିବାରଣ ନିମନ୍ତେ ଦୃଢ଼ପ୍ରତିଜ୍ଞ ।

ପୁଣି ଦୁର୍ନୀତିଗ୍ରସ୍ତ ଲୋକମାନଙ୍କ ଉଦ୍ଦେଶ୍ୟରେ କହେ ଯେ, ଅନ୍ୟାୟ, ଅଧର୍ମ ଏବଂ ପାପ ଅପରାଧ କରି ଯେଉଁମାନେ ସରକାର ବା ସମାଜର ଆଇନ ଅଦାଲତରୁ ପାପ ଅର୍ଜିତ ଧନ ଦଉଲତ ଖର୍ଚ୍ଚ କରି ମୁକ୍ତି ପାଇଯାନ୍ତି ତାଙ୍କ ପାଇଁ ଆଉ ଏକ ଅଦାଲତ ଅଛି । ସେ ଅଦାଲତ ହେଉଛି ସର୍ବଶକ୍ତିମାନ, ସର୍ବସ୍ଥିତିମାନ, ସର୍ବବିଦ୍ୟମାନ, ସର୍ବଜ୍ଞ, ଅନ୍ତର୍ଯାମି ଭଗବାନଙ୍କ ଅଦାଲତ । ଏହି ଅଦାଲତରେ ଟେବୁଲ ଚୌକି ବେଞ୍ଚ ସଜ୍ଜିତ ମଞ୍ଚ ନ ଥାଏ କିମ୍ବା ଓକିଲ ବାରିଷ୍ଟରଙ୍କ ଆଡ୍ଡା ନଥାଏ । ଅଭିଯୁକ୍ତଙ୍କ ନିକଟକୁ କୌଣସି ସମନ ଜାରି ହୁଏ ନାହିଁ, କିମ୍ବା ଦଣ୍ଡିତ ବ୍ୟକ୍ତିଙ୍କୁ ଜେଲ୍ ଜୋରିମାନା ବା ଫାସୀ ଦ୍ୱୀପାନ୍ତରଦ୍ୱାରା ଦଣ୍ଡ ଦିଆଯାଏନାହିଁ । ଭଗବାନ ଅନ୍ତର୍ଯାମୀ ପୁରୁଷ ହୋଇଥିବାରୁ କାହାର ଦୋଷ ଅଦୋଷ ତାଙ୍କୁ ଅଜଣା ନୁହେ । ସେ ଯେତେବେଳେ ଦେଖନ୍ତି ଯେ ତାଙ୍କ ସୃଷ୍ଟି ମାନବ ସମାଜକୁ କେତେକ ଶିଳ୍ପ-ପତି, ବ୍ୟବସାୟୀ, କର୍ମଚାରୀ, ନେତା, ମନ୍ତ୍ରୀ କୋଟା ପରମିଟ ଲାଇସେନ୍ସ ପରଚେଜିଙ୍ଗ ଏଣ୍ଡ ସପ୍ଲାଇ ଏଜେନସି, ଠିକା କଣ୍ଟ୍ରାକ୍ଟର ଏବଂ ପଣ୍ଡା ପାଇବାବାଲା କିମ୍ବା ଆଉ କୌଣସି ଶୋଷକ ବ୍ୟକ୍ତି ଓ ଗୋଷ୍ଠୀ ଶୋଷଣ କରୁଛନ୍ତି ସେତେବେଳେ ସେ ନିଜେ (ଭଗବାନ) ଜଜ୍ ହୋଇ ଉପର୍ଯ୍ୟୁକ୍ତ ଅପରାଧୀଙ୍କ ବିରୋଧରେ ମକଦ୍ଦମା ବିଗ୍ରର କରି ରାୟ ଦେଇ ଦଣ୍ଡ ଦିଅନ୍ତି । କାହାକୁ ସନ୍ଦେହ (benefit of doubt) କିମ୍ବା ଘଟଣା ସତ୍ୟ ହେଲେ ସୁଦ୍ଧା ପ୍ରମାଣ ଅଭାବରୁ ମୁକ୍ତ (Enter true no clue) କରନ୍ତି ନାହିଁ । ପୂର୍ବୋକ୍ତମତେ ଜେଲ ଜୋରିମାନା ଏବଂ ଫାସୀ

Digitized by PPRACHIN, SOA

ଦ୍ୱୀପାନ୍ତର ଦଣ୍ଡ ଦିଅନ୍ତି ନାହିଁ । ଏପରି ଦଣ୍ଡ ଦିଅନ୍ତି ଯେ, ଅନ୍ୟାୟୀ, ଅତ୍ୟାଚାରୀ, ଭ୍ରଷ୍ଟାଚାରୀ, ପାପୀ ଏବଂ ଅଧର୍ମୀ ଅସତ୍ ଉପାୟରେ ଯେତେ ସମ୍ପତ୍ତି ରୋଜଗାର କରିଥାଏ ସେ ସବୁର ଦଖଲକାରୀ ଥିବା ସତ୍ତ୍ୱେ ନିଜ ସାମନାରେ ଦେଖି ଏବଂ ନିଜ ହାତରେ ଛୁଇଁ ଏବଂ ଧରି ସୁଦ୍ଧା ଭୋଗ କରିପାରେ ନାହିଁ । ଭଗବାନଙ୍କର ଦଣ୍ଡ ନିମ୍ନ ପ୍ରକାରର ଅଟେ—

ସ୍ୱୟଂ ଭଗବାନ ଈଶ୍ୱର କରି ରୋଗ ଏବଂ ବ୍ୟାଧିମାନଙ୍କୁ ନିର୍ଦ୍ଦେଶ ଦିଅନ୍ତି ଯେ, ଅମୁକ ଅମୁକ ଗ୍ରାମ, ନଗର ଏବଂ ସହରରେ ଅମୁକ ଅମୁକ ବ୍ୟକ୍ତିମାନେ ଅନ୍ୟାୟ, ଅଧର୍ମ ଏବଂ ପାପ କରି ଅସତ୍ ଉପାୟରେ ଅର୍ଜିତ ଧନ ଖର୍ଚ୍ଚ କରି ଶାସନ ଏବଂ ଈଶ୍ୱର ବିଭାଗୀୟ ସମସ୍ତ ଅଦାଲତ ଓ ବିଚାରାଳୟରୁ ମୁକ୍ତ ପାଇଯାଇଛନ୍ତି । ମୁଁ ଆଜି ସେମାନଙ୍କୁ ଦଣ୍ଡ ଦେଉଛି । ତେଣୁ ତୁମେ (ରୋଗ-ବ୍ୟାଧି) ସତ୍ୱର ଉକ୍ତ ପାପୀ ଏବଂ ଅଧର୍ମୀମାନଙ୍କୁ ଆକ୍ରମଣ କରି ତାଙ୍କ ଘରେ ଉଭୟ ସ୍ତ୍ରୀ ଏବଂ ପୁରୁଷମାନଙ୍କଠାରେ କାନ୍‌ସର, ରକ୍ତଚାପ, ବହୁମୂତ୍ର, ଯକ୍ଷ୍ମା ଏବଂ କୁଷ୍ଠ ପ୍ରଭୃତି ଆକାରରେ ଓ ସ୍ତ୍ରୀମାନଙ୍କଠାରେ ଅଧିକା ପ୍ରଦର ଆକାରରେ ପ୍ରକଟିତ ହୁଅ । ଏହା ଫଳରେ ସେମାନେ ପାପ ଅର୍ଜିତ ସମ୍ପତ୍ତିର ଅଧିକାରୀ ଏବଂ ଦଖଲକାରୀ ହୋଇ ତାହା ସ୍ୱ-ଚକ୍ଷୁରେ ଦେଖି ଏବଂ ସ୍ୱ-ହସ୍ତରେ ସ୍ପର୍ଶ କରି ମଧ୍ୟ ଭୋଗ କରିପାରିବେ ନାହିଁ । (ସଭାରେ ହାସ୍ୟରୋଳ ଏବଂ କରତାଳି) । ସେହି ସମ୍ପତ୍ତିରେ ଶୀତତାପନିୟନ୍ତ୍ରିତ ଖଚିତ, ଶଙ୍ଖମରମର ପ୍ରସ୍ତର ଦ୍ୱାରା ନିର୍ମିତ ନବ-ତଳ ପ୍ରାସାଦରେ ଦୁଗ୍ଧଫେନନିଭ ଶୁକ୍ଳ ତୁଳି-ତଳ୍ପ ଏବଂ ଡନ୍‌ଲପ୍ ଗଦି-ତକିଆ ଓ ଜାଲ-ମଶାରି ସଜ୍ଜିତ ବମ୍ବେ-ପାଟର୍ଣ୍ଣ ସ୍ପ୍ରିଙ୍ଗ୍‌ଖଟରେ ଶୋଇଲେ ମଧ୍ୟ ସେମାନଙ୍କୁ ଆଦୌ ନିଦ ହେବ ନାହିଁ । ଦେହ, ମୁଣ୍ଡ, ହାତ, ଗୋଡ଼ ଏପରି ବ୍ୟଥା ଏବଂ ଝୋଳା-ବନ୍ଧା ହେବ ଯେ, ଗଣ୍ଡା ଗଣ୍ଡା ଚାକର ଚାକରାଣୀ ଏବଂ ପୋଇଲି ପରିବାର ପାଦ ମର୍ଦ୍ଦନ କଲେ ମଧ୍ୟ ତାହା ବନ୍ଦ ହେବ ନାହିଁ । ଦିନ ରାତି ଛଟପଟ ହୋଇ ପ୍ରତ୍ୟେକ ମୁହୂର୍ତ୍ତରେ ଜେଲ-ଯନ୍ତ୍ରଣା ଏବଂ ଫାଶୀ ପାଇବା କଷ୍ଟଠାରୁ ଅଧିକତର ମାନସିକ ଏବଂ ଶାରୀରିକ ଦୁଃଖ-କଷ୍ଟ ଭୋଗ କରିବ । (ସଭାରେ ହାସ୍ୟରୋଳ-କରତାଳି) । ଏ ବ୍ୟାଧିମାନଙ୍କର ଆରୋଗ୍ୟ ନିମନ୍ତେ ଏମ୍. ଆର୍. ସି. ପି., ଏଫ୍. ଆର୍. ସି. ଏସ. ଡିଗ୍ରୀଧାରୀ ଅଭିଜ୍ଞ ଡାକ୍ତରମାନଙ୍କୁ ପରାମର୍ଶ କଲେ ଦୁଇ ଗୁଣ ଫିସ୍ ନେଇ ଏକ ଲମ୍ବା ପ୍ରେସ୍କ୍ରିପ୍‌ସନ୍ ଲେଖି ଦେଇ ନିର୍ଦ୍ଦେଶ ଦେବେ ଯେ, ତାଙ୍କ (ଡାକ୍ତରଙ୍କ)

Digitized by PPRACHIN, SOA

ବେନାମୀ-ଔଷଧ ଦୋକାନରୁ ଉକ୍ତ ଔଷଧ କଣି ଆଣିବେ । ଔଷଧର ଦାମ ବଜାରର କୌଣସି ଦୋକାନର ଔଷଧ ଦାମଠାରୁ ଅବଶ୍ୟ ଦେଢ଼ ଗୁଣ ଅଧିକ ଥିବ । ପଥ୍ୟ କଥା ପଚାରିଲେ ସେମାନେ ନିମ୍ନମତେ ଖାଦ୍ୟ-ତାଲିକା ଦେବେ ।

୧—କୌଣସି ପ୍ରକାର ମିଠା ଖାଇବ ନାହିଁ ।

୨—ଚର୍ବି କିମ୍ବା ଫ୍ୟାଟ୍ ଥିବା ଜିନିଷ ଖାଇବ ନାହିଁ ।

୩—ଯାହା ଖାଇବ ପେଟ ଭରି କରି କିମ୍ବା ମନକୁ ସନ୍ତୋଷ କରି ଖାଇବ ନାହିଁ ।

ବ୍ୟାଖ୍ୟା କରି ଡାକ୍ତର କହିବେ ଯେ, ଯେତେ ସୁଆଦିଆ ଖାଦ୍ୟ ପଦାର୍ଥ ଅଛି ତାହା ଖାଇବାପାଇଁ ମନା କରାଗଲା । ସାବଧାନ, ଖାଇଲେ ରକ୍ତ-ଚାପ ବଢ଼ିବ କିମ୍ବା କମିବ । ପରିସ୍ରାରେ ବେଶି ଚିନି ଯିବ । ତେଣୁ ସେ ସବୁ କଡ଼ାଭାବରେ ମନା ; ଅର୍ଥାତ୍ ଭାତ, ଡାଲି, ଲୁଣ, ମିଠା, ତେଲ, ଘିଅ, ଲହୁଣୀ, ମଖନ, ଆଳୁ, କନ୍ଦମୂଳ, କଖାରୁ, ମସଲାପତ୍ର, ମାଛ, ମାଂସ ପ୍ରଭୃତି ଖାଦ୍ୟ ବନ୍ଦ । ସୁଆଦିଆ ମିଠା ପାଚିଲା ଫଳ, ଯଥା—ଆମ୍ବ, କଦଳୀ, ପଣସ, ପିଜୁଳୀ, ସପେଟା ଇତ୍ୟାଦି ମନା । ସୁବାସିତ ଅକ୍ଷତ ତଣ୍ଡୁଳ, ଗବ୍ୟଘୃତ, ମହିଷ-ଦଧି, ପକ୍ୱ ପାଟଳୋବଣ୍ଣ-ରମ୍ଭା ଆମ ଦେଶର ଉତ୍କୃଷ୍ଟ ଖାଦ୍ୟ । ଅତ୍ୟନ୍ତ ସାବଧାନ କରି କୁହାଯିବ ଯେ, ଏହା ମଧ୍ୟ ବନ୍ଦ । ଖାଇବ ତ କେବଳ ଶୁଖିଲା ରୋଟି (ମକା, ବାଜରା କିମ୍ବା ଜଆର ରୋଟି ଅଧିକତର ଉତ୍ତମ ପଥ୍ୟ) ଓ ବିନା ତେଲ, ଘିଅ ଏବଂ ମସଲାରେ ସିଝା ହୋଇଥିବା ଚିନି ଓ ଚର୍ବି-ବର୍ଜିତ ପରିବା, ଅର୍ଥାତ୍ କେବଳ ବାଇଗଣ ଓ ଅମୃତଭଣ୍ଡା ଇତ୍ୟାଦି ଖାଇବ । ଜିହ୍ୱା ସ୍ୱାଦ ଛାଡ଼ି ସଂଯମର ସହିତ ପଥ୍ୟ ଖାଇଲେ ଯେଉଁ ଅଳ୍ପ କେତେଦିନ ବଞ୍ଚିବ, ଦୁଃଖରେ ବଞ୍ଚିବ । (ସଭାରେ ହାସ୍ୟରୋଳ, କରତାଳି, କେତେକଙ୍କର ମନ ବିମର୍ଷ ଏବଂ ଆଖି ଲୁହ ଛଳ ଛଳ ହୋଇଯାଏ, ଶବ୍ଦ ଆସେ—ଆଉ ଅଭିଶାପ ଦିଅନ୍ତୁନାହିଁ) ।

ଏତିକିବେଳେ ମୁଁ ପୁଣି ନମ୍ର ଭାବରେ କହେ ଯେ, ଦୁର୍ନୀତିଗ୍ରସ୍ତ ଲୋକେ ପାପେ-ଅର୍ଜିତ ସମସ୍ତ ଘର-ଦ୍ୱାର, କୋଠା-ବାଡ଼ି, ଟ୍ରକ-ଜିପ୍-ମଟର ଏବଂ ଘୋଡ଼ା-ହାତୀ ପ୍ରଭୃତି ଯାନ-ବାହନ, କଳକାରଖାନା, ଲକ୍ଷ ଲକ୍ଷ ଟଙ୍କାର ବ୍ୟାଙ୍କ୍-ବାଲାନ୍ସ (ବ୍ୟାଙ୍କରେ ସଞ୍ଚିତ ଟଙ୍କା), କୋଟି କୋଟି ଟଙ୍କାର ଗୁପ୍ତ ସମ୍ପତ୍ତି, ଅର୍ଥାତ୍ ଘରେ ଚଟାଣ ତଳେ, କିମ୍ବା କାନ୍ଥରେ

Digitized by PPRACHIN, SOA

ଅଦୃଶ୍ୟ ଟ୍ରେଜେରୀରେ ଭର୍ତ୍ତି ହୋଇଥିବା ନୋଟ୍, ଟଙ୍କା, ସୁନା, ରୂପା, ହୀରା, ନୀଳା, ମୋତି, ମାଣିକ୍ୟ, ବୈଡ଼ୂର୍ଯ୍ୟ ଇତ୍ୟାଦି ଅଷ୍ଟ-ରତ୍ନ ଥିବାର ଜାଣି ଓ ଦେଖି ଏବଂ ପୂର୍ବ-ବର୍ଣ୍ଣିତ ସମସ୍ତ ପ୍ରକାର ସୁସ୍ୱାଦୁ, ରୁଚିକର ଓ ମନୋମୁଗ୍ଧକର ଖାଦ୍ୟ-ପାନୀୟ ଭଣ୍ଡାରରେ ମହଜୁଦ୍ ଥିବାର ଦେଖି ଏବଂ ବାସନା ପାଇ ମଧ୍ୟ ତାହା ଉପଭୋଗ କରିବାର ସୁଯୋଗରୁ ବଞ୍ଚିତ ହେବେ। ଏଣେ ଚୋର-ବଜାରିଆ, କଳା-ପୋତିଆ, ଲାଞ୍ଚଖୋରିଆ, ଟିକେଟ-ତୋଷରପାଡ଼ିଆ ବୋଲି ସମାଜରେ ନିନ୍ଦିତ ଓ ଦୂଷିତ ହେବା ସଙ୍ଗେ ବିଶାଳ ଅଧର୍ମ-ବିତ୍ତ ସମ୍ମୁଖରେ ଦେଖି ସୁଦ୍ଧା ତାହା ଉପଭୋଗ କରି ନ ପାରିବାର ମାନସିକ ଦଣ୍ଡ ଜେଲ-ଜୋରିମାନା-ଫାସୀ-ଦ୍ୱୀପାନ୍ତର ଦଣ୍ଡଠାରୁ ଅଧିକତର ଦୁଃଖ ଏବଂ ଯନ୍ତ୍ରଣାଦାୟକ ହେବ। ଏହା ଜୀବନ୍ତ ମୃତ୍ୟୁ-ଦଣ୍ଡ ଅଟେ । (ସଭାରେ ଶବ୍ଦ ଆଉଥରେ, ଆଉଥରେ—Enchore-Enchore)। ଯେଉଁମାନେ ଏପରି ପାପ ଏବଂ ଅଧର୍ମ କାର୍ଯ୍ୟ କରି ସମାଜକୁ ଶୋଷଣକରନ୍ତି ସେମାନେ ଏଣିକି ଆଉ ଏପରି କୁକର୍ମ କରିବେ ନାହିଁ ବୋଲି ମନେ ମନେ ପ୍ରତିଜ୍ଞା କରନ୍ତୁ ଏବଂ ଭବିଷ୍ୟତକୁ ଆଉ କେବେ ନ କଲେ ଏତାବତ୍ ଭଗବତ୍ ଦଣ୍ଡରୁ ମୁକ୍ତ ପାଇବେ ବୋଲି ଆଶ୍ୱାସନା ଦିଏ।

[ଏପରି ବକ୍ତୃତା ବେଳେ ୩।୪ଟି ସଭାର ଶେଷ ବେଳକୁ କେହି କେହି ବ୍ୟବସାୟୀ ୧୯୬୭ ବାତ୍ୟା ପାଣ୍ଠିକୁ ହଠାତ୍ ଏକ ହଜାର ଲେଖାଏଁ ଟଙ୍କା ଚାନ୍ଦା ସଭାରେ ଦେଇ କହିଲେ, "ଆପଣଙ୍କ ତୁଣ୍ଡ ସୁତୁଣ୍ଡ ହେଉ। ପାପ କରିଥିବାରୁ ବହୁମୂତ୍ର କିମ୍ବା ରକ୍ତ-ଚାପ ରୋଗରେ ପୀଡ଼ିତ ହୋଇ ଆପଣଙ୍କ କଥିତମତେ ଦଣ୍ଡ ଭୋଗ କରୁଛୁ।"]

ଓକିଲ ବାରିଷ୍ଟରମାନଙ୍କୁ ନିବେଦନ କରି କହେ ଯେ ସେମାନେ ଇଚ୍ଛା କଲେ ବହୁ ପରିମାଣରେ ଦୁର୍ନୀତି ଦୂର ହୁଅନ୍ତା। ଯଦି ଓକିଲ ସଂଘରେ ସେମାନେ ଦୁର୍ନୀତିଗ୍ରସ୍ତ କିମ୍ବା ଦୁର୍ନୀତି ସହିତ ସମ୍ପର୍କିତ ବ୍ୟକ୍ତିମାନଙ୍କ ବିରୋଧରେ ଅଭିଯୋଗ ହେଲେ ମକଦ୍ଦମାର ପକ୍ଷ ନେବେ ନାହିଁ ବୋଲି ଏବଂ ଯେଉଁମାନେ ବରାବର ଅପରାଧ କରୁଛନ୍ତି ସେମାନଙ୍କର ବିରୋଧରେ ଅଭିଯୋଗ ହେଲେ ସେମାନଙ୍କର ମକଦ୍ଦମା ଚଳାଇବେ ନାହିଁ ବୋଲି ପ୍ରସ୍ତାବ ପାସ କରି ଉକ୍ତ ପ୍ରସ୍ତାବ ଅନୁସାରେ ଅନ୍ତରର ସହିତ କାର୍ଯ୍ୟ କରନ୍ତେ ତେବେ ଦୁର୍ନୀତି ମଧ୍ୟ କେତେକ ପରିମାଣରେ ବନ୍ଦ ହୁଅନ୍ତା। ଓକିଲମାନେ 'କଳା'କୁ 'ଧଳା' କରିପାରନ୍ତି ବୋଲି ପ୍ରବଚନ ଅଛି।

Digitized by PPRACHIN, SOA

ସେମାନେ ତାଙ୍କର ଦେଶ-ପ୍ରୀତି, ସମାଜ-ପ୍ରୀତି ଏବଂ ଧୀ-ଶକ୍ତି ପ୍ରୟୋଗ କରି ବର୍ତ୍ତମାନର 'କଳା' ଦୁନିଆକୁ 'ଧଳା' ଦୁନିଆରେ ପରିଣତ କରି ଦେଶରେ ଉଜ୍ଜ୍ୱଳ ବର୍ତ୍ତିକା ପ୍ରଜ୍ଜ୍ୱଳିତ କରିବେ ବୋଲି ଆଶା ଏବଂ ଅନୁରୋଧ କରେ ।

ସଂଗଠିତ ଯୁବକ ସଂଘ, ସଂସ୍ଥା ଏବଂ ଶ୍ରେଣୀ ଓ ସଂଗଠିତ ଶ୍ରମିକ-ମାନଙ୍କୁ ମଧ୍ୟ ଆବେଦନ ନିବେଦନ କରି କହୁଥିଲି ଯେ, ସେମାନଙ୍କର ସଂଗଠିତ ଶକ୍ତି ଯୋଗୁଁ ସେମାନେ ସମାଜ ଏବଂ ଆଇନ ଅନୁମୋଦିତ କାର୍ଯ୍ୟ କରି ଦେଶରୁ ଅନ୍ୟାୟ ଓ ଦୁରାଚାର ବନ୍ଦ କରିବା ନିମନ୍ତେ ଚେଷ୍ଟା କଲେ ଉତ୍ତମ ହୁଅନ୍ତା । ସୁ-ସଂଗଠିତ ସଂଖ୍ୟାଗରିଷ୍ଠତା ଯୋଗୁଁ ବେ-ସାମାଜିକ କିମ୍ବା ବେ-ଆଇନ କାର୍ଯ୍ୟ କଲେ ସେମାନେ ମଧ୍ୟ ଦୁର୍ନୀତିର କାରଣ ହେବେ ; ଯେହେତୁ ସେମାନେ ଭବିଷ୍ୟତର କର୍ଣ୍ଣଧାର ତେଣୁ ଆଜିଠୁଁ ସେମାନେ ସମାଜରେ ଶୃଙ୍ଖଳାର ସହିତ କାର୍ଯ୍ୟ କରି ଭବିଷ୍ୟତ ପାଇଁ ଆଦର୍ଶ ସମାଜ ଗଠନର ନେତା ହୁଅନ୍ତୁ ।

ଜନସାଧାରଣଙ୍କ ଉଦ୍ଦେଶ୍ୟରେ କହୁଥିଲି ଯେ, ସେମାନେ ଇଚ୍ଛା ଏବଂ ଉଦ୍ୟମ କଲେ ଦୁର୍ନୀତି ବହୁଳ ପରିମାଣରେ ଦମିତ ହୁଅନ୍ତା । ଅନ୍ୟାୟ ତ କେହି ବ୍ୟକ୍ତି ନିଜେ କରିବା ଅନୁଚିତ । ସମାଜରେ ଅନ୍ୟାୟ ଏବଂ ପାପକୁ ପ୍ରଶ୍ରୟ ଦେବା ମଧ୍ୟ ପାପ ଅଟେ । ଦୁର୍ନୀତି ଏବଂ ଦୁରାଚାର ଦେଖି ତାକୁ ସହିଯିବା ଅର୍ଥ ଦୁର୍ନୀତି ଏବଂ ଦୁରାଚାର କରିବା ସଙ୍ଗେ ସମାନ ହେବ । ତେଣୁ ଆଶା ଏବଂ ଭରସା କରୁଛି ଯେ, ଅନ୍ୟାୟ, ଅତ୍ୟାଚାର, ଦୁରାଚାର ଏବଂ ଭ୍ରଷ୍ଟାଚାରକୁ ଜନତା ନିଜେ ନ କରି ଅନ୍ୟ କେହି କରୁଥିଲେ ନୀରବ ଦ୍ରଷ୍ଟା ହୋଇ ରହିବେ ନାହିଁ । ଦୁର୍ନୀତିଗ୍ରସ୍ତ, ଲାଞ୍ଚଖୋର, ଘୁଷ-ଖୋର, ଚୋରାବଜାରୀ ଏବଂ ଅପମିଶ୍ରଣକାରୀ ବ୍ୟକ୍ତିଠାରୁ ଦୂରରେ ରହି ତାକୁ ବାସନ୍ଦ କରିବା ଦରକାର । ଏ ପ୍ରକାର ପାପୀ, ଅନ୍ୟାୟୀ, ଅଧର୍ମୀ ଏବଂ ବେ-ସାମାଜିକ ବ୍ୟକ୍ତିର ପ୍ରସାଦ ଓ ଅନୁଗ୍ରହ ମଧ୍ୟ ଭୟଂକର ଅଟେ । ଏପରି ଦୁର୍ନୀତିଗ୍ରସ୍ତ ଲୋକଙ୍କର ମଙ୍ଗଳାମଙ୍ଗଳ କାର୍ଯ୍ୟରେ ନିମନ୍ତ୍ରଣ ଗ୍ରହଣ କରିବା ଅନୁଚିତ । ଏମାନଙ୍କୁ ଦଣ୍ଡ ଦିଆଇବା ନିମନ୍ତେ ଆଇନ-ଅଦାଲତ ଏବଂ ପୋଲିସ-ମାଜିଷ୍ଟ୍ରେଟଙ୍କ ସହ ସଂପୂର୍ଣ୍ଣ ସହଯୋଗ କରିବା ଦରକାର । ଏମାନଙ୍କ ବିରୋଧରେ ମକଦ୍ଦମା କରାଇ ତହିଁରେ ସାକ୍ଷୀ ହୋଇ ଏମାନଙ୍କୁ ଜେଲ ଦିଆଇଲେ ଧର୍ମ ଏବଂ ପୁଣ୍ୟ ହେବ । ଜନତା-ଜନାର୍ଦ୍ଦନ ଏବଂ

Digitized by PPRACHIN, SOA

ନର-ନାରୀଙ୍କୁ ଣ ଏପରି ବ୍ୟକ୍ତିଙ୍କୁ ସମୁଚିତ ସାମାଜିକ ଦଣ୍ଡ ଓ ମାନସିକ ଉପେକ୍ଷା କରନ୍ତୁ । ଏହା କଲେ ଦୁର୍ନୀତି ଆଶାନୁରୂପ ବନ୍ଦ ହୁଅନ୍ତା ।

ଭାଷଣର ଉପସଂହାର

ଉପସଂହାରରେ ଶ୍ରୋତାମଣ୍ଡଳୀଙ୍କ ସଦୟ ଉପସ୍ଥିତି ଏବଂ ଧୈର୍ଯ୍ୟ ଓ ଶୃଙ୍ଖଳାର ସହିତ ମୋ ଭାଷଣ ଶ୍ରବଣ ନିମନ୍ତେ ଧନ୍ୟବାଦ ଓ କୃତଜ୍ଞତା ପ୍ରଦାନ ପୂର୍ବକ କହିଥିଲି ଯେ, ସମାଜର ଜଣେ ପୂର୍ଣ୍ଣବୟସ୍କ ନାଗରିକ ହିସାବରେ ଦେଶରେ, ବିଶେଷତଃ ଶାସନ କଳରେ ସର୍ବାଙ୍ଗୀନ ଦୁର୍ନୀତି ପ୍ରସାରଣ ଓ ତାର ନିରାକରଣ ସମ୍ପର୍କରେ ମୋର ଜ୍ଞାନ, ଅଭିଜ୍ଞତା, ଚିନ୍ତାଧାରା ଏବଂ ମତ ଆପଣମାନଙ୍କଠାରେ ଉପସ୍ଥାପିତ କଲି । ବକ୍ତୃତା ଦେଲାବେଳେ ମୋତେ ଏବଂ ମୋ ଦଳକୁ ମିଶାଇ ମୁଁ କାହାକୁ ଛାଡ଼ି ନାହିଁ, ଯେଉଁ ବ୍ୟକ୍ତି ବ୍ୟଷ୍ଟି କିମ୍ବା ସମଷ୍ଟି କିମ୍ବା ଶ୍ରେଣୀଙ୍କର ଯେଉଁ ପ୍ରକାର ଦୋଷ-ତ୍ରୁଟି ପରିଲକ୍ଷିତ ଏବଂ ପ୍ରମାଣିତ ହୋଇଛି ତାହା ମୁଁ ବ୍ୟକ୍ତ କରିଛି । ନିଜ ଦୋଷ ମାନିନେବା ହେଉଛି ପ୍ରାୟଶ୍ଚିତ୍ତ । କୌଣସି ଶ୍ରେଣୀର ଦୋଷ-ତ୍ରୁଟି ଅଛି ବୋଲି ମୁଁ କହିବାରେ କେହି ବ୍ୟଥିତ ହେବା ଉଚିତ ନୁହେ । ଯଦି ନ ଥାଏ ମୁଁ ମୋର କଥା ଉଠାଇ ନେଉଛି । କିନ୍ତୁ ଯଦି ଥାଏ ତାହା ସଂଶୋଧନ କଲେ ଭଗବାନ ଆଶୀର୍ବାଦ କରିବେ । ପାର୍ଥିବ ବସ୍ତୁମାନେ ଦୋଷଯୁକ୍ତ ଅଟନ୍ତି । ନିର୍ଦ୍ଦୋଷ ଏବଂ ନିଖୁଣ ହୋଇ କୌଣସି ପାର୍ଥିବ ବସ୍ତୁ ନାହିଁ । (There is nothing unmixed good in the world) । ଚନ୍ଦ୍ରରେ କଳଙ୍କ, ଗୋଲାପ ଗଛରେ କଣ୍ଟା ଏବଂ ପଦ୍ମ-ନାଡ଼ରେ କଣ୍ଟକ ମଧ୍ୟ ଅଛି । (The moon has a black spot, the lotus has a thorny stem & there are thorns in the rose plant.) ଅଥଚ ଆମେ ଏସବୁ ପଦାର୍ଥକୁ ଅତି ପ୍ରିୟ ଓ ସୁଖ-ଶାନ୍ତି ପ୍ରଦାୟକ ବସ୍ତୁ ବୋଲି ଭାବି ଉପଭୋଗ କରୁ ! ଭଗବାନଙ୍କ ଅବତାର ଦେବତା ଏବଂ ଆମର ଆଦର୍ଶ ପୁରୁଷଙ୍କଠାରେ ଦୋଷ ଅଛି ବୋଲି ସ୍ୱୀକୃତ । ଦୁନିଆରେ ଯେ କୌଣସି ବ୍ୟକ୍ତିକୁ ବାହୁନିବାକୁ ହେଲେ ତାଙ୍କ ବିରୋଧରେ କିଛିନା କିଛି କହି ହେବ । ରାମଚନ୍ଦ୍ର ବାଲିକୁ ଲୁଚିକରି ମାରି-

Digitized by PPRACHIN, SOA

ଥିଲେ ଏବଂ ବିନା ଦୋଷରେ ସୀତାଙ୍କୁ ନିର୍ବାସିତା କରିଥିଲେ ବୋଲି ସେ ସମାଲୋଚିତ ହୋଇଛନ୍ତି । ଶ୍ରୀକୃଷ୍ଣ ଷୋଡ଼ଶ ସହସ୍ର ଗୋପୀଙ୍କ ମଧ୍ୟରେ ରାସଲୀଳା ଏବଂ ହଲ୍ଲୀସକ କରୁଥିଲେ ବୋଲି ନିନ୍ଦିତ । କଥାରେ କହନ୍ତି, "ବ୍ୟାସ କୈବର୍ତ୍ତୀ ସୁତ, ଇନ୍ଦ୍ର ସହସ୍ରଯୋନି, ପାଣ୍ଡବ ଜାରଜାତକା" ଇତ୍ୟାଦି ଇତ୍ୟାଦି । ତେଣୁ ଆମ୍ଭେ କେହି ନିର୍ଦ୍ଦୋଷ ନୁହେଁ । କିନ୍ତୁ ଦୋଷ ଏବଂ ଅପରାଧର ସୀମା ଅଛି । ଯେଉଁ ଅପରାଧ ଦୁନିଆର ଦୁଃଖ ଦୁର୍ଦ୍ଦଶା ବୃଦ୍ଧି କରେ, ସମାଜକୁ ସମୂହଭାବରେ ଶୋଷିତ ଏବଂ କଳଙ୍କିତ କରାଏ ତାହା ନିବାରଣ କରିବା ଉଚିତ । ବର୍ତ୍ତମାନ ଆମ ସମାଜ ଦୁର୍ନୀତିରେ ଭରି ଗଲାଣି । ଏହାକୁ ନ ରୋକିଲେ ସମାଜରେ ବିଦ୍ରୋହ ଏବଂ ବିପ୍ଳବ ହୋଇ ଗୃହ-ବିବାଦ ହେବାର ଆଶଙ୍କା । ତେଣୁ ଏହା ନିବାରଣ କରିବା ସମସ୍ତଙ୍କର କର୍ତ୍ତବ୍ୟ । ଦୁର୍ନୀତି ଦୁନିଆର ଅତି ପୁରାତନ ବ୍ୟାଧି । ତେଣୁ ଏହାକୁ ହଠାତ୍ ବନ୍ଦ କରି ହେବ ନାହିଁ । ତଥାପି ଦେଶବାସୀ, ବିଶେଷତଃ ରାଜ୍ୟର ସମାଜ-ପତି (ରାଜନୈତିକ ଦଳମାନଙ୍କର ନେତା ଏବଂ ବୁଦ୍ଧିଜୀବୀ) ଏବଂ ଶାସନ-ପତି (ମନ୍ତ୍ରୀ ଓ କର୍ମଚାରୀବୃନ୍ଦ) ଦୁର୍ନୀତି ନ କଲେ, ଏହା ବନ୍ଦ କରିବାକୁ ଦୃଢ଼ପ୍ରତିଜ୍ଞ ହେଲେ ଓ ଦୁର୍ନୀତିକାରୀଙ୍କ ସହ କୌଣସି ପ୍ରକାର ସମ୍ପର୍କ ନ ରଖିଲେ ଏବଂ ଦୁର୍ନୀତିଗ୍ରସ୍ତ ଲୋକଙ୍କୁ ଧରାଇ ଆଇନ ଅଦାଲତରେ ଦଣ୍ଡିତ ଓ ସମାଜରେ ନିନ୍ଦିତ ଏବଂ ଘୃଣିତ କରାଇଲେ ଏହା କ୍ରମଶଃ ହ୍ରାସହୋଇ ବିଲୋପ ହେବ । ମୁଁ ନିଜେ ଏକାକୀ ମୋ ଦଳଗକୁ ନେଇ ଚେଷ୍ଟା କଲେ କିମ୍ବା ଏହିପରି ସଭା-ସମିତିରେ ଆଲୋଚନା କଲେ ଯେ ଏହା ଛୁଏଁ ଛୁଏଁ ବନ୍ଦ ହୋଇଯିବ ତାହା ମୁଁ ଭାବିପାରୁ ନାହିଁ । ଆପଣମାନେ ସମାଜର ବୁଦ୍ଧିଜୀବୀ ବ୍ୟକ୍ତି । ଆପଣମାନଙ୍କ ଇଙ୍ଗିତରେ ହିଁ ସମାଜ ଓ ଶାସନ ଚାଲୁଛି । ଆପଣମାନେ ଇଚ୍ଛାକଲେ ସମାଜ ସୁଧୁରି ପାରିବ । ତେଣୁ ଆପଣମାନଙ୍କୁ ମୋର ସବିନୟ ପ୍ରାର୍ଥନା ଏବଂ ଅନୁରୋଧ ଯେ, ଚାଲନ୍ତୁ ସମସ୍ତେ ସହଯୋଗର ସହିତ ଏହି ଦୁର୍ନୀତି ରାକ୍ଷସକୁ ହତ୍ୟାକରି ଏକ ନିର୍ମଳ, ନିରପେକ୍ଷ, ନ୍ୟାୟପୂର୍ଣ୍ଣ ଏବଂ ଦୁର୍ନୀତିମୁକ୍ତ ଶାସନ ଗଠନ କରି ତାଦୃଶ ସମାଜରେ ଆନନ୍ଦ ଉଲ୍ଲାସରେ ଏବଂ ଶାନ୍ତି-ସନ୍ତୋଷରେ ଜୀବନଯାପନ କରିବା ।

'ଜୟ-ହିନ୍ଦ୍'

Digitized by PPRACHIN, SOA

ସଭାର ପ୍ରତିକ୍ରିୟା

୧ । ରାଜନୈତିକ ଦଳ ଉପରେ

ପ୍ରତ୍ୟେକ ରାଜନୈତିକ ଦଳର ଅଧିକାଂଶ ସାଧାରଣ କର୍ମୀ ମୋର ଏ କାର୍ଯ୍ୟକଳାପରେ ଆଗ୍ରହୀ ଏବଂ ସନ୍ତୁଷ୍ଟ ଥିଲେ ।

ମୁଁ କାହିଁକି ଏପରି ସଭା କରି ତହିଁରେ ରାଜନୈତିକ ନେତା ଓ ଦଳମାନଙ୍କୁ ଚାନ୍ଦା ଦିଅ ନାହିଁ ବୋଲି ଶିଳ୍ପପତି, ବ୍ୟବସାୟୀ ଏବଂ ଠିକା-ପଟ୍ଟାଦାର ଓ କଣ୍ଟ୍ରାକ୍ଟର ଗୋଷ୍ଠୀଙ୍କୁ କହୁଛି ସେଥିପାଇଁ ମୋ ଉପରେ ଆମ ଦଳର କେତେକ ନେତାଙ୍କ ରାଗ ଓ ବିରକ୍ତି ହେଲା । ଦଳର ଜୁନିୟର୍ ଲୋକଙ୍କ ମୁହଁରେ ନେତାମାନଙ୍କର ବିରକ୍ତି ପ୍ରକାଶ ପାଉଥାଏ ଯେ, ନିର୍ମଳ ଶାସନ ନାମରେ ମୁଁ ଯେଉଁ ପଦକ୍ଷେପ ନେଉଛି ତାହା ଚାନ୍ଦା ବିହୁନେ ଦଳକୁ ଦୁର୍ବଳ ଏବଂ ନିର୍ମୂଳ କରିଦେବ । ପୁଣି କହନ୍ତି ଅନ୍ୟ ଦଳମାନେ ଚାନ୍ଦା ପାଇ ଦଳର ପାଣ୍ଠି ଉଠାଇଲେ, ଅଥଚ ଆମ ଜନ-କଂଗ୍ରେସ ଦଳର ଦଳପତି ଏବଂ ସଭାପତି ଚାନ୍ଦା ପ୍ରଦାନ ଏବଂ ଗ୍ରହଣ ନିମନ୍ତେ ମନା କରୁଛନ୍ତି । ଏପରି ବ୍ୟକ୍ତି ଏ ଉଭୟ ପଦରୁ ଅନ୍ତର ହେବା ଉଚିତ ବୋଲି କେତେକଙ୍କର ମତ ପ୍ରକାଶ ପାଉଥାଏ ।

ଆମ ମିଳିତ-ଶାସନର ସ୍ୱତନ୍ତ୍ର ଦଳର ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓଙ୍କ ସମେତ ଅନ୍ୟ ମନ୍ତ୍ରୀମାନେ ଏବଂ ନେତାମାନେ ମଧ୍ୟ ମୋର ଏ ପଦକ୍ଷେପକୁ ନା-ପସନ୍ଦ କରୁଥାନ୍ତି । ଏହାର କାରଣ ହେଉଛି, ମୁଁ ବୁଲି ବୁଲି ସରକାରୀ କ୍ଷମତା ପ୍ରୟୋଗ କରି ଚାନ୍ଦା ଏବଂ ଲାଞ୍ଚ ବନ୍ଦ କରିବା ପାଇଁ ବାଧ୍ୟ କରୁଛି । ଥରେ ଜନ-କଂଗ୍ରେସ ଏବଂ ସ୍ୱତନ୍ତ୍ର ଦଳମାନଙ୍କର ଏକ ମିଳିତ ବୈଠକରେ ମୋତେ ଅଙ୍କାକରି କେହି କେହି ମନ୍ତବ୍ୟ ଦେଲେ ଯେ, ମୁଁ ଶାସନର ନିର୍ମଳତା ପାଇଁ ଯେଉଁ ସଭା-ସମିତି କରୁଛି ତାହା ଅତିରିକ୍ତ ହେଲାଣି । ତେଣୁ ବନ୍ଦ କରାଯାଉ । ମୁଁ ଉତ୍ତରରେ କହିଲି ଯେ, ତେବେ ଦୁର୍ନୀତି ନିବାରଣ ବିଭାଗ ମୋଠାରୁ ନିଆଯାଉ । ଏଥିରେ ସମସ୍ତେ ନୀରବ ହେଲେ ।

ଶାସନର ବିରୋଧରେ ଥିବା ଉତ୍କଳ ପ୍ରାଦେଶିକ କଂଗ୍ରେସ ଦଳ ତ ଏ ସଭା-ସମିତି ଏବଂ ପଦକ୍ଷେପକୁ ମନେ ମନେ ବିରୋଧ କରୁଥାନ୍ତି ; ଯେହେତୁ ଉକ୍ତ ଦଳର ନେତାମାନେ ଶାସନରେ ଥିଲାବେଳେ ସମସ୍ତ ପ୍ରକାର

Digitized by PPRACHIN, SOA

ଦୁର୍ନୀତି ପ୍ରସାର ଏବଂ ପ୍ରାଧାନ୍ୟ ଲାଭ କରିଥିଲା ଏବଂ ବକ୍ତୃତାରେ ସ୍ଥାନେ ସ୍ଥାନେ ସେଥିରୁ ଗୋଟିଏ ଅଧେ ଉଦାହରଣ ସ୍ୱରୂପ ଦେଉଥିଲି ଓ ଅଭିଯୁକ୍ତ ମନ୍ତ୍ରୀମାନଙ୍କ ବିରୋଧରେ ଖାନ୍ନା-କମିସନ ବସିଛି ବୋଲି ବ୍ୟକ୍ତ କରୁଥିଲି ।

ବିରୋଧରେ ଥିବା ଅନ୍ୟାନ୍ୟ ରାଜନୈତିକ ଦଳମାନେ ପ୍ରଥମେ ପ୍ରଥମେ ଆଗ୍ରହ ସହକାରେ ସହଯୋଗ କରୁଥିଲେ । କିନ୍ତୁ ପରେ ଯେତେ-ବେଳେ ଦେଖିଲେ ଯେ, ମୋର ଦଳର ସାଧାରଣ ଭାବେ ସୁନାମ ହେଉଛି ତେଣୁ ସେମାନେ ବିମର୍ଷ ହେଲେ । ବିରୋଧୀ ଦଳମାନେ ମଧ୍ୟ ସମାଜର ଅଶୃଙ୍ଖଳା ଓ ଦୁର୍ନୀତି ପାଇଁ କିଯୃତ୍ ପରିମାଣରେ ଦାୟୀବୋଲି ମନ୍ତବ୍ୟ ଦେବାରୁ ତାଙ୍କୁ ସୁହାଉ ନ ଥାଏ । କିନ୍ତୁ ସେମାନେ ଗୃହୁଥାନ୍ତି କାର୍ଯ୍ୟ । ଅଥଚ ଯେତେବେଳେ ଅଫିସର ଏବଂ ବ୍ୟବସାୟୀଙ୍କୁ ଧରି ଅଭିଯୁକ୍ତ କରାଗଲା ସେତେବେଳେ ସବୁ ରାଜନୈତିକ ଦଳ ସମାଲୋଚନା କଲେ ଯେ, ମୁଁ ଅତିରିକ୍ତ କରି ପକାଉଛି ।

ସବୁ ରାଜନୈତିକ ଦଳର ସାଧାରଣ କର୍ମୀବୃନ୍ଦ ଏବଂ କେତେକ ମୁଖ୍ୟବ୍ୟକ୍ତି ମୋର ପଦକ୍ଷେପକୁ ସ୍ୱାଗତପୂର୍ବକ ସକ୍ରିୟ ସହଯୋଗ ଏବଂ ସମର୍ଥନ ଦେବାକୁ ପ୍ରତିଶ୍ରୁତି ଦେଉଥାନ୍ତି ।

୨ । କର୍ମଚାରୀ ଶ୍ରେଣୀ

ଏମାନଙ୍କ ମଧ୍ୟରେ ପ୍ରତିକ୍ରିୟା ମିଶ୍ରିତ ହେଉଥାଏ । ଭଲ ଅଫିସର-ମାନେ ସାଧାରଣତଃ ଆନନ୍ଦିତ ଏବଂ ଉତ୍ସାହିତ । ଯେଉଁମାନେ ଦୁର୍ନୀତି ପ୍ରକୃତିର ଲୋକ ସେମାନେ ମୋର ଏ ପଦକ୍ଷେପକୁ ଅବଶ୍ୟ ସମର୍ଥନ କରୁ ନ ଥାନ୍ତି । ସଭା ଶେଷରେ ନିଜ ନିଜ ମଧ୍ୟରେ ଆଲୋଚନାରେ ନା-ପସନ୍ଦ ଏବଂ ବ୍ୟଙ୍ଗ କରିବା ଖବର ମୁଁ ପାଇଛି ! ନିର୍ମାଣ, ଯୋଗାଣ, ଅବକାରୀ, ଜଙ୍ଗଲ ଏବଂ ବିକ୍ରିକର ପ୍ରଭୃତି ବିଭାଗର କେତେକ ଅଫିସର ତ ମନେ ମନେ ବିରକ୍ତ ହେଉଥାନ୍ତି । କିନ୍ତୁ ସମସ୍ତଙ୍କ ମନରେ ବଡ ଆଶଙ୍କା ଥାଏ ଯେ କାଳେ କେତେବେଳେ କାହା ଘର ଖାନ୍‌ତଲାସ ହୋଇ ଗିରଫ୍ତାର ଏବଂ ସସ୍‌ପେଣ୍ଡ କରି ମକଦମା କରାହେବ । ଯାହା ଦେଖାଯାଇଛି ସାଧାରଣତଃ ଆଇ. ଏ. ଏସ୍. ଏବଂ ଆଇ. ପି. ଏସ୍. (I. A .S. & I. P. S.) ଅଫିସରଙ୍କ ମଧ୍ୟରୁ ଅନେକ ଆନନ୍ଦିତ ଏବଂ ମୋର ଏ ପଦକ୍ଷେପ କିପରି ସଫଳ ହେବ ତାଙ୍କର ଆଗ୍ରହ ଥାଏ । ସ୍ଥାନେ ସ୍ଥାନେ ସଭାରେ ବକ୍ତୃତାର

Digitized by PPRACHIN, SOA

ପ୍ରଭାବ ଏପରି ଥାଏ ଯେ, କେହି କେହି ଅଫିସର ସ୍ୱତଃ ନିଜ ଆସନରୁ ଉଠିଆସି ପେଣ୍ଡାଲରେ ଠିଆହୋଇ ଈଶ୍ୱରଙ୍କ ନାମରେ ଶପଥ କରୁଥିଲେ ଯେ, ସେମାନେ ଏ କାର୍ଯ୍ୟରେ ପୂରା ସମର୍ଥନ ଓ ସହଯୋଗ କରି ସଫଳ କରିବେ ଏବଂ ସେମାନେ ତାଙ୍କ ଜୀବନରେ ଦୁର୍ନୀତି କରିବେ ନାହିଁ କିମ୍ବା ଦୁର୍ନୀତିକୁ ପ୍ରଶ୍ରୟ ଦେବେ ନାହିଁ ।

୩ । ଶିଳ୍ପପତି-ବ୍ୟବସାୟୀ-ଠିକା ପଟ୍ଟାଦାର ଗୋଷ୍ଠୀ—

ଯାହା ଦେଖାଯାଉଥିଲା ଏମାନେ ଏ କାର୍ଯ୍ୟକୁ ଆଦୌ ପସନ୍ଦ କରୁ ନଥିଲେ । ଅବଶ୍ୟ ଅଳ୍ପ କେତେକ ଧର୍ମପ୍ରାଣ ଏବଂ ସାଧାରଣ ଭାବେ ସାଧୁ ବ୍ୟବସାୟୀ ମୋର ଏ ପଦକ୍ଷେପକୁ ପସନ୍ଦ କରୁଥିଲେ । ବିଜୁ ବାବୁଙ୍କ ଶାସନ ଅମଳରେ ଯେଉଁ ସମସ୍ତ ଦୁର୍ନୀତି ହେଉଥିଲା ସେଥିରୁ ଏ ଶ୍ରେଣୀର ଲୋକେ ବହୁ ପରିମାଣରେ ଉପକୃତ ହେଉଥିଲେ । ତେଣୁ ଏ ଶ୍ରେଣୀଙ୍କ ମନରେ ବିରୋଧ ଭାବ ଥାଏ । କିଛି ତ କରି ପାରିବେ ନାହିଁ । କିନ୍ତୁ ମୋର ଅନୁଭବ ହେଉଥାଏ ଯେ, ଅର୍ଥ ଖର୍ଚ୍ଚ କରି ଦଲାଲଙ୍କଦ୍ୱାରା ପ୍ରଚାର କରାଉଥାନ୍ତି ଯେ, ମିଥ୍ୟାଚାରରେ ପବିତ୍ର ବାବୁ କାହିଁକି ଏ କାମରେ ଲାଗିଛନ୍ତି । କେତେକ ବ୍ୟବସାୟୀଙ୍କୁ ଅଟକବନ୍ଦୀ ଆଇନ ବଳରେ ଜେଲ୍‌ରେ ରଖି ଦେବାରୁ ଏମାନଙ୍କ ମନରେ ଭୟ-ଭ୍ରାନ୍ତି ଏବଂ ଆତଙ୍କ ସୃଷ୍ଟି ହେଲା । ମୁଁ ଯେଉଁଠାକୁ ଏ ସଭା ଉଦ୍ଦେଶ୍ୟରେ ଯାଉଥିଲି ଦେଖିଛି ଯେ, ସଭା-ସମିତି ଆୟୋଜନରେ କେହି କେହି ବେପାରୀ କର୍ମଚାରୀଙ୍କ ସଙ୍ଗେ ମିଶି ଅଯାଚିତ ଭାବେ ସାଜସଜ୍ଜାରେ ହାଜର ହୋଇଯାଉଥିଲେ । ଦୁଇଟି ସ୍ଥାନରେ ରକ୍ତଚାପ ଓ ବହୁମୂତ୍ର ରୋଗଗ୍ରସ୍ତ କେହି କେହି ବ୍ୟବସାୟୀ ବକ୍ତୃତାର 'ଭଗବତ୍ ଦଣ୍ଡବିଧାନ' ବିଷୟ ଶେଷ ହେଲା ବେଳକୁ ଠିଆହୋଇ କହି ଦେଉଥିଲେ ଯେ, ବାସ୍ତବିକ୍ ସେମାନେ କିଛି ଦୁର୍ନୀତି କରିଥିବାରୁ ଏହି ଦୁଃଖଦାୟକ ବେମାରରେ ଆକ୍ରାନ୍ତ ହୋଇ ଆଜି ଜୀବନମୃତ ଅବସ୍ଥାରେ ବଞ୍ଚିଛନ୍ତି । ଏହା କହି ସେମାନେ ସତ୍‌କାର୍ଯ୍ୟ ନିମନ୍ତେ ମୋ ହସ୍ତରେ ହଜାର ହଜାର ଟଙ୍କାର ଚାନ୍ଦା ପ୍ରଦାନ କରିଥିଲେ । ଉକ୍ତ ଚାନ୍ଦା ଟଙ୍କା ସଙ୍ଗେ ସଙ୍ଗେ ଉପସ୍ଥିତ କମିସନର୍ କିମ୍ବା କଲେକ୍ଟର କିମ୍ବା ଉପସ୍ଥିତ ସର୍ବୋଚ୍ଚ ରେଭିନ୍ୟୁ କର୍ମଚାରୀଙ୍କୁ ଦେଇ ରସିଦ୍ ଦିଆଯାଉଥିଲା । ଯେଉଁ କାର୍ଯ୍ୟପାଇଁ

Digitized by PPRACHIN, SOA

ଉକ୍ତ ଟଙ୍କା ଉଦ୍ଦିଷ୍ଟ ସେହି କାର୍ଯ୍ୟପାଇଁ ଅବସ୍ଥାପିତ କର୍ମଚାରୀଙ୍କ ପାଖକୁ ପଠାଇ ଦିଆଯାଉଥିଲା । ଏମାନଙ୍କ ମଧ୍ୟରୁ ପରେ କେତେକ ପତ୍ର ଦେଇଥିଲେ ଯେ, ସେମାନେ ଧୀରେ ଧୀରେ ରୋଗମୁକ୍ତ ହେଉଛନ୍ତି । ସ୍ଥୂଳତଃ ଏ ଶ୍ରେଣୀ ମନେ ମନେ ଏହାକୁ ନା-ପସନ୍ଦ ଏବଂ ବିରୋଧ କରୁଥିଲେ ।

ଶିକ୍ଷିତ ଏବଂ ଅର୍ଦ୍ଧ-ଶିକ୍ଷିତ ଶ୍ରେଣୀଙ୍କର ପ୍ରତିକ୍ରିୟା ଯେ, ଏହା ଅତ୍ୟନ୍ତ ମହତ୍ ଚେଷ୍ଟା । କିନ୍ତୁ ଏହା ସଫଳ ହେବା କଷ୍ଟକର । ଦେଖାଯାଉ, ପବିତ୍ର ବାବୁ କଣ କରୁଛନ୍ତି । ସେମାନେ ମତ ପ୍ରକାଶ କରନ୍ତି ଯେ, ପବିତ୍ର ବାବୁ ନିଜେ ସାଧୁ ଏବଂ ସଚ୍ଚୋଟ ଲୋକ । ସେ ପ୍ରଥମେ ରାଜନୈତିକ ନେତା ଏବଂ ଦଳକୁ, ବିଶେଷ କରି ତାଙ୍କ ଶାସକ ଦଳମାନଙ୍କର ନେତା, ମନ୍ତ୍ରୀ, ଏମ୍. ପି. ଏବଂ ଏମ୍. ଏଲ. ଏ. ମାନଙ୍କୁ ଆପ୍ଲୁତ କରନ୍ତୁ ତ ।

କିନ୍ତୁ ଏହା କିୟତ୍ ପରିମାଣରେ ସତ୍ୟ ଯେ ଅନ୍ୟମାନଙ୍କୁ ଆପ୍ଲୁତ କରିବା ଅପେକ୍ଷା ରାଜନୈତିକ ଦଳକୁ (ଶାସକ କିମ୍ବା ବିରୋଧୀ ଦଳକୁ) ଆପ୍ଲୁତ ଏବଂ ପ୍ରଭାବିତ କରିବା କଷ୍ଟକର । ଆମ ଶାସକ ଦଳମାନଙ୍କର କେହି କେହି ନେତା ଏବଂ ମନ୍ତ୍ରୀମାନେ ତ ପ୍ରଥମେ ପ୍ରଥମେ ମୋର ଏ ପଦକ୍ଷେପକୁ ଅନ୍ତରରେ ଗ୍ରହଣ କରୁ ନଥିଲେ । ପରେ ସେହି ନେତା ଏବଂ ମନ୍ତ୍ରୀଙ୍କ ମଧ୍ୟରୁ କେତେକ ସମୟରେ ମୋତେ ଥଟ୍ଟାରେ ଏବଂ ସମୟେ ସମୟେ ଗମ୍ଭୀର ଭାବେ ମତ ପ୍ରକାଶ କଲେ ଯେ ମୁଁ ଏ ପଦକ୍ଷେପରୁ ବିରତ ହୁଏ । ବ୍ୟବସାୟୀ ଏବଂ ଦୁର୍ନୀତିଗ୍ରସ୍ତ ରାଜନୀତିଜ୍ଞମାନେ ଅର୍ଥ ସଂଗ୍ରହ କରି ପ୍ରଚାର ଚଳାଇଲେ ଯେ, 'ନିର୍ମଳ ଶାସନକୁ' 'ନିର୍ମୂଳ କରାଯିବ' । ମୋ ଆଗରେ କେତେକ ନେତା ମତ ପ୍ରକାଶ କଲେ ଯେ, ଏ ସମ୍ପର୍କରେ ମୁଁ ଆଉ ଅଧିକ ପଦକ୍ଷେପ ନ ନିଏ । ରାଜନୈତିକ ଦଳର ନେତାମାନଙ୍କର ଏ ପ୍ରକାର ମନୋଭାବ ଜାଣି ଏବଂ ଶୁଣି ବହୁ ଲୋକ ମୋତେ କହିଲେ ଯେ, କେନ୍ଦ୍ରରେ ଶ୍ରୀ ଗୁଲଜାରୀଲାଲ ନନ୍ଦାଙ୍କର ଯେଉଁ ପରିଣତି ହେଲା ମୋର ଏଠାରେ ତାହା ହେବ । ମୁଁ କିନ୍ତୁ କହେ ଯେ ତାହା ହେଉ ପଛକେ ମୁଁ ଏ ସତ୍ ଏବଂ ମହତ୍ କାର୍ଯ୍ୟରୁ ବିରତ ହେବ ନାହିଁ । ଦୁର୍ନୀତି ଦୂରୀକରଣ କାର୍ଯ୍ୟାନୁଷ୍ଠାନରେ ମୋର ଆଗ୍ରହ ଏବଂ ଆନ୍ତରିକତାକୁ ଲକ୍ଷ୍ୟ କରି ଏବଂ କେତେକ ରାଜନୈତିକ ନେତାଙ୍କର ଉପର୍ଯ୍ୟୁକ୍ତ ମନ୍ତବ୍ୟ ଜାଣି ବହୁ ବନ୍ଧୁ ମନ୍ତବ୍ୟ କରୁଥିଲେ ଯେ ମୁଁ ଏକାକୀ କ'ଣ କରିପାରିବ ଯେ ଏଥିରେ ଲାଗିଛି । ମୁଁ

Digitized by PPRACHIN, SOA

ବିଶ୍ୱକବି ରବି ଠାକୁରଙ୍କର ଭାଷାରେ ଉତ୍ତର ଦିଏ, "ତୋମାର୍ ଡାକ୍ କେଉ ନା ଶୁନଲେ ଏକଲା ଚଲୋ ରେ ଏକ୍ଲା ଚଲୋ ।"

ସାଧାରଣରେ ଏ ପଦକ୍ଷେପର ପ୍ରତିକ୍ରିୟା ଉତ୍ତମ ଥିଲା । ଲୋକେ ଅତ୍ୟନ୍ତ ଆଗ୍ରହ ଏବଂ ଉତ୍ସାହ ପ୍ରକାଶ କରୁଥିଲେ । ଶାସନରେ ଥିବା କେତେକ ବିଭାଗର ସର୍ବନିମ୍ନ କର୍ମଚାରୀଠାରୁ ଆରମ୍ଭ କରି ସର୍ବୋଚ୍ଚ କର୍ତ୍ତୃପକ୍ଷଙ୍କର ଦୋଷତ୍ରୁଟି ବ୍ୟାଖ୍ୟାନପୂର୍ବକ ମୁଁ ବ୍ୟବସାୟୀ ଗୋଷ୍ଠୀଙ୍କର ଚୋରାବଜାରର ଠିକ ଲେଖି ବିବରଣୀ ଦେଇ ଦୋଷୀ ପ୍ରତି ସମୁଚିତ ଶାସ୍ତି ବିଧାନର ବ୍ୟବସ୍ଥା ସଭାରେ ପ୍ରକାଶ କରୁଥିଲି । ଏହା ଜାଣି ଜନତା ମୋତେ ପୂର୍ଣ୍ଣପ୍ରାଣରେ ସମର୍ଥନ କରୁଥିଲା । ଏପରି ହେଲା ଯେ, ଦୈନିକ ଦୁର୍ନୀତି ସମ୍ପର୍କରେ ମୋ ଅଫିସରେ ଶତ ଶତ ଦରଖାସ୍ତ ପଡ଼ିଲା । ମୋର ଏ ସଭା ସମିତିକୁ ନିମନ୍ତ୍ରଣ ନ ପାଇ ମଧ୍ୟ ବିନା ପ୍ରଚାରରେ ଲୋକେ ଆସି ଆଗ୍ରହ ସହକାରେ ଶୃଙ୍ଖଳିତ ଭାବେ ୨।୩ ଘଣ୍ଟା ଠିଆ ହୋଇ ଶୁଣି ମଝିରେ ମଝିରେ କରତାଳି ଦେଇ ସଭା ଶେଷରେ "ଦୁର୍ନୀତି ଦୂର ହେଉ, ଚୋରାବଜାରିଆକୁ ଫାସି ଦିଅ, ଷ୍ଟେଟ୍‌ଜେଣ୍ଟ ଚୋଷରପାତିଆକୁ ତୋପଗାଡ଼ି କର" ଧ୍ୱନି ଦେଇ ଫେରୁଥିଲେ ।

ରାଜ-ଶାସନରେ ଥାଇ ଯେଉଁ ଖୋଲା ଦୁର୍ନୀତି ମୁଁ ଦେଖି ଅଙ୍ଗେ ନିଭାଇଥିଲି ଏବଂ ସ୍ୱାଧୀନତା ପ୍ରାପ୍ତି ପରେ ଏହା କିପରି ଦ୍ରୁତ ଗତିରେ ବ୍ୟାପି ଶାସନ ଏବଂ ସମାଜକୁ ଗ୍ରାସ କଲା ସେଥିରେ ମୁଁ ମର୍ମାହତ ହେଲି । ଭାବୁଥାଏ, କିଛି ସୁଯୋଗ ମିଳିଲେ ଏହାର ଦୂରୀକରଣରେ ଆପ୍ରାଣ ଚେଷ୍ଟା କରନ୍ତି । ଏହାର ନିରାକରଣ ନିମନ୍ତେ ମୁଁ ବହୁ ଚିନ୍ତା ଏବଂ ଗବେଷଣା କରି ବୁଝିପାରିଲି ଯେ, ଯଦି ଶାସକ ଦଳ ବା ଦଳମାନେ ଏହାର ନିବାରଣ ପାଇଁ ଦୃଢ଼ ଇଚ୍ଛା କରି ପଦକ୍ଷେପ ନେବେ ତାହା ଆଠ-ଦଶ ଅଣା ଅର୍ଥାତ୍ ଶତକଡ଼ା ୫୦।୬୦ ଅଂଶରେ ଦୂରୀଭୂତ ହେବ । ବାକି ଯାହା ରହିବ ତାହା କ୍ରମେ କ୍ରମେ ଲୋପ ହେବ । ଯଦି ଦୁଇ ଚାରିଅଣା ବା ଶତକଡ଼ା ୧୫।୨୦ ଅଂଶ ଦୁର୍ନୀତି ସମାଜରେ ରହିଯାଏ ସେଥିରେ କିଛି ଯାଏ ଆସେ ନାହିଁ । କିନ୍ତୁ ଏଥିପାଇଁ ରାଜନୈତିକ ଦଳ, ବିଶେଷତଃ ଶାସକଦଳମାନଙ୍କର ଜାଜ୍ୱଲ୍ୟ ଆଦର୍ଶ ପ୍ରଦର୍ଶନ ସର୍ବାଦୌ କର୍ତ୍ତବ୍ୟ, ଅର୍ଥାତ୍ ଉକ୍ତ ଦଳ ବା ଦଳମାନଙ୍କର ନେତା ଏବଂ କର୍ମୀମାନେ ନିଜେ ଦୁର୍ନୀତି କରିବାରୁ କ୍ଷାନ୍ତ ହେବେ । ଶାସନକୁ ଆସିବା ପୂର୍ବରୁ ଏବଂ ଶାସନରେ ଅଧିରୂଢ଼ ହେବା

Digitized by PPRACHIN, SOA

ସଙ୍ଗେ ସଙ୍ଗେ ଶାସକ ଗୋଷ୍ଠୀଙ୍କର ଦୁର୍ନୀତି ନିବାରଣ ନିମନ୍ତେ ଯେଉଁ ଆଗ୍ରହ ଓ ଉତ୍ସାହ ଥିଲା ତାହା କ୍ରମେ ମଉଳିଲା । ଓଲଟି ଏ ଦିଗରେ ମୁଁ ଯେଉଁ ନିରନ୍ତର ପଦକ୍ଷେପ ନେଲି ସେଥିପାଇଁ ଅପ୍ରତ୍ୟକ୍ଷ ଭାବେ ବାଧା ଏବଂ ପ୍ରତ୍ୟକ୍ଷ ଭାବେ ସମାଲୋଚନାର ପାତ୍ର ହେଲି । ମୁଁ ଉପଲବ୍ଧି କରିଛି ଯେ ଏଥର ସୁଯୋଗରେ ମୋତେ କିଛିତ୍ ପରିମାଣରେ ସଫଳତା ମିଳିଛି । ଦଳଠାରୁ ପୂର୍ଣ୍ଣ ସହାୟତା ଓ ସମର୍ଥନ ପାଇନଥିବା ବିଷୟ ପୂର୍ବରୁ ସୂଚନା ଦେଇଛି । ମୁଁ ହୃଦୟଙ୍ଗମ କରୁଛି ଯେ, ସୁ-ଶାସନ ନହେଲେ ସ୍ୱାଧୀନତା ପ୍ରାପ୍ତିର ଅର୍ଥ କିଛି ନୁହେ । ମୁକ୍ତି-ପଥର ସୈନିକ ହିସାବରେ ଦୁର୍ନୀତି ଦୂରୀକରଣରେ ନିଜକୁ ନିୟୋଜିତ କରିବି । ଏ ଜନ୍ମରେ କରି ନ ପାରିଲେ ପର ଜନ୍ମରେ ହୋଇ ପାରିବ । ମୋର ଜନ୍ମାନ୍ତରରେ ବିଶ୍ୱାସ ଅଛି ।

ମନ୍ତ୍ରୀଙ୍କ ଦୁର୍ନୀତି ବିରୋଧରେ ତଦନ୍ତ କମିଶନ ନିଯୁକ୍ତି

ମିଳିତ ସରକାର ଗଠନର ଅବ୍ୟବହିତ ପରେ ଆମେ ଉପଲବ୍ଧି କଲୁ ଯେ, ଦୁର୍ନୀତି ନିବାରଣପୂର୍ବକ ସୁଶାସନ ସ୍ଥାପନ କରିବାକୁ ହେଲେ ଯଦି ଅଭିଯୋଗ ଥାଏ କିମ୍ବା ଆସେ ତେବେ ସମାଜ ଏବଂ ଶାସନର ସର୍ବଶ୍ରେଷ୍ଠ କର୍ତ୍ତୃପକ୍ଷଙ୍କୁ ଦଣ୍ଡ ଦେବାକୁ ହେବ। ମିଳିତ ମନ୍ତ୍ରୀମଣ୍ଡଳର ୨୧ ଦଫା ପୋଗ୍ରାମ ମଧ୍ୟରୁ ଏହା ଏକ କାର୍ଯ୍ୟକ୍ରମ ଥିଲା । ତେଣୁ ମନ୍ତ୍ରୀମାନଙ୍କ ବିରୋଧରେ ପ୍ରଥମେ କାର୍ଯ୍ୟାନୁଷ୍ଠାନ କରିବା ଉଚିତ । ନିଜ ଦଳ ଏବଂ ଶାସନର ମନ୍ତ୍ରୀ-ମାନଙ୍କ ବିରୋଧରେ ଅଭିଯୋଗ ହେଲେ ତାହାର ତଦନ୍ତ ସର୍ବାଦୌ ବିଧେୟ ବୋଲି ମୁଁ ଏବଂ ଅନ୍ୟାନ୍ୟ ବନ୍ଧୁମାନେ ରାଜି ହୋଇଗଲୁ । ତାହା ନ କଲେ ପକ୍ଷପାତ ଏବଂ ଅନ୍ୟାୟ ଦୋଷରେ ଦୁଷ୍ଟ ହେବା ସଙ୍ଗେ କର୍ମଚାରୀ ଗୋଷ୍ଠୀ ଏବଂ ଜନସାଧାରଣଙ୍କର ଆସ୍ଥା ଓ ବିଶ୍ୱାସର ପାତ୍ର ହୋଇପାରିବୁନାହିଁ ।

ଏହି କାରଣରୁ ଆମ ସରକାରଙ୍କର ସର୍ବପ୍ରଧାନ ଏବଂ ସର୍ବ ପ୍ରଥମ ପଦକ୍ଷେପ ଥିଲା, ବିଜୁବାବୁଙ୍କ ମୁଖ୍ୟମନ୍ତ୍ରୀତ୍ୱ ଓ ନେତୃତ୍ୱରେ ୧୯୬୧ ଠାରୁ ୧୯୬୭ ପର୍ଯ୍ୟନ୍ତ ଚାଲିଥିବା ମନ୍ତ୍ରୀମଣ୍ଡଳର ମନ୍ତ୍ରୀମାନଙ୍କ ଦୁର୍ନୀତି ବିରୋଧରେ ତଦନ୍ତ କମିଶନ ନିଯୁକ୍ତ କରାଇବା। ଏହି ମନ୍ତ୍ରୀମାନଙ୍କର ନଗ୍ନ ଦୁର୍ନୀତି ବିଷୟ ଏ ପୁସ୍ତକର ବହୁ ସ୍ଥାନରେ ପ୍ରଚୁର ପରିମାଣରେ ବର୍ଣ୍ଣିତ ହୋଇଛି । ତେଣୁ, ଉକ୍ତ ମନ୍ତ୍ରୀମଣ୍ଡଳର ୧୨ ଜଣ ମନ୍ତ୍ରୀ ସର୍ବଶ୍ରୀ ବିଜୟାନନ୍ଦ ପଟ୍ଟନାୟକ, ବୀରେନ ମିତ୍ର, ନୀଳମଣି ରାଉତରାୟ, ସଦାଶିବ ତ୍ରିପାଠୀ, ହରିହର ମର୍ଦ୍ଦରାଜ ସିଂହଦେଓ, ପ୍ରହ୍ଲାଦ ମଲ୍ଲିକ, ଟି. ସାଙ୍ଗାନା, ବୃନ୍ଦାବନ ନାୟକ ଓ ସନ୍ତୋଷ କୁମାର ସାହୁ ଓଗେରଙ୍କ ବିରୋଧରେ ଆଗତ ୭୨ଟି ଅଭିଯୋଗ ତଦନ୍ତ କରିବା ନିମନ୍ତେ ଏକ ତଦନ୍ତ କମିଶନ ନିଯୁକ୍ତ କରାଗଲା । ଦିଲ୍ଲୀ ହାଇକୋର୍ଟର ଶ୍ରୀ ଖାନ୍ନା ନାମକ ଜଣେ ଜଷ୍ଟିସ ବା ଜଜ୍ ଜଣିକିଆ-କମିଶନ

Digitized by PPRACHIN, SOA

ନିଯୁକ୍ତ ହେଲେ । ଉକ୍ତ କମିଶନ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ ବିଚାର କରି ତାଙ୍କ ରାୟ ଦେଲେ । ସର୍ବଶ୍ରୀ ବିଜୟାନନ୍ଦ ପଟ୍ଟନାୟକ, ବୀରେନ ମିତ୍ର ଏବଂ ହରିହର ସିଂହ ମର୍ଦ୍ଦରାଜ କେତେକ ଅଭିଯୋଗରେ ଶାସନତାନ୍ତ୍ରିକ ଅସଙ୍ଗତି କରିଛନ୍ତି ବୋଲି ଖାନ୍ନା କମିଶନ ମତ ପ୍ରକାଶ କଲେ ବା ରାୟ ଦେଲେ ।

ଆମ ମିଳିତ ସରକାରଙ୍କ ତରଫରୁ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ଓଗେରେ ମନ୍ତ୍ରୀମାନଙ୍କ ବିରୋଧରେ ଦୁର୍ନୀତି ନିମନ୍ତେ ତଦନ୍ତ କମିସନ ବସାଇଲାବେଳେ ଶ୍ରୀ ବିଜୟାନନ୍ଦ ପଟ୍ଟନାୟକଙ୍କ ନେତୃତ୍ୱରେ ପରିଚାଳିତ ହୋଇ ବିରୋଧରେ ଥିବା କଙ୍ଗ୍ରେସ ଦଳ ଦାବୀ କଲେ ଯେ, ୧୯୪୭ ଠାରୁ ୧୯୬୧ ପର୍ଯ୍ୟନ୍ତ ଶାସନ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀମାନଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କ ବିରୋଧରେ ମଧ୍ୟ ଅଭିଯୋଗ ଅଣାଗଲେ ଜନ-କଙ୍ଗ୍ରେସ ସ୍ୱତନ୍ତ୍ର ମନ୍ତ୍ରୀମଣ୍ଡଳ ତଦନ୍ତ କମିସନ ବସାନ୍ତୁ । ଉଚିତ ନ୍ୟାୟ ପ୍ରଦାନ ଉଦ୍ଦେଶ୍ୟରେ ବିରୋଧରେ ଥିବା କଂଗ୍ରେସ ଦଳ ଓ ଅନ୍ୟାନ୍ୟ ଦଳମାନଙ୍କର ଦାବୀକୁ ଖାତିର କରି ଏହି ମନ୍ତ୍ରୀମାନଙ୍କ ବିରୋଧରେ ଅଭିଯୋଗ ଆସିଲେ ତଦନ୍ତ କମିସନ ବସାଯିବ ବୋଲି ଘୋଷଣା କଲୁ । ବିରୋଧୀ ଦଳମାନେ ସର୍ବଶ୍ରୀ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ରାଜେନ୍ଦ୍ର ନାରାୟଣ ସିଂହ ଦେଓ, ପବିତ୍ରମୋହନ ପ୍ରଧାନ, ଶାନ୍ତନୁକୁମାର ଦାସ, ସୁରେନ୍ଦ୍ରନାଥ ପଟ୍ଟନାୟକ ଓ ବନମାଳୀ ପଟ୍ଟନାୟକ ଓଗେରଙ୍କ ବିରୋଧରେ କେତେକ ଅଭିଯୋଗ ଆଗତ କଲେ । ଏହି ଆଗତ ଅଭିଯୋଗମାନଙ୍କ ସମ୍ପର୍କରେ ଅନ୍ତତଃ ପ୍ରମାଣଯୋଗ୍ୟ ବିଷୟବସ୍ତୁ ଅଛି କି ନାହିଁ ତାହା ତଦନ୍ତ କରିବା ନିମନ୍ତେ ଦିଲ୍ଲୀ ହାଇକୋର୍ଟରୁ ଅବସରପ୍ରାପ୍ତ ମୁଧୋଲକର ନାମକ ଜଣେ ଜଜ୍‌ଙ୍କୁ ତଦନ୍ତକାରୀ ଭାବେ ନିଯୁକ୍ତ କରାଗଲା । ଏହି ତଦନ୍ତକାରୀ ଜଜ୍ ତାଙ୍କ ରାୟ ଦେଇ କହିଲେ ଯେ, ଡ଼: ହରେକୃଷ୍ଣ ମହତାବଙ୍କ ବିରୋଧରେ ଯେଉଁ ଅଭିଯୋଗମାନ ଆସିଛି ସେ ସବୁ ଉତ୍ତମରୂପେ ଅଧ୍ୟୟନ କରିବାକୁ ସେ ଅସମର୍ଥ ହୋଇଛନ୍ତି । ତଥାପି ସେ ମତ ଦେଲେ ଯେ, ତାଙ୍କ (ଡ଼: ମହତାବଙ୍କ) ବିରୋଧରେ ଅଭିଯୋଗ ସମ୍ପର୍କୀୟ କାଗଜାତ୍ ଓ ରେକର୍ଡ଼ପତ୍ର ଅନ୍ୟ ଏକ କମିସନ ଦେଖିଲେ ଉତ୍ତମ ହୁଅନ୍ତା ।

Digitized by PPRACHIN, SOA

କିନ୍ତୁ ଶ୍ରୀ ମୁଧଲକର ମତ ଦେଲେ ଯେ, ଅନ୍ୟ ମନ୍ତ୍ରୀ ଏବଂ ନେତାମାନଙ୍କ ବିରୋଧରେ ଆଗତ କରାଯାଇଥିବା ଅଭିଯୋଗମାନ ଭିତ୍ତିହୀନ ଓ ଅମୂଳକ ଅଟେ ।

ମୋ ବିରୋଧରେ ଯେଉଁ ଅଭିଯୋଗ ଅଣାଯାଇଥିଲା ତାହା ଶ୍ରୀ ମୁଧଲକରଙ୍କର ବିଗ୍ଭରର ପରିସର ଭିତରେ ନାହିଁ ବୋଲି ସେ (ଶ୍ରୀ ମୁଧଲକର) ମତ ଦେଇଥିଲେ । କିନ୍ତୁ ୫ ପୃଷ୍ଠା ବ୍ୟାପୀ ମୋ ବିରୋଧରେ ଅଭିଯୋଗ ସମ୍ପର୍କରେ ମତାମତ ପ୍ରକାଶରେ ସେ ମୋତେ (ପବିତ୍ର ମୋହନ ପ୍ରଧାନଙ୍କୁ) ଏକ ସାଧୁ ଏବଂ ସଚ୍ଚୋଟ ବ୍ୟକ୍ତି ବୋଲି ମନ୍ତବ୍ୟ ଦେଇ ଅଭିଯୋଗକୁ ଅସତ୍ୟ, ଭିତ୍ତିହୀନ ଏବଂ ରାଜନୈତିକ ଅଭିସନ୍ଧିମୂଳକ ବୋଲି କହିଛନ୍ତି ।

ଶ୍ରୀଯୁକ୍ତ ଶାନ୍ତନୁକୁମାର ଦାସଙ୍କ ବିରୋଧରେ ଅଭିଯୋଗକୁ ସମ୍ପୂର୍ଣ୍ଣ ଅମୂଳକ ବୋଲି ମତ ପ୍ରକାଶ କରିଛନ୍ତି ।

ସର୍ବଶ୍ରୀ ବିଜୟାନନ୍ଦ ପଟ୍ଟନାୟକ ଏବଂ ବୀରେନ ମିତ୍ର ଓଗେର ୧୨ ଜଣ ମନ୍ତ୍ରୀଙ୍କ ବିରୋଧରେ ଯେଉଁ ଅଭିଯୋଗମାନ ଅଣାଯାଇଥିଲା, ସେ ସବୁର ପ୍ରମାଣ ନିମନ୍ତେ ନାନା ବାଧା ବିଘ୍ନ ଉପୁଜିଲା । ବିଜୁବାବୁଙ୍କ ଶାସନ ଅମଳରେ ଶାସନରେ ନାନା ପ୍ରକାର ଢିଲା କାର୍ଯ୍ୟ, ଅନିୟମିତତା, ପ୍ରିୟାପ୍ରୀତି-ତୋଷଣ, ଦଳ ଓ ଗୋଷ୍ଠୀ-ପୋଷଣ ଏବଂ ବଦ୍‌ଖର୍ଚ୍ଚ ହେଉଥିଲା । ଏହାର ସୁଯୋଗରେ ବହୁ ବ୍ୟବସାୟୀ, କଣ୍ଟ୍ରାକ୍‌ଟର, ଠିକାଦାର, ଆଡ଼ତଦାର, ରାଜନୈତିକ କର୍ମୀ ଏବଂ ନେତା ଓ କେତେକ କର୍ମଚାରୀ ପ୍ରଚୁର ପରିମାଣରେ ଲାଭବାନ ହେଉଥିଲେ । ଏହି ଗୋଷ୍ଠୀ ଇଚ୍ଛା କରୁ ନ ଥିଲେ ଯେ, ବିଜୁବାବୁ ଓଗେର ତାଙ୍କ ମନ୍ତ୍ରୀମାନଙ୍କ ବିରୋଧରେ ତଦନ୍ତ କମିଟି ବସୁ । ସେମାନେ ଚାହାନ୍ତି କରୁଥିଲେ ବିଜୁବାବୁଙ୍କ ଶାସନ ପୁଣି ଫେରି ଆସନ୍ତା । ଏହି ଗୋଷ୍ଠୀ ତନ-ମନ-ଧନ ଦେଇ ଉଦ୍ୟମ କରୁଥିଲେ ଯେ ଜନକଂଗ୍ରେସ-ସ୍ୱତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଉ ଏବଂ ବିଜୁବାବୁ ପୁନର୍ବାର କ୍ଷମତାକୁ ଆସନ୍ତୁ । ପ୍ରଥମତଃ ଜାଣିଆଣି ଭାବନା ଭର୍ତ୍ତି କରାଇ ପ୍ରଥମରୁ କମିସନ୍ କାର୍ଯ୍ୟକୁ ଭଣ୍ଡୁର କରିବାକୁ ଏହି ଗୋଷ୍ଠୀ ଚେଷ୍ଟା କଲେ । ୨ୟତଃ ବହୁତ ଗୁଣ୍ଡା-ଭେଦା ସଂଗ୍ରହ କରି ତଦନ୍ତରେ ସାହାଯ୍ୟ କରୁଥିବା କର୍ମଚାରୀଙ୍କୁ ହୁଏତ ପ୍ରଲୋଭିତ କିମ୍ବା ଭୟଭୀତ କରିବାକୁ ଲାଗିଲେ । ୩ୟତଃ ବିଜୁବାବୁ ପୁଣି କ୍ଷମତାକୁ ଆସିଲେ ତଦନ୍ତରେ ସାହାଯ୍ୟ କରୁଥିବା

Digitized by PPRACHIN, SOA

କର୍ମଚାରୀଙ୍କ ବିରୋଧରେ ପ୍ରତିଶୋଧ ନେବେ ବୋଲି ଜୋରସୋରରେ ପ୍ରଚାର ଚଳାଇଲେ । ଫଳରେ କେତେକ କର୍ମଚାରୀ ତଦନ୍ତରେ ସାହାଯ୍ୟ କରିବାକୁ ଆଗଭର ହେଲେ ନାହିଁ । ତଦନ୍ତ କାଳର ଏକସମୟରେ ଏପରି ଅବସ୍ଥା ହେଲା ଯେ, ସତ୍ୟପାଠ (affidevit) ନିମନ୍ତେ କର୍ମଚାରୀ ରାଜି ହେଲେ ନାହିଁ । ଏଣେ ସତ୍ୟପାଠ କରାଯାଇଥିବା ନଥିପତ୍ର ଓ ରେକର୍ଡ଼ ଦାଖଲ ତାରିଖ ମୋଟେ ୪।୫ ଦିନମାତ୍ର ଥାଏ । ଏପରି ଅବସ୍ଥା ଘଟିଲା-ବେଳକୁ ମୁଁ ଗସ୍ତରେ ଥାଏ । ଜଣେ ସ୍ପେଶାଲ୍ ମେସେଞ୍ଜର ବା ଖାସ୍ ଏବଂ ଅନ୍ତରଙ୍ଗ ଦୂତ ମୁଖ୍ୟମନ୍ତ୍ରୀଙ୍କ ଚିଠି ନେଇ ମୋ ନିକଟକୁ ଗଲେ । ମୁଁ ଚିଠି ପାଇଲାମାତ୍ରେ ସଭା ସ୍ଥଳରୁ ଚାଲି ଆସିଲି । ଆସି ଅଫିସରମାନଙ୍କୁ ଆଶ୍ୱାସନା ଏବଂ ନିରପେକ୍ଷର ନିର୍ଭରବାଣୀ ଓ ପ୍ରତିଶ୍ରୁତି ଜ୍ଞାପନ କରାଇବାରୁ ସତ୍ୟପାଠ କରିବା ନିମନ୍ତେ କେହି କେହି ଅଫିସର ବାହାରିଲେ । ତଥାପି କେତେକ ଅଭିଯୋଗ ବିଷୟରେ କମିସନଙ୍କ ନିକଟରେ ରେକର୍ଡ଼ ଦାଖଲ ନିମନ୍ତେ ଉପଯୁକ୍ତ ପାହ୍ୟାର ଅଫିସର ନ ବାହାରିବାରୁ ଜଣେ ହେଡ଼୍ ଆସିଷ୍ଟାଣ୍ଟ କେତେକ ରେକର୍ଡ଼ ଆଫିଡେଭିଟ୍ କରି କମିସନରଙ୍କ ନିକଟରେ ଦାଖଲ କଲେ । କିନ୍ତୁ କେତେକ ଉଚ୍ଚ ଅଫିସର ଜିଦ୍‌ରୁ ଶିରା ବାହାର କଲାପରି ଉକ୍ତ ହେଡ଼୍ ଆସିଷ୍ଟାଣ୍ଟଙ୍କର ସାମାନ୍ୟ ସାମାନ୍ୟ ତ୍ରୁଟି ଦେଖାଇ ତାଙ୍କୁ ନାନା ହଇରାଣରେ ପକାଇଲେ । ଉକ୍ତ ଆସିଷ୍ଟାଣ୍ଟଙ୍କୁ ହଇରାଣରୁ ରକ୍ଷା କରିବା-ପାଇଁ ମୋତେ ପ୍ରବଳ ଉଦ୍ୟମ କରିବାକୁ ପଡ଼ିଲା ।

ବିଜୁବାବୁ ଓ ଗେର ୧୨ ଜଣ ମନ୍ତ୍ରୀ କଙ୍ଗ୍ରେସ ଦଳର ମନ୍ତ୍ରୀ ଥିଲେ । ପୂର୍ବୋକ୍ତ ଅନୁସାରେ ଦିଲ୍ଲୀମହଲର ବହୁ କର୍ତ୍ତୃପକ୍ଷ ବିଜୁବାବୁଙ୍କ ପକ୍ଷପାତି ଥିଲେ । ତନ୍ମଧ୍ୟରୁ କେତେକ ବିଜୁବାବୁଙ୍କଦ୍ୱାରା ଉପକୃତ ହେଉଥିଲେ । ଦିଲ୍ଲୀର ଏହି ଗୋଷ୍ଠୀ ଚେଷ୍ଟା କରୁଥିଲେ ଯେ, କିପରି ସ୍ୱତନ୍ତ୍ର-ଜନ-କଙ୍ଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିଯାଉ ଏବଂ କମିସନ ନ ବସୁ । ଏହି ଗୋଷ୍ଠୀ ମଧ୍ୟ ଦିଲ୍ଲୀ କର୍ତ୍ତୃପକ୍ଷଙ୍କୁ କହୁଥାନ୍ତି ଯେ, ବିଜୁବାବୁ ଓ ଗେର କଙ୍ଗ୍ରେସ ମନ୍ତ୍ରୀ-ମାନେ କମିସନଙ୍କଦ୍ୱାରା ଦୋଷୀ ବୋଲି ଘୋଷିତ ହେଲେ କଙ୍ଗ୍ରେସର ଦୁର୍ନାମ ହେବ । ତେଣୁ ସେମାନେ କମିସନଙ୍କୁ ଅପ୍ରତ୍ୟକ୍ଷ କିମ୍ବା ପ୍ରତ୍ୟକ୍ଷ ଭାବେ ପ୍ରଭାବିତ କରିବାର ଆଭାସ ମିଳିଛି । ସାଧାରଣତଃ ଉଚ୍ଚ କର୍ତ୍ତୃପକ୍ଷ ଦଳର ସୁନାମ ଦୃଷ୍ଟିରୁ ନିଜ ଦୋଷ ପଦାରେ ପକାଇବାକୁ ସାହସ କରନ୍ତି ନାହିଁ । ପଞ୍ଜାବର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ କାଇରନ୍‌ଙ୍କ ବିରୁଦ୍ଧରେ ଦାସ

Digitized by PPRACHIN, SOA

କମିସନଙ୍କ ମନ୍ତବ୍ୟରୁ ତାହା ଜଣାପଡ଼ୁଛି । ସ୍ୱର୍ଗତଃ ପଣ୍ଡିତ ନେହେରୁ ଶ୍ରୀ କାଇ-ରନ୍‌ଙ୍କୁ ଶ୍ରଦ୍ଧା କରୁଥିଲେ । ତେଣୁ ଦାସ କମିସନ୍‌ର ପ୍ରଥମ ଟାଇପ୍ କରାହୋଇ-ଥିବା ରିପୋର୍ଟରେ ଶ୍ରୀ କାଇରନ୍‌ଙ୍କୁ ଦୋଷୀ ସାବ୍ୟସ୍ତ କରି ନ ଥିବାର ଖବର ପ୍ରକୃରିତ ହେଲା । କିନ୍ତୁ ପଣ୍ଡିତ ନେହେରୁଙ୍କ ଆକସ୍ମିକ ମୃତ୍ୟୁ ପରେ ସ୍ୱର୍ଗୀୟ ଲାଲବାହାଦୁର ପ୍ରଧାନମନ୍ତ୍ରୀ ହେଲେ । ସେ ଦୁର୍ନୀତିକୁ ପ୍ରଶ୍ରୟ ଦେଉ ନ ଥିଲେ । ତାଙ୍କୁ ପ୍ରଭାବିତ କରାଇବା କଠିନ ହେଲା । ତେଣୁ ଦାସ୍ କମିସନ୍ ଶେଷକୁ ତାଙ୍କ ନିଜ ହାତରେ ରାୟ ଲେଖି ଶ୍ରୀ କାଇରନ୍‌ଙ୍କୁ କେତେକ ଅଭିଯୋଗରେ ଦୋଷୀ ସାବ୍ୟସ୍ତ କଲେ । ଆମ ଓଡ଼ିଶା କ୍ଷେତ୍ରରେ ବିଜୁବାବୁ ଓଗେର ୧୨ ଜଣ ମନ୍ତ୍ରୀଙ୍କ ବିରୋଧରେ ଖାନା କମିସନ୍‌ଙ୍କ ରିପୋର୍ଟ ପାଠ କଲେ ଜଣାପଡ଼ୁଛି ଯେ, ପ୍ରାୟ ସବୁ ବିଷୟରେ ପ୍ରଚୁର ପରିମାଣ ପ୍ରମାଣ ଅଛି । କିନ୍ତୁ ତଥାପି ୭ଟି ଅପରିହାର୍ଯ୍ୟ ବିଷୟରେ ସର୍ବଶ୍ରୀ ବିଜୁବାବୁ, ବୀରେନବାବୁ ଓ ହରିହରସିଂହ ମର୍ଦ୍ଦରାଜଙ୍କୁ ଦୋଷୀ ବୋଲି ମତ ଦେଇ ଅନ୍ୟ ସବୁ ଅଭିଯୋଗରୁ ଏହି ମନ୍ତ୍ରୀ ୩ ଜଣ ଓ ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ପ୍ରମାଣ ଅଭାବରୁ ମୁକ୍ତ କରି ଦେଇଛନ୍ତି, ଯଦିଚ ରିପୋର୍ଟ ତନ୍ନ ତନ୍ନ କରି ପଢ଼ିଲେ ଜଣା-ପଡ଼ୁଛି ଯେ, ଦୋଷୀ ବୋଲି ସାବ୍ୟସ୍ତ କରିବା ନିମନ୍ତେ ପ୍ରଚୁର ପରିମାଣରେ ପ୍ରତ୍ୟକ୍ଷ ଏବଂ ଆନୁସଙ୍ଗିକ ପ୍ରମାଣ ଅଛି ।

ଉପର୍ଯ୍ୟୁକ୍ତ କାରଣମାନଙ୍କରୁ ନିର୍ମଳ ଶାସନ ଏବଂ ଦୁର୍ନୀତିମୁକ୍ତ ସମାଜ ପ୍ରତିଷ୍ଠା କରିବାକୁ ଇଚ୍ଛା ଓ ଉଦ୍ୟମ କରୁଥିବା ଯେ କୌଣସି ବ୍ୟକ୍ତି ଆଶଙ୍କା କରିବ ଯେ, ଏ ଦେଶରେ ସୁଶାସନ ଚଳାଇବା କଷ୍ଟକର । ଏକେ ତି ଜନତା ଉଦାର ଏବଂ ଉଦାସୀନ ; ୨ୟତଃ କର୍ମଚାରୀ ଅସହଯୋଗୀ; ୩ୟତଃ ବହୁତ ରାଜନୈତିକ ବ୍ୟକ୍ତି ଏବଂ କେତେକ ଦଳର ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କୁ ଦଣ୍ଡ ଦେବା ଓ ଦିଆଇବାପାଇଁ ବିରୋଧୀ ଏବଂ ପରାଙ୍ମୁଖୀ; ୪ର୍ଥତଃ ସର୍ବୋଚ୍ଚ କର୍ତ୍ତୃପକ୍ଷ ଦଳୀୟ ଦୋଷ ଘୋଡ଼ାଇବାକୁ ବାଧ୍ୟ ଏବଂ ୫ମତଃ ବିଚାରକର୍ତ୍ତା ଜଜ୍ କମ୍ବା କମିସନ ଭବିଷ୍ୟତ ଆଶା-ଆକାଙ୍କ୍ଷାର ପୂର୍ତ୍ତି ନିମନ୍ତେ ଉଚ୍ଚତମ କର୍ତ୍ତୃପକ୍ଷଙ୍କ ଅନୁଗ୍ରହାଭିଳାଷୀ ଅଟନ୍ତି । ତେଣୁ ଏପରି ସମାଜରେ ଦୋଷୀ-ଶାସନପତି ଓ ସମାଜପତିଙ୍କୁ ଦଣ୍ଡ ଦିଆଇ ଶାସନ ଓ ସମାଜକୁ ସୁଧାରିବା କାଠିଏ ପାଠ ପରି ବୋଧ ହୁଏ । ସାଧାରଣ ଶାସନ-ସୁଧାରକ ଓ ସମାଜସଂସ୍କାରକର ମନୋବଳ ଭାଙ୍ଗିଯିବ । କିନ୍ତୁ ମୋର ବିଶ୍ୱାସ ଯେ, ନିଜର ନିର୍ମଳ, ସାଧୁ ଏବଂ ସଚ୍ଚୋଟ ଚରିତ୍ର, ଆଚରଣ ଏବଂ ଆଇନଗତ କ୍ଷମତା

Digitized by PPRACHIN, SOA

ପ୍ରୟୋଗଦ୍ୱାରା ଜଣେ ଦୃଢ଼ ଓ ଆଶାବାଦୀ ନେତା, ଭାରତର ପ୍ରଧାନମନ୍ତ୍ରୀ କିମ୍ବା କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ଦୁର୍ନୀତି ନିବାରଣ ଉଦ୍ଦେଶ୍ୟରେ ନିଯୁକ୍ତ କମିସନ୍‌ଙ୍କଠାରୁ ଉପଯୁକ୍ତ ମତାମତ ଆଣାଇ ଦେଶ ତଥା ସମାଜକୁ ଆଦର୍ଶ ଏବଂ ନିର୍ମଳତାର ନେତୃତ୍ୱ ଦେଇ ପାରିବ ।

Digitized by PPRACHIN, SOA

କେନ୍ଦୁପତ୍ର ବ୍ୟବସାୟରେ ଦୁର୍ନୀତି
ଏବଂ
ଏହାର ନିରାକରଣ

ଓଡ଼ିଶା ବହୁ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ । ତନ୍ମଧ୍ୟରୁ ବନ୍ୟ ଏବଂ ଖଣିଜ ସମ୍ପଦ ପ୍ରଚୁର ଅଛି । ଏହି ସମ୍ପଦର ବୈଜ୍ଞାନିକ ବିନିମୟ ଏବଂ ଶିଳ୍ପାତ୍ମକ ଶ୍ରୀବୃଦ୍ଧି ଓ ଉତ୍ପାଦନଦ୍ୱାରା ଓଡ଼ିଶାର ବେକାରୀ ଦୂରୀକରଣ ଏବଂ ଦାରିଦ୍ର୍ୟ ନିରାକରଣ ବହୁତ ପରିମାଣରେ ସଫଳ ହୋଇପାରିବ । ପ୍ରଚୁର ବନ୍ୟ ସମ୍ପଦ ଭିତରରୁ କେନ୍ଦୁପତ୍ର ସର୍ବ-ପ୍ରଧାନ ଏବଂ ସର୍ବଶ୍ରେଷ୍ଠ ଲାଭବାନ ବନ୍ୟ ସମ୍ପଦ କହିଲେ ଅତ୍ୟୁକ୍ତି ହେବ ନାହିଁ ।

ମୁଁ ଏଠାରେ ଏ ବ୍ୟବସାୟର ଶିଳ୍ପାତ୍ମକ କିମ୍ବା ବ୍ୟବସାୟାତ୍ମକ ଲାଭ-କ୍ଷତି ଏବଂ ବ୍ୟବସାୟ ଚଳାଇବାର ଏଜେନ୍‌ସି କଥା କହୁନାହିଁ । ତାହା ଏହି ପୁସ୍ତକର ବିଷୟବସ୍ତୁର ପରିସର ମଧ୍ୟରେ ଆସୁ ନାହିଁ । ତେଣୁ ତାହା ବନ୍ଦ କରୁଛି ।

ସରକାରୀ ଆୟ ଭିତରରୁ ଏବଂ ଅତି ଗରିବ ଶ୍ରେଣୀଙ୍କୁ ନିଯୁକ୍ତି ଦେଇ ମଜୁରିର ସୂତ୍ର ଯୋଗାଇବା ଦୃଷ୍ଟିରୁ ଏହି ବ୍ୟବସାୟ ଅତ୍ୟନ୍ତ ଲାଭଦାୟକ ଏବଂ ଉପକାରୀ ଅଛି । ଏହି ବ୍ୟବସାୟରୁ ବର୍ଷକୁ ୪କୋଟି ଟଙ୍କା ସରକାରୀ ଆୟ ହେବାର କଥା ।

୧୯୭୩ ଜାନୁୟାରୀ ପର୍ଯ୍ୟନ୍ତ ଓଡ଼ିଶା ସରକାର ଏହି ବ୍ୟବସାୟକୁ ଜଙ୍ଗଲ ବିଭାଗଦ୍ୱାରା ଚଳାଉଥିଲେ । ଇଂରେଜୀରେ ଏହାକୁ ଷ୍ଟେଟ୍-ଟ୍ରେଡିଙ୍ଗ୍ (State Trading) କୁହାଯାଉଥିଲା । କେନ୍ଦୁପତ୍ର ସଂଗ୍ରହ ଓ ବିକ୍ରୟ ନିମନ୍ତେ ଟେଣ୍ଡରଦ୍ୱାରା ଏଜେଣ୍ଟ ନିଯୁକ୍ତ କରି ଏ ବ୍ୟବସାୟ ଚଳାଯାଉଥିଲା ।

କିନ୍ତୁ କେଜାଣି କାହିଁକି ଚତୁର୍ଦ୍ଦିଗରୁ ଧ୍ୱନି ହେଲା ଯେ, ଏହି ବ୍ୟବସାୟ ଜାତୀୟକରଣ ହେଉ । ଆଜିକାଲି ତ ସାମ୍ୟବାଦୀ ଯୁଗ ଏବଂ ଏହି ଯୁଗର ରାଜନୀତି ଓ ଅର୍ଥନୀତି ଧନ-ସର୍ବସ୍ୱ ଅଟେ । ଉକ୍ତ ଧ୍ୱନି

Digitized by PPRACHIN, SOA

କାର୍ଯ୍ୟକାରୀ ହେଲେ ଲାଭ କ୍ଷତି ବା ଭଲ ମନ୍ଦ କଣ ହେବ ସେ କଥା କେହି ବିଚାରନ୍ତି ନାହିଁ ।

ଉକ୍ତ ଧ୍ୱନି (Slogan) ଅନୁସାରେ ବର୍ତ୍ତମାନର କଂଗ୍ରେସ ସରକାର ୧୯୭୩ ଜାନୁୟାରୀ ମାସଠାରୁ ପ୍ରଥମରୁ ଚଳି ଆସୁଥିବା ସରକାରୀ ବ୍ୟବସାୟ (State Trading) ପ୍ରଥା ବନ୍ଦ କରି ଜାତୀୟକରଣ କରିଛନ୍ତି । ଏହି ଜାତୀୟକରଣ ବ୍ୟବସାୟ ଉଭୟ ଫରେଷ୍ଟ ବିଭାଗ ଏବଂ ଫରେଷ୍ଟ ବିଭାଗର କର୍ପୋରେଶନ ଶାଖା ଚଳାଇବେ ।

ଓଡ଼ିଶାର କଂଗ୍ରେସ ସମେତ ପ୍ରଜାସୋସାଲିଷ୍ଟ, ସଂଯୁକ୍ତ ସୋସାଲିଷ୍ଟ, ସି: ପି: ଆଇ:, ସି: ପି: ଆଇ: (ଏମ୍), ଉତ୍କଳ କଂଗ୍ରେସ, ଯୁବଗୋଷ୍ଠୀ, ଛାତ୍ର-ଗୋଷ୍ଠୀ, କର୍ମଚାରୀଗୋଷ୍ଠୀ ଏବଂ ବହୁ ଶିକ୍ଷିତ ଅଶିକ୍ଷିତ ଗୋଷ୍ଠୀ ଜାତୀୟକରଣ ଦାବୀ କଲେ । ସେମାନଙ୍କ ଦାବୀ ପୂରଣ ହେଲା । ଏତଦ୍ୱାରା ବ୍ୟବସାୟରୁ ମିଳୁଥିବା ଲାଭ-କ୍ଷତି କଥା କେହି ବିଚାରକୁ ନେଇ ନାହାନ୍ତି ବୋଲି ମୋର ଧାରଣା ।

ଓଡ଼ିଶାରେ ମୁଁ ଏକମାତ୍ର ବ୍ୟକ୍ତି ଯେ କି ଦୃଢ଼ ସ୍ୱରରେ ଦେଶକୁ ତଥା ସରକାରଙ୍କୁ ଚେତାବନୀ ଦେଇ ସାବଧାନ କରି ଦେଇଛି ଯେ ଯଦି ସରକାର ମୂଳରୁ ଅତି ତୀକ୍ଷ୍ଣ ନଜର ଏବଂ ଅତିରିକ୍ତ ବ୍ୟବସ୍ଥା ନ କରନ୍ତି ତେବେ ୫ ବର୍ଷ ମଧ୍ୟରେ ଲାଭ ତ କିଛି ମିଳିବ ନାହିଁ, ବରଂ ଉଭୟେ ଫରେଷ୍ଟ ବିଭାଗ ଓ ଫରେଷ୍ଟ କର୍ପୋରେଶନ ଏହି ବ୍ୟବସାୟର ମୂଳଧନ ଖାଇଯିବେ । ଲୋକଙ୍କୁ କାମ ଏବଂ ମଜୁରୀ ଓ ନିଯୁକ୍ତି ଦେଇପାରିବେ ନାହିଁ । ଏହି ବ୍ୟବସାୟରୁ ସରକାରଙ୍କର ବିନା ପରିଶ୍ରମ, ବିନା ଉଦ୍‌ବେଗ ଏବଂ ବିନା ଖର୍ଚ୍ଚରେ ବର୍ଷକୁ ୩ କୋଟି ଟଙ୍କା ଟ୍ରେଜେରୀକୁ ଆସୁଥିଲା । ଖୋଲା ନିଲାମ କରିଥିଲେ ବର୍ଷକୁ ୪ କୋଟି ଟଙ୍କା ଆସିଥାନ୍ତା । ତାହା ଆଉ ଆସିବ ନାହିଁ । ଏହା ପ୍ରଥମ ଦୁର୍ନୀତି ଅଟେ ।

କେନ୍ଦୁପତ୍ର ବ୍ୟବସାୟରୁ ନାନା ପ୍ରକାର ଦୁର୍ନୀତି ହେଉଛି । ଏଠାରେ କେବଳ ଶାସକ ଦଳ ବିଶେଷତଃ ମନ୍ତ୍ରୀସ୍ତରୀୟ କର୍ତ୍ତୃପକ୍ଷ କେନ୍ଦୁପତ୍ର ସଂଗ୍ରାହକ ଓ ଖରିଦଦାରଠାରୁ ଯେଉଁ ଅନ୍ୟାୟ ଚାନ୍ଦା ବା ଲାଞ୍ଚ ଗ୍ରହଣ କରି ନିଜେ କଳଙ୍କିତ ହୋଇ ତଥା ଜାତିକୁ କଳଂକିତ କରନ୍ତି, ମୁଁ ତାହା ବର୍ଣ୍ଣନା କରିବି ।

Digitized by PPRACHIN, SOA

ଯେଉଁମାନେ ଧାରଣା କରୁଛନ୍ତି ଯେ, କେନ୍ଦୁପତ୍ର ବ୍ୟବସାୟ ବର୍ତ୍ତମାନ ରୀତିରେ ଜାତୀୟକରଣ ହେଲେ ଦୁର୍ନୀତି ବନ୍ଦ ହେବ ତାହା ଠିକ ନୁହେଁ । ଏ ନୀତିରେ ବ୍ୟବସାୟ ଚାଲିଲେ ୫ ବର୍ଷ ମଧ୍ୟରେ ମୂଳଧନ ବୁଡ଼ିଯିବ, ଲାଭ କଥା ପଚାରୁଛି କିଏ ? ତେଣୁ ଏହାଠାରୁ ବଳି ବଡ଼ ଦୁର୍ନୀତି ଆଉ କଣ ହୋଇପାରେ ? ବର୍ତ୍ତମାନର ଜାତୀୟକରଣରେ ମନ୍ତ୍ରୀ ସ୍ତରରୁ ଆରମ୍ଭ କରି ତଳସ୍ତର ପର୍ଯ୍ୟନ୍ତ ସମସ୍ତେ ବାଣ୍ଟିକୁଣ୍ଟି ମୂଳ ଓ ଲାଭ ନେବେ । ତେଣୁ ମୋ ମତରେ ପୂର୍ବୋକ୍ତ ସରକାରୀ ବ୍ୟବସାୟ ନୀତି (State Trading) ରଖିବା ଉଚିତ । କିନ୍ତୁ ଷ୍ଟେଟ ଟ୍ରେଡ଼ିଙ୍ଗ୍ ନିୟମରେ ଯେଉଁ ତ୍ରୁଟି ଥିବା-ବଶତଃ ରାଜନୈତିକ ଏବଂ ଶାସନତାନ୍ତ୍ରିକ ଦୁର୍ନୀତି କରିବାର ଅବକାଶ ଅଛି ତାହା ସଂଶୋଧନ କରିଦେଲେ ଦୁର୍ନୀତି ବନ୍ଦ ହେବ, ଗରିବ ଲୋକଙ୍କୁ ମଜୁରି ମିଳିବ, ବହୁ ସଂଖ୍ୟକ ବ୍ୟକ୍ତିଙ୍କୁ ନିଯୁକ୍ତି ମିଳିବ ଏବଂ ସରକାରଙ୍କର ବିନା ଉଦ୍‌ବେଗ, ଚିନ୍ତା, ପରିଶ୍ରମ ଓ ଖର୍ଚ୍ଚରେ ବାର୍ଷିକ ଅନ୍ୟୂନ ୪।୫ କୋଟି ଟଙ୍କା ଟ୍ରେଜେରୀକୁ ରୟାଲ୍‌ଟି ଆକାରରେ ଆସିବ ।

ଷ୍ଟେଟ ଟ୍ରେଡିଙ୍ଗ୍ ନୀତିରେ ୩ଟି ତ୍ରୁଟି ବା ଦୋଷ ଥିବାରୁ ତାର ସୁଯୋଗ ନେଇ ଉଭୟ ଶାସକ ଓ ରାଜନୈତିକ ଦଳର ମନ୍ତ୍ରୀ ଓ ନେତାମାନେ ଏବଂ ବ୍ୟବସାୟୀମାନେ ଚକ୍ରାନ୍ତ କରି ସରକାରୀ ଆୟରେ କ୍ଷତି କରି ନିଜ ନିଜ ମଧ୍ୟରେ ବାଣ୍ଟି କରି ନିଅନ୍ତି । ଏହି ବଣ୍ଟନକୁ ପାରସ୍ପରିକ ଚାନ୍ଦା ବା ସାହାଯ୍ୟ ଦାନ କିମ୍ବା ଉତ୍କୋଚ ବୋଲି କୁହାଯାଉଛି । ଏହି ଲାଞ୍ଚଜନିତ ଟଙ୍କା ସାହାଯ୍ୟରେ କିଣା-ବିକା ମନ୍ତ୍ରୀମଣ୍ଡଳର ଭଙ୍ଗ କିମ୍ବା ଗଠନ ହୁଏ । ଏହି ଉତ୍କୋଚ ଅର୍ଥରେ ଦଳରେ ଗୋଷ୍ଠୀବନ୍ଦୀ ହୁଏ । ଏ ପ୍ରକାର ଉତ୍କୋଚରୁ କେତେକ କର୍ମଚାରୀ ମଧ୍ୟ 'ଲେପ-ଭାଗ' ପାଆନ୍ତି ।

ପୂର୍ବୋକ୍ତ ୩ଟି ତ୍ରୁଟି ନିମ୍ନରେ ପ୍ରଦତ୍ତ କରୁଛି । ଏହି ତ୍ରୁଟି ଦୁର୍ନୀତିର ମୂଳାଧାର ଅଟେ ।

କ—କେନ୍ଦୁପତ୍ର ବ୍ୟବସାୟ ନିମନ୍ତେ ଦିଆଯାଇଥିବା ଲିଜ୍ ବା ପଟ୍ଟାର ମିଆଦ ବଢ଼ାଇବା । ଲାଭ ଦୃଷ୍ଟିରୁ ଠିକାଦାରମାନେ ଏ ମିଆଦ ବଢାଇବାକୁ ଇଚ୍ଛା କରନ୍ତି । ସେଥିପାଇଁ ଉତ୍କୋଚ ଦିଅନ୍ତି ।

ଖ—ଘାଟତି-ରିହାତି ବା (short fall rebate) ମଂଜୁର କରିବା । ଏହାର ଅର୍ଥ ହେଉଛି ପ୍ରତ୍ୟେକ ଏଜେଣ୍ଟ ତାର ନିଜ ଲିଜ୍-ଏରି-ଆରୁ ବାର୍ଷିକ କେତେ ପତ୍ର ସଂଗ୍ରହ କରିବ ସେଥିପାଇଁ ଲିଜ୍‌ରେ ଚୁକ୍ତି

Digitized by PPRACHIN, SOA

କରିଥାଏ । ସେହି ପରିମାଣରୁ କମ୍ ପଥ ଉତ୍ପାଦନ କଲେ ଜୁରିମନା ଦେବାକୁ ପଡ଼େ । ଏହି ଜୁରିମନା କାଟି ଦେବା ବିଭାଗୀୟ ମନ୍ତ୍ରୀ ଏବଂ ସରକାରଙ୍କର କ୍ଷମତା ଅଛି । ଏଥିପାଇଁ ଠିକାଦାରମାନେ ଅଫିସର ଓ ମନ୍ତ୍ରୀଙ୍କୁ ଧରାଧରି କରି ଜୁରିମନା କଟାଇ ନିଅନ୍ତି । ଏଥିରେ ଉଭୟ ମନ୍ତ୍ରୀ ଓ ଠିକାଦାର ଫାଇଦା ଉଠାନ୍ତି ।

ଗ—ସର୍ବୋଚ୍ଚ ଟେଣ୍ଡର ଦେଇଥିବା ବ୍ୟକ୍ତିଙ୍କୁ ଲିଜ୍ ବା ଠିକା ନ ଦେଇ ଅନ୍ୟକୁ ଦେବାର ସରକାରଙ୍କର ଇଚ୍ଛାଧୀନ କ୍ଷମତା । ଏହି କ୍ଷମତା ବଳରେ ସରକାର ଜଣେ ଠିକାଦାରଙ୍କୁ ଆଦୌ ଲିଜ୍ ଦେଇ ନ ପାରନ୍ତି । ତେଣୁ ବାଧ୍ୟ ହୋଇ ବ୍ୟବସାୟୀ ତାର ଠିକା ଚାଲୁ ରଖିବା ଉଦ୍ଦେଶ୍ୟରେ ମନ୍ତ୍ରୀଙ୍କୁ ପ୍ରଚୁର ଚାନ୍ଦା ବା ଉତ୍କୋଚ ଦିଅନ୍ତି ।

ଷ୍ଟେଟ ଟ୍ରେଡିଙ୍ଗରେ ଉପରୋକ୍ତ ୩ଟି ତ୍ରୁଟିପୂର୍ଣ୍ଣ ନିୟମ ଯୋଗୁ ପଥ ଠିକାଦାରମାନେ ହୁଏତ ନିଜ ତରଫରୁ କିମ୍ବା ସରକାରଙ୍କ ଇଙ୍ଗିତରେ ମୋଟା ଚାନ୍ଦା ଦେଇ ଦେଶର କ୍ଷତି ସଙ୍ଗେ ରାଜନୀତିକୁ କଳଙ୍କିତ କରନ୍ତି । ତେଣୁ ଷ୍ଟେଟ ଟ୍ରେଡିଙ୍ଗ ନିୟମାବଳୀ ଏବଂ ଆଇନରୁ ଉକ୍ତ ୩ଟି ତ୍ରୁଟି ସଂଶୋଧନ କରିଦେଲେ ଉତ୍କୋଚ ବା ଚାନ୍ଦାର ଅବକାଶ ରହନ୍ତା ନାହିଁ ; ଅଥଚ ଟ୍ରେଜେରୀକୁ ୪।୫ କୋଟି ଟଙ୍କା ଅନାୟାସରେ ଆସନ୍ତା, ନିଯୁକ୍ତି ଏବଂ ମଜୁରି ମିଳନ୍ତା ।

ସେଥିପାଇଁ ନିମ୍ନମତେ ଉକ୍ତ ଆଇନର ସଂଶୋଧନ କରାଯାନ୍ତା—

କ—ଲିଜ୍ ବା ଠିକା ମିଆଦ ଶେଷ ହେଲା ପରେ ଆଉ ତାହା ବୃଦ୍ଧି କରା ନ ଯାନ୍ତା ।

ଖ—ଟେଣ୍ଡରଦ୍ୱାରା ଠିକାଦାର ନିଯୁକ୍ତ ନ କରି ଖୋଲା ନିଲାମ-ଦ୍ୱାରା ସର୍ବୋଚ୍ଚ ଡାକ ଦେଇଥିବା ବ୍ୟକ୍ତିକୁ ପ୍ରଚୁର ଜାମିନ ରଖି ଠିକା ଦିଆହୁଅନ୍ତା ।

ଗ—ଉତ୍ପାଦନ କମ୍ କରିଲେ ଯେଉଁ ଜରିମନା ଦେବାକୁ ହୁଏ କୌଣସି କାରଣ ବଶତଃ ସେ ଜୁରିମନା କଟା ନ ଯାନ୍ତା । ଅନ୍ୟ ଭାଷାରେ ଘାଟତି-ରିହାତି ବା short fall concession ଦିଆ ନ ଯାନ୍ତା ।

ଉପର୍ଯ୍ୟୁକ୍ତ ତ୍ରୁଟିର ସୁଯୋଗ ନେଇ ଲାଭ-ଫାଇଦା ଉଦ୍ଦେଶ୍ୟରେ ସମୟେ ସମୟେ ଠିକାଦାରମାନେ ସ୍ୱତଃ ସଂଗଠିତ ହୋଇ ଚାନ୍ଦା ବା ଲାଞ୍ଚ ବା ଉତ୍କୋଚର ବ୍ୟବସ୍ଥା କରି ମନ୍ତ୍ରୀ ଓ ମନ୍ତ୍ରୀଦଳୀୟ ନେତାଙ୍କୁ ପ୍ରଭାବିତ

Digitized by PPRACHIN, SOA

କରନ୍ତି । କିନ୍ତୁ ସମୟେ ସମୟେ ଶାସକ ଦଳର ମନ୍ତ୍ରୀ ଓ ନେତାଙ୍କ ତରଫରୁ ଇଶାରା ଦିଆଯାଏ ଯେ, ଠିକାଦାରମାନଙ୍କୁ ଲାଭ କରାଇ ଦିଆଯିବ । ସେଥି-ପାଇଁ ଠିକାଦାରମାନେ ମୋଟା ଚାନ୍ଦାର ବ୍ୟବସ୍ଥା କରନ୍ତି । ପ୍ରଥମେ ପ୍ରଥମେ କେନ୍ଦୁପତ୍ର ଆୟ କମ୍ ଥିଲା । ତେଣୁ ଚାନ୍ଦା ମଧ୍ୟ କମ୍ ଆସୁଥିଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓଡ଼ିଶାରେ ୭ବର୍ଷ କାଳ ମୁଖ୍ୟମନ୍ତ୍ରୀ ଥିଲେ । ସେ ସଭା ସମିତିରେ ଘୋଷଣା କରି କହିଥିଲେ ଯେ, ତାଙ୍କର ଉକ୍ତ ୭ବର୍ଷ କାର୍ଯ୍ୟକାଳ ମଧ୍ୟରେ ପତ୍ର ଠିକାଦାରମାନେ ମୋଟରେ ୧୨ ଲକ୍ଷ ଟଙ୍କା କଂଗ୍ରେସ ପାର୍ଟିକୁ ଚାନ୍ଦା ଦେଇଥିଲେ । ତାଙ୍କ ତତ୍ତ୍ୱାବଧାନରେ ୨ଟି ନିର୍ବାଚନ ଚାଲିଥିଲା ଏବଂ ୭ ବର୍ଷର କଂଗ୍ରେସ ଅଫିସ ଓ ସଂଗଠନ ଖର୍ଚ୍ଚ ମଧ୍ୟ ଚାଲିଥିଲା । ତେଣୁ ଉକ୍ତ ଟଙ୍କା ଅତ୍ୟଧିକ ଚାନ୍ଦା ନୁହେ ବୋଲି କେହି କେହି ମତ ଦିଅନ୍ତି । କିନ୍ତୁ ଯେ ଯାହା କହନ୍ତୁନା କାହିଁକି ତାହା ଉତ୍କୋଚ ବୋଲି ଧରିବାକୁ ହେବ ।

କେନ୍ଦୁପତ୍ର ଦୁର୍ନୀତି ୧୯୫୯ର କଂଗ୍ରେସ-ଗଣତନ୍ତ୍ର (ସ୍ୱତନ୍ତ୍ର) ମିଳିତ ମନ୍ତ୍ରୀମଣ୍ଡଳ ଦିନଠାରୁ ବେଶୀ ବୃଦ୍ଧି ପାଇଲା । ପ୍ରଥମତଃ ଉକ୍ତ ମନ୍ତ୍ରୀମଣ୍ଡଳ ସମୟରେ ଗଣତନ୍ତ୍ର ଦଳ ତାଙ୍କ ମତ ଅନୁସାରେ କେନ୍ଦୁପତ୍ର ବ୍ୟବସାୟକୁ ୧ବର୍ଷ ପାଇଁ ମୁକ୍ତ-ବ୍ୟବସାୟ (free trade) କରାଇନେଲେ । ଫଳରେ ଟ୍ରେଜେରୀକୁ ଗୋଟିଏ ସୁଦ୍ଧା ପଇସା ଆସିଲା ନାହିଁ । ଏତଦ୍ଦ୍ୱାରା ଉକ୍ତ ଦଳ ତାଙ୍କ ନିଜ ଅଞ୍ଚଳରୁ ଭୋଟ ପାଇବା ସଙ୍ଗେ ସଙ୍ଗେ ଠିକାଦାରମାନଙ୍କଠାରୁ ପ୍ରଚୁର ଚାନ୍ଦା ବା ଲାଞ୍ଚ ପାଇଲେ; ଯେହେତୁ ବିନା ରୟାଲ୍‌ଟିରେ ଠିକାଦାର-ମାନେ ପ୍ରଜାଙ୍କଦ୍ୱାରା ସଂଗୃହୀତ ପତ୍ର ଖରିଦ କରି ଓଡ଼ିଶାର ସୀମାରେ ଥିବା ବଙ୍ଗଳା, ବିହାର, ମଧ୍ୟପ୍ରଦେଶ ଏବଂ ଆନ୍ଧ୍ରକୁ ଚୋରା-ଚାଲାଣ କରି ପ୍ରଚୁର ଅର୍ଥ ଲାଭ କଲେ । ୨ୟତଃ ଏହି ମିଳିତ ମନ୍ତ୍ରୀମଣ୍ଡଳ ସମୟରେ ସ୍ୱତନ୍ତ୍ର ଦଳର ଇଙ୍ଗିତରେ ଠିକାଦାରମାନଙ୍କୁ ପ୍ରଚୁର ପରିମାଣରେ ରିହାତି ଦେଲେ ; ଅର୍ଥାତ୍ ଠିକାଦାରମାନଙ୍କର ବହୁତ ସରକାରୀ ପାଉଣା କାଟି ଦେଲେ । ଏଥିରେ ମଧ୍ୟ ଉଭୟ ଦଳ ଫାଇଦା ଉଠାଇଲେ ବୋଲି ଆପତ୍ତି ଉଠିଲ ହେଲା ।

କଂଗ୍ରେସ ଦଳ ଅପେକ୍ଷା ଗଣତନ୍ତ୍ର ଦଳ (ବର୍ତ୍ତମାନର ସ୍ୱତନ୍ତ୍ର ଦଳ) ଅତ୍ୟନ୍ତ ନିର୍ବୋଧ, ନିର୍ଭୀକ ଏବଂ ନିର୍ଲଜ୍ଜ ଭାବରେ କେନ୍ଦୁପତ୍ର ଠିକାଦାରମାନଙ୍କ-ଠାରୁ କୋଟି କୋଟି ଟଙ୍କା ଚାନ୍ଦା ଉଠାଇଲେ । ସେମାନେ ଧରା ପଡ଼ିଲେ ।

Digitized by PPRACHIN, SOA

ବସ୍ତୁତଃ ଉତ୍କୋଚ ନେଇଥିବା ଟଙ୍କା ଫେରସ୍ତ ଦେବା ସ୍ୱରୂପ ଅବସ୍ଥା ସୃଷ୍ଟି ହେଲା । ନିମ୍ନ ଘଟଣାମାନଙ୍କରୁ ତାହା ପ୍ରତିପାଦିତ ହେଉଛି ।

୧୯୬୭ ଠାରୁ ୧୯୭୧ ଜାନୁୟାରୀ ପର୍ଯ୍ୟନ୍ତ ସ୍ୱତନ୍ତ୍ର ନେତୃତ୍ୱରେ ସ୍ୱତନ୍ତ୍ର ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଚାଲିଥିଲା । ଜଙ୍ଗଲ ବିଭାଗଟି ସ୍ୱତନ୍ତ୍ର ଦଳ ଭାଗରେ ପଡ଼ିଥିଲା । ବଧିରେ ତ ସ୍ୱତନ୍ତ୍ର ଦଳର ନେତା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ମୁଖ୍ୟମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ଥିଲେ । ଉକ୍ତ ଦଳ ତରଫରୁ ପ୍ରଥମେ ଶ୍ରୀ ମୁରାରି ପ୍ରସାଦ ମିଶ୍ର ଓ ତା'ପରେ ଶ୍ରୀ ହରପ୍ରସାଦ ମହାପାତ୍ର ଜଙ୍ଗଲ ବିଭାଗ ମନ୍ତ୍ରୀ ହେଲେ । ନିଜ ଦଳର ବିଭାଗୀୟ ମନ୍ତ୍ରୀଙ୍କ ମନ୍ତ୍ରଣାରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ତାଙ୍କ ନିଜ ଦଳର ପକ୍ଷପାତି କେତେକ ପତ୍ର-ଠିକାଦାରଙ୍କର ୧୯୭୦ ଅକ୍ଟୋବରରେ ଅତି ଗୋପନରେ ଏବଂ ତରବରରେ ମନ୍ତ୍ରୀମଣ୍ଡଳର ମତ ନ ନେଇ ବେ-ଆଇନ ଭାବେ ପ୍ରାୟ ୫୦ ଲକ୍ଷରୁ ଅଧିକ ଟଙ୍କା ଜୁରିମନା କାଟିଦେଲେ । ଅନ୍ୟ ଶବ୍ଦରେ ସେ ତାଙ୍କ ଗୋପନ ଅର୍ଡ଼ରଦ୍ୱାରା ୫୦ ଲକ୍ଷ ଟଙ୍କାର ଘାଟତି-ରିହାତି ବା Shortfall concession ମଞ୍ଜୁର କରିଦେଲେ । ମୁଖ୍ୟମନ୍ତ୍ରୀଙ୍କର ଏ ବେ-ଆଇନ ଗୋପନ-ଆଦେଶ ମୁଁ ଜାଣିପାରି ତାଙ୍କୁ ଉକ୍ତ ଆଦେଶ ଓ୍ୱାପସ ଏବଂ ରଦ୍ଦ (withdraw & cancel) କରିବାକୁ ଦାବି କଲି । ମାସେ ପର୍ଯ୍ୟନ୍ତ ସେ ଟାଳମଟାଳ କରି କଛି ଶୁଣିଲେ ନାହିଁ । ତେଣୁ ମୁଁ ଏବଂ ଅନ୍ୟମାନେ ଆନ୍ଦୋଳନ କରିବାକୁ ଆରମ୍ଭ କଲୁ । ଶେଷକୁ ବାଧ ହୋଇ ସେ ନିଜ ଆଦେଶ ଓ୍ୱାପସ ଆଣିଲେ । ତାଙ୍କର ଏ ଆଦେଶଦ୍ୱାରା ଟ୍ରେଜେରୀରୁ ପ୍ରାୟ ୫୦ ଲକ୍ଷ ଟଙ୍କା ଚାଲିଯାଉଥିଲା । ଏଥିରେ ଉକ୍ତ ଦଳର ଶତକଡ଼ା ବୃହତ୍ ଅଂଶ ଅବଶ୍ୟ ଚାନ୍ଦା ଭାଗ ଥିଲା । ଅତି ଆଶ୍ଚର୍ଯ୍ୟର କଥା ଯେ ଉକ୍ତ ରିବେଟ ଆଦେଶ କରାଇ ଦୁଇ ଦିନ ମଧ୍ୟରେ ତାହା କାର୍ଯ୍ୟକାରୀ କରାଇ ନେଲେ । ଏତଦ୍ୱାରା ଟ୍ରେଜେରୀରୁ ପ୍ରାୟ ୫୦ ଲକ୍ଷ ଟଙ୍କା ତୋଷରଫ୍ କରାଯାଉଥିଲା । ଚୋରକୁ ସିନ୍ଧି ମୁହଁରେ ଧରା ପକାଇଲା ପରି ମୁଁ ଏବଂ ଜନକଂଗ୍ରେସର ମନ୍ତ୍ରୀମାନେ ଧରାଇ ଦେଇଥିଲୁ । ସ୍ୱତନ୍ତ୍ର ଜନକଂଗ୍ରେସ ମନ୍ତ୍ରୀମଣ୍ଡଳ ଭାଙ୍ଗିବାର ଏହା ଏକ ପ୍ରଧାନ କାରଣ ଅଟେ ।

ତାପରେ ୧୯୭୧ ନିର୍ବାଚନ ପରେ ଓଡ଼ିଶାରେ ସ୍ୱତନ୍ତ୍ର-ଉତ୍କଳ-କଂଗ୍ରେସ-ଝାଡ଼ଖଣ୍ଡ ଦଳମାନଙ୍କର ମିଳିତ ମନ୍ତ୍ରୀମଣ୍ଡଳ ହେଲା । ଏହି ମନ୍ତ୍ରୀ-

Digitized by PPRACHIN, SOA

ମଣ୍ଡଳରେ ଜଙ୍ଗଲ ବିଭାଗଟି ମଧ୍ୟ ସ୍ୱତନ୍ତ୍ର ଦଳର ମନ୍ତ୍ରୀଙ୍କ ହାତରେ ରହିଲା । ଶ୍ରୀ ଅଇଁଠୁ ସାହୁ ଜଙ୍ଗଲ ବିଭାଗ ମନ୍ତ୍ରୀ ଥିଲେ ସୁଦ୍ଧା କେନ୍ଦୁପତ୍ର ସମ୍ପର୍କୀୟ ଫାଇଲ ଅତି ବେ-ଆଇନ ଭାବେ ଶ୍ରୀ ସିଂହଦେଓ (ଘରୋଇ ଭାବେ) ଦେଖୁଥିଲେ । ୧୯୬୨ ଜାନୁୟାରୀ ବେଳକୁ ପୂର୍ବରୁ ଦିଆଯାଇଥିବା କେନ୍ଦୁପତ୍ର ଠିକାର ମିଆଦ ପୂରିଗଲା । ଦାବୀ ହେଉଥାଏ ଯେ, ବର୍ତ୍ତମାନ ପ୍ରଣାଳୀରେ ଜାତୀୟକରଣ କରାଯାଉ । ଠିକାଦାରମାନେ ଇଚ୍ଛା କରୁଥାନ୍ତି ଯେ ଅନ୍ତତଃ ଜାତୀୟକରଣ କରିବା ପୂର୍ବରୁ ପୁରୁଣା ରୟାଲ୍‌ଟି ହାରରେ କମ୍ବା ଟଙ୍କାଏ ଦୁଇଟଙ୍କା ଅଧିକା ବର୍ଦ୍ଧିତ ହାରରେ ରୟାଲ୍‌ଟି ନେଇ ବର୍ଷେ ଦୁଇବର୍ଷ ପାଇଁ ପୁରାତନ ପଟ୍ଟା ବା ଲିଜ୍‌ର ମିଆଦ ବଢ଼ାଯାଉ । ଏଥିପାଇଁ ସ୍ୱତନ୍ତ୍ର ଦଳ ଏବଂ ଠିକାଦାରମାନେ ଏକ ଚକ୍ରାନ୍ତ କଲେ । କୁଇଣ୍ଟାଲ ପ୍ରତି ୧୬ ଟଙ୍କା ଚାନ୍ଦା ଅସୁଲ କରାଗଲା ଏବଂ ଠିକାର ମିଆଦ ଏକବର୍ଷ ବଢ଼ାଇ ଦିଆଗଲା । ଏହି ଚାନ୍ଦା ଏବଂ ଘାଟତି-ରିହାତି ବା Shortfall concession·rebate ବାବଦରୁ ଲାଭାଂଶ ମିଶି ମୋଟରେ ପ୍ରାୟ ୮୦ ଲକ୍ଷ ଟଙ୍କା ଚାନ୍ଦା ସଂଗ୍ରହ କରାଗଲା । ଏ ଚାନ୍ଦା ଜବରଦସ୍ତ ଅସୁଲ ହେଉଥାଏ । ଠିକାଦାରମାନେ ଦେଉଥାନ୍ତି ଏବଂ ଗୁଣ୍‌ଆଡ଼େ କହୁଥାନ୍ତି ; କାରଣ ସବୁ ଠିକାଦାର ରାଜି ନ ଥିଲେ କମ୍ବା ସେମାନଙ୍କର ଦେବାର ଶକ୍ତି ନ ଥିଲା । ଗୁଣ୍‌ଆଡ଼େ କଥାବାର୍ତ୍ତା ଚାଲିଲା ଯେ ଜବରଦସ୍ତ ପ୍ରାୟ ୮୦ ଲକ୍ଷ ଟଙ୍କା ଅସୁଲ ହେଉଛି । କିନ୍ତୁ କେହି କିଛି କହୁ ନ ଥାନ୍ତି ।

ମୁଁ ପ୍ରଥମେ ଏ ଦୁର୍ନୀତିର ଘୋର ପ୍ରତିବାଦ କଲି । ମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱନାଥ ଦାସଙ୍କୁ ଜଣାଇଲି । ଗଭର୍ଣ୍ଣରଙ୍କୁ ମଧ୍ୟ ସୂଚନା ଦେଲି । ଖବର କାଗଜରେ ବିବୃତି ଦେଇ ପ୍ରକାଶ କଲି ଯେ, ସ୍ୱତନ୍ତ୍ର ଦଳ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ନେତୃତ୍ୱରେ ଓଡ଼ିଶାର ଟ୍ରେଜେରୀର ଆୟ କ୍ଷତି କରି ଏକବର୍ଷ ପାଇଁ ଠିକା-ମିଆଦ ବଢ଼ାଇ ୮୦ ଲକ୍ଷ ଉପରେ ଟଙ୍କା ଜବରଦସ୍ତ ଚାନ୍ଦା ବା ଉତ୍କୋଚ ନେଉଛନ୍ତି । ଆହ୍ୱାନ ଦେଲି ଯେ, ମୋର ଉକ୍ତି ମିଥ୍ୟା ହେଲେ ମୋ ନାମରେ ମକଦ୍ଦମା କରି ଦଣ୍ଡ ଦିଅନ୍ତୁ । ମୁଁ ଆଣିଥିବା ଅଭିଯୋଗ ମିଥ୍ୟା ହେଲେ ମୁଁ ସ୍ୱତଃ ଫାସୀ ଯିବାକୁ ପ୍ରସ୍ତୁତ ଅଛି ବୋଲି କହିଲି । ମନ୍ତ୍ରୀମାନଙ୍କ ବିରୋଧରେ ଅଚିରାତ୍ ତଦନ୍ତ କମିସନ୍ ବସାଇବାକୁ ଦାବୀ କଲି । ସମସ୍ତେ ନୀରବ ରହିଲେ । ଉତ୍କଳ କଂଗ୍ରେସ ତାଙ୍କ ଭାଗ ଏକ ଚତୁର୍ଥାଂଶ ପାଇ ସନ୍ତୁଷ୍ଟ ହେଲେ । ଏପରି ଅବସ୍ଥାରେ

Digitized by PPRACHIN, SOA

କେତେକ ବ୍ୟକ୍ତି, ଗୋଷ୍ଠୀ, ରାଜନୈତିକ ଦଳ ଏବଂ ନେତା, ଖବର କାଗଜ ପ୍ରତିନିଧି ଏବଂ ଯୁବ ସଂଗଠନ ମୁହଁ ଫିଟାନ୍ତି ଓ ପାଟିତୁଣ୍ଡ କରନ୍ତି । ସେମାନଙ୍କୁ ସନ୍ତୁଷ୍ଟ କରିବା ଲାଗି ଉକ୍ତ ୮୦ ଲକ୍ଷ ଟଙ୍କାରୁ ପ୍ରାୟ ୫୭ ଲକ୍ଷ ଟଙ୍କା ବାଣ୍ଟିଲେ । ସମସ୍ତେ ବୁଝୁଥାନ୍ତି, ଜାଣୁଥାନ୍ତି, କିନ୍ତୁ ପାଟି ଫିଟାଉନଥାନ୍ତି । ଫିଟାଇଲେ ଉପର ମନରେ ।

ଏ ସଂକ୍ରାନ୍ତରେ ମୁଁ ଦାୟିତ୍ୱମୂଳକ ଏକ ପ୍ରସ୍ତାବ ଥୋଇଲି ଯେ, ଯଦି ଏକ ବର୍ଷ ପାଇଁ ଲିଜ୍ ମିଆଦ ବଢ଼ାଇ ଦିଆଯାଉଛି ତେବେ କୁଇଣ୍ଟାଲ ପ୍ରତି ୧୬ ଟଙ୍କା ରେଟ୍‌ରେ ଜବରଦସ୍ତି ଚାନ୍ଦା ବା ଲାଞ୍ଚ ସଂଗ୍ରହ କରି ଏବଂ ଘାଟତି-ରିବେଟ ଦେଇ ମୋଟରେ ଯେଉଁ ୮୦ ଲକ୍ଷ ଟଙ୍କା ସ୍ୱତନ୍ତ୍ର ଦଳ ନେଇ ନିଜେ ବଡ଼-ଭାଗ ରଖି ଅନ୍ୟଙ୍କୁ ଲେପ-ଭାଗ ଦେଇ ସରକାରୀ ଆୟ କ୍ଷୟ କରୁଛନ୍ତି ଉକ୍ତ ପରିମାଣ ଟଙ୍କା ଅଧିକା ରୟାଲ୍‌ଟି ଆକାରରେ ଟ୍ରେଜେରୀକୁ ଅଣାଯାଉ । ଏ କଥାର ତାତ୍ପର୍ଯ୍ୟ ଯେ ପ୍ରତି କୁଇଣ୍ଟାଲ ପତ୍ର ଉପରେ ଅଧିକା ୧୬ ଟଙ୍କା ରୟାଲ୍‌ଟି ବସାଇ ରାଜକୋଷ ଭର୍ତ୍ତି କରାଯାଉ । ଉକ୍ତ ୮୦ ଲକ୍ଷ ଟଙ୍କା ଉତ୍କୋଚ ବା ଲାଞ୍ଚ ଆକାରରେ ଅସୁଲ ନ କରି ରୟାଲ୍‌ଟି ଆକାରରେ ଟ୍ରେଜେରୀକୁ ଆସୁ । ଏ ପ୍ରକାର ଲାଞ୍ଚ ନେବାର ଅର୍ଥ ସରକାରୀ ଅର୍ଥ ଆତ୍ମସାତ୍ କରିବା, ବାଟମାରଣା କରିବା ।

୧୯୭୨ ଶେଷ ଭାଗରେ ବର୍ତ୍ତମାନର ଶ୍ରୀମତୀ ନନ୍ଦିନୀ ଶତପଥୀଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସ ଶାସନ ସ୍ଥିର କଲେ ଯେ କେନ୍ଦୁପତ୍ର ବ୍ୟବସାୟ ଜାତୀୟକରଣ ଅନୁଷ୍ଠାନ ଜରିଆରେ ପରିଚାଳିତ ହେବ । ଏ ପ୍ରଥା ବନ୍ଦ କରିବା ନିମନ୍ତେ ବଡ଼ ବଡ଼ ଠିକାଦାର ଗୋଷ୍ଠୀ ପ୍ରାୟ ୨୦ ଲକ୍ଷ ଉପରେ ଟଙ୍କା ସଂଗ୍ରହ କରି ସଂପୃକ୍ତ କର୍ମଚାରୀ, ନେତା ଏବଂ କର୍ମୀ-ମାନଙ୍କୁ ପ୍ରଭାବିତ କରିବାକୁ ଲାଗିଲେ । ଏ ଦୁଷ୍କର୍ମକୁ ମୁଁ ମଧ୍ୟ ଖବର କାଗଜ ଜରିଆରେ ବିବୃତି ଦେଇ ପଦାରେ ପକାଇ ଦେଲି ।

କେନ୍ଦୁପତ୍ର ସମ୍ପର୍କୀୟ ଦୁର୍ନୀତିକୁ ମୁଁ ନଗ୍ନ ଭାବରେ ପଦାରେ ପକାଇବାରୁ ଦୁର୍ନୀତିରେ ଅଂଶୀଦାର ଥିବା ବ୍ୟକ୍ତି ଏବଂ ଦଳମାନେ ମୋ ଉପରେ ଅତ୍ୟନ୍ତ କ୍ରୋଧାନ୍ୱିତ ହେଲେ । ସ୍ୱତନ୍ତ୍ର ଦଳ ମୋ ବିରୋଧରେ ତାଙ୍କ ଦୈନିକ ସ୍ୱରାଜ୍ୟ ପତ୍ରିକାରେ ମୁଁ ବେନାମି କାରବାର କରୁଛି ବୋଲି ଅମୂଳକ କୁତ୍ସା ରଟନା କଲେ । ପ୍ରତିବାଦରେ ମୁଁ ଉତ୍ତର ଦେଲି ଯେ, ମୋ ବିରୁଦ୍ଧରେ ଦୁର୍ନୀତି ସମ୍ପର୍କୀୟ କୌଣସି ଅଭିଯୋଗର

Digitized by PPRACHIN, SOA

ତଦନ୍ତ ପାଇଁ ମୁଁ ଯେ କୌଣସି ମୁହୂର୍ତ୍ତରେ ପ୍ରସ୍ତୁତ ଅଛି । ସରକାର ହଠାତ୍ ଗୋଟିଏ ତଦନ୍ତ କମିଶନ ବସାନ୍ତୁ । ଉକ୍ତ କମିଶନ ମୋ ବିରୋଧରେ ସ୍ୱତନ୍ତ୍ର ଦଳ ପ୍ରଚାର କରୁଥିବା ଅଭିଯୋଗ ସଙ୍ଗେ ସ୍ୱତନ୍ତ୍ର ଦଳର ମନ୍ତ୍ରୀମାନଙ୍କ ବିରୋଧରେ ମୁଁ ଆଣିଥିବା ଉକ୍ତ ଅଭିଯୋଗମାନ ଯୁଗପତ୍ ବିଚାର କରନ୍ତୁ । ଯଦି ୧୫ ଦିନ ମଧ୍ୟରେ ସ୍ୱତନ୍ତ୍ର-ଉତ୍କଳକଂଗ୍ରେସ-ଝାଡ଼ଖଣ୍ଡ ମିଳିତ ସରକାର ମୋ ପ୍ରସ୍ତାବିତ ତଦନ୍ତ କମିଶନ ନ ବସାନ୍ତି ତେବେ ମୁଁ ଏକାକୀ କାହିଁକି, ଜନତା ଧରିନେବା ଉଚିତ ହେବ ଯେ, ସ୍ୱତନ୍ତ୍ର ଦଳ ମୋ ବିରୋଧରେ ପ୍ରଚାର କରୁଥିବା ଅଭିଯୋଗ ଭିତ୍ତିହୀନ, ଅମୂଳକ, ମନଗଢ଼ା, ମିଥ୍ୟା ଏବଂ ରାଜନୈତିକ ଅଭିସନ୍ଧିମୂଳକ ଅଟେ ; କିନ୍ତୁ ସ୍ୱତନ୍ତ୍ର ଦଳ ବିରୋଧରେ ୮୦ ଲକ୍ଷ ଟଙ୍କା ଲାଞ୍ଚ ଖାଇଗଲେ ବୋଲି ମୁଁ ଆଣିଥିବା ଅଭିଯୋଗ ସତ୍ୟ ଅଟେ । ସ୍ୱତନ୍ତ୍ର ଦଳ ତ ୮୦ ଲକ୍ଷ ଟଙ୍କା ଜବରଦସ୍ତ ଚାନ୍ଦା ବା ଲାଞ୍ଚ ନେଇଥାନ୍ତି । ଉତ୍କଳ କଙ୍ଗ୍ରେସ ତ ତାଙ୍କ ଏକଚତୁର୍ଥାଂଶ ପାଇଥାନ୍ତି । ପାଟି ଭୁଣ୍ଡ କରିବା ଶ୍ରେଣୀ ତ ତାଙ୍କ ଲେପ-ଭାଗ ପାଇଥାନ୍ତି । ତେଣୁ କିଏ କାହିଁକି ବା କମିଶନ ବସାଇବ ? ବସାଉ ନାହିଁ ବୋଲି କିଏ ପାଟି ଭୁଣ୍ଡ କରିବ ?

ଏହା ହେଲା କେନ୍ଦ୍ରୂପର ସମ୍ପର୍କୀୟ ଦୁର୍ନୀତି । ସ୍ୱତନ୍ତ୍ର ଦଳର ଦୁର୍ନୀତିକୁ ମୁଁ କହେ ଏହା ସାଧାରଣ ଦୁର୍ନୀତି ନୁହେ, ଚୋରେଜେରି ଡୋଷରଫ ଅଟେ । ଏହା ସରକାରୀ ଧନର ବାଟମାରଣା, ଅର୍ଥାତ୍ interception ଅଟେ ।

ଦେଶ, ଜାତି ଏବଂ ସରକାରଙ୍କର ଲାଭ ଓ ଉପକାର ଦୃଷ୍ଟିରୁ, ନିଯୁକ୍ତି, ମଜୁରି ପ୍ରାପ୍ତି ଏବଂ ଦୁର୍ନୀତି ନିବାରଣ ବିଚାରରୁ ମୁଁ ମୋର ମତ ପୂର୍ବୋକ୍ତ ଅନୁଚ୍ଛେଦମାନଙ୍କରେ ବ୍ୟକ୍ତ କରିଛି ।

Digitized by PPRACHIN, SOA

ଦୁର୍ନୀତି ନିବାରଣରେ ସଫଳତା

ଏହା ଜଣାଶୁଣା କଥା ଯେ, ଦୁର୍ନୀତି ଏକ ଜାତୀୟ ଏବଂ ସାମାଜିକ ବ୍ୟାଧି । ଏହାକୁ ନ ରୋକିଲେ ଏହା ସମାଜକୁ ନଷ୍ଟ-ଭ୍ରଷ୍ଟ କରି ନାନା ଦୁଃଖ-ଦୈନ୍ୟ ଏବଂ ହଇରାଣ-ହରକତର କାରଣ ହୋଇ ଜୀବନକୁ ଅସାର କରିଦେବ । ଦୁର୍ନୀତି ନିବାରଣ ନିମନ୍ତେ ମୁଁ ନିଜ ତରଫରୁ ଏବଂ ଆମ ମିଳିତ ସରକାରଙ୍କ ତରଫରୁ ଯେଉଁ ପଦକ୍ଷେପ ନେଲି ସେଥିର ସୁବିଧା-ଅସୁବିଧା ଓ ବାଧା-ବିଘ୍ନ ତ ଆଗରୁ ବର୍ଣ୍ଣନା କରିଛି । ତଥାପି ମୁଁ ଏତିକି କହିପାରେ ଯେ, ସାଢ଼େ ତିନିବର୍ଷ ମଧ୍ୟରେ ମୋର ଏହି ଚେଷ୍ଟା କାରଣରୁ ଏହା ଆଶାନୁରୂପ ଦୂରୀଭୂତ ହୋଇଥିଲା । ଓଡ଼ିଶା ସେକ୍ରେଟାରି-ଏଟ୍‌ରେ ନୀତି-ନିୟମ ଏବଂ ଆଇନ-କାନୁନ ଅନୁମୋଦିତ ଭାବେ କାମ ଚାଲିବାରୁ ଶାସନରୁ ପ୍ରିୟା-ପ୍ରୀତି ତୋଷଣ ଏବଂ ଅନିୟମିତତା (irregularity) ଦୂରୀଭୂତ ହେଲା । ଶାସନରେ ରାଜନୈତିକ ହସ୍ତକ୍ଷେପ ବସ୍ତୁତଃ ଅନେକ ପରିମାଣରେ ବନ୍ଦ ହେଲା । କେତେକ ସର୍ବ-ଭାରତୀୟ କର୍ମଚାରୀ ଏବଂ ଶତ ଶତ ସଂଖ୍ୟାରେ ଓଡ଼ିଶା ସରକାରଙ୍କ କର୍ମଚାରୀ ଏବଂ ଅନେକ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାରୁ ଦେଶରେ ଦୁର୍ନୀତି କରିବାକୁ ଭୟ ଲାଗିଲା । ବସ୍ତୁତଃ ଉଚ୍ଚ କର୍ମଚାରୀଙ୍କ ମଧ୍ୟରେ ଏହା ସମ୍ପୂର୍ଣ୍ଣରୂପେ ବନ୍ଦ ହୋଇଗଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କିନ୍ତୁ ତଳ ଏବଂ ମଧ୍ୟମ ସ୍ତରରେ ଏହା ଆଶାନୁରୂପ ଦୂରୀଭୂତ ହୋଇପାରି ନଥିଲା; ଯେହେତୁ ଏତେ ବ୍ୟାପକ କ୍ଷେତ୍ରକୁ ପ୍ରତ୍ୟକ୍ଷ ପ୍ରଭାବ ପଡ଼ିବାରେ ସମୟର ଅଭାବ ଥିଲା । ଶିଳ୍ପ-ବାଣିଜ୍ୟ-ବ୍ୟବସାୟ କ୍ଷେତ୍ରରେ ଦୁର୍ନୀତିକୁ ଆୟତ୍ତ କରିବାରେ ଆଶାନୁରୂପ ସଫଳତା ଦାବି କରିନପାରିଲେ ମଧ୍ୟ ଏତିକି ହୃଦ୍‌ବୋଧ କରିଥିଲି ଯେ, କଳାବଜାରି, ଚୋରା-ବଜାରି ଏବଂ ଲାଞ୍ଚଖୋରି ପୂର୍ବପରି ନଗ୍ନ ତାଣ୍ଡବ ଲୀଳା କରିପାରୁ ନଥିଲା । ଶାସନରେ ଥିବା ରାଜନୈତିକ ନେତା ଓ କର୍ମୀମାନେ ଏ ସମ୍ପର୍କରେ

Digitized by PPRACHIN, SOA

ଅବାଧରେ ସେଉଁ ଅବୈଧ କାର୍ଯ୍ୟ କରଥାନ୍ତେ ତାହା ବହୁ ପରିମାଣରେ ଆୟତ୍ତ ହୋଇଥିଲା । ତଥାପି ଭିତରେ ଭିତରେ କିଛି କିଛି ହେଉଥିବାର ମୋର ବିଶ୍ୱାସ । ଅତି ପ୍ରଭାବଶାଳୀ ବଡ଼ ଲୋକ ଅତ୍ୟନ୍ତ ଗୋପନରେ ଦୁର୍ନୀତିମୂଳକ କୌଣସି ବେ-ଆଇନ କାର୍ଯ୍ୟ କରିବାର ସଠିକ ସନ୍ଧାନ ପାଇଲେ ମୁଁ ଅତ୍ୟନ୍ତ ନିର୍ମମ ଭାବରେ ତାହା ବନ୍ଦ କରିବାକୁ ଦୃଢ଼-ପ୍ରତିଜ୍ଞ ହେଉଥିବାରୁ ରାଜନୈତିକ ବ୍ୟକ୍ତି ଏବଂ ଗୋଷ୍ଠୀ ସ୍ତରରୁ ଏହା ମଧ୍ୟ ଅନେକ ପରିମାଣରେ ବନ୍ଦ ହୋଇଥିଲା । ଆମ ମିଳିତ ସରକାରର ସଂଖ୍ୟାଧିକ-ଦଳ ସ୍ୱତନ୍ତ୍ର-ଦଳର ଦଳପତି ତଥା ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ଏକ ନୀତି-ବହିର୍ଭୂତ ଏବଂ ବେ-ଆଇନ ଆଦେଶକୁ ମୁଁ ରଦ୍ଦ କରାଇବାରେ ସଫଳତା ଲାଭ କରିଥିଲି । ଏହି ଘଟଣାଟି ନିମ୍ନ ପ୍ରକାରର ଅଟେ ।

୧୯୬୦ ମସିହା ଅକ୍ଟୋବର-ନଭେମ୍ବରରେ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ କେତେକ କେନ୍ଦୁପତ୍ର ଠିକାଦାରଙ୍କୁ ପ୍ରାୟ ୫୦ଲକ୍ଷ ଟଙ୍କାର ରିହାତି (rebate) ଅତ୍ୟନ୍ତ ଗୋପନ ଏବଂ ତରବରରେ ଦେଲେ । ଏ ରିହାତି ଦେବା ଆଦେଶ ବେ-ଆଇନ ଏବଂ ବେ-ନିୟମ ଥିଲା । ତାଙ୍କର ଏପରି ଏକ ଆଦେଶ ଜାଣି ମୁଁ ତାହା ପଦାରେ ପକାଇ-ଦେଲି । ଶେଷରେ ଶ୍ରୀ ସିଂହଦେଓ ବାଧ୍ୟ ହୋଇ ତାଙ୍କର ଏହି ରିହାତି ଆଦେଶ ରଦ୍ଦ କରିଦେଲେ ଏବଂ ଉକ୍ତ ଟଙ୍କା ଟ୍ରେଜେରୀକୁ ଫେରସ୍ତ ଆସିଲା । ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଏହି ଆଦେଶଦ୍ୱାରା ଦୁର୍ନୀତି କଲେ ବୋଲି ଆମ୍ଭେମାନେ ମନ୍ତ୍ରୀମଣ୍ଡଳରୁ ଓହରି ଆସି ତାହା (ମନ୍ତ୍ରୀମଣ୍ଡଳ) ଭାଙ୍ଗି-ଦେଲୁ । ନିଜ ମିଳିତ ମନ୍ତ୍ରୀମଣ୍ଡଳର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟର ଏତାଦୃଶ ପ୍ରତିବାଦ ଫଳରେ ରାଜନୈତିକ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କ ଉପରେ ଉତ୍ତମ ପ୍ରତିକ୍ରିୟା ହେଲା । କର୍ମୀ ଏବଂ ନେତାମାନେ ମଧ୍ୟ ଦୁର୍ନୀତିକୁ ଡରିଲେ । ଦୁର୍ନୀତି ନିବାରଣ ଉଦ୍ଦେଶ୍ୟରେ ସେଉଁ ସଭା ସମିତି ହେଉଥିଲା ଏବଂ ସେଥିରେ ମୁଁ ସେଉଁ ଭାଷଣ ଦେଉଥିଲି ତାର ମିଶ୍ରିତ ପ୍ରତିକ୍ରିୟା ହେଉ-ଥିଲା । ତାହା ମୁଁ ପୂର୍ବରୁ ବର୍ଣ୍ଣନା କରିଛି । କିନ୍ତୁ ଅତ୍ୟନ୍ତ ଦୁଃଖ ଏବଂ ହତାଶର କଥା ଯେ, ସେଉଁ ଦୁର୍ନୀତିକୁ ମାତ୍ର ସାଢ଼େ ତିନିବର୍ଷ ମଧ୍ୟରେ ଉପରୋକ୍ତ ପରିମାଣରେ ଆୟତ୍ତ କରିବାରେ ମୁଁ ଅନ୍ୟ କେତେକଣ ବନ୍ଧୁଙ୍କ ସଙ୍ଗେ କାରଣ ହୋଇଥିଲି, ପରବର୍ତ୍ତୀ ମିଳିତ ମନ୍ତ୍ରୀମଣ୍ଡଳରେ ତାହା ପୁଣି

Digitized by PPRACHIN, SOA

ଅତି ନଗ୍ନ ଆକାରରେ ଦେଖାଗଲା । ସ୍ୱତନ୍ତ୍ର-ଉତ୍କଳ-ଝାଡ଼ଖଣ୍ଡ ଦଳ-ମାନଙ୍କର ପରବର୍ତ୍ତୀ ମିଳିତ ମନ୍ତ୍ରୀମଣ୍ଡଳରେ ସ୍ୱତନ୍ତ୍ର ଦଳ ଅତି ନଗ୍ନ ଏବଂ ନିର୍ଭୀକ ଭାବେ କେନ୍ଦୁପତ୍ର ଠିକା ଏକ ବର୍ଷ ଅଧିକ ସମୟ ପାଇଁ ବଢ଼ାଇ ଦେଇ ଠିକାଦାରମାନଙ୍କଠାରୁ ପ୍ରାୟ ୮୦ ଲକ୍ଷ ଟଙ୍କା ବାଧ୍ୟତାମୂଳକ ଗୃନ୍ଦା ବା ଲାଞ୍ଚ ନେଲେ ବୋଲି ମୁଁ ପଦାରେ ପକାଇଦେଇ ଆହ୍ୱାନ ଦେଲି ଯେ, ଏ ଅଭିଯୋଗ ଯଦି ଅସତ୍ୟ ତେବେ ମୋ ବିରୋଧରେ ମକଦ୍ଦମା କରି ମୋତେ ଦଣ୍ଡ ଦିଅନ୍ତୁ । ମକଦ୍ଦମା ନ କଲେ ପ୍ରମାଣିତ ହେବ ଯେ, ୮୦ ଲକ୍ଷ ଟଙ୍କା ଲାଞ୍ଚ ନେବା ନିର୍ଘାତ ସତ୍ୟ । ସେମାନେ ମୋ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବାକୁ ପଶ୍ଚାତ୍ପଦ ହେଲେ ; କାରଣ ୮୦ ଲକ୍ଷ ଟଙ୍କା ଉତ୍କୋଚ ନେବା ସତ୍ୟ । ଶାସନ ଏବଂ ଆସେମ୍ବ୍ଲିରେ ଜନ-କଂଗ୍ରେସର ପ୍ରତିନିଧି ନ ଥିବାରୁ ପରବର୍ତ୍ତୀ ମନ୍ତ୍ରୀମଣ୍ଡଳରେ ଦୁର୍ନୀତିର ତାଣ୍ଡବ ଲୀଳା ଯୋଗୁଁ ମଧ୍ୟ ଉକ୍ତ ମନ୍ତ୍ରୀମଣ୍ଡଳ ଭାଙ୍ଗି ନୂତନ ମନ୍ତ୍ରୀମଣ୍ଡଳ ହେଲା ।

ସଂକ୍ଷେପରେ ମୁଁ ହୃଦ୍‌ବୋଧ କରିଥିଲି ଯେ, ୧୯୬୭ଠାରୁ ୧୯୭୧ ପର୍ଯ୍ୟନ୍ତ ଦୁର୍ନୀତି ନିବାରଣ ନିମନ୍ତେ ମୋର ତଥା ସରକାରଙ୍କର ପଦକ୍ଷେପ ଆଶାନୁରୂପ ସଫଳୀଭୂତ ହୋଇଥିଲା ।

Digitized by PPRACHIN, SOA

ମିଳିତ ମନ୍ତ୍ରୀମଣ୍ଡଳରେ ମୋର ଅନ୍ୟ ବିଭାଗରେ କାର୍ଯ୍ୟ

ପୂର୍ବୋକ୍ତ ଅନୁସାରେ ଏଥର ମନ୍ତ୍ରୀମଣ୍ଡଳରେ ମୋର ବିଭାଗ ଥିଲା (୧) ରାଜନୈତିକ ଓ ଶାସନ ସଂସ୍ଥା, (୨) ଶିକ୍ଷା, (୩) ଖଣି ଓ ଭୂତତ୍ତ୍ୱ । (Political and Services, Education, Mining and Geology) । ରାଜନୈତିକ ଓ ଶାସନସଂସ୍ଥା ବିଭାଗର ଏକ ଉପ-ବିଭାଗ ହେଉଛି ଦୁର୍ନୀତି ନିବାରଣ (vigillance) । ଏହି ଉପ-ବିଭାଗର ଆଭିମୁଖ୍ୟ ଏବଂ କାର୍ଯ୍ୟକଳାପ ପୂର୍ବବର୍ତ୍ତୀ ଅନୁଚ୍ଛେଦମାନଙ୍କରେ ବର୍ଣ୍ଣିତ କରିଛି । ଶାସନ ସଂସ୍ଥାର ମୁଖ୍ୟ କାମ ହେଲା ଶାସନରେ, ବିଶେଷତଃ ସେକ୍ରେଟାରିଏଟରେ ଶୃଙ୍ଖଳା ଏବଂ ସଂହତି ଓ ଯୋଗସୂତ୍ର ରକ୍ଷା । ପୂର୍ବତନ ସରକାରରେ ଶୃଙ୍ଖଳାଭଙ୍ଗ ଥିଲା ଦୈନନ୍ଦିନ ନିୟମ । କର୍ମଚାରୀ ନିଯୁକ୍ତି, ଉନ୍ନତି ଏବଂ ଅବନତି, ବଦଳି ଏବଂ ରହଣିରେ ଘନ ଘନ ହସ୍ତକ୍ଷେପ କରିବା ଥିଲା ମନ୍ତ୍ରୀ ଏବଂ ମନ୍ତ୍ରୀ ଗୋଷ୍ଠୀଙ୍କର ଧର୍ମ । ବଦଳି-ରହଣିରେ ଏପରି ହସ୍ତକ୍ଷେପ ହେଲା ଯେ, ସମୟେ ସମୟେ ମନ୍ତ୍ରୀଙ୍କର ଲିଖିତ ଏବଂ ସବୁବେଳେ ମୌଖିକ ହୁକୁମକୁ କର୍ମଚାରୀମାନେ ହଠାତ୍ କାର୍ଯ୍ୟକାରୀ କରୁନଥିଲେ ; କାରଣ ଏକ ଆଦେଶ କାର୍ଯ୍ୟକାରୀ କଲାବେଳକୁ କିମ୍ବା କଲା ପରେ ଯଦି ମନ୍ତ୍ରୀଙ୍କ ଉପରେ ପୁଣି ଦଳର କେତେ ଲୋକଙ୍କର ଚାପ ପଡ଼େ ତେବେ ତାକୁ ପୁଣି ପରିବର୍ତ୍ତନ କରାଯାଉଥିଲା । ବିଭାଗୀୟ ମନ୍ତ୍ରୀ ହିସାବରେ ମୁଁ ଦୃଢ଼ପ୍ରତିଜ୍ଞ ହେଲି ଯେ, ଏ ସମ୍ପର୍କୀୟ ରାଜନୈତିକ ହସ୍ତକ୍ଷେପକୁ ପ୍ରଶ୍ରୟ ଦେବା କିମ୍ବା ଉତ୍ସାହିତ କରିବା ଅନୁଚିତ । ତେଣୁ ମନ୍ତ୍ରୀ, ଏମ୍. ଏଲ୍. ଏ., ଏମ୍. ପି. ଏବଂ ଦଳୀୟ ନେତା କିମ୍ବା କର୍ମୀମାନଙ୍କ ଇଚ୍ଛା, ଅନୁରୋଧ, ଉପଦେଶ ବା ନିର୍ଦ୍ଦେଶରେ ପ୍ରିୟା-ପ୍ରୀତି ତୋଷଣ, ଗୋଷ୍ଠୀ ପୋଷଣ କିମ୍ବା ଦଳ ବର୍ଦ୍ଧନ କାର୍ଯ୍ୟକୁ ଅଯଥା ପ୍ରଶ୍ରୟ ଦିଆଯିବ ନାହିଁ । ପୂର୍ବରୁ ଏପରି ଥିଲା ଯେ, କେତେକ ଅଫିସର ନିଜ ଭାଇ ବନ୍ଧୁ ଏବଂ ପ୍ରିୟା-ପ୍ରୀତିଙ୍କ ସହିତ ଇସ୍ତମରାରି ପଟ୍ଟା ନେଲା ପରି ଭୁବନେଶ୍ୱର, କଟକ, ପୁରୀରେ ଏବଂ ବିଶେଷ କରି ସେକ୍ରେ-

Digitized by PPRACHIN, SOA

ଟାରିଏଟ୍‌ରେ ବର୍ଷ ବର୍ଷ ଧରି ରହୁଥିଲେ । ସେମାନେ କେବେ ଦୂର ଜିଲ୍ଲା ଯଥା—କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, ସମ୍ବଲପୁର, ମୟୂରଭଞ୍ଜ, କେନ୍ଦୁଝର କିମ୍ବା ଫୁଲବାଣୀକୁ ବଦଳି ହୋଇ ଯାଉନଥିଲେ । ତେଣୁ ମୁଁ ବିଧାନ କରିଗଲି ଯେ, ସାଧାରଣ ଭାବେ କେହି ଏକ ପୋଷ୍ଟରେ ୩ବର୍ଷରୁ ଅଧିକ ସମୟ ଏକ ସ୍ଥାନରେ ରହିବେ ନାହିଁ । ଏହାକୁ କାର୍ଯ୍ୟରେ ପରିଣତ କରାଗଲା । କେବଳ ଶିକ୍ଷା କ୍ଷେତ୍ରରେ ଅଳ୍ପ କେତେକ ସ୍ଥଳେ ଏ ନୀତିର ଯୁକ୍ତିଯୁକ୍ତ ବ୍ୟତିକ୍ରମ କରାଯାଇଥିଲା । ତଥାପି ଏ କ୍ଷେତ୍ରରେ ମଧ୍ୟ କେହି ୬।୭ ବର୍ଷରୁ ବେଶି ସମୟ ରହିବାକୁ ଅନୁମତି ପାଇନଥିଲେ । ଏଥିପାଇଁ ସ୍ୱାର୍ଥପର ଗୋଷ୍ଠୀ ରାଜନୈତିକ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କ ସାହାଯ୍ୟରେ ନାନା ନିଷ୍ଫଳ ସମାଲୋଚନା ଓ ଚକ୍ରାନ୍ତ କଲେ । ମୁଁ କିନ୍ତୁ ଶୁଣିଲି ନାହିଁ । କେତେକ ଅଫିସର କୋରାପୁଟ, ଫୁଲବାଣୀ, କଳାହାଣ୍ଡି ପ୍ରଭୃତି ଦୂର ଜିଲ୍ଲାକୁ କେବେ ଯାଉ ନ ଥିଲେ । ବଦଳି ହେଲେ ଧରାଧରି କରି ତାହା ରହିତ କରି ଦେଉଥିଲେ । ତେଣୁ ସେହିପରି ଅଫିସରଙ୍କୁ ଦୂର ଜିଲ୍ଲାକୁ ପଠାଇ ଦିଆଗଲା । ପେନ୍‌ସନ ସମୟ କିମ୍ବା ଅବସର ନେବା ସମୟ ହୋଇଗଲେ ମଧ୍ୟ କର୍ମଚାରୀମାନଙ୍କର ଚାକିରି କାର୍ଯ୍ୟକାଳ ବଢ଼ାଇଦେବାର କିମ୍ବା ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନର୍ବାର ନିଯୁକ୍ତି ଦେବାର ନିୟମ ଏବଂ ପ୍ରଥା ଥିଲା । ଏ ପ୍ରଥା ଉଠାଇ ଦିଆଗଲା ।

ସେକ୍ରେଟାରିଏଟ୍‌ରେ ଏଲ୍· ଡି· କିରାଣୀ ନିଯୁକ୍ତି ନିମନ୍ତେ ଏକ ନିୟମାବଳୀ ଥିଲା । ଏହି ନିୟମାବଳୀର ୧୧ଧାରା ଅନୁସାରେ ସେକ୍ରେଟାରୀ-ମାନଙ୍କୁ କ୍ଷମତା ମିଳିଥିଲା ଯେ, ଯଦି ଜରୁରୀ ନିଯୁକ୍ତି ନିମନ୍ତେ ପି· ଏସ୍· ସି· ଲିଷ୍ଟରେ ପ୍ରାର୍ଥୀ ନ ଥାନ୍ତି ତେବେ ସେମାନେ ଅସ୍ଥାୟୀଭାବେ ଏଲ· ଡି· କିରାଣୀ ନିଯୁକ୍ତ କରିପାରନ୍ତି । ଏହି କ୍ଷମତାର ସୁଯୋଗ ନେଇ ସେକ୍ରେଟାରିଏଟ୍‌ର କର୍ମକର୍ତ୍ତାମାନେ ନିମ୍ନଯୋଗ୍ୟତାବିଶିଷ୍ଟ ପ୍ରାୟ ୭୦୦ କିରାଣୀଙ୍କୁ ନିଯୁକ୍ତି ଦେଇ ଦେଲେ । ଏଥିରେ ନାନା ପ୍ରିୟ-ପ୍ରୀତି ତୋଷଣ, ଭାଇ-ବନ୍ଧୁ-କୁଟୁମ୍ବ ପୋଷଣ ଏବଂ ଉତ୍କୋଚ ଗ୍ରହଣ ହୋଇଥିଲା । ସେକ୍ରେଟାରିଏଟ୍‌ର ଉକ୍ତ ନିୟମ ଅନୁସାରେ ଏଲ· ଡି· ଚାକିରି ପାଇଁ ସର୍ବନିମ୍ନ ଯୋଗ୍ୟତା ଥିଲା ଇଣ୍ଟର୍‌-ମେଡିଏଟ୍ (I. A, I. Sc. or I. Com.) । କିନ୍ତୁ ଏପରି କାର୍ଯ୍ୟ କରାଗଲା ଯେ, କେତେକ ମାଟ୍ରିକ ଫେଲ୍‌ବାଲା, କେହି କେହି ଡାଇରିଷ୍ଟ ଏବଂ କେହି କେହି ୪ର୍ଥ ଶ୍ରେଣୀ କର୍ମଚାରୀ ଉକ୍ତ ଚାକିରିରେ ନିଯୁକ୍ତି ପାଇଥିଲେ । ଯେଉଁ

Digitized by PPRACHIN, SOA

ଅଳ୍ପ ଯୋଗ୍ୟତାବିଶିଷ୍ଟ କିରାଣୀମାନେ ଏହିପରି ଭାବେ ନିଯୁକ୍ତି ପାଇଥିଲେ ତାଙ୍କ ପାଇଁ ମଧ୍ୟ ଉକ୍ତ ନିୟମରେ ବ୍ୟବସ୍ଥା ଥିଲା ଯେ, ସେମାନେ ଚାକିରି ପାଇବାର ପରବର୍ତ୍ତୀ ସୁଯୋଗରେ ପି· ଏସ୍· ସି· ପରୀକ୍ଷାରେ ପରୀକ୍ଷା ଦେଇ ନିଜକୁ ଯୋଗ୍ୟ କରାଇନେବେ । ତାହା ନ ହେଲେ ସେମାନେ କାର୍ଯ୍ୟରୁ ଅନ୍ତର ହୋଇଯିବେ । କିନ୍ତୁ ଏହି ସୁଯୋଗ ଉକ୍ତ କିରାଣୀମାନଙ୍କ ମଧ୍ୟରୁ ଅଧିକାଂଶ ନେଲେ ନାହିଁ । ସେମାନେ ରାଜନୈତିକ ନେତା ଓ ମନ୍ତ୍ରୀ ଏବଂ ସେକ୍ରେଟାରୀମାନଙ୍କୁ ଧରାଧରି କରି ରହିଯାଉଥିଲେ । ଏଣେ ଦିନକୁ ଦିନ ବହୁତ ଯୁବକ ବି· ଏ. ଏବଂ ଏମ୍. ଏ. ପାଶକରି ବେକାର ହୋଇ ବସି-ରହିଲେ । ନିମ୍ନ ଯୋଗ୍ୟତା ଥିବା ଅସ୍ଥାୟୀ କିରାଣୀଙ୍କୁ ଅନ୍ତର କରି ଉପଯୁକ୍ତ ଯୋଗ୍ୟତା ବିଶିଷ୍ଟ ବ୍ୟକ୍ତିଙ୍କୁ ଉକ୍ତ ଚାକିରିରେ ନିଯୁକ୍ତି ଦେବାକୁ ଦାବୀ ହେବାରୁ ପି· ଏସ୍. ସି ବାଧ୍ୟହୋଇ ପରୀକ୍ଷା କରି ପ୍ରାୟ ୪୦୦ ପର୍ଯ୍ୟନ୍ତ ଯୋଗ୍ୟ ପ୍ରାର୍ଥୀ ତାଲିକାଭୁକ୍ତ କରି ସରକାରଙ୍କୁ ଚାପ ପକାଉଥାନ୍ତି ଯେ, ଉକ୍ତ ଯୋଗ୍ୟ ପ୍ରାର୍ଥୀଙ୍କୁ ସରକାର ନିଯୁକ୍ତି ଦିଅନ୍ତୁ । ନିର୍ବାଚିତ ପ୍ରାର୍ଥୀ ଏବଂ ଛାତ୍ରମାନେ ତୀବ୍ର ଆନ୍ଦୋଳନ କରୁଥାନ୍ତି ଯେ, ଉପରୋକ୍ତ ଯୋଗ୍ୟତାହୀନ କିରାଣୀଙ୍କୁ ଅନ୍ତର କରି ତାଙ୍କ ସ୍ଥାନରେ ପି· ଏସ୍· ସି·ର ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତ କରନ୍ତୁ । ଏତେ ଲୋକଙ୍କୁ ଅନ୍ତର କରିବାକୁ ପୂର୍ବତନ ମନ୍ତ୍ରୀମାନେ ସାହସ କରୁ ନ ଥିଲେ । ତିନି ଚାରିଶହ କର୍ମଚାରୀଙ୍କୁ ଅନ୍ତର କରିଦେଇ ତାର ରାଜନୈତିକ କୁଫଳ ଭୋଗିବାକୁ ଶାସକ ଦଳମାନେ ପ୍ରସ୍ତୁତ ନ ଥିଲେ ।

ମାତ୍ର-ନିୟମ ଏବଂ ଆଇନକାନୁନର ପ୍ରବର୍ତ୍ତକ ଓ ରକ୍ଷକଭାବେ ଯେତେବେଳେ ଏ ସମସ୍ୟା ମୋତେ ଦର୍ଶାଇ ଦିଆଗଲା ଏବଂ ପି· ଏସ୍· ସି· (P. S· C.) ଦ୍ୱାରା ବିବେଚିତ ଯୋଗ୍ୟ ପ୍ରାର୍ଥୀ ଏବଂ ଅନ୍ୟମାନେ ଦାବୀକଲେ ଯେ, ମୁଁ ଆଇନ ଅନୁସାରେ କାର୍ଯ୍ୟ କରିବି, ତେଣୁ ମନ୍ତ୍ରୀମଣ୍ଡଳ ବହୁ ସଭ୍ୟଙ୍କ ବିରୋଧ ସତ୍ତ୍ୱେ ମୋତେ ଯୋଗ୍ୟତାହୀନ ପ୍ରାୟ ୩୦୦ ଉପରେ କିରାଣୀଙ୍କୁ ଅନ୍ତର କରି ଯୋଗ୍ୟତାବିଶିଷ୍ଟ ଉପର୍ଯ୍ୟୁକ୍ତ ପି. ଏସ· ସି· ଦ୍ୱାରା ମନୋନୀତ ପ୍ରାର୍ଥୀଙ୍କୁ ନିଯୁକ୍ତ ଦେବାକୁ ହେଲା । ଶାସକ ଦଳମାନେ, ମନ୍ତ୍ରୀମଣ୍ଡଳର ବହୁ ମନ୍ତ୍ରୀ, କେତେକ ରାଜନୈତିକ ଦଳର ମୁଖ୍ୟ କର୍ମକର୍ତ୍ତାମାନେ ବିରୋଧ କଲେ ସୁଦ୍ଧା ଏବଂ ସେକ୍ରେଟାରିଏଟର କେତେକ ସେକ୍ରେଟାରୀ ଏ ସମସ୍ୟାର ସମାଧାନରେ ପ୍ରଚ୍ଛନ୍ନ ଭାବରେ ଗୂଢ଼ ଚକ୍ରାନ୍ତ କଲେ ସୁଦ୍ଧା ନିୟମ ଏବଂ ଆଇନ-ଶୃଙ୍ଖଳାର ରକ୍ଷକ ଭାବେ ମୁଁ ଏ ଅପ୍ରୀତିକର କାର୍ଯ୍ୟ କଲି । କିନ୍ତୁ

Digitized by PPRACHIN, SOA

କରିବା ପୂର୍ବରୁ ପି· ଏସ· ସି· କୁ ଉପଦେଶ ଦିଆଗଲା ଯେ, ସେ ଆଉ ଏକ ସୁଯୋଗ ଦିଅନ୍ତୁ ଯେ, ନିମ୍ନଯୋଗ୍ୟତାବିଶିଷ୍ଟ ଉକ୍ତ କିରାଣୀମାନେ ପରୀକ୍ଷା ଦେଇ ନିଜକୁ ଯୋଗ୍ୟ କରାଇ ଦିଅନ୍ତୁ । ଉକ୍ତ ସୁଯୋଗ ଦିଆଗଲା । କେତେକ ପାସ୍ କରି ଚାକିରିରେ ରହିଲେ । ଯେଉଁମାନେ ୪ର୍ଥ ଶ୍ରେଣୀ ଚାକିରିରୁ ଏହି ୩ୟ ଶ୍ରେଣୀ କିରାଣୀ ପୋଷ୍ଟକୁ ଆସିଥିଲେ ସେମାନଙ୍କୁ ତାଙ୍କ ନିଜ ଚାକିରିକୁ ଅବନତ କରାଗଲା । କିନ୍ତୁ ତାଙ୍କ ଉଚ୍ଚ ଚାକିରିର ଉଚ୍ଚ ଦରମା ସୁରକ୍ଷିତ ହୋଇ ରହିଲା । ବହୁ ବର୍ଷର ସମସ୍ୟା ସମାଧାନ ହେଲା । ଏହାର ପ୍ରତିକ୍ରିୟା ପରେ ବର୍ଣ୍ଣିତ ହେବ ।

ଏହି ବିଭାଗରେ ମୁଁ ଆଉ ଏକ ବିଶେଷ କାର୍ଯ୍ୟ କରିଥିଲି । ପୂର୍ବତନ ସରକାରରେ କର୍ମଚାରୀଙ୍କ ପେନ୍‌ସନ୍ ପାଇବା କିମ୍ବା ଚାକିରିରୁ ଅବସର ନେବା ବୟସ ୫୫ରୁ ୫୮କୁ ବଢ଼ାଇ ଦିଆଯାଇଥିଲା । ପରିଣତି ହେଲା ଯେ ନୂତନ ଉଚ୍ଚଶିକ୍ଷିତ ଯୁବକ ଶ୍ରେଣୀଙ୍କର ନିଯୁକ୍ତି ଏବଂ ଉନ୍ନତି ପଥ ୩ ବର୍ଷ ପାଇଁ ରୁନ୍ଧିଯିବା ସଙ୍ଗେ ସଙ୍ଗେ ବୟୋସାଧିକ୍ୟବଶତଃ ତାହା ବନ୍ଦ ହୋଇଗଲା । ଆସେମ୍ବ୍ଲି, ସଭା-ସମିତି, ଖବର କାଗଜ ଏବଂ ରାଜନୈତିକ ଦଳରେ ଦାବୀ କରାଗଲା ଯେ ଅବସରପ୍ରାପ୍ତି ବୟସ ପୂର୍ବପରି ୫୫ ବର୍ଷ ରହୁ । ୫୮ ବର୍ଷ ବୟସ ନୀତି ସଂଶୋଧିତ ହେଉ । ସମସ୍ତଙ୍କର ଚାପ-ଧକ୍‌କା ମୋ ଉପରେ ପଡ଼ିଲା । ମୁଁ ହଠାତ୍ କିଛି କରେ ନାହିଁ । ଜନମତ ହେଲେ ସୁଦ୍ଧା ବୁଝି ବିଚାରି ଆଇନ ଏବଂ ସମ୍ବିଧାନ-ସମ୍ମତ ଭାବେ କରେ । ମୁଁ ଶୀଘ୍ର ନ କରିବାରୁ ସମସ୍ତେ ମୋ ଉପରେ ବିରକ୍ତ ହେଉଥାନ୍ତି । କିନ୍ତୁ ମୁଁ କହୁଥାଏ ଯେ, ଯେତେ ଶୀଘ୍ର ପାରୁଥାଏ କରିବି । ଥରେ କଲେ ଆଉ ବଦଳାଇବି ନାହିଁ । ଶାସକ ଦଳର ନେତା, ମନ୍ତ୍ରୀ ଏବଂ ବିରୋଧୀ ଦଳର ନେତା ଓ କର୍ମୀ ସମେତ କର୍ମଚାରୀ ସଂଘ, ଯୁବ ଅନୁଷ୍ଠାନ, ବେକାର ଅନୁଷ୍ଠାନ ଏବଂ ସମ୍ବାଦପତ୍ର ସଂଘମାନେ ଜୋରରେ ଦାବୀ କରୁଥାନ୍ତି ଯେ, ମୁଁ ଏହା କରେ । ମୁଁ ଜାଣିଥାଏ ଯେ, ଏମାନଙ୍କର ଏ ସ୍ୱର ପୁଣି ବଦଳିବ । ମୁଁ ତ ନିଶ୍ଚୟ ୫୫ ବର୍ଷକୁ କମାଇବି । କିନ୍ତୁ ଏମାନେ ସେତେବେଳେ ନ କମାଇବାକୁ କହିବେ । ମୁଁ ଶୁଣିବି ନାହିଁ । ସତକୁ ସତ ସେଇଆ ହେଲା । ମନ୍ତ୍ରୀମଣ୍ଡଳର ଗୃହୀତ ନିଷ୍ପତ୍ତିକୁ ଭିତ୍ତି କରି ମୁଁ ଆଦେଶ ଦେଲି ଯେ, ୧୯୬୭ ଅକ୍ଟୋବର ପହିଲାଠାରୁ ଏହା କାର୍ଯ୍ୟକାରୀ ହେବ । ସେତେବେଳକୁ ଯେଉଁ କର୍ମଚାରୀଙ୍କର ବୟସ ୫୫ ବର୍ଷ ବୟସ ହୋଇଥିବ ସେ ନିଶ୍ଚୟ ଅବସର ନେବେ । କିନ୍ତୁ ଏହି

Digitized by PPRACHIN, SOA

ମାରାତ୍ମକ ଦିବସ (fateful day) ଆଉ ମାସେ ମାତ୍ର ଅଛି । ଏହି ଆଦେଶ ବଳରେ ଅବସର ନେବାକୁ ଯାଉଥିବା କର୍ମଚାରୀମାନଙ୍କର ଆବେଦନ, ନିବେଦନ, କାକୁତି ମିନତି ଏବଂ ପ୍ରାର୍ଥନାରେ ତରଳିଯାଇ ଓ ରାଜନୈତିକ ପରିସ୍ଥିତିରେ ଭୟଭୀତ ହୋଇ ପୁଣି ଉକ୍ତ ସମସ୍ତ ନେତୃବୃନ୍ଦ ମୋତେ ଚାପ ଦେଇ କହିଲେ ଯେ, ମୁଁ ଉକ୍ତ ଆଦେଶ ରହିତ କରିଦିଏ । ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ, ଡ଼: ମହତାବ, ଅନ୍ୟାନ୍ୟ ଅନେକ ମନ୍ତ୍ରୀ, ପୂର୍ବୋକ୍ତ ରାଜନୈତିକ ଦଳର ନେତାସମେତ ଅନ୍ୟାନ୍ୟ ବ୍ୟକ୍ତି ତଥା ଅନୁଷ୍ଠାନମାନେ ମୋ ଉପରେ ପ୍ରଭାବ ପକାଇବାକୁ ଲାଗିଲେ ଯେ ମୁଁ ଉକ୍ତ ଆଦେଶକୁ ଉଠାଇ ଆଣିବି । ମୁଁ ଉତ୍ତର ଦେଲି ଯେ, ଅବସରପ୍ରାପ୍ତିର ବୟସ ସୀମା ୫୮ରୁ ଖସାଇ ୫୫କୁ ଅଣାଯିବ ବୋଲି ବହୁବାର ଆସେମ୍ବ୍ଲି ଏବଂ ଖବରକାଗଜ ଓ ସଭା-ସମିତିରେ ପ୍ରତିଶ୍ରୁତି ଦେଇ ପୁଣି ତାହା ଫେରାଇ ନେବା ନିତାନ୍ତ ବେ-ରାଜନୈତିକ ଏବଂ ଅଣ-ଶାସନତାନ୍ତ୍ରିକ ହେବ । ଦେଶର ସବୁ ଶ୍ରେଣୀଙ୍କର ମତ ଓ ପ୍ରଭାବ ଫଳରେ ଏହା କରାଯାଉଛି । ତେଣୁ ମୁଁ ଏ ସ୍ତରରେ ଆପଣମାନଙ୍କ ଦୋମୁହାଁ ନୀତିକୁ ମାନି ପାରିବି ନାହିଁ । ସେମାନେ ନୀରବ ଏବଂ ଲଜ୍ଜିତ ହେଲେ । କର୍ମଚାରୀମାନେ ଅଦାଲତର ଆଶ୍ରୟ ନେବେ ବୋଲି ଧମକ ଦିଆଗଲା । ମୁଁ ମୋ ଆଦେଶରେ ଅଟଳ ରହିଲି । ତାହା କାର୍ଯ୍ୟକାରୀ ହେଲା । ବହୁତ ଯୁବକ ଏବଂ କର୍ମଚାରୀ ସୁଖୀ ଓ ଆନନ୍ଦିତ ହେଲେ ।

ଶିକ୍ଷା ବିଭାଗର ମନ୍ତ୍ରୀ ହିସାବରେ ଏଥର ବିଶେଷ କିଛି ନୂଆ ଯୋଜନା ନ ଥିଲା । ୧୯୬୧ ଯୋଜନାର ଲକ୍ଷ୍ୟ, ଅର୍ଥାତ୍ ଆବଶ୍ୟକ ପରିମାଣରେ ଶିକ୍ଷିତ ବ୍ୟକ୍ତି ଉତ୍ପନ୍ନ ହେଲେ ଆମ ଦେଶର ଯୋଜନାର ଅଭାବ ମେଣ୍ଟିଯିବ—ତାହା ତ ପୂର୍ଣ୍ଣ ହୋଇଯାଇଥାଏ । ଅଧିକନ୍ତୁ ଚାକିରିର ଅଭାବ ଯୋଗୁଁ ବେକାରି ବଢ଼ୁଥାଏ । ତହିଁରେ ପୁଣି ଏତେ ସଂଖ୍ୟାରେ ହାଇସ୍କୁଲ, କଲେଜ ଏବଂ ବିଶ୍ୱବିଦ୍ୟାଳୟ ସ୍ଥାପିତ ହେଲାଣି । କେବଳ ନୂତନ ଯୋଜନା ଏତିକି କରାଗଲା ଯେ, ସର୍ବଭାରତୀୟ କ୍ଷେତ୍ରରେ ପ୍ରତି- ଯୋଗିତା ନିମନ୍ତେ ଯେଉଁ ବିଶେଷ ଏବଂ ଅତିରିକ୍ତ ତାଲିମ, ବିଶେଷତଃ ଯେଉଁ ବୈଜ୍ଞାନିକ ଏବଂ କାରିଗରି ଦକ୍ଷତା ଓ ଜ୍ଞାନ ଆବଶ୍ୟକ ସେ ଦିଗରେ ବେଶି ଦୃଷ୍ଟି ଦିଆଯାଇ ବ୍ୟବସ୍ଥା କରାଯାଉ । ତାହାହିଁ କରାଗଲା । ପରେ ଏହି ବିଭାଗ ଶ୍ରୀ ବନମାଳୀ ପଟ୍ଟନାୟକଙ୍କୁ ଅର୍ପଣ କରାଗଲା ।

Digitized by PPRACHIN, SOA

ଖଣି ଓ ଭୂତତ୍ତ୍ୱ ବିଭାଗର ମନ୍ତ୍ରୀ ହିସାବରେ ମୋର ଆଭିମୁଖ୍ୟ ହେଲା ଯେ, ଯେହେତୁ ଓଡ଼ିଶା ଖଣିଜ ପଦାର୍ଥର ଗନ୍ତାଘର ତେଣୁ ଏ ସମ୍ପଦର ସମ୍ପୂର୍ଣ୍ଣ ବିନିଯୋଗପୂର୍ବକ ରାଜ୍ୟର ଅଣ-ଟିକସ ଆୟ-ବୃଦ୍ଧି କରାଇ କିଯତ୍ ପରିମାଣରେ ଅକର୍ମା ସମସ୍ୟା ଦୂରୀଭୂତ କରାଇବାରେ ଉଦ୍ୟତ ହେବ । ଖଣିଜ ପଦାର୍ଥମାନଙ୍କର ଆବିଷ୍କାର ଏବଂ ସଂଗ୍ରହଠାରୁ ଆରମ୍ଭ କରି ଏହାର ଅନ୍ତର୍ବାଣିଜ୍ୟ ଓ ବହିର୍ବାଣିଜ୍ୟର ଉନ୍ନତି ସାଧନ ଦିଗରେ ସର୍ବାଙ୍ଗୀନ ପ୍ରଯତ୍ନ କରାଗଲା । ବୋଧହୁଏ ଏ ବିଭାଗ ସୃଷ୍ଟି ହେଲା ଦିନଠାରୁ ମୁଁ ଏ ବିଭାଗର ଦାୟିତ୍ୱ ନେବା ପର୍ଯ୍ୟନ୍ତ ଯେଉଁ ସଂଖ୍ୟାରେ ଖଣିପଟ୍ଟା, ପ୍ରସ୍ପେକ୍ଟିଙ୍ଗ୍ ଲାଇସେନ୍‌ସ, ରିନ୍ୟୁଆଲ୍ ଏବଂ ଟ୍ରାନ୍‌ସଫର ଦିଆଯାଇଥିଲା ମୋର ଶାସନ କାଳର ୩ବର୍ଷ ୧୦ମାସ ମଧ୍ୟରେ ପ୍ରାୟ ସେହି ସଂଖ୍ୟକ ଖଣିପଟ୍ଟା ଓଗେର ମଞ୍ଜୁର କରାଗଲା । ଏହାର କାରଣ ହେଉଛି ଯେ, ଗୃହ୍ୟା କିମ୍ବା ରାଜନୈତିକ ଉଦ୍ଦେଶ୍ୟରେ ଯେଉଁ ବିଳମ୍ବ ଘଟେ ସେ ବିଳମ୍ବ ମୁଁ କରାଇଦେଲି ନାହିଁ ; ଯେହେତୁ ମୁଁ ଗୃହ୍ୟା କିମ୍ବା ରାଜନୈତିକ ବିଚାରରୁ କୌଣସି କାର୍ଯ୍ୟ କରୁ ନ ଥିଲି । ଆମର ତ ଏଠାରେ ଓଡ଼ିଶା ସରକାରରେ ପଟ୍ଟା ଓଗେର ଦେବାରେ ବିଳମ୍ବ ହେଉନଥିଲା କିନ୍ତୁ କେଜାଣି କାହିଁକି ତାହାସବୁ କେନ୍ଦ୍ର ସରକାରରେ ବିଳମ୍ବ ହେଉଥିଲା । ଓଡ଼ିଶାବାସୀ ବିଶେଷତଃ ଓଡ଼ିଆ ଲୋକେ କିପରି ଖଣି ପଟ୍ଟା ପାଇ ତାହା ସଫଳତାର ସହିତ କାର୍ଯ୍ୟକାରୀ କରିବେ ସେ ଦିଗରେ ଆବଶ୍ୟକୀୟ ଧ୍ୟାନ ଦିଆଯାଉଥିଲା । ଓଡ଼ିଆ ଯେ କେବଳ ଖଣିପଟ୍ଟା ପାଇବେ ତାହା ନୁହେଁ, ଓଡ଼ିଶାରେ ଯେଉଁ ନିକେଲ ଓ ସୀସା ଧାତୁ ଯଥାକ୍ରମେ କଟକଜିଲ୍ଲାର ସୁକିନ୍ଦା ଓ ସୁନ୍ଦରଗଡ଼ ଜିଲ୍ଲାର ସର୍ଗିପାଲି ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣରେ ଆବିଷ୍କୃତ ହୋଇଥିଲା ଏବଂ ଯାହାକୁ ଭାରତ ସରକାରଙ୍କର N. M. D. C. ଏବଂ M. M.-T. C. ପ୍ରଭୃତି କର୍ପୋରେସନମାନେ ନିଜେ ଖୋଳି ନିଜେ କାରଖାନା ବସାଇବାକୁ ଚକ୍ରାନ୍ତ କରୁଥିଲେ ମୁଁ ତାର ଘୋର ବିରୋଧ କରି ତାହା ଓଡ଼ିଶା ଖଣି କର୍ପୋରେସନ୍ କରିବ ବୋଲି ଜିଦ୍ ଧରିବାରୁ କେନ୍ଦ୍ର ସରକାର ଶେଷକୁ ବାଧ୍ୟ ହୋଇ ଓଡ଼ିଶା ଖଣି କର୍ପୋରେସନ ସଙ୍ଗେ ମିଳିତଭାବେ ଖୋଦନ ଏବଂ ତରଳନ କରିବାକୁ ରାଜି ହେଲେ ।

Digitized by PPRACHIN, SOA

କର୍ମଚାରୀ ନିଯୁକ୍ତି

କର୍ମଚାରୀ ନିଯୁକ୍ତି ବିଷୟ ମୁଁ ପୂର୍ବରୁ 'କୃଷି' ଶୀର୍ଷକ ଲେଖାରେ ଅତି ଜ୍ଞାନୂପରେ ଉଲ୍ଲେଖ କରିଛି । ଆବଶ୍ୟକତା ଅନୁସାରେ କର୍ମଚାରୀ ନିଯୁକ୍ତ ହେବା ଉଚିତ । ଆବଶ୍ୟକତା ଥିଲେ ମଧ୍ୟ ଆୟକୁ ଦେଖି କର୍ମଚାରୀଙ୍କ ସଂଖ୍ୟା ନିର୍ଦ୍ଦିଷ୍ଟ କରିବା ଦରକାର । ତା ନ ହେଲେ ଦେଶର ସମସ୍ତ ରେଭିନ୍ୟୁ-ଆୟ ରେଭିନ୍ୟୁ-ବ୍ୟୟ ବାବଦକୁ ସମ୍ଭୁଳ କମ୍ପା ନିଅଣ୍ଟିଆ ହେବ । ଉନ୍ନୟନ କାର୍ଯ୍ୟ ନିମନ୍ତେ ଅର୍ଥ ମିଳିବ ନାହିଁ । କିନ୍ତୁ ଅତି ଦୁଃଖ ଏବଂ ହତାଶାର କଥା ଯେ, ଆମ ଓଡ଼ିଶାର ରେଭିନ୍ୟୁ-ଆୟ ରେଭିନ୍ୟୁ-ବ୍ୟୟଠାରୁ ଅଧିକ କମ୍ପା ସମତୁଲ ନ ହୋଇ ଊଣା ହେଉଛି ; ଅର୍ଥାତ୍ ଦେଶର କର୍ମଚାରୀଙ୍କ ସଂଖ୍ୟା ଏତେ ଅଧିକ ଯେ, ଦେଶର ସମସ୍ତ ରେଭିନ୍ୟୁ-ଆୟ ତାଙ୍କ ଦରମାକୁ ଅଣ୍ଟୁ-ନାହିଁ । କର୍ମଚାରୀଙ୍କ ଦରମା ଏବଂ କଣ୍ଟିଜେନ୍‌ସି ବାବଦ ଖର୍ଚ୍ଚ ନିମନ୍ତେ ଓଡ଼ିଶା ସରକାରଙ୍କୁ ପ୍ରତିବର୍ଷ ୧୦।୧୨ କୋଟି ଟଙ୍କା ବସ୍ତୁତଃ କରଜ କରି ତୁଲାଇବାକୁ ପଡୁଛି ।

ଭାରତର ପ୍ରତ୍ୟେକ ରାଜ୍ୟର ଲୋକସଂଖ୍ୟା ଅନୁପାତରେ କର୍ମଚାରୀ ନିଯୁକ୍ତି—ପରିସଂଖ୍ୟାନ ଏବଂ ଦରମା-ଭତ୍ତା-ପରିସଂଖ୍ୟାନରୁ ସ୍ପଷ୍ଟ ପ୍ରମାଣିତ ଯେ, ଓଡ଼ିଶାରେ କର୍ମଚାରୀ ସଂଖ୍ୟା ଏବଂ ସେମାନଙ୍କ ପିଛା ଖର୍ଚ୍ଚ ଅଧିକ । ପ୍ରତ୍ୟେକ ଅର୍ଥ-କମିସନ ଏହି ଆପତ୍ତି ଉଠାନ୍ତି । ଓଡ଼ିଶା ସରକାରଙ୍କ ପ୍ରତିନିଧି-ମାନେ ଅର୍ଥ-କମିସନ ନିକଟରେ ଅଧିକ ଅର୍ଥ ଦାବି କଲାବେଳେ କମିସନ ତରଫରୁ ଏହି ଯୁକ୍ତି ଅକାଟ୍ୟ ଭାବେ ଉପସ୍ଥାପିତ କରାଯାଏ । ଆମ ମନ୍ତ୍ରୀ ଓ କର୍ମଚାରୀମାନଙ୍କର ଉତ୍ତର ଦେବାର ଯୁକ୍ତି ନ ଥାଏ । ଉଭୟ ଭାରତ ସରକାର ଏବଂ ଅର୍ଥ-କମିସନ୍ ମନ୍ତବ୍ୟ ପାସ୍ କରନ୍ତି ଯେ, ଓଡ଼ିଶା ସରକାର ଏକପକ୍ଷରେ ଗରିବ ବୋଲି ବାଁ-ହାତ ପ୍ରସାରି ଅର୍ଥ ଭିକ୍ଷା ମାଗୁଛନ୍ତି ଏବଂ ଅନ୍ୟ ପକ୍ଷରେ ଡାହାଣ ହାତରେ ଅମୀର ଓ ବିଳାସୀପରି ଶାସନ-ଖର୍ଚ୍ଚ (କର୍ମଚାରୀଙ୍କ ପିଛା) କରୁଛନ୍ତି । ମନ୍ତ୍ରୀ ଏବଂ କର୍ମଚାରୀମାନେ ଲଜ୍ଜିତ ଏବଂ ଶଙ୍କିତ ହୋଇ ଫେରନ୍ତି । ଏଣେ ଓଡ଼ିଶାରେ ଖବର କାଗଜ ଜରିଆରେ ଭାରତ ସରକାରଙ୍କୁ ନିନ୍ଦା କରିବାରେ ଲାଗନ୍ତି । ଯେଉଁ ଦଳ ମନ୍ତ୍ରୀ ହୋଇ-

Digitized by PPRACHIN, SOA

ନାହାନ୍ତି କିମ୍ବା ଯେଉଁ କର୍ମଚାରୀବୃନ୍ଦ ଅର୍ଥ କମିସନଙ୍କ ସମ୍ମୁଖୀନ ହୋଇ ନାହାନ୍ତି ସେମାନେ ସମାଲୋଚନା କରନ୍ତି ଯେ, ଓଡ଼ିଶାର ମନ୍ତ୍ରୀ ଓ କର୍ମଚାରୀମାନେ ଲଢ଼ିକରି କେନ୍ଦ୍ରରୁ ଅର୍ଥ ଆଣିପାରୁନାହାନ୍ତି । କିନ୍ତୁ ଉକ୍ତ ଦଳ ମନ୍ତ୍ରୀ ହେଲା ପରେ ଉପର୍ଯ୍ୟୁକ୍ତ କାରଣରୁ ଅଧିକା ଅର୍ଥ ଆଣିପାରୁନାହାନ୍ତି । ଅବଶ୍ୟ ଯେହେତୁ ଓଡ଼ିଶା ଆଦିବାସୀ ଏବଂ ହରିଜନବହୁଳ ରାଜ୍ୟ ଓ ଅପେକ୍ଷାକୃତ ଅନୁନ୍ନତ ତେଣୁ ଅଧିକ ଅର୍ଥ ମଞ୍ଜୁରୀ ପାଇବା ବିଧେୟ ଅଟେ । କାରଣସଙ୍ଗତ ଭାବେ ତାହା କେନ୍ଦ୍ର ସରକାର ଦିଅନ୍ତି ବୋଲି ମୋର ବିଶ୍ୱାସ । ତଥାପି ଆଉ ଅଧିକ ଦେବା ଉଚିତ ।

ଓଡ଼ିଶାରେ ଅଧିକ କର୍ମଚାରୀ ନିଯୁକ୍ତିର କାରଣ ହେଉଛି ଯେ,

୧ । କେତେକ କ୍ଷେତ୍ରରେ କର୍ମଚାରୀମାନେ ଚକ୍ରାନ୍ତ କରି କାର୍ଯ୍ୟର ବହୁଳତା ଦର୍ଶାଇ ନିଜର ଭାଇ-ବନ୍ଧୁ ଏବଂ ପ୍ରିୟ-ପ୍ରୀତିଙ୍କୁ ସ୍ଥାନ ଦେଇ ନିଜେ ପ୍ରମୋଶନ ପାଇବା ନିମନ୍ତେ ଉଚ୍ଚ କର୍ତ୍ତୃପକ୍ଷଙ୍କଠାରୁ ଅଧିକ ଚାକିରି ମଞ୍ଜୁର କରାଇ ନିଅନ୍ତି । ଏଥିପାଇଁ ଉଚ୍ଚ କର୍ତ୍ତୃପକ୍ଷ ମଧ୍ୟ ଦାୟୀ ।

୨ । ଭାରତ ସରକାର ଯେତେବେଳେ ଯେଉଁ ଯୋଜନା ପାଇଁ ଅର୍ଥ ବ୍ୟବସ୍ଥା କରିଛନ୍ତି ସେତେବେଳେ ସେହି ଯୋଜନା କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକତାଠାରୁ ଅଧିକ ଚାକିରି ମଞ୍ଜୁର କରାଇ ନେଇଛନ୍ତି ।

୩ । ଶ୍ରୀ ଶିବରମଣ ଚିଫ୍ ସେକ୍ରେଟାରୀ ଏବଂ ଡେଭେଲପ୍‌ମେଣ୍ଟ କମିସନର ଥିଲାବେଳେ ଏହି ନିଯୁକ୍ତି-ସଂଖ୍ୟା ଅଯୌକ୍ତିକ ଭାବେ ବୃଦ୍ଧି କରାଇବାରେ କାରଣ ହୋଇଛନ୍ତି ।

୪ । ମନ୍ତ୍ରୀମଣ୍ଡଳ ଏବଂ ଅର୍ଥ ବିଭାଗର ନରମତା, ଚକ୍ଷୁଲଜ୍ଜା, ଅବହେଳା କିମ୍ବା ମୋହବଶତଃ ଅଧିକ ଚାକିରି ସୃଷ୍ଟି ହୋଇଛି ।

୫ । ସବୁଠାରୁ ବିଚିତ୍ର ଏବଂ ଆଶ୍ଚର୍ଯ୍ୟର କଥା ଯେ ସାରା ଭାରତରେ କେନ୍ଦ୍ର ଏବଂ ଭିନ୍ନ ଭିନ୍ନ ପ୍ରଦେଶ ବା ରାଜ୍ୟମାନଙ୍କରେ ବିଶେଷ ପରିସ୍ଥିତି, ଆବଶ୍ୟକତା, ବିଶେଷ ସୁବିଧା କିମ୍ବା ଅତିରିକ୍ତ ଅସୁବିଧା ନିମନ୍ତେ ଯେଉଁ ଯେଉଁ ଅତିରିକ୍ତ (Special) ଚାକିରି ଖୋଲା ଯାଇଛି ଏକା ଓଡ଼ିଶାରେ ଭାରତର ସବୁ ରାଜ୍ୟର ଯେତେ ଅତିରିକ୍ତ ଚାକିରି ଅଛି ସେ ସବୁ ଚାକିରି ଖୋଲି ନିଯୁକ୍ତି ଦିଆଯାଇଛି । ଫଳରେ କର୍ମଚାରୀ ସଂଖ୍ୟା ବୃଦ୍ଧି ହୋଇଛି । ଓଡ଼ିଶାରେ କର୍ମଚାରୀ ସଂଖ୍ୟା ଅଧିକ ବୋଲି ଯେତେବେଳେ

Digitized by PPRACHIN, SOA

ଆସେମ୍ବ୍ଲିରେ ସମାଲୋଚନା ହୁଏ ଯେ ଏହା ମୁଣ୍ଡ-ଭାରି ଶାସନ ଅଟେ (Top-heavy administration), ମନ୍ତ୍ରୀ ହିସାବରେ ମୁଁ ଉତ୍ତର ଦେଇଛି ଯେ ଏହା କେବଳ ମୁଣ୍ଡ-ଭାରି (Top-heavy) ଶାସନ ନୁହେ । ମୁଁ ପୁଣି କହେ ଯେ ଏହା ମୁଣ୍ଡ-ଭାରି (Top heavy), ମଧ୍ୟ-ସ୍ଥୂଳ (Middle fat) ଏବଂ ତଳ-ଘଞ୍ଚ (bottom thick) ଅଟେ । ଏଥିରେ ହସ ବୃଷ୍ଟି ସଙ୍ଗେ ଆଶ୍ଚର୍ଯ୍ୟ ପ୍ରକାଶ ପାଏ, କାରଣ ସମସ୍ତେ କେବଳ ସେହି ମୁଣ୍ଡ-ଭାରି (Top heavy) କଥାଟି ଶୁଣି ଅଭ୍ୟାସବଶତଃ କହନ୍ତି । ସେମାନେ ଶାସନ କଳର ଭିତର କଥା ଜାଣନ୍ତି ନାହିଁ । ଜାଣିଲେ ମଧ୍ୟ ଭୋଟ ଭୟରେ କହିବାକୁ ସାହସ କରନ୍ତି ନାହିଁ ।

କର୍ମଚାରୀ ନିଯୁକ୍ତିରେ ମୋର ସବୁବେଳେ ଆଭିମୁଖ୍ୟ ଯେ ଉଭୟ ଅର୍ଥ (Fund) ଏବଂ ଆବଶ୍ୟକତାକୁ ବିଚାର କରି ଚାକିରି ସୃଷ୍ଟି କରାଯାଉ । ପାଠୁଆ କିମ୍ବା ଅପାଠୁଆଙ୍କ ନିଯୁକ୍ତି ନିମନ୍ତେ ଅଯଥା ଏବଂ ଅନାବଶ୍ୟକ ଚାକିରି ସୃଷ୍ଟି ଘୋର ମାରାତ୍ମକ ଅଟେ । ଅଧିକ ନିଯୁକ୍ତି ପାଇଁ ଅଧିକ ସୁଯୋଗ ସୃଷ୍ଟି ହେଉ । ଦେଶର ପ୍ରାକୃତିକ ସମ୍ପଦର ସଦ୍‌ବ୍ୟବହାର କରି ଶିଳ୍ପ-କଳକାରଖାନା-ଖଣି-ଖାଦାନ-ବାଣିଜ୍ୟ-ବ୍ୟବସାୟର ପ୍ରସାର ଓ ଶ୍ରୀବୃଦ୍ଧି ସଙ୍ଗେ ସଙ୍ଗେ କୁଟୀର-ଶିଳ୍ପ ଓ ଗୃହ-ବ୍ୟବସାୟର ବ୍ୟବସ୍ଥା ପୂର୍ବକ ଏହି ପୁସ୍ତକରେ ପୂର୍ବରୁ ବର୍ଣ୍ଣିତ ଚତୁର୍ବିଧ ରୋଜଗାର ପନ୍ଥାର ବ୍ୟବସ୍ଥା କରି ଅକର୍ମା ସମସ୍ୟା ଦୂରୀକରଣ କରାଯାଉ । ମୁଁ ସବୁବେଳେ ଏହି ମତ ପୋଷଣ କରିଛି ଏବଂ ତଦନୁସାରେ ସରକାରରେ ମତ ଦେଇ ଆସିଛି । ମୁଁ ୧୯୬୭ରୁ ୧୯୭୧ ଜାନୁୟାରୀ ପର୍ଯ୍ୟନ୍ତ ରାଜନୈତିକ ଏବଂ ଶାସନ ସଂସ୍ଥା ବିଭାଗର ମନ୍ତ୍ରୀ ହିସାବରେ ଓଡ଼ିଶାରେ ଆଇ. ଏ. ଏସ୍ (I. A S.) ଚାକିରି ସଂଖ୍ୟା ୧୭୦ ରୁ ୧୫୦କୁ କମାଇ ଦେବାର କାରଣ ହୋଇଛି । ଏହି ସମସ୍ତ ମଧ୍ୟରେ କାମ ନ ଥିବାରୁ ବହୁ କର୍ମଚାରୀ କାମରୁ ଛଟେଇ ହୋଇଥିଲେ । ଅବଶ୍ୟ ପରେ କାର୍ଯ୍ୟର ଆବଶ୍ୟକତା ଅନୁସାରେ ସେମାନଙ୍କୁ ଅନ୍ୟତ୍ର ନିଯୁକ୍ତି ଦିଆଯାଇଥିଲା ।

Digitized by PPRACHIN, SOA

ଟିକସ ନୀତି

ପୂର୍ବୋକ୍ତମତେ ଗତ ୨୬ ବର୍ଷ ଭିତରେ ମୁଁ ପ୍ରାୟ ୨୪ ବର୍ଷ ପର୍ଯ୍ୟନ୍ତ ଏମ୍. ଏଲ୍. ଏ. ଏବଂ ପାଞ୍ଚ ଥର ମନ୍ତ୍ରୀ ଭାବେ ପ୍ରାୟ ୧୭।୧୫ ବର୍ଷ ଶାସନରେ ସଂପୃକ୍ତ ଥିଲି । ଆଇନଦାତା ଏବଂ ମନ୍ତ୍ରୀ ହିସାବରେ ଆଇନ ସୃଷ୍ଟି କରିବା-ଠାରୁ ଆରମ୍ଭ କରି ତାହା କାର୍ଯ୍ୟକାରୀ କରିବାର ଦାୟିତ୍ୱରେ ଥିବାରୁ ନାନା ସମୟରେ ଟିକସର ମାତ୍ରା ନିର୍ଦ୍ଧାରଣ କରିବାକୁ ପଡ଼ୁଥିଲା ।

ଅନୁଭୂତିରୁ ଦେଖିଛି ଯେ ଯେଉଁ ଦଳ ଯେତେବେଳେ ସରକାର ବିରୋଧରେ ଥାନ୍ତି ସେମାନେ ଯେ କୌଣସି ଟିକସ ବସାଇବା ପ୍ରସ୍ତାବକୁ ତୀବ୍ର ବିରୋଧ କରନ୍ତି ! ସେମାନେ ସବୁବେଳେ ଯୁକ୍ତି ବାଢ଼ନ୍ତି ଯେ, ଅଣ-ଟିକସ ସୂତ୍ରରୁ ଆୟ ବଢ଼ାଇଦିଆଯାଉ ଏବଂ ପ୍ରତ୍ୟକ୍ଷ ବା ଅପ୍ରତ୍ୟକ୍ଷ ଟିକସ ବସା ନ ଯାଉ । ମୋର ଧାରଣା ଯେ ସେମାନେ କେବଳ ଶସ୍ତା ଲୋକପ୍ରିୟତା ଉଦ୍ଦେଶ୍ୟରେ ଏପରି ଯୁକ୍ତି କରିଥାନ୍ତି । କିନ୍ତୁ ଏପରି ଯୁକ୍ତିର କୁ-ପରିଣତି ସେମାନେ ଭାବନ୍ତି ନାହିଁ । ଏହା ଫଳରେ ଟିକସ ନ ଦେବା ପ୍ରବୃତ୍ତି ଜନତା ଉପରେ ତୀବ୍ର ଭାବରେ ହୁଏ ; କାରଣ ଦେବା ଏବଂ ମରି-ବାକୁ କେହି ଭଲ ପାଆନ୍ତି ନାହିଁ । ଏଣେ ରାଜ-କୋଷରେ ଅର୍ଥ ପରିପୂର୍ଣ୍ଣ ନ ହେଲେ କୌଣସି ଶାସକ ଦେଶର ଶାନ୍ତି-ଶୃଙ୍ଖଳା ରକ୍ଷାପୂର୍ବକ ଲୋକଙ୍କର ଉନ୍ନତି କରି ପାରିବ ନାହିଁ ।

ନାନା ସୂତ୍ରରୁ ଆୟ କରି ରାଜ-କୋଷ ପରିପୂର୍ଣ୍ଣ କରିବା ଶାସ-କର ନିଶ୍ଚୟ ଧର୍ମ ଏବଂ କର୍ତ୍ତବ୍ୟ । ଅବଶ୍ୟ ଅଣ-ଟିକସ ସୂତ୍ରରୁ ଆୟ ବଢ଼ିତ କରିବା ଦରକାର । କିନ୍ତୁ ଏହା ଧୈର୍ଯ୍ୟ ଏବଂ ସମୟସାପେକ୍ଷ । ଏ ସୂତ୍ରରୁ ଆୟ ହେଲେ ସୁଦ୍ଧା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଟିକସ ମଧ୍ୟ ନିଶ୍ଚୟ ବସିବ ଏବଂ ଅସୁଲ ହେବ ।

ଏ ସମ୍ପର୍କରେ ଶାସକଙ୍କର କର୍ତ୍ତବ୍ୟ ହେଉଛି ଯେ, ପ୍ରଥମେ ଜନତାକୁ ଧନୀ କରାଇ ଜାତିକୁ ସମୃଦ୍ଧ କରାଇବ । ଦରିଦ୍ର, ଗରିବ ଏବଂ ଅକର୍ମା ଜାତି କି ଟିକସ ଦେବ ? ତଥାପି ଜାତି ଏବଂ ଜନତା ଯେତେ ଗରିବ ହେଲେ ସୁଦ୍ଧା କିଛିଟା ପରିମାଣରେ ଟିକସ ଦେବା ଉଚିତ । ଯେଉଁ ସରକାର ଜାତିକୁ

Digitized by PPRACHIN, SOA

ଯେତିକି ପରିମାଣରେ ଆର୍ଥିକ ଦୃଷ୍ଟିରୁ ସମୃଦ୍ଧ ଏବଂ ସମ୍ପନ୍ନ କରିପାରିବ ସେ ସେତିକି ଅଧିକ ପରିମାଣରେ ଟିକସ ଅସୁଲ କରିପାରିବ । ଜାତି ଯେତେ ଗରିବ ହେଲେ ସୁଦ୍ଧା ପ୍ରତ୍ୟକ୍ଷ ଟିକସ ଅବଶ୍ୟ ଦେବା ବିଧେୟ । ଚାଣକ୍ୟ ମତରେ ଶାସକ ବଗିଚାର ମାଳି ସଦୃଶ କର୍ତ୍ତବ୍ୟ ପାଳନ କରିବା ଉଚିତ । ସେ ଅଙ୍ଗାରକାର (କମାର) ପରି ଜୀବିକା ଅର୍ଜନ ପନ୍ଥା ଧରିବା ଅନୁଚିତ । ଅର୍ଥାତ୍ ମାଳି ଯେପରି କୌଣସି ଜାତୀୟ ସମ୍ପଦ ନଷ୍ଟ ନ କରି ଅଳ୍ପ ଫୁଲ-ପନି-ପରିବା-ଫଳଗଛ ଅତି ଯତ୍ନରେ ସାର ଏବଂ ପାଣି ଦେଇ ସୁରକ୍ଷିତ ଭାବେ ବଢ଼ାଇ ତହିଁର ଉତ୍ପନ୍ନ ପତ୍ର-ଫଳ-ପୁଷ୍ପ ବିକ୍ରୟ କରି ନିଜ ଜୀବିକା ମେଣ୍ଟାଇ ଜନତାଙ୍କୁ ସୁଖ-ସୌରଭ ଏବଂ ଆମୋଦ-ପ୍ରମୋଦରେ ଆପ୍ୟାୟିତ କରାଏ, ଉତ୍ତମ ଶାସକ ସେହିପରି ସୁ-ଶାସନଦ୍ୱାରା ଦେଶବାସୀଙ୍କ ଧନ-ଦୌଲତ ବୃଦ୍ଧି କରାଇ ତହିଁରୁ ବିଭିନ୍ନ ସୂତ୍ରରେ ଟିକସ ଆଦାୟ କରି ଜାତି ତଥା ଜନତାଙ୍କୁ ସୁଖ-ସୌରଭ ପ୍ରଦାନ କରିବା ଉଚିତ । ଶାସକ ଅଙ୍ଗାର-କାର (କମାର) ପରି କର୍ତ୍ତବ୍ୟ କଲେ ନିଜର ଅବନତି ସଙ୍ଗେ ଜାତିର ଅବନତି ମଧ୍ୟ କରାଇବ । ଏହାର ଅର୍ଥ ହେଉଛି ଯେ ଜଣେ କମାର ଅଳ୍ପ ମୂଲ୍ୟର ଲୁହା ପ୍ରସ୍ତୁତ କରିବାକୁ ଅତ୍ୟନ୍ତ କଠିନ ପରିଶ୍ରମପୂର୍ବକ ଜଙ୍ଗଲର ବହୁତ ମୂଲ୍ୟବାନ୍ ଗଛ କାଟି ତାକୁ ପୋଡ଼ି ଅଙ୍ଗାର ପ୍ରସ୍ତୁତ କରି ଲୁହା ପଥର ତରଳାଇ ସେଥିରେ ମଧ୍ୟ ନିଜ ଗୁଜୁରାଣ ମେଣ୍ଟାଇପାରେନାହିଁ । ଏଣେ ସେହି କମାର ବହୁ ଅର୍ଥ ମୂଲ୍ୟର ଜାତୀୟ ଜଙ୍ଗଲ-ସମ୍ପଦ ନଷ୍ଟ କରେ । ଶାସକ ଏପରି ମତି ପ୍ରତି ସାବଧାନ ହେବା ଉଚିତ । ଆଉ ମଧ୍ୟ ଶାସକ ତାର ଟିକସ ମତି ଏପରି ଭାବରେ ଧାର୍ଯ୍ୟ କରିବା ଦରକାର ଯଦ୍ଦ୍ୱାରା ଦେଶର ପ୍ରତ୍ୟେକ ନାଗରିକ ତାର ଆୟ ତୁଳନାରେ ଆନୁପାତିକ ଅଂଶ ପ୍ରତ୍ୟକ୍ଷ କିମ୍ବା ଅପ୍ରତ୍ୟକ୍ଷ ଟିକସ ଆକାରରେ ଦେବାକୁ ବାଧ୍ୟ ହେବ ; ଅର୍ଥାତ୍ ଟିକସର ମତି ଏପରି ହେବା ଦରକାର ଯଦ୍ଦ୍ୱାରା ଧନିକ ବ୍ୟକ୍ତି ଅଧିକ ଏବଂ ନିର୍ଦ୍ଧନ ଊଣା ଟିକସ ଦେବ । (The rich to pay more, the poorest of the poor to pay the least) । ଏହି ମତି ଅନୁସାରେ ଇଂରେଜ ଶାସନର ଲୁଣ-ଟିକସ (salt tax) ଏବଂ ବର୍ତ୍ତ-ମାନର ବିକ୍ରି-କର (sales tax) ସମାଜିକ ନ୍ୟାୟ-ସମ୍ମତ ଅଟେ । କିନ୍ତୁ ବ୍ରିଟିଶ ଅମଳର ଶିକ୍ଷାକର ଓଟେର ସ୍ଥାୟୀ ଟିକସ ଅତ୍ୟନ୍ତ ବେ-ସାମାଜିକ ଓ ବେ-ଅର୍ଥନୈତିକ ଅଟେ । ରାଜକୋଷ ଖର୍ଚ୍ଚରୁ ସ୍ଥାୟୀ ଏବଂ ଆଞ୍ଚଳିକ

Digitized by PPRACHIN, SOA

ଉନ୍ନୟନଦ୍ୱାରା ଯେଉଁମାନେ ଉପକୃତ ହୁଅନ୍ତି ସେମାନେ କିଛି କିଛି ଟିକସ ଦେଇ କେତେକ ବର୍ଷ ଭିତରେ ଉକ୍ତ ଟଙ୍କା ଟ୍ରେଜେରୀକୁ ଓ୍ୱାପସ ଦେବା ବିଧେୟ, ଯେହେତୁ ଜାତୀୟ ପାଣ୍ଠିରୁ କେବଳ ସେହିମାନେ ହିଁ ଲଭବାନ ହେଉଛନ୍ତି । ତାହା ନ ହେଲେ ଜାତୀୟ-କୋଷ ବା ଟ୍ରେଜେରୀ ଶୂନ୍ୟ ହୋଇ-ଯିବ ଏବଂ ଦେଶର ଅନ୍ୟାନ୍ୟ ଅଞ୍ଚଳବାସୀ ତାହା ସହ୍ୟ କରିବେ ନାହିଁ ।

ଜଣେ ଆଇନଦାତା ଏବଂ ଶାସକ ହିସାବରେ ଏ ସମ୍ପର୍କରେ ମୋର ଆଭିମୁଖ୍ୟ ସର୍ବଦା ଅର୍ଥନୀତିସମ୍ମତ ଅଟେ । ଯେତେବେଳେ କୌଣସି ଟିକସ ନିର୍ଦ୍ଧାରଣ କଥା ଆଲୋଚନା ହୁଏ, ମୁଁ ଉକ୍ତ ନୀତିକୁ ଭିତ୍ତି କରି ମତ ଦିଏ ଓ ମୋ ମତରେ ଦୃଢ଼ ରହେ । ଗତ ୨୬ ବର୍ଷ ମଧ୍ୟରେ ଶିକ୍ଷାକର (Education Cess) ବସାଇବାକୁ ୪।୫ ଥର ମେମୋରାଣ୍ଡମ ଅଣାଯାଇ ଖସଡ଼ା-ଆଇନ ପର୍ଯ୍ୟନ୍ତ କାମ କରାଯାଇଥିଲା । ସବୁ ଥର ମୁଁ ଯୁକ୍ତି କରି ତାହା ବନ୍ଦ କରିଦେଇଛି ବୋଲି ମୋର ବିଶ୍ୱାସ । ପ୍ରଚଳିତ ଆଇନ ଅନୁସାରେ ଶିକ୍ଷା-କର କେବଳ ଜମି-ଖଜଣା ଉପରେ ଧାର୍ଯ୍ୟ କରାଯିବ । ଏହାର ଅର୍ଥ ଯେତେ ଅତି କ୍ଷୁଦ୍ର ଗରିବ କୃଷୀ ହେଉ ପଛକେ ସେ ଶିକ୍ଷା-ଟିକସ ଦେବାକୁ ବାଧ୍ୟ ହେବ । କିନ୍ତୁ କୋଟିପତି-ଶିଳ୍ପ-ବାଣିଜ୍ୟ-ପତି, ଲକ୍ଷପତି-ବ୍ୟବସାୟୀ ଏବଂ କାରବାରୀ, ହଜାର-ପତି-କର୍ମଚାରୀ ଓ ଚାକିରିଆ ଗୋଷ୍ଠୀ ଏବଂ ହଜାର ଓ ଶତପତି କଳ-କାରଖାନାର ଶ୍ରମିକ-ଶ୍ରେଣୀ ଏହି ଶିକ୍ଷା-ଟିକସ ଦେବେ ନାହିଁ । ଅଥଚ ଏହି ଧନିକ ଏବଂ ନିର୍ଦ୍ଦିଷ୍ଟ ଆୟପ୍ରାପ୍ତ ଗୋଷ୍ଠୀ ଶିକ୍ଷାର ସମସ୍ତ ସୁବିଧା ଓ ସୁଯୋଗ ପାଆନ୍ତି । ଏହା ଯେପରି ବେ-ସାମାଜିକ ଏବଂ ବେ-ଅର୍ଥନୈତିକ ସେହିପରି ଅନ୍ୟାୟ ଓ ଶୋଷଣମୂଳକ ଅଟେ । ଏ ସମ୍ପର୍କରେ ୧୯୫୦-୫୧ରେ ତାତ୍କାଳିକ ରାଜ୍ୟପାଳ ଶ୍ରୀ ମେନନ୍ ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସଙ୍ଗେ ମୋର ଭୀଷଣ ମତଦ୍ୱୈଧ ହୋଇଥିଲା । ୧୯୫୭ରେ ପୁଣି ଶିକ୍ଷା-କର ବସାଇବା ସମ୍ପର୍କରେ ତାତ୍କାଳିକ ମୁଖ୍ୟମନ୍ତ୍ରୀ ଶ୍ରୀ ମହତାବ ଏବଂ ଶିକ୍ଷାମନ୍ତ୍ରୀ ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସଙ୍ଗେ ମଧ୍ୟ ଗୁରୁତର ମତଦ୍ୱୈଧ ଘଟିଥିଲା । ପ୍ରତ୍ୟେକ ଥର ମୁଁ ଜିତିଛି ଏବଂ ଟିକସ ବସାଇବା ନିମନ୍ତେ ଆଗତ ପ୍ରସ୍ତାବ-ମାନ ଉଠାଇ ନିଆହୋଇଛି ।

ପ୍ରଚଳିତ ଆଇନ ଏବଂ ନୀତି ଅନୁସାରେ ଶିକ୍ଷା-କର ନ ବସାଇବା ସମ୍ପର୍କରେ ମୋର ଯୁକ୍ତି ଯେ, ସମାଜର ପ୍ରତ୍ୟେକ ଶ୍ରେଣୀର ଲୋକଙ୍କର

Digitized by PPRACHIN, SOA

ସନ୍ତାନମାନେ ଶିକ୍ଷା ପାଆନ୍ତି । ବଡ଼ଲୋକ ବିଶେଷତଃ କର୍ମଚାଷୀଙ୍କର ସନ୍ତାନ-ସନ୍ତତିମାନେ ପ୍ରାଥମିକଠାରୁ ଆରମ୍ଭ କରି ସର୍ବୋଚ୍ଚ ଶିକ୍ଷା ପାଆନ୍ତି । ଏହି ଶ୍ରେଣୀ ଶିକ୍ଷା କର ଦେବେ ନାହିଁ, ଅଥଚ ଯେଉଁ କ୍ଷୁଦ୍ର ଏବଂ ଗରିବ ଚାଷୀର ସନ୍ତାନ କେବଳ ପ୍ରାଇମେରୀ ଷ୍ଟାଣ୍ଡାର୍ଡ ପର୍ଯ୍ୟନ୍ତ ପଢ଼ୁଛନ୍ତି ବା ନ ପଢ଼ୁଛନ୍ତି ସେହି ଶ୍ରେଣୀ ଏକାକୀ କାହିଁକି ଏ ଶିକ୍ଷା କର ଦେବେ ? ମୋର ଏ ଯୁକ୍ତି କାଟି ନ ପାରି ସେମାନେ କେବଳ କହନ୍ତି ଯେ, ଆଇନ ଅନୁସାରେ ଶିକ୍ଷାକର କେବଳ ଜମି ଖଜଣା ଉପରେ ଧାର୍ଯ୍ୟ ହେବ । ମୁଁ ତାଙ୍କର ଏହି ଯୁକ୍ତିକୁ ଖଣ୍ଡନ କରି କହେ ଯେ, ପ୍ରଥମେ ଏହି ଆଇନ ସଂଶୋଧିତ ହେଉ ଯେ, ଜମି ଖଜଣା ଉପରେ ଶିକ୍ଷା କର ଧାର୍ଯ୍ୟ ହେବା ସଙ୍ଗେ ସଙ୍ଗେ ଆୟ, ଦରମା ଏବଂ ଆୟକର, ସୁପର-ଟାକ୍ସ ଓ ସରଚାର୍ଜ ଉପରେ ମଧ୍ୟ ଏହା ଧାର୍ଯ୍ୟ ହେଉ । ଏ ଯୁକ୍ତି ତ ଅତ୍ୟନ୍ତ ନ୍ୟାୟସଙ୍ଗତ ଏବଂ ଅକାଟ୍ୟ ଅଟେ । ଏହାକୁ ଗ୍ରହଣ କଲେ ପ୍ରଥମେ ବଡ଼ ଲୋକ ଏବଂ କର୍ମଚାରୀଙ୍କ ଉପରେ ଟିକସ ପଡ଼ିବ । ତେଣୁ ଶିକ୍ଷା-କର ବସାଇବା ପ୍ରସ୍ତାବ ଉଠାଇ ନିଅନ୍ତୁ । ପଥକର ପ୍ରଭୃତି ଅନ୍ୟାନ୍ୟ ସ୍ଥାନୀୟ-କର ବିଷୟରେ ମୋର ଏହି ଯୁକ୍ତି ଏବଂ ସଫଳତା ।

ଜଳ-କର ବସାଇବାରେ ସମସ୍ତେ ଘୋର ବିରୋଧ କରୁଛନ୍ତି । ଏ ବିରୋଧର ଯୁକ୍ତି ନାହିଁ । ଭାରତର ଅନ୍ୟାନ୍ୟ ରାଜ୍ୟର ଜଳ-କର ଅନୁପାତରେ ଏଠାରେ ଏହା ଖୁବ୍ କମ୍ । ସଜା-ପାଣ୍ଠିରୁ (from common fund) ଯେ ଉପକୃତ ଏବଂ ଲାଭବାନ ହେଲେ ସେହି ପାଣ୍ଠିକୁ ଟିକସ ଆକାରରେ କିଛି ଫେରାଇବା ବିଧେୟ । ତାହା ନ ହେଲେ ଦେଶର ଅନ୍ୟାନ୍ୟ ଅଞ୍ଚଳରେ ଜଳସେଚନ ପାଇଁ ଅର୍ଥର ଅଭାବରୁ କିଛି କାମ ହୋଇ ପାରିବ ନାହିଁ । ଏହି ଅବସ୍ଥା ଘଟୁଛି, ବିଜୁଳି ଶକ୍ତି ଏବଂ କଳ-ପାଣି ଯେ ବ୍ୟବହାର କରୁଛି ସେ ଖର୍ଚ୍ଚ ତୁଳନାରେ ଆନୁପାତିକ ଟିକସ ଦେଉଛି । ସେହି ମାତ୍ରାରେ ଜଳ-କର ଆଦାୟ ହେବା ଦରକାର । ଦେଶର ସମୃଦ୍ଧି ସ୍ୱାର୍ଥ ଦୃଷ୍ଟିରୁ ଏହା କଟିବା ବିଧେୟ । ରାଜନୈତିକ ଦଳ, ନେତା ଏବଂ କର୍ମୀମାନେ ଶସ୍ତା ନେତାଗିରି ଓ ଲୋକପ୍ରିୟତା ଦୃଷ୍ଟିରୁ ଜଳ-କର ବସାଣର ବିରୋଧ ମତ ଅବଲମ୍ବନ କରୁଛନ୍ତି । ଏହା ଜାତି ପକ୍ଷରେ ଅବନତିମୂଳକ ଅଟେ ।

Digitized by PPRACHIN, SOA

ନି· ଭା· ଟିକସ ପରିସଂଖ୍ୟାନରୁ ଜଣାଯାଏ ଯେ, ଓଡ଼ିଶାର ଟିକସ ହାର ଭାରତର ବହୁ ରାଜ୍ୟର ଟିକସହାରଠାରୁ କମ୍ ଅଟେ । ତହିଁରେ ପୁଣି ଆଦାୟରେ ଅଧିକତର ଅବହେଳା ଥାଏ । ଲୋକେ ସରକାରୀ ଦେ'ଣା ନ ଦେଲେ ଯେଉଁ ଦୃଢ଼ତାର ସହିତ ତାହା ଅସୁଲ ହେବାର କଥା ତାହା ହୁଏ ନାହିଁ । ଏ ସବୁର କାରଣ ହେଉଛି ରାଜନୈତିକ ଚାପ ଏବଂ ଭୟ । ରାଜନୈତିକ ଦଳମାନେ ସର୍ବଦା ଜନତାକୁ ଜାତୀୟ ସ୍ୱାର୍ଥ-ବିରୋଧୀ ପ୍ରତିଶ୍ରୁତି ଦେଇ ପ୍ରଲୋଭିତ କରୁଛନ୍ତି ଯେ, ଜନତା କିଛି ନ କରୁ କିମ୍ବା ନ ଦେଉ, କେବଳ ଭୋଟ ଦେଉ । ରାଜନୈତିକ ନେତାମାନେ ସରକାରରେ ଗାଦିରେ ଉପବିଷ୍ଟ ହେଲେ ଲୋକମାନଙ୍କ ପାଇଁ ସବୁ କରିଦେବେ । ଏ ପ୍ରକାର ପ୍ରଚାର ଏବଂ କାର୍ଯ୍ୟକଳାପ ଓଡ଼ିଶାରେ ଯେପରି ଭାରତର ଅନ୍ୟତ୍ର ଊଣା ଅଧିକେ ସେହିପରି ଅଟେ ।

ଏ ସମ୍ପର୍କରେ ମୋର ଆଭିମୁଖ୍ୟ ମୁଁ ପୂର୍ବରୁ ଉଲ୍ଲେଖ କରିଛି । ପୂର୍ବୋକ୍ତ ଟିକସ ନୀତି ଅନୁସାରେ ଟିକସ ଧାର୍ଯ୍ୟ ହେବା ଉଚିତ । ଏହା ବିଧିବଦ୍ଧ ଏବଂ ନିୟମିତ ଭାବେ ଅସୁଲ ହୋଇ ସଦ୍‌ବ୍ୟବହୃତ ହେଉ । ସରକାରୀ ଟ୍ରେଜେରୀ ବା ସଜା-ପାଣ୍ଠିରୁ (common fund) ଯେଉଁମାନେ ଲାଭବାନ ଏବଂ ଉପକୃତ ହେବେ ସେମାନେ ସେମାନଙ୍କର ଲାଭାଂଶରୁ ନିର୍ଦ୍ଦିଷ୍ଟ ନିୟମ ଏବଂ ପରିମାଣରେ ବାର୍ଷିକ ଟିକସ ଆକାରରେ ଟ୍ରେଜେରୀକୁ ଫେରସ୍ତ ଦିଅନ୍ତୁ । ଏହିପରି ହେଲେ ଟ୍ରେଜେରୀ ପୂର୍ଣ୍ଣ ହେବ ଏବଂ ଅର୍ଥ ବ୍ୟୟ କରି ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଉନ୍ନତି କରାଇ ଲୋକଙ୍କୁ ଲାଭ ଦେବାରେ ସରକାର କ୍ଷମ ହେବ ।

ଏକ ପ୍ରକାର କାର୍ଯ୍ୟ ଏବଂ ଏକ ପ୍ରକାର ଉପକାର ପାଇଁ ଏକ ହାରରେ ଟିକସ ବସିବା ଦରକାର । ଉଦାହରଣ ସ୍ୱରୂପ ଜଳସେଚନ ନିମନ୍ତେ ଜଳକର ନିର୍ଦ୍ଧାରଣ । ଏହି ଜଳସେଚନ ଏକ ପ୍ରକାର ଉପକାର ଦେଉଛି । କିନ୍ତୁ ଏଥିରେ ଟିକସ ହାର ଭିନ୍ନ ଭିନ୍ନ ଅଟେ । ତାହା ହେବା ଅନୁଚିତ । ଆମର ଓଡ଼ିଶାରେ ମୁଖ୍ୟତଃ ଦୁଇ ପ୍ରକାର ଜଳସେଚନ ପ୍ରଣାଳୀ ଅଟେ; ଯଥା—ଉଠା ଏବଂ ମଡ଼ା ଜଳସେଚନ (lift & flow irrigation) । ଯେ କୌଣସି ପ୍ରକାର ଜଳସେଚନଦ୍ୱାରା ଲାଭ ଏବଂ ଉପକାର ସମାନ ଅଟେ ଯଦି ପାଣିର ପରିମାଣ ସମାନ ଏବଂ ନିୟମିତ ଭାବରେ ଯୋଗାଇ ଦିଆଯାଏ । ଏହି ଦୁଇ ପ୍ରଣାଳୀଦ୍ୱାରା ଜଳସେଚନର ଟିକସ

Digitized by PPRACHIN, SOA

ହାର ସମାନ ହେବା ଆର୍ଥିକ ଏବଂ ସାମାଜିକ ନ୍ୟାୟ ହେବ । କିନ୍ତୁ ଏ ଟିକସ ହାର ସମାନ ନୁହେ । ଯଦି ମଡ଼ା-ଜଳସେଚନର ଟିକସ ହାର ଏକର ପ୍ରତି ୮।୧୦ ଟଙ୍କା ହେଲା ତେବେ ଉଠା ଜଳସେଚନର ଟିକସ ହାର ଏକର ପ୍ରତି ୬୦।୬୫ ଟଙ୍କା ହେବାର ଯୁକ୍ତି ନାହିଁ । ସରକାରୀ ଖର୍ଚ୍ଚର ବହୁଳତା ଉପକାର ଏବଂ ଲାଭାଂଶ ଅନୁପାତକୁ ଅତିକ୍ରମ କରି ଟିକସ ନିର୍ଦ୍ଧାରଣ ନୀତିରେ ପ୍ରାଧାନ୍ୟ ଲାଭ କଲେ ସାମାଜିକ ନ୍ୟାୟ ହେବ ନାହିଁ । ସେଚନ ନିମନ୍ତେ ଜଳ ଯୋଗାଇବା ସରକାରୀ କର୍ତ୍ତବ୍ୟ । ଟିକସ ନିର୍ଦ୍ଧାରଣ ଏବଂ ଅସୁଲ ମଧ୍ୟ ସରକାରଙ୍କ ଦାୟିତ୍ୱ । ଲୋକେ ଟିକସ ଦେବେ ଲାଭ ଏବଂ ଉପକାର ବିଚାରରୁ । ଏକା ପରିମାଣ ଲାଭ ଏବଂ ଉପକାର ନିମନ୍ତେ ଏକା ହାରରେ ଟିକସ ଅସୁଲ ହେବା ଉଚିତ । ସେହିପରି ବିଜୁଳି ଶକ୍ତି ଏବଂ ସ୍ନାନ-ପାନୀୟ ଜଳ ବ୍ୟବହାର ନିମନ୍ତେ ନ୍ୟାୟଭିତ୍ତି ହାରରେ ଟିକସ ହାର ନିର୍ଦ୍ଧାରିତ ହେବା ବିଧେୟ ।

ନିଶା ନିବାରଣ

ନିଶା ଦୁନିଆରେ ସବୁ ଯୁଗରେ ପ୍ରଚଳିତ । ବେଦ, ପୁରାଣ, ଶାସ୍ତ୍ର ଏବଂ ଇତିହାସରୁ ପ୍ରମାଣିତ ଯେ ସତ୍ୟ, ତ୍ରେତା, ଦ୍ୱାପର ଯୁଗମାନଙ୍କରେ ଏହାର ପ୍ରଚଳନ ବ୍ୟାପକ ଥିଲା । ହିନ୍ଦୁ ଦେବତା ଏବଂ ମୁନି ଋଷିମାନେ ମଧ୍ୟ ସୋମରସ ନାମକ ନିଶାକୁ କୌଣସି ନା କୌଣସି ପ୍ରକାରରେ ନିଜେ ବ୍ୟବହାର କରୁଥିବାର ଏବଂ ଯଜ୍ଞରେ ଆହୁତି ଦେବାର ପ୍ରମାଣ ଅଛି । ଅତି ତାନ୍ତ୍ରିକ ଦେବୀପୂଜକ ବ୍ରାହ୍ମଣମାନେ ଦେବୀଙ୍କ ନିକଟରେ ନିଶା ବା ସୁରା ଅର୍ଘ୍ୟ ପ୍ରଦାନ କରି ନିଜେ ପ୍ରସାଦ ପାଇବାର ଆଜି ଆମ୍ଭେମାନେ ଦେଖୁଛୁ ଏବଂ ଶୁଣୁଛୁ । ଯଦୁବଂଶ ଧ୍ୱଂସ ବେଳେ ଯଦୁବଂଶୀୟ ଲୋକେ ସୁରାପାନରେ ଉନ୍ମତ୍ତ ଥିଲେ ।

ନିଶା କହିଲେ ମଦ, ଅଫିମ, ଗଞ୍ଜେଇ ଏବଂ ଏହି ଜିନିଷମାନଙ୍କରୁ ପ୍ରସ୍ତୁତ କେତେକ ପଦାର୍ଥ, ଯଥା ; ଚୌରସ ଇତ୍ୟାଦିକୁ ବୁଝାଏ । ମଦ କହିଲେ ଅଙ୍ଗୁର, ମହୁଲ, ଗୁଡ଼ଜଳ, ଗୁଡ଼, ଆମୋନିଆ ଇତ୍ୟାଦିରୁ ପ୍ରସ୍ତୁତ ଏକ ପାନୀୟ ଦ୍ରବ୍ୟ ଓ ତାଳ, ଖଜୁରୀ ଏବଂ ସଲପ ପ୍ରଭୃତି ଗଛର ରସକୁ

Digitized by PPRACHIN, SOA

ବୁଝାଏ । ବର୍ତ୍ତମାନ ଅଫିମ, ଗଞ୍ଜେଇର ବ୍ୟବହାର ତ ଅନେକ ପରିମାଣରେ ଆୟତ୍ତ ହୋଇଗଲାଣି । କେତେକ ଲୋକ ଗଞ୍ଜେଇକୁ କୌଣସି ନା କୌଣସି ପ୍ରକାରେ ବ୍ୟବହାର କରୁଛନ୍ତି । ପୌରୁଷ, ମନୁଷ୍ୟତା, ନୈତିକତା ଏବଂ ମନୁଷ୍ୟର ଶାରୀରିକ ଓ ଆର୍ଥିକ ସୁସ୍ଥି ଦୃଷ୍ଟିରୁ ସମସ୍ତ ପ୍ରକାର ନିଶା ସର୍ବାଦୌ ବର୍ଜନୀୟ । ଔଷଧାର୍ଥେ ଏହାର ସଂଯତ ଏବଂ ପରିମିତ ବ୍ୟବହାର ହୋଇପାରେ ।

କିନ୍ତୁ ଏ ସମସ୍ତ ପ୍ରକାର ନିଶା ଅପେକ୍ଷା ମଦ୍ୟପାନ ଅତ୍ୟନ୍ତ କ୍ଷତିକାରକ ଅଟେ । ଏହା ମାନବର ଶରୀର ହାନି ସଙ୍ଗେ ତାର ମନୁଷ୍ୟତା, ନୈତିକତା, ସାମାଜିକତା ଏବଂ ଆର୍ଥିକ ସ୍ଥିତିକୁ ନଷ୍ଟ କରିଦିଏ । ଯେ କୌଣସି ପ୍ରକାର ମଦ୍ୟ ପାନ ବ୍ୟକ୍ତି, ଜାତି ଏବଂ ସମାଜ ପକ୍ଷରେ ଘୋର କ୍ଷତିକାରକ ଅଟେ । ଏହି ହେତୁରୁ ଆମ ହିନ୍ଦୁ ସମାଜରେ ସୁରା-ପାନ ଅତି କଠୋର ଭାବେ ମନା । ହିନ୍ଦୁ ଉଚ୍ଚ ବର୍ଣ୍ଣର ଲୋକଙ୍କ ପକ୍ଷେ ମଦ୍ୟପାନର ଦଣ୍ଡ ଥିଲା ଜାତି-ବାସନ୍ଦ ଏବଂ ସାମାଜିକ ନିନ୍ଦା ଓ ଅପମାନ । କ୍ରମେ କ୍ରମେ ଜାତିପ୍ରଥା ଲୋପ ପାଇ ଆସିଲା । ତେଣୁ ସେଥିପ୍ରତି କେହି ଖାତିର କରୁ ନାହାନ୍ତି । ବାକି ରହିଲା ସାମାଜିକ ନିନ୍ଦା ଓ ଅପମାନ । ବର୍ତ୍ତମାନ ଯୁଗରେ ତ କେତେକ ସମାଜପତି ଏବଂ ଶାସନପତି ସୁରା ପାନରେ ମଗ୍ନ ହେଲେ । ତେଣୁ ଆଦର୍ଶ କିଏ ଦେଖାଇବ ଯେ ସାଧାରଣ ଲୋକେ ସୁରାପାନଠାରୁ ଦୂରରେ ରହିବେ ବା ତାକୁ ପରିତ୍ୟାଗ କରିବେ ! ପାଶ୍ଚାତ୍ୟ ଶିକ୍ଷା ଏବଂ ସଭ୍ୟତା ଆମ ସଭ୍ୟତା ଏବଂ ସଂସ୍କୃତିକୁ ତଳେ ପକାଇ ଅବାଧରେ ଅଗ୍ରଗତି କରିବାରୁ ମଦ୍ୟପାନ ସଙ୍ଗେ ବହୁ ସାମାଜିକ କଟକଣାର ବିଲୋପ ସାଧନ ହେଲା ।

ପୂର୍ବୋକ୍ତମତେ ଆମ ହିନ୍ଦୁ ସମାଜରେ ମଦ୍ୟପାନର ବ୍ୟବହାର ଥିଲେ ସୁଦ୍ଧା ତାହା ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ଏବଂ ବିଶେଷ ଉଦ୍ଦେଶ୍ୟରେ ସୀମିତ ପରିମାଣ ଏବଂ ସଂଯତ ଭାବେ ପାନ କରାଯାଉଥିଲା । ଅନ୍ୟ ସଂପ୍ରଦାୟରେ ମଧ୍ୟ ମଦ୍ୟପାନକୁ ପ୍ରଶ୍ରୟ ଦିଆଯାଉନଥିଲା, ଯଦିଚ ଉଚ୍ଚ ହିନ୍ଦୁ ସମ୍ପ୍ରଦାୟ ପରି ମଦ୍ୟପାନକୁ ସାମାଜିକ ପ୍ରଥା ଏବଂ ନିର୍ଦ୍ଦେଶଦ୍ୱାରା ବାରଣ କରାଯାଉନଥିଲା । ଯେଉଁମାନେ ସମାଜର ଶୃଙ୍ଖଳା-ବିରୋଧୀ ହୋଇ ଶାସ୍ତ୍ରୀୟ, କୌଳିକ, ଏବଂ ପ୍ରଚଳିତ ପ୍ରଥା, ନୀତି ଓ ନିର୍ଦ୍ଦେଶର ବାହାରେ ଶରାବ ପାନ ସଙ୍ଗେ ଅଭକ୍ଷ ଭକ୍ଷଣପୂର୍ବକ ଗର୍ହିତ ଆଚରଣ ପ୍ରଦର୍ଶନ କଲେ ସେମାନେ ଅଚ୍ଛୁଆଁ ହୋଇ

Digitized by PPRACHIN, SOA

ରହିଲେ । ଦେବତାମାନଙ୍କ ମଧ୍ୟରେ ଯେଉଁମାନେ ବେ-ସାମାଜିକ ଓ ଅସଂଯତ ଆଚରଣପୂର୍ବକ ମଦିରା ପାନ ଇତ୍ୟାଦି ଗର୍ହିତ କାର୍ଯ୍ୟ କଲେ ଦେବତାମାନେ ତାଙ୍କୁ ଦାନବ ବୋଲି କହିଲେ । ଦିତିଙ୍କ ପୁଏ ଏହିପରି ଆଚରଣ ଦେଖାଇବାରୁ ଦାନବ ଆଖ୍ୟା ପାଇଲେ ।

ମଦ୍ୟ ଏବଂ ଅନ୍ୟାନ୍ୟ ନିଶା ଦ୍ରବ୍ୟ ବ୍ୟବହାର ନିମନ୍ତେ ଯୁଗଧର୍ମ ଏହିପରି ଥିଲି । କିନ୍ତୁ ମହାତ୍ମା ଗାନ୍ଧୀ ଯେତେବେଳେ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ଏ ଜାତି ଜନତାକୁ ସଂଗଠିତ କରିବାକୁ ଲିଗିଲେ ସେ ଦେଖିଲେ ଯେ, ମଦ୍ୟପ ଏବଂ ନିଶାଖୋର ଲୋକଙ୍କୁ ନେଇ ସେ ବ୍ରିଟିଶ ସାମ୍ରାଜ୍ୟ ବିରୋଧରେ କିପରି ଆନ୍ଦୋଳନ କରିବେ, କିମ୍ବା ଆନ୍ଦୋଳନ ଚଳାଇଲେ ସଫଳତା କିପରି ମିଳିବ । ନିଶା ବ୍ୟବହାରଦ୍ୱାରା ମାନବିକ, ବ୍ୟକ୍ତିଗତ ଏବଂ ଜାତୀୟ ଅପକାରିତା ଉପଲବ୍ଧି କରି ସେ ତାଙ୍କର ନାନା ଜାତୀୟ-ଯୋଜନା ମଧ୍ୟରୁ ଅସ୍ପୃଶ୍ୟତା ଦୂରୀକରଣ ଏବଂ ନିଶା ନିବାରଣକୁ ଅଗ୍ରାଧିକାର ଦେଇଥିଲେ । ସେଥିପାଇଁ ୧୯୨୦-୨୧ ଏବଂ ୧୯୩୦-୩୨ ଅସହଯୋଗ ଓ ସତ୍ୟାଗ୍ରହ ଆନ୍ଦୋଳନ ବେଳେ ନିଶା-ନିବାରଣ ନିମନ୍ତେ ତୀବ୍ର ଏବଂ ବ୍ୟାପକ ସତ୍ୟାଗ୍ରହ ନିଜେ କରି କରାଇ-ଥିଲେ । ଉଦ୍ଦେଶ୍ୟ ଅତି ମହତ୍ ଥିଲି । ଏକା କାଣ୍ଡକେ ବ୍ରିଟିଶ ଶତ୍ରୁ ମରିବ ଏବଂ ମାନବିକତା ଓ ସାମାଜିକତାର ଆଭ୍ୟନ୍ତରୀଣ ଶତ୍ରୁ ନିଶା ବନ୍ଦ ହେବ । ନିଶା-ନିବାରଣ କଂଗ୍ରେସ ଆନ୍ଦୋଳନର ଏକ ରାଜନୈତିକ, ସାମାଜିକ ଏବଂ ମାନବିକ ମୂଲ୍ୟବୋଧ ଆନ୍ଦୋଳନ ଥିଲି । କଂଗ୍ରେସ ଲୋକେ ନିଶା ବ୍ୟବ-ହାର ନ କରିବାକୁ କଂଗ୍ରେସର ସାମ୍ବିଧାନିକ ସାତି-ନିର୍ଦ୍ଦେଶ ଥିଲି । ନିଶା-ପାନ କରୁଥିବା ବ୍ୟକ୍ତି କଂଗ୍ରେସର ପ୍ରାଥମିକ ସଭ୍ୟ ହେବାରୁ ବଞ୍ଚିତ ହେଉଥିଲେ । ଗାନ୍ଧୀଜୀଙ୍କର ଅଷ୍ଟାଦଶ ରଚନାତ୍ମକ କାର୍ଯ୍ୟକ୍ରମ ମଧ୍ୟରେ ନିଶା ନିବାରଣ, ସାମ୍ପ୍ରଦାୟିକତା ଦୂରୀକରଣ ଏବଂ ଖଦୀ ପରିଧାନମାନ ଶୀର୍ଷସ୍ଥାନ ଅଧିକାର କରିଥିଲି । କଂଗ୍ରେସ ଲୋକେ ନିଜେ ତ ନିଶା ଦ୍ରବ୍ୟ ବ୍ୟବହାର କରିବେ ନାହିଁ, ବରଂ ଦୈନିକ ନିଶା ନିବାରଣ ନିମନ୍ତେ ସଭା ସମିତି କରି ଏବଂ କରାଇ ତାହା ନିବାରଣ ନିମନ୍ତେ ଯଥାସାଧ୍ୟ ଚେଷ୍ଟା କରିବାର ସାମ୍ବିଧାନିକ ନିର୍ଦ୍ଦେଶ ଥିଲି ।

ସ୍ୱାଧୀନତା ଆସିଲି । ଗାନ୍ଧୀଜୀଙ୍କର ଦେହାନ୍ତ ହୋଇଗଲି । ଗାନ୍ଧୀ-ଧର୍ମରେ ଦୀକ୍ଷିତ ବ୍ୟକ୍ତିମାନେ କ୍ରମେ କ୍ରମେ ଜରା-ମରଣର ପାତ୍ର ହୋଇ

Digitized by PPRACHIN, SOA

ପଡ଼ିଲେ । ପଣ୍ଡିତ ଜହରଲାଲ ନେହେରୁଙ୍କର ସବଂମୟ ପ୍ରଭାବ ଦେଶରେ ବିରାଜମାନ କଲା । ସେ ତ ଜୀବନର ଆଦର୍ଶ-ଗ୍ରହଣ ବୟସରେ (mimicing and emulatingage) ବିଦ୍ୟାଧ୍ୟୟନ ନିମନ୍ତେ ପାଶ୍ଚାତ୍ୟ ଦେଶରେ, ବିଶେଷତଃ ଇଂଲଣ୍ଡରେ ରହି ଭାରତୀୟ ବାତାବରଣ, ସମାଜ ଏବଂ ସଂସ୍କୃତି ଅପେକ୍ଷା ପାଶ୍ଚାତ୍ୟ ହାଓ୍ୟା, ବେଷ୍ଟନୀ ଏବଂ ସଂସ୍କୃତିରେ ଅଧିକତର ଅନୁପ୍ରାଣିତ ହେଲେ । ଅଧ୍ୟୟନ କାଳ ବ୍ୟତୀତ ଅନ୍ୟାନ୍ୟ ସମୟରେ ମଧ୍ୟ ପାଶ୍ଚାତ୍ୟ ଦେଶମାନଙ୍କରେ ବହୁତ ସମୟ ପରିଭ୍ରମଣ କରିଥିଲେ ସ୍ୱାଧୀନତା ପ୍ରାପ୍ତି ସଙ୍ଗେ ସଙ୍ଗେ ଭାରତର ପ୍ରଧାନ ମନ୍ତ୍ରୀ ହେଲେ । ତାଙ୍କ ଚରିପାଖେ ଯେଉଁମାନେ କ୍ରମେ କ୍ରମେ ଘେରିଗଲେ ସେମାନେ ଅଧିକାଂଶ ପାଶ୍ଚାତ୍ୟ ଶିକ୍ଷା-ସଂସ୍କୃତିର ଅନୁରାଗୀ । ତେଣୁ ଗାନ୍ଧୀଜୀଙ୍କ ପରେ ତାଙ୍କ (ଗାନ୍ଧୀଜୀଙ୍କର)ମହତ୍ ଆଦର୍ଶମାନ କ୍ଷୁଣ୍ଣ ହେବାକୁ ଲାଗିଲା । କଂଗ୍ରେସ ଭିତରେ ମଦ୍ୟପାନ ପ୍ରବେଶ କଲା । ଫଳତଃ କେନ୍ଦ୍ର ଏବଂ ରାଜ୍ୟମାନଙ୍କରେ ନିଶାନିବାରଣର ମଦ୍ୟପାନ ଅଂଶକୁ ଅଧିକତର ଦୃଢ଼ୀକରଣ କରାଇବା ପରି-ବର୍ତ୍ତେ କ୍ରମଶଃ ଢିଲା ଏବଂ ଶିଥିଳ କରାଗଲା । ଏଣେ କଂଗ୍ରେସ ଶାସନ-ଗାଦୀରେ ଥିବାରୁ ଆସନ ଏବଂ ପଦ ମର୍ଯ୍ୟାଦା ଓ ଅନ୍ୟାନ୍ୟ ଲାଭ-ପ୍ରାପ୍ତି ଉଦ୍ଦେଶ୍ୟରେ ବହୁ ଲୋକ କଂଗ୍ରେସ ଭିତରେ ପ୍ରବେଶ କରିବାକୁ ଇଚ୍ଛୁକ ହେଲେ ଏବଂ ପ୍ରବେଶ କରିଗଲେ । ସେମାନଙ୍କ ମଧ୍ୟରୁ ମଦ୍ୟପମାନେ କଂଗ୍ରେସର ନିଶା-ନିବାରଣ ନୀତିକୁ ଆଦୌ ପସନ୍ଦ କଲେ ନାହିଁ । ତେଣେ ଦେଶର ସରକାରୀ ଆୟ-ବୃଦ୍ଧି ନିମନ୍ତେ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ବରାବର ବାଧ୍ୟ କଲେ ଯେ, ନିଶା-ନିବାରଣ ଯୋଜନା ଉଠାଇ ଦେଇ ନିଶା ପ୍ରସାରଣ ବ୍ୟବସ୍ଥା କରାଯାଉ ।

ଆମ ଓଡ଼ିଶାରେ ମଧ୍ୟ ଏହିପରି ଅବସ୍ଥା ହେଲା । ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଓ ମୋର ନିଶା ନିବାରଣର ସପକ୍ଷରେ ରହିଥିବାରୁ ଅନ୍ୟ କେତେକ କଂଗ୍ରେସ ନେତା ଓ ତାଙ୍କ ଅନୁଗାମୀମାନେ ନିଶା ପ୍ରସାରଣର ସପକ୍ଷରେ ଥିଲେ । ତଥାପି ଓଡ଼ିଶାରେ କେତେକାଂଶରେ ନିଶା ନିବାରଣର ସରକାରୀ ବ୍ୟବସ୍ଥା ଥିଲା ।

ନିଶା ନିବାରଣ ସମେତ କେତେକ ଅନ୍ୟାନ୍ୟ ଏବଂ ନାନା ବହୁମୁଖୀ ଦୁର୍ନୀତି କଂଗ୍ରେସରେ ପ୍ରବେଶ କରିବା କାରଣରୁ ଆମ୍ଭେମାନେ କଂଗ୍ରେସ ପରିତ୍ୟାଗ କରି ଜନ-କଂଗ୍ରେସ ନାମରେ ଏକ ନୂତନ ରାଜନୈତିକ ଦଳ

Digitized by PPRACHIN, SOA

ଗଠନ କଲୁ । ୧୯୬୭ ସାଧାରଣ ନିର୍ବାଚନରେ ଓଡ଼ିଶାରୁ କଂଗ୍ରେସ ହାରିଲା । ତେଣୁ ଜନକଂଗ୍ରେସ ଓ ସ୍ୱତନ୍ତ୍ର ଦଳମାନଙ୍କର ମିଳିତ ମନ୍ତ୍ରୀ-ମଣ୍ଡଳ ଗଠିତ ହେଲା । ସ୍ୱତନ୍ତ୍ର ଦଳର ନୀତି ନିଶା ପ୍ରସାରଣ ; କାରଣ ଏକେ ତ ସ୍ୱତନ୍ତ୍ର ଦଳ କଂଗ୍ରେସ ଦଳର ନିଶା ନିବାରଣ ନୀତିକୁ ପ୍ରଥମରୁ ବାରଣ ଏବଂ ପ୍ରତିରୋଧ କରି ଆସିଛି । ଦ୍ୱିତୀୟତଃ ନିର୍ବାଚନ ବେଳେ ଆଦିବାସୀ, ହରିଜନ ଏବଂ ମଦ୍ୟପମାନଙ୍କୁ ପ୍ରତିଶ୍ରୁତି ଦେଇ ଆସିଥାନ୍ତି ଯେ ଉକ୍ତ ଦଳ କ୍ଷମତାକୁ ଆସିଲେ ନିଶା ନିବାରଣ ଉଠାଇ ଦେଇ ନିଶା ପ୍ରସାରଣ କରିବ । ଅଧିକନ୍ତୁ ସ୍ୱତନ୍ତ୍ର ଦଳର ନେତା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ମୁଖ୍ୟମନ୍ତ୍ରୀ ଥାଇ ଅର୍ଥ ବିଭାଗର ମନ୍ତ୍ରୀ ଥିବାରୁ ସରକାରୀ ଆୟବୃଦ୍ଧି ନିମନ୍ତେ ନିଶା ପ୍ରସାରଣ ହେବା ଉଚିତ ବୋଲି ଦୃଢ଼ମତ ଉପସ୍ଥାପିତ କରୁଥାନ୍ତି । କିନ୍ତୁ ସେମାନେ କଂଗ୍ରେସର ପ୍ରତିପକ୍ଷ ହେଲେ ସୁଦ୍ଧା ବରାବର କହୁଥାନ୍ତି ଯେ, ଯଦି କଂଗ୍ରେସରୁ ଜାତ ଜନ-କଂଗ୍ରେସ ନିଶା ନିବାରଣ ନୀତି ଉଠାଇ ଦେଇ ନିଶା ପ୍ରସାରଣ ନୀତିକୁ ରାଜି ହୁଅନ୍ତି ତେବେ ନିଶା ନିବାରଣ ନିୟମ ରଦ୍ଦ କରାଯାଇ ନିଶା ପ୍ରସାରଣ ନିୟମ ଗୃହୀତ କରାହେବ । ଏଥିପାଇଁ ଆମ ଜନକଂଗ୍ରେସ ଦଳର ବିଶେଷ ବୈଠକ ବସିଲା ।

ଜନ କଂଗ୍ରେସ କଂଗ୍ରେସରୁ ସମ୍ଭୂତ । କଂଗ୍ରେସରରେ ନିଶା ପ୍ରସାରଣ ସମେତ ନାନା ଅନୀତି ଏବଂ ଦୁର୍ନୀତିର ପ୍ରବେଶ କାରଣରୁ ଆମ୍ଭେମାନେ କଂଗ୍ରେସ ପରିତ୍ୟାଗ କରି ଗାନ୍ଧୀ ନୀତିରେ ଶାସନ ତଥା ସମାଜ ଚଳାଇବା ଏବଂ ଗଢ଼ିବା ଉଦ୍ଦେଶ୍ୟରେ ଜନ-କଂଗ୍ରେସ ଗଠନ କରିଛୁ । ତହିଁରେ ପୁଣି ଆମ୍ଭେମାନେ ପ୍ରାୟ ସମସ୍ତେ କଂଗ୍ରେସର ପୁରୁଣା ଲୋକ । କେତେକ ୧୯୩୦-୩୨ ସତ୍ୟାଗ୍ରହ ଆନ୍ଦୋଳନଠାରୁ କଂଗ୍ରେସ ବ୍ୟକ୍ତି ଅଟନ୍ତି । ଆଉ କେହି କେହି ୧୯୨୦-୨୧ଠାରୁ ଅସହଯୋଗ ଆନ୍ଦୋଳନ ଦିନୁ କଂଗ୍ରେସ କର୍ମୀ । ନିଶା ନିବାରଣ ନୀତି ରଦ୍ଦ କରି ନିଶା ପ୍ରସାରଣ ନୀତିକୁ କାର୍ଯ୍ୟକାରୀ କରା ହେବ କି ନାହିଁ ସେ ସମ୍ପର୍କରେ ଆମ ଜନ-କଂଗ୍ରେସ ଦଳ ଏକ ନିର୍ଦ୍ଦିଷ୍ଟ ମତ ଦେବାକୁ ପଡ଼ିବ । ଏତେବେଳକୁ ଏ ସମ୍ପର୍କରେ ଜନ-କଂଗ୍ରେସରେ ଦୁଇମତ ଦେଖାଯାଉଥାଏ । ସ୍ୱତନ୍ତ୍ର ଦଳ ନିଶା ପ୍ରସାରଣ ପାଇଁ ଉଦ୍‌ଗ୍ରୀବ ; କିନ୍ତୁ ଜନ-କଂଗ୍ରେସର ସ୍ୱୀକୃତିକୁ ଅପେକ୍ଷା କରିଥାନ୍ତି । ସ୍ୱତନ୍ତ୍ର ଦଳ ନାନା ଉପାୟରେ ଆମ ଦଳର କେତେକ

Digitized by PPRACHIN, SOA

ନେତାଙ୍କ ଉପରେ ଚତୁର୍ଦ୍ଦିଗରୁ ପ୍ରଭାବ ପକାଉଥାନ୍ତି । ବାହାରର ବଡ଼ ବଡ଼ ମଦ-ଠିକାଦାର ଦୁଇଜଣ ନୋଟ ବିଡ଼ା ଧରି ଧାଁ ଧପଡ଼ ଏବଂ ଲସର-ପସର ହେଉଥାନ୍ତି । ସ୍ୱତନ୍ତ୍ର ଦଳ ଉକ୍ତ ଠିକାଦାରମାନଙ୍କର ଅପ୍ରତ୍ୟକ୍ଷ ପ୍ରତିନିଧି ରୂପେ କାମ କରୁଥାନ୍ତି । ମୋର ନିର୍ଦ୍ଦିଷ୍ଟ ଖବର ଯେ, ସଡ଼େଇ-କଳାରେ ଏକ ରାଜଭବନରେ ବାହାରି ମଦ-ଠିକାଦାରଙ୍କର କେତେକ ରାଜନୈତିକ ନେତାଙ୍କ ସଙ୍ଗେ ଓଡ଼ିଶାରେ ନିଶା ପ୍ରସାରଣ ନିମନ୍ତେ ନେ'ଣ ଦେ'ଣ ଚାଲିଥାଏ ।

ପୂର୍ବୋକ୍ତମତେ ନିଶା ନିବାରଣ କିମ୍ବା ନିଶା ପ୍ରସାରଣ ସମ୍ପର୍କରେ ମତ ଦେବା ନିମନ୍ତେ ଆମ ଜନକଂଗ୍ରେସ ଦଳର ଏକ ଜରୁରୀ କମିଟି ବୈଠକ ବସିଲା । ବୈଠକରେ ୩୦ ଜଣ ସଭ୍ୟ ଉପସ୍ଥିତ ଥିଲେ । ସେଥିରୁ ୧୫ ଜଣ ନିଶା ନିବାରଣ ବିପକ୍ଷରେ, ଅର୍ଥାତ୍ ନିଶା ପ୍ରସାରଣ ସପକ୍ଷରେ ମତ ପ୍ରକାଶ କଲେ । ମୁଁ ଏବଂ ସର୍ବଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ, ନୀଳାମ୍ବର ଦାସ, ଭଗବାନ ବେହେରା ଓଗେର ୧୫ ଜଣ ନିଶା ନିବାରଣ ସପକ୍ଷରେ ଦୃଢ଼ ମତ ପ୍ରକାଶ କରିଥିଲୁ । ସର୍ବଶ୍ରୀ ଡ: ମହତାବ ଓ ବନମାଳୀ ପଟ୍ଟନାୟକ ଓଗେର ୧୫ ଜଣ ନିଶା ପ୍ରସାରଣ ସପକ୍ଷରେ ମତ ପ୍ରକାଶ କରିଥିଲେ । ଏକଥା କାବିନେଟ୍ ସଭାରେ ମଧ୍ୟ ଆଲୋଚିତ ହେଲା । ଆମ ଜନ-କଙ୍ଗ୍ରେସ ଦଳରେ ନିଶା ନିବାରଣ ସମ୍ପର୍କରେ ଏ ଦ୍ୱିମତକୁ ଲକ୍ଷ୍ୟ କରି ସ୍ୱତନ୍ତ୍ର ଦଳ ଉତ୍ସାହିତ ହେଲେ । ତେଣୁ କ୍ୟାବିନେଟ୍ ସଭାରେ ସ୍ୱତନ୍ତ୍ର ଦଳର ମନ୍ତ୍ରୀମାନେ ଏକଯୁଟ ହୋଇଗଲେ । ଆମ ମନ୍ତ୍ରୀମାନଙ୍କ ମଧ୍ୟରୁ ମୁଁ ଏବଂ ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ ନିଶା ନିବାରଣ ସପକ୍ଷରେ ଓ ନିଶା ପ୍ରସାରଣ ବିପକ୍ଷରେ ମତ ପ୍ରକାଶ କଲୁ । ସଂଖ୍ୟାଧିକ ଭୋଟରେ ନିଶା ନିବାରଣ ନୀତି ଉଠିଗଲା ଏବଂ ନିଶା ପ୍ରସାରଣ ନୀତି ଗୃହୀତ ହେଲା ।

ଆମ ଜନକଙ୍ଗ୍ରେସ ଦଳରୁ ଯେଉଁମାନେ ନିଶା ପ୍ରସାରଣ ସପକ୍ଷରେ ମତ ପ୍ରକାଶ କଲେ ସେମାନେ ଯୁକ୍ତି ଦେଖାଇଲେ ଯେ, ଯେହେତୁ ନିଶା ନିବାରଣ ସତ୍ତ୍ୱେ ନିଶା ପ୍ରସାରଣ ଦ୍ରୁତ ଗତିରେ ଚାଲିଛି ଏବଂ ଓଡ଼ିଶାରେ ସରକାରୀ ଆୟ କ୍ଷୟ ହେବା ସଙ୍ଗେ ନିଶା ପ୍ରସାରଣ ଥିବା ପଡ଼ୋଶୀ ଆନ୍ଧ୍ର ଏବଂ ବିହାର ପ୍ରଭୃତି ରାଜ୍ୟମାନଙ୍କରେ ଅବକାରୀ ବିଭାଗର ସରକାରୀ ଆୟ ବଢ଼ୁଛି ତେଣୁ ନିଶା ନିବାରଣର ପ୍ରୟୋଜନୀୟତା ନାହିଁ । ସେମାନଙ୍କ ଯୁକ୍ତିରେ ଆପାତତଃ କିଛି କାରଣ ଅଛି ।

Digitized by PPRACHIN, SOA

ସ୍ୱତନ୍ତ୍ର ଦଳର ଲୋକେ ନିଶା ପ୍ରସାରଣ ପାଇଁ ତ ନିଶ୍ଚୟ ମତ ଦେବେ ଏବଂ ଦେଇଥାନ୍ତେ । କିନ୍ତୁ ଯେତେ କାରଣସଙ୍ଗତ ଓ ଅର୍ଥନୈତିକ ଯୁକ୍ତି ଦେଖାନ୍ତୁ ନା କାହିଁକି କଂଗ୍ରେସର ନେତୃସ୍ଥାନୀୟ ବ୍ୟକ୍ତିମାନେ ନିଶା ପ୍ରସାରଣ କରାଇବା ସୁନ୍ଦର ହୋଇନାହିଁ । ଆମ ମିଳିତ ମନ୍ତ୍ରୀମଣ୍ଡଳ ସମୟରେ ଓଡ଼ିଶାରୁ ଆଂଶିକ ନିଶା ନିବାରଣ ଉଠିଯାଇ ତାହାର ପ୍ରସାରଣ ହେବାଦ୍ୱାରା ମୋର ଏବଂ ମୋର ସହମତାବଲମ୍ବୀମାନଙ୍କ ମନରେ ଦାରୁଣ ଆଘାତ ଜନ୍ମିଲା । ସେଥିପାଇଁ ମୁଁ ଏବଂ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ମନ୍ତ୍ରୀମଣ୍ଡଳ ସଭାରେ ନିଶା ନିବାରଣ ନୀତି ଉଠାଇ ଦେବା ନିଷ୍ପତ୍ତିରେ ଯେଉଁ ପୃଥକ ମତ ପୋଷଣ କରି ବିରୋଧ କରିଥିଲୁ ତାହା ପ୍ରକାଶ୍ୟ ଭାବେ ଖବରକାଗଜରେ ପ୍ରକାଶ କରିଥିଲୁ । ସାଧାରଣତଃ ମନ୍ତ୍ରୀମଣ୍ଡଳର ନିଷ୍ପତ୍ତି ସମ୍ପର୍କରେ କେଉଁ ମନ୍ତ୍ରୀ କେଉଁ ସମସ୍ୟାର ସପକ୍ଷ କିମ୍ବା ବିପକ୍ଷରେ ମତ ପ୍ରକାଶ କଲେ କିମ୍ବା ନିରପେକ୍ଷ ରହିଲେ ତାହା ପ୍ରକାଶ କରାଯାଏ ନାହିଁ । ଏହା ପୃଥିବୀର ପ୍ରଚଳିତ ପ୍ରଥା । କିନ୍ତୁ ଏ ସମସ୍ୟାରେ ଆମ୍ଭମାନଙ୍କ ମନରେ ଆଘାତ ଜନ୍ମିବାରୁ ମୁଁ ଏବଂ ଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ ମନ୍ତ୍ରୀମଣ୍ଡଳର ଅନୁମତିକ୍ରମେ ଖବରକାଗଜ ଜରିଆରେ ପ୍ରକାଶ କଲୁ ଯେ ଆମ୍ଭେମାନେ ନିଶା ନିବାରଣ ସପକ୍ଷରେ ଏବଂ ନିଶା ପ୍ରସାରଣ ବିରୋଧରେ ମତ ଦେଇଛୁ । ଆମ୍ଭେମାନେ ହୃଦ୍‌ବୋଧ କରିଛୁ ଯେ ନିଶା ନିବାରଣଦ୍ୱାରା ବ୍ୟକ୍ତି, ଜାତି ତଥା ଜନତାର ପ୍ରଭୂତ ଉପକାର ହେବ । ମନରେ ଅତି ଅଶାନ୍ତି ଜନ୍ମିଲା । ମନ୍ତ୍ରୀ ପଦରୁ ଇସ୍ତଫା ଦେବା ନିମନ୍ତେ ସ୍ଥିର କରୁଥିଲି । କିନ୍ତୁ ଦେଖିଲି ରାଜନୀତି କଲେ ଯେଉଁ ଦଳରେ ରହିବି ଏହି ଅବସ୍ଥାର ସମ୍ମୁଖୀନ ହେବି । ତେଣୁ ଦୃଢ଼ପ୍ରତିଜ୍ଞ ହେଲି ଯେ ସରକାରୀ ଭାବେ ନିଶା ପ୍ରସାରଣ ହେଲେ ସୁଦ୍ଧା ବେ-ସରକାରୀ ଭାବେ ନିଶା ପ୍ରସାରଣର ବିରୋଧ ନିମନ୍ତେ ଜନମତ ସୃଷ୍ଟି କରିବି ।

ନିଶା ନିବାରଣ ବିରୋଧରେ ଯେତେ ସୁନ୍ଦର ଯୁକ୍ତି ଥିଲେ ସୁଦ୍ଧା ମନସ୍ତାତ୍ତ୍ୱିକ ଓ ଅର୍ଥନୈତିକ ଦିଗରୁ ପ୍ରବଳ ପ୍ରଚାର ଓ ଉତ୍ତମ ଆଦର୍ଶ ପ୍ରଦର୍ଶନ କରାଗଲେ ନିଶା ନିବାରଣ ସପକ୍ଷରେ ଆଶାନୁରୂପ ସଫଳତା ମିଳିପାରିବ । ଏଥିପାଇଁ ସରକାରୀ କ୍ଷମତା ଓ ପ୍ରଭାବ ପ୍ରୟୋଗ ଅପେକ୍ଷା ବେ-ସରକାରୀ ପ୍ରଚାର ଓ ପ୍ରଭାବ ବହୁପରିମାଣରେ ଫଳପ୍ରଦ ହେବ ବୋଲି ନିଶ୍ଚିତ ଆଶା । ଏକ ସମୟରେ ମହାତ୍ମା ଗାନ୍ଧୀ ଏବଂ କଂଗ୍ରେସ ଏହା କରି-

Digitized by PPRACHIN, SOA

ପାରିଥିଲେ । ଉତ୍ତମ ଶିକ୍ଷାର ଅଭାବ ସଙ୍ଗେ ପାରିବାରିକ ଓ ସାମାଜିକ କଟକଣା ନ ଥିବାରୁ କେତେକ ସମ୍ପ୍ରଦାୟରେ ନିଶା, ବିଶେଷତଃ ସୁରା-ପାନର ପ୍ରସାର ପ୍ରଚୁର ଅଛି । ଏହି ଶ୍ରେଣୀର ପୁରୁଷଲୋକେ ନିଜ ଗୃହ ବାସ କିମ୍ବା ମୂଲ ମଜୁରିରୁ ଯାହା କିଛି ରୋଜଗାର କରନ୍ତି ସେଥିରୁ ପ୍ରାୟ ଅର୍ଦ୍ଧେକ ମଦ୍ୟପାନରେ ନଷ୍ଟ କରନ୍ତି । କିନ୍ତୁ ସେମାନଙ୍କର ସ୍ତ୍ରୀ, ଛୁଆ ପିଲା ଏବଂ କୁଟୁମ୍ବର କେହି କେହି ପୁରୁଷ ଲୋକ ବରାବର ଆପତ୍ତି କରନ୍ତି ଯେ ମଦ ବ୍ୟବସାୟ ସରକାର ସମ୍ପୂର୍ଣ୍ଣ ଭାବେ ବନ୍ଦ କରିଦିଅନ୍ତୁ । ଏହିପରି ଆପତ୍ତି ମୁଁ ପ୍ରାୟ ସର୍ବତ୍ର ଶୁଣିଛି ଏବଂ ଦେଖିଛି । କିନ୍ତୁ ଅତ୍ୟନ୍ତ ଦୁଃଖର କଥା ଯେ, ମଦର ପ୍ରସାର ପାଇଁ ପ୍ରୋକ୍ତ ଅଶିକ୍ଷିତ ଶ୍ରେଣୀର ବ୍ୟକ୍ତିଙ୍କ ଅପେକ୍ଷା ଶିକ୍ଷିତ ଉଚ୍ଚ ବର୍ଣ୍ଣର ଲୋକେ ଏବଂ ବିଶେଷତଃ ରାଜନୀତିଜ୍ଞମାନେ ଅଧିକତର ପରିମାଣରେ ସ୍ୱର ଉତ୍ତୋଳନ କରୁଛନ୍ତି ଓ ଯେଉଁମାନେ ନିଶା ପ୍ରସାରଣର ବିରୋଧ କରନ୍ତି ତାଙ୍କୁ ସମାଲୋଚନାପୂର୍ବକ ବାଧା ଦେଉଛନ୍ତି । ତେଣୁ ସୁରାପାନ ବିରୋଧରେ ବ୍ୟକ୍ତି, କୁଟୁମ୍ବ, ଗ୍ରାମ ଏବଂ ସମାଜ ସ୍ତରରୁ ନିନ୍ଦାସୂଚକ ହାଓ୍ୱା ସୃଷ୍ଟି କଲେ ବହୁ ପରିମାଣରେ ସଫଳତା ମିଳନ୍ତା ।

ନିଶା ନିବାରଣ ବହୁଳ ପରିମାଣରେ ସଫଳ ହେବ, ଯଦି ସମଗ୍ର ଭାରତରେ ଏକ ସମୟରେ ଏ ସମ୍ପର୍କରେ କଡ଼ା ଆଇନ ଲାଗୁ ହୋଇ ଉକ୍ତ ଆଇନକୁ ଆନ୍ତରିକତାର ସହିତ କାର୍ଯ୍ୟକାରୀ କରାଯିବ । କିନ୍ତୁ ଯେହେତୁ କାର୍ଯ୍ୟକାରୀ କରିବା ଦାୟିତ୍ୱରେ ଥିବା କର୍ମଚାରୀ ଓ ଅନ୍ୟାନ୍ୟ କେତେକ ଅଫିସର ଏହାର ନିବାରଣର ବିରୋଧୀ ଏବଂ କେହି କେହି ଏହି କାରବାର ହେଲେ ନାନା ଉପାୟରେ ଆର୍ଥିକ ଲାଭ ପାଆନ୍ତି, ତେଣୁ ସାଧୁତା ଏବଂ ଆନ୍ତରିକତାର ସହିତ ଏହା ଜାରି କରିବା କଠିନ ଅଟେ । ତଥାପି ଶାସକ ଦଳ କିମ୍ବା ଦଳମାନେ ସାଧୁ ଇଚ୍ଛା କଲେ ତାହା ସମ୍ୟକ ପରିମାଣରେ କରି ପାରନ୍ତେ ।

ମଦ୍ୟପାନ ନିବାରଣର ଅନ୍ୟ ଏକ ଉପାୟ ହେଉଛି ବିଦେଶୀ ମଦ ରପ୍ତାନି ଅତ୍ୟନ୍ତ ସୀମିତ ଏବଂ ଆୟତ୍ତାଧୀନ କରିବା । ଅବଶ୍ୟ ଅନ୍ୟ ଦେଶର ଆଗନ୍ତୁକମାନଙ୍କ ନିମନ୍ତେ ସରକାରଙ୍କଦ୍ୱାରା ଆମଦାନୀ କରା ହୋଇଥିବା ମଦରା ଦେଶର ବିଭିନ୍ନ ସ୍ଥାନରେ ଗଚ୍ଛିତ ରହିଥାନ୍ତା । ବିଦେଶୀମାନେ ରହୁନଥିବା ହୋଟେଲରେ ମଦ ଦୋକାନ ଖୋଲା ନ ହୁଅନ୍ତା । ଏ ଦେଶରେ ମଦ ନାହିଁ ବୋଲି ଯଦି ମଦୁଆ ଦେଶର ବହୁତ

Digitized by PPRACHIN, SOA

ଲୋକେ ପରିଭ୍ରମଣରେ ଆମ ଦେଶକୁ ନ ଆସିବେ ତେବେ ନ ଆସନ୍ତୁ । ହଜାର ହଜାର ହିପି ପରିଭ୍ରମଣରେ ଆସି ଆମ ଦେଶରେ ନିତାନ୍ତ ବେ-ସାମାଜିକ ଭାବେ ଚଳବୁଲ କରି ଆମ ଦେଶର ଯୁବକ ଯୁବତୀ ଏବଂ କିଶୋରକିଶୋରୀଙ୍କ ଉପରେ କୁ ପ୍ରଭାବ ନ ପକାଇବା ଅତି ଉତ୍ତମ । ସରକାରୀ ବୈଦେଶିକ ଅତିଥି, ଅନ୍ୟ ଦେଶର କବି, ଐତିହାସିକ, ସାମ୍ବାଦିକ, ଭୂତତ୍ତ୍ୱବିତ୍, ପରିବ୍ରାଜକ ପ୍ରଭୃତିଙ୍କ ପାଇଁ ପୂର୍ବୋକ୍ତମତେ ବ୍ୟବସ୍ଥା ତ ଥିବ । ତେଣୁ ସେମାନେ ଆସିଲେ ତାଙ୍କର ବ୍ୟବହାର ନିମନ୍ତେ କୌଣସି ଅସୁବିଧା ହେବ ନାହିଁ । ଏହା ସତ୍ତ୍ୱେ ଏ ଦେଶରେ ଯଦୃଚ୍ଛା ମଦ୍ୟ ପ୍ରାପ୍ତିର ବ୍ୟବସ୍ଥା ନାହିଁ ବୋଲି ଯଦି ମଦୁଆ ଦେଶର ଲୋକେ ପରିଭ୍ରମଣରେ ନ ଆସିବେ, ନ ଆସନ୍ତୁ । କ୍ଷତି କିଛି ହେବ ନାହିଁ ।

ଅବାଧରେ ମଦ ନ ମିଳିବା ଯୋଗୁଁ ବିଦେଶୀ ପରିବ୍ରାଜକଙ୍କ ସଂଖ୍ୟା କମିବାରେ ଯେଉଁ ପରିମାଣରେ ବିଦେଶୀ ମୁଦ୍ରା ଅର୍ଜନର ହ୍ରାସ ହୁଅନ୍ତା ବେଶୀ ବିଦେଶୀ ମଦ ଆମଦାନି ନ ହେଲେ ପ୍ରାୟ ଅନୁରୂପ ପରିମାଣରେ ବିଦେଶୀ ମୁଦ୍ରା ଖର୍ଚ୍ଚ କମିଯାଆନ୍ତା । ନିଶା ନିବାରଣବଶତଃ ପ୍ରାଦେଶିକ ଏବଂ କେନ୍ଦ୍ରୀୟ ଆୟରେ ଯେଉଁ ପରିମାଣରେ କ୍ଷତି ଘଟନ୍ତା ଅନ୍ୟ ଉପାୟରେ ତାହା ବର୍ଦ୍ଧିତ କରାଯାଇପାରନ୍ତା । ନିଶା ନିବାରଣଜନିତ ଆର୍ଥିକ କ୍ଷତି ତୁଳନାରେ ମାନବିକ ଏବଂ ସାମାଜିକ ଲାଭ ସଙ୍ଗେ ପ୍ରଚୁର ଆର୍ଥିକ ବ୍ୟୟ ମଧ୍ୟ ବନ୍ଦ ହୁଅନ୍ତା । ସୁରାପାନ ବଶତଃ ଯେଉଁ ପରିମାଣରେ ଅଣ-ଉତ୍ପାଦନକାରୀ ଖର୍ଚ୍ଚ ହୁଏ ତାହା ବସ୍ତୁତଃ ବନ୍ଦ ହୋଇ ଉକ୍ତ ଅର୍ଥ ଉତ୍ପାଦନକାରୀ ଖର୍ଚ୍ଚରେ ବ୍ୟବହୃତ ହୁଅନ୍ତା । ମଦ୍ୟପାନ ହେତୁ ସମାଜରେ ହାଣ, କାଟ, ମାର, ପିଟ, ନାରୀ, ଦାଗି, ଚୋରି, ଖୁନ, ଡକାୟତି ଏବଂ ପକେଟମାରୁ ଇତ୍ୟାଦି ଗର୍ହିତ ଅପରାଧମାନ ଘଟୁଛି । ସେଥିପାଇଁ ଅଧିକ ପୋଲିସ, ମାଜିଷ୍ଟ୍ରେଟ, କୋର୍ଟ, କଚେରୀ ଏବଂ ଜେଲଖାନା ବ୍ୟବସ୍ଥା ଇତ୍ୟାଦିରେ ଖର୍ଚ୍ଚ ବଢୁଛି । ସୁରା ପାନ ହେତୁ ସ୍ୱାସ୍ଥ୍ୟ ଭଙ୍ଗ କାରଣରୁ ସ୍ୱାସ୍ଥ୍ୟ ବିଭାଗର ଖର୍ଚ୍ଚ ମଧ୍ୟ ବଢ଼ୁଛି । ନିଶା ନିବାରଣ ହେଲେ ମଦ୍ୟପାନଜନିତ ସମସ୍ୟାର ସମ୍ମୁଖୀନ ଓ ସମାଧାନ ନିମନ୍ତେ ବିସ୍ତର ଖର୍ଚ୍ଚରୁ ସରକାର ରକ୍ଷା ପାଇଯାଆନ୍ତେ । ତେଣୁ ନିଶା ପ୍ରସାରଣ କାରଣରୁ ଜାତୀୟ-ଆର୍ଥିକ, ସାମାଜିକ ଏବଂ ମାନବିକ କ୍ଷତି ଅପେକ୍ଷା ନିଶା ନିବାରଣ ହେତୁ ଉକ୍ତ ବିଷୟମାନଙ୍କରେ ଅଧିକତର ଲାଭ ହୁଅନ୍ତା ।

Digitized by PPRACHIN, SOA

ନିଶା ନିବାରଣ ନିମନ୍ତେ ସମସ୍ତ ଚେଷ୍ଟା ସତ୍ତ୍ୱେ ଯଦି ବାଧ୍ୟତଃ ନିଶା ପ୍ରସାରଣ କରାଯାଏ ତେବେ ସରକାର ନିଜେ କାରଖାନା ବା ଡିଷ୍ଟିଲେରୀ ଖୋଲି ଅଳ୍ପ ପରିମାଣ ଆଲକୋହଲ୍ ଥିବା ସୁରା ପ୍ରସ୍ତୁତ କରି ବାଧ୍ୟବାଧି ନିୟମରେ ବିକ୍ରି କରନ୍ତୁ । ଯେ ମଦ୍ୟ ପାନ କରିବ ସେ ଲାଇସେନ୍ସ ନେଇ ତାହା କରୁ । ଲାଇସେନ୍ସ ନ ଥିବା ଲୋକ ତାହା ପାନ କଲେ ସମୁଚିତ ଭାବେ ଦଣ୍ଡିତ ହେଉ । ତାଡ଼ି ଇତ୍ୟାଦି ମଦ ଆକାରରେ କେହି ନ ପିଅନ୍ତୁ । ତାଳ, ଖଜୁରୀ, ସଲପ ଏବଂ ମହୁଲ ରସରେ ଗୁଡ଼ ଏବଂ ଚିନି ତିଆରି ହେଉ । ଯଦି ଏହି ରସକୁ ପିଆଯିବ ତେବେ ସରବତ୍ କିମ୍ବା ନୀରା ଆକାରରେ ବିକ୍ରି ହେଉ ଓ ପିଆଯାଉ । ଏ ପ୍ରକାର ନୀତିର ବହିର୍ଭୂତ କାର୍ଯ୍ୟ କଲେ ବିକ୍ରେତା ପାଇଁ କଠିନ ଶାସ୍ତିର ବ୍ୟବସ୍ଥା ରହୁ । ଏତେ କଠୋର କରି 'ଆନ୍ତରିକତାର ସହିତ ପ୍ରଚାରପୂର୍ବକ ବଡ଼ ଲୋକେ ନିଜେ ମଦ ନ ପିଇ ଉତ୍ତମ ଆଦର୍ଶ ଦେଖାଇଲେ ସୁରାପାନ ଅନେକ ପରିମାଣରେ କମିଯିବ ।

ଉପର୍ଯ୍ୟୁକ୍ତ ସମସ୍ତ ବିଚାରରୁ ମୁଁ ହୃଦ୍‌ବୋଧ କରିଛି ଯେ ନିଶା, ନିବାରଣ ସବୁ ଦିଗରୁ ଦେଶ ଏବଂ ଜାତି ପକ୍ଷେ ଅତ୍ୟନ୍ତ ମଙ୍ଗଳକାରକ ଅଟେ । ତେଣୁ ଏହାକୁ ଅତ୍ୟନ୍ତ ଦୃଢ଼ ଭାବେ କାର୍ଯ୍ୟକାରୀ କରିବା ଦରକାର । କେବଳ ସରକାରୀ ସ୍ତରରେ ଏହା ସଫଳତାର ସହିତ ହାସଲ ହୋଇପାରିବ ନାହିଁ । ପୂର୍ବୋକ୍ତମତେ ବେ-ସରକାରୀ ଭାବେ ସୁରା ପାନର ସର୍ବାଙ୍ଗୀନ ଅପକାରିତା ବିଷୟରେ ବହୁଳ ପ୍ରଚାର ସଙ୍ଗେ ସମାଜର ମାନ୍ୟ ଗଣ୍ୟ ବ୍ୟକ୍ତିଙ୍କର ଉତ୍ତମ ଆଦର୍ଶ ପ୍ରଦର୍ଶନ କରାହେଲେ ବହୁ ଲୋକ ମଦିରା ପାନରୁ କ୍ଷାନ୍ତ ହୁଅନ୍ତେ ଏବଂ ନୂତନ କରି କିଶୋର କିଶୋରୀ ଓ ଯୁବକ ଯୁବତୀ ଏହା ପାନ କରନ୍ତେ ନାହିଁ । ସରକାରମାନେ ଶୁଣନ୍ତୁ କିମ୍ବା ନ ଶୁଣନ୍ତୁ ମୁଁ ଏବଂ ମୋର ମତାବଲମ୍ବୀମାନେ ସରକାରଙ୍କ ଉପରେ ପ୍ରଭାବ ପକାଇବା କର୍ତ୍ତବ୍ୟରେ ହେଳା କରିବୁ ନାହିଁ ବୋଲି ଦୃଢ଼ପ୍ରତିଜ୍ଞ ହୋଇ ବେ-ସରକାରୀ ଭାବେ ସମାଜ ପାଇଁ ଉତ୍କୃଷ୍ଟ ଆଦର୍ଶ ପ୍ରଦର୍ଶନ କରିବୁ । ମୋର ଆଶା ଏବଂ ଭରସା ଯେ ଆଜି ଯଦି ସରକାରମାନେ ଏବଂ ମଦ୍ୟପବୃନ୍ଦ ନିଶା ନିବାରଣ ନୀତିକୁ ପସନ୍ଦ କରୁନାହାନ୍ତି କାଲି ଅବଶ୍ୟ ବାଧ୍ୟ ହୋଇ ତାହା କରିବେ ।

Digitized by PPRACHIN, SOA

ଉପର୍ଯ୍ୟୁକ୍ତମତେ ଆଶା ଭରସା କରିବାର ମୋର ବିଶେଷ ଅନୁଭୂତି ଏବଂ ଦୂରଦୃଷ୍ଟି ଅଛି । ସମୟ ଥିଲା, ଯେତେବେଳେ ଶିକ୍ଷିତ ଲୋକେ ମୌଳିକ ଶିକ୍ଷାନୀତିର ଘୋର ପ୍ରତିବାଦ କରୁଥିଲେ । କିନ୍ତୁ ବର୍ତ୍ତମାନ ଯେତେବେଳେ ଉକ୍ତ ଲୋକେ ଦେଖି ପାରୁଛନ୍ତି ଯେ, ଅଧୁନା ପ୍ରଚଳିତ ଶିକ୍ଷା-ପଦ୍ଧତିଦ୍ୱାରା ପାଠୁଆ ଅକର୍ମା ସମସ୍ୟା ତୀବ୍ର ଭାବେ ସୃଷ୍ଟି ହୋଇ ନାନା-ବିଧ ସାମାଜିକ ଏବଂ ଶାସନତାନ୍ତ୍ରିକ ସମସ୍ୟା ଉପୁଜୁଛି ସେମାନେ ପୁଣି ସେହି ମୌଳିକ ଶିକ୍ଷା ପଦ୍ଧତି ଆଡ଼କୁ ମନୋଗତି ଚାଳୁଛନ୍ତି । ସେହିପରି ଯେଉଁ ଶିକ୍ଷିତ ବ୍ୟକ୍ତି, ରାଜନୀତିଜ୍ଞ ଓ ସରକାରୀ କର୍ତ୍ତୃପକ୍ଷମାନେ ଆଜିର ନିଶା ନିବାରଣର ପ୍ରତିବାଦ ଏବଂ ପ୍ରତିରୋଧ କରୁଛନ୍ତି ସେହିମାନେ ହିଁ ଅଳ୍ପ କେତେ ବର୍ଷ ଭିତରେ ବୁଝିପାରିବେ ଯେ, ନିଶା ନିବାରଣ ବ୍ୟକ୍ତି ଏବଂ ସମାଜ ପକ୍ଷେ ଅତ୍ୟନ୍ତ ହିତକର ଅଟେ । ପୂର୍ବେ ପାଠୁଆ ଏବଂ ଉଚ୍ଚ ବର୍ଣ୍ଣର ପୁରୁଷ ଲୋକେ ମଦ୍ୟପାନ କରୁନଥିଲେ । ଯଦି କେହି କରୁଥିଲେ ତେବେ ଲୁଚାଇ କରି ତାହା କରୁଥିଲେ । ଆଜି କିନ୍ତୁ ଅବସ୍ଥା ତାହା ନୁହେ । ଏବେ ଉଚ୍ଚ ବର୍ଣ୍ଣ ଏବଂ ଶିକ୍ଷିତ ଲୋକେ ମଦ୍ୟପାନକୁ ସଭ୍ୟତା ବୋଲି ଧରି-ନେଲେଣି । ଯେ ମଦ ନ ପିଉଛି ସେ ମରହଟ୍ଟୀ ଲୋକ ବୋଲି ଆଖ୍ୟାୟିତ ହେଉଛି । ପୂର୍ବେ ସ୍ତ୍ରୀ ଲୋକେ ତ ମଦ ପିଉ ନ ଥିଲେ । ଏପରିକି ଜାତିରେ ମଦ୍ୟପାନ ମନା ନ ଥିବା ଆଦିବାସୀ ଏବଂ ହରିଜନ ଶ୍ରେଣୀର ସ୍ତ୍ରୀ ଲୋକ-ମାନେ ମଦ୍ୟପାନ ତ କରନ୍ତି ନାହିଁ ବରଂ ତାଙ୍କ ପୁରୁଷମାନଙ୍କୁ ମନା କରନ୍ତି ଯେ ସେମାନେ ମଦ୍ୟପାନ ନ କରନ୍ତୁ । କିନ୍ତୁ ଏବେ କେହି କେହି ପାଠୋଇ ଯୁବତୀ ମଦ ପିଇଲେଣି । ଅନେକ ପାଠୁଆ ଯୁବକ ତ ପିଇବାରେ ଧୁରି-ଛନ୍ତି । କେତେକ ମନ୍ତ୍ରୀ, ଏମ୍. ପି. ଏବଂ ଏମ୍. ଏଲ୍. ଏ. ମଧ୍ୟ ସୁରାପାନରେ ଉତ୍ତମ ରୂପେ ଅଭ୍ୟସ୍ତ ଥିବାର ଦେଖାଯାଉଛି । ତଥାକଥିତ ନୀଚ ବର୍ଣ୍ଣର ଶିକ୍ଷିତ ଲୋକେ ଅଭକ୍ଷ୍ୟ ଭକ୍ଷଣ ଏବଂ ଅଗମ୍ୟ ଗମନରୁ କ୍ଷାନ୍ତ ହେଲାବେଳେ ଉଚ୍ଚ ବର୍ଣ୍ଣ ବୋଲାଉଥିବା ଶିକ୍ଷିତ ଲୋକେ ସେଥିରେ ବେଶୀ ଅଭ୍ୟସ୍ତ ହେଉଛନ୍ତି । ଫଳତଃ ଦିନ ଆସିବ ଯେତେବେଳେ ସମାଜରେ ସ୍ତ୍ରୀ ପୁରୁଷ ପ୍ରାୟ ଅଧିକାଂଶ ନିଶାରେ ମଗ୍ନ ହୋଇ ମାତାଲ ହେବା ସଙ୍ଗେ ବହୁ ସମସ୍ୟା ସୃଷ୍ଟି କରିବେ । ମୁଁ ଜାଣେ କେହି କେହି ସ୍ତ୍ରୀ ମୁଖ୍ୟମନ୍ତ୍ରୀ ମଦ୍ୟପାନ କରନ୍ତି । ଏହା ଫଳରେ ଉକ୍ତ ସ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କ ଆସପାଶରେ ଥିବା ଶିକ୍ଷିତା ସ୍ତ୍ରୀମଧ୍ୟ ମଦ୍ୟପାନରେ ଅଭ୍ୟସ୍ତ ହେଉଛନ୍ତି । ଜଣେ ଚିଫ୍ ସେକ୍ରେଟାରୀ ମଦ୍ୟପ ଥିବାର ମୋତେ

Digitized by PPRACHIN, SOA

ପୂର୍ବ ଜଣା । ତେଣୁ ତାଙ୍କ ଅମଳରେ ବହୁ ଯୁବକ ଆଇ: ଏ: ଏସ୍: ଅଫିସର ମଦ ପିଇଗଲେ । ସେହିପରି ସ୍ତ୍ରୀ ମୁଖ୍ୟମନ୍ତ୍ରୀ ଶରାବ ପାନ କଲେ ଅନେକ ସ୍ତ୍ରୀ ତାଙ୍କ ପ୍ରଭାବରେ ମଦ୍ୟ ପାନ କରିବାର ବିଶେଷ ଆଶଙ୍କା ଏବଂ ଅବକାଶ ଅଛି । ଭବିଷ୍ୟତରେ ଅଳ୍ପ କେତେ ବର୍ଷ ମଧ୍ୟରେ ନିଶା ପ୍ରସାରଣ ଅବାଧରେ ଚାଲିବ । ଫଳରେ ବହୁ ସ୍ତ୍ରୀ ପୁରୁଷ ମଦ୍ୟପ ହୋଇ ମାତାଲ ହେବେ । ସାମାଜିକ ଏବଂ ଶାସନତାନ୍ତ୍ରିକ ଦୋଷ ଦୁର୍ବଳତା ବଢ଼ିବ । ଚିତ୍କାର ହେବ ନିଶା ନିବାରଣ ନିମନ୍ତେ । ସେତେବେଳକୁ ଲେଉଡ଼ ଗୁଡ଼ କହୁଣିକୁ ବହି ଯାଇଥିବ । ଶତ ଚେଷ୍ଟା କଲେ ମଧ୍ୟ ନିଶା ନିବାରଣ ହୋଇ ପାରୁ ନ ଥିବ, ଆଜି ଯେପରି ଆନ୍ତରିକ ଇଚ୍ଛା କଲେ ସୁଦ୍ଧା ବର୍ତ୍ତମାନର ଶିକ୍ଷା ପଦ୍ଧତି ବଦଳାଇପାରୁନାହାନ୍ତି । ତେଣୁ ବେଳ ଥାଉ ଥାଉ ଆଜିଠାରୁ ସର୍ବାନ୍ତଃକରଣରେ ନିଶା ନିବାରଣ କରିବା ବିଧେୟ ।

ନ୍ୟାୟ-ନିର୍ମଳ ଶାସନର ପ୍ରତିକ୍ରିୟା ଏବଂ ପରିଣତି

ନ୍ୟାୟ-ନିର୍ମଳ ଶାସନର ମୂଳଭିତ୍ତି ହେଉଛି ସମ୍ବିଧାନଗତ ଶାସନ । ସମ୍ବିଧାନର ପରିସର ବ୍ୟାପକ ଅଟେ । ଦେଶରେ ପ୍ରଚଳିତ ନୀତି-ନିୟମ ଏବଂ ଆଇନ-କାନୁନ ସମ୍ବିଧାନସମ୍ମତ ଓ ପରିସରଭୁକ୍ତ ଅଟେ । ତେଣୁ ନୀତି-ନିୟମ ଏବଂ ଆଇନକାନୁନସମ୍ମତ ଶାସନଦ୍ୱାରାହିଁ ନ୍ୟାୟ ଏବଂ ନିର୍ମଳତା ପ୍ରତିଷ୍ଠା କରାଯାଇ ପାରିବ । ଆମ ମିଳିତ ସରକାରର ନିର୍ବାଚନ ପ୍ରତିଶ୍ରୁତି ଏବଂ ପ୍ରଚାର ଥିଲା ଏତାବତ ଶାସନ ପ୍ରତିଷ୍ଠାପୂର୍ବକ ଶାସନ-କଳଙ୍କିତ ଅଯଥା ହଇରାଣ ହରକତରୁ ଲୋକଙ୍କୁ ରକ୍ଷା କରିବା ।

(କ) ସୁ-ପ୍ରତିକ୍ରିୟା ଓ ସୁ-ପରିଣତି

ଆମ ଦଳମାନଙ୍କର ଏ ପ୍ରକାର ପ୍ରଚାର ଓ ପ୍ରତିଶ୍ରୁତି ଏବଂ ମନ୍ତ୍ରୀ-ମଣ୍ଡଳ ଗଠନ ପରେ ତାର (ମନ୍ତ୍ରୀମଣ୍ଡଳର) ଏପ୍ରକାର ଆଭିମୁଖ୍ୟ ଲୋକଙ୍କ

Digitized by PPRACHIN, SOA

ମନରେ ହିମାଳୟ ସଦୃଶ ଆଶା-ଭରସା ସଞ୍ଚାର କଲା । ତହିଁରେ ପୁଣି ଶାସନରେ ନିର୍ମଳତା ରକ୍ଷା ଉଦ୍ଦେଶ୍ୟରେ ମୋର ଆଭିମୁଖ୍ୟ ଓ କାର୍ଯ୍ୟ-କଳାପ ଜନତା ହୃଦୟରେ ଅଭିନବ ଆଶା-ଆକାଙ୍କ୍ଷା ଜାଗରଣ କରାଇଥିଲା । ଶାସନ ଚଳାଇବାରେ ବୈଧାନିକତା ଏବଂ ନିୟମିତତା କଡ଼ା ଭାବରେ ଅବଲମ୍ବନ କରିବା ଫଳରେ ଉତ୍ତମ କର୍ମଚାରୀମାନେ ସନ୍ତୁଷ୍ଟ ହେଲେ ; କାରଣ ରାଜନୈତିକ ଚାପ ଏବଂ ହସ୍ତକ୍ଷେପ ବନ୍ଦ ହେଲା । ଲୋକେ ଯେତେବେଳେ ଶୁଣିଲେ, ଜାଣିଲେ ଏବଂ ଦେଖିଲେ ଯେ ପୂର୍ବବର୍ତ୍ତୀ ସରକାରଙ୍କର ଦୁର୍ନୀତି ଏବଂ ବଦ୍‌ଖର୍ଚ୍ଚର ତଦନ୍ତ ହେଲା, ଦୁର୍ନୀତିଗ୍ରସ୍ତ ମନ୍ତ୍ରୀମାନଙ୍କ ବିରୋଧରେ ତଦନ୍ତ କମିସନ ବସିଲା, ଉଚ୍ଚ ଏବଂ ମଧ୍ୟମ ସ୍ତରର ଦୁର୍ନୀତିଗ୍ରସ୍ତ କେତେକ କର୍ମଚାରୀଙ୍କ ଘର ଖାନ୍‌ତଲାସ ହୋଇ ସେମାନଙ୍କୁ ସସ୍‌ପେଣ୍ଡ୍ କରାଗଲା ଓ ସେମାନଙ୍କ ମଧ୍ୟରୁ କେହି କେହି ଦଣ୍ଡିତ ହେଲେ ଏବଂ ଶହ ଶହ ଚୋରାବଜାରୀ-ବ୍ୟବସାୟୀଙ୍କ ବିରୋଧରେ ମକଦ୍ଦମା ଚଳାଇ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଅଟକ-ବନ୍ଦୀ ଆଇନ ବଳରେ ଜେଲରେ ଆବଦ୍ଧ କରି ରଖାଗଲା, ସେତେବେଳେ ସେମାନେ (ଲୋକେ) ଆମ ସରକାରଙ୍କୁ ଏବଂ ବିଶେଷତଃ ମୋତେ ଅତ୍ୟନ୍ତ ପ୍ରଶଂସା ଓ ଆଶୀର୍ବାଦ କରିବାକୁ ଲାଗିଲେ । ରାଜନୈତିକ ଦଳ ଏବଂ ବୁଦ୍ଧିଜୀବୀମାନେ ଭାବିଲେ ଓ ଆଶାକଲେ ଯେ, ଅଦୂର ଭବିଷ୍ୟତରେ ସମ୍ୟକ ପରିମାଣରେ ଦୁର୍ନୀତି ଦୂର ହୋଇ ପାରିବ । ମୋର ଏବଂ ଆମ ସରକାରଙ୍କର ଏହି ପଦକ୍ଷେପର ସୁ-ପରିଣତି ଏତିକି ହେଲା ଯେ, ଶାସନର ଉପର ସ୍ତରରୁ ଓ ରାଜନୈତିକ ମହଲରୁ ବହୁଳ ପରିମାଣରେ ଦୁର୍ନୀତି ବନ୍ଦ ହେଲା । ବ୍ୟବସାୟ କ୍ଷେତ୍ରରେ ବ୍ୟବସାୟୀମାନେ ପୂର୍ବବତ୍ ଖୋଲାଖୋଲି ଦୁର୍ନୀତି କରିବାକୁ ଭୟ କରିବାରୁ ତାହା କିୟତ୍ ପରିମାଣରେ କମିଗଲା ; ଏପରିକି କଂଗ୍ରେସର ଯେଉଁ ବ୍ୟକ୍ତିମାନଙ୍କ ବିରୋଧରେ ଦୁର୍ନୀତିର ଅଭିଯୋଗ ହୋଇ ତଦନ୍ତ ହେଲା ସେମାନେ ମଧ୍ୟ ଆପାତତଃ ଦୁର୍ନୀତି କରିବାକୁ ଭୟ କଲେ । ଦେଖାଗଲା ଯେ, ପରେ ଯେତେବେଳେ ସେମାନେ ପୁଣି ୧୯୭୧ ସାଧାରଣ ନିର୍ବାଚନରେ କିୟତ୍ ପରିମାଣରେ ଜୟଯୁକ୍ତ ହୋଇ ମିଳିତ ମନ୍ତ୍ରୀ ମଣ୍ଡଳ ଚଳାଇଲେ ସେତେବେଳେ ପୂର୍ବବତ୍ ଦୁର୍ନୀତି କରିବାକୁ ସଙ୍କୋଚ ଏବଂ ଆତଙ୍କ ବୋଧ କରୁଥିଲେ । ଏହା ହେଲା ଅତି ସଂକ୍ଷେପରେ ଆମ ନ୍ୟାୟ-ନିର୍ମଳ ଶାସନର ସୁ-ଫଳ ବା ସୁ-ପରିଣତି ବା ସୁ-ପ୍ରତିକ୍ରିୟା ।

Digitized by PPRACHIN, SOA

(ଖ) ବିପରୀତ ଫଳ ଏବଂ ପ୍ରତିକ୍ରିୟା

କିନ୍ତୁ ସମୟର ଅତିକ୍ରମ ସଙ୍ଗେ ଲୋକଙ୍କର ଏ ସମ୍ପର୍କୀୟ ହିମାଳୟ-ଆଶା କ୍ରମଶଃ ହ୍ରାସ ହୋଇ ଶେଷରେ ଖର୍ବ ଗିରି-ଗୋବର୍ଦ୍ଧନ-ଆଶାରେ ପରିଣତ ହେବାକୁ ଲାଗିଲା । ଲୋକେ ଭାବିଥିଲେ ଯେ, ଦୁର୍ନୀତି ମ୍ୟାଜିକ୍ (ଯାଦୁ) ପରି ଦୂର ହୋଇଯିବ । ଦୁର୍ନୀତି ମନୁଷ୍ୟର ଜନ୍ମଗତ ପ୍ରବୃତ୍ତି ଏବଂ ଜାତିର ସାମାଜିକ ବ୍ୟାଧି ଅଟେ । ପୁଣି ଏହି ବ୍ୟାଧି ଅତି ପୁରାତନ । ଯେଉଁ ବ୍ୟାଧି ଯେତିକି ଦିନର ପୁରୁଣା ତାକୁ ଆରୋଗ୍ୟ କରିବାକୁ ଅନ୍ତତଃ ଉକ୍ତ ସମୟର ଶତାଂଶର ଏକାଂଶ ସମୟ ଲୋଡ଼ା । ଯୁଗ ଯୁଗ ଧରି ଚାଲି ଆସିଥିବା ବ୍ୟକ୍ତିଗତ, ସାମାଜିକ ଏବଂ ଶାସନତାନ୍ତ୍ରିକ ଦୁର୍ନୀତି-ବ୍ୟାଧିକୁ ଆରୋଗ୍ୟ କରିବାକୁ ଅନ୍ତତଃ ୫।୧୦ ବର୍ଷ ସମୟ ଲାଗନ୍ତା, ଯଦି ଦେଶବାସୀ, ବିଶେଷତଃ ଶାସକ ଗୋଷ୍ଠୀଙ୍କର ଆନ୍ତରିକତା ଏବଂ ସର୍ବାଙ୍ଗୀନ ଚେଷ୍ଟା ଥାନ୍ତା । କିନ୍ତୁ ବହୁ ଲୋକଙ୍କର ଉଦାସୀନତା ଏବଂ ବିରୋଧ ସତ୍ତ୍ୱେ ୩।୪ ବର୍ଷ ମଧ୍ୟରେ କେଉଁ ପରିମାଣରେ ଏହା ଦୂରୀଭୂତ ହୋଇପାରିବ ତାହା ଜନସାଧାରଣ ଏବଂ ଏପରିକି ଜାଣିଲା ବୁଝିଲା ଲୋକେ ମଧ୍ୟ ହୃଦୟଙ୍ଗମ କରିପାରିଲେ ନାହିଁ । ଶାସନର ତଳ ଏବଂ ମଧ୍ୟସ୍ତରରେ ଏ ସମ୍ପର୍କରେ ଆଶାନୁରୂପ ସଫଳତା ମିଳିପାରିନଥିଲା ଯଦିଚ ଏହା କିଛିଟା ପରିମାଣରେ ବନ୍ଦ ହୋଇଯାଇଥିଲା । ଜନତା ତ ସେକ୍ରେଟାରିଏଟ୍ ଏବଂ କଲେକ୍ଟରେଟ୍‌ର ଦୁର୍ନୀତି କଥା ଜାଣି ପାରନ୍ତି ନାହିଁ କିମ୍ବା ଏହି ସ୍ତରର ଦୁର୍ନୀତିରେ ସେମାନେ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ଏବଂ ହଇରାଣ ହରକତ ହୁଅନ୍ତି ନାହିଁ । ଜନତା ନିଜ ଅଞ୍ଚଳର ରେଭିନ୍ୟୁ, ଫରେଷ୍ଟ, ପୋଲିସ, ଅବକାରୀ, ବାରିକମିସ୍ତ୍ରୀ ଓ ଯୋଗାଣ ବିଭାଗ କର୍ମଚାରୀ ଏବଂ ବ୍ୟବସାୟୀଙ୍କ ଆଚରଣରୁ ସବୁ ବିଚାର କରନ୍ତି । କିନ୍ତୁ ଏତେ ଅଳ୍ପ ସମୟ ମଧ୍ୟରେ ଆମ ପଦକ୍ଷେପ ଓ କାର୍ଯ୍ୟ-କଳାପର ପ୍ରଭାବ ପ୍ରତ୍ୟକ୍ଷ ଭାବେ ବିସ୍ତାର କରିପାରିନଥିଲା ।

ଉପର୍ଯ୍ୟୁକ୍ତ ପରିପ୍ରେକ୍ଷୀରେ ଦୁର୍ନୀତିଗ୍ରସ୍ତ ଅଫିସର, ତାଙ୍କ ଭାଇ ବନ୍ଧୁ, ଅସାଧୁ ବ୍ୟବସାୟୀ ଗୋଷ୍ଠୀ ଓ ତାଙ୍କ ସାଙ୍ଗ-ସାଥୀ ଏବଂ ଅସାଧୁ ରାଜନୀତିଜ୍ଞମାନଙ୍କର ଚକ୍ରାନ୍ତମୂଳକ ଏକ ମେଣ୍ଟ ହୋଇ ତାହା (ମେଣ୍ଟ)

Digitized by PPRACHIN, SOA

ଆଇନ-କାନୁନ ଏବଂ ନୀତି-ନିୟମ ଅନୁମୋଦିତ ନିର୍ମଳ ଶାସନ ବିରୋଧରେ କୁତ୍ସାମୂଳକ ହତାଶା ବାଣୀ ପ୍ରଚାର କରିବାରେ ଲାଗିଲା । ଯେତେ ଅଫିସର, ବ୍ୟବସାୟୀ ଓ କାରବାରୀଙ୍କ ଘର ଖାନ୍ ତଲାସ ହୋଇ ସେମାନଙ୍କ ବିରୋଧରେ ମକଦ୍ଦମା କରାଗଲା, ଯେଉଁମାନେ ସସ୍‌ପେଣ୍ଡ୍ ହେଲେ, ଯେଉଁ-ମାନେ ଅତି ଦୁର୍ନୀତି ବୋଲି ଆଶଙ୍କା କରୁଥାନ୍ତି ଯେ, ସେମାନେ ମଧ୍ୟ ଦିନେ ଦୁର୍ନୀତି ନିବାରଣ ବିଭାଗର ଶିକାର ହେବେ ଏବଂ ଯେଉଁମାନେ ଦଣ୍ଡିତ ହେଲେ, ସେମାନେ ସକୁଟୁମ୍ବେ, ସ-ବାନ୍ଧବେ ଏବଂ ସ୍ୱ-ଜାତି ସହିତ ମୋ ନିଜର ଏବଂ ମିଳିତ ଶାସନର ନିନ୍ଦା ଗାଇବାକୁ ଲାଗିଲେ । ଦୁର୍ନୀତି-ନିବାରଣ ନିମନ୍ତେ ପ୍ରଥମାବସ୍ଥାର କାର୍ଯ୍ୟକଳାପ ଯୋଗୁଁ ମୋର ଏବଂ ଆମ ଶାସନର ଯେଉଁ ସୁନାମ ହେଲା ସେଥିପାଇଁ ବିରୋଧରେ ଥିବା ରାଜନୈତିକ ଦଳମାନଙ୍କର ଗାତ୍ର ଦାହ ହେଲା । ଦୁର୍ନୀତି କାରଣରୁ ଯେଉଁ କଂଗ୍ରେସକୁ ନିର୍ବାଚନରେ ଜନତା ହରାଇଥିଲା ତାହା ତ ସୁଯୋଗ ଉଣ୍ଡୁଥିଲା । ପ୍ରଥମରୁ ତ ଏହି କଂଗ୍ରେସ ହତାଶ ଏବଂ ନୈରାଶ୍ୟ ବାଣୀ ଶୁଣାଇ ଜନତାକୁ ନିରୁତ୍ସାହିତ କରି ଆସିଥିଲା । ଏବେ ପୁଣି ଦ୍ୱିଗୁଣିତ ଉତ୍ସାହରେ ଅସାଧୁ ଏବଂ ଈର୍ଷାପରାୟଣ ଗୋଷ୍ଠୀଙ୍କ ସଙ୍ଗେ ମିଶି ବିରୋଧ ପ୍ରଚାର ଜୋର ସୋରରେ ଚଳାଇ ନାନା କ୍ଷେତ୍ରରେ ଦୁର୍ନୀତିଗ୍ରସ୍ତ ଅଫିସର ଏବଂ ବ୍ୟବସାୟୀଙ୍କୁ ମକଦ୍ଦମାରୁ ମୁକ୍ତ କରାଇବାକୁ ବହୁବିଧ ଅସତ୍ ପନ୍ଥାର ଆଶ୍ରୟ ନେଲା । ଏହିପରି ଅସାଧୁ ଗୋଷ୍ଠୀଙ୍କ ଚକ୍ରାନ୍ତ ଏବଂ କାର୍ଯ୍ୟ କଳାପ ହେଲା ।

ବାକୀ ରହିଗଲେ ଭଲ ଲୋକ ସାଜୁଥିବା କେତେକ ଶ୍ରେଣୀର ଲୋକ । ଆଇନ ଓ ନୀତି-ନିୟମର ଶାସନ ଯୋଗୁଁ ରାଜନୈତିକ କର୍ମୀ, ନେତା ଏବଂ ସାଧାରଣ କର୍ମଚାରୀଙ୍କ ସ୍ୱାର୍ଥ ଏବଂ ସ୍ୱେଚ୍ଛାଚାରରେ ମଧ୍ୟ ବାଧା ପଡ଼ିଲା । ମନୁଷ୍ୟମାନେ ପ୍ରିୟା-ପ୍ରୀତି ପ୍ରିୟ ଏବଂ ସ୍ୱାର୍ଥବାଦୀ । ସ୍ୱାର୍ଥରେ ବାଧା ପଡ଼ିଲେ କିମ୍ବା କ୍ଷତି ହେଲେ ସାଧାରଣତଃ ଉତ୍ତମ ଲୋକ ମଧ୍ୟ ଦୁଃଖିତ ହୁଏ ଏବଂ ବାଧାଦାନକାରୀଙ୍କୁ ପସନ୍ଦ କରେ ନାହିଁ । କଡ଼ା ଶାସନ ଯୋଗୁଁ ପ୍ରିୟା-ପ୍ରୀତି ତୋଷଣ, ଆତ୍ମ-ସ୍ୱାର୍ଥ ବର୍ଦ୍ଧନ ଏବଂ ସାଧାରଣ ଭାବେ ମାମୁଲ (Tips) ଗ୍ରହଣ ମଧ୍ୟ ବନ୍ଦ ହୋଇଗଲା । ଏ ପ୍ରକାର ସ୍ୱାର୍ଥମୂଳକ କାର୍ଯ୍ୟକୁ ସାଧାରଣତଃ ଗର୍ହିତ ଦୁର୍ନୀତି ବୋଲି ଧରାଯାଏ ନାହିଁ । ତେଣୁ ଉତ୍ତମ ବ୍ୟକ୍ତି ଭାବେ ପରିଚିତ ଏବଂ ଗୃହୀତ ଲୋକେ ମଧ୍ୟ ନିର୍ବିକାରରେ ଏପରି ସ୍ୱାର୍ଥ ହାସଲ କରୁ-ଥିଲେ । କିନ୍ତୁ ମୋର ପଦକ୍ଷେପ ଫଳରେ ମାମୁଲ ଇତ୍ୟାଦି କେତେକ

Digitized by PPRACHIN, SOA

କ୍ଷେତ୍ରରେ କମିଶନ୍ କିମ୍ବା ବନ୍ଦ ହୋଇଗଲା । ଏହା ବହୁ ରାଜନୈତିକ ବ୍ୟକ୍ତି ଏବଂ କ୍ଷମତାଧିକାରୀଙ୍କ ପକ୍ଷେ ଅସହ୍ୟ ହେଲା । ଅବସରପ୍ରାପ୍ତି ବୟସ ସୀମା ୫୮ ବର୍ଷରୁ ୫୫ ବର୍ଷକୁ କମିଯିବାରୁ ଏବଂ ଯୋଗ୍ୟତାବିହୀନ ୩୦୦ ପର୍ଯ୍ୟନ୍ତ ସେକ୍ରେଟାରିଏଟ୍ କର୍ମଚାରୀଙ୍କୁ ଅନ୍ତର କରି ଆବଶ୍ୟକୀୟ ଯୋଗ୍ୟତା-ସମ୍ପନ୍ନ କର୍ମଚାରୀ ନିଯୁକ୍ତ କରିବାରୁ ଉକ୍ତ କ୍ଷତିଗ୍ରସ୍ତ କର୍ମଚାରୀମାନେ ମୋର ଏବଂ ସରକାରଙ୍କର ବିରୋଧୀ ହୋଇ ପ୍ରଚାର କରିବାକୁ ଲାଗିଲେ ଯେ, ନିର୍ମଳ ଶାସନ ଏକ ପ୍ରହସନ ମାତ୍ର ।

ଏଣେ ଘର ଡେଙ୍କି କୁମ୍ଭୀର ସଦୃଶ ମୋ ନିଜ ଦଳ ଏବଂ ଶାସନରେ ଥିବା ମିଳିତ ସ୍ୱତନ୍ତ୍ର ଦଳ କାମ କଲା । ନୀତି-ନିୟମମୂଳକ ଶାସନ ଯୋଗୁଁ ଶାସନରେ ଥିବା ରାଜନୈତିକ ଦଳ ବା ଦଳମାନଙ୍କର ନେତା, ମନ୍ତ୍ରୀ ଏବଂ କର୍ମୀ ଓ ପ୍ରେମୀମାନେ ଯେଉଁ ଅବାଧ ସୁବିଧା ସୁଯୋଗ ଉପଭୋଗ କରନ୍ତି ତାହା ବହୁ ପରିମାଣରେ ଆପତ୍ତି ହେଲା । ମୁଁ ରାଜ୍ୟ ତମାମ ଗସ୍ତ କରି ପୂର୍ବୋକ୍ତ ୪୦୦ ଉପରେ ଦୁର୍ନୀତି ନିବାରଣ-ସଭା-ସମିତି କରି ତହିଁରେ ଶିଳ୍ପପତି, ବ୍ୟବସାୟୀ, ଠିକାଦାର, ପଟ୍ଟାଦାର, ଲାଇସେନ୍ସଦାର ଏବଂ କଣ୍ଟ୍ରାକ୍ଟର ଗୋଷ୍ଠୀଙ୍କୁ ଉପଦେଶ ଦେଇ ଅନୁରୋଧ କରୁଥିଲି ଯେ, ସେମାନେ କାହାରିକୁ ବିଶେଷତଃ କର୍ମଚାରୀ ଏବଂ ରାଜନୈତିକ ବ୍ୟକ୍ତି ଏବଂ ଗୋଷ୍ଠୀଙ୍କୁ ଚାନ୍ଦା କିମ୍ବା ଲାଞ୍ଚ ଦେଇ ଦୁର୍ନୀତି ନ ବଢ଼ାନ୍ତୁ । ଅନ୍ୟ ଭାଷାରେ ସେମାନେ ରାଜନୈତିକ ବ୍ୟକ୍ତି ଏବଂ ଗୋଷ୍ଠୀ ଓ କର୍ମଚାରୀଙ୍କୁ ଅନ୍ୟାୟରେ ସ୍ୱାର୍ଥ ହାସଲ ଉଦ୍ଦେଶ୍ୟରେ ଲାଞ୍ଚ କିମ୍ବା ଚାନ୍ଦା ଦିଅନ୍ତୁ ନାହିଁ । ଏ ଚାନ୍ଦା ଦେବା ଏବଂ ଗ୍ରହଣ କରିବା ବନ୍ଦ କରିବାରୁ ରାଜନୈତିକ ଗୋଷ୍ଠୀ ଏବଂ ବ୍ୟକ୍ତିମାନେ ମୋ ଉପରେ ଖଡ୍ଗହସ୍ତ ହେଲେ । ସେମାନେ ଯେ ମୋ ଉପରେ କେବଳ ଅସନ୍ତୁଷ୍ଟ ଏବଂ ବିରକ୍ତ ଓ କ୍ରୋଧାନ୍ୱିତ ହେଲେ ତାହା ନୁହେଁ ; ଓଲଟି କହିରେ କିଛି କିଛି ଚାନ୍ଦା ମଧ୍ୟ ଅସୁଲ କରିବା ମୋର ଖବର । ଅବଶ୍ୟ ଏ ଚାନ୍ଦା ଦଳୀୟ କାର୍ଯ୍ୟ ନିମନ୍ତେ ହୋଇଥିବ । ମୁଁ ଦୁର୍ନୀତି ନିବାରଣ ନିମନ୍ତେ ରାଜ୍ୟ ତମାମ ଗସ୍ତ କରି କାହିଁକି ଏତେ ସଭା ସମିତି କରୁଛି ସେଥିପାଇଁ ସେମାନେ ପସନ୍ଦ କରୁ ନ ଥାନ୍ତି । ସମୟେ ସମୟେ ଖୋଲାଖୋଲି ଭାବେ କହନ୍ତି ଯେ ମୁଁ ଉକ୍ତ କାର୍ଯ୍ୟରୁ କ୍ଷାନ୍ତ ହୁଏ ଏବଂ ଚାନ୍ଦା ଦାନ ଓ ସଂଗ୍ରହ କାର୍ଯ୍ୟକୁ ବନ୍ଦ ନ କରେ ।

Digitized by PPRACHIN, SOA

ଯେତେବେଳେ ଦୁର୍ନୀତି ନିବାରଣ କାର୍ଯ୍ୟରେ ମୁଁ ଘରେ (ଦଳ ଏବଂ ଶାସନରେ) ଓ ବାହାରେ ଏହିପରି ବାତାବରଣ ଭିତରେ ଗତି କରୁଥାଏ ସେତେବେଳେ ଜନତା ମଧ୍ୟରେ ମଧ୍ୟ ଦୁର୍ନୀତି ନିବାରଣର ଅର୍ଥ ଓ ପରିସର ଭୁଲ ବୁଝାଇ ଦିଆଯାଉଥାଏ । ଯାହାର ଯାହା ଅଭାବ ତାହା ଯଦି ପୂରଣ ହୋଇ ନ ପାରିଲା ତ, କିଏ କେଉଁଠାରେ ମକଦ୍ଦମାରେ ହାରିଗଲା ତ, ଚୋର, ଡାକୁ ଏବଂ ଠକ ବିରୋଧରେ ମକଦ୍ଦମା ହେଲା ତ ସେଥିପାଇଁ ନିର୍ମଳ ଶାସନ ତଥା ଶାସକ ଦାୟୀ । କେଉଁଠାରେ ଜଳସେଚନର ଅଭାବ, କେଉଁଠାରେ ସ୍କୁଲ, କଲେଜ, ଡାକ୍ତରଖାନା ନାହିଁ ତ ନିର୍ମଳ ଶାସନ କଲାନାହିଁ । ଯୋଜନାଭୁକ୍ତ ନ ଥିବା କୌଣସି ଉନ୍ନୟନ କାର୍ଯ୍ୟ ନ ହେଲା ତ ନିର୍ମଳ ଶାସନର ନିନ୍ଦା ଏବଂ ସମାଲୋଚନା । ଅନ୍ୟ ଭାଷାରେ କୁହାଯାଇପାରେ ଯେ ଲୋକେ ବୁଝୁଥିଲେ କିମ୍ବା ତାଙ୍କୁ ବିରୋଧୀ ଏବଂ ଅସନ୍ତୁଷ୍ଟ ଗୋଷ୍ଠୀ ବୁଝାଇ ଦେଉଥିଲେ ଯେ, ନିର୍ମଳ ଶାସନ ହେଲେ ଯାହାର ଯାହା ଆର୍ଥିକ ଏବଂ ଆଇନଗତ ଅସୁବିଧା ସେସବୁ ନିର୍ମଳ ଶାସନ ଶାସକମାନେ ଅଚିରେ ମ୍ୟାଜିକ ପରି ଦୂର କରି ପାରିବେ ; ତାହା ନ ହେବାରୁ ଆଲୋଚନା, ସମାଲୋଚନା, ମନଦୁଃଖ, ହତାଶା ଏବଂ ନୈରାଶ୍ୟ ।

ମୁଁ ଦେଖିଲି, ଅନେକ ନିଭାଇଲି ଏବଂ ବର୍ତ୍ତମାନ ମଧ୍ୟ ଅନେକ ନିଭାଉଛି ଯେ ନିର୍ମଳ ଶାସନ ପ୍ରତିଷ୍ଠା ନିମନ୍ତେ ଆନ୍ତରିକ ଉଦ୍ୟମ କରିବାକୁ ଯାଇ ଘରେ ବାହାରେ ସବୁବେଳେ ବାଧା-ବିଘ୍ନ, ଘାତ-ପ୍ରତିଘାତ, ଆପଦ ବିପଦ ଏବଂ ସମାଲୋଚନା-ପ୍ରତିସମାଲୋଚନାର ପାତ୍ର ହେଉଛି । ମୋତେ ମୋର କେତେକ ସାଧୁ ଏବଂ ସଚ୍ଚୋଟ ବନ୍ଧୁ ବରାବର ଗୁପ ଦିଅନ୍ତି ଯେ, ମୁଁ ଏ କାମରୁ କ୍ଷାନ୍ତ ହୁଏ । ଆଉ କେତେକ ବନ୍ଧୁ କହନ୍ତି ଯେ, ମୁଁ ଏ ବନ୍ୟ-ହଂସ ଶିକାରରୁ (wild goose chase) ବିରତ ହୁଏ । ପୁଣି କେତେକ ଅସନ୍ତୁଷ୍ଟ ଦଳୀୟ ବନ୍ଧୁ କହନ୍ତି ଯେ ମୋର ନେତୃତ୍ୱ ସ୍ୱୀକାର କରି ସେମାନେ ତାଙ୍କ ନିଜ ପାଇଁ କୌଣସି ସୁବିଧା ହାସଲ କରି ପାରିଲେ ନାହିଁ । ତେଣୁ ସେମାନେ ମୋତେ ଜବରଦସ୍ତ ଉପଦେଶ ଦିଅନ୍ତି ଯେ ମୁଁ ନିର୍ମଳ-ନୀତି ପରିତ୍ୟାଗ କରି ସାଧାରଣ ରାଜ-ନୀତି ଅବଲମ୍ବନପୂର୍ବକ ନିଜର, ନିଜ-ଦଳର କର୍ମୀ, ପ୍ରେମୀ ଏବଂ ଅନୁଗାମୀମାନଙ୍କର ସୁଖ-ସୁବିଧା ପ୍ରତି ଦୃଷ୍ଟି ଦିଏ, ମୋର କ୍ଷମତା ଏବଂ ପ୍ରଭାବ ପ୍ରୟୋଗ କରି । ମୁଁ ସମସ୍ତଙ୍କ ଉପଦେଶ, ଅନୁରୋଧ ଏବଂ ସମାଲୋଚନା

Digitized by PPRACHIN, SOA

ଶୁଣେ, କିନ୍ତୁ ନମ୍ର ଭାବରେ ଉତ୍ତର ଦିଏ ଯେ, ସମୟସାପେକ୍ଷ ହେଲେ ସୁଦ୍ଧା ଶାସନକଳକୁ ସଜାଡ଼ି ହେବ । ମୋର ପୂର୍ବୋକ୍ତ ଆଇନ ଅନୁମୋଦିତ କାର୍ଯ୍ୟକଳାପଦ୍ୱାରା ମୁଁ ସାଧାରଣ ଭାବରେ ରାଜନୈତିକ ଗୋଷ୍ଠୀ, ବ୍ୟବସାୟୀ ଶ୍ରେଣୀ ଏବଂ କର୍ମଚାରୀବୃନ୍ଦଙ୍କର ଆଖିର-କୁଟା ହ[illegible] eyesore) ହୋଇଛି । ଯେଉଁମାନଙ୍କ ଘର ଖାନ୍-ତଲାସ [illegible], ଯେଉଁ-ମାନେ ସସ୍‌ପେଣ୍ଡ ହେଲେ, ଯାହାଙ୍କ ନାମରେ ମକଦ୍ଦମା ଚାଲିଥିଲା ଏବଂ ଚାଲିଛି, ଯେଉଁମାନେ ଜେଲ-ଜୋରିମନା ଦଣ୍ଡ ଭୋଗ କରିଛନ୍ତି, ଯେଉଁମାନେ ପୂର୍ବୋକ୍ତ ଅବସର-ଗ୍ରହଣର ବୟସ-ସୀମା ୫୮ରୁ ୫୫କୁ କମାଇଦେବାରୁ କ୍ଷତିଗ୍ରସ୍ତ, ଯେଉଁମାନେ ଯୋଗ୍ୟତା ନ ଥିବାରୁ ସେକ୍ରେଟାରିଏଟ୍ ଚାକିରିରୁ ଅନ୍ତର ହେଲେ ଏମାନେ ସମସ୍ତେ ସବୁବେଳେ ନିଜ ଭାଇ ବରାଦର ଏବଂ ଜ୍ଞାତି-ପନ୍ତିଙ୍କ ସହିତ ମୋତେ ଅଭିଶାପ ଦେଉଛନ୍ତି । ଜନ-କଂଗ୍ରେସ, ବିଶେଷତଃ ମୁଁ ଆଉ ଥରେ ଯେପରି ଶାସନ ଗାଦିକୁ ନ ଆସେ ସେଥିପାଇଁ ମହାଦେବଙ୍କ-ଠାରେ ଫୁଲ-ବେଲପତ୍ରି ଚଢ଼ାଉଛନ୍ତି । ତାଙ୍କ ରୁଆମାନେ ମୋତେ ଦେଖିଲେ "ନିର୍ମଳୀ" ଏବଂ ସମୟେ ସମୟେ "ନିର୍ମୂଳୀ"" ମନ୍ତ୍ରୀ ବୋଲି କଥାବାର୍ତ୍ତା କରନ୍ତି ।

ନିର୍ମଳ ଶାସନ ଯୋଗୁଁ ଯେଉଁମାନେ ଅପଦସ୍ତ, କ୍ଷତିଗ୍ରସ୍ତ ଏବଂ ଦଣ୍ଡିତ ହେଲେ ସେମାନେ ତ ବିରୋଧୀ ହେବାର କଥା । କିନ୍ତୁ ଅନାୟାସରେ ଉଦ୍‌ଗ୍ରୀବ ଜନତାର ଆବେଗମୟ ଇଚ୍ଛା ଏବଂ ଉଦ୍ଦେଶ୍ୟକୁ ଅଚିରେ ପୂରଣ ନ କରିବାରୁ ତାହା (ଜନତା) ମଧ୍ୟ ଅଧୈର୍ଯ୍ୟ ଓ ଅସନ୍ତୁଷ୍ଟ ହୋଇ ପଡ଼ିଲି । ମୁଁ ଏଥିରେ ଆଦୌ ଅଧୈର୍ଯ୍ୟ କିମ୍ବା ନିରାଶ-ହତାଶ ହେଲି ନାହିଁ କି ହେବି ନାହିଁ । ଯୁଗ ଯୁଗର ଦୁର୍ନୀତିରୂପକ ପୁରାତନ ସାମାଜିକ-ବ୍ୟାଧି ଆରୋଗ୍ୟ ହେବାକୁ ବର୍ଷ ବର୍ଷ ଲାଗିବ ଯଦି ଆରୋଗ୍ୟକାରୀ ଚିକିତ୍ସକ ଧୈର୍ଯ୍ୟ, ଦମ୍ଭ, ସାହସ, ଆଶା ଏବଂ ଭରସା ରଖି କାମ କରନ୍ତି । ମୋର ଏହି ସବୁ ଗୁଣ ଅଛି । ସୁଯୋଗ ମିଳିଲେ ଯେଉଁ ସ୍ତରରୁ ଛାଡ଼ିଛି ପୁଣି ସେହି ସ୍ତରରୁ ଚିକିତ୍ସା ଆରମ୍ଭ କରିବାକୁ ଉଦ୍ୟମ କରିବି । ଆଜି ବେ-ସରକାରୀ ଭାବରେ ମଧ୍ୟ ଉଦ୍ୟମର ଅଭାବ ନାହିଁ । ସବୁ କର୍ମରେ ଭଗବାନ ଅବଶ୍ୟ ସହାୟକ ହେବେ ।

Digitized by PPRACHIN, SOA

ଦଳୀୟ ଶୃଙ୍ଖଳା-ଅଶୃଙ୍ଖଳା

ଆମ ଜନ-କଂଗ୍ରେସ ଗୋଟିଏ ନୂତନ ଗଠିତ ଦଳ ଥିଲା । ଓଡ଼ିଶା କଂଗ୍ରେସର ବିଶିଷ୍ଟ ବ୍ୟକ୍ତିମାନେ ଏହା ଗଠନ କରିଥିଲେ । ଏ ଦଳଟି ନେତୃବୃନ୍ଦଙ୍କ ଦଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅତ ଅନ୍ତରରେ ସହିତ କେହି କେହି ଅନ୍ୟ କାହାର ନେତୃତ୍ୱ ସ୍ୱୀକାର କରିବାକୁ ମନୋବୃତ୍ତି ଥିଲାପରି ଜଣାପଡ଼ୁନଥିଲା । ତଥାପି ନିର୍ବାଚନ ଫଳାଫଳ ଜଣା ପଡ଼ି ମନ୍ତ୍ରୀମଣ୍ଡଳ ଗଠନ ପର୍ଯ୍ୟନ୍ତ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ସମସ୍ତେ ବ୍ୟବହାର କରୁଥିଲେ । କିନ୍ତୁ ମନ୍ତ୍ରୀମଣ୍ଡଳ ଗଠନ ନିମନ୍ତେ ମନ୍ତ୍ରୀ ମନୋନୟନ ସଂକ୍ରାନ୍ତରୁ ଦଳରେ ଗୋଷ୍ଠୀବନ୍ଦୀ ହେବାର ଆଭାସ ମିଳିଲା ।

ଜନ-କଂଗ୍ରେସ-ସ୍ୱତନ୍ତ୍ର ମିଳିତ ମନ୍ତ୍ରୀମଣ୍ଡଳ ଗଠନରେ ଡ଼: ହରେକୃଷ୍ଣ ମହତାବ ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ନିର୍ବାଚନ ପୂର୍ବରୁ ଅଲିଖିତ ରାଜିନାମା ଥିଲା । କିନ୍ତୁ ନିର୍ବାଚନ ଫଳାଫଳରୁ ଯେତେବେଳେ ଜଣାଗଲା ଯେ, ସ୍ୱତନ୍ତ୍ର ଦଳର ଆସେମ୍ବ୍ଲି ସଭ୍ୟ ସଂଖ୍ୟା ଆମ ଜନ-କଂଗ୍ରେସ ଦଳର ସଂଖ୍ୟାଠାରୁ ଅଧିକ ଏବଂ ଶ୍ରୀ ରାଜଗୋପାଳାଚାରୀ ପ୍ରଭୃତି ଦୃଢ଼ ଇଚ୍ଛା କଲେ ଯେ ଭାରତବର୍ଷରେ ସ୍ୱତନ୍ତ୍ର ନେତୃତ୍ୱରେ (Swatantra led) ଏକ ସରକାର ପ୍ରତିଷ୍ଠିତ ହେଉ ତେଣୁ ସେମାନେ ଏହି ମୁଖ୍ୟମନ୍ତ୍ରୀ ଆସନଟି ନେଲେ । ଅନିଚ୍ଛାସତ୍ତ୍ୱେ ଆମ୍ଭେମାନେ ରାଜି ହେଲୁ । ରାଜି ହୋଇ ନ ଥିଲେ କଂଗ୍ରେସକୁ ଗାଦିରୁ ଅନ୍ତର କରିବା କାମ ହୋଇ ନ ଥାନ୍ତା । ସ୍ୱତନ୍ତ୍ରକୁ ଛାଡ଼ିଦେଲେ ମନ୍ତ୍ରୀମଣ୍ଡଳ ଗଠନ ହୋଇ ପାରୁ ନ ଥିଲା । କଂଗ୍ରେସ ତ ଦୁର୍ନୀତିଗ୍ରସ୍ତ ବୋଲି ଦଳ ଛାଡ଼ି ଜନ-କଂଗ୍ରେସ ନାମକ ପୃଥକ ଦଳ ସୃଷ୍ଟି କରି ସ୍ୱତନ୍ତ୍ର ସଙ୍ଗେ ରାଜିନାମାରେ ଆବଦ୍ଧ ହୋଇ ତାକୁ (କଂଗ୍ରେସକୁ) ହରେଇଲୁ । ଏବେ ପୁଣି କେଉଁ ମୁହଁରେ କଂଗ୍ରେସ ସଙ୍ଗେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବୁ । କଂଗ୍ରେସ ଏବଂ ସ୍ୱତନ୍ତ୍ର ଦଳକୁ ଛାଡ଼ିଦେଲେ ମନ୍ତ୍ରୀମଣ୍ଡଳ ଗଠିତ ହୋଇ ପାରିବ ନାହିଁ । ଶେଷରେ ରାଷ୍ଟ୍ରପତି ଶାସନ ଜାରି ହେବ । ରାଷ୍ଟ୍ରପତି ଶାସନର ଅର୍ଥ ହେବ ଅପ୍ରତ୍ୟକ୍ଷ ଭାବେ ପୁଣି ସେହି କଂଗ୍ରେସ ଶାସନ ; ଯେହେତୁ କେନ୍ଦ୍ରରେ କଂଗ୍ରେସ ଶାସନ ଥାଏ, ତେଣୁ ବାଧ୍ୟ ହୋଇ ସ୍ୱତନ୍ତ୍ର ଦଳର ମୁଖ୍ୟମନ୍ତ୍ରୀତ୍ୱକୁ ସ୍ୱୀକାର

Digitized by PPRACHIN, SOA

କରି ମନ୍ତ୍ରୀମଣ୍ଡଳ ଗଠନ କଲୁ । ଏଥିରେ ଶ୍ରୀ ମହତାବଙ୍କ ନିତାନ୍ତ ଅନୁଗାମୀ-ମାନଙ୍କ ମନରେ ଅତ୍ୟନ୍ତ ଆଘାତ ହେଲା । ମୁଁ (ପବନ ବାବୁ) କାହିଁକି ମହତାବ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରାଇ ପାରିଲି ନାହିଁ ବୋଲି ଦଳର କେତେକ ବ୍ୟକ୍ତି ମୋ ଉପରେ ଅସନ୍ତୁଷ୍ଟ ହୋଇ ତାଙ୍କୁ (ମହତାବଙ୍କୁ) ଉତ୍ତେଜିତ କରାଇବାକୁ ଲାଗିଲେ ।

ଇତି ମଧ୍ୟରେ ଆମ ଦଳର ଭାଗ ପଡ଼ିଥିବା ୪ ଜଣ ମନ୍ତ୍ରୀ ଓ ୨ଜଣ ଉପ-ମନ୍ତ୍ରୀଙ୍କ ମଧ୍ୟରୁ କିଏ କିଏ ମନ୍ତ୍ରୀ ହେବେ ସେଥିପାଇଁ ସମସ୍ୟା ଉପୁଜିଲା । ଏ ଦଳଟି ନେତା ଏବଂ ପୂର୍ବତନ ମନ୍ତ୍ରୀ ଓ ଉପ-ମନ୍ତ୍ରୀଙ୍କ ଦଳ । ମନ୍ତ୍ରୀ-ଯୋଗ୍ୟ ବ୍ୟକ୍ତି ପ୍ରାୟ ୧୨।୧୪ ଜଣ ଥାନ୍ତି । ମନ୍ତ୍ରୀ ଏବଂ ଉପ-ମନ୍ତ୍ରୀ ହେବାକୁ କାହାର ବା ଇଚ୍ଛା ନ ହେବ । ୧୨।୧୪ ଜଣଙ୍କ ମଧ୍ୟରୁ ୬ ଜଣଙ୍କୁ ବାଛିବାକୁ ହେବ । ଉପ-ମନ୍ତ୍ରୀ ହେବାକୁ ୫।୬ ଜଣ ମନା କରିଦେଲେ । ମୁଁ ତ ଦଳର ସଭାପତି ଥିଲି, ପୁଣି ଆସେମ୍ବ୍ଲି ଦଳର ନେତା ଭାବେ ନିର୍ବାଚିତ ହୋଇ-ଗଲି । ସନ୍ତୋଷ ଅସନ୍ତୋଷ ସବୁ ମୋ ଉପରେ ପଡ଼ିଲା । କିନ୍ତୁ ମୁଁ ଏକାକୀ କିଛି କରୁ ନ ଥାଏ । ମନ୍ତ୍ରୀ ମନୋନୟନ ମୁଖ୍ୟତଃ ମହତାବ ବାବୁ ଓଗେର ୬ ଜଣ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ୱୀକୃତିରେ ହୋଇଥିଲା । ଯେଉଁମାନେ ମନ୍ତ୍ରୀ ନ ହୋଇ ରହି ଗଲେ ସେମାନଙ୍କର ସ୍ୱଭାବତଃ ଅସନ୍ତୋଷ ହେବାର କଥା । ଏହି ସୁଯୋଗରେ ମୋ ବିରୋଧରେ ଏକ ଗୋଷ୍ଠୀ ତିଆରି ହେଲା ଏହି ଗୋଷ୍ଠୀ ମହତାବ ବାବୁଙ୍କ ଅପ୍ରତ୍ୟକ୍ଷ ଆଶୀର୍ବାଦ ପାଇଥିଲା ବୋଲି ମୋର ସନ୍ଦେହମୂଳକ ବିଶ୍ୱାସ ; କାରଣ ମହତାବ ବାବୁଙ୍କ ଅତ୍ୟନ୍ତ ଅନୁଗାମୀମାନେ ଏହି ଗୋଷ୍ଠୀରେ ଥିଲେ ଏବଂ ମହତାବ ବାବୁଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ପାଇଁ ମୁଁ କାହିଁକି ଅଡ଼ି ବସିଲି ନାହିଁ ବୋଲି ଖୋଲା ଖୋଲି ସମାଲୋଚନା କରୁଥିଲେ ।

ଅଶୃଙ୍ଖଳାର ସଙ୍କେତ

ଉପରୋକ୍ତମତେ ମନ୍ତ୍ରୀମଣ୍ଡଳ ଗଠନ ପୂର୍ବରୁ ଅସନ୍ତୋଷ ଏବଂ ଏହି ନବଗଠିତ ଶିଶୁ ଅନୁଷ୍ଠାନର ଗୋଷ୍ଠୀବନ୍ଦୀର ଆଭାସ ଦେଖାଯାଇ-ଥିଲା । ଏମ୍. ଏଲ୍. ଏ. ମାନଙ୍କ ମଧ୍ୟରେ ମୋ ବିରୋଧରେ ଏକ ବାତାବରଣ

Digitized by PPRACHIN, SOA

ସୃଷ୍ଟି କରାଗଲା । ଦୁଇଟି କେନ୍ଦ୍ରରେ ଏ ବାତାବରଣ ସୃଷ୍ଟି ହେଉଥାଏ । ମହତାବ ବାବୁ ତ ସର୍ବଭାରତୀୟ ନେତା । ତାଙ୍କ ନିକଟକୁ କର୍ମୀ ଏବଂ ଏମ୍. ଏଲ୍. ଏ. ମାନଙ୍କର ଗମନାଗମନ ତ ନିଶ୍ଚୟ ହେବାର କଥା । ଏହା ହେଉଥିଲା । ମହତାବ ବାବୁଙ୍କର ନିତାନ୍ତ ଅନୁଗାମୀ ଶ୍ରୀ ବିଜୟାଦିତ୍ୟ ସିଂହ ବରିହାଙ୍କର (ପୂର୍ବତନ ଉପ-ମନ୍ତ୍ରୀ) ସରକାରୀ ବାସଭବନ କେତେକ ଏମ୍. ଏଲ୍. ଏ. ଙ୍କର ମିଳନ କେନ୍ଦ୍ର ଥିଲା । ଏହି କେନ୍ଦ୍ରକୁ ସମୟେ ସମୟେ ମହତାବ ବାବୁ ଆସୁଥିଲେ । ଶ୍ରୀ ବନମାଳୀ ପଟ୍ଟନାୟକ ସେତେବେଳକୁ ମନ୍ତ୍ରୀ ହୋଇ ନ ଥିଲେ । ସେ ମଧ୍ୟ ଏହି କେନ୍ଦ୍ରକୁ ନିୟମିତ ଭାବେ ଯା-ଆସ କରୁଥିଲେ ।

ମନ୍ତ୍ରୀମଣ୍ଡଳ ଗଠନ ପରେ ପରେ ମୁଁ ଅନୁଭବ କଲି, ଆମ ଦଳରେ ପରସ୍ପର ସମାଲୋଚନା ଏବଂ କୁତ୍ସାରଟନା ଆରମ୍ଭ ହେବାକୁ ଲାଗିଲା । ୨୫ଜଣ ଏମ୍. ଏଲ୍. ଏ. ଙ୍କ ମଧ୍ୟରୁ ପ୍ରାୟ ୧୫ ଜଣଙ୍କ ମନରେ ଏହି ଧାରଣା ସୃଷ୍ଟି କରାଇଦିଆଯାଇଥିଲା ଯେ ସେମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କୁ ମହତାବ ବାବୁ ହୁଏତ ଉପ-ମନ୍ତ୍ରୀ, କିମ୍ବା ମନ୍ତ୍ରୀ, କିମ୍ବା ବିଧାନ ସଭାର କୌଣସି କମିଟିର ସଭାପତି କରାଇଦେବାକୁ ଇଚ୍ଛା କରିଥିଲେ ଏବଂ କରୁଛନ୍ତି । କିନ୍ତୁ ଦଳପତି ପବିତ୍ରବାବୁ ଏଥିରେ ଅନ୍ତରାୟ ହେଉଛନ୍ତି । ସଭ୍ୟମାନଙ୍କ ମନରେ ଏହି ଆଶା ଅତ୍ୟନ୍ତ ଚତୁରତା ଏବଂ ଗୋପନୀୟତାର ସହିତ ଉଦ୍ରେକ କରାଯାଉଥିଲା । ଅର୍ଥାତ୍ ପ୍ରତ୍ୟେକ ସଭ୍ୟଙ୍କୁ ଏକାକୀ ଡାକି ଏକାନ୍ତରେ କୁହାଯାଉଥିଲା ଯେ, ତାଙ୍କୁ ମନ୍ତ୍ରୀ, କିମ୍ବା ଉପମନ୍ତ୍ରୀ, କିମ୍ବା ବିଧାନ ସଭାର କୌଣସି କମିଟିର ସଭାପତି କରିବାକୁ ମହତାବ ବାବୁ ଇଚ୍ଛା କରୁଥିଲେ ; କିନ୍ତୁ ପବିତ୍ରବାବୁ ବିରୋଧ କଲେ । ଯଦି ଏମାନେ ପ୍ରତ୍ୟେକ ଜାଣିଥାନ୍ତେ ଯେ ୧୫ ଜଣ ଯାକ ସଭ୍ୟଙ୍କୁ ଏ ଆଶା-ଆଶ୍ୱାସନାମୂଳକ ପ୍ରତି-ଶ୍ରୁତି ଦେଇଛନ୍ତି ତାହାହେଲେ ସେଥିମଧ୍ୟରୁ ଅନେକ ବିଶ୍ୱାସ କରନ୍ତେ ନାହିଁ । ଉକ୍ତ ସଭ୍ୟମାନଙ୍କୁ ଏପରି ଆଶା ଦେଇଛନ୍ତି ବୋଲି ଖୋଲିଖୋଲି କହିବା ଆମ ପକ୍ଷରେ ଅସୁନ୍ଦର ହେବ । ତେଣୁ ପ୍ରଚ୍ଛନ୍ନ ଭାବରେ ମୋ ପ୍ରତି ଏବଂ ମନ୍ତ୍ରୀମାନଙ୍କ ପ୍ରତି ଅବିଶ୍ୱାସ ଏବଂ ଅସନ୍ତୋଷ ସୃଷ୍ଟି କରାଗଲା ।

ଇତି ମଧ୍ୟରେ ଆଉ ଏକ କାରଣରୁ ସଭ୍ୟ ଏବଂ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଓ ଅଶୃଙ୍ଖଳା ସୃଷ୍ଟି କରାଗଲା । ରାଜ୍ୟରେ ନିର୍ମଳ ଶାସନ ପ୍ରତିଷ୍ଠା ନିମନ୍ତେ ମୁଁ ଦୃଢ଼ ନୀତି ଅବଲମ୍ବନ କରି ଗୃହୀ ଅସୁଲି କଲିନାହିଁ । ଅଁସୁନ୍

କରିବାରେ ବାଧା ମଧ୍ଯ ଦେଲ । ଶିଳ୍ପପତି ଏବଂ ବ୍ୟବସାୟୀମାନେ କୋଟା-ପଟ୍ଟା ଠିକା ଏବଂ ଋଣପ୍ରାପ୍ତି ନିମନ୍ତେ ରାଜନୈତିକ ଦଳମାନଙ୍କୁ ଚାନ୍ଦା ନ ଦେବାକୁ ଆହ୍ୱାନ ଦେଲି । ଏଥିରେ ଦଳର ବହୁତ ଲୋକ ମୋ ଉପରେ ବିରକ୍ତ ହେଲେ । ସ୍ୱତନ୍ତ୍ର ଦଳ ତ ଏଥିପାଇଁ ମୋ ଉପରେ ସାତିଶୟ କ୍ରୋଧିତ ଥିଲା ।

ମନ୍ତ୍ରୀମଣ୍ଡଳ ଗଠନର ପ୍ରାୟ ଏକମାସ ଅତିକ୍ରାନ୍ତ ହୋଇ ନ ଥାଏ । ଏପରି ସମୟରେ ଆମ ଦଳର ଏକ ବୈଠକ ହେଲା । ବୈଠକରେ ମନ୍ତ୍ରୀ-ମାନଙ୍କ ବିରୋଧରେ ତୀବ୍ର ସମାଲୋଚନା ହେଲା । ନିର୍ମଳ ଶାସନ ଧ୍ୱନିକୁ ନାପସନ୍ଦ କରାଗଲା । ମନ୍ତ୍ରୀ ନ ହେବା ଗୋଷ୍ଠୀ ମଧ୍ୟରୁ କେତେଜଣ ନିତାନ୍ତ ଅଯୌକ୍ତିକ ଏବଂ ଅବାସ୍ତବ ସମାଲୋଚନା କରିଥିଲେ । ମୁଁ ଜଣ ଜଣ କରି ସମସ୍ତଙ୍କୁ ପଚାରିଲି ଯେ, ସେମାନେ ମନ୍ତ୍ରୀମାନଙ୍କ ସମ୍ପର୍କରେ ଯେଉଁ ଅଭିଯୋଗ ଆଣୁଛନ୍ତି ତାହାର ପ୍ରମାଣ ଦିଅନ୍ତୁ । କେହି ଦେଇ ପାରିଲେ ନାହିଁ । ଏହି ସମସ୍ତ ଆଲୋଚନା-ସମାଲୋଚନାରୁ ଜଣାଗଲା ଯେ ଦଳରେ ଅଶୃଙ୍ଖଳା ସୃଷ୍ଟି କରାଗଲା କେତେକ ନେତାଙ୍କର ଆଶୀର୍ବାଦରୁ । ଭିତ୍ତିହୀନ ଅଭିଯୋଗ ଆଣିଥିବା ସଭ୍ୟମାନଙ୍କୁ ସାବଧାନ କରାଇ ଦେଲି ଯେ, ସେମାନେ ଭବିଷ୍ୟତରେ ଏପରି ଆଚରଣ ଦେଖାଇଲେ ଶୃଙ୍ଖଳାଗତ ଶାସ୍ତିବିଧାନ କରାଯିବ ।

ଖୋଲାଖୋଲି ଅଶୃଙ୍ଖଳା

ଆମ ଦଳ ଭିତରେ ପ୍ରଥମେ ୬ ଜଣଙ୍କୁ ନେଇ ଗୋଟିଏ ଉପଦଳ ସୃଷ୍ଟି କରାଗଲା । ଏହି ଉପଦଳଟି ଆମର ୨ ଜଣ ନେତାଙ୍କର ଇଙ୍ଗିତ ଏବଂ ଆଶୀର୍ବାଦରୁ ସୃଷ୍ଟି ହେଲା । ଏହି ନେତାଦ୍ୱୟ ଭୂତ ହୋଇ ଉତ୍ତେଜିତ କରାନ୍ତି ଏବଂ ଦରକାର ସମୟରେ ଗୁଣିଆ ହୋଇ ଉପଶମ କରାନ୍ତି । ମୁଁ ଏବଂ ଆଉ ୨।୩ ଜଣ ଶୃଙ୍ଖଳିତ ବ୍ୟକ୍ତି ଏ ଉପଦଳର ଅସ୍ତିତ୍ୱକୁ ନଜରକୁ ଆଣିଲୁ ନାହିଁ । ଏହା ଗୁଏଁ ଗୁଏଁ ମଉଳିଗଲା ।

ତାପରେ ଉଭୟ ସ୍ୱତନ୍ତ୍ର ଏବଂ ଜନ-କଂଗ୍ରେସ ଦଳର ଆଦିବାସୀ ଓ ହରିଜନ ସଭ୍ୟମାନଙ୍କୁ ନେଇ ପୁଣି ଏକ ଉପଦଳ ଗଠିତ ହେଲା । ଏହି

Digitized by PPRACHIN, SOA

ଦଳ ଗଠନରେ ଆମ ଦଳର ଉକ୍ତ ଦୁଇଜଣ ନେତୃସ୍ଥାନୀୟ ବ୍ୟକ୍ତିଙ୍କର ଆଶୀର୍ବାଦ ଥାଏ । ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମଧ୍ୟ ଏ କ୍ଷେତ୍ରରେ ତାଙ୍କ ଦଳକୁ ଆୟତ୍ତ କରି ପାରିଲେ ନାହିଁ । ଏ ଉପ-ଦଳର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଉପଯୁକ୍ତ ସଂଖ୍ୟାରେ ଆଦିବାସୀ-ହରିଜନମାନେ ମନ୍ତ୍ରୀ ମଣ୍ଡଳରେ ସ୍ଥାନ ପାଆନ୍ତୁ । ତାହା କରିପାରିବାରୁ ଏ ଗୋଷ୍ଠୀ ଭାଙ୍ଗିଗଲା ।

ଉପରୋକ୍ତ ଆଦିବାସୀ-ହରିଜନ ଗୋଷ୍ଠୀ ଭାଙ୍ଗିବା ପରେ ଆମ ଜନ-କଂଗ୍ରେସ ଦଳରେ ଉକ୍ତ ଦୁଇଜଣ ନେତାଙ୍କ ଆଶୀର୍ବାଦ ଓ ସମର୍ଥନରେ ୭ ଜଣଙ୍କୁ ନେଇ 'ପ୍ରଗତିଦଳ' ନାମରେ ଆଉ ଗୋଟିଏ ନୂଆ ଗୋଷ୍ଠୀ ସୃଷ୍ଟି ହେଲା । ଦାବୀ ଥିଲା ଯେ, ମନ୍ତ୍ରୀମାନେ ଦଳର ସଭ୍ୟଙ୍କ ଦାବୀ ଏବଂ ଅନୁରୋଧ ଅବଶ୍ୟ ପୂରଣ କରିବେ । ମୁଁ ଏବଂ ମୋର ସାଥୀମାନେ ଏପରି ଅବସ୍ଥା ଏବଂ ଉଦ୍ଭଟ ମତ ଅନୁସାରେ ଦାୟିତ୍ୱ ତୁଲାଇ ପାରିବୁ ନାହିଁ ବୋଲି ସ୍ପଷ୍ଟ କହିଦେଲୁ । କ୍ରମଶଃ ଏ ଉପଦଳ ଭାଙ୍ଗିଗଲା । ଏଥି ମଧ୍ୟରୁ ଦୁଇଜଣ ଦଳ ଛାଡ଼ି ପଳାଇଗଲେ ।

ଶାସନ ଭଙ୍ଗ ପାଇଁ ଉଦ୍ୟମ

ଆମ ଜନ-କଂଗ୍ରେସ ଦଳରେ ଅଶୃଙ୍ଖଳା ଦେଖାଗଲେ ସୁଦ୍ଧା ଅତ୍ୟନ୍ତ ଦୃଢ଼ ଭାବରେ ମୁଁ ଏବଂ ଆଉ କେତେଜଣ ବନ୍ଧୁ ରହିବାରୁ ଦଳର ବିଶୃଙ୍ଖଳାକାରୀଙ୍କର ଉଦ୍ୟମ ପଣ୍ଡ ହୋଇଗଲା । ଏ ଉଦ୍ୟମ ପଣ୍ଡ ହେବାର ଜାଣି ପୁଣି ସେହି ଗୋଷ୍ଠୀ ମଧ୍ୟରୁ କେତେକ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ । ସାରା ଭାରତ ବର୍ଷରେ ଜନ-କଂଗ୍ରେସ-ସ୍ୱତନ୍ତ୍ର ଦଳର ମିଳିତ ମନ୍ତ୍ରୀମଣ୍ଡଳର ସୁନାମ ବ୍ୟାପିଲା । ଏତେକ ଜମି ଖଜଣା ଇତ୍ୟାଦି ଉଠାଇ ଦେଲୁ । ବିଶେଷତଃ ଭାରତର ଅନ୍ୟାନ୍ୟ ପ୍ରଦେଶ, ଯଥା-ପ: ବଙ୍ଗଳା, ବିହାର, ଉତ୍ତରପ୍ରଦେଶ, ପଞ୍ଜାବ, ହରିଆନା, କେରଳ ପ୍ରଭୃତିର ମିଳିତ ମନ୍ତ୍ରୀମଣ୍ଡଳମାନ ପ୍ରତି ୩।୪ ମାସରେ ଭାଙ୍ଗି ବାରମ୍ବାର ମଧ୍ୟବର୍ତ୍ତୀକାଳୀନ ସାଧାରଣ ନିର୍ବାଚନ ହେବା ସ୍ଥଳେ, ଓଡ଼ିଶାର ମିଳିତ ମନ୍ତ୍ରୀମଣ୍ଡଳ ଦିନକୁ ଦିନ ସୁଦୃଢ଼ ହୋଇ ଭାରତର ଚତୁର୍ଦ୍ଦିଗରେ ତାର ଏବଂ ନେତାମାନଙ୍କର ସୁନାମ ବଢ଼ାଇଲା । ଏହା କଂଗ୍ରେସକୁ ଏବଂ ଆମ ଜନ-କଂଗ୍ରେସର କେତେକ

Digitized by PPRACHIN, SOA

ନେତାଙ୍କୁ ଅସହ୍ୟ ହେଲା । ମିଳିତ ମନ୍ତ୍ରୀମଣ୍ଡଳଟି ସ୍ଥାୟୀ ହେବାରୁ ଉଭୟ ଦଳର ଦଳପତିମାନଙ୍କୁ ପ୍ରଶଂସା ମିଳିଲା । ଏଥିରେ କାହାର ଗାତ୍ରଦାହ ହେଲା ତ କାହା ମନରେ ହତାଶା ଏବଂ ନୈରାଶ୍ୟ ଜାତ ହେଲା । ଏ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାକୁ ଆମ ନିଜ ଦଳରେ ଖୋଲାଖୋଲି ପ୍ରଚାର କରାଗଲା । କୁହାଯାଉଥାଏ ଯେ, ଏହା ଉତ୍ତମରୂପେ ପରିଚାଳିତ ହେଉନାହିଁ । ଏହାର ଦୋଷ-ତ୍ରୁଟି ବହୁତ ବଢ଼ିଯାଇଛି । କିନ୍ତୁ ଯେତେବେଳେ ଉଭୟ ମିଳିତ ଦଳର ଏମ୍. ଏଲ୍. ଏ. ମାନଙ୍କର ବୈଠକ ବସେ ସେତେବେଳେ ମୁଁ ଦାବୀ କରେ ଯେ, ସଭ୍ୟମାନେ ବାହାରେ ଏଠାରେ ସେଠାରେ କହୁଛନ୍ତି ଯେ, ଏ ମନ୍ତ୍ରୀମଣ୍ଡଳର ଦୋଷ-ତ୍ରୁଟି ଅଛି । ତେଣୁ କେଉଁ ମନ୍ତ୍ରୀଙ୍କର କ'ଣ ଦୋଷ-ତ୍ରୁଟି ଅଛି ସମାଲୋଚକମାନେ କହନ୍ତୁ । କେହି କିଛି ଦୋଷାରୋପ କରି ପାରନ୍ତି ନାହିଁ । ସମସ୍ତେ ନୀରବ ରହନ୍ତି ।

କିନ୍ତୁ ଯେତେବେଳେ ଏକା ଆମ ଦଳର ବୈଠକ ବସେ ସେତେବେଳେ ଉକ୍ତ ଗୋଷ୍ଠୀ ଦୋଷାରୋପ କରନ୍ତି ଯେ, ଜନ-କଂଗ୍ରେସ ଦଳ ପରି ଏକ ଗାନ୍ଧୀବାଦୀ ଏବଂ ପ୍ରଗତିଶୀଳ ଦଳ ସ୍ୱତନ୍ତ୍ର ଦଳ ପରି ଏକ ଅଣ-ଗାନ୍ଧୀବାଦୀ ଏବଂ ପ୍ରତିକ୍ରିୟାଶୀଳ ଦଳ ସଙ୍ଗେ କିପରି ମିଳିତ ମନ୍ତ୍ରୀ ମଣ୍ଡଳ ଚଳାଇବ । ମୁଁ ଉତ୍ତର ଦିଏ ଯେ, ଏକଥା ଆଗରୁ ଜାଣି କାହିଁକି ନିର୍ବାଚନ-ମେଣ୍ଟ କରାଗଲା । ସେତେବେଳେ ତ କରିନଥିଲେ ଭଲ ହୋଇଥାନ୍ତା । ନିର୍ବାଚନ ଏବଂ ଶାସନ ପରିଚାଳନା ମେଣ୍ଟ ତ କେବଳ ୨୧ ଦଫା ସମ୍ବଳିତ ବିଷୟବସ୍ତୁକୁ ନେଇ ହୋଇଛି । କୌଣସି ଦଳର ମତବାଦକୁ ଭିତ୍ତିକରି ହୋଇ ନାହିଁ । ତଦନୁସାରେ କେଉଁଠାରେ ବ୍ୟତିକ୍ରମ ହୋଇଛି ବା ହେଉଛି ତାହା ଦର୍ଶାଇଲେ ସୁଧାରିବା । ଯଦି ସ୍ୱତନ୍ତ୍ର ଦଳ ତ୍ରୁଟି ସୁଧାରିବା ପାଇଁ ରାଜି ନ ହେବେ ତେବେ ମନ୍ତ୍ରୀମଣ୍ଡଳ ଭାଙ୍ଗିବା । କେହି କୌଣସି ପ୍ରମାଣ ଦେଇ ପାରନ୍ତି ନାହିଁ । ସମସ୍ତେ ନୀରବ ରହନ୍ତି ।

ମୁଁ ପୁଣି କହେ ଯେ ଯଦି ପ୍ରଗତି ଓ ଗାନ୍ଧୀବାଦ ଏବଂ ପ୍ରତିକ୍ରିୟାବାଦ ପ୍ରଶ୍ନ ଉତ୍ଥାପନ କରାଯାଉଛି ତେବେ ତାହା ବିଚାର କରାଯାଉ । ଆମ ଦଳର ଦର୍ଶନ ହେଉଛି ପ୍ରଗତି ଏବଂ ଗାନ୍ଧୀବାଦ, ଅର୍ଥାତ୍ ଆମ ଜନ-କଂଗ୍ରେସ ହେଉଛି ପ୍ରଗତିଶୀଳ ଏବଂ ଗାନ୍ଧୀବାଦୀ ଦଳ । ସ୍ୱତନ୍ତ୍ର ଦଳ ହେଉଛି ପ୍ରତି-କ୍ରିୟାଶୀଳ ଏବଂ ଅଣ-ଗାନ୍ଧୀବାଦୀ ଦଳ । ମୁଁ ପ୍ରଶ୍ନ ପଚାରେ ଯେ, ବର୍ତ୍ତମାନ ସଭ୍ୟମାନେ କହନ୍ତୁ ଯେ, ଆମ ପ୍ରଗତିବାଦୀ ଦଳ ତରଫରୁ କେଉଁ ସଭ୍ୟ

Digitized by PPRACHIN, SOA

କେଉଁ ଦିନ କେଉଁ ପ୍ରଗତିଶୀଳ ଯୋଜନା ବା ପ୍ରସ୍ତାବ ସରକାରଙ୍କଠାରେ ଉପସ୍ଥାପିତ କରିଛନ୍ତି ଯାହାକୁ ପ୍ରତିକ୍ରିୟାଶୀଳ ସ୍ୱତନ୍ତ୍ର ଦଳ ବିରୋଧ କରିଛନ୍ତି ; କିମ୍ବା ଆମ ଗାନ୍ଧୀବାଦୀ ଦଳ କେଉଁ ଘଟଣାରେ ବା ବିଷୟରେ କେଉଁ ଗାନ୍ଧୀବାଦୀ କାର୍ଯ୍ୟକ୍ରମ ବା ଯୋଜନା ଥୋଇଛନ୍ତି ଯାହାକୁ ସ୍ୱତନ୍ତ୍ର ଦଳ ବିରୋଧ କରିଛନ୍ତି ? ଏହା ତ କେବେ ଆମ ଦଳର କୌଣସି ସଭ୍ୟ କରି ନ ଥାନ୍ତି । ତେଣୁ ନୀରବ ରହନ୍ତି । ଓଲଟି ମୁଁ ଆମ ଗାନ୍ଧୀବାଦୀ ଜନ-କଂଗ୍ରେସ ଦଳର ସଭ୍ୟ ଓ ନେତାମାନଙ୍କ ଉପରେ ଦୋଷ ଦେଇ କହେ ଯେ, ଆମେ ଗାନ୍ଧୀବାଦୀ ଦଳବୋଲି ବାହାରେ କହି ଦେଖାଇ ହେବା ସତ୍ତ୍ୱେ ଗାନ୍ଧୀବାଦର ନୈତିକ ଓ ମାନବିକ ନୀତି ନିଶା-ନିବାରଣକୁ ଉଠାଇ ଦେଇ ନିଶା-ପ୍ରସାରଣ କରିବାରେ ହତିଆର ହେଲେ । ଏହା କରିବାରେ ମହତାବ ବାବୁ ଏବଂ ବନମାଳୀ ବାବୁ ଓଗେର ଅଗ୍ରଣୀ ହେଲେ । ସେମାନେ ଉଭୟ ଦଳରେ ଏବଂ ମନ୍ତ୍ରୀ ମଣ୍ଡଳ ବୈଠକରେ ଏହାକୁ ଗୃହୀତ କରାଇ ନେଲେ । ମୁଁ ଏବଂ ସୁରେନ୍ଦ୍ର ବାବୁ ଓଗେର ଏହାର ବିରୋଧ କରିଥିଲୁ ଏବଂ ମନ୍ତ୍ରୀ-ମଣ୍ଡଳର ପ୍ରଚଳିତ ନୀତି ବିରୋଧରେ ଯାଇ ନିଶା-ପ୍ରସାରଣ କାର୍ଯ୍ୟରେ ଆମ୍ଭେମାନେ ବିରୋଧ କରୁଛୁ ବୋଲି ପ୍ରଚାର କରିଥିଲୁ । ଶୋଷଣ-ରହିତ ମାନବ ସମାଜ ଗଠନ ନିମନ୍ତେ ଗାନ୍ଧୀବାଦର ଗ୍ରାମ୍ୟ ଅର୍ଥନୀତି ବା ଆତ୍ମ-ନିର୍ଭରଶୀଳତା ଓ ଆତ୍ମ-ଆଭିମାନପୂର୍ବକ ସୁଖମୟ ଜୀବନଯାପନ ନୀତିକୁ କାର୍ଯ୍ୟକାରୀ କରୁଥିବା ଖଦୀ ଏବଂ ଗ୍ରାମୋଦ୍ୟୋଗ ଅନୁଷ୍ଠାନକୁ ବିଲୋପ କରିବା ନିମନ୍ତେ ଜନ-କଂଗ୍ରେସର କେତେକ ନେତା ଏବଂ ଏମ୍. ଏଲ୍. ଏ.-ମାନେ ହିଁ ଦାୟୀ ; ସ୍ୱତନ୍ତ୍ର ଦଳ ନୁହନ୍ତି । ତେବେ ଆମ ଦଳ ତ ପ୍ରଗତିବାଦ କାର୍ଯ୍ୟ କରିବାକୁ ଯୋଜନା କିମ୍ବା ପ୍ରସ୍ତାବ ରଖି ନାହିଁ ଏବଂ ଗାନ୍ଧୀବାଦର ଏକ ମୌଳିକ ନୀତିକୁ ଗାନ୍ଧୀ-ଜନ୍ମ ଶତ-ବାର୍ଷିକୀ ଉତ୍ସବ ବର୍ଷରେ ଧ୍ୱଂସ କରିଛୁ ; ତେଣୁ ଅକାରଣେ ସ୍ୱତନ୍ତ୍ର ଦଳକୁ ପ୍ରତିକ୍ରିୟାଶୀଳ ଏବଂ ଅଣ-ଗାନ୍ଧୀବାଦୀ ବୋଲି କହିବାର ମୂଲ୍ୟ କଣ ? ଦଳ ଏହା ବିଚାର କରନ୍ତୁ । ସମସ୍ତେ ନୀରବ ରହନ୍ତି । ସଭା ଭଙ୍ଗ ହୁଏ ।

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ହେବାକୁ ମୋତେ ପ୍ରଲୋଭନ

ବିନା କାରଣରେ ଶାସନ ଭାଙ୍ଗିବାକୁ ମୁଁ ଏବଂ ମୋର ମତବାଦୀ କେତେକ ସଭ୍ୟ ସର୍ବଶ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକ, ନିତ୍ୟାନନ୍ଦ ମହାପାତ୍ର ପ୍ରଭୃତି ରାଜି ନ ହେବାରୁ ମୋତେ ଶେଷକୁ ଏକ ପ୍ରଲୋଭନ ଦିଆଗଲା । ପ୍ରସ୍ତାବ ହେଉଥାଏ ଯେ କଂଗ୍ରେସର ୩୦ ଜଣ ସଭ୍ୟ, ଜନ-କଂଗ୍ରେସର ୨୫ ଜଣ ସଭ୍ୟ ଏବଂ ପି· ଏସ· ପିର ୨୧ ଜଣ ସଭ୍ୟ ଏପରି ୭୬ ଜଣ ସଭ୍ୟଙ୍କୁ ନେଇ ଏକ ନୂତନ ମନ୍ତ୍ରୀମଣ୍ଡଳ ଗଠିତ ହେଉ । ଏହି ନୂତନ ମନ୍ତ୍ରୀ ମଣ୍ଡଳରେ ମୁଁ ମୁଖ୍ୟମନ୍ତ୍ରୀ ହୁଏ । ବିନା କାରଣରେ ଜନ-କଂଗ୍ରେସ-ସ୍ୱତନ୍ତ୍ର ମନ୍ତ୍ରୀ ମଣ୍ଡଳ ଭାଙ୍ଗିବାର ପ୍ରୟୋଜନୀୟତା ନାହିଁ ବୋଲି କହି ମୁଁ ଦୃଢ଼ ରହେ । ମୁଖ୍ୟମନ୍ତ୍ରୀତ୍ୱ ମୋ ପକ୍ଷରେ ବଡ଼ କଥା ନୁହେ ; ବଡ଼ କଥା ଥାଏ ବିନା କାରଣରେ ଚୁକ୍ତି ଭଙ୍ଗ କରାଯିବା ଉଚିତ କି ନାହିଁ ? ୨୧ ଦଫା କାର୍ଯ୍ୟ-କ୍ରମକୁ ଭିତ୍ତିକରି ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରୀ ମଣ୍ଡଳ ଗଠିତ ହୋଇ-ଥାଏ । ଏ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମକୁ ଭିତ୍ତି କରି ଶାସନ କାର୍ଯ୍ୟ ସୁରୁଖୁରୁରେ ଚଳାଯାଉଥାଏ । କେବେ କୌଣସି ଘଟଣା ବା ବିଷୟରେ ଗୁରୁତର ମତଭେଦ ହୋଇ ନ ଥାଏ । ଯଦି କେଉଁଠାରେ କିଛି ହେଲା ତାକୁ ମୁଁ ଏବଂ ସୁରେନ୍ଦ୍ରବାବୁ ଉଭୟେ ସମାଧାନ କରିଦେଉଥାଉ । ସମୟେ ସମୟେ ଆପତ୍ତି ହେଉଥାଏ ଯେ ସ୍ୱତନ୍ତ୍ର ଦଳ ତରଫରୁ ଚାନ୍ଦା ଉଠାଯାଉଛି । ଆମ ଦଳ ତରଫରୁ ମୁଁ ଚାନ୍ଦା ଉଠାଉ ନାହିଁ । ତେଣୁ ଭାଙ୍ଗି ଦିଆଯାଉ । ମୁଁ କହେ ଯେ ନୂତନ ମନ୍ତ୍ରୀ ମଣ୍ଡଳ ହୋଇ ମୁଁ ପୁଣି ମୁଖ୍ୟମନ୍ତ୍ରୀ ହେଲେ ଚାନ୍ଦା ତ ଉଠାଇବି ନାହିଁ । ତେବେ ଏ ଶାସନ ଭାଙ୍ଗି ଲାଭ କଣ ହେବ ? ମୁଁ ଯୁକ୍ତି କରୁଥାଏ ଯେ, ଇଉରୋପରେ ସ୍କାଣ୍ଡିନେଭିଆନ୍ ଦେଶମାନଙ୍କରେ ମିଳିତ ମନ୍ତ୍ରୀମଣ୍ଡଳ ସର୍ବଦା ଲାଗି ରହିଛି । ପୂରା ଟର୍ମ ସମସ୍ତେ ଭୋଗ କରନ୍ତି । ଏଣିକି ଆମ ଭାରତ ବର୍ଷରେ ମଧ୍ୟ ପ୍ରାୟ ସବୁ ଷ୍ଟେଟ୍‌ରେ ଏବଂ ସମୟେ ସମୟେ କେନ୍ଦ୍ରରେ ମିଳିତ ମନ୍ତ୍ରୀ ମଣ୍ଡଳ ହେବାର ଅବସ୍ଥା ହୋଇ

Digitized by PPRACHIN, SOA

ଗଲେଣି । କିନ୍ତୁ ବର୍ତ୍ତମାନ ଭାରତ ବର୍ଷରେ ଯେଉଁ ୭୮ଟି ଷ୍ଟେଟରେ ମିଳିତ ମନ୍ତ୍ରୀମଣ୍ଡଳ ହୋଇଛି କ୍ଷମତା ଲୋଭ, ଗୁନ୍ଦା ଅସୂଲ, ଦଳ ବୃଦ୍ଧି, ପ୍ରିୟା-ପ୍ରୀତି ତୋଷଣ, ଅସହନଶୀଳତା ଏବଂ ନିଜ ଦଳର ଦର୍ଶନକୁ ଅବାସ୍ତବ ଭାବରେ କାର୍ଯ୍ୟକାରୀ କରିବାର ଅଗଣତାନ୍ତ୍ରିକ ମନୋଭାବ ଯୋଗୁଁ ମିଳିତ ମନ୍ତ୍ରୀମଣ୍ଡଳଗୁଡ଼ିକ କ୍ଷଣସ୍ଥାୟୀ ହୋଇ ଭାଙ୍ଗିପଡ଼ୁଛି । ଆମର ଓଡ଼ିଶାରେ ଉଭୟ ଦଳ ମଧ୍ୟରେ ଏ ଦୋଷ ଏ ଅବଧି ନ ଥିବାରୁ ଆମେ ସୁରୁଖୁରୁରେ ସରକାର ଚଳାଇ ଭାରତବର୍ଷର ଭାବୀ ରାଜନୀତି ଓ ଶାସନ ନୀତି ପାଇଁ ଏକ ଆଦର୍ଶ ଦେଖାଉଅଛୁ । ସେଥିପାଇଁ ସାରା ଭାରତ ବର୍ଷରେ ଆମର ସୁନାମ ହେଉଛି । ଦେଶର ଭବିଷ୍ୟତ ସ୍ୱାର୍ଥ ଏବଂ ଆମ ଦଳର ସୁନାମ ଦୃଷ୍ଟିରୁ ମୁଁ ବିନା କାରଣରେ ଏ ମିଳିତ ମନ୍ତ୍ରୀମଣ୍ଡଳକୁ ଭାଙ୍ଗି ମୁଖ୍ୟମନ୍ତ୍ରୀ ପଦକୁ ଉନ୍ନୀତ ହେବାକୁ ଇଚ୍ଛୁକ ନୁହେଁ । ମୋ ବିଚାରରେ ମୁଖ୍ୟ ମନ୍ତ୍ରୀତ୍ୱ ଅପେକ୍ଷା ଦେଶରେ ଭବିଷ୍ୟତ ସୁ-ଶାସନ ଏବଂ ବାସ୍ତବ ରାଜନୀତି ଓ ମୋ ଦଳ ତଥା ନେତାମାନଙ୍କର ସୁନାମ ବୃହତ୍ତର । ଦଳ ଶାସନ ଭାଙ୍ଗି ଦେଇ ପାରନ୍ତି, କିନ୍ତୁ ମୁଁ ମୁଖ୍ୟମନ୍ତ୍ରୀ ହେବା ନିମନ୍ତେ ଅକାରଣେ ଶାସନ ଭାଙ୍ଗିବାକୁ ରାଜି ହେବି ନାହିଁ ।

ମୋଠାରୁ ଏପରି ହତାଶ ହୋଇ ଶାସନଭଙ୍ଗକାରୀମାନେ ଚେଷ୍ଟା କଲେ ଯେ ପ୍ରଜା ସୋସାଲିଷ୍ଟ ଦଳ ସଙ୍ଗେ ମେଣ୍ଟ ବାନ୍ଧି ଉକ୍ତ ଦଳର ନେତା ଶ୍ରୀ ସୁରେନ୍ଦ୍ର ନାଥ ଦ୍ୱିବେଦୀଙ୍କୁ ମୁଖ୍ୟମନ୍ତ୍ରୀ କରାଇ ଏକ ନୂତନ ମନ୍ତ୍ରୀମଣ୍ଡଳ ଗଢ଼ିବେ । ପ୍ରଜା ସୋସାଲିଷ୍ଟମାନେ ସେତେବେଳେ ଓଡ଼ିଶା ଆସେମ୍ବ୍ଲିରେ ୨୧ ଜଣ ସଭ୍ୟ ଥାନ୍ତି । ଆମ ଦଳରୁ ମହତାବ ବାବୁଙ୍କ ସଙ୍ଗେ ୧୨।୧୪ ଜଣ ସଭ୍ୟ ଏହି ନୂତନ ପ୍ରସ୍ତାବିତ ମିଳିତ ମନ୍ତ୍ରୀମଣ୍ଡଳରେ ଯୋଗ ଦେଇ ପାରିଥାନ୍ତେ । କଂଗ୍ରେସ ଦଳର ୩୦ ଜଣ ଏବଂ କମ୍ୟୁନିଷ୍ଟ ଓ ସଂଯୁକ୍ତ ସୋସାଲିଷ୍ଟ ଦଳମାନଙ୍କର ୧୦ ଜଣ ପର୍ଯ୍ୟନ୍ତ ଏହି ମେଣ୍ଟରେ ଭୁକ୍ତ ହୋଇ-ଥାନ୍ତେ । ଏହିପରି ୭୩।୭୪ ଜଣ ସଭ୍ୟଙ୍କୁ ନେଇ ଆସେମ୍ବ୍ଲିରେ ସଂଖ୍ୟା-ଗରିଷ୍ଠତା ଦେଖାଇ ଶ୍ରୀ ଦ୍ୱିବେଦୀଙ୍କ ନେତୃତ୍ୱରେ ଏକ ନୂତନ ମିଳିତ ମନ୍ତ୍ରୀ-ମଣ୍ଡଳ ନିମନ୍ତେ ପ୍ରଗାଢ଼ ଉଦ୍ୟମ ଚାଲିଥିଲା । କିନ୍ତୁ ପ୍ରଜା ସୋସାଲିଷ୍ଟ ଦଳ ଏବଂ ଆମ ଦଳର ଉକ୍ତ ୧୨।୧୪ ଜଣ ସଭ୍ୟଙ୍କ ବ୍ୟତୀତ ଅନ୍ୟ ଦଳର ଏମ୍. ଏଲ୍. ଏ ମାନେ କହିଲେ ଯେ ପବିତ୍ର ବାବୁଙ୍କ ନେତୃତ୍ୱରେ ନୂତନ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ନ ହେଲେ ସେମାନେ ଯୋଗ ଦେବେ ନାହିଁ ।

Digitized by PPRACHIN, SOA

ମୁଁ ତ ରାଜି ନ ଥିଲି । ତେଣୁ ଉକ୍ତ ପ୍ରସ୍ତାବିତ ନୂତନ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହୋଇପାରିଲାନାହିଁ । ଉଦ୍ୟମକାରୀମାନେ ସୁରେନ୍ଦ୍ର ବାବୁଙ୍କୁ ବସ୍ତୁତଃ ଶିଶୁପାଳ ଅବସ୍ଥାରେ ପକାଇଦେଲେ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗି ଏହି ନୂତନ ମେଣ୍ଟରେ ଯୋଗ ଦେଇ ନେତୃତ୍ୱ ନେବାକୁ ଅନ୍ୟ ଦଳମାନଙ୍କର କେତେକ ବନ୍ଧୁ ମୋତେ ଅନୁରୋଧ କଲେ । ମୁଖ୍ୟମନ୍ତ୍ରୀତ୍ୱ ପାଇଁ ଏକ ମିଳିତ ମନ୍ତ୍ରୀ ମଣ୍ଡଳ ଭାଙ୍ଗିବାର ଚକ୍ରାନ୍ତମୂଳକ ଯୋଜନାର ମୁଁ ବିରୋଧ କଲି । ମୁଁ କହିଲି ଯେ ଅନ୍ୟାନ୍ୟ ସର୍ତ୍ତସବୁ ପୂରଣ ହେଲେ ମୁଦ୍ଧା ଯଦି ଦେଖାଯିବ ଯେ ସ୍ୱତନ୍ତ୍ର ଦଳ ଦୁର୍ନୀତି କରୁଛି ତେବେ ଶାସନ ହଠାତ୍ ଭାଙ୍ଗିଦିଆଯିବ । ପରେ ସ୍ୱତନ୍ତ୍ର ଦଳର କେନ୍ଦ୍ରାପଡ଼ା ସମ୍ପର୍କୀୟ ଘୋର ଦୁର୍ନୀତିର ପ୍ରମାଣ ପାଇବାରୁ ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗି ଦିଆଗଲା ।

ଶାସନ ଭଙ୍ଗ ଚେଷ୍ଟାର ଉଦ୍ଦେଶ୍ୟ

ଶାସନ ଭଙ୍ଗ ଚେଷ୍ଟାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଉଛି ମୋତେ ଜ: କ: ଦଳର ଦଳପତି ପଦରୁ ଅନ୍ତର କରିବା ; କାରଣ ମୁଁ ଉପମୁଖ୍ୟ ମନ୍ତ୍ରୀ ହିସାବରେ ଭିଜିଲାନ୍ସ ବିଭାଗର ମନ୍ତ୍ରୀ ଥାଇ ବହୁ ବ୍ୟବସାୟୀ ଏବଂ ଅଫିସରଙ୍କୁ ଦୁର୍ନୀତି କାରଣରୁ ଅଭିଯୁକ୍ତ କରାଇବାର ନିମିତ୍ତ ଥିଲି । ଏହି ଦୁର୍ନୀତିଗ୍ରସ୍ତ ବ୍ୟକ୍ତିମାନେ ରାଜନୀତି ଏବଂ ଶାସନ ମଣ୍ଡଳରେ ଥିବା ବ୍ୟକ୍ତିମାନଙ୍କୁ ମୋ ବିରୋଧରେ ପ୍ରଭାବିତ କରି ନାନା ପ୍ରକାର କୁତ୍ସା ରଚନା କରୁଥିଲେ । ଅଧିକନ୍ତୁ ଦୁର୍ନୀତି ନିବାରଣ ଉଦ୍ଦେଶ୍ୟରେ ପୂର୍ବୋକ୍ତମତେ ବହୁ ସ୍ଥାନରେ ସଭା ସମିତି କରି ଶିଳ୍ପ-ପତି, ବ୍ୟବସାୟୀ, କଣ୍ଟ୍ରାକ୍ଟର ଏବଂ ଆଡ଼ତଦାର ପ୍ରଭୃତିଙ୍କୁ ଉପଦେଶ ଦେଇ ଅନୁରୋଧ କରୁଥିଲି ଯେ, ସେମାନେ ରାଜନୈତିକ ଗୋଷ୍ଠୀ ଏବଂ ବ୍ୟକ୍ତିଙ୍କୁ ଗୁଣ୍ଡା ଦେଇ ସମାଜ ତଥା ସରକାରଙ୍କୁ ଆଉ କଳ-ଙ୍କିତ ନ କରି ନିଜକୁ ଦୁର୍ନୀତି ଅପରାଧରୁ ମୁକ୍ତ ଏବଂ ନିରାପଦ ରଖନ୍ତୁ । ଏଥିପାଇଁ କେତେକ ନେତା ମୋ ଉପରେ ଅତ୍ୟନ୍ତ କ୍ଷୁବ୍ଧ ଥିଲେ । ତେଣୁ ମୁଁ କିପରି ଦଳପତି ଏବଂ ମନ୍ତ୍ରୀ ଆସନରୁ ଓହରି ଆସିବି ସେଥିପାଇଁ ଉକ୍ତ ଚକ୍ରାନ୍ତ ହେଉଥିଲା । କିନ୍ତୁ ସ୍ୱତନ୍ତ୍ର ଦଳ ସଙ୍ଗେ ମିଳିତ ମନ୍ତ୍ରୀମଣ୍ଡଳରେ ଥିବା

Digitized by PPRACHIN, SOA

ପର୍ଯ୍ୟନ୍ତ ମୋତେ ହଠାତ୍ ଅନ୍ତର୍ଭୁକ୍ତ କରିବାର ଅବସ୍ଥା ନ ଥିଲା । ତେଣୁ ଚେଷ୍ଟା ହେଉଥିଲା ଯେ ପ୍ରଥମେ ଏ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗି ଦେଇ ଅନ୍ୟ ମିଳିତ ମନ୍ତ୍ରୀମଣ୍ଡଳ କରି ଦେବାର କିଛି ଦିନ ପରେ ମୋତେ ଦଳପତି ପଦରୁ ଏବଂ ଉପ-ମୁଖ୍ୟମନ୍ତ୍ରୀ ପଦରୁ ଅନ୍ତର କରିବାର ସୁବିଧା ହେବ । ଶାସନ ଭଙ୍ଗର ଅନ୍ୟାନ୍ୟ କାରଣ ହେଉଛି,

୧—ସ୍ୱତନ୍ତ୍ର ଦଳ ସଙ୍ଗେ ଆଉ ଅଧିକ ଦିନ ମିଳିତ ମନ୍ତ୍ରୀମଣ୍ଡଳ ଚାଲୁ ନ ରଖିବା ।

୨—କଂଗ୍ରେସରେ ଯୋଗ ଦେଇ ଶ୍ରୀମତୀ ଇନ୍ଦିରାଙ୍କ ନେତୃତ୍ୱରେ ଏକ ସର୍ବଭାରତୀୟ ଦଳରେ ରହିବ ।

୩—ସ୍ୱତନ୍ତ୍ର-ଜନକଂଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଭଙ୍ଗାଇ ଏକ ନୂତନ ମିଳିତ ମନ୍ତ୍ରୀମଣ୍ଡଳ ସୃଷ୍ଟି କରି ରାଜି ହେଲେ ଡ଼ଃ ମହତାବଙ୍କୁ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଉପବିଷ୍ଟ କରାଇ ନିଜ ନିଜର ଉଦ୍ଦେଶ୍ୟ ପୂରଣ କରିବା ଓ ସୁବିଧା ହାସଲ କରିବା ।

କିନ୍ତୁ ଶାସନ ଭଙ୍ଗର ଉଦ୍ଦେଶ୍ୟ ନିର୍ମଳ ଓ ମହତ୍ ନ ଥିବାରୁ ତାହା ଆମ୍ଭେମାନେ କରାଇ ଦେଲୁ ନାହିଁ ।

Digitized by PPRACHIN, SOA

ଭାରତର ରାଷ୍ଟ୍ରପତି ନିର୍ବାଚନରେ ମୋର ଆଭିମୁଖ୍ୟ ଓ ଭୂମିକା

ଭାରତର ରାଷ୍ଟ୍ରପତି ୫ ବର୍ଷ ପାଇଁ ନିଯୁକ୍ତ ପାଆନ୍ତି । ତାଙ୍କ ନିଯୁକ୍ତି ନିର୍ବାଚନଦ୍ୱାରା ହୁଏ । ଏଥିପାଇଁ ଜନସାଧାରଣ ଭୋଟ ଦିଅନ୍ତି ନାହିଁ । କେବଳ ପାର୍ଲିଆମେଣ୍ଟ ସଭ୍ୟ ଓ ରାଜ୍ୟ ଆସେମ୍ବ୍ଲି ମେମ୍ବରମାନେ ଭୋଟ ଦିଅନ୍ତି । ୧୯୬୭ରେ ଡ: ଜାକିର ହୁସେନ୍ ଭାରତର ରାଷ୍ଟ୍ରପତି ଭାବେ ୫ ବର୍ଷ ପାଇଁ ନିର୍ବାଚିତ ହୋଇଥିଲେ । ତାଙ୍କର କାର୍ଯ୍ୟକାଳ ୧୯୭୨ରେ ଶେଷ ହୋଇ ନୂତନ ନିର୍ବାଚନ ହୋଇଥାନ୍ତା । କିନ୍ତୁ ୧୯୬୯ରେ ତାଙ୍କର ମୃତ୍ୟୁ ହୋଇଯିବାରୁ ତାଙ୍କ ସ୍ଥାନରେ ଜଣେ ନୂତନ ରାଷ୍ଟ୍ରପତି ନିର୍ବାଚିତ ହେବାର କଥା ହେଲା ।

ଏତେବେଳକୁ ଭାରତର କେନ୍ଦ୍ର ଏବଂ ରାଜ୍ୟମାନଙ୍କରେ ମୋଟରେ କଂଗ୍ରେସର ଭୋଟ ସଂଖ୍ୟା ଅଧିକ ଥିଲା । ତେଣୁ କଂଗ୍ରେସର ଜଣେ ପ୍ରାର୍ଥୀ ନିଶ୍ଚୟ ଜିତିବାର କଥା । ଯଦି କେହି ସ୍ୱାଧୀନ ବ୍ୟକ୍ତି ବା ଦଳୀୟ ଲୋକ ଉକ୍ତ ପଦବୀ ପାଇଁ ସ୍ୱାଧୀନ ଭାବେ ପ୍ରାର୍ଥୀ ହୁଅନ୍ତି ସେ ନିଶ୍ଚୟ ପରାଜିତ ହୁଅନ୍ତେ ।

ନିୟମ ଅନୁସାରେ କଂଗ୍ରେସ ପାର୍ଲିଆମେଣ୍ଟାରୀ ବୋର୍ଡ ପ୍ରାର୍ଥୀ ମନୋନୟନ କଲେ । ପ୍ରାର୍ଥୀ ହେବାପାଇଁ ଶ୍ରୀ ଭି. ଭି. ଗିରି (ବର୍ତ୍ତମାନର ରାଷ୍ଟ୍ରପତି) ଏବଂ ଶ୍ରୀ ସଞ୍ଜୀବ ରେଡ୍ଡିଙ୍କ ନାମ ପାର୍ଲିଆମେଣ୍ଟାରି ବୋର୍ଡରେ ଉଠିଲା । ଶ୍ରୀମତୀ ଗାନ୍ଧୀ ପ୍ରଧାନ ମନ୍ତ୍ରୀ ଏବଂ ଉକ୍ତ ବୋର୍ଡର ଜଣେ ସଭ୍ୟା ହିସାବରେ ଥିଲେ । କଂଗ୍ରେସ ପାର୍ଲିଆମେଣ୍ଟାରି ବୋର୍ଡ ଶ୍ରୀ ସଞ୍ଜୀବ ରେଡ୍ଡିଙ୍କ ନାମ ବହୁମତରେ ଅନୁମୋଦନ କଲେ ଯେ, ସେ କଂଗ୍ରେସ ଦଳ ତରଫରୁ ପ୍ରାର୍ଥୀ ହେବେ । ଶ୍ରୀ ଗିରିଙ୍କ ପ୍ରାର୍ଥୀତ୍ୱ ଏହି ବୋର୍ଡ ଗ୍ରହଣ କଲେ ନାହିଁ । ଶ୍ରୀ ସଞ୍ଜୀବ ରେଡ୍ଡିଙ୍କ ନାମରେ ୩୮ଟି ପ୍ରସ୍ତାବ ନିର୍ବାଚନ କମିସନଙ୍କୁ ଦିଆଗଲା । ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଶ୍ରୀ ସଞ୍ଜୀବ ରେଡ୍ଡିଙ୍କ ନାମରେ ଗୋଟିଏ ପ୍ରାର୍ଥୀ ପତ୍ରର ପ୍ରସ୍ତାବକ ହିସାବରେ ପ୍ରାର୍ଥୀପତ୍ର ଦାଖଲ କଲେ ।

Digitized by PPRACHIN, SOA

ଇତି ମଧ୍ୟରେ କଙ୍ଗ୍ରେସ ପ୍ରାର୍ଥୀ ସମ୍ପର୍କରେ କଙ୍ଗ୍ରେସରେ ବିଭେଦ ଜନ୍ମିଲା । ଏ ବିଭେଦ ବିଶେଷତଃ କମ୍ୟୁନିଷ୍ଟ ଦଳର ଉଭୟ ଗୋଷ୍ଠୀ ସୃଷ୍ଟି କରାଇଲେ । କଙ୍ଗ୍ରେସରେ ଯେଉଁମାନେ କମ୍ୟୁନିଷ୍ଟ ଭାବାପନ୍ନ ଥିଲେ ସେମାନେ କମ୍ୟୁନିଷ୍ଟମାନଙ୍କ ସଙ୍ଗେ ମିଶି ସ୍ୱର ଉଠାଇଲେ ଯେ, ସେମାନେ ଶ୍ରୀ ରେଡ୍ଡିଙ୍କୁ ଭୋଟ ଦେବେ ନାହିଁ । କମ୍ୟୁନିଷ୍ଟମାନେ ତ ଦୃଢ଼ାନ୍ତ ଭାରତରେ କେନ୍ଦ୍ର କିମ୍ବା ରାଜ୍ୟମାନଙ୍କରେ ଦୃଢ଼ ସରକାର ନ ରହୁ । କୌଣସି ସୁଦୃଢ଼ ସର୍ବ-ଭାରତୀୟ ଦଳ ଭାରତକୁ ଶାସନ ନ କଲେ ତାଙ୍କୁ ସୁହାଇବ । ମୁଁ କମ୍ୟୁନିଷ୍ଟ ଥିଲେ ତାହା ଚାହାନ୍ତି । କଙ୍ଗ୍ରେସ ତ ଏକମାତ୍ର ସର୍ବବ୍ୟାପୀ ସର୍ବ-ଭାରତୀୟ ଦଳ ଥିଲା । ତେଣୁ ତାକୁ ଭାଙ୍ଗିଦେବାକୁ ସେମାନେ ଯେଉଁ ଚକ୍ରାନ୍ତ କଲେ କମ୍ୟୁନିଷ୍ଟ ଭାବାପନ୍ନ କଙ୍ଗ୍ରେସ ଲୋକେ ସେହି ଚକ୍ରାନ୍ତରେ ପଡ଼ିଲେ । ପ୍ରଗତି ନାମରେ କମ୍ୟୁନିଷ୍ଟ ଯାହା କରିବେ, ନ ବୁଝି ନ ବିଚାରି ପ୍ରଜା ସୋସାଲିଷ୍ଟ ପ୍ରତିଯୋଗିତା ବିଚାରରୁ ତାହା ଅବଶ୍ୟ କରିବେ । ନ କଲେ ସେମାନେ ପ୍ରତିକ୍ରିୟାଶୀଳ ବୋଲି ଆଖ୍ୟାୟିତ ହେବାର ଆଶଙ୍କା । ଅନ୍ୟାନ୍ୟ ଛୋଟ ଛୋଟ ପ୍ରଗତିବାଦୀ ଦଳ ଓ ଗୋଷ୍ଠୀମାନେ ମଧ୍ୟ ଏହି ପ୍ରଗତିବାଦୀ ହାୱାରେ ଉଡ଼ିବାକୁ ଲାଗିଲେ । ଫଳ ହେଲା, କଙ୍ଗ୍ରେସର ତାତ୍କାଳିକ 'ସିଣ୍ଡିକେଟ୍ ଗୋଷ୍ଠୀ' ଏବଂ 'ପ୍ରଗତିଶୀଳ ଗୋଷ୍ଠୀ' ଭିତରେ ଟଣା-ଓଟରା । ଇତି ମଧ୍ୟରେ କଙ୍ଗ୍ରେସର କେତେ ଭୋଟର ଏବଂ ବିରୋଧୀ ଦଳମାନେ ଉପ-ରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରିଙ୍କୁ ସ୍ୱାଧୀନ ପ୍ରାର୍ଥୀ ରୂପେ ଛିଡ଼ା ହେବା ପାଇଁ ମତାଇଲେ । ଶ୍ରୀ ଗିରି କଂଗ୍ରେସ ପ୍ରାର୍ଥୀରୂପେ ଉପ-ରାଷ୍ଟ୍ରପତି ଥିଲେ । ସେ ଉକ୍ତ ପଦବୀ ଏବଂ ଆସନରୁ ଇସ୍ତଫା ଦେଇ ସ୍ୱାଧୀନ ଭାବେ ରାଷ୍ଟ୍ରପତି ପଦ ପାଇଁ ପ୍ରାର୍ଥୀ ହେଲେ । ଆଶ୍ଚର୍ଯ୍ୟର କଥା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ମତ ବଦଳାଇ ନିଜେ ପ୍ରସ୍ତାବ କରିଥିବା ଦଳୀୟ ପ୍ରାର୍ଥୀ ଶ୍ରୀ ରେଡ୍ଡିଙ୍କୁ ପରିତ୍ୟାଗ କରି ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ଗିରିଙ୍କ ପ୍ରତି ଆକୃଷ୍ଟ ହୋଇ ଦଳର ଭୋଟରମାନଙ୍କୁ ଉପଦେଶ ଏବଂ ନିର୍ଦ୍ଦେଶ ଦେଲେ ଯେ, ସେମାନେ 'ବିବେକ ଅନୁସାରେ' ଯେଉଁ ପ୍ରାର୍ଥୀଙ୍କୁ ଇଚ୍ଛା କରିବେ ସେହି ପ୍ରାର୍ଥୀଙ୍କୁ ଭୋଟ ଦିଅନ୍ତୁ ।

ଏଥିପାଇଁ ଘୋର ପ୍ରଚାର ଚାଲିଲା । କୋଟି କୋଟି ଟଙ୍କା ଖର୍ଚ୍ଚ ହେଲା । ଡର ଧମକ ଚାଲିଲା । ଆମ ଓଡ଼ିଶାରେ କଙ୍ଗ୍ରେସ ବାଲା ମଧ୍ୟ ଗିରିଙ୍କର ପକ୍ଷପାତୀ ହେଲେ । କମ୍ୟୁନିଷ୍ଟ ଏବଂ ସୋସାଲିଷ୍ଟ ଓ ପ୍ରଜା-

Digitized by PPRACHIN, SOA

ସୋସାଲିଷ୍ଟ ତ ଗିରି-ପକ୍ଷପାତୀ ହେବାର କଥା । ସ୍ୱତନ୍ତ୍ର ବାଲ୍କଙ୍କର ତ ନିଜ ପ୍ରାର୍ଥୀ ଥାନ୍ତି । ବାକୀ ଜନ-କଂଗ୍ରେସର ୨୫ ଜଣ ଏମ୍.ଏଲ୍.ଏ. ଭୋଟ ଦେବେ । କିନ୍ତୁ ଆମ ଦଳର ସର୍ବଶ୍ରୀ ଡଃ ମହତାବ ଏବଂ ବନମାଳୀ ପଟ୍ଟନାୟକ ଶ୍ରୀ ଗିରିଙ୍କ ପାଇଁ ପ୍ରଚାର ଚଳାଇଥାନ୍ତି । ଆମ ଦଳ ବୈଠକରେ ମହତାବ ବାବୁଙ୍କ ତରଫରୁ ପ୍ରସ୍ତାବ ଆସିଲା ଯେ, ଦଳର ସମସ୍ତ ଏମ୍.ଏଲ୍.ଏ. ଶ୍ରୀ ଗିରିଙ୍କୁ ଭୋଟ ଦେବେ । କିନ୍ତୁ ମୁଁ ଏ ପ୍ରସ୍ତାବର ବିରୋଧରେ କହିଲି ଯେ, ଯେହେତୁ କଂଗ୍ରେସ ସର୍ବବୃହତ୍ ଦଳ ଏବଂ ଭାରତର ରାଜନୈତିକ ଐକ୍ୟ ଓ ଜାତୀୟ ଏବଂ ଭାବଗତ ଏକତା (National and Emotional Intigration) ଦୃଷ୍ଟିରୁ କଂଗ୍ରେସ ପ୍ରାର୍ଥୀ ଜିତିବା ଉଚିତ ତେଣୁ ଆମ ଦଳର ଭୋଟରମାନେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ରେଡ୍ଡିଙ୍କୁ ଭୋଟ ଦେବା ବିଧେୟ । ମୁଁ ପୁଣି କହିଲି ଯେ, କଂଗ୍ରେସ ଦଳର ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଗାନ୍ଧି ଯେତେବେଳେ ବିବେକ ଅନୁମୋଦିତ ଭୋଟ ଦେବା ପାଇଁ ତାଙ୍କ ଦଳର ଭୋଟରମାନଙ୍କୁ ସର୍ବସାଧାରଣ ଭାବରେ କହି ସାରିଲେଣି, ଆମ ଦଳ କଂଗ୍ରେସର ବିରୋଧୀ ଦଳ ହୋଇ କାହିଁକି ନିର୍ଦ୍ଦେଶ ଦେବ ଯେ, ଭୋଟରମାନେ ଏକ ନିର୍ଦ୍ଦିଷ୍ଟ ପ୍ରାର୍ଥୀଙ୍କୁ ଭୋଟ ଦେବେ । ଆମ ଦଳର ତ କେହି ପ୍ରାର୍ଥୀ ନାହାନ୍ତି । ତେଣୁ କୌଣସି ନିର୍ଦ୍ଦେଶନାମା ଦିଆଯିବା ଅନୁଚିତ । ଏତିକରେ କଥା ଶେଷ ହେଲା । ଓଡ଼ିଶାରୁ କଂଗ୍ରେସ ପ୍ରାର୍ଥୀ ମୋଟ ୧୫ଟି ଭୋଟ ପାଇଲେ । ବାକୀ ୧୨୫ ପର୍ଯ୍ୟନ୍ତ ଭୋଟ ସ୍ୱାଧୀନ ପ୍ରାର୍ଥୀ ଗିରି ପାଇଲେ । ଉକ୍ତ ୧୫ଟି ଭୋଟ ମଧ୍ୟରୁ ମୋ ଜାଣିବାରେ ଜନକଂଗ୍ରେସ ୯ଟି, କଂଗ୍ରେସ ୫ଟି ଏବଂ ସ୍ୱାଧୀନ ସଭ୍ୟ ୧ଟି ଭୋଟ ଦେଇଥିଲେ । ମୁଁ ଯୁକ୍ତି କରି ବୁଝାଇବାରୁ ଆମ ଦଳର ୯ଟି ଏବଂ ସ୍ୱାଧୀନ ସଭ୍ୟଙ୍କର ୧ଟି ଭୋଟ ଶ୍ରୀ ରେଡ୍ଡିଙ୍କୁ ମିଳିଲା । ଏଥିପାଇଁ ମୋତେ କେହି କହି ନଥିଲେ । ନାନା ଦୃଷ୍ଟିରୁ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ଗିରିଙ୍କୁ ଭୋଟ ଦେବାର ବିରୋଧ କରି କଂଗ୍ରେସ ପ୍ରାର୍ଥୀ ଶ୍ରୀ ରେଡ୍ଡିଙ୍କ ସପକ୍ଷରେ ଭୋଟ ନିଜେ ଦେଇ ଦିଆଇଥିଲି । ଶ୍ରୀ ଯୁକ୍ତ ଗିରି ଜିତିଲେ ।

ଶ୍ରୀ ଗିରି ଏବଂ ରେଡ୍ଡିଙ୍କ ମଧ୍ୟରେ ମୁଁ ଶ୍ରୀ ଗିରିଙ୍କୁ ପସନ୍ଦ କରିଥାନ୍ତି, ଯଦି ସେ କଂଗ୍ରେସ ପ୍ରାର୍ଥୀ ହୋଇଥାନ୍ତେ । ଶ୍ରୀ ଗିରି ତ ଉପରାଷ୍ଟ୍ରପତି ଥିଲେ । ନ୍ୟାୟତଃ ତାଙ୍କୁ ରାଷ୍ଟ୍ରପତି କରିବାର କଥା । ଅତି ବୟସ ହୋଇଯାଇ-ଥିବାରୁ କଂଗ୍ରେସ ପାର୍ଲିଆମେଣ୍ଟାରୀ ବୋର୍ଡ଼ ତାଙ୍କର ପ୍ରାର୍ଥୀତ୍ୱ ଗ୍ରହଣ କରି ପାରିଲା ନାହିଁ । ଶ୍ରୀ ସଞ୍ଜିବ ରେଡ୍ଡି ଯେ ଅତ୍ୟନ୍ତ ଉପଯୁକ୍ତ ପ୍ରାର୍ଥୀ ତାହା

Digitized by PPRACHIN, SOA

ନୁହେ । ସେ ଆଉ ୫ ବର୍ଷ ଅପେକ୍ଷା କରି ପାରିଥାନ୍ତେ । କିନ୍ତୁ କଙ୍ଗ୍ରେସ ପାର୍ଲିଆମେଣ୍ଟାରୀ ବୋର୍ଡ଼ ପ୍ରାର୍ଥୀ ରୂପେ ପସନ୍ଦ କଲେ । ୩ଜଣ ପ୍ରାର୍ଥୀ ନିର୍ବାଚନରେ ଲଢ଼ୁଥିଲେ । ଏମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଦଳ ପ୍ରାର୍ଥୀଙ୍କୁ ଜିତାଇବା କଷ୍ଟକର । ତେଣୁ ଭୋଟ ଦେଇ ତାହା ନଷ୍ଟ କରିବାର କାରଣ ମୁଁ ଦେଖିପାରୁନଥାଏ । ଭୋଟ ଦେଲେ ଶ୍ରୀ ଗିରି କିମ୍ବା ଶ୍ରୀ ରେଡ୍ଡିଙ୍କ ମଧ୍ୟରୁ ଜଣଙ୍କୁ ଦେବାକୁ ହେବ । ଗିରିଙ୍କୁ ଭୋଟ ନ ଦେବାର କାରଣ ହେଉଛି ଯେ, ସେ କମ୍ୟୁନିଷ୍ଟ ସମର୍ଥିତ ପ୍ରାର୍ଥୀ । ତାଙ୍କ ପ୍ରାର୍ଥୀତ୍ୱକୁ କମ୍ୟୁନିଷ୍ଟମାନେ ଆଗ୍ରହ ଉତ୍ସାହରେ ସମର୍ଥନ ଓ ପ୍ରଚାର କରିବାର କାରଣ ପୂର୍ବବର୍ତ୍ତୀ ଅନୁଚ୍ଛେଦରେ ମୁଁ ବର୍ଣ୍ଣନା କରିଛି । ଅତି ବୃଦ୍ଧ ବୟସରେ ଶ୍ରୀ ଗିରି କଙ୍ଗ୍ରେସ ଛାଡ଼ି କମ୍ୟୁନିଷ୍ଟଙ୍କ ଚକ୍ରାନ୍ତରେ ପଡ଼ି ପ୍ରାର୍ଥୀ ହେବାରୁ କଙ୍ଗ୍ରେସ ପରି ଏକ ସର୍ବ-ଭାରତୀୟ ଦଳରେ ବିଭେଦ ସୃଷ୍ଟି କରାଇ ପରିଶେଷରେ ତାକୁ ଭଙ୍ଗାଇବାର କାରଣ ହେଲେ । କଙ୍ଗ୍ରେସର ଦୋଷ, ଦୁର୍ବଳତା ଯୋଗୁଁ ଦଳ ତ୍ୟାଗ କରି-ଥିଲେ ମୁଁ ତାଙ୍କୁ ପସନ୍ଦ କରିଥାନ୍ତି । କିନ୍ତୁ ନିଜେ ପ୍ରାର୍ଥୀ ହୋଇ ପାରିଲେ ନାହିଁ ବୋଲି ଯେ ଦଳ ଛାଡ଼ିବେ ସେ ରାଷ୍ଟ୍ରପତି ହିସାବରେ କିମ୍ବା କୌଣସି ଉଚ୍ଚ ଆସନରେ ରହି ତାଙ୍କ ମହାନ୍ ଦାୟିତ୍ୱ ଏବଂ କ୍ଷମତା ନିଜ ବୁଦ୍ଧି ବିବେକଦ୍ୱାରା ପରିଚାଳିତ ହୋଇ ତୁଲାଇ ପାରିବେ ନାହିଁ ବୋଲି ମୋର ଧାରଣା । ତହିଁରେ ପୁଣି ତାଙ୍କ ପ୍ରତି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ସମର୍ଥନ । ଇନ୍ଦିରାଙ୍କ ସମର୍ଥନ ଯୋଗୁଁ କଙ୍ଗ୍ରେସର ବିଭାଜନ ହେଲା । କଙ୍ଗ୍ରେସକୁ ଭାଂଗିବାକୁ ଯେତେ ବିରୋଧୀ ଦଳ ଥିଲେ ସମସ୍ତେ ଚେଷ୍ଟା କରୁଥିଲେ, କିନ୍ତୁ ପାରୁନଥିଲେ । ବିରୋଧୀ ପକ୍ଷମାନଙ୍କର ସୁବିଧା ଦୃଷ୍ଟିରୁ ସେମାନେ ଯାହା ଚାହୁଁଥିଲେ ଶ୍ରୀମତୀ ଇନ୍ଦିରା ତାହା କରାଇ ଦେଲେ । ଆମେ ଅବଶ୍ୟ କଂଗ୍ରେସ ଛାଡ଼ିଥିଲୁ । କିନ୍ତୁ ଦୁର୍ଗତି କାରଣରୁ ତାହା କରିଥିଲୁ । କେନ୍ଦ୍ରରେ ଏକ ଦୃଢ଼ ଏବଂ ସ୍ଥାୟୀ ଶାସନ ରହୁ, ଏହା ଆମେ ଚାହୁଁଥିଲୁ । କିନ୍ତୁ କଂଗ୍ରେସ ବିଭାଜନ ପରେ ଶ୍ରୀମତୀ ଇନ୍ଦିରାଙ୍କ ନେତୃତ୍ୱରେ ପରିଚାଳିତ ଯେଉଁ କଂଗ୍ରେସ ହେଲା ତାହା ଅବଶ୍ୟ ବାହ୍ୟତଃ ସ୍ଥାୟୀ ଏବଂ ସୁଦୃଢ଼ ହେଲା । ମାତ୍ର ଏ ଦୃଢ଼ତା ଏବଂ ସ୍ଥାୟିତ୍ୱ ଅଳ୍ପ କ୍ଷଣସ୍ଥାୟୀ ଏବଂ ସ୍ୱଳ୍ପ ସମୟ ସୁଦୃଢ଼ ରହିବ । ଏହି କଂଗ୍ରେସର ଦୁର୍ବଳତା ଏବଂ ଅସ୍ଥାୟିତ୍ୱ ୨ ବର୍ଷ ମାତ୍ର ପୂର୍ଣ୍ଣ ହେଉ ନ ହେଉଣୁ ଜଣା ପଡ଼ିଲାଣି ।

Digitized by PPRACHIN, SOA

ଦଳ ଭଙ୍ଗ ପାଇଁ ଚକ୍ରାନ୍ତ ଏବଂ ଚେଷ୍ଟା

ଶାସନ ଭଙ୍ଗରେ ହତାଶ ଏବଂ ଅକୃତକାର୍ଯ୍ୟ ହୋଇ ଶେଷକୁ ସେହି ଗୋଷ୍ଠୀ ଚକ୍ରାନ୍ତ କଲେ ଯେ ଜନ-କଂଗ୍ରେସ ଦଳ ଭାଙ୍ଗି ଦିଆଯାଉ ; କାରଣ ବର୍ତ୍ତମାନ ପରିସ୍ଥିତିରେ ଏହାର ଅସ୍ତିତ୍ୱର ଅବକାଶ ନାହିଁ । ଏଥିରେ ମଧ୍ୟ ବହୁମତ ନ ପାଇବାରୁ ଚେଷ୍ଟା କରାଗଲା ଯେ ଏ ଦଳ ଶାସକ-କଂଗ୍ରେସ ଦଳ ସହିତ ନିର୍ବାଚନମେଣ୍ଟ କରୁ ଏବଂ ନିର୍ବାଚନ ପରେ ସେଥିରେ ମିଶିଯାଉ ।

ଏହି ପ୍ରସ୍ତାବଟି ମହତାବ ବାବୁ ବରାବର କହୁଥାନ୍ତି । ତାଙ୍କର ଅନ୍ତରଙ୍ଗ ଅନୁଗାମୀମାନେ ଏହାକୁ ସମର୍ଥନ କରୁଥାନ୍ତି । କିନ୍ତୁ କମିଟିରେ ଆବଶ୍ୟକ ପରିମାଣରେ ମତ ମିଳିପାରେ ନାହିଁ । ସର୍ବଶ୍ରୀ ହରେକୃଷ୍ଣ ମହତାବ, ବନମାଳୀ ପଟ୍ଟନାୟକ ଓ ଶାନ୍ତନୁ କୁମାର ଦାସ ପ୍ରଭୃତି ଜନ-କଂଗ୍ରେସର ଅସ୍ତିତ୍ୱର ନିଷ୍ପ୍ରୟୋଜନୀୟତାର ଯୁକ୍ତି ବାଢ଼ି ତାଙ୍କ ପ୍ରଜାତନ୍ତ୍ର ଖବର କାଗଜରେ ପ୍ରଚାର କରିବାରେ ଲାଗିଥାନ୍ତି ଯେ, ଇନ୍ଦିରା-କଂଗ୍ରେସ ସଙ୍ଗେ ଜନ-କଂଗ୍ରେସ ମିଶିଯାଉ । ସେମାନେ କାରଣ ଦେଖାଉଥିଲେ ଯେ ଯେହେତୁ ଇନ୍ଦିରା-କଂଗ୍ରେସର ପ୍ରଭାବ ଦେଶରେ ବେଶି ଏବଂ ତାହା ଏକ ସର୍ବ-ଭାରତୀୟ ଦଳ ତେଣୁ ସେଥିରେ ଯୋଗ ଦେବା ବିଧେୟ ।

କ—ଗିରିଙ୍କର ବିଜୟରେ ଦଳରେ ପ୍ରତିକ୍ରିୟା

ଏତେବେଳକୁ ତ ଶ୍ରୀ ଗିରିଙ୍କର ରାଷ୍ଟ୍ରପତି ପଦ ପାଇଁ ନିର୍ବାଚନରେ ଜୟଲାଭ ହୋଇ ଯାଇଥାଏ । ଶ୍ରୀ ଗିରିଙ୍କର ବିଜୟର ଅର୍ଥ ହେଉଛି ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ କମ୍ୟୁନିଷ୍ଟ ଗୋଷ୍ଠୀଙ୍କର ବିଜୟ । ପୂର୍ବୋକ୍ତ ଅନୁସାରେ ଆଗରୁ ତ ମହତାବ ବାବୁ ପ୍ରଭୃତି ଇନ୍ଦିରା କଂଗ୍ରେସରେ ଯୋଗ ଦେବାକୁ ଦଳ ଭିତରେ ଗଭୀର ଭାବରେ ପ୍ରଚାର ଚଳାଇଥିଲେ । ଶ୍ରୀ ଗିରିଙ୍କ ବିଜୟକୁ ଇନ୍ଦିରାଙ୍କ ବିଜୟ ବୋଲି ଯୁକ୍ତି ଦେଖାଇ ମହତାବ ବାବୁଙ୍କ ଗୋଷ୍ଠୀର ଲୋକେ

Digitized by PPRACHIN, SOA

ଦଳର ସଭ୍ୟମାନଙ୍କ ଉପରେ ଅନବରତ ଚାପ ପକାଉଥିଲେ ଯେ, ଆମ ଦଳ କଂଗ୍ରେସରେ ମିଶିଯିବା ପାଇଁ ଏଣିକି ଆଉ କାଳ ବିଳମ୍ବ ନ କରନ୍ତୁ । କିନ୍ତୁ ବହୁମତ ହେଉନଥାଏ । ଗିରିଙ୍କ ବିଜୟ ପରେ କଂଗ୍ରେସ ଦୁଇ ଭାଗରେ ବିଭକ୍ତ ହୋଇଗଲା । ଇନ୍ଦିରାଙ୍କ ନେତୃତ୍ୱରେ ଯେଉଁ ଗୋଷ୍ଠୀ ରହିଲା ତାହା ଶାସକ-କଂଗ୍ରେସ ଗୋଷ୍ଠୀରେ ନାମିତ ହେଲା । ତାତ୍କାଳିକ କଂଗ୍ରେସ-ସଭାପତି ଶ୍ରୀ ନିଜଲିଙ୍ଗପ୍ପାଙ୍କ ନେତୃତ୍ୱରେ ଯେଉଁ ଗୋଷ୍ଠୀ ରହିଲା ତାହା ସଂଗଠନ-କଂଗ୍ରେସ ନାମରେ ଅଭିହିତ ହେଲା ।

ଖ—କଂଗ୍ରେସ ବିଭାଜନରେ ଦଳରେ ପ୍ରତିକ୍ରିୟା

ଏହି ସମୟରେ ଇନ୍ଦିରା-ଗୋଷ୍ଠୀ କଂଗ୍ରେସର ଓଡ଼ିଶାରେ ଭଲ ସଂଗଠନ ନ ଥିଲା । ତେଣୁ ଓଡ଼ିଶା କଂଗ୍ରେସ ଲୋକେ ଶ୍ରୀ ବିଜୁ ପଟ୍ଟନାୟକଙ୍କର ନେତୃତ୍ୱରେ ସଂଗଠିତ ଉତ୍କଳ-କଂଗ୍ରେସର ପକ୍ଷପାତୀ ଥିଲେ । ଦିଲ୍ଲୀର ଶାସକ ବା ଇନ୍ଦିରା-କଂଗ୍ରେସ ଗୋଷ୍ଠୀ ସବୁବେଳେ ଇଚ୍ଛା କରୁଥାନ୍ତି ଯେ ଯଦି ଜନ-କଂଗ୍ରେସ ତାଙ୍କ ଦଳରେ ମିଶିଯାନ୍ତା ତେବେ ଶାସକ-କଂଗ୍ରେସ ଗୋଷ୍ଠୀର ଆସ୍ଥାନ ଓଡ଼ିଶାରେ ସୁଦୃଢ଼ ଏବଂ ସୁ-ପ୍ରସାରିତ ହୋଇଯାନ୍ତା । ମହତାବ ବାବୁଙ୍କ ପକ୍ଷପାତୀ ଲୋକେ ତ ଆଗରୁ ଇନ୍ଦିରାଙ୍କ ନେତୃତ୍ୱକୁ ସ୍ୱୀକାର କରି କଂଗ୍ରେସକୁ ଫେରିଯିବାକୁ ଉଦ୍ୟମ କରୁଥିଲେ । ବର୍ତ୍ତମାନ ପୁଣି ଇନ୍ଦିରା-କଂଗ୍ରେସର ପ୍ରବଳ ଇଚ୍ଛା ହେଉ ଥିଲା ଯେ ଜନ-କଂଗ୍ରେସ ତାଙ୍କ ଦଳର ଦାୟିତ୍ୱ ଓଡ଼ିଶାରେ ନେଉ । ଏଥିପାଇଁ ମହତାବ ବାବୁଙ୍କ ସଙ୍ଗେ ସବୁ ଆଲୋଚନା ହେଉଥାଏ । ଆମ ଦଳର ବହୁମତ ମିଶ୍ରଣ ସପକ୍ଷରେ ନ ଥିବାରୁ ଶେଷରେ ପ୍ରସ୍ତାବ ଆସିଲା ଯେ ଜନ-କଂଗ୍ରେସ ଯଦି ଶାସକ କଂଗ୍ରେସରେ ମିଶିବାକୁ ଅନିଚ୍ଛା ପ୍ରକାଶ କରୁଛି, ତେବେ ଜନ-କଂଗ୍ରେସ ଦଳ ଓଡ଼ିଶାରେ ଶାସକ କଂଗ୍ରେସ ବୋଲି ଗୃହୀତ ହୋଇ ଘୋଷିତ ହେଉ । ଏ ସମ୍ପର୍କରେ କଥାବାର୍ତ୍ତା ଏବଂ ପ୍ରବର୍ତ୍ତନା କରିବାକୁ ଶ୍ରୀ ଜଗଜୀବନ ରାମ ଓଡ଼ିଶା ଗସ୍ତରେ ଆସି ଆମ୍ଭମାନଙ୍କୁ ବୁଝାଇଲେ । ମୋତେ ବ୍ୟକ୍ତିଗତ ଭାବେ ମଧ୍ୟ ଅନୁରୋଧ କଲେ ଯେ ମୁଁ ଏଥିରେ ରାଜି ହୁଏ । ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନିକଟରୁ ମୋତେ ଏବଂ ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକଙ୍କ ନିକଟକୁ ଦିଲ୍ଲୀରୁ ଫୋନ ଆସିଲା ଯେ

Digitized by PPRACHIN, SOA

ଆମ୍ଭେମାନେ ଦିଲ୍ଲୀ ଗଲେ ତାଙ୍କ ସଙ୍ଗେ ସାକ୍ଷାତ କରିବୁ । ଦଳରୁ କ୍ଷମତା ନ ପାଇ ଶ୍ରୀ ବନମାଳୀ ପଟ୍ଟନାୟକ ଦିଲ୍ଲୀ ଯାଇ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ସଙ୍ଗେ ଜନ-କଙ୍ଗ୍ରେସ ଦଳର ଶାସକ କଂଗ୍ରେସ ଦଳ ସହିତ ମିଶ୍ରଣ ସମ୍ପର୍କରେ କ'ଣ କଥାବାର୍ତ୍ତା କରିନେଲେ । ଏଣେ ବିଦ୍ରୁଦନ ଆଗରୁ ଏବଂ ବିଶେଷତଃ ଶ୍ରୀ ଗିରିଙ୍କର ରାଷ୍ଟ୍ରପତି ନିର୍ବାଚନରେ ବିଜୟ ଲାଭ ପରେ ଶାସକ ବା ଇନ୍ଦିରା-କଂଗ୍ରେସ ଗଠିତ ହେଲା ଦିନଠାରୁ ମହତାବ ବାବୁ ତାଙ୍କ ଖବର କାଗଜ ଜରିଆରେ ପ୍ରବଳ ପ୍ରଚାର ଚଳାଇଥାନ୍ତି ଯେ, ଜନ-କଙ୍ଗ୍ରେସ ହୁଏତ ଶାସକ-କଙ୍ଗ୍ରେସରେ ମିଶିଯାଉ କିମ୍ବା ଜନ-କଙ୍ଗ୍ରେସ ଦଳ ଭାଙ୍ଗି ଦିଆଯାଉ । ତାପରେ ଯାର ଯେଉଁ ଦଳରେ ମିଶିବାର ଇଚ୍ଛା ସେ ସେହି ଦଳରେ ମିଶୁ । ମୁଁ କିନ୍ତୁ କହୁ ଥାଏ ଯେ ଜନ-କଙ୍ଗ୍ରେସ ପ୍ରାଦେଶିକ ଏବଂ କ୍ଷୁଦ୍ର ଦଳ ହେଲେ ସୁଦ୍ଧା ଏ ଦଳର ଅସ୍ତିତ୍ୱ ରହୁ । ତାପରେ ଯାହାର ଯେଉଁ ଦଳରେ ମିଶିବାର ଇଚ୍ଛା ସେ ସେହି ଦଳରେ ମିଶୁ । ଯେଉଁମାନେ ଏ କ୍ଷୁଦ୍ର ପ୍ରାଦେଶିକ ଦଳରେ ରହିବାକୁ ଇଚ୍ଛୁକ ସେମାନେ ଜନ-କଙ୍ଗ୍ରେସରେ ରହନ୍ତୁ । ଏଥିକୁ କୌଣସି ଉତ୍ତର ନ ଥାଏ । ପୂର୍ବୋକ୍ତ କର୍ମୀ ଏବଂ ମନ୍ତ୍ରୀମାନେ ମୋତେ ସମର୍ଥନ କରୁଥାନ୍ତି । ମହତାବଙ୍କ ମତାବଲମ୍ବୀମାନେ ଜନ-କଙ୍ଗ୍ରେସ ଦଳକୁ ଭାଙ୍ଗି ଶାସକ-କଙ୍ଗ୍ରେସରେ ମିଶିଯିବା ପାଇଁ ଯେଉଁ ପରିମାଣରେ ଆଗ୍ରହୀ ଏବଂ ବ୍ୟାକୁଳ ମୁଁ ଜନ-କଙ୍ଗ୍ରେସର ସ୍ୱାତନ୍ତ୍ର୍ୟ ରଖି ନିର୍ବାଚନ ଚଳାଇ ସୁଯୋଗ ମିଳିଲେ ଗାନ୍ଧୀ ମାର୍ଗରେ ଶାସନ ଚଳାଇବା ପାଇଁ ସେହି ପରିମାଣରେ ଦୃଢ଼ ଏବଂ ଅଟଳ ରହିଲି । ଏହି ଦୁଇ ବିରୋଧୀ ମତବାଦୀଙ୍କ ମଧ୍ୟରେ ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ ମଧ୍ୟସ୍ଥ ରୂପେ ରହି ତୀବ୍ରତାକୁ ଉପଶମ କରାଉଥାନ୍ତି । ଆମ ଦଳ ଭିତରେ ବିଶୃଙ୍ଖଳା, ଗୋଷ୍ଠୀବନ୍ଦୀ ଏବଂ ଶାସନ ଭଙ୍ଗ ଚେଷ୍ଟାର ଉଦ୍ଦେଶ୍ୟ ଇତିପୂର୍ବରୁ ବର୍ଣ୍ଣନା କରିଛି ।

ଗ—ପାର୍ଲିଆମେଣ୍ଟ ଭଙ୍ଗ ଏବଂ ଦଳ ଉପରେ ତାର ପ୍ରତିକ୍ରିୟା

୧୯୬୭ରେ ଭାରତ ବର୍ଷରେ ୪ର୍ଥ ସାଧାରଣ ନିର୍ବାଚନ ହୋଇଥିଲା । ଏଥିରେ ୭/୮ଟି ବୃହତ୍ତ ରାଜ୍ୟ ବା ପ୍ରଦେଶରେ କଙ୍ଗ୍ରେସର ସଂଖ୍ୟା-ଲଘିଷ୍ଠତା

Digitized by PPRACHIN, SOA

ହେବାରୁ ମିଳିତ ମନ୍ତ୍ରୀମଣ୍ଡଳମାନ ଶାସନ ଚଳାଉଥିଲେ । ଏହା ପୁଣି ଓଡ଼ିଶା ବ୍ୟତୀତ ଅନ୍ୟାନ୍ୟ ଅଳ୍ପକ୍ଷଣସ୍ଥାୟୀ ହୋଇ ଭାଙ୍ଗିଯାଉଥିଲା ଏବଂ ଉକ୍ତ ରାଜ୍ୟମାନଙ୍କରେ ମଧ୍ୟବର୍ତ୍ତୀ-କାଳୀନ ନିର୍ବାଚନ ହେଉଥିଲା । କେନ୍ଦ୍ରରେ ପାର୍ଲିଆମେଣ୍ଟରେ ଅଳ୍ପ ସଂଖ୍ୟା-ଗରିଷ୍ଠତାରେ କଙ୍ଗ୍ରେସର ଜୟଲାଭ ହୋଇ-ଥିଲା । କିନ୍ତୁ ଗିରିଙ୍କ ରାଷ୍ଟ୍ରପତି ନିର୍ବାଚନ ପରେ କଙ୍ଗ୍ରେସରେ ଅନ୍ତର୍ବିବାଦ ହୋଇ ତାହା ବିଭକ୍ତ ହେବାରୁ କଙ୍ଗ୍ରେସ ସଂଖ୍ୟାଲଘୁ ଦଳରେ ପରିଣତ ହେଲା, ଅର୍ଥାତ୍ ପାର୍ଲିଆମେଣ୍ଟରେ କଙ୍ଗ୍ରେସର କୌଣସି ଗୋଷ୍ଠୀର ୨୬୨ ସଭ୍ୟ ସଂଖ୍ୟା ବା ତହିଁରୁ ଊର୍ଦ୍ଧ୍ୱ ସଭ୍ୟ ସଂଖ୍ୟା ନ ଥିଲା । ତଥାପି ଶ୍ରୀମତୀ ଇନ୍ଦିରା ଗାନ୍ଧୀ କଙ୍ଗ୍ରେସର ସଂଖ୍ୟାଲଘୁ ପାର୍ଲିଆମେଣ୍ଟ ସଭ୍ୟଙ୍କୁ ନେଇ ବେ-ସାମ୍ବିଧାନିକ ଭାବେ ଶାସନ ଚଳାଇଲେ । ତାଙ୍କୁ ତ କମ୍ୟୁନିଷ୍ଟମାନେ ସମର୍ଥନ କରୁଥିଲେ । ସୌଭାଗ୍ୟତଃ ରାଷ୍ଟ୍ରପତି ଶ୍ରୀ ଗିରି ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଗୋଷ୍ଠୀ ଏବଂ କମ୍ୟୁନିଷ୍ଟମାନଙ୍କ ସମର୍ଥନରେ ନିର୍ବାଚନରେ ଜିତି ରାଷ୍ଟ୍ରପତି ପଦରେ ଆରୂଢ଼ ଥାନ୍ତି । ତେଣୁ ଶ୍ରୀମତୀ ଗାନ୍ଧୀ ବେ-ଆଇନ ଏବଂ ବେ-ସାମ୍ବିଧାନିକ ଭାବେ ଭାରତ ସରକାର ଚଳାଉଥାନ୍ତି । ଏଥିପାଇଁ ସାରା ଦେଶରେ ଆଲୋଚନା ସମାଲୋଚନା ହେଲା । ପାର୍ଲିଆମେଣ୍ଟରେ ସର୍ବଦା ଗଣ୍ଡଗୋଳ ଏବଂ ତୀବ୍ର ଆକ୍ଷେପ କରାଗଲା । ଆକ୍ଷେପ ଏବଂ ସମାଲୋଚନାର ତୀବ୍ର ବାଣରେ ବିଦ୍ଧ ହୋଇ ଶେଷକୁ ବାଧ୍ୟ ହୋଇ ନିଜ ସୁବିଧା ସମୟରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ୧୯୭୦ ନଭେମ୍ବର ମାସରେ ରାଷ୍ଟ୍ରପତିଙ୍କଦ୍ୱାରା ପାର୍ଲିଆମେଣ୍ଟ ଭଙ୍ଗାଇ ୧୯୭୧ ମାର୍ଚ୍ଚ ମାସ ୫ ତାରିଖରେ ପାର୍ଲିଆମେଣ୍ଟ ନିମନ୍ତେ ଭାରତରେ ସାଧାରଣ ନିର୍ବାଚନ ହେବ ବୋଲି ଘୋଷଣା କରାଇଲେ ।

ପାର୍ଲିଆମେଣ୍ଟ ଭଙ୍ଗର ପ୍ରତିକ୍ରିୟା ଆମ ଦଳ ଉପରେ ପଡ଼ିଲା । ମହତାବ ବାବୁଙ୍କର ମତବାଦୀମାନେ ପୁଣି ଦାବୀ କରୁଥାନ୍ତି ଯେ, ଜନ-କଙ୍ଗ୍ରେସ ଦଳ ଭାଙ୍ଗି ତାହା ଶାସକ କଙ୍ଗ୍ରେସରେ ମିଶିଯାଉ ଏବଂ କାଳ ବିଳମ୍ବ ନ କରି ସ୍ୱତନ୍ତ୍ର ସଙ୍ଗରୁ ମିଳିତ ମନ୍ତ୍ରୀମଣ୍ଡଳରୁ ଜନ-କଙ୍ଗ୍ରେସ ଦଳ ଓହରି ଆସୁ । ପ୍ରଚାରିତ ହେଲା ଯେ, କ୍ଷମତା ଲାଳସାରେ ପବିତ୍ର ବାବୁ ପ୍ରଭୃତି ଶାସନକୁ ଜାବୁଡ଼ି ଧରିଛନ୍ତି । ମହତାବ ବାବୁଙ୍କ ଗୋଷ୍ଠୀର ଅପପ୍ରଚାର ଖଣ୍ଡନ କରାଗଲା । ମୁଁ ବରାବର କହୁଥିଲି ଯେ, ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିବାର କାରଣ ନାହିଁ । ମୁଁ ଯଦି ସ୍ୱତନ୍ତ୍ର ଦଳର ମନ୍ତ୍ରୀଙ୍କର ଦୁର୍ନୀତିର ପ୍ରମାଣ ପାଇବି ତେବେ ମନ୍ତ୍ରୀମଣ୍ଡଳରୁ ଓହରି ଆସିବି ।

Digitized by PPRACHIN, SOA

ମୋର ତ କ୍ଷମତା ଲାଲସା ନ ଥିଲା ବା ନାହିଁ । ମୋର ରାଜନୈତିକ ଜୀବନଯାପନ, ଲୋକପ୍ରିୟତା, ଚରିତ୍ରବତ୍ତା ଏବଂ ନିର୍ବାଚନମାନଙ୍କରେ ବିଜୟ ଯୋଗୁଁ ଅବିଭକ୍ତ କଙ୍ଗ୍ରେସରେ ୪ଥର ମନ୍ତ୍ରୀ ହୋଇଥିଲି ଏବଂ ଜନ-କଙ୍ଗ୍ରେସର ଆସେମ୍ବ୍ଲି-ଦଳପତି ହିସାବରେ ମିଳିତ ମନ୍ତ୍ରୀମଣ୍ଡଳର ଉପ-ମୁଖ୍ୟମନ୍ତ୍ରୀ ହୋଇଥିଲି । କଙ୍ଗ୍ରେସ ନେତା ଏବଂ ମନ୍ତ୍ରୀଙ୍କର ଅକ୍ଷମଣୀୟ ଦୁର୍ନୀତି କାରଣରୁ କଙ୍ଗ୍ରେସ ପରିତ୍ୟାଗ କରି ଅନ୍ୟ ବନ୍ଧୁମାନଙ୍କ ସହଯୋଗରେ ଜନ-କଙ୍ଗ୍ରେସ ଗଠନପୂର୍ବକ ନିର୍ବାଚନରେ କଙ୍ଗ୍ରେସକୁ ହରାଇ ନିର୍ମଳ ଶାସନ ଉଦ୍ଦେଶ୍ୟରେ ମିଳିତ ମନ୍ତ୍ରୀମଣ୍ଡଳରେ ମନ୍ତ୍ରୀ ଥିଲି । ପ୍ରଗତି କିମ୍ବା ପ୍ରତିକ୍ରିୟାଶୀଳତା ବିଚାରରୁ ସ୍ୱତନ୍ତ୍ର ଦଳ ସଙ୍ଗେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବା, କିମ୍ବା ନ କରିବା, କିମ୍ବା ସେଥିରୁ ଓହରି ଆସିବା କାରଣ ମୁଁ ଆଗରୁ ଉଲ୍ଲେଖ କରିଛି । ଦଳର କେତେକ ନେତୃସ୍ଥାନୀୟ ବ୍ୟକ୍ତି, ବିଶେଷତଃ ଡଃ ମହତାବ ଯେହେତୁ ଏତେ ଜୋର ଏବଂ ଗୃପ ଦେଇ ଅପପ୍ରଚାର ଚଳାଉଛନ୍ତି ତେଣୁ ମନ୍ତ୍ରୀମଣ୍ଡଳରୁ ଜନ-କଙ୍ଗ୍ରେସ ତାର ସମର୍ଥନ ପ୍ରତ୍ୟାହାର କରି ନେବାର ସ୍ଥିର କଲା । ମୁଁ ଖୋଜୁଥିଲି ସୁଯୋଗ ; ତାହା ମିଳିଗଲା ।

ସ୍ୱତନ୍ତ୍ର ଦଳର ପ୍ରମାଣିତ ଦୁର୍ନୀତି

ସ୍ୱତନ୍ତ୍ର ଦଳ ହାତରେ ଜଙ୍ଗଲ ବିଭାଗ (Forest Port folio) ଥିଲା । କ୍ୟାବିନେଟ୍‌କୁ ନ ଜଣାଇ ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ତାଙ୍କ ଦଳର ପକ୍ଷପାତି କେତେକ କେନ୍ଦୁପତ୍ର ଠିକାଦାରଙ୍କୁ ଗୋପନରେ ବେ-ଆଇନ ଭାବରେ ପ୍ରାୟ ୫୦।୫୫ ଲକ୍ଷ ଟଙ୍କାର ରିହାତି (rebate and consession) ଦେଇ ଦେଲେ । ଏ ସମ୍ପର୍କୀୟ ଆଦେଶ ସେ ୧୯୭୦ ଅକ୍ଟୋବର-ନଭେମ୍ବର ମାସରେ ଦେଇଥିଲେ । ମୁଁ ଦାବୀ କଲି ଯେ, ଏ ଆଦେଶ ବେ-ଆଇନ । ଠିକାଦାର ରିହାତି ପାଇବାର ଯୁକ୍ତି, କାରଣ କିମ୍ବା ନିୟମ ନାହିଁ । ଏହି ଆଦେଶ କରିବାଦ୍ୱାରା ବସ୍ତୁତଃ ଦ୍ରୋହୀଜେଷୀ ତୋଷରପାତ୍ର ସ୍ୱରୂପ କାର୍ଯ୍ୟ ହେଲା । ମୁଁ ପୁଣି ଦାବୀ କଲି ଯେ, ଏହି ଅର୍ଡରର ବୈଧାନିକତା, ସମୀଚୀନତା ଏବଂ ଯଥାର୍ଥତା ସମ୍ପର୍କରେ କ୍ୟାବିନେଟ୍‌ରେ ବିଚାର କରାଯାଉ ।

Digitized by PPRACHIN, SOA

ମୁଖ୍ୟମନ୍ତ୍ରୀ ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହଦେଓ ଏ ବିଷୟ କ୍ୟାବିନେଟ୍‌କୁ ଆଣିବାକୁ ପ୍ରଥମେ ଟାଳମଟାଳ ପୂର୍ବକ ସମୟ ଗଡ଼ାଇଲେ । ସେ ତ ଜାଣି ବୁଝି ଚକ୍ରାନ୍ତ କରି ଏ ଘୋର ଦୁର୍ନୀତି କରିଥାନ୍ତି । କାବିନେଟ୍‌କୁ ନ ଜଣାଇ ଏହା କରିନେବାକୁ ଉଦ୍ଦେଶ୍ୟ ରଖି ଏପରି ହୁକୁମ କରିଥିଲେ । ମୁଁ ତ ପୂର୍ବରୁ ବହୁବାର କହିଛି ଯେ, ଦୁର୍ନୀତି ଦେଖିଲେ ମନ୍ତ୍ରୀମଣ୍ଡଳ ଭାଙ୍ଗିବ । ଏ ଦୁର୍ନୀତିରେ ତ ସ୍ୱତନ୍ତ୍ର ଦଳ ସିନ୍ଧି-ଗାତରେ ଧରା ପଡ଼ିଲା ପରି ଧରାହେଲେ । ତେଣୁ ଏହି ସୁଯୋଗରେ ମନ୍ତ୍ରୀମଣ୍ଡଳରୁ ଓହରି ଆସିବାର ନିଷ୍ପତ୍ତି ନେଇ ମାନ୍ୟବର ଗଭର୍ଣ୍ଣରଙ୍କୁ ଜଣାଇଦେଲୁ ଯେ, ଜନ-କଂଗ୍ରେସ ଦଳ ଏଣିକି ସ୍ୱତନ୍ତ୍ର ଦଳ ସଂଗେ ମନ୍ତ୍ରୀମଣ୍ଡଳରେ ଅଂଶୀଦାର ହେବ ନାହିଁ ; ଯେହେତୁ ସ୍ୱତନ୍ତ୍ର ଦଳ ବିଶେଷତଃ ମୁଖ୍ୟମନ୍ତ୍ରୀ ଘୋର ଦୁର୍ନୀତି କଲେ । ତେଣୁ ଏ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିଲା । ଏ ମିଳିତ ମନ୍ତ୍ରୀମଣ୍ଡଳ ୩ ବର୍ଷ ୧୦ ମାସ ରହିଥିଲା । ଭାରତ ବର୍ଷରେ ଏହା ସର୍ବଦୀର୍ଘ ମିଳିତ ମନ୍ତ୍ରୀମଣ୍ଡଳ । ଆମେ ୧୯୭୧ ~~ଡିସେମ୍ବର~~ ଜାନୁଆରୀ ମାସ ୫ ତାରିଖରେ ଇସ୍ତଫା ଦେଲୁ । ୧୯୭୧ ~~ଡିସେମ୍ବର~~ ଜାନୁଆରୀ ୯ ତାରିଖରେ ରାଷ୍ଟ୍ରପତି ଶାସନ ଜାରି ହେଲା ।

ଘ—ମନ୍ତ୍ରୀମଣ୍ଡଳ ଭାଙ୍ଗିଲା—କିନ୍ତୁ ଦଳ ରହିଲା

ମନ୍ତ୍ରୀମଣ୍ଡଳ ଭଂଗ ପରେ ମହତାବ ବାବୁଙ୍କ ପକ୍ଷପାତିମାନେ ଉତ୍ସାହିତ ହୋଇ ଦଳ ଭାଂଗିବାକୁ ଆପ୍ରାଣ ଚେଷ୍ଟା ଏବଂ ସର୍ବାଂଗୀନ ଚକ୍ରାନ୍ତ କଲେ । କିନ୍ତୁ ଦଳରେ କୌଣସି ପ୍ରକାରେ ବହୁମତ ହାସଲ କରି ନ ପାରି ଶେଷକୁ ମହତାବ ବାବୁ ୧୦ ଜଣ ଏମ. ଏଲ. ଏ.ଙ୍କୁ ସଂଗରେ ନେଇ ଦଳ ଛାଡ଼ି ଶାସକ କଂଗ୍ରେସରେ ଯୋଗ ଦେଲେ ।

ଙ—ମହତାବ ସ-ଗୋଷ୍ଠୀ ଦଳ ଛାଡ଼ିଲେ—ଦଳରେ ପ୍ରତିକ୍ରିୟା

ମହତାବ ବାବୁ ଜଣେ ସର୍ବଭାରତୀୟ ନେତୃସ୍ଥାନୀୟ ବ୍ୟକ୍ତି । ଓଡ଼ିଶା ଲୋକେ ତାଙ୍କୁ ଉତ୍କଳ କେଶରୀ ବୋଲି ଡାକନ୍ତି । ସେ ଏକାଧାରରେ

Digitized by PPRACHIN, SOA

କବି, ଲେଖକ, ଐତିହାସିକ, ସାହିତ୍ୟିକ, ସାମ୍ବାଦିକ, ପତ୍ରକାର ଏବଂ ରାଜନୀତିଜ୍ଞ ଅଟନ୍ତି । ସେ ଓଡ଼ିଶାର ମୁଖ୍ୟମନ୍ତ୍ରୀ, କେନ୍ଦ୍ରର ଶିଳ୍ପମନ୍ତ୍ରୀ ଏବଂ ବମ୍ବେର ଗଭର୍ଣ୍ଣର ଥିଲେ । ନିଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ଥିଲେ । ଆମ ଜନ-କଂଗ୍ରେସର ଓ ମିଳିତ ମନ୍ତ୍ରୀମଣ୍ଡଳର ସର୍ବମୟ କର୍ତ୍ତା ଥିଲେ ବୋଲି ଲୋକଙ୍କର ଧାରଣା । ତେଣୁ ତାଙ୍କର ସ-ଗୋଷ୍ଠୀ ଦଳତ୍ୟାଗ ଆମ ଜନ-କଂଗ୍ରେସ ପକ୍ଷରେ ପକ୍ଷାଘାତ ସ୍ୱରୂପ ହେଲା । ଯେଉଁମାନେ ଦଳତ୍ୟାଗ କଲେ ସେମାନେ ଅବଶ୍ୟ ଭାବିଥିବେ ଯେ, ଏତଦ୍ୱାରା ଜନ-କଂଗ୍ରେସର ଅସ୍ତିତ୍ୱ ଲୋପ ହେଲା । ଜନସାଧାରଣଙ୍କ ମନରେ ଆଶଙ୍କା ହେଲା ଯେ, ମହତାବଙ୍କ ସମେତ ତାଙ୍କ ମତବାଦୀଙ୍କ ଦଳ ତ୍ୟାଗ ପରେ ଜନ-କଂଗ୍ରେସ ରହି ନ ପାରେ । କେତେକ ଭାବିଲେ ଯେ, ଦେଖାଯାଉ, ପବିତ୍ରବାବୁଙ୍କ ଭଳି ଦୃଢ଼ ବ୍ୟକ୍ତି ଜନ-କଂଗ୍ରେସକୁ ରଖୁଛନ୍ତି କି ଭାଙ୍ଗୁଛନ୍ତି ।

କିନ୍ତୁ ଆମେ ଯେଉଁମାନେ ଦଳ ରଖିଲୁ ବେଶି ବିଚଳିତ ହେଲୁ ନାହିଁ । ଏତିକି ଭାବିଲୁ ଯେ, ଯେଉଁମାନେ ଦଳରେ ସମସ୍ତ ପ୍ରକାର ବିଶୃଙ୍ଖଳା ସୃଷ୍ଟି କଲେ ଏବଂ କରାଇଲେ ସେମାନଙ୍କର ଦଳତ୍ୟାଗ ଆମ ଦଳ ପ୍ରତି ଏକ ପ୍ରକାର ଅପ୍ରତ୍ୟକ୍ଷ କଲ୍ୟାଣ ଏବଂ ଛଦ୍ମ ବେଶରେ ମଙ୍ଗଳ ଅଟେ (Blessing in disguise) । ତଥାପି ଆମେ ଭାବିଲୁ ଯେ, ଏମାନେ ଯଦି ଆଗରୁ ଦଳ ତ୍ୟାଗ କରିଥାନ୍ତେ ଉତ୍ତମ ହୋଇଥାନ୍ତା । ନିର୍ବାଚନର ଅବ୍ୟବହିତ ପୂର୍ବରୁ ଦଳ ପରିତ୍ୟାଗ କରିବାରୁ ଆମ ଦଳର ଅଣ୍ଟା ଭାଙ୍ଗି-ଗଲା । କିନ୍ତୁ ମନରେ ଆଗ୍ରହ ଏବଂ ଉତ୍ସାହ ଜାତ ହେଲା ଯେ, ଶୃଙ୍ଖଳାର ସହିତ ଦଳକୁ ବ୍ୟାପକ ଭାବେ ସଂଗଠିତ କରିବାର ସୁବର୍ଣ୍ଣ ସୁଯୋଗ ମିଳିଲା । ମୁଁ ନିଶ୍ଚିତ ଆଶଙ୍କା କରୁଥିଲି ଯେ, ଡ: ମହତାବଙ୍କ ମନୋବୃତ୍ତିର ନେତା ଯେଉଁ ସ୍ଥାନକୁ ଯିବେ ସେଠାରେ ସେ ସ୍ଥିର ହୋଇ ରହି ପାରିବେ ନାହିଁ । କାର୍ଯ୍ୟକଳାପରେ ସମୟେ ସମୟେ ଅବଶ୍ୟ ଅଶୃଙ୍ଖଳା କରିବେ । ଆମ୍ଭେମାନେ ତାଙ୍କୁ ଅତ୍ୟନ୍ତ ଶ୍ରଦ୍ଧା ଏବଂ ଖାତିର କରୁ । ତେଣୁ ତାଙ୍କର ଅଶୃଙ୍ଖଳିତ କାର୍ଯ୍ୟକୁ ସହିଯାଉ । ଅନ୍ୟ କେହି ନୂତନ ଗୋଷ୍ଠୀ ତାଙ୍କ କାର୍ଯ୍ୟ-କଳାପ ପସନ୍ଦ ଏବଂ ସହ୍ୟ ନ କରି ଅବଶ୍ୟ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବେ । ମୋ ଆଶଙ୍କା ଠିକ୍ ହେଲା । କଂଗ୍ରେସରେ ମିଶିଲା ପରେ କଂଗ୍ରେସରେ ଯୋଗ ଦେଇଥିବା ନୂତନ ଲୋକେ ତାଙ୍କ ପ୍ରବେଶ ଏବଂ କେତେକ କାର୍ଯ୍ୟକୁ ନିଜର ରାଜନୈତିକ ସ୍ୱାର୍ଥ ଦୃଷ୍ଟିରୁ ବିପଦ ମନେ କଲେ । ତେଣୁ ଶୃଙ୍ଖଳାଗତ

Digitized by PPRACHIN, SOA

ଶାସ୍ତିବିଧାନ ଆଳରେ ତାଙ୍କୁ ଦଳରୁ ସସ୍‌ପେଣ୍ଡ କଲେ । ପରିଣତିରେ ମହତାବବାବୁ କଂଗ୍ରେସ ଶାସନକୁ ଭଙ୍ଗାଇ ଓଡ଼ିଶାରେ ୧୯୭୩ ମାର୍ଚ୍ଚ ମାସ ୩ ତାରିଖରେ ରାଷ୍ଟ୍ରପତି ଶାସନ ଜାରି କରାଇବାରେ କାରଣ ହେଲେ ଓ ସର୍ବଶ୍ରୀ ବିଜୁପଟ୍ଟନାୟକ, ଏବଂ ରାଜେନ୍ଦ୍ର ନାରାୟଣ ସିଂହଦେଓଙ୍କ ସଙ୍ଗେ ମିଶି 'ପ୍ରଗତି ଦଳ' ସୃଷ୍ଟି କଲେ । ଏ ନୂତନ ଦଳର ସ୍ଥାୟିତ୍ୱ ମଧ୍ୟ ଅସ୍ଥାୟୀ ହେବାର ଆଶଙ୍କା ; କାରଣ ବିପତ୍ତିରେ ପଡ଼ି ଏ ତିନି ଜଣ ବିରୋଧ-ମତବାଦୀ ନେତା ଅଗତ୍ୟା ଏକତ୍ରିତ ହେଲେ ।

Digitized by PPRACHIN, SOA

୧୯୭୧ ନିର୍ବାଚନ

ପୂର୍ବୋକ୍ତ ଅନୁସାରେ ଭାରତର ୫ମ ପାର୍ଲିଆମେଣ୍ଟ ସାଧାରଣ ନିର୍ବାଚନ ୧୯୭୨ରେ ନ ହୋଇ ୧୯୭୧ ମାର୍ଚ୍ଚରେ ହେଲା । ଆମ ମିଳିତ ସରକାର ଭାଙ୍ଗି ନଥିଲେ ଓଡ଼ିଶାରେ ୧୯୭୧ରେ କେବଳ ପାର୍ଲିଆମେଣ୍ଟ ନିର୍ବାଚନ ହୋଇଥାନ୍ତା । ଓଡ଼ିଶାର ସ୍ୱତନ୍ତ୍ର ଜନକଙ୍ଗ୍ରେସ ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗିଯିବାରୁ ରାଷ୍ଟ୍ରପତି ଶାସନ ଚାଲିଲା । ନାନା କାରଣରୁ ସ୍ଥିର କରାଗଲା ଯେ, ଓଡ଼ିଶାରେ ପାର୍ଲିଆମେଣ୍ଟ ନିର୍ବାଚନ ସଙ୍ଗେ ଆସେମ୍ବ୍ଲି ନିର୍ବାଚନ ହେବ । ଆମ ଜନକଙ୍ଗ୍ରେସ ଦଳ ନିର୍ବାଚନକୁ ଯିବାକୁ ବାଧ୍ୟ ହେଲା ।

ନିର୍ବାଚନ ପାଇଁ ଦଳ ପ୍ରସ୍ତୁତ ନ ଥିଲା । ଆମେ ଭାବିଥିଲୁ ଯେ, ମିଳିତ ମନ୍ତ୍ରୀମଣ୍ଡଳକୁ ପୂରା ୫ ବର୍ଷ ଚଳାଇ ଭାରତବର୍ଷ ନିମନ୍ତେ ଏକ ଜ୍ୱଳନ୍ତ ଆଦର୍ଶ ଥୋଇ ଦେବୁ । କିନ୍ତୁ ତାହା ତ ହୋଇ ପାରିଲା ନାହିଁ । ଅପ୍ରସ୍ତୁତ ଅବସ୍ଥାରେ ହଠାତ୍ ନିର୍ବାଚନକୁ ଯିବା ବେ-ରାଜନୈତିକତା ଅଟେ । କିନ୍ତୁ ବାଧ୍ୟ ହୋଇ ଯିବାକୁ ହେଲା ।

ଜନସାଧାରଣ ଏବଂ ଆମର କେତେକ କର୍ମୀ ଆଶଙ୍କା କରୁଥିଲେ ଯେ, ଯେହେତୁ ମହତାବ ଗୋଷ୍ଠୀ ଦଳ ଛାଡ଼ି ଚାଲିଗଲେ ତେଣୁ ଜନକଙ୍ଗ୍ରେସ ପ୍ରାର୍ଥୀ ଠିଆ କରାଇବା ପାଇଁ ଉପଯୁକ୍ତ ବ୍ୟକ୍ତି ପାଇବେ ନାହିଁ । କିନ୍ତୁ ସୁଖ ଓ ଆଶ୍ଚର୍ଯ୍ୟର କଥା ଯେ, ଆମ ଜନକଙ୍ଗ୍ରେସ ଦଳର ଟିକେଟରେ ପ୍ରାର୍ଥୀ ହେବାକୁ ବହୁତ ବ୍ୟକ୍ତି ଆଗ୍ରହ ପ୍ରକାଶ କଲେ । ଏକ ଏକ ନିର୍ବାଚନ ମଣ୍ଡଳୀ ପାଇଁ ୫।୭ ଜଣ ପ୍ରାର୍ଥୀ ଆବେଦନକାରୀ ହେଲେ । କେତେକ ଜିଲ୍ଲାରେ ଆଗ୍ରହୀ ପ୍ରାର୍ଥୀମାନେ ଇଚ୍ଛା କଲେ ଯେ, ସେମାନେ ଜନ-କଙ୍ଗ୍ରେସରୁ ଟିକେଟ ଏବଂ ନିକିତି-ସଙ୍କେତ (Scale-Symbol) ଗ୍ରହଣ କରନ୍ତୁ, ଟଙ୍କା ପଇସା ପ୍ରତି ଭ୍ରୂକ୍ଷେପ ନ କରି ଇଚ୍ଛା କରନ୍ତି ନାହିଁ । ଏଥିରୁ ସ୍ପଷ୍ଟ ଜଣାଯିବ ଯେ, ଡଃ ମହତାବଙ୍କ ସହିତ ତାଙ୍କ ଗୋଷ୍ଠୀର ଅନ୍ୟାନ୍ୟମାନେ ଜନ-କଙ୍ଗ୍ରେସରୁ ଦଳ-ତ୍ୟାଗ କଲେ ସୁଦ୍ଧା ଦଳର ସୁନାମରେ ସେତେ ଆଞ୍ଚ ଆସି ନ ଥିଲା ; ବରଂ ଦଳରୁ

Digitized by PPRACHIN, SOA

ବିଶୃଙ୍ଖଳାର ମୂଳ ସ୍ୱତଃ ଅପସାରିତ ହୋଇଥିଲା । ଦଳ ତରଫରୁ ଦଳ ଟିକଟରେ ୬୮ ଜଣ ଏବଂ ଦଳର ନାମରେ ସ୍ୱଇଚ୍ଛାରେ ୧୩ଜଣ ଏହିପରି ମୋଟରେ ୮୧ ଜଣ ପ୍ରାର୍ଥୀ ଠିଆ ହୋଇଥିଲେ ।

ଙ—ନିର୍ବାଚନରେ ବିପର୍ଯ୍ୟୟ

ଅପ୍ରସ୍ତୁତ ଅବସ୍ଥାରେ ଆମ ଜନ-କଂଗ୍ରେସ ଦଳ ନିର୍ବାଚନ କ୍ଷେତ୍ରରେ ବାଧାହୋଇ ଉପନୀତ ହେଲା । ତେଣୁ ଅନ୍ୟାନ୍ୟ କେତେକ ଦଳ ସହିତ ଜନ କଂଗ୍ରେସର ମହା ବିପର୍ଯ୍ୟୟ (debacle) ଘଟିଲା । ମୋ ସହିତ ଦଳର ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତି ନିର୍ବାଚନ ଲଢ଼େଇରେ ପରାଜିତ ହୋଇଗଲେ । ପ୍ରଜା-ସୋସାଲିଷ୍ଟ, ସଂଯୁକ୍ତ-ସୋସାଲିଷ୍ଟ ଏବଂ କମ୍ୟୁନିଷ୍ଟ ଦଳମାନଙ୍କର ମଧ ତଦ୍ରୂପ ଅବସ୍ଥା ହେଲା । ସ୍ୱତନ୍ତ୍ର ଦଳର ସଂଖ୍ୟା ବହୁ ପରିମାଣରେ କମିଗଲା । ଅନ୍ୟାନ୍ୟ ଦଳର ପ୍ରାୟ ସମସ୍ତ ନେତୃସ୍ଥାନୀୟ ବ୍ୟକ୍ତି, ଯଥା ସର୍ବଶ୍ରୀ ବିଜୁ ପଟ୍ଟନାୟକ, ସଦାଶିବ ତ୍ରିପାଠୀ, ବୀରେନ୍ ମିତ୍ର (ଏ ତିନିଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ), ପି· ଏସ୍· ପି· ନେତା ସର୍ବଶ୍ରୀ ସୁରେନ୍ଦ୍ର ଦ୍ୱିବେଦୀ, ରବି ଦାସ, ନିଶାମଣି ଖୁଣ୍ଟିଆ, କମ୍ୟୁନିଷ୍ଟ ନେତା ଲୋକନାଥ ଚୌଧୁରୀ, ସଂଗଠନ କଂଗ୍ରେସ ନେତା ବିଜୟ ପାଣି, ଧନବନ୍ଧୁ ସାହୁ, ଶ୍ରଦ୍ଧାକର ସୂପକାର, ସଂଯୁକ୍ତ ସୋସାଲିଷ୍ଟ ନେତା ରବି ରାୟ ଓ ନାରାୟଣ ସାହୁ ଏବଂ ସ୍ୱତନ୍ତ୍ର ନେତା ରାଜବଲ୍ଲଭ ମିଶ୍ର ଓ ହରିହର ପଟେଲ ଓଗେରେ ହାରିଗଲେ । ଶ୍ରୀ ବିଜୁ ପଟ୍ଟନାୟକ ୪ଟି ଆସେମ୍ବ୍ଲି ନିର୍ବାଚନ ମଣ୍ଡଳୀ ଏବଂ ଗୋଟିଏ ପାର୍ଲିଆମେଣ୍ଟ ନିର୍ବାଚନ ମଣ୍ଡଳୀରୁ ହାରିଗଲେ । ମୋର ପରାଜୟ ଦେଶବାସୀଙ୍କ ମନରେ ଦାରୁଣ ଆଘାତ ଜନ୍ମାଇଲା । ୧୯୫୭ ନିର୍ବାଚନଠାରୁ ପ୍ରତ୍ୟେକ ନିର୍ବାଚନରେ ମୁଁ ପ୍ରବଳପ୍ରତାପୀ ରାଜାମାନଙ୍କ ବିରୋଧରେ ଠିଆ ହୋଇ ଜୟଯୁକ୍ତ ହେଉଥିଲି । ୧୯୬୧ର ସାଧାରଣ ମଧ୍ୟ ବର୍ତ୍ତୀ ନିର୍ବାଚନରେ ଏବଂ ୧୯୬୭ ନିର୍ବାଚନମାନଙ୍କରେ ମୁଁ ଏକ ସଙ୍ଗେ ଦୁଇ ଦୁଇଟି ନିର୍ବାଚନ ମଣ୍ଡଳୀରେ ଦୁଇ ଦୁଇ ଜଣ ରାଜା ରାଣୀଙ୍କ ବିରୋଧରେ ଠିଆ ହୋଇ ସେମାନଙ୍କୁ ପରାଜିତ କରି ଆସୁଥିବାରୁ ମୋତେ ନିର୍ବାଚନ-ବୀର ବୋଲି

Digitized by PPRACHIN, SOA

କହୁଥିଲେ । ମୋର ପରାଜୟରେ ଦେଶବାସୀ ଦୁଃଖିତ ହୋଇ ନିର୍ବାଚନ ମଣ୍ଡଳୀର ଭୋଟଦାତାଙ୍କୁ ଅଭିଶାପ ଦେବାକୁ ଲାଗିଲେ । ଆମ ଦଳର ଶ୍ରୀ ହିମାଂଶୁ ଶେଖର ପାଢ଼ୀ ତାଙ୍କ ବୌଦ ନିର୍ବାଚନମଣ୍ଡଳୀରୁ ପୂର୍ବରୁ ୪ଥର ନିର୍ବାଚିତ ହୋଇଥିଲେ ସୁଦ୍ଧା ଏଥର ହାରିଗଲେ । ତାଳଚେରର ଭୋଟଦାତା ଆମ ଜନ-କଂଗ୍ରେସ ପ୍ରାର୍ଥୀ ଶ୍ରୀ ବୃନ୍ଦାବନ ବେହେରାଙ୍କୁ ଜୟଯୁକ୍ତ କରାଇଥିଲେ ।

(ଖ) ବିପର୍ଯ୍ୟୟର କାରଣ

ଆମ ଦଳର ବିପର୍ଯ୍ୟୟର କାରଣ ହେଉଛି : (୧) ଦଳର ନିର୍ବାଚନ ନିମନ୍ତେ ସମସ୍ତ ପ୍ରକାର ଅପ୍ରସ୍ତୁତି, (୨) ସଂଗଠନର ଅଭାବ, (୩) ଅର୍ଥ ଏବଂ ଯାନ-ବାହନର ଅଭାବ, (୪) ଦଳର ଅଶୃଙ୍ଖଳା, (୫) ମିଳିତ ମନ୍ତ୍ରୀମଣ୍ଡଳ ଏବଂ ବିଶେଷତଃ ଦଳ ଭଙ୍ଗର ପ୍ରଚାର, (୬) ଅନ୍ୟାନ୍ୟ ଦଳମାନଙ୍କର ଅବାସ୍ତବ, ଅକାର୍ଯ୍ୟକାରୀ ଏବଂ ଲୋଭଣିଆ ପ୍ରଚାର ଓ ଆମ ନିଜ ଦଳର ନିରାଟ ସତ୍ୟ ଓ ବାସ୍ତବ ପ୍ରଚାର ଏବଂ (୭) ଶାସନରେ ନିର୍ମଳତା ନିମନ୍ତେ କଠୋର ମାତ୍ରର କାର୍ଯ୍ୟକାରିତା ।

ଦଳର ବିଶୃଙ୍ଖଳା ଏବଂ ମିଳିତ ମନ୍ତ୍ରୀମଣ୍ଡଳ ଓ ଦଳ ଭଙ୍ଗର ପ୍ରଚାର ବିଷୟରେ ଇତିପୂର୍ବରୁ ଅତି ସଂକ୍ଷେପରେ କିନ୍ତୁ ସମ୍ୟକ ଭାବେ ବର୍ଣ୍ଣନା କରାଯାଇଛି । ନିର୍ବାଚନର ପ୍ରାୟ ୨ ବର୍ଷ ପୂର୍ବରୁ ଡ଼ଃ ମହତାବ ଓ ତାଙ୍କ ଅନୁଗାମୀମାନେ ଏ ସମ୍ପର୍କରେ ଯେଉଁ ମନୋଭାବ ନେଇ ସଭା-ସମିତି, ଘରୋଇ କମିଟି, ବୈଠକମାନଙ୍କରେ ଆଲୋଚନା କଲେ ତାହା ଖବର କାଗଜମାନଙ୍କରେ ବହୁଳ ଭାବେ ପ୍ରକାଶିତ ହେଲା । ତାର ପରିଣତି ଦଳର ଅସ୍ତିତ୍ୱ ସମ୍ପର୍କରେ ପ୍ରତିକୂଳ ହେଲା । ନିର୍ବାଚନର ୪୦।୪୫ ଦିନ ପୂର୍ବରୁ ମହତାବ ବାବୁ ତାଙ୍କ ମତବାଦୀଙ୍କ ସହ ଦଳ ପରିତ୍ୟାଗ କରି ଶାସକ-ଦଳରେ ମିଶିଯିବାରୁ ଆମ ଦଳର ଅସ୍ତିତ୍ୱରେ ଭୋଟଦାତାମାନେ ସନ୍ଦିଗ୍ଧ ହେଲେ । ତେଣୁ ବିପର୍ଯ୍ୟୟର ଏହା ସର୍ବପ୍ରଧାନ କାରଣ ଅଟେ । ଅନ୍ୟାନ୍ୟ ଦଳ ବିଶେଷତଃ ଉତ୍କଳ-କଂଗ୍ରେସ (ବିଜୁ ପଟ୍ଟନାୟକଙ୍କ ଦଳ) ଏବଂ ଶାସକ-କଂଗ୍ରେସ ଦଳମାନଙ୍କ ତାହାମିଛି ଏବଂ ଅବାସ୍ତବ ପ୍ରତିଶ୍ରୁତି ପ୍ରଚାରରେ ଆମ ଜନ-କଂଗ୍ରେସ ଦଳର ବାସ୍ତବ

Digitized by PPRACHIN, SOA

ପ୍ରଚାର ଓ ପ୍ରତିଶ୍ରୁତି ଜନତାକୁ ପ୍ରଲୋଭିତ କରିପାରିଲାନାହିଁ । ଉତ୍କଳ-କଂଗ୍ରେସର ପ୍ରଚାର ଥିଲା ଯେ ତାଙ୍କୁ ଭୋଟ ଦେଲେ ମାଇନରଠାରୁ ଉପରକୁ ଯେଉଁ ବିଭାଗ ଚାକିରି ପାଇଁ ଯେତେ ଲୋକ ପାଠ ପଢ଼ିଥିବେ ବର୍ଷକ ଭିତରେ ସମସ୍ତଙ୍କୁ ଚାକିରି ଦେଇ ଓଡ଼ିଶାର କ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ସମସ୍ତ ଟାଉନକୁ ବମ୍ବେ-ମାଡ୍ରାଜ-ଦିଲ୍ଲୀ କଲିକତା ସଦୃଶ ଉନ୍ନତ କରିଦେବେ । ଶାସକ କଂଗ୍ରେସର ପ୍ରଚାର ଥିଲା ଯେ, ବିଜୁ ପଟ୍ଟନାୟକ ଚାକିରି ଦେବା ବିଷୟରେ ଯେଉଁ ପ୍ରତିଶ୍ରୁତି ଦେଉଛନ୍ତି ଶାସକ କଂଗ୍ରେସ ତାଠାରୁ ଅଧିକ କରିବ । ଚାକିରି ଉପରେ ବିଜୁ ପଟ୍ଟନାୟକଙ୍କଠାରୁ ବଳି କିଛି ବେଶୀ କରିବ, ଅର୍ଥାତ୍ ସାମ୍ୟବାଦ ସମାଜ ଗଠନ କରି ପାଠୁଆଙ୍କୁ ଚାକିରି, ଅପାଠୁଆ ଏବଂ ନିକମା ଲୋକଙ୍କୁ କାମ, ଜମିହୀନକୁ ଜମି ଏବଂ ଧନହୀନକୁ ଧନ ଦେଇ ଦାରିଦ୍ର୍ୟ ଦୂର କରିବ ; ଗରିବୀ ହଟାଇବ । ଆମ ଜନ-କଂଗ୍ରେସ ଦଳର ପ୍ରଚାର ଥିଲା ଅତ୍ୟନ୍ତ ବାସ୍ତବ ଓ କାର୍ଯ୍ୟକାରୀ । ଆମେ କହୁଥିଲୁ ଯେ ପାଠୁଆ ସଂଖ୍ୟା ଅନୁପାତରେ ଚାକିରି ସଂଖ୍ୟା ଖୁବ କମ୍ ଥିବାରୁ ପାଠୁଆ-ଅକର୍ମା ସମସ୍ୟା ଜଟିଳ ହେବ । ହଠାତ୍ ଏହା ସୁଧାରି ହେବ ନାହିଁ । ଅବଶ୍ୟ ଶିକ୍ଷିତ ଏବଂ ଅଶିକ୍ଷିତଙ୍କ ବେକାରୀ ଦୂରୀକରଣ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରାଯିବ । ଆତ୍ମ-ନିର୍ଭରଶୀଳତା ନିମନ୍ତେ ଆତ୍ମ-ପରିଶ୍ରମର ପ୍ରେରଣା, ଆତ୍ମନିଯୁକ୍ତିର ବ୍ୟବସ୍ଥା ସାଧ୍ୟମତେ କରାଯିବ । କିନ୍ତୁ ମାଜିକ ପରି ହଠାତ୍ ଦାରିଦ୍ର୍ୟ ଦୂର ହୋଇପାରିବ ନାହିଁ, କିମ୍ବା ସବୁ ପାଠୁଆ ଏବଂ ଅର୍ଦ୍ଧପାଠୁଆଙ୍କୁ ବର୍ଷକ ଭିତରେ ଚାକିରି ଦିଆଯାଇ ପାରିବ ନାହିଁ । ଉତ୍ତମ ଏବଂ ସୁଖମୟ ସମାଜ ଗଠନ ନିମନ୍ତେ ନୀତି ନିୟମ ଏବଂ ଆଇନ କାନୁନ୍ ଅନୁମୋଦିତ ଶାସନ ଚଳାଇ ଦେଶର ବଦ୍ ଖର୍ଚ୍ଚକୁ ବନ୍ଦ କରି ଲୋକହିତକର କାର୍ଯ୍ୟରେ ଅଧିକାଂଶ ଅର୍ଥ ବ୍ୟୟ କରାଇ ଲୋକଙ୍କର ଆର୍ଥିକ ଅବସ୍ଥା କ୍ରମଶଃ ଉନ୍ନତ କରାଯିବ । ଫଳରେ ଜୀବନ ଧାରଣର ମାନଦଣ୍ଡ ବୃଦ୍ଧି ହେବ ଇତ୍ୟାଦି ଇତ୍ୟାଦି । ଏ ଦୁଇ ଦଳର ଯେଉଁ ଅଞ୍ଚଳରେ ପ୍ରଭାବ ଆମ ଜନ-କଂଗ୍ରେସର ମଧ୍ୟ ସେହି ଅଞ୍ଚଳରେ ପ୍ରଭାବ ଥିଲା । ଏମାନଙ୍କ ପ୍ରଚାରରେ ଆମ ଜନ-କଂଗ୍ରେସ ପେଷି ହୋଇଗଲା । ଆମ ଜନ-କଂଗ୍ରେସର ବାସ୍ତବ ପ୍ରଚାର ଓ ଉକ୍ତ ଦୁଇ ଦଳର ଅବାସ୍ତବ ଏବଂ ଭୁଲାଣିଆ ପ୍ରଚାର ଆମ ଜନ-କଂଗ୍ରେସର ବିପର୍ଯ୍ୟୟର ଅନ୍ୟ ଏକ ପ୍ରଧାନ କାରଣ ଅଟେ । ଆମେ ନିର୍ବାଚନ ପାଇଁ ପ୍ରସ୍ତୁତ ନ ଥିଲୁ । ହଠାତ୍ ଏହା ଆମ ଉପରେ ଲଦିଦିଆଗଲା । ପ୍ରାକ୍ ନିର୍ବାଚନ ସଂଗଠନ ଏବଂ

Digitized by PPRACHIN, SOA

ପ୍ରଚାର ଆଦୌ ନ ଥିଲା । ଅର୍ଥ ଏବଂ ଯାନବାହନର ତୀବ୍ର ଅଭାବ ଥିଲା । ତେଣୁ ଏ ବିପର୍ଯ୍ୟୟ ।

(ଗ) ନିର୍ବାଚନ-ବିପର୍ଯ୍ୟୟରେ ପ୍ରତିକ୍ରିୟା

ଆମ ଜନ-କଂଗ୍ରେସ ଦଳର ବିପର୍ଯ୍ୟୟରେ ଜନତା ଯେପରି ଦୁଃଖିତ ଆମ ନେତା ଏବଂ କର୍ମୀମାନେ ତଦପେକ୍ଷା ଅଧିକତର ହତାଶ, ମର୍ମାହତ ଏବଂ ଦୁଃଖିତ ହେଲେ । ଦଳର ଏବଂ ମୋ ନିଜର ପରାଜୟରେ ମୁଁ ନିଜେ ଦୁଃଖିତ କିମ୍ବା ବିଚଳିତ ହେଲି ନାହିଁ । ଜୀବନରେ ନିର୍ବାଚନରେ କେବେ ପରାଜୟ କଥା ବିଚାର କରେ ନାହିଁ । ଯେଉଁ ଢେଙ୍କାନାଳ ରାଜାଙ୍କୁ କଂଗ୍ରେସର ସୁଚରିତ୍ରବାନ ଏବଂ ଉଚ୍ଚ ଶିକ୍ଷିତ ପ୍ରାର୍ଥୀମାନେ ହରାଇ ନ ପାରି ନିଜେ ପରାଜିତ ହୋଇଥିଲେ ସେହି ରାଜାଙ୍କୁ ଅନାୟାସରେ ପରାଜିତ କରିଥିଲି । ତାଳଚେର ରାଜା ତ ମୋ ବିରୋଧରେ ଠିଆ ହୋଇ ବରାବର ହାରିଥିଲେ । ଦେଓଗଡ଼ ରାଣୀ ତ ହାରିଥିଲେ । ମୋ ବିରୋଧରେ ଯେତେବେଳେ ଯେ ଠିଆ ହୋଇଥିଲେ ସେ ହାରିଥିଲେ । ଏଥର କିନ୍ତୁ ଫଳ ବିପରୀତ ହେଲା । ମୋ ଦଳ ତ ଶାସନରେ ଥାଇ ଏପରି କିଛି ଦୁର୍ନୀତି କିମ୍ବା ବେ-ଆଇନ କାର୍ଯ୍ୟ କରିନଥିଲା ଯା ଫଳରେ ଏତେ ବଡ଼ ବିପର୍ଯ୍ୟୟର ପାତ୍ର ହେବ । ଏପରି ଅବସ୍ଥାରେ ଯେ କୌଣସି ବ୍ୟକ୍ତିର ଅଣ୍ଟା ଭାଙ୍ଗି ଯାଆନ୍ତା । ମୁଁ କିନ୍ତୁ ସ୍ଥିତପ୍ରଜ୍ଞ ଭାବନାରେ ଅଭ୍ୟସ୍ତ ଥିବାରୁ ଏ ବିପର୍ଯ୍ୟୟକୁ ଦମ୍ଭ, ଧୈର୍ଯ୍ୟ, ଆଶା, ଭରସା ଏବଂ ସାହସର ସହିତ ମୁଣ୍ଡ ପାତି ବରଣ କରିନେଲି । ଦଳର ଅନ୍ୟାନ୍ୟ ବନ୍ଧୁଙ୍କୁ ମୋର ମନର ଦୃଢ଼ତା ଏବଂ ଭବିଷ୍ୟତ ଆଶାରେ ଅନୁପ୍ରାଣିତ କରିବାକୁ ଚେଷ୍ଟା କଲି ।

ସୁରେନ୍ଦ୍ର ବାବୁ ଓ ଗୋରଙ୍କ ଦଳରୁ ଇସ୍ତଫା

ଡ଼ା. ମହତାବଙ୍କ ମତବାଦୀ ଗୋଷ୍ଠୀ ଆମ ଦଳ ଛାଡ଼ି ଚାଲି ଯାଇଥିଲେ ବୁଦ୍ଧା ଆମ ଜନ-କଂଗ୍ରେସର ଅସ୍ତିତ୍ୱ ପ୍ରତି ଭାରି ଈର୍ଷାନ୍ୱିତ ଥାନ୍ତି ।

Digitized by PPRACHIN, SOA

ନିର୍ବାଚନ ବିପର୍ଯ୍ୟୟର ସୁଯୋଗ ନେଇ ପୁଣି ଆମ ଭିତରେ ପ୍ରବେଶ କରି ଦଳ ଭାଙ୍ଗି ଶାସକ କଂଗ୍ରେସରେ ଯୋଗ ଦେବା ନିମନ୍ତେ ନାନା ପ୍ରବର୍ତ୍ତନା-ପୂର୍ବକ ପ୍ରଲୋଭନ କରାଇବାକୁ ଲାଗିଲେ । ମୁଁ ଦେଖିଲି, କ୍ରମେ କ୍ରମେ ଦଳରେ ଦୁର୍ବଳତା ପ୍ରବେଶ କରିବାକୁ ଲାଗିଲା । ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ ଆମ୍ଭମାନଙ୍କ ମଧ୍ୟରେ ଜଣେ ଧୀର, ସ୍ଥିର ଏବଂ ସ୍ଥିତର-ବୁଦ୍ଧି-ସମ୍ପନ୍ନ ବ୍ୟକ୍ତି ଥିଲେ । ଦଳରେ ବିଶୃଙ୍ଖଳା, ଶାସନ ଭଙ୍ଗ ଏବଂ ଦଳ-ଭଙ୍ଗ ନିମନ୍ତେ ଯେତେବେଳେ ଚକ୍ରାନ୍ତ କରାଯାଉଥିଲା ସେତେବେଳେ ସେ ଖୁବ ଦୃଢ଼ ଥାଇ ମୋର ଏବଂ ଡ: ମହତାବଙ୍କ ମଧ୍ୟରେ ଯେଉଁ ମତଭେଦ ଥାଏ ତାହା ଅତ୍ୟନ୍ତ ଚତୁରତାର ସହିତ ସୁଧାରି ନେବାରେ ସାହାଯ୍ୟ କରୁଥିଲେ । କିନ୍ତୁ ନିର୍ବାଚନର ବିପର୍ଯ୍ୟୟ ପରେ ସେ ମଧ୍ୟ ଧୈର୍ଯ୍ୟ ହରାଇ ଦଳ ଭଙ୍ଗ ନିମନ୍ତେ ପ୍ରସ୍ତାବ ଦେଲେ । ତାଙ୍କ ସଙ୍ଗେ ସର୍ବଶ୍ରୀ ଶାନ୍ତନୁକୁମାର ଦାସ, ଶ୍ରୀଧର ଦାସ, ଅଜୟ କୁମାର ଦାସ ପ୍ରଭୃତି ଦଳର ମୁଖ୍ୟ ବ୍ୟକ୍ତି-ମାନେ ଏକମତ ହେଲେ । ଦଳ-ଭଙ୍ଗର ଯୁକ୍ତି ଦେଖାଇ ଶ୍ରୀ ସୁରେନ୍ଦ୍ର ନାଥ ପଟ୍ଟନାୟକ କହୁଥାନ୍ତି ଯେ, ଯେହେତୁ ଭୋଟଦାତାମାନେ ଆମ ଜନ-କଂଗ୍ରେସ ଦଳକୁ ଭୋଟ ନ ଦେଇ ପ୍ରତ୍ୟାଖ୍ୟାନ କରିଦେଲେ ତେଣୁ ଜନତାର ବିଚାର ଦୃଷ୍ଟିରୁ ଏ ଦଳର ଅସ୍ତିତ୍ୱର ପ୍ରୟୋଜନୀୟତା ନାହିଁ । ସେଥିପାଇଁ ଦଳ ଭାଙ୍ଗି ଦିଆଯାଉ । ଏଥିରେ କିନ୍ତୁ ସେ ବହୁମତ ପାଉନଥାନ୍ତି । ସେମାନଙ୍କୁ ମୁଁ ବୁଝାଇଲି ଯେ, ଯଦି ସେମାନେ ଭାବୁଛନ୍ତି ଯେ, ଯେହେତୁ ଜନତା ଏ ଦଳକୁ ପ୍ରତ୍ୟାଖ୍ୟାନ କରିଦେଲା ତେଣୁ ଏ ଦଳର ପ୍ରୟୋଜନୀୟତା ନାହିଁ, ତେବେ ସେମାନେ ଦଳରୁ ଇସ୍ତଫା ଦେଇ ତାଙ୍କ ରୁଚି ମୁତାବକ କୌଣସି ଦଳରେ ଯୋଗ ଦିଅନ୍ତୁ ବା ଅନ୍ୟ କିଛି କରନ୍ତୁ । ଆମେ ଖୁସି ହେବୁ । କିନ୍ତୁ ଏ କ୍ଷୁଦ୍ର କୁଟୀରରୂପୀ ଜନ-କଂଗ୍ରେସ-ଗୃହକୁ ଭାଙ୍ଗିବାକୁ ଉଦ୍ୟମ ନ କରନ୍ତୁ । ସେମାନେ ବୁଝିଲେ ଏବଂ ଦଳରୁ ଇସ୍ତଫା ଦେଲେ । ଦଳରୁ ଅଧିକାଂଶ ନେତା ଚାଲିଗଲେ ସତ, କିନ୍ତୁ ଗୁଣ ଦୃଷ୍ଟିରୁ ଦଳଟି ଅଧିକତର ନିପୁଣ ଏବଂ ନିର୍ଦ୍ଦୋଷ ହେଲା ।

Digitized by PPRACHIN, SOA

(ଘ) ରାଜନୈତିକ ଦଳର ଉଦ୍ଦେଶ୍ୟ କେବଳ ଶାସନ ପରିଚାଳନା ନୁହେ

ଉପର୍ଯ୍ୟୁକ୍ତ ପରେ ମତ ଦୃଷ୍ଟିରୁ ଦଳ ରଖିବାର ସ୍ଥିର କଲୁ । ନିର୍ବାଚନରେ ଜିତି ଆସେମ୍ବ୍ଲି-ପାର୍ଲିଆମେଣ୍ଟରେ ପ୍ରତିନିଧିତ୍ୱ କରିବା କିମ୍ବା ମନ୍ତ୍ରୀମଣ୍ଡଳ ଗଠନ କରି ଶାସନ ଚଳାଇବା ରାଜନୈତିକ ଦଳର ମୁଖ୍ୟ ଉଦ୍ଦେଶ୍ୟ ନୁହେ । ଦଳର ଦର୍ଶନ ଅନୁସାରେ ଜନତାକୁ ଶିକ୍ଷିତ ଏବଂ ସଂଗଠିତ କରି ସାମାଜିକ ସେବା ଜରିଆରେ ସମାଜ ଗଠନ କରିବା ରାଜନୈତିକ ଦଳର ସର୍ବପ୍ରଥମ ଏବଂ ସର୍ବପ୍ରଧାନ ଲକ୍ଷ୍ୟ ଅଟେ । ଏହି ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ପାଇଁ ପାର୍ଲିଆମେଣ୍ଟାରି କାର୍ଯ୍ୟକଳାପ ଏକ ସୋପାନ ଅଟେ । ଯଦି କୌଣସି କାରଣରୁ ଉକ୍ତ ସୋପାନକୁ ପାଦ ପହଞ୍ଚି ପାରିଲା ନାହିଁ ତେବେ କ'ଣ ଲକ୍ଷ୍ୟ ସ୍ଥଳକୁ ଯିବା ଉଦ୍ୟମରୁ ବିରତ ହେବା ଉଚିତ ହେବ କି ? ଉଚିତ ହେବ ନାହିଁ । ସୋପାନ ଭାଙ୍ଗିଯାଇଥିଲେ ତାହା ତିଆରି କରିବାକୁ ହେବ । ଗୋଡ଼ ସୋପାନକୁ ପାଉନଥିଲେ ସୋପାନ ତଳେ କିଛି ଉଚ୍ଚ ଜିନିଷ ରଖି ଉପରକୁ ଉଠିବାକୁ ହେବ । ଏଥିପାଇଁ ଧୈର୍ଯ୍ୟ ଦରକାର । ଥରେ ନିର୍ବାଚନରେ ହାରିଗଲେ ଅନ୍ୟ ଥର ଜିତିବାକୁ ଅପେକ୍ଷାରେ ରହି ପ୍ରସ୍ତୁତ ହେବା ବିଧେୟ । ତାହା ନ କରି ଯଦି ପରାଜୟ ହେଲି ବୋଲି ଦଳର ଦର୍ଶନ, ଆଦର୍ଶ (ideals and ideology) ଛାଡ଼ି ଅନ୍ୟ ଦର୍ଶନ ଗ୍ରହଣ କରିବାକୁ ଯିବ ତେବେ ଜୀବନରେ ବ୍ୟକ୍ତିଗତ କିମ୍ବା ଗୋଷ୍ଠୀଗତ ଭାବରେ କିଛି ସଫଳତା ଲାଭ କରିପାରିବ ନାହିଁ । ଆମ ଜନ-କଂଗ୍ରେସ ଦଳର ଦର୍ଶନ ହେଉଛି ଗାନ୍ଧୀ-ଦର୍ଶନ (Gandhian ideology) । ଏହି ଦର୍ଶନ ଅନୁସାରେ ଉତ୍ତମ ମନୁଷ୍ୟ ସୃଷ୍ଟି ସଙ୍ଗେ ଆଦର୍ଶ ସମାଜ ଗଠନ କରିବାକୁ ହେବ । ବ୍ୟବସ୍ଥାପକ ଏବଂ ଶାସନତାନ୍ତ୍ରିକ କ୍ଷମତା ନ ମିଳିଲେ ସୁଦ୍ଧା ଉକ୍ତ ଦର୍ଶନକୁ କାର୍ଯ୍ୟକାରୀ କରି ହେବ ।

ମୋର ଉପର୍ଯ୍ୟୁକ୍ତ ଯୁକ୍ତି ଏବଂ ବିଚାରଧାରାକୁ ସର୍ବଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ଉପେନ୍ଦ୍ର ମହାନ୍ତି, ନୀଳାମ୍ବର ଦାସ, ଭଗବାନ ବେହେରା ଏବଂ ଭଗବାନ ନାୟକ ପ୍ରଭୃତି ଗ୍ରହଣ କଲେ । ଆମ୍ଭେମାନେ ବୁଝିନେଲୁ

ଯେ, ଜନ-କଙ୍ଗ୍ରେସ କ୍ଷୁଦ୍ର ପ୍ରାଦେଶିକ ଦଳ ହେଲେ ସୁଦ୍ଧା ଏହାର ଦର୍ଶନ ଗାନ୍ଧୀବାଦ ହୋଇଥିବାରୁ ଏବଂ ସମଗ୍ର ଭାରତରେ ଏକମାତ୍ର ଗାନ୍ଧୀବାଦୀ ରାଜନୈତିକ ଦଳ ଥିବାରୁ ଏହାର ଭବିଷ୍ୟତ ଉଜ୍ଜ୍ୱଳମୟ । ତେଣୁ ଏ ଦଳକୁ ଦୃଢ଼ ଏବଂ ପ୍ରସାରିତ କରି ରାଜନୀତି ଏବଂ ସମାଜ ନୀତି କରିବୁ ଏବଂ ଅଚିରେ ଏହାକୁ ଏକ ସର୍ବଭାରତୀୟ ଦଳ ରୂପେ ସଂଗଠିତ କରିବୁ ।

ବଙ୍ଗଳା ଦେଶ ସମସ୍ୟା

ଦଳ ଭଙ୍ଗ ପାଇଁ ଚକ୍ରାନ୍ତ ଏବଂ ନିର୍ବାଚନ-ବିପର୍ଯ୍ୟୟର ଅବ୍ୟବହିତ ପରେ ବଙ୍ଗଳା ଦେଶ ସମସ୍ୟା ଓ ତତ୍ସମ୍ପର୍କୀୟ ଯୁଦ୍ଧ-ବିଜୟ ଆମ ଦଳର ଅସ୍ତିତ୍ୱ ଉପରେ ପୁଣି ବାଧା ଉପୁଜାଇଲା । ବର୍ତ୍ତମାନ କଥିତ ବଂଗଳା ଦେଶ ଭାରତ ବିଭାଜନ ପୂର୍ବରୁ ଅବିଭକ୍ତ ଭାରତ ବର୍ଷର ବଂଗ-ପ୍ରଦେଶର ଏକ ଅଂଶ ଥିଲା । ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ବ୍ରିଟିଶ ସରକାର ଯେତେବେଳେ ଭାରତକୁ ପାକିସ୍ଥାନ ଏବଂ ହିନ୍ଦୁସ୍ଥାନ ନାମକ ଦୁଇଟି ଦେଶରେ ବିଭକ୍ତ କଲା, ସେତେବେଳେ ଉକ୍ତ ବଂଗ ପ୍ରଦେଶର ମୁସଲମାନବହୁଳ ପୂର୍ବ ଅଂଶକୁ କାଟି ନେଇ ପାକିସ୍ଥାନର ଏକ ପ୍ରଦେଶ କଲା । ଏହାକୁ ପୂର୍ବ ପାକିସ୍ଥାନ କୁହାଗଲା। ୧୯୭୧ ମସିହା ମାର୍ଚ୍ଚ ମାସରେ ଏହି ପୂର୍ବ ପାକିସ୍ଥାନର ବଙ୍ଗାଳୀ ମୁସଲମାନ୍‌ମାନେ ପଶ୍ଚିମ ପାକିସ୍ଥାନର ପଞ୍ଜାବୀ ମୁସଲମାନମାନଙ୍କର ଆଧିପତ୍ୟରୁ ମୁକ୍ତି ପାଇବାକୁ ଇଚ୍ଛା କଲେ । ସେତେବେଳେ ପାକିସ୍ଥାନରେ ଯେଉଁ ନିର୍ବାଚନ ହେଲା ସେଖ୍ ମୁଜିବୁର୍ ରହମନ୍‌ଙ୍କ ନେତୃତ୍ୱରେ ପରିଚାଳିତ ଆଓ୍ୱାମୀ ଲିଗ୍-ଦଳ ଅତ୍ୟଧିକ ସଂଖ୍ୟାରେ ସଂଖ୍ୟା-ଗରିଷ୍ଠତା ଲାଭକରି ପୂର୍ବ-ପାକିସ୍ଥାନ (ବଙ୍ଗଳାଦେଶ) ପାକିସ୍ଥାନରୁ ପୃଥକ ହୋଇ କେତେକ ସର୍ତ୍ତରେ, ଏକ ସ୍ୱାଧୀନ ଦେଶ ହେବା ନିମନ୍ତେ ଦାବୀ କଲା । ପାକିସ୍ଥାନର କେନ୍ଦ୍ର ସରକାର ଏହା ମଞ୍ଜୁର ନ କରିବାରୁ ଆଓ୍ୱାମୀ ଲିଗ୍ ଗୃହ-ବିବାଦପୂର୍ବକ ଅନ୍ତର୍ଯୁଦ୍ଧ କଲା । ଭାରତ ଏଥିରେ ପ୍ରଥମେ ନୈତିକ ସମର୍ଥନ ଦେଖାଇ ପରେ ସକ୍ରିୟ ସମର୍ଥନ ଓ କ୍ଷେତ୍ରରେ

Digitized by PPRACHIN, SOA

ଯୁଦ୍ଧ-ଲିପ୍ତ ହୋଇ ଅଭୂତପୂର୍ବ ଜୟ-ଲାଭ କଲା । ଜୟ-ଲାଭ ପରେ ସରକାର, ବିଶେଷତଃ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କର ସୁନାମ ହେଲା । ତେଣୁ ଗୃହଆଡ଼ୁ ଗୁପ ଆସିଲା ଏବଂ ପ୍ରଭାବ ପଡ଼ିଲା ଯେ, ଜନ-କଂଗ୍ରେସ ଦଳ ଇନ୍ଦିରା-କଂଗ୍ରେସରେ ମିଶିଯାଉ । ଦଳକୁ ଭାଙ୍ଗିଦିଆଯାଉ । କିନ୍ତୁ ମୁଁ ତାର ବିରୋଧ କଲି ।

ଏହି ବଙ୍ଗଳାଦେଶର ଗୃହ-ବିବାଦ ଏବଂ ଯୁଦ୍ଧରେ ବହୁ ସମସ୍ୟା ଉପୁଜିଲା । ପ୍ରାୟ ଏକ କୋଟି ପର୍ଯ୍ୟନ୍ତ ହିନ୍ଦୁ ଓ ଅନ୍ୟାନ୍ୟମାନେ ଗୃହ-ବିବାଦ ଓ ଅତ୍ୟାଚାରରେ ଆତଙ୍କିତ ହୋଇ ପାକିସ୍ଥାନରୁ ପଳାଇ ଆସି ବାସ୍ତୁହରା ଭାବେ ଭାରତବର୍ଷରେ ଆଶ୍ରୟ ନେଲେ । ପାକିସ୍ଥାନ ସରକାର ଅତି ରୁକ୍ଷ ଓ ନିର୍ମମ ଯୁଦ୍ଧ ଚଳାଇ ଆଓ୍ୟାମୀ-ଲିଗ୍ ଏବଂ ଉକ୍ତ ଦଳର ସମର୍ଥକ, ବିଶେଷତଃ ହିନ୍ଦୁ ବୁଦ୍ଧିଜୀବୀଙ୍କୁ 'ଅକଥନୀୟ ଅତ୍ୟାଚାରପୂର୍ବକ ହତ୍ୟା କରିବାକୁ ଲାଗିଲେ । ଏଥିରେ ମୋର ଆଭିମୁଖ୍ୟ ଥିଲା ଯେ, ଭାରତ ସରକାର ଏପରି କୌଣସି କାର୍ଯ୍ୟ ନ କରନ୍ତୁ ଯା ଫଳରେ ଭାରତ ଭବିଷ୍ୟତକୁ ନିଜେ ବିପଦର ସମ୍ମୁଖୀନ ହେବ ।

ଯାହା ହେଉ, ପକିସ୍ଥାନ ପ୍ରଥମେ ଭାରତ ବିରୋଧରେ ଯୁଦ୍ଧ ଘୋଷଣା କରିଦେଲା । କିନ୍ତୁ ପକିସ୍ଥାନ ଯୁକ୍ତି ବାଢ଼ୁଥାଏ ଯେ, ଯେହେତୁ ପୂର୍ବ-ପକିସ୍ଥାନର (ବଙ୍ଗଳା ଦେଶର) ବିଦ୍ରୋହୀମାନଙ୍କୁ ଭାରତ ବର୍ଷ ଆଶ୍ରୟ ଦେବାଠାରୁ ଆରମ୍ଭକରି ତନ, ମନ, ଧନ ଏବଂ ଅସ୍ତ୍ର-ଶସ୍ତ୍ର ସହିତ ସୈନ୍ୟ-ସାମନ୍ତ ଦେଇ ସାହାଯ୍ୟ କଲା ତେଣୁ ପାକିସ୍ଥାନ ବାଧ ହୋଇ ଭାରତ ବିରୋଧରେ ଯୁଦ୍ଧ ଘୋଷଣା କଲା । ଏଣେ ଭାରତ ସରକାର କହୁଥାଏ ଯେ, ଯେହେତୁ ପାକିସ୍ଥାନ ଏକ ଖରାପ ପ୍ରତିବେଶୀ ରାଜ୍ୟ ରୂପେ ଭାରତ ସହ ବ୍ୟବହାର କରି ବାରମ୍ବାର ଆକ୍ରମଣ କଲା, ନାଗା ଏବଂ ମିଜୋ ବିଦ୍ରୋହୀ-ମାନଙ୍କୁ ଅସ୍ତ୍ରଶସ୍ତ୍ରଦ୍ୱାରା ସାହାଯ୍ୟ ଏବଂ ଶିକ୍ଷିତ କରାଇ ଭାରତର ଶାନ୍ତି ଶୃଙ୍ଖଳାରେ ବାଧା ପ୍ରଦାନ କଲା, ରାଜ୍ୟ ଭିତରେ ଅମାନୁଷିକ ଏବଂ ପାଶବିକ ଅତ୍ୟାଚାରପୂର୍ବକ ଜନ ଆନ୍ଦୋଳନକୁ ଦବାଇବା ଫଳରେ ପକିସ୍ଥାନରୁ (ବଙ୍ଗଳା ଦେଶରୁ) ପ୍ରାୟ କୋଟିଏ ଲୋକ (ଅଧିକାଂଶ ହିନ୍ଦୁ) ପାକିସ୍ଥାନ ଛାଡ଼ି ଆସି ଭାରତରେ ଆଶ୍ରିତ ହେବାରୁ ବଡ଼ ସାମାଜିକ, ଅର୍ଥନୈତିକ ଏବଂ ଶାସନତାନ୍ତ୍ରିକ ଜଟିଳ ଅବସ୍ଥା ସୃଷ୍ଟି ହେଲା ଏବଂ ଶେଷରେ ଯୁଦ୍ଧ ଘୋଷଣା କରି ଭାରତ ଆକ୍ରମଣ କଲା । ତେଣୁ ଭାରତ ବାଧ ହୋଇ ବଙ୍ଗଳା

Digitized by PPRACHIN, SOA

ଦେଶର ବିଦ୍ରୋହୀଙ୍କୁ (ମୁକ୍ତିବାହିନୀଙ୍କୁ) ସାହାଯ୍ୟ କରି ଯୁଦ୍ଧ କଲି ଓ ଜିତିଲି ।

ଖଗପ ପଡ଼ୋଶୀ ଭାବରେ ପାକିସ୍ଥାନ ସୃଷ୍ଟି ହେଲା ଦିନଠାରୁ ସେ ଯେପରି ବ୍ୟବହାର କରୁଥାଏ ଏବଂ ନାଗା ଓ ମିଜୋ ବିଦ୍ରୋହୀମାନଙ୍କୁ ଯେଉଁ ଉତ୍ସାହ ଓ ପ୍ରୋତ୍ସାହନ ସହକାରେ ତାଲିମ କରାଇ ଅସ୍ତ୍ର-ଶସ୍ତ୍ର ଯୋଗାଉଥାଏ ସେହି କାରଣରୁ ପାକିସ୍ଥାନକୁ ଆକ୍ରମଣ କରି ଯୁଦ୍ଧରେ ପରାସ୍ତ କରିବା କାର୍ଯ୍ୟକୁ ମୁଁ ପସନ୍ଦ ଏବଂ ସମର୍ଥନ କରୁଥାଏ । କିନ୍ତୁ ଅନ୍ୟ କାରଣବଶତଃ ପାକିସ୍ଥାନକୁ ଆକ୍ରମଣ କରିବା କାର୍ଯ୍ୟକୁ ମୁଁ ପସନ୍ଦ କରୁନଥାଏ । ମୋର ଅଭିମୁଖ୍ୟ ଥିଲା, ଏ ସମ୍ପର୍କରେ ଭାରତ ଏପରି କୌଣସି କାର୍ଯ୍ୟ ନ କରୁ ଯାହାର ଉଦାହରଣରେ ଭାରତରେ ଜଟିଳ ସମସ୍ୟା ଉପୁଜିବ ; ଅର୍ଥାତ୍ ପାକିସ୍ଥାନ ପରି ଆମ ଭାରତର କୌଣସି ରାଜ୍ୟ ବା ପ୍ରଦେଶ ଦେଶରୁ ଅଲଗା ହୋଇଯିବାକୁ ଆଳ ନ ଦେଖାଇବ । ଭାରତ ସରକାର, ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ, ଦେଶରକ୍ଷା ମନ୍ତ୍ରୀ ଜଗଜ୍ଜୀବନ ରାମ, ବୈଦେଶିକ ମନ୍ତ୍ରୀ ସ୍ୱରଣ ସିଂହ (ସ୍ୱର୍ଣ୍ଣ ସିଂହ), ଅନ୍ୟାନ୍ୟ ମନ୍ତ୍ରୀ ଏବଂ (ଜନ-କଂଗ୍ରେସକୁ ଛାଡ଼ି) ଅନ୍ୟ ସମସ୍ତ ରାଜନୈତିକ ଦଳମାନେ ଯୁକ୍ତି ବାଢ଼ୁଥାନ୍ତି ଯେ, ଯେହେତୁ ପୂର୍ବ ପାକିସ୍ଥାନର (ବଙ୍ଗଳାଦେଶ) ବହୁ ସଂଖ୍ୟକ ଲୋକ ଇଚ୍ଛା କରୁଛନ୍ତି ଯେ, ତାହା ମୂଳ-ପାକିସ୍ଥାନଠାରୁ ପୃଥକ ହୋଇ ଏକ ସାର୍ବଭୌମ କ୍ଷମତା-ବିଶିଷ୍ଟ ଦେଶ ହେବ, ତେଣୁ ଗଣତନ୍ତ୍ର ମତ ଅନୁସାରେ ବଙ୍ଗଳା ଦେଶର ଉକ୍ତ ମନୋଭାବ ଏବଂ ଦାବୀ ଠିକ୍ ଅଟେ । ଭାରତବର୍ଷ ସର୍ବଦା ଗଣତନ୍ତ୍ରର ପକ୍ଷପାତୀ ଅଟେ । ତେଣୁ ଭାରତ ତାର ମତ ଅନୁସାରେ ଏତାବତ୍ ଗଣତନ୍ତ୍ର ଦାବୀ କରୁଥିବା ବଙ୍ଗଳା ଦେଶର ଲୋକଙ୍କୁ ସବୁ ପ୍ରକାର ସାହାଯ୍ୟ କରିବ । ଆହୁରି ମଧ୍ୟ ଏମାନେ ସମସ୍ତେ ଯୁକ୍ତି କରୁଥାନ୍ତି ଯେ, ପାକିସ୍ଥାନ ସରକାର ବଙ୍ଗଳା ଦେଶର ବିଦ୍ରୋହୀମାନଙ୍କୁ ଜବତ୍ କରିବା ଉଦ୍ଦେଶ୍ୟରେ ଗୁଳି ବନ୍ଧୁକ ଚଳାଇ ବିଦ୍ରୋହୀ ଏବଂ ତାଙ୍କ ପକ୍ଷପାତୀଙ୍କୁ ମାରିବା କିମ୍ବା ଅତ୍ୟାଚାର କରିବା ଅନୁଚିତ । ବିଦ୍ରୋହର ନେତାଙ୍କୁ ଫାସୀ ଦେଇ ହେବ ନାହିଁ । ତାହା କଲେ ଭାରତ ସହିବ ନାହିଁ । ବିଦ୍ରୋହୀମାନଙ୍କୁ ଭାରତ ପ୍ରତ୍ୟକ୍ଷ ସାହାଯ୍ୟ କରିବ । ପୁଣି ଦାବୀ କରାଯାଉଥାଏ ଯେ, ବିଦ୍ରୋହ ଦମନ ପାଇଁ ପାକିସ୍ଥାନ ଯେଉଁ ରୁକ୍ଷ ଏବଂ ତୀବ୍ର ମତ ଅବଲମ୍ବନ କରିବା ଫଳରେ ପ୍ରାୟ ଏକ କୋଟି ଲୋକ ବଙ୍ଗଳା ଦେଶ ଛାଡ଼ି ଭାରତରେ ଆଶ୍ରୟ ନେଲେ, ପାକିସ୍ଥାନ

Digitized by PPRACHIN, SOA

ଅନୁକୂଳ ଅବସ୍ଥା ସୃଷ୍ଟି କରି ତା ନିଜ ରାଜ୍ୟକୁ ତା ଲୋକଙ୍କୁ ଫେରାଇ ନେଉ । ନ ନେଲେ ଆମେ ତା ରାଜ୍ୟ ଆକ୍ରମଣ କରିବୁ । ପୁଣି କହୁଥାନ୍ତି ଯେ, ଯେହେତୁ ବଙ୍ଗଳା ଦେଶର ଲୋକେ ଗଣତନ୍ତ୍ର ଚାହୁଁଛନ୍ତି ଏବଂ ଭାରତ ଗଣତନ୍ତ୍ରର ପକ୍ଷପାତୀ ଅଟେ ତେଣୁ ତାଙ୍କୁ ବିଦ୍ରୋହରେ ସାହାଯ୍ୟ କରି ଗଣତନ୍ତ୍ର ପ୍ରତିଷ୍ଠାରେ ସମର୍ଥନ କରିବା ଭାରତର ଧର୍ମ ଅଟେ । ଭାରତର ପ୍ରାୟ ସବୁ ରାଜନୈତିକ ଦଳ, ସମସ୍ତ ବୁଦ୍ଧିଜୀବୀ ଏବଂ କେନ୍ଦ୍ର ମନ୍ତ୍ରୀବୃନ୍ଦ ଏହି ଦାବୀ କରୁଥାନ୍ତି । କିନ୍ତୁ ମୁଁ ଏପରି ଦାବୀକୁ ସମର୍ଥନ କରୁ ନ ଥିଲି କିମ୍ବା କରିବି ନାହିଁ । ମୋର ସମର୍ଥନ ନ କରିବାର ଯୁକ୍ତି ମୁଁ ନିମ୍ନ ଅନୁଚ୍ଛେଦମାନଙ୍କରେ ବର୍ଣ୍ଣନା କରୁଛି ।

ମୋ ମତରେ ଏହା ଏକ ବଚିତ୍ର ଯୁକ୍ତି ଯେ, ଯଦି କୌଣସି ସ୍ୱାଧୀନ ରାଜ୍ୟର ଏକ ପ୍ରଦେଶ, କିମ୍ବା ଏକ ଅଞ୍ଚଳ ବହୁମତରେ ଦାବୀ କରନ୍ତି ଯେ, ଉକ୍ତ ଅଞ୍ଚଳ ବା ପ୍ରଦେଶ ମୂଳ ଦେଶରୁ (From the Parent Country) ପୃଥକ ହୋଇ ସାର୍ବଭୌମ କ୍ଷମତାବିଶିଷ୍ଟ ଏକ ରାଜ୍ୟ ହେବ ଏବଂ ପୃଥିବୀର ଅନ୍ୟାନ୍ୟ ଦେଶମାନେ ଏହି ନୀତିକୁ ଗ୍ରହଣ କରନ୍ତୁ, ତେବେ ପ୍ରତ୍ୟେକ ଦେଶର ଅଖଣ୍ଡତା ବାଧା ପ୍ରାପ୍ତ ହେବ । ଯେଉଁ ଦେଶ ଏପରି ଯୁକ୍ତିର ସମର୍ଥକ ହୋଇ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରନ୍ତି ସେ ଦେଶର ଅଖଣ୍ଡତା ମଧ୍ୟ ବ୍ୟାହତ ହେବ ।

ମୁଁ ଆଶଙ୍କା କରି କହୁଥାଏ ଯେ, ବହୁମତ ଯୋଗୁଁ ବଙ୍ଗଳା ଦେଶ (ପୂର୍ବ-ପାକିସ୍ଥାନ) ମୂଳ ରାଜ୍ୟ ପାକିସ୍ଥାନରୁ ଅନ୍ତର ହୋଇଯିବା ଆନ୍ଦୋଳନକୁ ଯଦି ଭାରତ ସମର୍ଥନ କରିବ, ତେବେ ଭାରତରେ ଯେଉଁ ରାଜ୍ୟ ବା ଅଞ୍ଚଳମାନେ ଭାରତରୁ ପୃଥକ ହୋଇଯିବାକୁ ଦାବୀ ଏବଂ ବିଦ୍ରୋହ କରୁଛନ୍ତି, କିମ୍ବା କରିବେ ସେମାନଙ୍କର ଯଦି ବହୁମତ ହୋଇଯାଏ, ତେବେ ଏହି ନୀତିରେ ଭାରତ ସରକାର ତଥା ଭାରତବାସୀ ଉକ୍ତ ଅଞ୍ଚଳ-ମାନଙ୍କୁ ବିନା ବାଧାରେ ପୃଥକ ହେବାକୁ ଅନୁମତି ଦେଇଦେବେ । ଏତେ-ବେଳକୁ ମାନ୍ଦ୍ରାଜର ବହୁମତରେ ଡି. ଏମ୍. କେ. (D. M. K.) ଦଳ ଏବଂ ସରକାର କେତେକ ଅବାସ୍ତବ ପ୍ରସ୍ତାବ ଉଠାଇ ଏହି ଦାବୀ କରୁଥାନ୍ତି । ମଣିପୁର ଏବଂ ନେଫାର ଦାବୀ କେତେକାଂଶରେ ଏହିପରି । ଭାରତରୁ ପୃଥକ ହେବା ପାଇଁ କାଶ୍ମୀର, ନାଗାଲଣ୍ଡ ଏବଂ ମିଜୋରାମରେ ବିଦ୍ରୋହ ହୋଇ ବିଦ୍ରୋହୀ-ସମାନ୍ତରାଳ ସରକାର ଗଠନ ହୋଇଯାଇଥାଏ ।

Digitized by PPRACHIN, SOA

ଗୋଟିଏ ସ୍ୱାଧୀନ ରାଜ୍ୟର କୌଣସି ଏକ ଅଙ୍ଗ କିମ୍ବା ବହୁମତ-ଦାବୀକୁ ସମର୍ଥନ କରି ଯଦି ବିଦ୍ରୋହୀମାନଙ୍କୁ ସର୍ବତୋଭାବେ ସାହାଯ୍ୟ ଦେଇ ଉକ୍ତ ଅଙ୍ଗ ବା ଅଞ୍ଚଳମାନଙ୍କୁ ମୂଳ ରାଜ୍ୟରୁ ପୃଥକ କରାଯିବ ତେବେ ନିଜ ଦେଶରେ ସେହିପରି ଦାବୀ କିମ୍ବା ବିଦ୍ରୋହ ହେଲେ ନିଜ ରାଜ୍ୟରୁ ବିନା ବାଧାରେ ସେହିପରି ଅଙ୍ଗ ଏବଂ ଅଞ୍ଚଳମାନଙ୍କୁ ଛାଡ଼ି-ଦେବାକୁ ହେବ, ଅର୍ଥାତ୍ ନିଜ ରାଜ୍ୟର ଏକତା ଏବଂ ଅଖଣ୍ଡତା ରକ୍ଷା କରିବ ନାହିଁ । ଯଦି କୌଣସି ରାଜ୍ୟର ବିଦ୍ରୋହୀମାନଙ୍କୁ ଦମନ କରିବା-ଦ୍ୱାରା ଜେଲ ଜୁରିମନା, ଲଠି-ଚାଳନା, ଗୁଳିଚାଳନା, ଫାସୀ-ଦଣ୍ଡ କିମ୍ବା ଅନ୍ୟାନ୍ୟ ଯୁଦ୍ଧକାଳୀନ ଓ ବିଦ୍ରୋହକାଳୀନ ଅବସ୍ଥା ଯୋଗୁଁ ଲୋକ-କ୍ଷୟ ଏବଂ ଲୋକ-କଷ୍ଟକୁ ଅତ୍ୟାଚାର ବୋଲି କୁହାଯିବ, ତେବେ ନିଜ ରାଜ୍ୟରେ ବିଦ୍ରୋହ କିମ୍ବା ବିଦ୍ରୋହୀମାନଙ୍କର ସମାନ୍ତରାଳ ସରକାରକୁ ଦମନ କରିବା ଉଚିତ ହେବ ନାହିଁ । ଯେ ଯେଉଁ ରାଜ୍ୟରେ ବା ଅଞ୍ଚଳରେ ବିଦ୍ରୋହ କିମ୍ବା ଯୁଦ୍ଧ ଘୋଷଣା କରିବ, ଅଥଚ ତା ପକ୍ଷରେ ବହୁମତ ଥିବାର ଜଣାଯାଉ-ଥିବ, ତେବେ ମୂଳ-ସରକାର ପକ୍ଷରୁ କୌଣସି ଅସ୍ତ୍ର ଶସ୍ତ୍ର ବ୍ୟବହାର କରାଯିବ ନାହିଁ । ଏ ତ ବଡ଼ ବିଚିତ୍ର କଥା । ଏ ଚିନ୍ତା ଦେଶଦ୍ରୋହୀର ଚିନ୍ତା ମାତ୍ର । ଯେ ସରକାରର କର୍ତ୍ତୃତ୍ୱରେ ଥିବ, ସେ ଦେଶର ଅଖଣ୍ଡତା ନିଶ୍ଚୟ ରକ୍ଷା କରିବ । ବିଦ୍ରୋହୀକୁ ଦମନ କରିବା ଶାସକର କର୍ତ୍ତବ୍ୟ । ବିଦ୍ରୋହୀ ଯୁଦ୍ଧ କଲେ ଯୁଦ୍ଧ କରି ତାକୁ ପରାସ୍ତ କରିବା ଶାସକର ଧର୍ମ । ଯୁଦ୍ଧ ଏବଂ ପ୍ରେମ ସମୟରେ ଯାହା କରାଯାଏ ତାହା ଅସୁନ୍ଦର ନୁହେ । (There is nothing unfair in love and War)

ମୋର ମତ ଭାରତର ଅଖଣ୍ଡତା ବଜାୟ ରହୁ । କୌଣସି ଅଂଗ ବା ଅଂଶ ପୃଥକ ହୋଇ ପାରିବ ନାହିଁ । ଯେ ବିଦ୍ରୋହ କରିବ ତାକୁ ଦୃଢ଼ ହସ୍ତରେ ଦମନ କରାଯିବ । ବିଦ୍ରୋହୀକୁ ମୃତ୍ୟୁ ଦଣ୍ଡ ଦିଆଯିବ । ଯୁଦ୍ଧ କିମ୍ବା ବିଦ୍ରୋହ ଦମନ ଅଞ୍ଚଳରେ ଯୁଦ୍ଧ କିମ୍ବା ବିଦ୍ରୋହକାଳୀନ ନିଷ୍ଠୁରତା ଓ କଠୋରତା ନିଶ୍ଚୟ ଅବଲମ୍ବନ କରାଯିବ । ଏଥିପାଇଁ ଅଞ୍ଚଳର ଜନ-ସାଧାରଣ ଦୁଃଖ, କଷ୍ଟ, ହଇରାଣ ଏବଂ ହରକତ ଭୋଗିବେ । ଲୋକେ ସ୍ଥାନ ଛାଡ଼ି ପଳାଇ ଯିବେ ତ ଯିବେ । କିନ୍ତୁ ଦେଶର ଅଖଣ୍ଡତା ଓ ସାର୍ବଭୌମତ୍ୱ ରକ୍ଷା ନିଶ୍ଚୟ କରାଯିବ । ତାହା ନ କଲେ ଶାସକ ଦଣ୍ଡିତ ହେବ ଏବଂ ପ୍ରାଣଦଣ୍ଡ ପାଇବ ।

Digitized by PPRACHIN, SOA

ଏହି ବିଦ୍ରୋହ ଦମନ ବେଳେ ବଙ୍ଗଳା ଦେଶର ଶରଣାର୍ଥୀ, ବା ପଳାତକ, ବା ବାସ୍ତୁହରା ସମସ୍ୟା ନେଇ ନାନା ଯୁକ୍ତି-ତର୍କପୂର୍ବକ ଦୋଷା-ଦୋଷ ଆରୋପ କରାଯାଉଥାଏ । ଯୁଦ୍ଧ କିମ୍ବା ବିଦ୍ରୋହ ଦମନ ବେଳେ ଏପରି ଅବସ୍ଥା ହୁଏ । ଏହା ମୁଁ ପୂର୍ବରୁ ବ୍ୟକ୍ତ କରିଛି । ଭାରତ ବର୍ଷକୁ ବଙ୍ଗଳା ଦେଶରୁ (ପୂର୍ବ-ପାକିସ୍ଥାନ) ଲୋକ ପଳାଇ ଆସି ଆଶ୍ରୟ ନେବା ସମସ୍ୟା ପାଇଁ ପାକିସ୍ଥାନ ସଙ୍ଗେ ଭାରତ ସରକାର ମଧ୍ୟ ଦାୟୀ । ଅନ୍ୟ ସ୍ୱାଧୀନ ଦେଶର ଲୋକଙ୍କୁ ନିଜ ରାଜ୍ୟକୁ ଆସିବାକୁ ଅନୁମତି ଦେବା ଅନୁଚିତ । ଭାରତ ସରକାର ସୀମା ବନ୍ଦ କରିଥାନ୍ତେ । ତାହା କଲେ ନାହିଁ । ଆସିବାକୁ ଅନୁମତି ଦେଇ ନ ଥାନ୍ତେ । ଯଦି ଆସିଲେ ମାନବିକତା ଦୃଷ୍ଟିରୁ ଅଳ୍ପ ସମୟ ପାଇଁ ବନ୍ଦୀ ଭାବରେ ରଖାଇ ଖାଇବାର ବନ୍ଦୋବସ୍ତ କରି ସଙ୍ଗେ ସଙ୍ଗେ ପୃଥିବୀ ପଞ୍ଚାୟତ ହାତରେ ଉକ୍ତ ଲୋକଙ୍କୁ ଅର୍ପଣ କରିଦେଇ-ଥାନ୍ତେ । ପୃଥିବୀ ପଞ୍ଚାୟତି ସେମାନଙ୍କର ତତ୍ତ୍ୱ ନେଇଥାନ୍ତା । ପୃଥିବୀ ପଞ୍ଚାୟତ ସେମାନଙ୍କର ଖାଇବା, ପିଇବା, ପିନ୍ଧିବା ଏବଂ ରହିବାର ବ୍ୟବସ୍ଥା କରି ପାକିସ୍ଥାନକୁ ବାଧ୍ୟ କରି ଲୋକଙ୍କୁ ଫେରାଇନେବାର ବ୍ୟବସ୍ଥା କରାଇ-ଥାନ୍ତା । ତାହା ନ କଲେ ପୃଥିବୀ ପଞ୍ଚାୟତ ପୂର୍ବ-ବଂଗକୁ ଶାସନ କରି ଶାନ୍ତି ଶୃଙ୍ଖଳା ରକ୍ଷା କରିଥାନ୍ତା ।

ଭାରତ ସରକାର, ପ୍ରଧାନ ମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ, ଦେଶରକ୍ଷା ମନ୍ତ୍ରୀ ଶ୍ରୀ ଜଗଜୀବନ ରାମ, ଅନ୍ୟ କେତେକ ରାଜନୈତିକ ନେତାଙ୍କ ସମେତ କେତେକ ରାଜନୈତିକ ଦଳ, ବିଶେଷତଃ ସମାଜବାଦୀ ଏବଂ ଜନସଂଘ ଦଳମାନଙ୍କର ଏକ ଯୁକ୍ତି ଥାଏ ଯେ, ଯେହେତୁ ପୂର୍ବ ବଂଗର ଲୋକମାନେ ଗଣତନ୍ତ୍ର ପୃଷ୍ଠପୋଷକ ଏବଂ କଙ୍ଗ୍ରେସ ତଥା ଭାରତବାସୀ ଗଣତନ୍ତ୍ରର ରକ୍ଷକ ଓ ଏକଛତ୍ରର ଧ୍ୱଂସକ ଅଟନ୍ତି, ତେଣୁ ପାକିସ୍ଥାନର ଏକଛତ୍ର ଶାସନରୁ ବଂଗଳା ଦେଶକୁ ମୁକ୍ତ କରିବାକୁ ଭାରତବାସୀ ତଥା ଭାରତ ସରକାର ନିଜର କର୍ତ୍ତବ୍ୟ-ବୋଧରୁ ଯୁଦ୍ଧ କରି ବଂଗଳା ଦେଶର (ପୂର୍ବ ପାକିସ୍ଥାନର) ଲୋକ-ମାନଙ୍କୁ ଏକଛତ୍ର ଶାସନରୁ ମୁକ୍ତ କରି ସେଠାରେ ଗଣତନ୍ତ୍ର ପ୍ରତିଷ୍ଠା କରାଇବା ଦରକାର । ତେଣୁ ଭାରତ ସରକାର ଗଣତନ୍ତ୍ର ରକ୍ଷାର୍ଥେ ମୁକ୍ତି-ବାହିନୀକୁ ସର୍ବାଙ୍ଗୀନ ସାହାଯ୍ୟଦାନପୂର୍ବକ ପାକିସ୍ଥାନ ବିରୋଧରେ ଯୁଦ୍ଧ ଘୋଷଣା କରି ସେଠାରେ ଗଣତନ୍ତ୍ର ପ୍ରତିଷ୍ଠା କରୁ । ଏହା ଅତି ଉତ୍ତମ କଥା । ଭାରତ ସରକାର ଏବଂ ଭାରତବାସୀ ଯଦି ପୃଥିବୀରେ ଗଣତନ୍ତ୍ରର

Digitized by PPRACHIN, SOA

ପକ୍ଷପାତୀ ଏବଂ ଗଣତନ୍ତ୍ରର ରକ୍ଷକ ତେବେ ରୁଷିଆ, ଚୀନ, ପୋଲାଣ୍ଡ୍, ଜେକୋସ୍ଲୋଭାକିଆ, ଯୁଗୋସ୍ଲୋଭିଆ ଏବଂ ରୁମାନିଆ ପ୍ରଭୃତି ଦେଶମାନଙ୍କରେ ତ ଅତ୍ୟନ୍ତ ଏକଛତ୍ର ଶାସନ ଚାଲିଛି । ସେଥିପାଇଁ ଭାରତ ବର୍ଷ ଏବଂ ଭାରତ ସରକାର କାହିଁକି ନିନ୍ଦାବାଦ କରୁନାହାନ୍ତି, କାହିଁକି ପୃଥିବୀ ପଞ୍ଚାୟତରେ ସ୍ୱର ଉତ୍ତୋଳନ କରୁନାହାନ୍ତି, କାହିଁକି ଗଣତନ୍ତ୍ରବାଦୀ ଦେଶ ଓ ଜାତିମାନଙ୍କ ସଂଗେ ମିଶି ଉକ୍ତ ଦେଶମାନଙ୍କରେ ଗଣତନ୍ତ୍ର ପ୍ରତିଷ୍ଠା କରାଉନାହାନ୍ତି ? ଓଲଟି ଉକ୍ତ ଏକଛତ୍ରବାଦୀ ଦେଶମାନଙ୍କ ସହିତ କୂଟନୈତିକ ସମ୍ପର୍କ ସ୍ଥାପନପୂର୍ବକ ନାନାବିଧ ସନ୍ଧି ଏବଂ ଚୁକ୍ତି ସ୍ଥାପନ କରୁଛନ୍ତି ? ଏହା ପୁଣି ଆଉ ଏକ ବିଚିତ୍ର କଥା । ଏହି ଗୋଷ୍ଠୀ ପୁଣି ନିନ୍ଦା କରୁଥାନ୍ତି ଯେ, ପାକିସ୍ଥାନର ବିଦ୍ରୋହ ଦମନରେ ଗଣହତ୍ୟା ହେଲା । ତେଣୁ ଭାରତ ଯୁଦ୍ଧ କରି ସେଠାକାର ଲୋକଙ୍କୁ ହତ୍ୟାରୁ ରକ୍ଷାକରୁ । ମୁଁ କିନ୍ତୁ ଭାବୁଥାଏ ଯେ, ଏକଛତ୍ର-ବାଦ-ସାମ୍ୟବାଦ ସ୍ଥାପନ ନିମନ୍ତେ ରୁଷିଆ ଏବଂ ଚୀନ ପ୍ରଭୃତି ସାମ୍ୟବାଦୀ ଦେଶମାନଙ୍କରେ ଯେଉଁ ଗଣ-ହତ୍ୟା, ବୁଦ୍ଧିଜୀବୀ-ହତ୍ୟା, ଗଣତନ୍ତ୍ରବାଦୀ-ହତ୍ୟା ଏବଂ ନେତା-ହତ୍ୟା ଇତ୍ୟାଦି ହେଲା ଓ ହେଉଛି ଏବଂ ବର୍ତ୍ତମାନ ସୁଦ୍ଧା ଚୀନରେ ସାଂସ୍କୃତିକ ସୁଧାର ଓ ପରିବର୍ତ୍ତନ ନାମରେ ଯେଉଁ ଗଣ-ହତ୍ୟା ଚାଲିଛି ସେଥିପ୍ରତି ଭାରତବାସୀ, ଭାରତ ସରକାର ବିଶେଷତଃ ଭାରତୀୟ ସମାଜବାଦୀ ଓ ସାମ୍ୟବାଦୀମାନେ କାହିଁକି ସ୍ୱର ଉତ୍ତୋଳନ କରୁନାହାନ୍ତି ? ମୁଁ ଯୁକ୍ତି କରୁଥାଏ ଯେ, ଯଦି ଭାରତୀୟମାନେ ବାସ୍ତବ ଗଣତାନ୍ତ୍ରିକ-ସାମ୍ୟ-ବାଦ ଚାହାନ୍ତି ତେବେ ଗାନ୍ଧୀ-ଦର୍ଶନ ନିହିତ ଦିବ୍ୟ ସାମ୍ୟବାଦ ପ୍ରତିଷ୍ଠା ନିମନ୍ତେ ଗାନ୍ଧୀବାଦ ଅନୁସାରେ ଶାସନ ଓ ସମାଜ ପରିଚାଳନା ନିମନ୍ତେ କାହିଁକି ପୃଥିବୀରେ ପ୍ରଚାର କରାଉ ନାହାନ୍ତି ?

ଏ ସମ୍ପର୍କରେ ମୋର ଆଭିମୁଖ୍ୟ ନିମ୍ନ ପ୍ରକାର ଅଟେ । ଉପର୍ଯ୍ୟୁକ୍ତ ଯୁକ୍ତିକୁ ଭିତ୍ତି କରି ପାକିସ୍ଥାନକୁ ବିଦ୍ରୋହ ଦମନ ନିମନ୍ତେ ମୁଁ ନିନ୍ଦା କରିପାରୁ ନାହିଁ । ଦେଶର ଅଖଣ୍ଡତା ରକ୍ଷା ନିମନ୍ତେ ପାକିସ୍ଥାନର ଶାସକମାନଙ୍କର ଏହି ବିଦ୍ରୋହକୁ ଦୃଢ଼ ହସ୍ତରେ ନିଷ୍ଠୁରତାର ସହିତ ଦମନ ନ କରିବା ନିମନ୍ତେ ବାଟ ନ ଥିଲା । ଦମନ କରିନଥିଲେ ଶାସକମାନେ କର୍ତ୍ତବ୍ୟହାନୀ ଦୋଷରେ ଦୁଷ୍ଟ ହୋଇ ପ୍ରାଣଦଣ୍ଡ ପାଇଥାନ୍ତେ । ମୁଁ ଶାସକ ଥିଲେ ତାହା କରିବାକୁ ବାଧ୍ୟ ହୁଅନ୍ତି । ଆଜି ଭାରତରୁ କୌଣସି ଅଞ୍ଚଳ ପୃଥକ ହେବାକୁ ଇଚ୍ଛା କଲେ ତାହା କରାଇ ଦେବାକୁ ହେବ ନାହିଁ । ଯେ କୌଣସି ଖର୍ଚ୍ଚରେ

Digitized by PPRACHIN, SOA

ଏବଂ ଉପାୟରେ ବିଦ୍ରୋହ ଦମନ କରି ଦେଶର ଅଖଣ୍ଡତା ରକ୍ଷା କରିବାକୁ ହେବ ।

ମୋର ମତ ଥିଲା ପାକିସ୍ଥାନ ପରି ଗୋଟିଏ ଦେଶ ଏବଂ ଗୋଟିଏ ଜାତି ଉପଯୁକ୍ତ ଶାସ୍ତି ପାଇବା ଦରକାର । ସୁଯୋଗ ମିଳିଲେ ପାକିସ୍ଥାନ ସହିତ ଯୁଦ୍ଧ କରି ତାକୁ ପରାସ୍ତ କରି ଏକ ସୁଦୃଢ଼ ଶାସନାଧୀନରେ ରଖିବା ଉଚିତ କିମ୍ବା ଅତି ସୁନ୍ଦର ଏବଂ ବିଧେୟ ହୁଅନ୍ତା ପାକିସ୍ଥାନକୁ ଭାରତର ଅଧୀନସ୍ଥ ରାଜ୍ୟ କରି ରଖିବା । କାରଣ ପାକିସ୍ଥାନ ଏକ ଖରାପ ପଡ଼ୋଶୀ (The Pakisthan is a very bad neighbour) । ରାଜ୍ୟ ବିସ୍ତାର ପାଇଁ ପାକିସ୍ଥାନ ସରକାର ବରାବର ଭାରତ ଉପରେ ଆକ୍ରମଣ କରୁଛି । କଣ୍ଠା ବାଡ଼ରେ ଲୁଗା ପକାଇ କଳି ଲଗିଲା ପରି ଭାରତ ସହିତ ଅଯଥା ଝଗଡ଼ା ସୃଷ୍ଟି କରୁଥାଏ ଏବଂ କରୁଛି । ସେହି ଦେଶର ନେତା ତଥା ଜନତା ଜାତି ଏବଂ ଧର୍ମ ବିଷୟରେ ସର୍ବଦା ଅସହନଶୀଳ । ନେତାମାନେ ଜନତା ସହିତ ମିଶି ସବୁବେଳେ ଅଣ-ମୁସଲମାନଙ୍କୁ, ବିଶେଷତଃ ହିନ୍ଦୁଙ୍କୁ 'କାଫେର' ବୋଲି କହି ଘୃଣା ଏବଂ ଅତ୍ୟାଚାର କରୁଥିଲେ । ପୂର୍ବେ ଭାରତ ବର୍ଷର ବାଦଶାହ ଥିଲେ ବୋଲି ସେମାନେ ନିଜକୁ ଶାସକ-ଜାତି ଏବଂ ଅଣ-ମୁସଲମାନମାନଙ୍କୁ, ବିଶେଷତଃ ହିନ୍ଦୁମାନଙ୍କୁ ଶାସିତ-ଜାତି ବୋଲି ଭାବି ସର୍ବଦା ବିଲୋପ କରିବାକୁ ଉଦ୍ୟମ କରୁଥିଲେ । ଏହି ଭାବନା ଯୋଗୁଁ ବହୁ ବର୍ଷ ଆଗରୁ, ବିଶେଷତଃ ସ୍ୱାଧୀନତା ପ୍ରାପ୍ତିର ଅବ୍ୟବହିତ ପୂର୍ବରୁ ମୁସଲମାନ ନେତା ଏବଂ ଜନତା ମିଶି ଅଣ-ମୁସଲମାନ ଭାରତୀୟଙ୍କୁ, ବିଶେଷତଃ ହିନ୍ଦୁମାନଙ୍କୁ ନିର୍ମମଭାବେ ଗଣହତ୍ୟା କରିଥିଲେ । ପୂର୍ବ-ବଙ୍ଗର (ବଙ୍ଗଳା ଦେଶର) ନୂଆଖାଲି ଗଣ-ହତ୍ୟା ଇତିହାସ ଭୁଲିବ ନାହିଁ କି ଲୋକେ ଭୁଲି ନାହାନ୍ତି । ବର୍ତ୍ତମାନର ବଙ୍ଗଳା ଦେଶର ନେତା-ନେତ୍ରୀ ଏବଂ ମୁକ୍ତି-ବାହିନୀର ବୟସ୍କ ଲୋକେ ଯେ, ନୂଆ-ଖାଲି ଗଣ-ହତ୍ୟାର ଅଂଶୀଦାର ନୁହନ୍ତି କିଏ ଅସ୍ୱୀକାର କରିବ ? ମୁଁ ତ ଆଶଙ୍କା କରୁଛି ଯେ, ବଙ୍ଗଳା ଦେଶ ଆମର ବନ୍ଧୁ ଦେଶ ହୋଇ ରହିବ ନାହିଁ । କେତେକ ବର୍ଷ ମଧ୍ୟରେ ମୁଜିବଙ୍କ ନେତୃତ୍ୱ ଲୋପ ହେବ, ଭାଷାନୀ କିମ୍ବା ଅନ୍ୟ କାହାର ନେତୃତ୍ୱରେ ସେ ଦେଶର ଲୋକେ ପରିଚାଳିତ ହୋଇ ପଶ୍ଚିମ ବଙ୍ଗଳା ଏବଂ ଆସାମ ଦାବୀକରି ଚୀନ୍ ସାହାଯ୍ୟରେ ଭାରତ ,ବିରୋଧରେ ଯୁଦ୍ଧ କରି ଆମକୁ ହଇରାଣରେ ପକାଇବେ । ଏହିପରି ଭାବରେ ପାକିସ୍ଥାନ ଏକ

Digitized by PPRACHIN, SOA

ଖରାପ ପଡ଼ୋଶୀ । ତେଣୁ ସୁଯୋଗ ମିଳିଥିଲା, ପାକିସ୍ତାନର ଗର୍ବକୁ ଖର୍ବ କରିବା ନିମନ୍ତେ । ସୁଯୋଗର ସଦ୍‌ବ୍ୟବହାର କରାଗଲା । ପାକିସ୍ତାନ ଶୋଚନୀୟ ଭାବେ ହାରିଲା । ଦେଶବାସୀଙ୍କ ସଙ୍ଗେ ମୁଁ ଏବଂ ମୋ ଦଳର ସମସ୍ତେ ସନ୍ତୁଷ୍ଟ ଏବଂ ଆଶ୍ୱସ୍ତ ହେଲୁ ।

ମୁଁ ଜଣେ ଭଗବତ୍‌ବାଦୀ, ଏକ ସର୍ବଶକ୍ତିମାନ, ସର୍ବବ୍ୟାପୀ, ସର୍ବଜ୍ଞାତା ଏବଂ ଅନ୍ତର୍ଯ୍ୟାମୀ ବିଶ୍ୱନିୟନ୍ତାଙ୍କର ଅସ୍ତିତ୍ୱରେ ମୋର ବିଶ୍ୱାସ ଅଛି । ଏହି ବିଶ୍ୱନିୟନ୍ତା ଠିକ୍ ସମୟରେ ଦୁଷ୍ଟକୁ ଦଣ୍ଡ ଦିଅନ୍ତି । ଅବିଭକ୍ତ ଭାରତରେ ମୁସଲମାନମାନେ ଅତ୍ୟନ୍ତ ଅସହନଶୀଳ ହୋଇ ଗତ ଦେଢ଼ ହଜାର ବର୍ଷ ଧରି ଈର୍ଷା, ଅଭିମାନ, ଗର୍ବ ଏବଂ ଔଦ୍ଧତ୍ୟରେ ଅଣ-ମୁସଲମାନ, ବିଶେଷତଃ ହିନ୍ଦୁମାନଙ୍କ ଉପରେ ଅନ୍ୟାୟ, ଅତ୍ୟାଚାର, ଶୋଷଣ, ପେଷଣ, ନିଷ୍ପୀଡ଼ନ, ପଦ-ଦଳନ, ଲାଞ୍ଛନ ଓ ଘୃଣା କରି ଆସିଥିଲେ । ଗର୍ବ-ଗଞ୍ଜନ ହରି ଭାରତର ଜନତା ଜନାର୍ଦ୍ଦନ ଏବଂ ନରନାରାୟଣ ରୂପେ ତାହା (ଗର୍ବ) ଗଞ୍ଜନ କଲେ । ଏ ଯୁଦ୍ଧ ପାକିସ୍ତାନ ପକ୍ଷେ କବର ହେଲା । ପାକିସ୍ତାନ ଏ କ୍ଷଣି ଜୀବନ୍ମୃତ ଅବସ୍ଥାରେ ଅଛି ।

ଯେଉଁ ଯୁକ୍ତି ଏବଂ ବାହାନାରେ ଏ ସମସ୍ୟାରେ ଭାରତବର୍ଷ ପ୍ରବେଶ କଲା ତାର ପରିଣତି ଭଲ ହେବ ନାହିଁ । ଆଶୁ ପରିଣତି ଏହା ହେଲା ଯେ, ଯୁଦ୍ଧ ଜିଣିବାର ୪୫ ଦିନ ଭିତରେ ପୂର୍ବରୁ ବିଭକ୍ତ ହୋଇଥିବା ଆସାମ ରାଜ୍ୟ ଆହୁରି ପୁଣି ବିଭକ୍ତ ହୋଇ ମୋଟରେ ୭ ଖଣ୍ଡ ରାଜ୍ୟରେ ଖଣ୍ଡ ଖଣ୍ଡ ହୋଇଗଲା । ପୂର୍ବରୁ ଆସାମ ଗୋଟିଏ ମାତ୍ର ପ୍ରଦେଶ ବା ରାଜ୍ୟ ଭାବେ ଥିଲା । ଗୋଟିଏ ରାଜ୍ୟ (State) ଯାଗାରେ ବର୍ତ୍ତମାନ ୫ଟି ପୂର୍ଣ୍ଣ ପ୍ରଦେଶ ବା ରାଜ୍ୟ, ଯଥା—ଆସାମ, ମେଘାଳୟ, ମଣିପୁର, ତ୍ରିପୁରା ଏବଂ ନାଗା-ଲାଣ୍ଡ ଓ ଦୁଇଟି ଚିଫ୍ କମିସନର୍ ପ୍ରଦେଶ ବା କେନ୍ଦ୍ର-ଶାସିତ ଅଞ୍ଚଳ ଯଥା—ନେଫା ବା ଅରୁଣାଞ୍ଚଳ ଏବଂ ମିଜୋ-ଲାଣ୍ଡ ବା ମିଜୋରାମ—ଏରୂପେ ୭ଟି ପ୍ରଦେଶ ବା ରାଜ୍ୟ ହେଲା । ଏହା ସଙ୍ଗେ ସଙ୍ଗେ ସେମାନେ କାଲି ଆଉ କେତେ ଦାବୀ ହାସଲ କରି ବସ୍ତୁତଃ ଭାରତ ଇଉନିୟନରୁ ପୃଥକ ହେବାକୁ ଚେଷ୍ଟା କରିବେ । ଏଣେ ପଶ୍ଚିମ-ବଙ୍ଗ, ମାନ୍ଦ୍ରାଜ, କେରଳ ଏବଂ କାଶ୍ମୀରର ଲୋକମତ ଅନୁସାରେ କଣ ହେବ କହି ହେଉ ନାହିଁ । ଲୋକମତ ଅନୁସାରେ ଆହୁରି କେତେକ ପ୍ରଦେଶ, ଯଥା: ଝାଡ଼ଖଣ୍ଡ, ବିଦର୍ଭ, ତେଲଙ୍ଗାନା ପ୍ରଭୃତି ସୃଷ୍ଟି ହେବ । ଏହିସବୁ ପ୍ରଦେଶର ଲୋକମାନଙ୍କର ଆନୁଗତ୍ୟ ହୁଏତ

Digitized by PPRACHIN, SOA

ଋଷିଆ, ଚୀନ କମ୍ବା ଆମେରିକାଠାରେ ରହିବ, ଦିଲ୍ଲୀଠାରେ ରହିବ ନାହିଁ ବୋଲି ଆଶଙ୍କା କରିବାର ଯଥେଷ୍ଟ କାରଣ ଅଛି । କୌଣସି ଏକ ସାର୍ବଭୌମ-କ୍ଷମତାବିଶିଷ୍ଟ ସ୍ୱାଧୀନ ରାଜ୍ୟର ଏକ ପ୍ରଦେଶ ବା ଅଞ୍ଚଳର ଜନମତକୁ ଖାତିର କରି ଯଦି ନୂତନ ସ୍ୱାଧୀନ ରାଜ୍ୟ ସୃଷ୍ଟି କରାଯାଏ ତେବେ କୌଣସି ଦେଶର ସାର୍ବଭୌମତ୍ୱ ଏବଂ ଅଖଣ୍ଡତା ରହିବ ନାହିଁ । ବଙ୍ଗଳା ଦେଶକୁ ଯେଉଁ ଯୁକ୍ତିରେ ଜିତାଇ ଦିଆଗଲା, ତାର ଅପ୍ରତ୍ୟକ୍ଷ ଫଳସ୍ୱରୂପ ଆସାମ ପ୍ରଦେଶକୁ ସପ୍ତଧା ବିଭକ୍ତ କରାଗଲା । ତାହା କରାଯାଇ ନ ଥିଲେ ବର୍ତ୍ତମାନର କ୍ଷୁଦ୍ର ଆସାମକୁ ଛାଡ଼ି ପୂର୍ବର ବିଶାଳ-ଆସାମର ଅନ୍ୟ ସବୁ ଅଞ୍ଚଳରେ ବହୁମତରେ ଆନ୍ଦୋଳନ ହୋଇଥାନ୍ତା, ଭାରତବର୍ଷରୁ ପୃଥକ ହୋଇ ଅଲଗା ସାର୍ବଭୌମ ରାଜ୍ୟ ହେବା ନିମନ୍ତେ । ଯଦି ବଙ୍ଗଳା ଦେଶର ବହୁମତ ଯୋଗୁଁ ତାକୁ ମୂଳ-ପାକିସ୍ଥାନରୁ ପୃଥକ କରାଯିବା ନିମନ୍ତେ ଭାରତର ଜାତି, ନେତା, ନେତ୍ରୀ ଏବଂ ସରକାର ବଙ୍ଗଳା ଦେଶକୁ ସାହାଯ୍ୟ-ଦାନ ପୂର୍ବକ ଯୁଦ୍ଧରେ ଜିତାଇଲେ ତେବେ ଏହି ଅଞ୍ଚଳମାନଙ୍କୁ ସ୍ୱାଧୀନ ହେବା ନିମନ୍ତେ ବାଧା ଦେବାର ଯୁକ୍ତି ନାହିଁ । ଏହି ମନୋଭାବ ଏବଂ ଯୁକ୍ତି ଅନୁସାରେ ଭାରତର ଭବିଷ୍ୟତ ଆଶଙ୍କାପୂର୍ଣ୍ଣ ଏବଂ ବିପଦସଂକୁଳ ।

ଭଗବତ୍ ବିଗ୍ରହରୁ ପାକିସ୍ଥାନକୁ ଏବଂ ତାହାର ଅସହନଶୀଳ ଜନତାକୁ ଦଣ୍ଡ ଦେଲେ ନର-ନାରାୟଣ, ଭଗବାନ । ହାଓ୍ୟା ସୃଷ୍ଟିକଲେ ଜନତା-ଜନାର୍ଦ୍ଦନ । ଅନୁପ୍ରେରଣା ଏବଂ ପ୍ରରୋଚନା ଦେଲେ ବୁଦ୍ଧିଜୀବୀ ଏବଂ ରାଜନୈତିକ ଦଳମାନେ । ଜିତିଲେ ଜବାନ-ସୈନ୍ୟବାହିନୀ । ବାହାଦୂରୀ ଏବଂ ନାମ ହେଲା ଦେଶର, ଖ୍ୟାତି ହେଲା ଭାରତ ସରକାରଙ୍କର, ଅର୍ଥାତ୍ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ।

ତେଣୁ ଯୁଦ୍ଧ ବିଜୟରେ ଇନ୍ଦିରାଙ୍କର ବିଜୟ ଏବଂ ସୁନାମ ହେଲା ବୋଲି ଯେତେବେଳେ ପୁଣି ମୋ ଉପରେ ଚାପ ଦିଆଗଲା ଯେ, ଆମେ ଜନ-କଂଗ୍ରେସ ଦଳ ଭାଙ୍ଗି ଇନ୍ଦିରା-କଂଗ୍ରେସ ଦଳରେ ସାମିଲ ହେବୁ, ସେତେବେଳେ ମୁଁ ନାସ୍ତିବାଣୀ ଶୁଣାଇ କହିଲି ଯେ, କିଏ ବିଜୟ ଲାଭ କରିବା କାରଣରୁ ଆମେ ତାହାର ନେତୃତ୍ୱକୁ ସ୍ୱୀକାର କରିବା ଉଚିତ ହେବନାହିଁ । ରାଜନୈତିକ ଦର୍ଶନକୁ (ideology) ଭିତ୍ତି ଏବଂ ବିଶ୍ୱାସ କରି ଦଳ ଭୁକ୍ତ ହେବା ଦରକାର । ଆମେ ଗାନ୍ଧୀ-ଦର୍ଶନକୁ ବିଶ୍ୱାସ କରି ଦଳ ଗଠନ କରିଛୁ । ଦଳ ରହିବ ଏବଂ ଦେଶ ତଥା ଦଶର ସେବା କରିବ । ଆଉ କିଏ କଣ କରିପାରନ୍ତି, ମୁଁ ମୋ ମତ ଛାଡ଼ିବି ନାହିଁ ।

Digitized by PPRACHIN, SOA

ମୋର ଅନ୍ୟ ଦଳରେ ନ ମିଶିବାର କାରଣ

ଡ: ମହତାବ ପ୍ରଭୃତି ବହୁ ବନ୍ଧୁ ବାରମ୍ବାର ଚାପ ଦେଇ ପ୍ରସ୍ତାବ କରୁଥିଲେ ଯେ, ଜନ-କଂଗ୍ରେସ ଦଳ ଭାଙ୍ଗି ଆମେ ସମସ୍ତେ ଇନ୍ଦିରା କଂଗ୍ରେସ ବା ଶାସକ କଂଗ୍ରେସରେ ମିଶିଯାଉ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଦିଲ୍ଲୀଠାରୁ ଫୋନ୍ କରାଇଲେ ଯେ, ମୁଁ ଦିଲ୍ଲୀ ଯାଇ ତାଙ୍କ ସଙ୍ଗେ ସାକ୍ଷାତ କରନ୍ତି । ଶାସକ କଂଗ୍ରେସର ସଭାପତି ଶ୍ରୀ ଜଗଜୀବନ ରାମ ଓଡ଼ିଶା ଗସ୍ତରେ ଆସି ଆମ୍ଭମାନଙ୍କୁ ଅନୁରୋଧ କଲେ ଯେ, ଆମ୍ଭ ଦଳ ଜନ-କଂଗ୍ରେସ ନାମ ବଦଳାଇ ଶାସକ କଂଗ୍ରେସ ନାମରେ ଅଭିହିତ ହେଉ । ସେ ମହୋଦୟ ମୋତେ କହିଲେ ଯେ, ଶାସକ କଂଗ୍ରେସ ପାଇଁ ଆମେ ଓଡ଼ିଶାରେ ନେତୃତ୍ୱ ନେଉ । ଯେଉଁ ସମୟରେ ଓଡ଼ିଶାରେ ଶାସକ କଂଗ୍ରେସର ସଂଗଠନ ନ ଥିଲା ସେତେବେଳକୁ ଏ ସବୁ ପ୍ରସ୍ତାବ ଆସୁଥିଲା । ରାଜ୍ୟରେ ରାଜା ନ ଥିଲେ ତାଲିମପ୍ରାପ୍ତ ହାତି ମୁଣ୍ଡରେ ସୁନା କଳସ ରଖି ହାତୀକୁ ଛାଡ଼ିଦିଆଯାଏ । ହାତି ଯା ମୁଣ୍ଡରେ ସୁନା କଳସ ଢାଳେ ସେ ସେହି ରାଜ୍ୟର ରାଜା ହୁଏ । ସେହିପରି ଶାସକ କଂଗ୍ରେସର ସଭାପତି ଏବଂ ପ୍ରଧାନମନ୍ତ୍ରୀ ତାଙ୍କ ଦଳର ନେତୃତ୍ୱ ନେବାପାଇଁ ମୋ ମୁଣ୍ଡରେ ସୁନା କଳସ ଢାଳି ମୋତେ ନେତୃତ୍ୱ ଦେବାକୁ ପ୍ରସ୍ତୁତ ଥିଲେ ମଧ୍ୟ ମୁଁ ରାଜି ହୋଇନଥିଲି । ମୋର ଅନେକ ସାଙ୍ଗ-ସାଥୀ, ଦଳୀୟ ସହକର୍ମୀ ଏବଂ ଅନ୍ତରଙ୍ଗ ଶୁଭେଚ୍ଛୁ ଓ ମଙ୍ଗଳାକାଙ୍କ୍ଷୀ ମୋତେ ଇନ୍ଦିରାଙ୍କ କଂଗ୍ରେସରେ ଯୋଗ ଦେବାକୁ କହିଲେ ସୁଦ୍ଧା ମୁଁ ସମସ୍ତଙ୍କୁ ଧନ୍ୟବାଦ ଦେଇ ନିମ୍ନମତେ ଯୁକ୍ତି କରି ବୁଝାଇ ଦିଏ ।

ମୁଁ କହେ ଯେ ଆମ ଦେଶରେ ରାଜନୈତିକ ଦର୍ଶନକୁ ମୂଳ ଭିତ୍ତି କରି ରାଜନୀତି କରାଯାଉ ନାହିଁ । ବହୁ କ୍ଷେତ୍ରରେ ଲୋକେ ବ୍ୟକ୍ତି-ସ୍ତାବକ ଅଟନ୍ତି, କିନ୍ତୁ ନୀତି-ପୂଜକ ନୁହନ୍ତି । କେହି କୌଣସି କାରଣରୁ ନାମ ଅର୍ଜନ କଲା ତ, ତଥାକଥିତ ରାଜନୈତିକ ନେତା ଏବଂ କର୍ମୀ ତା ପଛରେ

Digitized by PPRACHIN, SOA

ଧାଇଁବେ ; ଯେ କେହି ବ୍ୟକ୍ତି କ୍ଷମତାସୀନ ହେଲେ ତ ତାର ଅନୁଗାମୀ ହେବେ। ତାର ପନ୍ଥା ଏବଂ ମତ ବଡ଼ କଥା ନୁହେଁ, ବଡ଼କଥା କେବଳ ଆତ୍ମ-ସ୍ୱାର୍ଥ ଏବଂ ଆତ୍ମ-ମର୍ଯ୍ୟାଦା ଲାଭ । ବିନା ରାଜନୈତିକ ଦର୍ଶନରେ (ideology), କମ୍ବା ଦର୍ଶନକୁ ଗ୍ରହଣ କଲେ ସୁଦ୍ଧା ତାହା ନ ବୁଝି ରାଜନୀତି କଲେ ତାହାର ପରିଣାମ ହୁଏ ମନସ୍ତାପ ଏବଂ ଦଳ ତ୍ୟାଗ। କିନ୍ତୁ ମୁଁ ରାଜନୈତିକ ଦର୍ଶନକୁ ଭିତ୍ତି କରି ସ୍ୱାଧୀନତା ପରେ କଂଗ୍ରେସ ଦଳରେ ରହିବାର ମନସ୍ଥ କଲି । କଂଗ୍ରେସ ଦୁର୍ନୀତିଗ୍ରସ୍ତ ହୋଇ ଗାନ୍ଧୀବାଦ ପରିତ୍ୟାଗ କରିବାରୁ ମୁଁ କଂଗ୍ରେସକୁ ଛାଡ଼ି ପୂର୍ଣ୍ଣ ଗାନ୍ଧୀ-ମତରେ ଜନ-କଂଗ୍ରେସ ଦଳ ଗଠନ କରିବାରେ ଅନ୍ୟାନ୍ୟ ବନ୍ଧୁଙ୍କ ସଙ୍ଗେ ବିଶେଷ ଅଂଶ ଗ୍ରହଣ କରିଥିଲି । ଯେହେତୁ ଜନ-କଂଗ୍ରେସ ବ୍ୟତୀତ ଭାରତରେ ଅନ୍ୟ କୌଣସି ଦଳ ଗାନ୍ଧୀ ମତକୁ ଶ୍ରେଷ୍ଠ ମତ ବୋଲି ଗ୍ରହଣ କରି ନାହିଁ ଏବଂ ଜନ-କଂଗ୍ରେସ ହିଁ ଗ୍ରହଣ କରିଛି, ତେଣୁ ଜନ-କଂଗ୍ରେସ ଛାଡ଼ି ଅନ୍ୟ ଦଳ ସଙ୍ଗେ ମିଶି ପାରିବି ନାହିଁ, ଉକ୍ତ ଦଳ ଯେତେ କ୍ଷଣିକ ଜନପ୍ରିୟ ଏବଂ ପ୍ରଭାବ-ଶାଳୀ ହେଉ ପଛକେ ।

ମୋର ଶାସକ କଂଗ୍ରେସରେ ନ ମିଶିବାର ଆଉ ଏକ ବିଶେଷ କାରଣ ଅଛି । ତାହା ହେଉଛି ଶାସକ ବା ଇନ୍ଦିରା କଂଗ୍ରେସର ରାଜନୈତିକ ଦର୍ଶନ । ତାର ଦର୍ଶନ ବା ମତବାଦ ହେଉଛି ଗଣତାନ୍ତ୍ରିକ-ସାମ୍ୟବାଦ । ମୋ ମତରେ ଗଣତନ୍ତ୍ରଦ୍ୱାରା ବାସ୍ତବ ସାମ୍ୟବାଦ ପ୍ରତିଷ୍ଠିତ ହୋଇ ପାରିବ ନାହିଁ । ବିନା ଏକଛତ୍ରବାଦରେ ସାମ୍ୟବାଦ ପ୍ରତିଷ୍ଠା ଅସମ୍ଭବ । ମୁଁ ସାମ୍ୟ-ବାଦୀ ହେଲେ ପ୍ରଥମେ ଏକଛତ୍ରବାଦୀ ହେବି । ଏଥିପାଇଁ ଚୀନ ଏବଂ ଋଷିଆ ମୋର ଆଦର୍ଶ ହେବେ । କିନ୍ତୁ ମୁଁ ଦେଖୁଛି, ଚୀନ-ଋଷିଆ ପ୍ରଦର୍ଶିତ ବାଟରେ ନ ଯାଇ ଗାନ୍ଧୀ-ପ୍ରଦର୍ଶିତ ପନ୍ଥା ଅନୁସରଣ କଲେ ସର୍ବାଙ୍ଗୀନ ସାମ୍ୟବାଦ ହାସଲ ହୋଇପାରିବ । ତେଣୁ ଜନ-କଂଗ୍ରେସ ଜରିଆରେ ଗାନ୍ଧୀ ପନ୍ଥା ଅନୁସରଣ କରି ଗାନ୍ଧୀ ଉଦ୍ଭାବିତ ସାମ୍ୟବାଦ ପ୍ରତିଷ୍ଠା କରିବାକୁ ମୋ ପରିସର ଏବଂ ଶକ୍ତି ଭିତରେ ଚେଷ୍ଟା କରୁଛି ।

ଗଣତାନ୍ତ୍ରିକ ସାମ୍ୟବାଦ ଦର୍ଶନରେ ବାସ୍ତବ ସାମ୍ୟବାଦ ହାସଲ କରିହେବ ନାହିଁ । ଏହାଦ୍ୱାରା ଜାତୀୟ ଉତ୍ପାଦନ କମିବ ଏବଂ ଦୁର୍ନୀତି ବଢ଼ିବ । ଇନ୍ଦିରା ବା ଶାସକ କଂଗ୍ରେସର ପ୍ରଧାନମନ୍ତ୍ରୀ ଏବଂ ସଭାପତି ଯଥା-କ୍ରମେ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ଏବଂ ଶ୍ରୀ ଜଗଜୀବନ ରାମ ସାମ୍ୟବାଦ ପାଇଁ

Digitized by PPRACHIN, SOA

ଯେତେ ଆଓ୍ୱାଜ ଉଠାଇଲେ ସୁଦ୍ଧା ଉତ୍ପାଦନ ବଢ଼ାଇପାରୁନାହାନ୍ତି, କିମ୍ବା ଦୁର୍ନୀତି କମାଇ ପାରୁ ନାହାନ୍ତି । ବରଂ ସବୁ କ୍ଷେତ୍ରରେ ଉତ୍ପାଦନ କମୁଛି ଏବଂ ଦୁର୍ନୀତି ବଢ଼ୁଛି । ସେଥିପାଇଁ ମୁଁ ଦୁର୍ଗାପୁର, ରାଉରକେଲା ଓ ଭିଲାଇର କ୍ଷତି, ଦୁର୍ନୀତି ଏବଂ ବିଶୃଙ୍ଖଳାର ଉଦାହରଣ ଦିଏ । କେନ୍ଦ୍ର ସରକାରଙ୍କର ଯେତେ କର୍ପୋରେସନ (Public Sector Business and Industry) ଅଛି, ଅର୍ଥାତ୍ ଏନ୍. ସି. ଡି. ସି., ଏମ୍. ଏମ୍. ଟି. ସି., ଏନ୍. ଏମ୍. ଡି. ସି., ଟ୍ରାନ୍ସପୋର୍ଟ, କମ୍ୟୁନିକେଶନ, ରେଲଓ୍ୱେ, ଅଏଲ କର୍ପୋରେସନ ଇତ୍ୟାଦିରେ କିପରି ବିସ୍ତର କ୍ଷତି, ଦୁର୍ନୀତି ଏବଂ ବିଶୃଙ୍ଖଳା ହେଉଛି ତାହା ଦର୍ଶାଏ । ଦୁର୍ନୀତି କମିବା ପରିବର୍ତ୍ତେ ଦିନକୁ ଦିନ ତାହା ଦ୍ରୁତ ଗତିରେ ବଢ଼ୁଛି । ଅକର୍ମା ସମସ୍ୟା ଦିନକୁ ଦିନ ଜଟିଳ ହେଉଛି । ତେଣୁ ଆମ ଗାନ୍ଧୀ ନୀତିର ସାମ୍ୟବାଦ ଗୁଡ଼ି ବିଦେଶରୁ ଆମଦାନି କରା ହୋଇଥିବା ସାମ୍ୟବାଦରେ ଗଣତନ୍ତ୍ର ରୂପକ ଭେଜାଲ୍‌ମିଶା ଇନ୍ଦିରା-ଜଗଜୀବନ ରାମଙ୍କ ସାମ୍ୟବାଦକୁ ଗ୍ରହଣ କରି ଜନତାକୁ ଠକି ଭୋଟ ପାଇ ମନ୍ତ୍ରୀ କିମ୍ବା ସାଙ୍ଗଠନିକ କର୍ମକର୍ତ୍ତା ହୋଇପାରିବିନାହିଁ । ଏଥିପାଇଁ ମୋତେ ମାଫ୍ କରିବେ ।

ଅନ୍ୟ ଦୁଇଟି କାରଣରୁ ମୁଁ ଶାସକ କଂଗ୍ରେସରେ ଯୋଗ ଦେଇ ପାରୁନାହିଁ । ତାହା ହେଉଛି ଦଳରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଏକଛତ୍ର ଆସନ, ମନୋବୃତ୍ତି ଓ କାର୍ଯ୍ୟକଳାପ, ଏବଂ ସଂଗଠନରେ କ୍ଷମତା ପ୍ରାପ୍ତି ଉଦ୍ଦେଶ୍ୟରେ ଗୋଷ୍ଠୀବନ୍ଦୀ ଓ ଦଳବନ୍ଦୀ । ୧୯୭୧ର ପାର୍ଲିଆମେଣ୍ଟ ନିର୍ବାଚନ ଏବଂ ୧୯୭୨ର ଆସେମ୍ବ୍ଲି ନିର୍ବାଚନ ପରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କର ଦଳରେ ଏକଛତ୍ର ଆସନ ହୋଇଯାଇଛି । ଅପ୍ରତ୍ୟକ୍ଷ ଭାବେ ଋଷିଆର ସାମ୍ୟବାଦ ନୀତି କଂଗ୍ରେସକୁ ପ୍ରଭାବିତ କରୁଛି । ଦଳ ଭିତରେ ଯେଉଁମାନେ ଉକ୍ତ ନୀତିର ସମାଲୋଚନା କିମ୍ବା ବିରୋଧ କରୁଛନ୍ତି ତାଙ୍କୁ ପ୍ରତିକ୍ରିୟାଶୀଳ ବୋଲି ଆଖ୍ୟା ଦେଇ ମୁଖ ବନ୍ଦ କରିବାର ଚେଷ୍ଟା ଚାଲିଛି । ଦଳ ବୈଧାନିକ ଭାବେ ସଂଗଠିତ ହେବା ପୂର୍ବରୁ ତାହା ୩ ଗୋଷ୍ଠୀରେ ଯଥା: ଉଗ୍ର-ମଧ୍ୟମ-ନରମ ପନ୍ଥୀ ସାମ୍ୟବାଦୀରେ ବିଭକ୍ତ ହୋଇ ପ୍ରତ୍ୟେକ ଗୋଷ୍ଠୀ ଅନ୍ୟ ଗୋଷ୍ଠୀର ତୀବ୍ର ସମାଲୋଚନା ଏବଂ ବହିଷ୍କରଣରେ ଲାଗି ଗଲେଣି । ଉଗ୍ର-ପନ୍ଥୀମାନେ ଦଳର ସର୍ବମୟୀ ନେତ୍ରୀ ଶ୍ରୀମତୀ ଇନ୍ଦିରାଙ୍କୁ ପ୍ରଭାବିତ କରି ନିଜ ଖିଆଲ ଅନୁସାରେ ଉଦ୍ଦେଶ୍ୟ ସିଦ୍ଧି କରିବାକୁ ଲାଗି ଗଲେଣି । ମୋର

Digitized by PPRACHIN, SOA

ନିଶ୍ଚିତ ଆଶଙ୍କା ଯେ, କଙ୍ଗ୍ରେସ ଦଳ କ୍ଷମତା ହାସଲ ନିମନ୍ତେ ଦଳବଦ୍ଧ ଏବଂ ଗୋଷ୍ଠୀବଦ୍ଧରେ ବିଭକ୍ତ ହୋଇ ଭାରତକୁ ଚୀନ, ଋଷିଆ ଏବଂ ଆମେରିକାର ଅଧୀନସ୍ଥ କରାଇବେ, କେନ୍ଦ୍ର ଏବଂ ପ୍ରଦେଶର ନେତୃତ୍ୱ ନେବା ଉଦ୍ଦେଶ୍ୟରେ ଦେଶ ଏବଂ ଜାତିକୁ ଖଣ୍ଡ ଖଣ୍ଡ କରାଇବେ ; ଦେଶରେ ଅରାଜକତା ସୃଷ୍ଟି କରାଇ ଗୃହଯୁଦ୍ଧ କରାଇବେ । ଆସାମ ଏବଂ ଆନ୍ଧ୍ରରେ ଏହିପରି ଅବସ୍ଥାର ଅସ୍ମାରମ୍ଭ ହୋଇଛି । ଏପରି ଅବସ୍ଥାରେ ମୋ ସଦୃଶ ଜଣେ ଗଣତନ୍ତ୍ର ପକ୍ଷପାତୀ ଏବଂ ଅଖଣ୍ଡ ଭାରତବାଦୀ କଙ୍ଗ୍ରେସରେ ରହି ପାଣି କଟାଇବା କଷ୍ଟକର ହେବ ।

ମୁଁ ପୁଣି କହେ ଯେ, ନେତୃତ୍ୱ ବିଚାରରୁ ମୁଁ ଶ୍ରୀମତୀ ଇନ୍ଦିରାଙ୍କ ନେତୃତ୍ୱକୁ ପସନ୍ଦ କରିପାରୁନାହିଁ । ସେ ଦଳୀୟ ଶୃଙ୍ଖଳା ରକ୍ଷି ପାରିନାହାନ୍ତି । ରାଷ୍ଟ୍ରପତି ନିର୍ବାଚନରେ ଦଳର ପ୍ରଧାନମନ୍ତ୍ରୀ (ଦଳର ସର୍ବଶ୍ରେଷ୍ଠ କ୍ଷମତାସୀନ ବ୍ୟକ୍ତି) ହୋଇ ଘୋଷଣା କଲେ ଯେ, ଦଳର ସଭ୍ୟମାନେ ବିବେକ ଅନୁସାରେ ଯେ କୌଣସି ପ୍ରାର୍ଥୀକୁ ଭୋଟ ଦିଅନ୍ତୁ । ତହିଁରେ ପୁଣି ଦଳର ପ୍ରାର୍ଥୀ ଶ୍ରୀ ସଞ୍ଜୀବ ରେଡ୍ଡିଙ୍କର ପ୍ରସ୍ତାବକା ହୋଇ ଏପରି ଘୋଷଣା କଲେ । ଆଶଙ୍କା ଯେ, ସେ ନିଜ ଭୋଟଟି ନିଜ ପ୍ରସ୍ତାବିତ ଶ୍ରୀ ସଞ୍ଜୀବ ରେଡ୍ଡିଙ୍କୁ ନ ଦେଇ ଶ୍ରୀଯୁକ୍ତ ଗିରିଙ୍କୁ ଦେଇଥିବେ । ରାଜନୀତିକତା, ଦଳୀୟ ଶୃଙ୍ଖଳା ଏବଂ ମନୁଷ୍ୟତା ବିଚାର ଦୃଷ୍ଟିରୁ ତାଙ୍କର ଏ କାର୍ଯ୍ୟ ଅତ୍ୟନ୍ତ ଅସୁନ୍ଦର ଏବଂ ଅନୁଚିତ ଅଟେ । ତେଣୁ ସେ ଯେତେ ଆଦରଣୀୟା, ଲୋକ-ପ୍ରିୟା ଏବଂ ଜନ-ପୂଜ୍ୟା ହେଲେ ସୁଦ୍ଧା ଏକା ଦଳରେ ଥାଇ ଏପରି ଏକ ବ୍ୟକ୍ତିଙ୍କର ନେତୃତ୍ୱରେ କାମ କରିବା ମୋ ବିବେକର ନିର୍ଦ୍ଦେଶର ବାହାରେ ହେବ । ଏହିସବୁ କାରଣରୁ ଶାସକ କଂଗ୍ରେସରେ ଯୋଗ ଦେବା ନିମନ୍ତେ ଯେଉଁମାନେ ମୋତେ ନିମନ୍ତ୍ରଣ କିମ୍ବା ପ୍ରଭାବିତ କରନ୍ତି ମୁଁ ସେମାନଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ ପୂର୍ବକ ନାସ୍ତିବାଣୀ ଶୁଣାଇ ଦିଏ ।

ଶାସକ କଂଗ୍ରେସରେ ଯୋଗ ନ ଦେବାର ଉପରୋକ୍ତ ଯୁକ୍ତି ଏବଂ କାରଣ ଶୁଣି କେତେକ ବୁଝନ୍ତି ଏବଂ ନୀରବ ରହନ୍ତି । କେହି କେହି ବିରକ୍ତ ହୁଅନ୍ତି । କେତେକ କହନ୍ତି, ମୁଁ ଅତ୍ୟନ୍ତ ଅବୁଝା ଏବଂ ଏକଜିଦିଆ ଲୋକ ଅଟେ । ଅନ୍ୟ କେତେକ ମନ୍ତବ୍ୟ ଦିଅନ୍ତି, ମୁଁ ବ୍ୟକ୍ତି-ପୂଜକ ନୁହେଁ, ନୀତି-ସ୍ତାବକ ଅଟେ । ବାସ୍ତବିକ୍ ମୁଁ ବ୍ୟକ୍ତି-ସ୍ତାବକ ନୁହେଁ, ନୀତି-ପୂଜକ ଅଟେ ।

Digitized by PPRACHIN, SOA

ଉପସଂହାର

ରାଜନୈତିକ ସ୍ୱାଧୀନତା ପରେ ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୈତିକ ମୁକ୍ତି ଏକାନ୍ତ ଲୋଡ଼ା । ତାହା ନ ହେଲେ ରାଜନୈତିକ ସ୍ୱାଧୀନତାର ମୂଲ୍ୟ ନାହିଁ । ଅସନ୍ତୁଷ୍ଟ ଜାତି ରାଜନୈତିକ ସ୍ୱାଧୀନତା ରକ୍ଷା-କରିବା ପାଇଁ ଅସମର୍ଥ ହୋଇ ପଡ଼ିବ । ତେଣୁ ସମାଜର ମୁଖ୍ୟ ଏବଂ ଚିନ୍ତାଶୀଳ ବ୍ୟକ୍ତିଙ୍କର ନୈତିକ କର୍ତ୍ତବ୍ୟ ଯେ, ସେମାନେ ନିଜର ଆଦର୍ଶପୂର୍ଣ୍ଣ ଚରିତ୍ର ଏବଂ କାର୍ଯ୍ୟକଳାପଦ୍ୱାରା ଜନତାକୁ ସୁଚରିତ୍ରବାନ, ସୁଶୃଙ୍ଖଳିତ, ସ୍ୱାବଲମ୍ବୀ, ସମୃଦ୍ଧ ଏବଂ ସୁଖୀ କରାଇବା ପାଇଁ ଜାତିର ନେତୃତ୍ୱ ନେବେ । ଦୁଇଟି ଆସନରେ ଥାଇ ଫଳପ୍ରଦ ଭାବରେ ଏହି ଉଦ୍ଦେଶ୍ୟରେ ନେତୃତ୍ୱ ଦିଆଯାଇପାରେ, ଯଥା—ସାମାଜିକ ଏବଂ ରାଜନୈତିକ । ପୂର୍ବ ବର୍ଣ୍ଣନା ଅନୁସାରେ ଆଜିର ଦୁନିଆ ରାଜନୈତିକ ଅଭିମୁଖୀ ହୋଇଯାଇଛି । ତେଣୁ ଏହି ଆଭିମୁଖ୍ୟର ସୁଯୋଗ ନେଇ କାର୍ଯ୍ୟ କରିବା ନିମନ୍ତେ ରାଜନୈତିକ ସଂଗଠନର ଅସ୍ତିତ୍ୱ ଆବଶ୍ୟକ । ସେଥିପାଇଁ ଗାନ୍ଧୀବାଦର ନିର୍ଦ୍ଦୋଷ ଦର୍ଶନସମ୍ମତ ଜନ-କଂଗ୍ରେସ ଦଳର ଅସ୍ତିତ୍ୱ ବଜାୟ ରଖିବା ଉଦ୍ଦେଶ୍ୟରେ ନାନା ବାଧା-ବିଘ୍ନ, ଘାତ-ପ୍ରତିଘାତ, ବାଦ-ବିସମ୍ବାଦ ଏବଂ ଉତ୍ଥାନ ପତନର ସମ୍ମୁଖୀନ ହୋଇ ଉକ୍ତ ଦଳକୁ ରଖାଗଲା ।

ସ୍ୱାଧୀନତା ପ୍ରାପ୍ତିର ୨୫ବର୍ଷ ପରେ ଆଜ ମୁଁ ପ୍ରତ୍ୟକ୍ଷଭାବେ ପାର୍ଲିଆମେଣ୍ଟାରି ଏବଂ ଶାସନତାନ୍ତ୍ରିକ ରାଜନୀତିର ପରିସରର ବାହାରେ ଅଛି । ଗତ ୨୫ବର୍ଷ ମଧ୍ୟରେ ମୁଁ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ୫ଥର ମନ୍ତ୍ରୀ ହୋଇ ପ୍ରାୟ ୧୪/୧୫ବର୍ଷ ପର୍ଯ୍ୟନ୍ତ ଉକ୍ତ ଆସନରୁ ଦେଶସେବା କରିଥିଲି । ବାକି ଦଶବର୍ଷ ପର୍ଯ୍ୟନ୍ତ ଏମ୍·ଏଲ୍·ଏ· ଭାବେ କାର୍ଯ୍ୟ କରିଥିଲି । ଆଜ କିନ୍ତୁ ମୁଁ ମନ୍ତ୍ରୀ କିମ୍ବା ଏମ୍.ଏଲ୍.ଏ. ନୁହେଁ, କିମ୍ବା ପାର୍ଲିଆମେଣ୍ଟର ସଭ୍ୟ ନୁହେଁ । ତଥାପି ଦଳ ସାହାଯ୍ୟରେ ଜନତାର ସେବା କରିବାକୁ ଏବଂ ମୋ ପରିସର

Digitized by PPRACHIN, SOA

ଭିତରେ ଲୋକଙ୍କ ନେତୃତ୍ୱ ନେବାକୁ ପ୍ରଚୁର ଏବଂ ଅବାଧ ସୁଯୋଗ ପାଉଛି ।

ଆଜି ଆମ ଦେଶର ରାଜନୀତି ଦୁର୍ନୀତିଗ୍ରସ୍ତ, କଳଙ୍କିତ ଏବଂ ସ୍ୱାର୍ଥସାଧନମୂଳକ ; ଶାସନ ଏବଂ ସମାଜ ନୀତିହୀନ ଓ ଅଶୃଙ୍ଖଳିତ ; ସଂସ୍କୃତି ବୈଦେଶିକ ଅଭିମୁଖୀ ; ଧର୍ମ କୁ-ସଂସ୍କାରପୂର୍ଣ୍ଣ ଏବଂ ଅର୍ଥନୀତି ଗୋଷ୍ଠୀ-ସ୍ୱାର୍ଥ-ରକ୍ଷକ ଅଟେ । ପାର୍ଲିଆମେଣ୍ଟାରି ଏବଂ ଶାସନତାନ୍ତ୍ରିକ କ୍ଷମତାରେ ଥାଇ ନ ଥାଇ ମଧ୍ୟ ଉପର୍ଯ୍ୟୁକ୍ତ ସମସ୍ୟାମାନଙ୍କୁ ଦଳ ସାହାଯ୍ୟରେ ସୁଧାରିବା ପାଇଁ କେହି ମନା କରୁନାହିଁ, କିମ୍ବା କିଛି ବାଧା-ବିଘ୍ନ ନାହିଁ । ଦଳ ନ ଥିଲେ ମଧ୍ୟ ବ୍ୟକ୍ତିଗତଭାବେ ଉତ୍ତମ କାର୍ଯ୍ୟ କରିବାକୁ ମନର ଆଗ୍ରହ ଓ ଉତ୍ସାହସହିତ ସମୟ ଏବଂ ଶକ୍ତିର ଅଭାବ ନାହିଁ ।

ବର୍ତ୍ତମାନ ଆମ ଦେଶର ରାଜନୀତି କଥା ଅତି ସଂକ୍ଷେପରେ ବର୍ଣ୍ଣନା କରିବାକୁ ଯାଉଛି । ଏହି ପୁସ୍ତିକାରେ ମୁଁ ଓଡ଼ିଶାର ରାଜନୀତିର ଦୋଷ-ଦୁର୍ବଳତା କିଛିଟା ପରିମାଣରେ ପୂର୍ବରୁ ଲେଖିଛି । ଓଡ଼ିଶାରେ ରାଜନୀତି ଏବଂ ଶାସନରେ ଯେଉଁସବୁ ଦୋଷ-ତ୍ରୁଟି ତାହା ଢ଼େର ଅଧିକେ ଭାରତର କେନ୍ଦ୍ର ଏବଂ ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ଅଛି । ମହାତ୍ମା ଗାନ୍ଧୀଙ୍କ ସତ୍ୟ-ଅହିଂସା-ଭିତ୍ତିକ ରାଜନୀତି ଆଜି ନାହିଁ । ଦଳମଧ୍ୟରେ ଗୋଷ୍ଠୀବନ୍ଦୀ, ପ୍ରିୟ-ପ୍ରୀତି ତୋଷଣ ଏବଂ ବନ୍ଧୁମାରଣ ଖୋଲଖୋଲ ଚାଲିଛି । ଆଦର୍ଶ ନେତୃତ୍ୱର ଅଭାବ ହେତୁ ସୁଦୃଢ଼ ଦଳ ରହିପାରୁନାହିଁ । ଏମ୍.ଏଲ୍.ଏ. ଏବଂ ଏମ୍.ପି.ମାନେ ପଣ୍ୟଦ୍ରବ୍ୟ ରୂପେ କିଣା ବିକାର ପାତ୍ର ହେଉଛନ୍ତି । କ୍ଷମତାକୁ ଜାବୁଡ଼ି ରଖିବା ପାଇଁ ଦଳୀୟ ନେତାମାନେ ଏହି କାର୍ଯ୍ୟ କରୁଛନ୍ତି । ଏଥିନିମନ୍ତେ ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ ଯେଉଁ ଅର୍ଥ ଦରକାର ତାହା ଦୁର୍ନୀତିରୁ ପ୍ରାପ୍ତ ହେଉଛି । ଗଣତନ୍ତ୍ର ନାମରେ ସବୁ ଦଳର ଦୁହାଇଦେଇ ଅନ୍ୟ ଦଳର ନୀତି ଏବଂ ଆଦର୍ଶପ୍ରତି ଅତ୍ୟନ୍ତ ଅସହନଶୀଳ ହୋଇ ସଭା-ସମିତି ଭଙ୍ଗାରୁଜାଠାରୁ ଆରମ୍ଭକରି ରାଜନୈତିକ ହତ୍ୟା ଘଟାଉଛନ୍ତି । ପଶ୍ଚିମବଙ୍ଗ ଏବଂ କେରଳ ପ୍ରଭୃତିରେ ଏ ହତ୍ୟା ଘଟଣା ବହୁଳ ସଂଖ୍ୟାରେ ହେଉଛି । ଅନ୍ୟତ୍ର କାଁଭାଁ ଘଟୁଛି । ଭବିଷ୍ୟତକୁ ବେଶୀ ହେବାର ଆଶଙ୍କା ।

Digitized by PPRACHIN, SOA

ଦେଶର କର୍ଣ୍ଣଧାର ହିସାବରେ ରାଜନୈତିକ ଦଳମାନଙ୍କର ନେତୃବୃନ୍ଦ ଓ କର୍ମିବୃନ୍ଦଗଣ ସ୍ୱାବଲମ୍ବନଶୀଳତା, ସ୍ୱାଭିମାନ, ସ୍ୱଦେଶପ୍ରୀତି ଏବଂ ସ୍ୱାଧିକାର ସମ୍ପର୍କରେ ନିଜେ ଆଦର୍ଶ ହୋଇ ପ୍ରତ୍ୟେକ ନାଗରିକ ହୃଦୟରେ ଯେଉଁ ପ୍ରେରଣା, ପରିଶ୍ରମର ମର୍ଯ୍ୟାଦା, କାର୍ଯ୍ୟପ୍ରୀତି, କାର୍ଯ୍ୟ-ଦକ୍ଷତା ଓ କର୍ମପ୍ରବଣତା ଜାଗ୍ରତ କରାଇବାର କଥା ତାହା କରାଉନାହାନ୍ତି। ଆସନ ଏବଂ କ୍ଷମତାପ୍ରାପ୍ତି ଉଦ୍ଦେଶ୍ୟରେ ସମସ୍ତ ପ୍ରକାର କଂଗ୍ରେସ ଦଳ ଓ ଅନ୍ୟାନ୍ୟ ରାଜନୈତିକ ଦଳମାନଙ୍କର କାମ ହେଉଛି ଲୋକମାନଙ୍କୁ ମିଥ୍ୟା ଏବଂ ଅବାସ୍ତବ ପ୍ରତିଶ୍ରୁତି ଓ ପ୍ରଲୋଭନ ଦେଇ ଭୋଟ ପାଇବା। ଅନ୍ୟ ଭାଷାରେ ଏହାର ଅର୍ଥ ହେଉଛି ଲୋକେ କିଛି କାମ କରିବେ ନାହିଁ; ନେତାମାନେ ଭୋଟ ପାଇ କ୍ଷମତାକୁ ଗଲେ ଲୋକଙ୍କର ସମସ୍ତ ବାଞ୍ଛିତ ପଦାର୍ଥ ପ୍ରାପ୍ତ କରାଇଦେବେ। ଫଳତଃ ଗତ ୨୫ ବର୍ଷ ଭିତରେ ଏତାଦୃଶ ପ୍ରଚାର ଯୋଗୁଁ ଦେଶର ଜନତା ସରକାର-ଅଭିମୁଖୀ ହୋଇଯାଇଛି; ଆତ୍ମନିର୍ଭରଶୀଳ ହୋଇପାରୁ ନାହିଁ। ଦଳେ କହୁଛନ୍ତି ତ ତୁମେ ଆମକୁ କେବଳ ଭୋଟ ଦିଅ, ଆମେ ଚୀନ ଋଷିଆରୁ ସବୁ ପଦାର୍ଥ ଆଣି ତୁମକୁ ହୁଏତ ମାହାଳିଆ କମ୍ବା ଶସ୍ତାରେ ଯୋଗାଇ ଦେବୁ। ଆମେରିକା ମତବାଦୀ ଏବଂ ପକ୍ଷପାତି ଦଳମାନେ ମଧ୍ୟ କହୁଛନ୍ତି ଯେ, ଲୋକେ ସେମାନଙ୍କୁ ଭୋଟ ଦେଲେ ଆମେରିକା ସାହାଯ୍ୟରେ ସେମାନେ ଲୋକଙ୍କ ପାଇଁ ସବୁ କରିଦେବେ। ଫଳତଃ ଆଜି ଏ ଦେଶର କେତେକ ଲୋକ ଆମେରିକା-ଋଷିଆ ଅଭିମୁଖୀ ହୋଇ ବସିଛନ୍ତି। ଲୋକେ ପରିଶ୍ରମକାତର, କର୍ମକୁଣ୍ଠ ଏବଂ ଅଳସୁଆ ହୋଇ ସରକାର-ମୁଖାପେକ୍ଷୀ ହୋଇଛନ୍ତି।

ଏହି ପ୍ରକାର ପ୍ରବଞ୍ଚନାମୂଳକ ପ୍ରଚାର ସଙ୍ଗେ ସଙ୍ଗେ ଭୋଟ ବେଳେ ଗାଁ-ଗହଳ, ସହର-ବଜାର ଏବଂ ପଡ଼ା-ମହଲରେ ଥିବା ଟାଉଟର ଓ ମୁଖିଆଙ୍କୁ ମାଇ-ମଦ ଏବଂ ଅର୍ଥ-ଅନର୍ଥର ପାନ କରାଇ ଗୁଣ୍ଡାଙ୍କ ସାହାଯ୍ୟରେ ନିରୀହ ଭୋଟ-ଦାତାଙ୍କୁ କାବୁ କରାଇ ଭୋଟ ନେଉଛନ୍ତି।

ଓଡ଼ିଶାର ଶାସନର ତ୍ରୁଟି ସମ୍ପର୍କରେ ପୂର୍ବରୁ ଯାହା ବର୍ଣ୍ଣନା କରାଯାଇଛି କେନ୍ଦ୍ର (ଦିଲ୍ଲୀ) ଏବଂ ପ୍ରତ୍ୟେକ ରାଜ୍ୟରେ ତାହା ଅଳ୍ପ ବହୁତରେ ବିଦ୍ୟମାନ ଅଛି। କର୍ତ୍ତୃପକ୍ଷ ଏବଂ କର୍ମଚାରୀଙ୍କର ହାକମଗିରି ଏବଂ ପ୍ରିୟା-ପ୍ରୀତି-ତୋଷଣ ମନୋବୃତ୍ତି ଯୋଗୁଁ ସେମାନଙ୍କର କର୍ତ୍ତବ୍ୟ ପାଳନରେ ଅଜ୍ଞତା, ଅବହେଳା, ଆଳସ୍ୟ ଏବଂ ବିଳମ୍ବ ପ୍ରଭୃତି ତ୍ରୁଟି ସ୍ପଷ୍ଟ ପରିଲକ୍ଷିତ ହେଉଛି।

Digitized by PPRACHIN, SOA

ଫଳତଃ ଲାଞ୍ଚଖୋର, ଚୋରାବଜାର, କଳାବଜାର, ଚୋରାଚାଲାଣ ଚୋଷଣପାତ୍ର ଏବଂ ସର୍ବସାଧାରଣ ସମ୍ପତ୍ତି ଆତ୍ମସାତ୍ ହେଉଛି । ଶାସକ ଶାସନ ସମ୍ପର୍କୀୟ ନୀତି-ନିୟମ ଏବଂ ଆଇନ-କାନୁନର ବିରୁଦ୍ଧାଚରଣପୂର୍ବକ ଆତ୍ମସ୍ୱାର୍ଥ-ରକ୍ଷଣ, ପ୍ରିୟ-ପ୍ରୀତି-ତୋଷଣ ଏବଂ ରାଜନୈତିକ ପେଷଣର ପାତ୍ର ହୋଇ ଶାସନକୁ କଳଙ୍କିତ କରୁଛି ।

ଦେଶର ଅର୍ଥନୀତି ପ୍ରାକ୍-ସ୍ୱାଧୀନତା ସମୟ ଅପେକ୍ଷା ବର୍ତ୍ତମାନ ଅନେକ ପରିମାଣରେ ଉନ୍ନତି ଲାଭ କରିଛି । ତଥାପି ଏ ଉନ୍ନତି ସମାଜର ସମସ୍ତ ଶ୍ରେଣୀ ପାଇଁ ନୁହେ । ଧନିକ, ବୁଦ୍ଧିଜୀବୀ, ଠିକାଦାର ଏବଂ ରାଜନୈତିକ ମୁଖ୍ୟବ୍ୟକ୍ତି ଅଧିକତର ଲାଭବାନ ହେଉଛନ୍ତି । ପରିଶ୍ରମୀ ଗରିବ ଶ୍ରେଣୀ ଲୋକଙ୍କର ଅବସ୍ଥାରେ କିଞ୍ଚିନ୍ମାତ୍ର ପରିବର୍ତ୍ତନ ଘଟିଛି । ଇଉନିୟନ୍‌ବଦ୍ଧ ଶ୍ରମିକ, ସଂଗଠିତ କର୍ମଚାରୀ ଏବଂ କ୍ଷୁଦ୍ର ମଧ୍ୟମ ବ୍ୟବସାୟୀ ମଧ୍ୟ କିୟତ୍ ପରିମାଣରେ ଉପକୃତ ହୋଇଛନ୍ତି । ଉପରୋକ୍ତ ଶ୍ରେଣୀମାନେ ସମଗ୍ର ଜନତାର ଏକ ଚତୁର୍ଥାଂଶ ହେବେ ନାହିଁ । କିନ୍ତୁ ବାକି ଶତକଡ଼ା ୭୫ ଲୋକ, ଅର୍ଥାତ୍ ସମସ୍ତ କୃଷକ ଶ୍ରେଣୀ, କୃଷିକ୍ଷେତ୍ରର ମୂଲିଆ, ମଧ୍ୟବିତ୍ତ ଲୋକେ ଏବଂ ଅସଂଗଠିତ ଶ୍ରମିକ ପ୍ରଭୃତିଙ୍କ ଆର୍ଥିକ ଅବସ୍ଥା ନିତାନ୍ତ ଅସ୍ୱଚ୍ଛଳ ଅଟେ । ସରକାରଙ୍କର କୌଣସି ଯୋଜନା ଏମାନଙ୍କୁ ପ୍ରତ୍ୟକ୍ଷରେ ଲାଭ ଦେଇ ପାରୁ ନାହିଁ । ସ୍ଥଳେ ସ୍ଥଳେ ଏମାନଙ୍କର ଅବସ୍ଥାରେ ଅଧଃପତନ ଘଟୁଛି ।

ଏକ ପକ୍ଷରେ ମୁଦ୍ରାସ୍ଫୀତି ହେଉଛି । ଅନ୍ୟ ପକ୍ଷରେ ଆଳସ୍ୟ ଏବଂ ବିଳାସ ବୃଦ୍ଧି ପାଉଛି । ଫଳତଃ ଉତ୍ପାଦନ ହ୍ରାସ ଏବଂ ବ୍ୟୟ ବହୁଳ ହେଉଛି । ଏହାର ପରିଣତିରେ ଦରଦାମ ବୃଦ୍ଧି ହେଉଛି । ଏହା ସମାଜର ସମସ୍ତ ଶ୍ରେଣୀଙ୍କର କଷ୍ଟଦାୟକ ହୋଇଛି । ସରକାରୀ ସମ୍ପତ୍ତିର ହରିଲୁଟ୍ ଫଳରେ ଅଟକଳ ମୁତାବକ ଯେଉଁ କାର୍ଯ୍ୟ ସମ୍ପନ୍ନ ହୁଅନ୍ତା ତାହା ନ ହେବାରୁ ଉତ୍ପାଦନ ହ୍ରାସ ହେଉଛି । ପରିଣାମରେ ଦେଶ ସମୂହ ଅଭାବର ପାତ୍ର ହେଉଛି ।

ଦେଶରୁ ତ ରାଜା, ମହାରାଜା, ଜମିଦାର ଏବଂ ମଠ-ମହନ୍ତ ପ୍ରଭୃତି ପରାଙ୍ଗପୁଷ୍ଟ ଶ୍ରେଣୀ ଲୋପ ହେବାର କଥା, ସେମାନେ ତ ଲୋପ ହେଲେ । କିନ୍ତୁ ମୁଦ୍ରାସ୍ଫୀତି, ଯୋଜନା ଏବଂ ଦୁର୍ନୀତି ଫଳତଃ ତାଙ୍କ ସ୍ଥାନ ପୂରଣ କଲେ ଶିଳ୍ପ-ପତି, ବ୍ୟବସାୟୀ, ରାଜନୈତିକ ଦଳର କେତେକ ନେତାଙ୍କ

Digitized by PPRACHIN, SOA

ସହ କନ୍ତିପସ୍ୱ କର୍ମୀ, କେତେକ ଝାଉଟର, ଠିକାଦାର, ପଟ୍ଟାଦାର, କଣ୍ଟ୍ରାକ୍ଟର ଏବଂ ଲାଇସେନ୍‌ସ ଓ ପର୍‌ମିଟ୍ ହୋଲ୍‌ଡ଼ର ବର୍ଗ । ରାଜା-ଜମିଦାରଙ୍କର ତ ଗୋଟିଏ ଦୁଇଟିରୁ ଆରମ୍ଭ କରି ପାଞ୍ଚ ପଚାଶ ପର୍ଯ୍ୟନ୍ତ କମ୍ଭା ଅତି ବଡ଼ ରାଜା-ମହାରାଜାଙ୍କର ତା ଠାରୁ ଅଧିକ ସଂଖ୍ୟକ ମଟରକାର୍ ଥିଲା । କେତେକ ଜମିଦାରଙ୍କର ଆଦୌ ମଟର ନ ଥିଲା । ଏବେ ଏହି ଶିଳ୍ପ-ବ୍ୟବସାୟୀପତିଙ୍କର ଗୋଟିକଠାରୁ ଆରମ୍ଭ କରି ଗଣ୍ଡା ଗଣ୍ଡା ମଟର, କୁକୁର, ଗୃକର, ଶଙ୍ଖମରମର ପଥର ଘର, ଶୀତୋତ୍ତାପ-ଯନ୍ତ୍ରଖଚିତ ଘରେ ସ୍ପ୍ରିଙ୍ଗ୍ ଖଟରେ ଡନ୍‌ଲପ୍ ଗଦି ଇତ୍ୟାଦିର ପ୍ରାଚୁର୍ଯ୍ୟ ଦେଖାଯାଏ । ରାଜା-ମହାରାଜା-ଜମିଦାର ଶ୍ରେଣୀଙ୍କର ତ ଭାତ, ରୋଟୀ, ଡାଲି, ତରକାରୀ, ମାଛ, ମାଂସ, ଦୁଧ, ଦହି ଖାଦ୍ୟ ଥିଲା । ଏବେ ପ୍ରୋକ୍ତ ଶିଳ୍ପପତି ଓଗେର ଶ୍ରେଣୀଙ୍କର ଘରେ ସାହେବୀ ଢାଂଚାରେ ବେଡ୍-ଟି' (ଶଯ୍ୟାତ୍ୟାଗ ପୂର୍ବରୁ ମୁହଁ ନ ଧୋଇ ଏବଂ ଦାନ୍ତ ନ ଘଷି ଚା ପିଇବା), ବ୍ରେକ୍-ଫାଷ୍ଟ, ଲଞ୍ଚ ଏବଂ ଡିନର ହେଉଛି । ତାହା ପୁଣି ଚୋଗା-ଚପ୍‌କନ୍ ପରିହିତ ବବର୍ଚି-ଖାନ୍‌ସମା ପରିବେଷଣ କରୁଛନ୍ତି । ରାଜା-ମହାରାଜାମାନେ ମାଇ-ମଦ ଏବଂ ସୁରା-ସୁନ୍ଦରୀର ଭକ୍ତ ଥିଲେ ବୋଲି ଆମେ ତାଙ୍କୁ ଗାଧୁରୁ ଅନ୍ତର କଲୁ । ଏବେ ଉକ୍ତ ଶ୍ରେଣୀର (ଶିଳ୍ପ-ବ୍ୟବସାୟୀପତି, କୋଟା-ପର୍‌ମିଟ୍ ହୋଲଡର ଓଗେର) କେତେକ ସୁରା-ସୁନ୍ଦରୀ ପାନରେ ଦିନ ରାତି ମଗ୍ନ ରହିଲେ । ଉକ୍ତ ରାଜା ମହାରାଜା ଶ୍ରେଣୀ ପରାଙ୍ଗପୁଷ୍ଟ ବୋଲି ଆମେ ଭାବୁଥିଲୁ । ରାଜା ମହାରାଜା ଜମିଦାରଙ୍କ ପରିବର୍ତ୍ତେ ଏବେ ଏକ ନୂତନ ପରାଙ୍ଗପୁଷ୍ଟ ବର୍ଗ ସୃଷ୍ଟି ହେଲେ । ଶତ ଶତ ପ୍ରକାର ଟିକସ ବସାଇ ଯେଉଁ ଟିକସ ରେଭିନ୍ୟୁ ଆକାରରେ ଟ୍ରେଜେରୀକୁ ଆସୁଛି ଏବେ ଏହି ଶିଳ୍ପ ବ୍ୟବସାୟୀପତି ଓଗେର ଶ୍ରେଣୀ ଦେଶର ରାଜନୈତିକ ନେତା, କର୍ତ୍ତୃପକ୍ଷ ଏବଂ କର୍ମଚାରୀଙ୍କ ସହ ହାତ ମିଳାଇ ସେହି ଧନ ନାନା ଉପାୟରେ ଅପହରଣ ଏବଂ ଆତ୍ମସାତ୍ କରି ସମ୍ବିଧାନ ଏବଂ ଆଇନର ବାହ୍ୟଛାୟା ତଳେ ଆଶ୍ରୟ ନେଇ ଅଧିକତର ଭାବେ ଶୋଷଣ କରିବାରେ ଲାଗିଛନ୍ତି । ପୁରାତନ ପ୍ରଣାଳୀର ବିଳାସ, ବ୍ୟଭିଚାର ଏବଂ ଶୋଷଣ ବନ୍ଦ କରିବାକୁ ଚେଷ୍ଟା କରାଗଲା । ତାହା ବନ୍ଦ ହେଲା ; କିନ୍ତୁ ଉପରୋକ୍ତମତେ ସେ ସବୁ ଦୁର୍ଗୁଣ ଏବଂ ଦୁର୍ନୀତି ଅଧିକତର ଭାବେ ସମାଜରେ ପ୍ରବେଶ କଲା । ଏହାର ନିରାକରଣ ଦରକାର । ତାହା ନ ହେଲେ ସମାଜ ଏବଂ ସଂସ୍କୃତି ଧ୍ୱଂସ ପ୍ରାପ୍ତ ହେବ ।

Digitized by PPRACHIN, SOA

ଦେଶର ସଂସ୍କୃତି ତ ସମ୍ପୂର୍ଣ୍ଣରୂପେ ଧ୍ୱଂସ ପ୍ରାପ୍ତ ହେବାକୁ ଯାଇ ହୁଏତ ଆମେରିକା କିମ୍ବା ଚୀନ-ଋଷିଆ ସଂସ୍କୃତିକୁ ବେଦଗାର ରୂପେ ଗ୍ରହଣ କରାଯାଉଛି । ଶିକ୍ଷିତ ଯୁବକ ଋଷିଆ-ଆମେରିକା ପରିଭ୍ରମଣ କରି ଉକ୍ତ ଦେଶମାନଙ୍କୁ ଶତ ଜିହ୍ୱାରେ ପ୍ରଶଂସା କରି ଭାରତକୁ ସହସ୍ର ଜିହ୍ୱାରେ ନିନ୍ଦା କରିବାକୁ ଲାଗିଛନ୍ତି । କିନ୍ତୁ ଆମେରିକାର ସ୍ୱତଃପ୍ରବୃତ୍ତ ପରିଶ୍ରମ ଓ ପରିଶ୍ରମ ପ୍ରତି ମର୍ଯ୍ୟାଦାବୋଧ ଏବଂ ଚୀନ-ଋଷିଆର ଆଇନଗତ ଏବଂ ବାଧ୍ୟତାମୂଳକ କର୍ତ୍ତବ୍ୟପରାୟଣତା ଓ ଉତ୍ପାଦନ ବୃଦ୍ଧି ସଙ୍ଗେ ଶୃଙ୍ଖଳା ରକ୍ଷା କଥା ଭୁଲି ଯାଉଛନ୍ତି । ଯେଉଁ ଆଦର୍ଶ, ଯେଉଁ ମଧୁମୟ ଏବଂ ସ୍ନେହ-ସୌହାର୍ଦ୍ଦ୍ୟ-ଭକ୍ତି-ପ୍ରୀତିପୂର୍ଣ୍ଣ ପାରିବାରିକ ଏବଂ ସାମାଜିକ ପ୍ରଥା ଓ ସଂସ୍କୃତି ଥିଲା ତାହା କ୍ରମଶଃ ଦୂର ହୋଇ ପାରିବାରିକ ଏବଂ ସାମାଜିକ ଜୀବନ ଭାଙ୍ଗି ପଡ଼ୁଛି । ଯେଉଁମାନେ ଆମେରିକା ପ୍ରଭୃତି ପାଶ୍ଚାତ୍ୟ କିମ୍ବା ଚୀନ-ଋଷିଆ ପ୍ରଭୃତିର ଆଦର୍ଶରେ ପ୍ରଭାବିତ ହୋଇ ଏହି ପରିବର୍ତ୍ତନରେ ଭାଗିଦାର ଓ ପ୍ରଚାରକ ସେମାନେ କେବଳ ପାନେ, ଆହାରେ, ବ୍ୟବହାରେ, ବେଶ-ଭୂଷା-ଆମୋଦ-ପ୍ରମୋଦରେ ଏବଂ ବିଳାସ ବ୍ୟସନରେ ଉକ୍ତ ଦେଶମାନଙ୍କର ଆଦର୍ଶ ଗ୍ରହଣ କରୁଛନ୍ତି; କିନ୍ତୁ ସେହି ଦେଶମାନଙ୍କର କଠୋର କର୍ତ୍ତବ୍ୟପରାୟଣତା ଏବଂ ସ୍ୱତଃପ୍ରବୃତ୍ତ କିମ୍ବା ଆଇନ ନିର୍ଦ୍ଦେଶିତ ଶୃଙ୍ଖଳା ମାନିବାକୁ ପ୍ରସ୍ତୁତ ନୁହନ୍ତି । ଆମେ ରାଜନୈତିକ ସ୍ୱାଧୀନତା ପାଇଥିଲେ ସୁଦ୍ଧା ଆଜି ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ସ୍ୱାଧୀନତା ପ୍ରାପ୍ତି ଏବଂ ରକ୍ଷା କରିବାରେ ଦୁର୍ବଳ ହୋଇପଡ଼ୁଥାଉଁ । ଏ ସମ୍ପର୍କରେ ଆମ ଶିକ୍ଷିତ ଶ୍ରେଣୀ, ବିଶେଷତଃ ଶିକ୍ଷିତ ଯୁବଗୋଷ୍ଠୀଙ୍କର ଆନୁଗତ୍ୟ ଭାରତ ପ୍ରତି ହେଉ ନାହିଁ, ଏ ଗୌରବମୟ ସମାଜ ପ୍ରତି ହେଉ ନାହିଁ । ଆଜି ଆମର ଆନୁଗତ୍ୟ ପରଦେଶ ଏବଂ ପରଜାତି ପ୍ରତି ଢଳୁଛି ।

ଉପର୍ଯ୍ୟୁକ୍ତମତେ ଏ ଦେଶର ଅବ୍ୟବସ୍ଥିତ, ଅଶୃଙ୍ଖଳିତ, ଏବଂ ଅଧାର୍ମିକ ରାଜନୀତି, ଶାସନ ନୀତି, ସମାଜନୀତି, ଅର୍ଥନୀତି ଏବଂ ସଂସ୍କୃତି । ଏହା ଦେଶ ଏବଂ ଜାତି ପକ୍ଷରେ ଘୋର ମାରାତ୍ମକ ଅଟେ । କ୍ଷମତା, କିମ୍ବା ଦଳରେ ରହି କିମ୍ବା ନ ରହି ମଧ୍ୟ ବ୍ୟକ୍ତିଗତ ଭାବେ ଆଦର୍ଶ ଜୀବନ ଯାପନପୂର୍ବକ ଏ ପାପ, ଅନ୍ୟାୟ ଏବଂ ଅଧର୍ମକୁ ସୁଧାରିବାରେ ଦୃଢ଼ ଇଚ୍ଛା କରି କାର୍ଯ୍ୟ କଲେ ଦେଶ ତଥା ଦଶର ପ୍ରଭୂତ ଉପକାର ହେବ । ମୁକ୍ତି-ପଥର

Digitized by PPRACHIN, SOA

ସୈନିକ ହିସାବରେ ରାଜନୈତିକ ସ୍ୱାଧୀନତା ପ୍ରାପ୍ତି ପରେ ଅର୍ଥନୈତିକ, ସାମାଜିକ ଏବଂ ସାଂସ୍କୃତିକ ସ୍ୱାଧୀନତା ପ୍ରାପ୍ତି ଓ ତାର ସୁଦୃଢ଼ ରକ୍ଷା ନିମନ୍ତେ ଅଧିକତର ଦୁଃଖ, କଷ୍ଟ, ତ୍ୟାଗ, ସଂଯମ, ସାଧନା ଏବଂ ଆତ୍ମ-ବଳୀଦାନ କରି ମୋର ଜୀବନ ଯାପନ କରିବି ।

ମୁଦ୍ରାକର—ଶ୍ରୀ ଚିନ୍ତାମଣି ମିଶ୍ର, ନବଜୀବନ ପ୍ରେସ୍,
ଗୃନ୍ଦମାଚୌକ, କଟକ-୨

Digitized by PPRACHIN, SOA